ମୂତକଷ୍ଟା ରୋଗେ—ଆମ୍ବ୍ରଡ଼ା ୨୮-୨, ଇସପ୍ତ ୩୫-୩୭ ।

ମୁଖ ଦୌର୍ଗନ୍ଧ୍ୟ—ଆମ୍ବ ୨୬-୨, ୨୬-୧୯ ।

ମୁଣ୍ଡରୁ ବାଳ ଉପୁଡ଼ିଲେ—ଇନ୍ଦ୍ରଲୁପ୍ତ ରୋଗ ଦେଖ—

ମଶା ନିବାରଣାର୍ଥେ—ଆମ୍ବ ୨୮-୨୪ ।

ମତ୍ସ୍ୟ ମାଂସ ଭକ୍ଷଣ ଜାତ ଅଗ୍ନିର୍ଣ୍ଣେ—ଆମ୍ବ ୨୮-୩୬, ୨୮-୩୭, ଖଇର ୮୩-୧୦ ।

ମାଛକଣ୍ଟା ଗଳାରେ ଲଗି ରହିଲେ ବା ପେଟକୁ ଗଲେ—ଗୁଡ଼ୁଗୁଡ଼ୁ ୯୯-୬, ଡ଼ିଙ୍କିଆ ଦାଧ ୧୪୨-୪ ।

ମସୂରିକା ରୋଗେ—କଞ୍ଚଣ ୪୫-୬, କୁଙ୍କୁମ ୭୪-୩, ଗିଲ ୯୭-୨୧, ୯୭-୨୪, ଗୁଆ ୯୮-୯, ଚଦନ ୧୧୬-୧୨, ଜୟନ୍ତୀ ୧୨୭-୧୦, ଝୁଣ୍ଟ ୧୩୫-୧୯, ତନ୍ଲୁଳୀ ୧୫୦-୩୪, ଦୁଧଲଈ ୧୬୧-୩ ।

ମୂତାଣ୍ଡଶ ରୋଗେ—୪୮-୬ ।

ମୁଖରୁ ରକ୍ତସ୍ରାବ ହେଲେ—କଦଳୀ ୪୮-୮ ।

ମଦ୍ଗୁର ଦଂଶେ—କଣା ୫୧-୬, କାଲ ୬୯-୩ ।

ମନୋ ବିକାରେ—କଦଳୀ ୪୮-୧୫, କର୍ପ ୫୫-୧୦, କସ୍ତୁରୀ ୬୨-୩, ଗୁଡ଼ୁଚି ୧୫୧-୨ ।

ମୁହଁରୁ କଳାଦାଗ ନିର୍ମାଣାର୍ଥେ—ଅରଖ ୧୬-୫୯, କଣା ୫୨-୨୨, କର୍ପ ୫୫-୧୨, ତାଳମୂଳୀ ୧୪୮-୪ ।

ମାନସିକ ଦୁର୍ବଳତା ରୋଗେ—କସ୍ତୁରୀ ୬୨-୩, ଗଞ୍ଜାଇ ୮୯-୪ ।

ମୂତ୍ର ପଥର ପୀଡ଼ାରୋଗେ—କର୍ପୂର ୫୭-୨, ଜାଇଫୁଲ ୧୩୦-୫ ।

ମୁଖର ସୌନ୍ଦର୍ଯ୍ୟ ବର୍ଦ୍ଧନାର୍ଥେ—କୁଡ଼ ୭୫-୯ ।

ମୁଖପାକେ—ଛୁପିରୋଗ ଦେଖ ।

ମଣ୍ଡଳ କୁଷ୍ଠେ—କୁଡ଼ ୭୫-୪, ଚତାପାରୁ ୧୨୦-୮ ।

ମୁଖରୋଗେ—ଆମ୍ବ ୨୭-୧, ଖଇର ୮୩-୧, ଗଜଗୁଆଣିଆ ୯୨-୩, ଗନ୍ଧପ୍ରିୟଙ୍ଗୁ ୯୩-୧, ଗୋଖର ୧୦୩-୫, ଜାମକୋଳି ୧୩୧-୭, ଜୀବନ୍ତୀ ୧୩୨-୧୬, ଝାଉଁଣି ୧୩୬-୫, ତ୍ରିପୁରମଲ୍ଲି ୧୫୪-୧, ଦାରୁ-ହଳଦୀ ୧୬୮-୭ ।

ମହାତ୍ୟୟଜ ତୃଷ୍ଣାରୋଗେ—ତକତ୍ତାଭେଳା ୧୨୨-୭, ଦ୍ରାକ୍ଷା ୧୬୫-୨ ।

ମହାତ୍ୟୟଜ ରକ୍ତବାନ୍ତି ରୋଗେ—କୁଆମଇତା ୭୩-୭ ।

ମଳଭେଦହେଲେ—କାଫଳ ୭୮-୫, ଡମ୍ବୁରୀ ୧୫୦-୬ ।

ମୂତ୍ରଦୋଷେ—ତିନ୍ତୁଳୀ ୧୫୮-୩୧ ।

ମେହବାତ ରୋଗେ—କ୍ୟାଜୁପୁଟ ତୈଳ ୮୩-୨, ତାର୍ପିନ୍ ତେଲ ୧୪୬-୧୮ ।

ମେଣ୍ଢାମୁଣ୍ଡିଆ ବାତରୋଗେ—କ୍ରୋଷ୍ଟୁକ ଶୀର୍ଷ ଦେଖ ।

ମୂତ୍ରର ବର୍ଣ୍ଣ ରକ୍ତବର୍ଣ୍ଣ ହେଲେ—

ମୃତ ସନ୍ତାନ ବହିଷ୍କରଣାର୍ଥେ—ଉପସ୍ତ ୬୫-୩୬, କଳାଜିରା ୫୯-୫, କାଳି ୭୯-୧୩, ଘୋଡ଼ା ୧୧୩-୩, ଚଢ଼ାପାରୁ ୧୨୧-୨୧, ଡାଳିମ୍ବ ୧୩୯-୪୩ ।

ମାଞ୍ଜିଷ୍ଠ ମେହରୋଗେ—ଚନ୍ଦନ ୧୧୭-୧୦ ।

ମୁଣ୍ଡରେ ଉପି ଓ ଉକୁଣି ହେଲେ—ଉପି, ଉକୁଣି ଦେଖ ।

ମାନସିକ କ୍ଲାନ୍ତି ନିବାରଣାର୍ଥେ—କଗ୍ର ୫୫-୧୮, କସ୍ତୁରୀ ୬୨-୩ ।

ମୁଖ ପ୍ରବୃତ୍ତ ରକ୍ତେ—ଡାଳିମ୍ବ ୧୩୯-୫୨ ।

ମଦ ନିଶାର ଖଙ୍ଗୁଣି—ତମ୍ବା ୧୪୪-୧୦, ତିନ୍ତୁଳୀ ୧୪୯-୧୬ ।

ମୂତ୍ରବୋଷ ନିବାରଣାର୍ଥେ-ଗଧ ୯୧-୫ ।

ଯୋନଦାହେ—ଅଣସୋରଷ ୭-୯ ।

ଯୋନଶୂଳେ—ଅପାମାରଙ୍ଗ ୧୬-୨୬, କପା ୫୧-୬, ଚୂନ ୧୨୨-୬ ।

ଯୋନିରୁ ଅଧିକ ରକ୍ତସ୍ରାବ ହେଲେ—ଅପାମାରଙ୍ଗ ୯-୧୦, କଦଳୀ ୪୮-୮ ।

ଯକୃତ୍ ବଢ଼ିଲେ—ଅଭ୍ର ୧୨-୨୧, ଅମୃତମଣ୍ଡା ୧୨-୭, ଉତ୍ତୁରୁକ ୩୨-୧୩, କାନ୍ତଲୌହ ୬୭-୧, ଘସଘସା ଫଳ ୧୧୧-୪, ଚଢ଼ାପାରୁ ୧୨୧-୧୯, ଛେଳୀ ୧୨୫-୭, ଝମାଟୋ ୧୩୫-୨, ତମ୍ବା ୧୪୪-୧, ୧୪୫-୧୮, ତାର୍ପିନ୍ ତେଲ ୧୪୬-୧୧, ତୋପଚିନି ୧୫୩-୪, ଡାରୁହଳଦୀ ୧୫୭-୨ ।

ଯୋଷାପସ୍ମାରେ ହିଷ୍ଟିରିଆ ରୋଗ ଦେଖ ।

ଯୋନିଭ୍ରଂଶେ—ଆମ୍ବ ୨୭-୨୦, ଅର୍ଜ୍ଜୁନଶାଗ ୨୯-୧, ଘସଘସା ୧୧୧-୧୪, ଡାଳିମ୍ବ ୧୩୭-୪, ୧୩୭-୫ ।

ଯୋନିର କ୍ଲେଦ ଓ ଦୌର୍ଗନ୍ଧ୍ୟ ନିବାରଣାର୍ଥେ—ଆମ୍ବ ୨୭-୨୨ ।

ଯୋନି ଦୃଢ଼ୀ କରଣାର୍ଥେ—ଇନ୍ଦ୍ରଯବ ୩୦-୧, କାଳାଞ୍ଜି ୬୨-୫, କୁକୁଡ଼ା ୭୩-୨, ଗଞ୍ଜେଇ ୮୯-୬, ଡମ୍ବୁରୀ ୧୪୧-୨୧, ତିନ୍ତୁଳୀ ୧୪୯-୧୯ ।

ଯୋନି ଦୋଷେ—ଓଲଟ କମ୍ବଳ ୪୧-୧, କଦଳୀ ୪୭-୫, ଘିଅ ୧୧୨-୧ ।

ଯୋନିକଣ୍ଡୁ ରୋଗେ—କପୂର ୫୭-୪ ।

ଯୋନିରୋଗେ—କଳିସ ୫୯-୧୯, ଝାଉଁଣି ୧୩୬-୯, ଡମ୍ବୁରୀ ୧୪୦-୧, ୧୪୦-୧୦, ୧୪୧-୧୫ ।

ଯକ୍ଷ୍ମାରୋଗେ—କ୍ଷୟ ରୋଗ ଦେଖ ।

ଯୋନିସ୍ରାବେ—କଦଳୀ ୪୮-୮, ଗୁଆ ୯୭-୪, ଜଗ ୧୨୭-୩ ।

ଯୋନିକନ୍ଦ ରୋଗେ—ଯୋନିଭ୍ରଂଶେ ଦେଖ ।

ଯକ୍ଷ୍ମାରୋଗୀର ଅତିସାରେ—ଇନ୍ଦ୍ରଯବ ୩୧-୯ ।

ରକ୍ତସ୍ରାବେ—କଞ୍ଚଣ ୪୫-୧, କଣ୍ଟାମାରିଷ ୪୬-୨, କଦଳୀ ୪୮-୧୨ ।

ରକ୍ତକଣା ରୋଗେ—ଓଡ଼ଶ ୩୯-୧, କାଲ ୬୦—୩୪ ।

ରକ୍ତ ଗୁହ୍ୟାର୍ଶେ—ଅଁଳା ୨୦-୧୯, ଉଶୀର ବେଣା ୩୩-୧, କଂସା ୪୧-୧, କଇଁଫୁଲ ୪୨-୧, କନକା ୪୯-୧, କାଣିକଜଡ଼ିଆ ୬୬-୪, ଗୈରିପାଷାଣ ୧୧୦-୧, ଦନ୍ତଦନ୍ତିଆ ଶାଗ ୧୫୬-୧ ।

ରକ୍ତବମ ରୋଗେ—ଅନ୍ତଭେଷା ୮-୯, ଅଁଳା ୨୦-୬, କଦଳୀ ୪୮-୧୬, କୁକ୍କୁଡ଼ା ୭୩-୩, ଘିକୁଆଁରି ୧୧୨-୮, ଚୋପଚନ ୧୫୩-୬ ।

ରକ୍ତଜଗ (ରକ୍ତାତିସାର) ରୋଗେ—ଅପାମାରଙ୍ଗ ୯-୬, ଅଭ୍ର ୧୨-୯, ଅର୍ଜୁନ ୧୯-୯, ଅଁଳା ୨୦-୩, ୨୦-୧୫, ଆକୁଲ ୨୪-୬, ଆମ୍ବ ୨୬-୪, ୨୬-୧୫, ଆମ୍ବ ୨୮-୩୪, ଇସବ୍‌ଗୋଲ ୩୨-୧, କଞ୍ଚଣ ୪୫-୧, କଦଳୀ ୪୬-୫, ୪୮-୧୩, କଷା ୫୧-୨, ୫୨-୨୦, କାଙ୍କଡ଼ ୬୪-୧, କାଲ ୬୦-୨୬, କୁମ୍ଭୀ ୬୬-୧, କୃଷ୍ଣପର୍ଣ୍ଣୀ ୬୮-୫, କେଳୁଆଁ ୬୯-୨, ଖଇର ୮୩-୧ ଗଞ୍ଜାଇ ୯୦-୧୪, ଗମ୍ଭାରି ୯୪-୧, ଗୋରୁ ୧୦୬-୩୨, ଗ୍ରହଣୀକବାଟ ୧୧୧-୧, ଚନ୍ଦନ ୧୧୫-୬, ଚୁଡ଼ିଳ ୧୧୮-୧, ଚୂଉଗଛ ୧୨୦-୨, ଜଜାଙ୍ଗି ଗଛ ୧୨୬-୩, ଜାଇଫଳ ୧୩୦-୪, ଜାମକୋଳି ୧୩୧-୧, ୧୩୧-୬, ୧୩୧-୧୨, ଜାମକୋଳି ୧୩୧-୧୫, ଜାମି ୧୩୨-୮, ଝୁଣା ୧୩୪-୧, ଟିଣଉସ ୧୩୬-୩, ଡାଳିମ୍ବ ୧୩୮-୨୧, ୧୩୯-୩୯, ୧୩୯-୫୪, ୧୩୯-୫୮, ୧୪୦-୫୯, ତାର୍ପିନ୍ ତେଲ ୧୪୬-୮, ତିନ୍ତୁଳି ୧୪୯-୬, ଦୁଦୁରା ୧୬୦-୧୮ ।

ରକ୍ତାର୍ଶେ—ଅପାମାରଙ୍ଗ ୧୦-୨୮, ଆମ୍ବ ୨୬-୫, ୨୬-୧୫, କଞ୍ଚଣ ୪୫-୧, କଲରା ୫୮-୪, କାଙ୍କଡ଼ ୬୪-୧, କୁକ୍କୁଡ଼ା ୭୩-୩, କୃଷ୍ଣପର୍ଣ୍ଣୀ ୭୮-୧ କେଳୁଆଁ ୭୯-୩, ୭୯-୬, ଗୋରୁ ୧୦୬-୧୦, ୧୦୬-୨୬, ୧୦୬-୩୮, ଚନ୍ଦନ ୧୧୫-୪, ଜାମି ୧୩୨-୮, ଡାଳିମ୍ବ ୧୩୯-୫୧, ତାର୍ପିନ୍ ତେଲ ୧୪୬-୧୧, ତିନ୍ତୁଳି ୧୪୯-୧୦, ୧୪୯-୨୦, ଦୁଦୁରା ୧୬୦-୨୬, ଦୁଧଲଈ ୧୬୧-୩ ।

ରକ୍ତପିତ୍ତରୋଗେ—ଅଭ୍ର ୧୨-୧୬, ୧୨-୨୧, ଅର୍ଜୁନ ୧୯-୪, ଅଳତା ୧୯-୧, ଅଁଳା ୨୦-୫, ୨୧-୩୨, ଆଖୁ ୨୩-୩, ଆକୁଲ ୨୫-୧୨, ଆମ୍ବ ୨୬-୧୫, ଆମ୍ବ ୨୮-୩୧, ଆଳୁ ୨୯-୧, ଆଳୁବୋଖର ୩୦-୧, ଇନ୍ଦ୍ରଯବ ୩୧-୬, ଇସବ୍‌ଗୋଲ, ୩୨-୧, ଉଶୀରବେଣା ୩୩-୧, କଇଠ ୪୩-୮, କଞ୍ଜୁରି ୪୩-୩, କଞ୍ଚଣ ୪୫-୧, କଣ୍ଟାମାରିଷ ୪୬-୧, କଦଳୀ ୪୬-୫, ୪୮-୧୧, ୪୮-୧୩, କପିଞ୍ଜଳ ପକ୍ଷୀ ୫୨-୧, କଇଞ୍ଚ ୫୩-୨୨, କରଡ଼ାପର୍ଣ୍ଣୀ ୫୪-୧, କସ୍ତୁରୀ ୬୧-୨ କାକୁଡ଼ ୬୪-୧, କାଙ୍ଗୁ ୬୫-୧, କାଣିଲେଉଟିଆ ୬୬-୧, କାଣିଲେଉଟିଆ ୬୬-୬, କାଫଡ଼ ୬୮-୧୧, କୁଆମଇରା ୭୩-୬, କୁକ୍କୁଡ଼ା ୭୩-୩ କୁରୁବେଲ୍ଲୀ ୭୬-୧, କୋଦ ୮୧-୧, ଖଇର ୮୪-୨୦, ଖଜୁର ୮୪-୨, ଖଜୁରିଗଛ ୮୫-୧, ଖଡ଼ ୮୫-୧, ଖରସଣି ୮୬-୧, ୮୬-୪, ଗମ୍ଭାରି ୯୪-୬, ଗମ୍ଭାଉସୁ ୯୪-୧ ଗିଲ ୯୬-୧୨, ଗୁଆ ୯୬-୫, ଗୃଧ୍ରଣୀପକ୍ଷୀ ୧୦୦-୧, ଗୋଇସାପ ୧୦୩-୧, ଗୋରୁ ୧୦୬-୯, ୧୦୮-୫୨, ଘିଅ ୧୧୨-୧, ଚନ୍ଦନ ୧୧୫-୪, ଚନ୍ଦ୍ରକାନ୍ତମଣି ୧୧୬-୧, ଚନ୍ଦ୍ରକରଣ ୧୧୬-୧, ଚୁଡ଼ା ୧୧୯-୧, ଚୂଉଗଛ ୧୨୦-୩, ଜଶ ୧୨୬-୪, ଜାମକୋଳି ୧୩୧-୧୨, ଜୀରା ୧୩୨-୪, ଠେଙ୍ଗ ୧୩୫-୯, ଡମ୍ବରୁ ୧୪୦-୧୦, ୧୪୧-୨୬, ତାର୍ପିନ୍ ତେଲ ୧୪୬-୧୪, ତାଳିଶପତ୍ର ୧୪୮-୧, ୧୪୮-୩, ତିତିରପକ୍ଷୀ ୧୪୮-୧, ତିନ୍ତୁଡ଼ି ୧୫[illegible]୪, ତୋରଡ଼ା ୧୫୪-୧, ଦାସୁମାଣ ୧୫୪-୨, ଦନ୍ତି ୧୫୬-୧, ଦୁଧଲଈ ୧୬୨-୧୨, ଦୁବ ୧୬୨-୫, ଦୁବଲଭ ୧୬୩-୪, ଦ୍ରାକ୍ଷା ୧୬୫-୪ ।

ରକ୍ତ ପ୍ରମେହ ରୋଗେ—ଅଭ୍ର ୧୨-୨୧, ଗୁଳୁଚୀ ୧୦୧-୮ ।

ରକ୍ତୋଦୋଷେ—ଓଲଟକମ୍ବଳ ୪୧-୧, କଳାଶାଗ ୫୯-୧, ଗୋଠକାକୁଡ଼ି ୧୦୪-୪, ଦୁବ ୧୬୨-୭ ।

ରକ୍ତପ୍ରଦରରୋଗେ—ଅଳଚା ୧୯-୧, ଅଁଳା ୨୦-୫, ଅଶୋକ ୨୨-୨, ଆମ୍ବ ୨୭-୫, ୨୭-୧୫, ୨୮-୨୬ କଙ୍କଡ଼ା ୪୪-୨, କାଞ୍ଚଣ ୪୫-୧, କଦଳୀ ୪୭-୫, କୁକୁଡ଼ା ୭୩-୩, ଗୁଞ୍ଜର ୧୧୮-୨, ଡାଳିମ୍ବ ୧୩୯-୪୭ ।

ରକ୍ତ ଗ୍ରହଣୀ ରୋଗେ—ଆକାଶବଳ୍ଲି ୨୩-୨ ।

ରକ୍ତ ବନ୍ଦ କରିବାର୍ଥେ—ଆକରକରା ୧-୧୧, ଅଗ୍ନିକୁମାର ୪-୨, ଅମ୍ବିଳ ୧୫-୧, ଆପୁ ୨୬-୪, ଆମ୍ବ ୨୭-୨୫, ଉସସ୍ତ ୩୫-୩୩, କଙ୍କଡ଼ାଶୁଙ୍ଗୀ ୪୪-୨ କଙ୍କଡ଼ା ୪୪-୧, କଦଳୀ ୪୮-୧୬, କର୍ପୂର ୫୭-୯, କଳାଶାଗ ୫୯-୧୨, କାଇଞ୍ଚ ୬୨-୯, କୁକୁଡ଼ା ୭୩-୧ ଗଜପିପ୍ପଳୀ ୮୯-୧, ଗାଜର ୯୬-୧, ଗୋଲ୍ଲୁ ୧୦୮-୪୫, ଚଟିଆ ୧୧୫-୧, ଚୂ ୧୧୭-୧, ଜାଇପତ୍ରୀ ୧୨୯-୧, ଜାଇଫଳ ୧୩୦-୨, ଜାଇଫୁଲ ୧୩୦-୨, ଡିଲ୍ଲୀ ୧୪୯-୨୨, ଦୁବୁଲ ୧୫୯-୧୪, ୧୬୦-୨୦ ।

ରକ୍ତସ୍ରାବେ—ଇଟା ୩୦-୫, ଇସ୍ପଗୁଲ ୩୧-୧, କଙ୍କଡ଼ା ୪୪-୧, ଗୁଣ୍ଡୁଚି ୯୦-୨, ତାଳି ନୃତେଲ ୧୪୬-୩ ।

ରକ୍ତାମାଶୟରୋଗେ—ଆଣ୍ଡୁ ୨୭-୫ ।

ରକ୍ତୋ ରୋଧେ—ଅକରକରା ୧-୪, ଈଶ୍ୱରଜଟା ୩୧-୨, ଉଲୁଖଳା ୩୨-୭, ଉସସ୍ତ ୩୪-୧୨, କଷା ୫୨-୨୩, କର୍ପୂର ୫୭-୧୧, କଲରା ୫୮-୧୦, କାଫଣ୍ଡି ୬୮-୮, କାଲ ୬୯-୨, ଗୋଠକାକୁଡ଼ି ୧୦୪-୪, ଚମ୍ପା ୧୧୭-୬, ଜାଇଫଳ ୧୩୦-୨, ଟାଙ୍ଗଣା ୧୩୬-୯ ।

ରକ୍ତଃକ୍ଷୁରେ—ଉଲୁଖଳା ୩୨-୭, କଷା ୫୨-୨୩ କର୍ପୂର ୫୭-୩, କୁଶ ୭୭-୧୦, ଟାଙ୍ଗଣା ୧୩୬-୯ ।

ରକ୍ତବକାରେ—ଆକୁଲ ୨୫-୨, ଆମକଷି ୨୭-୧, ଆମ୍ବ ୨୭-୨୧, କର୍ପୂର ଭଲଗା ୫୨-୧, କପିଞ୍ଜଳପକ୍ଷୀ ୫୨-୧, ଖଣ୍ଡ ୮୫-୧, ଗନ୍ଧକ ୯୧-୨, ଡିଲ୍ଲୀ ୧୪୯-୧୧, ଦାରୁମୁଷୀ ୧୫୭-୧, ଦୁଧଲଉ ୧୬୨-୮ ।

ରକ୍ତମୂତ୍ରେ—କାଞ୍ଚଣ ୪୫-୧, ଜମ୍ବୁ ୧୨୯-୧ ।

ରକ୍ତବାନ୍ତ ରୋଗେ—ଆମ୍ବ ୨୮-୨୬, କଦଳୀ ୪୭-୫, ଡାଳିମ୍ବ ୧୩୮-୨୧ ।

ରାଜଯକ୍ଷ୍ମ ରୋଗେ—ଯକ୍ଷ୍ମା ରୋଗ ଦେଖ ।

ରକ୍ତାଭିଷ୍ୟନ୍ଦ ରୋଗେ—ଚକ୍ଷୁରୋଗ ଦେଖ ।

ରସାୟନାର୍ଥେ—ଗୁଳୁଚୀ ୧୦୧-୧୩, ଚକ୍ରାଗାରୁ ୧୨୧-୩୦, ଛଣା ୧୨୪-୧ ।

ରକ୍ତକାଢ଼େଲେ—ମକଡ଼ ଦେବା ରୋଗ ଦେଖ ।

ରକ୍ତ ଜମାଟ ହେଲେ—ଛଣି ୧୨୩-୧ ।

ରସକର୍ପୂର ସେବନ ଜନିତ ମୁଖ କ୍ଷତରେ—ଝୁମୁଝୁମୁଖା ଗଛ ୧୩୪-୧ ।

ରକ୍ତ ଗ୍ରନ୍ଥି ରୋଗେ—କାଠଚମ୍ପା ୬୫-୨, ଦାସକଳଣ୍ଟି ୧୫୮-୩ ।

ରକ୍ତଜ କ୍ରିମିଃ ଶୂଳ—୧୧୧-୭ ।

ରକ୍ତବାତେ—ଡିମ୍ବ ୧୨୯-୧ ।

ଲକ୍ଷଣମେହେ—ଅଗାଳକୁଟୀ ୨-୩, ଅଗରୁ ୩-୪

ଲାଳାସ୍ରାବେ—କାଞ୍ଚଣ ୪୫-୩ ।

ଲିଙ୍ଗଶୈଥିଲ୍ୟେ—ଇନ୍ଦ୍ରଯବ ୩୧-୬, କନିଅଁର ୫୦-୫, କଷା ୫୫-୧୭, କାଇଞ୍ଚ ୬୨-୪, ଗୋଲାପ ୧୧୦-୩, ଜାଇପତ୍ରୀ ୧୨୯-୧, ଜାଇଫଳ ୧୩୦-୨ ଦୁଦୁରା ୧୬୦-୧୯ ।

ଲିଙ୍ଗୋଚ୍ଛ୍ରାୟେ—କର୍ପୂର ୫୭-୪ ।

ଲିଙ୍ଗଶୋଥେ—ଶୋଖରା ୧୦୩-୪ ।

ଲିଙ୍ଗବ୍ରଣେ—ଗୋଖରା ୧୦୩-୪ ।

ଲିଙ୍ଗବର୍ଦ୍ଧନାର୍ଥେ—ଧୂତୁରା ୧୧୩-୨ ।

ଲାଳସ୍ରାବବର୍ଦ୍ଧନାର୍ଥେ—ଚକଣ୍ଡାଭେଜା ୧୧୪-୪

ଲହଡ଼ା କାସ—କରଞ୍ଜ ୫୩-୧୩, ତମାଖୁ ୧୪୩-୨୬ ।

ଶ୍ୱାସାବରୋଧ—ଅକରକରା ୧-୯ ।

ଶୁଷ୍କକଷପୂର୍ବରୋଗ—ଅକରକରା ୧-୨, ତାପଚନ ୧୫୩-୬ ।

ଶ୍ୱାସରୋଗ—ଅଗରୁ ୩-୩, ଅଗ୍ନି ୪-୧, ଅତସୀ ୬-୫, ଅଦା ୭-୪, ଅପାମାରଙ୍ଗ ୧୦-୨୯, ଅଭ୍ର ୧୨-୨୦, ୧୨-୨୧, ଅରଖ ୧୪-୧୩, ୧୪-୧୪ ୧୬-୫୦, ଅସରଲା ୨୨-୨, ଅସ୍କନ୍ଦ ୨୩-୮, ଆଟିକାପୋଡ଼ ୨୫-୩, ଆପୁ ୨୬-୩, ଆମ୍ବକଶିଅଦା ୨୭-୧, ଇଟା ୩୦-୧୦, ଇନ୍ଦ୍ରସକ ୩୦-୩, ଇସବ୍‌ଗୋଲ୍ ୩୨-୪, ଉଭୁରୁଳି ୩୨-୩, ଉସସ୍ତ ୩୪-୧୮, କଲିଁଚ ୪୨-୧, କଇଠ ୪୩-୧୨, କନକା ୪୯-୨, କରଡ଼ା ପକ୍ଷୀ ୫୪-୧, କରୁ ୫୫-୧୦, କରାଣାଇପକ୍ଷୀ ୫୬-୧, କର୍ପୂର ୫୭-୬, କସ୍ତୁରୀ ୬୧-୨, କାଲ ୬୯-୧୦, କାମୁଳୀ ୭୧-୫, କଇଗିନ ୭୨-୫, କୁକୁଡ଼ା ୭୩-୬ କୁକୁଡ଼ାଡେଳାଆମବୁସ ୭୪-୧, କେରୁଆଁ ୭୯-୨, ଖପରୁ ୮୫-୧, ଖୁରସିନିପୁଆଣୀ ୮୮-୧, ଗଧ ୯୦-୩, ଗଣ୍ଡକ ୯୧-୮, ଗିଲ ୯୬-୭, ଗୁଗୁଳ ୯୯-୧୩, ଗୋଇସାପ ୧୦୩-୧, ଗୋରୁ ୧୦୯-୭୪, ୧୦୯-୭୬ ୧୦୯-୭୫, ଗୋଶପାଷାଣ ୧୧୦-୧, ଘସଘସାଫଳ ୧୧୧-୫, ଚୁନ ୧୨୨-୯, ଘୁସୁରି ୧୧୩-୩, ଘୋଡ଼ା ୧୧୩-୧, ଚକଡ଼ାଭେଣ୍ଡା ୧୧୪-୧୩, ଛତିନା ୧୨୪-୮, ଜଳ ୧୨୮-୫, ଜହ୍ନୀ ୧୨୯-୧, ଡଙ୍ଗରା ୧୩୭-୧, ତମାଖୁ ୧୪୨-୭, ତମ୍ବା ୧୪୪-୬, ତାଳମୂଳୀ ୧୪୭-୧, ତାଲିଶପତ୍ର ୧୪୮-୧, ତିତିରପକ୍ଷୀ ୧୪୮-୧, ଦାରୁମୁଷୀ ୧୫୭-୧, ଦୁଦୁର ୧୫୯-୮, ୧୬୦-୨୬, ଦୁଧଲଇ ୧୬୨-୧୧, ଦୁରଲଭ ୧୬୩-୩, ଦୁର୍ଲଭ ତୁଳସୀ ୧୬୩-୧, ଦେବଦାରୁ ୧୬୪-୫ ।

ଶାନ୍ତନିବାରଣାର୍ଥେ—କ୍ଲାନ୍ତଦୁରକରଣାର୍ଥେ ।

ଶରୀର ପୁଷ୍ଟିକର—କପା ୫୧-୧୩ ।

ଶୁକ୍ରନାମକନେତ୍ରରୋଗ—ଚକ୍ଷୁରୋଗ ଦେଖ ।

ସର୍କର ରୋଗ—ମଧୁମେହ ରୋଗ ଦେଖ ।

ଶ୍ୱେତପ୍ରଦର ରୋଗ—ଅଗସ୍ତି ୪-୯, ଅଁଳା ୨୦-୨୨, ୨୦-୨୬, ଆଖରୋଟ ୨୩-୧, ଆମ୍ବଡ଼ା ୨୬-୫, ଆମ୍ବ ୨୭-୨୦, ୨୮-୨୬, ଉସସ୍ତ ୩୪-୧୮, ଓଲଟ କମ୍ବଳ ୪୧-୧, କଣ୍ଟାପଳାଶ ୪୬-୩, କାକଜଙ୍ଘା ୬୩-୪, କୋଳମ୍ବ ୮୧-୩, ଗୁଳୁଞ୍ଚ ୧୧୯-୧୮, ଡ଼ମ୍ବିରି ୧୪୧-୧୩, ତିନ୍ତୁଳୀ ୧୪୯-୨୬ ।

ଶୂଳାହଗା—ପ୍ରବାହିକା ଦେଖ ।

ଶୂଳରୋଗ—ଅଗ୍ନି ୪-୩, ଅଜମୋଦା ୫-୧, ଅମ୍ଳବେତ ୮-୨, ଅମୃତମଣ୍ଡା ୧୨-୬, ଅରଖ ୧୫-୨୭, ଅଁଳା ୨୧-୩୩, ଆପୁ ୨୬-୨, ଆମ୍ବକଶିଅଦା ୨୭-୨, ଉସସ୍ତ ୩୪-୧୪, ଓଉ ୩୮-୧, ଓଟ ୩୮-୧, କଉଡ଼ୀ ୪୪-୭, କଙ୍କୁଷ୍ଠ ୪୪-୧, କଣ୍ଟାମାରିଷ ୪୬-୧, କଦଳୀ ୪୭-୨, କମଳା ୫୨-୧, କରଞ୍ଜ ୫୩-୨୧, କରଧାକୋଳି ୫୪-୫, କରୁ ୫୫-୧୦, ୫୫-୧୨, କର୍ପୂର ୫୭-୧୮, କଳାଜୀରା ୫୯-୭, କାନ୍ତଲେହ ୬୨-୧, କାଲ ୭୦-୩୮, ୭୦-୪୦, କଇଗିନ ୭୨-୧, ଖଡ଼ୀ ୮୫-୧, ଖପର ୮୫-୩, ଖୁରସିନି ପୁଆଣି ୮୮-୧, ଗିଲ ୯୬-୧୫, ୯୭-୧୮, ଗୋଠ କାକୁଡ଼ୀ ୧୦୪-୧, ଘୋଡ଼ା ୧୧୩-୧, ଚକ୍ରବାକ ପକ୍ଷୀ ୧୧୫-୧, ଚୁନ ୧୨୨-୧ ୧୨୩-୧୦, ଜଳ ୧୨୮-୫, ଝିଙ୍କ ୧୩୩-୧, ଟଭ ୧୩୫-୨୭, ତମାଖୁ ୧୪୩-୨୩, ତମ୍ବା ୧୪୪-୬, ୧୪୫-୧୮, ତାଳମୂଳୀ ୧୪୭-୧, ତୁଣ୍ଡପୋଡ଼ା ୧୫୨-୧ ।

ଶୋଥରୋଗ—ଅଣସୋରିଷ ୬-୪, ଅଦା ୭-୩, ୭-୪, ଅପରାଜିତା ୯-୬, ଅପାମାରଙ୍ଗ ୯-୨, ୧୦-୨୫ ଅଭ୍ର ୧୨-୨୧, ଅମୃତମଣ୍ଡା ୧୨-୨, ଅରଖ ୧୪-୧୯, ଅସ୍କନ୍ଦ ୨୩-୧୧, ଆଟିକାପୋଡ଼ ୨୫-୧, ଆମ୍ବ ୨୮-୪୦, ଉସସ୍ତ ୩୪-୧୪, ଓଟ ୩୮-୧, ଓଡ଼ଶମାରି ୩୯-୬, କରୁ ୫୫-୫, କର୍ପୂର ୫୭-୮, କଳାଜୀରା ୫୯-୪, କସ୍ତୁରୀ ୬୧-୨, କାକନାସା ୬୩-୧, କାନ୍ତଲେହ ୬୭-୧, କୁମ୍ଭୀର ୭୨-୧, କୁଆମଇତା ୭୩-୩,

କୋଇଲେଖା ୮୧-୮, ଖଡ଼ୀ ୮୪-୧, ଖରସଣ ୮୬-୧ ଗୁଗ୍‌ଗୁଲ ୯୯-୧୧, ଗୋଖର ୧୦୩-୧, ଘସଘସାଫଳ ୧୧୧-୪, ଘିଅ ୧୧୨-୧, ଚକଡ଼ାଭେଣ୍ଡୀ ୧୧୪-୨, ଚିତାପାରୁ ୧୨୧-୩୯, ଜନୁଲୀ ୧୫୦-୩୨, ଦବ୍ରି ଦବ୍ରିଆ ଶାଗ ୧୫୬-୧, ଦାସକେରଣ୍ଡା ୧୫୮-୧, ୧୫୮-୩, ଦୁର୍ଲଭ ତୁଳସୀ ୧୬୩-୧ ଦେବଦାରୁ ୧୬୪-୭ ।

ଶୀତେରୋମୋଦ୍ଗମେ—ଆକୁଳ ୨୫-୧୮ ।

ଶୀତପିତ୍ତ ରୋଗେ—ଅଦା ୮-୧୩, ଅଁଳା ୨୧-୩୪, କୁଙ୍କୁମ ୭୪-୩, କୋଳଥ ୮୨-୧୩, ଗନ୍ଧଣା ୯୩-୮, ଗମ୍ଭୁଶ୍ର ୯୪-୬, ଗୋରୁ ୧୦୮-୫୦, ତମାଖୁ ୧୪୩-୨୪ ।

ଶିରୋ ବିରେଚନାର୍ଥେ—ଅପରାଜିତା ୯-୧, ଅପାମାରଙ୍ଗ ୯-୧୩ ।

ଶ୍ୱିତ୍ର ରୋଗେ—କାଇଞ୍ଚ ୬୨-୨, କାକନାସା ୬୩-୧, କୁରୁବେଲୀ ୬୭-୪, ଖରସଣ ୮୬-୩, ଚିତାପାରୁ ୧୨୧-୩୨, ଜୟନ୍ତୀ ୧୨୭-୧୧, ଜଳ ୧୨୮-୫ ।

ଶ୍ଳୀପଦ ରୋଗେ—ଅପରାଜିତା ୯-୭, ଅରଖ ୧୬-୫୫, ଆପୁମଞ୍ଜୀ ୨୬-୧, ଓଲ ୪୧-୨, କାଳନ୍ଦୀ ୭୧-୯, ଗିଲ ୯୭-୧୯, ଗୁଲୁଚୀ ୧୦୨-୨୭ ଚିତାପାରୁ ୧୨୦-୧୦, ୧୨୧-୩୫, ଦାରୁମୁଷୀ ୧୫୭-୧, ୧୬୧-୩୯ ଦେବଦାରୁ ୧୬୪-୧୦, ୧୬୪-୧୩ ।

ଶୁକ୍ରମେହେ—ଅଭ୍ର ୧୨-୨୧, ଅର୍ଜ୍ଜୁନ ୧୯-୬, ଇଟା ୩୦-୧୦, ଇସବ୍‌ଗୋଲ ୩୨-୧, ଉସସ୍ତ ୩୫-୨୯ କରା ୫୫-୧୦, କର୍ପୂର ୫୭-୫, କଳାବାହୁଟିଆ ୬୦-୧, କାଇଞ୍ଚ ୬୨-୧, ଗୋଖର ୧୦୩-୧, ଚନ୍ଦନ ୧୧୬-୬, ଚିତାପାରୁ ୧୨୦-୧୨ ।

ଶିରୋରୋଗେ—କସ୍ତୁରୀ ୬୧-୨, କାନ୍ତଲୋହ ୬୬-୧, କାଫଳ ୬୮-୧୪, କୁଙ୍କୁମ ୭୫-୧୨, କୁଡ଼ ୭୫-୧୦, ଗଙ୍ଗଶିମୂଳୀ ୮୯-୪, ଜଳ ୧୨୮-୫, ଜୁଇ ୧୩୩-୧, ଝୁଣା ୧୩୫-୧୪, ତଗରପାଦ ୧୪୨-୧ ।

ଶିରଃଶୂଳେ—ଉସସ୍ତ ୩୫-୨୯, ଗନ୍ଧଶୁଣ୍ଠୀ ୯୪-୧ ।

ଶୁକ୍ରତାରଲ୍ୟେ—ଆମ୍ବ ୨୬-୨୫, ଉସସ୍ତ ୩୫-୨୯, ଗୋରୁ ୧୦୫-୬ ।

ଶିର ପୀଡ଼ା ରୋଗେ—ଇଟା ୩୦-୧ ।

ଶଯ୍ୟା ମୂତ୍ର ରୋଗେ—ଅଁଳା ୨୦-୧୨, ଉଲୁକ ୩୩-୧, କରା ୫୫-୧୪ ।

ଶରୀରର ସୌନ୍ଦର୍ଯ୍ୟ ବର୍ଦ୍ଧନାର୍ଥେ—କପା ୫୨-୨୨, କସ୍ତୁରୀ ୬୧-୧ ।

ଶିରଃ କ୍ଷତେ—ଅଁଳା ୨୧-୩୬ ।

ଶୁଷ୍କ କାସ ରୋଗେ—କରଧାକୋଳ ୫୪-୧ ।

ଶ୍ରାନ୍ତି ନିବାରଣାର୍ଥେ—ଉଶୀର ବେଣା ୩୩-୧, କମଳା ୫୨-୧, ଜନୁଲୀ ୧୫୦-୨୮, ଦୁଧ ୧୬୧-୧ ।

ଶନୈର୍ମେହେ—ଖଇର ୮୩-୧୮ ।

ଶ୍ୱେତକୁଷ୍ଠେ—ଶ୍ୱିତ୍ର ରୋଗ ଦେଖ ।

ଶରୀର ଦୃଢ଼ୀ କରଣାର୍ଥେ—କାକନସା ୬୩-୧ ।

ଶଙ୍କାବିଷେ ଗୋରୁ—୧୦୮-୪୮ ।

ଶକୁନଗ୍ରହ ପ୍ରତିଷେଧେ—ଚକଡ଼ାଭେଣ୍ଡୀ ୧୧୪-୧୨ ।

ଶ୍ଳେଷ୍ମା ରୋଗ—କଫରୋଗ ଦେଖ ।

ସନ୍ନିପାତ ଜ୍ୱରେ—ଅକରାକରା ୧-୧୩ ଅଦା ୭-୬, କଇଁଚ ୪୨-୧, କସ୍ତୁରୀ ୬୧-୨, କୁମ୍ଭୀର ୭୨-୧, ଗନ୍ଧଶୁଣ୍ଠୀ ୯୪-୨, ଗୋଇସାପ ୧୦୩-୧, ଗୋଦନ୍ତୀ ହରିତାଳ ୧୦୫-୩, ଗୌରୀ ପାଷାଣ ୧୧୦-୧, ଟିଣାସିନ୍ଦୁର ୧୩୬-୨, ତାମ୍ର ୧୪୫-୧୬, ତାର୍ପିନ୍ ତେଲ ୧୪୬-୬, ୧୪୬-୯, ତାଳମୂଳୀ ୧୪୬-୧, ଦାରୁମୁଷୀ ୧୫୭-୧ ।

ସୁଗନ୍ଧୀ କରଣାର୍ଥେ—ଚୁଆ ୧୨୨-୧ ।

ସର୍ବାଙ୍ଗକମ୍ପ—ବେପଥୁ ଦେଖ ।

ସୁଖପ୍ରସବାର୍ଥେ—ଅକାନବିନ୍ଦୀ ୨-୬, ଅପାମାରଙ୍ଗ ୧୦-୨୮, ଈଶ୍ୱରଜଟା ୩୧-୪, ଉସସ୍ତ

୩୫–୩୬, କଗ୍ରା ୫୨–୨୩, କରଞ୍ଜ ୫୩-୧୨, କୁଙ୍କୁମ ୬୫-୭, କୋଇଲେଖା ୮୧–୯, ଗଞ୍ଜାଇ ୮୯–୧, ଗୋରୁ ୧୦୯-୨୪, ଚିତାପାରୁ ୧୨୦–୯, ଜଳ ୧୨୮-୨, ଟଭି ୧୩୪-୧, ଟାଗଣା ୧୩୬-୮, ତାଳ ୧୪୬-୬, ତେଜପତ୍ର ୧୫୩–୧ ।

ସର୍ବରୋଗେ—ଅଦା ୮-୧୦, ଇଠା ୩୦–୧, କର୍ପୂର ୫୬-୬, କଳାଜାଗ ୫୯-୧୫, କସ୍ତୁରୀ ୬୧-୨, ଜୟନ୍ତୀ ୧୨୬-୧୨, ଡାଳିମ୍ବ ୧୩୮-୧୬, ତୁଳସୀ ୧୫୦-୩୫ ।

ସ୍ୱେଦ ଜନନାର୍ଥେ—ଅଗ୍ନି ୪–୧, ୪-୨, ଇଠା ୩୦-୮, କର୍ପୂର ୫୬-୬, କୁସୁମ ୬୬–୪, କୋଳଥ ୮୨–୧୮, ଗଙ୍ଗଶିଉଳୀ ୮୯-୫୩, ଗୁ' ୧୧୬-୧ ।

ସ୍ତବ୍ଧା ବାତେ—ତାର୍ପିନ୍ ତେଲ ୧୪୬–୧୭ ।

ସର୍ପ ବିଷେ—ଅତସୀ ୬-୩, ଅପରାଜିତା ୯-୨, ଅପାମାରଙ୍ଗ ୯-୪, ୯-୫, ଅମ୍ଳବେତସ ୧୩-୧, ଅରଖ ୧୪-୨, ୧୫-୩୧, ଆକାଶ ଗରୁଡ଼ ୨୩-୨, ଆଙ୍କୁଲ ୨୪-୨, ଈଶ୍ୱରଜଟା ୩୧-୫, ଉଚ୍ଛୁଳି ୩୨-୧୦, ଓଟ ୩୮-୧, କଣ୍ଟାମାରିଷ ୪୬-୧, କନକା ୪୯-୨, କରଡ଼ାକୋଳି ୫୪-୩, କରା ୫୫-୧, ୫୫-୭, ୫୬-୨୧, କାନ୍ଦୁଲ ୬୭-୧୨, କୁମ୍ଭୀର ୭୨-୧, କୁକ୍କୁଡ଼ା ୭୩-୪, ଗଟଈଶ ୮୮-୬, ଗଜପିପ୍ପଳୀ ୮୯-୪, ଗନ୍ଧରାସ୍ନା ୯୪-୧, ଘୃତକୁମାରୀ ୧୦୧-୫, ଗୋଲସାପ ୧୦୩-୧, ଗୋରୁ ୧୦୮-୫୮, ଚିଙ୍ଗ ୧୩୩-୨, ତୁଳସୀ ୧୫୨-୪ ।

ସଂଗ୍ରହଣୀରୋଗେ—ଅନ୍ନଭେଦୀ ୮-୪, ଅଭ୍ର ୧୨ ୧୩, ଚିତାପାରୁ ୧୨୦-୪ ।

ସ୍ତ୍ରୀମାନଙ୍କର ଋତୁକାଳୀନ ଅଧିକ ରକ୍ତସ୍ରାବେ—ତାର୍ପିନ୍ ତେଲ ୧୪୬–୩ ।

ସଦ୍ୟୋବ୍ରଣେ—ଅତସୀ ୬-୨, ଅପାମାରଙ୍ଗ ୯-୧୬, ୧୦–୨୩, ଅରଖ ୧୫–୩୯, ଆଙ୍କୁଲ ୨୫-୧୫ ଆମ୍ବ ୨୬-୪, ଆମ୍ବିଳା ୨୬–୪, କଞ୍ଚଣ ୪୫–୧, କଣ୍ଟାମାରିଷ ୪୬-୩, କର୍ପୂର ୫୮-୨୨, କୁଶ ୬୭-୧ ଖଇର ୮୩–୩, ଜଟାମାଂସୀ ୧୨୬–୪, ଜାଇଫଳ ୧୨୯-୧, ତାର୍ପିନ୍‌ତେଲ ୧୪୬-୧, ଦୁବ ୧୬୨-୧ ।

ସ୍ତନ୍ୟ କ୍ଷୟେ—ଅପାମାରଙ୍ଗ ୧୦–୩୨ ।

ସମସ୍ତ ରୋଗେ—ଅଭ୍ରଭସ୍ମ ୧୨-୧, ଅରଖ ୧୬–୪୪ ।

ସକଳ ପ୍ରକାର ବ୍ରଣରୋଗେ—ଅରଖ ୧୫-୪୦, ୧୬-୪୬ ।

ସକଳ ପ୍ରକାର ଜ୍ୱରେ—ଅଗ୍ନି ୪-୧, ଗୋଦନ୍ତୀ ହରିତାଳ ୧୦୫–୧ ।

ସ୍ୱପ୍ନଦୋଷେ—ତୁଳସୀ ୧୪୯-୨୧ ।

ସ୍ୱେଦ ନିର୍ଗମେ—ଅକରକରା ୧-୧୦, ଅଁଳା ୨୦–୧୮, ଉଶୀରବେଣା ୩୩-୧, କଙ୍କୋଳୀ ୪୪–୯, କାନ୍ଦୁଲ ୬୬–୧୧, କୋଳଥ ୮୧–୫, ୮୧-୧୨, ତାର୍ପିନ୍ ତେଲ ୧୪୬–୧୨ ।

ସ୍ୱପ୍ନ ମେହେ—ଅଁଳା ୨୦-୨୩, ଉସସ୍ତ ୩୫-୨୯ ୩୫–୩୪, ଗୋକ୍ଷୁର ୧୦୩-୮ ।

ସ୍ମୃତିଶକ୍ତି ବର୍ଦ୍ଧନାର୍ଥେ—ଜାଇପତ୍ରୀ ୧୨୯-୧, ଦୁଧ ୧୬୧-୧ ।

ସନ୍ଧିବାତେ—ଆଙ୍କୁଲ ୨୪–୬, ଈଶ୍ୱରଜଟା ୩୧-୧, କୋଇଲେଖା ୮୦-୪, ଗୋଠକାକୁଡ଼ି ୧୦୪-୧୧, ଗୋରୁ ୧୦୯-୬୧, ଗୁଳୁଞ୍ଚ ୧୧୯-୧୨, ଜଟାମାଂସୀ ୧୨୬–୧, ତମ୍ବିଣୀ ୧୪୦-୯ ।

ସୁଖ ବିରେଚନାର୍ଥେ—ଆଙ୍କୁଲ ୨୪-୧୦ ।

ସକଳ ପ୍ରକାର ବିଷେ—ଆଙ୍କୁଲ ୨୪–୨, କାଣିଲେଉଟିଆ ୬୬-୨, କାଳଦୋଉଳଇ ୬୧-୧ ।

ସୂତିକା ଉନ୍ମାଦେ—ଆସୁ ୨୬-୫, କର୍ପୂର ୫୬–୧୦ ।

ସୌନ୍ଦର୍ଯ୍ୟ ବର୍ଦ୍ଧନାର୍ଥେ—ଅଁଳା ୨୦–୨୧, ଉସସ୍ତ ୩୫-୩୩, କାଇଞ୍ଚ

ସୋମରୋଗେ—ଉସସ୍ତ ୩୫-୩୩, କତକ ୪୬-୨, କଦଳୀ ୪୬-୬, ୪୮-୨୧, ଜୟନ୍ତୀ ୧୨୬-୨ ।

ସର୍ପ ଭୟ ଦୂର କରଣାର୍ଥେ—ଈଶ୍ୱର ୩୫-୨୯, ଓଝ ୩୮—୧ ।

ସୂତିକାର ମଇଳା ରକ୍ତ ନିର୍ଗମନାର୍ଥେ—କାଙ୍କଡ଼ ୬୪-୧, କୁଙ୍କୁମ ୬୯—୧ ।

ସୂତିକା ସନ୍ନିପାତେ—କଇଁଚ ୪୨-୧, କରଞ୍ଜ ୫୩—୧୧, କରଞ୍ଜା ୫୪-୧, କାଫଳ ୬୭—୪, କାଶ୍ମୀର ୭୨—୧, ଗଧ ୯୧-୭ ।

ସିଧ୍ମକୁଷ୍ଠେ—କପୂର ଛନ୍ଦ ଦେଖ ।

ସ୍ନାୟୁଦୌର୍ବଲ୍ୟେ—କରା ୫୫-୧୦, କସ୍ତୁରୀ ୬୧-୧, କାଫି ୬୮—୨, ୬୮—୫, ଛଣି ୧୨୩—୨ ।

ସ୍ନାୟୁପୀଡ଼ାରୋଗେ—କର୍ପୂର ୫୬-୨, ଛଣି ୧୨୩—୨ ।

ସ୍ୱରଭଙ୍ଗେ—କାକଣ୍ଡ ୬୨-୧, କୁକୁଡ଼ା ୭୩-୩ ଖଇର ୮୩—୧୩, ୮୪—୨୧, ଖପର ୮୫-୫, ଗନ୍ଧକ ୯୧—୯, ଗୋରୁ ୧୦୮-୪୯, ଜଳମ୍ବ ୧୩୮—୨୬, ତାଳିଶପତ୍ର ୧୪୮-୩ ।

ସ୍ତ୍ରୀ ମାନଙ୍କର ମଇଳା ରକ୍ତ ବନ୍ଦସ୍ରବଣାର୍ଥେ—କୋଳଥ ୮୧-୧, ଗୋଖର ୧୦୩-୨, ଘୋଡ଼ା ୧୧୩—୨ ଜାଇଫଳ ୧୨୯—୧ ।

ସ୍ତ୍ରୀମାନ ଦୁଗ୍ଧ ସଞ୍ଚୟ ଜନିତ ପୀଡ଼ାରୋଗେ—କାନ୍ଦୁଲ ୭୭-୬, କାଲ ୭୯-୧, ଗୋଠକାଳୁଡ଼ ୧୦୪-୧୦ ।

ସ୍ଥୌଲ୍ୟରୋଗେ—ମେଦ ବୃଦ୍ଧି ଦେଖ ।

ସୂତିକାରୋଗେ—ଗୁଳଞ୍ଚ ୧୧୮-୧୧ ।

ସ୍ୱାବରବିଷେ—ଖଇର ୮୪-୨୪, ଗୋଖର ୧୦୩-୩ ।

ସ୍ୱରସାଦରୋଗେ—ଖପର ୮୫-୫ ।

ସକଳପ୍ରକାରବାତବିକାରେ—ବାତରୋଗଦେଖ ।

ସ୍ୱାଭାବିକଉଷ୍ଣୀକରଣାର୍ଥେ—କାଫଳ ୬୮—୫ ।

ସୂର୍ଯ୍ୟାବର୍ତ୍ତରୋଗେ—ଗୋରୁ ୧୦୬-୨୨, ୧୦୮-୫୧

ସହକାରେ—

ସିକତାମେହେ—ଚଣାଚାରୁ ୧୨୧—୨୮ ।

ସାନ୍ଦ୍ରମେହେ—ଛଡ଼ଣା ୧୨୪-୬ ।

ସ୍ତନବୃଦ୍ଧି କରଣାର୍ଥେ—ଘୁସୁରି ୧୧୩-୨, ଜଗ ୧୩୨-୬, ଜାଳମ୍ବ ୧୩୮—୩୦ ।

ସ୍ତ୍ରୀମାନଙ୍କର ବସ୍ତିଶୂଳେ—ତାର୍ପିନ୍ ତେଲ ୧୪୬-୬ ।

ସ୍ତନର ପୀଡ଼ା ପ୍ରଶମନାର୍ଥେ—ଦୁଦୁରା ୧୬୦—୩୩

ସ୍ତ୍ରୀମାନଙ୍କର ସ୍ତନରୁ କ୍ଷୀର ଶୁଖାଇବା ପାଇଁ—

ସ୍କନ୍ଦା ପସ୍ମାରେ—ଦୁଧଲଉ ୧୬୨-୧୦ ।

ସଦ୍ୟପ୍ରସବାର୍ଥେ—ସୁଖପ୍ରସବଦେଖ ।

ସନ୍ତାପଦୁଷ୍ଟକରଣାର୍ଥେ—ଚନ୍ଦ୍ରକାନ୍ତମଣି ୧୧୬-୧

ସନ୍ନ୍ୟାସ—କନକା ୪୯-୬ ।

ସ୍ରୋତ ଶୁଦ୍ଧି କରଣାର୍ଥେ—ଜାଇଫଳ ୧୨୯-୧

ସଂକୋଚନାର୍ଥେ—ଜାମି ୧୩୧-୬ ।

ଶ୍ଳେଷ୍ମକାସରୋଗେ—ଅଗରୁ ୩—୩, ୮—୫, ଅଜମୋଦା ୫—୧, ଅଳତା ୧୯—୧, ଅଁଳା ୨୦—୨୫, ଆମ୍ବ ୨୬—୫, ଆମ୍ବ ୨୭-୯, ଈଶ୍ୱର ୩୪—୨୪, କଇଠ ୪୨—୧, ୪୩-୬, କଣ୍ଟକାରୀ ୪୫-୬, କାନ୍ଦୁଲ ୭୬-୯, କାସୁନ୍ଦି ୭୧—୫, ଖଜୁରୀ ୮୫—୪, ଗୋରୁ ୧୦୬-୧୧, ୧୦୯-୨୫ ଘୁସୁରି ୧୧୩—୩, ଚମନ ୧୧୪—୫, ଚନ୍ଦନର ୧୧୯-୧, ଛଡ଼ଣା ୧୨୪—୯, ଝଣ୍ଟି ୧୩୪—୩ ୧୩୫—୨୦, ଡାଳ୍ମ ୧୪୫—୧୮, ତେଜପତ୍ର ୧୪୮-୧ ଦୁଦୁରା ୧୬୦—୨୬ ଦେବଦାରୁ, ୧୬୪—୫ ।

ହଣାଘାତରୋଗେ—ସଦ୍ୟୋ ବ୍ରଣରୋଗ ଦେଖ ।

ହୃଦ୍ରୋଗେ—ଅର୍ଜୁନ ୧୯—୧୦, ଅଳାଇଚ ୨୧-୨ କଣ୍ଟକାରୀ ୪୫-୪, କଣ୍ଠିଆଳି ୪୭-୧, କଦଳୀ ୫୨—୨୧, କଣ୍ଡ ୫୫—୧୦, କରୁଣା ୫୬-୧, ଖଜୁରୀ ୮୫-୧, ଖରଖରିଗଛ ୮୭-୧, ଗନ୍ଧକନ୍ଦା ୯୩-୧, ଗହମ ୯୫-୧୦, ଗୁଡୁଚୀ ୧୦୨-୩୦, ଜଟାମାଂସୀ ୧୨୭-୧, ଜଳ ୧୨୮-୫, ଝରକୋଷା ୧୩୫-୨ ।

ହଗାରୋଗେ—ଅତିସାର ରୋଗ ଦେଖ ।

ହିଷ୍ଟିରିଆରୋଗେ—କଗ୍ର ୫୫-୧୬, କର୍ପୂର ୫୭-୪ ଖୁରାସିନ ଯୁଆଣି ୮୮-୧, ଚଙ୍ଗୁଡ଼ି ୧୨୦-୧, ଡାଳିମ୍ବ ୧୩୮-୨୮ ।

ହୃଦୟଗତ ବାୟୁରୋଗେ—ଅସ୍କନ୍ଧ ୨୩-୧୩, ଦେବଦାରୁ ୧୬୪-୧୧ ।

ହରିତାଳ ସେବନ ଜନିତ ବିଷ ବିକାରେ—କପା ୫୧-୭ ।

ହୁପିଂକଫ୍—ଲହଡ଼ା କାସ ଦେଖ ।

ହାତ ଥରା ରୋଗେ—କଗ୍ର ୫୫-୧୫ ।

ହୃଚ୍ଛୂଳେ—କଗ୍ର ୫୫-୧୯, କର୍ପୂର ୫୭-୨, କଳାଜୀରା ୫୯-୭ ।

ହାତ ଓ ପାଦର ଜ୍ୱାଳା ରୋଗେ—ତିନ୍ତୁଳୀ ୧୩୯-୧୭ ।

ହୃଦୟଜ୍ୱାଳା—କଦଳୀ ୪୭-୨ ।

ହନୁସ୍ତମ୍ଭ—କନକା ୪୯-୭ ।

ହସ୍ତ ଓ ପାଦର ଶୈଥିଲ୍ୟ ଦୂର କରଣାର୍ଥେ—କରଞ୍ଜ ୫୩-୯ ।

ହାଡ଼ଭାଙ୍ଗିଗଲେ—ଅସ୍ଥି ଭଗ୍ନେ ଦେଖ ।

ହଳୀମକ—କାମଳା ଦେଖ ।

କ୍ଷୟରୋଗେ—ଅଭ୍ର ୧୨-୪, ଅର୍ଜ୍ଜୁନ ୧୯-୧୩, ଅସ୍କନ୍ଧ ୨୩-୯, ଆପୁ ୨୬-୩, ଆପୁମଞ୍ଜି ୨୬-୧, କଉଡ଼ି ୪୩-୨, ୪୪-୮, କଞ୍ଚଣ ୪୫-୧, କରଡ଼ାପଣ୍ଡୀ ୫୪-୧, କସ୍ତୁରୀ ୬୧-୨, କାକଜଙ୍ଘା ୬୩-୨, କାନ୍ତ ପାଷାଣ ୬୬-୧, କାନ୍ତଲୌହ ୬୭-୧, କୁକ୍କୁଡ଼ା ୭୩-୩, ଖପର ୮୫-୨, ୮୬-୮, ଗନ୍ଧକ ୯୨-୨୦, ଗୋମେଦମଣି ୧୦୫-୧, ଘିଅ ୧୧୨-୧, ଜଳ ୧୨୮-୫ ଜହ୍ନା ୧୨୯-୧, ଚମ୍ପା ୧୪୪-୬, ତଡ଼ଙ୍ଗ ୧୫୧-୧୪, ତୋପଚିନି ୧୫୩-୨, ଦାସକେରଣ୍ଡା ୧୫୮-୭ ।

କ୍ଷୀରବୃଦ୍ଧ୍ୟର୍ଥେ—ଅମୃତମଣ୍ଡା ୧୩-୯, ଆଖୁ ୨୪-୯, କଣ୍ଟାମାରିଷ ୪୬-୫, କପା ୫୧-୧, ୫୧-୧୪ କଳସ ୫୮-୯, କଳାଜୀରା ୫୯-୩, କଳାମାଣିକ ୬୦-୧, ଛତନା ୧୨୪-୩, ଝିଟି ୧୩୫-୧ ।

କ୍ଷୟକାସେ—କ୍ଷୟ ରୋଗ ଦେଖ ।

କ୍ଷତକାସେ—ଆଖୁ ୨୪-୬ ।

କ୍ଷୀରଶୋଧନର୍ଥେ—କଣ୍ଟୁକା ୪୫-୫, ଗୁଳୁଚି ୧୦୧-୧୮, ଛତନା ୧୨୪-୫ ।

କ୍ଷୌଦ୍ରମେହେ—ମଧୁମେହ ଦେଖ ।

କ୍ଷତରୋପଣାର୍ଥେ—ବ୍ରଣରୋଗଦେଖ ।

ଖୀର ଶୁଖାଇବା ପାଇଁ—ଦୁଦୁରା ୧୬୦-୨୮ ।

# ଭ୍ରମ ସଂଶୋଧନ

| ପୃଷ୍ଠା | ପଂକ୍ତି | ଧାଡ଼ୀ | ଅଶୁଦ୍ଧ | ଶୁଦ୍ଧ |
|---|---|---|---|---|
| ପ୍ରସ୍ତାବନା | ,, | ୮ | ସଜ୍ଜିତାଃ | ସଜ୍ଜିତା |
| ,, | ,, | ୮ | ପୁରସରଃ | ପୁରଃସରଃ |
| ,, | ,, | ୧୦ | କୃତା | କୃତମ୍ |
| (ii) | ,, | ୯ | ପାରନ୍ତି | ପାରେନ୍ତି |
| ଭକ୍ତିକୁସୁମାଞ୍ଜଳିଃ | ,, | ୮ | ପାଦାନଂ | ପାଦାନାଂ |
| ,, | ,, | ୨୦ | ସଂସ୍କୃତ୍ୟ | ସଂସ୍କୃତ୍ୟ |
| (iv) | ,, | ୨ | ନର୍ମକାଣ୍ଡ | କର୍ମକାଣ୍ଡ |
| ,, | ,, | ୨୬ | ସମ୍ବଳ୍ଳିତ | ସମ୍ବଳିତ |
| ,, | ,, | ୩୪ | ସ୍ତୁତିବା | ସ୍ତୁତିବ୍ୟ |
| ବିଷୟସୂଚୀ | ,, | ୨ | ସଚୀ | ସୂଚୀ |
| (୧) | ୧ | ୨୦ | ପାଣ୍ଡୁଳିପିବଧି | ପାଣ୍ଡୁଳିପିସୂଚୀ |
| ,, | ୨ | ୨୮ | ପ୍ରକାଶର | ପ୍ରକାଶକର |
| ,, | ୩ | ୩୦ | ଅକଲ୍ଲକର | ଆକଲ୍ଲକର |
| (୩) | ୨ | ୧୬ | ଲିପ୍ଜିଗ୍ | ଲିପ୍ଜିଗ |
| ,, | ୩ | ୧୫ | କରଧାକୋତ | କରଧାକୋଲ |
| (୪) | ୨ | ୩୩ | କାନ୍ତିଲୋକ | କାନ୍ତଲୋକ |
| (୫) | ୨ | ୨୧ | ଖରସୂଣ | ଖରସଣ |
| ,, | ୧ | ୧୨ | ନିର୍ଯ୍ୟାନିକା | ନିର୍ଯ୍ୟାନିକା |
| ,, | ୩ | ୨୩ | ଗୋପଲେକା | ଗୋଷଲେକା |
| (୬) | ୩ | ୩୧ | ଜଆଜ | ଜଆଦ |
| ୭ | ୧ | ୨୧ | ଶୃଙ୍ଗେମୂଷା | ଶୃଙ୍ଗେଲମୂଷା |
| ୮ | ୧ | ୨୨ | ଦୁର୍ମାବସ୍ତ୍ର | ଦୁର୍ମାଗସ୍ତ୍ର |
| ୧୩ | ୨ | ୬ | ଅନ୍ୟଦ୍ଭବ୍ୟ | ଅନ୍ୟଦ୍ଭବ |
| ,, | ୨ | ୨୮ | ଅନ୍ତ | ଅନ୍ତ |
| ,, | ୨ | ୧୨ | ଅପଚନ୍ଦ୍ରକ | ଅପଚନ୍ଦ୍ରକ |
| ୧୪ | ୧ | ୧୬ | ଜନ୍ମତ | ଉନ୍ମତ୍ତ |
| ୧୫ | ୨ | ୧୬ | ,, | ,, |
| ୧୬ | ୨ | ୩ | କୁକ୍କର | କୁକ୍କୁର |
| ୧୭ | ୨ | ୧୧ | ବନ୍ଧି | ବୃଦ୍ଧି |
| ୧୮ | ୨ | ୨ | ବଦ୍ଧି | ବଦ୍ଧି |
| ୧୯ | ୧ | ୧୯ | ସ୍ଥାବାର୍ଥେ | ସ୍ତାବାର୍ଥେ |

| ପୃଷ୍ଠା | ସ୍ତମ୍ଭ | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|---|
| ୩୦ | ୨ | ୩ | ଜଜ୍ଞାସୁ | ଜିଜ୍ଞାସୁ |
| ୩୬ | ୨ | ୧୭ | ଯୁକ୍ତ | ଯୁକ୍ତ |
| ୩୭ | ୧ | ୧୫ | ବସ୍ତୁର | ବନ୍ଧୁର |
| ,, | ,, | ୧୭ | ବନ୍ଧା | ବନ୍ଧ |
| ୩୮ | ୧ | ୨୦ | ଦଣ୍ଡାପତାକେ | ଦଣ୍ଡ ପତ ନକ |
| ,, | ୨ | ୨୬ | ବ୍ରତେଶ | ବ୍ରତେଶ |
| ୩୯ | ୧ | ୧ | ନାଡ଼ୀ | ନାଡ଼ୀ |
| ୪୨ | ୧ | ୩ | ବାଜଜ | ବାତଜ |
| ,, | ୧ | ୨୪ | ଶୋଥ | ଶୋଥ |
| ,, | ,, | ୨୯ | ଜପଠ | ଗାଁଠ |
| ,, | ,, | ୩୧ | ବ୍ରଣା | ବ୍ରଣ |
| ୪୪ | ୧ | ୧୨ | କାଷ୍ଠେଁୟ | କାଷ୍ଠେଁୟ |
| ,, | ,, | ୧୩ | ମସ୍ତିକ | ମସ୍ତିଷ୍କ |
| ,, | ,, | ୨୦ | ନିର୍ମାଣାର୍ଥେ | ନିବାରଣାର୍ଥେ |
| ୪୫ | ୧ | ୭ | ତୃଣ | ତୃଷା |
| ୪୬ | ୨ | ୨୫ | ସ୍ତ୍ରୀୟାସେ | ସ୍ତ୍ରୀୟାସେ |
| ,, | ,, | ୨୬ | ଶୋଧେ | ଶୋଥେ |
| ୪୮ | ୨ | ୧ | ସର୍କରା | ଶର୍କରା |
| ୪୯ | ୨ | ୨୮ | ସବଙ୍ଗକର୍ମ | ସର୍ବାଙ୍ଗକର୍ମେ |
| ୫୦ | ୧ | ୧୩ | ସ୍ତ୍ରଭବା | ସ୍ତ୍ରଭକା |
| ୫୧ | ୧ | ୨୦ | ସ୍ତ୍ରୀମାନ | ସ୍ତ୍ରୀମାନଙ୍କର |
| ୫୨ | ୨ | ୧୬ | ଶୋଧନର୍ଥେ | ଶୋଧନାର୍ଥେ |
| ୫୨ | ୨ | ୨୦ | ଗୀର | କ୍ଷୀର |
| (୨୫) | ୦ | ୧୪ | କୋଦାନ | କେ ଦଧାନ |
| ୧ | ୧ | ୪ | ଆକଲକର | ଅକଲକର |
| ୧୨ | ୨ | ୧୯ | ଗ୍ରମ | ଗ୍ରାମ |
| ୧୩ | ୨ | ୧୬ | ଊନଚତୁର୍ଥାଂଶଠାରୁ | ଊନତୁରଅଂଶ ଗ୍ରାମ |
| ୫ | ୨ | ୩୦ | ଅଧେ | ଅଧ |
| ୭ | ୧ | ୨୭ | ଦୃଷ୍ୟ | ଦୃଶ୍ୟ |
| ୯ | ୨ | ୧୬ | ଘଜ | ଘଜ |
| ୧୦ | ୧ | ୩୯ | ଦୃକ୍ବକ୍ଜଶୂଳର | ଦୃକ୍କଜଶୂଳର |
| ୧୩ | ୨ | ୧୬ | ଏକ— | ଏକଅଷ୍ଟମାଂଶଗ୍ରାମ ଠାରୁ |
| ୧୫ | ୨ | ୨୭ | କ୍ଷୀର | କ୍ଷାର |
| ୨୯ | ୧ | ୩୪ | ସେବନ | ସେଚନ |
| ୫୦ | ୧ | ୧୩ | ଘାଁରେ | ଘରେ |
| ୫୨ | ୨ | ୧୨ | ହ୍ରଦୀଭାବରେ ସନ୍ତପ୍ତ ଏବଂ କମଳା | |

| ପୃଷ୍ଠା | ପଂକ୍ତି | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|---|
| ୬୦ | ୧ | ୨୨ | ଲଣ | ଲୁଣ |
| ୬୦ | ୯ | ୨୨ | Balt | Salt |
| ୭୭ | ୨ | ୩୧ | ପିଷ୍ଟର୍ଣ | ପିଷ୍ଟର୍ଶ |
| ୮୨ | ୧ | ୨ | ଆମାତେ | ଆମକାତେ |
| ୮୫ | ୨ | ୩୪ | ବକାରକା | ବଦାରକା |
| ୯୯ | ୨ | ୨୯ | ଗିଜ୍‌ରେ | ଗିଅରେ |
| ୧୦୪ | ୧ | ୧୪ | ଷ୍ଢୀରେ ଇନ୍ଦ୍ରାପୁଣ | |
| ୧୧୦ | ୧ | ୧୭ | ଗୋଲଞ୍ଜି | ଗୋଲଞ୍ଜା |
| ୧୧୧ | ୨ | ୧୧ | ସଦ୍ଧଜଣର୍ | ସଦ୍ଧଜାଣେର୍ |
| ୧୨୧ | ୨ | ୨ | ୦ | ଅଶର୍ ଶ୍ରେଗେ |
| ୧୩୭ | ୨ | ୨୭ | ଦୁଇତୋଳା | କୋଡ଼ଏ ଗ୍ରାମ |
| ୧୪୮ | ୨ | ୨୫ | ଆମଲକୀ | ଇମଲୀ |
| ୧୫୦ | ୧ | ୨୧ | ଅଭକ୍ତ | ଅଭୁକ୍ତ |
| ୧୫୩ | ୧ | ୩୪ | କୁବ୍‌ଜଳା | କୁବ୍‌ଜତା |
| ୧୫୬ | ୧ | ୨୪ | ରକ୍ତପିତ୍ତ | ରକ୍ତପିତ୍ତ |
| ୧୫୮ | ୨ | ୨୭ | ଦ୍ରୁତକା | ଦ୍ରୁତ |
| ଶେଷ ୫୩ | ୦ | ୨ | ବୈଦ୍ୟଙ୍କ | ବୈଦ୍ୟକ |
| ,, ,, | ୦ | ୧୧ | ଦ୍ରୁଣପୁଣ | ଭ୍ରୁଣପୂନ |

ପ୍ରକାଶ ଥାଉଛେ — ପିତୃଦେବଙ୍କର ପ୍ରିୟତମ ଛାତ୍ର ଶ୍ରୀ T. V. ଗୋବିନ୍ଦାଚାର୍ଯ୍ୟ ଗ୍ରନ୍ଥ ପ୍ରକାଶନ ପାଇଁ ଏକଶତ ଟଙ୍କା ସାହାଯ୍ୟ ପ୍ରଦାନ କରିଛନ୍ତି ।

ପ୍ରକାଶକ

# ଦ୍ରବ୍ୟଗୁଣ କଳ୍ପଦ୍ରୁମ ସମ୍ବନ୍ଧେ ଓଡ଼ିଶାର ବିଶିଷ୍ଟ ବିଦ୍ୱାନମାନଙ୍କର ମତ

ତା ୧-୬-୧୯୫୪ ରିଖରେ ଦ୍ରବ୍ୟଗୁଣ କଳ୍ପଦ୍ରୁମ ଗ୍ରନ୍ଥର ପୂର୍ବାର୍ଦ୍ଧ ପାଠକରି ଓଡ଼ିଶାର ସୁପ୍ରସିଦ୍ଧ "ମାତୃଭୂମି" ପତ୍ରିକାରେ ଲେଖିଛନ୍ତି—

ଦ୍ରବ୍ୟଗୁଣ କଳ୍ପଦ୍ରୁମର ପୂର୍ବାର୍ଦ୍ଧ ଅବତରଣିକା ଭାଗରେ ଦ୍ରବ୍ୟଶକ୍ତି ବିଜ୍ଞାନ ସହିତ ସ୍ୱାସ୍ଥ୍ୟର ସମନ୍ୱୟ ଏବଂ ଆୟୁର୍ବେଦୀୟ ଅଗ୍ନିଷୋମ ବାଦ ଓ ପାଶ୍ଚାତ୍ୟ ପଦାର୍ଥ ଶକ୍ତି ବିଜ୍ଞାନ ସମ୍ପର୍କରେ ସଙ୍କଳୟିତା ମହୋଦୟ ଯେଉଁ ବିଷୟ ଗୁଡ଼ିକ ଉପସ୍ଥାପିତ କରିଛନ୍ତି, ତାହା ଆୟୁର୍ବେଦ ଶାସ୍ତ୍ରରେ ତାଙ୍କର ଅଭିଜ୍ଞତା ଏବଂ ଜଣେ ବୈଦ୍ୟ ବାଚସ୍ପତି ହିସାବରେ ତାଙ୍କର ଶକ୍ତିମତ୍ତାର ପରିଚୟ ଦିଏ । ସ୍ୱାଧୀନ ଭାରତରେ ଆୟୁର୍ବେଦ କ୍ରମେ ତା'ର ନଷ୍ଟ ଗୌରବର ପୁନରୁଦ୍ଧାର ପଥରେ ବର୍ତ୍ତମାନ ଗତି ଆରମ୍ଭ କରିଛି । ତେଣୁ ଏଭଳି ଏକ ସନ୍ଧିସନ୍ଧି ବେଳରେ ଏ ପୁସ୍ତକ ଝଣ୍ଡି ଯେ ସିପଠିଃ ଆୟୁର୍ବେଦ ପ୍ରେମିଙ୍କ ନିକଟରେ ଆଲୋଚନା ପାଇଁ ଏକ ନୂତନ ଦିଗ୍ ପ୍ରଦର୍ଶନ କରିବ ତହିଁରେ କୌଣସି ସନ୍ଦେହ ନାହିଁ । ଅକ୍ଷରାନୁକ୍ରମ ସୂଚୀରେ ଦ୍ରବ୍ୟର ଗୁଣାବଳୀ ସନ୍ନିବେଶିତ ହୋଇଥିବାରୁ ଏବଂ ଶେଷାଂଶରେ ରୋଗାନୁସାରିଣୀ ଦ୍ରବ୍ୟସୂଚୀ ପ୍ରଦତ୍ତ ହୋଇଥିବାରୁ ଗ୍ରନ୍ଥଟି ଆହୁରି ଉପାଦେୟ ହୋଇପାରିଛି । ଆୟୁର୍ବେଦ ଯେଉଁମାନଙ୍କର ଜୀବିକା ଏବଂ ଆୟୁର୍ବେଦ ପ୍ରତି ଯେଉଁମାନେ ଅନୁରକ୍ତ, ସେମାନଙ୍କ ଛଡ଼ା ଗୃହସ୍ଥ ମାନେ ସବୁରି ପକ୍ଷରେ ଏ ପୁସ୍ତକଟି ବିପଦର ବନ୍ଧୁ ରୂପେ ଏବଂ ସମ୍ପଦର ସାଥିରୂପେ ଆଦୃତ ହେବା ଉଚିତ । ଅର୍ଥାଭାବ ହେତୁ ସଙ୍କଳୟିତା ଏ ପର୍ଯ୍ୟନ୍ତ ପୁସ୍ତକଟିର ଉତ୍ତରାର୍ଦ୍ଧ ପ୍ରକାଶ କରି ପାରି ନାହାନ୍ତି । ଏଭଳି ବିରାଟ ଉଦ୍ୟମ ବ୍ୟକ୍ତିଗତ ଭାବରେ ନ ହୋଇ ସମୂହ ସ୍ୱାର୍ଥ ଦୃଷ୍ଟିରୁ ଜାତୀୟ ଭିତ୍ତିରେ କରାଯିବା ଉଚିତ । ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦପ୍ତର ଏ ଦିଗରେ ମନୋଯୋଗୀ ହେଲେ ଆନନ୍ଦର କଥା ହୁଅନ୍ତା । ଗ୍ରନ୍ଥକାର ବୈଦ୍ୟବାଚସ୍ପତି ଶ୍ରୀଯୁକ୍ତ ବ୍ରଜବନ୍ଧୁ ତ୍ରିପାଠୀଙ୍କୁ ଆମ୍ଭେମାନେ ତାଙ୍କର ଏହି ସାଧୁ ଉଦ୍ୟମ ପାଇଁ ଧନ୍ୟବାଦ ନ ଦେଇ ରହିପାରୁ ନାହୁଁ ।

ସାପ୍ତାହିକ "ମାତୃଭୂମି"

## ପୁରୀ ସଦାଶିବ ସଂସ୍କୃତ ମହାବିଦ୍ୟାଳୟର ଭୂତପୂର୍ବ ଧର୍ମଶାସ୍ତ୍ରାଧ୍ୟାପକ ପଣ୍ଡିତ ଶ୍ରୀ ଆନନ୍ଦ ମିଶ୍ର ଶର୍ମା ଲେଖିଛନ୍ତି

ଆୟୁଷ୍ମନ୍ନନର୍ପଣଶୀଳ ବିଦ୍ୱାନ୍ ଶ୍ରୀ ବ୍ରଜବନ୍ଧୁ ତ୍ରିପାଠି ମହାଶୟ ।

ଶ୍ରୀମଦୀୟ "ଦ୍ରବ୍ୟଗୁଣ କଳ୍ପଦ୍ରୁମ"ର ପରିଶିଷ୍ଟ ଯଥାକାଳ ପାଇ ଆମୂଳଚୂଳ ସାଦରେ ଦେଖିଅଛୁ । ଏଥିରେ ବହୁ ଗବେଷଣୀୟ ବିଷୟମାନ ଦ୍ୱିପତ୍ରିତ ଭାବେ ରହିଅଛି । ଏହାଦ୍ୱାରା ଆୟୁର୍ବେଦୀୟ ବିଜ୍ଞାନ ତତ୍ତ୍ୱ ଭବିଷ୍ୟତ୍ ପରି କେତେ ଗଭୀର ବ୍ୟାପକ ଓ ଦୃଢ଼ମୂଳ ତାହା ପ୍ରସ୍ଫୁଟିତ କରାଯାଇଅଛି । ବୈଦିକ ପ୍ରମାଣାଦି ଉପପତ୍ତି ସହିତ ଏଥିରେ ସନ୍ନିବେଶିତ ହୋଇଅଛି ଏବଂ ସୂକ୍ଷ୍ମତର ଆର୍ଷ ଦୃଷ୍ଟି ଉଦ୍‌ଭାବିତ ଆୟୁର୍ବେଦୀୟ ଔଷଧାଦିର ସଦୁଦର୍କତା ପ୍ରମାଣିତ କରାଯାଇ ଜଡ଼ ବିଜ୍ଞାନ ମାତ୍ର ମୂଳ ପାଶ୍ଚାତ୍ୟ ଔଷଧାଦିର ଦୁଷ୍ପରିଣତି ମଧ୍ୟ ତଦ୍ଦେଶୀୟ ବିପଶ୍ଚିତ୍‌ମାନଙ୍କ ମନ୍ତବ୍ୟରେ ନିଃସନ୍ଦିଗ୍ଧଭାବେ ସ୍ଫୁଟ କରିବା ଦ୍ୱାରା ରାଜ ପ୍ରଭାବ ଦଳିତ ଜୀବନ ଆୟୁର୍ବେଦର ସମ୍ପ୍ରତି କାଳରେ ମଧ୍ୟ ଅଭିନବୋଚ୍ଛ୍ୱାସ ଭାବୁକ ମନରେ ଜାଗୃତ କରୁଅଛି । ଇଦୃଶ ଆଲୋଚନା ବର୍ତ୍ତମାନ ମୃତସଞ୍ଜୀବନୀକଳ୍ପ ବୋଲି ବୋଧ କରୁଅଛୁଁ । ଯାହାହେଉ ଏ ବିଷୟରେ ନବ ନବ ତତ୍ତ୍ୱ ଉଦ୍‌ଭାବନ ପ୍ରତି ଭଗବାନ ହୃଷୀକେଶ ଆପଣଙ୍କୁ ପ୍ରେରଣା ଦେଇ ମାନବ ଜଗତର କଲ୍ୟାଣ ସାଧନ କରନ୍ତୁ । ସଦ୍‌ବିଷୟ ପରିଶୀଳମାନଙ୍କୁ ଦୀର୍ଘଜୀବନ ପ୍ରଦାନ କରନ୍ତୁ ଏହାହିଁ କାମନା । ଇତି ।

ଭବଦୀୟଃ

ଶ୍ରୀ ଆନନ୍ଦ ମିଶ୍ର ଶର୍ମା, ପ୍ରଧାନାଚାର୍ଯ୍ୟଃ

ତା । ୨୨ । ୭ । ୫୫ (ପୁରୀ)

# ଦ୍ରବ୍ୟ ଶକ୍ତିର ନିର୍ଗମ ପ୍ରବାହ

ପ୍ରକୃତେର୍ମହାନ୍ ତତୋଽହଙ୍କାରସ୍ତସ୍ମାଦ୍‌ଗଣଶ୍ଚ ଷୋଡଶକଃ
ତସ୍ମାଦପି ଷୋଡଶକାତ୍ ପଞ୍ଚଭ୍ୟଃ ପଞ୍ଚଭୂତାନି ।






## ପିଣ୍ଡ ଓ ବ୍ରହ୍ମାଣ୍ଡରେ ଶକ୍ତିର ତ୍ରିଭଙ୍ଗିମ ପ୍ରକାଶ

ମୂଳ ଶକ୍ତିର ତ୍ରିଭଙ୍ଗିମ ପ୍ରକାଶ ଯଥା—ଅପରା ଶକ୍ତି, ପରା ଶକ୍ତି ଓ ମାହେଶ୍ୱରୀ ଶକ୍ତି । ଅର୍ଥାତ୍ ଜଡ଼ ଶକ୍ତି, ଚେତନ ଶକ୍ତି ଏବଂ ଏହି ଉଭୟର ନିୟନ୍ତ୍ରଣୀ ଶକ୍ତି । ଆଧ୍ୟାତ୍ମିକ ଜଗତରେ ସତ୍, ଚିତ୍, ଆନନ୍ଦ ରୂପରେ, ଆଧିଦୈବିକ ଜଗତରେ ବିକ୍ଷେପ, ଆଦାନ ଓ ବିସର୍ଗ ରୂପରେ ଏବଂ ଆଧିଭୌତିକ ଜଗତରେ ବାତ, ପିତ୍ତ, କଫରୂପରେ ଶକ୍ତିର ତ୍ରିଭଙ୍ଗ ଉପଲବ୍ଧ ହୋଇଥାଏ । ଆଧ୍ୟାତ୍ମିକ ଜଗତରେ ଚେତନ-ଇଚ୍ଛା; ଜ୍ଞାନ ଓ କ୍ରିୟା ଶକ୍ତି; ଆଧିଦୈବିକ ଜଗତରେ ଧାରଣ - ଚଳନ, ଆକର୍ଷଣ ଓ ବିକର୍ଷଣ ଶକ୍ତି ଏବଂ ଆଧିଭୌତିକ ଜଗତର ଧାରଣ-ଚେଷ୍ଟା, ତ ଦ ଦ୍ର ସ୍ପନ୍ଦନ ଶକ୍ତି ଅଛି । ଶେଷୋକ୍ତ ତ୍ରିଶକ୍ତିର ନାମ ବାତ, ପିତ୍ତ ଓ କଫ । ଏହାର ଆୟୁର୍ବେଦ ଭିତ୍ତିକ ନାମ ଦିଆଯାଇ ବାତ ପିତ୍ତାଦି ।

ଦେହର ଜନ୍ମ, ସ୍ଥିତି, ମୃତ୍ୟୁର ହେତୁ ନିରଙ୍ଗିମ ଦ୍ରବ୍ୟ ଶକ୍ତି

# ତ୍ରିଧାତୁ ବା ତ୍ରିଦୋଷ

ଦୋଷାଣାଂ ସାମ୍ୟମାରୋଗ୍ୟଂ ବୈଷମ୍ୟଂ ବ୍ୟାଧିରୁଚ୍ୟତେ ।




ନୈବ ଦେହଃ କଫାଦୃତେ ନପିତ୍ତାନ୍ନଚ ମାରୁତାତ୍ ।

ଉପରୋକ୍ତ ବାତ, ପିତ୍ତ, କଫରୂପ ତ୍ରିଶକ୍ତି ବା ତ୍ରିଭୁଜ ପରସ୍ପରେ ପରସ୍ପରର ଆଶ୍ରୟ; ପରସ୍ପରେ ପରସ୍ପରର ଉପକାରକ ଏବଂ ପରସ୍ପରେ ପରସ୍ପରର ଉପଘାତକ ଅଟନ୍ତି । ଏହି ତ୍ରିଭୁଜର ସ୍ୱାଭାବିକ ସ୍ଥିତି ଉପରେହିଁ ଶରୀରର ଉତ୍ପତ୍ତି ଓ ସ୍ଥିତି ନିର୍ଭର କରେ ଏବଂ ଏହାର ଅସ୍ୱାଭାବିକ ସ୍ଥିତିହିଁ ଦେହର ଧ୍ୱଂସର ହେତୁ ।

ଓଁ

ତତ୍ସତ୍

# ଅବତରଣିକା

## ମଙ୍ଗଳାଚରଣ

ଅଜାମେକାଂ ଲୋହିତଶୁକ୍ଳକୃଷ୍ଣାଂ ବହ୍ୱୀଃପ୍ରଜାଃସୃଜମାନାଂ ନମାମଃ
ଅଜା ଯେ ତାଂ ଜୁଷମାଣାଂ ଭଜନ୍ତେ ଜହତ୍ୟେନାଂ ଭୁକ୍ତଭୋଗାଂ ନୁମସ୍ତାନ୍ ॥
ନମସ୍ତେ ସମସ୍ତେ ସମସ୍ତ ସ୍ୱରୂପେ ସମସ୍ତେଷୁ ବସ୍ତୁଷ୍ୱନୁସ୍ୟୂତରୂପେ ।
ଶ୍ରିତସ୍ଥୂଳସୂକ୍ଷ୍ମ ସ୍ୱରୂପେ ମହେଶେ ସ୍ଫୁଟେ ବୋଧରୂପେ ଅବୋଧସ୍ୱରୂପେ ॥
ନମଃଶବ୍ଦରୂପେ । ନମୋ ବ୍ୟୋମରୂପେ ନମଃସ୍ପର୍ଶରୂପେ ନମୋ ବାୟୁରୂପେ ।
ନମୋ ରୂପତେଜୋରସାମ୍ଭଃସ୍ୱରୂପେ ନମସ୍ତେଽସ୍ତୁ ଗନ୍ଧାତ୍ମିକେ ଭୂ ସ୍ୱରୂପେ ।
ନମଃଶ୍ରୋତ୍ରଚର୍ମାକ୍ଷିଜିହ୍ୱାଖ୍ୟନାସା ସ୍ୟବାକ୍ ପାଣିପଦ୍ ପାୟୁପୋପସ୍ଥରୂପେ ।
ନମୋ ବୁଦ୍ଧ୍ୟହଂକାର ଚିତ୍ତସ୍ୱରୂପେ ତ୍ରିରୂପେ ନମସ୍ତେ ପରେ ବିଶ୍ୱରୂପେ ॥

## ଦ୍ରବ୍ୟଶକ୍ତି ବିଜ୍ଞାନ ସହିତ ସ୍ୱାସ୍ଥ୍ୟର ସମନ୍ୱୟ

ଆୟୁର୍ବେଦୀୟ ଦ୍ରବ୍ୟଗୁଣ ବିଜ୍ଞାନର ପ୍ରୟୋଜନ ହେଉଛି, ରୋଗଶାନ୍ତି ଓ ସ୍ୱାସ୍ଥ୍ୟରକ୍ଷା । ତା' ହେଲେ ରୋଗ କାହାକୁ କହନ୍ତି ? ରୋଗର କାରଣ କ'ଣ ? ସ୍ୱାସ୍ଥ୍ୟ କାହାକୁ କୁହାଯାଏ ? ଦ୍ରବ୍ୟଗୁଣ ବିଜ୍ଞାନ ସହିତ ହେଇ ରୋଗଶାନ୍ତି ଓ ସ୍ୱାସ୍ଥ୍ୟ ରକ୍ଷାର କି ସମ୍ବନ୍ଧ ? ଏହି ସବୁ ବିଷୟ ଜାଣିବା ସ୍ୱାସ୍ଥ୍ୟରକ୍ଷାଭିଳାଷୀ ପ୍ରତ୍ୟେକ ବ୍ୟକ୍ତିର ପ୍ରଥମ କର୍ତ୍ତବ୍ୟ । ଆଜି ଏଥି ସମ୍ବନ୍ଧେ ଏଠାରେ ଆମ୍ଭେ ପାଠକମାନଙ୍କୁ ଦୁଇଗୋଟି ପଦ କହିବା ଆବଶ୍ୟକ ବୋଧକରୁ ।

ପାଠକମାନେ ସ୍ଥିର ଚିତ୍ତରେ ଏହି ଜଗତ ବ୍ୟାପାର ଆଡ଼କୁ ଦୃଷ୍ଟି ଦେଲେ ବୁଝି ପାରିବେ ଯେ—ଏହି ଜଗତର ଜଡ଼ ଚେତନ ଯାବତୀୟ ଦ୍ରବ୍ୟ ଉତ୍ପତ୍ତି, ସ୍ଥିତି ଓ ବିନାଶ କ୍ରିୟାର ଅଧୀନ । ଅତି କ୍ଷୁଦ୍ର ଧୂଳିକଣାଠାରୁ ଆରମ୍ଭ କରି ଅତି ମହାନ୍ ସୂର୍ଯ୍ୟ ପର୍ଯ୍ୟନ୍ତ ସମସ୍ତ ଜଡ଼ବର୍ଗ ଏବଂ ଅତିସୂକ୍ଷ୍ମ କୀଟାଣୁଠାରୁ ଆରମ୍ଭ କରି ଅତିମହତ୍ କାୟ ହସ୍ତୀ, ତିମିଙ୍ଗିଳ ପର୍ଯ୍ୟନ୍ତ ସ୍ଥାବର ଜଙ୍ଗମ ସମସ୍ତ ପ୍ରାଣିବର୍ଗ ଜନ୍ମ, ସ୍ଥିତି ଓ ବିନାଶରୂପ କ୍ରିୟାର ଆବର୍ତ୍ତନ ମାତ୍ର, ଅଧିକନ୍ତୁ—ଏହି ଜନ୍ମାଦି କୌଣସି କ୍ରିୟା ଯାହାର ନାହିଁ, ତାହା ଜଗତ୍ ବା ଜାଗତିକ ଦ୍ରବ୍ୟ ହୋଇ ନ ପାରେ । ଏହାର କାରଣ ଏହିଯେ—ଜଗତ୍ ଶବ୍ଦର ବାଚ୍ୟାର୍ଥ ହେଉଛି—"ଗଚ୍ଛତୀତି ଜଗତ୍" ଅର୍ଥାତ୍ ଯାହା ଗତିଶୀଳ ବା କ୍ରିୟାମୟ ପଦାର୍ଥ—ତା'ର ନାମ ଜଗତ୍ । କ୍ରିୟାମାତ୍ରେହିଁ ଶକ୍ତିର ପ୍ରକାଶକୁ ଜ୍ଞାପନ କରେ । ଶକ୍ତି ରହିତ ବା ଶକ୍ତି ଭିନ୍ନ କ୍ରିୟା କୌଣସିଠାରେ ହୁଏନାହିଁ । ଆମ୍ଭମାନଙ୍କର ଦୃଷ୍ଟି ଶକ୍ତି ନ ଥାଇ ଦର୍ଶନକ୍ରିୟା, ଶ୍ରୁତିଶକ୍ତି ନଥାଇ ଶ୍ରବଣ କ୍ରିୟା, ଘ୍ରାଣଶକ୍ତି ନଥାଇ ଆଘ୍ରାଣ କ୍ରିୟା, ବାକ୍‌ଶକ୍ତି ନଥାଇ ଭାଷଣ କ୍ରିୟା ଏବଂ ଗତିଶକ୍ତି ନଥାଇ ଗମନ କ୍ରିୟା ହୋଇ ପାରେ ନାହିଁ । ସୁତରାଂ ଯାହା କ୍ରିୟା—ତାହା ଶକ୍ତିର ରୂପାନ୍ତର ମାତ୍ର ଏବଂ ଏହି କ୍ରିୟାମୟ ଜଗତ ଏକ ମହାଶକ୍ତି ତନ୍ତ୍ର ବୋଲି ବୁଝିବାକୁ ହେବ । ଆମ୍ଭମାନଙ୍କର ଏହି ଯେ—ଜନ୍ମ, ସ୍ଥିତି, ବିନାଶରୂପ କ୍ରିୟାମୟ ଶରୀର—ଏହା ମଧ୍ୟ ସେହି ମହାଶକ୍ତି ତନ୍ତ୍ର ସମ୍ଭୂତ ଗୋଟିଏ ଗୋଟିଏ କ୍ଷୁଦ୍ର ଶକ୍ତି ତନ୍ତ୍ର ବୋଲି କହିଲେ ଏଠାରେ ଅତ୍ୟୁକ୍ତି ହେବନାହିଁ । ଶକ୍ତିର ସୂକ୍ଷ୍ମ ପ୍ରକାଶ କ୍ରିୟା ଏବଂ କ୍ରିୟାର ସ୍ଥୂଳ ପ୍ରକାଶ ଜଗତ୍ ବା ଜାଗତିକ ଜାତିଗୁଣ ବିଶିଷ୍ଟ ସ୍ଥାବର ଜଙ୍ଗମ ଦ୍ରବ୍ୟ ସମୁଦାୟ । ଅଗ୍ନି ଯେପରି het, light, motion, ବା ଉତ୍ତାପ, ଆଲୋକ ଓ ଗତି ଏହି ତ୍ରିବିଧ ଭଙ୍ଗିରେ ପ୍ରକାଶ ହୁଏ, ସେହିପରି ସର୍ବତ୍ର ଶକ୍ତିର ପ୍ରକାଶ ତ୍ରିଭଙ୍ଗିମ ବା ତିନି ପ୍ରକାର ଦେଖିବାକୁ ମିଳେ । ଯଥା—ଜଡ଼ଶକ୍ତି, ଚେତନଶକ୍ତି, ଏବଂ ତଦୁଭୟାତୀତା ଅଥଚ ଉଭୟା-ଭିମାନିନୀ ଓ ଉଭୟର ନିୟନ୍ତ୍ରିଣୀ ଶକ୍ତି । ଏହି ତ୍ରିବିଧ ଶକ୍ତିକୁ ଯଥାକ୍ରମେ ଅପରାଶକ୍ତି ପରାଶକ୍ତି ଓ ମାହେଶ୍ୱରୀ ଶକ୍ତି

ବୋଲଯାଏ । ଏଥିସମ୍ବନ୍ଧେ ପ୍ରମାଣ ରୂପେ ଶ୍ରୀମଦ୍ ଭଗବଦ୍ ଗୀତାର ସପ୍ତମ ଅଧ୍ୟାୟ ପଞ୍ଚମ ଶ୍ଳୋକରେ "ଭୂମିରାପୋଽନଲୋବାୟୁଃ ଖଂ ମନୋବୁଦ୍ଧିରେବ ଚ" ଇତ୍ୟାଦି ଭଗବାନଙ୍କର ଭାଷଣ ଦ୍ରଷ୍ଟବ୍ୟ । ରଜଃ, ସତ୍ତ୍ୱ, ତମୋ ନାମରେ ମୂଳ ଶକ୍ତିର ଯେଉଁ ତ୍ରିବିଧ ଗୁଣବିଭାଗ, କ୍ଷର, ଅକ୍ଷର ପୁରୁଷୋତ୍ତମ ନାମରେ ଯେଉଁ ତ୍ରିବିଧ ପୁରୁଷ ବିଭାଗ । ବିଶ୍ୱ, ତୈଜସ ଓ ପ୍ରାଜ୍ଞ ନାମରେ ଅଥବା ଭୂତାତ୍ମା, ଅନ୍ତରାତ୍ମା ଓ ବିଶୁଦ୍ଧାତ୍ମା ନାମରେ ଯେଉଁ ତ୍ରିବିଧ ଆତ୍ମ ବିଭାଗ । ବ୍ରହ୍ମା, ବିଷ୍ଣୁ, ରୁଦ୍ର ରୂପରେ କିମ୍ବା ସରସ୍ୱତୀ, ମହାଲକ୍ଷ୍ମୀ ଓ କାଳୀ ରୂପରେ ଯେଉଁ ତିନି ୨ ପ୍ରକାର ଉପାସ୍ୟ ଦେବତା ବିଭାଗ ଏବଂ ଉପନିଷଦରେ ତେଜ, ଅପ୍ ଅନ୍ନ । ବାକ୍, ପ୍ରାଣ, ମନ ଓ ନାମ ରୂପ, କ୍ରିୟା ରୂପରେ ଯେଉଁ ତ୍ରିବୃତ୍ତ ତତ୍ତ୍ୱ ବିଭାଗ ଏବଂ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ନାମରେ ଯେଉଁ ତ୍ରିମୂର୍ତ୍ତି ପ୍ରତିଷ୍ଠା । ଗଙ୍ଗା, ଯମୁନା ଓ ସରସ୍ୱତୀ ରୂପରେ ଯେଉଁ ତ୍ରିବେଣୀ ତୀର୍ଥ କଳ୍ପନା ଏହି ସବୁ ତ୍ରିବୃତ୍ତଭାବ ସେହି ତ୍ରିଜଗଜ୍ଜନନୀ ମହାଶକ୍ତିରହିଁ ତ୍ରିଭଙ୍ଗିମ ପ୍ରକାଶ ଜ୍ଞାପନ କରେ । ବୋଧହୁଏ ମହାଶକ୍ତିର ଏହିପରି ତ୍ରିଭଙ୍ଗିମ ପ୍ରକାଶ ଜଣାଇବା ପାଇଁ ଅଖିଳ ଶକ୍ତିର ଆଧାର, ଅନନ୍ତ ବ୍ରହ୍ମାଣ୍ଡର ଅଧୀଶ୍ୱର ଭଗବାନ୍ ଶ୍ରୀକୃଷ୍ଣଙ୍କର ସତ୍‌ଚିତ୍ ଆନନ୍ଦ ବିଗ୍ରହକୁ ତ୍ରିଭଙ୍ଗିମରୂପେ କଳ୍ପନା କରାଯାଇଛି । ଆଉରି ମଧ୍ୟ ଆମମାନଙ୍କର ତନ୍ତ୍ର ଶାସ୍ତ୍ରରେ ତ୍ରିକୋଣ ଯନ୍ତ୍ର ବା ପୀଠ ମଧ୍ୟରେ ଶକ୍ତିପୂଜା କରିବାର ଯେଉଁ ବିଧାନ ଅଛି—ମହାଶକ୍ତିର ଏହି ତ୍ରିଭଙ୍ଗିମ ସ୍ୱରୂପ ଜ୍ଞାପନହିଁ ତା'ର ମୂଳ ରହସ୍ୟ ।

ମହା ଶକ୍ତିର ସ୍ୱକୀୟ ତ୍ରିଭଙ୍ଗିମ ପ୍ରକାଶ ହେତୁରୁ ଶକ୍ତି ସମ୍ଭୂତ ଜଗତ ମଧ୍ୟ ତ୍ରିଧା ବିଭକ୍ତ ଅଟେ । ଯଥା— ଆଧ୍ୟାତ୍ମିକ ଜଗତ୍, ଆଧିଦୈବିକ ଜଗତ୍ ଓ ଆଧିଭୌତିକ ଜଗତ୍ । ଆଧ୍ୟାତ୍ମିକ ଜଗତ୍ ସତ୍‌ଚିତ୍ ଆନନ୍ଦ ସ୍ୱରୂପ, ଆଧିଦୈବିକ ଜଗତ୍ ବାୟୁ, ସୂର୍ଯ୍ୟ ଓ ସୋମ ସ୍ୱରୂପ ଏବଂ ଆଧିଭୌତିକ ଜଗତ୍ ବାତ ପିତ୍ତ କଫ ସ୍ୱରୂପ ଅଟେ । ଆଧ୍ୟାତ୍ମିକ ଜଗତକୁ ଧାରଣ କରେ—ଇଚ୍ଛାଶକ୍ତି, ଜ୍ଞାନଶକ୍ତି ଓ କ୍ରିୟାଶକ୍ତି ଏବଂ ଆଧିଦୈବିକ ଜଗତକୁ ଧାରଣ କରେ ବାୟୁର ବିକ୍ଷେପ ଶକ୍ତି, ସୂର୍ଯ୍ୟଙ୍କର ଆଦାନ ଶକ୍ତି ଓ ସୋମଙ୍କର ବିସର୍ଗ ଶକ୍ତି ଏବଂ ଆଧିଭୌତିକ ଜଗତକୁ ଧାରଣ କରେ ବାତର ଗତିଶକ୍ତି, ପିତ୍ତର ତାପଶକ୍ତି ଓ କଫର ସଂହତି ଶକ୍ତି । ବାୟୁ ସୂର୍ଯ୍ୟ ଓ ସୋମ ଯେପରି ଯଥାକ୍ରମେ—ରଜଃ ସତ୍ତ୍ୱ ତମ ଏବଂ ରୁକ୍ଷ ଉଷ୍ଣ ଓ ଶୀତଗୁଣର ଆଧାର, ସେହିପରି ବାତ ପିତ୍ତ କଫ ମଧ୍ୟ ଯଥାକ୍ରମେ—ରଜଃ ସତ୍ତ୍ୱ ତମ ଏବଂ ରୁକ୍ଷ, ଉଷ୍ଣ ଓ ଶୀତ ଗୁଣଯୁକ୍ତ । ସତ୍ତ୍ୱାଦି ତ୍ରିଗୁଣ ଯୁକ୍ତ ବାତ ପିତ୍ତ କଫର ସମ୍ବନ୍ଧ ସୂକ୍ଷ୍ମ ଶରୀର—ଆଧ୍ୟାତ୍ମିକ ଜଗତ୍ ସହିତ ଏବଂ ରୁକ୍ଷାଦି ତ୍ରିଗୁଣଯୁକ୍ତ ବାତ ପିତ୍ତ କଫର ସମ୍ବନ୍ଧ ସ୍ଥୂଳ ଶରୀର ଓ ଆଧିଭୌତିକ ଜଗତ୍ ସହିତ ଅଟେ । ଅତଏବ ସୂକ୍ଷ୍ମ ଓ ଅତିସୂକ୍ଷ୍ମ ବାତ ପିତ୍ତ କଫର ସ୍ଥୂଳ ସ୍ୱରୂପ ରୁକ୍ଷ, ଉଷ୍ଣ ଓ ଶୀତ ଏବଂ ଏହି ତିନିଗୁଣର ଅତି ସ୍ଥୂଳରୂପ ବାୟୁ ଅଗ୍ନି ଓ ଜଳ ନାମକ ତିନି ମହାଭୂତ । ଏଥିମଧ୍ୟରୁ ବାୟୁର ଗତି ବା ବିଯୋଜକ ଶକ୍ତି, ପିତ୍ତର ତାପ ବା ବିଭାଜକ ଶକ୍ତି, ଏବଂ କଫର ସଂଯୋଜକ ବା ସଂହତିଶକ୍ତି ପୃଥିବୀକୁ ତଥା ପାର୍ଥିବ ଦ୍ରବ୍ୟସମୂହକୁ ଏବଂ ଆମମାନଙ୍କର ପାର୍ଥିବ ଶରୀରକୁ ଧାରଣ କରିଥାଏ । ଯଦି ଆମମାନଙ୍କର ହୃତ୍‌ପିଣ୍ଡର ଆକୁଞ୍ଚନ ପ୍ରସାରଣ ରୂପ ବାୟୁର ଗତିଶକ୍ତି ବନ୍ଦ ହୋଇଯାଏ, ଯଦି ଆମମାନଙ୍କର ଭୁକ୍ତ ଦ୍ରବ୍ୟର ପାଚନ ଓ ରସରକ୍ତାଦି ରୂପରେ ପରିବର୍ତ୍ତନ ରୂପ ପିତ୍ତର ତାପଶକ୍ତି ଲୁପ୍ତ ହୋଇଯାଏ ଏବଂ ଯଦି ଆମ୍ଭମାନଙ୍କର ଶରୀରସ୍ଥ ପ୍ରତ୍ୟେକ ଅଣୁ ପରମାଣୁର ସଂଯୋଜକ ରୂପ କଫର ସଂହତି ଶକ୍ତି ନଷ୍ଟ ହୋଇଯାଏ, ତା'ହେଲେ ଆମମାନଙ୍କର ଶରୀରର ଅସ୍ତିତ୍ୱ ରହି ନପାରେ, ଏହିପରି ସମସ୍ତ ପାର୍ଥିବ ଦ୍ରବ୍ୟ ମଧ୍ୟ ଗତି, ତାପ ଓ ସଂହତି ଶକ୍ତିଯୁକ୍ତ । ସୁତରାଂ ସେଇ ସମସ୍ତ ବାତ ପିତ୍ତ କଫାତ୍ମକ ବୋଲି ବୁଝିବାକୁ ହେବ ।

ଏହି ଦୃଶ୍ୟମାନ ସମଗ୍ର ଭୌତିକ ବ୍ରହ୍ମାଣ୍ଡ ଓ ପିଣ୍ଡସମୂହ ସତ୍ତ୍ୱରଜସ୍ତମୋମୟୀ ବାତ ପିତ୍ତ କଫରୂପିଣୀ ମହାଶକ୍ତିରହିଁ ତ୍ରିଭଙ୍ଗିମ ମୂର୍ତ୍ତି । ସୁତରାଂ ଏହି ବ୍ରହ୍ମାଣ୍ଡର ସୂକ୍ଷ୍ମ, ସ୍ଥୂଳ, ସମସ୍ତ ପଦାର୍ଥ ତିନି ତିନି ଭାଗରେ ବିଭକ୍ତ ହେବାର ଦେଖାଯାଏ । ପ୍ରଥମେ ଦେଖଯେ—

୧ ଜଗତ୍ ସୃଷ୍ଟିର ଆଦିଶବ୍ଦ ବ୍ରହ୍ମବାଚକ ଓଁକାର ତିନି ଭାଗରେ ବିଭକ୍ତ—ଅ, ଉ, ମ ।
୨ ଅନାଦି ଅପୌରୁଷେୟ ( ପାଶ୍ଚାତ୍ୟ ପଣ୍ଡିତମାନଙ୍କ ମତରେ ପୃଥିବୀର ଆଦିଗ୍ରନ୍ଥ )
ବେଦ ତିନିଭାଗରେ ବିଭକ୍ତ—ଋକ୍, ଯଜୁଃ, ସାମ ।
୩ ସମସ୍ତ ବେଦର ସାରଭୂତ ମନ୍ତ୍ର ଗାୟତ୍ରୀ— ତ୍ରିପଦା
୪ ବୈଦିକ ସ୍ୱର ତିନିଭାଗରେ ବିଭକ୍ତ—ଉଦାତ୍ତ, ଅନୁଦାତ୍ତ, ସ୍ୱରିତ
୫ ବୈଦିକମାନଙ୍କର ଉପାସ୍ୟ ଅଗ୍ନି ,, ,, ଦକ୍ଷିଣାଗ୍ନି, ଗାର୍ହପତ୍ୟ, ଆହବନୀୟ }
କିମ୍ବା ,, ,, ଜ୍ଞାନାଗ୍ନି, ଦର୍ଶନାଗ୍ନି, କୋଷ୍ଠାଗ୍ନି }

| | | | |
|---|---|---|---|
| ୬ ଶବ୍ଦ | ତିନିଭାଗରେ | ବିଭକ୍ତ | ବାଚକ, ଲକ୍ଷକ, ବ୍ୟଞ୍ଜକ |
| ୭ ଶବ୍ଦଶକ୍ତି | ,, | ,, | ଅଭିଧା, ଲକ୍ଷଣା, ବ୍ୟଞ୍ଜନା |
| ୮ ଶବ୍ଦାର୍ଥ | ,, | ,, | ବାଚ୍ୟ, ଲକ୍ଷ୍ୟ, ବ୍ୟଙ୍ଗ୍ୟ |
| ୯ ଶବ୍ଦ ପ୍ରବୃତ୍ତି | ,, | ,, | ପଶ୍ୟନ୍ତୀ, ମଧ୍ୟମା, ବୈଖରୀ |
| ୧୦ ଶବ୍ଦୋଚ୍ଚାରଣ | ,, | ,, | ହ୍ରସ୍ୱ, ଦୀର୍ଘ, ପ୍ଳୁତ |
| ୧୧ ଶବ୍ଦୋଚ୍ଚାରଣର ଆଦ୍ୟସ୍ଥ ପ୍ରତ୍ୟେକବର୍ଣ୍ଣ ତିନିରେଖାରେ | ,, | | ଶିରୋରେଖା, ମଧ୍ୟରେଖା, ଅଧୋରେଖା |
| ୧୨ ପଦ | ତିନିଭାଗରେ | ,, | ସୁବନ୍ତ, ତିଙନ୍ତ, ଅବ୍ୟୟ |
| ୧୩ ତିଙନ୍ତ କ୍ରିୟା | ,, | ,, | ବର୍ତ୍ତମାନ, ଭୂତ, ଭବିଷ୍ୟତ୍ |
| ୧୪ କ୍ରିୟାରବାଚ୍ୟ | ,, | ,, | କର୍ତ୍ତୃ, କର୍ମ, ଭାବ |
| ୧୫ କ୍ରିୟାର ବାଚ୍ୟ ପୁରୁଷ | ,, | ,, | ପ୍ରଥମ (ସେ), ମଧ୍ୟମ (ତୁ), ଉତ୍ତମ (ମୁଁ) |
| ୧୬ ବଚନ | ,, | ,, | ଏକବଚନ, ଦ୍ୱିବଚନ, ବହୁବଚନ |
| ୧୭ ତାନ୍ତ୍ରିକ ପ୍ରଧାନ ବୀଜାକ୍ଷର | ,, | ,, | ହ୍ରୀଁ, ଶ୍ରୀଁ, କ୍ଲୀଁ |
| ୧୮ ସାହିତ୍ୟ | ,, | ,, | ପ୍ରଭୁସମ୍ମିତ, ସୁହୃତ୍‌ସମ୍ମିତ, କାନ୍ତାସମ୍ମିତ } |
| ,, କିମ୍ବା | ,, | ,, | ଶବ୍ଦପ୍ରଧାନ, ଅର୍ଥପ୍ରଧାନ, ଭାବପ୍ରଧାନ } |
| ,, ଅଥବା | ,, | ,, | ଗଦ୍ୟ, ପଦ୍ୟ, ସଙ୍ଗୀତ } |
| ୧୯ ସଙ୍ଗୀତ ସ୍ୱର ସନ୍ଦୋହ | ,, | ,, | ଷଡ଼୍‌ଜଗ୍ରାମ, ମଧ୍ୟମଗ୍ରାମ, ଗାନ୍ଧାରଗ୍ରାମ |
| ୨୦ ସମଗ୍ର ସୌରଜଗତ | ,, | ,, | ଭୂଃ, ଭୁର୍ବଃ, ସ୍ୱଃ |
| ୨୧ ଅନାଦି ଅନନ୍ତ ମହାକାଳ | ,, | ,, | ଭୂତ, ବର୍ତ୍ତମାନ, ଭବିଷ୍ୟତ୍ |
| ୨୨ ଭୂଲୋକ | ,, | ,, | ଅଶ୍ୱକ୍ରାନ୍ତ, ରଥକ୍ରାନ୍ତ, ବିଷ୍ଣୁକ୍ରାନ୍ତ |
| ୨୩ ଦେଶ | ,, | ,, | ଅନୂପ, ଜଙ୍ଗଲ, ମରୁ |
| ୨୪ ପୃଥିବୀର ମୃତ୍ତିକା | ,, | ,, | କଷାୟ, କ୍ଷାର, ମଧୁର |
| ୨୫ ପୃଥିବୀର ସମସ୍ତ ଦ୍ରବ୍ୟ | ,, | ,, | ରୂକ୍ଷ, ଉଷ୍ଣ, ଶୀତ |
| ୨୬ ଦ୍ରବ୍ୟାଶ୍ରିତ ରସ | ,, | ,, | { କଟୁ, ଅମ୍ଳ, ଲବଣ—ପିତ୍ତବର୍ଦ୍ଧକ<br>{ ମଧୁର, ଅମ୍ଳ, ଲବଣ—କଫବର୍ଦ୍ଧକ<br>{ କଟୁ, ତିକ୍ତ, କଷାୟ—ବାତବର୍ଦ୍ଧକ |
| ୨୭ ମନୁଷ୍ୟ ଜାତି | ,, | ,, | ସ୍ତ୍ରୀ, ପୁରୁଷ, ନପୁଂସକ |
| ଅଥବା | ,, | ,, | ଉତ୍ତମ, ମଧ୍ୟମ, ଅଧମ |
| ୨୮ ଗୁପ୍ତାଙ୍ଗଭେଦରେ ପୁରୁଷ | ,, | ,, | ଶଶ, ବୃଷ, ହସ୍ତ |
| ୨୯ ଗୁପ୍ତାଙ୍ଗଭେଦରେ ସ୍ତ୍ରୀ | ,, | ,, | ମୃଗୀ, ଅଶ୍ୱା, ହସ୍ତିନୀ |
| ୩୦ ବେଦାଧିକାରୀ ମନୁଷ୍ୟ | ,, | ,, | ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ |
| ୩୧ ,, ମନୁଷ୍ୟର ଆଶ୍ରମ | ,, | ,, | ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ |
| ୩୨ ,, ମନୁଷ୍ୟର ପୁରୁଷାର୍ଥ | ,, | ,, | ଧର୍ମ, ଅର୍ଥ, କାମ |
| ୩୩ ,, ମନୁଷ୍ୟର ତ୍ରିକଣ୍ଠ ବ୍ୟଞ୍ଜକ ଯଜ୍ଞୋପବୀତ— | | | ତ୍ରିଗୁଣ |
| ୩୪ ଦ୍ୱିଜାତିର ଉପାସନାକାଳ | ତିନିଭାଗରେ | ବିଭକ୍ତ | ତ୍ରିସନ୍ଧ୍ୟା |
| ୩୫ ମନୁଷ୍ୟର ମନୋବୃତ୍ତି | ,, | ,, | କ୍ଷିପ୍ତ, ମୂଢ଼, ବିକ୍ଷିପ୍ତ } |
| ଅଥବା | ,, | ,, | ଏକାଗ୍ର, ନିରୋଧ, ସମାଧି } |
| ୩୬ ମନୁଷ୍ୟର ଜ୍ଞାନ | ,, | ,, | ଦ୍ରଷ୍ଟା, ଦୃଶ୍ୟ, ଦର୍ଶନ |
| ୩୭ ,, ଅନୁସନ୍ଧାନ | ,, | ,, | ପ୍ରାଣାନୁସନ୍ଧାନ, ଧନାନୁସନ୍ଧାନ, ପରଲୋକାନୁସନ୍ଧାନ |
| ୩୮ ,, ବିଶ୍ୱଶାସନ ଶକ୍ତି | ,, | ,, | ପ୍ରଭୁଶକ୍ତି, ଉତ୍ସାହଶକ୍ତି, ମନ୍ତ୍ରଶକ୍ତି |

| | | | |
|---|---|---|---|
| ୩୯ | ମନୁଷ୍ୟର ସୃଷ୍ଟୀୟ ଯୁକ୍ତି | ତିନିଭାଗରେ ବିଭକ୍ତ | ଜଳଯୁକ୍ତି, ସ୍ଥଳଯୁକ୍ତି ଓ ସୃଷ୍ଟୀୟ ଯୁକ୍ତି |
| ୪୦ | ,, ଋଣ | ,, ,, | ଦେବଋଣ, ପିତୃଋଣ, ଋଷିଋଣ |
| ୪୧ | ,, କର୍ମ | ,, ,, | ପ୍ରାରବ୍ଧ, ସଞ୍ଚିତ ଭବିଷ୍ୟତ୍ |
| ୪୨ | ,, ଦୁଃଖ | ,, ,, | ଆଧ୍ୟାତ୍ମିକ, ଆଧିଭୌତିକ, ଆଧିଦୈବିକ |
| ୪୩ | ,, ପାପ ଓ ଚେଷ୍ଟା | ,, ,, | କାୟିକ, ବାଚିକ, ମାନସିକ |
| ୪୪ | ,, ମନୋଗ୍ରନ୍ଥି | ,, ,, | ବ୍ରହ୍ମଗ୍ରନ୍ଥି, ବିଷ୍ଣୁଗ୍ରନ୍ଥି ଓ ରୁଦ୍ରଗ୍ରନ୍ଥି |
| ୪୫ | ,, ମୁକ୍ତି | ,, ,, | ସାଯୁଜ୍ୟ, ସାରୂପ୍ୟ, ସାଲୋକ୍ୟ |
| ୪୬ | ,, ମୁକ୍ତିଲାଭର ଉପାୟ | ,, ,, | ଜ୍ଞାନ, କର୍ମ, ଭକ୍ତି |
| ୪୭ | ,, ପ୍ରସ୍ଥାନ ତ୍ରୟୀ | ,, ,, | ଉପନିଷଦ୍, ବ୍ରହ୍ମସୂତ୍ର ଓ ଗୀତା |

ଏଥିର ପରେ ଆମମାନଙ୍କର ଶରୀରକୁ ଦେଖ —

| | | | |
|---|---|---|---|
| ୪୮ | ଶରୀର | ତିନିଭାଗରେ ବିଭକ୍ତ | ସ୍ଥୂଳ, ସୂକ୍ଷ୍ମ ଓ କାରଣ |
| ୪୯ | ଶରୀରର ପ୍ରକୃତି | ,, ,, | ବାତପ୍ରକୃତି, ପିତ୍ତପ୍ରକୃତି, କଫପ୍ରକୃତି |
| | ଅଥବା | | ସାତ୍ତ୍ୱିକ, ରାଜସ, ତାମସ |
| | କିମ୍ବା | | ମନୁଷ୍ୟ, ଦେବତା, ରାକ୍ଷସ |
| ୫୦ | ଶରୀର ପରିଣାମ | ,, ,, | ଜନ୍ମ, ସ୍ଥିତି, ମୃତ୍ୟୁ |
| ୫୧ | ,, ଅବସ୍ଥା | ,, ,, | ଜାଗରଣ, ସ୍ୱପ୍ନ, ନିଦ୍ରା |
| ୫୨ | ,, ବୟସ | ,, ,, | ବାଲ୍ୟ, ଯୌବନ, ବାର୍ଦ୍ଧକ୍ୟ |
| ୫୩ | ,, ଗୁହା | ,, ,, | ଶିରୋଗୁହା, ଉରୋଗୁହା, ଉଦରଗୁହା |
| ୫୪ | ,, ସଂସ୍ଥାନ | ,, ,, | ଊର୍ଦ୍ଧ୍ୱକାୟ, ମଧ୍ୟକାୟ, ଅଧଃକାୟ |
| ୫୫ | ,, କରଚରଣାଦି ଅବୟବ | ,, ,, | ତିନି ତିନି ଖଣ୍ଡ |
| ୫୬ | ,, ଗୁପ୍ତାଙ୍ଗ | ,, ,, | ତ୍ର୍ୟବୟବ ବା ତ୍ରିକୋଣାକାର |
| ୫୭ | ,, ଆୟୁର୍ବେଦ ଓ ତାର କାୟଚିକିତ୍ସା | ,, ,, | ହେତୁସ୍କନ୍ଧ, ଲକ୍ଷଣସ୍କନ୍ଧ, ଚିକିତ୍ସାସ୍କନ୍ଧ |
| ୫୮ | ରୋଗ | ,, ,, | ଶାରୀରିକ, ମାନସିକ, ସ୍ୱାଭାବିକ |
| | | ଅଥବା — | ଦୋଷଜ, ଆଗନ୍ତୁଜ, ମାନସ |
| | | କିମ୍ବା — | ବାତଜ, ପିତ୍ତଜ, କଫଜ |
| ୫୯ | ରୋଗର କାରଣ | ତିନିଭାଗରେ ବିଭକ୍ତ | ଅହିତକର ଇନ୍ଦ୍ରିୟାର୍ଥ ସଂଯୋଗ, ପ୍ରଜ୍ଞାପରାଧ, ପରିଣାମ |
| ୬୦ | ରୋଗମାର୍ଗ | ,, ,, | ଶାଖା, ମର୍ମାସ୍ଥିସନ୍ଧି, କୋଷ୍ଠ |
| ୬୧ | ରୋଗ ପରୀକ୍ଷା | ,, ,, | ପ୍ରତ୍ୟକ୍ଷ, ଅନୁମାନ, ଆପ୍ତୋପଦେଶ<br>ଦର୍ଶନ, ସ୍ପର୍ଶନ, ପ୍ରଶ୍ନ |
| ୬୨ | ରୋଗମାନଙ୍କର କ୍ଷୟ ବୃଦ୍ଧିର କାରଣ କାଳ | ,, ,, | ବର୍ଷା, ଗ୍ରୀଷ୍ମ, ଶୀତ<br>ପୂର୍ବାହ୍ଣ, ମଧ୍ୟାହ୍ନ, ସାୟାହ୍ନ<br>ପୂର୍ବରାତ୍ରି, ମଧ୍ୟରାତ୍ରି, ଶେଷରାତ୍ରି |
| ୬୩ | ଔଷଧ | ,, ,, | ଜାଙ୍ଗମ, ଔଦ୍ଭିଦ, ପାର୍ଥିବ<br>ଦିବ୍ୟ, ପାର୍ଥିବ, ଜଳୀୟ |
| ୬୪ | ଚିକିତ୍ସା | ,, ,, | କର୍ଷଣ, ବୃଂହଣ, ଆସ୍ଥାପନ<br>ଦୈବବ୍ୟପାଶ୍ରୟ, ଯୁକ୍ତିବ୍ୟପାଶ୍ରୟ, ସତ୍ତ୍ୱାବଜୟ |
| ୬୫ | ବୈଦ୍ୟ | ,, ,, | ଛଦ୍ମବେଶୀ, ସିଦ୍ଧସାଧିତ, ପ୍ରାଣାଭିସର |

ଏହିପରି ସମଗ୍ର ପିଣ୍ଡ ଓ ବ୍ରହ୍ମାଣ୍ଡର ସ୍ଥୂଳ, ସୂକ୍ଷ୍ମ ସମସ୍ତ ପଦାର୍ଥ ମଧ୍ୟରେ ମହାଶକ୍ତିର ତ୍ରିଭଙ୍ଗିମ ପ୍ରକାଶ ପ୍ରତ୍ୟକ୍ଷ, ଅନୁମାନ ଓ ଆପ୍ତୋପଦେଶ ରୂପ ତ୍ରିବିଧ ପ୍ରମାଣ ଦ୍ୱାରା ହୃଦୟଙ୍ଗମ କଲେ ଆୟୁର୍ବେଦୀୟ ତ୍ରିଧାତୁ ବାଦ ଓ ତା'ର ଦ୍ରବ୍ୟଗୁଣ ବିଜ୍ଞାନ ଯେ—କି ଗଭୀର କି ବିଶାଳ କି ଅଟଳ ସତ୍ୟଭିତ୍ତି ଉପରେ ପ୍ରତିଷ୍ଠିତ, ତାର ଭାବନା ଓ ଆଲୋଚନା ହୃଦୟକୁ ବିସ୍ମୟରେ ସ୍ତମ୍ଭିତ କରେ । ବୋଧହୁଏ ଯେ—ଏହିପରି ବିଶ୍ୱ ପ୍ରକୃତି ସହିତ ସମନ୍ୱିତ, ସାର୍ବକାଳିକ, ସାର୍ବଦେଶିକ, ସର୍ବୋପଯୋଗ, ସତ୍ୟ ବିଜ୍ଞାନ ଈଶ୍ୱରୀୟ ପ୍ରତିଭା ବ୍ୟତିରେକେ ସାଧାରଣ ମନୁଷ୍ୟର ବୁଦ୍ଧି ଗମ୍ୟ ହୋଇ ନ ପାରେ ।

ଏ ସବୁ ପ୍ରମାଣରୁ ପାଠକମାନେ ଏଠାରେ ବୁଝିବାକୁ ହେବ ଯେ—ଆମ୍ଭମାନଙ୍କର ଜନ୍ମ ସ୍ଥିତି ଓ ମୃତ୍ୟୁର କାରଣ ମହାକାଳ—ବାତପିତ୍ତ କଫାତ୍ମକ, ଦେଶ ବାତପିତ୍ତ କଫାତ୍ମକ, ସମସ୍ତ ଦ୍ରବ୍ୟ ବାତ ପିତ୍ତ କଫାତ୍ମକ, ସମସ୍ତ ଶରୀର ବାତପିତ୍ତ କଫାତ୍ମକ, ଏବଂ ଆମମାନଙ୍କର କାୟିକ, ବାଚିକ ଓ ମାନସିକ ସମସ୍ତ କର୍ମ ବାତପିତ୍ତ କଫାତ୍ମକ ଅଟେ ।

ଆମ୍ଭମାନଙ୍କର ଶରୀର ସ୍ଥିତ ବାତ ପିତ୍ତ ଓ କଫର କ୍ଷୟ ବା ବୃଦ୍ଧିକୁ ରୋଗ ବୋଲାଯାଏ । ତ୍ରିଧାତୁର ଏହି କ୍ଷୟ ଓ ବୃଦ୍ଧିର କାରଣ ଏହି ଯେ—ବିଜାତୀୟ ଓ ସଜାତୀୟ ଦ୍ରବ୍ୟ ସଂଯୋଗ । ଏଥି ସମ୍ବନ୍ଧେ ଚରକ ଲେଖିଛନ୍ତି ଯେ—

ସର୍ବଦା ସର୍ବଭାବାନାଂ ସାମାନ୍ୟଂ ବୃଦ୍ଧି କାରଣମ୍ ହ୍ରାସ ହେତୁ ର୍ବିଶେଷଶ୍ଚ
ପ୍ରବୃତ୍ତିରୁଭୟସ୍ୟତୁ ତୁଲ୍ୟାର୍ଥତା ହି ସାମାନ୍ୟଂ ବିଶେଷସ୍ତୁ ବିପର୍ଯ୍ୟୟଃ ।

ଅର୍ଥାତ୍ ଆମ୍ଭମାନଙ୍କର ଶରୀର ସ୍ଥିତ ବାତ ପିତ୍ତ, ଓ କଫ ସଜାତୀୟ ଦ୍ରବ୍ୟଯୋଗରେ ବଢ଼େ ଏବଂ ବିଜାତୀୟ ଦ୍ରବ୍ୟଯୋଗରେ କ୍ଷୀଣ ହୋଇଯାଏ ।

ଏହି ତ୍ରିଧାତୁର କ୍ଷୟ ଓ ବୃଦ୍ଧି ରୂପ ବିଷମତାର ନାମ ରୋଗ ଏବଂ ଏମାନଙ୍କର ସ୍ୱାଭାବିକ ସାମ୍ୟ ସ୍ଥିତିର ନାମ ସ୍ୱାସ୍ଥ୍ୟ ବା ଆରୋଗ୍ୟ ।

ଅତଏବ ଯେଉଁମାନେ ରୋଗଶାନ୍ତି ଓ ସ୍ୱାସ୍ଥ୍ୟ କାମନା କରନ୍ତି, ସେମାନଙ୍କ ପକ୍ଷରେ ଆୟୁର୍ବେଦୀୟ ତ୍ରିଧାତୁ ବାଦ ସଂଯୁକ୍ତ ଦ୍ରବ୍ୟଗୁଣ ବିଜ୍ଞାନ ଯେ—ଏକାନ୍ତ ପ୍ରୟୋଜନ, ଏଥିସମ୍ବନ୍ଧେ ଏଠାରେ ଆଉ ଅଧିକ କହିବା ଅନାବଶ୍ୟକ ।

## ଆୟୁର୍ବେଦୀୟ ଅଗ୍ନୀଷୋମବାଦ ଓ ପାଶ୍ଚାତ୍ୟ ପଦାର୍ଥ ଶକ୍ତି ବିଜ୍ଞାନ

ଆୟୁର୍ବେଦରେ ପୁରୁଷ ଏବଂ ତା'ର ରୋଗ ଓ ଆରୋଗ୍ୟର କାରଣ କଳ୍ପନା ପ୍ରସଙ୍ଗରେ ଦ୍ରବ୍ୟମାନଙ୍କର ମୌଳିକ ତତ୍ତ୍ୱକୁ ସମ୍ମୁଖରେ ରଖି ନାନା ମୁନିଙ୍କର ନାନା ମତବାଦ ଉଲ୍ଲେଖ କରାଯାଇଛି । ସେଥି ମଧ୍ୟରୁ ଅଗ୍ନୀଷୋମ ବାଦ ସହିତ ଆଧୁନିକ ପାଶ୍ଚାତ୍ୟ ପଦାର୍ଥ ବିଜ୍ଞାନର ବହୁତ ସାମଞ୍ଜସ୍ୟ ଦେଖିବାକୁ ମିଳେ । ଏମନ୍ତ କି ଉଭୟ ବିଜ୍ଞାନର ମୌଳିକ ସିଦ୍ଧାନ୍ତ ଏକରୂପ । ଅଗ୍ନୀଷୋମବାଦ କହେ ଯେ—ପିଣ୍ଡ ଓ ବ୍ରହ୍ମାଣ୍ଡର ମୂଳ ଉପାଦାନ ସୂର୍ଯ୍ୟଶକ୍ତି ଓ ସୋମଶକ୍ତି । ଏହି ଦୁଇଟି ଶକ୍ତିକୁ ସୌରବିଦ୍ୟୁତ୍ ଓ ସୌମ୍ୟ ବିଦ୍ୟୁତ୍ ବୋଲାଯାଇ ପାରେ । ପାଶ୍ଚାତ୍ୟ ବୈଜ୍ଞାନିକ ଭାଷାରେ ପ୍ରଥମଟିକୁ ଧନବିଦ୍ୟୁତ୍ ବା (Positive, Electricel Current) ଏବଂ ଦ୍ୱିତୀୟଟିକୁ ଋଣବିଦ୍ୟୁତ୍ ବା (Negative Electricel Current) ବୋଲାଯାଏ । ସୂର୍ଯ୍ୟ ସୋମାତ୍ମକ ତାମ୍ର ଓ ଖର୍ପର ଏହି ଦୁଇଧାତୁର ତାରକୁ ଅବଲମ୍ବନ କରି ଏହି ଉଭୟ ପ୍ରକାର ବିଦ୍ୟୁତ୍ ଧାରା ପ୍ରବାହିତ ହୁଏ ଏବଂ ଏହି ଦୁଇଟି ଶକ୍ତିରେହିଁ ସମସ୍ତ ଜଗତ୍ ପରିବ୍ୟାପ୍ତ ବୋଲି ପାଶ୍ଚାତ୍ୟ ପଣ୍ଡିତ-ମାନଙ୍କର ଅନୁଭବାତ୍ମକ ସିଦ୍ଧାନ୍ତ । ସୁତରାଂ ଅଗ୍ନୀଷୋମବାଦୀର ମତରେ "ସୂର୍ଯ୍ୟସୋମାତ୍ମକଂ ଜଗତ୍" ବୋଲି ଯାହା କୁହା ଯାଇଛି, ତା' ସହିତ ପାଶ୍ଚାତ୍ୟ ବୈଜ୍ଞାନିକ ସିଦ୍ଧାନ୍ତର କୌଣସି ପାର୍ଥକ୍ୟ ଦେଖାଯାଏ ନାହିଁ ।

ଅଗ୍ନୀଷୋମବାଦୀର ଦୃଷ୍ଟିରେ ଜଣାଯାଏ ଯେ—ଜଗତରେ ଏହି ଯେ—ଦିବସ—ରାତ୍ରି, ଆଲୋକ—ଅନ୍ଧକାର, ଶୁକ୍ଳ—କୃଷ୍ଣ, ଜ୍ଞାନ—ଅଜ୍ଞାନ, ରୌଦ୍ର—ସୌମ୍ୟ, ଭାବ—ଅଭାବ, ନାମ—ରୂପ, ଅସ୍ତି—ନାସ୍ତି, ଜଡ଼—ଚେତନ, ଚର—ସ୍ଥିର, ସୃଷ୍ଟି—ଧ୍ୱଂସ, ଜନ୍ମ—ମୃତ୍ୟୁ, ଆଧାର—ଆଧେୟ, ଏବଂ ବ୍ୟକ୍ତ—ଅବ୍ୟକ୍ତାଦି ରୂପରେ ସବୁ ଦ୍ୱନ୍ଦ୍ୱର ବିପରୀତ ପୁଞ୍ଜିତ ସମାବେଶ ପ୍ରତ୍ୟକ୍ଷ ହୁଏ, ଏହି ସମସ୍ତର ମୂଳ କାରଣ ସୌରବିଦ୍ୟୁତ୍ର ପ୍ରକାଶ ବୈଚିତ୍ର୍ୟ ଛଡ଼ା ଅନ୍ୟ କିଛି ନୁହେଁ ।

ଏହି ଦୃଶ୍ୟମାନ ସମସ୍ତ ଜଗତ୍ ଅଗ୍ନୀଷୋମାତ୍ମକ । ସୁତରାଂ ଜଗତର ସମସ୍ତ ଦ୍ରବ୍ୟ ସମସ୍ତ ରୋଗ ଏବଂ ହରକ ପ୍ରକାର ଚିକିତ୍ସା ଆଗ୍ନେୟ କିମ୍ବା ସୌମ୍ୟ । ପ୍ରଥମେ ଦେଖ ଯେ—ପୁରୁଷ ଉତ୍ପତ୍ତିର କାରଣ—ରଜୋବୀର୍ଯ୍ୟ, ଆଗ୍ନେୟ ଓ ସୌମ୍ୟ (ଶୁକ୍ରଂ ସୌମ୍ୟମାର୍ତ୍ତବମାଗ୍ନେୟମ୍) ପୁରୁଷର ଶ୍ୱାସ-ଆଗ୍ନେୟ, ପ୍ରଶ୍ୱାସ-ସୌମ୍ୟ, ପୁରୁଷର ଦକ୍ଷିଣ ଭାଗ ପିଙ୍ଗଳାନାଡ଼ୀ ଆଗ୍ନେୟ

ଏବଂ ବାମଭାଗ ଇଡ଼ାନାଡ଼ୀ ସୌମ୍ୟ । ପୁରୁଷର ରସ ପ୍ରଧାନ ସମସ୍ତ ଖାଦ୍ୟ ପାନୀୟ ମଧ୍ୟ ଅଗ୍ନୀଷୋମାତ୍ମକ । କଟୁ, ଅମ୍ଳ ଓ ଲବଣ ରସ ପ୍ରଧାନ ଦ୍ରବ୍ୟ ଆଗ୍ନେୟ ଏବଂ ମଧୁର ତିକ୍ତ କଷାୟ ରସ ପ୍ରଧାନ ଦ୍ରବ୍ୟ ସୌମ୍ୟ ଅଟେ । ଏହିପରି କାଳ ମଧ୍ୟ ଅଗ୍ନୀଷୋମାତ୍ମକ ଅଟେ । ଯଥା—ଦିବସ-ଆଗ୍ନେୟ, ରାତ୍ରି—ସୌମ୍ୟ । ଉତ୍ତରାୟଣ ବା ଆଦାନକାଳ ଆଗ୍ନେୟ, ଦକ୍ଷିଣାୟନ ବା ବିସର୍ଗ କାଳ ସୌମ୍ୟ ଅଟେ । ଏହିପରି ପୃଥିବୀର ଉଷ୍ଣକଟିବନ୍ଧ—ଆଗ୍ନେୟ, ଶୀତ କଟିବନ୍ଧ ସୌମ୍ୟ । ଏହିପରି ଶରୀରସ୍ଥ ପିତ୍ତଧାତୁ ଆଗ୍ନେୟ, କଫଧାତୁ ସୌମ୍ୟ । ଏହିପରି ପୈତ୍ତିକ ସମସ୍ତ ରୋଗ ଆଗ୍ନେୟ, ଶ୍ଳୈଷ୍ମିକ ସମସ୍ତ ରୋଗ ସୌମ୍ୟ ଅଟେ । ସେ ହେତୁରୁ ବୋଲାଯାଇଅଛି —

ଶୀତେନୋଷ୍ଣକୃତାନ୍ ରୋଗାନ୍ ଶମୟନ୍ତି ଭିଷଗ୍ବିଦଃ ଯେ ଚ ଶୀତକୃତା ରୋଗାସ୍ତେଷାମୁଷ୍ଣଂହି ଭେଷଜମ୍ ।

ଏହି ମତରେ ଶରୀରସ୍ଥ ଅଗ୍ନୀଷୋମାତ୍ମକ ପିତ୍ତକଫ ଧାତୁର ବୈଷମ୍ୟକୁ ରୋଗ ଏବଂ ଏହି ଦୁଇଟିର ସ୍ୱାଭାବିକ ସାମ୍ୟସ୍ଥିତିକୁ ଆରୋଗ୍ୟ ବୋଲାଯାଏ ।

ଆମର ଯୋଗ ଶାସ୍ତ୍ରରେ ଶରୀରର ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ପ୍ରତିଦିନ ଅନୁଲୋମ ବିଲୋମ ପ୍ରାଣାୟାମ ଅଭ୍ୟାସ କରିବା ବୋଲି ଯେଉଁ ଉପଦେଶ ଅଛି, ଶରୀରସ୍ଥ ଏହି ଆଗ୍ନେୟ ଓ ସୌମ୍ୟ ବିଦ୍ୟୁତ୍ତର ସମତା ବିଧାନହିଁ ତା'ର ଉଦ୍ଦେଶ୍ୟ ଏବଂ ଆଧୁନିକ ବୈଜ୍ଞାନିକମାନଙ୍କର ଆବିଷ୍କୃତ ବୈଦ୍ୟୁତିକ ଚିକିତ୍ସାର ମଧ୍ୟ ଏହାହିଁ ମୂଳ ସିଦ୍ଧାନ୍ତ ।

ଏହି ମତରେ ପାଞ୍ଚଭୌତିକ ସମସ୍ତ ଦ୍ରବ୍ୟର ଗୁଣ ମଧ୍ୟ ଅଗ୍ନୀଷୋମାତ୍ମକ ଅର୍ଥାତ୍ ଲଘୁ-ଗୁରୁ, ରୁକ୍ଷ-ସ୍ନିଗ୍ଧ, ତୀକ୍ଷ୍ଣ-ମନ୍ଦ, ସର-ସ୍ଥିର, ମୃଦୁ—କଠିନ, ବିଶଦ-ପିଚ୍ଛିଳ, ଖର-ଶ୍ଲକ୍ଷ୍ଣ, ସୂକ୍ଷ୍ମ-ସ୍ଥୂଳ, ସାନ୍ଦ୍ର—ଦ୍ରବ ଏବଂ ଉଷ୍ଣ ଓ ଶୀତ ଏହି ସମସ୍ତ ଦ୍ରବ୍ୟ ଗୁଣ ମଧ୍ୟ ସୂର୍ଯ୍ୟ ଓ ସୋମ ଶକ୍ତିର ଅଧୀନ । ସେ ହେତୁରୁ ବାଗ୍ଭଟ ଲେଖିଛନ୍ତି—

"ନାନାତ୍ମକ ମପି ଦ୍ରବ୍ୟ ମଗ୍ନୀ ଷୋମୌ ମହାବଲୌ,
ବ୍ୟକ୍ତା ବ୍ୟକ୍ତଂ ଜଗଦିବ ନାତିକ୍ରମତି ଜାତୁଚିତ୍ ॥"

ଅର୍ଥାତ୍ ଜଗତର ସମସ୍ତ ଦ୍ରବ୍ୟ ଯେପରି ବ୍ୟକ୍ତ ଓ ଅବ୍ୟକ୍ତ ଭେଦରେ ଦୁଇ ଭାଗରେ ବିଭକ୍ତ । ସେହିପରି ସମସ୍ତ ଦ୍ରବ୍ୟର ଗୁଣ ମଧ୍ୟ ଆଗ୍ନେୟ ଓ ସୌମ୍ୟ ଭେଦରେ ଦୁଇଭାଗରେ ବିଭକ୍ତ ଅଟେ ।

ଅଗ୍ନୀଷୋମବାଦୀ ମତରେ ସୂର୍ଯ୍ୟ ଓ ଚନ୍ଦ୍ର ଯେପରି ବ୍ରହ୍ମାଣ୍ଡର ସୁଖ, ଦୁଃଖ, ହାନି, ଲାଭ, ରୋଗ ଓ ଆରୋଗ୍ୟର କାରଣ । ସେହିପରି ମଧ୍ୟ ପ୍ରତ୍ୟେକ ପିଣ୍ଡରେ ପିଙ୍ଗଳା ଓ ଇଡ଼ା ନାଡ଼ୀକୁ ଅବଲମ୍ବନ କରି ବହୁଥିବା ସୌର ବିଦ୍ୟୁତ୍ ସୌମ୍ୟ ବିଦ୍ୟୁତ୍ ଶରୀରର ସୁଖ ଦୁଃଖ, ଜୟ ପରାଜୟ, ରୋଗ ଆରୋଗ୍ୟ, ବନ୍ଧନ ଓ ମୁକ୍ତିର କାରଣ ଅଟେ ।

ସାର କଥାଟି ଏହିଯେ—ଅଗ୍ନୀଷୋମବାଦ ଯେପରି ବିଶ୍ୱ ପ୍ରକୃତି ମହାଶକ୍ତିର ପରସ୍ପର ବିରୋଧୀ ଅଥଚ ପରସ୍ପର ପୋଷୀ ଦ୍ୱିବିଧ ପ୍ରକାଶ ଆଲୋଚନା କରେ । ପାଶ୍ଚାତ୍ୟ ପଦାର୍ଥ ଶକ୍ତି ବିଜ୍ଞାନ ମଧ୍ୟ ସେହିପରି ।

ଉଭୟେ ହିଁ ଶକ୍ତିର ଉଭୟମୁଖୀ ପ୍ରକାଶର ନିୟାମକ ଦ୍ୱୈବିଧ୍ୟ ବିଦ୍ୟୁତ୍ ପ୍ରତି ଦୃଷ୍ଟି ଦେଇ ନାହାନ୍ତି । ଅର୍ଥାତ୍ ଶବ୍ଦ ଅର୍ଥ, ନାମ ରୂପାଦି ସମସ୍ତ ଦ୍ୱୈତ ପ୍ରପଞ୍ଚ ଯେଉଁ ଭୂମିରେ ସମାନ, ସେହି ଜଗତର କେନ୍ଦ୍ର ସ୍ଥାନସ୍ଥ ପର ଓ ଅପର ଶକ୍ତିର ଯୋଗ ଭୂମିପ୍ରତି ଉଭୟ ବିଜ୍ଞାନର ଦୃଷ୍ଟିପାତ ହୋଇନାହିଁ । ଅଗ୍ନୀ ଷୋମ ବାଦ ପରି ପାଶ୍ଚାତ୍ୟ ପଦାର୍ଥ ଶକ୍ତି ବିଜ୍ଞାନ ଶକ୍ତିର ଚକ୍ରାକାର ଗତି (Circylar Movement) ଏବଂ ସରଳ ଗତି (Straight Movement) ଜାଣେ କିନ୍ତୁ ଶକ୍ତି ତ୍ରିଭୁଜାକୃତି ଗତି (Triungylur Movement) ପାଶ୍ଚାତ୍ୟ ବିଜ୍ଞାନ ଆଲୋଚନା କରିନାହିଁ । ସୁତରାଂ ତାହା ଏକଦେଶୀ; ଅପୂର୍ଣ୍ଣ । ଏଠାରେ ପୂର୍ବୋକ୍ତ ଉଦାହରଣ ଓ ପ୍ରମାଣରୁ ବୁଝିବାକୁ ହେବଯେ, ବିଶ୍ୱ ପ୍ରକୃତି ମହାଶକ୍ତିର ତ୍ରିଭୁଜାକୃତି ଚକ୍ର ବା ତ୍ରିଭଙ୍ଗିମ ପ୍ରକାଶ ଜ୍ଞାନହିଁ ପ୍ରକୃତ ବିଜ୍ଞାନ । ଯାହା ଶକ୍ତି ପ୍ରକାଶର ଏକାଂଶକୁ ଜାଣେ, ଅପର ଅଂଶକୁ ଜାଣେ ନାହିଁ, ସେହି ଅଜ୍ଞାନ ମିଶ୍ରିତ ବିଜ୍ଞାନ ପ୍ରକୃତ ବିଜ୍ଞାନ ପଦବାଚ୍ୟ ନୁହେଁ । ତାହା ବିଜ୍ଞାନାଭାସ ମାତ୍ର । ଉପନିଷଦରେ ଲେଖାଅଛି ଯେ—"ସତ୍ୟଂ ବିଜ୍ଞାନମାନନ୍ଦଂ ବ୍ରହ୍ମ" ଅର୍ଥାତ୍ ଯାହା ବିଜ୍ଞାନ; ତାହା ସତ୍ୟାତ୍ମକ ଏବଂ ଯାହା ସତ୍ୟ ତାହା ବିଜ୍ଞାନାତ୍ମକ । ବିଜ୍ଞାନହୀନ ସତ୍ୟ ଓ ସତ୍ୟହୀନ ବିଜ୍ଞାନର ପ୍ରତିଷ୍ଠା ଅସମ୍ଭବ । ସତ୍ୟ ବିଜ୍ଞାନହିଁ ଆନନ୍ଦମୟ

ପୂର୍ଣ୍ଣ ସ୍ୱରୂପ ବ୍ରହ୍ମ । ଯହିଁରେ ଅଜ୍ଞାନ ଅଛି, ଅପୂର୍ଣ୍ଣତା ଅଛି, ତାହା ସତ୍ୟ ବିଜ୍ଞାନ ହୋଇ ନ ପାରେ । ପାଶ୍ଚାତ୍ୟ ବିଜ୍ଞାନ କେବଳ ଜଡ଼ଶକ୍ତି ବିଜ୍ଞାନ, ସେଥିରେ କେବଳ ଅପରା ଶକ୍ତିରକଥା ବିଚାର କରାଯାଇଛି । କିନ୍ତୁ ତାହା ପରାଶକ୍ତି ଓ ମାହେଶ୍ୱରୀ ଶକ୍ତିର ବିଚାରର ବହୁତ ଦୂରରେ ଅବସ୍ଥିତ । ଅବଶ୍ୟ ଆଜି ଜଡ଼ ଶକ୍ତି ବିଜ୍ଞାନ ଜଡ଼ ଜଗତର ଓ ଜଡ଼ ଶରୀରର ସୁଖ ସମୃଦ୍ଧି ପାଇଁ ବହୁବିଧ ଆଶ୍ଚର୍ଯ୍ୟ ଜନକ ଉପାୟ ଉଦ୍ଭାବନ କରିଅଛି, ଏହା ସତ୍ୟ । କିନ୍ତୁ ଜଡ଼ ଓ ଚେତନର ଯୋଗ ମିଳନ କ୍ଷେତ୍ର, ସେଇ ସଜୀବ ଶରୀର ଉପରେ ଏକଦେଶୀ ଅପୂର୍ଣ୍ଣ ଜଡ଼ ଆସୁର ବିଜ୍ଞାନ ଆଜି ଘୋର ଅତ୍ୟାଚାର କରୁଛି । କେବଳ କାର୍ଯ୍ୟ ଜଗତର ସୁବିଧା ପ୍ରତି ନିରନ୍ତର ଦୃଷ୍ଟି ଦେଇ କାରଣ ଜଗତର କଥା ଜଡ଼ ବିଜ୍ଞାନ ଭୁଲି ଯାଉଛି । "ଜନିଷ୍ୟାମି ଜନିଷ୍ୟାମି ଜନିଷ୍ୟାମିତି ଚିନ୍ତୟା, ମରିଷ୍ୟାମି ମରିଷ୍ୟାମି ମରିଷ୍ୟାମୀତି ବିସ୍ମୃତମ୍ ।" ଆଜି ଜଡ଼ ବିଜ୍ଞାନର ଏହି ଦଶା ଘଟିଛି, ସେ ହେତୁରୁ ଆଜି ଜଡ଼ଶକ୍ତି ବୈଜ୍ଞାନିକ ଅସୁରର ଅତ୍ୟାଚାରରେ ସମଗ୍ର ପୃଥିବୀରେ ସର୍ବତ୍ର ହାହାକାର, ଅନୀତି, ଅସନ୍ତୋଷ, ଅଶାନ୍ତି ଓ ଅତୃପ୍ତିର ଜ୍ୱାଳା ହୃଦୟ ଭେଦକରି ଫୁଟି ଉଠିଛି, ସର୍ବତ୍ର ଚୌର୍ଯ୍ୟ, ପ୍ରତାରଣା, ମିଥ୍ୟାଚାର, ବ୍ୟଭିଚାର, ପରସ୍ୱଲୁଣ୍ଠନ, ଏବଂ ଏକ ନିମିଷରେ ଲକ୍ଷଲକ୍ଷ ନିରପରାଧ ପ୍ରାଣୀ ହତ୍ୟାର ଚେଷ୍ଟା ଆଜି ଜଡ଼ ବିଜ୍ଞାନର ବିଶେଷ ପରିଚୟ ଓ ଏକାନ୍ତ ଉପାଦେୟ ରୂପରେ ଦେଖା ଦେଉଛି । ଶରୀରର କାରଣ, ରୋଗର କାରଣ ଏବଂ ରୋଗ ନିବୃତ୍ତିର କାରଣ କଲାପ ମଧ୍ୟରେ ସମନ୍ୱୟ ବିଧାନ ସିଦ୍ଧାନ୍ତ ଜଡ଼ବିଜ୍ଞାନ ମଧ୍ୟରେ ନାହିଁ । ସେହିହେତୁରୁ ଜଡ଼ ବୈଜ୍ଞାନିକର ଏଲୋପ୍ୟାଥିକ ଚିକିତ୍ସା ପଦ୍ଧତି ଏବଂ ତା'ର ଉଦ୍ଭାବିତ ଔଷଧାବଳୀର ପ୍ରୟୋଗ ସଜୀବ ଶରୀର ଉପରେ ଅନିଷ୍ଟକର, ଅକଲ୍ୟାଣକର ବୋଲି ସେଇ ପାଶ୍ଚାତ୍ୟ ବୈଜ୍ଞାନିକ ହୋମିଓପ୍ୟାଥି ଚିକିତ୍ସାର ଆବିଷ୍କାରକ ହେନିମାନ ପ୍ରଭୃତି ପ୍ରମାଣିତ କରିଯାଇ ଅଛନ୍ତି । ଯେଉଁସବୁ ତତ୍ତ୍ୱ ଜାଣିବା ପାଇଁ ଋତମ୍ଭରାପ୍ରଜ୍ଞା, ଆଗମ ପ୍ରମାଣ, ଈଶ୍ୱରୀୟ ପ୍ରତିଭା, ଏବଂ ଯୋଗଜ ଦିବ୍ୟ ଚକ୍ଷୁ ଆବଶ୍ୟକ, ସେଇ ସବୁ ଅବାଙ୍ମନସ ଗୋଚର ତତ୍ତ୍ୱ ଜଡ଼ଯନ୍ତ୍ରର ସାହାଯ୍ୟରେ, କେବଳ ପ୍ରତ୍ୟକ୍ଷ ଓ ଅନୁମାନ ପ୍ରମାଣ ଉପରେ ନିର୍ଭର କରି ବୁଝିବାକୁ ଚେଷ୍ଟା କରୁଛି, ଜଡ଼ବିଜ୍ଞାନ ସେଇ ହେତୁରୁହିଁ ତା'ର ଏହି ଦୁର୍ଦ୍ଦଶା । ଯାହା ହେଉ ଏଠାରେ ଆଉ ଏକଥା ।

ଆମର ଆଲୋଚ୍ୟ ବିଷୟ ଏହିଯେ—ପାଶ୍ଚାତ୍ୟ ପଦାର୍ଥ ଶକ୍ତି ବିଜ୍ଞାନର ମୌଳିକ ସିଦ୍ଧାନ୍ତ, ଆୟୁର୍ବେଦୋକ୍ତ ଅଗ୍ନୀଷୋମବାଦ ସମାନ ।

ଅଗ୍ନୀଷୋମ ବାଦର ପ୍ରବର୍ତ୍ତକ ମୂଳ ଆଚାର୍ଯ୍ୟ କିଏ ? ଏବଂ କେଉଁ ସମୟରେ ତାଙ୍କର ସମ୍ପ୍ରଦାୟ ଭାରତରେ ପ୍ରବର୍ତ୍ତିତ ହୋଇଥିଲା ? ଏବଂ ସେଥି ସମ୍ବନ୍ଧେ କି କି ଗ୍ରନ୍ଥ ଲେଖା ଯାଇଥିଲା ? ତା'ର ପ୍ରମାଣ କିଛି ମିଳୁନାହିଁ । ତଥାପି ଆଧୁନିକ ବିଜ୍ଞାନ ବାଦ ସହିତ ତା'ର ମୌଳିକ ସାମଞ୍ଜସ୍ୟ ଥିବାରୁ ଅନୁସନ୍ଧିତ୍ସୁମାନଙ୍କର କୌତୂହଳ ବଢ଼ାଇବା ପାଇଁ ଏଠାରେ ତା'ର ଦିଙ୍ମାତ୍ର ସୂଚନା ଦିଆଗଲା ।

ପାଠକମାନେ ଏଠାରେ ମନେ ରଖିବାକୁ ହେବ ଯେ—ଏହି ଅଗ୍ନୀ ଷୋମ ବାଦ ଆୟୁର୍ବେଦୀୟ ଦ୍ରବ୍ୟ ଶକ୍ତି ବିଜ୍ଞାନର ଚରମ ସିଦ୍ଧାନ୍ତ ନୁହେ । ଏହାକୁ ପୂର୍ବ ପକ୍ଷ ବୋଲିଯାଇ ପାରେ । ଏହାର ଯଥାର୍ଥତା ନିର୍ଣ୍ଣୟ ସମ୍ବନ୍ଧେ ଚରକ ସଂହିତା ପାଠ କଲେ ଜଣାଯାଏ ଯେ—ମହାଭାରତ ଯୁଦ୍ଧ ପୂର୍ବେ ଅର୍ଥାତ୍ ପାଞ୍ଚ ହଜାର ବର୍ଷ ତଳେ ଲୋକହିତୈଷୀ ମହର୍ଷିଗଣ ପୁରୁଷ ଉତ୍ପତ୍ତି ଓ ତା'ର ରୋଗ ଉତ୍ପତ୍ତିର କାରଣ ନିର୍ଣ୍ଣୟ କରିବା ପାଇଁ ଗୋଟିଏ ପରିଷଦର ଆୟୋଜନ କରିଥିଲେ ।

ଉକ୍ତ ପରିଷଦର ନାମ –"ଯଜ୍ଞଃ ପୁରୁଷୀୟ ପରିଷଦ୍" ଏହାର ଅର୍ଥ ଯେଉଁ ଉପାଦାନରେ ପୁରୁଷ ଗଢ଼ା ହୋଇ-ଅଛି, ସେଇ ଉପାଦାନ ତା'ର ରୋଗ ଉତ୍ପତ୍ତିର କାରଣ ହୋଇ ପାରେ କି ନା ? ଏହି ବିଷୟ ଆଲୋଚନା କରିବାର ଥିଲା । ସେଇ ସଭାରେ ଯେଉଁମାନେ ଉପସ୍ଥିତ ଥିଲେ ସେମାନଙ୍କ ନାମ ଯଥା—୧—କାଶୀପତି ବାମକ, ୨—ମୌଦ୍ଗଲ୍ୟ, ୩—ଶରଲୋମା, ୪—ବାର୍ଯ୍ୟୋବିଦ, ୫—କୁଶିକ, ୬—କୌଶିକ. ୭—ଭଦ୍ରକାପ୍ୟ, ୮—ଭରଦ୍ୱାଜ, ୯—ବାହ୍ଲୀକ , ୧୦—କାଙ୍କାୟନ ୧୧—ଭିକ୍ଷୁ ଆତ୍ରେୟ" ସେଇ ପରିଷଦର ଅଧ୍ୟକ୍ଷ ଆସନ ଅଳଙ୍କୃତ କରିଥିଲେ ଆତ୍ରେୟ ପୁନର୍ବସୁ—ଯାହାଙ୍କର କି ପଠନୀୟ ଅଟନ୍ତି ବେଦବ୍ୟାସଙ୍କର ଗୁରୁ ଚରକ ସଂହିତାର ଆଦି ପ୍ରଣେତା ମହର୍ଷି ଅଗ୍ନିବେଶ । ସେଇ ପରିଷଦରେ ପ୍ରଧାନ ପ୍ରସ୍ତାବକ ଥିଲେ କାଶୀପତି ବାମକ । ସେଥିରେ ପୁରୁଷ ଓ ତା'ର ରୋଗ ଉତ୍ପତ୍ତିର କାରଣ ରୂପେ ମୌଦ୍ଗଲ୍ୟଙ୍କର ଆତ୍ମବାଦ, ଶରଲୋମାଙ୍କର ସତ୍ତ୍ୱ ବାଦ, ବାର୍ଯ୍ୟୋବିଦଙ୍କର ରସ ବାଦ, (ଅଗ୍ନୀଷୋମ ବାଦ) କୁଶିକଙ୍କର ଷଡ଼୍ଧାତୁ ବାଦ କୌଶିକଙ୍କର ପରମାତ୍ମ ବାଦ, ଭଦ୍ରକାପ୍ୟଙ୍କର କର୍ମ ବାଦ, ଭରଦ୍ୱାଜଙ୍କର ସ୍ୱଭାବ ବାଦ,

କାଙ୍କାୟନଙ୍କର ପ୍ରଜାପତି ବାଦ ଏବଂ ଭିକ୍ଷୁ ଆତ୍ରେୟଙ୍କର କାଳ ବାଦ ପ୍ରଭୃତି ପକ୍ଷ ରୂପରେ ଉପସ୍ଥାପିତ କରାଯାଇଥିଲା। ଏହି ସବୁ ବାଦକୁ ବୈଦିକ ଦ୍ରବ୍ୟ ଶକ୍ତି ବିଜ୍ଞାନ ସହିତ ସମନ୍ୱୟ କରି, ଆତ୍ରେୟ ପୁନର୍ବସୁ ଯେଉଁ ସିଦ୍ଧାନ୍ତ ପ୍ରକାଶ କରିଥିଲେ—ତାହା ହେଉଛି ବାତ, ପିତ୍ତ, କଫ ନାମକ ତ୍ରିଧାତୁବାଦ ଏଥି ସମ୍ବନ୍ଧେ ବିଶେଷ ଜିଜ୍ଞାସୁମାନଙ୍କର ଚରକ ସୂତ୍ର ସ୍ଥାନ ୨୫ ଅଧ୍ୟାୟ ଦ୍ରଷ୍ଟବ୍ୟ।

ଉପରୋକ୍ତ ସମସ୍ତ ପ୍ରମାଣରୁ ପାଠକମାନେ ବୁଝିବାକୁ ହେବ ଯେ—ଆୟୁର୍ବେଦର ସିଦ୍ଧାନ୍ତ ସର୍ବସ୍ୱ ହେଉଛି ତ୍ରିଧାତୁ ବାଦ। ଆଧ୍ୟାତ୍ମିକ ତତ୍ତ୍ୱ ନିରୂପଣ ବିଷୟରେ ବେଦରେ ଯେପରି ଦ୍ୱୈତ, ବିଶିଷ୍ଟାଦ୍ୱୈତ ଓ ଅଦ୍ୱୈତବାଦର ଉଲ୍ଲେଖ ଅଛି; ସେହିପରି ଆଧି ଭୌତିକ ପଦାର୍ଥ ଶକ୍ତି ବିଜ୍ଞାନ ସମ୍ବନ୍ଧେ ମଧ୍ୟ ଅଗ୍ନି ସୋମ ବାଦ ପରି ନାନା ମୁନିଙ୍କର ନାନା ମତବାଦ ବେଦରେ ଉଲ୍ଲେଖ କରାଯାଇଅଛି। କିନ୍ତୁ ଅଦ୍ୱୈତ ବାଦ ପରି ତ୍ରିଧାତୁ ବାଦ ହେଉଛି ଆୟୁର୍ବେଦୀୟ ପଦାର୍ଥ ଶକ୍ତି ବିଜ୍ଞାନର ଚରମ ସିଦ୍ଧାନ୍ତ। ଏଥି ସମ୍ବନ୍ଧେ ଋଗ୍‌ବେଦୋକ୍ତ ପ୍ରମାଣ ଏହିଯେ—

“ତ୍ରିର୍ନୋ ଅଶ୍ୱିନା ଦିବ୍ୟାନି ଭେଷଜା ତ୍ରିଃ ପାର୍ଥିବାନି ତ୍ରିରୁ ଦତ୍ତମଦ୍ଭ୍ୟଃ
ଓମାନ ଶଂ ଯୋ ମମ କାୟ ସୂନବେ ତ୍ରିଧାତୁ ଶର୍ମ ବହତଂ ଶୁଭସ୍ପତୀ”

ଋଗ୍‌ବେଦ ୧ । ୭ । ୩୪ । ୬

ଏହାର ଅର୍ଥ—ହେ ଅଶ୍ୱିଦ୍ୱୟ! ଦ୍ୟୁ ଲୋକର ତିନି ପ୍ରକାର ଔଷଧି ତୁମେ ଆମ୍ଭଙ୍କୁ ପ୍ରଦାନ କର ଏବଂ ତିନି ପ୍ରକାର ପାର୍ଥିବ ଔଷଧି ପୁଣି ତିନି ପ୍ରକାର ଜଳୀୟ ଔଷଧି ବିତରଣ କର। ଆମ୍ଭମାନଙ୍କର ଜୀବନ ରକ୍ଷା ଓ ସୁଖ ନିମନ୍ତେ ତ୍ରିଧାତୁ ଅର୍ଥାତ୍ ବାତ ପିତ୍ତ କଫ ସମ୍ବନ୍ଧୀ ସୁଖ ତୁମେ ଆମ୍ଭମାନଙ୍କ ନିମନ୍ତେ ବିଧାନ କର।

ଏହି ମନ୍ତ୍ରରେ ଯେଉଁ ଅଶ୍ୱିଦ୍ୱୟଙ୍କୁ ବାତ ପିତ୍ତ କଫର ସମତା ବିଧାନ ନିମନ୍ତେ ପ୍ରାର୍ଥନା କରାଯାଇଛି, ସେ ଦୁହେଁ ହେଉଛନ୍ତି—ସ୍ୱର୍ଗର ବୈଦ୍ୟ ଅଶ୍ୱିନୀକୁମାର ଯୁଗଳ। ଏହାଙ୍କର ଗୁରୁ ହେଉଛନ୍ତି ବିଧାତା ଆଦି ଦେବତା ବ୍ରହ୍ମା। କଳ୍ପାରମ୍ଭରେ ପରମେଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇ ଯେତେବେଳେ ବ୍ରହ୍ମା ପ୍ରାଣି ସୃଷ୍ଟି ନିର୍ମାଣ କଲେ, ସେତେବେଳେ ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟର ଜୀବନ ରକ୍ଷା ନିମନ୍ତେ ପ୍ରଥମେ ଲକ୍ଷ ଶ୍ଲୋକାତ୍ମକ ବ୍ରହ୍ମ ସଂହିତା ନାମକ ଆୟୁର୍ବେଦ ରଚନା କରିଥିଲେ। ଏଥି ସମ୍ବନ୍ଧେ ସୁଶ୍ରୁତ ଲେଖିଛନ୍ତି ଯେ—

“ଅନୁତ୍ପାଦ୍ୟୈବ ପ୍ରଜାଃ ଆୟୁର୍ବେଦ ମେବାଗ୍ରେ ସୃଜତ୍”

ଏହିପରି ମଧ୍ୟ କାଶ୍ୟପ ସଂହିତାରେ ଲେଖାଅଛି ଯେ—

“ଆୟୁର୍ବେଦମେବ ଅଗ୍ରେଽସୃଜତ୍ ତତୋ ବିଶ୍ୱାନି ଭୂତାନି”

ଅର୍ଥାତ୍ ବିଧାତା ପ୍ରଥମେ ଆୟୁର୍ବେଦ ରଚନା କରି ତା'ର ପରେ ମନୁଷ୍ୟ ପ୍ରାଣୀ ସୃଷ୍ଟି କଲେ। ଏହାର କାରଣ ଏହିଯେ—ମନୁଷ୍ୟର ଶରୀର ସ୍ଥିତି ହିତାହିତ ଦ୍ରବ୍ୟ ବିଜ୍ଞାନ ସାପେକ୍ଷ। ମନୁଷ୍ୟ ଜନ୍ମ ହେବା ସଙ୍ଗେ ସଙ୍ଗେ ତା'ର ଜୀବନ ରକ୍ଷା ନିମନ୍ତେ ହିତ କ'ଣ? ଅହିତ କ'ଣ? ଖାଦ୍ୟ କ'ଣ? ଅଖାଦ୍ୟ କ'ଣ? କାର୍ଯ୍ୟ କଣ? ଅକାର୍ଯ୍ୟ କଣ? ଗ୍ରାହ୍ୟ କଣ? ତ୍ୟାଜ୍ୟ କଣ? ଏହି ସବୁ ବିଷୟ ଯଦି ତା'କୁ ଉପଦେଶ ଦିଆ ନ ଯାଏ, ତାହା ହେଲେ ଜନ୍ମ ସଙ୍ଗେ ସଙ୍ଗେ ତା'ର ମୃତ୍ୟୁ ହୋଇ ପାରେ, ଅଥବା ସେ ରୋଗାକ୍ରାନ୍ତ ହୋଇ ଚିରଦିନ ନିଜର ଜୀବନକୁ ନିରର୍ଥକ ମନେ କରିପାରେ। ଅତଏବ ମନୁଷ୍ୟ ସୃଷ୍ଟିର ସାର୍ଥକତା ନିମନ୍ତେ ତା'ର ଉତ୍ପତ୍ତି ସଙ୍ଗେ ୨ ଦେଶ, କାଳ, ପ୍ରକୃତି ଓ ଅବସ୍ଥା ଅନୁସାରେ କେଉଁ ଦ୍ରବ୍ୟ କାହା ପକ୍ଷରେ ହିତକର? କାହା ପକ୍ଷରେ ଅହିତକର, ତାହା ବୁଝାଇବା ଏକାନ୍ତ ଆବଶ୍ୟକ। ସେହିଭଳି ଉପଦେଶର ଅଭାବରେ ମନୁଷ୍ୟର ପ୍ରାଣ ଧାରଣ ଅସମ୍ଭବ। ସୁତରାଂ ମନୁଷ୍ୟ ସୃଷ୍ଟି ପୂର୍ବରୁ ଆୟୁର୍ବେଦ ରଚନା କଥା ଯାହା ଶାସ୍ତ୍ରରେ ଲେଖା ଅଛି, ତାହା ଯୁକ୍ତି ଯୁକ୍ତ।

ଆୟୁର୍ବେଦୀୟ ଦ୍ରବ୍ୟଗୁଣ ବିଜ୍ଞାନର ପ୍ରଥମ ଉପଦେଷ୍ଟା ସର୍ବଜ୍ଞ ପରମେଶ୍ୱର। ଏହି ହେତୁରୁ ଯଜୁର୍ବେଦୀୟ ରୁଦ୍ରାଧ୍ୟାୟରେ—

“ଅଧ୍ୟବୋଚଦଧି ବକ୍ତା ପ୍ରଥମୋ ଦୈବ୍ୟୋ ଭିଷକ୍”

ଇତ୍ୟାଦି ମନ୍ତ୍ରରେ ଆଦି ବୈଦ୍ୟ ନାମରେ ତାଙ୍କୁ ଅଭିହିତ କରାଯାଇଛି, ଏବଂ ଏହି ହିତାହିତ ଦ୍ରବ୍ୟ ବିଜ୍ଞାନ ବିଦ୍ୟାର ଆଦି ବେତ୍ତା ହେତୁରୁ ଯଜୁର୍ବେଦରେ—"କବିର୍ମନୀଷୀ ପରିଭୂଃ ସ୍ୱୟଂଭୂଃ" ଇତ୍ୟାଦି ମନ୍ତ୍ରରେ ଏବଂ 'ଏକଂ ପୁରାଣମନୁଶାସିତାରଂ' ଇତ୍ୟାଦି ସ୍ଥଳରେ ଶ୍ରୀମଦ୍ଭଗବଦ୍ ଗୀତାରେ ମଧ୍ୟ ପରମେଶ୍ୱରଙ୍କୁ ଆଦି କବି ବୋଲି ସ୍ତୁତି କରାଯାଇ ଅଛି । ବୋଧହୁଏ, ସେହେତୁରୁ ଈଶ୍ୱରପ୍ରତିମ ଚିକିତ୍ସକମାନଙ୍କୁ ବୈଦ୍ୟ, କବିରାଜ ଓ ଧନ୍ୱନ୍ତରି ନାମରେ ଅଭିହିତ କରା-ଯାଏ । ଆଉତ ମଧ୍ୟ ବେଦରେ ବିସ୍ତ୍ରିମ୍ନ ରୋଗ ଶାନ୍ତି କାମନେ ଯେଉଁ ଭୈଷଜ୍ୟ ଯଜ୍ଞର ବିଧାନ ଅଛି, ସେହି ଯଜ୍ଞରେ ହିତାହିତ ଦ୍ରବ୍ୟ ବିଜ୍ଞାନ ବିଦ୍ୟା ସମ୍ପନ୍ନ ବୈଦ୍ୟମାନଙ୍କୁହିଁ ବ୍ରହ୍ମାଙ୍କର ଆସନ ଦେବ ବୋଲି ଉପଦେଶ ମିଳେ । ଛାନ୍ଦୋଗ୍ୟ ଉପନିଷଦରେ ଲେଖାଅଛି ଯେ—"ଭୈଷଜ କୃତୋ ହ ବା ଏଷ ଯଜ୍ଞଃ ଯତ୍ର ଏବଂ ବିଦ୍ ବ୍ରହ୍ମା ଭବତି ।"

ଛାନ୍ଦୋଗ୍ୟ ୪ । ୧୭ । ୧୮

ଅର୍ଥାତ୍ ଋତୁ ସନ୍ଧିମାନଙ୍କରେ ଦେଶବ୍ୟାପୀ ଯେଉଁ ସବୁ ସଂକ୍ରାମକ ରୋଗ ଜାତ ହୁଏ, ତା'ର ଶାନ୍ତି କାମନେ ଅନୁଷ୍ଠିତ ଭୈଷଜ୍ୟ ଯଜ୍ଞରେ ଦେଶ, କାଳ, ପ୍ରକୃତି ଓ ଦ୍ରବ୍ୟ ତତ୍ତ୍ୱଜ୍ଞ ବୈଦ୍ୟହିଁ ବ୍ରହ୍ମାଙ୍କର ଆସନରେ ଅଧିଷ୍ଠିତ ହେବାକୁ ଯୋଗ୍ୟ ଅଟନ୍ତି ।

ଆମ୍ଭମାନଙ୍କର ଦୁର୍ଭାଗ୍ୟର ବିଷୟ ଏହିଯେ—ବର୍ତ୍ତମାନ ନାନା କାରଣରୁ ଆମ ଦେଶରେ ପ୍ରକୃତ ବିଦ୍ୟାସମ୍ପନ୍ନ ବୈଦ୍ୟ ଅତୀବ ଦୁର୍ଲଭ । ବର୍ତ୍ତମାନ ସରକାରଙ୍କର ଅସାବଧାନତାରୁ କୋଟି କୋଟି ଦରିଦ୍ର ଅନ୍ଧ ପ୍ରଜାର ପ୍ରା[illegible] ଦାବରେ ଯେପରି ବିଦ୍ୟାଶୂନ୍ୟ ସ୍ୱୟଂ ବୈଦ୍ୟ ଓ କବିରାଜ ନାମ ଧାରୀ ଅସଂଖ୍ୟ ମୃତ୍ୟୁ ଦେବତାର ଏଜେଣ୍ଟମାନଙ୍କର ରାଜତ୍ୱ ଚାଲିଛି; ସେହିପରି ଅନ୍ୟ ଦିଗରେ ସ୍ୱଦେଶୀ ଦ୍ରବ୍ୟମାନଙ୍କର ଗୁଣ, ଜ୍ଞାନବିଜ୍ଞାନ, ପୁଣି ଦେଶ, କାଳ, ପ୍ରକୃତି ଓ ସ୍ୱାସ୍ଥ୍ୟ ବିଚାର ଶୂନ୍ୟ, ବିଦେଶୀ ଔଷଧ ବ୍ୟବସାୟୀମାନଙ୍କର ଏଜେଣ୍ଟ, ଡାକ୍ତରମାନଙ୍କର ଅନ୍ଧ ଚିକିତ୍ସା ଦେଶରେ ନୂତନ ନୂତନ ରୋଗମାନଙ୍କୁ ସୃଷ୍ଟି କରିବାରେ ଲାଗିଛି । ଚରକ ଯାହା କହିଥିଲେ—

"ଯସ୍ୟ ଦେଶସ୍ୟ ଯୋ ଜନ୍ତୁ ସ୍ତଜ୍ଜଂତସ୍ୟୌଷଧଂ ହିତମ୍" ଅର୍ଥାତ୍ ଯେଉଁ ଦେଶରେ ଯେ ଜନ୍ମ ଗ୍ରହଣ କରିଥାଏ । ସେହି ଦେଶର ଔଷଧ ତା'ର ପକ୍ଷରେ ହିତକର ହୁଏ । ବଡ଼ ଦୁଃଖର କଥା—ଆଜି ଏହି ଉପଦେଶର ମୂଲ୍ୟ କିଛି ନାହିଁ । ଆଜି ଭାରତର ଜୀବନ ସମସ୍ତ ବିଦେଶୀ ଔଷଧ ପ୍ରୟୋଗର କ୍ଷେତ୍ର ହୋଇ ପଡ଼ିଛି ଏବଂ ଲର୍ଡ଼ ମେକାଲେ ସାହେବ ପ୍ରବର୍ତ୍ତିତ ଶିକ୍ଷା ପଦ୍ଧତିରହିଁ ବିଜୟ ଧ୍ୱନି ସର୍ବତ୍ର ଶୁଣା ଯାଉଛି, ହାୟ ! ଭାରତ ଭାଗ୍ୟ ବିଧାତା, ହାୟ ! ଆମମାନଙ୍କର ଧୃତରାଷ୍ଟ୍ର ନେତୃ ବର୍ଗ, ହାୟ ! ସ୍ୱାଧୀନ ଭାରତ ଏବଂ ହାୟ ! ହାୟ ! ! ପ୍ରହସନମୟ ଆମ୍ଭମାନଙ୍କର ସ୍ୱାଧୀନ ଜୀବନ ।

ଓଁ ଗୁରୁଭ୍ୟୋ ନମଃ
ଭାର୍ଗବ
ଗ୍ରନ୍ଥକାର

To,

The Principal of all Colleges.
The Inspector of Schools, North Orissa.
The District Educational Officer, Ganjam.
The Headmistresses of all Girl's High Schools.
The Superintendent of Sanskrit Studies Orissa.

Sub—Prize and library books.

The book "Dravyagun Kalpadrum" by Pandit Sri Brajabandhu Tripathy, Head Pandit, Viswanath Toll. Bellugunta (Ganjam District) is approved as a library book for use in Colleges and Schools in Orissa. The price of the book is Rs/ 20-00 ( Rupees twenty only ) plus extra and it can be had form the author.

Sd L. M. Ghose.
Patnaik. For Director of Public Instruction.

---

Memo No. 4001 Dated the 27 March, 1947

Copy forwarded to pandit Sri Brajabandhu Tripathy, Viswanath Toll. Bellugunta. Ganjam District, for information with reference to his letter dated the 1 st March, 1947.

He has already been asked to supply 34 copies of the book to the Superintendent of Sanskrit Studies, Orissa.

L. M. Ghose
For Director of public Instruction.

ଓଁ ଶ୍ରୀ ଗଣେଶାୟ ନମଃ

# ଦ୍ରବ୍ୟଗୁଣ କଳ୍ପଦ୍ରୁମ

## —ମଙ୍ଗଳାଚରଣ—

ତନ୍ମ୍ୟୋତଃ ସୂର୍ଯ୍ୟସୋମୀୟଂ ନିଷ୍ଟ୍ରୁ ଭୃଙ୍ଗ ମୁପାସ୍ମହେ
ଯଦ୍ୱୀର୍ଯ୍ୟଂ ଜଡଦ୍ରବ୍ୟେଷୁ ଚୈତନ୍ୟଂ ଚେତନେଷୁତ । ୧
ସାଂଖ୍ୟାୟୁର୍ବେଦବେଦାନ୍ତ-ତର୍କବିଦ୍ୟାମହୋଦଧିଂ
ମର୍ତ୍ତ୍ୟବୈକୁଣ୍ଠଧାମସ୍ଥଂ ସୋମନାଥଂ ଗୁରୁଂ ନମଃ । ୨
ଯସ୍ୟାଶୀର୍ଗୁରୁରୂପେଣ ଜନତାଦ୍ଭୁକ୍ପଦଂ ଗତା
ପିତାମହଂ ତଂ ସଦ୍ବୈଦ୍ୟଂ ପ୍ରଣମାମଃ ସଦାଶିବମ୍ । ୩

## —ଗ୍ରନ୍ଥାରମ୍ଭ—

ଦ୍ରବ୍ୟତତ୍ତ୍ୱଂ ବୁଭୁତ୍ସୂନାଂ ବୈଦ୍ୟବିଦ୍ୟାର୍ଥିନାଂ ମୁଦେ
ଗ୍ରନ୍ଥୋ ନିବଧ୍ୟତେ ଦ୍ରବ୍ୟ-ଗୁଣକଳ୍ପଦ୍ରୁମାଭିଧଃ ।୪।
ପ୍ରଥମଂ ତ୍ୱତ୍ର ବକ୍ଷ୍ୟାମଃ ଦ୍ରବ୍ୟନାମ୍ନାନ୍ ରସାନ୍ ଗୁଣାନ୍
ପାକବୀର୍ଯ୍ୟ ପ୍ରଭାବାଂଶ୍ଚ ପ୍ରମାଣୈର୍ବିଶୋକୃତାନ୍ ।୫।
ସିଦ୍ଧଯୋଗୈଃ ସବୃକ୍ଷୋଽସ୍ମାମାତ୍ରଭାଷିତଭୂଷିତାଃ
ଭୂୟାଲ୍ଲୋକୋପକାରାୟ ମାତୃଭାଷାପ୍ରସାଦତଃ ।୬।

## ଦ୍ରବ୍ୟବିଜ୍ଞାନର ଉପାୟ

ଗୁଣ ଓ କ୍ରିୟା ଯହିଁରେ ଥାଏ, ତାକୁ ଦ୍ରବ୍ୟ ବୋଲନ୍ତି । * ଏହି ପୃଥିବୀରେ ଆମମାନଙ୍କର ଶରୀର ରକ୍ଷାର ଉପଯୋଗି ଯେତେ ପ୍ରକାର ଦ୍ରବ୍ୟ ଅଛି, ସେହିସବୁ ଦ୍ରବ୍ୟମାନଙ୍କର ମୌଳିକ ଉପାଦାନ କ'ଣ ? କେଉଁ ଦ୍ରବ୍ୟ ମଧ୍ୟରେ ମଧ୍ୟରେ କି କି ଗୁଣକ୍ରିୟା ଓ କି କି ପ୍ରଭାବ ନିହିତ ଅଛି ? ପୁଣି ଆମ୍ଭମାନଙ୍କର ଏହି ଶରୀରରୂପି ଦ୍ରବ୍ୟର ଗୁଣକ୍ରିୟା ସହିତ ବାହ୍ୟଦ୍ରବ୍ୟମାନଙ୍କର ଗୁଣ କ୍ରିୟାର କି ସମ୍ବନ୍ଧ ? ଏହି ସବୁ ଦ୍ରବ୍ୟଘଟିତ ବିଷୟକୁ ପରୀକ୍ଷାପୂର୍ବକ ବିଶ୍ଳେଷଣ କରି ଜାଣିବାର ନାମ ହେଉଛି ଦ୍ରବ୍ୟବିଜ୍ଞାନ । ଦ୍ରବ୍ୟବିଜ୍ଞାନର ଉପାୟ ତିନି ପ୍ରକାର । ଯଥା—ପ୍ରତ୍ୟକ୍ଷ, ଅନୁମାନ ଓ ଗୁରୁପଦେଶ । ଏହି ତିନି ପ୍ରକାର ଉପାୟକୁ ପ୍ରମାଣ ମଧ୍ୟ ବୋଲଯାଏ । ଚକ୍ଷୁ କର୍ଣ୍ଣାଦି ଇନ୍ଦ୍ରିୟମାନଙ୍କର ସାହାଯ୍ୟରେ ଆମ୍ଭମାନଙ୍କର ଯେଉଁ ଦ୍ରବ୍ୟ ସାକ୍ଷାତ୍କାର ହୁଏ, ତାକୁ ପ୍ରତ୍ୟକ୍ଷ ଜ୍ଞାନ ବୋଲନ୍ତି । ଆମ୍ଭେମାନେ ଚକ୍ଷୁଦ୍ୱାରା ଦ୍ରବ୍ୟର ଶୁକ୍ଳକୃଷ୍ଣାଦି ରୂପ, କର୍ଣ୍ଣଦ୍ୱାରା ଦ୍ରବ୍ୟର ମଧୁର କଠୋର ଶବ୍ଦ, ନାସିକା ଦ୍ୱାରା ଦ୍ରବ୍ୟର ସୁଗନ୍ଧିଦୁର୍ଗନ୍ଧ, ଜିହ୍ୱାଦ୍ୱାରା ଦ୍ରବ୍ୟର ମଧୁର ଅମ୍ଳାଦି ରସ ଏବଂ ତ୍ୱକ୍ ବା ଚର୍ମେନ୍ଦ୍ରିୟ ଦ୍ୱାରା ଦ୍ରବ୍ୟର ଉଷ୍ଣତା, ଶୈତ୍ୟ, କୋମଳତା, କାଠିନ୍ୟ, ସ୍ନିଗ୍ଧତା ଓ ରୂକ୍ଷତା ଇତ୍ୟାଦି ଗୁଣକ୍ରିୟା ଅନୁଭବ କରିଥାଉ । ଏହିପରି ଭାବରେ ବାହ୍ୟଦ୍ରବ୍ୟ ସମ୍ବନ୍ଧୀୟ କେତେକ ବିଷୟର ଜ୍ଞାନ ଆମମାନଙ୍କର ଇନ୍ଦ୍ରିୟର ସାହାଯ୍ୟରେ ହୋଇଥାଏ । କିନ୍ତୁ ଏସବୁ ବାହ୍ୟଦ୍ରବ୍ୟମାନଙ୍କର ସଂଯୋଗରେ ଓ ବିଯୋଗରେ ଆମମାନଙ୍କର ଭିତରେ ଯେଉଁ ସୁଖ, ଦୁଃଖ, ରାଗ ଦ୍ୱେଷ ଇତ୍ୟାଦି ସୂକ୍ଷ୍ମ ପଦାର୍ଥର ଅନୁଭବ ହୁଏ, ସେହିସବୁ ସୂକ୍ଷ୍ମ ପଦାର୍ଥର ସାକ୍ଷାତ୍କାର ଇନ୍ଦ୍ରିୟମାନଙ୍କ ଦ୍ୱାରା ହୁଏନାହିଁ । କେବଳ ମନର ସାହାଯ୍ୟରେହିଁ ସେ ସବୁ ଆନ୍ତରିକ ପଦାର୍ଥମାନଙ୍କର ଜ୍ଞାନ ହୋଇଥାଏ । ସେହେତୁରୁ ଏହି ଜ୍ଞାନକୁ ମାନସ ପ୍ରତ୍ୟକ୍ଷ ବୋଲନ୍ତି । ଏହିପରି ବାହ୍ୟ ପ୍ରତ୍ୟକ୍ଷ ଓ ଆନ୍ତର ପ୍ରତ୍ୟକ୍ଷ ଭେଦରେ ଦ୍ରବ୍ୟମାନଙ୍କର ପ୍ରତ୍ୟକ୍ଷ ଜ୍ଞାନ ଦୁଇ ଭାଗରେ ସମାପ୍ତ ହୁଏ । ଅର୍ଥାତ୍ ଇନ୍ଦ୍ରିୟ ସହିତ ମନର ଅଥବା କେବଳ ମନର ଉକ୍ତ ପରିଧି ମଧ୍ୟରେହିଁ ପ୍ରତ୍ୟକ୍ଷ ଜ୍ଞାନର ସୀମା ସମାପ୍ତ ହୋଇ ଯାଏ । ଏହାର ଉପରକୁ ଆଉ ପ୍ରତ୍ୟକ୍ଷଜ୍ଞାନର ଗତି ହୁଏ ନାହିଁ ।

ଆମ୍ଭେମାନେ ଦ୍ରବ୍ୟ ମଧ୍ୟରେ ଯେଉଁ ମଧୁରାମ୍ଳାଦି ରସ ପ୍ରତ୍ୟକ୍ଷ କରୁ, ସେସବୁ ରସମାନଙ୍କର ମୌଳିକ ଉପାଦାନ କ'ଣ ? କି କି ପଦାର୍ଥର ମିଶ୍ରଣରେ ଆଖୁରେ ମଧୁର ରସ, ତେନ୍ତୁଳିରେ ଅମ୍ଳରସ, ସୈନ୍ଧବରେ ଲବଣରସ, ଲଙ୍କା-ମରିଚରେ କଟୁରସ, ନିମ୍ବପତ୍ରରେ ତିକ୍ତରସ ଏବଂ କଇଥଫଳରେ କଷାୟରସର ଉତ୍ପତ୍ତି ହୁଏ । ଏସବୁ ବିଷୟର ଜ୍ଞାନ ପ୍ରତ୍ୟକ୍ଷ ପ୍ରମାଣଦ୍ୱାରା ହୁଏ ନାହିଁ । ଏପରି ମଧ୍ୟ ମଧୁରରସ ପ୍ରଧାନ ଦ୍ରବ୍ୟ କି ହେତୁରୁ ଧାତୁବର୍ଦ୍ଧକ ହୁଏ ? କଟୁତିକ୍ତ ରସ ପ୍ରଧାନ ଦ୍ରବ୍ୟ କି ହେତୁରୁ ଶରୀର ଶୋଷକ ହୁଏ ? ଗଞ୍ଜେଇ ପ୍ରଭୃତି ଦ୍ରବ୍ୟ କି କାରଣରୁ ମନକୁ ଓ ଇନ୍ଦ୍ରିୟମାନଙ୍କୁ ଉତ୍କଣ୍ଠିତ କରେ ? ଛ'ରସ ପ୍ରଧାନ ଦ୍ରବ୍ୟମାନଙ୍କର ଜଠରାଗ୍ନି ଯୋଗରେ ପରିପାକ ହେବାପରେ ମଧୁର, ଅମ୍ଳ ଓ କଟୁ ଏହି ତିନି ପ୍ରକାର ରସ କି ହେତୁରୁ ଉତ୍ପନ୍ନ ହୁଏ ? ଏବଂ ସମୁଦାୟ ରସାତ୍ମକ ଦ୍ରବ୍ୟମାନଙ୍କର ଶରୀର ମଧ୍ୟରେ ଶୀତୋଷ୍ଣ ଭେଦରେ ଦୁଇ ପ୍ରକାର କ୍ରିୟା ଦେଖାଯିବାର କାରଣ କଣ ? ପୁଣି ବିଭିନ୍ନ ଦ୍ରବ୍ୟମଧ୍ୟରେ ଥିବା ଗୁରୁତ୍ୱ ଲଘୁତ୍ୱାଦି ଗୁଣମାନଙ୍କର ମୌଳିକ ତତ୍ତ୍ୱ କ'ଣ ? ଏବଂ ଆମ୍ଭମାନଙ୍କର ଏହି ଶରୀରରୂପି ଦ୍ରବ୍ୟର ଗୁଣକ୍ରିୟା ସହିତ ସେହି ସେହି ବାହ୍ୟଦ୍ରବ୍ୟମାନଙ୍କର ଗୁଣକ୍ରିୟାର କି ସମ୍ବନ୍ଧ ? ଏସବୁ କାର୍ଯ୍ୟକାରଣ ଭାବ ଘଟିତ ଦ୍ରବ୍ୟଜ୍ଞାନ ଇନ୍ଦ୍ରିୟମାନଙ୍କର ସାହାଯ୍ୟରେ କିମ୍ବା ମନର ସାହାଯ୍ୟରେ ହୁଏ ନାହିଁ । ସାରକଥାଟି ଏହି ଯେ—ପ୍ରତ୍ୟକ୍ଷ ପ୍ରମାଣ ଦ୍ୱାରା ଦ୍ରବ୍ୟର କେତେକ ଅଂଶମାତ୍ର ଆମ୍ଭମାନଙ୍କର ଜ୍ଞାନ ହୁଏ ସିନା, ସମ୍ପୂର୍ଣ୍ଣ ଦ୍ରବ୍ୟ ଜ୍ଞାନ ହୁଏ ନାହିଁ । ଅତଏବ ମହର୍ଷି ଚରକ ଲେଖିଛନ୍ତି—

"ପ୍ରତ୍ୟକ୍ଷଂ ହ୍ୟଲ୍ପଂ ଅନଲ୍ପଂ ଅପ୍ରତ୍ୟକ୍ଷ ମସ୍ତି ଯଦାଗମାନୁ ମାନଯୁକ୍ତିଭିଃ ଉପଲଭ୍ୟତେ ଯୈରେବ ତାବଦିନ୍ଦ୍ରିୟୈଃ ପ୍ରତ୍ୟକ୍ଷମୁପଲଭ୍ୟତେ ତାନ୍ୟେବ ସନ୍ତ୍ୟପ୍ରତ୍ୟକ୍ଷାଣି । ସତାଂ ଚ ରୂପାଣାମତିସନ୍ନିକର୍ଷାତ୍ ଅତିବିପ୍ରକର୍ଷାତ୍, ଆବରଣାତ୍ କରଣଦୌର୍ବଲ୍ୟାତ୍, ମନୋଽନବସ୍ଥାନାତ୍ ସମାନାଭିହାରାତ୍ ଅଭିଭବାଦତ ସୌକ୍ଷ୍ମ୍ୟାଚ୍ଚ ପ୍ରତ୍ୟକ୍ଷାନୁପଲବ୍ଧିଃ"

---

* ପୃଥିବୀ ରୂପ ଦ୍ରବ୍ୟଟି ସ୍ଥିରତପୂର୍ଣ୍ଣ ଯୁକ୍ତ ହେଲେ ମଧ୍ୟ ତାହା ଏକବାର କ୍ରିୟାଶୂନ୍ୟ ନୁହେଁ । ଅଜ୍ଞାନ ଯେପରି ଏକପ୍ରକାର ଜ୍ଞାନ, ନୈଷ୍କର୍ମ୍ୟ ଯେପରି ଏକପ୍ରକାର କର୍ମ, ସେହିପରି ପୃଥିବୀରୂପ ଦ୍ରବ୍ୟରେ ଥିବା ସ୍ଥିରତ୍ୱଗୁଣ ମଧ୍ୟ ଚଞ୍ଚଳତାର ବିରୋଧୀ ଏକପ୍ରକାର ବିଚିତ୍ର କ୍ରିୟା ବୋଲି ବୁଝିବାକୁ ହେବ ।

ଅର୍ଥାତ୍; ଏହି ଜଗତରେ ଯେତେପଦାର୍ଥ ଅଛି, ସେଥିମଧ୍ୟରୁ ଅତ୍ୟଳ୍ପ ପଦାର୍ଥହିଁ ଆମମାନଙ୍କର ପ୍ରତ୍ୟକ୍ଷ ହୋଇଥାଏ। କିନ୍ତୁ ଆମମାନଙ୍କର ଅପ୍ରତ୍ୟକ୍ଷ ଅସଂଖ୍ୟ ପଦାର୍ଥ ଏହି ସଂସାରରେ ଅଛି, ଯାହାକି—ଶାସ୍ତ୍ରୋପଦେଶ, ଅନୁମାନ ଓ ଯୁକ୍ତିଦ୍ୱାରା ହିଁ ବୁଝିବାକୁ ହୁଏ। ଅନ୍ୟ ବିଷୟର ପ୍ରତ୍ୟକ୍ଷ ଦୂରେଥାଉ—ପ୍ରଥମେ ଦେଖନ୍ତୁ—ଯେଉଁ ଚକ୍ଷୁକର୍ଣ୍ଣାଦି ଇନ୍ଦ୍ରିୟମାନଙ୍କର ସାହାଯ୍ୟରେ ଆମମାନଙ୍କର ଦ୍ରବ୍ୟ ପ୍ରତ୍ୟକ୍ଷ ହୁଏ, ସେହି ଇନ୍ଦ୍ରିୟ ଗୁଡ଼ିକହିଁ ଆମମାନଙ୍କର ଅପ୍ରତ୍ୟକ୍ଷ। ଆହୁରି ମଧ୍ୟ ଦେଖନ୍ତୁ—ଅତି ସମୀପରେ ଅତି ଦୂରରେ ଓ ଆବରଣ ମଧ୍ୟରେ ଥିବାରୁ କୌଣସି ପଦାର୍ଥ ଆମମାନଙ୍କର ଦୃଷ୍ଟିଗୋଚର ହୁଏ ନାହିଁ। ଏହିପରି ଇନ୍ଦ୍ରିୟର ଦୁର୍ବଳତା, ମନର ଅସ୍ଥିରତା, ସଜାତୀୟ ଦ୍ରବ୍ୟ ସହିତ ଦ୍ରବ୍ୟର ସଂଯୋଗ, କିମ୍ବା ଉତ୍କୃଷ୍ଟ ବସ୍ତୁଦ୍ୱାରା ନିକୃଷ୍ଟ ବସ୍ତୁର ଆଚ୍ଛାଦନ ଏବଂ ଦ୍ରବ୍ୟର ସୂକ୍ଷ୍ମତା ଏସବୁ କାରଣରୁ ମଧ୍ୟ ଦ୍ରବ୍ୟ ପ୍ରତ୍ୟକ୍ଷ ହୁଏ ନାହିଁ। ଖୋଲି ଖୋଲି କଥାଟା ଏହିପରି—ଆଖିର ଅତିସମୀପରେ ଲଗାହୋଇଥିବା କଜ୍ଜଳ ଆଖିକୁ ଦିଶେନାହିଁ। ଆକାଶର ଅତି ଦୂରରେ ଉଡ଼ୁଥିବାର ପକ୍ଷୀ ଏବଂ ତାରା ମଣ୍ଡଳ ମଧ୍ୟରେ ଥିବାର ପ୍ରାଣୀ ସମୂହ ଆମମାନଙ୍କର ଦୃଷ୍ଟିଗୋଚର ହୁଏନାହିଁ। ପୃଥିବୀର ତଳେ ଥିବା ପାଣି କିମ୍ବା କୌଣସି ଲୋକର ପକେଟରେ ଥିବା କାଗଜ ଆମମାନଙ୍କର ଆଖି ଦେଖିପାରେ ନାହିଁ ଏବଂ ଆଖିରେ ବିକାର ଜାତହେଲେ କିମ୍ବା ଦୃଷ୍ଟିଶକ୍ତି କ୍ଷୀଣ ହୋଇଗଲେ କୌଣସି ପଦାର୍ଥ ଦେଖାଯାଏ ନାହିଁ। କାମଳା ରୋଗିକୁ ଶୁକ୍ଳବର୍ଣ୍ଣ ପଦାର୍ଥ ହଳଦିଆ ଦିଶେ ଏବଂ ତିମିରାଦି ନେତ୍ରରୋଗରେ ଗୋଟାଏ ଆକାରର ପଦାର୍ଥ ଅନ୍ୟ ଆକାରରେ ଦେଖାଯାଇଥାଏ। ମନ ଅନ୍ୟଆଡ଼େ ଆସକ୍ତ ଥିଲେ, ଆଖିର ଆଗରେ ହାତୀ ବୁଲିଗଲେ ମଧ୍ୟ ଆଖିକୁ ଦେଖାଯାଏ ନାହିଁ। ଦିବସରେ ସୂର୍ଯ୍ୟ କିରଣରେ ଅଚ୍ଛନ୍ନ ହୋଇଥିବା ତାରା ଆଖିରେ ଦେଖାଯାଏ ନାହିଁ ଏବଂ ତଡ଼ାଗ ଜଳରେ ମିଶିଯାଇ ଥିବା ବର୍ଷା ଜଳକୁ ପୃଥକ୍ ଭାବରେ ଆଖି ଦେଖିପାରେ ନାହିଁ ଏବଂ ଅତି ସୂକ୍ଷ୍ମ ପରମାଣୁ—ଏମନ୍ତ କି ବର୍ତ୍ତମାନ ବୈଜ୍ଞାନିକମାନଙ୍କର ଆବିଷ୍କୃତ ମ୍ୟାଲେରିଆ ପ୍ରଭୃତି ରୋଗର ଜୀବାଣୁ ଆମ୍ଭମାନଙ୍କ ଆଖିରେ ଦେଖାଯାଏନାହିଁ।

ଏହିପରି ପ୍ରତ୍ୟକ୍ଷ ପ୍ରମାଣର ବାଧକ ଅନେକ କାରଣ ଥିବାଯୋଗୁଁ କେବଳ ଏହି ପ୍ରମାଣର ସାହାଯ୍ୟରେ ଦ୍ରବ୍ୟର ସର୍ବାଂଶ ଜ୍ଞାନହୁଏ ନାହିଁ। ଅତଏବ ଯେଉଁ ସବୁ ବିଷୟ ଆମ୍ଭମାନଙ୍କର ଅପ୍ରତ୍ୟକ୍ଷ ଓ ଅତୀନ୍ଦ୍ରିୟ, ସେ ସବୁ ବିଷୟ ଜାଣିବାକୁ ହେଲେ ଅନୁମାନାଦି ପ୍ରମାଣରେ ହିଁ ସାହାଯ୍ୟ ନେବାକୁ ହୁଏ।

ଅନୁମାନ ଶବ୍ଦର ଅର୍ଥ ଏହିପରି—ଗୋଟାଏ ବିଷୟକୁ ପ୍ରଥମେ ପ୍ରତ୍ୟକ୍ଷ କରିବା ପରେ ସେଥିସହିତ ସମ୍ବନ୍ଧଯୁକ୍ତ ଆଉ ଗୋଟାଏ ପରୋକ୍ଷ ବିଷୟକୁ ଜାଣିବା ଅଥବା କାର୍ଯ୍ୟକୁ ଦେଖି କାରଣ ଏବଂ କାରଣକୁ ଦେଖି ତା'ର କାର୍ଯ୍ୟ ନିଶ୍ଚୟ କରିବା। ଆମମାନଙ୍କର ପ୍ରତ୍ୟକ୍ଷଜ୍ଞାନର ସାଧନ ଯେପରି ଇନ୍ଦ୍ରିୟ ଓ ମନ, ସେହିପରି ଅନୁମାନ ଜ୍ଞାନର ସାଧନ ବ୍ୟାପ୍ତିବିଶିଷ୍ଟ ବୁଦ୍ଧି ବା ହେତୁଜ୍ଞାନ ଅଟେ। ଯେଉଁହେତୁରୁ ଯେଉଁ କାର୍ଯ୍ୟ ଉତ୍ପନ୍ନ ହେବାର ଅନେକ ସ୍ଥଳରେ ପ୍ରତ୍ୟକ୍ଷ କରାଯାଇଥାଏ, ସେହି କାର୍ଯ୍ୟକୁହିଁ ଅନ୍ୟ ସ୍ଥଳରେ ପ୍ରତ୍ୟକ୍ଷ କରି ତା'ସହିତ ସମ୍ବନ୍ଧ ଯୁକ୍ତ ସେଇ କାରଣରହିଁ ସେଠାରେ ଅସ୍ତିତ୍ୱ—ଅନୁମାନ କରିବାକୁ ହୁଏ। ଦୃଷ୍ଟାନ୍ତ ଏହି ଯେ—ନିଆଁରୁ ଧୂଆଁର ଉତ୍ପତ୍ତି ହୁଏ, ଏହା ଅନେକ ସ୍ଥଳରେ ଆମମାନଙ୍କର ପ୍ରତ୍ୟକ୍ଷ ହୋଇଥାଏ। ତା'ପରେ ନିଆଁ ନଥିଲେ ଧୂଆଁ ହୁଏ ନାହିଁ ଇତ୍ୟାକାରକ ବୋଧ ଅର୍ଥାତ୍ ଧୂଆଁ ସହିତ ନିଆଁର ସାହଚର୍ଯ୍ୟ ସମ୍ବନ୍ଧ ଜ୍ଞାନ ଆମ୍ଭମାନଙ୍କର ହୃଦୟରେ ସଂସ୍କାର ରୂପରେ ବଦ୍ଧମୂଳ ହୋଇ ରହେ। ଯେତେବେଳେ ଆମେମାନେ ଦୂର ପର୍ବତରେ ଧୂଆଁ ଉଠିବାର ଦେଖୁ, ସେତେବେଳେ ଆମମାନଙ୍କର ସେଇ ପୂର୍ବାନୁଭୂତ ବିଷୟର ସଂସ୍କାର ସ୍ମୃତିରୂପରେ ଉଦ୍‌ବୁଦ୍ଧ ହୁଏ। ସେଇ ସ୍ମୃତିବଳରେ ଧୂଆଁଥିବା ପର୍ବତରେ ଧୂଆଁର ସହଚର ନିଆଁ ଅବଶ୍ୟଅଛି ବୋଲି ଆମମାନଙ୍କର ଅପ୍ରତ୍ୟକ୍ଷ ନିଆଁର ସେଠାରେ ଯେଉଁ ଅସ୍ତିତ୍ୱ ଜ୍ଞାନ ହୁଏ, ତାହାହିଁ ଅନୁମାନ।

ଆମେମାନେ ପିତାଙ୍କୁ ପ୍ରତ୍ୟକ୍ଷ କରି ଜୀବନରେ କେବେହେଲେ ଦେଖିନଥିବା ଅପ୍ରତ୍ୟକ୍ଷ ପିତାମହଙ୍କର ଅସ୍ତିତ୍ୱ ଏହି ଅନୁମାନର ସାହାଯ୍ୟରେହିଁ ନିଶ୍ଚୟ କରିଥାଉ ଏବଂ ନଦୀରେ ଫେନଯୁକ୍ତ ଆବିଳ ଜଳର ପ୍ରବାହ ଦେଖି ପୂର୍ବ ମୁହୂର୍ତ୍ତରେ ବୃଷ୍ଟିର ସଦ୍‌ଭାବ, ଏହିପରି ମଧ୍ୟ ପରିପୁଷ୍ଟ ଓ ଅବିକୃତ ବୀଜକୁ ଦେଖି ତା'ର ଅଙ୍କୁରୋତ୍ପାଦନ ସାମର୍ଥ୍ୟ ଇତ୍ୟାଦି ବହୁବିଷୟ ଏହି ଅନୁମାନ ପ୍ରମାଣ ଦ୍ୱାରାହିଁ ବୁଝିବାକୁ ସମର୍ଥ ହୋଇ ଥାଉ। ଏହିପରି ମଧ୍ୟ ଦ୍ରବ୍ୟମଧ୍ୟରେ ଥିବା ମଧୁରାମ୍ଳାଦି ରସକୁ ପ୍ରତ୍ୟକ୍ଷ କରି ତା'ର ଗୁଣ, ବୀର୍ଯ୍ୟ, ବିପାକ ଓ କର୍ମକୁ ଅନୁମାନ କରାଯାଇଥାଏ ଏବଂ ଦ୍ରବ୍ୟର ଗୁଣ, ବୀର୍ଯ୍ୟ ବିପାକ ଓ କର୍ମକୁ ଅନୁଭବ କରି ତା'ର ମୌଳିକ ତତ୍ତ୍ୱ ମଧ୍ୟ ଅନୁମାନ ଦ୍ୱାରାହିଁ ନିଶ୍ଚୟ କରିବାକୁ ହୁଏ।

ଆମେମାନେ ପୃଥିବୀର ଗୁରୁତ୍ୱ ସ୍ଥୂଳତ୍ୱାଦିଗୁଣ, ଜଳର ଶୀତତ୍ୱ ସ୍ନିଗ୍ଧତ୍ୱାଦି ଗୁଣ, ତେଜର ଉଷ୍ଣତ୍ୱ ତୀକ୍ଷ୍ଣତ୍ୱାଦି ଗୁଣ, ବାୟୁର ରୁକ୍ଷତ୍ୱ ଖରତ୍ୱାଦି ଗୁଣ ଏବଂ ଆକାଶର ସୂକ୍ଷ୍ମତ୍ୱ ବିଶଦତ୍ୱାଦି ଗୁଣର ଯଥା ଯୋଗ୍ୟ ଅଧୋଗମନ ଊର୍ଦ୍ଧ୍ୱଗମନାଦି କ୍ରିୟାକୁ ପ୍ରଥମେ ପ୍ରତ୍ୟକ୍ଷ କରି ସେହି ସେହି ଗୁରୁତ୍ୱାଦି ଗୁଣ କ୍ରିୟା ସହିତ ପୃଥିବ୍ୟାଦି ଦ୍ରବ୍ୟମାନଙ୍କର ସାହଚର୍ଯ୍ୟ ବା ସାମାନାଧିକରଣ୍ୟ ସମ୍ବନ୍ଧ ଦୃଢ଼ଭାବରେ ବୁଝିବାକୁ ସମର୍ଥ ହୋଇଥାଉ । ଯେତେବେଳେ ଆମ୍ଭେମାନେ କୌଣସି ଦ୍ରବ୍ୟକୁ ଆହାର ବିହାର ରୂପରେ ଉପଯୋଗ କରି, ତଦ୍ୱାରା ନିଜର ଶରୀରର ଗୁରୁତ୍ୱ ସ୍ଥୂଳତ୍ୱାଦି ଗୁଣକ୍ରିୟା ବଢ଼ିବାର ଅନୁଭବ କରୁ, ସେତେବେଳେ ଆମ୍ଭେମାନେ ତାକୁ ପାର୍ଥିବ ଦ୍ରବ୍ୟ ବୋଲି ଅନୁମାନ ଦ୍ୱାରା ନିଶ୍ଚୟ କରିଥାଉ । ଏହିପରି ଯେଉଁଦ୍ରବ୍ୟ ଶରୀରର ସ୍ନିଗ୍ଧତ୍ୱ ଶୀତଳତ୍ୱାଦି ଗୁଣକ୍ରିୟାକୁ ବୃଦ୍ଧି କରେ—ତାହା ଜଳୀୟ, ଉଷ୍ଣତ୍ୱ ତୀକ୍ଷ୍ଣତ୍ୱାଦି ଗୁଣକ୍ରିୟାକୁ ଯେଉଁଦ୍ରବ୍ୟ ବୃଦ୍ଧି କରେ ତାହା ଆଗ୍ନେୟ, ରୁକ୍ଷତ୍ୱ ଖରତ୍ୱାଦି ଗୁଣକ୍ରିୟାକୁ ଯେଉଁଦ୍ରବ୍ୟ ବୃଦ୍ଧି କରେ ତାହା ବାୟବ୍ୟ ଏବଂ ଯେଉଁ ଦ୍ରବ୍ୟର ଉପଯୋଗରେ ଶରୀରର ସୂକ୍ଷ୍ମତ୍ୱ ବିଶଦତ୍ୱାଦି ଗୁଣକ୍ରିୟା ବୃଦ୍ଧିପ୍ରାପ୍ତ ହୁଏ, ତାହା ଆକାଶୀୟ ଦ୍ରବ୍ୟ ବୋଲି ଅନୁମାନ ଦ୍ୱାରହିଁ:ନିଶ୍ଚୟ କରାଯାଇଥାଏ ।

ସାରକଥାଟି ଏହିଯେ—ବିଭିନ୍ନ ଦ୍ରବ୍ୟମାନଙ୍କର ଉପଯୋଗ ଦ୍ୱାରା ଶରୀର ମଧ୍ୟରେ ଯେଉଁ ସ୍ନେହନ, ତର୍ପଣ, କର୍ଷଣ, ବୃଂହଣ, ବମନ, ବିରେଚନ, ଶୈତ୍ୟଜନନ ଓ ଦାହୋତ୍ପାଦନାଦି କ୍ରିୟା ଜାତହୁଏ, ଆମେମାନେ ସେହି ସବୁ କ୍ରିୟାକୁ ଦେଖି କ୍ରିୟାର ଆଧାର ଦ୍ରବ୍ୟଗୁଡ଼ିକ ଗୁରୁ କି ଲଘୁ, ଶୀତ କି ଉଷ୍ଣ, ସ୍ନିଗ୍ଧ କି ରୁକ୍ଷ, ବିଶଦ କି ପିଚ୍ଛିଳ, ପାର୍ଥିବ କି ଜଳୀୟ, ତୈଜସ କି ବାୟବ୍ୟ ଇତ୍ୟାଦି ବହୁ ବିଷୟ ଅନୁମାନ ଦ୍ୱାରା ହିଁ ବୁଝିବାକୁ ସମର୍ଥ ହୋଇଥାଉ ।

ଆଉରି ମଧ୍ୟ ଆମମାନଙ୍କର ଏହିଯେ—ପାଞ୍ଚଭୌତିକ ଅନ୍ନର ବିକାର ଶରୀର ରୂପି ଦ୍ରବ୍ୟ, ଏହାର ମଧ୍ୟ ଯେତେବେଳେ ଯେଉଁ ୨ ଗୁଣ କ୍ରିୟାର କ୍ଷୟ ବା ବୃଦ୍ଧି ହୋଇ ବିକାର ଉତ୍ପନ୍ନ ହୁଏ, ସେତେବେଳେ ସେହି ୨ କ୍ଷୀଣଗୁଣରେ ପୂରଣ ଓ ବୃଦ୍ଧି ପ୍ରାପ୍ତ ଗୁଣମାନଙ୍କର କ୍ଷୀଣତା ସମ୍ପାଦନ ନିମନ୍ତେ, ଆମେମାନେ ଏହି ଅନୁମାନ ପ୍ରମାଣର ସାହାଯ୍ୟରେହିଁ ସଜାତୀୟ କିମ୍ବା ବିଜାତୀୟ ଗୁଣ ବିଶିଷ୍ଟ ଉପଯୁକ୍ତ ଭୌତିକ ଦ୍ରବ୍ୟମାନଙ୍କୁ ଆହାର ବିହାର ରୂପରେ ଉପଯୋଗ କରି ଶାରୀରିକ ମୂଳ ତତ୍ତ୍ୱର ସମତା ବିଧାନ ପୂର୍ବକ ସ୍ୱାସ୍ଥ୍ୟରକ୍ଷା କରିଥାଉ ।

ଏହିପରି ଭାବରେ ପ୍ରତ୍ୟକ୍ଷ ଓ ଅନୁମାନ ପ୍ରମାଣ ଦ୍ୱାରା ଦ୍ରବ୍ୟଘଟିତ ଶରୀର ସ୍ୱାସ୍ଥ୍ୟ ସମ୍ପୃକ୍ତ ବହୁ ବିଷୟ ଆମମାନଙ୍କର ଜ୍ଞାନହେଲେ ମଧ୍ୟ ସମ୍ପୂର୍ଣ୍ଣ ଦ୍ରବ୍ୟବିଜ୍ଞାନ ଏହି ଉଭୟ ପ୍ରମାଣର ସୀମା ମଧ୍ୟରେ ରହେନାହିଁ । କାରଣକି—ଦ୍ରବ୍ୟ ଯେପରି ଅସଂଖ୍ୟ, ବିଜ୍ଞାନ ଯେପରି ଅନନ୍ତ, ସେହିପରି ବିଜ୍ଞାନର ସାଧନ ଆମମାନଙ୍କର ଇନ୍ଦ୍ରିୟ ମନ ଓ ବୁଦ୍ଧି ଅସଂଖ୍ୟ ଅନନ୍ତ ନୁହେ । ଦେଖଯେ—ଏହି ପୃଥିବୀରେ ଏହିପରି ଅନେକ ଦ୍ରବ୍ୟଅଛି, ଯାହାକୁ କି ବାହୁରେ ବା ଗଳାରେ ଧାରଣ କଲେ ଜ୍ୱର ଛାଡ଼ିଯାଏ । ଏହିପରି ଏକ ମୂଳିକା ଅଛି, ଯାହାକୁ କି ମସ୍ତକରେ ଧାରଣ କଲେ ନିଦ୍ରାଲାଭ ହୁଏ । ଏହିପରି ଏକ ଅଞ୍ଜନ ଅଛି—ଯାହାକୁ ଆଖିରେ ଲଗାଇ ରାତିରେ ଦୀପକୁ ଚାହିଁ ରହିଲେ ଏକଦିନ ମଧ୍ୟରେ ପୂଯ ମେହ ( ଗନୋରିୟା ) ର ବିଷ ବିନଷ୍ଟ ହୁଏ । ଏହିପରି ଏକଗଛ ଅଛି, ଯା'ର ଛାଇରେ ଠିଆ ହେଲେ ପଶୁ କିମ୍ବା ମନୁଷ୍ୟର ତତ୍କାଳରେ ବିରେଚନ ହୁଏ । ଏହିପରି ଏକ ମୂଳିକା ଅଛି, ଯାହାକୁ କି ପୁଷ୍ୟା ନକ୍ଷତ୍ରରେ ଆଣି କଟିରେ ଧାରଣ କରି ପୁରୁଷ ସହବାସ କଲେ ସ୍ତ୍ରୀର ଗର୍ଭସଞ୍ଚାର ହୁଏନାହିଁ । ଏହିପରି ଏକଗଛ ଅଛି, ଯା'ର ଉତ୍ତର ଦିଗର ଚେରକୁ ଆଣି ଅଣ୍ଟାରେ ବାନ୍ଧିଲେ ସ୍ତ୍ରୀ ସୁଖରେ ପ୍ରସବ କରେ । ଏହିପରି ଅନେକ ମଣି ମନ୍ତ୍ର ଅଛି ଯା'ର ସ୍ପର୍ଶ ଓ ଉଚ୍ଚାରଣମାତ୍ରେ ଉଗ୍ର ବିଷଧର ସର୍ପର ବିଷ ଛାଡ଼ିଯାଏ । ଏହି ସେସବୁ ଦ୍ରବ୍ୟମାନଙ୍କର ସ୍ୱାଭାବିକ ପ୍ରଭାବ । ଏହା ପ୍ରତ୍ୟକ୍ଷ କିମ୍ବା ଅନୁମାନ ପ୍ରମାଣ ଦ୍ୱାରା ଜଣାଯାଏ ନାହିଁ । ଆଉରି ମଧ୍ୟ ଦେଖଯେ—ଦ୍ରବ୍ୟମାନଙ୍କର ରସ, ଗୁଣ, ବିପାକ ଓ ବୀର୍ଯ୍ୟ ଏସବୁ ପରସ୍ପର ସମାନ ଥିଲେ ମଧ୍ୟ ଉଭୟ ଦ୍ରବ୍ୟର କ୍ରିୟାରେ ବିଲକ୍ଷଣତା ଦେଖାଯାଇ ଥାଏ । କଷାୟ ରସ ପ୍ରଧାନ ଦ୍ରବ୍ୟ ମାତ୍ରେ ହିଁ ମଳରୋଧ କରେ । କିନ୍ତୁ ହରିଡ଼ା କଷାୟରସ ପ୍ରଧାନ ହେଲେ ମଧ୍ୟ ମଳରୋଧ କରେନାହିଁ, ବିରେଚନ କରେ । ଦନ୍ତୀ ଓ ଚିତାପାରୁ ଏ ଉଭୟ ଦ୍ରବ୍ୟ ରସରେ, ଗୁଣରେ, ବିପାକରେ ଓ ବୀର୍ଯ୍ୟରେ ସମାନ ଅଟେ । କିନ୍ତୁ ଦନ୍ତୀ ବିରେଚନ କରେ—ଚିତାପାରୁ ବିରେଚନ କରେ ନାହିଁ । ଏହିପରି ବିଷ ମାତ୍ରେ ହିଁ ପ୍ରାଣନାଶକ ହେଲେ ମଧ୍ୟ ସ୍ଥାବରବିଷର ପ୍ରୟୋଗରେ ଜଙ୍ଗମବିଷ ବିନଷ୍ଟ ହୋଇ ପ୍ରାଣରକ୍ଷା ହୁଏ । ଏହି ସମସ୍ତର କାରଣ କ'ଣ ? ଏହା ପ୍ରତ୍ୟକ୍ଷ କିମ୍ବା ଅନୁମାନ ପ୍ରମାଣ ଦ୍ୱାରା ନିର୍ଣ୍ଣୟ କରାଯାଇପାରେ ନାହିଁ । ଏ ବିଷୟରେ ପ୍ରତ୍ୟକ୍ଷ ଏବଂ ଅନୁମାନ ପ୍ରମାଣ ପଙ୍ଗୁ, ଅନ୍ଧ ଓ ମୂକ । ପାଶ୍ଚାତ୍ୟ ବୈଜ୍ଞାନିକ ଆବିଷ୍କୃତ ଅଣୁବୀକ୍ଷଣାଦି ଯନ୍ତ୍ରର ସାହାଯ୍ୟରେ କିମ୍ବା କୌଣସି ପ୍ରକାର ଯୁକ୍ତି ତର୍କରେ ମଧ୍ୟ ଏହାର ମୀମାଂସା କରାଯାଇପାରେ ନାହିଁ ।

ଆଉରି ମଧ୍ୟ ବିଭିନ୍ନ ନାମଉଚ୍ଚାରଣ କରିବା ମାତ୍ରେ ଆମମାନଙ୍କର ଯେଉଁ ବିଭିନ୍ନ ପ୍ରକାର ଦ୍ରବ୍ୟ, ଗୁଣ, କ୍ରିୟା ଓ ଜାତିର ଜ୍ଞାନହୁଏ, ସେହି ୨ ଜ୍ଞାନମଧ୍ୟ ପ୍ରତ୍ୟକ୍ଷ କିମ୍ବା ଅନୁମାନ ପ୍ରମାଣର ସାହାଯ୍ୟକୁ ଅପେକ୍ଷା କରେନାହିଁ । ଅର୍ଥାତ୍ ଆମ୍ର, ପଣସ, କଦଳୀ, ନଡ଼ିଆ ଇତ୍ୟାଦି ନାମିଦ୍ରବ୍ୟ ସହିତ ନାମର ଯେଉଁ ବାଚ୍ୟ ବାଚକ ସମ୍ବନ୍ଧ ଜ୍ଞାନହୁଏ, ତାହା ଗୁରୁପଦେଶ ବ୍ୟତିରେକେ କେବଳ ଇନ୍ଦ୍ରିୟ, ମନ ଓ ବୁଦ୍ଧିର ସାହାଯ୍ୟରେ ନିର୍ଣ୍ଣୟ କରାଯାଇ ପାରେନାହିଁ । ସୁତରାଂ ଏପରିସ୍ଥଳରେ ଗୁରୁପ୍ରଦେଶକୁହିଁ ପ୍ରମାଣ ବୋଲି ମାନିବାକୁ ହୁଏ ଏବଂ ତଦ୍ଦ୍ୱାରାହିଁ ଦ୍ରବ୍ୟମାନଙ୍କର ପ୍ରଭାବ ଓ ପଦ ପଦାର୍ଥର ସମ୍ବନ୍ଧ ଇତ୍ୟାଦି ବିଷୟ ଜାଣିବାକୁ ହୁଏ ।

ଗୁରୁପଦେଶକୁ ଆପ୍ତୋପଦେଶ, ଆଗମୋପଦେଶ, ଏବଂ ଶାସ୍ତ୍ରୋପଦେଶ ମଧ୍ୟ ବୋଲାଯାଏ, ମାତ୍ର ଏଠାରେ ବୁଝି ରଖିବାକୁ ହେବ ଯେ—ଯେକୌଣସି ଉପଦେଶ ବୋଲ ତାହା ଶବ୍ଦାତ୍ମକ ଅଟେ । ବିନାଶବ୍ଦରେ କୌଣସି ପ୍ରକାର ଉପଦେଶ ଦିଆ ଯାଇପାରେ ନାହିଁ ଏବଂ ବିନା ଉପଦେଶରେ ସ୍ୱଭାବତଃ କୌଣସି ପ୍ରକାର ଦ୍ରବ୍ୟ, ଗୁଣ କ୍ରିୟା ଓ ଜାତିର ଶବ୍ଦସଙ୍କେତ ଜ୍ଞାନ ହୁଏ ନାହିଁ, ସୁତରାଂ ଯାହା ଉପଦେଶ ତାହାହିଁ ଶବ୍ଦପ୍ରମାଣ ବୋଲି ବୁଝିବାକୁ ହେବ । ପିତା :ମାତାଦି ଗୁରୁବର୍ଗଙ୍କର ବିନା ଉପଦେଶରେ ମନୁଷ୍ୟର ସ୍ୱଭାବତଃ ବର୍ଣ୍ଣାତ୍ମକ ଶବ୍ଦର ଉଚ୍ଚାରଣ ଓ ସଙ୍କେତ ଜ୍ଞାନ ହୁଏ ନାହିଁ ଏବଂ ଶବ୍ଦର ସଙ୍କେତ ଓ ଉଚ୍ଚାରଣ ଜ୍ଞାନ ବ୍ୟତିରେକେ କୌଣସି ପ୍ରକାରେହିଁ ମାନବୀ ଭାଷାରେ ସ୍ଫୂର୍ତ୍ତି ହୋଇ ପାରେନାହିଁ । ଆମମାନଙ୍କର ସକଳ ପ୍ରକାର ବିଷୟ ଜ୍ଞାନର ମୂଳ ହେଉଛି ପ୍ରଥମତଃ ଏହି ଗୁରୁପ୍ରଦିଷ୍ଟ ବର୍ଣ୍ଣାତ୍ମକ ଶବ୍ଦମାନଙ୍କର ସଙ୍କେତ ଜ୍ଞାନ । ଆମମାନଙ୍କୁ ପ୍ରତ୍ୟକ୍ଷ ଓ ଅନୁମାନ ପ୍ରମାଣ ଦ୍ୱାରା ଯାହା ଜଣାଯାଏ ନାହିଁ, ତାହା ଗୁରୁପଦିଷ୍ଟ ବର୍ଣ୍ଣାତ୍ମକ ଶବ୍ଦର ସାହାଯ୍ୟରେହିଁ ଜଣା-ଯାଇ ଥାଏ । ଆମେମାନେ ପିତାଙ୍କୁ ପ୍ରତ୍ୟକ୍ଷ କରି ଅପ୍ରତ୍ୟକ୍ଷ ପିତାମହାଦି ଜନକ ପରମ୍ପରାର ଅସ୍ତିତ୍ୱ ଅନୁମାନ ଦ୍ୱାରା ଜାଣିବାକୁ ସମର୍ଥ ହୋଇଥାଉ ସତ, କିନ୍ତୁ ସେହି ଯେ ପିତାମହ ଓ ପ୍ରପିତାମହାଦି ପୁରୁଷମାନେ ସେମାନେ କଳାଥିଲେ ଗୋରାଥିଲେ ? ବୁଦ୍ଧିମାନ୍ ଥିଲେ କି ନିର୍ବୋଧ ଥିଲେ ? ମୂର୍ଖ ଥିଲେ କି ପଣ୍ଡିତ ଥିଲେ ? ଏସବୁ ବିଷୟ ପ୍ରତ୍ୟକ୍ଷ ଦର୍ଶୀର ଉପଦେଶ ବ୍ୟତିରେକେ ଜାଣିବାର ଅନ୍ୟ କୌଣସି ଉପାୟ ନାହିଁ । ଅତଏବ ପ୍ରତ୍ୟକ୍ଷ ଓ ଅନୁମାନର ଅତୀତ ବିଷୟ ସବୁ ଜାଣିବା ପାଇଁ ଆମମାନଙ୍କୁ ଗୁରୁପଦିଷ୍ଟ ବର୍ଣ୍ଣାତ୍ମକ ଶବ୍ଦକୁହିଁ ପ୍ରମାଣ ରୂପରେ ମାନି ଚଳିବାକୁ ହୁଏ । ଆମେମାନେ ଭାରତବର୍ଷରେ ଥାଇ ସୁଦୂର ୟୁରୋପ ଓ ଆମେରିକାଦି ଦେଶର ସାମାଜିକ ଓ ଭୌଗଳିକ ସ୍ଥିତି ଏହିଶବ୍ଦ ପ୍ରମାଣଦ୍ୱାରାହିଁ ହୃଦୟଙ୍ଗମ କରିଥାଉ ଏବଂ ବର୍ତ୍ତମାନ ଜଗତରେ ଥାଇ ଅତୀତ ଯୁଗ ଯୁଗାନ୍ତରର ଐତିହାସିକ ଘଟଣା ଏବଂ ଭବିଷ୍ୟତ୍ ସୂର୍ଯ୍ୟ ଚନ୍ଦ୍ର ଗ୍ରହଣାଦି ବିଷୟ ଆମେମାନେ ଏହି ଶବ୍ଦ ପ୍ରମାଣର ସାହାଯ୍ୟରେହିଁ ନିର୍ଣ୍ଣୟ କରିବାକୁ ସମର୍ଥ ହୋଇଥାଉ । ବିଭିନ୍ନ ଦେଶର ଧର୍ମନୀତି ଅର୍ଥନୀତି ଓ ସମାଜନୀତି ଜାଣିବାକୁ ହୁଏ ଏହି ଶବ୍ଦପ୍ରମାଣ ଦ୍ୱାରା ଏବଂ ଆଧିଭୌତିକ ଓ ଆଧ୍ୟାତ୍ମିକ ଜଗତର ସୂକ୍ଷ୍ମାଦି ସମସ୍ତ ପଦାର୍ଥ ଅଧିକନ୍ତ—ଆମମାନଙ୍କର ଇନ୍ଦ୍ରିୟ, ମନ ଓ ବୁଦ୍ଧିର ଅଗମ୍ୟ ଅଣୋରଣୀୟାନ୍ ମହତୋ ମହୀୟାନ୍ ନିର୍ଗୁଣ ବ୍ରହ୍ମତତ୍ତ୍ୱ ଜଣାଯାଇ ଥାଏ କେବଳ ଗୁରୁପଦିଷ୍ଟ ଶବ୍ଦପ୍ରମାଣ ଦ୍ୱାରା । ଅତଏବ ମହାକବି ଦଣ୍ଡୀ ତାଙ୍କର କାବ୍ୟାଦର୍ଶରେ ଲେଖିଛନ୍ତି—

ଇଦମନ୍ଧତମଃ କୃତ୍ସ୍ନଂ ଜାୟେତ ଭୁବନତ୍ରୟଂ, ଯଦିଶବ୍ଦାହ୍ୱୟଂ ଜ୍ୟୋତିରାସଂସାରଂ ନଦୀପ୍ୟତେ ।

ଅର୍ଥାତ୍ ସୃଷ୍ଟିର ଆରମ୍ଭରୁ ଯଦି ଶବ୍ଦବ୍ରହ୍ମର ଜ୍ୟୋତି ଜଗତରେ ପ୍ରକାଶ ହୋଇନଥାନ୍ତା, ତା'ହେଲେ ଏହି ସମଗ୍ର ସଂସାର ଗାଢ଼ ଅନ୍ଧକାର ଗର୍ଭରେ ବିଲୀନ ହୋଇଥାନ୍ତା ।

ସାରକଥାଟା ଏହିଯେ—ବର୍ତ୍ତମାନ ପୃଥିବୀରେ ପ୍ରଚଳିତ ଆର୍ଯ୍ୟ ଅନାର୍ଯ୍ୟ ବିଭିନ୍ନ ଭାଷା ମଧ୍ୟରେ ଯେଉଁସବୁ ବର୍ଣ୍ଣାତ୍ମକଶବ୍ଦ ବ୍ୟବହୃତ ହୁଏ, ସେସବୁ ଶବ୍ଦ ସେହି ସେହି ଭାଷାଭାଷୀ ପିତାମାତା, ଓ ଶିକ୍ଷକ ଓ ଧର୍ମୋପଦେଶକାଦି ଗୁରୁପଦିଷ୍ଟ ଅଟେ । ଗୁରୁପଦିଷ୍ଟ ଶବ୍ଦକୁହିଁ ପ୍ରମାଣରୂପରେ ଅବଲମ୍ବନ କରି ପୃଥିବୀର ବିଭିନ୍ନ ଭାଷାଭାଷୀ ମନୁଷ୍ୟ ସମାଜ ନିଜନିଜର ଧାର୍ମିକ, ସାମାଜିକ, ଆର୍ଥିକ ଓ ରାଜନୈତିକାଦି ସମସ୍ତ ଲୌକିକ ବ୍ୟବହାର ଚଳାଇ ଆସୁଅଛି ଏବଂ ଏଥିଦ୍ୱାରାହିଁ ସୃଷ୍ଟ୍ୟାଦିସହ ସମସ୍ତ ଅଲୌକିକ ପଦାର୍ଥ ମଧ୍ୟ ନିର୍ଣ୍ଣୟ କରିବାକୁ ସମର୍ଥ ହେଉଅଛି । ତେବେ ଏଠାରେ ପ୍ରଶ୍ନ କରାଯାଇ ପାରେଯେ—ଏହି ଜଗତର ସମସ୍ତ ଜ୍ଞାନ ବିଜ୍ଞାନର ସାଧନ ବର୍ଣ୍ଣାତ୍ମକ ଶବ୍ଦମାନଙ୍କର ପ୍ରଥମ ସ୍ରଷ୍ଟା କିଏ ? ପୃଥିବୀସ୍ଥିତ ବିଭିନ୍ନ ଭାଷାଭାଷୀ ମନୁଷ୍ୟ ସମାଜର ଜ୍ଞାନ ବିଜ୍ଞାନୋପଦେଶକ ଗୁରୁପରମ୍ପରାର ଆଦିଗୁରୁ କିଏ ? ଏବଂ ସେହି ଆଦିଗୁରୁଙ୍କର ଆଦି ଭାଷା ଓ ଆଦ୍ୟୋପଦେଶ କ'ଣ ? ଏହାର ଉତ୍ତରରେ ମହର୍ଷି ପତଞ୍ଜଳି ତାଙ୍କର ଯୋଗ ସୂତ୍ରରେ ଲେଖିଛନ୍ତି ଯେ—

" ସ ପୂର୍ବେଷାମପି ଗୁରୁଃ କାଳେନାନବଚ୍ଛେଦାତ୍ । "

ଅର୍ଥାତ୍ ଏହି ପୃଥିବୀର ବିଭିନ୍ନ ଭାଷାଭାଷୀ ମନୁଷ୍ୟ ସମାଜର ବିଭିନ୍ନ ଜ୍ଞାନ ବିଜ୍ଞାନୋପଦେଶକ ଗୁରୁ ପରମ୍ପରାରେ ଆଦିଗୁରୁ ଅଟନ୍ତି ସତ୍ୟ ସନାତନ ଅନାଦି ସର୍ବଜ୍ଞ ପରମେଶ୍ୱର । ସର୍ବହୃଦସ୍ଥିତ, ସର୍ବାନ୍ତର୍ଯ୍ୟାମୀ ପରମେଶ୍ୱରହିଁ ବର୍ଣ୍ଣାତ୍ମକ ଶବ୍ଦମାନଙ୍କର ସ୍ରଷ୍ଟା । ସେହେତୁରୁ ମହର୍ଷି ପାଣିନି ତାଙ୍କର ଶିକ୍ଷା ଗ୍ରନ୍ଥରେ ବର୍ଣ୍ଣାତ୍ମକ ଶବ୍ଦମାନଙ୍କର ଅଭିବ୍ୟକ୍ତି ସମ୍ବନ୍ଧେ ଏହିପରି ଲେଖିଛନ୍ତି —

"ଆତ୍ମାବୁଦ୍ଧ୍ୟା ସମେତ୍ୟାର୍ଥାନ୍ ମନୋ ଯୁଙ୍କ୍ତେ ବିବକ୍ଷୟା ମନଃ କାୟାଗ୍ନିମାହନ୍ତି

ସ ପ୍ରେରୟତି ମାରୁତଂ ମାରୁତ ସ୍ତୂରସି ଚରନ୍ ମନ୍ଦ୍ରଂ ଜନୟତେ ସ୍ୱରମ୍ ।"

ଅର୍ଥାତ୍ ଇଚ୍ଛା ଜ୍ଞାନ ଓ କ୍ରିୟାସ୍ୱରୂପୀ ଆତ୍ମା ପ୍ରଥମେ ସମସ୍ତ ବିଷୟ ବୁଦ୍ଧି ମନୋମଧ୍ୟରେ କହିବା ପାଇଁ ଇଚ୍ଛାଶକ୍ତିକୁ ପ୍ରେରଣା କରେ । ଇଚ୍ଛାଶକ୍ତି ଜ୍ଞାନ ତନ୍ତୁମାନଙ୍କୁ ପ୍ରେରଣାଦିଏ । ତା'ପରେ ସେହି ଜ୍ଞାନ ତନ୍ତୁମାନଙ୍କରେ ଥିବା ବାୟୁ ବକ୍ଷମଧ୍ୟରେ ସଞ୍ଚାର କରି ମନ୍ଦ୍ର ସ୍ୱର (ଶବ୍ଦ) ଉତ୍ପନ୍ନକରେ । ଏହିସ୍ୱରହିଁ ପରା, ପଶ୍ୟନ୍ତୀ ମଧ୍ୟମା ଓ ବୈଖରୀ ରୂପରେ କଣ୍ଠ୍ୟ ତାଲବ୍ୟାଦି ବର୍ଣ୍ଣଘଟିତ ଶବ୍ଦାକାରରେ ମୁଖମାର୍ଗରେ ନିର୍ଗତ ହୁଏ । ଏଥିରୁ ଏହା ସ୍ପଷ୍ଟ ପ୍ରତିପନ୍ନ ହୁଏଯେ—ବର୍ଣ୍ଣାତ୍ମକ ଶବ୍ଦମାନଙ୍କର ପ୍ରଥମ ଉଦ୍‌ଗମସ୍ଥାନ ଆଦିଗୁରୁ ସର୍ବଜ୍ଞ ପରମାତ୍ମା ଅଟନ୍ତି । ଏହି ଆଦିଗୁରୁଙ୍କର ଯାହା ଆଦିଭାଷା ତାହା ସଂସ୍କୃତ ଭାଷାହିଁ ହେବା ଉଚିତ । କାରଣକି, ସଂସ୍କୃତଭାଷା ମନୁଷ୍ୟର ବ୍ୟବହୃତ କୌଣସି ଦେଶଜ ଭାଷାନୁହେ । ଏହା ସକଳ ଭାଷାର ଜନନୀ, ଅନାଦି, ଅମରଭାରତୀ ଦିବ୍ୟଭାଷା । ସେହେତୁରୁ ବୋଲାଯାଇଛି—

ସଂସ୍କୃତଂନାମ ଦୈବୀବାକ୍ ଅନ୍ୱାଖ୍ୟାତା ମହର୍ଷିଭିଃ ତଦ୍‌ଭବସ୍ତତ୍‌ସମୋ ଦେଶୀତ୍ୟନେକଃ ପ୍ରାକୃତକ୍ରମଃ ।

ଅର୍ଥାତ୍ ସଂସ୍କୃତଭାଷା ଦେବଭାଷା । ଏହି ଭାଷାରୁହିଁ ସମସ୍ତ ପ୍ରାକୃତ ଭାଷାର ଉତ୍ପତ୍ତି ହୋଇଅଛି । ବର୍ତ୍ତମାନ ପୃଥିବୀ ପ୍ରଚଳିତ ସମସ୍ତ ଭାଷାର ମୂଳ ସଂସ୍କୃତ ଭାଷା ବୋଲି ପାଶ୍ଚାତ୍ୟ ପଣ୍ଡିତମାନେ ମଧ୍ୟ ପ୍ରମାଣିତ କରିଛନ୍ତି । ସୁତରାଂ ଏହି ସଂସ୍କୃତ ଭାଷାମୟ ସମସ୍ତ ଜ୍ଞାନ ବିଜ୍ଞାନ ପୂର୍ଣ୍ଣ, ସତ୍ୟାର୍ଥ ପ୍ରକାଶକ, ଅପୌରୁଷେୟ (ପାଶ୍ଚାତ୍ୟ ପଣ୍ଡିତମାନଙ୍କ ମତରେ ଜଗତରେ ଆଦିଗ୍ରନ୍ଥ) ସତ୍ୟ, ସନାତନ ବେଦଶାସ୍ତ୍ରହିଁ ଜଗତର ଆଦିଗୁରୁ ସର୍ବଜ୍ଞ ପରମେଶ୍ୱରଙ୍କର ଆଦ୍ୟୋପଦେଶ ଏବଂ ତାହାହିଁ ମୂଳପ୍ରମାଣ । ପ୍ରତ୍ୟକ୍ଷ ଓ ଅନୁମାନ ପ୍ରମାଣ ଦ୍ୱାରା ଯାହା ଜଣାଯାଏ ନାହିଁ, ତାହା ସେହି ବେଦ ପ୍ରମାଣ ଦ୍ୱାରାହିଁ ଜାଣିବାକୁ ହୁଏ । ଅତଏବ ବେଦଭାଷ୍ୟକାର ସାୟଣାଚାର୍ଯ୍ୟ ଲେଖିଛନ୍ତି—

"ପ୍ରତ୍ୟକ୍ଷେଣାନୁମିତ୍ୟା ବା ଯସ୍ତୂପାୟୋ ନ ବିଦ୍ୟତେ, ଏନମ୍ ବିଦନ୍ତି ବେଦେନ ତସ୍ମାଦ୍ ବେଦସ୍ୟ ବେଦତା"

ଅର୍ଥାତ୍ ଏହାହିଁ ବେଦର ବେଦତ୍ୱ ଏବଂ ଏଥିଦ୍ୱାରା ଏହିସବୁ କଥା ଜାଣିବାକୁ ହୁଏ, ଯାହାକି ପ୍ରତ୍ୟକ୍ଷ ଓ ଅନୁମାନ ପ୍ରମାଣଦ୍ୱାରା ଜଣାଯାଏ ନାହିଁ ।

ଏଥିପୂର୍ବେ ଆମେ ପ୍ରତ୍ୟକ୍ଷ ପ୍ରମାଣର ବାଧକ କାରଣ ସବୁ ବିଶଦଭାବରେ ଲେଖିଅଛୁ । ଯେତେବେଳେ ପ୍ରତ୍ୟକ୍ଷ-ଜ୍ଞାନର ସାଧନା ଆମମାନଙ୍କର ଇନ୍ଦ୍ରିୟ ଗୁଡ଼ିକ ଏତେ ଦୁର୍ବଳ, ସେତେବେଳେ ସେହି ପ୍ରତ୍ୟକ୍ଷ ମୂଳକ ଅନୁମାନ ପ୍ରମାଣସେ ସୁତରାଂ ଦୁର୍ବଳ ତାହା ଏଠାରେ ବୋଲିବା ବାହୁଲ୍ୟମାତ୍ର ।

ଏହି ସବୁ କାରଣରୁହିଁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ବସ୍ତୁତତ୍ତ୍ୱ ନିର୍ଣ୍ଣୟ ବିଷୟରେ ସାକ୍ଷାତ୍ ବେଦକୁ ଓ ବେଦାନୁଗତ ସ୍ମୃତିଶାସ୍ତ୍ରକୁ ଯଥାକ୍ରମେ ପ୍ରତ୍ୟକ୍ଷ ଓ ଅନୁମାନ ପ୍ରମାଣ ବୋଲି ମାନିଛନ୍ତି । ଆମମାନଙ୍କର ପ୍ରତ୍ୟକ୍ଷ ଓ ଅନୁମାନ ଜ୍ଞାନ, ବେଦର ଯେତିକି ସହାୟତା କରେ, ସେତିକି ମାତ୍ର ତାହା ପ୍ରମାଣ ବୋଲି ଶଙ୍କରାଚାର୍ଯ୍ୟଙ୍କର ମତ ।

ସମୁଦାୟ କଥାର ତାତ୍ପର୍ଯ୍ୟ ଏହିଯେ—ଆଦିଗୁରୁ ପରମେଶ୍ୱରୋପଦିଷ୍ଟ ଅନାଦି ବେଦଶାସ୍ତ୍ରହିଁ ପୃଥିବୀ ପ୍ରଚଳିତ ସମସ୍ତ ପ୍ରମାଣମାନଙ୍କର ମୂଳ ପ୍ରମାଣ ।

ବେଦ ଚାରିଭାଗରେ ବିଭକ୍ତ ଯଥା—ଋକ୍, ସାମ, ଯଜୁ ଓ ଅଥର୍ବ । ଏଥିମଧ୍ୟରୁ ଅଥର୍ବ ବେଦର ଅଙ୍ଗହୋଇଛି ଆମ୍ଭମାନଙ୍କର ଆୟୁର୍ବେଦ ବିଜ୍ଞାନ । ସୁଶ୍ରୁତସଂହିତାରେ ଲେଖା ଅଛିଯେ—

"ଇହ ଖଳୁ ଆୟୁର୍ବେଦୋ ନାମ ଯଦୁପାଙ୍ଗମଥର୍ବବେଦସ୍ୟ । ଅନୁତ୍ପାଦ୍ୟୈବ ପ୍ରଜାଃ ଶ୍ଳୋକଶତସହସ୍ରମଧ୍ୟାୟସହସ୍ରଂଚ କୃତବାନ୍ ସ୍ୱୟମ୍ଭୂଃ । ବ୍ରହ୍ମା ପ୍ରୋବାଚ, ତତଃ ପ୍ରଜାପତିରଧିଜଗେ, ତସ୍ମାଦଶ୍ୱିନୌ, ଅଶ୍ୱିଭ୍ୟାମିନ୍ଦ୍ରଃ, ଇନ୍ଦ୍ରାଦହଂ (ଦିବୋଦାସଃକାଶୀରାଜ) ମୟାତ୍ୱିହ ପ୍ରଦେୟମର୍ଥିଭ୍ୟଃ ପ୍ରଜାହିତହେତୋଃ"

ଅର୍ଥାତ୍ ପ୍ରଜାସୃଷ୍ଟି ପୂର୍ବରୁ ଆଦି ପୁରୁଷ ବ୍ରହ୍ମା ● ଅଥର୍ବ ବେଦର ଉପବେଦ ଆୟୁର୍ବେଦକୁ ଲକ୍ଷେ ଶ୍ଳୋକରେ ଉପଦେଶ ଦେଇଥିଲେ । ବ୍ରହ୍ମାଙ୍କଠାରୁ ଦକ୍ଷ, ଦକ୍ଷଙ୍କଠାରୁ ଅଶ୍ୱିନୀକୁମାର, ସେ ଦୁହିଁଙ୍କଠାରୁ ଇନ୍ଦ୍ର, ଇନ୍ଦ୍ରଙ୍କଠାରୁ ଦିବୋଦାସ କାଶୀରାଜ ଓ ଭରଦ୍ୱାଜ ପ୍ରଭୃତି ଋଷିଗଣ ଏବଂ ସେହି ଋଷିମାନଙ୍କର ଶିଷ୍ୟାନୁଶିଷ୍ୟ କ୍ରମରେ ସଂସ୍କୃତପ୍ରାକୃତ ଆର୍ଯ୍ୟ ଅନାର୍ଯ୍ୟ ବିଭିନ୍ନ ଭାଷାମଧ୍ୟରେ ସେହି ଆଦିଗୁରୁ ପରମେଶ୍ୱରଙ୍କର ଆଦ୍ୟ ଉପଦେଶ ଧାରାହିଁ ବିଭିନ୍ନରୂପରେ ପ୍ରବାହିତ ଓ ପ୍ରଚଳିତ ହୋଇ ଆସିଅଛି । ଅତଏବ ଏଥିରୁ ଏହା ବୁଝିବାକୁ ହେବଯେ—ବର୍ତ୍ତମାନ ୟୁରୋପ ଓ ଆମେରିକାଦି ଦେଶର ବୈଜ୍ଞାନିକମାନଙ୍କର ଆବିଷ୍କୃତ ଜଳଚିକିତ୍ସା, ସୂର୍ଯ୍ୟରଶ୍ମିଚିକିତ୍ସା, ବର୍ଣ୍ଣଚିକିତ୍ସା, ବିଦ୍ୟୁତ୍‌ଚିକିତ୍ସା ଓ ମେସ୍ମେରିଜମ-ଚିକିତ୍ସା ଠାରୁ ଆରମ୍ଭକରି ବିଭିନ୍ନଦେଶର କବି, କବିରାଜମାନଙ୍କ ମଧ୍ୟରେ ପ୍ରଚଳିତ ଔଷଧ ପ୍ରୟୋଗ ଓ ଅଭୀଷ୍ଟଦେବ-ଦେବୀର ପୂଜା ଉପାସନାଦି ପର୍ଯ୍ୟନ୍ତ ସମସ୍ତ ଆଧିବ୍ୟାଧି ନାଶକ ବିଧି ବିଧାନହିଁ ସେହି ଆଦି ଗୁରୁଙ୍କର ଆଦ୍ୟୋପଦେଶଧାରାର ରୂପାନ୍ତର ମାତ୍ର । ସେହେତୁରୁ ମହର୍ଷି ଚରକ ବେଦର ସ୍ୱରୂପ ପରିଚୟ ଦେବାକୁ ଯାଇ ଏହିପରି ଲେଖିଛନ୍ତି ଯେ—

"ଆପ୍ତାଗମସ୍ତାବଦ୍‌ବେଦଃ ଯଃ କଶ୍ଚିତ୍ ଅନ୍ୟୋଽପି ବେଦାର୍ଥାତ୍ ଅବିପରୀତଃ

ପରୀକ୍ଷକୈଃ ପ୍ରଣୀତଃ ଲୋକାନୁଗ୍ରହପ୍ରବୃତ୍ତଃ ଶାସ୍ତ୍ରବାଦ ସ ଚ ଆପ୍ତାଗମଃ" ।

ଅର୍ଥାତ୍ ସତ୍ୟାର୍ଥ ପ୍ରକାଶକ ବେଦର ଉପଦେଶକୁ ଆପ୍ତୋପଦେଶ ବୋଲାଯାଏ । ଯେକୌଣସି ଅନ୍ୟ ପୁରୁଷର ଉପଦେଶ ଯଦି ଏହି ବେଦାର୍ଥର ଅବିରୋଧୀ ହୁଏ ପରୀକ୍ଷକ ପ୍ରଣୀତ ହୁଏ ଓ ଜନସମାଜର କଲ୍ୟାଣ ସାଧକ ହୁଏ, ସେହି ସେହି ସତ୍ୟାର୍ଥ ପ୍ରକାଶକ ଶାସ୍ତ୍ରକୁ ବା ଉପଦେଶକୁ ମଧ୍ୟ ବେଦ ବୋଲି ମାନିବାକୁ ହେବ । ସାରକଥାଟି ଏହିଯେ ଦ୍ରବ୍ୟ-ମାନଙ୍କର ଗୁଣ, କର୍ମ, ପ୍ରକୃତି ଓ ପ୍ରଭାବାଦି ବିଷୟ ପ୍ରତ୍ୟକ୍ଷ ଓ ଅନୁମାନ ପ୍ରମାଣଦ୍ୱାରା ବୋଧ ନହେଲେ ଗୁରୂପଦେଶ, ଶାସ୍ତ୍ରୋପଦେଶ ଓ ଯଥାର୍ଥବାଦୀ ଯେ କୌଣସି ବିଶ୍ୱସ୍ତ ପୁରୁଷର ଉପଦେଶରୁ ସେହି ସମସ୍ତ ବିଷୟ ବୁଝିବାକୁ ହେବ । ଅରଣ୍ୟବାସୀ ତପସ୍ୱୀମାନଙ୍କଠାରୁ ଆରମ୍ଭକରି ଗୋଡ଼, ଗୋଳା, କନ୍ଧ, କିରାତ ପ୍ରଭୃତି ବନଚର ସାଧାରଣ ମନୁଷ୍ୟମାନଙ୍କଠାରୁ ମଧ୍ୟ ଦ୍ରବ୍ୟମାନଙ୍କର ଗୁଣ, କର୍ମ ଓ ପ୍ରଭାବାଦି ବିଷୟ ବୁଝିବାକୁ ହେବ ବୋଲି ଚରକ ଲେଖିଛନ୍ତି । କିନ୍ତୁ କିରାତାଦି ମୂଢ଼ ଲୋକଙ୍କଠାରୁ ମଧ୍ୟ ଏହି ସବୁ ବୈଜ୍ଞାନିକ ତଥ୍ୟ କି ହେତୁରୁ ଶିଖିବାକୁ ହେବ ? ତାହା ଆମେ ଏହି ଗ୍ରନ୍ଥରେ ବିଶଦ ଭାବରେ ପରେ କହିବୁ । ଏକ୍ଷଣି ପ୍ରମେୟ ପଦାର୍ଥମାନଙ୍କର ସ୍ୱରୂପ ନିର୍ଣ୍ଣୟ ସମ୍ବନ୍ଧେ ଏଠାରେ କିଛି ଆଲୋଚନା କରିବା ଆବଶ୍ୟକ ।

---

● ପରମେଶ୍ୱର ଓ ବ୍ରହ୍ମାଙ୍କର ସ୍ୱରୂପ ଲକ୍ଷଣ ଏହିଯେ—ଆମ୍ଭମାନଙ୍କର ଶରୀର ତିନୋଟି । ଯଥା — ସ୍ଥୂଳ, ସୂକ୍ଷ୍ମ, ଓ କାରଣ । ଆମମାନଙ୍କର ଏହି ସ୍ଥୂଳ ଦେହାଭିମାନୀ ଚୈତନ୍ୟର ନାମ—ବିଶ୍ୱ । ସୂକ୍ଷ୍ମଦେହାଭିମାନୀ ଚୈତନ୍ୟର ନାମ—ତୈଜସ ଏବଂ ଅତି ସୂକ୍ଷ୍ମ କାରଣ ଦେହାଭିମାନୀ ଚୈତନ୍ୟର ନାମ—ପ୍ରାଜ୍ଞ । ଏହି ସମଗ୍ର ବ୍ରହ୍ମାଣ୍ଡର ସ୍ଥୂଳ ଦେହ ସମଷ୍ଟିକୁ ଏକ ଅଖଣ୍ଡ ଚୈତନ୍ୟ ବୋଲି ଯେ ମନେକରେ, ସେହି ବିଶ୍ୱମୟ ସ୍ଥୂଳ ଦେହାଭିମାନୀ ଚୈତନ୍ୟର ନାମ—ବିରାଟ୍ । ଏହିପରି ବ୍ରହ୍ମାଣ୍ଡର ସୂକ୍ଷ୍ମଦେହ ସମୂହ ସମଷ୍ଟିର ଅଭିମାନୀ ଚୈତନ୍ୟର ନାମ—ବ୍ରହ୍ମା ଏବଂ ସର୍ବାପେକ୍ଷା ସୂକ୍ଷ୍ମାତିସୂକ୍ଷ୍ମ କାରଣ ଦେହ ସମୂହ ସମଷ୍ଟିର ଅଭିମାନୀ ଚୈତନ୍ୟର ନାମ—ଈଶ୍ୱର । ଏହି ଈଶ୍ୱରଙ୍କର ଆଦ୍ୟୋପଦେଶ ବେଦ ଆଦିପୁରୁଷ ବ୍ରହ୍ମାଙ୍କଠାରେ ହିଁ ପ୍ରଥମେ ବିସ୍ତାର ଲାଭକରିଥିଲା ଏହିକଥା ଶ୍ୱେତାଶ୍ୱତର ଉପନିଷଦରେ ଏବଂ ଶ୍ରୀମଦ୍ ଭାଗବତରେ ଲେଖାଅଛି ।

# ଆୟୁର୍ବେଦୀୟ ରସାୟନବିଦ୍ୟା

ବା

## ଦ୍ରବ୍ୟତତ୍ତ୍ୱ ବିଜ୍ଞାନ

ଷଡ଼୍ ଧାତୁକୋଽୟଂ ପୁରୁଷଃ ରୋଗାଃ ଷଡ଼୍ ଧାତୁଜାସ୍ତଥା ରାଶିଃ ଷଡ଼୍ ଧାତୁଜଃ ସାଙ୍ଖ୍ୟୈର୍ଗତୈଃ ସପ୍ରକୀର୍ତ୍ତିତଃ
ଖାଦୟଶ୍ଚେତନା ଷଷ୍ଠା ଧାତବଃ ପୁରୁଷଃ ସ୍ମୃତଃ ଚେତନାଧାତୁରପ୍ୟେକଃ ସ୍ମୃତଃ ପୁରୁଷ ସଞ୍ଜ୍ଞକଃ । (ଚରକ)

ମହର୍ଷି କପିଳଙ୍କର ପୂର୍ବବର୍ତ୍ତୀ ପ୍ରାଚୀନ ସାଂଖ୍ୟାଗୃଣୀ ଓ ତାଙ୍କର ସିଦ୍ଧାନ୍ତର ସମର୍ଥକ ମହାମୁନି ଚରକ ମଧ୍ୟ ଲେଖିଛନ୍ତିଯେ—ପିଣ୍ଡ ଓ ବ୍ରହ୍ମାଣ୍ଡର ମୌଳିକ ଉପାଦାନ ଦ୍ରବ୍ୟ ଛ'ଟି ମାତ୍ର । ଯଥା—ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ ଏବଂ ଆତ୍ମା । ଏଥିମଧ୍ୟରୁ ପୃଥିବ୍ୟାଦି ପାଞ୍ଚଟି ଜଡ଼ଦ୍ରବ୍ୟକୁ ମହାଭୂତ ବୋଲଯାଏ । ଏହି ପଞ୍ଚମହାଭୂତର କର୍ତ୍ତା, ଜ୍ଞାତା ଓ ଭୋକ୍ତା ଆତ୍ମା ଚେତନ ଦ୍ରବ୍ୟ ଅଟେ । ଏହି ମୌଳିକ ଜଡ଼ଚେତନ ଦ୍ରବ୍ୟମାନଙ୍କ ପରସ୍ପର ବିଚିତ୍ର ସଂଯୋଗ ଏବଂ କାଲ, କର୍ମ ଓ ସ୍ୱଭାବର ବିଚିତ୍ର ପରିଣାମ ହେତୁରୁ ସ୍ଥଳରେ, ଜଳରେ ଏବଂ ଆକାଶରେ ଅସଂଖ୍ୟ ଦ୍ରବ୍ୟର ସୃଷ୍ଟି, ସ୍ଥିତି ପ୍ରଳୟକ୍ରିୟା ନିରନ୍ତର ସାଧିତ ହୋଇଥାଏ । ପଞ୍ଚମହାଭୂତ ଓ ଭୌତିକ ଦ୍ରବ୍ୟମାନଙ୍କର କ୍ରମ ବିକାଶ ସମ୍ବନ୍ଧେ ଶ୍ରୁତିରେ ଲେଖା ଅଛିଯେ—

> ତସ୍ମାଦ୍ ବା ଏତସ୍ମାଦାତ୍ମନଃ ଆକାଶଃ ସମ୍ଭୂତଃ, ଆକାଶାଦ୍ ବାୟୁଃ, ବାୟୋରଗ୍ନିଃ,
> ଅଗ୍ନେରାପଃ ଅଦ୍ଭ୍ୟଃ ପୃଥିବୀ, ପୃଥିବ୍ୟା ଓଷଧୟଃ ଓଷଧିଭ୍ୟୋଽନ୍ନମ୍ "ଅନ୍ନାତ୍ ପୁରୁଷଃ"

ଅର୍ଥାତ୍ ପରମେଶ୍ୱର ପରମାତ୍ମାଙ୍କ ଠାରୁ ପ୍ରଥମେ ଆକାଶ (ଈଥର) ଉତ୍ପନ୍ନହେଲା । ଆକାଶରୁ ବାୟୁ, ବାୟୁରୁ ଅଗ୍ନି, ଅଗ୍ନିରୁ ଜଳ, ଜଳରୁ ପୃଥିବୀ, ପୃଥିବୀରୁ ସମସ୍ତ ଉଦ୍‌ଭିଜ୍ଜ ଓଷଧି, ଓଷଧିରୁ ଛ'ରସ ଯୁକ୍ତ ଅନ୍ନ ଏବଂ ଅନ୍ନରୁହିଁ ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ବୀର୍ଯ୍ୟକ୍ରମରେ ପୁରୁଷର ଉତ୍ପତ୍ତି ହେଲା । ଏହି ଶ୍ରୁତି ପ୍ରମାଣରୁ ଏବଂ ଆମମାନଙ୍କର ପ୍ରତ୍ୟକ୍ଷ ଅନୁଭୂତିରୁ ଜଣାଯାଏଯେ—ପଞ୍ଚମହାଭୂତ ମଧ୍ୟରେ ସର୍ବୋପରି ଆକାଶ, (ଈଥର) ଆକାଶର ତଳେ ବାୟୁ, ବାୟୁର ତଳେ ତେଜ, ତେଜରତଳେ ଜଳ ଏବଂ ଜଳର ତଳେ ସର୍ବ ନିମ୍ନରେ ପୃଥିବୀର ଅବସ୍ଥିତ ଅଟେ । ଏହିପରି କ୍ରମ ନିମ୍ନରେ ଆକାଶାଦି ମହାଭୂତ ଗୁଡ଼ିକ ହେବାର କାରଣ ଏହିଯେ—

ଯେଉଁଦ୍ରବ୍ୟ ଯାହାଠାରୁ ସ୍ଥୂଳ ଓ ଗୁରୁ, ସେହି ଦ୍ରବ୍ୟ ତାର ନିମ୍ନରେ ରହିବା ସ୍ୱାଭାବିକ ନିୟମ । ଆମ୍ଭମାନଙ୍କର ନିବାସ ସ୍ଥାନ ଏହି ପୃଥିବୀ ସର୍ବାପେକ୍ଷା ସ୍ଥୂଳ ଓ ଗୁରୁ ଅଟେ । ଏହାଠାରୁ ଲଘୁ ଓ ସୂକ୍ଷ୍ମ ଜଳ । କାରଣକି—ଆମେମାନେ ଏହି ପୃଥିବୀ ଉପରେ ଗୃହିବା, ବୁଲିବା, ଗୃହନିର୍ମାଣ କରିବା ଇତ୍ୟାଦି କାର୍ଯ୍ୟ କରିଥାଉଁ, କିନ୍ତୁ ଜଳ ଉପରେ ଏହିସବୁ କାର୍ଯ୍ୟ କରାଯାଇ ପାରେ ନାହିଁ । ଆଉମଧ୍ୟ ମାଟି ପାତ୍ରରେ ଜଳ ରଖିଲେ ସେହି ଜଳ ପାତ୍ରର ବହିର୍ଭାଗରେ ଝରୁଥିବାର ଦେଖାଯାଏ । ଏଥିଦ୍ୱାରା ଜଣାଯାଏଯେ—ଜଳ ପୃଥିବୀଠାରୁ ଲଘୁ ଓ ସୂକ୍ଷ୍ମ । ଜଳଠାରୁ ଲଘୁ ଓ ସୂକ୍ଷ୍ମ ଅଗ୍ନି । କାରଣକି—ଆମେମାନେ କୌଣସି ଧାତୁ ନିର୍ମିତ ପାତ୍ରରେ ଜଳରଖି ତାକୁ ନିଆଁ ଉପରେ ଚଢ଼ାଇଲେ ସେହିପାତ୍ରର ଯେଉଁ ଛିଦ୍ରମାନଙ୍କରେ ଅଗ୍ନିର ତାପ ପ୍ରବେଶ କରି ଜଳକୁ ଗରମକରେ, ସେହି ଛିଦ୍ର ମାର୍ଗରେ ପାତ୍ରଭିତରେ ଥିବାର ଜଳ ଝରି ପଡ଼ାକୁ ବାହାରେ ନାହିଁ । ଏଥିରୁ ସ୍ପଷ୍ଟ ହୁଏଯେ ଜଳଠାରୁ ଲଘୁ ଓ ସୂକ୍ଷ୍ମ ଅଗ୍ନି । ଏହିପରି ଅଗ୍ନିଠାରୁ ମଧ୍ୟ ବାୟୁ ଲଘୁ ଓ ସୂକ୍ଷ୍ମ ଅଟେ । କାରଣକି—ଅଗ୍ନି ଆଖିରେ ଦେଖାଯାଏ ନାହିଁ, ସ୍ପର୍ଶଦ୍ୱାରାହିଁ ତା'ର ଅସ୍ତିତ୍ୱ ଅନୁମାନ କରିବାକୁ ହୁଏ । ସୁତରାଂ ଆଖିରେ ଦେଖାଯିବା ଅଗ୍ନିଠାରୁ ଆଖିରେ ଦେଖା ନଯିବା ବାୟୁ ଲଘୁ ଓ ସୂକ୍ଷ୍ମ ବୋଲି ବୁଝିବାକୁ ହେବ । ବାୟୁ ଅପେକ୍ଷା ଲଘୁ ଓ ସୂକ୍ଷ୍ମ ଆକାଶ କାରଣକି—ବାୟୁର ସ୍ପର୍ଶ ଆମେମାନେ ଅନୁଭବ କରୁ, କିନ୍ତୁ ଆକାଶର ସ୍ପର୍ଶ ମଧ୍ୟ ନାହିଁ । ସୁତରାଂ ସର୍ବାପେକ୍ଷା ଆକାଶ ସୂକ୍ଷ୍ମ ଓ ଅବ୍ୟକ୍ତ ବୋଲି ବୁଝିବାକୁ ହେବ ।

ଆମେମାନେ ପୃଥିବୀ, ଜଳ ଅଗ୍ନି ଓ ବାୟୁ ଏହି ଚାରିମହାଭୂତର ବ୍ୟକ୍ତ ଗୁଣ ଓ ବ୍ୟକ୍ତ କ୍ରିୟାକୁ ନିଜର ଜ୍ଞାନେନ୍ଦ୍ରିୟ ଦ୍ୱାରା ପ୍ରତ୍ୟକ୍ଷ କରିଥାଉଁ, କିନ୍ତୁ ଅବ୍ୟକ୍ତ ଆକାଶରେ କୌଣସି କ୍ରିୟା ଆମ୍ଭମାନଙ୍କୁ ଜଣାଯାଏ ନାହିଁ । ସେହିହେତୁରୁ ଏଠାରେ ବ୍ୟକ୍ତଦ୍ରବ୍ୟ ପୃଥିବ୍ୟାଦି ଚାରି ମହାଭୂତ । ଏହି ଚାରିମହାଭୂତ ମଧ୍ୟରୁ ଆମ୍ଭମାନଙ୍କର ଆଧାର ଭୂତ ପୃଥିବୀ ସ୍ୱଭାବତଃ କଠିନ ଓ

ନିଶ୍ଚିନ୍ତ ଅଟେ । ସେହେତୁରୁ ହିଁ ଅମରସିଂହ ତାଙ୍କର ଅଭିଧାନରେ ଏହି ପୃଥିବୀର ନାମ ଅଚଳା ସ୍ଥିରା ବୋଲି ଲେଖିଛନ୍ତି । ଏହିପରି ମଧ୍ୟ ମହାମତି ଭାସ୍କରାଚାର୍ଯ୍ୟ ତାଙ୍କର ସିଦ୍ଧାନ୍ତ ଶିରୋମଣି ଗ୍ରନ୍ଥରେ ପୃଥିବୀର ସ୍ଥିରତ୍ୱ ନାନାବିଧ ଯୁକ୍ତି ସହିତ ପ୍ରତିପାଦନ କରିଛନ୍ତି । ସେ ଲେଖିଛନ୍ତି—

ଯଥୋଷ୍ଣତାଽର୍କାନଲୟୋଶ୍ଚ ଶୀତତା ବିଧୌ ଦ୍ରୁତିଃକେ କଠିନତ୍ୱ ମଶ୍ମନି ।
ମରୁଚ୍ଚଲୋ ଭୂରଚଳା ସ୍ୱଭାବତଃ ଯତୋ ବିଚିତ୍ରାଃ ଖଲୁ ବସ୍ତୁଶକ୍ତୟଃ ।

ଅର୍ଥାତ୍ ଯେପରି ସୂର୍ଯ୍ୟ ଓ ଅଗ୍ନି—ଉଷ୍ଣ, ଚନ୍ଦ୍ର—ଶୀତଳ, ଜଳ—ତରଳ, ପଥର—କଠିନ, ଓ ପବନ—ଚଞ୍ଚଳ ଗୁଣଯୁକ୍ତ, ସେହିପରି ପୃଥିବୀ ସ୍ଥିର ଗୁଣଯୁକ୍ତ ଅଟେ । କାରଣକି—ଦ୍ରବ୍ୟ ଭେଦରେ ଏହିପରି ଗୁଣକ୍ରିୟାର ବୈଚିତ୍ର୍ୟ ଘଟିବା ସ୍ୱାଭାବିକ ନିୟମ । ●

ଅତଏବ ଏସବୁ ପ୍ରମାଣରୁ ଜଣାଗଲାଯେ—ଆକାଶ ଅବ୍ୟକ୍ତ ଏବଂ ପୃଥିବୀ ସ୍ଥିର ଅଟେ । ଉପରେଥିବା ଅବ୍ୟକ୍ତ ଆକାଶର ଏବଂ ତଳେଥିବା ସ୍ଥିର ଓ ନିଶ୍ଚିନ୍ତ ପୃଥିବୀର ଜାଗତିକ ଦ୍ରବ୍ୟମାନଙ୍କର ଉତ୍ପତ୍ତି, ସ୍ଥିତି ଓ ବିନାଶ କ୍ରିୟା ଉପରେ କୌଣସି ପ୍ରଭାବ ନାହିଁ । ସୁତରାଂ ଏଠାରେ ଆକାଶ ଓ ପୃଥିବୀକୁ ଅଲଗା ରଖିଲେ ଆଉ ମଧ୍ୟରେ ରହିଲା ତିନିଦ୍ରବ୍ୟ । ଯଥା—ଜଳ, ଅଗ୍ନି ଓ ବାୟୁ । ଏହି ତିନିଦ୍ରବ୍ୟ ସନ୍ତତ କ୍ରିୟାଶୀଳ । ଜଗତର ପ୍ରତ୍ୟେକ ଭୌତିକ ଦ୍ରବ୍ୟର ସୃଷ୍ଟି, ସ୍ଥିତି ଓ ପ୍ରଳୟ କ୍ରିୟା ଏହି ମୌଳିକ ତିନି ଦ୍ରବ୍ୟ ଉପରେହିଁ ସର୍ବଦା ନିର୍ଭର କରେ । ଏଥିମଧ୍ୟରୁ ଜଳର ଦେବତା ସୋମ (ଚନ୍ଦ୍ର) ଅଗ୍ନିର ଦେବତା ସୂର୍ଯ୍ୟ ଏବଂ ଏହି ଉଭୟର ନିୟମାତ୍ମକ ଓ ବିଶ୍ୱବ୍ୟାପକ ବାୟୁ ସ୍ୱୟଂ ଜଗତ୍‌ପ୍ରାଣ ସ୍ୱରୂପ ଅଟେ । ଅତଏବ ବେଦରେ ଲେଖାଅଛି—

"ପ୍ରାଣମାହୁର୍ମାତରିଶ୍ୱାନଂ ବାତୋ ହ ପ୍ରାଣମୁଚ୍ୟତେ ପ୍ରାଣେହ ଭୂତଂ ଭବ୍ୟଞ୍ଚ ସର୍ବଂ ପ୍ରାଣେ ପ୍ରତିଷ୍ଠିତମ୍ ।
ପ୍ରାଣୋ ବିରାଟ୍ ପ୍ରାଣୋ ଦେଷ୍ଟ୍ରୀ ପ୍ରାଣଂସର୍ବଂ ଉପାସତେ ପ୍ରାଣୋହ ସୂର୍ଯ୍ୟ ଶ୍ଚନ୍ଦ୍ରମାଃ ପ୍ରାଣମାହୁଃ ପ୍ରଜାପତିମ୍ ।"

ଅର୍ଥାତ୍ ସୂର୍ଯ୍ୟ ଓ ସୋମଙ୍କର ଉତ୍ପାଦକ ବାୟୁକୁ ପ୍ରାଣ କହନ୍ତି । ଭୂତ ଭବିଷ୍ୟ ଓ ବର୍ତ୍ତମାନ କାଳ ମଧ୍ୟ ପ୍ରାଣହିଁ ଅଟେ । ସମସ୍ତ ବ୍ରହ୍ମାଣ୍ଡ ପ୍ରାଣରେ ପ୍ରତିଷ୍ଠିତ, ପ୍ରାଣହିଁ ବିରାଟ ରୂପରେ ପରିଣତ ହୁଏ । ପ୍ରାଣ ଆୟୁ ପ୍ରଦାନକରେ । ଅତଏବ ପ୍ରାଣକୁ ସମସ୍ତେ ଆଶ୍ରୟ କରନ୍ତି । ପ୍ରାଣହିଁ ସୂର୍ଯ୍ୟ (ଅଗ୍ନି) ପ୍ରାଣହିଁ ଚନ୍ଦ୍ରମା (ସୋମ) ଏବଂ ପ୍ରଜାପତିଙ୍କୁ ମଧ୍ୟ ପ୍ରାଣ ବୋଲଯାଏ । ଚରକ ସଂହିତାରେ ମଧ୍ୟ ଏହିକଥା ଲେଖାଅଛିଯେ—

"ତାବେତା ବର୍କବାୟୁ ସୋମଶ୍ଚ କାଳର୍ତ୍ତୁରସ ଦୋଷ ଦେହବଲ ନିର୍ବୃତ୍ତି ପ୍ରତ୍ୟୟଭୂତାଃ ସମୁପଦିଶ୍ୟନ୍ତେ ।"

ଅର୍ଥାତ୍ ବାୟୁ, ସୂର୍ଯ୍ୟ ଓ ସୋମ ଏହି ତିନିଦ୍ରବ୍ୟହିଁ ଦିବସ, ରାତ୍ରି, ଋତୁ, ଅୟନ, ସମ୍ବତ୍ସର ଓ ଚତୁର୍ଯୁଗର ବିଧାତା ଅଟନ୍ତି । ଦ୍ରବ୍ୟମାନଙ୍କର ମଧ୍ୟରେ ଥିବା ମଧୁରାଦି ଛ'ରସ ଏବଂ ସେହି ରସରୁ ଉତ୍ପନ୍ନ ହେବା ପ୍ରାଣିମାନଙ୍କର ଶରୀରୋତ୍ପାଦକ ବାତ, ପିତ୍ତ, କଫ ଏବଂ ଭୌତିକ ଜଗତରେ ସକଳପ୍ରକାର ବଳ ଏହି ସମସ୍ତର ଅଧିଷ୍ଠାନ ବାୟୁ, ସୂର୍ଯ୍ୟ ଓ ସୋମ ଅଟନ୍ତି ।

ଆମେମାନେ ଜଗତ୍ ପ୍ରାଣସ୍ୱରୂପୀ ବାୟୁ ସୂର୍ଯ୍ୟ ଓ ସୋମ ନାମକ ତିନିଦ୍ରବ୍ୟ ମଧ୍ୟରୁ ପ୍ରଧାନତଃ ସୂର୍ଯ୍ୟ ଓ ସୋମଙ୍କର ଗୁଣ କ୍ରିୟାହିଁ ସର୍ବଦା ଅନୁଭବ କରିଥାଉଁ । କିନ୍ତୁ କେବଳ ବାୟୁର ଗୁଣକ୍ରିୟା ସ୍ୱତନ୍ତ୍ର ଭାବରେ ଆମ୍ଭମାନଙ୍କର ଇନ୍ଦ୍ରିୟ ଗ୍ରାହ୍ୟ ହୁଏନାହିଁ । * ସେହେତୁ ସୁଶ୍ରୁତ ସଂହିତାରେ ଲେଖାଅଛି ।

"ଶୀତାଂଶୁଃ କ୍ଲେଦୟତ୍ୟୁର୍ବୀଂ ବିବସ୍ୱାନ୍ ଶୋଷୟତ୍ୟପି ତାବୁଭାବପି ସଂଶ୍ରିତ୍ୟ ବାୟୁଃ ପାଳୟତି ପ୍ରଜାଃ ।"

---

● ପୃଥିବୀର ଗତି ସ୍ଥିତି ଓ ପରିବୃତ୍ତିର କାରଣ—ବାୟୁ, ସୂର୍ଯ୍ୟ ଓ ସୋମ । ଏହା ପ୍ରାଚ୍ୟ ଦେଶୀୟ ବୈଜ୍ଞାନିକମାନଙ୍କର ସିଦ୍ଧାନ୍ତ । କିନ୍ତୁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ଏବେ ଆମଦେଶର ଆର୍ଯ୍ୟଭଟ୍ଟ ମଧ୍ୟ ପୃଥିବୀର ଗତିଶୀଳତା ଓ ସୂର୍ଯ୍ୟଙ୍କର ସ୍ଥିରତ୍ୱ ପ୍ରତିପାଦନ କରିଛନ୍ତି ।

* ବାୟୁ ସୂର୍ଯ୍ୟ ଓ ସୋମଙ୍କର ପ୍ରଭାବ ଗ୍ରନ୍ଥକାରଙ୍କ ପ୍ରଣୀତ "ରସାୟନରହସ୍ୟ" ଗ୍ରନ୍ଥରେ ବିଶଦ ଭାବରେ ଆଲୋଚିତ ହୋଇଛି ।

ଅର୍ଥାତ୍ ସୂର୍ଯ୍ୟଙ୍କର ଆକର୍ଷଣ କିମ୍ବା ପୃଥିବୀର ରସ ଶୋଷଣ କରେ, ଚନ୍ଦ୍ରଙ୍କର ଉତ୍କର୍ଷଣ କିମ୍ବା ପୃଥିବୀର ରସ ପୋଷଣ କରେ ଏବଂ ଏହି ଉଭୟ କ୍ରିୟାକୁହିଁ ଆଶ୍ରୟ କରି ଚଳନ କ୍ରିୟାତ୍ମକ ବାୟୁ ପ୍ରଜାମାନଙ୍କୁ ପରିପାଳନ କରେ । ଆଉରମଧ୍ୟ କୁହାଯାଇଛି—

"ଯୋଗବାହିଃ ପରଂ ବାୟୁଃ ସଂଯୋଗାଦୁଭୟାର୍ଥକୃତ୍ ଦାହକୃତ୍ ତେଜସା ଯୁକ୍ତଃ ଶୀତକୃତ୍ ସୋମସଂଶ୍ରୟାତ୍ ।"

ଅର୍ଥାତ୍ ବାୟୁ ଯୋଗବାହୀ ବା ସଂଯୁକ୍ତ ପଦାର୍ଥର ଗୁଣଗ୍ରାହକ ଅଟେ । ଏହି ବାୟୁ ସୂର୍ଯ୍ୟଙ୍କ ସହିତ ସଂଯୁକ୍ତ ହୋଇ ଦାହ କାର୍ଯ୍ୟ କରେ ଏବଂ ଚନ୍ଦ୍ରଙ୍କ ସହିତ ସଂଯୁକ୍ତ ହୋଇ ଶୈତ୍ୟ ଉତ୍ପାଦନ କରିଥାଏ ।

ଅତଏବ ଏସବୁ ପ୍ରମାଣରୁ ବୁଝିବାକୁ ହେବ ଯେ—ଅବ୍ୟକ୍ତ ବାୟୁର ଗୁଣ କିମ୍ବା ସୂର୍ଯ୍ୟ ଓ ସୋମଙ୍କୁହିଁ ଆଶ୍ରୟ କରି ବ୍ୟକ୍ତ ହୋଇଥାଏ । ସୁତରାଂ ବେଦରେ ଏହା ସ୍ପଷ୍ଟ ହେଉଛି ଯେ—ପଞ୍ଚମହାଭୂତ ମଧ୍ୟରେ ଅଗ୍ନିରୂପୀ ସୂର୍ଯ୍ୟ ଏବଂ ଜଳରୂପୀ ସୋମହିଁ ପ୍ରଧାନ ଅଟନ୍ତି । ସେହେତୁରୁ ବାଗ୍‌ଭଟ ଲେଖିଛନ୍ତି—

"ନାନାତ୍ମକମପି ଦ୍ରବ୍ୟମଗ୍ନିସୋମୌ ମହାବଲୌ ବ୍ୟକ୍ତାବ୍ୟକ୍ତଂ ଜଗଦିବ ନାତିକ୍ରାମତି ଜାତୁଚିତ୍ ।"

ଅର୍ଥାତ୍ ଜଗତ ଯେପରି ସ୍ଥୂଳ ଓ ସୂକ୍ଷ୍ମ ପଦାର୍ଥକୁ ଛାଡ଼ି ରହିପାରେନାହିଁ, ସେହିପରି ଜଗତର ପ୍ରତ୍ୟେକ ଦ୍ରବ୍ୟ ନାନାଗୁଣ ବିଶିଷ୍ଟ ହେଲେ ମଧ୍ୟ ସୂର୍ଯ୍ୟଙ୍କର ଉଷ୍ଣ ଗୁଣ କିମ୍ବା ସୋମଙ୍କର ଶୀତଗୁଣକୁ ଛାଡ଼ି ରହିପାରେ ନାହିଁ ● ବୋଧହୁଏ ଏହି କାରଣରୁହିଁ ଆୟୁର୍ବେଦରେ ଜଗତର ସମସ୍ତ ଦ୍ରବ୍ୟକୁ ଏବଂ ଦ୍ରବ୍ୟ ମଧ୍ୟରେ ଥିବା ଗୁଣ କିମ୍ବା ସମୂହକୁ, ପୁଣି ଦ୍ରବ୍ୟର ରସ ଓ ବିପାକକୁ, ଏହିପରି ମଧ୍ୟ ଶରୀର ସ୍ଥିତ ବାତ ପିତ୍ତ କଫର କ୍ରିୟାକୁ, ପୁଣି ରୋଗ ସମୂହକୁ ଏବଂ ଋତୁ, ଦେଶ ଓ କାଳକୁ ମଧ୍ୟ ଚନ୍ଦ୍ର ସୂର୍ଯ୍ୟ ସମ୍ବନ୍ଧୀ ଶୀତୋଷ୍ଣ ଗୁଣ କିମ୍ବାର ସମ୍ବନ୍ଧ ଓ ପ୍ରାଧାନ୍ୟକୁ ଲକ୍ଷକରି ଦୁଇ ୨ ଭାଗରେ ବିଭକ୍ତ କରାଯାଇଅଛି । ଦ୍ରବ୍ୟାଦିର ବିଭାଗ କଳ୍ପନା, ଯଥା—

## ଦ୍ରବ୍ୟ, ଗୁଣ, ରସ, ବୀର୍ଯ୍ୟ, ବିପାକ ଓ ପ୍ରଭାବ ସମ୍ବନ୍ଧେ ବିଚାର

ଆମେମାନେ ଚତୁର୍ଦ୍ଦିଗରେ ଯେଉଁ ସବୁ ଦ୍ରବ୍ୟ ପ୍ରତ୍ୟକ୍ଷ କରୁ, ସେସବୁ ଦ୍ରବ୍ୟ ଅଚେତନ ଓ ସଚେତନ ଭେଦରେ ଦୁଇଭାଗରେ ବିଭକ୍ତ । * ସେଥିମଧ୍ୟରୁ ଅଚେତନ ଦ୍ରବ୍ୟକୁ ଜଡ଼ ଏବଂ ସଚେତନ ଦ୍ରବ୍ୟକୁ ପ୍ରାଣୀ କୁହାଯାଏ । ଏହି ପୃଥିବୀରେ ଥିବା ନାନାବିଧ ମୃତ୍ତିକା, ପାଷାଣ, ଖନିଜ ସ୍ୱର୍ଣ୍ଣାଦି ଧାତୁ, ଉପଧାତୁ, ହୀରକାଦି ରତ୍ନ, ଉପରତ୍ନ ଏବଂ ରସ ଓ ଉପରସ ଏସବୁ ଅଚେତନ ବା ଜଡ଼ ଦ୍ରବ୍ୟ । ଏଥିରୁ ଭିନ୍ନ ଉଦ୍‌ଭିଜ୍ଜ ପ୍ରାଣୀ କୃମିକୀଟାଦି, ଅଣ୍ଡଜ ପ୍ରାଣୀ ପକ୍ଷୀ, ସର୍ପାଦି ଏବଂ ଜରାୟୁଜ ପ୍ରାଣୀ ପଶୁ, ମୃଗ ଓ ମନୁଷ୍ୟାଦିକୁ ସଚେତନ ଦ୍ରବ୍ୟ କୁହାଯାଏ । ଆମେମାନେ ଉଦ୍‌ଭିଜ୍ଜ ପ୍ରାଣୀ ବୃକ୍ଷାଦିଠାରୁ କନ୍ଦ, ମୂଳ, ବକ୍କଳ, ସାର, କାଷ୍ଠ, ନିର୍ଯ୍ୟାସ (ଅଠା) ପତ୍ର, କ୍ଷୀର, କ୍ଷାର, ଫଳ, ପୁଷ୍ପ, ବୀଜ ଓ ଅଙ୍କୁର ପ୍ରଭୃତି ଦ୍ରବ୍ୟ ଔଷଧାର୍ଥରେ ଗ୍ରହଣ କରିଥାଉଁ ଏବଂ ସ୍ୱେଦଜ, ଅଣ୍ଡଜ ଓ ଜରାୟୁଜ, ପ୍ରାଣୀଠାରୁ ଯଥାଯୋଗ୍ୟ ଚର୍ମ, ରକ୍ତ, ମାଂସ, ବସା, ମଜ୍ଜା, ଅସ୍ଥି, ଚର୍ବି, ସ୍ନାୟୁ, ଶୃଙ୍ଗ, ଖୁର, ଜିହ୍ୱା, ଅଣ୍ଡ, କେଶ, ବିଷ୍ଠା ମୂତ୍ର, ପିତ୍ତ, ଲାଳ, ଦୁଗ୍ଧ, ଦଧି, ଗୋରୋଚନ ଓ କସ୍ତୁରୀ ପ୍ରଭୃତି ଦ୍ରବ୍ୟ ଔଷଧାର୍ଥରେ ଉପଯୋଗ କରିଥାଉଁ । ଏଥିମଧ୍ୟରୁ ଅଚେତନ ଦ୍ରବ୍ୟମାନଙ୍କର ଅଧିପତି ଜଗତ୍ ସୂର୍ଯ୍ୟ ଏବଂ ସଚେତନ ଦ୍ରବ୍ୟମାନଙ୍କର ଅଧିପତି ରସମୟ ଚନ୍ଦ୍ର ଅଟନ୍ତି । ପାଶ୍ଚାତ୍ୟ ବୈଜ୍ଞାନିକମାନେ ମଧ୍ୟ ସିଦ୍ଧାନ୍ତ କରିଛନ୍ତି ଯେ— ସୂର୍ଯ୍ୟଙ୍କର ଧୂମ୍ର, ନୀଳ, ପୀତରକ୍ତାଦି ସାତପ୍ରକାର ରଶ୍ମିରୁହିଁ ଅଚେତନ ପୃଥିବୀ ମଧ୍ୟରେ ସାତପ୍ରକାର ମୃତ୍ତିକା, ସାତବର୍ଣ୍ଣର ବାଲୁକା, ସପ୍ତବିଧ ପାଷାଣ, ସ୍ୱର୍ଣ୍ଣାଦି ସପ୍ତଧାତୁ ଉପଧାତୁ ଏବଂ ହୀରକାଦି ସପ୍ତରତ୍ନ ଓ ଉପରତ୍ନ ନିର୍ମିତ ହୋଇଅଛି, ଆଉର ମଧ୍ୟ ସପ୍ତରଶ୍ମିମୟ ପାରଦ ସୂର୍ଯ୍ୟଙ୍କର ତେଜରୁହିଁ ସମ୍ଭୂତ ହୋଇଅଛି । ଅତଏବ ଅଚେତନ ଦ୍ରବ୍ୟଗୁଡ଼ିକର ଉତ୍ପାଦକ ସୂର୍ଯ୍ୟ ଅଟନ୍ତି, ଏହାହିଁ ଉପରୋକ୍ତ ପ୍ରମାଣରୁ ସ୍ପଷ୍ଟ ଜଣାଯାଏ ।

---

● ପାଶ୍ଚାତ୍ୟ ବୈଜ୍ଞାନିକମାନେ ଏହି ବାୟୁ, ସୂର୍ଯ୍ୟ ଓ ସୋମ ସମ୍ବନ୍ଧୀ ପ୍ରାଣଶକ୍ତିକୁ ବୈଦ୍ୟୁତିକ ଶକ୍ତି ( Electric force ) କହନ୍ତି । ସୂର୍ଯ୍ୟ ସମ୍ବନ୍ଧୀ ଆକର୍ଷଣାତ୍ମକ ବୈଦ୍ୟୁତିକ କ୍ରିୟାକୁ ବୈଜ୍ଞାନିକ ଭାଷାରେ ପଜେଟିଭ (Positive) ଏବଂ ଚନ୍ଦ୍ର ସମ୍ବନ୍ଧୀ ବୈଦ୍ୟୁତିକ କ୍ରିୟାକୁ ନେଗେଟିଭ (Nagative) କୁହାଯାଏ । ଏଥିମଧ୍ୟରୁ ପ୍ରଥମଟି ପ୍ରବଳ ଏବଂ ଦ୍ୱିତୀୟଟି ଦୁର୍ବଳ ଅଟେ ।

* ଲୋକାହି ଦ୍ୱିବିଧାଃ ସ୍ଥାବରା ଜଙ୍ଗମାଶ୍ଚ, ଦ୍ୱିବିଧାତ୍ମକ ଏବ ଆଗ୍ନେୟାଃ ସୌମ୍ୟାଶ୍ଚ ତଦ୍‌ଭୂୟସ୍ତ୍ୱାତ୍ । (ସୁ. ସୂ. ଅ)

ଏଥିରୁ ଭିନ୍ନ ସଚେତନ ଦ୍ରବ୍ୟ ପ୍ରାଣୀମାନଙ୍କର ଉତ୍ପାଦକ ରସମୟ ଚନ୍ଦ୍ର ଅଟନ୍ତି । ଭଗବାନ୍ ଗୀତାରେ କହନ୍ତିଯେ—

"ପୁଷ୍ଣାମି ଚୌଷଧୀଃସର୍ବାଃ ସୋମୋ ଭୂତ୍ୱା ରସାତ୍ମକଃ"

ଅର୍ଥାତ୍ ମୁଁ ରସମୟ ସୋମରୂପରେ ଅବତୀର୍ଣ୍ଣ ହୋଇ ସମସ୍ତ ଔଷଧମାନଙ୍କର ପୁଷ୍ଟି ବିଧାନକରେ । ଏଥିପୂର୍ବେ କୋହାଯାଇଛିଯେ—ଏହି ଔଷଧିରୁହିଁ ଅନ୍ନ ଏବଂ ଅନ୍ନରୁ ପୁରୁଷର ବା ପ୍ରାଣୀର ଉତ୍ପତ୍ତି ହୁଏ । ଚରକ ମଧ୍ୟ ଏହିକଥା କହିଛନ୍ତି

"ତାସ୍ତ୍ୱାପଃ ସୌମ୍ୟାଃ ଅନ୍ତରୀକ୍ଷାଦ୍ ଭ୍ରଷ୍ଟାଃ ପଞ୍ଚମହାଭୂତଗୁଣ ସମନ୍ୱିତାଃ ଜଙ୍ଗମସ୍ଥାବରାଣାଂ ଭୂତାନାଂ ମୂର୍ତ୍ତିରଭିପ୍ରୀଣୟନ୍ତି, ଯାସୁ ମୂର୍ତ୍ତିଷୁ ଷଡଭିମୂର୍ଚ୍ଛନ୍ତି ରସାଃ" (ଚରକ)

ଅର୍ଥାତ୍ ଆକାଶରୁ ପତିତ ସୋମନାମକ ରସ (ଜଳ) ପଞ୍ଚମହାଭୂତର ଗୁଣଯୁକ୍ତ ହୋଇ ଉଦ୍ଭିଜ, ସ୍ୱେଦଜ, ଅଣ୍ଡଜ ଓ ଜରାୟୁଜ ଏହି ଚତୁର୍ବିଧ ପ୍ରାଣୀମାନଙ୍କର ମୂର୍ତ୍ତି ଗଠନ କରେ ।

ଆଚାର୍ଯ୍ୟ ମଧ୍ୟ ତହିଁ ଭଙ୍ଗିରେ ଏଥି ସମ୍ବନ୍ଧେ ଲେଖିଛନ୍ତି—

"ରସଜାନ୍ ଚ ଭୂତାନି ବ୍ୟାଧୟଶ୍ଚ ପୃଥକ୍ ବିଧାଃ । ଆପୋ ହି ରସବତ୍ୟସ୍ତାଃ ସ୍ମୃତା ନିର୍ବୃତ୍ତିହେତବଃ ।

ଅର୍ଥାତ୍ ସମସ୍ତ ପ୍ରାଣୀ ରସରୁ ଜାତ, ସମସ୍ତ ବ୍ୟାଧି ରସରୁ ଉତ୍ପନ୍ନ ଏବଂ ରସାତ୍ମକ ଜଳହିଁ ସଚେତନ ଦ୍ରବ୍ୟ ବା ଜୀବସୃଷ୍ଟିର କାରଣ ଅଟେ ।

ଅତଏବ ଉପରୋକ୍ତ ସମସ୍ତ ପ୍ରମାଣରୁ ଏଠାରେ ନିଃସନ୍ଦେହରେ ଜଣାଯାଏଯେ ରସମୟ ଚନ୍ଦ୍ରଙ୍କ ଠାରୁହିଁ ସଚେତନ ଦ୍ରବ୍ୟର ଉତ୍ପତ୍ତି ହୁଏ ।

## ଦ୍ରବ୍ୟରଗୁଣ

ଏହି ଉପରୋକ୍ତ ଜଡ଼ଚେତନ ଦ୍ରବ୍ୟମାନଙ୍କ ମଧ୍ୟରୁ କେତେକ ଦ୍ରବ୍ୟ ରସ ପ୍ରଧାନ, ଆଉ କେତେକ ଦ୍ରବ୍ୟ ଗୁଣ ବା ବୀର୍ଯ୍ୟ ପ୍ରଧାନ ଅଟେ । ଆମେମାନେ ସାଧାରଣତଃ ରସପ୍ରଧାନ ଦ୍ରବ୍ୟ ଗୁଡ଼ିକୁ ଆହାର ରୂପରେ ବ୍ୟବହାର କରୁ, ଏବଂ ଗୁଣ ବା ବୀର୍ଯ୍ୟ ପ୍ରଧାନ ଦ୍ରବ୍ୟଗୁଡ଼ିକୁ ଔଷଧ ରୂପରେ ଉପଯୋଗ କରିଥାଉଁ, ତାହା ଆମମାନଙ୍କର ଆହାର ଉପଯୋଗୀ ଦ୍ରବ୍ୟ ହେଉ ବା ଔଷଧ ଉପଯୋଗୀ ଦ୍ରବ୍ୟ ହେଉ, ସମସ୍ତେ ଅବଶ୍ୟ ଏହା ଜାଣନ୍ତିଯେ—ପ୍ରତ୍ୟେକ ଦ୍ରବ୍ୟରେ କିଛିନା କିଛି ରସ ଅଛି, ପୁଣି ଗୁରୁତ୍ୱ ଲଘୁତ୍ୱାଦି ଗୁଣ ଅଛି, ଆଉରିମଧ୍ୟ ପୋଷଣ ଶୋଷଣାଦି ଶକ୍ତି ବା ବୀର୍ଯ୍ୟ ଅଛି ଏବଂ ପ୍ରତ୍ୟେକ ଦ୍ରବ୍ୟର କିଛିନା କିଛି ପ୍ରଭାବ ଅଛି । ଏଥିମଧ୍ୟରୁ ଦ୍ରବ୍ୟର କେଉଁ ଅଂଶଟି ଆମମାନଙ୍କର ଶରୀର ରକ୍ଷାର ଉପଯୋଗୀ, ଏଥିସମ୍ବନ୍ଧେ ନାନା ମୁନିଙ୍କର ନାନାମତ ଦେଖାଯାଏ । କେହି କେହି ଦ୍ରବ୍ୟ ମଧ୍ୟରେ ଥିବା ଗୁରୁତ୍ୱ ଲଘୁତ୍ୱାଦି ଗୁଣର ପ୍ରାଧାନ୍ୟ ସମର୍ଥନ କରିଛନ୍ତି, କେହି କେହି ବା ମଧୁରାଦି ଛ'ରସର ଆଉ କେହି କେହି ଦ୍ରବ୍ୟ ମଧ୍ୟସ୍ଥିତ ଶୀତୋଷ୍ଣ ବୀର୍ଯ୍ୟର ଏବଂ କୌଣସି କୌଣସି ଆଚାର୍ଯ୍ୟ ଦ୍ରବ୍ୟ ମଧ୍ୟରେ ଥିବା ସ୍ୱାଭାବିକ ପ୍ରଭାବର ପ୍ରାଧାନ୍ୟ ପ୍ରତିପାଦନ କରିଯାଇଛନ୍ତି । ସେଥି ମଧ୍ୟରୁ ଯେଉଁମାନେ ଗୁଣପ୍ରାଧାନ୍ୟବାଦୀ, ସେମାନେ କହନ୍ତିଯେ—ପୃଥିବ୍ୟାଦି ପଞ୍ଚମହାଭୂତରେ ଏବଂ ଭୌତିକ ଦ୍ରବ୍ୟମାନଙ୍କରେ ନିମ୍ନଲିଖିତ କେତେ ଗୁଡ଼ିଏ ଗୁଣ ସ୍ୱଭାବତଃ ବିଦ୍ୟମାନ ଅଟେ । ଯଥା—ଗନ୍ଧ, ରସ, ବର୍ଣ୍ଣ, ସ୍ପର୍ଶ, ଓ ଶବ୍ଦ ଏବଂ ଗୁରୁଲଘୁ । ● ଶୀତଉଷ୍ଣ ସ୍ନିଗ୍ଧରୂକ୍ଷ, ମନ୍ଦତୀକ୍ଷ୍ଣ, ସ୍ଥିର ସର, ମୃଦୁକଠିନ, ବିଶଦପିଚ୍ଛିଳ, ଶ୍ଳକ୍ଷ୍ଣଖର, ସୂକ୍ଷ୍ମସ୍ଥୂଳ ଏବଂ ସାନ୍ଦ୍ର ଓ ଦ୍ରବ । ଏଥି ମଧ୍ୟରୁ ଭୂମିରେ ଓ ପାର୍ଥିବ ଦ୍ରବ୍ୟମାନଙ୍କରେ ଗୁରୁ, କଠିନ, ସ୍ଥିର ଖର, ମନ୍ଦ, ସାନ୍ଦ୍ର ଓ ଗନ୍ଧ ଏହି ସାତଟି ଗୁଣ, ଏହିପରି ଜଳରେ ଓ ଜଳୀୟଦ୍ରବ୍ୟମାନଙ୍କରେ ଶୀତ, ସ୍ନିଗ୍ଧ, ମନ୍ଦ, ସାନ୍ଦ୍ର, ମୃଦୁ, ପିଚ୍ଛିଳ, ସ୍ଥିର, ସର, ଗୁରୁ ଓ ରସ ଏହି ଦଶଟିଗୁଣ ଏହିପରି ତେଜରେ ଓ ତୈଜସଦ୍ରବ୍ୟମାନଙ୍କରେ ଉଷ୍ଣ, ତୀକ୍ଷ୍ଣ, ଲଘୁ, ସର, ବିଶଦ ଓ ବର୍ଣ୍ଣ ଏହି ଛ'ଟିଗୁଣ

---

● ଦ୍ରବ୍ୟମଧ୍ୟରେ ଥିବା ଗୁରୁତ୍ୱାଦି ଗୁଣମାନଙ୍କର ଓଡ଼ିଆ ନାମ—ଯଥା—ଗୁରୁ (ଗରୁଆ ବା ଭରି) ଲଘୁ (ହାଲୁକା) ଶୀତ (ଥଣ୍ଡା) ଉଷ୍ଣ (ଗରମ) ସ୍ନିଗ୍ଧ (ତେଲିଆ) ରୂକ୍ଷ (ଲୁଖୁରା) ମନ୍ଦ (ମାଠୁଆ) ତୀକ୍ଷ୍ଣ (ମୁନିଆ) ସ୍ଥିର (ଅଟଳ) ସର (ଅଚଳ) ମୃଦୁ (କୋମଳ) କଠିନ (ଟାଣ) ବିଶଦ (ଶୁଖିଲା) ପିଚ୍ଛିଳ (ଜଳୁଅ) ଶ୍ଳକ୍ଷ୍ଣ (ଚିକ୍କଣ) ଖର (ଦାଳିଆ) ସୂକ୍ଷ୍ମ (ସରୁ) ସ୍ଥୂଳ (ମୋଟା) ସାନ୍ଦ୍ର (ବହଳିଆ) ଦ୍ରବ (ପାଣିଆ) ଉପରୋକ୍ତ ଯୁଗ ଯୁଗଟି ଗୁଣ ଅନ୍ୟୋନ୍ୟ ବିପରୀତ ଓ ବିରୋଧୀ । ଯଥା—ଗୁରୁର ବିପରୀତ ଲଘୁ, ଶୀତର ବିପରୀତ ଉଷ୍ଣ ଏବଂ ସ୍ନିଗ୍ଧର ବିପରୀତ ରୂକ୍ଷ ଇତ୍ୟାଦି—

ଏହିପରି ବାୟୁରେ ଏବଂ ବାୟବୀୟ ଦ୍ରବ୍ୟମାନଙ୍କରେ ରୂକ୍ଷ, ଶୀତ, ଲଘୁ, ସୂକ୍ଷ୍ମ, ଚଳ ବିଶଦ, ଖର ଓ ସ୍ପର୍ଶ ଏହି ଆଠଗୁଣ । ଏହିପରି ମଧ୍ୟ ଆକାଶରେ ଏବଂ ଆକାଶୀୟ ଦ୍ରବ୍ୟମାନଙ୍କରେ ସୂକ୍ଷ୍ମ, ମୃଦୁ, ବିଶଦ, ଛିଦ୍ର, ଶ୍ଳକ୍ଷ୍ଣ ଓ ଶବ୍ଦ ଏହି ଛ'ଟି ଗୁଣ ନିତ୍ୟ ସମ୍ବନ୍ଧରେ ଅବସ୍ଥିତ ଅଛି । ଏଥିମଧ୍ୟରୁ ଆମେମାନେ ନାସିକାଦ୍ୱାରା ଦ୍ରବ୍ୟର ରସ, ଚକ୍ଷୁଦ୍ୱାରା ଦ୍ରବ୍ୟର ବର୍ଣ୍ଣ, ସ୍ପର୍ଶଦ୍ୱାରା ଦ୍ରବ୍ୟର ଗୁରୁତ୍ୱ କଠିନତ୍ୱାଦି ଗୁଣ ଏବଂ କର୍ଣ୍ଣଦ୍ୱାରା ଦ୍ରବ୍ୟର ଶବ୍ଦ ପ୍ରତ୍ୟକ୍ଷ କରିଥାଉଁ । କିନ୍ତୁ ଦ୍ରବ୍ୟରଗୁଣ ସମ୍ବନ୍ଧେ ଆମ୍ଭମାନଙ୍କର ଏହିଯେଉଁ—ପ୍ରତ୍ୟକ୍ଷଜ୍ଞାନ, ଏହା ଚିକିତ୍ସା କାର୍ଯ୍ୟର ଉପଯୋଗୀ ହୁଏନାହିଁ । ସେହେତୁରୁ ଆଚାର୍ଯ୍ୟ ସୁଶ୍ରୁତ ଲେଖିଛନ୍ତି—

"ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଗୁଣାନାଂ କର୍ମ୍ମ ବିସ୍ତରଂ କର୍ମ୍ମଭି ସ୍ତ୍ୱନୁମୀୟନ୍ତେ ନାନାଦ୍ରବ୍ୟା ଶ୍ରୟାଗୁଣାଃ"

ଅର୍ଥାତ୍ ଦ୍ରବ୍ୟ ମଧ୍ୟରେ ଥିବା ଗୁରୁତ୍ୱ ଓ ଲଘୁତ୍ୱାଦି ଗୁଣ ଗୁଡ଼ିକ ସେମାନଙ୍କର କ୍ରିୟାଦ୍ୱାରା ଅନୁମାନ କରିବାକୁ ହୁଏ । ତେବେ କେଉଁ କ୍ରିୟାଦ୍ୱାରା ଦ୍ରବ୍ୟମଧ୍ୟରେ ଥିବା କେଉଁ ୨ ଗୁଣର ଅସ୍ତିତ୍ୱ କିପରି ଭାବରେ ଅନୁମାନ କରିବାକୁ ହୁଏ ସେଥି ସମ୍ବନ୍ଧେ ସୁଶ୍ରୁତ କହିଛନ୍ତିଯେ—

"ହ୍ଲାଦନଃ ସ୍ତମ୍ଭନଃ ଶୀତୋ ମୂର୍ଚ୍ଛାତୃଟ୍ ଦାହସ୍ୱେଦଜିତ୍ । ଉଷ୍ଣସ୍ତଦ୍ ବିପରୀତଃସ୍ୟାତ୍ ପାଚନଶ୍ଚ ବିଶେଷତଃ ॥
ସ୍ନେହ ମାର୍ଦ୍ଦବକୃତ୍ ସ୍ନିଗ୍ଧୋ ବଳବର୍ଣ୍ଣକରସ୍ତଥା । ରୂକ୍ଷସ୍ତଦ୍ ବିପରୀତଃସ୍ୟାତ୍ ବିଶେଷାତ୍ ସ୍ତମ୍ଭନଃଖରଃ ॥
ପିଚ୍ଛିଳୋ ଜୀବନୋ ବଲ୍ୟଃ ସନ୍ଧାନଃ ଶ୍ଳେଷ୍ମଳୋ ଗୁରୁଃ । ବିଶଦୋ ବିପରୀତୋଽସ୍ମାତ୍ କ୍ଳେଦାଚୂଷଣ ରୋପଣଃ ॥
ଦାହ ପାକକରସ୍ତୀକ୍ଷ୍ଣୋ ସ୍ରାବଣୋ ମୃଦୁରନ୍ୟଥା । ସାଦୋପଲେପ ବଳକୃଦ୍ ଗୁରୁସ୍ତର୍ପଣ ବୃଂହଣଃ ॥
ଲଘୁସ୍ତଦ୍ ବିପରୀତଃ ସ୍ୟାଲ୍ଲେଖନୋ ରୋପଣସ୍ତଥା । ଦଶାଦ୍ୟାଃ କର୍ମ୍ମତଃ ପ୍ରୋକ୍ତାଃ ତେଷାଂ କର୍ମ୍ମ ବିଶେଷଣୈଃ ॥
ଦର୍ଶୈବାନ୍ୟାନ୍ ପ୍ରବକ୍ଷ୍ୟାମି ଦ୍ରବାଦୀ ସ୍ତାନ୍ନିବୋଧମେ । ଦ୍ରବଃ ପ୍ରକ୍ଳେଦନଃସାନ୍ଦ୍ରଃ ସ୍ଥୂଳାଃସ୍ୟାଦ୍ ବନ୍ଧକାରକଃ ॥
ଶ୍ଳକ୍ଷ୍ଣୋଃପିଚ୍ଛିଳବତ୍ ଜ୍ଞେୟଃ କର୍କଶୋ ବିଶଦୋ ଯଥା । ସୁଖାନୁ ବନ୍ଧୀ ସୂକ୍ଷ୍ମଶ୍ଚ ସୁଗନ୍ଧୋ ରୋଚନୋ ମୃଦୁଃ ॥
ଦୁର୍ଗନ୍ଧୋ ବିପରୀତୋଽସ୍ମାତ୍ ହୃଲ୍ଲାସାରୁଚକାରକଃ । ସରୋଽନୁଲୋମନଃ ପ୍ରୋକ୍ତଃ ମନ୍ଦୋ ଯାତ୍ରାକରଃସ୍ମୃତଃ ॥
ବ୍ୟବାୟୀ ଚାଖିଳଂ ଦେହଂ ବ୍ୟାପ୍ୟ ପାକାୟ କଳ୍ପତେ । ବିକାସୀ ବିକଶନ୍ନେବଂ ଧାତୁ ବନ୍ଧାନ୍ ବିମୋକ୍ଷୟେତ୍ ॥
ଆଶୁକାରୀ ତଥାଶୁତ୍ୱାଦ୍ଧାବତ୍ୟମ୍ଭସି ତୈଳବତ୍ । ସୂକ୍ଷ୍ମସ୍ତୁ ସୌକ୍ଷ୍ମ୍ୟାତ୍ ସୂକ୍ଷ୍ମେଷୁ ସ୍ରୋତଃସ୍ୱନୁସରଃସ୍ମୃତ ॥
ଗୁଣା ବିଂଶତିରିତ୍ୟେବଂ ଯଥାବତ୍ ପରିକୀର୍ତ୍ତିତାଃ । (ସୁଶ୍ରୁତ)

ଅର୍ଥାତ୍ ଯେଉଁ ଦ୍ରବ୍ୟକୁ ସେବନ ବା ଲେପନ କଲେ ଆହ୍ଲାଦ ଜାତହୁଏ, ମଳରୋଧ ହୁଏ, ରକ୍ତ ପ୍ରବୃ... ଏହୁଏ ଏବଂ ଦାହ, ତୃଷା, ମୂର୍ଚ୍ଛା ଓ ସ୍ୱେଦ ନିର୍ଗମ ନିବାରିତ ହୁଏ, ସେହିଦ୍ରବ୍ୟ ଶୀତଗୁଣ ବିଶିଷ୍ଟ । ଏହାର ବିପରୀତ ଗୁଣବିଶିଷ୍ଟ ଦ୍ରବ୍ୟକୁ ଉଷ୍ଣଦ୍ରବ୍ୟ ବୋଲିଯାଏ । ଅର୍ଥାତ୍ ଯେଉଁ ଦ୍ରବ୍ୟ ଆହ୍ଲାଦ ଜନକ ବା ଅତିସାରାଦିର ରୋଧକନୁହେ ଏବଂ ଯାହା ଦାହ, ମୂର୍ଚ୍ଛା, ତୃଷା ଓ ସ୍ୱେଦ ଜାତ କରେ, ତାହା ଉଷ୍ଣଗୁଣ ଯୁକ୍ତ ଦ୍ରବ୍ୟ । ଏହିପରି ଯେଉଁ ଦ୍ରବ୍ୟ ଶରୀରକୁ ମୃଦୁକରେ, ବଳ ଓ ବର୍ଣ୍ଣ ଉତ୍ପାଦନ କରେ, ତାହା ସ୍ନିଗ୍ଧ ଗୁଣବିଶିଷ୍ଟ, ଏଥିରୁ ଯାହା ବିପରୀତ ଗୁଣଯୁକ୍ତ ତାକୁ ରୂକ୍ଷଦ୍ରବ୍ୟ ବୋଲନ୍ତି । ରୂକ୍ଷଦ୍ରବ୍ୟ ଶରୀରକୁ କର୍କଶ ଓ କଠିନ କରେ ଏବଂ ବଳ ଓ ବର୍ଣ୍ଣକୁ ହ୍ରାସକରେ । ଯେଉଁଦ୍ରବ୍ୟରେ ପିଚ୍ଛିଳ ଗୁଣଥାଏ, ସେହିଦ୍ରବ୍ୟ ପ୍ରାଣଧାରଣ କରେ, ବଳବୃଦ୍ଧି କରେ, ଭଗ୍ନ ଅସ୍ଥିର ସନ୍ଧାନ କରେ ଏବଂ କଫ ବୃଦ୍ଧି କରେ । ଏଥିରୁ ବିପରୀତ ଗୁଣକୁ ବିଶଦ ଗୁଣ ବୋଲନ୍ତି । ବିଶଦ ଗୁଣ ବିଶିଷ୍ଟ ଦ୍ରବ୍ୟ କ୍ଷତ ପୂରଣ କରେ ଏବଂ କ୍ଷତର ଆର୍ଦ୍ରତା ନାଶକରେ । ଯେଉଁ ଦ୍ରବ୍ୟ ଦାହ ଜାତକରେ, ଦ୍ରବ୍ୟକୁ ପରିପକ୍ୱକରେ, ଲାଳସ୍ରାବକରେ ଓ ବାତକଫ ହରଣକରେ ତହିଁରେ ତୀକ୍ଷ୍ଣ ଗୁଣଥାଏ । ସେଥିରୁ ବିପରୀତ କ୍ରିୟା ଯହିଁରେ ଥାଏ, ତାକୁ ମୃଦୁଗୁଣ ବିଶିଷ୍ଟ ଦ୍ରବ୍ୟ ବୋଲନ୍ତି । ଯେଉଁଦ୍ରବ୍ୟ ଶରୀରର ଗ୍ଳାନି ଉତ୍ପାଦନକରେ, ମଳବୃଦ୍ଧି କରେ, ତୃପ୍ତି ଜାତକରେ ଏବଂ ଦେହର ପୁଷ୍ଟି ଓ ବଳବୃଦ୍ଧି କରେ, ତହିଁରେ ଗୁରୁତ୍ୱ ଗୁଣ ଥାଏ, ଏଥିରୁ ବିପରୀତ କ୍ରିୟା ଯହିଁରେ ଥାଏ, ତାହା ଲଘୁ ଗୁଣଯୁକ୍ତ ଦ୍ରବ୍ୟ ଅଟେ । ସୁଶ୍ରୁତ କହିଛନ୍ତିଯେ—ଦ୍ରବ୍ୟମଧ୍ୟରେ ଥିବା ଏହି ଗୁରୁ ଲଘୁ ପ୍ରଭୃତି ଦଶଟି ଗୁଣହିଁ ଉପରୋକ୍ତ କ୍ରିୟା ଦ୍ୱାରା ଅନୁମିତ ହୁଏ । ଦ୍ରବ୍ୟମଧ୍ୟରେ ଥିବା ଅନ୍ୟ ଦଶଟି ଗୁଣର ସ୍ୱରୂପ ଯଥା—ଦ୍ରବ ଦ୍ରବ୍ୟ ଦେହକୁ ଆର୍ଦ୍ର କରେ, ଏବଂ ସ୍ଥୂଳ ଦ୍ରବ୍ୟ, ସ୍ରୋତମାନଙ୍କୁ ରୋଧକରେ । ଶ୍ଳକ୍ଷ୍ଣ ଦ୍ରବ୍ୟର ଗୁଣ ଓ ପିଚ୍ଛିଳ ଦ୍ରବ୍ୟର ଗୁଣ ସମାନ ଏବଂ ବିଶଦଦ୍ରବ୍ୟର ଗୁଣ ଓ କର୍କଶଦ୍ରବ୍ୟର ଗୁଣ ସମାନ ଅଟେ ● ଯାହା ସୁଖ

---

● ସୁଶ୍ରୁତ ସଂହିତାରେ ମନ୍ଦ, ସ୍ଥିର ଓ କଠିନ ଏହି ତିନି ବଦଳରେ ସୁଗନ୍ଧ, ଦୁର୍ଗନ୍ଧ ମନ୍ଦ ଏହି ତିନି ଗୁଣର ଉଲ୍ଲେଖ ଅଛି ।

ଉତ୍ପାଦକ, ରେଚକ ଓ ମୃଦୁ, ତାହା ସୁଗନ୍ଧ ଏବଂ ଏଥିରୁ ଯାହା ବିପରୀତ ତାହା ଦୁର୍ଗନ୍ଧ ଅଟେ । ଯେଉଁ ଦ୍ରବ୍ୟ ଅପାନ ବାୟୁକୁ ସରଳ କରେ ତାହା ସରଗୁଣଯୁକ୍ତ ଏବଂ ଯେଉଁ ଦ୍ରବ୍ୟ ଶରୀର ଯାତ୍ରା ନିର୍ବାହକରେ, ତାହା ମନ୍ଦଗୁଣ ଯୁକ୍ତ ଅଟେ । ଯେଉଁ ଦ୍ରବ୍ୟ ଅପକ୍ୱ ଅବସ୍ଥାରେ ସର୍ବ ଶରୀରରେ ବ୍ୟାପ୍ତ ହୋଇ ପଛେ ପଛେ ପରିପାକ ପ୍ରାପ୍ତହୁଏ ତାହା ବ୍ୟବାୟୀ ଗୁଣଯୁକ୍ତ ଏବଂ ଯେଉଁ ଦ୍ରବ୍ୟ ଧାତୁମାନଙ୍କର ଶିଥିଳତା ଉତ୍ପାଦନ କରେ, ତାହା ବିକାଶୀଗୁଣଯୁକ୍ତ ଅଟେ । ଯେଉଁ ଦ୍ରବ୍ୟ ଶୀଘ୍ର ଶରୀରରେ ବ୍ୟାପ୍ତ ହୁଏ, ତାକୁ ଆଶୁକାରୀ ଦ୍ରବ୍ୟ ବୋଲନ୍ତି । ● ଏବଂ ଯେଉଁଦ୍ରବ୍ୟ ଶରୀରର ଅତିସୂକ୍ଷ୍ମ ସ୍ରୋତ- ମାନଙ୍କରେ ପ୍ରବେଶ କରେ, ତାକୁ ସୂକ୍ଷ୍ମ ଦ୍ରବ୍ୟ ବୋଲୁଯାଏ । ଏହିପରିଭାବରେ ଭୌତିକ ଦ୍ରବ୍ୟମାନଙ୍କ ମଧ୍ୟରେ ଥିବା କିଛିମାତ୍ରମେୟ ଶୀତୋଷ୍ଣାଦି ବିଂଶବିଧ ଗୁଣର ଏବଂ ପ୍ରତ୍ୟକ୍ଷ ଗୋଚର ସୁଗନ୍ଧ ଦୁର୍ଗନ୍ଧାଦି ଦଶ ପ୍ରକାର ଗୁଣର ସ୍ୱରୂପ ପରିଚୟ ଦେବାପରେ ଆଚାର୍ଯ୍ୟ ସୁଶ୍ରୁତ ଲେଖିଛନ୍ତିଯେ—

ଗୁଣା ଯ ଉକ୍ତା ଦ୍ରବ୍ୟେଷୁ ଶରୀରେଷ୍ୱପିତେ ତଥା । ସ୍ଥାନବୃଦ୍ଧି କ୍ଷୟାସ୍ତସାଦ୍ ଦ୍ରବ୍ୟାଣାଂ ଦ୍ରବ୍ୟହେତୁକାଃ ॥

ଅର୍ଥାତ୍ ପଞ୍ଚମହାଭୂତରେ ଏବଂ ଭୌତିକ ଦ୍ରବ୍ୟମାନଙ୍କରେ ଯେଉଁ ଯେଉଁ ଗୁଣ ଅଛି, ଆମ୍ଭମାନଙ୍କର ଏହି ପାଞ୍ଚ- ଭୌତିକ ଶରୀରରେ ମଧ୍ୟ ସେହି ସେହି ଗୁଣ ବିଦ୍ୟମାନ ସୁତରାଂ ଶରୀରରୂପୀ ଦ୍ରବ୍ୟର ସ୍ଥିତି କ୍ଷୟ ଓ ବୃଦ୍ଧିର କାରଣ ସେହି ସେହି ଜାତୀୟ ଗୁଣଯୁକ୍ତ ଦ୍ରବ୍ୟ । ମହର୍ଷି ଚରକ ମଧ୍ୟ ଏହି କଥାକୁ ଆଉରି ବିଶଦଭାବରେ ବୁଝାଇଛନ୍ତି । ସେ ଲେଖିଛନ୍ତି—

ଧାତବଃ ପୁନଃ ଶାରୀରାଃ ସମାନଗୁଣଭୂୟିଷ୍ଠୈ ରାହାରବିହାରୈ ରଭ୍ୟସ୍ୟମାନୈ ର୍ବୃଦ୍ଧିଂ ପ୍ରାପ୍ନୁବନ୍ତି, ହ୍ରାସନ୍ତୁ ବିପରୀତଗୁଣୈଃ ବିପରୀତଗୁଣଭୂୟିଷ୍ଠୈ ରାହାରବିହାରୈ ରଭ୍ୟସ୍ୟମାନୈଃ । ତତ୍ର ଇମେ ଶରୀର ଧାତୁ ଗୁଣାଃ ସଂଖ୍ୟା ସାମର୍ଥ୍ୟ ରୂପକରାଃ । ତଦ୍ ଯଥା—ଗୁରୁ, ଲଘୁ, ଶୀତୋଷ୍ଣ, ସ୍ନିଗ୍ଧରୁକ୍ଷ, ସ୍ଥିରସର, ମୃଦୁକଠିନ, ବିଶଦ ପିଚ୍ଛିଲ, ଶ୍ଳକ୍ଷ୍ଣ ଖର, ସୂକ୍ଷ୍ମସ୍ଥୂଳ, ସାନ୍ଦ୍ର ଦ୍ରବାଃ । ତେଷୁ ଗୁରବସ୍ତେ ଗୁରୁଭିଃ ଆହାର ଗୁଣୈ ରଭ୍ୟସ୍ୟମାନୈଃ ଅପ୍ୟାୟନ୍ତେ, ଲଘବଶ୍ଚ ହ୍ରସନ୍ତି । ଲଘବସ୍ତୁ, ଲଘୁଭିଃ ଆପ୍ୟାୟନ୍ତେ ଗୁରବଶ୍ଚ ହ୍ରସନ୍ତି । ଏବମେବ ସର୍ବଧାତୁ ଗୁଣାନାଂ ସାମାନ୍ୟ ଯୋଗାତ୍ ବୃଦ୍ଧିଃ ବିପର୍ଯ୍ୟୟାତ୍ ହ୍ରାସଃ (ଚ. ଶା. ଅ ୬)

ଅର୍ଥାତ୍ ଆମ୍ଭମାନଙ୍କର ଶରୀରେ ଥିବା ବାତ, ପିତ୍ତ, କଫ, ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ବୀର୍ଯ୍ୟ ଏହି ସମସ୍ତ ଧାତୁ ପୂର୍ବୋକ୍ତ ଗୁରୁତ୍ୱ, ଲଘୁତ୍ୱାଦି ଗୁଣ ବିଶିଷ୍ଟ ପାଞ୍ଚ ଭୌତିକ ଦ୍ରବ୍ୟ । ଏହିଦ୍ରବ୍ୟ ଗୁଡ଼ିକ ସମାନ ଗୁଣଯୁକ୍ତ ଆହାର ବିହାର ଅଭ୍ୟାସ ଦ୍ୱାରା ବୃଦ୍ଧି ପ୍ରାପ୍ତ ହୁଏ, ଏବଂ ବିପରୀତ ଗୁଣଯୁକ୍ତ ଆହାର ବିହାର ଅଭ୍ୟାସଦ୍ୱାରା କ୍ଷୀଣତା ପ୍ରାପ୍ତ ହୁଏ । ସେଥିମଧ୍ୟରୁ ଶରୀରସ୍ଥ ଗୁରୁ—ଗୁଣଯୁକ୍ତ ଧାତୁଗୁଡ଼ିକ ତୁଲ୍ୟଗୁଣ ବିଶିଷ୍ଟ ଆହାର ଦ୍ୱାରା ଆପ୍ୟାୟିତ ହୁଅନ୍ତି, ଆଉ ଲଘୁଗୁଣ ଯୁକ୍ତ ଦ୍ରବ୍ୟ ହ୍ରାସପ୍ରାପ୍ତ ହୁଏ । ଏହିପରି ଶରୀରସ୍ଥ ଲଘୁ ଗୁଣଯୁକ୍ତ—ଦ୍ରବ୍ୟଗୁଡ଼ିକ ସମାନ ଗୁଣଯୁକ୍ତ ଦ୍ରବ୍ୟର ଉପଯୋଗ ଦ୍ୱାରା ବୃଦ୍ଧି ପ୍ରାପ୍ତ ହୁଅନ୍ତି, ଆଉ ଗୁରୁଗୁଣଯୁକ୍ତ ଦ୍ରବ୍ୟ କ୍ଷୀଣ ହୋଇଯାଏ । ଏହିପରି ଶରୀରସ୍ଥ ସମସ୍ତ ଧାତୁମାନଙ୍କର ସମାନ ଗୁଣଯୁକ୍ତ ଦ୍ରବ୍ୟର ଯୋଗରେ ବୃଦ୍ଧି ଏବଂ ବିପରୀତ ଗୁଣଯୁକ୍ତ ଦ୍ରବ୍ୟର ଯୋଗରେ କ୍ଷୟ ହୋଇଥାଏ । ଏହିସବୁ କଥାର ଅସଲ ତାତ୍ପର୍ଯ୍ୟ ଏହିଯେ—ଗୁଣପ୍ରାଧାନ୍ୟବାଦୀ ମତରେ ଶରୀରସ୍ଥିତ ବାତ ପିତ୍ତ କଫମଧ୍ୟ ଦ୍ରବ୍ୟ, ତେଣୁ ସେମାନଙ୍କର ସାମ୍ୟ ବୈଷମ୍ୟ ମଧ୍ୟ ଗୁରୁତ୍ୱାଦି ଗୁଣ ମୂଳକ ଅଟେ । ସେହେତୁରୁ କୁହା ଯାଇଛି ।

"ଗୁରୁଶୀତ ମୃଦୁସ୍ନିଗ୍ଧ ମଧୁର ସ୍ଥିରପିଚ୍ଛିଲାଃ । ଶ୍ଳେଷ୍ମଣଂପ୍ରଶମଂ ଯାନ୍ତି ବିପରୀତ ଗୁଣୈର୍ଗୁଣାଃ ।
ସସ୍ନେହ ମୁଷ୍ଣଂ ତୀକ୍ଷ୍ଣଂଚ ଦ୍ରବାମମ୍ଳଂ ସରଂକଟୁ । ବିପରୀତଗୁଣୈଃ ପିତ୍ତଂ ଦ୍ରବ୍ୟୈରାଶୁ ପ୍ରଶାମ୍ୟତି ।
ରୁକ୍ଷଃଶୀତୋ ଲଘୁଃ ସୂକ୍ଷ୍ମଶ୍ଚଲୋଽଥବିଶଦଃଖରଃ । ବିପରୀତ ଗୁଣୈ ର୍ଦ୍ରବ୍ୟୈର୍ମାରୁତଃ ସମ୍ପ୍ରଶାମ୍ୟତି ।" (ଚରକ)

ଅର୍ଥାତ୍ ଗୁରୁ, ଶୀତ, ମୃଦୁ, ସ୍ନିଗ୍ଧ, ମଧୁର, ସ୍ଥିର ଓ ପିଚ୍ଛିଲ ଏହି ସାତଗୁଣଯୁକ୍ତ ଶ୍ଳେଷ୍ମା, ଆଉ ସ୍ନିଗ୍ଧ, ଉଷ୍ଣ, ଦ୍ରବ, ଅମ୍ଳ, ସର, ତୀକ୍ଷ୍ଣ ଓ କଟୁ ଏହି ସାତଗୁଣ ଯୁକ୍ତ ପିତ୍ତ ଏବଂ ରୁକ୍ଷ, ଶୀତ, ଲଘୁ, ସୂକ୍ଷ୍ମ, ଚଳ, ବିଶଦ ଓ ଖର ଏହି ସାତଗୁଣଯୁକ୍ତ ବାୟୁ ଅଟେ । ଏହି ତିନଦୋଷ ତୁଲ୍ୟଗୁଣ ବିଶିଷ୍ଟ ଦ୍ରବ୍ୟର ଯୋଗରେ ବର୍ଦ୍ଧିତ ଏବଂ ବିପରୀତ ଗୁଣଯୁକ୍ତ

---

● ବ୍ୟବାୟୀ, ବିକାଶୀ ଓ ଆଶୁକାରୀ ଏହି ତିନି ଗୁଣ ଭାଙ୍ଗ, ଅଫିମ ମଦ ପ୍ରଭୃତି ବିଷଦ୍ରବ୍ୟମାନଙ୍କର ଅଟେ ।

ଦ୍ରବ୍ୟର ଉପଯୋଗ ଦ୍ୱାରା ସ୍ପଷ୍ଟୀକୃତ ହୁଅନ୍ତି । ସୁତରାଂ ପାଠକମାନେ ବୁଝିବାକୁ ହେବ ଯେ—ଗୁଣପ୍ରାଧାନ୍ୟ ବାଦର ପଦ୍ଧତି ମଧ୍ୟ ତ୍ରିଦୋଷବାଦ ଉପରେ ପ୍ରତିଷ୍ଠିତ ନୁହେଁ, ତାହା ଗୁଣ ମୂଳକ ଅଟେ । କାରଣକି ମହର୍ଷି ଆତ୍ରେୟ ତାଙ୍କର ସ୍ୱାନୁଭୂତ ଚିକିତ୍ସାର ବିବରଣ ପ୍ରସଙ୍ଗରେ ଲେଖିଛନ୍ତି ଯେ—

"ଇଦମେବାଖ୍ୟାନଃ ପ୍ରତ୍ୟକ୍ଷଂ ଯଦନାତୁରେଣ ଭେଷଜେନାତୁରଂ ଚିକିତ୍ସାମଃ । କ୍ଷାମମକ୍ଷାମେନ କୃଶଂ ଦୁର୍ବଳମାପ୍ୟାୟୟାମଃ, ସ୍ଥୂଳଂ ମେଦସ୍ୱିନମପତର୍ପୟାମଃ ଶୀତେନୋଷ୍ଣାଭିଭୂତମୁଷ୍ଣେନ । ନ୍ୟୂନାନ୍ ଧାତୂନ୍ ପୂରୟାମଃ ବ୍ୟତିରିକ୍ତାନ୍ ହ୍ରାସୟାମଃ । ବ୍ୟାଧୀନ୍ ମୂଳ-ବିପର୍ଯ୍ୟୟେଣୋପି ଚରନ୍ତଃ ପ୍ରକୃତୌ ସ୍ଥାପୟାମଃ । ତେଷାଂନ ସ୍ତଥା କୁର୍ବତାଂ" ଅୟଂ ଭେଷଜସମୁଦାୟଃ କାନ୍ତତମୋ ଭବତି । (ଚରକ)

ଅର୍ଥାତ୍ ମହର୍ଷି ଆତ୍ରେୟ ତାଙ୍କର ପ୍ରତ୍ୟକ୍ଷ ଅନୁଭବ ଚିକିତ୍ସା ସମ୍ବନ୍ଧେ କହୁଛନ୍ତି ଯେ—ଆମେ ରୋଗୀମାନଙ୍କୁ ଏହିପରି ଔଷଧରେ ଚିକିତ୍ସା କରୁଛୁ, ଯାହାକି ରୋଗ ବିରୁଦ୍ଧ ଗୁଣଯୁକ୍ତ ଅଟେ । ଅର୍ଥାତ୍ କୃଶ ଓ ଦୁର୍ବଳ (ରୁକ୍ଷ) ରୋଗୀକୁ ସ୍ନିଗ୍ଧ ଔଷଧ ଦ୍ୱାରା, ଉଷ୍ଣତା, ପୀଡ଼ିତରୋଗୀକୁ ଶୀତୋପଚାର ଦ୍ୱାରା ଶୀତାଭିଭୂତରୋଗୀକୁ ଉଷ୍ଣୋପଚାର ଦ୍ୱାରା ଏବଂ କ୍ଷୀଣ-ଧାତୁପୁରୁଷକୁ ପୌଷ୍ଟିକ ଉପଚାର ଦ୍ୱାରା ଆମେ ଚିକିତ୍ସା କରୁଛୁ ଯହିଁରେକି ରୋଗୀର ପ୍ରକୃତି ସାମ୍ୟାବସ୍ଥାକୁ ପ୍ରାପ୍ତ ହେଉଅଛି । ଏଥିଦ୍ୱାରା ଜଣାଯାଏ ଯେ—ଆମମାନଙ୍କର ଶରୀରସ୍ଥିତ ଗୁରୁତ୍ୱାଦି ଗୁଣଯୁକ୍ତ ଧାତୁମାନଙ୍କର ପ୍ରକୃତି ବୈଷମ୍ୟ ବା ହ୍ରାସବୃଦ୍ଧିର ନାମ ରୋଗ, ଏବଂ ତୁଲ୍ୟ ଗୁଣଯୁକ୍ତ ବାହ୍ୟ ଦ୍ରବ୍ୟମାନଙ୍କର ଯୋଗରେ ଏହି କ୍ଷୟ ବୃଦ୍ଧିର ସମତା ବିଧାନର ନାମ ଚିକିତ୍ସା । ଏହି ଗୁଣ ସାମ୍ୟମୂଳକ ଚିକିତ୍ସାହିଁ ଆୟୁର୍ବେଦୀୟ ଦ୍ରବ୍ୟଗୁଣ ବିଜ୍ଞାନର ପ୍ରୟୋଜନ ଅଟେ ।

## ଦ୍ରବ୍ୟର ରସ

ଏଠାରେ ଆଉ କେତେକ ପଣ୍ଡିତ କହନ୍ତି ଯେ—ଦ୍ରବ୍ୟମାନଙ୍କର ରସହିଁ ପ୍ରଧାନ । କାରଣକି, ପ୍ରାଣୀମାନଙ୍କର ଖାଦ୍ୟଦ୍ରବ୍ୟ ପ୍ରତି ଯେଉଁ ଅଭିଳାଷ ତାହା ରସମୂଳକ ଅଟେ । ଅର୍ଥାତ୍ ଲୋକେ ଆହାର ବିଷୟରେ ମଧୁର, ଅମ୍ଳ, ଲବଣ, ଇତ୍ୟାଦି ରସକୁହିଁ ଲକ୍ଷ୍ୟ କରି ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ଆମେମାନେ ମଧୁରରସ ପାଇଁ ଆଖୁ, ଅମ୍ଳରସ ପାଇଁ ତେନ୍ତୁଳୀ, ଲବଣରସ ପାଇଁ ଲୁଣ, କଟୁରସ ପାଇଁ ଲଙ୍କାମରିଚ, ତିକ୍ତରସ ପାଇଁ ନିମ୍ବପତ୍ର ଏବଂ କଷାୟରସ ପାଇଁ କଇଥ ଓ ଜାମକୋଳି ଇତ୍ୟାଦି ଦ୍ରବ୍ୟ ସଂଗ୍ରହ କରିଥାଉଁ । ଆଉଭି ମଧ୍ୟ ଦେଖାଯାଏ ଯେ—ଆୟୁର୍ବେଦ ଶାସ୍ତ୍ରରେ ଶାରୀରିକ ରୋଗର ଉତ୍ପତ୍ତି ଓ ଚିକିତ୍ସା ବିଷୟରେ ମଧୁର ଅମ୍ଳାଦି ରସକୁହିଁ ଲକ୍ଷ୍ୟକରି ବିଧି ନିଷେଧ ବ୍ୟବସ୍ଥା ଦିଆ ଯାଇଛି । ଚରକସଂହିତାରେ ଲେଖାଅଛି ଯେ—

"ରସାସ୍ତାବତ୍ ଷଟ୍—ମଧୁରାମ୍ଳଲବଣକଟୁତିକ୍ତକଷାୟାଃ । ତେ ସମ୍ୟକ୍ ଉପଯୁଜ୍ୟମାନାଃ ଶରୀରଂ ଯାପୟନ୍ତି । ମିଥ୍ୟୋପଯୁଜ୍ୟମାନାଃ ଶରୀରଂ ଯାପୟନ୍ତି । ମିଥ୍ୟୋପଯୁଜ୍ୟମାନାସ୍ତୁ ଖଳୁ ଦୋଷପ୍ରକୋପନାୟ ଉପକଳ୍ପ୍ୟନ୍ତେ । ଦୋଷାଃ ପୁନସ୍ତ୍ରୟଃ ବାତପିତ୍ତଶ୍ଳେଷ୍ମାଣଃ । ତେ ପ୍ରକୃତିଭୂତାଃ ଶରୀରୋପକାରକା ଭବନ୍ତି । ବିକୃତିମାପନ୍ନାସ୍ତୁ ନାନାବିଧୈର୍ବିକାରୈଃ ଶରୀର ମୁପତାପୟନ୍ତି । ତତ୍ରଦୋଷମେକୈକଂ ତ୍ରୟସ୍ତ୍ରୟଃ ରସାଃ ଜନୟନ୍ତି, ତ୍ରୟସ୍ତ୍ରୟଶ୍ଚୋପଶମୟନ୍ତି । ତଦ୍ୟଥା—କଟୁତିକ୍ତ-କଷାୟାଃ ବାତଂ ଜନୟନ୍ତି, ମଧୁରାମ୍ଳଲବଣାସ୍ତ୍ୱେନଂ ଶମୟନ୍ତି । କଟ୍ୱାମ୍ଳଲବଣାଃ ପିତ୍ତଂ ଜନୟନ୍ତି, ମଧୁରତିକ୍ତକଷାୟାସ୍ତ୍ୱେନଂ ଶମୟନ୍ତି । ମଧୁରାମ୍ଳଲବଣାଃ ଶ୍ଳେଷ୍ମାଣଂ ଜନୟନ୍ତି, କଟୁତିକ୍ତକଷାୟାସ୍ତ୍ୱେନଂ ଶମୟନ୍ତି । ରସଦୋଷସନ୍ନିପାତେ ତୁ ଯେ ରସାଃ ଯୈର୍ଦୋଷୈଃ ସମାନଗୁଣାଃ ସମାନଗୁଣ ଭୂୟିଷ୍ଠାବା ତେନ ତାନ୍ ଅଭିବର୍ଦ୍ଧୟନ୍ତି । ବିପରୀତଗୁଣାସ୍ତୁ ବିପରୀତ-ଗୁଣଭୂୟିଷ୍ଠା ବା ଶମୟନ୍ତ୍ୟଭ୍ୟସ୍ୟମାନାଃ । ଇତ୍ୟେତଦ୍ବ୍ୟବସ୍ଥା ହେତୋଃ ଷଟ୍ତ୍ୱମୁପଦିଶ୍ୟତେ ରସାନାଂ ପରସ୍ପରେଣ ଅସଂସୃଷ୍ଟାନାଂ ତ୍ରିତ୍ୱଂ ଚ ଦୋଷାଣାଂ । ସଂସର୍ଗ ବିକଳ୍ପବିସ୍ତରୋ ହି ଏଷାଂ ଅପରିସଂଖ୍ୟେୟୋ ଭବତି ବିକଳ୍ପଭେଦା ପରି ସଂଖ୍ୟେୟତ୍ୱାତ୍ ।

ଅର୍ଥାତ୍ ରସ ଛ'ପ୍ରକାର । ଯଥା—ମଧୁର, ଅମ୍ଳ, ଲବଣ, କଟୁ, ତିକ୍ତ ଓ କଷାୟ । ଏହି ଛ'ରସଯୁକ୍ତ ଅନ୍ନକୁ ଉପଯୁକ୍ତ ଭାବରେ ବ୍ୟବହାର କଲେ ଶରୀର ସ୍ୱାସ୍ଥ୍ୟ ସମ୍ପନ୍ନ ହୁଏ, ଏବଂ ଅନୁଚିତ ଭାବରେ ବ୍ୟବହାର କଲେ ଶରୀରସ୍ଥ ଧାତୁ ବାତ ପିତ୍ତ କଫ ଏହି ତିନିଦୋଷ ପ୍ରକୁପିତ ବା ବିଷମତା ପ୍ରାପ୍ତ ହୁଏ । ଏହି ତିନି ଦୋଷ ସମାନ ଭାବରେ ଥିଲେ ଶରୀରର ଉପକାର କରନ୍ତି ଏବଂ ଏମାନେ ବିଷମ ଭାବାପନ୍ନ ହେଲେ ନାନାବିଧ ରୋଗ ଉତ୍ପାଦନ କରି ଶରୀରକୁ ବିନାଶ କରନ୍ତି

ସେଥି ମଧ୍ୟରେ ଏକ ଏକ ଦୋଷକୁ ତିନି ତିନି ରସ ଉତ୍ପାଦନ କରନ୍ତି ଏବଂ ତିନି ତିନି ରସ ପ୍ରଶମନ କରନ୍ତି । ଯଥା— କଟୁ, ତିକ୍ତ, କଷାୟ ଏହି ତିନିରସ ବାତ ବୃଦ୍ଧି କରନ୍ତି । ଏବଂ ମଧୁର ଅମ୍ଳ ଓ ଲବଣ ଏହି ତିନିରସ ବାତ ପ୍ରଶମନ କରନ୍ତି । ଏହିପରି କଟୁ, ଅମ୍ଳ, ଲବଣ ଏହି ତିନିରସ ପିତ୍ତ ବୃଦ୍ଧି କରନ୍ତି । ଏବଂ ମଧୁର, ତିକ୍ତ ଓ କଷାୟ ଏହି ତିନିରସ ପିତ୍ତ ପ୍ରଶମନ କରନ୍ତି । ଏହିପରି ମଧୁର, ଅମ୍ଳ ଓ ଲବଣ ଏହି ତିନିରସ କଫ ବୃଦ୍ଧି କରନ୍ତି ଏବଂ କଟୁ, ତିକ୍ତ ଓ କଷାୟ ଏହି ତିନିରସ କଫ ପ୍ରଶମନ କରନ୍ତି । ଯେଉଁ ରସଗୁଡ଼ିକ ଯେଉଁ ଦୋଷ ସହିତ ଗୁଣରେ ସମାନ, ସେମାନେ ସେହି ଦୋଷକୁ ବୃଦ୍ଧି କରନ୍ତି, ଯେଉଁ ରସଗୁଡ଼ିକ ଦୋଷର ବିପରୀତ ଗୁଣଯୁକ୍ତ, ସେମାନେ ଦୋଷ ପ୍ରଶମନ କରନ୍ତି । ପୃଥକ୍ ୨ ରସ ଛ' ଭାଗରେ ବିଭକ୍ତ ଏବଂ ଦୋଷ ତିନି ଭାଗରେ ବିଭକ୍ତ ଅଟେ । ଏମାନଙ୍କର ପରସ୍ପର ସଂଯୋଗ ଭେଦରେ ଅସଂଖ୍ୟ । ରସ ଓ ଅସଂଖ୍ୟ ଦୋଷ କଳ୍ପନା କରାଯାଇଥାଏ ।

ଉପରୋକ୍ତ ମଧୁରାଦି ଛ' ରସର ଉତ୍ପତ୍ତି ସମ୍ବନ୍ଧେ ସୁଶ୍ରୁତସଂହିତାରେ ଲେଖାଅଛିଯେ—

ଭୂମ୍ୟମ୍ବୁଗୁଣ ବାହୁଲ୍ୟାତ୍ ମଧୁରଃ । ଭୂମ୍ୟଗ୍ନି ଗୁଣ ବାହୁଲ୍ୟାତ୍ ଅମ୍ଳଃ ॥
ତୋୟାଗ୍ନି ଗୁଣ ବାହୁଲ୍ୟାତ୍ ଲବଣଃ । ଵାୟ୍ୱଗ୍ନି ଗୁଣ ବାହୁଲ୍ୟାତ୍ କଟୁକଃ ॥
ବାୟ୍ୱାକାଶଗୁଣ ବାହୁଲ୍ୟାତ୍ ତିକ୍ତଃ । ପୃଥିବ୍ୟନିଲ ଗୁଣ ବାହୁଲ୍ୟାତ୍ କଷାୟଃ ॥

ଅର୍ଥାତ୍ ଯେଉଁ ଦ୍ରବ୍ୟରେ ପୃଥିବୀରଗୁଣ ଓ ଜଳର ଗୁଣ ବହୁଳ ଭାବରେ ଥାଏ, ତାହା ମଧୁର ରସ ହୁଏ । ଏହିପରି ମଧ୍ୟ ଯେଉଁ ଦ୍ରବ୍ୟରେ ପୃଥିବୀର ଗୁଣ ଓ ଅଗ୍ନିର ଗୁଣ ବହୁଳ ଭାବରେ ଥାଏ, ତାହା ଅମ୍ଳରସ ହୁଏ । ଏହିପରି ଜଳର ଗୁଣ ଓ ଅଗ୍ନିର ଗୁଣ ଯହିଁରେ ବହୁଳ ଭାବରେ ଥାଏ, ତାହା ଲବଣରସ ହୁଏ । ଏହିପରି ମଧ୍ୟ ବାୟୁର ଗୁଣ ଓ ଅଗ୍ନିର ଗୁଣ ଯହିଁରେ ବହୁଳ ଭାବରେ ଥାଏ, ତାହା କଟୁରସ ହୁଏ । ବାୟୁର ଏବଂ ଆକାଶର ଗୁଣ ଯହିଁରେ ଅଧିକ ଥାଏ, ତାହା ତିକ୍ତରସ ହୁଏ ଏବଂ ପୃଥିବୀର ଓ ବାୟୁର ଗୁଣ ଅଧିକ ପରିମାଣରେ ଯେଉଁ ଦ୍ରବ୍ୟରେ ଥାଏ, ତାହା କଷାୟରସ ହୁଏ ।

ଏହି ସବୁ ପ୍ରମାଣରୁ ଏବଂ ଆମ୍ଭମାନଙ୍କର ପ୍ରତ୍ୟକ୍ଷ ଅନୁଭବରୁ ମଧ୍ୟ ଜଣାଯାଉଛିଯେ—ଆମ୍ଭମାନଙ୍କର ଭୌତିକ ଶରୀରର ସ୍ଥିତି, କ୍ଷୟ ଓ ବୃଦ୍ଧିର କାରଣ ପାଞ୍ଚଭୌତିକ ରସ । ❁

ଏହି ମଧୁରାଦି ଛ'ରସ ଦ୍ରବ୍ୟକୁ ଆଶ୍ରୟ କରି ରହେ । ସୁତରାଂ କେଉଁ ଦ୍ରବ୍ୟରେ ଏକ ରସ, କେଉଁ ଦ୍ରବ୍ୟରେ ଦୁଇ ରସ, କେଉଁ ଦ୍ରବ୍ୟରେ ତିନି ରସ, କେଉଁ ଦ୍ରବ୍ୟରେ ଚାରି ରସ, କେଉଁ ଦ୍ରବ୍ୟରେ ପାଞ୍ଚ ରସ ଏବଂ କେଉଁ ୨ ଦ୍ରବ୍ୟରେ ଛ'ରସର ଯୋଗ ମଧ୍ୟ ହୋଇଥାଏ । ପ୍ରୟୋଜନାନୁସାରେ ରସମାନଙ୍କର ଯୌଗିକ ଭେଦ କଳ୍ପନା ୬୩ ତେଷଠି ପ୍ରକାର ଶାସ୍ତ୍ରରେ ଲେଖାଅଛି । ଯଥା—*

---

❁ ରସଜାନି ତ ଭୂତାନି ବ୍ୟାଧୟଶ୍ଚ ପୃଥକ୍ ବିଧାଃ । ଆପୋହିରସ ବର୍ତ୍ତ୍ୟସ୍ତାଃସ୍ମୃତା ନିର୍ବୃତିହେତବଃ ॥ (ଚରକ)

* ସ୍ୱାଦୁରମ୍ଳାଦିଭି ର୍ଯୋଗଂଶେଷୈରମ୍ଳାଦୟଃ ପୃଥକ୍ ଯାନ୍ତି ପଞ୍ଚ ଦଶୈତାନି ଦ୍ରବ୍ୟାଣି ଦ୍ୱିରସାନିତୁ । ପୃଥଗମ୍ଳାଦିଯୁକ୍ତସ୍ୟ ଯୋଗଃ ଶେଷୈଃ ପୃଥଗ୍ ଭବେତ୍ ମଧୁରସ୍ୟତଥାମ୍ଳସ୍ୟ ଲବଣସ୍ୟ କଟୋସ୍ତଥା ତ୍ରିରସାନି ଯଥାସଂଖ୍ୟଂ ଦ୍ରବ୍ୟାଣ୍ୟୁକ୍ତାନି ବିଂଶତିଃ । ବକ୍ଷ୍ୟନ୍ତେ ତୁ ଚତୁଷ୍କେଣ ଦ୍ରବ୍ୟାଣି ଦଶ ପଞ୍ଚଚ । ସ୍ୱାଦ୍ୱମ୍ଳୌ ସହିତୌ ଯୋଗଂ ଲବଣାଦ୍ୟୈଃ ପୃଥକ୍ ଗତୌ । ଯୋଗଂ ଶେଷୈଃ ପୃଥକ୍ ଯୋଗଂ ଯାତଃ ସ୍ୱାଦୁଷଟଶୌଚତଥା । ସହିତୌ ସ୍ୱାଦୁ ଲବଣୌତଦ୍ବତ୍ କଟ୍ୱାଦିଭିଃ ପୃଥକ୍ । କଟ୍ୱାଦ୍ୟୈରମ୍ଳ ଲବଣୌ ସଂଯୁକ୍ତୌ ସହିତୌ ପୃଥକ୍ । ଯାତଃ ଶେଷୈଃ ପୃଥକ୍ ଯୋଗଂ ଶେଷୈରମ୍ଳ କଟୂ ତଥା । ଯୁଜ୍ୟତେତୁ କଷାୟେଣ ସତିକ୍ତୌ ଲବଣୋଷଣୌ । ଷଟ୍‌ତୁ ପଞ୍ଚରସାନ୍ୟାହୁରେକୈକସ୍ୟାପି ବର୍ଜନାତ୍ । ଷଟ୍‌ଚୈବୈକରସାନ୍ୟାହୁରେବଂ ଷଡ୍ ରସମେବତୁ । ଇତି ତ୍ରିଷଷ୍ଟି ଦ୍ରବ୍ୟାଣାଂ ନିର୍ଦ୍ଦିଷ୍ଟାରସ ସଂଖ୍ୟା । (ଚରକ)

| | | |
|---|---|---|
| ଦୁଇ ଦୁଇ ରସ ଯୋଗରେ | ୧୫ | ପନ୍ଦର |
| ତିନି ତିନି ରସ ଯୋଗରେ | ୨୦ | କୋଡ଼ିଏ |
| ଚାରି ଚାରି ରସ ଯୋଗରେ | ୧୫ | ପନ୍ଦର |
| ପାଞ୍ଚ ପାଞ୍ଚ ରସ ଯୋଗରେ | ୬ | ଛ' |
| ଛ' ରସ ଯୋଗରେ | ୧ | ଏକ |
| ପୃଥକ ପୃଥକ ରସ | ୬ | ଛ' |
| ମୋଟ— | ୬୩ | ତେଷଠି |

ଉପରୋକ୍ତ ତେଷଠି ପ୍ରକାର ରସଭେଦ କଳ୍ପନାର ସ୍ୱତନ୍ତ୍ର ବିବରଣ ଯଥା—

## ଦୁଇ ଦୁଇ ରସ ଯୋଗରେ

୧ ମଧୁରଅମ୍ଳ, ୨ ମଧୁରଲବଣ, ୩ ମଧୁରତିକ୍ତ, ୪ ମଧୁର କଟୁ, ୫ ମଧୁର କଷାୟ, ୬ ଅମ୍ଳଲବଣ, ୭ ଅମ୍ଳତିକ୍ତ, ୮ ଅମ୍ଳକଟୁ, ୯ ଅମ୍ଳକଷାୟ, ୧୦ ଲବଣତିକ୍ତ, ୧୧ ଲବଣ କଟୁ, ୧୨ ଲବଣ କଷାୟ, ୧୩ ତିକ୍ତକଟୁ, ୧୪ ତିକ୍ତକଷାୟ, ୧୫ କଟୁକଷାୟ ।

## ତିନି ତିନି ରସ ଯୋଗରେ

୧୬ ମ, ଅ, ଲ, ୧୭ ମ, ଅ, ତି, ୧୮ ମ, ଅ, କ, ୧୯ ମ, ଅ; କଷାୟ ୨୦ ମ, ଲ, ତି, ୨୧ ମ, ଲ, କ, ୨୨ ମ, ଲ, କଷାୟ, ୨୩ ମ, ତି, କ, ୨୪ ମ, ତି, କଷାୟ, ୨୫ ମ, କ, କଷାୟ, ୨୬ ଅ, ଲ, ତି, ୨୭ ଅ, ଲ, କ, ୨୮ ଅ, ଲ, କଷାୟ, ୨୯ ଅ, ତି, କ, ୩୦ ଅ, ତି, କଷାୟ, ୩୧ ଅ, କ, କଷାୟ, ୩୨ ଲ, ତି, କ, ୩୩ ଲ, ତି, କଷାୟ, ୩୪ ଲ, କ, କଷାୟ, ୩୫ ତି, କ, କଷାୟ ।

## ଚାରି ଚାରି ରସ ଯୋଗରେ

୩୬ ମ, ଅ, ଲ, ତିକ୍ତ, ୩୭ ମ, ଅ, ଲ, କଟୁ, ୩୮ ମ, ଅ ଲ, କଷାୟ, ୩୯ ମ, ଅ, ତି, କଟୁ, ୪୦ ମ, ଅ, ତି, କଷାୟ, ୪୧ ମ, ଅ, କ, କଷାୟ, ୪୨ ମ, ଲ, ତି, କଟୁ, ୪୩ ମ, ଲ, ତି, କଷାୟ, ୪୪ ମ, ଲ, କ, କଷାୟ, ୪୫ ମ, ତି, କ, କଷାୟ, ୪୬ ଅ, ଲ, ତି, କଟୁ, ୪୭ ଅ, ଲ, ତି, କଷାୟ, ୪୮ ଅ, ଲ, କ, କଷାୟ, ୪୯ ଅ, ତି, କ, କଷାୟ; ୫୦ ଲ, ତି, କ, କଷାୟ ।

## ପାଞ୍ଚ ପାଞ୍ଚ ରସ ଯୋଗରେ

୫୧ ଅ, ଲ, ତି, କ, କଷାୟ, ୫୨ ମ, ଲ, ତି, କ, କଷାୟ, ୫୩ ମ, ଅ, ତି, କ, କଷାୟ, ୫୪ ମ, ଅ, ଲ, କ, କଷାୟ, ୫୫ ମ, ଅ, ଲ, ତି କଟୁ, ୫୬ ମ, ଅ, ଲ, ତି, କଷାୟ ।

## ଛ'ରସ ଯୋଗରେ

୫୭ ମ, ଅ, ଲ, କ, ତି, କଷାୟ ।

## ପୃଥକ ଭାବରେ

୫୮ ମଧୁର, ୫୯ ଅମ୍ଳ, ୬୦ ଲବଣ, ୬୧ କଟୁ, ୬୨ ତିକ୍ତ, ୬୩ କଷାୟ ।

ଉପରୋକ୍ତ ମଧୁରାଦି ଛ'ରସର ନ୍ୟୂନାତିରେକ ଯୋଗରେ ଆମମାନଙ୍କର ଶରୀରର କ୍ଷୟ ବୃଦ୍ଧି ହୁଏ ଏବଂ ସମାନ ଯୋଗରେ ଶରୀର ସୁରକ୍ଷିତ ହୁଏ । ଅତଏବ ରସମାନଙ୍କର ଗୁଣ କର୍ମ ବର୍ଣ୍ଣନା ପ୍ରସଙ୍ଗରେ ବାଗ୍‌ଭଟ ଲେଖିଛନ୍ତି ●

---

● ରସାନା ମିତି ରୂପାଣି କର୍ମାଣି ମଧୁରୋ ରସଃ, ଆଜନ୍ମ ସାତ୍ମ୍ୟଂ କୁରୁତେ ଧାତୂନାଂ ପ୍ରବଲଂ ବଲଂ ।
ବାଲବୃଦ୍ଧ କ୍ଷତକ୍ଷୀଣ ବର୍ଣ୍ଣ କେଶେନ୍ଦ୍ରିୟୌଜସାଂ, ପ୍ରଶସ୍ତୋ ବୃଂହଣଃ କେଶ୍ୟଃ କଣ୍ଠ୍ୟଃ ସନ୍ଧାନ କୃଦ୍‌ଗୁରୁଃ ।
ଆୟୁଷ୍ୟୋ ଜୀବନଃସ୍ନିଗ୍ଧଃ ପିତ୍ତାନିଲ ବିଷାପହଃ । କୁରୁତେଽତ୍ୟୁପ ଯୋଗେନ ସମେଦଃ କଫଜାନ୍ ଗଦାନ୍ ॥
ସ୍ଥୌଲ୍ୟାଗ୍ନି ସାଦ ସନ୍ନ୍ୟାସ ମେହ ଗଣ୍ଡାର୍ବୁଦା ଦିକାନ୍ । ( ବାଗ୍‌ଭଟ )

ମଧୁରରସ ପ୍ରତ୍ୟେକ ପ୍ରାଣୀଙ୍କର ଆଜନ୍ମ ସାତ୍ମ୍ୟ । ଏହା ଗୁରୁ, ସ୍ନିଗ୍ଧ ଓ ଶୀତଗୁଣଯୁକ୍ତ । ଏହି ରସ ଶରୀରର ରସ ରକ୍ତାଦି ଧାତୁମାନଙ୍କୁ ପୋଷଣ କରେ । ବଳ, ବର୍ଣ୍ଣ, ଓଜ, ସ୍ଥୈର୍ଯ୍ୟ ଓ ଜୀବନଶକ୍ତି ବୃଦ୍ଧି କରେ, ତୃପ୍ତି ବିଧାନ କରେ, ସ୍ୱର ପରିଷ୍କାର କରେ, ଭଗ୍ନ ଅସ୍ଥିର ସନ୍ଧାନ କରେ, ଆହ୍ଲାଦ ଜାତକରେ ଏବଂ ବାତ, ପିତ୍ତ ଓ ବିଷ ନାଶକରେ । କିନ୍ତୁ ଏହି ମଧୁର ରସ ଅଧିକ ପରିମାଣରେ ସେବନ କଲେ ମେଦ, ଅଗ୍ନିମାନ୍ଦ୍ୟ, ସନ୍ୟାସରୋଗ, ମେହ, ଗଳଗଣ୍ଡ, ଅର୍ବୁଦ ଓ କଫଜରୋଗ ଉତ୍ପନ୍ନ ହୁଏ । ● ଅମ୍ଳରସ—ସ୍ନିଗ୍ଧ, ଲଘୁ ଏବଂ ଉଷ୍ଣ । ଏହିରସ ଅଗ୍ନିଦୀପକ, ପାଚକ, ରୁଚିକାରକ, ତୃପ୍ତିଦାୟକ, କ୍ଳେଦଜନକ, କଫ ଓ ରକ୍ତପିତ୍ତ ବର୍ଦ୍ଧକ ଏବଂ ବାୟୁର ଅନୁଲୋମକ ଅଟେ । ଏହିରସ ଅଧିକ ମାତ୍ରାରେ ସେବନ କଲେ କଣ୍ଡୁ, ପାଣ୍ଡୁ, ବିସର୍ପ, ଶୋଥ, ବିସ୍ଫୋଟ, ତୃଷା, ଜ୍ୱର, ତିମିରରୋଗ ଓ ସନ୍ଧିଶୈଥିଲ୍ୟ ଉତ୍ପାଦନ କରେ । ✱ । ଲବଣରସ—ସ୍ନିଗ୍ଧ, ଗୁରୁ, ତୀକ୍ଷ୍ଣ ଓ ଉଷ୍ଣ । ଏହା ମଳର ବିବନ୍ଧତା ନଷ୍ଟକରେ, ଅଗ୍ନିଦୀପନ କରେ. ସ୍ୱେଦ ଜାତକରେ, ରୁଚି ଉତ୍ପାଦନ କରେ ଏବଂ ଦେହରେ ଜାତହେବା ଗ୍ରନ୍ଥିକୁ ଛେଦନ ଓ ଭେଦନ କରେ, ଏହା ଅତି ମାତ୍ରାରେ ସେବନ କଲେ ବାତରକ୍ତ, ଇନ୍ଦ୍ରଲୁପ୍ତ, ପଳିତ, ମାଂସଶୈଥିଲ୍ୟ, ତୃଷା, କୁଷ୍ଠ, ବିଷ ଓ ବିସର୍ପ ଉତ୍ପାଦନ କରେ ଏବଂ ବଳନାଶ କରେ । ✝ । କଟୁରସ—ଏହା ଲଘୁ, ରୁକ୍ଷ ଓ ଉଷ୍ଣ । ଏହିରସ ଗଳରୋଗ, ଉଦର୍ଦ୍ଦ, କୁଷ୍ଠ, ଅଳସକ ଓ ଶୋଥ-ନାଶକ, କ୍ଷତପୂରକ, ସ୍ନେହ, ମେଦ ଓ କ୍ଳେଦନାଶକ, ଅଗ୍ନିଉଦ୍ଦୀପକ, ପାଚକ, ରୋଚକ ଶୋଧକ, ଶୋଷକ, ଭେଦକ ସ୍ରୋତଃ ପ୍ରସାରକ ଓ କଫଘ୍ନ । ଏହିରସ ଅଧିକ ମାତ୍ରାରେ ସେବନ କଲେ ତୃଷା, ଶୁକ୍ରକ୍ଷୟ, ବଳହାନି, ମୂର୍ଚ୍ଛା, ଅଙ୍ଗସଂକୋଚ, କମ୍ପ, କଟି ଓ ପୃଷ୍ଠଦେଶରେ ବେଦନା ଜାତ ହୁଏ । ❖ ତିକ୍ତରସ—ଏହା ରୁକ୍ଷ, ଶୀତ ଓ ଲଘୁ । ଏହି ରସ ସ୍ୱୟଂ ରୋଚକ ନୁହେ, କିନ୍ତୁ ଅରୁଚି ନାଶକ । ଏହା କୃମି, ତୃଷା, ବିଷ, କୁଷ୍ଠ, ମୂର୍ଚ୍ଛା, ଜ୍ୱର, ଉତ୍କ୍ଳେଶ, ଦାହ ଓ କଫ, ପିତ୍ତ ପ୍ରଶମନ କରେ ଏବଂ କ୍ଳେଦ, ମେଦ, ବସା, ମଜ୍ଜା, ଜଳ ଓ ମୂତ୍ରକୁ ଶୋଷଣ କରେ । ଏହା ମେଧା ବର୍ଦ୍ଧକ ଏବଂ ସ୍ତନ୍ୟ ଓ କଣ୍ଠର ବିଶୋଧକ ଅଟେ । ଏହିରସ—ଅଧିକ ମାତ୍ରାରେ ସେବନ କଲେ ଧାତୁକ୍ଷୟ ଓ ବାୟୁରୋଗ ଉତ୍ପନ୍ନ ହୁଏ । ★ କଷାୟରସ—ଏହା ଶୀତ, ରୁକ୍ଷ ଓ ଗୁରୁ । ଏହିରସ ପିତ୍ତକଫ ନାଶକରେ, ରକ୍ତଶୋଧନ କରେ, କ୍ଷତପୂରଣ କରେ, କ୍ଳେଦ ଓ ମେଦ ଶୋଷଣ କରେ, ଆମ ସ୍ତମ୍ଭନ କରେ, ଚର୍ମକୁ ପରିଷ୍କାର କରେ ଏବଂ ମଳକୁ କଠିନ କରେ । ଏହିରସ ଅତି ମାତ୍ରାରେ ସେବନ କଲେ ପେଟ ମାଡ଼ିହୁଏ, ଏବଂ ହୃଦ୍ରୋଗ, ତୃଷା ନପୁଂସକତା ଗଳରୋଗ ଓ ସ୍ରୋତରୋଧ ଜାତହୁଏ ।

---

● ଅମ୍ଳୋଽଗ୍ନିଦୀପ୍ତିକୃତ୍ ସ୍ନିଗ୍ଧୋ ହୃଦ୍ୟଃ ପାଚନରୋଚନଃ । ଉଷ୍ଣବୀର୍ଯ୍ୟୋ ହିମସ୍ପର୍ଶଃ ପ୍ରୀଣନଃ କ୍ଳେଦନୋ ଲଘୁଃ ॥
କରୋତି କଫପିତ୍ତାସ୍ରଂ ମୂଢ଼ବାତାନୁଲୋମନଂ । ସୋଽତ୍ୟଭ୍ୟସ୍ତସ୍ତନୋଃ କୁର୍ଯ୍ୟାତ୍ ଶୈଥିଲ୍ୟଂ ତିମିରଂ ଭ୍ରମଂ ॥
କଣ୍ଡୁପାଣ୍ଡୁତ୍ୱ ବୀସର୍ପ ଶୋଥ ବିସ୍ଫୋଟ ତୃଟ୍ ଜ୍ୱରାନ୍ ।

✱ ଲବଣ ସ୍ତମ୍ଭ ସଂଘାତ ବନ୍ଧ ବିଧ୍ମାପନୋଽଗ୍ନିକୃତ୍ । ସ୍ନେହନଃ ସ୍ୱେଦନ ସ୍ତୀକ୍ଷ୍ଣୋ ରୋଚନ ଶ୍ଛେଦଭେଦକୃତ୍ ॥
ସୋଽତି ଯୁକ୍ତୋଽସ୍ରପବନଂ ଖଳତିଂ ପଳିତଂ ବଳୀମ୍ । ତୃଟ୍‌କୁଷ୍ଠ ବିଷ ବୀସର୍ପାନ ଜନୟେତ୍ କ୍ଷପୟେଦ୍ ବଳଂ ॥

✝ କଟୁର୍ଗଳାମୟୋଦର୍ଦ୍ଦ କୁଷ୍ଠାଳସକ ଶୋଥଜିତ୍ । ବ୍ରଣାବସାଦନଃ ସ୍ନେହ ମେଦଃକ୍ଳେଦୋପଶୋଷଣଃ ॥
ଦୀପନଃ ପାଚନୋ ରୁଚ୍ୟଃ ଶୋଧନୋଽନ୍ନସ୍ୟଶୋଷଣଃ । ଛିନତ୍ତି ବନ୍ଧାନ୍ ସ୍ରୋତାଂସି ବିବୃଣୋତି କଫାପହଃ ।
କୁରୁତେ ସୋଽତିଯୋଗେନ ତୃଷ୍ଣା ଶୁକ୍ରବଳକ୍ଷୟଂ । ମୂର୍ଚ୍ଛାମାକୁଞ୍ଚନଂ କମ୍ପଂ କଟୀ ପୃଷ୍ଠାଦିଷୁ ବ୍ୟଥାମ୍ ।

❖ ତିକ୍ତଃ ସ୍ୱୟ ମରୋଚିଷ୍ଣୁ ରରୁଚିଂ କୃମିତୃଟ୍ ବିଷଂ । କୁଷ୍ଠ ମୂର୍ଚ୍ଛା ଜ୍ୱରୋତ୍‌କ୍ଳେଶ ଦାହପିତ୍ତ କଫାନ୍ ଜୟେତ୍ ॥
କ୍ଳେଦମେଦ ବସା ମଜ୍ଜା ଶକୃନ୍ମୂତ୍ରୋପଶୋଷଣଃ । ଲଘୁର୍ମେଧ୍ୟୋ ହିମୋ ରୁକ୍ଷଃ ସ୍ତନ୍ୟକଣ୍ଠ ବିଶୋଧନଃ ॥
ଧାତୁକ୍ଷୟାନିଲବ୍ୟାଧୀନତିଯୋଗାତ୍ କରୋତିସଃ । (ବାଗ୍‌ଭଟ)

★ କଷାୟଃ ପିତ୍ତକଫାପହୋ ଗୁରୁରସ୍ର ବିଶୋଧନଃ ଆମସ୍ତମ୍ଭନୋ ଗ୍ରାହୀ ରୁକ୍ଷୋଽତି ତ୍ୱକ୍ ପ୍ରସାଦନଃ ।
କରୋତି ଶୀତଳଃ ସୋଽତି ବିଷ୍ଟମ୍ଭା ଧ୍ମାନ ହୃଦ୍‌ରୁଜଃ ତୃଟ୍‌କାର୍ଶ୍ୟ ପୌରୁଷଭ୍ରଂଶ ସ୍ରୋତରୋଧ ଗଳଗ୍ରହାନ୍ (ବାଗ୍‌ଭଟ)

ଅତଏବ—ଦ୍ରବ୍ୟ ମଧ୍ୟରେ ଥିବା ରସର ଅନୁସଙ୍ଗୀ ଗୁରୁତ୍ୱାଦି ଗୁଣମାନଙ୍କୁ ପ୍ରାଧାନ୍ୟ ନ ଦେଇ ପ୍ରାଣୀ ଶରୀରର ସ୍ଥିତି, କ୍ଷୟ ଓ ବୃଦ୍ଧିର କାରଣୀଭୂତ ମଧୁରାଦି ଛ'ରସରେହିଁ ପ୍ରାଧାନ୍ୟ ସ୍ୱୀକାର କରିବା ଉଚିତ । ଏହା ଷଡ୍‌ରସ ବାଦୀର ମତ ।

## ଦ୍ରବ୍ୟର ବିପାକ

ଏଠାରେ ଆଉ କେତେକ ପଣ୍ଡିତ କହନ୍ତିଯେ—ଦ୍ରବ୍ୟ ମଧ୍ୟରେ ଥିବା ଗୁରୁତ୍ୱାଦି ଗୁଣ କିମ୍ବା ମଧୁରାଦି ଛ'ରସ ପ୍ରଧାନ ନୁହେ । କାରଣକି, ଯେଉଁ ଦ୍ରବ୍ୟର ଯେଉଁ ଗୁଣ ବା ରସ ବାହ୍ୟରେ ପ୍ରତ୍ୟକ୍ଷ କରାଯାଏ, ସେହି ଦ୍ରବ୍ୟ ପ୍ରାଣୀମାନଙ୍କର ଜଠରାଗ୍ନିରେ ଜୀର୍ଣ୍ଣ ହେବା ପରେ, ତା'ର ସେହି ରସ ଓ ଗୁଣ ପରିବର୍ତ୍ତିତ ହୋଇ ରସାନ୍ତରର ଉତ୍ପତ୍ତି ହୋଇଥାଏ । ଦ୍ରବ୍ୟମାନଙ୍କର ଅନ୍ତିମ ପାକ ଜାତ, ଏହି ରସକୁ ରସ ବିପାକ ବୋଲନ୍ତି । ବାଗ୍‌ଭଟ ଲେଖିଛନ୍ତିଯେ—

"ଜାଠରେଣାଗ୍ନିନା ଯୋଗାତ୍ ଯଦୁଦେତିରସାନ୍ତରଃ ରସାନାଂ ପରିଣାମାନ୍ତେ ସ ବିପାକ ଇତିସ୍ମୃତଃ ॥"

ଅର୍ଥାତ୍ ପ୍ରାଣୀମାନଙ୍କର ଜଠରାଗ୍ନି ଦ୍ୱାରା ମଧୁରାଦି ଛ'ରସ ଯୁକ୍ତ ଅନ୍ନ ପରିପାକ ହେବାପରେ ପରିଶେଷରେ ଯେଉଁ ରସାନ୍ତର ଉତ୍ପତ୍ତି ହୁଏ, ତା'ର ନାମ ବିପାକ । ଏହି ବିପାକ ତିନି ପ୍ରକାର ହୁଏ । ଯଥା—ମଧୁର, ଅମ୍ଳ, ଓ କଟୁ । ବାଗ୍‌ଭଟ ଲେଖିଛନ୍ତି ଯେ—

"ସ୍ୱାଦୁଃପଟ୍ୱୋଶ୍ଚ ମଧୁରଃ ଅମ୍ଲୋଽମ୍ଳଂପଚ୍ୟତେ ରସଃ, ତିକ୍ତୋଷଣକଷାୟାଣାଂ ବିପାକଃ ପ୍ରାୟଶଃ କଟୁଃ ।

ଅର୍ଥାତ୍ ମଧୁର ଓ ଲବଣ ଏହି ଦୁଇ ରସର ବିପାକ ମଧୁର ହୁଏ, ଅମ୍ଳ ରସର ବିପାକ ଅମ୍ଳ ହୁଏ ଏବଂ କଟୁ, ତିକ୍ତ ଓ କଷାୟ ଏହି ତିନିରସର ବିପାକ କଟୁ ହୋଇଥାଏ ।

ଏହିପରି ଛ'ରସର ତିନି ପ୍ରକାର ବିପାକ ଦ୍ୱାରାହିଁ ଆମମାନଙ୍କର ଶରୀରସ୍ଥ ଧାତୁମାନଙ୍କର କ୍ଷୟ ବୃଦ୍ଧିର ସମତା ବିଧାନ ବା ସ୍ୱାସ୍ଥ୍ୟରକ୍ଷା ହୁଏ । ସୁତରାଂ ଦ୍ରବ୍ୟମାନଙ୍କର ଅନ୍ତିମପାକରେ ଯେତେବେଳେ ଲବଣ, ତିକ୍ତ ଓ କଷାୟ ଏହି ତିନି ରସର ଅସ୍ତିତ୍ୱ ଉପଲବ୍‌ଧି ହୁଏନାହିଁ । ସେତେବେଳେ "ଶିରୋନାସ୍ତି କୁତୋବ୍ୟଥା" ଏହି ନ୍ୟାୟରେ ରସ ନଥିବା ସ୍ଥଳରେ ତା'ର ଗୁଣ ଓ ପ୍ରାଧାନ୍ୟ ଚିନ୍ତା କରିବା ନିରର୍ଥକ ଅଟେ, ଚରକସଂହିତାରେ ଲେଖାଅଛିଯେ—

"ଅନ୍ନସ୍ୟ ଭୁକ୍ତମାତ୍ରସ୍ୟ ଷଡ୍‌ରସସ୍ୟ ପ୍ରପାକତଃ, ମଧୁରାତ୍ ପ୍ରାକ୍ କଫୋଭାବାତ୍ ଫେନଭୂତ ଉଦୀର୍ଯ୍ୟତେ ।
ପରନ୍ତୁ ପଚ୍ୟମାନସ୍ୟବି ଦଗ୍ଧସ୍ୟାମ୍ଳଭାବତଃ ଆଶୟାଚ୍ୟବମାନସ୍ୟ ପିତ୍ତମଚ୍ଛମୁଦୀର୍ଯ୍ୟତେ ॥
ପକ୍ୱାଶୟନ୍ତୁ ପ୍ରାପ୍ତସ୍ୟ ଶୋଷ୍ୟମାଣସ୍ୟ ବହ୍ନିନା, ପରିପିଣ୍ଡିତ ପକ୍ୱସ୍ୟ ବାୟୁଃସ୍ୟାତ୍ କଟୁଭାବତଃ ॥

ଅର୍ଥାତ୍ ଭୋଜନ ମାତ୍ରେହିଁ ଛ'ରସଯୁକ୍ତ ଅନ୍ନ ଜଠରାଗ୍ନିରେ ପରିପକ୍ୱ ହୋଇ ପ୍ରଥମେ ମଧୁର ରସ ହୁଏ ଏବଂ ଫେନ ସ୍ୱରୂପ କଫ ଉଦ୍‌ଗତ ହୋଇ ଆମାଶୟସ୍ଥିତ ଶ୍ଳେଷ୍ମା ଧାତୁର କ୍ଷୀଣ ଅଂଶକୁ ପୂରଣ କରେ, ତା'ରପରେ ସେହି ଅନ୍ନ ପୁନର୍ବାର ପକ୍ୱହୋଇ ପିତ୍ତାଶୟରେ ଅମ୍ଳରସ ରୂପେ ପରିଣତ ହୁଏ ଏବଂ ତହିଁରୁହିଁ ସ୍ୱଚ୍ଛପିତ୍ତ ନିର୍ଗମ ହୋଇ ତଦ୍ୱାରା ବାୟୁର କ୍ଷୀଣଅଂଶ ପୂରଣ ହୋଇଥାଏ ।

ଏହାର ସାରକଥାଟି ଏହିଯେ—ପ୍ରତିଦିନ ବୁଲିବା, ଚୁଲିବା, ଲେଖିବା ପଢ଼ିବା ଇତ୍ୟାଦି କାର୍ଯ୍ୟ କରିବା ଦ୍ୱାରା ଆମମାନଙ୍କର ଶରୀରସ୍ଥ ଧାତୁ ଅର୍ଥାତ୍ ବାତ, ପିତ୍ତ, କଫ ଓ ରସ ରକ୍ତାଦିର ଶକ୍ତି ହ୍ରାସ ହୋଇଥାଏ । ଏହି କ୍ଷୟ ପୂରଣ କରିବା ପାଇଁ କେବଳ ଆମେମାନେ ଛ'ରସଯୁକ୍ତ ଅନ୍ନ ଆହାର କରୁ । ଏହି ଛ'ରସଯୁକ୍ତ ଅନ୍ନ ଆମ୍ଭମାନଙ୍କର ଜଠରାଗ୍ନିରେ ପରିପକ୍ୱ ହୋଇ ମଧୁର ଅମ୍ଳ ଓ କଟୁ ଏହି ତିନି ପ୍ରକାର ରସରେ ପରିଣତ ହୁଏ ଏବଂ ତଦ୍ୱାରାହିଁ ଶରୀରସ୍ଥ ଧାତୁମାନଙ୍କର କ୍ଷତପୂରଣ ହୁଏ । ସୁତରାଂ ଉପରୋକ୍ତ ତିନିପ୍ରକାର ରସ ବିପାକଦ୍ୱାରା ଶରୀରର ଆରମ୍ଭକ ଧାତୁମାନଙ୍କର କ୍ଷୟ ବୃଦ୍ଧିର ସମତା ବିଧାନ ଓ ସ୍ୱାସ୍ଥ୍ୟରକ୍ଷା ହେବାହେତୁରୁଁ ଦ୍ରବ୍ୟମାନଙ୍କର ଗୁଣ ଓ ରସ ଅପେକ୍ଷା ସେମାନଙ୍କର ଉପରୋକ୍ତ ତିନିପ୍ରକାର ଅନ୍ତିମ ବିପାକହିଁ ପ୍ରଧାନ ବୋଲି ମାନିବାକୁ ହେବ । ଏହା କେତେକ ଆଚାର୍ଯ୍ୟଙ୍କର ମତ ।

## ଦ୍ରବ୍ୟର ବୀର୍ଯ୍ୟ

ଏଠାରେ ଆଉକେତେକ ଆଚାର୍ଯ୍ୟଙ୍କର ସିଦ୍ଧାନ୍ତ ଏହିପରି— ଏହି ଜଗତରେ ଜଡ଼ ଓ ଚେତନ ପ୍ରତ୍ୟେକ ଦ୍ରବ୍ୟମଧ୍ୟରେ ବାୟୁ, ସୂର୍ଯ୍ୟ ଓ ସୋମ ସମ୍ବନ୍ଧୀ ପ୍ରାଣ ଶକ୍ତି ବା ବୈଦ୍ୟୁତିକ ଶକ୍ତି (Electric force) ଓତଃପ୍ରୋତଭାବରେ ଅଭେଦ ସମ୍ବନ୍ଧରେ ବର୍ତ୍ତମାନ ଅଛି । ଏଥି ମଧ୍ୟରେ ସୂର୍ଯ୍ୟ ସମ୍ବନ୍ଧୀ ଆକର୍ଷଣାତ୍ମକ ବୈଦ୍ୟୁତିକ ଶକ୍ତି (Positive) ଆଗ୍ନେୟ ଏବଂ ସୋମ ସମ୍ବନ୍ଧୀ ବିକର୍ଷଣାତ୍ମକ ବୈଦ୍ୟୁତିକ ଶକ୍ତି (Negative) ସୌମ୍ୟ ଅଛି । ❁ । ଆଗ୍ନେୟ ବୈଦ୍ୟୁତିକ ଶକ୍ତିକୁ ଉଷ୍ଣବୀର୍ଯ୍ୟ ଏବଂ ସୌମ୍ୟ ବୈଦ୍ୟୁତିକ ଶକ୍ତିକୁ ଶୀତବୀର୍ଯ୍ୟ ବୋଲଯାଏ । ଜଗତର ଯାବତୀୟ ଦ୍ରବ୍ୟ ଏବଂ ସେହି ଦ୍ରବ୍ୟମାନଙ୍କର ଗୁଣ, ରସ ଓ ବିପାକ ସମ୍ବନ୍ଧୀ ପୋଷଣ, ଶୋଷଣ, ତର୍ପଣ ଓ ବୃଂହଣାଦି ସମସ୍ତ କ୍ରିୟା ଏହି ଶୀତୋଷ୍ଣ ବୀର୍ଯ୍ୟର ହିଁ ପରିଣାମ ଅଟେ । ସେହେତୁରୁ ଚରକ ଲେଖିଛନ୍ତି ।

"ଉଷ୍ଣ ଶୀତ ଗୁଣୋତ୍କର୍ଷାତ୍ ତତ୍ରବୀର୍ଯ୍ୟଂ ଦ୍ୱିଧାସ୍ମୃତଂ" ସତ୍ତ୍ୱଂ ମଗ୍ନିସୋମୀୟଂ

ଦୃଶ୍ୟତେ ଭୁବନ ତ୍ରୟଂ । ନାବୀର୍ଯ୍ୟଂ କୁରୁତେ କିଞ୍ଚିତ୍ ସର୍ବ ବୀର୍ଯ୍ୟ କୃତାକ୍ରିୟା ।"

ଅର୍ଥାତ୍ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏହି ତିନି ଭୁବନରେ ଯେତେପ୍ରକାର ଦ୍ରବ୍ୟ ଅଛି । ସେହିସବୁ ଦ୍ରବ୍ୟମାନଙ୍କର ଅଣୁ ପରମାଣୁରେ ଆଗ୍ନେୟ ଓ ସୌମ୍ୟ ବୈଦ୍ୟୁତିକ ଶକ୍ତି ପରିବ୍ୟାପ୍ତ ଅଟେ । ଶରୀର ମଧ୍ୟରେ ଓ ଦ୍ରବ୍ୟମାନଙ୍କରେ ରସ, ଗୁଣ ବିପାକ ସମ୍ବନ୍ଧୀ ଯାହା କିଛି କ୍ରିୟା ଉତ୍ପନ୍ନ ହୁଏ, ସେହି ସମସ୍ତ ହିଁ ଏହି ବୈଦ୍ୟୁତିକ କ୍ରିୟାବୋଲି ବୁଝିବାକୁ ହେବ ।

ସେହେତୁରୁ ହିଁ ଜଗତର ସମସ୍ତ ଦ୍ରବ୍ୟକୁ ଦ୍ରବ୍ୟମଧ୍ୟରେ ଥିବା ମଧୁରାଦି ଛ'ରସକୁ ପୁଣି ଗୁରୁତ୍ୱ ଲଘୁତ୍ୱାଦି କୋଡ଼ିଏ ପ୍ରକାର ଗୁଣକୁ ଏବଂ ରସବିପାକକୁ ଆଉଣ ମଧ୍ୟ ଶରୀର ଜାତ ରୋଗ ସମୂହକୁ ଆଗ୍ନେୟ ଓ ସୌମ୍ୟଭେଦରେ ଆଚାର୍ଯ୍ୟ ସୁଶ୍ରୁତ ଦୁଇ ଦୁଇ ଭାଗରେ ବିଭକ୍ତ କରିଛନ୍ତି । ସେ ଲେଖିଛନ୍ତିଯେ—

"ଲୋକୋ'ହି ଦ୍ୱିବିଧଃ ସ୍ଥାବରୋ ଜଙ୍ଗମଶ୍ଚ ଦ୍ୱିବିଧାତ୍ମକ, ଏବ ଆଗ୍ନେୟଃ ସୌମ୍ୟଶ୍ଚ ତଦ୍‌ଭୂୟସ୍ତ୍ୱାତ୍ ॥"

ଅର୍ଥାତ୍ ଜଗତର ସ୍ଥାବର ଜଙ୍ଗମ ସମସ୍ତ ଦ୍ରବ୍ୟ ଆଗ୍ନେୟ ଓ ସୌମ୍ୟଭେଦରେ ଦୁଇଭାଗରେ ବିଭକ୍ତ ।

ଏହିପରି ଦ୍ରବ୍ୟ ମଧ୍ୟରେ ଥିବା ଛ'ରସ ସମ୍ବନ୍ଧେ ମଧ୍ୟ ସେ ଲେଖିଛନ୍ତି—

ଅଗ୍ନିସୋମୀୟତ୍ୱାଜ୍ଜଗତଃ ରସାଃ ଦ୍ୱିବିଧାଃ ସୌମ୍ୟାଃ ଆଗ୍ନେୟାଶ୍ଚ । ତତ୍ର ମଧୁର ତିକ୍ତ କଷାୟାଃ ସୌମ୍ୟାଃ କଟ୍ୱମ୍ଲ ଲବଣାଃ ଆଗ୍ନେୟାଃ ମଧୁରାମ୍ଲ ଲବଣାଃ ସ୍ନିଗ୍ଧାଃ ଗୁରବଃ କଟୁତିକ୍ତକଷାୟାଃ ରୁକ୍ଷାଃ ଲଘବଶ୍ଚ । ସୌମ୍ୟାଃଶୀତାଃ ଆଗ୍ନେୟାଶ୍ଚୋଷ୍ଣାଃ ।

ଅର୍ଥାତ୍ ଦ୍ରବ୍ୟମଧ୍ୟରେ ଥିବା ମଧୁର, ତିକ୍ତ ଓ କଷାୟ ଏହି ତିନିରସ ସୌମ୍ୟ ଏବଂ କଟୁ, ଅମ୍ଳ ଓ ଲବଣ ଏହି ତିନିରସ ଆଗ୍ନେୟ ଅଟେ । ମଧୁର, ଅମ୍ଳ ଓ ଲବଣ ଏହି ତିନିରସ ସ୍ନିଗ୍ଧ ଓ ଗୁରୁ ଏବଂ କଟୁ, ତିକ୍ତ ଓ କଷାୟ ଏହି ତିନିରସ ରୁକ୍ଷ ଲଘୁ ଅଟେ । ଯାହା ସୌମ୍ୟ, ତାହା ଶୀତ ଏବଂ ଯାହା ଉଷ୍ଣ, ତାହା ଆଗ୍ନେୟ ଅଟେ ।

ଏହିପରି ଦ୍ରବ୍ୟମାନଙ୍କର ବିପାକକୁ ମଧୁର ଓ କଟୁ ଅର୍ଥାତ୍ ସୌମ୍ୟ ଓ ଆଗ୍ନେୟ ଭେଦରେ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଗୁଣପ୍ରାଧାନ୍ୟ ବାଦୀମାନେ କହିଛନ୍ତି—

"ବୀର୍ଯ୍ୟଂ ପୁନର୍ବଦନ୍ତ୍ୟେକେ ଗୁରୁସ୍ନିଗ୍ଧଂ ହିମଂମୃଦୁ ଲଘୁରୁକ୍ଷୋଷ୍ଣ ତୀକ୍ଷ୍ଣଞ୍ଚ ତଦେବଂ ମତମଷ୍ଟଧା । (ବାଗ୍‌ଭଟ୍ଟ)

ଅର୍ଥାତ୍ ଦ୍ରବ୍ୟମାନଙ୍କର ବୀର୍ଯ୍ୟ ବା ଶକ୍ତି ଆଠ ପ୍ରକାର ଯଥା—ଗୁରୁ, ସ୍ନିଗ୍ଧ, ଶୀତ, ମୃଦୁ, ଲଘୁ, ରୁକ୍ଷ, ଉଷ୍ଣ ଓ ତୀକ୍ଷ୍ଣ । (ଗୁଣପ୍ରାଧାନ୍ୟ ବାଦୀମତରେ ଗୁଣ ଓ ବୀର୍ଯ୍ୟ ଅଭିନ୍ନପଦାର୍ଥ)

ସେଥିମଧ୍ୟରୁ ଶୀତ ଏବଂ ଉଷ୍ଣ ଏହି ଦୁଇଟିଶକ୍ତିହିଁ ପ୍ରବଳ ବୋଲି ବୁଝିବାକୁ ହେବ । ସେହେତୁରୁ ବାଗ୍‌ଭଟ୍ଟ ଲେଖିଛନ୍ତି—

---

❁ ଗ୍ରନ୍ଥକାରଙ୍କ ପ୍ରଣୀତ "ରସାୟନ ରହସ୍ୟ" ଗ୍ରନ୍ଥରେ ବୈଦ୍ୟୁତିକ ଶକ୍ତିର ପ୍ରଭାବ ପ୍ରମାଣ ଓ ଯୁକ୍ତି ସହିତ ବିଶଦଭାବରେ ଆଲୋଚିତ ହୋଇଅଛି ।

"ନାନାତ୍ମକମପି ଦ୍ରବ୍ୟଂ ଅଗ୍ନିଷୋମୌ ମହାବଲୌ, ବ୍ୟକ୍ତାବ୍ୟକ୍ତଂ ଜଗଦିବ ନାତି କ୍ରମତ ଜାତୁଚିତ୍ ।"

ଅର୍ଥାତ୍ ନାନାଗୁଣ ଯୁକ୍ତ ଦ୍ରବ୍ୟ ମଧ୍ୟରେ ଉଷ୍ଣ ଓ ଶୀତ ଏହି ଦୁଇ ଗୁଣହିଁ ପ୍ରବଳ । ସେହେତୁରୁ ଲଘୁ, ରୁକ୍ଷ ଓ ତୀକ୍ଷ୍ଣ ଏହି ତିନିଗୁଣ ଉଷ୍ଣଗୁଣ ( ଅଗ୍ନି ) ର ଅନ୍ତର୍ଗତ ଏବଂ ଗୁରୁ, ସ୍ନିଗ୍ଧ ଓ ମୃଦୁ ଏହି ତିନିଗୁଣ ଶୀତଗୁଣର ଅନ୍ତର୍ଗତ ବୋଲି ବୁଝିବାକୁ ହେବ ।

ଏହିପରି ଭାବରେ ଶୀତୋଷ୍ଣ ଶକ୍ତିଭେଦରେ ଦ୍ୱିଧା ବିଭକ୍ତ ଜଗତର ଯାବତୀୟ ଦ୍ରବ୍ୟ ଏବଂ ସେମାନଙ୍କ ଗୁଣ, ରସ ଓ ବିପାକ ପରିଣାମ ପ୍ରାଣୀଶରୀରର ପ୍ରକୃତି ଓ ବିକୃତିକୁ ମଧ୍ୟ ଦୁଇ ୨ ଭାଗରେ ବିଭକ୍ତ କରି ସମସ୍ତ ବିକାରର ଚିକିତ୍ସା ମଧ୍ୟ ଦୁଇ ପ୍ରକାର ବୋଲି ମହର୍ଷି ଚରକ ନିର୍ଦ୍ଦେଶ କରିଛନ୍ତି । ସେ ଲେଖିଛନ୍ତିଯେ—

ଶୀତେନୋଷ୍ଣ କୃତାନ୍ ରୋଗାନ୍ ଶମୟନ୍ତି ଭିଷଗ୍‌ବିଦଃ, ଯେ ଚ ଶୀତକୃତାରୋଗାଃ ତେଷାମୁଷ୍ଣଂହି ଭେଷଜଂ ।

ଅର୍ଥାତ୍ ସମସ୍ତ ରୋଗ ଶୀତୋଷ୍ଣ ଶକ୍ତି ଭେଦରେ ଦୁଇଭାଗରେ ବିଭକ୍ତ । ଶୈତ୍ୟ ପ୍ରଧାନ ରୋଗମାନଙ୍କୁ ଶ୍ଳୈଷ୍ମିକ ଏବଂ ଉଷ୍ଣତା ପ୍ରଧାନ ରୋଗମାନଙ୍କୁ ପୈତ୍ତିକ ବୋଲିଯାଏ । ଉଷ୍ଣତା ପ୍ରଧାନ ବା ପୈତ୍ତିକ ରୋଗ ସମୂହ ଶୀତୋପଚାର ଦ୍ୱାରା ପ୍ରଶମିତ ହୋଇଥାଏ ।

ଅତଏବ ଏହି ସବୁ ପ୍ରମାଣରୁ ଯେତେବେଳେ ସ୍ପଷ୍ଟ ହୁଏଯେ—ଦ୍ରବ୍ୟମଧ୍ୟରେ ଥିବା ଗୁଣ, ରସ ଓ ରସର ବିପାକ ଏହି ସମସ୍ତହିଁ ଶୀତୋଷ୍ଣ ବୀର୍ଯ୍ୟର ଅଧୀନ—ସେତେବେଳେ ଦ୍ରବ୍ୟମଧ୍ୟରେ ଥିବା ସୋମ ସୂର୍ଯ୍ୟ ସମ୍ବନ୍ଧୀ ଶୀତୋଷ୍ଣ ରୂପ ବୀର୍ଯ୍ୟ ବା ବୈଦ୍ୟୁତିକ ଶକ୍ତିକୁହିଁ ରସ ବିପାକାଦି ମଧ୍ୟରେ ପ୍ରଧାନ ବୋଲି ମାନିବାକୁ ହେବ । ଏହା ବୀର୍ଯ୍ୟ ପ୍ରାଧାନ୍ୟବାଦୀର ମତ ।

## ଦ୍ରବ୍ୟର ପ୍ରଭାବ

ଦ୍ରବ୍ୟର ରସ ଗୁଣ ବୀର୍ଯ୍ୟ ଓ ବିପାକ ସମ୍ବନ୍ଧେ ଏପର୍ଯ୍ୟନ୍ତ ଯେଉଁ ସବୁ ବିଭିନ୍ନ ମତ ପ୍ରଦର୍ଶିତ ହେଲା, ତାହା ସବୁ ପ୍ରତ୍ୟକ୍ଷ ଜ୍ଞାନମୂଳକ ପୁଣି କାର୍ଯ୍ୟକାରଣ ସମ୍ବନ୍ଧ ଘଟିତ ଯୁକ୍ତି ଓ ତର୍କ ଉପରେ ପ୍ରତିଷ୍ଠିତ ଅଟେ । ଏହାଛଡ଼ା ଦ୍ରବ୍ୟମାନଙ୍କର ମଧ୍ୟରେ ଆଉରି ଏକ ଅଚିନ୍ତନୀୟ ଶକ୍ତି ଅଛି । ଯାହାକି ଦ୍ରବ୍ୟର ପ୍ରଭାବ ବୋଲନ୍ତି । ଦ୍ରବ୍ୟମାନଙ୍କର ଯାହା ସ୍ୱାଭାବିକ ପ୍ରଭାବ, ତାହା ଏହି ସବୁ ରସ ବୀର୍ଯ୍ୟାଦି ଠାରୁ ଅତିଶୟ ପୁଣି ଏହି ସବୁଠାରୁ ବିଲକ୍ଷଣ ଅଟେ । ଦ୍ରବ୍ୟର ପ୍ରଭାବ ଆଗରେ ଏହି ସବୁ ରସ, ଗୁଣ, ବୀର୍ଯ୍ୟ ଓ ବିପାକ ଭାବନାର କୌଣସି ଆବଶ୍ୟକତା ନାହିଁ । ବାଗ୍‌ଭଟ ଲେଖିଛନ୍ତିଯେ—

ରସବୀର୍ଯ୍ୟ ବିପାକାନାଂ ଗୁଣାତିଶାୟୀ ଦ୍ରବ୍ୟସ୍ୟ ଯଃ ସ୍ୱଭାବଃ ସଃ ପ୍ରଭାବଃ । ରସାଦି ସାମ୍ୟେ ଯତ୍‌କର୍ମ ବିଶିଷ୍ଟଂ ତତ୍‌ପ୍ରଭାବଜଂ ।

ଅର୍ଥାତ୍ ରସ, ବୀର୍ଯ୍ୟ ଓ ବିପାକାଦି ଗୁଣ ଠାରୁ ବଳବତ୍ତର ଦ୍ରବ୍ୟମାନଙ୍କର ଯେଉଁ ସ୍ୱାଭାବିକ ଅଚିନ୍ତ୍ୟ ଶକ୍ତି, ତାର ନାମ ପ୍ରଭାବ । ଦ୍ରବ୍ୟମାନଙ୍କର, ରସ, ଗୁଣ ଓ ବୀର୍ଯ୍ୟରେ ପରସ୍ପର ସାମ୍ୟ ଥିଲେ ମଧ୍ୟ ଏକଦ୍ରବ୍ୟଠାରୁ ଅନ୍ୟ ଦ୍ରବ୍ୟର ଯେଉଁ ବିଶିଷ୍ଟ କ୍ରିୟା ଦେଖାଯାଏ, ତାହା ସେହି ଦ୍ରବ୍ୟର ସ୍ୱାଭାବିକ ପ୍ରଭାବ ଜାତ ବୋଲି ବୁଝିବାକୁ ହେବ । ବାଗ୍‌ଭଟ ଏହାର ଉଦାହରଣ ସ୍ୱରୂପ ଲେଖିଛନ୍ତି—

"ଦନ୍ତୀ ରସାଦ୍ୟୈ ସ୍ତୁଲ୍ୟାପି ଚିତ୍ରକସ୍ୟ ବିରେଚନୀ । ମଧୁକସ୍ୟ ଚ ମୃଦ୍ୱୀକା ଘୃତ କ୍ଷୀରସ୍ୟ ଦୀପନଂ" ॥

ଅର୍ଥାତ୍ ଦନ୍ତୀମୂଳ ଓ ଚିତାପାରୁ ମୂଳ ରସରେ, ଗୁଣରେ ବୀର୍ଯ୍ୟରେ ଓ ବିପାକରେ ସମାନ ବୋଲି ଶାସ୍ତ୍ରରେ ଲେଖାଥିଲେହେଁ ଦନ୍ତୀମୂଳ ଖାଇଲେ ବିରେଚନ ହୁଏ, କିନ୍ତୁ ଚିତାପାରୁ ମୂଳ ଖାଇଲେ ବିରେଚନ ହୁଏନାହିଁ, ଏହିଯେ —ଚିତାପାରୁ ଠାରୁ ଦନ୍ତୀମୂଳର ରସ, ବୀର୍ଯ୍ୟ, ବିପାକାତିଶାୟୀ ବିଶେଷ ଶକ୍ତି, ଏହାହିଁ ତା'ର ପ୍ରଭାବ ବୋଲି ବୁଝିବାକୁ ହେବ । ଏହିପରି ମହୁଲଫୁଲ ଦ୍ରାକ୍ଷା ଏହି ଦୁଇ ଦ୍ରବ୍ୟରସ ବୀର୍ଯ୍ୟାଦିରେ ସମାନ ହେଲେ ମଧ୍ୟ ଦ୍ରାକ୍ଷା ବିରେଚନ କରେ, ମହୁଲଫୁଲ କରେନାହିଁ । ଦୁଧ ଓ ଘିଅ ରସ ବୀର୍ଯ୍ୟାଦିରେ ସମାନ ହେଲେ ମଧ୍ୟ ଘୃତ ଅଗ୍ନିଦୀପନ କରେ, ଦୁଧ କରେ-ନାହିଁ । ଗହମ ଓ ଯବଧାନ ଏହି ଦୁଇଦ୍ରବ୍ୟ ମଧୁର ଓ ଗୁରୁ ଗୁଣଯୁକ୍ତ । କିନ୍ତୁ ଗହମ ବାତ ନାଶକରେ, ଯବଧାନ ବାତ ବୃଦ୍ଧିକରେ । ମାଛ ଓ ଦୁଧ ଏହି ଦୁଇ ଦ୍ରବ୍ୟ ମଧୁର ଓ ଗୁରୁ । କିନ୍ତୁ ମାଛ ଖାଇଲେ ଦେହଗରମ ହୁଏ, ଦୁଧ ଖାଇଲେ ଦେହ ଶୀତଳ ହୁଏ । ଏହିପରି କୁଇନାଇନ ଓ କୋଚିଲା ଏହି ଦୁଇଦ୍ରବ୍ୟ ତିକ୍ତରସଯୁକ୍ତ । କିନ୍ତୁ କୁଇନାଇନ

ମ୍ୟାଲେରିଆଜ୍ୱର ଯେପରି ନାଶକରେ, କୋଚଲା ସେହିପରି କରେନାହିଁ ॥ କାକଜଂଘାର ମୂଳ କିମ୍ବା ଶ୍ମଶାନର ମୃତ୍ତିକା ମସ୍ତକରେ ଧାରଣ କଲେ ଜ୍ୱରାନ୍ତହୁଏ । ସହଦେବୀଗଛର ମୂଳ ମସ୍ତକରେ ଧାରଣ କଲେ ଜ୍ୱର ଛୁଟେ । ମୂଷାର ଉପରପାଟିର ଦାନ୍ତ ଗଳାରେ ବାନ୍ଧିଲେ ବାଳକମାନଙ୍କର ଅପସ୍ମାର ଶାନ୍ତହୁଏ । ଅପାମାର୍ଗର କିମ୍ବା ତାଳଗଛର ଉତ୍ତର ଦଗର ମୂଳ କଟିରେ ବାନ୍ଧିଲେ ସ୍ତ୍ରୀ ସୁଖରେ ପ୍ରସବ କରେ । ଏହିପରି କେତେକ ଦ୍ରବ୍ୟ ଅଛି, ଯାହାକୁକି ଆଖିରେ ଲଗାଇଲେ କଙ୍କଡ଼ାବିଛାର ବିଷ ନଷ୍ଟହୁଏ । ଏହିପରି କେତେକ ଦ୍ରବ୍ୟ ଅଛି, ଯାହାକୁକି ଅଞ୍ଜନରୂପରେ ଆଖିରେ ଲଗାଇଲେ ଛୁଆଁମେହ (ଗଣୋରିୟା) ଭଲହୁଏ । ଦ୍ରବ୍ୟମାନଙ୍କର ଏହି ସ୍ୱାଭାବିକ ପ୍ରଭାବ ରସ, ଗୁଣ ଓ ବୀର୍ଯ୍ୟକୁ ଅପେକ୍ଷା କରେନାହିଁ । ବାଗ୍‌ଭଟ ଲେଖିଛନ୍ତିଯେ—

ରସଂ ବିପାକସ୍ତୌ ବୀର୍ଯ୍ୟଂ ପ୍ରଭାବସ୍ତାନ୍ ବ୍ୟପୋହତି ଗୁଣସାମ୍ୟେ ରସାଦୀନାମିତି ନୈସର୍ଗିକଂ ବଳଂ ।

ଅର୍ଥାତ୍ ରସ ଠାରୁ ବିପାକ ବଳବତ୍ତର, ଏ ଦୁହିଁଙ୍କ ଠାରୁ ବୀର୍ଯ୍ୟ ଏବଂ ରସ, ବିପାକ ଓ ବୀର୍ଯ୍ୟଠାରୁ ପ୍ରଭାବ ବଳବତ୍ତର ଅଟେ ।

ଉଦାହରଣ ଦେଉଁଯେ—କୋଳଥ କଷାୟ ରସଯୁକ୍ତ, କଷାୟରସ ବାତ ବୃଦ୍ଧି କରେ । କିନ୍ତୁ କୋଳଥମଧ୍ୟରେ ଥିବା ଉଷ୍ଣବୀର୍ଯ୍ୟ କଷାୟରସକୁ ଅଭିଭୂତ କରି ବାତ ପ୍ରଶମନ କରିଥାଏ । ଅଁଳାକୋଳି ଅମ୍ଳରସ, ଅମ୍ଳରସର କାର୍ଯ୍ୟ ପିତ୍ତ-ପ୍ରକୋପ, କିନ୍ତୁ ଅଳାକୋଳି ମଧ୍ୟରେ ଥିବା ଶୀତବୀର୍ଯ୍ୟ ଅମ୍ଳରସର କାର୍ଯ୍ୟ ପିତ୍ତପ୍ରକୋପକୁ ନିବାରଣ କରି ପିତ୍ତ ପ୍ରଶମନ କରେ । ସୈନ୍ଧବ ଲବଣରସ, ଲବଣରସର କାର୍ଯ୍ୟ ପିତ୍ତବର୍ଦ୍ଧନ, କିନ୍ତୁ ସୈନ୍ଧବଗତ ଶୀତବୀର୍ଯ୍ୟ ଲବଣରସକୁ ଅଭିଭୂତ କରି ପିତ୍ତଶାନ୍ତ କରିଥାଏ । ଏହିପରି ଅନ୍ୟାନ୍ୟ ସ୍ଥଳରେ ରସ, ବିପାକ ଅପେକ୍ଷା ବୀର୍ଯ୍ୟର ଏବଂ ଏହି ସମୁଦାୟ ଠାରୁ ପ୍ରଭାବର ଆଧିକ୍ୟ ବୁଝିବାକୁ ହେବ । ଦ୍ରବ୍ୟମାନଙ୍କର ଏହି ପ୍ରଭାବ ମନୁଷ୍ୟ ବୁଦ୍ଧିର ଅଗୋଚର ଓ ଅଚିନ୍ତ୍ୟ । ସେହେତୁରୁ ଶାସ୍ତ୍ରରେ ଲେଖାଅଛି—ମଣିମନ୍ତ୍ରୌଷଧୀନାମଚିନ୍ତ୍ୟଃ ପ୍ରଭାବଃ ।

ଅମୀମାଂସ୍ୟାନ୍ୟଚିନ୍ତ୍ୟାନି ପ୍ରସିଦ୍ଧାନି ସ୍ୱଭାବତଃ । ନୌଷଧୀର୍ହେତୁଭିର୍ବିଦ୍ୱାନ୍ ପରୀକ୍ଷେତ କଥଞ୍ଚନ ॥
ସହସ୍ରେଣାପି ହେତୁନାଂ ନାମ୍ବଷ୍ଠାଦି ବିରେଚୟେତ୍ । ତସ୍ମାତ୍ତିଷ୍ଠେତ୍ତୁ ମତିମାନାଗମେ ନ ତୁ ହେତୁଷୁ ॥

ଅର୍ଥାତ୍ ଔଷଧମାନଙ୍କର ସ୍ୱାଭାବିକ ପ୍ରଭାବ ଅଚିନ୍ତ୍ୟ ଓ ଅମୀମାଂସ୍ୟ । ଅତଏବ ବୁଦ୍ଧିମାନ ଲୋକ କୌଣସି ହେତୁ ବାଦକୁ ଆଶ୍ରୟ କରି ଔଷଧ ପରୀକ୍ଷା କରିବାକୁ ହେବନାହିଁ । ସହସ୍ର ଯୁକ୍ତି, ହଜାର ତର୍କ ଦ୍ୱାରା ମଧ୍ୟ ଅକାନବିନ୍ଦୀ ପ୍ରଭୃତି ବିରେଚକ ହେବନାହିଁ । ସେହେତୁରୁ ବୁଦ୍ଧିମାନ ଲୋକ ଔଷଧର ଗୁଣ ନିର୍ଣ୍ଣୟ ସମ୍ବନ୍ଧେ ଯୁକ୍ତିତର୍କକୁ ଛାଡ଼ି ଆପ୍ତୋପଦେଶକୁହିଁ ଆଶ୍ରୟ କରିବାକୁ ହେବ ।

ଆୟୁର୍ବେଦର ଆଚାର୍ଯ୍ୟମାନେ ଦ୍ରବ୍ୟର ଶକ୍ତିକୁ ପ୍ରଭାବ ଏବଂ ଦ୍ରବ୍ୟ ମଧ୍ୟରେ ଥିବା ରସର ଶକ୍ତିକୁ ବୀର୍ଯ୍ୟ ବୋଲନ୍ତି । ଦ୍ରବ୍ୟର ରସରେ ଏବଂ ରସର ବିପାକରେ ମଧ୍ୟ ଏହି ପ୍ରଭାବ ଦେଖାଯାଇଥାଏ । ଧନ୍ୱନ୍ତରି କହନ୍ତିଯେ—

ଭୂତପ୍ରଭାବାଦ୍ଭବତ୍ସୋ ଦ୍ରବ୍ୟେ ପାକେ ରସେ ସ୍ଥିତଃ । ଚିନ୍ତ୍ୟାଚିନ୍ତ୍ୟ ଦ୍ୱିଧାହେତୁର୍ମତଂ ଧନ୍ୱନ୍ତରେରିଦମ୍ ।
କଂଚିଦ୍ରସେନ କୁରୁତେ କର୍ମ୍ମବୀର୍ଯ୍ୟେଣଚାପରଂ । ଦ୍ରବ୍ୟଂ ଗୁଣେନ ପାକେନ ପ୍ରଭାବେଣ ଚ କଞ୍ଚନ ॥

ଅର୍ଥାତ୍ ଦ୍ରବ୍ୟମାନଙ୍କର ପ୍ରଭାବ ଦ୍ରବ୍ୟରେ, ରସରେ ଏବଂ ରସର ବିପାକରେ ମଧ୍ୟ ରହେ । ଏହି ପ୍ରଭାବର କାରଣ କେତେକ ସ୍ଥଳରେ ଯୁକ୍ତିତର୍କ ଦ୍ୱାରା ବୁଝାଯାଏ ଏବଂ କେତେକ ସ୍ଥଳରେ ଏହା ଯୁକ୍ତି ଓ ତର୍କର ଅଗମ୍ୟ ହୋଇଥାଏ । କେତେକ ଦ୍ରବ୍ୟ ରସ ଦ୍ୱାରା, କେତେକ ଦ୍ରବ୍ୟ ଗୁଣ ଦ୍ୱାରା, କେତେକ ଦ୍ରବ୍ୟ ରସ ବିପାକ ଦ୍ୱାରା କୌଣସି ୨ ଦ୍ରବ୍ୟ ବୀର୍ଯ୍ୟ ଦ୍ୱାରା ଏବଂ କେଉଁ କେଉଁ ଦ୍ରବ୍ୟ ପ୍ରଭାବ ଦ୍ୱାରା କାର୍ଯ୍ୟ କରିଥାଏ । ଚରକ ଲେଖିଛନ୍ତିଯେ—

ଗୁଣା ଗୁଣାଶ୍ରୟା ନୋକ୍ତା ସ୍ତସ୍ମାଦ୍ରସଗୁଣାନ୍ ଭିଷକ୍ । ବିଦ୍ୟାଦ୍ ଦ୍ରବ୍ୟଗୁଣାନ୍ କର୍ତ୍ତୃରଭିପ୍ରାୟାଃ ପୃଥଗ୍ୱିଧାଃ ॥

ଅର୍ଥାତ୍ ମଧୁରାଦି ଛଅରସର ଯେଉଁ ସବୁ ଗୁଣ ଶାସ୍ତ୍ରରେ ଲେଖାଯାଇଛି, ତାହା ଦ୍ରବ୍ୟର ଗୁଣ ବୋଲି ବୁଝିବାକୁ ହେବ । କାରଣକି, ଗୁରୁତ୍ୱ ଲଘୁତ୍ୱାଦି ଗୁଣ ମଧୁରତ୍ୱ, ଅମ୍ଳତ୍ୱାଦି ଗୁଣକୁ ଆଶ୍ରୟ କରି ରହିପାରେ ନାହିଁ ।

ଗୁଣର ଆଶ୍ରୟ ଦ୍ରବ୍ୟ—ଗୁରୁତ୍ୱ ଲଘୁତ୍ୱାଦି କୋଡ଼ିଏ ପ୍ରକାର ଗୁଣ, ମଧୁରାଦି ଛଅପ୍ରକାର ରସ, ରସର ବିପାକ, ପୁଣି ରସର ଶକ୍ତି ବା ବୀର୍ଯ୍ୟ ଏବଂ ପ୍ରଭାବ ଏହି ସମସ୍ତର ଏକମାତ୍ର ଆଧାର ଦ୍ରବ୍ୟ, ରସ, ଗୁଣ ଓ ବିପାକାଦି ମଧ୍ୟରେ ଦ୍ରବ୍ୟହିଁ ପ୍ରଧାନ ଏହା ସ୍ୱୀକାର କରିବାକୁ ହେବ ।

## ଦ୍ରବ୍ୟର ପ୍ରାଧାନ୍ୟ

ଦ୍ରବ୍ୟ ପ୍ରାଧାନ୍ୟବାଦୀମାନଙ୍କର ଯୁକ୍ତି ଏହିଯେ—ଦ୍ରବ୍ୟରେ ଯେଉଁ ରସଥାଏ, ଦ୍ରବ୍ୟର ଅବସ୍ଥା ଭେଦରେ ହିଁ ସେହି ରସର ପରିବର୍ତ୍ତନ ହୁଏ। ଯଥା—ଆମ୍ରଫଳ—ପ୍ରଥମାବସ୍ଥାରେ କଷାୟ ଓ ଅମ୍ଳରସ, ମଧ୍ୟାବସ୍ଥାରେ ଅମ୍ଳରସ ଏବଂ ଶେଷ ଅବସ୍ଥାରେ ମଧୁରରସ ହୋଇଥାଏ। ଏହିପରି ବୀର୍ଯ୍ୟ ଓ ବିପାକର ମଧ୍ୟ ପରିବର୍ତ୍ତନ ହୋଇଥାଏ। କିନ୍ତୁ ଦ୍ରବ୍ୟ ଅଂଶର ପରିବର୍ତ୍ତନ ହୁଏନାହିଁ। ଦ୍ରବ୍ୟ ଅଂଶ ନିତ୍ୟ ଅର୍ଥାତ୍ ଅବିନାଶୀ, ଆଉ ଗୁଣ ବୀର୍ଯ୍ୟାଦି ଅନିତ୍ୟ ଅର୍ଥାତ୍ ବିନାଶଶୀଳ। କୌଣସି ଗୋଟିଏ ଦ୍ରବ୍ୟର ଗୁଳି ବାଟି ଖାଇଲେ ତା'ର ରସ ଓ ଗନ୍ଧ ଯେପରି ଜଣାଯାଏ, ତାକୁ ଚୂର୍ଣ୍ଣକରି ଖାଇଲେ କିମ୍ବା ତାକୁ ସେକି ରସ ବାହାର କରି ପିଇଲେ ଅନ୍ୟ ପ୍ରକାର ରସ ଓ ଗନ୍ଧ ଅନୁଭୂତ ହୋଇଥାଏ। ରସ ଓ ଗନ୍ଧ ପ୍ରଭୃତି ଦ୍ରବ୍ୟର ଗୁଣ। ସୁତରାଂ ଦେଖାଯାଏଯେ—ଦ୍ରବ୍ୟର ଅବସ୍ଥା ଭେଦରେ ରୂପ, ରସ, ଗନ୍ଧ ପ୍ରଭୃତି ଅଂଶଗୁଡ଼ିକ ବିନଷ୍ଟ ହୋଇ ଅନ୍ୟପ୍ରକାର ରୂପ ରସାଦିର ଆବିର୍ଭାବ ହୋଇଥାଏ। କିନ୍ତୁ ସେହି ଦ୍ରବ୍ୟ ଯେଉଁ ଜାତୀୟ ପରମାଣୁ ଦ୍ୱାରା ଗଠିତ, ସେହି ଜାତୀୟ ପରମାଣୁ ରୂପ ଦ୍ରବ୍ୟାଂଶର ବିନାଶ ହୁଏନାହିଁ। ଏଠାରେ କେହି ୨ ପଚାରି ପାରନ୍ତିଯେ—ଦ୍ରବ୍ୟକୁ ଭାଜି ଦେଲେ ତା'ର କେତେକ ଅଂଶ ବିନଷ୍ଟ ହେବାର ଦେଖାଯାଉଛି ଆଉ ମଧ୍ୟ ଦ୍ରବ୍ୟଟିକୁ ଖାଇଦେଲେ ତା'ର ସର୍ବାଂଶ ବିନଷ୍ଟ ହେଉଅଛି, ତେବେ ଦ୍ରବ୍ୟାଂଶ ଅବିନଶ୍ୱର ହେଲା କିପରି ? ଏହାର ଉତ୍ତରରେ ବକ୍ତବ୍ୟ ଏହିଯେ—ଦ୍ରବ୍ୟଟି ଭଗ୍ନ ହେଉ ବା ଭକ୍ଷିତ ହେଉ, ତଦ୍ୱାରା ତା'ର କୌଣସି ଗୋଟିଏ ମାତ୍ର ପରମାଣୁ ଧ୍ୱଂସ ହୁଏନାହିଁ। କେବଳ ତା'ର ସ୍ଥାନ ଓ ଆକାର ପରିବର୍ତ୍ତନ ହୋଇଥାଏ। ପୃଥିବୀଜାତ ଅନେକ ଶସ୍ୟ ମନୁଷ୍ୟ ଆହାର କରେ, ସେହି ଶସ୍ୟ ସମ୍ବନ୍ଧୀ ପରମାଣୁଗୁଡ଼ିକ ମନୁଷ୍ୟର ଉଦର ମଧ୍ୟରେ ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ବୀର୍ଯ୍ୟ ରୂପରେ ଗୋଟାକପରେ ଆଉ ଗୋଟାଏ ରୂପରେ ପରିଣତ ହୁଏ ମାତ୍ର। ସେହି ମନୁଷ୍ୟ ମରିଗଲେ ତା'ର ମୃତ ଶରୀରକୁ ଯେବେ ଶୃଗାଳ କୁକୁରାଦି ଜନ୍ତୁ ଭକ୍ଷଣ କରେ, ତେବେ ସେହି ପଶୁ ଶରୀରରେ ମଧ୍ୟ ଏହିପରି ବ୍ୟାପାର ଘଟେ। ସେପରି ସେହି ଜନ୍ତୁର ମୃତ ଶରୀର କାକାଦି ପକ୍ଷୀ ଭକ୍ଷଣକରେ, ପୁଣି ସେହି ପକ୍ଷୀ ପ୍ରଭୃତି ଜନ୍ତୁ ମରିଗଲେ ସେମାନଙ୍କର ମୃତ ଶରୀର ପଚି ସଢ଼ି ଉଦ୍ଭିଜ୍ଜ ରୂପରେ ପରିଣତ ହୁଏ। ଏହିପରି ଦ୍ରବ୍ୟର ପରମାଣୁ ଗୁଡ଼ିକର ସ୍ଥାନ ଓ ଆକାର ମାତ୍ର ପରିବର୍ତ୍ତନ ହୋଇଥାଏ। କିନ୍ତୁ ତଦ୍ୱାରା ଗୋଟିଏ ମାତ୍ର ପରମାଣୁ ଧ୍ୱଂସ ହୁଏନାହିଁ। ସେହେତୁରୁ ଗୀତାରେ ଓ ସାଂଖ୍ୟଦର୍ଶନରେ ବୋଲାଯାଇଛି—

"ନାସତୋ ବିଦ୍ୟତେ ଭାବଃ ନାଭାବୋ ବିଦ୍ୟତେ ସତଃ"

"ଅସଦକରଣାଦୁପାଦାନଗ୍ରହଣାତ୍ ସର୍ବସମ୍ଭବାଭାବାତ୍ ଶକ୍ତସ୍ୟ ଶକ୍ୟକରଣାତ୍ କାରଣଭାବାଚ୍ଚ ସତ୍ କାର୍ଯ୍ୟମ୍"

ଅର୍ଥାତ୍ ଏହି ଜଗତରେ ଯାହା ନଥିଲା, ତାହା ଉତ୍ପନ୍ନ ହୁଏନାହିଁ। ଏବଂ ଯାହା ଅଛି, ତା'ର ଧ୍ୱଂସ ହୁଏନାହିଁ। ଅର୍ଥାତ୍ ଅବିନଶ୍ୱର, କାରଣ-ପଦାର୍ଥହିଁ କାର୍ଯ୍ୟ ରୂପରେ ବ୍ୟକ୍ତହୁଏ।

ଆଉ ଗୋଟିଏ ଯୁକ୍ତି ଏହିଯେ—ଗୋଟିଏ ଦ୍ରବ୍ୟକୁ ଭାଙ୍ଗି ନୂଆ ଆଉ ଗୋଟାଏ ଆକାରରେ ଗଠନ କରାଯାଇ-ପାରେ ଏବଂ ଗୋଟିଏ ଦ୍ରବ୍ୟକୁ ଆଉ ଗୋଟିଏ ଦ୍ରବ୍ୟ ସହିତ ମିଶାଇ ବିଭିନ୍ନ ରସ, ବିଭିନ୍ନ ଗନ୍ଧ, ଭିନ୍ନ ଭିନ୍ନ ଗୁଣ ଓ ଭିନ୍ନ ୨ ବୀର୍ଯ୍ୟର ଆବିର୍ଭାବ ଓ ତିରୋଭାବ କରାଯାଇପାରେ। କିନ୍ତୁ ଏହିପରି କିଛି ଉପାୟ ନାହିଁଯେ—ଯାହାଦ୍ୱାରା ପୃଥିବୀ ତତ୍ତ୍ୱକୁ ଜଳ ଓ ତେଜସ୍ତତ୍ତ୍ୱକୁ ପୃଥିବୀ କରାଯାଇପାରେ। ଅର୍ଥାତ୍ ଯେଉଁ ଜାତୀୟ ତତ୍ତ୍ୱରେ ଯେଉଁଦ୍ରବ୍ୟ ଗଠିତ, ତା'ର ସେହିତତ୍ତ୍ୱ କୌଣସିମତେ ପରିବର୍ତ୍ତନ ହୁଏନାହିଁ। ଆଉର ମଧ୍ୟ ରସ, ଗୁଣ ଓ ବୀର୍ଯ୍ୟାଦିର ଆଶ୍ରୟ ଦ୍ରବ୍ୟ। କିନ୍ତୁ ଦ୍ରବ୍ୟ ସ୍ୱୟଂ କାହାର ଆଶ୍ରିତ ନୁହେଁ। ଆମେମାନେ ଦ୍ରବ୍ୟକୁ ଅଲଗା କରି ତା'ର ରସ କିମ୍ବା ଗୁଣ କୌଣସିମତେ ବ୍ୟବହାର କରିନପାରୁ। ଦ୍ରବ୍ୟକୁ ଛାଡ଼ିଦେଇ ରସ, ଗୁଣ, ବୀର୍ଯ୍ୟ, ବିପାକ ଓ ପ୍ରଭାବ ସ୍ୱତନ୍ତ୍ର ଭାବରେ ଅବସ୍ଥାନ କରିନପାରେ। ଏଠାରେ କେହି କେହି ଏହିପରି ମନେ କରିପାରନ୍ତିଯେ—ଜଗତରେ ଏହିପରି କିଛି ଭୌତିକଦ୍ରବ୍ୟ ନାହିଁ। ଯହିଁରେ କି କୌଣସି ପ୍ରକାର ଗୁଣ ଓ ବୀର୍ଯ୍ୟ ଇତ୍ୟାଦି ନାହିଁ। ସୁତରାଂ ଗୁଣ ବୀର୍ଯ୍ୟାଦି ଯେପରି ଦ୍ରବ୍ୟର ଆଶ୍ରିତ, ଦ୍ରବ୍ୟ ମଧ୍ୟ ସେହିପରି ଗୁଣ ବୀର୍ଯ୍ୟାଦିର ଆଶ୍ରିତ ଅଟେ। ତେବେ ଦ୍ରବ୍ୟର ପ୍ରାଧାନ୍ୟ ସ୍ୱୀକାର କରାଯିବ କାହିଁକି ? ଏହାର ଉତ୍ତରରେ ବକ୍ତବ୍ୟ ଏହିଯେ—ଅନେକ ଗୁଡ଼ିଏ ପରମାଣୁର ସମଷ୍ଟିରେ ଗୋଟିଏ ଦ୍ରବ୍ୟ ଉତ୍ପନ୍ନ ହୁଏ। ସେହି ପରମାଣୁ ଗୁଡ଼ିକର ସଂଖ୍ୟାଭେଦ, ଜାତିଭେଦ, ସ୍ଥିତିଭେଦ ଏବଂ ସଂଯୋଗର ବିଭିନ୍ନତା ହେତୁରୁ ଦ୍ରବ୍ୟମାନଙ୍କର ଆକୃତି, ବର୍ଣ୍ଣ, କଟୁତିକ୍ତାଦି ରସ, ଗୁରୁତ୍ୱ ଲଘୁତ୍ୱାଦି ଗୁଣ

ଏବଂ ଶୀତୋଷ୍ଣ ବର୍ଣ୍ଣର ଦ୍ୱାରା ଜ୍ଞାତ ହୋଇଥାଏ । କିନ୍ତୁ ଦ୍ରବ୍ୟର ପରମାଣୁ ଗୁଡ଼ିକ ଅଲଗା ଅଲଗା କରିଦେଲେ ତହିଁରେ ପୂର୍ବପରି ରସ, ଗୁଣ ଓ ବର୍ଣ୍ଣ ରହେ ନାହିଁ । ସାରକଥା ଏହିଯେ—ରସ ଓ ଗୁଣାଦିର ଆଶ୍ରୟ ବା ଆଧାର ପଦାର୍ଥ ଦ୍ରବ୍ୟ ଏବଂ ରସ ଓ ଗୁଣାଦି ଆଶ୍ରିତ ବା ଆଧେୟ ପଦାର୍ଥ ଅଟେ । ସର୍ବଦାହିଁ ଆଧାର ପଦାର୍ଥ ପ୍ରତି ନିର୍ଭର କରେ । କିନ୍ତୁ ଆଧାର ପଦାର୍ଥ ଆଧେୟ ପଦାର୍ଥ ପ୍ରତି କଦାପି ନିର୍ଭର କରେନାହିଁ । ମନେକରଯେ—ଗୋଟିଏ ପିତଳପାତ୍ରରେ ଜଳ ରଖାଯାଇପାରେ —ଜଳ ନରହିଲେ ମଧ୍ୟ କେବଳ ପାତ୍ରଟି ରହିପାରିବ କିନ୍ତୁ ପିତଳ ପାତ୍ର ବା ତତ୍ତୁଲ୍ୟ କୌଣସି ଗୋଟିଏ ଆଧାର ନଥିଲେ ଜଳ ରଖାଯାଇ ପାରେନାହିଁ । ଅତଏବ ଆଧାର ସ୍ୱରୂପ ଦ୍ରବ୍ୟରେହିଁ ଆଧେୟ ସ୍ୱରୂପ ରସ, ଗୁଣ ଓ ବୀର୍ଯ୍ୟାଦି ପଦାର୍ଥ ନିତ୍ୟ ନିର୍ଭର କରି ରହିବା ଯୋଗୁଁ ଦ୍ରବ୍ୟରେହିଁ ପ୍ରାଧାନ୍ୟ ସ୍ୱୀକାର କରିବାକୁ ହେବ । ଆଉ ଗୋଟିଏ କାରଣ ଏହିଯେ—ରସ ବୀର୍ଯ୍ୟାଦିର ଆଧିକ୍ୟ ବା ନ୍ୟୂନତା ଦ୍ରବ୍ୟର ଆଧିକ୍ୟ ବା ନ୍ୟୂନତା ଉପରେହିଁ ନିର୍ଭରକରେ । କୌଣସି ଅମ୍ଳରସ ଦ୍ରବ୍ୟ ଯେତେବେଳେ ପର୍ଯ୍ୟନ୍ତ ପୂର୍ଣ୍ଣ ଅବୟବପ୍ରାପ୍ତ ହୁଏନାହିଁ, ସେତେବେଳେ ପର୍ଯ୍ୟନ୍ତ ତା'ର ଅମ୍ଳତା ମଧ୍ୟ ସମ୍ପୂର୍ଣ୍ଣ ହୁଏନାହିଁ । ଛୋଟ ଆମ୍ବ ଅପେକ୍ଷା ବଡ଼ଆମ୍ବ ଅଧିକ ଅମ୍ଳ, ଛୋଟ ଆଖୁ ଅପେକ୍ଷା ବଡ଼ ଆଖୁ ଅଧିକ ମଧୁର, କଅଁଳ ନିମ୍ବପତ୍ର ଅପେକ୍ଷା ବଡ଼ ନିମ୍ବପତ୍ର ଅଧିକ ପିତା ଲାଗେ । ଆଉରି ଏକ କଥା ଏହିଯେ—ଦ୍ରବ୍ୟର ଏକଦେଶ ଦ୍ୱାରା ଗୋଟିଏ କାର୍ଯ୍ୟ ସାଧିତ ହୋଇ ପାରେ । କିନ୍ତୁ ଗୁଣରସ ଇତ୍ୟାଦିର ଏକଦେଶ ଦ୍ୱାରା ତାଦୃଶ କାର୍ଯ୍ୟ ହୋଇପାରେନାହିଁ । ଯଥା—କୌଣସି ଗୋଟିଏ ଉଦ୍ଭିଦ୍ ପଦାର୍ଥର ମୂଳ, କାଣ୍ଡ, ପତ୍ର, ଫୁଲ, ଫଳ ଇତ୍ୟାଦିର ଭିନ୍ନ ଭିନ୍ନ ଅଂଶ ଦ୍ୱାରା ଯେପରି ଭିନ୍ନ ଭିନ୍ନ କାର୍ଯ୍ୟ ସାଧିତ ହୁଏ, କୌଣସି ରସ ବା କୌଣସି ବୀର୍ଯ୍ୟର ଏକାଂଶ ଦ୍ୱାରା ତାଦୃଶ କୌଣସି କାର୍ଯ୍ୟ ସାଧନର ସମ୍ଭାବନା ନାହିଁ । ଅତଏବ ଦ୍ରବ୍ୟ, ରସ, ଗୁଣ, ବିପାକ ଓ ବୀର୍ଯ୍ୟ ଏସବୁ ମଧ୍ୟରେ ଦ୍ରବ୍ୟରହିଁ ପ୍ରାଧାନ୍ୟ ସ୍ୱୀକାର କରିବାକୁ ହେବ ।

ଈଶ୍ୱରକୃତ ବେଦ ଯେପରି ସତ୍ୟ, ଶାଶ୍ୱତ ଓ ସନାତନ, ସେହିପରି ମଧ୍ୟ ତାର ଉପବେଦ ଆୟୁର୍ବେଦ ଅଟେ । ପ୍ରାଣୀସୃଷ୍ଟି ପ୍ରବାହର ଯେପରି ଆଦିଅନ୍ତ ଜଣାଯାଏନାହିଁ, ସେହିପରି ଆୟୁର୍ବେଦର ଏବଂ ଆୟୁର୍ବେଦୋକ୍ତ ଦ୍ରବ୍ୟଗୁଣ ବିଜ୍ଞାନର ମଧ୍ୟ ଆଦିଅନ୍ତ ଜ୍ଞାନଗମ୍ୟ ହୁଏନାହିଁ । ● ଦେଶ, କାଳ, ଜାତି ଓ ବର୍ଣ୍ଣ ନିର୍ବିଶେଷରେ ଏହି ସତ୍ୟ ବିଜ୍ଞାନର ଆଲୋକ ଦେଖାଯାଇଥାଏ—ଭାରତର ଋଷିମାନଙ୍କଠାରୁ ଆରମ୍ଭ କରି ଆମେରିକାର ହେନାମେନ (ହୋମିଓପ୍ୟାଥି ଚିକିତ୍ସାର ଆବିଷ୍କାରକ) ଜର୍ମାନିର ଲୁଇକୁନ (ଜଳଚିକିତ୍ସାର ଆବିଷ୍କାରକ) ଏହିପରି ମଧ୍ୟ ଅନ୍ୟାନ୍ୟ ଦେଶର ସଭ୍ୟ ଅସଭ୍ୟ ଜଙ୍ଗଲୀ କନ୍ଧ, ପାଣ, କୋଲ୍ହ, ଶବର, ସାନ୍ତାଳଙ୍କ ଭିତରେ ମଧ୍ୟ ଏହି ସତ୍ୟ ବିଜ୍ଞାନ ସୂର୍ଯ୍ୟର ପ୍ରକାଶ ଦେଖିବାକୁ ମିଳେ—ସେହେତୁରୁ ଆଚାର୍ଯ୍ୟ ସୁଶ୍ରୁତ ଲେଖିଛନ୍ତି—

'ଗୋପାଳା ସ୍ତାପସା ବ୍ୟାଧା ଯେ ଚାନ୍ୟେ ବନଚାରିଣଃ । ମୂଳା ଶ୍ଚାଦ୍ୟଶ୍ଚ ଯେତେଭ୍ୟୋ ଭେଷଜବ୍ୟକ୍ତିରିଷ୍ୟତେ ॥'

ଅର୍ଥାତ୍ ଜଙ୍ଗଲରେ ବୁଲୁଥିବା ଫଳମୂଳ ଭୋଜୀ ଗଉଡ଼, ଗୋଲ, କନ୍ଧ ଓ ତପସ୍ୱୀମାନଙ୍କଠାରୁ ଔଷଧି ଦ୍ରବ୍ୟର ଗୁଣ ପୂର୍ଣ୍ଣ ଅନୁସନ୍ଧାନ କରି ବୁଝି ପାରିବ ।

ଏଥିରୁ ଜଣାଯାଉଛିଯେ—ଦ୍ରବ୍ୟଗୁଣ ବିଜ୍ଞାନ କେବଳ ପ୍ରାଚ୍ୟ କିମ୍ବା ପାଶ୍ଚାତ୍ୟ ବୈଜ୍ଞାନିକ ବୁଦ୍ଧିର ସୀମାବଦ୍ଧ ନୁହେ । ଏହା ଅନାଦି, ଅନନ୍ତ ଓ ଅସୀମ ସେହେତୁରୁ ଅବସ୍ଥା ବିଶେଷରେ ଦ୍ରବ୍ୟମାନଙ୍କର ଉପଯୋଗ ଜ୍ଞାନ ପଶୁପକ୍ଷୀଙ୍କ ଠାରେ ମଧ୍ୟ ଦେଖାଯାଏ । ପୋଷା ଶାଳୀ ପକ୍ଷୀର ଯୌବନାବସ୍ଥାରେ କଣ୍ଠରେ ଏକପ୍ରକାର ରୋଗ ହୁଏ । ପ୍ରାୟ ଏହିରୋଗ ଧରିଲେ ଶାଳୀ ମରିଯାଏ । କିନ୍ତୁ ସେ ବନରେ ଥିଲେ କୌଣସି ଔଷଧ ଖାଇ ଏହି ସଙ୍କଟରୁ ବର୍ତ୍ତିଯାଏ ବୋଲି ଲୋକେ କହନ୍ତି । ଏହିପରି ଛାଗର ମଧ୍ୟ ଯୌବନ ଅବସ୍ଥାରେ ଏକପ୍ରକାର ରୋଗହୁଏ । ଏହିରୋଗ ହେଲେ ପୋଷାଛାଗ ପ୍ରାୟ ମରିଯାଏ । କିନ୍ତୁ ସେ ବଣରେ ଥିଲେ ଆପଣାର ଚିକିତ୍ସା ଆପେ କରିଥାଏ, ଏହିପରି ବାନର ଓ ଗଧିଆ ପ୍ରଭୃତି ଜନ୍ତୁମାନେ ଆପଣାର ଚିକିତ୍ସା ଆପେ କରୁଥିବାର ଅନେକ ସ୍ଥଳରେ ଦେଖାଯାଏ ।

---

● ସୋଽୟମାୟୁର୍ବେଦଃ ଶାଶ୍ୱତୋ ନିର୍ଦ୍ଦିଶ୍ୟତେ ଅନାଦିତ୍ୱାତ୍, ସ୍ୱଭାବ ସଂସିଦ୍ଧ ଲକ୍ଷଣତ୍ୱାତ୍, ଭାବସ୍ୱଭାବନିତ୍ୟତ୍ୱାଚ ।
( ଚରକ, ସୂ )

ସେହେତୁରୁ ଦ୍ରବ୍ୟର ଗୁଣ ଦୁର୍ଗୁଣ ନିର୍ଣ୍ଣୟ ସମ୍ବନ୍ଧେ ନିଜର ବୁଦ୍ଧିକୁ କେବଳ ଶାସ୍ତ୍ରର ସୀମା ଭିତରେ ବାନ୍ଧି ନରଖି ପଣ୍ଡିତ ମୂର୍ଖ ସଭ୍ୟ ଅସଭ୍ୟ ଯେ କୌଣସି ବିଶ୍ୱସ୍ତ ପୁରୁଷର ଉପଦିଷ୍ଟ ଔଷଧ ପରୀକ୍ଷା ପୂର୍ବକ ଗ୍ରହଣ କରିବାକୁ ହେବ । ଏହା ଋଷିମାନଙ୍କର ଅନୁଶାସନ । ମହର୍ଷି ଚରକ କହିଛନ୍ତି ଯେ—

"କୃତ୍ସ୍ନୋହି ଲୋକଃ ବୁଦ୍ଧିମତାମାଚାର୍ଯ୍ୟଃ ଶତ୍ରୁଶ୍ଚ ଅବୁଦ୍ଧିମତାଂ । ତସ୍ମାଦ୍ ଅମିତ୍ରସ୍ୟାପି ଧନ୍ୟଂ ଯଶସ୍ୟଂ ଲୌକିକଂ ପୌଷ୍ଟିକଂ ବଚଃ ଶ୍ରୋତବ୍ୟ ମନୁବିଧାତବ୍ୟଞ୍ଚେତି ।

ଅର୍ଥାତ୍ ସମଗ୍ର ବ୍ରହ୍ମାଣ୍ଡ ବୁଦ୍ଧିମାନ୍ ଲୋକର ଗୁରୁ ଏବଂ ମୂର୍ଖର ଶତ୍ରୁ ଅଟେ । ସେହେତୁରୁ ବୁଦ୍ଧିମାନ ବ୍ୟକ୍ତି ଯାହା ପ୍ରାଣିମାନଙ୍କର ହିତକର, କାନ୍ତି ବର୍ଦ୍ଧକ ଓ ପୁଷ୍ଟିକର । ତାହା ଶତ୍ରୁର କଥା ହେଲେମଧ୍ୟ ଶୁଣିବାକୁ ହେବ ଏବଂ ତଦନୁଯାୟୀ କାର୍ଯ୍ୟ କରିବାକୁ ହେବ । ଦ୍ରବ୍ୟମାନଙ୍କର ରସ, ବୀର୍ଯ୍ୟ, ବିପାକ ଓ ପ୍ରଭାବର ବିସ୍ତୃତ ଏଠାରେ ସମାପ୍ତ ହେଲା ।

## ସ୍ୱଭାବତଃ ହିତକର ଦ୍ରବ୍ୟ ସମୂହ

ଏହି ଦ୍ରବ୍ୟଗୁଣ କଳ୍ପଦ୍ରୁମ ଗ୍ରନ୍ଥରେ ପ୍ରତ୍ୟେକ ଦ୍ରବ୍ୟର ଗୁଣ ଦୁର୍ଗୁଣ ସାଧାରଣ ଭାବରେ ବର୍ଣ୍ଣିତ ହୋଇଅଛି । ମାତ୍ର କେଉଁଦ୍ରବ୍ୟ ସ୍ୱଭାବତଃ ହିତକର ଏବଂ କେଉଁଦ୍ରବ୍ୟ ଅହିତକର ତାହା ବିଶେଷ ଭାବରେ ଲେଖାଯାଇ ନାହିଁ । ସେହେତୁରୁ ପାଠକମାନଙ୍କର ସୁବିଧା ନିମନ୍ତେ ଚରକସଂହିତାରେ ଲେଖାଯାଇଥିବା ହିତ ଅହିତ ଦ୍ରବ୍ୟମାନଙ୍କର ବିଶେଷ ବିବରଣ ନିମ୍ନରେ ଦିଆଗଲା । ସ୍ୱଭାବତଃ ହିତକର ଦ୍ରବ୍ୟ ସମୂହ । ଯଥା— ଯେତେ ପ୍ରକାର ଧାନଅଛି, ତନ୍ମଧ୍ୟରେ ଲକ୍ତଶାଳୀଧାନ ( ଅର୍ଥାତ୍ ପାରିଜାତକ, ସାନ୍ତାଣିପାଟ ଓ ରତ୍ନଚୂଡ଼ୀ ପ୍ରଭୃତି ବଡ଼ଧାନ) ଶ୍ରେଷ୍ଠ । ଏହିପରି ଡାଲି ମଧ୍ୟରେ ମୁଗଡାଲି ସର୍ବୋତ୍କୃଷ୍ଟ, ସ୍ନାନ ଓ ପାନର ଉପଯୋଗି ଯେତେ ପ୍ରକାର ଜଳଅଛି, ତନ୍ମଧ୍ୟରେ ବୃଷ୍ଟିର ଜଳ ସର୍ବଶ୍ରେଷ୍ଠ । ସର୍ବ—ପ୍ରକାର ଲବଣ ମଧ୍ୟରେ ସୈନ୍ଧବଲବଣ, ସର୍ବପ୍ରକାର ଶାକ ମଧ୍ୟରେ ଜୀବନ୍ତୀଶାକ ଏବଂ ସର୍ବପ୍ରକାର ପଶୁମାଂସ ମଧ୍ୟରେ ମୃଗମାଂସ ଶ୍ରେଷ୍ଠ ଅଟେ । ପକ୍ଷୀମାଂସ ମଧ୍ୟରେ ଲବପକ୍ଷିର (ଲବାପକ୍ଷି) ମାଂସ, ବିଲେଶୟ (ଗର୍ତ୍ତସ୍ଥଜନ୍ତୁ) ମାଂସ ମଧ୍ୟରେ ଗୋଇସାପର ମାଂସ, ମତ୍ସ୍ୟମାଂସ ମଧ୍ୟରେ ରୋହିମାଛର ମାଂସ ଶ୍ରେଷ୍ଠ ଅଟେ । ସକଳ ପ୍ରକାର ଘୃତ ମଧ୍ୟରେ ଗାଈଘିଅ, ସକଳ ପ୍ରକାର ଦୁଧ ମଧ୍ୟରେ ଗାଈଦୁଧ, ସକଳ ପ୍ରକାର ତୈଳ ମଧ୍ୟରେ ରାସିତେଲ ଶ୍ରେଷ୍ଠ ଅଟେ । ଆନୂପଜନ୍ତୁର ଚର୍ବି (ବସା) ମଧ୍ୟରେ ବରାହ ଚର୍ବି ଅତ୍ୟୁତ୍କୃଷ୍ଟ, ମାଛର ବସା ମଧ୍ୟରେ ଶଙ୍କୁଚୀମାଛର ବସା (ଚର୍ବି) ଅତ୍ୟୁତ୍କୃଷ୍ଟ, ଜଳଚର ପକ୍ଷୀର ବସା ମଧ୍ୟରେ ପାତିହଂସର ବସା, ବିଷ୍କିରଜାତୀୟ ପକ୍ଷୀ (ଯେଉଁମାନେ ଧାନ, ଚାଉଳ, ଖୁଦ, ଖୁର୍ମି ? କରି ଖାଆନ୍ତି) ବସା (ଚର୍ବି) ମଧ୍ୟରେ କୁକୁଡ଼ାର ଚର୍ବି ସର୍ବୋତ୍କୃଷ୍ଟ, ଶାଖାପତ୍ରଭୋଜୀ ଜନ୍ତୁମାନଙ୍କର ଚର୍ବି ମଧ୍ୟରେ ଛେଳୀର ଚର୍ବି ସର୍ବଶ୍ରେଷ୍ଠ, ମୂଳଜାତୀୟ ଦ୍ରବ୍ୟ ମଧ୍ୟରେ ଅଦା, ଫଳଜାତୀୟ ଦ୍ରବ୍ୟମଧ୍ୟରେ ଦ୍ରାକ୍ଷା ଏବଂ ଇକ୍ଷୁଜାତ ଦ୍ରବ୍ୟ ମଧ୍ୟରେ ଚିନିର (ଚିନି) ସର୍ବଶ୍ରେଷ୍ଠ ଅଟେ । ଏହିପରି ଯେଉଁ ସବୁ ଦ୍ରବ୍ୟ ସ୍ୱଭାବତଃ ହିତକାରୀ ସେସବୁ ଦ୍ରବ୍ୟର ବିବରଣ ଦିଆଗଲା ।

## ସ୍ୱଭାବତଃ ଅହିତକର ଦ୍ରବ୍ୟ ସମୂହ

ଶୁକଧାନ୍ୟ ମଧ୍ୟରେ ଯବଧାନ ବଡ଼ ଅପଥ୍ୟ, ଡାଲି ମଧ୍ୟରେ ବିରିଡାଲି ଅପଥ୍ୟ, ସ୍ନାନପାନର ଉପଯୋଗି ଜଳ ମଧ୍ୟରେ ବର୍ଷାକାଳର ନଦୀର ଜଳ ଅପଥ୍ୟ, ଲବଣ ମଧ୍ୟରେ ଖାରିମାଟିରୁ ବାହାରିବ ଲବଣ ଅପଥ୍ୟ, ଶାଗ ମଧ୍ୟରେ ସୋରିଷଶାଗ ଅପଥ୍ୟ, ପଶୁମାଂସ ମଧ୍ୟରେ ଗୋମାଂସ ଅପଥ୍ୟ, ପକ୍ଷିମାଂସ ମଧ୍ୟରେ କୃଷ୍ଣବର୍ଣ୍ଣ କାବତାର ମାଂସ ଅପଥ୍ୟ, ଗର୍ତ୍ତସ୍ଥ ଜନ୍ତୁମାନଙ୍କ ମାଂସ ମଧ୍ୟରେ ବେଙ୍ଗମାଂସ ଅପଥ୍ୟ, ମାଛମଧ୍ୟରେ ଚେଙ୍ଗାମାଛ ଅପଥ୍ୟ, ଦୁଗ୍ଧ ମଧ୍ୟରେ ମେଣ୍ଢାଦୁଗ୍ଧ ଅପଥ୍ୟ, ଘୃତମଧ୍ୟରେ ମେଣ୍ଢିଘିଅ ଅପଥ୍ୟ, ତୈଳମଧ୍ୟରେ କୁସୁମତୈଳ ନିକୃଷ୍ଟ ଅଟେ । ଆନୂପଜନ୍ତୁମାନଙ୍କର ବସା ମଧ୍ୟରେ ମୈଁଷୀ ବସା (ଚର୍ବି) ମତ୍ସ୍ୟଜାତୀୟ ବସା (ଚର୍ବି) ମଧ୍ୟରେ କୁମ୍ଭୀର ବସା (ଚର୍ବି) ଜଳଚର ଜନ୍ତୁମାନଙ୍କର ବସାମଧ୍ୟରେ କାକମଦ୍ଗୁ (ଡାହୁକ) ର ବସା ସର୍ବ ନିକୃଷ୍ଟ ଅଟେ । ବିଷ୍କିର ଜାତୀୟ ପକ୍ଷିମାନଙ୍କର ବସା ମଧ୍ୟରେ କାରଣ୍ଡବ ( ଗେଣ୍ଡାଳିଆ ) ବସା, ଶାଖାପତ୍ରଭୋଜୀ ଜନ୍ତୁର ବସା ମଧ୍ୟରେ ହାତୀର ବସା ନିକୃଷ୍ଟ ଅଟେ । ମୂଳ ମଧ୍ୟରେ ମୂଳା ସର୍ବନିକୃଷ୍ଟ, ଫଳ ମଧ୍ୟରେ ଯେଉଠ—ଫଳ ସର୍ବାପେକ୍ଷା ଅଧମ, ଇକ୍ଷୁଜାତ ପଦାର୍ଥ ମଧ୍ୟରେ ଗୁଡ଼ ନିକୃଷ୍ଟ ଅଟେ । ଏହି ସବୁ ଦ୍ରବ୍ୟ ସ୍ୱଭାବତଃ ଅହିତକର ଅଟେ ।

# କି କି କଷ୍ଟରେ କେଉଁ ଦ୍ରବ୍ୟ ପ୍ରଧାନ

ଜୀବନ ଧାରଣୋପାୟ ପଦାର୍ଥ ମଧ୍ୟରେ ଅନ୍ନ ସର୍ବଶ୍ରେଷ୍ଠ । କ୍ଳାନ୍ତିନାଶକ ପଦାର୍ଥ ମଧ୍ୟରେ ଜଳ ସର୍ବ ପ୍ରଧାନ । ଶ୍ରମନାଶକ ପଦାର୍ଥ ମଧ୍ୟରେ ମଦ୍ୟ ସର୍ବୋତ୍କୃଷ୍ଟ । ଆୟୁବର୍ଦ୍ଧକ ପଦାର୍ଥ ମଧ୍ୟରେ ଦୁଗ୍ଧ ସର୍ବ ପ୍ରଧାନ । ବଲବର୍ଦ୍ଧକ ଦ୍ରବ୍ୟ ମଧ୍ୟରେ ମାଂସ ସର୍ବଶ୍ରେଷ୍ଠ । ଅନ୍ନ ରୁଚିକାରକ ଦ୍ରବ୍ୟମଧ୍ୟରେ ଲବଣ ସର୍ବୋତ୍କୃଷ୍ଟ । ହୃଦୟର ଉପକାରକ ଦ୍ରବ୍ୟ ମଧ୍ୟରେ ଅମ୍ଳ ଦ୍ରବ୍ୟ ସର୍ବଶ୍ରେଷ୍ଠ । ବଲକାରକ ମାଂସ ମଧ୍ୟରେ କୁକ୍କୁଟ ମାଂସ ସର୍ବପ୍ରଧାନ । ବୀର୍ଯ୍ୟ ବର୍ଦ୍ଧକ ଦ୍ରବ୍ୟ ମଧ୍ୟରେ କୁମ୍ଭୀର ସର୍ବପ୍ରଧାନ । କଫ ପିତ୍ତ ନାଶକ ଦ୍ରବ୍ୟ ମଧ୍ୟରେ ମଧୁ ସର୍ବଶ୍ରେଷ୍ଠ । ବାତପିତ୍ତ ନାଶକ ପଦାର୍ଥ ମଧ୍ୟରେ ଘୃତ ସର୍ବଶ୍ରେଷ୍ଠ । ବାତ ଓ କଫ ଶାନ୍ତିକାରକ ପଦାର୍ଥ ମଧ୍ୟରେ ତୈଳ ସର୍ବୋତ୍କୃଷ୍ଟ । କଫ ନାଶକ ଉପାୟ ମଧ୍ୟରେ ବାନ୍ତି ସର୍ବଶ୍ରେଷ୍ଠ । ପିତ୍ତ ନାଶକ ଉପାୟ ମଧ୍ୟରେ ବସ୍ତି (ପିଚ୍‌କାରୀ) ସର୍ବଶ୍ରେଷ୍ଠ । ଦେହର ମୃଦୁତା ସମ୍ପାଦକ ଉପାୟ ମଧ୍ୟରେ ସ୍ୱେଦନ କ୍ରିୟା (ଝାଳ ବାହାର କରିବା) ସର୍ବଶ୍ରେଷ୍ଠ । ଦେହର ଦୃଢ଼ତା ସମ୍ପାଦକ ଉପାୟ ମଧ୍ୟରେ ପରିଶ୍ରମ ଅତି ଉତ୍କୃଷ୍ଟ । ଶରୀରର କୃଶତା ସମ୍ପାଦକ ଉପାୟ ମଧ୍ୟରେ ସ୍ତ୍ରୀ ସଂସର୍ଗ ସର୍ବପ୍ରଧାନ । ପୁରୁଷତ୍ୱ ହାନିକାରକ ପଦାର୍ଥ ମଧ୍ୟରେ କ୍ଷାର ଦ୍ରବ୍ୟ ସର୍ବ ପ୍ରଧାନ । ଖାଦ୍ୟ ଦ୍ରବ୍ୟରେ ଅରୁଚି ଉତ୍ପାଦକ ପଦାର୍ଥ ମଧ୍ୟରେ କେନ୍ଦୁ ସର୍ବପ୍ରଧାନ । ଜ୍ୱରନାଶକ ଦ୍ରବ୍ୟ ମଧ୍ୟରେ କଇଁଠ ସର୍ବପ୍ରଧାନ । ଅରୁଚି ଜନକ ଘୃତ ମଧ୍ୟରେ ମେଣ୍ଢାର ଘିଅ ସର୍ବପ୍ରଧାନ । ଯକ୍ଷ୍ମାନାଶକ, ରକ୍ତଶୋଧକ, ଏବଂ ରକ୍ତପିତ୍ତ ନାଶକ ଦ୍ରବ୍ୟ ମଧ୍ୟରେ ଛାଗଦୁଗ୍ଧ ସର୍ବପ୍ରଧାନ । କଫପିତ୍ତ କାରକ ଦ୍ରବ୍ୟ ମଧ୍ୟରେ ମେଣ୍ଢା କ୍ଷୀର ସର୍ବପ୍ରଧାନ । ନିଦ୍ରାକାରକ ପଦାର୍ଥ ମଧ୍ୟରେ ମଇଁଷି ଦୁଧ ସର୍ବଶ୍ରେଷ୍ଠ । କ୍ଳେଦଜନକ ପଦାର୍ଥ ମଧ୍ୟରେ ମନ୍ଦକ ଦଧି (ଅର୍ଥାତ୍ ମଇଣ ପକାଇବାର କିଛି ସମୟ ପରେ କହଲ ହୋଇଥିବା ଦହି) ସର୍ବପ୍ରଧାନ । କୃଶତା ଜନକ ଅନ୍ନ ମଧ୍ୟରେ କୋଦାନ ସର୍ବଶ୍ରେଷ୍ଠ । ମୂତ୍ରକାରକ ପଦାର୍ଥ ମଧ୍ୟରେ ଆଖୁ ସର୍ବ ପ୍ରଧାନ । ବିଷ୍ଟାକାରକ ପଦାର୍ଥ ମଧ୍ୟରେ ଯବଧାନ ସର୍ବପ୍ରଧାନ । ବାୟୁ ବର୍ଦ୍ଧକ ପଦାର୍ଥ ମଧ୍ୟରେ ପାଚିଲା ଜାମକୋଳି ସର୍ବପ୍ରଧାନ । କଫପିତ୍ତ କାରକ ପଦାର୍ଥ ମଧ୍ୟରେ ଘିଅ ଓ ଖିର ଯୋଗରେ କରାଯାଇଥିବା ଚକୁଲୀ ପିଠା ସର୍ବ ପ୍ରଧାନ । ଅମ୍ଳ ପିତ୍ତ ଜନକ ପଦାର୍ଥ ମଧ୍ୟରେ କୋଳଥ ସର୍ବ ପ୍ରଧାନ । କଫପିତ୍ତ କାରକ ଦ୍ରବ୍ୟ ମଧ୍ୟରେ ବରି ସର୍ବ ପ୍ରଧାନ । ବମନ, ଆସ୍ଥାପନ ଓ ଅନୁବାସନୋପଯୋଗି ଦ୍ରବ୍ୟମଧ୍ୟରେ ମଦନଫଳ (ପଟୁଆଫଳ) ସର୍ବ ପ୍ରଧାନ । ସୁଖ ବିରେଚକ ଦ୍ରବ୍ୟମଧ୍ୟରେ ତ୍ରିବୃତ୍ତା ସର୍ବଶ୍ରେଷ୍ଠ । ତୀବ୍ର ବିରେଚକ ଦ୍ରବ୍ୟମଧ୍ୟରେ ସିଜୁ କ୍ଷୀର ସର୍ବଶ୍ରେଷ୍ଠ । ମୃଦୁ ବିରେଚକ ଦ୍ରବ୍ୟମଧ୍ୟରେ ସୁନାରିଫଳର ଅଠା ସର୍ବଶ୍ରେଷ୍ଠ । ଶିରୋବିରେଚକ ଦ୍ରବ୍ୟମଧ୍ୟରେ ଅପାମାରଙ୍ଗ ମଞ୍ଜି ସର୍ବଶ୍ରେଷ୍ଠ । କୃମିନାଶକ ଦ୍ରବ୍ୟ ମଧ୍ୟରେ ବିଡ଼ଙ୍ଗ ସର୍ବ ପ୍ରଧାନ । ବିଷ ନାଶକ ଦ୍ରବ୍ୟ ମଧ୍ୟରେ ଶିରୀଷ ଗଛର ପଞ୍ଚାଙ୍ଗ ସର୍ବ ପ୍ରଧାନ । କୁଷ୍ଠ ନାଶକ ଦ୍ରବ୍ୟ ମଧ୍ୟରେ ଖଇର ସର୍ବ ଶ୍ରେଷ୍ଠ । ବାତନାଶକ ଦ୍ରବ୍ୟ ମଧ୍ୟରେ ରାସ୍ନା ସର୍ବଶ୍ରେଷ୍ଠ । ବୟଃସ୍ଥାପକ ଦ୍ରବ୍ୟମଧ୍ୟରେ ଅଁଳାକୋଳି ସର୍ବଶ୍ରେଷ୍ଠ । ହିତଜନକ ଦ୍ରବ୍ୟ ମଧ୍ୟରେ ହରିଡ଼ା ସର୍ବ ପ୍ରଧାନ । ବଲକାରକ ଓ ବାତନାଶକ ଦ୍ରବ୍ୟମଧ୍ୟରେ କାଲମୂଳ ସର୍ବ ପ୍ରଧାନ । ଅଗ୍ନି କାରକ, ପାଚକ ଏବଂ ମଲମୂତ୍ର ରୋଧ ନାଶକ ଦ୍ରବ୍ୟମଧ୍ୟରେ ପିପ୍‌ପଲୀ ମୂଳ ସର୍ବ ପ୍ରଧାନ । ଅଗ୍ନି ଉଦ୍ଦୀପକ ଏବଂ ଗୁଳ୍ମ ଶୂଳ ଓ ଶୋଥ ନାଶକ ଦ୍ରବ୍ୟମଧ୍ୟରେ ଚିତାପାରୁ ମୂଳ ସର୍ବ ପ୍ରଧାନ । ଅଗ୍ନି ଉଦ୍ଦୀପକ ସଂଗ୍ରାହକ ଓ ପାଚକ ଦ୍ରବ୍ୟମଧ୍ୟରେ ମୁଥା ସର୍ବ ପ୍ରଧାନ । ହିକ୍‌କା, କାଶ, ଶ୍ୱାସ ଓ ପାର୍ଶ୍ୱ ବେଦନା ନାଶକ ଦ୍ରବ୍ୟମଧ୍ୟରେ କୁଡ଼ ସର୍ବ ପ୍ରଧାନ । ଅଗ୍ନି ଦଗ୍ଧ ଅଙ୍ଗରଜ୍ୱାଳା, ବାନ୍ତି ଓ ଅତିସାର ନାଶକ ଦ୍ରବ୍ୟ ମଧ୍ୟରେ କୁରୁବେଲ ସର୍ବ ପ୍ରଧାନ । ପାଚକ, ସଂଗ୍ରାହକ, ଅଗ୍ନି ଉଦ୍ଦୀପକ ଓ ସର୍ବ ଦୋଷ ନାଶକ ପଦାର୍ଥ ମଧ୍ୟରେ ଅଗ୍ନିଶୀ ସର୍ବ ପ୍ରଧାନ । ସଂଗ୍ରାହକ ଏବଂ ରକ୍ତପିତ୍ତ ନାଶକ ନାଶକ ଦ୍ରବ୍ୟମଧ୍ୟରେ ଦୁରାଲଭା ସର୍ବ ପ୍ରଧାନ । ତୀବ୍ର ରକ୍ତପିତ୍ତ ନାଶକ ଦ୍ରବ୍ୟମଧ୍ୟରେ ପ୍ରିୟଙ୍ଗୁ ସର୍ବ ପ୍ରଧାନ । କଫ, ପିତ୍ତ, ରକ୍ତ ସଂଗ୍ରାହକ ଓ ଦୋଷନାଶକ ଦ୍ରବ୍ୟମଧ୍ୟରେ କେରୁଆଁ ମୂଳ ସର୍ବ ପ୍ରଧାନ । ରକ୍ତପିତ୍ତ ନାଶକ ଓ ସଂଗ୍ରାହକ ଦ୍ରବ୍ୟମଧ୍ୟରେ ଗମ୍ଭାରିଫଳ ସର୍ବୋତ୍କୃଷ୍ଟ । ସଂଗ୍ରାହକ, ବାତନାଶକ, ଅଗ୍ନିଦୀପକ ଓ ବଲକାରକ ଦ୍ରବ୍ୟମଧ୍ୟରେ କୃଷ୍ଣପର୍ଣ୍ଣୀ ସର୍ବଶ୍ରେଷ୍ଠ । ବୀର୍ଯ୍ୟବର୍ଦ୍ଧକ ଓ ସ୍ୱପ୍ନଦୋଷ ନାଶକ ଦ୍ରବ୍ୟ ମଧ୍ୟରେ ଭୁଇଁକଖାରୁ ସର୍ବଶ୍ରେଷ୍ଠ । ସଂଗ୍ରାହକ, ବଲକାରକ, ଏବଂ ବାତନାଶକ ଦ୍ରବ୍ୟମଧ୍ୟରେ ଗୋଖରୁ ସର୍ବୋତ୍କୃଷ୍ଟ । ଛେଦକ, ଭେଦକ, ଦୋଷର ଅନୁଲୋମକ ଓ ବାତ କଫ ନାଶକ ଦ୍ରବ୍ୟମଧ୍ୟରେ ହିଙ୍ଗୁ ସର୍ବୋତ୍କୃଷ୍ଟ । ଭେଦକ, ଦୀପକ, ଅନୁଲୋମକ ଓ ବାତକଫନାଶକ ଦ୍ରବ୍ୟ ମଧ୍ୟରେ ଅମ୍ଳବେତସ ସର୍ବଶ୍ରେଷ୍ଠ । ଭ୍ରଂଶମାନ୍ଦ୍ୟ, ପୀଡାମାନ୍ଦ୍ୟ, ମଲମୂତ୍ର ପ୍ରବର୍ତ୍ତକ ଓ ଅର୍ଶ ନାଶକ ଦ୍ରବ୍ୟମଧ୍ୟରେ ଯବକ୍ଷାର ସର୍ବଶ୍ରେଷ୍ଠ, ଗ୍ରହଣୀ ଅର୍ଶ ଓ ଘୃତ ସେବନ ଜନିତ ରୋଗ ନାଶକ ଦ୍ରବ୍ୟ ମଧ୍ୟରେ ତକ୍ର ସର୍ବଶ୍ରେଷ୍ଠ । ଗ୍ରହଣୀ, ଶୋଥ ଓ ଅର୍ଶରୋଗ ନାଶକ ଦ୍ରବ୍ୟମଧ୍ୟରେ

ମାଂସ ଶ୍ରେଣୀ ଜନ୍ତୁର ମାଂସର ଝୋଳ ସର୍ବୋତ୍କୃଷ୍ଟ, ଜରବ୍ୟାଧି ନାଶକ ଦ୍ରବ୍ୟମଧ୍ୟରେ ଘୃତ ମିଶ୍ରିତ ଦୁଗ୍ଧପାନ ସର୍ବୋତ୍କୃଷ୍ଟ । ବୀର୍ଯ୍ୟବର୍ଦ୍ଧକ ଏବଂ ଉଦାବର୍ତ୍ତ ରୋଗନାଶକ ଦ୍ରବ୍ୟମଧ୍ୟରେ ସମାନ ପରିମାଣରେ ତଣ୍ଡୁଳଚୂନା ଓ ଘିଅ ଏକାଠି ଭକ୍ଷଣ ସର୍ବଶ୍ରେଷ୍ଠ । ଦନ୍ତ ସମ୍ବନ୍ଧର ଦୃଢ଼ତା ସମ୍ପାଦକ ଓ ଅରୁଚି ନାଶକ ଦ୍ରବ୍ୟମଧ୍ୟରେ ନିତ୍ୟ ତୈଳ ଗଣ୍ଡୂଷ (ତେଲର କୁଳୁକୁଞ୍ଚା) ସର୍ବଶ୍ରେଷ୍ଠ । ଦାହନାଶକ ପ୍ରଲେପ ମଧ୍ୟରେ ଚନ୍ଦନ ଓ ଉଶୀର ଲେପନ ସର୍ବଶ୍ରେଷ୍ଠ । ଶୀତନାଶକ ପ୍ରଲେପ ମଧ୍ୟରେ ରାସ୍ନା ଓ ଅଗୁରୁର ପ୍ରଲେପ ସର୍ବଶ୍ରେଷ୍ଠ । ଦାହ, ଚର୍ମରୋଗ, ସ୍ୱେଦ ଓ ପ୍ରଲାପ ନାଶକ ଦ୍ରବ୍ୟମଧ୍ୟରେ ଉଶୀରବେଣା ସର୍ବୋତ୍କୃଷ୍ଟ, ବାୟୁନାଶକ ପ୍ରଲେପ ମଧ୍ୟରେ କୁଡ଼ ସର୍ବ ପ୍ରଧାନ । ଚକ୍ଷୁର ହିତକର, ବୀର୍ଯ୍ୟବର୍ଦ୍ଧକ ଏବଂ କେଶ, ସ୍ୱର, ବଳ ଓ କାନ୍ତି କାରକ ଦ୍ରବ୍ୟମଧ୍ୟରେ ଯାଠିମଧୁ ସର୍ବଶ୍ରେଷ୍ଠ । ବଳ ଓ ଜୀବନୀଶକ୍ତି ବର୍ଦ୍ଧକ ଦ୍ରବ୍ୟ ମଧ୍ୟରେ ବାୟୁ ସର୍ବଶ୍ରେଷ୍ଠ । ଆମଦୋଷ, ଜଡ଼ତା, ଶୀତ, ବେଦନା, ଆକ୍ଷେପ ଓ କମ୍ପନାଶକ ଦ୍ରବ୍ୟମଧ୍ୟରେ ଅଗ୍ନି ସର୍ବପ୍ରଧାନ । ସ୍ତମ୍ଭନ କାରକ ଦ୍ରବ୍ୟମଧ୍ୟରେ ଜଳ ସର୍ବଶ୍ରେଷ୍ଠ । ଅତିଶୟ ତୃଷ୍ଣାନାଶକ ଦ୍ରବ୍ୟମଧ୍ୟରେ ଉତ୍ତପ୍ତ ଇଟା ନିର୍ବାପିତ ଜଳ ସର୍ବୋତ୍କୃଷ୍ଟ । ଆମଦୋଷ ବର୍ଦ୍ଧକ ଦ୍ରବ୍ୟମଧ୍ୟରେ ଅତି ଭୋଜନ ସର୍ବପ୍ରଧାନ, ଅଗ୍ନିବର୍ଦ୍ଧକ ଦ୍ରବ୍ୟମଧ୍ୟରେ ଯଥାଗ୍ନି ଭୋଜନ ସର୍ବଶ୍ରେଷ୍ଠ । ସ୍ୱାସ୍ଥ୍ୟ ରକ୍ଷକ ବ୍ୟବହାର ମଧ୍ୟରେ ପ୍ରତିଦିନ ନିୟମିତ ସମୟରେ ଭୋଜନ ସର୍ବପ୍ରଧାନ । ବ୍ୟାଧିଜନକ ବ୍ୟବହାର ମଧ୍ୟରେ ମଳମୂତ୍ରାଦିର ବେଗ ଧାରଣ ସର୍ବପ୍ରଧାନ । ଆହାର ଗୁଣମଧ୍ୟରେ ତୃପ୍ତି ସର୍ବପ୍ରଧାନ । ମନର ଆରାମ ଦାୟକ ଦ୍ରବ୍ୟ ମଧ୍ୟରେ ମଦ୍ୟ ସର୍ବପ୍ରଧାନ । ବୁଦ୍ଧି, ଧୃତି ଓ ସ୍ମୃତି ନାଶକ ପଦାର୍ଥ ମଧ୍ୟରେ ମଦ୍ୟପାନ ଜନିତ ରୋଗ ସର୍ବ ପ୍ରଧାନ । ଅଜୀର୍ଣ୍ଣ ରୋଗର କାରଣ ମଧ୍ୟରେ ଗୁରୁପାକ ଦ୍ରବ୍ୟଭୋଜନ ସର୍ବପ୍ରଧାନ । ଶରୀର ଶୋଷକ ପଦାର୍ଥ ମଧ୍ୟରେ ସ୍ତ୍ରୀସହବାସ ସର୍ବପ୍ରଧାନ । ପୁରୁଷତ୍ୱ ନାଶକ ପଦାର୍ଥ ମଧ୍ୟରେ ଶୁକ୍ରର ବେଗଧାରଣ ସର୍ବ ପ୍ରଧାନ । ଅନ୍ନରେ ଅରୁଚି ଜନକ ପଦାର୍ଥ ମଧ୍ୟରେ ଅପରିଷ୍କୃତ ସ୍ଥାନରେ ଭୋଜନ ସର୍ବପ୍ରଧାନ । ଆୟୁନାଶକ ପଦାର୍ଥ ମଧ୍ୟରେ ଉପବାସ ସର୍ବପ୍ରଧାନ. ଗ୍ରହଣୀ ରୋଗକାରକ ପଦାର୍ଥ ମଧ୍ୟରେ ପୂର୍ବକୃତ ଆହାର ଉତ୍ତମରୂପେ ଜୀର୍ଣ୍ଣ ନହେଉଣୁ ତଦୁପରି ପୁନର୍ବାର ଭୋଜନ ସର୍ବ ପ୍ରଧାନ, ଅଗ୍ନିମାନ୍ଦ୍ୟ-କାରକ ପଦାର୍ଥ ମଧ୍ୟରେ ଅସମୟରେ ଅଧିକ ଭୋଜନ ବା ଅଳ୍ପ ଭୋଜନ ସର୍ବପ୍ରଧାନ, କୁଷ୍ଠରୋଗ ଜନକ ପଦାର୍ଥ ମଧ୍ୟରେ ଦୁଧ ଓ ମାଛ ପ୍ରଭୃତି ସଂଯୋଗ ବିରୁଦ୍ଧ ଦ୍ରବ୍ୟମାନଙ୍କର ଏକତ୍ର ଭୋଜନ ସର୍ବପ୍ରଧାନ, ହିତକର ପଦାର୍ଥ ମଧ୍ୟରେ ପରିମିତ ବ୍ୟାୟାମ ସର୍ବପ୍ରଧାନ; ସମସ୍ତ ରୋଗର କାରଣ ମଧ୍ୟରେ ଅନୁଚିତ ଆହାର ବିହାର ସର୍ବପ୍ରଧାନ । ଆୟୁବର୍ଦ୍ଧକ ପଦାର୍ଥ ମଧ୍ୟରେ ବ୍ରହ୍ମଚର୍ଯ୍ୟାବଲମ୍ବନ ସର୍ବଶ୍ରେଷ୍ଠ । ହର୍ଷବର୍ଦ୍ଧକ ପଦାର୍ଥ ମଧ୍ୟରେ ଶୁଭ ସଙ୍କଳ୍ପ ସର୍ବପ୍ରଧାନ । ଶରୀରର ତେଜୋ-ନାଶକ ପଦାର୍ଥ ମଧ୍ୟରେ ଦୁଶ୍ଚିନ୍ତା ସର୍ବପ୍ରଧାନ । ବଳନାଶକ ପଦାର୍ଥ ମଧ୍ୟରେ ବଳାତିରିକ୍ତ କାର୍ଯ୍ୟାରମ୍ଭ ସର୍ବପ୍ରଧାନ । ରୋଗବର୍ଦ୍ଧକ ପଦାର୍ଥ ମଧ୍ୟରେ ମନର ଅସନ୍ତୋଷ ସର୍ବପ୍ରଧାନ । ଶ୍ରମନାଶକ ପଦାର୍ଥ ମଧ୍ୟରେ ସ୍ନାନ ସର୍ବଶ୍ରେଷ୍ଠ । ତୃପ୍ତିକର ଦ୍ରବ୍ୟମାନଙ୍କ ମଧ୍ୟରେ ମନର ହର୍ଷବୃଦ୍ଧି ସର୍ବପ୍ରଧାନ, ଶରୀର ଶୋଷକ ଦ୍ରବ୍ୟମାନଙ୍କ ମଧ୍ୟରେ ଶୋକବୃଦ୍ଧି ସର୍ବ ପ୍ରଧାନ । ଶରୀର ପୋଷକ ଦ୍ରବ୍ୟମାନଙ୍କ ମଧ୍ୟରେ ସମ୍ପତ୍ତିବୃଦ୍ଧି ସର୍ବପ୍ରଧାନ, ତନ୍ଦ୍ରା (ନିଦ୍ରାସଦୃଶକ୍ଲାନ୍ତି) କାରକ ଦ୍ରବ୍ୟମାନଙ୍କ ମଧ୍ୟରେ ନିଦ୍ରାବୃଦ୍ଧି ସର୍ବପ୍ରଧାନ, ବଳବର୍ଦ୍ଧକ ଦ୍ରବ୍ୟମାନଙ୍କ ମଧ୍ୟରେ ମଧୁର ଅମ୍ଳାଦି ରସ ବିଶିଷ୍ଟ ଦ୍ରବ୍ୟାଭ୍ୟାସ ସର୍ବ ଶ୍ରେଷ୍ଠ । ଦୌର୍ବଲ୍ୟ-ଜନକ ଦ୍ରବ୍ୟମଧ୍ୟରେ ଏକ ରସ ଯୁକ୍ତ ଅନ୍ନଭୋଜନ ସର୍ବପ୍ରଧାନ । ଅନାକର୍ଷଣୀୟ ପଦାର୍ଥ ମଧ୍ୟରେ ଗର୍ଭଶଲ୍ୟ ସର୍ବପ୍ରଧାନ । ଉଦ୍ଧରଣ ଯୋଗ୍ୟ ରୋଗମାନଙ୍କ ମଧ୍ୟରେ ଅଜୀର୍ଣ୍ଣ ସର୍ବପ୍ରଧାନ । ମୃଦୁବୀର୍ଯ୍ୟ ଔଷଧ ପ୍ରୟୋଗ ଯୋଗ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ବାଳକ ସର୍ବ ପ୍ରଧାନ । ଯାପ୍ୟ ରୋଗ ମଧ୍ୟରେ ବୃଦ୍ଧବ୍ୟକ୍ତିର ରୋଗ ସର୍ବପ୍ରଧାନ । ତୀକ୍ଷ୍ଣୌଷଧ ବର୍ଜନୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ଗର୍ଭିଣୀ ସ୍ତ୍ରୀ ସର୍ବପ୍ରଧାନ । ଗର୍ଭଧାରଣ କାରଣ ମଧ୍ୟରେ ମନର ହର୍ଷ ସର୍ବପ୍ରଧାନ । ଦୁଷ୍ଟିକାଶ୍ୟ ରୋଗମାନଙ୍କ ମଧ୍ୟରେ ସନ୍ନିପାତ ସର୍ବପ୍ରଧାନ । ବିଷମ ଲକ୍ଷଣ ରୋଗମାନଙ୍କ ମଧ୍ୟରେ ଆମଦୋଷ ଜାତ ରୋଗ ସର୍ବ ପ୍ରଧାନ । ସମସ୍ତ ରୋଗ ମଧ୍ୟରେ ଜ୍ୱର ପ୍ରଧାନ । ଦୀର୍ଘରୋଗ ମଧ୍ୟରେ କୁଷ୍ଠରୋଗ ସର୍ବ ପ୍ରଧାନ । ରୋଗସମୂହ ମଧ୍ୟରେ ରାଜଯକ୍ଷ୍ମା ସର୍ବପ୍ରଧାନ । ସ୍ଥାୟୀ ରୋଗ ମଧ୍ୟରେ ପ୍ରମେହ ସର୍ବପ୍ରଧାନ । ଶସ୍ତ୍ରର ଅନୁରୂପ ଦ୍ରବ୍ୟମାନଙ୍କ ମଧ୍ୟରେ ଜୋକ ସର୍ବପ୍ରଧାନ । ତନ୍ଦ୍ରାଜନକ ପଦାର୍ଥ ମଧ୍ୟରେ ବସ୍ତି ସର୍ବ ପ୍ରଧାନ । ଔଷଧି ଭୂମି ମଧ୍ୟରେ ହିମାଳୟ ସର୍ବ ପ୍ରଧାନ । ଆରୋଗ୍ୟ ଦେଶ ମଧ୍ୟରେ ମରୁଭୂମି ସର୍ବ ପ୍ରଧାନ । ଔଷଧି ମଧ୍ୟରେ ସୋମଲତା ସର୍ବ ପ୍ରଧାନ । ଶରୀରର ସ୍ୱାସ୍ଥ୍ୟ ନାଶକ ସ୍ଥାନ ମଧ୍ୟରେ ଜଳୀୟ ଭୂମି ସର୍ବ ପ୍ରଧାନ । ରୋଗିର ଗୁଣ ମଧ୍ୟରେ ବୈଦ୍ୟର ଆଜ୍ଞା ପାଳନ ସର୍ବପ୍ରଧାନ । ବୈଦ୍ୟ, ଔଷଧ, ପରିଚାରକ ଓ ରୋଗୀ ମଧ୍ୟରେ ବୈଦ୍ୟ ସର୍ବପ୍ରଧାନ । ବର୍ଜନୀୟ ପଦାର୍ଥ ମଧ୍ୟରେ ନାସ୍ତିକ ସର୍ବ ପ୍ରଧାନ । କ୍ଲେଶ ଜନକ ପଦାର୍ଥ ମଧ୍ୟରେ ଲୋଭ ସର୍ବ ପ୍ରଧାନ । ରୋଗିର ଅରିଷ୍ଟ ଲକ୍ଷଣ ମଧ୍ୟରେ ବୈଦ୍ୟର ଆଜ୍ଞା ନମାନିବା ସର୍ବ ପ୍ରଧାନ । ରୋଗିର ଶୁଭଲକ୍ଷଣ ମଧ୍ୟରେ ଅନିର୍ବେଦ ସର୍ବ ପ୍ରଧାନ । ବୈଦ୍ୟର ଗୁଣ ମଧ୍ୟରେ ବିବେଚନା ପୂର୍ବକ

ଔଷଧ ଦ୍ରବ୍ୟ ଗୁଣ ସର୍ବ ପ୍ରଧାନ । ସନ୍ଦେହ ଅପନୋଦନ ବିଷୟରେ ବୈଦ୍ୟମାନଙ୍କର ଗୋଷ୍ଠୀ ସର୍ବ ପ୍ରଧାନ । ଔଷଧ ମଧ୍ୟରେ ସେମାନଙ୍କର ବିଜ୍ଞାନ ସର୍ବ ପ୍ରଧାନ । ବିଷୟ ନିରୂପଣ ପକ୍ଷରେ ଶାସ୍ତ୍ର ସହିତ ତର୍କ ସର୍ବ ପ୍ରଧାନ । କାଳଜ୍ଞାନ ପକ୍ଷରେ ସମ୍ପ୍ରତିପତ୍ତି ... ନ, ବ୍ୟବସାୟ କାଳ ଅତିକ୍ରମ କରିବାର ଯେତେପ୍ରକାର କାରଣ ଅଛି, ତନ୍ମଧ୍ୟରେ ଉଦ୍‌ଯୋଗ ହୀନତା ସର୍ବ ପ୍ରଧାନ । ସନ୍ଦେହ ମୋଚନ କରିବାର ଯେତେପ୍ରକାର କାରଣ ଅଛି, ତନ୍ମଧ୍ୟରେ ଦୃଷ୍ଟକର୍ମତାହିଁ ସର୍ବ ପ୍ରଧାନ । ଭୟ ଉତ୍ପାଦକ ପଦାର୍ଥ ମଧ୍ୟରେ ଅସାମର୍ଥ୍ୟ ସର୍ବ ପ୍ରଧାନ । ବୁଦ୍ଧି ବର୍ଦ୍ଧକ ଉପାୟ ମଧ୍ୟରେ ସମବିଦ୍ୟ ବ୍ୟକ୍ତି ସହିତ ସମ୍ଭାଷଣ ସର୍ବପ୍ରଧାନ । ଶାସ୍ତ୍ର ଶିକ୍ଷା ବିଷୟରେ ଆଚାର୍ଯ୍ୟ ସର୍ବପ୍ରଧାନ, ଅମୃତ ମଧ୍ୟରେ ଆୟୁର୍ବେଦ ଶାସ୍ତ୍ର ସର୍ବଶ୍ରେଷ୍ଠ । କର୍ତ୍ତବ୍ୟ ମଧ୍ୟରେ ସତ୍ପୁରୁଷ ବାକ୍ୟ ସର୍ବ ପ୍ରଧାନ । ଅନିଷ୍ଟକର ପଦାର୍ଥ ମଧ୍ୟରେ ଅବ୍ୟବସ୍ଥିତ ବାକ୍ୟ ସର୍ବ ପଧାନ ଏବଂ ସୁଖକର ପଦାର୍ଥ ମଧ୍ୟରେ ସକଳ ବିଷୟରେ ଅନାସକ୍ତି ବା ବୈରାଗ୍ୟହିଁ ସର୍ବ ପଧାନ ।

## ଗୁଣକ୍ରିୟା ଭେଦରେ ଦ୍ରବ୍ୟମାନଙ୍କର ବର୍ଗୀକରଣ

**୧—ଅନୁଲୋମନ ଦ୍ରବ୍ୟ** ✺ ଯେଉଁଦ୍ରବ୍ୟ ବାତାଦି କୁପିତ ଦୋଷମାନଙ୍କୁ ଶାନ୍ତ ବିଧାନକରି ନିଜ ନିଜ ମାର୍ଗରେ ସେମାନଙ୍କୁ ପରିଚାଳନା କରେ ଏବଂ ସେମାନଙ୍କୁ ସ୍ୱାଭାବିକ ଗତିରେ ପଡ଼ି ବନ୍ଧନକୁ ଭେଦକରେ ପୁଣି ମଳ ଆଦିକୁ ପରିପାକ କରି ତଳକାଟେ କରାଇ ଦିଏ, ସେହି ଗୁଡ଼ିକୁ ଅନୁଲୋମନ ଦ୍ରବ୍ୟ ବୋଲଯାଏ । ଯଥା—ହରିଡ଼ା, ମୁସୁମ୍ବର, ଗନ୍ଧକ ବିବିଧକ୍ଷାର ଆଦି ।

**୨—ଅଭିଷ୍ୟନ୍ଦୀଦ୍ରବ୍ୟ** ✻ ଯେଉଁଦ୍ରବ୍ୟ ପିଚ୍ଛିଳ ଅର୍ଥାତ୍ ଲଳୁଆରହେ ବଳବୃଦ୍ଧି କରେ, ଭାଙ୍ଗି ଯାଇଥିବା ଅଙ୍ଗକୁ ଯୋଡ଼ିଦିଏ, ଅଙ୍ଗମାନଙ୍କର ଗ୍ଲାନି ନାଶକରେ, ମଳବୃଦ୍ଧି କରେ ଏବଂ ରସ ବାହିନୀ ନାଡ଼ୀମାନଙ୍କର ମାର୍ଗରୋଧକରି ଶରୀରକୁ ଭରି ବା ଗଜରିଆ କରେ, ତାକୁ ଅଭିଷ୍ୟନ୍ଦୀ ଦ୍ରବ୍ୟ ବୋଲନ୍ତି । ଯଥା—ଆମ୍ଳଦହି, ପଣସ, କଦଳୀ, ମାଛ, ଡିମ୍ବ, ନୂଆଁ ଗୁଡ଼ଲର ଜାଉ, ଇକ୍ଷ୍ୱରଗୋଲ, କ୍ଷୀର ପ୍ରଭୃତି ଯାବନ୍ତ ଲଳୁଆ ତେଲିଆ ଓ ଚକ୍‌କଣିଆ ପଦାର୍ଥ ।

**୩—ଅବସାଦକ ଦ୍ରବ୍ୟ**—ବାତବାହିନୀ ନାଡ଼ୀମାନଙ୍କର ଏବଂ ସେମାନଙ୍କର କେନ୍ଦ୍ର ସ୍ଥାନର ଉଗ୍ରତାକୁ ଯେଉଁ ଦ୍ରବ୍ୟ ପ୍ରଶମନ କରେ । ଏହିପରି ମାଂସପେଶୀମାନଙ୍କର ଏବଂ ରକ୍ତବାହିନୀ ଧମନୀ ଓ ଶିରମାନଙ୍କର ତେଜକତାକୁ ଯେ ଶିଥିଳ କରେ, ତାକୁ ଅବସାଦକ ଦ୍ରବ୍ୟ ବୋଲନ୍ତି । ଯଥା—ଦାରୁମୁଷୀ (ଶଙ୍ଖୁଆ) ତମ୍ବାଭସ୍ମ, କସ୍ତୁରୀ, ଅଫିମ, ଖୁରସାନୀ ଯୁଆଣୀ, ଗଞ୍ଜେଇ, କୁଚିଲା, ହିଙ୍ଗୁ, ବସ୍ତ୍ର, ନିକୁଣ୍ଡୁ, ଗୁଡ଼ୁଚିକ, ଆଲାଇଚ, ଏବଂ ବାତନାଶକ ସମସ୍ତ ଔଷଧ । ଏହିଭଳି ଅବସାଦକ ଦ୍ରବ୍ୟ ସବୁ ପାଞ୍ଚଭାଗରେ ବିଭକ୍ତ । ଯଥା—୧-ବ୍ୟାପକ ଅବସାଦକ, ୨—ମସ୍ତିଷ୍କ ଅବସାଦକ, ୩—ସୁଷୁମ୍ନା ଅବସାଦକ, ୪—ବାତବାହିନୀ ଅବସାଦକ, ୫—ଧମନୀ ଅବସାଦକ । ସେଥିରେ ସ୍ଥାନଭେଦରେ ହୃଦସ୍ଥାବସାଦକ, ଫୁସ୍‌ଫୁସ ଅବସାଦକ, ଆମାଶୟାବସାଦକ, ଯକୃତ୍ ଅବସାଦକ, ମୂତ୍ରାଶୟାବସାଦକ ଏବଂ ଗର୍ଭାଶୟର ଅବସାଦକ ପ୍ରଭୃତି ଅନେକ ଭେଦ ଏହାର ହୋଇଥାଏ । ୧—ବ୍ୟାପକଅବସାଦକ—ଯଥା—ରକ୍ତ ମୋକ୍ଷଣ, ଉପବାସ ଏବଂ ବରଫ କମ୍ବା ଜଳର ଶୈତ୍ୟସେବା ପ୍ରଭୃତି । ୨—ମସ୍ତିଷ୍କଅବସାଦକ—ଏହିଭଳି ଔଷଧକୁ ଅଳ୍ପ ମାତ୍ରାରେ ସେବନ କରିବାପରେ ମସ୍ତିଷ୍କ ସୁଷୁମ୍ନା ଏବଂ ଅନ୍ୟାନ୍ୟ ଆଭ୍ୟନ୍ତରମାନଙ୍କରେ ଥିବା ଜ୍ଞାନତନ୍ତୁ ସମୂହ ଉପରେ ଏହାର ପ୍ରଭାବ ପଡ଼େ, ତା'ପରେ ଶ୍ୱାସ ଯନ୍ତ୍ର ଏବଂ ରକ୍ତସଞ୍ଚାଳନ ଯନ୍ତ୍ରର ଅବସନ୍ନତା ଉତ୍ପନ୍ନ ହୁଏ । ଏହି ଭଳି ଔଷଧମାନଙ୍କର ଅଧିକମାତ୍ରା ସଞ୍ଜ୍ଞା ନାଶକରେ । ଏଣୁ ଏଗୁଡ଼ିକୁ ନିଦ୍ରାକାରକ, ମାଦକ, ବେଦନାଶାମକ ଓ ଚୈତନ୍ୟ ହାରକ ଏହି ଗୁଣପ୍ରକାର ଉପବିଭାଗରେ ବିଭକ୍ତ କରାଯାଏ । ସେଥି ମଧ୍ୟରୁ ବେଦନାଶାମକ ଦ୍ରବଗୁଡ଼ିକ ନଂ ୩ ରେ କୁହାଗଲା । ପରେ ମାଦକ, ନିଦ୍ରାକାରକ ଓ ଚୈତନ୍ୟ ହାରକ ଦ୍ରବ୍ୟ-

---

✺ ୧—କୃତ୍ୱାପାକଂମଲାନାଂ ଯଦ୍ଭିତ୍ୱାବନ୍ଧମଧୋନୟେତ୍ । ତଚ୍ଚାନୁଲୋମନଂ ଜ୍ଞେୟଂ ଯଥା ପ୍ରୋକ୍ତା ହରୀତକୀ ।

✻ ୨—ପୈଚ୍ଛିଲ୍ୟାଦ୍ ଗୌରବାଦ୍ ଦ୍ରବ୍ୟଂ ରୁଦ୍ଧ୍ୱା ରସବହାଃ ଶିରାଃ ଧତ୍ତେଯଦ୍‌ଗୌରବଂ ତତ୍ସ୍ୟାଦ୍ ଅଭିଷ୍ୟନ୍ଦି ଯଥା ଦଧି ।

ମାନଙ୍କୁ ଆମେ କହିବୁ । ମସ୍ତିଷ୍କର ଉତ୍ତେଜକ କିମ୍ବା ମସ୍ତିଷ୍କର ଅବସାଦକ ଔଷଧମାନଙ୍କୁ ଅଧିକମାତ୍ରାରେ ସେବନ କଲେ ଚୈତନ୍ୟ ନଷ୍ଟହୁଏ । କିନ୍ତୁ ଏହି ଦୁଇପ୍ରକାର ଔଷଧ ମଧ୍ୟରେ ପାର୍ଥକ୍ୟ ଏହିଯେ—ଉତ୍ତେଜକ ଔଷଧ ସେବନ ଦ୍ୱାରା ମସ୍ତିଷ୍କରେ ଅଧିକ ରକ୍ତ ଜମାହୋଇ ସଂଜ୍ଞା ଲୋପ ହୁଏ ଏବଂ ଅବସାଦକ ଔଷଧ ସେବନ ଦ୍ୱାରା ମସ୍ତିଷ୍କରେ ରକ୍ତ କ୍ଷୀଣ ହୋଇ ଚେତନା ନଷ୍ଟହୋଇଥାଏ । ୩—ସୁଷୁମ୍ନା ଅବସାଦକ—ଏହା ଦୁଇପ୍ରକାର ଅଟେ । ପ୍ରଥମେ ଉତ୍ତେଜନା ନଥାଇ କେତେକ ଔଷଧ ଅବସନ୍ନତା ପ୍ରଦାନ କରେ ଏବଂ କେତେକ ଔଷଧ ପ୍ରଥମେ ଉତ୍ତେଜକ ହୋଇ ପରିଣାମରେ ଅବସାଦକ ହୋଇଥାଏ । ସେଥିମଧ୍ୟରୁ ବିନା ଉତ୍ତେଜନାରେ ଅବସାଦକ ଔଷଧ—ଖର୍ପରଭସ୍ମ, ରୌପ୍ୟଭସ୍ମ, ସାଚକ୍ଷାର, ମୁକ୍ତାଭସ୍ମ, ପ୍ରବାଳଭସ୍ମ, ଶାମୁକାଭସ୍ମ, ଶଙ୍ଖଭସ୍ମ, ସୁବର୍ଣ୍ଣମାକ୍ଷିକଭସ୍ମ, ମଣ୍ଡୁରଭସ୍ମ, ରାଜାବର୍ତ୍ତିଭସ୍ମ ଓ ତାର୍ପିନତୈଳ ଇତ୍ୟାଦି ।

ଉତ୍ତେଜନାପରେ ଅବସନ୍ନତା ପ୍ରଦାନ କରିବାର ଔଷଧ ଗୁଡ଼ିକ ଯଥା—ନବଶାଗର ସତ୍ତ୍ୱ, ଅଫିମ, ଦାରୁମୁଷୀ, ମଦ ଓ କର୍ପୂର ଇତ୍ୟାଦି ସବୁ ଔଷଧ ପ୍ରଥମେ ଉତ୍ତେଜକ ହୋଇ ପରେ ଅବସନ୍ନତା ଜନ୍ମାଇ ଥାଏ । ଅତଏବ ସୁଷୁମ୍ନାର ବିବିଧ ସ୍ଥାନରେ ଉତ୍ତେଜନାଧିକ୍ୟରୁ ଉତ୍ପନ୍ନ ହେବା ନାନାପ୍ରକାର ଆକ୍ଷେପ, ଧନୁର୍ବାତ, ଅନ୍ତରାୟାମ ବହିରାୟାମ, ପକ୍ଷାଘାତ ଓ କମ୍ପବାତ ପ୍ରଭୃତି ରୋଗରେ ଏହା ବ୍ୟବହୃତ ହୋଇଥାଏ । ଏହା ଛଡ଼ା କୋଚିଲା ପ୍ରଭୃତି ବିଷପ୍ରକୋପ ପ୍ରଶମନାର୍ଥେ ମଧ୍ୟ ଏହା ପ୍ରୟୋଗ କରାଯାଇଥାଏ । ୪—ବାତବାହିନୀ ଅବସାଦକ—ଔଷଧଗୁଡ଼ିକ ନିଦ୍ରାକାରକ ଓ ଚୈତନ୍ୟହାରକ ବର୍ଗମଧ୍ୟରେ ବର୍ଣ୍ଣନା କରାଯିବ । ୫—ଧମନୀ ଅବସାଦକ—ଯଥା—ଯେଉଁ ଔଷଧଗୁଡ଼ିକ ରକ୍ତସଞ୍ଚାଳନ ଯନ୍ତ୍ର ଉପରେ ଅବସନ୍ନତା କ୍ରିୟା ଦେଖାଇଥାନ୍ତି ଏବଂ ଯାହାଦ୍ୱାରା ହୃଦୟ ଓ ଧମନୀମାନଙ୍କର ସ୍ପନ୍ଦନ ମୃଦୁ ହୋଇଥାଏ, ପୁଣି ଶ୍ୱାସ, ପ୍ରଶ୍ୱାସ କ୍ରିୟାମାନ ଏବଂ ଶାରୀରିକ ଉତ୍ତାପ ହ୍ରାସ ହୋଇଥାଏ, ସେଗୁଡ଼ିକୁ ଧମନୀ ଅବସାଦକ ଔଷଧ ବୋଲନ୍ତି । ଯଥା—ଶୀତଳ ଔଷଧ ଯବକ୍ଷାର, କଦଳୀର କ୍ଷାର, ଟଙ୍କଣସ, ଲେମ୍ବୁରସ ଓ ଖର୍ପରଭସ୍ମ ଇତ୍ୟାଦି । ଏହା ଛଡ଼ା ଅନ୍ୟାନ୍ୟ ଶରୀର ଯନ୍ତ୍ରମାନଙ୍କର ଅବସାଦକ ଔଷଧ ଗୁଡ଼ିକୁ ଯଥାସ୍ଥାନରେ ପରେ ଆମେ ବର୍ଣ୍ଣନା କରିବୁ ।

**୪—ଅର୍ଶନାଶକ ଦ୍ରବ୍ୟ**—ଯେଉଁ ଔଷଧ ଅର୍ଶର ମାଂସ ଗଜାକୁ ନଷ୍ଟ କରେ, ଏବଂ ନୂତନ ମାଂସ ଗଜାକୁ ଉତ୍ପନ୍ନ କରାଇ ଦିଏନାହିଁ, ସେଗୁଡ଼ିକୁ ଅର୍ଶ ନାଶକ ବୋଲନ୍ତି । ଯଥା—ତାମ୍ରଭସ୍ମ, ଲୌହଭସ୍ମ, ଶିଳାଜିତ, ସିସାଭସ୍ମ, ପୁଷ୍କରାଗ, ଓଲୁଅ' ଭଲିଆ, କେତୁଆଁ ମୂଳ, ବେଲ, ଚିତାପାରୁ, ଶୁଣ୍ଠୀ, ଅରୁସୀ, ହରିଡ଼ା, କୋଚିଲ, ଦାରୁହଳଦୀ, ରସାଞ୍ଜନ, ବଚ, ଗୁଆଁକାଠ ମୁକ୍ତାମଞ୍ଜାଫଳ, କ୍ଷୀରମଞ୍ଜୀ, ଅପାମାରଙ୍ଗପତ୍ର, ରାଶି, ପୋକସୁଂଘା. ନହୁଣୀ ଓ ଚହ୍ଳା ଇତ୍ୟାଦି । ଅର୍ଶ ରୋଗରେ ତୀବ୍ର ବେଦନା ପ୍ରଶମନାର୍ଥେ—ଗଞ୍ଜେଇ, ସାପକାତି, ଓଟଲେଣ୍ଡି, ମଣିଷବାଳ, ମେଁଶିଙ୍ଗ, ଘସଘସାଫଳ, ହାମ୍ବାଣୀ, କୋଚିଲା ଓ ପଣସତଣ୍ଟା ଇତ୍ୟାଦିର ଧୂପ ଦିଆଯାଏ ।

**୫—ଅସ୍ଥିସନ୍ଧାନକର ଦ୍ରବ୍ୟ**—ଯେଉଁ ଔଷଧ ଭାଙ୍ଗିଯିବା ହାଡକୁ ଯୋଡ଼ିଦିଏ, ସେଗୁଡ଼ିକୁ ଅସ୍ଥି ସନ୍ଧାନକରଦ୍ରବ୍ୟ ବୋଲାଯାଏ । ଯଥା—ଭଲିଆ, ରସୁଣ, ହାଡ଼ଭଙ୍ଗା, ଗୁଗ୍‌ଗୁଲ, ପିଆଶାଲ, ଲୋଧ, ଯଠିମଧୁ, ଗୁଳୁଚ, ଅକାନବିନ୍ଧୀ, ମୋଚରସ ଓ ବାବୁଲ ପ୍ରଭୃତି । ଏହା ଛଡ଼ା ଏହିଗ୍ରନ୍ଥର ଶେଷରେ ଲେଖାଯାଇଥିବା ଚରକୋକ୍ତ ଭଗ୍ନ-ସଂଯୋଜକ ଦଶଟି ଦ୍ରବ୍ୟ ମଧ୍ୟ ଅସ୍ଥି ସନ୍ଧାନକର ଅଟେ ।

**୬—ଉଗ୍ରତାସାଧକ ଦ୍ରବ୍ୟ**—ଯେଉଁ ସବୁ ଔଷଧର ପ୍ରଲେପ ଚର୍ମ ଉପରେ ପ୍ରଦାହ ଉତ୍ପାଦନ କରି ରକ୍ତ ସଞ୍ଚାଳନ କ୍ରିୟାରେ ଉତ୍ତେଜନା ଜନ୍ମାଇ ବେଦନା ପ୍ରଶମନ କରେ, ସେଇଗୁଡ଼ିକ ଉଗ୍ରତା ସାଧକ ଦ୍ରବ୍ୟ ବୋଲାଯାଏ । ଏହା ଚାରିପ୍ରକାର । ୧—ତ୍ୱକ୍ ପ୍ରଦାହକ, ୨—ସ୍ଫୋଟକୋତ୍ପାଦକ, ୩—ବ୍ରଣୋତ୍ପାଦକ, ଓ ୪—ତୀବ୍ରଦାହକ । ଯେଉଁ ଔଷଧର ପ୍ରୟୋଗରେ ରକ୍ତ ଉତ୍ତେଜିତ ହୋଇ ଚର୍ମ ଲୋହିତବର୍ଣ୍ଣ ଦେଖାଯାଏ, ତାକୁ ତ୍ୱକ୍‌ପ୍ରଦାହକ ଔଷଧ ବୋଲନ୍ତି । ଯଥା—କର୍ପୂର, ମଦ, ମରିଚ, ରାଇ, ସୋରିଷ, ଶୁଣ୍ଠୀ, ଲଙ୍କାମରିଚ, ପିପ୍‌ପଳୀ, ରସୁଣ, ପୁଆଣି, ଲବଙ୍ଗ, ଗୁଡ଼ତ୍ୱକ, ତାର୍ପିନତେଲ ଓ ପିପରମେଣ୍ଟ ତେଲ ଇତ୍ୟାଦି— ଯେଉଁ ଔଷଧର ପ୍ରଲେପ ଚର୍ମକୁ ଫୋଟକା କରାଇଦିଏ, ତାକୁ ସ୍ଫୋଟକୋତ୍ପାଦକ ବୋଲନ୍ତି । ଯଥା—ରାଇତେଲ, କନକାମଞ୍ଜୀର ତେଲ, ଚିତାପାରୁମୂଳର ପ୍ରଲେପ ଇତ୍ୟାଦି—ଏହିପରି ଯେଉଁ ଔଷଧର ପ୍ରଲେପ ବ୍ରଣ ଉତ୍ପାଦନ କରେ, ତାକୁ ବ୍ରଣୋତ୍ପାଦକ ବୋଲନ୍ତି । ଯଥା—ଭଲିଆତେଲ, ସିଜୁକ୍ଷୀର, କନକା ଓ ରସୁଣର ପ୍ରଲେପ ଇତ୍ୟାଦି । ଏହିପରି ମଧ୍ୟ ଯେଉଁ ଔଷଧର ପ୍ରୟୋଗ ତୀବ୍ରଦାହ ଉତ୍ପାଦନ କରି ଚର୍ମଗାଳ, ମାଂସାଙ୍କୁର ପ୍ରଭୃତିକୁ ନଷ୍ଟକରି ଦିଏ ତାକୁ ତୀବ୍ରଦାହକ ଔଷଧ ବୋଲନ୍ତି । ଯଥା—ପ୍ରତିସାରଣୀୟ କ୍ଷାର, ତାତିଲାଗ, ଚୂନ, ଦାରୁମୁଷୀ ଓ ମୟୂରତିତର ପ୍ରଭୃତିର ପ୍ରୟୋଗ ।

**୭—ଉତ୍ତେଜକ ଦ୍ରବ୍ୟ**—ଯେଉଁ ଦ୍ରବ୍ୟ ଦେହରେ ଉତ୍ତେଜନା ଜନ୍ମାଇ ଦେହକୁ ସତେଜ କରେ, ତାକୁ ଉତ୍ତେଜକ ଦ୍ରବ୍ୟ କୋହନ୍ତି । ଯଥା—ଯୁଆଣୀ, ଶୁଣ୍ଠୀ, ଅଦା, ହିଙ୍ଗୁ, ଗୁଡ଼ତ୍ୱକ, କସ୍ତୁରୀ, ଅମ୍ବର, ପିଆଜ, ରସୁଣ, ପିପ୍ପଳୀ, ପିପ୍ପଳୀମୂଳ, ଖଇରଆ, ଦଶମୂଳ, ବଚ୍ଛା, ଚିତାପାରୁ, ମରିଚ, ରାସ୍ନି, କରାମଞ୍ଜୀ, ଦାରୁମୁଷି, ହରିତାଳ, ମହୁରି, ତାଳୀଶପତ୍ର, ଟୋପଚିନି, ଅକାନବିନ୍ଦୀ, ଅକଲକରା, ସମୁଦ୍ର ଫେନ, କଳାଜିରା, ଅଶ୍ୱଗନ୍ଧା, ତୁଳସୀ, କାଫର, ଗରମପାଣି, ଗୁଡ଼, ପୃଷ୍ଣିପର୍ଣ୍ଣୀ, ଗନ୍ଧଣା ଓ ଗମ୍ଭାରୀ । ଏହା ଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖାଯାଇଥିବା ଚରକୋକ୍ତ ସଙ୍ଗ ସ୍ଥାପନ ଦଶନିଦ୍ରବ୍ୟ ମଧ୍ୟ ଉତ୍ତେଜକ ଅଟେ । ଉତ୍ତେଜକ ଔଷଧ ପାଞ୍ଚଭାଗରେ ବିଭକ୍ତ । ଯଥା—୧-ସର୍ବାଙ୍ଗିକଉତ୍ତେଜକ . ୨—ମସ୍ତିଷ୍କଉତ୍ତେଜକ, ୩—ସୁଷୁମ୍ନାଉତ୍ତେଜକ, ୪—ଧମନୀଉତ୍ତେଜକ ୫—ବାତବାହିନୀ ଉତ୍ତେଜକ । ଏଥିମଧ୍ୟରୁ ଧମନୀ ଓ ବାତବାହିନୀ—ଉତ୍ତେଜକଦ୍ରବ୍ୟଗୁଡ଼ିକୁ ମଧ୍ୟ ସ୍ଥାନଭେଦରେ ହୃଦୟୋତ୍ତେଜକ, ଫୁସ୍ଫୁସୋତ୍ତେଜକ, ଯକୃତ୍ ଉତ୍ତେଜକ, ଆମାଶୟୋତ୍ତେଜକ, ବୃକ୍କୋତ୍ତେଜକ ଓ ଗର୍ଭାଶୟାଦି ଉତ୍ତେଜକ ଭେଦରେ ବହୁଧା ବିଭକ୍ତ କରାଯାଇ ଥାଏ ।

୧—ସର୍ବାଙ୍ଗିକ ଉତ୍ତେଜକ—ଯଥା—ବିଦ୍ୟୁତ୍ ପ୍ରୟୋଗ, ଉଷ୍ଣତା, ଗରମ ଗ୍ରୁ, ଗରମଦୁଧ, ଗରମପାଣି, କ୍ରୋଧ ଓ ବ୍ୟାୟାମ ପ୍ରଭୃତି । ଏହି ସମସ୍ତ କ୍ରିୟା ସର୍ବ ଶରୀରରେ ସମାନ ଭାବରେ ପ୍ରକାଶିତ ହୋଇଥାଏ ।

୨—ମସ୍ତିଷ୍କ ଉତ୍ତେଜକ—ଯେଉଁ ଔଷଧ ମସ୍ତିଷ୍କର କ୍ରିୟାକୁ ବୃଦ୍ଧି କରେ, ସ୍ଫୁର୍ତ୍ତି ଦିଏ, ଯଥା—ମଦ, ଆସବ, ଅରିଷ୍ଟ, କର୍ପୂର, କରାମଞ୍ଜୀ, ଗୁଆ, କାଫୀ, ଗଞ୍ଜାଇ, କସ୍ତୁରୀ, ଖୁରାସାନୀଯୁଆଣୀ ଓ ଅଫିମ ଇତ୍ୟାଦି ।

୩—ସୁଷୁମ୍ନା ଉତ୍ତେଜକ, ଯଥା—କରାମଞ୍ଜୀ, ଅପୁ, ରସସିନ୍ଦୁର, ପୂର୍ଣ୍ଣଚନ୍ଦ୍ରୋଦୟ, ଅଭ୍ରଭସ୍ମ, ଇତ୍ୟାଦି ।

୪—ଧମନୀ ଉତ୍ତେଜକ; ଯଥା—ଲଙ୍କାମରିଚ, ତାର୍ପିନତେଲ, ତ୍ରିକଟୁ, ଓ ନବଶାଗର ଇତ୍ୟାଦି । କୌଣସି କାରଣରୁ ହୃଦୟର କ୍ରିୟା କ୍ଷୀଣ ହୋଇ ପଡ଼ିଲେ ଏହିସବୁ ଔଷଧ ପ୍ରୟୋଗ କରାଯାଇଥାଏ ।

୫—ବାତନାଡ଼ି ଉତ୍ତେଜକ,—ଯଥା, କସ୍ତୁରୀ, ହିଙ୍ଗୁ, ଜଟାମାଂସୀ, ରସୁଣ, ଗୁଆ, କାଫୀ ଇତ୍ୟାଦି ।

**୮—ଉଦର କୃମିନାଶକ ଦ୍ରବ୍ୟ**—ଯେଉଁ ଦ୍ରବ୍ୟ ଆମାଶୟରେ ଏବଂ ଅନ୍ତରେ ଥିବାର ଛୋଟ ବଡ଼ କୃମିମାନଙ୍କୁ ମାରିଦିଏ ବା ଖସାଇ ଦିଏ । ଯଥା—ପାରା, ଗନ୍ଧକ, ଦାରୁମୁଷି, ହରିତାଳ, ମନଶିଳା, କରଞ୍ଜ, ଯୁଆଣୀ, ପଳାଶମଞ୍ଜୀ, ଡାଳିମ୍ବମୂଳର ଛାଲି, ଅରୁସୀ, ବିଡ଼ଙ୍ଗ, କଳାଜିରା, ଶଙ୍କନାମଞ୍ଜୀ, କମଳାଗୁଣ୍ଡି, ଗନ୍ଧର୍ବୁଣ୍ଡୀ, ପୋଦିନା, ବଣପିଆଜ, ଖଇରଆ, ବାଇଡ଼ଙ୍କଫଳର ଶୁଙ୍କ, କରାମଞ୍ଜୀ, ଧୂଆଁପତ୍ର, ମୂଷାକାନୀ, ଗୋଖରା, ଅପାମାରଙ୍ଗ, ସିଝୁ, ଦୁଦୁରା, କର୍ପୂର, କଳାମରିଚ, ଇନ୍ଦ୍ରଯବ, ମହାଁକାଳ, ଅମୃତମଣ୍ଡୀରସ, ସୋମରାଜମଞ୍ଜୀ, ଖୁରାସାନୀଯୁଆଣୀ, କଡ଼ାତେଲ, ଗୋମୂତ୍ର, ବଙ୍ଗଭସ୍ମ ଇତ୍ୟାଦି ।

**୯—ଉଦରବାତଘ୍ନ ଦ୍ରବ୍ୟ**—ଅର୍ଥାତ୍ ଆମାଶୟରେ ଓ ପକ୍ୱାଶୟରେ ଉତ୍ପନ୍ନ ହେବା ବାତବିକାରକୁ ଶାନ୍ତକରିବାର ଔଷଧ—ଯଥା—ଦାରୁମୁଷି, ତମ୍ବା, ଶଙ୍ଖ, କୌଡ଼ି, ଗନ୍ଧକ, ଲୁଣ, ସାଚୀକ୍ଷାର, ଯୁଆଣୀ, ଅଦା, ଚିତାପାରୁ, କରାମଞ୍ଜୀ, ଗୁଡ଼ତ୍ୱକ, ତ୍ରିକଟୁ, ମେଥୀ, ଲବଙ୍ଗ, ସୌପ, ହିଙ୍ଗୁ, ଅଳାଇଚ, ଶୀତଳାମରିଚ, ସୋରିଷ, ଅଜମୋଦା, ରସୁଣ ଆଦି ।

**୧୦—କଣ୍ଠର ହିତକର ଦ୍ରବ୍ୟ**—ଅର୍ଥାତ୍ ଯେଉଁ ସବୁ ଔଷଧ ସ୍ୱରଭଙ୍ଗ ନିବାରଣ କରେ, ଯଥା—ଖର୍ପରଭସ୍ମ, ମୁକ୍ତାଭସ୍ମ, ପ୍ରବାଳଭସ୍ମ, ଗାଈଘିଅ, ସୁଗନ୍ଧି, ଆଖୁମୂଳ, ଯଠିମଧୁ, ଉସୀରଛାଲି, ଦ୍ରାକ୍ଷା, ଭୂଇଁକଖାରୁ, ମହାନିମ୍ବ, ଦୁଧ, ନହୁଣୀ, ଖୈର, ମିଶ୍ରି, ସୌପ, ଲବଙ୍ଗ, ଓ ଅଳାଇଚ ଇତ୍ୟାଦି ।

**୧୧—କଣ୍ଡୁନାଶକ ଦ୍ରବ୍ୟ**—ଯଥା—ପାରା, ଗନ୍ଧକ, ରକ୍ତଚନ୍ଦନ, ଜଟାମାଂସୀ, ସୁନାରିପତ୍ର, କରଞ୍ଜ, ନିମ୍ବ, କେରୁଆଁ ଛାଲି, ସୋରିଷ, ଯଠିମଧୁ, ଦାରୁହଳଦୀ, ନାଗରମୋଥା, କର୍ପୂର, ହରିଡ଼ା, ଅଁଳା, ସୋରିଷତେଲ, ଓଡ଼ଶମାରିତେଲ, ନିମ୍ବତେଲ, କରଞ୍ଜତେଲ ଇତ୍ୟାଦି । ଏହା ଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖା ଯାଇଥିବା ସୁଶ୍ରୁତୋକ୍ତ ଏଲାଦିଗଣ ଓ ଆରଗ୍ବଧାଦିଗଣ ମଧ୍ୟ କଣ୍ଡୁନାଶକ ଅଟେ ।

**୧୨—କୃମିନାଶକ ଦ୍ରବ୍ୟ**—ଶିଳାଜିତ, ଲୁଣ, ଟାଙ୍ଗଣ, ଯବକ୍ଷାର, ଅପାମାରଙ୍ଗକ୍ଷାର, ନବଶାଗର, ସାଚୀକ୍ଷାର, ବାସଙ୍ଗ, ଗନ୍ଧଣା, ବାହାଡ଼ା, ହଳଦୀ, କକଡ଼ାଶୃଙ୍ଗୀ, କାଫର, ଯଠିମଧୁ, ଖଇରଆ, ତୁଳସୀ, ଦେବଦାରୁ,

ଚକଡ଼ାଭେଙ୍କ (ଅଙ୍କସନ୍ଧି) ବଚ, ବେଗୁନିଆଁ, ମହୁ, କରମଙ୍ଗୀ, ତାପିର୍ଣିତେଲ, ଗନ୍ଧକ, ମରିଚ, ଲବଙ୍ଗ, ପିପ୍ପଳୀ, ପିଅଜ, ରସୁଣ, ବଚ, କର୍ପୂର ଓ ମିଶ୍ରୀ ପ୍ରଭୃତି । ଏହା ଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖା ଯାଇଥିବା ସୁଶ୍ରୁତୋକ୍ତ ପିପ୍ପଳ୍ୟାଦିଗଣ, ବୃହତ୍ୟାଦିଗଣ, ମୁସ୍ତାଦିଗଣ, ବସ୍ତ୍ରାଦିଗଣ, ସୁରସାଦିଗଣ, ବଲ୍ଲୀପଞ୍ଚମୂଳ ଓ କଣ୍ଟକ ପଞ୍ଚମୂଳ ମଧ୍ୟ କଫଦୋଷ ନାଶକ ଅଟେ ।

**୧୩—କଫନିଃସାରକ ଦ୍ରବ୍ୟ**—ଅଭ୍ରଭସ୍ମ, ଖର୍ପରଭସ୍ମ, ଶୃଙ୍ଗଭସ୍ମ, ମନଃଶିଳା, ବଂଶଲୋଚନା, ବ୍ରହ୍ମଯଷ୍ଟି, ଅର୍କମକ୍ଷାର, ଯଷ୍ଟିମଧୁ, ଖଇର, ଧୁଦୁରା, ଅକରକରା, କାସିନ୍ଦୀ, କଳାମରିଚ, ପିପ୍ପଳୀ, ବାସଙ୍ଗ ଓ ମହୁ ଇତ୍ୟାଦି ।

**୧୪—କାମଶାନ୍ତିକର ଦ୍ରବ୍ୟ**—ଅର୍ଥାତ୍ ଯେଉଁ ଦ୍ରବ୍ୟ ଉତ୍ତେଜନା ବା କାମ ବାସନାକୁ କ୍ଷୀଣ କରେ, ଯଥା—ବରଫ, ଶୀତଳ ଜଳରେ ସ୍ନାନ ବା ସର୍ବାଙ୍ଗିକ ସ୍ନାନ, କଟିଚଳନ, କଦଳୀମଞ୍ଜର ରସ, କବଶାରସ, ସୁଗନ୍ଧ, ବ୍ରାହ୍ମୀ, ଜଟାମାଂସୀ, ଶଙ୍ଖପୁଷ୍ପୀ, ଅଧିକମାତ୍ରାରେ କର୍ପୂର ସେବନ ଟାଙ୍ଗଣ, ଅଧିକ ମାତ୍ରାରେ ଅଫିମ ସେବନ, ଖୁରାସାନିଯୁଆଣୀ ଓ ଧୁଦୁରାମଞ୍ଜି ଇତ୍ୟାଦି । ଏହା ଛଡ଼ା ସାତ୍ତ୍ୱିକ ଭୋଜନ, ସାତ୍ତ୍ୱିକ ବ୍ୟବହାର, ପ୍ରାଣାୟାମ ଭକ୍ତି ଧର୍ମଗ୍ରନ୍ଥ ପାଠ, ଯୋଗାଭ୍ୟାସ ବୈରାଗ୍ୟ, ଦୁଷ୍ଟ ସହବାସ ତ୍ୟାଗ ଏସବୁ ମଧ୍ୟ କାମଶାନ୍ତିର ସହାୟକ ଅଟେ ।

**୧୫—କାସ ନାଶକ ଦ୍ରବ୍ୟ**—ଅଭ୍ରଭସ୍ମ, ଶୃଙ୍ଗଭସ୍ମ, ଶଙ୍ଖଭସ୍ମ, ଲୌହଭସ୍ମ, ମୁକ୍ତାପିଷ୍ଟି, ପ୍ରବାଳପିଷ୍ଟି, ସୁବର୍ଣ୍ଣଭସ୍ମ, ଦ୍ରାକ୍ଷା, ହରଡ଼ା, ଅଁଳା, ପିପ୍ପଳୀ, ଦୁରାଳଭା, କର୍କଟଶୃଙ୍ଗୀ, ଚକଡ଼ାଭେଙ୍କ, (ଅଙ୍କସନ୍ଧି) ଶ୍ୱେତପୁରୁଣୀ, ରକ୍ତପୁରୁଣୀ, ଭୂଇଁଅଁଳା, ବ୍ରହ୍ମଯଷ୍ଟି, ଲବଙ୍ଗ, କଳାମରିଚ, ପିପ୍ପଳୀମୂଳ, ବଚ, ମହୁ, ମିଶ୍ରୀ, ଗୁଡ଼ ଆଦି ।

**୧୬—କୃମିନାଶକ ଦ୍ରବ୍ୟ**—ପାରଦ, ଗନ୍ଧକ, ହିଙ୍ଗୁଳ, ଦାରୁମୁଷି, ସୁବର୍ଣ୍ଣ, ମୁକ୍ତା, ପ୍ରବାଳ, ଶିଳାଜିତ, ବାଲିଆ, କୋଚିଲା, ଇନ୍ଦ୍ରଯବ, ସର୍ପଗନ୍ଧା, ହରତାଳ, ଚିରାଇତା, ନିମ୍ବ, ହିଙ୍ଗୁ, ବଚ, ଅଗୁରୁ, ପଳାଶମଞ୍ଜି ଏବଂ ପିତ୍ତରସ ପ୍ରଧାନ ଅନ୍ୟାନ୍ୟ ଔଷଧ ।

**୧୭—କୀଟାଣୁନାଶକ ଦ୍ରବ୍ୟ**—ରସକର୍ପୂର, ପାରଦ, ଗନ୍ଧକ, ଦାରୁମୁଷି, ହରିତାଳ, ସୁବର୍ଣ୍ଣ, ତମ୍ବା, ଅମ୍ଳବେତ, (ହରିକଣ) ଟାଙ୍ଗଣ, ଚୂନ, ମହୁରା, ସୋମରାଜ, ବୃକ୍କୁଣ୍ଡାମଞ୍ଜି, ଗୁଡ଼ଚୂକ, ସୁଗନ୍ଧ, ଛତନା, କୋଳଥିଆ, ଶମୀ, କଞ୍ଚଣ, ବାଲିଆ, ନିମ୍ବ, ଖଇର, ଗୁଗ୍ଗୁଳ, ଚିତାପାରୁ, ଧୁଦୁରା, କର୍ପୂର, ଯୁଆଣୀ ଇତ୍ୟାଦି ।

**୧୮—କୁଷ୍ଠନାଶକ ଦ୍ରବ୍ୟ**—କୁଷ୍ଠରୋଗର ଉତ୍ପାଦକ କୀଟାଣୁ ଓ ବିଷନାଶକ ଔଷଧ ଦାରୁମୁଷି, ପାରଦ, ଗନ୍ଧକ; ରସକର୍ପୂର, ସିଆଁ; ସର୍ପବିଷ, ଲୌହଭସ୍ମ, ଚୈତ, ହରଡ଼ା, ଅଁଳା, ହଳଦୀ, ବାଲିଆ, ଛତନା, ସୁନାସୁପତ, ମଞ୍ଜିଷ୍ଠା, ଓଲ୍ଲଣମାରୀ, କାସିନ୍ଦୀ, ଶୁକ୍ଳକଣ୍ଟଅପାମୂଳ, ବଡ଼ଙ୍ଗ, ନିମ୍ବ ଇତ୍ୟାଦି । ଏହା ଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖା-ଯାଇଥିବା ସୁଶ୍ରୁତ ସଂହିତା କଥିତ ସାଲସାରାଦିଗଣ ସକଳପ୍ରକାର ଚର୍ମରୋଗ ଓ କୁଷ୍ଠରୋଗ ନାଶକ ଅଟେ ।

**୧୯—ଗ୍ରାହୀଦ୍ରବ୍ୟ**—● ଯେଉଁ ଦ୍ରବ୍ୟ ନିଜର ଉଷ୍ଣତା ଗୁଣରେ ଧାତୁ ଓ ମଳର ତରଳତାକୁ ଶୋଷିତ କରି ଦୀପନ ଓ ପାଚନ କରେ, ତାକୁ ଗ୍ରାହୀ ବୋଲନ୍ତି । ଯଥା—ଫାମ୍ପ୍ରିଆ, ଅତୁସୀ, ଗଞ୍ଜେଇ, ଆମ୍ବମଞ୍ଜି, ସଦାଳସ, ଶଙ୍ଖଭସ୍ମ, କୋଚିଲା, ଅଜମୋଦା, ଆମ୍ବ, କୁଙ୍କୁମ, ଶୁଣ୍ଠୀ, ଜୀରା, ଗଜପିପ୍ପଳୀ, ଅମୃତକୋଇଲ, ଇନ୍ଦ୍ରଯବ, ଈଷବଗୋଲ, ପଦ୍ମମାଟି, କେନ୍ଦୁଅଁଠୁଳ, ବେଲଶୁଣ୍ଠୀ, ନାଗେଶ୍ୱର, ଧାତୁକୀଫୁଲ, ଖଇର, ଦୁରାଳଭା, ପ୍ରିୟଙ୍ଗୁ, ଲୋଧ, ଜାମକୋଳିର ଶସ, ଫଟିକ, ଜାଇଫଳ, ଜାଇପତ୍ରୀ, ଡାଳିମ୍ବ, ଦାରୁହଳଦୀ, ବ୍ରହ୍ମଯଷ୍ଟି, ମାଜୁଫଳ, ଶିମୁଳିଅଠା, (ମୋଚରସ) ଲକକୋଳି, ଗୁଲ୍ଖଇରି, (ଫୁଲଖଡ଼ି) ଗେରୁ, ଡିଅଗର୍ଭିଭସ୍ମ, ପଦ୍ମକେଶର, ସୁଗନ୍ଧମୂଳ, ବୋଳ, ଶିଆଳି, ବାବୁଲଅଠା, କାନ୍ଥାଡ଼ା, ଅମ୍ଳବେତ, ବକୁଳ ଓ ତୁମ୍ବିଶ ପ୍ରଭୃତି ।

**୨୦—ରକ୍ତରୋଗର ସ୍ତମ୍ଭକର ଦ୍ରବ୍ୟ**—ସୁବର୍ଣ୍ଣଭସ୍ମ, ରୌପ୍ୟଭସ୍ମ, ତାମ୍ରଭସ୍ମ, ଲୌହଭସ୍ମ, ନାଗଭସ୍ମ, ସୁବର୍ଣ୍ଣମାକ୍ଷିକଭସ୍ମ, କାଂସ୍ୟଭସ୍ମ, ମୁକ୍ତା, ପ୍ରବାଳ, ଶଙ୍ଖ, ଶାମୁକା, କୌଡ଼ି, କର୍ପୂର, ମୟୂରଗଣ୍ଡା, ସିନ୍ଦୂର,

● ଦୀପନଂ ପାଚନଂ ଯତ୍ସ୍ୟାତ୍ ଉଷ୍ଣତ୍ୱାତ୍ ଦ୍ରବଶୋଷକମ୍
ଗ୍ରାହି ତଚ୍ଚ ଯଥା ଶୁଣ୍ଠୀ ଜୀରକଂ ଗଜପିପ୍ପଳୀ ।

ସୌବୀରାଞ୍ଜନ, ଫଟିକ, ସୋହାଗାର, ନବଶାଗର, ମନଃଶିଳା, ଅମ୍ଳବେତସ, ଗୁଳୁଚୀସାର, ଦାରୁହଳଦୀ, ରସାଞ୍ଜନ, ହରିଡ଼ା, ଅଁଳା, ପିପ୍‌ପଳୀ, ଲୋଧ, ବେଲପତ୍ର, କାଳପତ୍ର, ଭେଙ୍ଗ, ଓଡ଼ଶମାଗ, ଯଷ୍ଟିମଧୁ, ଆମ୍ବ, ବାବୁଲଅଠା, ହରିଦ୍ରା, ସୈନ୍ଧବ, ସମୁଦ୍ରଫେନ, କତକ, ଶ୍ୱେତପୁନର୍ନବା, ଗୁଳୁଗ୍ରନ୍ଥ, ଜାଇପତ୍ରୀ, ବାଦାମ, ଅଗସ୍ତିଫୁଲ, କାକଡ଼ା, ଚୂଡାଭଙ୍ଗ, ପଳାଶ, ଶୀତଳା-ମରିଚ, ବାବୁଲଚୁଲ, ପଦ୍ମ, ପଦ୍ମମଧୁ, କରଞ୍ଜ, କମଳର ଭିତର ଗୁଳ, ବଣକୋଳଥ, ଜାବତ୍ରୀ, ତୁଳସୀ, ସ୍ତ୍ରୀ ଦୁଗ୍ଧ, ବାସଙ୍ଗପତ୍ର, ମଧୁ, ମୁଗ, ରଙ୍ଗଧାନ, ଧନିଆଁ, ଗାଈଘିଅ, ଛେଳିଘିଅ, ମିଶ୍ରୀଖଣ୍ଡ, ଗୋଲାପଜଳ, ଧାତୁପୁଷ୍ପ, ଦୁଧ । ଏଥି-ମଧ୍ୟରୁ କେତେକ ଔଷଧ ସେବନାର୍ଥରେ, କେତେକ ଔଷଧ ଅଞ୍ଜନ ଓ ଲେପନାର୍ଥରେ ଏବଂ କେତେକ ଔଷଧ ଉଭୟା-ର୍ଥରେ ବ୍ୟବହୃତ ହୁଏ ।

**୨୧—ଜ୍ୱରହର ଦ୍ରବ୍ୟ**—ଗୁଳୁଚ, ଅକାନବିନ୍ଧ, ସୁଗନ୍ଧ, ମଞ୍ଜିଷ୍ଠା, ଦ୍ରାକ୍ଷା, ହରଡ଼ା, ବାହାଡ଼ା, ଅଁଳା, ମହୁଲ, ଛଚିନା, ଚିରାଇତା, କଟୁକା, ପାପଡ଼ା, କେରୁଆଁଗୁଳ, ଅତୁସୀ, ଫଟିକ, ପୋହଲା, ମୁକ୍ତା, ଗୋଦନ୍ତୀ, ନବଶାଗର, ସମୁଦ୍ରଫେନ, ତୁଳସୀ, ଗଜଗୈରିକ, ନିମ୍ବ, ପଟୋଳପତ୍ର, ନାଗରମୋଥା, ପିପ୍‌ପଳୀମୂଳଗୁଳ, ଅରଖ, କନିଅଁରମୂଳରଗୁଳ ଇତ୍ୟାଦି ।

**୨୨—ତୃଷାନିବାରକ ଦ୍ରବ୍ୟ**—ଜଳ, ଲବଙ୍ଗ; ଗୁଆ, ଧନିଆଁ, ଅଳାଇଚ, ଅଁଳା, ଶୁଣ୍ଠୀ, ମୁଥା, ଦୁରାଳଭା, ପାପଡ଼ା, ରକ୍ତଚନ୍ଦନ, ଗୁଳୁଚୀ, ଚିରାଇତା, ପଟୋଳପତ୍ର, ବଂଶଲୋଚନା, ଲିଆ, ଆଖୁ, ମିଠାଡାଳିମ, ଦ୍ରାକ୍ଷା, ଯଷ୍ଟିମଧୁ, ଅତୁସୀ, ଇସବଗୋଲ, ଗୁଞ୍ଜମାର ବେଲପତ୍ର ଆଦି ।

**୨୩—ଦନ୍ତସଂରକ୍ଷକ ଦ୍ରବ୍ୟ**—ଏହା ତିନିପ୍ରକାର । ୧—ଦନ୍ତଶୁଦ୍ଧି, ୨-କୀଟାଣୁନାଶକ, ୩—ଦନ୍ତ-ବେଷ୍ଟର ଦୃଢ଼ତା କାରକ । ଏଥିମଧ୍ୟରୁ ବାଦାମରଅଙ୍ଗାର, ବାବୁଲର ଅଙ୍ଗାର, ଗେରୁ, ଫଟିକ, ବାଲିଆମାଟି, ଫୁଲଖଡ଼ୀ, ଅରଖ, ଖଇର, ବାବୁଲ, କରଞ୍ଜ, ସାହାଡ଼, ଗନ୍ଧଗୁହାଳିଆ, ବଟ, ପିଆଶାଳ, ନିମ୍ବ, ଅପାମାରଙ୍ଗ, ମାଳତୀ, କଦମ୍ବ, ଛତିମ, ଆମ୍ବ, ଅର୍ଜୁନ ଆଦି ବୃକ୍ଷମାନଙ୍କର ଦାନ୍ତକାଠି ପ୍ରତିଦିନ ଦନ୍ତ ଶୋଧନାର୍ଥେ ବ୍ୟବହାର କରିବା ଉଚିତ । ଦନ୍ତର କୀଟାଣୁ ନାଶାର୍ଥରେ ଟାଙ୍ଗଣା, କର୍ପୂର, ଅମ୍ଳବେତସ, ଲବଙ୍ଗ, ଅକରକରା, ପିପ୍‌ପଳୀ, ମୟୂରଶିଖାଭସ୍ମ, ହିଙ୍ଗୁ ଓ ସୋରିଷତେଲ ଏବଂ ଦନ୍ତବେଷ୍ଟର ଦୃଢ଼ତା ସମ୍ପାଦନ ନିମନ୍ତେ ହରିଡ଼ା, ବଉଳଗୁଳ, ଗୁଆ, ମାଜୁଫଳ, ଫଟିକଭସ୍ମ ପ୍ରଭୃତି ଉପଯୋଗ କରିବ ।

**୨୪—ଦାହଶାନ୍ତିକର ଦ୍ରବ୍ୟ**—ଅର୍ଥାତ୍ ଆମାଶୟ, ମସ୍ତିଷ୍କ ଓ ହସ୍ତପାଦ ତଳାଦିରେ ହେବାର ଦାହ ନିବାରକ ଔଷଧ । ଯଥା—ମୁକ୍ତା, ପ୍ରବାଳ, ସୁବର୍ଣ୍ଣମାକ୍ଷୀ, ଗନ୍ଧକ, ଅଳାଇଚ, କୁଙ୍କୁମ, ଶ୍ୱେତଚନ୍ଦନ, ବଣତୁଳସୀମଞ୍ଜି, ତ୍ରିଫଳା, ହଳଦୀ, ପଦ୍ମ, କର୍ପୂର, ଧାନଚଲିଆ, ଶିମ୍ବପ, ଗମ୍ଭାରୀଫଳ, ଯଷ୍ଟିମଧୁ, ମିଶ୍ରୀ, ଉଶୀରବେଣା, ସୌଂଫ, ବଂଶ-ଲୋଚନା, ଅଗରୁ, ସୁଗନ୍ଧ, ଗୁଳୁଚୀ, ଧନିଆଁ, ପାପଡ଼ା (ପରପୋଡ଼ିଆ) ମଞ୍ଜିଷ୍ଠା । କାକୁଡ଼ିମଞ୍ଜି, ପଦ୍ମକାଠ, ଦୁବ, ଦାରୁହଳଦୀ, ଘିଅ, ନହୁଣୀ, ଦୁଧ ଆଦି—ଏହାଛଡ଼ା, ଏହି ଗ୍ରନ୍ଥର ଶେଷରେ ଲେଖାଯାଇଥିବା ସୁଶ୍ରୁତ ସଂହିତା କଥିତ ସାରିବାଦିଗଣ, ଅଞ୍ଜନାଦିଗଣ ଏବଂ ଉତ୍ପଳାଦିଗଣ ମଧ୍ୟ ଦାହଶାମକ ଅଟେ ।

**୨୫—ଦୀପନଦ୍ରବ୍ୟ**—● ଯେଉଁ ଔଷଧ ଆମକୁ ପାକକରେ ନାହିଁ କିନ୍ତୁ ଅଗ୍ନିଦୀପନକରେ, ତାକୁ ଦୀପନ ଔଷଧ ବୋଲନ୍ତି । ଯଥା—ସୌଂଫ, କମଳା, ଚିତା, ପିପଳାମୂଳ, ସୈନ୍ଧବ, ଧନିଆ, ଗୁଡ଼ତ୍ୱକ, ଜାଇପତ୍ରୀ, ଜୁଆଣୀ, ଜିରା, ହିଙ୍ଗୁ, ରାଇ, ପିପ୍‌ପଳୀ, ଗୁଳୁଚିକାଠ, ଚତାପାତ୍ର, ଶୁଣ୍ଠୀ, କଳାମରିଚ, ଅମ୍ଳବେତସ, ମେଥୀ, ରସୁଣ, କଳାଜିରା ଆଦି ।

**୨୬—ଦୀପନପାଚନ ଦ୍ରବ୍ୟ**—✻ ଯେଉଁଦ୍ରବ୍ୟ ଅଗ୍ନିଦୀପନ କରେ ଏବଂ ଆମ ପରିପାକକରେ, ତାକୁ ଦୀପନପାଚନ ବୋଲନ୍ତି । ଯଥା—ତାମ୍ରଭସ୍ମ, କୌଡ଼ୀ, ପ୍ରବାଳ, ଶଙ୍ଖ, ଶାମୁକା, ଲବଣ, ଡାଳିମ୍ବ ପ୍ରଭୃତି ଅମ୍ଳରସ ପ୍ରଧାନ ଔଷଧ, କରା, ଦାରୁମୁଷୀ, ମହୁରୀ; ଚବ୍ୟ; ଚିତାପାତ୍ର; ହାତଛାଟ; ଟାଙ୍ଗଣା; ତ୍ରିକଟୁ; ଲବଙ୍ଗ, ସୈନ୍ଧବ; ଜଳାଲୁଣ; ଗମ୍ଭାରୀ; ଅଁଳା; ଦ୍ରାକ୍ଷା; ପାଚିଲା ଆମ୍ବ; ଇନ୍ଦ୍ରଯବ, ଶୀତଳାମରିଚ, ଅଦା, ଗୁଳୁଗ୍ରନ୍ଥ, ଅଜାଗନ୍ଧ ଆଦି ।

---

● ପଚେନ୍ନାମ ବହ୍ନିକୃତ୍ ଦୀପନଂ ତଦ୍ ଯଥା ମିଶିଃ ।

✻ ପଚତ୍ୟାମଂ ନ ବହ୍ନିଂଚ କୁର୍ଯାତ୍ ଯଦ୍ଧି ପାଚନମ୍ ନାଗକେଶରବଦ୍ ବିଦ୍ୟାତ୍ ତଦ୍ଦୀପନପାଚନଃ ॥

୨୭—**ନିଦ୍ରାକାରକ ଦ୍ରବ୍ୟ**—ଅଫିମ, ଗଞ୍ଜେଇ, ଗଞ୍ଜେଇପତ୍ର, ଖୁରାସାନୀଯୁଆଣୀ, ମଦ, ପିପଳୀମୂଳ, କସ୍ତୁରୀ, ବ୍ରାହ୍ମୀ, ଧୁଦୁରା, ଶଙ୍ଖପୁଷ୍ପୀ, ବଇଁଚଗଛ, ଜଟ୍ଟୁଣୀ, ମିଶ୍ରୀ, ଧାରୋଷ୍ଣଦୁଧ ଆଦି ।

୨୮—**ନିଦ୍ରାନାଶକ ଦ୍ରବ୍ୟ**—ଲୌହଭସ୍ମ, ଅଭ୍ରଭସ୍ମ, ରସସିନ୍ଦୂର, ସମସ୍ତ ଉତ୍ତେଜକ ଔଷଧ, ଚୂହା, କାଫୀ, ଗରମଜଳ ଓ ମୃଦୁବିରେଚନ ଆଦି ।

୨୯—**ପାଚନଦ୍ରବ୍ୟ**—ଅର୍ଥାତ୍ ଯେଉଁଦ୍ରବ୍ୟ ଆମ ପରିପାକ କରେ । ଯଥା—ନାଗେଶ୍ୱର, ଭାଲିଆ, କଟୁକୀ, ସମୁଦ୍ରଲବଣ, ଜିରା, ଚଇ, ଲେମ୍ବୁ, ହଳଦୀ, ଦାରୁହଳଦୀ, ବଡଅଳାଇଚ, ଇନ୍ଦ୍ରଯବ, ଅରୁଷୀ, ବଚ, ବୃହତ୍ପଞ୍ଚମୂଳ ପ୍ରଭୃତି ଔଷଧ ।

୩୦—**ପିତ୍ତଶାନ୍ତିକର ଦ୍ରବ୍ୟ**—ଅର୍ଥାତ୍ ଯେଉଁ ସବୁ ଔଷଧ ପିତ୍ତର ତୀକ୍ଷ୍ଣତା ଓ ବୃଦ୍ଧିକୁ ହ୍ରାସ କରେ । ଯଥା—ସୁବର୍ଣ୍ଣଭସ୍ମ, ରୌପ୍ୟଭସ୍ମ, ମୁକ୍ତା, ପ୍ରବାଳ, ବୈଡ଼ୁର୍ଯ୍ୟ, ଖପର, ସୁବର୍ଣ୍ଣମାକ୍ଷୀ, ଶ୍ୱେତଚନ୍ଦନ, ରକ୍ତଚନ୍ଦନ, ଚିରାଇତା, ପାପଡ଼ା, ଧନିଆଁ, ମଞ୍ଜିଷ୍ଠା, ପାଟଳୀ, ପିତ୍ତପଟୋଳ, ଗୋଖରୁ, କଖାରୁ ପ୍ରଭୃତି । ଏହାଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖାଯାଇଥିବା ସୁଶ୍ରୁତ କଥିତ କାକୋଲ୍ୟାଦିଗଣ, ନ୍ୟଗ୍ରୋଧାଦିଗଣ, ଏବଂ ତୃଣପଞ୍ଚମୂଳ ମଧ୍ୟ ପିତ୍ତଶାନ୍ତିକର ଅଟେ ।

୩୧—**ପିତ୍ତଶାମକ ଓ ବିରେଚକ ଦ୍ରବ୍ୟ**—କଟୁକୀ, ଅଁଳା, ତେନ୍ତୁଳୀ, ଚିକୁଆଁରି, ଗୋଠ-କାକୁଡ଼ୀ, ତ୍ରିଫଳା, ଶ୍ୱେତପୁନର୍ଣ୍ଣବୀ, ସୁନାରିଫଳର ରସ, ଦ୍ରାକ୍ଷା, ଯଷ୍ଟିମଧୁ ପ୍ରଭୃତି ଔଷଧ ।

୩୨—**ପିତ୍ତଶାନ୍ତିକର ଓ ସଂଗ୍ରାହକ ଦ୍ରବ୍ୟ**—ଚିଅଖଡ଼ୀର ଭସ୍ମ, କଇଁଠ, ଜାମକୋଳି, କେନ୍ଦୁଆଁଗଛ, ବେଲଶୁଣ୍ଠ, ଦାରୁହଳଦୀ, ରସାଞ୍ଜନ ପ୍ରଭୃତି ।

୩୩—**ପିତ୍ତନିଃସାରକ ଦ୍ରବ୍ୟ**—ତାମ୍ରଭସ୍ମ, ପାରଦ, ଘଟିତ ଔଷଧ ନବଶାଗର, ଦାରୁମୁଷୀଭସ୍ମ, ମୁସୁମ୍ବର, ସାଜୀକ୍ଷାର, ଚିକୁଆଁରି, ସୁନାମୁଖୀପତ୍ର, ତେନ୍ତୁଡ଼ୀ ରେବଲଚିନି ପ୍ରଭୃତି ।

୩୪—**ପୁରୀଷବର୍ଦ୍ଧକାରକ ଦ୍ରବ୍ୟ**—ଅର୍ଥାତ ଯେଉଁ ଦ୍ରବ୍ୟ ମଳକୁ ସ୍ୱାଭାବିକ ବର୍ଦ୍ଧିତ କରେ । ଜାମଗଛ, ବାଇଡଙ୍କ, ଯଷ୍ଟିମଧୁ, ମୋଚରସ, ଗନ୍ଧବିରୋଜା, ପୋଡ଼ାମାଟି, ଭୁଇଁକଖାରୁ, କେଳୀକଇଁ, ଗୁଆପାଛଡ଼ାରସି ଇତ୍ୟାଦି ।

୩୫—**ପୁଷ୍ଟିକରଦ୍ରବ୍ୟ**—ଅର୍ଥାତ୍ ଯେଉଁ ଦ୍ରବ୍ୟ ସର୍ବାଙ୍ଗର କିମ୍ବା ଶରୀରର କୌଣସି ଅଙ୍ଗର ସ୍ଥାୟୀ ବଳବୃଦ୍ଧି କରେ । ସର୍ବାଙ୍ଗର ବଳବୃଦ୍ଧି ନିମନ୍ତେ ଲୌହଘଟିତ ଔଷଧ, ସୁବର୍ଣ୍ଣଭସ୍ମ ଏବଂ ସକଳ ପ୍ରକାର ରସାୟନ । ଏହିପରି ରକ୍ତବୃଦ୍ଧି ନିମନ୍ତେ—ମଣ୍ଡୁର, ଲୌହଭସ୍ମ, ସୁବର୍ଣ୍ଣମାକ୍ଷିକଭସ୍ମ, ଅନ୍ନଭେଦୀ, ଅଁଳା, କାଞ୍ଚନ, ଶିଳାଜିତ, ଗୁଗୁଲୁ, ମଲ୍ଲସିନ୍ଦୂର, ମଲ୍ଲଭସ୍ମ ପ୍ରଭୃତି । ଜ୍ଞାନତନ୍ତୁମାନଙ୍କର ବଳ ବୃଦ୍ଧି ନିମନ୍ତେ ଅଭ୍ରଭସ୍ମ, ରୌପ୍ୟଭସ୍ମ, ଅଁଳା, ଜଟାମାଂସୀ, ବ୍ରାହ୍ମୀ, ଶଙ୍ଖପୁଷ୍ପୀ ଆଦି । ମାନସିକ ବଳବୃଦ୍ଧି ନିମନ୍ତେ—ସୁବର୍ଣ୍ଣଭସ୍ମ, କସ୍ତୁରୀ, ଗଞ୍ଜେଇ ଏବଂ ଅଳ୍ପ ମାତ୍ରାରେ ମଦ ।

୩୬—**ପ୍ରଦରନାଶକ ଦ୍ରବ୍ୟ**—ଲୌହଭସ୍ମ, ଗଞ୍ଜେଇ, ଭାଙ୍ଗ, ହାଦଲସ, ଗୁଆ, ଲୋଧ ପ୍ରଭୃତି । ଏହା ଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖା ଯାଇଥିବା ସୁଶ୍ରୁତ ସଂହିତା କଥିତ ରୋଧାଦିଗଣ ପ୍ରଦର ଓ ଯୋନିଦୋଷ ନାଶକ ଅଟେ ।

୩୭—**ପ୍ରମାଥୀଦ୍ରବ୍ୟ**—● ଅର୍ଥାତ୍ ଯେଉଁ ଦ୍ରବ୍ୟ ନିଜ ବଳରେ ସୂକ୍ଷ୍ମ ସ୍ରୋତମାନଙ୍କରେ ପ୍ରବେଶ କରି ସେଥିରେ ଲିପ୍ତ ହୋଇଥିବା ଦୋଷମାନଙ୍କୁ ମନ୍ଥନ ପୂର୍ବକ ଅଲଗା କରିଦିଏ । ଏହିପରି ସୂକ୍ଷ୍ମ, ତୀକ୍ଷ୍ଣ ଓ ବ୍ୟାପକ ଧର୍ମଯୁକ୍ତ ଔଷଧମାନଙ୍କୁ ପ୍ରମାଥୀ ବୋଲିଯାଏ । ଯଥା—ମରିଚ, ବଚ, ଅକରକରା, ପିପ୍ପଳୀ, ପିପଳୀମୂଳ, ପାରି, ହରିଡ଼ାଳ, ଦାରୁମୁଷୀ ଓ ମଦ ପ୍ରଭୃତି ।

୩୮—**ଭେଦନ ଦ୍ରବ୍ୟ**—★ ଅର୍ଥାତ୍ ଜମାଟ ହୋଇଥିବା କିମ୍ବା ଜମାଟ ହୋଇ ନଥିବା ମଳକୁ ଭେଦନ କରି ତଳକୁ ଖସାଇବାର ଔଷଧ । ଯଥା—କଟୁକୀ, ଜଡ଼ାତେଲ, ଦନ୍ତୀମୂଳ, ଅରଖଗଛ, ଓଡ଼ଶମାରି, କରଞ୍ଜ, ସିଝୁଳଛ ପ୍ରଭୃତି । ଏହା ଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖା ଯାଇଥିବା ଚରକ ସଂହିତା କଥିତ ଭେଦନୀୟ କଷାୟ ଏବଂ ସୁଶ୍ରୁତ କଥିତ ଶ୍ୟାମାଦିଗଣ ମଧ୍ୟ ମଳ ଭେଦକ ଅଟେ ।

---

● ସ୍ରୋତାଂସି ଦୋଷଲିପ୍ତାନି ପ୍ରମଥ୍ୟ ବିବୃଣୋତି ଯତ୍ ପ୍ରବଶ୍ୟ ସୌକ୍ଷ୍ମ୍ୟାତ୍ ତୈକ୍ଷ୍ଣ୍ୟାଚ୍ଚ ତତ୍ପ୍ରମାଥୀତିସଂଜ୍ଞିତମ୍ ।

★ ମଳାଦିକମବଦ୍ଧଂ ବା ବଦ୍ଧଂ ବା ପିଣ୍ଡିତଂ ମଳୈଃ । ଭିତ୍ତ୍ୱାଧଃପାତୟତି ଯତ୍ ଭେଦନଂ କଟୁକୀ ଯଥା ॥

**୩୯—ମସ୍ତିଷ୍କଶୋଧନ ଦ୍ରବ୍ୟ**—ଅର୍ଥାତ୍ ଯେଉଁ ଦ୍ରବ୍ୟର ନସ୍ୟ ଗ୍ରହଣକଲେ ଛିଙ୍କ ଆସି ମସ୍ତିଷ୍କରେ ଜମା ହୋଇଥିବା କଫ ଛିଣ୍ଡି ଖସି ବାହାରପଡ଼େ । ଏହାକୁ ଶିରୋବିରେଚନ ମଧ୍ୟ ବୋଲଯାଏ ଯଥା—ଧୂଆଁପତ୍ରର ଚୂର୍ଣ୍ଣ, ଘସ୍ରଘସାଫଳ, ନାକଛୁଂକନ, ନବଶାଗର ଚୂନର ମିଶ୍ରଣ, କାଫଳ, ମଦ୍ୟେଣଫଳ, ବଚ, ଶିରଣମଞ୍ଜୀ, ସୋରିଷତେଲ, ଘିଅ, ଛିକଟୁ, ଅଳାଇଚ, ଗଡେଶଫୁଲ, କୁଡ, ଇନ୍ଦ୍ରଯବ, ବିଡ଼ଙ୍ଗ, ଅପାମାରଙ୍ଗମଞ୍ଜୀ, ଅରଖକ୍ଷୀର, ଚକଡାଭେଜାମଞ୍ଜୀ, ସଜନାମଞ୍ଜୀ, ମହୁଲଫୁଲ, ସୈନ୍ଧବ ଏବଂ କଳାଜିରା, ଶ୍ୱେତଅପରାଜିତା ଓ କୃଷ୍ଣ ଅପରାଜିତା ପ୍ରଭୃତି ।

**୪୦—ମାଦକ ଦ୍ରବ୍ୟ**—ଅର୍ଥାତ୍ ଯେଉଁଦ୍ରବ୍ୟ ମତ୍ତତା ଜାତକରେ—ମଦ, ଅଫିମ, ଗଞ୍ଜାଇ, ଭାଙ୍ଗ, ଖୁରାସାନୀଯୁଆଣୀ, ଦୁଦୁରା ଇତ୍ୟାଦି ।

**୪୧—ମାଂସମେଦୋ ବର୍ଦ୍ଧକ ଦ୍ରବ୍ୟ**—ସୁବର୍ଣ୍ଣ, ଅଭ୍ର, ଶିଳାଜିତ, ଲୌହ, ସୁବର୍ଣ୍ଣମାକ୍ଷିକ, ଯାଠିମଧୁ, ମିଶ୍ରୀ, ମାଂସ, ଦୁଧ, ଘିଅ, ମଧୁର ଏବଂ ସ୍ନିଗ୍ଧଦ୍ରବ୍ୟ । ଏହାଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖା ଯାଇଥିବା ଚରକ କଥିତ ବୃଂହଣୀୟ ଓ ବଲ୍ୟ ସମସ୍ତ ଔଷଧ ମାଂସ ମେଦ ବର୍ଦ୍ଧକ ଅଟେ ।

**୪୨—ମୂତ୍ରକୃଚ୍ଛ୍ର ନାଶକ ଦ୍ରବ୍ୟ**—ଶ୍ୱେତଚନ୍ଦନ, ଶୀତଳାମରିଚ, ଗୋଖରା, ବଂଶଲୋଚନା, ଗନ୍ଧଣା, ଅଳାଇଚ, କୋଳଥ, ଗୁଗ୍ଗୁଳ, ଯବକ୍ଷାର, ପାଷାଣଭେଦ, କଦଳୀକ୍ଷାର, ଶିଳାଜିତ, ସୋରକ୍ଷାର ଓ ପଞ୍ଚତୃଣ ଆଦି । ଏହା ଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖା ଯାଇଥିବା ଚରକ କଥିତ ମୂତ୍ର ବିରଜନୀୟ କଷାୟ ଏବଂ ସୁଶ୍ରୁତ କଥିତ ବୀର-ତର୍ବାଦିଗଣ ମଧ୍ୟ ମୂତ୍ରକୃଚ୍ଛ୍ର ଓ ମୂତ୍ରାଘାତ ନାଶକ ଅଟେ ।

**୪୩—ମେଦୋ ଦୋଷନାଶକ ଦ୍ରବ୍ୟ**—ଶିଳାଜିତ, ଗୋମୂତ୍ର, ଶୁଷ୍କଭୋଜନ, ଭୃଙ୍ଗରାଜ, ଲୌହ, ଗୁଗ୍ଗୁଳ, ଜଉ, ଅପାମାରଙ୍ଗ, ଜଳମିଶ୍ରିତ ମହୁ ଏବଂ ଏହିଗ୍ରନ୍ଥର ଶେଷରେ ଲେଖା ଯାଇଥିବା ସୁଶ୍ରୁତ କଥିତ ବରୁଣାଦିଗଣ ମଧ୍ୟ ମେଦ ନାଶକ ଅଟେ ।

**୪୪—ମେଧାବର୍ଦ୍ଧକ ଦ୍ରବ୍ୟ**—ସୁବର୍ଣ୍ଣ, ରୌପ୍ୟ, ବଙ୍ଗ, ମୁକ୍ତା, ପୋହଳା, ଖପର, ଅଭ୍ର, ରସସିନ୍ଦୂର, ଅଁଳା, ଗୁଳୁଚୀ, ଶଙ୍ଖପୁଷ୍ପୀ, ବ୍ରାହ୍ମୀ, ଶତାବରୀ, ଜଟାମାଂସୀ, ବଂଶଲୋଚନା, ବଚ, ଦୁଧ, ଘିଅ, ବାଦାମ, ଭୁଇଁକଖାରୁ, କୁଙ୍କୁମ, ସକଳ ପ୍ରକାର ରସାୟନ ଔଷଧ ଏବଂ ଜୀବନୀୟ ଗୁଣ ଯୁକ୍ତ ଔଷଧ ମଧ୍ୟ ମେଧାବର୍ଦ୍ଧକ ଅଟେ ।

**୪୫—ଯୋଗବାହୀ ଦ୍ରବ୍ୟ**—● ଅର୍ଥାତ୍ ପରିପାକ ସମୟରେ ଯେଉଁ ଦ୍ରବ୍ୟ ନିଜ ସହିତ ମିଶିଥିବା ବସ୍ତୁର ଗୁଣ ଗ୍ରହଣ କରେ—ଯଥା—ପାରା, ଅଭ୍ର, ସୁବର୍ଣ୍ଣ, ଲୌହାଦିଧାତୁ, ଘିଅ, ମହୁ ତେଲ, ଜଳ ପ୍ରଭୃତି ।

**୪୬—ରକ୍ତଶୋଧକ ଦ୍ରବ୍ୟ**—ଅର୍ଥାତ୍ ରକ୍ତ ଓ ଇତର ଧାତୁମାନଙ୍କରେ ଥିବା ନାର୍ଗଦ ବିଜାତୀୟ ଅଣୁ, ଜୀବାଣୁମାନଙ୍କୁ ଯେଉଁଦ୍ରବ୍ୟ ବାହାର କରିଦେଇ ଦେହକୁ ସବଳକରେ, ଯଥା—ଖପରଭସ୍ମ, ବଙ୍ଗ, ସ୍ୱର୍ଣ୍ଣଘଟିତ ଔଷଧ, ସିସାଭସ୍ମ, ପାରଦ, ଗନ୍ଧକ, ହିଙ୍ଗୁଳ, ରସକର୍ପୂର, ହରିତାଳ, ଦାରୁମୁଷୀ, ଶିଳାଜିତ, ମନଃଶିଳା, ଗନ୍ଧବିରୋଜା, ହଳଦୀ, କମଳାଗୁଣ୍ଡୀ, କୋଇଲା, କର୍ପୂର, ମଞ୍ଜିଷ୍ଠା, ଓଡ଼ଶମାରୀ, ସୁଗନ୍ଧି, ଅଁଳା, ରେବଲଚିନି, ମୁସୁମ୍ବର, ସୁନାମୁଖୀପତ୍ର, ଗୁଗ୍ଗୁଳ, ତୋପଚିନି, ଗୁଲମୁଗରାତେଲ, ଶତାବରୀ, ଅଶ୍ୱଗନ୍ଧା, ହରିଡ଼ା, କାଳମୂଳ, ଆକୁଳ, କଞ୍ଚନ, ଗୋଠକାକୁଡ଼ୀ, ଦ୍ରୁତୁଣୀ, ଶିରଷ, କୋଳଥିଆ, ଛଚନା, ଦୁରାଳଭା, ଲଜକୋଳି, ବାବୁଲ ଆଦି ।

**୪୭—ରକ୍ତପ୍ରସାଦନ ଦ୍ରବ୍ୟ**—ଅର୍ଥାତ୍ ଯାହା ରକ୍ତରୂପ ପ୍ରଶମନକରେ, ଯଥା—ଶିଳାଜିତ, ସୁବର୍ଣ୍ଣଭସ୍ମ, ଲୌହଭସ୍ମ, ସୁବର୍ଣ୍ଣମାକ୍ଷିକଭସ୍ମ, ମଣ୍ଡୁର, ଅନ୍ନଭେଦୀଭସ୍ମ, ହେମକାଜରୀ, ଲବଣ, କ୍ଷାର, ରକ୍ତଚନ୍ଦନ, ଲୋଧ, ପଦ୍ମକାଠ, ମଞ୍ଜିଷ୍ଠା, ହଳଦୀ, ଚନ, ଗୁଗ୍ଗୁଳ, ମୁସୁମ୍ବର, ଶୁଣ୍ଠୀ, ରସୁଣ, ସର୍ପଗନ୍ଧା ଆଦି ।

---

● ଗୃହ୍ଣାତି ଯୋଗବାହି ଦ୍ରବ୍ୟଂ ସଂସର୍ଗି ବସ୍ତୁ ଗୁଣାନ୍ ।
ପଚ୍ୟମାନଂ ଯଥୈବତତ୍ ମଧୁଜଳତୈଳାଜ୍ୟଲୌହସୂତାଦି ॥

**୪୮—ରକ୍ତସ୍ତମ୍ଭକ ଦ୍ରବ୍ୟ**—ଅର୍ଥାତ୍ ଶିରାପ୍ରଭୃତିରୁ ବାହାରିବା ରକ୍ତରୋଧକରିବାର ଔଷଧ— ଲୌହଭସ୍ମ; ସ୍ୱର୍ଣ୍ଣମାକ୍ଷୀକଭସ୍ମ; ପ୍ରବାଳ, ଅହିଫେନ, ମୁକ୍ତା, ସିପ, ସଙ୍ଗମରମର, ଅଶୋକ; ମେଷ୍ଟ୍ରୋମରଖାର, ଗୁଡୁଚିସାର, କାହଙ୍ଗ, କତ୍ଥ, ଫଟିକ, ମାଜୁଫଳ, ରକ୍ତଚନ୍ଦନ, ବରଫ ଓ ଖୈର ପ୍ରଭୃତି—ଆଭ୍ୟନ୍ତରିକ ରକ୍ତସ୍ତମ୍ଭକ—ଅର୍ଥାତ୍ ରକ୍ତାତିସାର ରକ୍ତପିତ୍ତ, ରକ୍ତବାନ୍ତି, ରକ୍ତପ୍ରଦର, ରକ୍ତାର୍ଶ ଏବଂ ଋତୁକାଳୀନ ଅଧିକ ରକ୍ତସ୍ରାବ ରୋଧକ ଔଷଧ । ଯଥା—ପ୍ରବାଳପିଷ୍ଟୀ, ମୁକ୍ତାପିଷ୍ଟୀ, ଫଟିକ, ଆମ୍ବ, ଅଶୋକ, ଡୁମ୍ବୁରି, ଚନ୍ଦନ ଏବଂ ଅଁଳା ପ୍ରଭୃତି । ଏହା ଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖା ଯାଇଥିବା ଚରକ କଥିତ ଶୋଣିତସ୍ଥାପନ, କଷାୟ ମଧ୍ୟ ରକ୍ତରୋଧକ ବୋଲି ବୁଝିବାକୁ ହେବ ।

**୪୯—ରଜୋନଷ୍ଟସାରକ ଦ୍ରବ୍ୟ**—ଅର୍ଥାତ୍ ସ୍ତ୍ରୀମାନଙ୍କର ମାସିକ ଋତୁ ଲୁପ୍ତ ହୁଏ ଏବଂ ଅଳ୍ପପରିମିତ ହେଲେ ଯେଉଁ ଔଷଧ ତାକୁ ପୁଣି ସ୍ୱାଭାବିକ ନିୟମରେ ସ୍ଥାପନକରେ । ଟାଙ୍ଗଣ, ହିଙ୍ଗୁ, ଲୌହଭସ୍ମ, କାଶୀସ; ମୁସୁମ୍ବର, ବୋଳ, ଅଁଳା, ଲୋଧ, ମେଥୀ, ଓଲଟକମ୍ବଳ, ସ୍ୱର୍ଣ୍ଣମାକ୍ଷୀ, କଞ୍ଚନ, କପାମୂଳ ଇତ୍ୟାଦି ।

**୫୦—ରସାୟନ ଦ୍ରବ୍ୟ**—● ଅର୍ଥାତ୍ ଜରାବ୍ୟାଧି ନାଶକ, ବୟସ୍ତମ୍ଭକ, ଏବଂ ଜୀବନୀଶକ୍ତିବର୍ଦ୍ଧକ ଔଷଧକୁ ରସାୟନ ବୋଲାଯାଏ । ସୁବର୍ଣ୍ଣ, ଅଭ୍ର, ଲୌହ, ସୁବର୍ଣ୍ଣମାକ୍ଷୀ, ସିସା, ହିଙ୍ଗୁଳ, ମାଣିକ୍ୟ, ପୁଷ୍ପରାଗ, ବୈକ୍ରାନ୍ତ, ବୈଦୂର୍ଯ୍ୟ, ମୁକ୍ତା, ଶିଳାଜିତ, ଗୁଗ୍ଗୁଳ, ହରିଡ଼ା, ଅଁଳା, ଅଷ୍ଟବର୍ଗ, ଅଶ୍ୱଗନ୍ଧା, ଗୁଳୁଚୀ, ଗନ୍ଧକ, ମୁଦ୍ଗପର୍ଣ୍ଣୀ, ମାଷପର୍ଣ୍ଣୀ, ଜୀବନ୍ତୀ, ଯଷ୍ଟିମଧୁ, ଭୃଙ୍ଗରାଜ, ବାଳମିଶ୍ରୀ ଇତ୍ୟାଦି । ଏହା ଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖା ଯାଇଥିବା ଚରକ କଥିତ ବୟସ୍ଥାପନ ଏବଂ ଜୀବନୀୟ କଷାୟ ମଧ୍ୟ ରସାୟନ ଅଟେ ।

**୫୧—ଲାଳାନିଃସାରକ ଦ୍ରବ୍ୟ**—ଅମ୍ଳରସଯୁକ୍ତ ଦ୍ରବ୍ୟ, କ୍ଷାର, ସୋରିଷ, ଶୁଣ୍ଠୀ, ପିପ୍ପଳୀ, ମରିଚ, ଲଙ୍କାମରିଚ, ଶିତଳାମରିଚ, ଗୁଆ, ପାନ, ଲବଙ୍ଗ, ଡାଳଚିନି, ଅକରକରା, ନେସକର୍ପୁର, ଧୂଆଁପତ୍ର, ଯବକ୍ଷାର ଇତ୍ୟାଦି ।

**୫୨—ଲାଳାସ୍ରାବକ ଦ୍ରବ୍ୟ**—ଟାଙ୍ଗଣ, ଆମ୍ବ, ହରିଡ଼ା, ବରକୋଳିପତ୍ର, ଜାମପତ୍ର, ଖୁରାସାନୀଯୁଆଣୀ, ଧୁତୁରା, ଭାଙ୍ଗ ଓ ଗଞ୍ଜେଇ ପ୍ରଭୃତି ।

**୫୩—ଲେଖନ ଦ୍ରବ୍ୟ**—ସୁଗନ୍ଧ, ବାହଙ୍ଗ; ବଚ, ମୁଥା, କୁଡ଼, ହଳଦୀ, ଦାରୁହଳଦୀ, ଅତୁଷୀ, କଟୁକୀ, ଚିତାପାରୁ, କରଞ୍ଜ, ଯବଧାନ, ଗରମଜଳ, ଗୋମୂତ୍ର, ମହୁ, ଶିଳାଜିତ ପ୍ରଭୃତି । ଏହାଛଡ଼ା ଏହି ଗ୍ରନ୍ଥଶେଷରେ ଲେଖାହୋଇ-ଥିବା ଚରକ କଥିତ ଲେଖନୀୟ କଷାୟ ଏବଂ ରୌପ୍ୟଭସ୍ମ, ଶିଳାସିନ୍ଦୂର; ତାମ୍ରଭସ୍ମ, ରସକର୍ପୁର, ମୁଦାରସିଙ୍ଗ ଓ କାଶୀସ ଭସ୍ମ ମଧ୍ୟ ଲେଖନ ଔଷଧ ଅଟେ ।

**୫୪—ବମନନିବାରକ ଦ୍ରବ୍ୟ**—ଅର୍ଥାତ୍ ବାନ୍ତି ବନ୍ଦକରାଇବା ଔଷଧ—କମଳା, ଜାମପତ୍ର, ଆମ୍ବପତ୍ର, ଟଭା, ଲେମ୍ବୁ, ବରକୋଳି, ଡାଳିମ୍ବ, ଯବଧାନ, ସୌପ, ଯଷ୍ଟିମଧୁ, ଦ୍ରାକ୍ଷା, ଅଁଳା, ଉଶୀରବେଣା, ଧନିଆ, ଲିଆ, ଗୋପୀଚନ୍ଦନ, ଫଟିକ, ରାଜାବର୍ତ୍ତଭସ୍ମ, ଶାମୁକାଭସ୍ମ, କୌଡ଼ିଭସ୍ମ, ଜବ, ନାଗେଶ୍ୱର, ଅଳାଇଚ, ଅଦା, କଦଳୀ, ପାପଡା, ପଦ୍ମକାଠ, ଉଷସ୍ତ, ରକ୍ତଚନ୍ଦନ, ଆମ୍ବଗୁଠିଲି, ଅତୁଷୀ, ଗୁଳୁଚୀ, ଗୁଳୁଚୀସାର, ତୁଳସୀ, ବେଲ, ଜମ୍ବୁପତ୍ର, ଶଙ୍ଖପୁଷ୍ପୀ, ଗୁଡ଼ତ୍ୱକ୍, ମୟୂରଚନ୍ଦ୍ରିକାଭସ୍ମ, ବରଫ ଓ ମୃଦୁବିରେଚକ ଇତ୍ୟାଦି ।

**୫୫—ବର୍ଣ୍ଣକାରକ ଦ୍ରବ୍ୟ**—ସୁବର୍ଣ୍ଣଭସ୍ମ, ବଙ୍ଗଭସ୍ମ, ସୁବର୍ଣ୍ଣମାକ୍ଷିକଭସ୍ମ, ରାଜାବର୍ତ୍ତ, ସ୍ୱର୍ଣ୍ଣ ଆଦି ରତ୍ନମାନଙ୍କର ଭସ୍ମ, ରକ୍ତଚନ୍ଦନ, ନାଗେଶ୍ୱର, ହଳଦୀ, ପୋଲଙ୍ଗ, ଉଶୀରବେଣା, ଯଷ୍ଟିମଧୁ, ମଞ୍ଜିଷ୍ଠା, ସୁଗନ୍ଧ, କ୍ଷୀରକାକୋଳି, ଭୂଇଁକଖାରୁ, ଦୁବ, ଚନ୍ଦନ; ଲୋଧ, କୁଡ଼, ବଟଓହଳ, ମସୁରୀ, ପଦ୍ମକେଶର, ଗୁଳୁଚୀପାନ, ଜାଇଫଳ, ଜାଇପତ୍ରୀ, କୁଙ୍କୁମ ଇତ୍ୟାଦି ।

**୫୬—ବାଜୀକରଣ ଦ୍ରବ୍ୟ**—ଅର୍ଥାତ୍ ଯେଉଁ ଔଷଧ ସେବନ କଲେ କାମେଚ୍ଛା ବଢ଼େ—ଆମ୍ବ, ମଦ, ଗଞ୍ଜେଇ, ଭାଙ୍ଗ, କସ୍ତୁରୀ, ଧୁତୁରା, କୋଚିଲା, କର୍ପୁର, ଲୌହଭସ୍ମ, ଅଭ୍ରଭସ୍ମ, ସୁବର୍ଣ୍ଣଭସ୍ମ, ବାଳେତ୍ରୁଙ୍କାଙ୍କୀ, ବାଳମିଶ୍ରୀ, ପିଆଜ, ତାଳମୂଳୀ, ଅକରକରା, ଶୁଣ୍ଠୀ, ରସସିନ୍ଦୂର, ଦୁଧ, ଘିଅ, ଚନ୍ଦନ, ଘିଅ, ଜାଇଫଳ ଓ ଜାଇପତ୍ରୀ ଇତ୍ୟାଦି ।

---

● ଯଜ୍ଜରା ବ୍ୟାଧି ବିଧ୍ୱଂସି ବୟସ୍ତମ୍ଭକରଂ ତଥା ଚକ୍ଷୁଷ୍ୟଂ ବୃଂହଣଂ ବୃଷ୍ୟଂ ଭେଷଜଂ ତଦ୍ରସାୟନମ୍ ।

**୫୭—ବାତଦୋଷନାଶକ ଔଷଧ**—ସୁବର୍ଣ୍ଣଭସ୍ମ, ରୌପ୍ୟଭସ୍ମ, ସୂତଶେଖର, ମାଣିକ୍ୟ, ଦାରୁମୂଷୀ, ଶିଳାଜତ, ଦଶମୂଳ, ବ୍ରାହ୍ମୀ, ରସ୍ନା, ଗୁଗ୍ ଗୁଳ, ଜଟାମାଂସୀ, ଗୁଳୁଅ, ଯାମାଣୀ, ଜଡାତେଲ, ରସୁଣ, ବଚ, ମହୁରି, ବାଦାମ, ପିପଳୀମୂଳ, ନାଗଭ୍ରଜମଞ୍ଜୀ, ଶତାବରୀ, ଜାଫର, ଖୁରାସାନୀଯୁଆଣୀ, ଭୂଇଁକଦମ୍ବ, ଟଙ୍କସୁଷୀ, ଘିଅ, ତେଲ, ନଡିଆ, ଫୁଟିଫୁଟିକା, ରୁଦ୍ରାକ୍ଷ, ପଥାଚୁଣୀ, ଦେବଦାରୁ, କୃଷଦାରକ, କୋଚିଲା ଓ ତାର୍ପିନତେଲ ଇତ୍ୟାଦି । ଏହା ଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖାଯାଇଥିବା ସୁଶ୍ରୁତ କଥିତ ବାତ ସଂଶମନ ବର୍ଗ ଓ ଭଦ୍ରଦାର୍ବାଦିଗଣ ମଧ୍ୟ ବାତଦୋଷ ନାଶକ ଅଟେ ।

**୫୮ ବାତଶୂଳନାଶକ ଔଷଧ**—ତାମ୍ରଭସ୍ମ, ଲୌହଭସ୍ମ, କାଶୀସଭସ୍ମ, ଶୃଙ୍ଗଭସ୍ମ, ରୌପ୍ୟଭସ୍ମ; ଗନ୍ଧକ, ଦାରୁମୂଷୀ, ପାରଦଘଟିତ ଔଷଧ, ଶିଳାଜତ, ଗନ୍ଧଣା, କାଳମୂଳ, କରଞ୍ଜ, ଜାଫର, କାଇଁଚ, ପିଆଜ, ରସୁଣ, ଦଶମୂଳ, ବେଗୁନିଆ, ମହୁରି, କଳାମରିଚ, ଲବଙ୍ଗ, ଶୁଣ୍ଠୀ, ଜୀରା, ଅଫୁ, କର୍ପୂର, ପିପ୍ପଳୀ, ଯୁଆଣୀ, ଅଜମୋଦା, କୁଡ଼, ପୁଷ୍କରମୂଳ, ପିପଳୀମୂଳ, ଚିତାପାରୁ, ଗୁଇଁକାଠ, ନକୁଣୀ, ତୋପଚିନି ଏବଂ ସକଳ ପ୍ରକାର ପୁଷ୍ଟିକର ଦ୍ରବ୍ୟ ।

**୫୯—ବାତଆକ୍ଷେପ ନାଶକ ଔଷଧ**—ଭଙ୍ଗ, କସ୍ତୁରୀ, ଜଟାମାଂସୀ, ଜଡାତେଲ, କର୍ପୂର, ଟାଙ୍ଗଣା, ଦୁଦୁରୀ, ଅଫୁ, ବାତନାଶକ, ଇତର ତୈଳ, ଦାରୁମୂଷୀ, ରୌପ୍ୟଭସ୍ମ, ତାମ୍ର, ଗଞ୍ଜାଇ, ଟପରଭସ୍ମ ଇତ୍ୟାଦି ।

**୬୦—ବାନ୍ତିକାରକ ଦ୍ରବ୍ୟ**—*¹ ଅର୍ଥାତ୍ ଅପକ୍ୱ ପିତ୍ତ ଓ କଫକୁ ବଳପୂର୍ବକ ମୁହଁ ବାଟେ ବାହାର କରିଦେବାର ଔଷଧ । ପତୁଆଫଳ, ଯଷ୍ଟିମଧୁ, ଜାମ୍ବୁ ବସସହାଫଳ, ପିତ୍ତଳଉ, ଗୋଠକାକୁଡ଼ୀ, କେନ୍ଦୁଆଁ ଗୁଲି, ମୂର୍ଗା, ବିଡଙ୍ଗ, ପାଣିକେଉ, ଚିତାପାରୁମୂଳ, ମୁଷାକାନି, ପିତ୍ତତୋରଡ଼ା, କରଞ୍ଜ, ପିପ୍ପଳୀ, ସୈନ୍ଧବ, ସୋରିଷ, ଅରଖମୂଳ, ରାଇ, ମୂତ୍ରାମଳା, ମଧୁ, ମୟୂରଚିଟିଆ, ଲୁଣ, ଓଳଶମାରିମଞ୍ଜୀର ତେଲ, ହାତୀଶୁଣ୍ଢୀ ଓ ଘୋଡାବଚ ଇତ୍ୟାଦି । ଏହା ଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖାଯାଇଥିବା ଚରକ କଥିତ ବମନୋପଯୋଗୀ କଷାୟ ମଧ୍ୟ ବମନ କର୍ମର ସହାୟକ ଅଟେ ।

**୬୧—ବିକାଶି ଦ୍ରବ୍ୟ**—● ଯେଉଁ ଦ୍ରବ୍ୟ ସନ୍ଧିମାନଙ୍କର ବନ୍ଧନକୁ ଶିଥିଳ କରି ଧାତୁମାନଙ୍କର ସତ୍ତ୍ୱକୁ ଶୋଷଣକରେ । ଗୁଆ, କୋଦଧାନ, ଦାରୁମୂଷୀ, କସ୍ତୁରୀ, କର୍ପୂର, ଅଫୁ, ଖୁରାସାନୀଯୁଆଣୀ କୋଚିଲା, ମଦ, ଗଞ୍ଜାଇ, ଭାଙ୍ଗ, ଦୁଦୁରା ଇତ୍ୟାଦି ।

**୬୨—ବିରେଚକ ଦ୍ରବ୍ୟ**—ଖଣ୍ଡଢହୁଡ଼ୀ, ଦନ୍ତୀ, ଇନ୍ଦ୍ରରୁଳୀ, ଶ୍ୱେତପୁଷ୍ପ ଗୋଠକାକୁଡ଼ୀ, କୃଷଦାରକ, ସିଜୁ, ଲୋଧ, ପଟୋଳମୂଳ, ପାଟଳୀ, ତ୍ରିଫଳା, ଅଟକାଳୀଫୁଲଗଛର ମଞ୍ଜୀ (କାଳାଦାନା) ସୁନାରିଫଳ, ଜଡାତେଲ, ଲଙ୍କାସିଜୁ, ଗୋମୂତ୍ର, ଅରଖ, ରେବଲଚିନି, ସୁନାମୁଖୀପତ୍ର, କନକାମଞ୍ଜୀ, କଟୁକି, ଗନ୍ଧକ ଓ ମୁସୁମ୍ବର ଇତ୍ୟାଦି ।

**୬୩ -ବିଷ ଦ୍ରବ୍ୟ**—* ଯେଉଁ ଦ୍ରବ୍ୟ ଚର୍ମଦ୍ୱାରା କିମ୍ବା ନିଶ୍ୱାସ ପ୍ରଶ୍ୱାସ ମାର୍ଗଦ୍ୱାରା ଅଥବା ଅନ୍ନମାର୍ଗ ଦ୍ୱାରା ଦେହରେ ପ୍ରବେଶ କରି ଜୀବନୀସ୍ଥ କିମ୍ବା ଶାରୀରିକ ଯନ୍ତ୍ରମାନଙ୍କର କିମ୍ବା ଉପରେ ବିକାର ଜାତ କରେ, ତାକୁ ବିଷ କହନ୍ତି । ଶାସ୍ତ୍ରରେ ମହାବିଷ ନ'ପ୍ରକାର ବୋଲି ଲେଖାଅଛି । ଯଥା—କାଳକୂଟ, ହଳାହଳ, ବ୍ରହ୍ମପୁତ୍ର, ବତ୍ସନାଗ, ହାରିଦ୍ରକ, ସକ୍ତୁକ, ପ୍ରଦୀପନ, ସୌରାଷ୍ଟ୍ରିକ ଏବଂ ଶୃଙ୍ଗିକ । ଉପବିଷ ମଧ୍ୟ ସାତପ୍ରକାର ଯଥା—ସିଜୁକ୍ଷୀର, ଧୁଦୁରା, ଲଙ୍ଗଳିଙ୍ଗଳିଆ, କନିଅଁରି, ଗୁଞ୍ଜାକାଇଞ୍ଚ, ଅଫୁ, ଅରଖକ୍ଷୀର, । ଏହା ଛଡ଼ା କୋଚିଲା, କନକାମଞ୍ଜୀ, ଦାରୁମୂଷୀ, ହରିତାଳ, ମନଃଶିଳା, ରସକର୍ପୂର, ଗଞ୍ଜାଇ, କର୍ପୂର, ମୟୂରଚିଟିଆ, ମଦ ଇତ୍ୟାଦି ।

**୬୪—ବିଷନାଶକ ଦ୍ରବ୍ୟ**—ଅର୍ଥାତ୍ ଶରୀର ମଧ୍ୟରେ ପ୍ରବେଶ କରିଥିବା ବିଷକୁ ବାନ୍ତି ବିରେଚନ ସ୍ୱେଦ ଉତ୍ପାଦନ ଦ୍ୱାରା ଯେଉଁ ଦ୍ରବ୍ୟ ଦୂର କରେ । ଗନ୍ଧକ, ଟାଙ୍ଗଣା, ନବଶାଗର, ରେବଲଚିନି, ରସାଞ୍ଜନ, ଓଳଶମାରି,

---

*¹ ଅପକ୍ୱ ପିତ୍ତଶ୍ଳେଷ୍ମାଣୌ ବଳାଦୂର୍ଦ୍ଧ୍ୱଂ ନୟେତ୍ତୁ ଯତ୍ । ବମନଂ ତଦ୍ଧି ବିଜ୍ଞେୟଂ ମଦନସ୍ୟଫଳଂ ଯଥା ।

● ସନ୍ଧି ବନ୍ଧାଂସ୍ତୁ ଶିଥିଳାନ୍ ଯତ୍ କରୋତି ବିକାଶି ତତ୍ । ବିଶ୍ଳେଷ୍ୟୌଜଶ୍ଚ ଧାତୁଭ୍ୟୋ ଯଥା କ୍ରମୁକ କୋଦ୍ରବାଃ ।

* ବିଷଂ ତୁ ଦେହଂ ସଂପ୍ରାପ୍ୟ ପ୍ରାଗ୍ଦୂଷୟତି ଶୋଣିତମ୍ । କଫ ପିତ୍ତାନିଳାଂଶ୍ଚାନୁ ସମଂ ଦୋଷାନ୍
ସହାଶୟାନ୍ ତତୋ ହୃଦୟମାସ୍ଥାୟ ଦେହୋଚ୍ଛେଦାୟ କଳ୍ପତେ । (ବାଗ୍ଭଟ)

ମୁକ୍ତାମଣ୍ଡା, କାଳପର୍ଣ୍ଣ, ବଚ, ମୟୂରଶିଖା, ଅଙ୍କୋଲ, ରାଇ, ପୁନର୍ନବା, ଲୁଣ, କଦଳୀମଞ୍ଜାରସ, ଶିରୀଷ, ସଜନା ଇତ୍ୟାଦି । ଏହା ଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖା ଯାଇଥିବା ବିଷ ନାଶକଗଣ ଏବଂ ଘିଅ, ଦହି, ଦୁଧ, ମହୁ, ଶୀତଳଜଳ, ଶାସ୍ତ୍ରୀୟ ମହାସୁଗନ୍ଧି ଅଗଦ, ବିଷାରିଅଗଦ, ଅଜିତାଗଦ, ତାର୍କ୍ଷ୍ୟାଗଦ, ଋଷଭାଗଦ, ସଞ୍ଜୀବନୀ ଅଗଦ, ଅଜେୟ ଘୃତ ପ୍ରଭୃତି ମଧ୍ୟ ବିଷନାଶକ ଅଟେ ।

**୬୫—ବିଷଶାନ୍ତିକର ଦ୍ରବ୍ୟ**—ଅର୍ଥାତ୍ ଧାତୁମାନଙ୍କରେ ଜାତ ହୋଇଥିବା କୀଟାଣୁବିଷ ରୋଗଜନିତ ବିଷ ଏବଂ ଔଷଧ ପ୍ରକୋପ ବିଷ ଶାନ୍ତି କାରକ ଦ୍ରବ୍ୟ ଯଥା—ସୁବର୍ଣ୍ଣଭସ୍ମ, ରୌପ୍ୟଭସ୍ମ, ନାଗଭସ୍ମ, ଲୌହଭସ୍ମ, ଖର୍ପରଭସ୍ମ, ତାମ୍ରଭସ୍ମ, ବଙ୍ଗଭସ୍ମ, ପ୍ରବାଳଭସ୍ମ, ଶିଳାଜତ, ଦାରୁମୁଷୀ, ହରିତାଳ, ମୟୂରଶିଖା, ହଳଦୀ, ମଞ୍ଜିଷ୍ଠା, ଗୁଳୁଚି, ରାସ୍ନା, ଶ୍ୱେତ ଅପାମାରଙ୍ଗ, ରକ୍ତଚନ୍ଦନ, କତକ ପ୍ରଭୃତି ।

**୬୬—ବୀର୍ଯ୍ୟସ୍ତମ୍ଭକ ଦ୍ରବ୍ୟ**—ଜାଇଫଳ, ଜାଇପତ୍ରୀ, ଆଫୁ, ବଟକ୍ଷୀର, ଭାଙ୍ଗ, ଆଫୁମଞ୍ଜି, ବଙ୍ଗଭସ୍ମ, ତ୍ରିବଙ୍ଗଭସ୍ମ, ନାଗଭସ୍ମ, ସୁବର୍ଣ୍ଣଭସ୍ମ, ରୌପ୍ୟଭସ୍ମ, ପ୍ରବାଳପିଷ୍ଟୀ ଆଦି ।

**୬୭—ବ୍ୟବାୟୀ ଦ୍ରବ୍ୟ**—● ଅର୍ଥାତ୍ ଅପକ୍ୱ ରୂପରେହିଁ ଦେହରେ ବ୍ୟାପ୍ତହେବା ପରେ ପରିପାକ ହେବା ଦ୍ରବ୍ୟ । ଯଥା—ଭାଙ୍ଗ, ଆଫୁ, ମଦ ଓ ମହୁରୀ ଇତ୍ୟାଦି ।

**୬୮—ବ୍ରଣପାଚକ ଦ୍ରବ୍ୟ**—ରାସି, ପାରୁଗୁହ, ଗହମ, ସୋରିଷ, ଛତିମଞ୍ଜି, ଦୁଦୁରା, ସାଚଖାର, ଘିକୁଆଁରୀ, ପିଆଜ, ଆମ୍ବଦହି, କୁଡ଼ି, ସୈନ୍ଧବ ଇତ୍ୟାଦି ।

**୬୯—ବ୍ରଣଶୋଧକ ଦ୍ରବ୍ୟ**—ପାରା, ମୁଦାରସିଙ୍ଗ, ମୟୂରଶିଖା, ଚୂନ, ହରିତାଳ, ମନଶିଳା, ଫଟିକ, ଟାଙ୍ଗଣା, ଅନ୍ତଭେଦୀ, କର୍ପୂର, ସୈନ୍ଧବ, ଗନ୍ଧକ, ଯଷ୍ଟିମଧୁ, ନିମ୍ବପତ୍ର, ହିଙ୍ଗୁଳ, ହଳଦୀ, ଦୁଦୁରା, ବେଙ୍ଗୁନିଆଁ, ସମୁଦ୍ରଫେନ, ଆଫୁ, ଧୂଆଁପତ୍ର, କରଞ୍ଜ, ମହୁ, କାଳପତ୍ର, ତେଲ, ଘିଅ ଇତ୍ୟାଦି । ଏହା ଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖା ଯାଇଥିବା ସୁଶ୍ରୁତ କଥିତ ଅର୍କାଦିଗଣ ମଧ୍ୟ ବ୍ରଣଶୋଧକ ଅଟେ ।

**୭୦—ବ୍ରଣରୋପକ ଦ୍ରବ୍ୟ**—ସିନ୍ଦୂର, ଗନ୍ଧବିରୋଜା, ବାଘବସା, ସଜଳସ, ଖଇର, ହଳଦୀ, ନିମ୍ବ, ମଞ୍ଜିଷ୍ଠା, ପିଆଶାଳ, କମଳାଗୁଣ୍ଡି, ତ୍ରିଫଳା, ରାସି ଇତ୍ୟାଦି ।

**୭୧—ବୀର୍ଯ୍ୟବର୍ଦ୍ଧକ ଦ୍ରବ୍ୟ**—ସୁବର୍ଣ୍ଣଭସ୍ମ, ରୌପ୍ୟଭସ୍ମ, ବଙ୍ଗ, ଖର୍ପର, ସିସା, ଅଭ୍ର, ମୁକ୍ତା, ପୋହଳା, ଅଁଳା, ଗୋଖରା, ଯଷ୍ଟିମଧୁ, ଗୁଳୁଚିସାର, ବାଦାମ, ବଂଶଲୋଚନା, ଶତାବରୀ, ତାଳମୂଳୀ, କଉଞ୍ଚ, ସିଂଘଡ଼ା, ନଡ଼ିଆ, ପାଚିଲା ପଣସ, ବାବୁଲଫଳ, ଶିମୁଳୀଫୁଲ, ମୋଚରସ, ବଳାଚତୁଷ୍ଟୟ, ରସସିନ୍ଦୂର, ବାଇଚ୍ଛଙ୍କମଞ୍ଜି, ଭୂଇଁକଖାରୁ, ସାଲମମିଶ୍ରୀ, ଜାଇଫଳ, ଜାଇପତ୍ରୀ, ବର, ଦୁଧ, ଘିଅ, ଗହମ, କନ୍ଦର୍ପରାଜ (ପୁରୀ ଓ କଟକ ଜିଲ୍ଲାରେ ସୁପ୍ରସିଦ୍ଧ ଏକପ୍ରକାର କ୍ଷୁପ) ।

**୭୨—ବୀର୍ଯ୍ୟଶୋଧକ ଦ୍ରବ୍ୟ**—ପାରା, ହିଙ୍ଗୁଳ, ସୁବର୍ଣ୍ଣ, ରୌପ୍ୟ, ମୁକ୍ତା, ହରିତାଳ, ଦାରୁମୁଷୀ, ଶିଳାଜତ, ବଙ୍ଗ, ମୋଚରସ, ପ୍ରବାଳ, ବଂଶଲୋଚନା, ଶତାବରୀ, ଗୁଳୁଚିସାର, ଗୁଗ୍‌ଗୁଳ, କର୍ପୂର, କୁଡ଼, କାଙ୍କଡ଼, ସମୁଦ୍ରଫେନ, କଦମ୍ବଅଠା, ଆଖୁ ଇତ୍ୟାଦି ।

**୭୩—ବେଦନାଶାନ୍ତିକର ଦ୍ରବ୍ୟ**—ଅଫୁ, ଖୁରାସାନିଯୁଆଣୀ, ଲବଙ୍ଗତେଲ, ଡାଳଚିନିତେଲ, ମହୁରୀ, ମଦ, ଗଞ୍ଜେଇ, ଦୁଦୁରା ଇତ୍ୟାଦି । ଏହାଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖାଯାଇଥିବା ଚରକ କଥିତ ଅଙ୍ଗମର୍ଦ୍ଦ ପ୍ରଶମନ କଷାୟ ଏବଂ ବେଦନା ସ୍ଥାପକ କଷାୟ ମଧ୍ୟ ବେଦନା ଶାନ୍ତିକର ଅଟେ ।

**୭୪—ଶୋଥନାଶକ ଦ୍ରବ୍ୟ**—ଅର୍ଥାତ୍ ଫୁଲା ଛୁଟାଇବା ଔଷଧ ଯଥା—ଲୌହଭସ୍ମ, ମଣ୍ଡୁର, ଲୁଣିଲୁଣିକା, ଗମ୍ଭାରୀ, ଶିରୀଷ, ବେଲମୂଳ, ପୁନର୍ନବା, ପାଟଳୀ, ଦଶମୂଳ, ମହୁରୀ, ରେବଳଚିନି, ଲଙ୍ଗଳଙ୍ଗଳିଆ, ରୋହିତକ, (ପୁ ଆମଗଛ) ଦେବଦାରୁ, ଶୁଣ୍ଠି, ଧୋବସୋରିଷ ଚେରୁ, ବେଙ୍ଗୁନିଆଁ ମୂଷାକାନି ଏବଂ ଅରଖ ଇତ୍ୟାଦି ।

---

● ପୂର୍ବଂ ବ୍ୟାପ୍ୟାଖିଳଂ କାୟଂ ତତଃପାକଞ୍ଚ ଗଚ୍ଛତି ବ୍ୟବାୟି ତଦ୍ୟଥା ଭଙ୍ଗାଫେନଞ୍ଚାହି ସମୁଦ୍ଭବମ୍ ।

**୭୫—ଶ୍ରମନାଶକ ଦ୍ରବ୍ୟ**—ମଦ, ଆସ୍ବ, ଗଞ୍ଜାଇ, ଭାଙ୍ଗ, କମଳାରସ, ଶୀତଳଦାମ୍ବ, ଶୀତଳଜଳ ପାନ ଧାରୋଷ୍ଣ ଦୁଧ, ତୈଳମର୍ଦ୍ଦନ, ସଙ୍ଗୀତ ଶ୍ରବଣ, ଚନ୍ଦ୍ରକିରଣ ସେବା ଇତ୍ୟାଦି ।

**୭୬—ଶ୍ୱାସହାରକ ଦ୍ରବ୍ୟ**—ଅଭ୍ରଭସ୍ମ, ଶୃଙ୍ଗଭସ୍ମ, ମନଃଶିଳା, ଦାରୁମୂଷୀ, ଆସ୍ବ, ବ୍ରହ୍ମଯଷ୍ଟି, କାକଡ଼ାଶୃଙ୍ଗୀ, ଭେଙ୍ଗୀ, ଦୁଦୁରାମଞ୍ଜୀ, ଅରଖଫୁଲ, କାସଙ୍ଗ, ନବଶାଗର, ଅପାମାରଗକ୍ଷାର, ସୋରାଖାର, ବଡ ମହୁ; ଇତ୍ୟାଦି । ଏହାଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖାଯାଇଥିବା ଚରକ କଥିତ ଶ୍ୱାସହର କଷାୟ ମଧ୍ୟ ଶ୍ୱାସ ନାଶକ ଅଟେ ।

**୭୭—ସଂଶମନ ଦ୍ରବ୍ୟ**—● ଗୁଳୁଚୀ, ପାଟଳୀ, ଫାମ୍ପୁଡ଼ିଆ, ଅଁଳା, ଅଭ୍ରଭସ୍ମ, ଶିଳାଜିତ ଇତ୍ୟାଦି ।

**୭୮—ସ୍ତନ୍ୟଶୋଧକ ଦ୍ରବ୍ୟ**—ଅର୍ଥାତ୍ ଦୂଷିତ ଦୁଗ୍ଧକୁ ଶୁଦ୍ଧ ଏବଂ ମଧୁର କରାଇବାର ଦ୍ରବ୍ୟ ଯଥା—ଅକାନବିନ୍ଦୀ, ଶୁଣ୍ଠି, ଦେବଦାରୁ, ନାଗରମୋଥା, ଗୁଳୁଚୀ, ଇନ୍ଦ୍ରଯବ, ଚିରାଇତା, କଟୁକା, ସୁଗନ୍ଧ, ତଗର, ପାପଡ଼ା, ଛଚନା, ଗନ୍ଧକ ଇତ୍ୟାଦି । ଏହାଛଡ଼ା ସୁଶ୍ରୁତ ସଂହିତା କଥିତ ମୁସ୍ତାଦିଗଣ ମଧ୍ୟ ସ୍ତନ୍ୟଶୋଧକ ଅଟେ । ଏହି ଗ୍ରନ୍ଥର ଶେଷରେ ଲେଖାଯାଇଥିବା ମୁସ୍ତାଦିଗଣ ଦେଖ ।

**୭୯—ସ୍ତନ୍ୟବର୍ଦ୍ଧକ ଦ୍ରବ୍ୟ**—ଅର୍ଥାତ୍ ଦୁଗ୍ଧକୁ ବଢ଼ାଇବାର ଔଷଧ ଦୁଧ, ପାଣିମାଛ, ବଂଶଲୋଚନା, ନଡ଼ିଆ, ଛତ୍ରଅଠା, ଶିମୂଳିକନ୍ଦା, ଆଖୁମୂଳ, ଷାଠିକଧାନମୂଳ, କୁଶମୂଳ, ଚଢ଼ିଆମୂଳ, ଗୁଳୁଚୀ; ଯାଠିମହୁ, ଅଖରୋଟ, ଅଷ୍ଟବର୍ଗ, ମାଷପର୍ଣ୍ଣୀ, ଅଶ୍ୱଗନ୍ଧା, ଶତାବରୀ, ଭୁଇଁକଖାରୁ, ଷୀର, କପାମଞ୍ଜୀ, ମିଶ୍ରୀ ଇତ୍ୟାଦି ।

**୮୦—ସ୍ତନ୍ୟଦ୍ୱାରା ସ୍ୱ ପ୍ରଭାବ ପ୍ରକାଶକ ଦ୍ରବ୍ୟ**—ପାରଦ ଘଟିତ ଔଷଧ, ଲୌହ, ଖପରଭସ୍ମ, ଦାରୁମୂଷୀ, ମୁକ୍ତା, ନବଶାଗର, ଶିତଳାମରିଚ, ତାର୍ପିନତେଲ, ରେବଳଚିନି, ସୁନାମୁଖୀପତ୍ର, କଡ଼ାତେଲ, ଅଫିମ, ସୋପ, ଅଳାଇଚ, ରସୁଣ, ଶିଳାଜିତ, ଯବକ୍ଷାର, ଷୀର, କଦଳୀ ଇତ୍ୟାଦି ।

**୮୧—ସ୍ତମ୍ଭକ ଦ୍ରବ୍ୟ**—ଖପରଭସ୍ମ, ନାଗଭସ୍ମ, ଲୌହଭସ୍ମ, ସ୍ୱର୍ଣ୍ଣମାକ୍ଷିକ, ମୟୂରଚିରିଆ, ଅପୂ, କେରୁଆଁ ଫୁଲ, ଫାମ୍ପୁଡ଼ିଆଁ ଫୁଲ, ଇସବଗୋଲ, ଖୈର, କୁଙ୍କୁମ, ଜାମଫୁଲ, ବାବୁଲଫୁଲ ଇତ୍ୟାଦି ।

**୮୨—ସ୍ନିଗ୍ଧ ଦ୍ରବ୍ୟ**—ମହୁ, ଘିଅ, ତେଲ, ଛମ୍ଭ, ସୌପ, ଯାଠିମହୁ, ବଣତୁଳସୀ ମଞ୍ଜୀ, ବାଦାମ, ମିଶ୍ରୀ, ଗହମ, ଦୁଧ ଇତ୍ୟାଦି । ଏହା ଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖା ଯାଇଥିବା ଚରକ କଥିତ ସ୍ନେହୋପଯୋଗ ସମସ୍ତ ଦ୍ରବ୍ୟ ମଧ୍ୟ ସ୍ନିଗ୍ଧତା କାରକ ଅଟେ ।

**୮୩—ସ୍ୱେଦକାରକ ଦ୍ରବ୍ୟ**—ପ୍ରବାଳଭସ୍ମ, ସୋରାଖାର, ନବଶାଗର, ଯବକ୍ଷାର, ଛଚନା, ବଇଞ୍ଚି-ଗଛରମୂଳ, କୋଳଥ, ଅରଖମୂଳ, ଟଙ୍କଣାଫୁଲ, ଗଙ୍ଗେଶ, କାଳମୂଳ, ମହୁରି, ଫଟିକ, ସୁଗନ୍ଧ; କର୍ପୂର, ଆଙ୍କୁଲ, ଦେବଦାରୁ, ଶ୍ୱେତପୁରୁଣୀ, ରକ୍ତପୁରୁଣୀ ନାଗରମୋଥା, ଅଭୁସୀ, ଫୁଲ୍ଲିଫଟିକା, କଟୁକା, ତୁଳସୀ, ଶୁଣ୍ଠି, ଗୁଡ଼ତ୍ୱକ, ବଣକାକରଣୀ, ଚା, ଗରମପାଣି, ସୌପ, ଶୀତଳାମରିଚ, ଗନ୍ଧକ, ତାର୍ପିନତେଲ, ବରକୋଳି, ଷୀର, ଯବଧାନ, ଗ୍ରିସି ଇତ୍ୟାଦି । ଏହା ଛଡ଼ା ଅଧିକପରିଶ୍ରମ, ବ୍ୟାୟାମ, ସୂର୍ଯ୍ୟତାପ, ଅଗ୍ନି ସେବନ ପ୍ରଭୃତି ମଧ୍ୟ ସ୍ୱେଦ କାରକଅଟେ ।

**୮୪—ସ୍ୱେଦାବରୋଧକ ଦ୍ରବ୍ୟ**—ଖପରଭସ୍ମ, କୋଚିଲା, ପଦ୍ମକାଠ, କୋଳଥ, ଲୋଧ, ବଂଶ-ଲୋଚନ; ଖୁରାସାନିଯୁଆଣି ଇତ୍ୟାଦି ।

**୮୫—ହିକ୍କାନାଶକ ଦ୍ରବ୍ୟ**—ଗନ୍ଧଶୁଣ୍ଠୀ; ପୁଷ୍କରମୂଳ, ବରକୋଳିମଞ୍ଜିର ଶସ, ଚକଡ଼ାଭେଙ୍ଗୀ, ଡେଙ୍ଗାଭେଙ୍ଗୀ, ମଦାଙ୍ଗ, ହରିଡ଼ା, ପିପ୍ପଳୀ, ଦୁରାଲଭା, କାକଡ଼ାଶୃଙ୍ଗୀ ଇତ୍ୟାଦି । ଏହା ଛଡ଼ା ସୁବର୍ଣ୍ଣଭସ୍ମ, ତାମ୍ରଭସ୍ମ, ମୟୂରପୁଚ୍ଛଚନ୍ଦ୍ରିକାଭସ୍ମ, ରସସିନ୍ଦୁର ଓ ପଚୁଆଫଳ ପ୍ରଭୃତି ମଧ୍ୟ ହିକ୍କା ନିବାରକ ଅଟେ ।

---

● ନଶୋଧୟତି ନ ଦୋଷାନ୍ ସମାନ୍ନୋଦୀରୟତ୍ୟପି ।
ସମୀକରୋତି ଚ କ୍ରୁଦ୍ଧାନ୍ ତତ୍ ସଂଶମନ ମୁଚ୍ୟତେ ॥

**୮୭—ହୃଦୟର ପୋଷକ ଦ୍ରବ୍ୟ**—ସୁବର୍ଣ୍ଣଭସ୍ମ, ଅଭ୍ରଭସ୍ମ, ଲୌହ, ମଣ୍ଡୁର, ମୁକ୍ତା, ରସସିନ୍ଦୂର, ହାଲମସିଣ୍ଡା, ସୁବର୍ଣ୍ଣମାକ୍ଷିକ, ଅର୍ଜ୍ଜୁନଛାଲ, କଇ, ପିପ୍ପଳୀ, ଘିଅ, ମହୁ, ଦୁଧ ଇତ୍ୟାଦି । ଏହା ଛଡ଼ା ଏହି ଗ୍ରନ୍ଥର ଶେଷରେ ଲେଖାଯାଇଥିବା ଚରକ କଥିତ ଦ୍ରବ୍ୟ କଷାୟ ମଧ୍ୟ ହୃଦୟର ପୋଷକ ଅଟେ ।

## ଉପଯୁକ୍ତ ଦ୍ରବ୍ୟ

ଔଷଧାର୍ଥରେ ନୂତନ ଦ୍ରବ୍ୟ ଗ୍ରହଣ କରିବ । କିନ୍ତୁ ଘୃତ, ଗୁଡ଼, ମହୁ, ଧନିଆଁ, ପିପ୍ପଳୀ ଓ ବିଡ଼ଙ୍ଗ ଏସବୁ ଦ୍ରବ୍ୟ ନୂତନ ଗ୍ରହଣ କରିବନାହିଁ । କାରଣକି ଏସବୁ ଦ୍ରବ୍ୟ ପୁରାତନ ହେଲେ ଅଧିକ ଉପକାରୀ ହୁଏ ।

## ଋତୁଭେଦରେ ଦ୍ରବ୍ୟାଙ୍କ ଗ୍ରହଣ ବିଧି

ଶୀତ ଓ ଗ୍ରୀଷ୍ମ କାଳରେ ମୂଳ, ବର୍ଷା ଓ ବସନ୍ତ କାଳରେ ପତ୍ର, ଶରତ୍ କାଳରେ ଛାଲି କନ୍ଦ ଓ କ୍ଷୀର, ହେମନ୍ତରେ ସାର ଏବଂ ଯେଉଁ ଋତୁରେ ଯେଉଁ ଫୁଲ ଓ ଫଳ ଉତ୍ପନ୍ନହୁଏ, ସେହି ଋତୁରେ ସେହି ଫୁଲ ଓ ଫଳ ଗ୍ରହଣ କରିବ । ଅଥବା ସାଧାରଣତଃ ସମସ୍ତ କାର୍ଯ୍ୟ ନିମନ୍ତେ ଶରତ୍ କାଳରେ ସକଳ ବନୌଷଧି ଦ୍ରବ୍ୟ ସଂଗ୍ରହ କରିବ । କେବଳ ବିରେଚନ ଓ ବମନ କାର୍ଯ୍ୟର ଉପଯୋଗୀ ସମସ୍ତ ଦ୍ରବ୍ୟ ବସନ୍ତ ଋତୁର ଶେଷରେ ଗ୍ରହଣ କରିବ ।

## ଭୂମିଭେଦରେ ପ୍ରସିଦ୍ଧ ଦ୍ରବ୍ୟ

ବିନ୍ଧ୍ୟ ପର୍ବତାଦି ସ୍ଥାନ ଆଗ୍ନେୟ ଏବଂ ହିମାଳୟ ପାର୍ବତ୍ୟପ୍ରଦେଶ ସୌମ୍ୟଅଟେ । ସୁତରାଂ ଆଗ୍ନେୟ ଔଷଧିଗୁଡ଼ିକ ବିନ୍ଧ୍ୟ ପ୍ରଦେଶରୁ ଏବଂ ସୌମ୍ୟ ଔଷଧିଗୁଡ଼ିକ ହିମାଳୟ ପ୍ରଦେଶରୁ ଗ୍ରହଣ କରିବ । ଅନ୍ୟାନ୍ୟ ବନ ଉପବନ ଓ ପାର୍ବତ୍ୟ ପ୍ରଦେଶରେ ମଧ୍ୟ ଔଷଧି ସବୁ ଉତ୍ପନ୍ନ ହୋଇଥାଏ । ଏଥିମଧ୍ୟରୁ ପାର୍ବତ୍ୟ, ଦେଶଜାତ ଔଷଧି ଗ୍ରହଣକରିବା ଉଚିତ । ମରୁଭୂମି ଓ ଜଙ୍ଗଲ ଭୂମିର ଉପଯୁକ୍ତ ସ୍ଥାନରୁ ପୂର୍ବ ବା ଉତ୍ତର ଦିଗରେ ଉତ୍ପନ୍ନ ବନୌଷଧି ଗ୍ରହଣ କରିବ । ଅଥବା ଏହିପରି ଭୂମିର କେବଳ ଉତ୍ତର ଦିଗରେ ଉତ୍ପନ୍ନ ଦ୍ରବ୍ୟକୁ, ଅବିକୃତ କୀଟାଦି ଅନାକ୍ରାନ୍ତ ଓ ବୀର୍ଯ୍ୟବାନ ଦେଖି ଗ୍ରହଣକରିବ ।

## ନିଷିଦ୍ଧ ଦ୍ରବ୍ୟ

ଦେବାଳୟ, ବଲ୍ମୀକ, କୂପ, ପଥ, ଶ୍ମଶାନ ଓ ବୃକ୍ଷମୂଳରେ ଉତ୍ପନ୍ନହେବା ଔଷଧି ଏବଂ ଅକାଳଜାତ, ଅତି ପୁରାତନ, ଜଳ ଦୂଷିତ, ଅଗ୍ନିଦଗ୍ଧ ଓ କୀଟଭକ୍ଷିତ ଦ୍ରବ୍ୟ ଫଳଦାୟକ ହୁଏନାହିଁ ।

ପୂର୍ବକାଳରେ ବୈଦ୍ୟମାନେ ମନ୍ତ୍ରପାଠ ପୂର୍ବକ ବନୌଷଧିମାନଙ୍କୁ ପୂଜାକରି ଔଷଧି ସଂଗ୍ରହ କରୁଥିଲେ । ଏଥିପାଇଁ ସେମାନେ ଉପବାସୀ ହୋଇ ପ୍ରଥମେ ମନ୍ତ୍ରଉଚ୍ଚାରଣ ଦ୍ୱାରା ଭୂତାପସାରଣ କରି ଉତ୍ତରମୁଖୀ ହୋଇ ଔଷଧି ଉତ୍ପାଟନ କରନ୍ତି ।

## ଭୂତାପସାରଣ ମନ୍ତ୍ର

ଓଁ ଅପସର୍ପନ୍ତୁ ତେ ଭୂତାଃ ଯେ ଭୂତାଃ ଭୂମି ସଂସ୍ଥିତାଃ, ଯେ ଭୂତାଃ ବିଘ୍ନକର୍ତ୍ତାରସ୍ତେ ନଶ୍ୟନ୍ତୁ ଶିବାଜ୍ଞୟା ।
ଓଁ ବେତାଳାଶ୍ଚ ପିଶାଚାଶ୍ଚ ରାକ୍ଷସାଶ୍ଚ ସରୀସୃପାଃ, ଅପସର୍ପନ୍ତୁ ତେ ସର୍ବେ ବୃକ୍ଷାଦସ୍ମାଚ୍ଛିବାଜ୍ଞୟା ॥

## ଔଷଧି ଉତ୍ପାଟନ ମନ୍ତ୍ର

ଓଁ ଯେନତ୍ୱାଂ ଖନତେ ବ୍ରହ୍ମା ଯେନେନ୍ଦ୍ରୋ ଯେନ କେଶବଃ । ତେନାହଂତ୍ୱାଂ ଖନିଷ୍ୟାମି ମନ୍ତ୍ରପୂତେନ ପାଣିନା ॥

## ପାରିଭାଷିକ ଭେଷଜ କଳ୍ପନା

**କଷାୟଭେଦ**—କଷାୟ ପଞ୍ଚପ୍ରକାର ଯଥା—ସ୍ୱରସ, କଳ୍କ, କ୍ୱାଥ, ଶୀତକଷାୟ, ଓ ଫାଣ୍ଟ । ଏହା ଉତ୍ତରୋତ୍ତର ଲଘୁପାକ ।

**ସ୍ୱରସ ବିଧି**—ସଦ୍ୟଃ ସଂଗୃହୀତ ଗଳାଢ଼ଳ ଓ ଶ୍ୱେତଦୂବ୍ରୁର୍ବା ପ୍ରଭୃତି ଦ୍ରବ୍ୟର ମୂଳ ଏବଂ ଆବଶ୍ୟକସ୍ଥ ଦ୍ରବ୍ୟର ପତ୍ର ପ୍ରଭୃତି କୁଟି ଯେଉଁ ରସ ବାହାର କରାଯାଏ, ତାହାକୁ ସ୍ୱରସ କହନ୍ତି । କାଞ୍ଚାଦ୍ରବ୍ୟର ଅଭାବ ହେଲେ ଶୁଷ୍କ ଦ୍ରବ୍ୟକୁ କୁଟି ଅଠଗୁଣ ଜଳରେ ସିଦ୍ଧ କରି ଏକଚତୁର୍ଥାଂଶ ଅବଶିଷ୍ଟ ଥିବ ହୋଇ ଛାଣି ଦ୍ରବ୍ୟୋତ କରିବ । ଅଥବା ଅଧସେର

ପରିମିତ ଚୂର୍ଣ୍ଣ ଦ୍ରବ୍ୟ ଦ୍ୱିଗୁଣ ପରିମିତ ଜଳରେ ଏକ ଅହୋରାତ୍ର (୨୪ ଘଣ୍ଟା) ବତୁରାଇ ଛାଣିନେବ । ଏହା ମଧ୍ୟ ସ୍ୱରସ ପରି କାର୍ଯ୍ୟକାରୀ ହୁଏ ।

**କଳ୍କ ବିଧି**—ପଥରରେ ବଟାହୋଇଥିବା କଞ୍ଚାଦ୍ରବ୍ୟ ବା ଜଳ ମିଶ୍ରିତ ପିଷ୍ଟ ଶୁଷ୍କଦ୍ରବ୍ୟର ନାମ କଳ୍କ ।

**କ୍ୱାଥ ବିଧି**—ଯେତେଗୁଡ଼ିଏ ଦ୍ରବ୍ୟର ପାଚନ ପ୍ରସ୍ତୁତ କରିବାକୁ ହେବ, ସମସ୍ତର ମିଳିତ ପରିମାଣ ୨୦ ଗ୍ରାମରୁ ଅଧିକ ହେବନାହିଁ । ଏହି ୨୦ ଗ୍ରାମ ଦ୍ରବ୍ୟ ୩୨୦ ଗ୍ରାମ ଜଳରେ ସିଦ୍ଧକରି ଚତୁର୍ଥାଂଶ ଅବଶିଷ୍ଟ ଥିବ ଓହ୍ଲାଇ ଛାଣିବ । ଏହାକୁ କ୍ୱାଥ ଏବଂ ଶୃତ କଷାୟ ବୋଲନ୍ତି । ଏହା ମାଟି ପାତ୍ରରେ ଓ ମୃଦୁ ଅଗ୍ନିରେ ପାକ କରିବ ।

**ଶୀତକଷାୟ ବିଧି**—୧୦ ଗ୍ରାମ କୁଟ୍ଟିତ ଦ୍ରବ୍ୟ ୬୦ ଗ୍ରାମ ଉଷ୍ଣଜଳରେ ଏକରାତ୍ର ବତୁରାଇ ପ୍ରାତଃକାଳରେ ଛାଣିନେଲେ ଶୀତକଷାୟ ପ୍ରସ୍ତୁତ ହୁଏ ।

**ଫାଣ୍ଟକଷାୟ ବିଧି**—୪୦ ଗ୍ରାମ କୁଟ୍ଟିତ ଔଷଧ ଦ୍ରବ୍ୟ ୧୬୦ ଗ୍ରାମ ଖୁବ୍ ଗରମ ଜଳରେ ନିକ୍ଷେପ କରି କିଛିକ୍ଷଣ ଘୋଡ଼ାଇ ରଖି ପରେ ସେହି ଦ୍ରବ୍ୟକୁ ହାତରେ ମର୍ଦ୍ଦି କନାରେ ଛାଣିବ । ଏହାର ନାମ ଫାଣ୍ଟକଷାୟ ।

**ଉଷ୍ଣୋଦକ ବିଧି**—ଅଗ୍ନି ତାପରେ ଜଳ ପାକ କରି ପ୍ରୟୋଜନାନୁସାରେ ଅଷ୍ଟମାଂଶ ଚତୁର୍ଥାଂଶ ଅଥବା ଅର୍ଦ୍ଧାଂଶ ରଖିବ କିମ୍ବା କେବଳ ଜଳ ଫୁଟାଇଲେ ଉଷ୍ଣୋଦକ ପ୍ରସ୍ତୁତ ହୁଏ ।

**ଭାବନା ବିଧି**—କ୍ୱାଥରେ ବା ରସରେ କୌଣସି ଔଷଧକୁ ଆର୍ଦ୍ର କରି ଖରାରେ ଶୁଖାଇବାର ନାମ ଭାବନା । ବିଶେଷ ଉଲ୍ଲେଖ ନଥିଲେ ସାତ ସାତ ବାର ଏହିପରି ଆର୍ଦ୍ର କରି ଖରାରେ ଶୁଖାଇବ ।

**ତଣ୍ଡୁଳୋଦକ ବିଧି**—୨୫୦ ଗ୍ରାମ ଚାଉଳକୁ ଅଳ୍ପ କୁଟି ଚତୁର୍ଗୁଣ ଜଳରେ ପ୍ରକ୍ଷାଳନ କଲେ (ହାତରେ ମର୍ଦ୍ଦି ଧୋଇଲେ) ତଣ୍ଡୁଳୋଦକ (ଚାଉଳଧୁଆପାଣି) ପ୍ରସ୍ତୁତହୁଏ ।

**ତୈଳପାକ ବିଧି**—ତୈଳକୁ ପ୍ରଥମେ ମୂର୍ଚ୍ଛାପାକ କରି ରଖିବାକୁ ହୁଏ । ଅନନ୍ତର ଶାସ୍ତ୍ର କଥିତାନୁସାରେ କଳ୍କ, କ୍ୱାଥ ଓ ରସ ଏହି ତିନଦ୍ରବ୍ୟ କିମ୍ବା କଳ୍କ ଓ କ୍ୱାଥ ଏହି ଦୁଇ ଦ୍ରବ୍ୟ କିମ୍ବା କେବଳ କଳ୍କରେ ତୈଳ ପାକ କରାଯାଏ ।

**ମୂର୍ଚ୍ଛାପାକର ନିୟମ**—ଉପଯୁକ୍ତ କଡ଼ାଇରେ ମୃଦୁ ଅଗ୍ନି ଯୋଗରେ ତୈଳ ପାକ କରିବ । ଏହି ତୈଳ ନିସ୍ଫେନ ହେଲେ ଚୁଲିରୁ ଓହ୍ଲାଇବ । ଏହା ଥଣ୍ଡା ହେଲେ ଏଥିରେ ଜଳମିଶ୍ରିତ ବଟା ହଳଦୀ କ୍ରମେ କ୍ରମେ ନିକ୍ଷେପ କରିବ । ପରେ କୁଟ୍ଟିତ ଓ ଜଳସିକ୍ତ ମଞ୍ଜିଷ୍ଠା ଏଥିରେ ଦେବ । ତଦନନ୍ତର ଲୋଧ, ମୁଥା, ଗନ୍ଧନାକୁଳୀ, ତ୍ରିଫଳା, କିଆ-ମୂଳ ଓ କୁରୁବେଲ, ଏହି ସମ୍ପ୍ରଦାୟର ଚୂର୍ଣ୍ଣ ଜଳ ସଂଯୁକ୍ତ କରି ତୈଳରେ ନିକ୍ଷେପ କରିବ । ୧୨ କେଜି ରାଶିତେଲ ପାକ କରିବାକୁ ହେଲେ ମଞ୍ଜିଷ୍ଠା ୧ କେଜି ହଳଦୀ ଲୋଧ ପ୍ରଭୃତି ପ୍ରତ୍ୟେକ ଦ୍ରବ୍ୟର ପରିମାଣ ୧୬୦ ଗ୍ରାମ ଗ୍ରହଣ କରିବ । ଏହିପରି ନିୟମରେ ରାଶିତେଲର ମୂର୍ଚ୍ଛାପାକ କରାଯାଏ ।

**ଷୋଡ଼ଶତେଲର ମୂର୍ଚ୍ଛାପାକ ନିୟମ**—ଏହି ତୈଳର ମୂର୍ଚ୍ଛାପାକ କରିବାକୁ ହେଲେ ହଳଦୀ ଓ ମଞ୍ଜିଷ୍ଠା ଦେବାପରେ ଅଁଳା, ବେଲଛାଲି, ଡାଳିମ୍ବଛାଲି, ନାଗେଶ୍ୱର, କଳାଜୀରା, କୁରୁବେଲ ଓ ଗନ୍ଧନାକୁଳୀର ଚୂର୍ଣ୍ଣ ଜଳଯୁକ୍ତ କରି ତହିଁରେ ଦେବ । ୪ କେଜି ଷୋଡ଼ଶ ତେଲ ମୂର୍ଚ୍ଛାପାକ କରିବାକୁ ହେଲେ ୧୬୦ ଗ୍ରାମ ମଞ୍ଜିଷ୍ଠା ଏବଂ ଅନ୍ୟାନ୍ୟ ପ୍ରତ୍ୟେକ ଦ୍ରବ୍ୟର ପରିମାଣ ୨୦ ଗ୍ରାମ ଗ୍ରହଣ କରିବ ।

ଏହିପରି ମୂର୍ଚ୍ଛାପାକ କରିବା ପରେ ତୈଳର ଚତୁର୍ଗୁଣ ଜଳଦେଇ ପୁନର୍ବାର ତୈଳପାକ କରି ଅଳ୍ପ ଜଳ ଅବଶିଷ୍ଟ ଥିବ ଓହ୍ଲାଇ ସେହିପରି ଅବସ୍ଥାରେ ଏହି ତୈଳ କିଛି ଦିନ ରଖିବାକୁ ହୁଏ । କଳ୍କ ଦ୍ୱାରା ତୈଳପାକ କରି-ବାକୁ ହେଲେ ଏହି ତୈଳ ଯେତେ, ତାହାର ୪ ଭାଗରୁ ଏକ ଭାଗ କଳ୍କ ଦ୍ରବ୍ୟ ଗ୍ରହଣ କରିବ । କ୍ୱାଥ ସହିତ ତୈଳ ପାକ କରିବାକୁ ହେଲେ ପ୍ରଥମତଃ ଶୁଷ୍କ ଦ୍ରବ୍ୟ କୁଟି ତହିଁରେ ୧୬ ଗୁଣ ୮ ଗୁଣ କିମ୍ବା ୬ ଗୁଣ ଜଳଦେଇ ପାକ କରି ଚତୁର୍ଥାଂଶ ଅବଶେଷ ରଖିବ । ତୈଳରେ ଯେତେ ଅଧିକ ସଂଖ୍ୟାରେ କ୍ୱାଥ ପଡ଼ିବାର କଥା । କ୍ୱାଥ ପାକ କରିବା ସମୟରେ ସେତିକି କମ ଜଳ ଦେବ । ସର୍ବଦା ଏହି ହିସାବ ରଖିବାକୁ ହେବଯେ, ଯେପରି କ୍ୱାଥ କ୍ରମଶଃ ଶୁଷ୍କ

ହୋଇ ତୈଳର ଚତୁର୍ଗୁଣ ରହେ । କୌଣସି ୨ ସ୍ଥଳରେ ଏହି ନିୟମ ଭଙ୍ଗ କରି ଦ୍ୱିଗୁଣ ବା ସମାନ ଜଳ ରଖିବାକୁ
ହୁଏ । ଯେଉଁ ତୈଳ ଯେପରି ପାକ କରିବାର କଥା, ତାହା ସେହି ୨ ତୈଳରେ ଉଲ୍ଲେଖ ଅଛି । ଯେଉଁ ଦ୍ରବ୍ୟ କ୍ୱାଥ
କ୍ୱାଥ ପ୍ରସ୍ତୁତ କରିବାକୁ ହେବ ତାହାର ପରିମାଣ କୌଣସିଠାରେ ତୈଳର ସମାନ ଏବଂ କୌଣସିଠାରେ ୨ ଗୁଣ, ଏହା
ଯଥା ସ୍ଥାନରେ ଉପଲବ୍ଧ ହୋଇଥାଏ । କୌଣସି ଦ୍ରବ୍ୟର ରସ ସହିତ ତୈଳ ପାକ କରିବାକୁ ହେଲେ ଏହି ରସର
ପରିମାଣ ତୈଳର ସମାନ ଗ୍ରହଣ କରିବ । କୌଣସି ୨ ତୈଳ ଗୋମୂତ୍ର, ଗୋଦୁଗ୍ଧ ଓ ମାଂସରସ ସହିତ ପାକ କରାଯାଏ ।
କୌଣସି ସ୍ଥଳରେ ଗୋମୂତ୍ରାଦି ତୈଳର ସମାନ, କୌଣସି ସ୍ଥଳରେ ଦୁଇ ଗୁଣ ଏବଂ କୌଣସି ସ୍ଥଳରେ ଚତୁର୍ଗୁଣ ଗ୍ରହଣ
ହୁଏ । ଯେଉଁ ତୈଳ ଯେପରି ପାକ କରିବାର କଥା ତାହା ସେହି ୨ ତୈଳପାକ ପ୍ରସଙ୍ଗରେ ଲେଖା ଅଛି ।

**ଘୃତପାକ ବିଧି**—ତୈଳପାକ ବିଧାନାନୁସାରେ ଘୃତ ମଧ୍ୟ ପାକ କରାଯାଏ । କିନ୍ତୁ ଏହାର ମୂର୍ଚ୍ଛା ପାକରେ
ବିଶେଷତ୍ୱ ଏହି ଯେ ପ୍ରଥମେ ହଳଦୀ, ତା'ପରେ ଲେମ୍ବୁରସ ଅନନ୍ତର ଜଳମିଶ୍ରିତ ତ୍ରିଫଳା ଓ ମୁଥାର ଚୂର୍ଣ୍ଣ ଘୃତରେ
ଦିଆଯାଏ । ୪ କେଜି ଘୃତର ମୂର୍ଚ୍ଛାପାକ କରିବାକୁ ହେଲେ ହଳଦୀ ପ୍ରଭୃତି ପ୍ରତ୍ୟେକ ଦ୍ରବ୍ୟର ପରିମାଣ ଅଶୀଏଗ୍ରାମ,
ଜଳ ୧୬୦ ଗ୍ରାମ ଗ୍ରହଣ କରିବ । କେହି କେହି କେବଳ ହଳଦୀ ଦ୍ୱାରା ଘୃତର ମୂର୍ଚ୍ଛାପାକ କରନ୍ତି ।

**କ୍ଷୀରପାକ ବିଧି**—ଯେଉଁ ଦ୍ରବ୍ୟର କ୍ଷୀର ପାକ କରିବାକୁ ହେବ । ତାହାର ୮ ଗୁଣ କ୍ଷୀର ଏବଂ କ୍ଷୀରର
୪ ଗୁଣ ଜଳ ଏକତ୍ର ପାକ କରି କ୍ଷୀରାବଶେଷ ରଖି ଛାଣି ନେବ । ଅର୍ଥାତ୍ ୨୦ ଗ୍ରାମ ଦ୍ରବ୍ୟହେଲେ ୧୬୦ ଗ୍ରାମ କ୍ଷୀର,
ଏବଂ ଜଳ ୬୪୦ ଗ୍ରାମ, ଅବଶିଷ୍ଟ ୧୬୦ ଗ୍ରାମ ରଖିବାକୁ ହେବ ।

**ପ୍ରକ୍ଷେପ ବିଧି**—କ୍ୱାଥାଦି ସହିତ କୌଣସି ପଦାର୍ଥ ମିଶ୍ରିତ କରିବାର ନାମ ପ୍ରକ୍ଷେପ । ଯେତିକି ଦ୍ରବ୍ୟରେ
କ୍ୱାଥ ପ୍ରସ୍ତୁତ କରାଯାଏ, ସେହି ଦ୍ରବ୍ୟର ୪ ଭାଗରୁ ୧ ଭାଗ ପ୍ରକ୍ଷେପ ଦ୍ରବ୍ୟ ଅର୍ଥାତ୍ ଘିଅ ମହୁ ମିଶ୍ରୀ ଓ ଚିନି ପ୍ରଭୃତି ଗ୍ରହଣ
କରିବ । ହିଙ୍ଗୁ ସୈନ୍ଧବ ଓ କାଳ ପ୍ରଭୃତିର ଚୂର୍ଣ୍ଣ ପାଞ୍ଚଗ୍ରାମ ମାତ୍ରାରେ କ୍ୱାଥରେ ପ୍ରକ୍ଷେପ ଦେବ । ରୋଗ ବିଶେଷରେ
ପ୍ରକ୍ଷେପର ବିଶେଷ ନିୟମ ଏହି ଯେ, ବାତ ରୋଗରେ କୌଣସି କ୍ୱାଥ ପ୍ରୟୋଗ କରିବାକୁ ହେଲେ ଏହି କ୍ୱାଥର ୧୬
ଭାଗରୁ ୧ ଭାଗ ମହୁ, ପିତ୍ତ ରୋଗରେ କୌଣସି କ୍ୱାଥ ପ୍ରୟୋଗ କରିବାକୁ ହେଲେ ଏହି କ୍ୱାଥର ୮ ଭାଗରୁ ୧ ଭାଗ ମହୁ,
ଏବଂ କଫ ରୋଗରେ କୌଣସି କ୍ୱାଥ ପ୍ରୟୋଗ କରିବାକୁ ହେଲେ ଏହି କ୍ୱାଥର ୪ ଭାଗରୁ ୧ ଭାଗ ମହୁ ପ୍ରକ୍ଷେପ ଦେବ ।
ଶର୍କର ପ୍ରକ୍ଷେପ କରିବାକୁ ହେଲେ ବାତରୋଗରେ କ୍ୱାଥର ୪ ଭାଗରୁ ୧ ଭାଗ, ପିତ୍ତରୋଗରେ କ୍ୱାଥର ୮ ଭାଗରୁ ୧ ଭାଗ
ଏବଂ କଫ ରୋଗରେ କ୍ୱାଥର ୧୬ ଭାଗରୁ ଏକ ଭାଗ ଶର୍କର ପ୍ରକ୍ଷେପ ଦେବ ।

**ଯବାଗୁ ବିଧି**—ଯେଉଁ ବ୍ୟକ୍ତି ଯେତିକି ଚାଉଳର ଅନ୍ନ ଆହାର କରିପାରେ ତାହାପାଇଁ ସେହି ପରିମାଣ
ଚାଉଳର ୪ ଭାଗରୁ ୧ ଭାଗ ଚାଉଳ, ୭ ଗୁଣ ଜଳରେ ପାକ କଲେ ଯବାଗୁ ପ୍ରସ୍ତୁତ ହୁଏ । ଶାସ୍ତ୍ର କଥିତ କୌଣସି କ୍ୱାଥ
ସହିତ ଯବାଗୁ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମତଃ କ୍ୱାଥର ଉପଯୋଗୀ ଦ୍ରବ୍ୟ ୩୨୦ ଗ୍ରାମ, ୧୬ କେଜି ଜଳରେ ସିଝ
କରି ୪ କେଜି ଅବଶିଷ୍ଟ ଥିବ ଓହ୍ଲାଇ ଛାଣି ଏଥିରେ ପ୍ରୟୋଜନାନୁରୂପ ଯବାଗୁ, ଯୁଷ କିମ୍ବା ମାଂସ ରସ ପ୍ରସ୍ତୁତ କରିବ ।
କଲ୍କ ସହିତ ଯବାଗୁ ପ୍ରସ୍ତୁତ କରିବାକୁ ହେଲେ ଶୁଣ୍ଠୀ ଓ ପିପ୍ପଳୀ ପ୍ରତ୍ୟେକ ୨୦ ଗ୍ରାମ, ଚାଉଳ ୮୦ ଗ୍ରାମ, ୪ କେଜି
ଜଳରେ ସିଝକରି ଅର୍ଦ୍ଧାବଶେଷ ଥିବ ଛାଣିବ ।

**ମଣ୍ଡବିଧି**—୧୫ ଗୁଣ ଜଳରେ ତଣ୍ଡୁଳ ସିଝକରି ପିଠା ପରିତ୍ୟାଗ କଲେ ଯେଉଁ ତରଳଭାଗ ରହେ, ତାହାକୁ
ମଣ୍ଡ ବୋଲନ୍ତି ।

**ପେୟାବିଧି**—ସିଠାଯୁକ୍ତ ମଣ୍ଡକୁ ପେୟା କହନ୍ତି ।

**ବିଲେପୀବିଧି**—୪ ଗୁଣ ଜଳରେ ତଣ୍ଡୁଳ ସିଝକରି ଯେଉଁ ଯବାଗୁ ପ୍ରସ୍ତୁତ କରାଯାଏ, ତାହାର ନାମ ବିଲେପୀ ।

**ମାଂସରସ ବିଧି**—କୌଣସି ଔଷଧ ସହିତ ମାଂସରସ ପ୍ରସ୍ତୁତ କରିବାକୁ ହେଲେ ୧ ଭାଗ ଦ୍ରବ୍ୟ, ମାଂସ ୨
ଭାଗ ଏକତ୍ର ସମୁଦାୟରୁ ଦୁଇ ଗୁଣ ଜଳରେ ପାକ କରି ୪ ଭାଗରୁ ୧ ଭାଗ ଜଳ ଅବଶିଷ୍ଟ ଥିବ ଛାଣିବ, ପରେ ଏଥିରେ ଘିଅ
ଓ ଲବଣ ସଂଯୋଗ କରି ସମ୍ଭାର କରିବ (ବଘାରିବ) ଏହାର ନାମ ମାଂସ ରସ । ଘନଳସ୍ଥା ମାଂସରସ ପ୍ରସ୍ତୁତ କରିବାକୁ
ହେଲେ ୧ କେଜି ମାଂସ ୪ କେଜି ଜଳରେ ସିଝ କରିବ । ପାତଳସ୍ଥା ମାଂସରସ ପ୍ରସ୍ତୁତ କରିବାକୁ ହେଲେ ଅଧ କେଜି ମାଂସ
୪ କେଜି ଜଳରେ ସିଝ କରିବ ।

**ଯୂଷ ବିଧି**—ବୋଡ଼ାଛଡ଼ା ଓ ଭଜା ମୁଗ ପ୍ରଭୃତିର ଡାଲି ଗୁର ଗୁଣ ଜଳରେ ପାକ କରି କନାରେ ଛାଣି ଜଳ ଭାଗ ବାହାର କରିବ । ଏହାର ନାମ ଯୂଷ । ଏହା ଅନେକ ପ୍ରକାର, ଯେଉଁ ସ୍ଥଳରେ ଯେପରି ଯୂଷ ପ୍ରସ୍ତୁତ କରିବା ବିଧି ଉପଦିଷ୍ଟ ଅଛି, ସେହିଠାରେ ସେହିପରି କରିବ ।

**ସ୍ୱେଦ ବିଧି**—ସ୍ୱେଦ (ସେକିବା) ୪ ପ୍ରକାର । ତାପ ସ୍ୱେଦ, ଉପନାହ ସ୍ୱେଦ, ଦ୍ରବ ସ୍ୱେଦ ଓ ବାଷ୍ପ ସ୍ୱେଦ । ବାଲି, କନାପୁଞ୍ଜା, ହାତ, କାଂସ୍ୟପାତ୍ର ଓ ଖଇର କାଠର ଅଙ୍ଗାର ଦ୍ୱାରା ସେକିବାର ନାମ ତାପସ୍ୱେଦ । ୨—ଅମ୍ଳ, ଲବଣ ଓ ଘୃତ ତୈଳାଦି ଯୁକ୍ତ ବାତନାଶକ ଔଷଧ ପ୍ରଲେପର ନାମ ଉପନାହ—ସ୍ୱେଦ । ୩—ଗରମ ପାଣି ଏବଂ ବାତ ନାଶକ ଔଷଧ କ୍ୱାଥ ଦ୍ୱାରା ସ୍ନାନ କରାଇବାର ନାମ ଦ୍ରବସ୍ୱେଦ । ୪—ପଥର ଓ ଇଟା ପ୍ରଭୃତି ଅଗ୍ନିବତ୍ ଉତ୍ତପ୍ତ କରି ତହିଁରେ କ୍ୱାଥାଦି ଦ୍ରବ ସେଚନ କଲେ ଯେଉଁ ବାଷ୍ପ ଉଦ୍‌ଗତ ହୁଏ, ତାହାର ନାମ ବାଷ୍ପସ୍ୱେଦ ।

**ଅଞ୍ଜନ ବିଧି**—ଔଷଧ ଦ୍ରବ୍ୟ ମହୁ ପ୍ରଭୃତିରେ ଘର୍ଷଣ କରି କଜ୍ଜ୍ୱଳ ଲଗାଇଲାପରି ଆଖିରେ ଲଗାଇବାର ନାମ ଅଞ୍ଜନ, ଏହା ଶୁଦ୍ଧ ସିସା କାଠି ଯୋଗରେ ଲଗାଇବା ପ୍ରଶସ୍ତ ।

**ନସ୍ୟବିଧି**—ନାସିକା ଦ୍ୱାରା ଔଷଧ ଗ୍ରହଣ କରିବାର ନାମ ନସ୍ୟ । ଏହା ରେଚନ ଓ ସ୍ନେହନ ଭେଦରେ ଦୁଇ ପ୍ରକାର । କଫ ରୋଗରେ ପୂର୍ବାହ୍ନରେ, ପିତ୍ତ ରୋଗରେ ମଧ୍ୟାହ୍ନରେ, ଏବଂ ବାତ ରୋଗରେ ଅପରାହ୍ନରେ ନସ୍ୟ ପ୍ରୟୋଗ କରିବ । ଊର୍ଦ୍ଧ୍ୱଜତ୍ରୁଗତାଦି ରୋଗ ଏବଂ ଅରୋଚକାଦି ରୋଗରେ ବିରେଚନ ନସ୍ୟ ପ୍ରୟୋଗ କରିବ । ମେଘାଚ୍ଛନ୍ନ ଦିବସରେ ଭୋଜନପରେ ନୂତନ ସର୍ଦ୍ଦି ରୋଗରେ, ଗର୍ଭିଣୀ, ଶ୍ୱାସାର୍ତ୍ତ ରୋଗୀ, ଶୋକସନ୍ତପ୍ତ, ତୃଷାର୍ତ୍ତ, ଶ୍ରାନ୍ତ ଓ ଉପବାସ କରିଥିବା ବ୍ୟକ୍ତିଠାରେ ନସ୍ୟ ପ୍ରୟୋଗ କରିବ ନାହିଁ ।

**ଗଣ୍ଡୂଷବିଧି**—ତୈଳ ଘୃତାଦି ସ୍ନେହ ଦ୍ରବ୍ୟ ଓ କ୍ଷାର କଷାୟାଦି ଦ୍ରବ ଦ୍ରବ୍ୟ ଦ୍ୱାରା ଉତ୍ତମରୂପରେ ମୁଖ ପୂରଣ କରିବାର ନାମ ଗଣ୍ଡୂଷ । ମୁଖ ନାସିକା ଓ ନେତ୍ରରୁ ଜଳସ୍ରାବ ହେବା ପର୍ଯ୍ୟନ୍ତ ଏହି ଗଣ୍ଡୂଷ ଧାରଣ କରିବ ।

**ପୁଟପାକ ବିଧି**—ଯେଉଁ ଦ୍ରବ୍ୟର ପୁଟପାକ କରିବାକୁ ହେବ, ତାହା ଜଳରେ ଧୌତ କରି ଅଳ୍ପ ପେଷଣ କରିବ । ପରେ ଏହାର ଉପରେ ଜାମ ଓ ବଟପତ୍ର ବେଷ୍ଟନ କରି ୧—୨ ଅଙ୍ଗୁଳି ପ୍ରମାଣ ମାଟି ଲେପଦେବ । ଏହି ମାଟି ପିଣ୍ଡର ଉପରି ଭାଗ ରକ୍ତବର୍ଣ୍ଣ ହେବା ପର୍ଯ୍ୟନ୍ତ ଏହା ନିଆଁରେ ପୋଡ଼ିବ । ଅନନ୍ତର ଅଗ୍ନିରୁ ବାହାର କରି ଭିତରେ ଥିବା ଔଷଧର ରସ ନିଗାଡ଼ିବ । ଏହାର ନାମ ପୁଟପାକ । ଏହା ପାକ କରିବା ସମୟରେ ଭିତରେ ଥିବା ଔଷଧ ଦ୍ରବ୍ୟ ଯେପରି ଅଙ୍ଗାର ନହୁଏ, ତତ୍ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ହେବ ।

## ପ୍ରାଚୀନ ଭାରତରେ ଆସବ, ଅରିଷ୍ଟ ଓ ମଦ୍ୟ ବ୍ୟବହାର

ଆସବ ଓ ଅରିଷ୍ଟ—ଔଷଧମାନଙ୍କର ଏକପ୍ରକାର ଅର୍କ ବା ମଦ୍ୟ—ବିଶୁଦ୍ଧ ଆସବକୁ ଇଂରେଜୀ ଭାଷାରେ ରେକ୍‌ଟିଫାଇଡ୍ ସ୍ପିରିଟ୍ ବା ଅଲକୋହଲ୍ ବୋଲନ୍ତି । ବର୍ତ୍ତମାନ ପ୍ରଚଳିତ ଆସବ ଓ ଅରିଷ୍ଟର ନାମ ଆସବାପ୍ଲୁତ ଦ୍ରବ (ଟିଂଚର) ।

ଅତି ପ୍ରାଚୀନ କାଳରେ ଏମନ୍ତକି ବୈଦିକ ଯୁଗରେ ମଧ୍ୟ ଆମ ଦେଶରେ ମଦ୍ୟର ପ୍ରଚଳନ ଥିଲା । ସେ ସମୟରେ ଦେବତାମାନଙ୍କର ସୋମରସ ପରି ଅସୁରମାନଙ୍କର ମଦ୍ୟ ଅତି ଆଦରଣୀୟ ବସ୍ତୁ ହୋଇଥିଲା । ଆଜିକାଲି ଇଂରେଜମାନଙ୍କ ଦେଶରେ ଯେପରି ପେୟ ମଦ୍ୟକୁ ଇଥଲ୍ ଏବଂ ଅପେୟ ମଦ୍ୟକୁ ମିଥଲ୍ ବୋଲନ୍ତି । ସେକାଳରେ ମଧ୍ୟ ସେମାନେ ପେୟ ମଦ୍ୟକୁ ଦୈବୀ ମଦ୍ୟ ଏବଂ ଅପେୟ ମଦ୍ୟକୁ ଇତରମଦ୍ୟ ନାମରେ ବ୍ୟବହାର କରୁଥିଲେ । ଆଜିକାଲି ଯେପରି ବିୟର, ଶେମ୍ପେନ୍, ହ୍ୱିସ୍କି, ପୋର୍ଟ, ବାଇନମ୍ ଇତ୍ୟାଦି ନାମରେ ନାନା ପ୍ରକାର ମଦ୍ୟ ବ୍ୟବହୃତ ହୁଏ । ସେ କାଳରେ ମଧ୍ୟ ଆମ ଦେଶର ବୈଦିକ ସମ୍ପ୍ରଦାୟ ମଧ୍ୟରେ ● ସୁରା, ସୀଧୁ, ବାରୁଣୀ, ଗୌଡ଼ୀ, ମାଧ୍ୱୀ ନାମରେ ଅନେକ ପ୍ରକାର ମଦ୍ୟ

---

● ତ୍ରେତାଯୁଗରେ ମଧ୍ୟ ଆର୍ଯ୍ୟ ଋଷିମାନଙ୍କ ଜାତି ମଧ୍ୟରେ ଦେବତା ପୂଜା ଉଦ୍ଦେଶ୍ୟରେ ମଦ୍ୟ ମାଂସର ବ୍ୟବହାର ଥିଲା । ବନବାସ କାଳରେ ସୀତାଦେବୀ ଭାଗୀରଥୀ ଗଙ୍ଗାଙ୍କୁ ବଦ୍ଧାଞ୍ଜଳି ହୋଇ କହିଥିଲେ ଯେ—

ସୁରାଘଟ ସହସ୍ରେଣ ମାଂସ ଭୂତୌଦନେନ ଚ, ଯକ୍ଷ୍ୟେ ତ୍ୱାଂ ପ୍ରୀୟତାଂ ଦେବି ପୁରୀଂ ପୁନରୁପାଗତା—

(ବାଂ ରାଂ ଅଂ ୫୨ ସର୍ଗ)

ପ୍ରଚଳିତ ଥିଲା । ବୈଦିକ ସୌତ୍ରାମଣୀ ଯଜ୍ଞରେ ମଦ୍ୟହୋମ ଓ ଦେବେନ୍ଦ୍ରଙ୍କର ମଦ୍ୟପାନ କଥା ମଧ୍ୟ ଲେଖା ଅଛି । ପୁରାଣ ସାହିତ୍ୟମାନଙ୍କରେ ବଳରାମ ପ୍ରଭୃତି ଅର୍ଯ୍ୟକ୍ଷତ୍ରିୟମାନଙ୍କର ମଦିରାପାନ ବୃତ୍ତାନ୍ତ ବର୍ଣ୍ଣିତ ହୋଇଅଛି । ଅର୍ବାଚୀନ ସଂସ୍କୃତ-ସାହିତ୍ୟ ଆଦି ଶାସ୍ତ୍ରମାନଙ୍କରେ ବିଶେଷତଃ ଚରକ ଓ ବାଗ୍‌ଭଟ୍ଟ ଆଦି ଆୟୁର୍ବେଦ ଗ୍ରନ୍ଥମାନଙ୍କରେ ମଦ୍ୟକୁ ଏହିପରି ପ୍ରଶଂସା କରାଯାଇଛି ଯେ, ତାହା ସଭ୍ୟତା ଓ ବିଳାସିତାର ପ୍ରଧାନ ଅଙ୍ଗ ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ । ମନୁ ମଧ୍ୟ କହିଛନ୍ତି—ନ ମଦ୍ୟ ଭକ୍ଷଣେ ଦୋଷଃ ନ ମାଂସେ ନ ଚ ମୈଥୁନେ ଇତ୍ୟାଦି । ଏମନ୍ତ କି ମଦ୍ୟ ଯୋଗୀ, ଭୋଗୀ ଓ ରୋଗୀ ସମସ୍ତଙ୍କର ଉପାଦେୟ ବସ୍ତୁ । ଆଜିକାଲି ଆମଦେଶର ଡାକ୍ତରଖାନାମାନଙ୍କରେ ଔଷଧ ନାମରେ ଯାହା ଦିଆଯାଏ ସେଥି ମଧ୍ୟରେ ଶତକଡ଼ା ୯୫ ଭାଗ ଔଷଧ ହେଉଛି—ବିଲାତି ମଦ୍ୟ ।

ମଦ୍ୟପରି ଶୋକ, ଦୁଃଖ ନିବାରକ, ବେଦନା ହାରକ ଓ ଆଶୁ ଫଳପ୍ରଦ ଔଷଧ ପୃଥିବୀରେ ବିରଳ । ରସୌଷଧ ମଧ୍ୟରେ ପାରଦ ଘଟିତ ଔଷଧ ଯେପରି ଗୀର୍ଯ୍ୟବାନ୍, ତୁରନ୍ତ ଉପକାରକ ଓ ଦୀର୍ଘକାଳ ସ୍ଥାୟୀ, ସେହିପରି ବନୌଷଧି-ମାନଙ୍କର ସନ୍ଧାନ (ପୋଚ) ବିଶେଷଦ୍ୱାରା ପ୍ରସ୍ତୁତ କରାଯାଇଥିବା ମଦ୍ୟ ବା ଅର୍କ, ଆସବ ଓ ଅରିଷ୍ଟ ଆଦି ମଧ୍ୟ ଅଧିକ ଶକ୍ତିଶାଳୀ ଓ ଦୀର୍ଘକାଳ ସ୍ଥାୟୀ ଅଟେ । ଅଧିକ କି—

ବିଷୟ ନିବୃତ୍ତ ଆତ୍ମନିଷ୍ଠ ଯୋଗୀମାନଙ୍କ ପକ୍ଷରେ ସୋମରସ ଯେପରି ଉପାଦେୟ, ସେହିପରି ବିଷୟ ଲମ୍ପଟ ଭୋଗୀ-ମାନଙ୍କ ପକ୍ଷରେ ଓ ରୋଗୀମାନଙ୍କ ପକ୍ଷରେ ମଦ୍ୟ ମଧ୍ୟ ଆଦରଣୀୟ ଓ ବ୍ୟବହାର୍ଯ୍ୟ ଅଟେ । ମଦ୍ୟ ସାମାନ୍ୟର ଗୁଣ ଶାସ୍ତ୍ରରେ ଏହିପରି ଲେଖାଅଛି ଯେ—

କାମ୍ୟତା ମନସସ୍ତୁଷ୍ଟିଃ ତେଜୋ ବିକ୍ରମ ଏବ ଚ ବିଧିବତ୍ ସେବ୍ୟମାନେ ତ ମଦ୍ୟେ ସନ୍ନିହିତା ଗୁଣାଃ ।
ବିଧିନା ମାତ୍ରୟା କାଲେ ହିତୈ ରନ୍ନୈର୍ନିଷେବିତମ୍ ପ୍ରହୃଷ୍ଟୋ ଯଃ ପିବେନ୍ ମଦ୍ୟଂ ତସ୍ୟ ସ୍ୟାଦମୃତୋପମମ୍
ସାତ୍ତ୍ୱିକେ ଗୀତହାସ୍ୟାଦି ରାଜସେ ସାହସାଦିକମ୍ ତାମସେ ନିନ୍ଦ୍ୟକର୍ମାଣି ନିଦ୍ରାଂ ଚ ମଦିରା ଚରେତ୍ ।

ଅର୍ଥାତ୍ ଉପଯୁକ୍ତ କାଳରେ ଉପଯୁକ୍ତ ମାତ୍ରାରେ ହିତକର ଆହାର ସହିତ ମଦ୍ୟପାନ କଲେ ତାହା ଅମୃତ ପରି ଉପକାର କରେ । ବିଧିପୂର୍ବକ ସେବିତ ମଦ୍ୟ—ସୌନ୍ଦର୍ଯ୍ୟ, ସନ୍ତୋଷ, ତେଜ ଓ ପରାକ୍ରମ ବୃଦ୍ଧି କରେ, ସାତ୍ତ୍ୱିକ ବ୍ୟକ୍ତି ସଂଯତ ଭାବରେ ମଦ୍ୟପାନ କଲେ ତା'ର ସତ୍ତ୍ୱଗୁଣ ବଢ଼େ ଏବଂ ସଙ୍ଗୀତ, କବିତା ଓ ବାଗ୍ମିତାର ବିକାଶ ହୁଏ । ରାଜସ ବ୍ୟକ୍ତିର ସାହାସ ବଢ଼େ ଏବଂ ତାମସ ପ୍ରକୃତିର ଲୋକ ମଦ୍ୟପାନ କଲେ ନିନ୍ଦନୀୟ କର୍ମରେ ତା'ର ପ୍ରବୃତ୍ତି ଜନ୍ମେ । ବୋଧ ହୁଏ, ଏହି ଶେଷୋକ୍ତ କାରଣରୁହିଁ ତମୋଗୁଣ ବହୁଳ ଏହି କଳିଯୁଗରେ ମଦ୍ୟପାନ ନିଷେଧ କରାଯାଇଛି । ଏମନ୍ତ କି ମନୁ ଲେଖିଛନ୍ତି—

ବ୍ରହ୍ମ ହତ୍ୟା ସୁରାପାନଂ ସ୍ତେୟଂ ଗୁର୍ବଙ୍ଗନାଗମଃ ମହାନ୍ତି ପାତକାନ୍ୟାହୁଃ ସଂସର୍ଗଶ୍ଚାପି ତୈଃ ସହ ।

ଚରକ ମଧ୍ୟ ଲେଖିଛନ୍ତି—

ନିବୃତ୍ତିଃ ସର୍ବ ମଦ୍ୟେଭ୍ୟୋ ନରେ ଯଃ ସ୍ୟାତ୍ ଜିତେନ୍ଦ୍ରିୟଃ
ଶାସ୍ତ୍ରୈର୍ମନସୈର୍ଦୋଷୈ ମାନ୍ ବିକାରୈର୍ନ ସ ଯୁଜ୍ୟତେ ।

କିନ୍ତୁ ମଦ୍ୟରେ ଏହିପରି ତାତ୍କାଳିକ ସୁଖପ୍ରଦ ସମସ୍ତ ଗୁଣ ରହିଛି ଯେ—ମଦ୍ୟପାନ କରେ। ବ୍ୟକ୍ତି ସର୍ବସ୍ୱାନ୍ତ ହେଲେହେଁ ତାକୁ ସହଜରେ ଛାଡ଼ି ପାରେ ନାହିଁ । ଏଥିଲାଗି କୁହାଯାଇଛି ଯେ—

ଉଦ୍ୟମଃ କଲହଃ କଷ୍ଟୁ ଦୁର୍ଯ୍ୟତଂ ମଦ୍ୟଂ ପରସ୍ତ୍ରିୟଃ
ଭୋଜନଂ ମୈଥୁନଂ ନିଦ୍ରା ସେବନାଦ୍ୱିବର୍ଦ୍ଧତେ ।

## ପ୍ରଚଳିତ ଆସବୀୟ ଦ୍ରବ ବା ଟିଂଚର୍

ଶାସ୍ତ୍ରରେ ଏହା ଲେଖାଅଛି ଯେ—

ଯଦପକ୍ୱୌଷଧାମ୍ବୁଭ୍ୟାଂ ସିଦ୍ଧଂ ମଦ୍ୟଂ ସ ଆସବଃ
ପକ୍ୱୌଷଧାମ୍ବୁ ସିଦ୍ଧଂ ଯନ୍ମଦ୍ୟଂ ତତ୍ ସ୍ୟାଦରିଷ୍ଟକମ୍ ।

ଅର୍ଥାତ୍ ଅପକ୍ୱ ଔଷଧ ଓ ଅପକ୍ୱ ଜଳର ଯୋଗରେ ଯେଉଁ ମଦ୍ୟ ପ୍ରସ୍ତୁତ କରାଯାଏ, ତା'ର ନାମ ଆସବ । ଯଥା—ଜମ୍ବୀରାସବ ଓ କୁମାରୀ ଆସବ ଇତ୍ୟାଦି ଏବଂ ପକ୍ୱ ଔଷଧ ଓ ପକ୍ୱ ଜଳର ଯୋଗରେ ପ୍ରସ୍ତୁତ କରାଯିବା ମଦ୍ୟକୁ ଅରିଷ୍ଟ ବୋଲାଯାଏ ।

ଆସବ ଓ ଅରିଷ୍ଟ ମଧ୍ୟରେ ବିଶେଷ କିଛି ପ୍ରଭେଦ ନାହିଁ । ଯେଉଁ ଦ୍ରବ୍ୟ କଠିନ, ତାକୁ ପାକ କରି ଅରିଷ୍ଟ ପ୍ରସ୍ତୁତ କରାଯାଏ ଏବଂ ଯେଉଁ ଦ୍ରବ୍ୟ ମୃଦୁ, ତାକୁ ପାକ ନ କରି ଆସବ ପ୍ରସ୍ତୁତ କରାଯାଇଥାଏ । ଏହାହିଁ ଆସବ ଅରିଷ୍ଟର ଭେଦ ।

ଆସବ ଓ ଅରିଷ୍ଟ ମଦ୍ୟ ବର୍ଗରେ ଭୁକ୍ତ ହେଲେ ମଧ୍ୟ ତହିଁରେ ମାଦକତା ରହେ ନାହିଁ । ତଥାପି ଏହାର ସନ୍ଧାନ ବିଧାନ ପ୍ରାୟଶଃ ମଦ୍ୟର ସନ୍ଧାନ ବିଧି ସହିତ ସମାନ ଅଟେ । ଏଣୁ ଏହାକୁ ମଦ୍ୟଶ୍ରେଣୀଭୁକ୍ତ କରାଯାଇ ଅଛି ।

## ଆସବ ଓ ଅରିଷ୍ଟ ପ୍ରସ୍ତୁତ ବିଧି

ଆସବ ଓ ଅରିଷ୍ଟ ପ୍ରସ୍ତୁତ କରିବା ପାଇଁ ଏହି ତଳେ ଲେଖା ଯାଇଥିବା ବିଷୟ ଗୁଡ଼ିକ ନିତାନ୍ତ ଆବଶ୍ୟକ । ନଚେତ୍ ନିର୍ଦ୍ଦୋଷ ଆସବ ପ୍ରସ୍ତୁତ କରାଯାଇ ପାରେ ନାହିଁ ।

## ଜ୍ଞାତବ୍ୟ ବିଷୟ

**୧—ସ୍ଥାନ ଶୁଦ୍ଧି**—କେଉଁ ସ୍ଥାନରେ ଆସବ ନିର୍ମାଣ କରିବାକୁ ହେବ ? ଏ ବିଷୟରେ ମତଭେଦ ଅଛି । କେହି କେହି ଆସବ ସନ୍ଧାନ ପାତ୍ରକୁ ଭୂମି ଉପରେ ରଖି ପ୍ରସ୍ତୁତ କରନ୍ତି । କେହି କେହି ତାକୁ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ମାଟି ଭିତରେ ପୋତି ଦେଇ ପରେ ଗ୍ରହଣ ବ୍ୟବହାର କରନ୍ତି ।

ଏହି ଦୁଇଟିଯାକ ପ୍ରକ୍ରିୟାର ଏକମାତ୍ର ଉଦ୍ଦେଶ୍ୟ ହେଉଛି—ଔଷଧ ସନ୍ଧାନ ନିମନ୍ତେ ଆବଶ୍ୟକ ହେବା ଉପଯୁକ୍ତ ଉଷ୍ମା ପହଞ୍ଚାଇବା । ଯଦି ଭୂମି ଉପରେ ପାତ୍ରକୁ ରଖି ଆସବ ତିଆର କରିବାକୁ ହୁଏ, ତାହେଲେ ନିର୍ମଳ ବାୟୁ ଓ ଆଲୋକଯୁକ୍ତ ଶୁଷ୍କ ଭୂମିରେ କିଛି ତୁଷ କିମ୍ବା ଅଗାଡ଼ି ବିଛାଇ ତା'ର ଉପରେ ସନ୍ଧାନ ପାତ୍ରକୁ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ରଖି ସନ୍ଧିରୋଧ କରି କହଳରା କମ୍ବଳ କିମ୍ବା ଅଖା ତା'ର ଉପରେ ଭଲରୂପେ ଘୋଡ଼ାଇ ଦେବାକୁ ହେବ । ଆର୍ଦ୍ର ଓ ଶୀତଳ ସ୍ଥାନରେ ସନ୍ଧାନ ପାତ୍ରକୁ ରଖିବ ନାହିଁ ।

ଯଦି ସନ୍ଧାନ ପାତ୍ରକୁ ଭୂମିରେ ପୋତି ଆସବ ତିଆର କରିବାକୁ ହୁଏ, ତାହେଲେ ନିର୍ମଳ ଗୃହରେ ୭୨ ହାତ ଲମ୍ବ ଓସାର ଏବଂ ଅଢ଼ାଇ ହାତ ଗଭୀର ଚତୁରସ୍ର କୁଣ୍ଡଭଳି ଇଟାରେ ଗୋଟିଏ ଖାତ ବା ଖଣି ପ୍ରସ୍ତୁତ କରି ତା'ର ଉପରେ ସନ୍ଧାନ ପାତ୍ରକୁ ରଖି ସମସ୍ତ ଔଷଧ ତହିଁରେ ଭର୍ତ୍ତି କରିବ । ତା' ଉପରେ ପରେ ଅଗାଡ଼ି ବା ତୁଷ ବିଛାଇ ଗାତଟି ପୂର୍ତ୍ତି କରି ଦେବାକୁ ହେବ । ଆର୍ଦ୍ର ଭୂମିରେ ଆସବ ସନ୍ଧାନ ପାତ୍ରକୁ ରଖିବ ନାହିଁ । ଦୁର୍ଗନ୍ଧ ଅନିର୍ମଳ ବାୟୁ ଯେପରି ସନ୍ଧାନ ପାତ୍ର ରଖାଯିବା ଗୃହରେ ପ୍ରବେଶ ନ କରେ ଏବଂ ମଶା ମାଛି ଆକୃଷ୍ଟ ହେବା ଭଳି କୌଣସି ଦ୍ରବ୍ୟ ସେହି ଗୃହର ମଧ୍ୟରେ ନ ରହେ, ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ହେବ ।

**୨—ସନ୍ଧାନପାତ୍ର ଶୁଦ୍ଧି**—ଆମ ଦେଶର କୁମ୍ଭାରମାନେ ମାଟିରେ ଯେଉଁ ବଡ଼ ବଡ଼ କୋଠହାଣ୍ଡି ପ୍ରସ୍ତୁତ କରନ୍ତି, ସେହିଭଳି କୋଠହାଣ୍ଡି—ଯାହାକି ଚିକ୍କଣ ମାଟିରେ ଗଢ଼ା ହୋଇ ଭଲରୂପେ ପୋଡ଼ା ହୋଇଥିବ, ତାକୁ ବାଛି ଆଣିବ । ଯଦି ଅଧିକ ଆସବ ପ୍ରସ୍ତୁତ କରିବାକୁ ହୁଏ ତାହେଲେ ଶାଗୁଆଣୀ କାଠରେ ତିଆରି ହୋଇଥିବା ମଦ-ଫିମାରେ ତିଆର କରିବା ଉଚିତ । ନୂତନ ମାଟି ହାଣ୍ଡିରେ ପାଣି ପ୍ରଭୃତି ଦ୍ରବ ପଦାର୍ଥ ରଖିଲେ ଝରେ । ଏଣୁ ନୂତନ ମାଟି ପାତ୍ରରେ ଆସବ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ଥରେ ତହିଁରେ ଦଶମୂଳ ପ୍ରଭୃତି ଅମ୍ଳଗୁଣ ରହିତ ବନୌଷଧି କିମ୍ବା ଧାନ ସିଝାଇବ ପରେ ଗରମ ପାଣିରେ ପାତ୍ରଟିକୁ ଭଲରୂପେ ଧୋଇ ତା'ର ଭିତର ଭାଗରେ ଧାତୁକୀଫୁଲ ଓ ଲୋଧଚୂର୍ଣ୍ଣ ସମାନ ଭାଗରେ ପାଣିରେ ଚିକ୍କଣ କରି ବାଟି ପାତଳ ପାତଳ କରି ତିନି ଥର ଲେପ ଦେଇ ଥରକୁ ଥର ଖରାରେ ଶୁଖାଇ ରଖିବ । ତା'ରପରେ ଚନ୍ଦନ, ଜଟାମାଂସୀ, ଅଗରୁ, ଗୁଗ୍‌ଗୁଳ ଓ କର୍ପୂର ଏସବୁ ଦ୍ରବ୍ୟର ଧୂପ ତହିଁରେ ଦେବ ।

ପୁରାତନ ମାଟିପାତ୍ରକୁ ମଧ୍ୟ ଭଲରୂପେ ଶୋଧନ କରି ଆସବ ସନ୍ଧାନ ନିମନ୍ତେ ଉପଯୋଗ କରାଯାଇଥାଏ । ସେହିଭଳି ପାତ୍ରକୁ ଶୋଧନ କରିବାର ନିୟମ ଏହି ଯେ—୧୫ ସେର ଜଳରେ ୧ ସେର ଚୂନ ଭଲରୂପରେ ଗୋଳି ତାକୁ

ସେଇ ପାତ୍ରରେ ଭର୍ତ୍ତିକରି ଚୁଲ୍ଲୀରେ ଥୋଇ ୪ ଘଣ୍ଟା ପର୍ଯ୍ୟନ୍ତ ଜାଳ ଦେଇ ଫୁଟାଇବ । ତା'ରପରେ ସେଇସବୁ ପାଣି ଫିଙ୍ଗି ଦେଇ ନିର୍ମଳ ପାଣିରେ ପୁଣିରେ ପାତ୍ରକୁ ଧୋଇ ଶୁଖାଇବ । ଏହିଭଳି ଭାବରେ ଶୋଧିତ ହୋଇଥିବା ପାତ୍ରରେ ଆସବ ପ୍ରସ୍ତୁତ କଲେ ତାହା ଖରାପ ହୁଏ ନାହିଁ ।

ଜମ୍ବୀର ପ୍ରଭୃତି ଅମ୍ଳରସ ସନ୍ଧାନ କରାଯାଇଥିବା ପାତ୍ରରେ ଗୁଡ଼ାଦି ଯୋଗରେ ନିର୍ମିତ ଆସବ ଅରିଷ୍ଟ କଦାପି ପ୍ରସ୍ତୁତ କରିବାକୁ ହେବ ନାହିଁ । ସେପରି କଲେ ଆସବ ଖରାପ ହୋଇଯାଏ ।

ଅମ୍ଳରସ ପ୍ରଧାନ ଦ୍ରବ୍ୟମାନଙ୍କର ଯୋଗରେ ଯଦି କୌଣସି ଆସବ ପ୍ରସ୍ତୁତ କରାଯାଏ, ତା'ହେଲେ ପ୍ରଥମେ ତା'ର ସନ୍ଧାନ ପାତ୍ରକୁ ଶୁଦ୍ଧ କରିବା ପରେ ତା'ର ଭିତର ଭାଗରେ ଭଲରୂପେ ଘୃତ ଲେପନ କରିବାକୁ ହେବ ।

**୩—ଜଳଆଦି ପଦାର୍ଥ ଶୁଦ୍ଧି**—ଆସବ ଅରିଷ୍ଟ ପ୍ରସ୍ତୁତ କରିବାପାଇଁ ସ୍ୱାଭାବିକରସ ଗନ୍ଧଯୁକ୍ତ ନିର୍ମଳ ସଜପାଣି ଗ୍ରହଣ କରିବ । ଅନିର୍ମଳ ବିକୃତ ଗନ୍ଧରସ, ଅଶୁଦ୍ଧ ପାତ୍ର ସ୍ଥିତ ଖାରପାଣି ଉପଯୋଗ କରିବ ନାହିଁ ।

ଗୁଡ଼ ଓ ମହୁ ଭଲରୂପେ ବାଛି ପରୀକ୍ଷା କରି ଗ୍ରହଣ କରିବ । ତାହା ଯଦି ଅମ୍ଳଗୁଣଯୁକ୍ତ ହୋଇଥାଏ, ତେବେ ବର୍ଜନ କରିବ । ଏକ ବର୍ଷରୁ ଅଧିକ ପୁରାତନ ଗୁଡ଼ ଓ ମହୁ ଆସବ ପ୍ରସ୍ତୁତ କରିବାପାଇଁ ଉତ୍ତମ ଅଟେ ।

ଆସବର ଉପଯୋଗୀ କ୍ୱାଥ ଓ ପ୍ରକ୍ଷେପ ନିମନ୍ତେ ଶୁଷ୍କ, ନୂତନ ନିର୍ମଳ ବନୌଷଧି ସବୁ ବାଛି ଗ୍ରହଣ କରିବ । ନକଲି ଓ ଖରୁଆ ଔଷଧି ପକାଇବ ନାହିଁ ।

**୪—ଗୁଡ଼ ଓ ମହୁ ମିଶାଇବା**—ପ୍ରଥମେ ଗୋଟିଏ ବଡ଼ ପାତ୍ରରେ ପୂର୍ବୋକ୍ତ ବିଶୁଦ୍ଧ ଜଳ କ୍ୱାଥକୁ ନିର୍ଦ୍ଦିଷ୍ଟ ପରିମାଣରେ ଭର୍ତ୍ତି କରି ତହିଁରେ ଶାସ୍ତ୍ର ଉପଦେଶ ଅନୁସାରେ ଗୁଡ଼, ଚିନି ବା ମହୁ ମିଶାଇ ଭଲରୂପେ ତାକୁ ହାତରେ ମନ୍ଥି ଗୋଳିବ । ତା'ରପରେ ତାକୁ ଆସବ ସନ୍ଧାନ ପାତ୍ରରେ ଭର୍ତ୍ତି କରିବ ।

**୫—ପ୍ରକ୍ଷେପ ଦ୍ରବ୍ୟ**—● ସେଇ ସେଇ ଆସବ ଓ ଅରିଷ୍ଟ ନିମନ୍ତେ ପ୍ରୟୋଜନୀୟ ପ୍ରକ୍ଷେପ ଦ୍ରବ୍ୟଗୁଡ଼ିକ ଭଲରୂପେ କୁଟି ଚୂର୍ଣ୍ଣ କରି ସେଇ ପୂର୍ବୋକ୍ତ ଗୁଡ଼ାଦି ମିଶ୍ରିତ ଜଳରେ ପକାଇବ । ତା'ରପରେ ନିର୍ଦ୍ଦିଷ୍ଟ ପରିମାଣରେ ଧାତୁକୀଫୁଲ, ମହୁଲଫଳ ବା ଛାଲି, ଯଷ୍ଟିମଧୁ ଓ ବାବୁଲ ଛାଲି ପ୍ରଭୃତି ମଦ୍ୟ ଉତ୍ପାଦକ ଦ୍ରବ୍ୟ ତହିଁରେ ପକାଇ ଭଲରୂପେ ସେ ସବୁ ହାତରେ ମନ୍ଥି ମିଶାଇବ ।

**୬—କିଣ୍ୱ ପ୍ରକ୍ଷେପ**—ଆସବ ଓ ଅରିଷ୍ଟ ସନ୍ଧାନ ପାତ୍ରର ତଳ ଭାଗରେ ମଣ୍ଡି ବସିଯାଇଥିବା ଘନ ଭାଗକୁ କିଣ୍ୱ ବୋଲନ୍ତି । ଚଳିତ ଭାଷାରେ ଏହାକୁ ବାଖର ବୋଲଯାଏ । ଏହାକୁ ଶୁଖାଇ ରଖିବାକୁ ହୁଏ । ଏହାହିଁ ସୁରାବୀଜ । ଦୁଇଦ୍ରୋଣ ଅର୍ଥାତ୍ ୬୪ ସେର ଦ୍ରବରେ ଏଥିରୁ ୧ ସେର ପକାଯାଏ । ଏହା ପକାଇଲେ ଆସବ ଅରିଷ୍ଟର ଉତ୍ସେଚନ କ୍ରିୟା ଶୀଘ୍ର ଓ ପ୍ରବଳବେଗରେ ଉତ୍ପନ୍ନ ହୋଇଥାଏ । ଏହାର ଅଭାବରେ ପୁରାତନ ଆସବ ୨-୩ ବୋତଲ ସନ୍ଧାନ ପାତ୍ରରେ ବୀଜରୂପରେ ପକାଇବାକୁ ହେବ । ଯେପରି କ୍ଷୀରକୁ ଦହି ରୂପରେ ପରିଣତ କରିବାପାଇଁ ମୋରଣ ବା ମଇ ଦିଆଯାଇଥାଏ, ସେଇପରି ଯେଉଁ ଆସବ ପ୍ରସ୍ତୁତ କରିବାକୁ ହେବ, ସେଇ ଆସବକୁ ବୀଜରୂପେ ତହିଁରେ ପ୍ରଥମେ ଦେବାକୁ ହେବ । ଯଦି ତାହା ନ ମିଳେ, ତେବେ ୩-୪ ବୋତଲ ଦ୍ରାକ୍ଷାସବ ବୀଜରୂପେ ଯେ କୌଣସି ଆସବ ଓ ଅରିଷ୍ଟରେ ପକାଇବାକୁ ହେବ ।

**୭—ଆସବ ଅରିଷ୍ଟ ପ୍ରସ୍ତୁତ କରିବାର ସମୟ**—ଆସବ ଓ ଅରିଷ୍ଟ ପ୍ରସ୍ତୁତ କରିବା ପାଇଁ ଶୀତକାଳ ଓ ଗ୍ରୀଷ୍ମକାଳ ହିଁ ପ୍ରଶସ୍ତ । ବର୍ଷାଋତୁରେ ଏହା ପ୍ରସ୍ତୁତ କରିବା ଉଚିତ ନୁହେଁ । କାରଣ—ଏହି ଋତୁରେ ଟିକିଏ ମାତ୍ର ଅସାବଧାନ ହେଲେ ଆସବ ଅରିଷ୍ଟ ବିଗିଡ଼ି ଯିବାର ଭୟ ରହେ ।

---

● ୧ ଭାଲିଆ, ୨ ଗିଲ, (ମଞ୍ଜି ନ ଥାଇ ଫଳ) ୩ କେନ୍ଦୁଅଁ ଫଳର ଛାଲି, ୪ କତିଆ ଛାଲି, ୫ କେନ୍ଦୁ ଛାଲିର ଉପର ଅଂଶ, ୬ ସୁଆମ ଛାଲି, ୭ ପାଂଶୀ ଛାଲି, ୮ ଉଶସ୍ତ ଛାଲି, ୯ ଅରଖ ଛାଲି, ୧୦ ଦୁବ୍ରଘ, ୧୧ ମୂର୍ଣ୍ଣିକା ଛାଲି; ୧୨ ଛତନା ଛାଲି, ୧୩ ଶାଳପର୍ଣ୍ଣୀ, ୧୪ କୃଷ୍ଣପର୍ଣ୍ଣୀ, ୧୫ ବେଗୁନିଆଁ ଫଳ, ୧୬ ଭୁଇଁକେନ୍ଦୁଅଁ ମୂଳ, ୧୭ କଡ଼ା (କାଳ) ପତ୍ର, ୧୮ ହରିଡ଼ା, ୧୯ ବାହାଡ଼ା, ୨୦ ଦାସକେକେଶ୍ୱା; ୨୧ କୁଙ୍କୋଟ, ୨୨ ବାଙ୍ଗେ ଏହିସବୁ ଦ୍ରବ୍ୟ ଦେଇ ପ୍ରସ୍ତୁତକାରୀମାନେ ବୀଜର ରୂପରେ ବ୍ୟବହାର କରିଥାନ୍ତି ।

**୮—ଆସବର ରାସାୟନିକ ପରିବର୍ତ୍ତନ**—ପୂର୍ବୋକ୍ତ ନିୟମରେ ଶୋଧିତ ହୋଇଥିବା ପାତ୍ରରେ ଆସବ ନିର୍ମାଣ ଉପଯୋଗୀ ସମସ୍ତ ଦ୍ରବ୍ୟ ନିକ୍ଷେପ କରିବା ପରେ ଗ୍ରୀଷ୍ମଋତୁରେ ୩ ଠାରୁ ୭ ଦିନ ଭିତରେ ଏବଂ ଶୀତଋତୁରେ ୫ ଠାରୁ ୭ ଦିନ ଭିତରେ ସେହି ସନ୍ଧାନ ପାତ୍ରସ୍ଥିତ ପଦାର୍ଥମାନଙ୍କ ମଧ୍ୟରେ ଏକ ପ୍ରକାର ରାସାୟନିକ ପରିବର୍ତ୍ତନ କ୍ରିୟା ଆରମ୍ଭ ହୋଇଥାଏ । ଏହାକୁ ଉତ୍ସେଚନ କ୍ରିୟା (ଫୁଟିବା) ବୋଲାଯାଏ । ଏହି କ୍ରିୟା ଗ୍ରୀଷ୍ମଋତୁରେ ୭ ଦିନ ପର୍ଯ୍ୟନ୍ତ ଏବଂ ଶୀତଋତୁରେ ୧୫ ଦିନ ପର୍ଯ୍ୟନ୍ତ ଚାଲେ ।

ଏହି ଉତ୍ସେଚନ କ୍ରିୟା ଚାଲୁ ହେବାଯାଏ, ସନ୍ଧାନ ପାତ୍ରର ମୁହଁକୁ ବନ୍ଦ କରିବାକୁ ହେବ ନାହିଁ । ତହିଁରେ ଖଣ୍ଡିଏ ଜାଲିଭଳି ସୂକ୍ଷ୍ମ ଛିଦ୍ରଥିବା କନା ବାନ୍ଧି ଦେବାକୁ ହେବ । ଏଥିଦ୍ୱାରା ପାତ୍ର ମଧ୍ୟରେ ମଶା ମାଛି ଧୂଳି ପ୍ରଭୃତି ପଡ଼ିବାର ଆଶଙ୍କା ରହେ ନାହିଁ ।

**୯—ରାସାୟନିକ ପରିବର୍ତ୍ତନ ଜାଣିବାର ଉପାୟ**—ସନ୍ଧାନ ପାତ୍ରର ମୁହଁରେ କାନ ଦେଇ ଶୁଣିଲେ ଯେତେଦିନ ପର୍ଯ୍ୟନ୍ତ ପାଣି ଫୁଟିଲାପରି ସେଁ ସେଁ ଶବ୍ଦ ଶୁଣାଯାଉଥିବ, ପାତ୍ରରୁ ମଦ୍ୟଗନ୍ଧ ଉଠୁଥିବ ଏବଂ ପାତ୍ର ମଧ୍ୟରେ ବୁରୁବୁରି ହୋଇ ଫେନ ଉଠିବାର ଦେଖା ଯାଉଥିବ, ସେତେଦିନ ପର୍ଯ୍ୟନ୍ତ ସନ୍ଧାନକ୍ରିୟା ଚାଲିଛି ବୋଲି ବୁଝିବ । ଏହି କ୍ରିୟା ଚାଲୁହେବା ସମୟରେ ପାତ୍ର ମଧ୍ୟରୁ ଏକପ୍ରକାର ବାଷ୍ପ ବାହାରେ । ଏହାକୁ କାର୍ବୋନିକ ଗ୍ୟାସ ବୋଲନ୍ତି । କାର୍ବୋନିକ ଗ୍ୟାସ ଯେତେଦିନ ପର୍ଯ୍ୟନ୍ତ ଉଠୁଥାଏ, ସେତେଦିନ ଯାଏ, ସନ୍ଧାନ ପାତ୍ର ଭିତରକୁ ଜଳନ୍ତା ବଳିତା ପ୍ରବେଶ କରାଇଲେ ତାହା ଲିଭିଯାଏ । ବଳିତା ଯେବେ ନ ଲିଭେ, ତେବେ କାର୍ବୋନିକ ଗ୍ୟାସ ଉଠିବା ସମାପ୍ତ ହେଲା ବୋଲି ବୁଝିବ ।

**୧୦**—ତା'ରପରେ ଅବିଳମ୍ବେ ଆସବକୁ ନିର୍ମଳ କନାରେ ଛାଣି ଅନ୍ୟ ପାତ୍ରରେ ରଖି ତା'ର ମୁହଁରେ ଶରା ଘୋଡ଼ାଇ କନାମାଟି ଲେପଦେଇ ପୋତି ଦେବାକୁ ହେବ । ଏହି ପ୍ରକ୍ରିୟା ଦ୍ୱାରା ପ୍ରଚୁର ପରିମାଣରେ ମଦ୍ୟ ଉଦ୍‌ଗମ ହୁଏ । ଅପକ୍ୱ ଆସବରୁ ଗ୍ୟାସ ଉଠୁଥାଏ ଏବଂ ପକ୍ୱ ଆସବର ଗ୍ୟାସ ବନ୍ଦ ହୋଇଯାଏ । ସାଧାରଣତଃ ଆମ ଦେଶରେ ଗ୍ରୀଷ୍ମଋତୁରେ ୧୪-୧୫ ଦିନରେ ଏବଂ ଶୀତ ଋତୁରେ ୨୦—୨୫ ଦିନରେ ଆସବ ଅରିଷ୍ଟ ପ୍ରସ୍ତୁତ ହୋଇ ଯାଏ । ଅତଏବ ସବୁ ଋତୁରେ ୧ ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାର ପ୍ରୟୋଜନ ନାହିଁ ।

**୧୧—ବିକୃତ ଆସବ**—ଯଦି ପ୍ରଥମରୁ ସନ୍ଧାନପାତ୍ରର ମୁଖ ବନ୍ଦ କରି ତାକୁ ପୋତି ଦିଆଯାଏ, ତାହେଲେ ଆସବ ପକ୍ୱ ହେବାପରେ ମଧ୍ୟ ତହିଁରେ ପଡ଼ି ସଡ଼ି ଯାଇଥିବା ପ୍ରକ୍ଷେପ ଦ୍ରବ୍ୟମାନଙ୍କର ଯୋଗରୁ ବିକୃତ ହୋଇ ଅମ୍ଳତ୍ୱ ପ୍ରାପ୍ତ ହୁଏ । ଏହି ବିକୃତ ଅମ୍ଳଭାବାପନ୍ନ ଦ୍ରବ୍ୟକୁ ଶୁକ୍ତ ବୋଲନ୍ତି । ଆସବ ଠିକ୍ ଭାବରେ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଯଦି ତାକୁ ଭଲରୂପେ ନ ଛାଣି ବୋତଲରେ ଭର୍ତ୍ତି କରାଯାଏ, ତାହେଲେ ତା'ର ମଣ୍ଡି ବସିଯାଇ ଫେରେ ମଦ୍ୟାଂଶ ଉତ୍ପନ୍ନ ହୋଇ ଆସବକୁ ଶୁକ୍ତ ରୂପରେ ପରିଣତ କରେ । ଏହିପରି ବୋତଲର ମୁଖ ଭଲରୂପେ ବନ୍ଦ ହୋଇ ନଥିଲେ ମଧ୍ୟ ବାହ୍ୟବାୟୁ ତହିଁରେ ପ୍ରବେଶ କରି ଆସବକୁ ବିକୃତ ବା ଅମ୍ଳ ଗୁଣଯୁକ୍ତ କରିଥାଏ ।

**୧୨—ଆସବରେ ଗନ୍ଧଦ୍ରବ୍ୟ ନିକ୍ଷେପ**—ଆସବର ସୁଗନ୍ଧି କରଣାର୍ଥେ ଯଦି କିଛି ଦ୍ରବ୍ୟ ପକାଇବାକୁ ହୁଏ, ତା'ହେଲେ କାର୍ବୋନିକ ଏସିଡ଼ ଗ୍ୟାସ ସମାପ୍ତ ହେବାପରେ ତାକୁ ପକାଇ ଋତୁ ଅନୁସାରେ ପୁଣି ପାତ୍ରର ମୁଖକୁ ୭ ଦିନ ଏବଂ ୧୫ ଦିନ ପର୍ଯ୍ୟନ୍ତ ବନ୍ଦ କରିଦେବା ଉଚିତ ।

**୧୩—ଆସବ ଅରିଷ୍ଟରେ ଲୌହଯୋଗ**—କୌଣସି ଆସବ ଅରିଷ୍ଟରେ ଯଦି ଲୌହଯୋଗ କରିବାର ଉପଦେଶ ଥାଏ, ତେବେ ସମପରିମିତ ତ୍ରିଫଳା ଚୂର୍ଣ୍ଣ ଓ ଜଳ ସହିତ ମିଶାଇ ଲୌହ ଭସ୍ମକୁ ୭ ଦିନ ପର୍ଯ୍ୟନ୍ତ ଖରାରେ ରଖିବ । ଏହିପରି କଲେ ଲୌହଭସ୍ମ ସବୁ ତ୍ରିଫଳା ଜଳରେ ମିଳିଯାଏ । ଏହି ତ୍ରିଫଳା ଜଳଯୁକ୍ତ ଲୌହହିଁ ଲୌହାସବ ପ୍ରଭୃତିର ସନ୍ଧାନ ସମୟରେ ଯୋଗ କରିବ । କିନ୍ତୁ ଅଶୁଦ୍ଧ ଲୁହାଗୁଣ୍ଡ କିମ୍ବା ମଣ୍ଡୁର ମିଶାଇବ ନାହିଁ ।

**୧୪—ଘିକୁଆଁରୀ ରସ ବାହାର କରିବାର ନିୟମ**—କୁମାର୍ଯ୍ୟାସବ ପ୍ରସ୍ତୁତ କରିବାପାଇଁ ଘିକୁଆଁରୀ ରସ ଆବଶ୍ୟକ ହୁଏ । ଏହି ରସ ବାହାର କରିବାର ନିୟମ ଏହି ଯେ—ପ୍ରଥମେ ଘିକୁଆଁରୀ ପତ୍ର ଗୁଡ଼ିଏ ଆଣି ପାଣିରେ ଭଲରୂପେ ଧୋଇବ । ତା'ର ପରେ ସେ ଗୁଡ଼ିକୁ ଖଣ୍ଡ ଖଣ୍ଡ କରି ଗୋଟିଏ ମାଟି ହାଣ୍ଡିରେ ଢାଙ୍କୁଣି ଘୋଡ଼ାଇ ସିଝାଇବ । କିଛି ସମୟ ପରେ ଶୀତଳ ହେଲେ କନାରେ ରସକୁ ଛାଣି ନେବ ।

**୧୫—କସ୍ତୁରୀ ଓ କର୍ପୂର ଯୋଗ**—ପକ୍ୱ ଆସବକୁ ବୋତଲରେ ଭର୍ତ୍ତି କରିବା ପରେ ଯଦି କର୍ପୂର ବା କସ୍ତୁରୀ ତହିଁରେ ମିଶାଇବାର ଉପଦେଶ ଥାଏ, ତା ହେଲେ ପ୍ରଥମେ ତାକୁ ମଦ୍ୟସାର (ଅଲକୋହଲ) ରେ ଗୋଳି ଯଥା ବିଭାଗରେ ବାର୍ଣ୍ଣି ବୋତଲରେ ମିଶାଇବ ଏବଂ ସଙ୍ଗେ ସଙ୍ଗେ ମଜବୁତ କାର୍କ ଲଗାଇ ଦେବ ।

**୧୬—ଆସବ ଅରିଷ୍ଟ ପରୀକ୍ଷା**—ଅନେକ ସମୟରେ ଆସବ ଅରିଷ୍ଟ ପ୍ରାୟ କଞ୍ଚା ରହିଯାଏ ଏବଂ ବେଶୀ ସମୟ ପଡ଼ି ରହିଲେ ଆମ୍ଳ ହୋଇଯାଏ । ଏଣୁ ତା'ର ପକ୍ୱ ଅପକ୍ୱ ପରୀକ୍ଷା କରିବା ଆବଶ୍ୟକ । **ପରୀକ୍ଷା ବିଧି ନ ୯ ସୂତ୍ର** ଦେଖ । ଯଦି କାର୍ବୋନିକ ଏସିଡ୍ ଗ୍ୟାସ ସନ୍ଧାନ ପାତ୍ରରୁ ଉଠୁଥାଏ, ତେବେ ଆସବ ଅରିଷ୍ଟ ଅପକ୍ୱ ବୋଲି ବୁଝିବାକୁ ହେବ ଏବଂ ସେହି ଗ୍ୟାସ ଉଠିବାର ସମାପ୍ତି ହେଲେ ଆସବକୁ ନିର୍ମଳ କନାରେ ଛାଣି ମାଟିର ଶୁଦ୍ଧ ପାତ୍ରରେ ରଖିବାକୁ ହେବ । ଆସବ ଅରିଷ୍ଟ ଯେତିକି ପୁରୁଣା ହୁଏ, ସେତିକି ନିର୍ମଳ ଓ ପାରଦର୍ଶକ ହୁଏ । ଏଣୁ ଛ, ଛ ମାସରେ ଥରେ ଥରେ ତାକୁ ଛାଣିଦେବା ଉଚିତ । କେହି କେହି ଆସବକୁ କନାରେ ଛାଣିବା ପରେ ତହିଁରେ କତକଫଳର ଚୂର୍ଣ୍ଣ ପକାଇ ନିର୍ମଳ କରିବାକୁ ଉପଦେଶ ଦେଇଥାନ୍ତି । ଏହା ମଧ୍ୟ ବିଧିସଙ୍ଗତ ଅଟେ ।

**ଆସବ ଅରିଷ୍ଟର ମାତ୍ରା**—୧ । ଆଉନ୍ସ ଠାରୁ ୧୨ ଆଉନ୍ସ ପର୍ଯ୍ୟନ୍ତ ରୋଗୀର ବଳ ଓ ବୟସକୁ ବିଚାର କରି ଔଷଧର ପ୍ରଭାବ ପ୍ରତି ଦୃଷ୍ଟି ଦେଇ ସ୍ଥଳ ବିଶେଷରେ ନ୍ୟୂନାଧିକ ମାତ୍ରା ବ୍ୟବସ୍ଥା କରିବ ।

**ଆସବ ଅରିଷ୍ଟ ସେବନ କାଳ**—ଭୋଜନର ୧ ଘଣ୍ଟା ପରେ ଜଳ ସହିତ ମିଶାଇ ଆସବ ଅରିଷ୍ଟ ସେବନ କରିବ ।

## ଆସବ ଅରିଷ୍ଟ ପ୍ରସ୍ତୁତ କରିବା ସାଧାରଣ ନିୟମ

ଅନୁକ୍ତମାନାରିଷ୍ଟେଷୁ ଦ୍ରବଦ୍ରୋଣେ ତୁଲାଂ ଗୁଡ଼ମ୍
କ୍ଷୌଦ୍ରଂ କ୍ଷିପେଦ୍ ଗୁଡ଼ାଦର୍ଦ୍ଧଂ ପ୍ରକ୍ଷେପଂ ଦଶମାଂଶିକମ୍ ।

ଅର୍ଥାତ୍ ଯଦି କୌଣସି ଆସବ ଅରିଷ୍ଟରେ ଜଳାଦି ଦ୍ରବ୍ୟର ପରିମାଣ ଲେଖାଯାଇ ନଥାଏ, ତେବେ ସେହିପରି ସ୍ଥଳରେ ଦ୍ରବ ଦ୍ରବ୍ୟ ବା ୩୨ ସେର ଜଳରେ ୭ କେଜି ଗୁଡ଼, ସାଢ଼େତିନିକେଜି ମହୁ ଏବଂ ପ୍ରକ୍ଷେପ ଔଷଧ ଜଳର ୧୦ ଭାଗରୁ ୧ ଭାଗ ବୋଲି ବୁଝିବ ।

---

ବୈଦ୍ୟ ବାଚସ୍ପତି ପଣ୍ଡିତ ଶ୍ରୀ ବ୍ରଜବନ୍ଧୁ ତ୍ରିପାଠୀଶର୍ମାଙ୍କ
କୃତ ଭାରତର ଅଦ୍ୱିତୀୟ ଚିକିତ୍ସା ଗ୍ରନ୍ଥ
ତିନିଭାଗରେ ବିଭକ୍ତ
ଅଭିନବ ଧନ୍ୱନ୍ତରି
ସଂପୂର୍ଣ୍ଣ ଗ୍ରନ୍ଥ ମୂଲ୍ୟ—ଟ ୫୦-୦୦ ମାତ୍ର

# ଦ୍ରବ୍ୟଗୁଣ କଳ୍ପଦ୍ରୁମ

## ପ୍ରକାଶକସ୍ୟ ମଙ୍ଗଳା ଚରଣମ୍

ଶାରଦାଂ ବ୍ରଜବନ୍ଧୁଞ୍ଚ ପିତରୌ ଜ୍ଞାନଦାୟକୌ ।
ପ୍ରଣମ୍ୟ ଭକ୍ତି ଭାବେନ କାଶ୍ୟେନ ମନସାଗିରା ॥
ସାରଂ ସମାକୃଷ୍ୟ ବହୁପ୍ରସହ୍ୟାତ୍ ଗ୍ରନ୍ଥାନ୍ତରେଭ୍ୟୋ ଭିଷଧେଭ୍ୟ ଏବ ।
ନାନାସବାନ୍ ଚ ଯଥା ବିଧାନ ସଂଯୋଜ୍ୟ ସଂସ୍କୃତ୍ୟ କରୋମି ଗ୍ରନ୍ଥମ୍ ॥
ନାସ୍ତି ଗୁଣଃ କୃପାଦୃଷ୍ଟି ର୍ଗ୍ରନ୍ଥୋଽୟମତ୍ର ବୁଧୈର୍ଭଃ ।
ଅତୋ ଜାତେଽପି ନୈର୍ଗୁଣ୍ୟେ ସଂକଳ୍ପଂଧାରୟାମ୍ୟହମ୍ ॥

## ଗ୍ରନ୍ଥ ପ୍ରଶସ୍ତିଃ

ଶ୍ରୁତୋ ଦ୍ରବ୍ୟଗୁଣୋ ଗ୍ରନ୍ଥଃ ପାଠବଂ ବୈଦ୍ୟକୋକ୍ତିଷୁ ।
କାଙ୍କ୍ଷଂ ସର୍ବସ୍ୱ ବୈତନ୍ୟଂ ବୈଦ୍ୟ ବଦ୍ୟାଂ ଦଦାତି ଚ ॥

**ଅକରକରା**—Anacycles Pyrethrum ଏହାକୁ ଅକଲକରା ମଧ୍ୟ କହନ୍ତି । ଏହାର ସଂସ୍କୃତ ନାମ—ଆକାରକରଭ, ଉଗ୍ରମୂଳ ଓ ଆକ୍ଷେଣକାଳକ । ଏହାକୁ ବଙ୍ଗଭାଷାରେ ଆକରକରା, ହିନ୍ଦୀରେ ଆକଲକରା, ଏବଂ ତେଲୁଗୁ ଭାଷାରେ ଆକଲକାର୍ରା ବୋଲଯାଏ ଏହା ଔଷଧାର୍ଥରେ ବ୍ୟବହୃତ ହୁଏ । ଅକରକରା କଟୁ ଏବଂ ଉଷ୍ଣବୀର୍ଯ୍ୟ । ଏହାର ଚୂର୍ଣ୍ଣ କମ୍ବା କ୍ୱାଥ ସେବନ କଲେ କଫ, ବାତ, ଶୋଥ, କାସ; ଶ୍ୱାସ, ପାଣ୍ଡୁ, ଶୀତପିତ୍ତ, ଅର୍ଦ୍ଦିତ, ପକ୍ଷାଘାତ, ଉଦରରୋଗ, ମୂର୍ଚ୍ଛା, ମୁଣ୍ଡବ୍ୟଥା, ବିସୂଚୀ ଓ ଅଗ୍ନିମାନ୍ଦ୍ୟ ରୋଗ ନିବାରିତ ହୁଏ । ଅକରକରାକୁ ଚୋବାଇ ଖାଇଲେ ଜିଭ ଝିମିଝିମି ହୁଏ ଏବଂ ତୁଣ୍ଡରୁ ଲାଳ ସ୍ରାବ ହୁଏ । ଅତଏବ ଏହାକୁ ଦାନ୍ତକଣ୍ଟା, ମୁଣ୍ଡବ୍ୟଥା, ପୁରାତନ ଶିରରୋଗ ଏବଂ ନେତ୍ର ରୋଗରେ ପ୍ରୟୋଗ କରାଯାଏ । ୧ ଅକରକରାର କ୍ୱାଥରେ ଅଦାରସ ମିଶାଇ ପାନ କଲେ ତନ୍ଦ୍ରା ଓ ଜଡ଼ତା ବିନଷ୍ଟ ହୁଏ । ୨ ପୁରାତନ ଶୁକ୍ରକ୍ଷୟ ଓ ଧ୍ୱଜଭଙ୍ଗ ରୋଗରେ ଏହା ଔଷଧ ମୋଦକାଦି ରୂପରେ ସେବନ କରାଯାଏ । ୩ ଅକରକରା କ୍ୱାଥର ଗଣ୍ଡୁଷ (କୁଳୁକୁଞ୍ଚା) ମୁଖରେଧାରଣ କଲେ ଦନ୍ତରୋଗ, ଗଳରୋଗ ଓ ଜିହ୍ୱାରୋଗ ପ୍ରଶମିତ ହୁଏ । ୪ ଏହା ମଳ ମୂତ୍ର ବିରେଚକ ଓ ରଜଃସ୍ରାବକର ୫ ଅକରକରାକୁ ପେଷି ଅପକ୍ୱ ବ୍ରଣ ଶୋଥରେ ଲେପନ କଲେ ବ୍ରଣ ବସିଯାଏ ଅଥବା ପାଚି ଫାଟିଯାଏ । ୬ ଅକରକରାର ଚୂର୍ଣ୍ଣ ଜଳରେ ଜାକିଲେ ଦାନ୍ତକଣ୍ଟା ତତ୍କ୍ଷଣାତ୍ କମିହୁଏ । ୭ ଅକରକରା ମୂଳ ଶୁଖାକୁ ଖୁଆଇଲେ ଶୀଘ୍ର କଥା କହେ । ୮ ମହୁ ସହିତ ଅକରକରାର ଚୂର୍ଣ୍ଣ ସେବନ କଲେ ଅପସ୍ମାର ଓ ଭ୍ରମ ରୋଗ ନିବୃତ୍ତି ହୁଏ । ୯ ଅକରକରାର ଚୂର୍ଣ୍ଣ ନସ୍ୟ ରୂପରେ ବ୍ୟବହାର କଲେ ଶ୍ୱାସାବରୋଧ (ନାକ ଚଣ୍ଟି ହେବା ରୋଗ) ନିବାରିତ ହୁଏ । ୧୦ ଅକରକରା ବାଟି ଯେଉଁ ଅଙ୍ଗରେ ଲେପନ କରାଯାଏ, ସେହି ଅଙ୍ଗର ଚର୍ମ ଲାଲବର୍ଣ୍ଣ ହୁଏ ଏବଂ ସେହି ଅଙ୍ଗରୁ ଝାଳ ବାହାରେ । ୧୧ ଅକରକରା ଯୋଗରେ ତୈଳ ପାକ କରି ଏହି ତୈଳ ଲିଙ୍ଗରେ ଲେପନ କଲେ କାମଶକ୍ତି ପ୍ରବଳ ହୁଏ ଏବଂ ସ୍ତ୍ରୀ ସହବାସରେ ବିଶେଷ ଆନନ୍ଦ ମିଳେ । ୧୨ ପରିମିତ ମାତ୍ରାରେ ଅକରକରାର ଚୂର୍ଣ୍ଣ କିଛିଦିନ ସେବନ କଲେ ବଳ ଓ ମେଧା ଶକ୍ତି ବଢ଼େ ଏବଂ ଜିହ୍ୱାର ଜଡ଼ତା ବିନଷ୍ଟ ହୁଏ । ୧୩ ପକ୍ଷାଘାତ, ସନ୍ନିପାତ ଜ୍ୱର ଓ ଜ୍ୱରର ଅବସାନ ଜାତ ଦୌର୍ବଲ୍ୟ ରୋଗରେ ଅକରକରା, ଶୁଣ୍ଠୀ ଓ ରାସ୍ନାର କ୍ୱାଥ ପାନ କଲେ ବିଶେଷ ଉପକାର ମିଳେ । ୧୪ ଏକରତି କଳା କୁକୁରର ଲୋମ ଏବଂ ଅକରକରା ଗୋଟିଏ ତଉଁରିଆ ଭିତରେ ରଖି ପିଲାମାନଙ୍କର ଗଳାରେ ବାନ୍ଧିଲେ, ସେମାନଙ୍କର କୁନ୍ଦୁଲି ରୋଗ (ଅପସ୍ମାର) ବିନଷ୍ଟ ହୁଏ । ବୈଦ୍ୟଶାସ୍ତ୍ରରେ ଅକରକରାର ବ୍ୟବହାର । ଯଥା—

୧୫ ଫିରଙ୍ଗରୋଗେ—ଅକରକରା ଦଶଗ୍ରାମ, ଶୁଦ୍ଧ ପାରଦ ୫ଗ୍ରାମ କଳାଜୀରର ୫ ଗ୍ରାମ ଏବଂ ମହୁ ୧୮ ଗ୍ରାମ ଯଥାବିଧି ଏକତ୍ର ମର୍ଦ୍ଦନ କରି ସାତ ଗୋଟି ବଟିକା ପ୍ରସ୍ତୁତ କରିବ । ଏହି

କରିବା ପ୍ରାତଃକାଳରେ ... ଏକ ୧ ମାତ୍ରା ସେବନ କରିଲେ ଏକ ସପ୍ତାହରେ ଫିରଙ୍ଗରୋଗ ( ଚଟଲଫିରଙ୍ଗ ) ଭଲ ହୁଏ । ଏହି ଔଷଧ ସେବନ କାଳରେ ଲବଣ ଓ ଅମ୍ଳ—ରସ ପରିତ୍ୟାଗ କରିବ । ( ଭାବପ୍ରକାଶ ) ମାତ୍ରା—ଚୂର୍ଣ୍ଣ ଅର୍ଦ୍ଧ—୧ ଗ୍ରାମ, କ୍ୱାଥ ୨୦—୪୦ଗ୍ରାମ ।

*ଅକାରକରାଦ୍ୟାସବ—ଅକରକରା ସ୍ୱରସ କମ୍ବା ଅଷ୍ଟମାଂଶ କ୍ୱାଥ ୧୬ କେଜି ମିଶ୍ରୀ ପାଞ୍ଚ କେଜିକୁ ନେଇ ଗୋଟିଏ ଚକା—ମାଟି, ଜାର କମ୍ବା କୋଡ (ବଡମାଟିହାଣ୍ଡି) ରେ ରଖିବ । ମିଶ୍ରୀ ସମ୍ପୂର୍ଣ୍ଣ ମିଳେଇ ଯିବା ପରେ, ସେଥିରେ ଗୋକ୍ଷୁର, କଇଥ, ଅପାମାରଗ, ପାଷାଣ ଭେଦା, ତୁଳସୀ, କାଲ (ଗନ) ଏହି ସମସ୍ତ ଦ୍ରବ୍ୟର ପଞ୍ଚାଙ୍ଗ, ଯଷ୍ଠୀମଧୁ, ପିପ୍ପଳୀ, କାସତୃଣ ଦେବଦାରୁ (ଜର୍ଗୁଣ୍ଡୀ) ଲବଙ୍ଗ ଏବଂ ଶୁଣ୍ଠୀ ପ୍ରତ୍ୟେକ କୋଡିଏ ଗ୍ରାମ, ଏହି ସମସ୍ତ ଦ୍ରବ୍ୟକୁ କୁଟି ହାଣ୍ଡି ରେ ଗୋଳ ସନ୍ଧାନ କରି ପନ୍ଦର ଦିନ ପର୍ଯ୍ୟନ୍ତ ଶୁଷ୍କ ସ୍ଥାନରେ ରଖି, ପରେ ଛାଣି ବୋତଲରେ ଭରତି କରିବ । ମାତ୍ରା ୧—୨ ଆଉନସ । ଉପଯୋଗ:—ମୂତ୍ରକୃଚ୍ଛ୍ର, ସିକତା ମେହ, ପ୍ରତଶ୍ୟାୟ, ଶୋଥ, ବାତରୋଗରେ ହିତକର । (ବୃ.ଆ.ଅ.ସ)

୨ ଅକାନବନ୍ଧୀଗଛ—Clypea hernendifolia, Cissam pelos, Hexendrs C Pareira. ଏହାର ସଂସ୍କୃତ ନାମ—ପାଠା, ଅମ୍ବଷ୍ଠା, ଅବିଦ୍ଧକର୍ଣ୍ଣୀ, ତ୍ରିଶିରା ଓ ବୃହତ୍ପର୍ଣ୍ଣୀ । ଏହାକୁ ବଙ୍ଗ ଭାଷାରେ ଅକାନାଦି, ହିନ୍ଦୀରେ ପାଢ଼, ଓ ତେଲୁଗୁ ଭାଷାରେ ପାଠଚେଟ୍ଟୁ ବୋଲନ୍ତି । ଔଷଧାର୍ଥରେ ଏହାର ପତ୍ର ଓ ମୂଳ ଗ୍ରହଣ କରାଯାଏ । ଏହା ତିକ୍ତ ଓ କଟୁ ରସ ଏବଂ ଉଷ୍ଣ ବୀର୍ଯ୍ୟ ଅଟେ । ଏହା କଫଦୋଷ, କୁଷ୍ଠ, କଣ୍ଡୁ, କାନ୍ତି, ଜ୍ୱର, ହୃଦ୍‌ରୋଗ, ତ୍ରିଦୋଷଜ ଅତିସାର, ଶୂଳ, କଫପିତ୍ତଜ୍ୱର, ବାତପିତ୍ତଜ୍ୱର, କୃମି, ଗୁଳ୍ମ ଓ ବ୍ରଣ ପ୍ରଶମନ କରେ ଏବଂ ଭଗ୍ନ ଅସ୍ଥିର ସନ୍ଧାନ କରେ । ୧ ଏହାର ପତ୍ରରେ ଅଳ୍ପ ଜଡାତେଲ ଲଗାଇ ତାକୁ ଅଳ୍ପ ଉଷୁମ କରି ବ୍ରଣ ଉପରେ ପକାଇଲେ ବ୍ରଣ ପାଚି ଫାଟିଯାଏ । ବୈଦ୍ୟଶାସ୍ତ୍ରରେ ଏହାର ବ୍ୟବହାର । ଯଥା— ୨ ଅର୍ଶରୋଗେ—କୁରଚିଛ, ବେଲଶୁଣ୍ଠୀ ଓ ଶୁଣ୍ଠୀ ସହିତ କମ୍ବା ଶୁଣ୍ଠୀ ସହିତ ଅକାନବନ୍ଧୀର ମୂଳ ବାଟି ସେବନ କଲେ ଅର୍ଶର (ମଳକଷ୍ଟକର) ବେଦନା ନିବାରିତ ହୁଏ । (ଚ,ଚି, ୯ ଅ) ୩ ଲବଣମେହେ—ଅକାନବନ୍ଧୀର ମୂଳ ଓ ଅଗରୁକାଠଏକତ୍ର ସିଦ୍ଧ କରି ଏହି କ୍ୱାଥ ସେବନ କଲେ ଲବଣମେହ ପ୍ରଶମିତ ହୁଏ । (ସୁ, ଚି, ୧୧ ଅ) ୪—ଗ୍ରହଣୀଭୁକ୍ତଶୂଳେ—ଶୁକ୍ରଧାତୁ ବିକୃତ ଓ ଗ୍ରନ୍ଥିଭୂତ ହେଲେ ଅକାନବନ୍ଧୀ ମୂଳର କ୍ୱାଥ ରୋଗୀକୁ ପାନ କରାଇବ । ( ଶା, ୨ ସୁ ଅ ) ୫— ଅର୍ଶରୋଗିର ବାୟୁରୋଧ ନିବାରଣାର୍ଥେ—ଅକାନବନ୍ଧୀର ମୂଳ ଚକ୍ଷୁ ସହିତ ବାଟି ପାନ କଲେ ଅର୍ଶ ରୋଗିର ବାୟୁରୋଧ ନିବାରିତ ହୋଇ ଗୁହ୍ୟରେ ମଳ ବହିର୍ଗତ ହୁଏ । (ବା,ଚି, ଅ) ୬ ଅନ୍ତର୍ବିଦ୍ରଧିରୋଗେ—ଅକାନବନ୍ଧୀର ମୂଳ ଚାଉଳଧୁଆ ପାଣି ସହିତ ବାଟି ତହିଁରେ ମହୁ ମିଶାଇ ପାନକଲେ ଅପକ୍ୱ ଅନ୍ତର୍ବିଦ୍ରଧି [ କ୍ରିଂ ରେମାଦି ] ବିଲୀନ ହୁଏ । (ଚକ୍ରଦତ୍ତ) ୭—ସୁଖପ୍ରସବାର୍ଥେ—ଗର୍ଭସ୍ଥିତ ଶିଶୁର ମୁଣ୍ଡ ଯୋନିଦ୍ୱାରରେ ରହିଛି ଅଥଚ ପ୍ରସବ ହୋଇପାରୁ ନାହିଁ, ଏହିପରି ଅବସ୍ଥାରେ ଅକାନବନ୍ଧୀର ମୂଳ ବାଟି ଯୋନିରେ ଲେପନ କଲେ ସୁଖରେ ପ୍ରସବ ହୁଏ । [ସ୍ତ୍ରୀରୋଗ ଚିକିତ୍ସା] । ୮ ଅତିସାରେ—ଚାଉଳ ଦହିରେ ଅକାନବନ୍ଧୀ ମୂଳ ବାଟି ସେବନ କଲେ ଅତିସାର ରୋଗୀର ବେଦନା ନିବାରିତ ହୁଏ ଏବଂ ମେଂଢ଼ୀ ଚକ୍ଷୁ ସହିତ ଅକାନବନ୍ଧୀ ମୂଳ ବାଟି ସେବନ କଲେ ଅତିସାର ପ୍ରଶମିତ ହୁଏ । [ ବଙ୍ଗସେନ ] ମାତ୍ରା ମୂଳ ୧—୩ ଗ୍ରାମ, ପତ୍ରବଟା ୩—୭ ଗ୍ରାମ, କ୍ୱାଥ ୫୦—୧୦୦ ଗ୍ରାମ ।

ଅମ୍ବଷ୍ଠାସବ—ଅକାନବନ୍ଧୀ, ଶ୍ୱେତଚନ୍ଦନ, କୁଡୁଚୋଛାଲି, ମୋଥା, ଗମ୍ଭାରୀ, ନାଗକେଶର, ପ୍ରିୟଙ୍ଗୁ, ପଦ୍ମକାଷ୍ଠ, ଲୋଧ, ମଞ୍ଜିଷ୍ଠା, ରକ୍ତଚନ୍ଦନ, ଚିରାୟିତା, ବେଲ ଓଳିଆ, ଜାମୁକୋଳି ଛାଲି, ଚାନି ଶୁଣ୍ଠୀ, ପିତ୍ତ ପାପଡ଼ା, ଯଷ୍ଠୀମଧୁ, ବାସ୍ନା, ଚେନ୍ତାଳପତ୍ରି, ଜାମ୍ବୁକ ଛାଲି, ଆମ୍ବ ଛାଲି, ମୋଚରସ, ପ୍ରତ୍ୟେକ କୋଡ଼ିଏ ଗ୍ରାମ ନେଇ ସୂକ୍ଷ୍ମ ଚୂର୍ଣ୍ଣ କରିବ । ଧାତୁକୀଫୁଲ ୨୮୦ ଗ୍ରାମ, ଦ୍ରାକ୍ଷା ୧ କେଜି, ତିନି ପାଞ୍ଚ କେଜି, ଗୁଡ ଅଢ଼ାଇ କେଜି, ଜଳ ଛବିଶି କେଜି । ଏହି ସମସ୍ତ ଦ୍ରବ୍ୟ ଏକାଠେ ମିଶାଇ ହାଣ୍ଡିରେ ଭରତି କରି ମୁଖ ସନ୍ଧାନ ପୂର୍ବକ ଏକ ମାସ ଗରମ ସ୍ଥାନରେ ରଖିବ । ପରେ ଛାଣି ବୋତଲରେ ଭରତି କରିବ । ମାତ୍ରା ଅର୍ଦ୍ଧ—୧ ଆଉନସ । ଉପଯୋଗ:—ଏହା ଶୁକ୍ରଦୋଷ ନିବାରକ, ବଳକାରକ, ପୌଷ୍ଟିକ, ହୃଦ୍ୟ, ଅଗ୍ନିବର୍ଦ୍ଧକ । ଏହା ପରିଣାମରେ (ପୁୟମେହ) ରୋଗର ଉତ୍ତମ ଔଷଧ, (ପରୀକ୍ଷିତ) (ବୃ. ଆ. ଅ. ସ)

୩ ଅଗରୁଚନ୍ଦନ—Aquilaria Agollocha Eagle wood. ଏହାର ସଂସ୍କୃତ ନାମ—ଅଗରୁ, କୃମିଜ, କୃମିଜଗନ୍ଧ ଓ ବର୍ଣ୍ଣପ୍ରସାଦନ । ଏହାକୁ ବଙ୍ଗଭାଷାରେ ଅଗରୁ—ଚନ୍ଦନ, ହିନ୍ଦୀରେ ଅଗରୁ ଏବଂ ତେଲୁଗୁରେ ଇରଗୁଣ୍ଡୁଚେଟ୍ଟୁ ବୋଲନ୍ତି । ଏହି ଗଛର କାଠ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା ତିକ୍ତ, (ତିକ୍ତ) କଟୁ, (ରସ) ଉଷ୍ଣବୀର୍ଯ୍ୟ, ସୁଗନ୍ଧି, ମନୋହର ଏବଂ ମାଙ୍ଗଳିକ ଦ୍ରବ୍ୟ ଅଟେ । ଏହାର କ୍ୱାଥ

* ପ୍ରତ୍ୟେକ ଆସବ ପ୍ରସ୍ତୁତ ନିର୍ମାଣ କରିବା ପୂର୍ବରୁ ପ୍ରଥମରେ "ଆସବାଦିର ନିର୍ମାଣ ବିଧି" ମନଯୋଗ ପୂର୍ବକ ପଢ଼ିବାକୁ ହେବ ।

ସେବନ କଲେ ବାଳକଙ୍କ ହୃଦ୍‌ରୋଗ, ଶିରଃରୋଗ, ନେତ୍ରରୋଗ, କୁଷ୍ଠ, ବ୍ରଣ, ବିସର୍ପ, ଅପସ୍ମାର, ଅପତନ୍ତ୍ରକ, ଉନ୍ମାଦ, ପକ୍ଷାଘାତ ଓ ଅପସ୍ମାର ବିନାଶିତ ହୁଏ । ୧—ଅଗରୁ କାଠର ଚୂର୍ଣ୍ଣ ଭାଙ୍ଗି ସହିତ ମିଶାଇ କପାଳରେ ଲେପନ କଲେ ମୁଣ୍ଡବ୍ୟଥା ପ୍ରଶମିତ ହୁଏ । ୨—ଦେହ ସୁଗନ୍ଧୀ କରିବାକୁ ଏବଂ ପ୍ରସ୍ୱେଦ ସ୍ରାବ ଓ ଶୈତ୍ୟ ପ୍ରଶମନାର୍ଥେ ଅଗରୁ କାଠର ଧୂପ ପ୍ରୟୋଗ କରାଯାଏ । ବୈଦ୍ୟଶାସ୍ତ୍ରରେ ଅଗରୁର ବ୍ୟବହାର ଯଥା—୩ ହିକ୍କା ଓ ଶ୍ୱାସରୋଗେ—କୃଷ୍ଣ ଅଗରୁ କାଠର ଧୂମ ନାଳିକା ଦ୍ୱାରା ଗ୍ରହଣ କଲେ ହିକ୍କା ଓ ଶ୍ୱାସ ପ୍ରଶମିତ ହୁଏ । (ଚ, ଚି, ୪ ଅ) ୪—ଲବଣମେହରେ—ଅକାଳବନ୍ଧୀ ଓ ଅଗରୁ କାଠର କ୍ୱାଥ ପାନକଲେ ଲବଣ ମେହ ବିନଷ୍ଟ ହୁଏ । [ସୁଶ୍ରୁତ] ୫ ହିକ୍କାରୋଗେ—ଅଗରୁକାଠର ଚୂର୍ଣ୍ଣ ମହୁ ସହିତ ଲେହନ କଲେ ହିକ୍କା ପ୍ରଶମିତ ହୁଏ । (ଚରକ) ୬ ଅଗରୁକାଠର ତୈଳ—ଏହି ତୈଳ ମର୍ଦ୍ଦନ କଲେ ଦାଦ୍ରୁ, କୁଷ୍ଠ ଓ କଟିମ ନାମକ ଚର୍ମରୋଗ ବିନଷ୍ଟ ହୁଏ । ଏହାର ମାତ୍ରା—କାଠର ଚୂର୍ଣ୍ଣ ଅଧ—୧ ଗ୍ରାମ । କ୍ୱାଥ ୫୦—୧୦୦ ଗ୍ରାମ । ତୈଳ ୩୦—୬୦ ଟୋପା । ଯେଉଁ ଅଗରୁକାଠ ଭାରି ହୋଇଥିବ, ପାଣିରେ ପକାଇଲେ ବୁଡ଼ିଯାଏ, ତାକୁ ଔଷଧାର୍ଥରେ ଗ୍ରହଣ କରିବ । ଅଗରୁ ଇତ୍ୟାଦ୍ୟାସବ—ଅଗରୁ ଚନ୍ଦନ, ଶୁଣ୍ଠୀ, [illegible], ପିପ୍ପଳୀମୂଳ, ଇନ୍ଦ୍ରଯବ, ଚବ୍ୟ, ଚିତ୍ରକ, ଗୋଲମରିଚ, ପିପ୍ପଳୀ, କଙ୍କୋଳ, ଗଜପିପ୍ପଳୀ, ପୁଷ୍କରମୂଳ, ଦେବଦାରୁ, [illegible], ଅଜମୋଦା, ଭୃଙ୍ଗରାଜ, ଧୂଆଁଳି, ରଙ୍ଗଚିତା, ଅରଣ୍ୟଶୁଣ୍ଠୀ, ଦେବଦାରୁ, ବାସ୍ନା, ସଜନା ଛାଲି, ଡାଳିମ, ଅଂଶୀ, ଲବଙ୍ଗ, ନାଗକେଶର, ଶିଶୁପତ୍ର, ଯଷ୍ଟିମଧୁ, ନାଗକେଶର, କୁଡ଼, ତଗରପାଦ, ତେଜପତ୍ର, ତମାଳପତ୍ର, ଶ୍ୱେତଚନ୍ଦନ, ରକ୍ତଚନ୍ଦନ, ଅଳାଇଚ, ଗୁଳୁଚି, ଶାଳପର୍ଣ୍ଣୀ, ଆକାଶୀ ପୁଅ (ଦକ୍ଷିଣିପୁଅ) ବାକଚି, ନାଗବଲା ଗୋକ୍ଷୁର, ଶତାବରୀ, ଲବଙ୍ଗ, ଭୃଙ୍ଗରାଜ, ଜାଇଫଳ, ଗୁଳୁଚୀ, ଧନିଆ, ଜୀବନ୍ତୀ, ମୌପ, ଛଣୀରଚେର, ତାଳିଶ ମଞ୍ଜୀ, ଖରକୁଳ—ମଞ୍ଜୀ, ପାଲଙ୍ଗ, ରନ୍ଧ ଶୁଣ୍ଠୀ, ଚୋପଚିନି, ପଦ୍ମକାଷ୍ଠ, ପ୍ରତ୍ୟେକ ଦୁଇଶି ଗ୍ରାମ, ଡାକ୍ଷା ଆଠ କେଜି, ଧାତକୀ ଫୁଲ ଦୁଇକେଜି, ଖଣ୍ଡ ଦୁଇକେଜି, ଗରମ ଜଳ କୋଡ଼ିଏ କେଜି, କେତକୀ ଅର୍କ ଦୁଇ କେଜି, ଗୋଲାପ ଅର୍କ ଦୁଇ କେଜି, କସ୍ତୁରୀ ତିନ ଗ୍ରାମ, କୁଙ୍କୁମ ଫୁଲ ଚାଳିଶ ଗ୍ରାମ, ପ୍ରବାଳଭସ୍ମ ଦଶ ଗ୍ରାମ, ଅମ୍ବର ତିନି ଗ୍ରାମ । ପ୍ରଥମେ ସମସ୍ତ କାଷ୍ଠ ଔଷଧ ଗୁଡ଼ିକୁ ଚୂର୍ଣ୍ଣକରି ଡାକ୍ଷା ପ୍ରଭୃତି ମୃଦୁଦ୍ରବ୍ୟଗୁଡ଼ିକୁ ସେଥିରେ ମିଶାଇ ଏକାଠେ ଗରମ ଜଳରେ ଗୋଳି ବୁଲ୍ଲୀରେ ବସାଇ ଫୁଟାଇବ । ତା'ପରେ ମୁଖ ବନ୍ଦ କରି ସାତଦିନ ରଖିବ । ପରେ ତାହାର କରି ଛାଣି ସେଥିରେ କେତକୀ ଅର୍କ ଏବଂ ଗୋଲାପଅର୍କ, ପ୍ରବାଳ ଭସ୍ମ ମିଶାଇବ । କସ୍ତୁରୀ, କୁଙ୍କୁମ ଏବଂ ଅମ୍ବରକୁ କନାରେ ବାନ୍ଧି ସେଥିରେ ପକାଇ ବାରୁଣୀ ଯନ୍ତ୍ରରେ ଅର୍କ ବାହାର କରିବ । ଏହା ଉପଯୁକ୍ତ ମାତ୍ରାରେ ସେବନ କଲେ ଅଗ୍ନି ଦୀପ୍ତ ହେବା ସଙ୍ଗେ ଶ୍ୱାସରୋଗ ଉପଶମ କରେ । ଏହା କାମୋ—ତ୍ତେଜକ, ଜଠରାଗ୍ନି ବର୍ଦ୍ଧକ, ବଳପଳିତ ନାଶକ, ଉତ୍ସାହବର୍ଦ୍ଧକ, ବଳ ବର୍ଦ୍ଧକ । (ବୃ. ଦ. ଅ. ସ)

୪ ଅଗସ୍ତି ଗଛ—Sesbania Grandiflora,

ଏହାର ସଂସ୍କୃତ ନାମ—ଅଗସ୍ତି, ମୁନିଦ୍ରୁମ, ବଙ୍ଗସେନ ଓ ଶୀଘ୍ରପୁଷ୍ପ । ଏହାକୁ ଇଂରାଜୀରେ ଅଗଷ୍ଟ ଟ୍ରିର ଗାଛ, ହିନ୍ଦୀରେ ଅଗସ୍ତିଅ, ଏବଂ ତେଲୁଗୁରେ ଅଗିଶିଚେଟୁ ବୋଲନ୍ତି । ଏହାର ପତ୍ର, ଫୁଲ, ମୂଳ ଓ ଫଳ ଔଷଧାର୍ଥରେ ବ୍ୟବହୃତ ହୁଏ । ପୁଷ୍ପର ବର୍ଣ୍ଣ ଭେଦରେ ଏହି ଗଛ ଚାରିପ୍ରକାର ଦେଖାଯାଏ । ଯଥା—ଶ୍ୱେତ, ପୀତ, କୃଷ୍ଣ, ରକ୍ତ । ଏହାର ପତ୍ର, ଫୁଲ ଓ ଫଳ ତିକ୍ତ, ମଧୁର ଏବଂ ଶୀତଳ ଗୁଣ ଯୁକ୍ତ । **ଅଗସ୍ତି ପତ୍ର**—ପିତ୍ତ, କଫ, ଚାତୁର୍ଥିକ ଜ୍ୱର, ସର୍ଦ୍ଦି, କାସ, ଶ୍ରମ, ଭୂତୋପଦ୍ରବ ଓ ନକ୍ତାନ୍ଧ୍ୟ (ରାତକଣା) ରୋଗରେ ଏହା ପ୍ରୟୋଗ କରାଯାଏ । **ଅଗସ୍ତି ଫୁଲ**—ଏହା ତିକ୍ତ, କଷାୟ ଓ ପାକରେ କଟୁ । ଏହି ଫୁଲ ପୀନସ, କଫପିତ୍ତ, ବାତ, ଦୁଇଦିନ ଛଡ଼ା ଜ୍ୱର ଓ ରାତ୍ର୍ୟନ୍ଧ ରୋଗରେ ହିତକର ହୁଏ । **ଅଗସ୍ତି ଫଳ**—ଏହା ମଧୁର, ତିକ୍ତ, ମୃଦୁ ବିରେଚକ, ବୁଦ୍ଧିବର୍ଦ୍ଧକ, ରୁଚିକର, ସ୍ମୃତିଶକ୍ତିପ୍ରଦ, ତ୍ରିଦୋଷଜ ଶୂଳ, ପାଣ୍ଡୁ, ଶୋଷ ଓ ଗୁଳ୍ମରୋଗରେ ହିତକାରୀ ଅଟେ । ଏହାର ମୂଳ କଷାୟ ଓ ତିକ୍ତ । ଏହା ବଳବୃଦ୍ଧି କରେ ଏବଂ କଫ—ନିଃସାରଣ କରେ । ୧—ଅଗସ୍ତି ପତ୍ର କିମ୍ବା ଫୁଲର ରସ ନାକରେ ପକାଇଲେ ପୀନସ ସର୍ଦ୍ଦି ଓ ମୁଣ୍ଡବ୍ୟଥା ପ୍ରଶମିତ ହୁଏ । ୨—ଅଗସ୍ତି ମୂଳ ଓ ଧୁଦୁରମୂଳ ସମଭାଗରେ ବାଟି ବେଦନାଯୁକ୍ତ ଫୁଲା ଅଙ୍ଗରେ ପ୍ରଲେପ ଦିଆଯାଏ । ବୈଦ୍ୟଶାସ୍ତ୍ରରେ ଅଗସ୍ତିର ବ୍ୟବହାର ଯଥା—୩ **ନକ୍ତାନ୍ଧ୍ୟ ରୋଗେ** —ଅଗସ୍ତି ପତ୍ରକୁ ଘିଅରେ ଭଜି ଖାଇଲେ ଅଥବା ଏହି ପତ୍ରର କଳ୍କରେ ଘୃତ ପାକ କରି * ସେବନ କଲେ ରାତକଣା ରୋଗର ଉପଶମ ହୁଏ । (ସୁଶ୍ରୁତ) ୪—**ଅପସ୍ମାର ରୋଗେ** —ଅଗସ୍ତି ପତ୍ର ଓ ଅଳ୍ପ ଗୋଲମରିଚ ଗୋମୂତ୍ର ସହିତ ବାଟି

* ଘୃତପାକବିଧି—ଗାଈଘିଅ ୧ କେଜି, ଶିଳରେ ବଟା ହୋଇଥିବା ଅଗସ୍ତି ପତ୍ର ପାଉ କେଜି ଏକତ୍ର ମନ୍ଦ ଅଗ୍ନିରେ [illegible] ମାତ୍ରା—୨—୫ ଗ୍ରାମ ।

ତା'ର ରସ ବାହାର କରିବ । ଏହି ରସ ଅପସ୍ମାର ରୋଗୀର ନାକରେ ଟପୁଡ଼ିଲେ ଅପସ୍ମାର ବିନଷ୍ଟ ହୁଏ । [ହା, ବି, ୯ଅ] ୫—**ଶିଶୁଅପସ୍ମାରରେ**—ଦୁଇ ଗୁଡ଼ିଏ ଗୋଲମରିଚ ଓ ଓ ଅଗସ୍ତି ପତ୍ର ଏକତ୍ର ବାଟି ତା'ର ରସରେ ଖଣ୍ଡିଏ ତୁଳା ଓଦାଇ ପିଲାମାନଙ୍କର ନାସାଦ୍ୱାରରେ ସ୍ଥାପନ କଲେ ସେମାନଙ୍କର କୁନ୍ଦୁଲିରୋଗ ଭଲ ହୁଏ । [ହା,ଚ] ୬—**ଚାତୁର୍ଥିକଜ୍ୱରେ**—ଯାହାର ଦୁଇଦିନ ଛଡ଼ା ଜ୍ୱର ହେଉଥିବ, ତା'ର ନାକରେ ଜ୍ୱରର ପାଳିଦିନରେ ଅଗସ୍ତି ପତ୍ରର ରସ ଛ'ସାତ ଟୋପା ଟପୁଡ଼ି ପକାଇବେ । ଏହିପରି ଦୁଇ ତିନ ପାଳି ପ୍ରୟୋଗ କଲେ ପ୍ଲୀହା ଓ ଯକୃତ ବଢ଼ି ନଥିବା ଚାତୁର୍ଥିକ ଜ୍ୱର ଛାଡ଼ିଯାଏ । (ଚକ୍ରଦତ୍ତ) ୭—**ବାତରକ୍ତରୋଗେ**—ଅଗସ୍ତି ଫୁଲ ଶୁଖାଇ ଚୂର୍ଣ୍ଣକରି ମେଁଷୀ ଦୁଧରେ ମିଶ୍ରିତ କରିବ । ଏହି ଦୁଧରେ ଦହି ପ୍ରସ୍ତୁତ କରି ତହିଁରୁ ନହୁଣୀ ବାହାର କରିବ । ଏହି ନହୁଣୀ ମର୍ଦ୍ଦନ କଲେ ବାତରକ୍ତ ରୋଗୀର ଚମ ଫାଟିଯିବା ଭଲହୁଏ । [ଭାବପ୍ରକାଶ] ୮—**ମୁଣ୍ଡବ୍ୟଥାରୋଗେ**—ଅଗସ୍ତି—ପତ୍ର ରସ ନାକରେ ଟପୁଡ଼ିଲେ ନାକବାଟେ ବହୁତ ଜଳସ୍ରାବ ହୋଇ ମୁଣ୍ଡବ୍ୟଥା ଭଲ ହୁଏ । [ଆ,କୋ] ୯—**ଶ୍ୱେତପ୍ରଦର ରୋଗେ**—ଅଗସ୍ତି ଗଛର କଞ୍ଚାଗୁଳି ବାଟି ତା'ର ରସରେ ଖଣ୍ଡିଏ କନା ଓଦାଇ ବଳିତା କରିବ, ଏହି ବଳିତାକୁ ଯୋନିରେ ଧାରଣ କଲେ ଶ୍ୱେତ ପ୍ରଦର ଓ ଯୋନି କଣ୍ଡୁ ନିବାରଣ ହୁଏ । **ଅଗସ୍ତ୍ୟାସବ**—ଅଗସ୍ତି ଫୁଲର ସ୍ୱରସ ଏକ ସେର, ଗୁଡ଼ ପାଉସେର, ମହୁ ଏକଶହ ଗ୍ରାମ । ଏହି ସମସ୍ତ ଦ୍ରବ୍ୟ ଏକାଠି ମିଶାଇ ମୁଖବନ୍ଦ କରି ଏକ ମାସ ରଖିବ । ତା'ପରେ ଛାଣି ବୋତଲରେ ରଖିବ । **ମାତ୍ରା**—ଅଧ ଠାରୁ ଏକ ଆଉନସ । ଶିଶୁ ମାତ୍ରା ୫ - ୧୦ ବିନ୍ଦୁ । ଏହା କାସ ଏବଂ ଶ୍ୱାସ ରୋଗର ଅଦ୍ଭୁତ ଯୋଗ । (ବୈ, ପ୍ର, ନି)

**୫—ଅଗିକଥୁ ଗଛ—ଗନ୍ଧଣାଗଛ ଦେଖ—**

**୬—ଅଗ୍ନିକୁମାରଘାସ—Agaya ghass** ଏହାର ସଂସ୍କୃତ ନାମ—ଅଗ୍ନିବଣ ଓ ରୋହିଷତୃଣ । ଏହାକୁ ହିନ୍ଦୀ ଭାଷାରେ ଅଗିୟାଘାସ ଏବଂ ତେଲୁଗୁରେ ଅଗ୍ନିବେଣ୍ଡ୍ରମୁ ବୋଲନ୍ତି । ଏହାର ପତ୍ର ଗୋଲମରିଚ ସହିତ ବାଟି ସେବନ କଲେ କମ୍ପଜ୍ୱର ପ୍ରଶମିତ ହୁଏ ଏବଂ ବାତକଫ ବିନଷ୍ଟ ହୁଏ । ଏହାର ମୂଳଚୂର୍ଣ୍ଣ ପ୍ରମେହ ନାଶକ । ୧—ଗୃଧ୍ରସୀ ବାତ ବେଦନାକ୍ରାନ୍ତ ଅଙ୍ଗରେ ଏହାର ମୂଳ ବା ପତ୍ର ବାଟି ଉପଯୁକ୍ତ ଶିରରେ ଲଗାଇଲେ ଫୋଟକା ହୋଇ ବାତ ଛାଡ଼ିଯାଏ । ୨—ଅଗ୍ନିକୁମାରୀ ପତ୍ର ରସରେ ୪୦ ଦିନ ପର୍ଯ୍ୟନ୍ତ ଶୁଦ୍ଧ ଗନ୍ଧକ ବତୁରାଇ ଖରାରେ ରଖିବ । ତା'ର ପରେ ଏହି ଗନ୍ଧକ ଦୁଇ ଅଷ୍ଟାଂଶ ଗ୍ରାମ ପରିମାଣେ ପାନ ମଧ୍ୟରେ ରଖି ଖାଇଲେ ଅତ୍ୟନ୍ତ କ୍ଷୁଧା ବୃଦ୍ଧି ହୁଏ ଏବଂ ଅନ୍ତଃସ୍ଥ କାମ ଉଦ୍ଦୀପିତ ହୁଏ । ମାତ୍ରା—ଦୁଇଅଷ୍ଟମାଂଶ ଗ୍ରାମ ।

**୭—ଅଗ୍ନିରଗୁଣ-Fire** ଅଗ୍ନି ତିନି ପ୍ରକାର ଯଥା—ଭୌମ [ତୃଣ ଓ କାଷ୍ଠାଦିରୁ ଏହି ଅଗ୍ନି ଉତ୍ପନ୍ନ ହୁଏ] । ଦିବ୍ୟ [ଆକାଶର ବିଜୁଳିରୁ ଏହି ଅଗ୍ନି ଉତ୍ପନ୍ନ ହୁଏ] । ଜଠରାଗ୍ନି [ପିତ୍ତ ରୂପରେ ନାଭି ଆମାଶୟର ମଧ୍ୟରେ ରହି ଭୁକ୍ତ ଅନ୍ନକୁ ଏହି ଅଗ୍ନି ପରିପାକ କରେ] । ଅଗ୍ନି—କଫବାତ ନାଶକ, ସ୍ୱେଦଜନକ, ରକ୍ତପିତ୍ତବର୍ଦ୍ଧକ, ଶୀତ, କମ୍ପ, ସ୍ତମ୍ଭ, ଆମ ଓ ଅଭିଷ୍ୟନ୍ଦ ନାଶକ ଅଟେ । ପ୍ରୟୋଗ—୧—ମୋଟା ବେଢ଼ାଣ ଲମ୍ବା ମୋଟା କମ୍ବଳରେ ଦେହକୁ ଉତ୍ତମ ରୂପେ ଘୋଡ଼ାଇ ପାଦ ଦୁଇଟି ତଳେ ରଖି ଗୋଟିଏ ଉଚ୍ଚ ସ୍ଥାନରେ ବସିବ । ବେଢ଼ାଣଟି ଏହିପରି ଓସାରିଆ ହୋଇଥିବ ଯେ, ଯେପରି ରୋଗୀର ବେକଠାରୁ ପାଦ ପର୍ଯ୍ୟନ୍ତ ଘୋଡ଼ାଇ ହୋଇ ରହେ । ତା'ର ପରେ ଦମକୁ ଥିବା ରଡ଼ନିଆଁ ଗୋଟିଏ ଉହ୍ମେଇରେ ଭର୍ତ୍ତିକରି ଉହ୍ମେଇ ନେଇ ରୋଗୀର କୋଳ ମଧ୍ୟରେ ଥୋଇ ରୋଗୀର ଦେହକୁ ଭଲରୂପେ ଘୋଡ଼ାଇ ଦେବ । ଏହିପରି ୧୫ । ୨୦ ମିନିଟ ସମୟ ନିଆଁର ତାତି ଦେହରେ ଲଗାଇଲେ ସର୍ବାଙ୍ଗରୁ ଝାଳ ବାହାରେ, ମୁଣ୍ଡବ୍ୟଥା, ସର୍ଦ୍ଦି, ଆଣ୍ଠୁଗଣ୍ଠିର ଫୁଲା ଓ ବେଦନା ଅତିଶୀଘ୍ର ନିବାରିତ ହୁଏ । ଦେହର ରକ୍ତ ପରିଷ୍କାର ହୁଏ । ଯେଉଁ ଜ୍ୱରରୋଗୀମାନଙ୍କର ଦେହରୁ ଝାଳ ବାହାରେ ନାହିଁ କମ୍ବା ଯେଉଁ ମାନଙ୍କର ଦିନେ ଦୁଇଦିନ ଛଡ଼ା ଜ୍ୱର ହୁଏ । ସେମାନଙ୍କୁ ଅନ୍ୟ କିଛି ଔଷଧ ନ ଦେଇ କେବଳ ଏହି ଉପାୟରେ ୫ । ୭ ଦିନ ପର୍ଯ୍ୟନ୍ତ ପ୍ରତିଦିନ ଥରେ ଦେହରୁ ଝାଳ ବାହାର କରାଇଲେ ଜ୍ୱର ଛାଡ଼ିଯାଏ । ପୁରାତନ କାସ ଓ ଶ୍ୱାସ ରୋଗୀମାନଙ୍କର ଦେହରୁ ଏହି ଉପାୟରେ ୧୦ । ୧୨ ଦିନ ଝାଳ ବାହାର କରାଇଲେ ସେମାନଙ୍କର କାସ, ଶ୍ୱାସ ରୋଗ ପ୍ରଶମିତ ହୁଏ । ୨—ପୂର୍ବୋକ୍ତ ନିୟମରେ ରୋଗୀକୁ ଉଚ୍ଚ ସ୍ଥାନରେ ବସାଇ ତା'ର କୋଳ ମଧ୍ୟରେ ଗୋଟିଏ ପାତ୍ର ରଖି ଏହି ପାତ୍ରଟିର ଅଧେ ପର୍ଯ୍ୟନ୍ତ ଜଳ ଭର୍ତ୍ତିକରିବ । ତା'ର ପରେ ୫ । ୭ ଖଣ୍ଡି ଇଟା ଉତ୍ତମରୂପେ ନିଆଁରେ ତତାଇ ଏହି ଜଳ ପାତ୍ରରେ ଖଣ୍ଡିଏ ୨ ପକାଇ ତା'ର ବାମ୍ଫ ଦେହରେ ଲଗାଇବ । ଏହିପରି ଉପାୟରେ ଦେହରୁ ଝାଳ ବାହାର କଲେ ପୂର୍ବୋକ୍ତ ରୋଗ ନିବାରିତ ହୁଏ । ପ୍ରକାଶ ଥାଉଯେ—ପ୍ରଥମ ପ୍ରକାର ନିଆଁର ବାମ୍ଫ ଗ୍ରହଣ କରିବା ସମୟରେ ବେଢ଼ାଣରେ ମୁହଁ ଘୋଡ଼ାଇବାକୁ ହେବନାହିଁ । ୩—ଶୂଳବେଦନାର ହଠାତ୍ ଶାନ୍ତି ନିମନ୍ତେ ଆମଦେଶର ଅଧିକାଂଶ ଲୋକେ ପେଟରେ ପଟ୍ଟି ଲଗାଇବାକୁ ଉପଦେଶ ଦିଅନ୍ତି । ପଟ୍ଟି ଲଗାଇବାର ନିୟମ ଏହିଯେ;

କାନ୍ଥଅରେ ଗୋଟିଏ ପିଣ୍ଡୁଳା ପରି କରି ତା'ର ମଧ୍ୟରେ ତେଲରେ ଭୁଜା ହୋଇଥିବା ୩।୪ ବଳଡା ପୋତିବ । ତା'ର ପରେ ଏହି ବଳଡାକୁ ଜାଳି ପେଟ ଉପରେ ମାଟି ପିଣ୍ଡୁଳାଟି ଥୋଇ ତା'ଉପରେ ଘଡ଼ିଟି ଓବୁଡାଇ ଦେବ । ଯେତେବେଳେ ଘଡ଼ିଟି ଗୁରୁଆକୁ ଭଡ଼ି ଧରିବ, ସେତେବେଳେ ତା'କୁ ଧୀରେ ଧୀରେ ଖୁବ୍ ଯତ୍ନରେ ବାହାର କରିବ । ଏହିପରି ସାତ ଆଠ ଥର ଘଡ଼ି ଦେଲେ ପେଟଫୁଲା ଓ ପେଟର ବେଦନା ଶାନ୍ତହୁଏ ।

**୮–ଅଙ୍ଗାର**—Fire brand or embers.

ପ୍ରୟୋଗ ୧–ଅଙ୍ଗାରକୁ ଗୁଣ୍ଡ କରି ଦାନ୍ତରେ ଘଷିଲେ ଦାନ୍ତ ପରିଷ୍କାର ହୁଏ । ୨–ପୋଡା ଗୁଆର ଅଙ୍ଗାର ଦନ୍ତ ମାର୍ଜନ ଚୂର୍ଣ୍ଣ ରୂପେ ବ୍ୟବହୃତ ହୁଏ । ୩–ଅତିସାର ରୋଗୀକୁ ଅଙ୍ଗାର-ଗୁଣ୍ଡ ଗୁଡ଼ ବା ଚିନି ସହିତ ଖୁଆଇଲେ ତା'ର ମଳର ଦୁର୍ଗନ୍ଧ ଦୂର ହୁଏ । ୪–ଅଙ୍ଗାର ଓ ଗନ୍ଧକ ଏକାଠି ବାଟି ଲେପନ କଲେ ପୋଚଡା ଓ ମିଳା ଘା ଶୁଖିଯାଏ ।

**୯–ଅଙ୍ଗାରବଲ୍ଲୀଗଛ**—ଚକିତାଭେଣ୍ଡିଗଛ ଦେଖ–

**୧୦–ଅଙ୍ଗୁର**–Grapevin. ଏହାର ସଂସ୍କୃତ ନାମ— ମୃଦ୍ବୀକା, ଗୋସ୍ତନୀ ମଧୁରସା ଓ ରସାଳା । ଏହାକୁ ହିନ୍ଦୀରେ ଅଙ୍ଗୁର, ମୁନକ୍କା, ବଙ୍ଗଭାଷାରେ ଦ୍ରାକ୍ଷା, ଏବଂ ତେଲୁଗୁ ଭାଷାରେ ଦ୍ରାକ୍ଷାପାଣ୍ଡୁ ବୋଲନ୍ତି । ଏହାର ପକ୍ୱଫଳ—ତୃଷା, ଦାହ, ଜ୍ୱର, ଶ୍ୱାସ, ରକ୍ତପିତ୍ତ, କ୍ଷତ, କ୍ଷୟ, କାଶ, ପିତ୍ତ, ଉଦାବର୍ତ୍ତ, ସ୍ୱରଭେଦ, ମଦାତ୍ୟୟ, ମୁଖର କଟୁତା, ମୁଖଶୋଷ ଓ କାସ ନାଶକ ଅଟେ । ଏହା ବୃଂହଣ, ବୃଷ୍ୟ, ମଧୁର, ସ୍ନିଗ୍ଧ ଓ ଶୀତଳ । ଏହାର ଅନ୍ୟାନ୍ୟ ଗୁଣ ଓ ପ୍ରୟୋଗ ଦ୍ରାକ୍ଷାପରି । **ଅଙ୍ଗୁରକ୍ଷାର**—ଅଙ୍ଗୁର ଗଛର ପଞ୍ଚାଙ୍ଗରେ ପ୍ରସ୍ତୁତହେବା କ୍ଷାର ଅଶ୍ମରୀ ରୋଗରେ ବିଶେଷ ଫଳପ୍ରଦ । **ଅଙ୍ଗୁରଶର୍ବତ** ୧—ପକ୍ୱ ଅଙ୍ଗୁର ଫଳର ରସ ଏକ ସେର, ଜଳ ୧୨ ସେର, ଚିନି ୨ ସେର । ପ୍ରଥମେ ଚିନି ଓ ଜଳ ଏକତ୍ର ମିଶାଇ ପାକ କରିବ, ତା'ର ପରେ ତହିଁରେ ଅଙ୍ଗୁରରସ ମିଶାଇ ମନ୍ଦ ଅଗ୍ନିରେ ପାକକରି ଏକ ତୃତୀୟାଂଶ ଜଳ ଅବଶେଷ ରଖି ଓହ୍ଲାଇବ । ମାତ୍ରା—୨।୪ ଆଉନ୍‌ସ । ଏହି ଶର୍ବତ ଜ୍ୱର ସମ୍ବନ୍ଧୀ ତୃଷା, ମୂତ୍ରଦାହ, ମୂତ୍ରକୃଚ୍ଛ୍ର ଏବଂ ପୈତ୍ତିକ ଅଜୀର୍ଣ୍ଣ ରୋଗରେ ଫଳପ୍ରଦ ଅଟେ । ଅଜୀର୍ଣ୍ଣ, ପ୍ରବାହିକା ଅତିସାର ଓ ଜଳୋଦର ରୋଗରେ ଏହା ବ୍ୟବହୃତ ହୁଏ । ୨—ଗର୍ଭିଣୀର ବମନରୋଗେ—ଦଶଗ୍ରାମ ଅଙ୍ଗୁର, ଅଁଳାଚୂର୍ଣ୍ଣ ଦଶଗ୍ରାମ, ଚିନି କୋଡ଼ିଏ ଗ୍ରାମ ଏକାଠି ମିଶାଇ ବାଟି ବରକୋଳି ପରି ମାତ୍ରା କରିବ, ଏହାକୁ ଜଳରେ ଜାକି ତା'ର ରସ ପାନକଲେ ଗର୍ଭିଣୀର ବାନ୍ତି ବନ୍ଦ ହୁଏ । **ଅଙ୍ଗୁରାସବ**—ଅଙ୍ଗୁର ରସ ଷୋହଳ ସେର, ଗୁଡ଼ ସାଢ଼େ ବାର ସେର, ଧାଉଡ଼ିଫୁଲ ଅଧ ସେର, ଅଶ୍ୱଗନ୍ଧା, ଲବଙ୍ଗ, ଜାଇଫଳ, ଗୋଲମରିଚ, ନାଗ-

କେଶର, ପିପ୍‌ପଳୀ, ଚିତାପାରୁ, ପିପ୍‌ପଳୀମୂଳ, ଗୁଡ଼ତ୍ୱକ, ଅଳାଇଚ, ତେଜପତ୍ର ବିଡ଼ଙ୍ଗ, ପ୍ରିୟଙ୍ଗୁ, କକଡ଼ାଶୃଙ୍ଗୀ, ବାସଙ୍ଗ ଏବଂ ଯଷ୍ଟୀମଧୁ ପ୍ରତ୍ୟେକ ପନ୍ଦର ଗ୍ରାମ, ଏହିସମସ୍ତ ଦ୍ରବ୍ୟର ଚୂର୍ଣ୍ଣ ଏକାଠି ମିଶାଇ ହାଣ୍ଡିରେ ଭରତି କରି ସେଥିରେ କସ୍ତୁରୀ ଏକଗ୍ରାମ, କୁଙ୍କୁମ ଫୁଲ ତିନିଗ୍ରାମ, କନାରେ ବାନ୍ଧି ଲୁହାଇଦେବ । ପାତ୍ରର ମୁଖରୁନ୍ଧ କରି ଏକମାସ ରଖିବ, ପରେ ଛାଣି ବ୍ୟବହାର କରିବ । ମାତ୍ରା—ଅଧେ—୧ ଆଉନ୍‌ସ, ନ୍ୟୁମୋନିଆ, କାସ, ଶ୍ୱାସ, ରାଜଯକ୍ଷ୍ମା ଉରଃ କ୍ଷତ ରୋଗରେ ଅଦ୍ଭୁତ ଫଳ ଦିଏ । ଏହି ଔଷଧ ଅତି ପ୍ରାଚୀନ ହସ୍ତଲେଖାରୁ ସଂଗୃହୀତ ।

**୧୧–ଅଜଗରସାପ**—Bor. ଏହାର ସଂସ୍କୃତନାମ— ଶୟୁ ଓ ବାହସ । ୧—ଏହାର ମାଂସ ଶୁଖାଇ ଅଗ୍ନିରେ ଦଗ୍ଧ କରି ଭସ୍ମ କରିବ । ଏହି ଭସ୍ମ ମଧୁସହିତ ମିଶାଇ ଅର୍ଶର (ମଳକଣ୍ଟକର) ମାଂସ ଟକାରେ ଲଗାଇଲେ ତାହା ମିଳାଯାଇ ଖସିପଡ଼େ । ଅଜଗର ସାପ ଯଦି କାହାକୁ ଦଂଶନ କରେ, ତେବେ ସେହି ସାପର ମାଂସ ଆଣି ଦଂଷ୍ଟ୍ରସ୍ଥାନରେ ବାନ୍ଧିଲେ ବିଷଦୋଷ ନଷ୍ଟହୁଏ । (ସୁଶ୍ରୁତ)

**୧୨–ଅଜମୋଦା**—Ajamoda. ଏହାର ସଂସ୍କୃତ ନାମ—ଅଜମୋଦା, ଉଗ୍ରଗନ୍ଧା ଓ ଅଜଗନ୍ଧିକା । ଏହାକୁ ହିନ୍ଦୀରେ ଅଜମୋଦ କହନ୍ତି । ଏହା ବାତ, କଫ, ହିକ୍କା, ଆଧ୍ମାନ, ଅରୁଚି, ଅଗ୍ନିମାନ୍ଦ୍ୟ, ଶୂଳ, ଚକ୍ଷୁରୋଗ, କୃମିଦୋଷ ଓ ଉଦରରୋଗ ନାଶକରେ । ଏହା ବସ୍ତିଶୂଳ ଗୁଳ୍ମରୋଗ ଓ ସାର୍ବିକାରରେ ପ୍ରୟୋଗ କରାଯାଏ । ଅଜମୋଦାର ଅର୍କ— ବାତକଫ ନାଶକ ଓ ବସ୍ତି ଶୋଧକ ଅଟେ । ମାତ୍ରା ବୀଜଚୂର୍ଣ୍ଣ ୩—୭ ଗ୍ରାମ । ତୈଳ ୧୫ ଠାରୁ ୩୦ ବିନ୍ଦୁ । **ଅଜଗନ୍ଧିକାସବ** —ଅଜମୋଦା, ଖୁରାସିନୀ ଯୁଆଣୀ, ଶୁଣ୍ଠ, ବୃଦ୍ଧଦାରମଞ୍ଜି, କର୍ପୂର, ଭର୍ଜୀରତବେଣା, ଜାଇଫଳ, ପ୍ରତ୍ୟେକ ୪୦ ଗ୍ରାମ, ସମସ୍ତ ଦ୍ରବ୍ୟକୁ ଚୂର୍ଣ୍ଣ କରି, ଗାଈଦୁଧ ୫ ସେରରେ ରାତରେ ବତୁରାଇ ବାରୁଣୀ ଯନ୍ତ୍ରଦ୍ୱାରା ଅର୍କ ଉଡ଼ାଇ ବ୍ୟବହାର କରିବ । ମାତ୍ରା— ଅଧେ—୧ ଆଉନ୍‌ସ । ଅନୁପାନ—ଔଷଧ ସେବନ ପରେ ବଡ଼ିଆ ପାନ ଖାଇବ । ସମସ୍ତ ରାତି ଶୋଇବା ପୂର୍ବରୁ ଏହା ଉତ୍ତେଜକ, ପାଚକ, ନିଦ୍ରାକାରକ, ପୀଡ଼ାଶାମକ ଏବଂ ଶ୍ୱାସ, କାସ, ମନ୍ଦାଗ୍ନି, ସଂଗ୍ରହଣୀ, ମଧୁମେହ ବିସୂଚିକା ବିନାଶକ । (ବୈଦ୍ୟକ ତକଯ୍ୟାସାର)

**୧୩–ଅଝାଡ଼ାଗଛ**—ଏହାର ବୀଜ ସର୍ପବିଷ ନାଶକ । ଏହା ବାଳକମାନଙ୍କର ଅଜୀର୍ଣ୍ଣ, ଆଧ୍ମାନ, ଏବଂ ଅତିସାର ରୋଗରେ ପ୍ରୟୋଗ କରାଯାଏ । ଏହା ଅରଣ୍ୟଜାତ ବୃକ୍ଷ—ଅଛି ଏକପ୍ରକାର କ୍ଷୁଦ୍ର ବୃକ୍ଷକୁ ଏ ଦେଶରେ ଅଝାଡ଼ାଗଛ ବୋଲନ୍ତି । ଏହିଗଛ ସର୍ବତ୍ରସୁଲଭ । ଏହାର ପତ୍ର ଦେବାଇଲେ

ମଧୁର ଲାଗେ । ଏହାପତ୍ର ଶୀତଳାମରଚ ସହିତ ବାଟି ମେହ, ଅତିସାର ଓ ଗ୍ରହଣୀ ରୋଗରେ ପ୍ରୟୋଗ କରାଯାଏ ।

**୧୪–ଅଂକୋଲୀଫୁଲ ଗଛ**—କାଣିକଉଡ଼ିଆ ଦେଖ ।

**୧୫–ଅଣସୋରିଷ ଗଛ** —Cleome viscosa. ଏହାର ସଂସ୍କୃତ ନାମ ସୂର୍ଯ୍ୟାବର୍ତ୍ତ, ଆଦିତ୍ୟଭକ୍ତା ଓ ସୁବର୍ଚ୍ଚଳା । ଏହାକୁ ବଙ୍ଗଳାରେ ହୁଡ଼ହୁଡ଼େ, ବନଶଲଚେ, ହିନ୍ଦୀରେ ହୁଲହୁଲ, ଏବଂ ତେଲୁଗୁରେ ସୂର୍ଯ୍ୟକାନ୍ତମୁ ବୋଲନ୍ତି । ଏହାର ସମୂଳ ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ରରସ, କଷାୟ, କମ୍ପା ଚୂର୍ଣ୍ଣ କଟୁ ତିକ୍ତ, କଷାୟ ଏବଂ ଉଷ୍ଣ । ଏହା ସେବନ କଲେ କଫ, କର୍ଣ୍ଣଜ୍ୱର, ଚର୍ମରୋଗ, କଣ୍ଡୁ, ବ୍ରଣ କୁଷ୍ଠ, ଭୂତଗ୍ରହ, ବିସ୍ଫୋଟ, ସ୍ୱରଭଙ୍ଗ, ଶ୍ୱାସ, କାସ, ଅରୁଚି, ମେହ, ଯୋନିରୋଗ, କୃମି ଓ ପାଣ୍ଡୁରୋଗ ବିନଷ୍ଟହୁଏ । ଏହାରସାୟନ, ୧—ବାଳକମାନଙ୍କର ଉଦରାଧ୍ମାନ, ଅତିସାର ଓ କୃମି ନିଃସାରଣାର୍ଥରେ ଏହାର ବୀଜ ପ୍ରୟୋଗ କରାଯାଏ । ଏହି ବୀଜର କ୍ୱାଥରେ ବ୍ରଣ ପ୍ରକ୍ଷାଳନକଲେ କଦର୍ଯ୍ୟବ୍ରଣ ନିର୍ଦ୍ଦୋଷ ଓ ଶୁଷ୍କହୁଏ । ୨–ଏହାର ପତ୍ର ରସରେ ଅଳ୍ପ ସୈନ୍ଧବ ମିଶାଇ କାନରେ ପକାଇଲେ କାନପଚୁ ଭଲହୁଏ । ବୈଦ୍ୟଶାସ୍ତ୍ରରେ ଏହାର ବ୍ୟବହାର । ଯଥା-୩—ପ୍ରବାହିକାରୋଗେ—ଶୂଳା-ହାଗି ରୋଗର କୁନ୍ଥନ ସହିତ ଫେନଯୁକ୍ତ ମଳ ଅଳ୍ପ ଅଳ୍ପ ନିର୍ଗତ ହେଉଥିଲେ ରୋଗୀକୁ ଅଣସୋରିଷର ଶାକ, ଦହି ଡାଳିମ୍ବରସ ଓ ଘିଅତେଲ ସହିତ ପାକକରି ଖୁଆଇବ । (ଚ,ଚି ୧୦) ୪—ଶୋଥରୋଗେ—ଅଣସୋରିଷ ଶାକ ଭଜି ଖାଇଲେ ଶୋଥରୋଗ ନିବାରିତ ହୁଏ । (ଚ,ଚ, ୧୭ଅ) ୫–ପିତ୍ତଜଶ୍ୱାସରୋଗେ—ଅଣସୋରିଷ ପତ୍ର ରସରେ ଦୁଧ, ଘିଅ ଏବଂ ଶଂକଚୂର୍ଣ୍ଣ ପ୍ରକ୍ଷେପକରି ପାନକରିବ, ତାପରେ ଶାଳିଧାନ ଚାଉଳର ଅନ୍ନ ଭୋଜନ କରିବ । ଏଥିଦ୍ୱାରା ବାତପୈତ୍ତିକ ଶ୍ୱାସ ବିନଷ୍ଟ ହୁଏ । ୬—କର୍ଣ୍ଣଶୂଳେ—ଅଣସୋରିଷ ପତ୍ର ରସରେ ମହୁ, ରାସିତେଲ ଓ ସୈନ୍ଧବ ମିଶାଇ ଟୋପା ଟୋପା କରି କାନରେ ପକାଇଲେ କାନଟଣା ଭଲହୁଏ । (ଚକ୍ରଦତ୍ତ) ୭–ଉରୋଗ୍ରହେ—ଅଣସୋରିଷ ପତ୍ରର ରସରେ ହିଙ୍ଗୁ ମିଶାଇ ଅଳ୍ପ ଉଷ୍ଣକରି ପାନକଲେ ଉରୋଗ୍ରହ ବିନଷ୍ଟହୁଏ । (ବଙ୍ଗସେନ) ୮—ବୃଶ୍ଚିକଦଂଶେ—ଅଣସୋରିଷ ପତ୍ର ହାତରେ ମକି ତା'ର ଗନ୍ଧ ଆଘ୍ରାଣକଲେ ବିଛୁବିଷର ଜ୍ୱାଳା ଓ ଯନ୍ତ୍ରଣା ନିବାରିତ ହୁଏ । (ବିଷଚିକିତ୍ସା) ୯—ଯୋନିଦାହେ—ଅଣସୋରିଷ ମୂଳ ଚାଉଳଧୁଆପାଣି ସହିତ ବାଟି ପାନକଲେ ଯୋନିଦାହ ନଷ୍ଟ ହୁଏ । (ଭାବପ୍ରକାଶ) ମାତ୍ରା—ପତ୍ରରସ ୧୨–୨୪ ଗ୍ରାମ, ମୂଳକଳ୍କ ୨–୩ ଗ୍ରାମ, କ୍ୱାଥ ୪୦–୬୦ ଗ୍ରାମ । ସୁବର୍ଚ୍ଚଳାସବ—ଅଣସୋରିଷ ଫୁଲ ପଚିଶ ଗ୍ରାମ, ଲେମ୍ବୁରସ ପଚିଶ ଗ୍ରାମ, ମିଶ୍ରୀ ପଚିଶ ଗ୍ରାମ, ଶୁଦ୍ଧଜଳ ଏକ ଲିଟର । ପ୍ରଥମେ ଅଣସୋରିଷ ଫୁଲ ଏବଂ ମିଶ୍ରୀକୁ ବାଟି ଜଳରେ ଗୋଳି ରଖିବ । ତା'ପରେ ଲେମ୍ବୁରସ ମିଶାଇ ବୋତଲରେ ଭରତି କରି ଛିପି ଲଗାଇ ଦଶ ଦିନ ରଖିବ । ପରେ ଆସବକୁ ଖୋଲି ସେଥିରେ ଏକଶହ ଗ୍ରାମ ରେକ୍ଟିଫାଇଡ଼ ସ୍ପିରିଟ୍ ମିଶାଇ ରଖିବ । ମାତ୍ରା—ଅର୍ଦ୍ଧେ–୧ ଅଭନସ, ଅନୁପାନ ଜଳ ବିସୂଚୀ ରୋଗରେ ଅମୂଲ୍ୟ ଔଷଧ (ପରୀକ୍ଷିତ) (ଶ୍ରୀ କେ. ଡ଼. ତଳକଥା)

**୧୬–ଅଣ୍ଡିଶ୍ୱକାଙ୍କଡ଼**—ବାଂଝକାଙ୍କଡ଼ ଦେଖ—

**୧୭–ଅତସୀଗଛ**—Linum usitatissimum. ଏହାର ସଂସ୍କୃତନାମ—ଅତସୀ, ଉମା, ରୁଦ୍ରପତ୍ନୀ । ଏହାକୁ କଟକ ଜିଲ୍ଲାରେ ପେଶୁ, ବଙ୍ଗଭାଷାରେ ମସିନା, ହିନ୍ଦୀରେ ତିସୀ ଏବଂ ତେଲୁଗୁରେ ଆଲସିଚେଟ୍ଟୁ ଏବଂ ନଲ୍ଲପଗସି ଚେଟ୍ଟୁ ବୋଲନ୍ତି । ଏହାର ପତ୍ର ବୀଜ ଓ ବୀଜଜାତ ତୈଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ରରସ ମଧୁର, ତିକ୍ତ, ଉଷ୍ଣ ଏବଂ ପାକରେ କଟୁ ଓ ଗୁରୁ । ଏହା ବାତ, କୁଷ୍ଠ, କଫପିତ୍ତ, ବ୍ରଣ, ପୃଷ୍ଠଶୂଳ, ଶୋଥ, କୃମି, ପିତ୍ତଜ୍ୱର, ରକ୍ତପିତ୍ତ, ମଳରୋଧ, ମାଙ୍କଡ଼ଶାର ବିଷ,ସର୍ପବିଷ ବିନାଶକରେ । ୧—ଏହି ପତ୍ର ରସରେ ଏଣ୍ଡ୍ରି ତୁଳା ତିନ୍ତାଇ ତଦ୍ୱାରା ବ୍ରଣ ଆଚ୍ଛାଦନ କଲେ ବ୍ରଣ ନିର୍ଦ୍ଦୋଷ ହୋଇ ଶୁଖିଯାଏ । ୨—ଦିଣ ଦା'ରେ ଏହି ପତ୍ରରସ ସେବନ କଲେ ରକ୍ତସ୍ରାବ ବନ୍ଦହୁଏ ଏବଂ ଘା ଶୁଖିଯାଏ । ୩—ଏହି ପତ୍ର ବାଟି ଲେପନ କଲେ ସାପବିଷ ଓ ମାଙ୍କଡ଼ଶାର ବିଷ ବିକାର ପ୍ରଶମିତ ହୁଏ । ୪—ଏହି ପତ୍ରର ରସ ନସ୍ୟ ରୂପରେ ବ୍ୟବହାର କଲେ ଦୁଇଦିନଛଡ଼ାଜ୍ୱର ଛାଡ଼ିଯାଏ । ୫–ଅତସୀପତ୍ର ରସରେ ମହୁ ମିଶାଇ ସେବନ କଲେ କାସ, ଶ୍ୱାସ, ନିବାରିତ ହୁଏ । ୬—ଏହିପତ୍ର ତର୍କାରି କରି ଖାଇଲେ ପରିଷ୍କାର ଝାଡ଼ା ହୁଏ, ଅତସୀମଞ୍ଜି ମଧୁର, ତିକ୍ତ ଓ ଉଷ୍ଣ । ଏହା କଫ, ବାତ, ବିସର୍ପ, ଶୂଳ, ଗୁଳ୍ମ, ପ୍ଲୀହା, ପାଣ୍ଡୁ, ବିଷଦୋଷ ଓ ହୃଦ୍ରୋଗ ନାଶକ । ୭–ଅତସୀ ଫୁଲର ରସ ନସ୍ୟ ରୂପରେ ପ୍ରୟୋଗ କଲେ ଚାତୁର୍ଥିକ ଜ୍ୱର ନିବାରିତ ହୁଏ । ୮—ଏହି ଫୁଲ ରସ ଆଖିରେ ପକାଇଲେ ଦୃଷ୍ଟିଶକ୍ତି ବଢ଼େ । ବୈଦ୍ୟଶାସ୍ତ୍ରରେ ଏହାର ବ୍ୟବହାର ଯଥା:- ୯—ଘା'କୁ ପଚାଇବାପାଇଁ—ଅତସୀ ମଞ୍ଜି ଜଳ ସହିତ ବାଟି ସବଧାନଚୂନା ଓ ଆମ୍ଳ ଦହି ତହିଁରେ ମିଶାଇ ବ୍ରଣରେ ଲେପନ କଲେ ବ୍ରଣ ପାଚି ଫାଟିଯାଏ । ( ଚ, ଚ, ୧୩ଅ ) ୧୦—ବାତଜ ବ୍ରଣରୋଗେ—ରାସି ଓ ଅତସୀମଞ୍ଜି ଅଳ୍ପ ଭାଜି ଗରମ ଆଉଁ ଆଉଁ ଦୁଧରେ ପକାଇବ, ଦୁଧ ଶୀତଳ ହେଲେ ସେହି ଦୁଧ ସହିତ ତାହା ବାଟି ଲେପନ କଲେ ବାତ ପ୍ରଧାନ ବ୍ରଣର ଦାହ ଓ ବେଦନା ନଷ୍ଟହୁଏ । ଏହି ପ୍ରଲେପ ବାତରକ୍ତ ପ୍ରଶମନାର୍ଥ ମଧ୍ୟ ବ୍ୟବହାର କରାଯାଏ । (ବାଚନ) ୧୧—

**ଅତସୀତୈଳ**—ଏହା ମୃଦୁ ବିରେଚକ ଓ ମୂତ୍ରୋତ୍ପାଦକ । ଅର୍ଶ ରୋଗୀର ମଳବନ୍ଧ ହେଲେ ଏହି ତୈଳ ବିରେଚନାର୍ଥେ ରୋଗୀକୁ ଦିଆଯାଏ । ୧୨-ଏହି ତୈଳରେ ଚୂନପାଣି ମିଶାଇ ଅଗ୍ନିଦଗ୍ଧ ଅଙ୍ଗରେ ଲେପନ କଲେ ବିଶେଷ ଫଳଲାଭ ହୁଏ । ତୈଳର ମାତ୍ରା—ପାଞ୍ଚଗ୍ରାମ ଠାରୁ ଦଶଗ୍ରାମ । ୧୩—ପ୍ରମେହରୋଗେ—ଅତସୀବୀଜ ଜାତ ତୈଳ ପାଞ୍ଚଗ୍ରାମ ଠାରୁ ଦଶଗ୍ରାମ ପରିମାଣରେ ସେବନ କଲେ ପ୍ରମେହରୋଗ ନିବାରିତ ହୁଏ । ମାତ୍ରା—ପତ୍ରରସ ୩୦—୬୦ ଗ୍ରାମ, ମୂଳର କ୍ୱାଥ ୫୦—୮୦ ଗ୍ରାମ, ଚୂର୍ଣ୍ଣ ୩ — ୬ ଗ୍ରାମ । **ଅତିବିଷାସବ**—ଅତୁସୀ ଦଶଗ୍ରାମ, ଅପକ୍ୱ ମଦ ପଚିଶ ଗ୍ରାମ, ଏକତ୍ର ମିଶାଇ ମଜବୁତ କାର୍କ ଠିପି ଲଗାଇ ପନ୍ଦର ଦିନ ରଖିବ, ତା'ର ପରେ ଛାଣି ଶିଶିରେ ରଖିବ । ମାତ୍ରା—୩୦-୬୦ ବିନ୍ଦୁ । ଏହା ଆମାଶୟର ବଳକାରକ, ଜ୍ୱର ନାଶକ, ବାଳକମାନଙ୍କର ଅତିସାର ଏବଂ ବମନର ଶ୍ରେଷ୍ଠ ଔଷଧ । (ଔଷଧ ବିଜ୍ଞାନ)

**୧୮-ଅତୁସୀ-Aconitum Heteropphyllum** ଏହାର ସଂସ୍କୃତନାମ—ଅତିବିଷା, ଅରୁଣା, ଉପବିଷା, ଶ୍ୱେତକନ୍ଦା, ଭଙ୍ଗୁରା ଓ ଘୁଣବଲ୍ଲଭା । ଏହାକୁ ବଙ୍ଗଭାଷାରେ ଆତଇଚ, ହିନ୍ଦୀରେ ଅତିସ, ଏବଂ ତେଲୁଗୁରେ ଅତିବାସା ବୋଲନ୍ତି, ଏହା ହିମାଳୟ ଜାତ ଏକ ପ୍ରକାର ବୃକ୍ଷର ମୂଳ ବା କନ୍ଦ । ଏହା ଚାରି ପ୍ରକାର—ଶ୍ୱେତ, ରକ୍ତ, ପୀତ ଓ କୃଷ୍ଣ । ଏହାର ଚୂର୍ଣ୍ଣ କଟୁ, ତିକ୍ତ ଓ ଉଷ୍ଣ । ଏହା ପାଚକ ଓ ଅଗ୍ନିଦୀପକ ଅଟେ । ଉପଯୁକ୍ତ ମାତ୍ରାରେ ଏହାକୁ ସେବନ କଲେ କଫ, ପିତ୍ତ, ଜ୍ୱର, ଅତିସାର, ଆମଦୋଷ ବିଷ, ଶ୍ୱାସ, କାସ, ବାନ୍ତି, କୃମି, ଉପଦଂଶରୋଗ, **କଣ୍ଡୁ, ହୃଦ୍‌ରୋଗ, କାମଳା** ଓ ଗ୍ରହଣୀରୋଗ ନିବାରିତ ହୁଏ । ୧—ବାଳକମାନଙ୍କର ଜ୍ୱର, ବାନ୍ତି, କୃମି, କାସ ଓ ଅତିସାର **ରୋଗରେ ଏହା ମଧୁ ସହିତ** ପ୍ରୟୋଗ କରାଯାଏ । ଏହା ବୃଷ୍ୟ, ବଳକାରକ ଏବଂ ଜ୍ୱର ପ୍ରତିଷେଧକ । ୨—ମ୍ୟାଲେରିଆ ଜ୍ୱରରେ ଜ୍ୱର ପ୍ରତିଷେଧକ ରୂପେ ଅତୁସୀର ଚୂର୍ଣ୍ଣ ପ୍ରୟୋଗ କରାଯାଏ, ଏଥି ଦ୍ୱାରା ବେଶ ଫଳମଧ ଲାଭ ହୁଏ । ବୈଦ୍ୟଶାସ୍ତ୍ରରେ ଅତୁସୀର ବ୍ୟବହାର ଯଥା— ୩—**ଆମାତିସାରେ**—ଅତୁସୀ ଦଶଗ୍ରାମ, ଶୁଣ୍ଠି ଦଶଗ୍ରାମ, ଏକତ୍ର ୩୨୦ ଗ୍ରାମ ଜଳରେ ସିଦ୍ଧକରି ଛାଣିବ । ଏହି ଜଳରେ ସଦଧାନ ଚୂନା ପାକକରି ତହିଁରେ ଅଳ୍ପ ଡାଳିମ୍ବରସ ଦେଇ ଆମାତିସାର ରୋଗୀକୁ ପାନ କରାଇବ । (ସୁଶ୍ରୁତ) ୪-ଅଗ୍ନିଦୀପନାର୍ଥେ—ପାଚକ ଏବଂ ସଂଗ୍ରାହକ ଦ୍ରବ୍ୟ ମଧ୍ୟରେ ଅତୁସୀ ଶ୍ରେଷ୍ଠ । (ସୁଶ୍ରୁତ) । ୫—ଗ୍ରହଣୀରୋଗେ—ଅଙ୍କୋଲ ମୂଳର ଛାଲି ୩ ଭାଗ, ଅତୁସୀ ୧ ଭାଗ, ଏକତ୍ର ଚାଉଳଧୁଆ ପାଣିରେ ବାଟି ପାନକଲେ ଗ୍ରହଣୀ ପ୍ରଶମିତ ହୁଏ । (ବଙ୍ଗସେନ) ୬—ଶିଶୁର କାଶରୋଗରେ—ଅତୁସୀର ଚୂର୍ଣ୍ଣ ଉପଯୁକ୍ତ ମାତ୍ରାରେ ମଧୁସହିତ ମିଶାଇ ସେବନ କରାଇଲେ ବାଳକମାନଙ୍କର କାସ, ଜ୍ୱର ଏବଂ ବାନ୍ତି ପ୍ରଶମିତ ହୁଏ । ମାତ୍ରା—ଚୂର୍ଣ୍ଣ ୧—୩ ଗ୍ରାମ । କୃମିନାଶକ ମାତ୍ରା ୩—୫ ଗ୍ରାମ । ଜ୍ୱରନାଶକ ମାତ୍ରା ୧—୩ ଗ୍ରାମ ।

**୧୯-ଅଦା**—Zingiber officinal. Raw ginger Rost. ଏହାର ସଂସ୍କୃତ ନାମ—ଆର୍ଦ୍ରକ, କଟୁଭଦ୍ର, ଗୁଳ୍ମମୂଳ ଓ ଶୃଙ୍ଗବେର । ଏହାକୁ ବଙ୍ଗଭାଷାରେ ଆଦା, ହିନ୍ଦୀରେ ଆର୍ଦରକ, ଏବଂ ତେଲୁଗୁରେ ଆଲମ୍ ବୋଲନ୍ତି । ଏହା କଟୁରସ ଓ ଉଷ୍ଣବୀର୍ଯ୍ୟ, ଅଦା ଅଗ୍ନିଦୀପକ, ରୁଚିକାରକ, ଏବଂ କଫ, ବାତ, କଣ୍ଠରୋଗ, ମଳରୋଧ, ବିବନ୍ଧ ଆନାହ, ସ୍ୱରଭଙ୍ଗ ଓ ଶୂଳ ନାଶକ ଅଟେ । ୧—ଦରସିଝା କୁକୁଡ଼ା ଡିମ୍ବ ଅଦା ସହିତ ଖାଇଲେ ବୀର୍ଯ୍ୟ ବୃଦ୍ଧି ହୁଏ । ୨—ଅଦା ଓ ପୁରୁଣା ଗୁଡ଼ ସମାନ ଭାଗରେ ମିଶାଇ ଖାଇଲେ ହାତ, ପାଦ ଓ ଜିଭରୁ ଚମ ଛାଡ଼ିଯାଉଥିବା ରୋଗ ଭଲ ହୁଏ । ୩—କଣି ତେନ୍ତୁଳୀ (କଷ୍ଟା) ଏବଂ ଅଦା ସୈନ୍ଧବଲବଣ ଯୋଗରେ ବାଟି ଚଟଣି କରିବ । ଏହା ଖାଇଲେ ଅରୁଚି, ଅଗ୍ନିମାନ୍ଦ୍ୟ ଓ ବାତପିତ୍ତ ପ୍ରଶମିତ ହୁଏ । ଅଦାର ଚୋପା ବାହାରକରି ତାକୁ ଠିକ ୨ କରି କାଟି ତହିଁରେ ଲେମ୍ବୁରସ ଓ ସୈନ୍ଧବ ମିଶାଇ ଆଚାର କରିବ, ଏହି ଆଚାର ଖାଇଲେ କଫ, ବାତ, ଅରୁଚି, ନାସାରୋଗ, କଣ୍ଠରୋଗ ବିନଷ୍ଟ ହୁଏ । ଏହି ଆଚାର ଗୁଳ୍ମରୋଗ, ଶୋଥରୋଗ ଓ ପାଣ୍ଡୁ ରୋଗରେ ମଧ୍ୟ ହିତକର ଅଟେ । ତିନକେଜି ଅଦାରେ ତିନଶହ ଗ୍ରାମ ସୈନ୍ଧବ ଓ ଉପଯୁକ୍ତ ପରିମାଣରେ ଟଭାରସ ବା ଲେମ୍ବୁରସ ଦେଇ ଆଚାର ପ୍ରସ୍ତୁତ କରିବାକୁ ହେବ । ବୈଦ୍ୟଶାସ୍ତ୍ରରେ ଅଦାର **ବ୍ୟବହାର । ଯଥା-ଶୋଥରୋଗେ**—୪—ଅଦା ଓ ପୁରୁଣା ଗୁଡ଼ ସମାନ ଭାଗରେ ଏକାଠେ ମିଶାଇ କ୍ରମିକ ମାତ୍ରା ବୃଦ୍ଧି କରି ଏକମାସ ସେବନ କଲେ ଶୋଥରୋଗ ବିନଷ୍ଟ ହୁଏ, ଶ୍ୱାସ ରୋଗରେ ମଧ୍ୟ ଏହା ହିତକର ଅଟେ । ଏହି ଔଷଧ ଜୀର୍ଣ୍ଣ ହେବା ପରେ ରୋଗୀକୁ ଦୁଧ ବା ମାଂସର ଝୋଳ ସହିତ ଅନ୍ନ ପଥ୍ୟ ଦେବ । (ଚରକ) **ଉଦରରୋଗେ**—୫ ଅଦାରସ ଓ ଦୁଧ ସମାନ ଭାଗରେ ମିଶାଇ ସେବନ କଲେ କିମ୍ବା ଏକ ଭାଗ ତୋରିତେଲରେ ଦଶ ଭାଗ ଅଦାରସ ମିଶାଇ ପାକକରି ଏହି ତୈଳ ପାନ ଓ ମର୍ଦ୍ଦନ କଲେ ଉଦରରୋଗ ପ୍ରଶମିତ ହୁଏ । (ଚରକ) **କର୍ଣ୍ଣଶୂଳେ** ୬—ଅଦାରସ, ତୋରିତେଲ, ମଧୁ ଓ ସୈନ୍ଧବ ଏକତ୍ର ମିଶାଇ ଅଳ୍ପ ଉଷ୍ମ କରିବ । ଏହା ଟୋପା ଟୋପା କରି କାନରେ ପକାଇଲେ କାନ ଟଣା ଭଲହୁଏ । (ଚରକ) ସନ୍ନିପାତଜ୍ୱରେ ୭—ଅଦାରସରେ ସୈନ୍ଧବ ଓ ତ୍ରିକଟୁ ଚୂର୍ଣ୍ଣ ମିଶାଇ କିଛି ସମୟ ଆକଣ୍ଠ ମୁଖରେ ଧାରଣ କଲେ ଗ୍ରନ୍ଥି ଓ କଣ୍ଠରେ ଅଟକିଥିବା କଫ ବାହାରିଯାଇ ହୃଦୟ ପ୍ରକାଶ

ଲଗେ । (ଚକ୍ରଦତ୍ତ) **ଅର୍ଶସାରରୋଗେ** ୮—ଅର୍ଶସାର ରୋଗିକୁ ଚିତ୍କରି ଶୁଆଇ ତା'ର ନାଭିର ଦୁଇପାଖରେ **ବଡ଼** ଅଁଳାରେ ଗୋଟିଏ ମଳାପରି କରିବ, ତା'ର ମଝିରେ ଅଦାରସ ଦେଇ କିଛି ସମୟ ଶୋଇ ରହିଲେ ଅତିସାରର ପ୍ରବଳବେଗ ରୁଦ୍ଧ ହୁଏ । (ଚକ୍ରଦତ୍ତ) **ଅଗ୍ନିମାନ୍ଦ୍ୟରୋଗେ** ୯--ମଧ୍ୟାହ୍ନ ଭୋଜନ ପୂର୍ବରୁ ସୈନ୍ଧବ ଲବଣ ସହିତ କିଛି ଅଦା ଚୋବାଇ ଖାଇଲେ ଅରୁଚି ନଷ୍ଟ ହୁଏ ଏବଂ ଅଗ୍ନିବୃଦ୍ଧି ହୁଏ । (ଚକ୍ରଦତ୍ତ) **କାସରୋଗେ**—୧୦-ମହୁ ସହିତ ଅଦାରସ ମିଶାଇ ସେବନ କଲେ ନୂତନ ସର୍ଦ୍ଦି ଓ ଶ୍ୱାସ କାସ ପ୍ରଶମିତ ହୁଏ । (ଚକ୍ରଦତ୍ତ) **କୁକ୍ଷଣବାତେ**—୧୧-ଅଦାରସରେ ମହୁ ମିଶାଇ ପାନ କଲେ କୁକ୍ଷଣବାତ (କୋଷ୍ଠଟଣା) ନିବାରିତ ହୁଏ । (ଶାର୍ଙ୍ଗଧର) **ଗୁଳ୍ମରୋଗେ**—୧୨-ସୋଡାଖାର ଓ ଅଦା ସମାନ ଭାଗରେ କିଛିଦିନ ସେବନ କଲେ ଗୁଳ୍ମରୋଗ ପ୍ରଶମିତ ହୁଏ । (ଶାର୍ଙ୍ଗଧର) **ଶୀତପିତ୍ତରୋଗେ**—୧୩—ଅଦାରସରେ ପୁରୁଣା ଗୁଡ଼ ମିଶାଇ କିଛିଦିନ ସେବନ କଲେ ଶୀତପିତ୍ତ ବିନଷ୍ଟ ହୁଏ । [ଭିଷକ୍ପ୍ରକାଶ] ଅଦାରସର ମାତ୍ରା—୧୦—୨୦ ଗ୍ରାମ । ଶୁଖିଲା ଅଦାକୁ ଶୁଣ୍ଠୀ ବୋଲଯାଏ । ଶୁଣ୍ଠୀର ଗୁଣ ଦେଖ । **ଆର୍ଦ୍ରକାସବ**—୧୪-ଅଦାରସ ଏକ କେଜି, ଅନାନସର ରସ ଏକ କେଜି, ଶୁଦ୍ଧ ମହୁ ଏକ କେଜି, ଧାତୁକୀ ଫୁଲ ଛ'ଶହ ଗ୍ରାମ, ପିପ୍ପଳୀମୂଳ, ପିପ୍ପଳୀ, ଚିତାପାରୁ, ଅପାମାରଗ ପଞ୍ଚାଙ୍ଗ, ଯବକ୍ଷାର, ସାଜିକ୍ଷାର, ପଞ୍ଚଲବଣ, ଶରପୁଂଖା ପଞ୍ଚାଙ୍ଗ, ପୁନର୍ଣବା, ପ୍ରତ୍ୟେକ କୋଡ଼ିଏ ଗ୍ରାମ । ଏହି ସମସ୍ତ ଦ୍ରବ୍ୟ କୁଟି ଚୂର୍ଣ୍ଣକରି ଉପରି ଲିଖିତ ରସ ଏବଂ ମହୁ ସହ ମିଶାଇ ମୁଖବନ୍ଦ କରି ଏକମାସ **ରଖିବ** । ପରେ **ଛାଣି** ବ୍ୟବହାର କରିବ । ମାତ୍ରା- ୨ — ୨୦ ଗ୍ରାମ । ଅନୁପାନ ଜଳ । ସମସ୍ତ ପ୍ରକାର ଉଦରରୋଗ, ଶୂଳ, ଗୁଳ୍ମ, ପ୍ଲୀହା, ଆଧ୍ମାନ ରୋଗରେ ନିଃସଙ୍କୋଚ ଭାବରେ ପ୍ରୟୋଗ କରିବ । (ଭୈଷଜ୍ୟ)

## ୬୦—ଅନ୍ନଭେଦୀଭସ୍ମ—Sulphate of iron.

ଏହାର ସଂସ୍କୃତନାମ କାଶୀଷ, ନେତ୍ରୌଷଧ । ଏହାକୁ ବଙ୍ଗ—ଭାଷାରେ, ହିରାକସ, ହିନ୍ଦୀରେ କାଶୀଷ ଏବଂ ତେଲୁଗୁରେ ଅନ୍ନଭେଦମୁ ବୋଲନ୍ତି । ଏହାର ଶୋଧନ ବିଧି—ଭୃଙ୍ଗରାଜ ରସରେ ଅଥବା ଲେମ୍ବୁରସରେ ତିନି ଘଣ୍ଟା ମର୍ଦ୍ଦନ କରି ଖରାରେ ଶୁଖାଇଲେ ଅନ୍ନଭେଦୀ ବିଶୁଦ୍ଧ ହୁଏ । ଏହାର ଭସ୍ମ ବିଧି—ଅନ୍ନଭେଦୀ ୩୨୦ ଗ୍ରାମ, ଗନ୍ଧକ ୮୦ ଗ୍ରାମ ଏକତ୍ର ଲେମ୍ବୁରସରେ ମର୍ଦ୍ଦନ କରି ଚକା ବାନ୍ଧି ଖରାରେ ଶୁଖାଇବ ତା'ର ପରେ ଶରାରେ ରୁଦ୍ଧ କରି କୁକ୍କୁଟ ପୁଟରେ ତିନଥର ଦଗ୍ଧ କରିବ । ଅନ୍ନଭେଦୀର ଭସ୍ମ ଈଷତ୍ ଲାଲ ରଙ୍ଗବର୍ଣ୍ଣ ଦେଖାଯାଏ । ଏହି ଭସ୍ମ କଷାୟ, ତିକ୍ତ, ଅମ୍ଳ ଓ ଉଷ୍ଣବୀର୍ଯ୍ୟ । ଏହା ଅଗ୍ନିଦୀପକ, ବାତ, କଫ, ଜ୍ୱର, କୁଷ୍ଠ, କ୍ଷୟ ପାଣ୍ଡୁ, ବହୁମୂତ୍ର, କ୍ରିମି ଓ ଗଣ୍ଡମାଳା ବିନାଶକ ଅଟେ । ପ୍ରୟୋଗ—୧-ସ୍ତ୍ରୀମାନଙ୍କର ନଷ୍ଟାର୍ତ୍ତବ ରୋଗରେ ମୁସୁମ୍ବର ଓ ହିଙ୍ଗୁ ସହିତ । ୨—ପ୍ଲୀହା, ଗୁଳ୍ମ, ଶୂଳ ଓ ପାଣ୍ଡୁରୋଗରେ ତ୍ରିଫଳା କ୍ୱାଥ ଓ ଘୃତ ସହିତ । ୩—ପାଣ୍ଡୁ, କଫ, ଆମ, ଉଦରରୋଗ ଓ ପ୍ଲୀହାରୋଗରେ ପିପ୍ପଳୀ ଓ ମହୁ ସହିତ । ୪—ସଂଗ୍ରହଣୀ ରୋଗରେ ନାଗେଶ୍ୱର ଚୂର୍ଣ୍ଣ ଏବଂ ମିଶ୍ରୀ ସହିତ । ୫--ମଧୁମେହ ରୋଗରେ ଜାମକୋଳି ମଞ୍ଜିର ଚୂର୍ଣ୍ଣ ସହିତ । ୬-ନେତ୍ର—ରୋଗରେ ତ୍ରିଫଳା ଚୂର୍ଣ୍ଣ ଘୃତ କିମ୍ବା ତ୍ରିଫଳା ଚୂର୍ଣ୍ଣ ଓ ମହୁ ସହିତ ଅନ୍ନଭେଦୀ ଭସ୍ମ ପ୍ରୟୋଗ କରାଯାଏ । ୭—ଶତଧୌତ ଘୃତରେ ଅନ୍ନଭେଦୀ ଭସ୍ମ ମିଶାଇ ଚକ୍ଷୁରେ ଅଞ୍ଜନ ଦେଲେ ଅଭିଷ୍ୟନ୍ଦ [ଆଖିଧରା] ପୂୟାଭିଷ୍ୟନ୍ଦ ଓ ନେତ୍ରବ୍ରଣ ପ୍ରଶମିତ ହୁଏ । ୮—କେଶର ଅକାଳପକ୍ୱତା, ମୂତ୍ରକୃଚ୍ଛ୍ର, ଅଶ୍ମରୀ, ଆମବାତ, ଅତିସାର, ପ୍ରବାହିକା ଓ ପିତ୍ତଜ ଅପସ୍ମାର ନିବାରଣାର୍ଥରେ ଅନ୍ନଭେଦୀଭସ୍ମ ପ୍ରୟୋଗ କରାଯାଏ । ୯- ଏହି ଭସ୍ମ ରକ୍ତ ବର୍ଦ୍ଧକ ଓ ଅଜୀର୍ଣ୍ଣ ରୋଗରେ ବିଶେଷ ଫଳପ୍ରଦ । ୧୦—ପୁରାତନ ଦୁଷ୍ଟବ୍ରଣ ରୋଗରେ ଏହି ଭସ୍ମର ଉପଯୋଗ ହୋଇଥାଏ । [ଓ, ଗୁ, ଧ, ଶା] ଯେଉଁମାନଙ୍କର ପକ୍ୱାଶୟ, ବସ୍ତି ଏବଂ ଅନ୍ତ୍ରରେ ଘାଆ ଥାଏ, ସେମାନଙ୍କୁ ଅନ୍ନଭେଦୀଭସ୍ମ ଦେବାକୁ ହେବନାହିଁ । ଅଧିକ ଅନ୍ନଭେଦୀଭସ୍ମ ସେବନ କରି ବିକାରଗ୍ରସ୍ତ ହେଲେ ଗାଈର ଲେଣ୍ଡିରସ ୩୦ — ୪୦ ଗ୍ରାମ ୫ — ୭ ଦିନ ରୋଗୀକୁ ସେବନ କରେଇବ । ଭସ୍ମର ମାତ୍ରା—ତିନି ରତିରୁ ଛଅ ରତି । ୧୧—ଅନ୍ନଭେଦୀକୁ ପାଣିରେ ମିଶାଇ ତଦ୍ୱାରା ବ୍ରଣ ପ୍ରକ୍ଷାଳନ କଲେ ଦୁଷ୍ଟବ୍ରଣ ଶୀଘ୍ର ଶୁଖିଯାଏ । ୧୨—ଜରାୟୁ କ୍ଷତରେ ଅନ୍ନଭେଦୀର ପିଚକାରୀ ଅତୀବ ହିତକର ଅଟେ ।

## ୬୧-ଅଲ୍ଲାର—ରସିଦେଖ ।

## ୬୨—ଅପରାଜିତାଲତା—Cletoria Ternatin.

ଏହା ଶ୍ୱେତ ଓ କୃଷ୍ଣ ଭେଦରେ ଦୁଇ ପ୍ରକାର । ଶ୍ୱେତ ଅପରାଜିତାର ସଂସ୍କୃତ ନାମ—ଶ୍ୱେତା, ଗିରିକର୍ଣ୍ଣିକା ଓ ଅଶ୍ୱକ୍ଷୁରା । କୃଷ୍ଣ ଅପରାଜିତାର ସଂସ୍କୃତ ନାମ—ନୀଳୀ ଓ କୃଷ୍ଣକ୍ରାନ୍ତୀ । ଏହାକୁ ବଙ୍ଗଭାଷାରେ ଅପରାଜିତା, ହିନ୍ଦୀରେ ସଫେଦକୋୟଲ ନୀଲୀକୋୟଲ ଏବଂ ତେଲୁଗୁରେ ନୀଲ୍ଲଦନ୍ତନା ପେଦଦନ୍ତୀନ ବୋଲନ୍ତି । ଏହାର ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା ତିକ୍ତ, କଷାୟ, କଟୁ ଓ ଶୀତବୀର୍ଯ୍ୟ । ଏହା ମୃଦୁ ବିରେଚକ, ମୂତ୍ରକାରକ, ସ୍ୱରଭଙ୍ଗ ଓ ତ୍ରିଦୋଷ ନାଶକ ଅଟେ । ଏହାର ମୂଳ କିଛି ଦିନ ନିୟମିତ ଭାବରେ ସେବନ କଲେ ଦୃଷ୍ଟିଶକ୍ତି, ସ୍ମୃତି ଓ ବୁଦ୍ଧି ବର୍ଦ୍ଧିତ ହୁଏ । ଏହା ପିତ୍ତଜରୋଗ, ଜ୍ୱର, ଦାହ, ଭ୍ରାନ୍ତି, ଉନ୍ମାଦ, ମଦ, ଭ୍ରମ, ଶ୍ୱାସ, କାସ, ଶୂଳ, ଶୋଥ, ବ୍ରଣ, ମୂତ୍ରକୃଚ୍ଛ୍ର, ବିଷବେଗ, ନେତ୍ରରୋଗ, କୁଷ୍ଠ, ଜଳୋଦର ଓ ଯକୃତ୍ ପ୍ଲୀହାବୃଦ୍ଧି ରୋଗରେ

ଦୃଗ୍ରୋଗ ନଶ୍ୟାଏ । ୧—ଏହାର ମୂଳର ରସ ନାକରେ ପକାଇଲେ ଶିରୋବିରେଚନ ହୁଏ । ବୈଦ୍ୟଶାସ୍ତ୍ରରେ ଅପରାଜିତାର ବ୍ୟବହାର ଯଥା-**ସର୍ପଦଂଶନେ**—୨ ବେଗୁନିଆଁ ମୂଳ ଓ ଅପରାଜିତାର ମୂଳ ଏକତ୍ର ଜଳରେ ବାଟି ପାନ କରାଇଲେ ବିଷଧରସର୍ପ ଦଂଷ୍ଟ୍ର ବ୍ୟକ୍ତି ଆରୋଗ୍ୟ ଲାଭ କରେ । [ଚି,ଚି, ୨୫ ଅ] **ଭୂତୋନ୍ମାଦେ**—୩—ଶ୍ୱେତ ଅପରାଜିତାମୂଳ ଚାଉଳଧୁଆ ପାଣିରେ ବାଟି ତହିଁରେ ଗାଈଘିଅ ମିଶାଇ ପାନ କଲେ ଭୂତୋନ୍ମାଦ ପ୍ରଶମିତ ହୁଏ । (ଚକ୍ରଦତ୍ତ) **ଗଳଗଣ୍ଡରୋଗେ** ୪—ଅପରାଜିତାର ମୂଳ ଗାଈଘିଅ ସହିତ ପାନ କଲେ ଗଳଗଣ୍ଡରୋଗ ବିନଷ୍ଟ ହୁଏ । ( ଚରକ ) **ପରିଣାମଶୂଳେ** ୫—କୃଷ୍ଣ ଅପରାଜିତାର ମୂଳ ଗାଈଘିଅ, ଚିନି ଓ ମହୁ ସହିତ ଏକ ସପ୍ତାହ ସେବନ କଲେ ପରିଣାମଶୂଳ ପ୍ରଶମିତ ହୁଏ । ( ଶାର୍ଙ୍ଗଧର ) **ଶୋଥରୋଗେ**—୬ ଶୁକ୍ଳ କିମ୍ବା କୃଷ୍ଣ ଅପରାଜିତାର ମୂଳର ଚୂର୍ଣ୍ଣ ଗରମଜଳ ସହିତ ବାଟି ସେବନ କଲେ ଶୋଥରୋଗ ନିବାରିତ ହୁଏ । ( ବଙ୍ଗସେନ ) **ଶ୍ଳୀପଦରୋଗେ**—୭—ଅପରାଜିତାରମୂଳ ବାଟି ଲେପନ କଲେ ଶ୍ଳୀପଦ (ଗୋଦର) ରୋଗର ଉପଶମ ହୁଏ । ମୂଳର ରସ ମାତ୍ରା ୩୦—୪୦ ଗ୍ରାମ, କ୍ୱାଥ ୫୦ — ୧୦୦ ଗ୍ରାମ, ଚୂର୍ଣ୍ଣ—୧ — ୩ ଗ୍ରାମ ।

**୨୩—ଅପାମାରଙ୍ଗଗଛ-Achyranthis Aspera.**

ଏହାର ସଂସ୍କୃତ ନାମ—ଅପାମାର୍ଗ, ଶିଖରୀ, ମୟୂରକ ଓ କରମଞ୍ଜରୀ । ଏହାକୁ ବଙ୍ଗଳାରେ ଅପାଙ୍ଗ, ହିନ୍ଦୀରେ ଚିରଚିରା, ଲଟଜିରା, ଉଙ୍ଗା ଏବଂ ତେଲୁଗୁରେ ଦୁଚିନକେ ଓ ଉତ୍ତରେଣୀ—ଚେଟ୍ଟୁ ବୋଲନ୍ତି । ଏହା ଶୁକ୍ଳ ଓ ରକ୍ତ ଭେଦରେ ଦୁଇପ୍ରକାର । ରକ୍ତ ଅପାମାରଙ୍ଗ ଠାରୁ ଶୁକ୍ଳ ଅପାମାରଙ୍ଗ ଗୁଣରେ ଶ୍ରେଷ୍ଠ ଅଟେ । ଏହାର ସମୂଳ ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା କଟୁ, ତିକ୍ତରସ, ଉଷ୍ଣ ଏବଂ ତୀକ୍ଷ୍ଣଗୁଣ । ଅପାମାରଙ୍ଗ-ପାଚକ, ଅଗ୍ନିଦୀପକ, ଅର୍ଶ, ଶ୍ୱାସ, କଣ୍ଡୁ, ଉଦରାମୟ, ରକ୍ତବିକାର, ବାତ, ଶୂଳ, ଅପଚୀ, ରକ୍ତପିତ୍ତ, ରକ୍ତାର୍ଶ, କୁଷ୍ଠ, ମଳରୋଧ ଓ କଫଦୋଷ ନାଶକ ଅଟେ । ୧-ଅପାମାରଙ୍ଗର ମଞ୍ଜି ଉପଯୁକ୍ତ ମାତ୍ରାରେ କ୍ଷୀର ସହିତ ପାକ କରି ସେବନ କଲେ ପରିଣାମଶୂଳ ବିନଷ୍ଟ ହୁଏ । **ଅପାମାରଙ୍ଗକ୍ଷାର**—୨ ଏହା ଶୂଳ, ଅଜୀର୍ଣ୍ଣ, ଶୋଥ ଓ ଉଦର ରୋଗରେ ବିଶେଷ ଲାଭଦାୟକ । ୩—ଅପାମାରଙ୍ଗର କ୍ଷାର ଏକଭାଗ, ଶୁଖି ହରିତାଳ ଏକଭାଗ ଏକତ୍ର ତେଲରେ ମିଶାଇ ଲଗାଇଲେ ନାନାବିଧ ଚର୍ମରୋଗ ଓ କଣ୍ଡୁ ପ୍ରଶମିତ ହୁଏ । **ଅପାମାରଙ୍ଗମଞ୍ଜି**—୪—ଏହା ଜଳରେ ବାଟି ଲେପନ କଲେ ଉନ୍ମତ୍ତ କୁକ୍କୁର ବିଷ, ସର୍ପବିଷ, ନାନାବିଧ ଚର୍ମରୋଗ ଓ ନେତ୍ରରୋଗ ନଷ୍ଟହୁଏ ।

**ଅପାମାରଙ୍ଗପତ୍ର**—୫-ଏହା ବାଟି ଲେପନ କଲେ ସାପ କଙ୍କଡ଼ାବିଛା ଓ ତେନ୍ତୁଳିଆବିଛା ଦଂଶନ କରିଥିବା ଅଙ୍ଗର ଜ୍ୱାଳା ଓ ବିଷଦୋଷ ପ୍ରଶମିତ ହୁଏ । ୬—ଝିମ୍ପିରି (ବିରୁଡ଼ି) ଓ ମହୁମାଛି ଦଂଶନ କରିଥିବା ଅଙ୍ଗରେ ଅପାମାରଙ୍ଗ ପତ୍ରର ପ୍ରଲେପ ବିଶେଷ ଲାଭ ଦାୟକ ଅଟେ । ୭—ଅପାମାରଙ୍ଗ ପତ୍ର ବାଟି ତହିଁରେ ନବାତ ଓ ନହୁଣୀ ମିଶାଇ ଖାଇଲେ ରକ୍ତହଗା ବନ୍ଦହୁଏ । ୮—ଅପାମାରଙ୍ଗ ପତ୍ରର ରସ ପାନ କଲେ ଦାନ୍ତ—ଝଣ ରୋଗରେ ଉପକାର ମିଳେ । ୯—ଜ୍ୱର ଆସିବା ପୂର୍ବରୁ ଅପାମାରଙ୍ଗପତ୍ର, ଗୋଲମରିଚ ଓ ରସୁଣ ସମାନ ଭାଗରେ ଏକତ୍ର ବାଟି ଗିଲି ପରିମାଣରେ ସେବନ କଲେ ଜ୍ୱର ଆସେନାହିଁ । ୧୦—ଅପାମାରଙ୍ଗର କ୍ୱାଥ ସେବନ କଲେ ସ୍ତ୍ରୀମାନଙ୍କର ଯୋନିଦ୍ୱାରରୁ ଅଧିକ ରକ୍ତସ୍ରାବ ବନ୍ଦହୁଏ । ୧୧—ଅପାମାରଙ୍ଗ ପତ୍ର ରସରେ ଅଳ୍ପ ଅପୁ ମିଶାଇ କିଛି ସମୟ ତାକୁ ଖରାରେ ରଖିବ । ତା'ର ପରେ ଏହି ରସକୁ ଆଖି ଲଗାଇଲେ ଚହଲଫିରଙ୍ଗି ଓ ଅମ୍ଳପିତ୍ତ ବା ଗରମି ଘା' ଭଲହୁଏ । ୧୨—ଅପାମାରଙ୍ଗ ବୀଜ ଚୂର୍ଣ୍ଣ କରି ପେଜ ସହିତ କ୍ଷୀରଭୋଜନ ଖାଇଲେ ଭସ୍ମକାଗ୍ନି ପ୍ରଶମିତ ହୁଏ । ବୈଦ୍ୟଶାସ୍ତ୍ରରେ ଅପାମାରଙ୍ଗର ବ୍ୟବହାର । ଯଥା-୧୩—**ଶିରୋବିରେଚନେ** ଶିରୋବିରେଚନ ଦ୍ରବ୍ୟ ମଧ୍ୟରେ ଅପାମାରଙ୍ଗ ବୀଜ ଶ୍ରେଷ୍ଠ ଅଟେ । (ଚରକ) ୧୪—**ଅର୍ଶରୋଗେ**—ଅପାମାରଙ୍ଗର ମୂଳ ଚାଉଳଧୁଆ ପାଣି ସହିତ ବାଟି ତହିଁରେ ମହୁ ମିଶାଇ ପାନ—କଲେ ପିତ୍ତାର୍ଶ, ରକ୍ତାର୍ଶ ଓ କଫାନୁବନ୍ଧ ରକ୍ତାର୍ଶ ନିବାରିତ ହୁଏ । (ସୁଶ୍ରୁତ) ୧୫—**କୃମିରୋଗେ**—ଶିଗ୍ରୁପତ୍ର ରସ ଓ ଅପାମାରଙ୍ଗ ପତ୍ର ରସରେ ମହୁ ମିଶାଇ ପାନକଲେ କୃମି ବିନଷ୍ଟ ହୁଏ । (ସୁଶ୍ରୁତ) ୧୬—**ସଦ୍ୟୋବ୍ରଣେ**—ଅପାମାରଙ୍ଗ ପତ୍ରର ରସ ସେବନ କଲେ କଟାଘା'ର ରକ୍ତସ୍ରାବ ତୁରନ୍ତ ବନ୍ଦହୁଏ । (ଚକ୍ରଦତ୍ତ) ୧୭—**କର୍ଣ୍ଣନାଦ ଓ ବାଧିର୍ଯ୍ୟରୋଗେ** ଅପାମାରଙ୍ଗ ଗଛ ଗୁଡ଼ିଏ ଆଣି ଖରାରେ ଶୁଖାଇ ଖଣ୍ଡ ୨ କରି ହାଣ୍ଡି ଗୋଟିଏ ହାଣ୍ଡି ଭିତରେ ଭର୍ତ୍ତି କରିବ । ଆଉ ଗୋଟିଏ ହାଣ୍ଡି ତା'ଉପରେ ଯୋଡ଼ାଇ ଉଭୟର ସନ୍ଧିସ୍ଥଳ କନା ଓ ମାଟି ଦ୍ୱାରା ଉତ୍ତମ ରୂପେ ରୁନ୍ଧିକରି ଶୁଖାଇବ । ତା'ର ପରେ ଏହାକୁ ପୁଟରେ ଭସ୍ମ କରିବ । ଏହି ଅପାମାରଙ୍ଗ ଭସ୍ମର ଜଳ ଓ କଲ୍କ ଦ୍ୱାରା ତୈଳ ପାକକରି ଏହି ତୈଳ କାନରେ ପକାଇଲେ କର୍ଣ୍ଣନାଦ ଓ ବାଧିର୍ଯ୍ୟ ରୋଗ ପ୍ରଶମିତ ହୁଏ । [ ଚକ୍ରଦତ୍ତ ] ୧୮—**ତୃତୀୟକଜ୍ୱରେ**— ପ୍ରାତଃକାଳରେ ଶେଯରୁ ଉଠି ଅଧୁଆ ମୁହଁରେ ଅପାମାରଙ୍ଗ ଗଛର ମୂଳ ରୋଗୀର ବାମ ହାତରେ ବାନ୍ଧିଲେ ତୃତୀୟକ ଜ୍ୱର (ଏକଦିନଛଡ଼ା ଜ୍ୱର) ଭଲହୁଏ । (ଚକ୍ରଦତ୍ତ) ୧୯—**ନୂତନଅକ୍ଷିବାତରୋଗେ**

ତମ୍ବା ପାତ୍ରରେ ଅଳ୍ପ ଦହିପାଣି ଦେଇ ତହିଁରେ ସୈନ୍ଧବ ଲବଣ ଯୋଗ କରି ଅପାମାରଗଙ୍କର ମୂଳ ଘୋରିବ, ଏହି ଯୋଗକୁ ଆଖିରେ ଲଗାଇଲେ ନୂତନ ଆଖି ଉଠା ରୋଗ ପ୍ରଶମିତ ହୁଏ । (ଚକ୍ରଦତ୍ତ) ୨୦—ବସନ୍ତ ଚିକା ରୋଗରେ—ଅପାମାରଗଙ୍କର ମୂଳ ଜଳ ସହିତ ବାଟି ପାନକଲେ ବସନ୍ତ ଚିକା ରୋଗ ବିନଷ୍ଟ ହୁଏ । (ଭାବପ୍ରକାଶ) ୨୧—ରକ୍ତାର୍ଶରେ—ଅପାମାରଗଙ୍କ ମଞ୍ଜୀ ଚାଉଳ-ଧୁଆ ପାଣି ସହିତ ବାଟି ପାନକଲେ ରକ୍ତାର୍ଶରୋଗ ନିଃସନ୍ଦେହରେ ନିବାରିତ ହୁଏ । (ଶାର୍ଙ୍ଗଧର) ୨୨—ଉନ୍ମାଦରୋଗରେ—ଅପାମାରଗଙ୍କ ମୂଳ ୨୦ ଗ୍ରାମ, ଶ୍ୱେତ ବାଡ଼ିଅଁଳା (ଅତିବଳା)ର ମୂଳ ୭୦ ଗ୍ରାମ ଏକତ୍ର କୁଟି ଏକ କେଜି ଓ ୮୦ ଗ୍ରାମ ଦୁଧ ଏବଂ ୪ କେଜି ୩୨୦ ଗ୍ରାମ ଜଳରେ ସିଦ୍ଧକରି ଦୁଗ୍ଧ ମାତ୍ର ଅବଶେଷ ରଖି ଛାଣିବ । ଏହିଦୁଧ ପ୍ରତିଦିନ ପ୍ରାତଃକାଳରେ ପାନକଲେ ଘୋର ଉନ୍ମାଦ ରୋଗ ପ୍ରଶମିତ ହୁଏ । (ବଙ୍ଗସେନ) । ୨୩—ଆଗନ୍ତୁକବ୍ରଣେ—ବଜ୍ରମୂଳୀ ଓ ଅପାମାରଗଙ୍କ ମୂଳର କଳ୍କରେ ଯଥାବିଧି ତୈଳ ପାକ କରି ଏହି ତୈଳ ଲଗାଇଲେ ହଣାଘା'ର ମାଂସ ପୂର୍ଣ୍ଣହୋଇ ଘା' ଶୁଖିଯାଏ । (ବଙ୍ଗସେନ) ୨୪—ଅନିଦ୍ରାରୋଗେ—ଅପାମାରଗଙ୍କର ମୂଳ ଓ କାକଜଙ୍ଘା ମୂଳର କ୍ୱାଥ ପାନକଲେ ଅନିଦ୍ରା ରୋଗ ନିବାରିତ ହୁଏ ( ହାରୀତ ) । ୨୫—ଶୋଥରୋଗେ—ଅପାମାରଗଙ୍କ ଓ କୋଇଲେଖା ଗଛର କ୍ୱାଥରେ ବାଷ୍ପ-ସ୍ୱେଦ, କିମ୍ବା ପିଣ୍ଡ ସ୍ୱେଦ ଦେଲେ ଶୋଥ ରୋଗରେ ବିଶେଷ ଲାଭହୁଏ । (ହାରୀତ) ୨୬—ଯୋନିଶୂଳେ—ଦୁଇଟି ଅପାମାରଗଙ୍କ ପତ୍ର ଯୋନିରେ ପ୍ରବେଶ କରାଇଲେ ତତ୍‌କ୍ଷଣାତ୍ ଯୋନିଶୂଳ ବନ୍ଦ ହୁଏ । (ରାଜମାର୍ତ୍ତଣ୍ଡ) ୨୭—ରାତ୍ର୍ୟନ୍ଧରୋଗରେ—ଅପାମାରଗଙ୍କ ମୂଳ ଦଶଗ୍ରାମ, ରାତିରେ ଶୋଇବା ସମୟରେ ସେବନ କଲେ, ରାତିରେ ନ ଦିଶିବା ରୋଗ ଭଲହୁଏ । (ପାଂ-ଇ) ୨୮—ସୁଖପ୍ରସବାର୍ଥେ—ରବିବାରେ ପୁଷ୍ୟାନକ୍ଷତ୍ରରେ ସ୍ନାନକରି ଅପାମାରଗଙ୍କ ଗଛ ଉପାଡ଼ି ଆଣି ତାର ମୂଳ ରଖିବ । ଏହିମୂଳ ସ୍ତ୍ରୀର ପ୍ରସବ ବେଦନା ସମୟରେ ତା'ର ମସ୍ତକରେ କିମ୍ବା କଟିରେ ବାନ୍ଧିଲେ ତୁରନ୍ତ ପ୍ରସବ ହୁଏ । ପ୍ରସବ ହେବାପରେ ଏହିମୂଳ ନେଇ ନଦୀରେ ଭସାଇଦେବାକୁ ହେବ । ଇ,ମେ,ମେ । ୨୯—ଶ୍ୱାସରୋଗରେ—ଅପାମାରଗଙ୍କର ପତ୍ର ଓ ବୀଜ ଶୁଖାଇ କଲିକାରେ ରଖି ତା'ର ଧୂମ ପାନକଲେ ଶ୍ୱାସ ଓ ପୁରାତନ କାସରୋଗରେ ବିଶେଷ ଲାଭହୁଏ । ୩୦—କଣ୍ଡୁରୋଗେ—ଅପାମାରଗଙ୍କର ପତ୍ର ଓ ମୂଳକୁ ବାଟି ସେଥି ସହିତ ଯଥାବିଧି ରାଶି ତେଲ ପାକ କରିବ । ଏହି ତୈଳ ଦେହରେ ମର୍ଦ୍ଦନ କଲେ ଅତି ପୁରାତନ କଣ୍ଡୁରୋଗ ପ୍ରଶମିତ ହୁଏ । ୩୧—ଅଶ୍ମରୀରୋଗେ—ପାଞ୍ଚଗ୍ରାମ ଅପାମାରଗଙ୍କ ମୂଳ ପାଣିରେ ବାଟି ପିଇଲେ ଅଶ୍ମରୀ ଖଣ୍ଡ ୨ ହୋଇ ବହିର୍ଗତ ହୁଏ । ବୃକ୍କଶୂଳର ମଧ୍ୟ ଏହା ଅବ୍ୟର୍ଥ ଔଷଧ । ୩୨—ସ୍ତନ୍ୟକ୍ଷୟେ—ଅପାମାରଗଙ୍କର ମୂଳ ବାଟି ସ୍ତନରେ ଲେପନ କଲେ ସ୍ତ୍ରୀମାନଙ୍କର କ୍ଷୀର ବୃଦ୍ଧି ହୁଏ । ୩୩—ଭସ୍ମକାଗ୍ନି ରୋଗେ—ଅପାମାରଗଙ୍କ ବୀଜ ପାଞ୍ଚଗ୍ରାମ ପରିମାଣରେ ସେବନ କଲେ ଭସ୍ମକାଗ୍ନି ରୋଗ ପ୍ରଶମିତ ହୁଏ । (ଆ, ବି, କୋ,) ୩୪—ଦନ୍ତରୋଗେ—ଅପାମାରଗଙ୍କ ମୂଳରେ ପ୍ରତିଦିନ ଦନ୍ତ ମାର୍ଜନ କଲେ ସକଳ ପ୍ରକାର ଦନ୍ତ ରୋଗ ନଷ୍ଟ ହୁଏ ଏବଂ ମୁକ୍ତାପରି ଦାନ୍ତ ଉଜ୍ଜ୍ୱଳ ରହେ । ମାତ୍ରା—ପତ୍ରରସ ୧୦—୨୦ ଗ୍ରାମ, କ୍ୱାଥ ୪୦—୮୦ ଗ୍ରାମ, ମୂଳ ଚୂର୍ଣ୍ଣ ୩—୬ ଗ୍ରାମ । ବୀଜଚୂର୍ଣ୍ଣ ୩—୫ ଗ୍ରାମ ।

**ମୟୂରକାଦ୍ୟାସବ**—ଅପାମାରଗ ପଞ୍ଚାଙ୍ଗ, ବାସଙ୍ଗ, କଦଳୀ ମଞ୍ଜା, ବରକୋଳି ଗଛର ଚାଲି ପ୍ରତ୍ୟେକକୁ ଚାରି ଚାରି କେଜି ନେଇ କୁଟି ଛବିଶ କେଜି ଜଳରେ ସିଝାଇ ଏକ ଚତୁର୍ଥାଂଶ ରଖି ଛାଣି ହାଣ୍ଡିରେ ରଖିବ । ତା' ପରେ ଅଠ କେଜି ଗୁଡ଼, ସାଚୀକ୍ଷାର ଶହେ ଗ୍ରାମ, ଯବକ୍ଷାର ପଚିଶ ଗ୍ରାମ, ନବଶାଗର ପଚିଶି ଗ୍ରାମ ମିଶାଇ ମୁଖ ବନ୍ଦ କରି କୋଡ଼ିଏ ଦିନ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା—ଅଧେ ଠାରୁ ୧ ଆଉନସ । ଶ୍ୱାସ ଏବଂ କାସ ରୋଗର ଅବ୍ୟର୍ଥ ଔଷଧ । ପାଣ୍ଡୁ, କାମଳା ରୋଗରେ ହିତକର । ଅପଥ୍ୟ—ଅମ୍ଳ ଦ୍ରବ୍ୟ ମଧୁରରସ, ତୈଳ, ଲଙ୍କା ମରିଚ । ( ବୈଦ୍ୟବାଚସ୍ପତି ଶ୍ରୀ ଭଜନବନ୍ଧୁ ତ୍ରିପାଠୀ )

## ଅପାମାରଗଙ୍କ ଯୋଗରେ ଧାତୁ ଓ ପାଷାଣର ଭସ୍ମୀକରଣ ବିଧି—

୧ ( କ ) **ଦାରୁମୁଖୀଭସ୍ମ**—୨୦ ଗ୍ରାମ ଦାରୁମୁଖୀ ଗୋଟିଏ ଶିଶିରେ ପୂରାଇ ତହିଁରେ ଅରଖପତ୍ରର ଏତେ ପରିମାଣରେ ଦେବ, ତହିଁରେ ଯେପରିକି ଦାରୁମୁଖୀ ବୁଡ଼ିଯାଏ । ତା'ପରେ ୨୧ ଦିନ ପର୍ଯ୍ୟନ୍ତ ଭୂମିରେ ଗୋଟିଏ ଗାତ ଖୋଳି ଉକ୍ତ ଶିଶିଟି ପୋତିଦେବ । ତା'ପରେ ଦାରୁମୁଖୀ ଖଣ୍ଡିକ ବାହାର କରି ରଖିବ । ଗୋଟିଏ ଲୁହା କଡ଼ାଇରେ ଏକକେଜି ଅପାମାରଗଙ୍କର ଭସ୍ମ ବିଛାଇ ରଖି ତାକୁ ହାତରେ ଭଲରୂପେ ଦାବିଦେବ । ଏହି ଭସ୍ମ ମଧ୍ୟରେ ଦାରୁମୁଖୀ ଖଣ୍ଡିକ ଥୋଇ ତା'ର ଉପରେ ଆଉ ଏକ କେଜି ଅପାମାରଗଙ୍କ ପାଉଁଶ ପୂର୍ଣ୍ଣ ବିଛାଇ ଦେଇ ପୂର୍ବପରି ଉତ୍ତମରୂପେ ହାତରେ ଦାବିଦେବ । ଶେଷରେ ଏହି ପାଉଁଶ ଉପରେ ଚୂନହେର ବାଲି ସମାନ ଭାବରେ ନେଇ କଡ଼ାଇଟି ଚୁଲ୍ଲୀ ଉପରେ ରଖି ତଳେ ଜାଳ ଦେବ । ଏବଂ ବାଲି ଉପରେ କେତେଗୋଟି ମକାମଞ୍ଜି ପକାଇବ । ଚାରି ପ୍ରହର ଜାଳ ଦେବାପରେ ମକାମଞ୍ଜି ଗୁଡ଼ିକ ଫୁଟିଗଲେ ଅଗ୍ନି ବନ୍ଦ କରିଦେବ । ଆଉଦିନ କଡ଼ାଇଟି ବିଲକୁଲ ଶୀତଳ ହେଲେ ଦାରୁମୁଖୀ ଭସ୍ମକୁ ବାହାର କରିବ । ଏହି ଭସ୍ମ ସଫେଦ ଦେଖାଯାଏ । (ଖ) ଦ୍ୱିତୀୟବିଧି

ଗୋଟିଏ ହାଣ୍ଡିରେ ଅପାମାର୍ଗର ପାଉଁଶ ହାଣ୍ଡିର ଅଧାଯାଏ ରଖି, ତା'ର ଉପରେ ଖଣ୍ଡିଏ ଦାରୁମୂଷୀ ଖଣ୍ଡ ରଖିବ, ତା' ଉପରେ ଅପାମାରଙ୍ଗର ପାଉଁଶ ଘୋଡାଇ ଚୁଲ୍ଲି ଉପରେ ବସାଇ ଗର୍ତ୍ତ ଭର୍ତ୍ତି କାଲ ଦେଲେ ଉତ୍ତମ ଦାରୁମୂଷୀ ଭସ୍ମ ହୁଏ । ଏହିପରି ନିୟମରେ ବଂଶପତ୍ରୀ ହରିତାଳ ମଧ୍ୟ ଭସ୍ମ କରାଯାଏ । ମାତ୍ରା—ଏକ ଗୁଞ୍ଜାର ଚତୁର୍ଥାଂଶ । ଗୁଣ ଏହା ଶ୍ୱାସ ରୋଗର ଅପୂର୍ବ ଔଷଧ । ୨—**ହିଙ୍ଗୁଳଭସ୍ମ**—୨୦ ଗ୍ରାମ ହିଙ୍ଗୁଳକୁ ୨୦୦ ଗ୍ରାମ ଅରଖ କ୍ଷୀରରେ ଅଳ୍ପେ ଅଳ୍ପେ ମର୍ଦ୍ଦନ କରି ଛାଇରେ ଚକବାନ୍ଧି ଶୁଖାଇବ । ତା'ପରେ ଗୋଟିଏ ମାଟି ଶରାରେ ୧୦୦ ଗ୍ରାମ ଅପାମାରଙ୍ଗର ଭସ୍ମ ବିଛାଇ ରଖି ତା'ର ଉପରେ ହିଙ୍ଗୁଳ ଚକଟି ରଖିବ । ଏହି ଚକ ଉପରେ ପୁଣିରେ ୧୦୦ ଗ୍ରାମ ଅପାମାରଙ୍ଗ ପାଉଁଶ ବିଛାଇ ଭଲ ରୂପେ ହାତରେ ଦାବିଦେବ । ପରେ ଏହି ଶରା ଉପରେ ଆଉ ଗୋଟିଏ ଶରା ଘୋଡାଇ ଦୁଇଟିର ସନ୍ଧିସ୍ଥଳରେ କଦା ମାଟି ଲେପଦେଇ ଶୁଖାଇବ । ତା'ର ପରେ ୧୦ କେଜି ହାତଗଢାଆରା ଘେଞ୍ଚା ଘସିରେ ପୁଟ ଦେବ । ସ୍ୱାଙ୍ଗ ଶୀତଳ ହେବା ପରେ ବାହାର କରିବ । ଏହି ପ୍ରକ୍ରିୟା ଦ୍ୱାରା ଅତି ଉତ୍ତମ ହିଙ୍ଗୁଳଭସ୍ମ ପ୍ରସ୍ତୁତ ହୁଏ । ଏହାର ମାତ୍ରା ୧—୨ ଗୁଞ୍ଜା ବା ୧—୨ ମିଲି-ଗ୍ରାମ । ଏହି ଭସ୍ମ ଅତ୍ୟନ୍ତ କାମ ବର୍ଦ୍ଧକ ଓ ବଳଦାୟକ । ୩—ବଙ୍ଗଭସ୍ମ—ବଙ୍ଗକୁ ଗୋଟିଏ ଲୁହା କଡ଼ାଇରେ ରଖି ଚୁଲ୍ଲିରେ ବସାଇ ଏଥିରେ ଅପାମାରଙ୍ଗ ଚୂର୍ଣ୍ଣ ପକାଇ ନିମ୍ବ କାଠରେ ତିନି ପ୍ରହର ପର୍ଯ୍ୟନ୍ତ ଘଷିବ । ତା'ପରେ ଗଜ ପୁଟ ଦେଲେ ଉତ୍ତମ ବଙ୍ଗ ଭସ୍ମ ପ୍ରସ୍ତୁତ ହୁଏ । ୪—**ରୂପାଭସ୍ମ**—ଅପାମାରଙ୍ଗ ରସରେ ବିଶୁଦ୍ଧ ରୂପା ପତ୍ରୀକୁ ତେହେଅର ତତାଇ ବୁଡ଼ାଇବ । ପରେ ଅପାମାରଙ୍ଗ ପତ୍ରକୁ ବାଟି ଗୁଳା କରି ତା' ମଧ୍ୟରେ ରୂପାକୁ ରଖି ଶରା ସମ୍ପୁଟ କରି କଦା ମାଟି ଦେଇ ୫ କେଜି ଘସିରେ ପୁଟ ଦେବ । ଏହିପରି ନିୟମରେ ପାଞ୍ଚଥର ପୁଟ ଦେଲେ ଉତ୍ତମ ଭସ୍ମ ହୁଏ । ଯଦି ଭସ୍ମ କଳା ଦେଖାଯାଏ ତା'ହେଲେ ଅଁଳା ପତ୍ରକୁ ବାଟି ତାକୁ ଗୁଳାକରି ତା'ମଧ୍ୟରେ ରଖି ଥରେ ମାତ୍ର ପୁଟ ଦେଲେ, ଶ୍ୱେତ ବର୍ଣ୍ଣର ରୂପା ଭସ୍ମ ହୁଏ । ❊

**୨୪—ଅଭ୍ରଭସ୍ମ**—Talc. ଏହାର ସଂସ୍କୃତ ନାମ—ଅଭ୍ର, ଅମ୍ବର, ଅଭ୍ରକ୍ଷ, ଗୌରୀବୀଜ ଓ ବହୁପତ୍ର । ଅଭ୍ର ଚତୁଃପ୍ରକାର—ଶ୍ୱେତ, ରକ୍ତ, ପୀତ ଓ କୃଷ୍ଣ । ଶ୍ୱେତ ଅଭ୍ରରେ ରୂପା, ରକ୍ତ ଓ ପୀତ ଅଭ୍ରରେ ସୁନା ପ୍ରସ୍ତୁତ କରାଯାଏ ଏବଂ ଔଷଧ କାର୍ଯ୍ୟରେ ଶୁଦ୍ଧ କୃଷ୍ଣାଭ୍ର ବ୍ୟବହୃତ ହୁଏ । କୃଷ୍ଣାଭ୍ର ମଧ୍ୟ ଚତୁଃପ୍ରକାର, ଯଥା—ପିନାକ, ଦର୍ଦ୍ଦୁର, ନାଗ ଓ ବଜ୍ର । ପିନାକ ଅଭ୍ରକୁ ଅଗ୍ନିରେ ତତାଇଲେ ତା'ର ପତ୍ର ସବୁ ଛୁଞ୍ଚି ଯାଏ । ଅଜ୍ଞାନବଶତଃ ଏହି ଅଭ୍ର ଭସ୍ମ ସେବନ କଲେ ମହା କୁଷ୍ଠରୋଗ ଜାତ ହୁଏ । ଦର୍ଦ୍ଦୁର ଅଭ୍ରକୁ ଅଗ୍ନିରେ ତତାଇଲେ ବେଙ୍ଗପରି ଶବ୍ଦ କରେ । ଏହି ଅଭ୍ରର ଭସ୍ମ ସେବନ କଲେ ପେଟରେ ଗୁଳ୍ମ ହୁଏ ଏବଂ ଜୀବନ ନଷ୍ଟ ହୁଏ । ନାଗ ଅଭ୍ରକୁ ଅଗ୍ନିରେ ତତାଇଲେ ସାପପରି ଗର୍ଜ୍ଜନ କରେ । ଏହି ଅଭ୍ରର ଭସ୍ମ ସେବନ କଲେ ଭଗନ୍ଦର ରୋଗ ହୁଏ । ବଜ୍ରାଭ୍ରକୁ ଅଗ୍ନିରେ ତତାଇଲେ ତାହା ବଜ୍ରପରି ରହେ । ବିକାର ପ୍ରାପ୍ତ ହୁଏନାହିଁ । ସମସ୍ତ ଅଭ୍ର ମଧ୍ୟରେ ଏହି ବଜ୍ରାଭ୍ର ଶ୍ରେଷ୍ଠ । ଏହା ବ୍ୟାଧି, ବାର୍ଦ୍ଧକ୍ୟ ଓ ମୃତ୍ୟୁ ହରଣ କରେ । **ବଜ୍ରାଭ୍ର ଶୋଧନବିଧି**—ଅଭ୍ରକୁ ପ୍ରଥମେ ପ୍ରଚଣ୍ଡ ଅଗ୍ନିରେ ତତାଇ, ଦୁଧରେ, କାଞ୍ଜିରେ, ତ୍ରିଫଳା କ୍ୱାଥରେ ଅଥବା ଗୋମୂତ୍ରରେ ସାତ ସାତ ଥର ପକାଇବ, ଅଥବା ଉକ୍ତ ପ୍ରତ୍ୟେକରେ ତିନି ୨ ଥର ପକାଇବ, ତା'ପରେ ଅଭ୍ରକୁ ଶୁଖାଇ କୁଟି ଚୂର୍ଣ୍ଣ କରିବ । ଏହି ଅଭ୍ର ଚୂର୍ଣ୍ଣ ଯେତେହେବ, ତାର ଚତୁର୍ଥାଂଶ ଧାନ ଏଥିରେ ମିଶାଇ ଖଣ୍ଡିଏ କମ୍ବଳରେ ପୁଟୁଳି କରି ବାନ୍ଧି ତିନିଦିନ ପର୍ଯ୍ୟନ୍ତ କାଞ୍ଜି ପାଣିରେ ବତୁରାଇବ । ତା'ପରେ ଏହି କମ୍ବଳରେ ବନ୍ଧା ହୋଇଥିବା ଅଭ୍ରକୁ ପାଣିରେ ବୁଡ଼ାଇ ହାତରେ କମ୍ବା ଗୋଡ଼ରେ ଖୁବ୍ ରଗଡ଼ିକରି ମର୍ଦ୍ଦିବ । ଏହିପରି ମର୍ଦ୍ଦିଲେ ଛୋଟ ୨ ଅଭ୍ରକଣା କମ୍ବଳରୁ ବାହାରି ପାଣି ତଳେ ବସିଯିବ । ତା'ପରେ ସାବଧାନରେ ସେହି ଜଳ ନିଗାଡ଼ି ଦେଇ ନୂତନ ଜଳ ଦେବ । ଏହିପରି ବାରମ୍ବାର ଜଳଦେଇ ମର୍ଦ୍ଦିବ । ଜଳସ୍ଥିର ହେଲେ ତା'ର ତଳେ ବସିଯାଇଥିବା ଅଭ୍ର ଚୂର୍ଣ୍ଣକୁ ବାହାର କରି ଖରାରେ ଶୁଖାଇବ । ଏହାକୁ ଧାନ୍ୟାଭ୍ର କହନ୍ତି । ଏହି ଧାନ୍ୟାଭ୍ରକୁ ପୁଟଦେଇ ଭସ୍ମ କରାଯାଏ । **ଏକପୁଟୀ ଅଭ୍ରଭସ୍ମବିଧି** ଧାନ୍ୟାଭ୍ର ଯେତେ ତା'ର ଅଧେ ଟାଙ୍ଗଣା ତହିଁରେ ମିଶାଇ ଚୂର୍ଣ୍ଣକରିବ । ଏହି ଚୂର୍ଣ୍ଣକୁ ତୀବ୍ର ଅଗ୍ନିରେ ଯଥାବିଧି ଗଜପୁଟ ଦେଲେ ନିଶ୍ଚନ୍ଦ୍ର ଅଭ୍ର ଭସ୍ମ ପ୍ରସ୍ତୁତ ହୁଏ । ଅଥବା ଧାନ୍ୟାଭ୍ର ଯେତେ ତା'ର ଅଧେ ଗନ୍ଧକ ଏବଂ ସୋରାଖାର ଏକତ୍ର ମିଶାଇ ଟୋପାକସୁନ୍ଦା ରସରେ ସବୁ ବାଟି ଚକ ବାନ୍ଧି ଶୁଖାଇବ । ଏହାକୁ ଯଥାବିଧି ଗଜପୁଟ ଦେଲେ ନିଶ୍ଚନ୍ଦ୍ର ଅଭ୍ରଭସ୍ମ ପ୍ରସ୍ତୁତ ହୁଏ । **ଶତପୁଟୀ ଅଭ୍ରଭସ୍ମ ବିଧି**—ପୂର୍ବୋକ୍ତ ବିଧିରେ କରାଯାଇଥିବା ଧାନ୍ୟାଭ୍ରକୁ ଶ୍ୱେତ ପୁରୁଣୀ ରସରେ ମର୍ଦ୍ଦନ କରି ୫ ପୁଟ, କାଣ୍ଟିଲେଉଟିଆ ରସରେ ମର୍ଦ୍ଦନ କରି ୫ ପୁଟ, ତଣ୍ଡୁଲୀ ରସରେ ମର୍ଦ୍ଦନ କରି ୫ ପୁଟ ବରଉଲ ଚପକର ମର୍ଦ୍ଦନ କରି ୫ ପୁଟ କାସିନ୍ଦୀ ରସରେ ୫

❊ ମନ୍ତବ୍ୟ—ଯେଉଁ ଯେଉଁ ବନୌଷଧି ଯୋଗରେ ଯେଉଁ ଧାତୁ ଭସ୍ମ କରାଯାଏ, ସେହି ୨ ବନୌଷଧିର ଯାହା ଯାହା ଗୁଣ ସେହି ଧାତୁ ଭସ୍ମ ମଧ୍ୟ ସେହି ୨ ଗୁଣ ଯୁକ୍ତ ବୋଲି ବୁଝିବାକୁ ହେବ, ଏବଂ ଉପଯୁକ୍ତ ମାତ୍ରାର ଉପଯୁକ୍ତ ଅନୁପାନ ଓ ପଥ୍ୟ ସହିତ ଉପଯୁକ୍ତ ରୋଗରେ ତାହା ପ୍ରୟୋଗ କରିବ ।

ପୁଟ, ତ୍ରିଫଳା କ୍ୱାଥରେ ୫ ପୁଟ, ଗୋମୂତ୍ରରେ ୫ ପୁଟ, ଅରଖ-କ୍ଷୀରରେ ୫ ପୁଟ, ମୁଥା କ୍ୱାଥରେ ୧୨ ପୁଟ, ହଂସ ପାଦୀ ରସରେ ୧୦ ପୁଟ, ବଟ ଓହଳ କ୍ୱାଥରେ ଦଶ ୨ ପୁଟ ଟଭରସରେ ୨ ପୁଟ ଏବଂ ଗାଈ ଦହିରେ ଦୁଇପୁଟ ଏହାପର ପାନରସରେ, କଦଳୀରକ୍ତରେ, କାଉଁଅପତ୍ର ରସରେ, କାଞ୍ଜୀରେ, ମହୁରେ, ଘିଅରେ, ଦୁଧରେ ଏବଂ ଖଣ୍ଡରେ ପ୍ରତ୍ୟେକରେ ଦୁଇ ୨ ଥର ଗଜପୁଟ ଦେଲେ ଶତପୁଟୀ ଅଭ୍ରଭସ୍ମ ପ୍ରସ୍ତୁତ ହୁଏ । ଅଭ୍ରଭସ୍ମ ଉତ୍ତମ ରସାୟନ, ବୃଷ୍ୟ, ମେଧାବର୍ଦ୍ଧକ, ଓ ଯୋଗବାହୀ । ଏହା ସ୍ନାୟୁଦୌର୍ବଲ୍ୟ, ଉରଃକ୍ଷତ, ଶ୍ୱାସ, କାସ, ମାନସିକ-ଦୁର୍ବଳତା, ଅପସ୍ମାର, ଉନ୍ମାଦ, ହୃଦ୍ରୋଗ, ସୂତିକାରୋଗ, ପାଣ୍ଡୁ, ଧାତୁକ୍ଷୟ, ଗ୍ରହଣୀ, ଅର୍ଶ, ବହୁମୂତ୍ର ଓ ଜ୍ୱରାଦି ସମସ୍ତ ରୋଗରେ ଉତ୍ତମ ଫଳପ୍ରଦାନ କରେ । ନିୟମିତ ଭାବରେ କିଛିଦିନ ଅଭ୍ରଭସ୍ମ ସେବନ କଲେ ଅଗ୍ନିଦୀପ୍ତି, ରକ୍ତଶୁଦ୍ଧି ଓ ଆୟୁବୃଦ୍ଧି ହୁଏ । ଅନୁପାନ ଭେଦରେ ଅଭ୍ରଭସ୍ମର ପ୍ରୟୋଗ-ଯଥା — ୧ — **ସମସ୍ତରୋଗେ** — ପିପ୍ପଳୀ ଚୂର୍ଣ୍ଣ ଓ ମହୁ ସହିତ ଅଭ୍ରଭସ୍ମ ସେବନ କଲେ ସମସ୍ତରୋଗ ବିନଷ୍ଟ ହୁଏ । ୨-**ପିତ୍ତପ୍ରଶମନାର୍ଥେ** — ଦୁଧ ଓ ସାକର ବା ଚିନିସହିତ ଅଭ୍ରଭସ୍ମ ସେବନ କଲେ ପିତ୍ତପ୍ରଶମିତ ହୁଏ । ୩— **ବୀର୍ଯ୍ୟବର୍ଦ୍ଧନାର୍ଥେ** ଲବଙ୍ଗ ଚୂର୍ଣ୍ଣ ଓ ମହୁ ସହିତ ଅଭ୍ରଭସ୍ମ ସେବନକଲେ ବୀର୍ଯ୍ୟ ବୃଦ୍ଧି ହୁଏ । ୪— **କ୍ଷୟରୋଗେ** — ଗାଈଘିଅ ସହିତ ଅଭ୍ର-ଭସ୍ମ ସେବନକଲେ କ୍ଷୟ ଶ୍ୱାସ ଓ ରକ୍ତ ବିକାର ନିବାରିତ ହୁଏ । ୫— **ପିତ୍ତଜ୍ୱରେ** — ଧନିଆଁ, ଅଳାଇଚ ଓ ଚିନି ସହିତ । ୬— **କଫଜ୍ୱରେ** — ମରିଚଚୂର୍ଣ୍ଣ ଓ ମହୁ ସହିତ । ୭ **ଚାତୁର୍ଥିକଜ୍ୱରେ** — ତ୍ରିଫଳା ଚୂର୍ଣ୍ଣ ଓ ଗୋଦୁଗ୍ଧ ସହିତ । ୮— **ଅତିସାରରୋଗରେ** — ବଟ ଓହଳର କ୍ୱାଥ ସହିତ । ୯— **ରକ୍ତାତିସାରରୋଗରେ** — ଛେଳିଦୁଧ ଓ ଓ ଚିନି ସହିତ । ୧୦— **ମୂତ୍ରାଘାତ ରୋଗରେ** — ଶୁକୁଟିତ କର୍ପୂର ଓ ଚିନି ସହିତ । ୧୧— **ଅମ୍ଳପିତ୍ତରୋଗରେ** — ମରିଚ ଓ ଔଷଧଗୁଲ ଚୂର୍ଣ୍ଣ ସହିତ । ୧୨ — **ଅପସ୍ମାର ଓ ଉନ୍ମାଦରେ** — ବଚ ଓ ଗୋଦୁଗ୍ଧ ସହିତ । ୧୩— **ସଂଗ୍ରହଣୀ ରୋଗେ** — କୁଟଜାବଲେହ ସହିତ । ୧୪— **ପ୍ରମେହ ରୋଗେ** — ଗୁଳୁଚି ରସ ଓ ମିଶ୍ରୀ ସହିତ । ୧୫— **ବାତରୋଗରେ** — ଶୁଣ୍ଠୀ, ପୁଷ୍କରମୂଳ, ଭୃଙ୍ଗରାଜ ଓ ଅଶ୍ୱଗନ୍ଧ ମୂଳର ଚୂର୍ଣ୍ଣ ସହିତ । ୧୬-**ଅର୍ଶରୋଗରେ** — ଭଲିଆର କ୍ୱାଥ ସହିତ । ୧୭— **ରକ୍ତପିତ୍ତରୋଗରେ** — ଅଳାଇଚ ଓ ମିଶ୍ରି ସହିତ । ୧୮— ...

ଗୁଲୁକାରିକା ଓ ମିଶ୍ରି ସହିତ । ୧୯— **ଦୃଷ୍ଟିଦୌର୍ବଲ୍ୟରେ** — ତ୍ରିଫଳାଚୂର୍ଣ୍ଣ ଓ ମହୁ ସହିତ । ୨୦— **ଶ୍ୱାସ, କାସ, କଫ, ଭ୍ରମ, ଉଦରବିକାର, କାମଳ ଓ ଗୁଳ୍ମରୋଗରେ** — ପିପ୍ପଳୀଚୂର୍ଣ୍ଣ ଓ ମହୁ ସହିତ ଅଭ୍ରଭସ୍ମ ସେବନ କଲେ ଆରୋଗ୍ୟ ଲାଭ ହୁଏ (ର, ବ, ମ) **ଶ୍ୱେତଅଭ୍ରଭସ୍ମ ବିଧି** — ଶ୍ୱେତଅଭ୍ରକୁ କଞ୍ଚୁଆରେ ଟିକି ୨ କରି କାଟି ତହିଁରେ ସମପରିମିତ ସୋରାଖାର ଓ ଗୁଡ଼ ମିଶାଇ ଉତ୍ତମରୂପେ କୁଟିବ, ତା'ର ପରେ ଶରା ସମ୍ପୁଟରେ ତାକୁ ରଖି ଗଜପୁଟରେ ଭସ୍ମ କରିବ । ଏକ ପୁଟରେ ଶ୍ୱେତ ଭସ୍ମ ପ୍ରସ୍ତୁତ ହୁଏ । ଯଦି ଏକାଥରକେ ଭସ୍ମ ନହୋଇ କିଛି ରହିଯାଏ, ତେବେ ଆଉଥରେ ପୂର୍ବୋକ୍ତ ଦ୍ରବ୍ୟଯୋଗରେ ପୁଟଦେଲେ ଉତ୍ତମ ଭସ୍ମ ପ୍ରସ୍ତୁତ ହୁଏ । ୨୧— **ଶ୍ୱେତଅଭ୍ରଭସ୍ମର ଗୁଣ** — ଦୁର୍ବଳତା, ପ୍ରମେହ, ପୂୟମେହ (ଗନୋରିଆ) ରକ୍ତପ୍ରମେହ, ପୁରାତନ ଶ୍ୱାସ, କାସ, କୁଷ୍ଠ, ଜ୍ୱର, ରକ୍ତପିତ୍ତ, ଶୋଥ, ଜଳୋଦର, ଯକୃତ, ପ୍ଳୀହା, ଶୋଥ ଓ ଶୁକ୍ରମେହ ରୋଗରେ ଶ୍ୱେତାଭ୍ରଭସ୍ମ ଅତୀବ ଫଳପ୍ରଦ ଓ ପରୀକ୍ଷିତ ଔଷଧ । ମାତ୍ରା ଏକ ଅଷ୍ଟାଂଶ ଠାରୁ ଦୁଇ ଅଷ୍ଟାଂଶ ଗ୍ରାମ, ଅନୁପାନ ନହୁଣୀ ଓ ମିଶ୍ରୀ । କୃଷ୍ଣାଭ୍ର ଭସ୍ମର ମାତ୍ରା ଏକ ଚତୁର୍ଥାଂଶ ଠାରୁ ଏକ ଦ୍ୱିତୀୟାଂଶ ଗ୍ରାମ ଚନା ୨୨ ॥ ଅଶୁଦ୍ଧ ଅଭ୍ରଭସ୍ମ ସେବନକରି ବିକାର ଗ୍ରସ୍ତ ହେଲେ ଏକ ସପ୍ତାହ ପର୍ଯ୍ୟନ୍ତ ରୋଗୀକୁ ଅଁଳାର କ୍ୱାଥ ପାନ କରାଇବ । ❋ (ଆ, ବ, କୋ)

**୨୫-ଅମୃତମଣ୍ଡା** — Carica papaya. Papaw Tree. ଏହାର ସଂସ୍କୃତନାମ ପାରଣ ଓ ମଟୁକର୍କଟୀ । ଏହାକୁ ବଙ୍ଗଭାଷାରେ ପେଁପେ, ହିନ୍ଦୀରେ ପେପିୟା, ତେଲୁଗୁରେ ମଦାନାନବ ଓ ବୋପ୍ପ-ଭପାଣ୍ଡୁ ବୋଲନ୍ତି । ଏହିଗଛର ପତ୍ର କ୍ଷୀର ଓ ଫଳ ଔଷଧାର୍ଥରେ ବ୍ୟବହୃତ ହୁଏ । ୧-ଅମୃତମଣ୍ଡାର ପତ୍ରବାଟି ଗରମକରି ବିଳା ବା ବାଗିଉପରେ ଲେପନକଲେ ବିଳା ବସିଯାଏ । ୨— ଅମୃତମଣ୍ଡାର ପତ୍ରରେ ଜଡ଼ାତେଲ ଲଗାଇ ଗରମ କରି ଶୋଥ ଓ ବେଦନା ଯୁକ୍ତ ଅଙ୍ଗରେ ବାନ୍ଧିଲେ ବିଶେଷ ଫଳଲାଭ ହୁଏ । ୩— ଅମୃତମଣ୍ଡା ଫୁଲର ପ୍ରଲେପ ବ୍ରଣଶୋଥ ନାଶକ । ୪— ଅମୃତମଣ୍ଡାର କ୍ଷୀର ଲଗାଇଲେ ଦାଦୁ, ବିଛୁଆ, କୁଣ୍ଡିଆ ଓ ଉପଦଂଶ ବ୍ରଣ ଶୁଖିଯାଏ । ୫— ଅମୃତମଣ୍ଡାର କ୍ଷୀର ଭୋଜନ ପୂର୍ବେ ୨୦ ଟୋପା ମାତ୍ରାରେ ଚିନି ସହିତ ସେବନ କଲେ ଅଗ୍ନିଦୀପ୍ତି ଓ ଓ କ୍ଷୁଧା ବୃଦ୍ଧି ହୁଏ । ୬— କିଛିଦିନ ଏହି କ୍ଷୀର ସେବନ-କଲେ ପ୍ଳୀହା ଓ ଯକୃତ ବୃଦ୍ଧି ନିବାରିତ ହୁଏ । କଞ୍ଚା

ରୋଗରେ ବିଶେଷ ଫଳପ୍ରଦ । ୭— ଭଙ୍ଗାବିନ୍ଦୁ ଦଂଶନ ହେବା ଅନ୍ତରେ ଏହିକ୍ଷୀର ଲଗାଇଲେ ବିଷଦୋଷ ନିବାରିତ ହୁଏ । ୮—ଏହି କ୍ଷୀର ମୃଦୁ ବିରେଚକ ଓ କ୍ରିମିନାଶକ । ଗର୍ଭିଣୀ ସ୍ତ୍ରୀମାନଙ୍କ ପକ୍ଷରେ ଏହିକ୍ଷୀର ସେବନ କରିବା ନିଷେଧ । ୯—କଞ୍ଚା ଅମୃତମଣ୍ଡାଫଳ ତର୍କାରୀ କରି ଖାଇଲେ ସ୍ତ୍ରୀମାନଙ୍କର କ୍ଷୀର ବୃଦ୍ଧି ହୁଏ । ମାଂସ ତର୍କାରୀରେ କଞ୍ଚା ଅମୃତମଣ୍ଡାର ଫଳ ଦେଇ ସିଝେଇଲେ ଏହି ମାଂସ ଖୁବ୍ କୋମଳ ହୁଏ ଏବଂ ଶୀଘ୍ର ଜୀର୍ଣ୍ଣହୁଏ । ପାଚିଲା ଅମୃତମଣ୍ଡାର ଫଳ ରୁଚିକର । ଏହା ରକ୍ତାର୍ଶ, ଅଗ୍ନିମାନ୍ଦ୍ୟ ଓ କୋଷ୍ଠ-କାଠିନ୍ୟ ରୋଗରେ ବିଶେଷ ଉପକାରକ । ପୁରାତନ ଅତିସାର ରୋଗରେ ଏହା ପଥ୍ୟ । ଭୋଜନର ଅବ୍ୟବହିତପରେ ଅମୃତମଣ୍ଡା ଖାଇଲେ ଜ୍ୱର ଆକ୍ରମଣ କରେ ।

୨୬-ଅମ୍ଳବେତସ—Ramex vesicarius. Citrus Medica limonwn. ଏହାର ସଂସ୍କୃତନାମ —ଅମ୍ଳବେତସ, ଚୁଲ୍ଲକେରୁ, ଶଙ୍କବେଧୀ ଓ ବୀରାମ୍ଳ । ଏହାକୁ ବଙ୍ଗଭାଷାରେ ଥୈକଡ଼, ହିନ୍ଦୀରେ ଅମ୍ଳବେତ, ତେଲୁଗୁରେ ପୁଲ୍ଲାଦାଗୁଲ ବୋଲନ୍ତି । ଏହାରଫଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା ଅତ୍ୟନ୍ତ ଅମ୍ଳରସ ଓ ଉଷ୍ଣବୀର୍ଯ୍ୟ । ଏହା ସେବନ କଲେ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ହୃଦ୍‌ରୋଗ, ଶୂଳ, ଗୁଲ୍ମ, ପ୍ଳୀହା, ମଳମୂତ୍ରଦୋଷ, ଉଦାବର୍ତ୍ତ, ହିକ୍କା, ଆଧ୍ମାନ, ଅରୁଚି, ଶ୍ୱାସ, କାସ, ବାନ୍ତି, କଫ ଓ ବାତରୋଗ ପ୍ରଶମିତ ହୁଏ । ଛେଳିମାଂସର ତର୍କାରୀରେ ଏହି ଫଳ ପକାଇ ପାକକଲେ ମାଂସ ସବୁ ପାଣି ହୋଇଯାଏ । ୧—ଏହିଫଳର ରସ ପାନ ଓ ଲେପନକଲେ ସର୍ପବିଷ ଓ ବିଚ୍ଛୁ ବିଷ ବିନଷ୍ଟ ହୁଏ । ବୈଦ୍ୟଶାସ୍ତ୍ରରେ ଅମ୍ଳବେତସର ବ୍ୟବହାର ଯଥା— ପ୍ଳୀହାରୋଗରେ—୨ ରଜନୀଭିଜା ଜଳରେ ଅମ୍ଳବେତସଚୂର୍ଣ୍ଣ, ଅଳ୍ପ ପିପ୍ପଳୀ ଓ ଲୋଣ ଚୂର୍ଣ୍ଣ ଯୋଗ କରି ସେବନ କଲେ ପ୍ଳୀହୋଦର ରୋଗ ବିନଷ୍ଟହୁଏ । (ବଙ୍ଗସେନ) ପ୍ରାଧାନ୍ୟବିଷୟରେ ୩ – ମଳଭେଦକ, ଅଗ୍ନିଦୀପକ ଓ ବାୟୁର ଅନୁଲୋମକ ଦ୍ରବ୍ୟ ମଧ୍ୟରେ ଅମ୍ଳବେତସ ଶ୍ରେଷ୍ଠ । ଅମ୍ଳବେତସ ସହଜରେ ଚୂର୍ଣ୍ଣ ହୁଏନାହିଁ । ଆମଦେଶର ବୈଦ୍ୟମାନେ ଅମ୍ଳବେତସ ନାମରେ ଅମ୍ଳିପାଳଙ୍ଗ, ଅମ୍ଳିଭାରଗ ଓ କୁକୁଡ଼ାଭଙ୍ଗ ଇତ୍ୟାଦି ବ୍ୟବହାର କରନ୍ତି । ଏହାର କାରଣ ଏ ଦେଶରେ ଅମ୍ଳବେତସ ବୃକ୍ଷ ଉତ୍ପନ୍ନ ହେବାର କୌଣସିଠାରେ ଦେଖାଯାଏ ନାହିଁ ।

୨୭-ଅମ୍ଳରସ—Acid. ଏହାର ଗୁଣ—ଲଘୁ, ଉଷ୍ଣ, ରୁଚିକର, ଅଗ୍ନିଦୀପକ, ବାୟୁର ଅନୁଲୋମକ ଦ୍ରବ୍ୟ, ପାଚକ, ରକ୍ତପିତ୍ତବର୍ଦ୍ଧକ, ବଳକାରକ, ବାତନାଶକ, କଫକାରକ ଓ ବାନ୍ତି ନାଶକ ଅଟେ । ଏହା ଅଧିକ ମାତ୍ରାରେ ସେବନ କଲେ ଭ୍ରମ, କଣ୍ଡୁ, କଣ୍ଠୁ, କୃଶତା, ପାଣ୍ଡୁ, ଦୃଷ୍ଟିଦୌର୍ବଲ୍ୟ, ଦନ୍ତହର୍ଷ (ଦାନ୍ତଶିରିଶିରା) ଓ ଆମରୋଗ ଉତ୍ପନ୍ନ ହୁଏ ।

୨୮-ଅମ୍ବର—Aambar. ଏହାର ସଂସ୍କୃତନାମ— ଅଗ୍ନିଜାର, ଅମ୍ବରସୁଗନ୍ଧ । ଏହା କସ୍ତୁରୀପରି ସୁଗନ୍ଧଯୁକ୍ତ ଏକ ମୂଲ୍ୟବାନ୍ ଔଷଧ । ଏହା କଟୁ, ରୁକ୍ଷ ଓ ଉଷ୍ଣ । ଏହାକୁ ସେବନକଲେ ପକ୍ଷାଘାତ କମ୍ପବାତ, ହୃଦ୍‌ରୋଗ, ନପୁଂସକତା, ଶିରୋରୋଗ, ଫୁସ୍‌ଫୁସ୍, ଯକୃତ୍, ପ୍ଳୀହା, ଉଦର ଓ ବୃକ୍କ ସମ୍ବନ୍ଧୀ ରୋଗ ବିନଷ୍ଟ ହୁଏ । ଏହାପରି କାମାଗ୍ନି ବର୍ଦ୍ଧକ ଔଷଧ ଆୟୁର୍ବେଦ ଶାସ୍ତ୍ରରେ ଦେଖିବାକୁ ମିଳେନାହିଁ । ଏହା ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ, ହୃଦୟ ଏବଂ ମସ୍ତିଷ୍କକୁ ବଳ ପ୍ରଦାନ କରେ । ସର୍ବାଙ୍ଗିକ ଦୁର୍ବଳତା, ଅପସ୍ମାର, ଆକ୍ଷେପ, ଉନ୍ମାଦଯୁକ୍ତ ତିବ୍ରଜ୍ୱର, ବସନ୍ତବିକାର ଅଜ୍ଞାନାବସ୍ଥା, ପ୍ଳେଗ, ଏବଂ ଅନ୍ୟାନ୍ୟ ସଂକ୍ରାମକ ରୋଗରେ ଏହା ପ୍ରୟୋଗ କରାଯାଏ । ଏହା ଲିଙ୍ଗରେ ଲେପନ କଲେ କାମ ଉଦ୍ଦୀପିତ ହୁଏ, ଏବଂ ସ୍ତ୍ରୀ ସହବାସରେ ଆନନ୍ଦ ମିଳେ । ଅନିଦ୍ରା, ବୃଥା ଭାବନା, ଦୃଷ୍ଟି କ୍ରିୟା ଜନିତ ଦୃଷ୍ଟିଶକ୍ତି ଓ ଶ୍ରବଣ ଶକ୍ତିର ଦୁର୍ବଳତା ଓ ଯୋଷାପସ୍ମାର ରୋଗରେ ଏହା ଅତୀବ ଫଳପ୍ରଦ । ଏହାର ମାତ୍ରା ଏକ—ଦୁଇ ଷୋଡ଼ଶାଂଶ ଗ୍ରାମ । ବିଶୁଦ୍ଧ ଅମ୍ବର ପରୀକ୍ଷା । ୧—ଅମ୍ବରକୁ ଗୋଟିଏ ଶିଶୀରେ ଭର୍ତ୍ତିକରି ଅଙ୍ଗାର ନିଆଁରେ ରଖିବ, ଯଦି ତାହା ତରଳିଯାଇ ତେଲପରି ଦେଖାଯାଏ, ତେବେ ଶୁଦ୍ଧ, ଅନ୍ୟଥା ଅଶୁଦ୍ଧ ବୋଲି ବୁଝିବ । ୨—ଟିକିଏ ଅମ୍ବର ନେଇ ନିଆଁରେ ପକାଇବ, ତହିଁରୁ ଯଦି ସୁଗନ୍ଧିଯୁକ୍ତ ଧୂମ ବାହାରେ, ତେବେ ତାହା ଉତ୍ତମ, ଅନ୍ୟଥା ନକଲି ଜିନିସ ବୋଲି ବୁଝିବ । ୩—ଅଳ୍ପ ଅମ୍ବର ତୁଣ୍ଡରେ ପକାଇ ଚୋବାଇବ, ଯଦି ତଦ୍ୱାରା ମୁଖ ସୁଗନ୍ଧିଯୁକ୍ତ ହୁଏ, ଏବଂ ମହଣ ପରି ତାହା ଦାନ୍ତରେ ଲାଗେ ତେବେ ଉତ୍ତମ, ଅନ୍ୟଥା କୃତ୍ରିମ ବୋଲି ବୁଝିବ । ୪—ଅମ୍ବରକୁ ଗରିଲେ ତାହା ଯଦି କାଦୁଆ ରହେ, ତେବେ ଉତ୍ତମ, ଯେବେ ପୋଲା ଦେଖାଯାଏ, ତେବେ ନକଲି ବୋଲି ବୁଝିବ । (ଆ,ବ,କୋ,)

୨୯-ଅରଖଗଛ—Calatropis Gigantea. Calotropis procera. ଏହାର ପୁଷ୍ପ ବର୍ଣ୍ଣଭେଦରେ ଦୁଇପ୍ରକାର । ଶ୍ୱେତ ଓ ରକ୍ତ । ଶ୍ୱେତ ଅରଖର ସଂସ୍କୃତନାମ-ସୁପର୍ଣ୍ଣୀ କ୍ଷୀରଦଳ, କ୍ଷୀରକାଣ୍ଡକ, ବୃନ୍ଦମଲ୍ଲିକା ଓ ଜମ୍ବୁଘ୍ନ । ରକ୍ତ ଅରଖର ସଂସ୍କୃତନାମ—ଅରୁଣାର୍କ ଓ ରୁପିକା । ଏହାକୁ ବଙ୍ଗ ଭାଷାରେ ଆକନ୍ଦ, ଶ୍ୱେତ ଆକନ୍ଦ, ହିନ୍ଦୀରେ ମନ୍ଦାର, ଲାଲ୍‌ଆକ, ସଫେଦଆକ, ଏବଂ ତେଲୁଗୁରେ ନେଲ୍ଲଜିଲ୍ଲେଡ଼ୁଚେଟ୍ଟୁ ବୋଲନ୍ତି । ଔଷଧାର୍ଥରେ ଉଭୟବିଧ ଅରଖର ପତ୍ର, ପୁଷ୍ପ, ଅଙ୍କୁର, କ୍ଷୀର ଓ ମୂଳ ଗ୍ରହଣ କରାଯାଏ । ରକ୍ତ ଅରଖ-ଠାରୁ ଶୁଭ୍ର ଅରଖ ଗୁଣରେ ଶ୍ରେଷ୍ଠ ଅଟେ । ଉଭୟ ପ୍ରକାର ଅରଖ ତିକ୍ତ, କଟୁ ଓ ଉଷ୍ଣବୀର୍ଯ୍ୟ । ଏହା କଣ୍ଡୁ, ବ୍ରଣ, କୃମି, ବାତ, ଶୋଥ, କୁଷ୍ଠ, ପ୍ଳୀହା, ମେଦୋରୋଗ, ବିସର୍ପ,

କଟିଦୋଷ, ଅଗ୍ନିମାନ୍ଦ୍ୟ, ମୂତ୍ରକୃଚ୍ଛ୍ର, ଗୁଳ୍ମ, ଉଦରରୋଗ, ଅରୁଚି, ଅର୍ଶ, ଶ୍ୱାସ, କାସ, ରକ୍ତପିତ୍ତ, ପକ୍ଷାଘାତ, ମୂର୍ଚ୍ଛା, ଅଗ୍ନିଘାତଜ ଜ୍ୱର, ସକଳ ପ୍ରକାର ସନ୍ନିପାତଜ ଜ୍ୱର, ଗଣ୍ଡ ରୋଗ, ଛର୍ଦ୍ଦି, ଶ୍ଳୀପଦ ଏବଂ ସ୍ତ୍ରୀମାନଙ୍କର ଋତୁରୋଧ ରୋଗରେ ପ୍ରୟୋଗ କରାଯାଏ । ଏହାର ମୂଳର ଚୂର୍ଣ୍ଣ ସ୍ୱେଦଜନକ, ବିରେଚକ ଓ ବାନ୍ତି କାରକ ଅଟେ । ଅରଖ ମୂଳର ପ୍ରଲେପ କୁଷ୍ଠ, ଶ୍ଳୀପଦ, କୁଷ୍ଠକ୍ଷତ, ଏବଂ ନାନାବିଧ ଚର୍ମରୋଗରେ ହିତକାରୀ ଅଟେ । ୧—ଅରଖ ମୂଳକୁ ବାଟି ତହିଁରେ ଅଳ୍ପ ଅଫିମ ମିଶାଇ ବଟିକା କରିବ । ଏହି ବଟିକା ସେବନ କଲେ ଆମରକ୍ତାତିସାର ବିନଷ୍ଟ ହୁଏ । **ଅରଖପତ୍ର**—ଅରଖ ପତ୍ରରେ ସେଜନ କଲେ କଫ, ପୀନସ, କୃମି, ମେଦୋରୋଗ ଓ ବାତରୋଗ ନିବାରିତ ହୁଏ । ୨—ଅରଖପତ୍ରର ଉପରେଥିବା ଶ୍ୱେତ ବର୍ଣ୍ଣ ରେଣୁକୁ ସାବଧାନରେ ଗୁଣ୍ଡରେ ଘଷି ବାହାର କରିବ । ଏହାକୁ ଅରଖ କ୍ଷୀରରେ ବାଟି ଚଣାମଞ୍ଜି ପ୍ରମାଣରେ ନ'ଗୋଟି ବଟିକା କରି ରଖିବ । ସର୍ପଦଂଷ୍ଟ୍ର ବ୍ୟକ୍ତିକୁ ଅଧ ୨ ଘଣ୍ଟା ଛାଡ଼ି ଏଥିରୁ ଏକ ୨ ବଟିକା ସେବନ କରାଇଲେ ବାନ୍ତି ଓ ରୋଗୀର ସର୍ବାଙ୍ଗରେ ଦାଉ ଦାଉ ହୋଇ ତତ୍କାଳରେ ବିଷବିକାର ବିନଷ୍ଟ ହୁଏ । ଏହା ନ'ଗୋଟି ମାତ୍ରାରୁ ଅଧିକ କେବେ ରୋଗୀକୁ ଦେବନାହିଁ, ଏବଂ ଏହି ଔଷଧ ସେବନ କରିବା ବ୍ୟକ୍ତି ଏକପକ୍ଷ କାଳ କୌଣସି ମାଦକ ଦ୍ରବ୍ୟ ସେବନ କରିବ ନାହିଁ । ବିଷ-ବିକାର ଶାନ୍ତ ହେଲେ ରୋଗୀକୁ ଲଘୁ ଭୋଜନ ଓ ବିରେଚନ ଦେବ । ସର୍ପ ଦଂଶନ କରିବା ମାତ୍ରେ ସଦ୍ୟ ୨ । ୪ ଗୋଟି ଅରଖପତ୍ର ରୋଗୀ ଚୋବାଇ ଖାଇପାରେ ତେବେ ତତ୍କାଳରେ ବିଷ ହ୍ରାସ ହୁଏ । ୩—ଅରଖ ପତ୍ରରେ ତେଲ ଲଗାଇ ଅଳ୍ପ ଉଷୁମ କରି ପେଟରେ ଆଚ୍ଛାଦନ କଲେ ପେଟ ଫୁଲା ଓ ଶୂଳ ପ୍ରଶମିତ ହୁଏ । ୪—କେତେଗୁଡ଼ିଏ ଅରଖପତ୍ରକୁ ଏକାଠି ବିଡ଼ା ବାନ୍ଧି, ତା'ର ଉପର ଭାଗକୁ ଛେଦି ଦେବାକୁ ହେବ । ଏହି ପତ୍ର ବିଡ଼ାକୁ ତାତଲା ଖପରରେ ମଡ଼ାଇ ବାତ ବେଦନା-ଯୁକ୍ତ ଅଙ୍ଗରେ ସେକ ବସାଇଲେ ବେଦନା ଓ ଫୁଲା ନିବାରିତ ହୁଏ । ୫—ଅରଖପତ୍ର ରସକୁ ଅଳ୍ପ ଉଷୁମ କରି କାନରେ ପକାଇଲେ କାନଚଣା ଓ କାନପଚ୍ଚ ଭଲ ହୁଏ । ୬—ଅରଖପତ୍ରକୁ କଟୁତେଲରେ ଭଜି ଅଳ୍ପ ଉଷୁମ ଥାଉଁ ୨ ମଳଦ୍ୱାରରେ ବାନ୍ଧିଲେ ଅର୍ଶର ଯନ୍ତ୍ରଣା ନିବାରିତ ହୁଏ । **ଅରଖଫୁଲ**—୭—ଅରଖ ଫୁଲକୁ ଚୂର୍ଣ୍ଣ କରି ତହିଁରେ ସମାନ ଭାଗରେ ମରିଚଚୂର୍ଣ୍ଣ ମିଶାଇ ସେବନ କଲେ ଶ୍ୱାସ, ଅପସ୍ମାର, ମୂର୍ଚ୍ଛା, କଫ, କାସ, କଫଜ ଅର୍ଶ ଓ ଶୂଳ ନିବାରିତ ହୁଏ । ୮—ବିସୂଚୀ ରୋଗରେ ମଧ୍ୟ ଅରଖଫୁଲର ପ୍ରୟୋଗ ବିଶେଷ ଫଳପ୍ରଦ । ୯—ଅରଖ ଫୁଲକୁ ଚୂର୍ଣ୍ଣ କରି ତହିଁରେ ଲୁଣ ମିଶାଇ ସେବନ କଲେ ଫିରଙ୍ଗରୋଗ, କୁଷ୍ଠ ଓ ମେଦୋରୋଗ ବିନଷ୍ଟ ହୁଏ । **ଅରଖଗଛରଫଳ**—୧୦—ଅରଖଫଳ ଓ ମରିଚ ସମାନ ଭାଗରେ ଚୂର୍ଣ୍ଣ କରି ତା'ର ବଟି ପରିମାଣରେ ସେବନ କରିବ, ତା'ପରେ କଳାଲୁଣ ମିଶ୍ରିତ ଜଳପାନ ଅନୁପାନ କରିବ । ଏହିପରି କିଛୁଦିନ ଏହା ବ୍ୟବହାର କଲେ [illegible] ପ୍ରଶମିତ ହୁଏ । **ଅରଖଡାଳର କାଠ**—୧୧—ଏଥିରେ ଦାନ୍ତୁନ କଲେ ମେଦୋ-ରୋଗ ଓ କଫ ରୋଗରେ ଉପକାର ହୁଏ । **ଅରଖକ୍ଷୀର** ୧୨—ଏହା ତିକ୍ତ, ଲଘୁ ଏବଂ ଉଷ୍ଣବୀର୍ଯ୍ୟ । ଏହା ସେବନ କଲେ ବାନ୍ତି ଓ ବିରେଚନ ହୁଏ । ୧୩—ଶ୍ୱାସ ରୋଗୀର ବଳ, ବୟସ ବିବେଚନା କରି ୫ । ୬ ମାତ୍ରାରେ କିଛୁଦିନ ଅରଖକ୍ଷୀର ତାକୁ ସେବନ କରାଇଲେ ଅତି ପୁରାତନ ଦାରୁଣ ଶ୍ୱାସରୋଗ ସମୂଳେ ବିନଷ୍ଟ ହୁଏ । ୧୪—ଅରଖକ୍ଷୀର ଓ ଅରଖଫୁଲ ଏକତ୍ର ବାଟି ୨ [illegible] ଶୁଖାଇ ରଖିବ । ଏହି ବଟିକାକୁ ଚିଲମରେ ଭର୍ତ୍ତି ଅଗ୍ନି ସଂଯୋଗରେ ଏହାର ଧୂମ ପାନ କଲେ ତତ୍କାଳରେ ଶ୍ୱାସରୋଗ ପ୍ରଶମିତ ହୁଏ । ୧୫—ଏହି କ୍ଷୀର ଦାନ୍ତମୂଳରେ ମଡ଼ାଇଲେ ଦନ୍ତଶୂଳ ଓ କୃମିଭକ୍ଷିତ ଦନ୍ତର ବେଦନା ନିବାରିତ ହୁଏ । ୧୬—ନୂତନ କ୍ଷତ ଶୋଥରେ ଅରଖକ୍ଷୀର ଲେପନ କଲେ କ୍ଷତ ବସିଯାଏ ଏବଂ ପକ୍ୱ କ୍ଷତରେ ଲେପନ କଲେ କ୍ଷତ ଫାଟିଯାଏ । ୧୭—ଏହି କ୍ଷୀର ଯୋନିରେ ପ୍ରବେଶ କରାଇଲେ ଗର୍ଭସ୍ରାବ ହୁଏ । ୧୮—ନାରୀଙ୍କର କମ୍ପା ଉଠିଲେ ଭରରେ ମୁଖ ରୁଦ୍ଧ ହେଲେ ତାକୁ ଫିଟାଇବା ପାଇଁ ଅରଖକ୍ଷୀର ପ୍ରୟୋଗ କରାଯାଏ । ୧୯—ଏହି କ୍ଷୀର ଶୁଖାଇ ଚୂର୍ଣ୍ଣ କରି ଉପଯୁକ୍ତ ମାତ୍ରାରେ କିଛୁଦିନ ସେବନ କଲେ ଫିରଙ୍ଗରୋଗ, କୁଷ୍ଠ, ଶୋଥ, ଉଦର-ରୋଗ, ବାତ, ସକଳ ପ୍ରକାର ଜ୍ୱର ଓ ଚର୍ମରୋଗ ବିନଷ୍ଟ ହୁଏ । ୨୦—କଉଁଆକିଛା ଓ ଅନ୍ୟାନ୍ୟ କଣ୍ଟକଦଗ୍ଧ ସ୍ଥାନରେ ଅରଖକ୍ଷୀର ଲେପନ କଲେ କଷ୍ଟ ନଷ୍ଟ ହୁଏ । ୨୧—କେଶ-ପତନ ରୋଗରେ ଅରଖକ୍ଷୀରର ପ୍ରଲେପ ବିଶେଷ ହିତକର ଅଟେ । ଅରଖକ୍ଷୀର ଅଧିକ ମାତ୍ରାରେ ସେବନ କରି ଯଦି କେହି ବିକାର ଗ୍ରସ୍ତ ହୁଏ, ତେବେ କେଳୀଗଛର ରସ କିମ୍ବା ପିଆଜରସ ମିଶ୍ରିତ ଘିଅ ଅଥବା ତୁଳସୀ ପତ୍ରର ରସ ତାକୁ ପିଆଇବ । **ଅରଖକ୍ଷୀର ଶୋଧନ ବିଧି**—ପଞ୍ଚଗବ୍ୟରେ ମର୍ଦ୍ଦନ କରି ଶୁଖାଇଲେ ଅରଖକ୍ଷୀର ଶୁଦ୍ଧ ହୁଏ । ସୁନାମି ଚିକିତ୍ସା ଶାସ୍ତ୍ରରେ ଅରଖର ପ୍ରୟୋଗ ଯଥା—୨୨—ଛୁଆଙ୍କ ଓ ବୁଢ଼ାଙ୍କ ଜ୍ୱରେ—ନୂତନରେ ଅଙ୍କୁରିଥିବା ଅରଖର କୋମଳ ପତ୍ର [illegible] ଗୁଡ଼ ମଧ୍ୟରେ ତାକୁ [illegible] ୨ । ୩ ଥର ରୋଗୀକୁ ସେବନ କରାଇବ । ଏହିପରି କଲେ ପୁରାତନ ଜ୍ୱର ଏକା ସମୟରେ ବନ୍ଦ ହୋଇଯିବ । ନୂତନ ଜ୍ୱରରେ ମଧ୍ୟ ଏହା ନିୟମିତ ପରିମାଣରେ ସେବନ କରାଇବ ।

ଅର୍ଦ୍ଧାବଭେଦକରୋଗ—୨୩—ପାକଲା ଅରଖ ପତ୍ରରେ ଘିଅ ଲଗାଇ ତାକୁ ନିଆଁରେ ସେକିବ । ପରେ ତାକୁ ହାତରେ ମକ୍ଚି ରସ ବାହାର କରି ୨ ବା ୩ ଟୋପା ନାକରେ ପକାଇବ । ଏଥିଦ୍ୱାରା ନାକରୁ ପାଣି ବାହାରେ ଓ ଅଧକପାଳ ବ୍ୟଥା ଆରାମ ହୁଏ । ପ୍ଲେଗରୋଗ—୨୪—ଅରଖପତ୍ରର ପିଠିରେ ଯେଉଁ ଧଳା ସଫେଦ ଜମିଥାଏ, ତାକୁ ସାବଧାନରେ ଛୁରୀରେ ଗୁଞ୍ଜି ବାହାର କରି ଚଣା ପରିମାଣେ ବଟିକା କରିବ । ଏହି ବଟିକା ନିବାତ ପାଣିରେ ଦୁଇ ୨ ଘଣ୍ଟାରେ ଥରେ ସେବନ କରାଇଲେ ପ୍ଲେଗରୋଗରେ ବିଶେଷ ଲାଭ ହୁଏ । (ଏହା ପରୀକ୍ଷିତ ଅଟେ) କଫ ଓ କୃମିରୋଗ—୨୫—ଗାଈଘିଅ ଏକକେଜି କଡ଼ାଇରେ ଢାଳି ନିଆଁ ଉପରେ ରଖିବ, ଉହିଁରେ ଗୋଟିଏ ୨ ତାଜା ଅରଖ ପତ୍ର ପକାଇ ପାକ କରିବ । ଗୋଟିଏ ଅରଖପତ୍ର ପାକସିଦ୍ଧ ହେବା ପରେ ତାକୁ ବାହାର କରିଦେଇ ଆଉ ଗୋଟିଏ ପକାଇବ । ଏହିପରି ଶହେ ଅରଖପତ୍ର ପାକ କରିବ, ପାକ ସିଦ୍ଧ ହେବାପରେ ଘିଅକୁ ପୁରୁଣା ରଖିବ । ଏହି ଘିଅକୁ ୨୦—୩୦ ଗ୍ରାମ ମାତ୍ରାରେ ଗହମ ରୋଟି ଓ ମାଂସ ତର୍କାରୀ ସହିତ ଖାଇଲେ କଫଜ ସମସ୍ତ ବ୍ୟାଧି ନଷ୍ଟହୁଏ ଏବଂ ପେଟରେ ଥିବା କେଞ୍ଚୁଆ ସବୁ ମରି ଖସିପଡ଼ନ୍ତି । (ଏହା ପରୀକ୍ଷିତ) । ଉପଦଂଶ ଓ ପ୍ରମେହରୋଗ—୨୬—ଶୁଖିଲା ଅରଖ ଫୁଲକୁ ଚୂର୍ଣ୍ଣକରି ଉପଯୁକ୍ତ ମାତ୍ରାରେ ଜଳ ସହିତ ସେବନ କଲେ ଉପଦଂଶ ଓ ପ୍ରମେହ ରୋଗରେ ସୁଫଳ ଲାଭହୁଏ । ଶ୍ୱାସରୋଗ—୨୭—ଶୁଖିଲା ଅରଖଫୁଲ ୧୦୦ ଗ୍ରାମ ଓ ଅରଖ ମୂଳ ୫୦ ଗ୍ରାମ । ଏକତ୍ର ଚୂର୍ଣ୍ଣ କରି ଅରଖପତ୍ର ରସରେ ପେଷି ଅଧ ଡେଢ଼ିଗ୍ରାମ ପରିମାଣରେ ବଟିକା କରିବ । ଏହି ବଟିକା ଗରମ ଜଳ ସହିତ ଶୂଳ ରୋଗରେ ଓ ବାତରୋଗରେ ପ୍ରୟୋଗ କଲେ ଚମତ୍କାର ଫଳ ଦେଖାଯାଏ । ବସୂଚୀରୋଗ—୨୮—ଅରକମୂଳର ଛାଲି ଏବଂ ଗୋଲମରିଚ ସମାନ ଭାଗରେ ଅଦାରସରେ ବାଟି ଚଣାପରି ମାତ୍ରା କରିବ । ଏଥିରୁ ଏକମାତ୍ରା ପ୍ରୟୋଗ କଲେ ବିସୂଚିକା ରୋଗର କଠିନ ଅବସ୍ଥାରେ ମଧ୍ୟ ବିଶେଷ ଉପକାର ହୁଏ । କଫକାସରୋଗ—୨୯—ଅରଖମୂଳକୁ ପୁଟ ଦଗ୍ଧ କରି ଭସ୍ମ କରିବ । ଏହି ଭସ୍ମ ତିନ ବିଂଶାଂଶ ଗ୍ରାମ ପରିମାଣେ ନବାତ ମଧ୍ୟରେ ରଖି ସେବନ କଲେ କଫଜ୍ୱର ଓ କାସ ରୋଗ ବିନଷ୍ଟ ହୁଏ । ଅପସ୍ମାରରୋଗ—୩୦—ଅରଖମୂଳକୁ ଛେଳି ମୂତ୍ରରେ ବାଟି ନାକରେ ପକାଇଲେ ଅପସ୍ମାର ରୋଗ ନିବାରିତ ହୁଏ । ସର୍ପବିଷ—୩୧—ଅରଖମୂଳକୁ ପେଷି ଜଳ ସହିତ ପାନ କଲେ ସର୍ପବିଷ ନଷ୍ଟହୁଏ । ଶ୍ୱାସକାଶ—୩୨—ଶ୍ଳୀପଦ ରୋଗରେ ଅରଖମୂଳର ଛାଲି ଉପଯୁକ୍ତ ମାତ୍ରାରେ ପ୍ରୟୋଗ କଲେ ବିଶେଷ ଉପକାର ହୁଏ । ଦନ୍ତଶୂଳ—୩୩—ଅରଖକ୍ଷୀର ଦାନ୍ତମୂଳରେ ମଡ଼ାଇଲେ ଦନ୍ତଶୂଳ ଆରାମ ହୁଏ । ଅର୍ଶରୋଗ—୩୪—ଅର୍ଶର ମାଂସାଙ୍କୁରରେ ଅରଖକ୍ଷୀର ଲଗାଇଲେ ତାହା ଅଳ୍ପ ସମୟରେ ଛିଡ଼ି ଖସିପଡ଼େ । ଅପସ୍ମାରରୋଗ—୩୫—ଅପସ୍ମାର କାଳରେ ଅପସ୍ମାର ରୋଗୀର ପାଦତଳେ ଅରଖକ୍ଷୀର ଲଗାଇ ତା'ର ଉପରେ କଳାମରିଚ ଗୁଣ୍ଡ ପକାଇ ଅରଖପତ୍ର ଦେଇ ବାନ୍ଧିବ । ଏହି ପ୍ରୟୋଗ କୋଡ଼ିଏ ଦିନ ପର୍ଯ୍ୟନ୍ତ କଲେ ଅପସ୍ମାର ରୋଗ ସମୂଳେ ବିନଷ୍ଟ ହୁଏ । (ଏହା ପରୀକ୍ଷିତ) ଧ୍ୱଜଭଙ୍ଗ ରୋଗ—୩୬—ହସ୍ତମୈଥୁନାଦି ଦ୍ୱାରା ଧ୍ୱଜଭଙ୍ଗ ରୋଗ ହେଲେ ଗାଈଘିଅରେ ଅରଖକ୍ଷୀରକୁ ବାର ପ୍ରହର ମର୍ଦ୍ଦନକରି ଲିଙ୍ଗ ଉପରେ ଲଗାଇବ । ଅଥବା ଦଶଗ୍ରାମ ଦାରୁମୂଷୀ, ୫୦ ଗ୍ରାମ ଅରଖକ୍ଷୀରରେ ପେଷି ଖଲରେ ରଖି ତହିଁରୁ ତେଲ ବାହାର କରିବ, ଏହି ତେଲ ଅଳ୍ପମାତ୍ରାରେ ଲିଙ୍ଗର ଚମଡ଼ାରେ ଲଗାଇ ତା'ର ଉପରେ ପାନପତ୍ର ପକାଇ ବାନ୍ଧିବ । ଏହିପରି କଲେ ଲିଙ୍ଗର ଚର୍ମ ଉପରେ ସାନ ସାନ ଫୋଟକାପରି ବ୍ରଣ ବାହାରେ । ସେହିପରି ବ୍ରଣ ହେଲେ ଔଷଧ ବ୍ୟବହାର ବନ୍ଦ କରି ତହିଁରେ ନହୁଣୀ ଲଗାଇବ । ଏଥିଦ୍ୱାରା ଧ୍ୱଜଭଙ୍ଗରୋଗ ନିବାରିତ ହୋଇ ଲିଙ୍ଗ ଖୁବ ଶକ୍ତ ହୁଏ । ଆଖିଧରାରୋଗ—୩୭—ଡାହାଣ ଆଖି ଧରିଲେ ବାମପାଦର ବୁଢ଼ା ଆଙ୍ଗୁଠି ନଖରେ ଏବଂ ବାମଆଖି ଧରିଲେ ଡାହାଣ ପାଦର ବୁଢ଼ାଆଙ୍ଗୁଠି ନଖରେ ଅରଖକ୍ଷୀର ଲଗାଇବ । ଏହିପରିକଲେ ଅତିଶୀଘ୍ର ଆଖିଧରା ଭଲହୁଏ । ଆଖିଉଫୁଲାରୋଗ—୩୮—ରୂଢ଼ି ତୁଳାକୁ ଅରଖକ୍ଷୀରରେ ତିନଥର ଭିଜାଇ ବଳିତା ପରି କରି ଛାଇରେ ଶୁଖାଇବ । ଏଥିରେ ଅଳ୍ପ ତେଲ ମାଖି ଜଳାଇ ଅଙ୍ଗାର କରିବ । ଏହି ଅଙ୍ଗାର ଅଳ୍ପ ପରିମାଣେ କଜ୍ଜଳ ପରି କରି ଆଖିରେ ଲଗାଇଲେ ଆଖିଡୋଳାର ଫୁଲ ଛୁଟିଯାଏ । ସଦ୍ୟୋବ୍ରଣ—୩୯—କୌଣସି ଅଙ୍ଗ କାଟି ହୋଇଯାଇ ତହିଁରୁ ରକ୍ତସ୍ରାବ ହେଲେ, ତା'ଉପରେ ଅରଖର ସନ ତୂଳା ପକାଇ ବାନ୍ଧିବ । ଏଥିଦ୍ୱାରା ରକ୍ତସ୍ରାବ ତୁରନ୍ତ ବନ୍ଦହୁଏ । ଦୀର୍ଘବ୍ରଣରୋଗ—୪୦—ଯେଉଁ ଘା'ର ମାଂସ ମିଳିଯାଉଥାଏ ଏବଂ ନାନାଉପାୟରେ ଘା' ଶୁଖେନାହିଁ । ସେହି ଘା'ରେ ପ୍ରତିଦିନ ଅରଖର ସନତୂଳା ପକାଇ ବାନ୍ଧିବ । ଏହିପରି କଲେ ଅଳ୍ପ ଦିନରେ ଘା ଶୁଖିଯାଏ । ଅଖିରୋଗ—୪୧—ଅରଖଗଛର ସର୍ବାଙ୍ଗ ଅର୍ଥାତ୍ ମୂଳ, ଡାଳ, ପତ୍ର, ଫୁଲ ଓ ଫଳ ଏହି ସମସ୍ତକୁ ଶୁଖାଇ ପୋଡ଼ି ଭସ୍ମ କରିବ । ଏହି ଭସ୍ମକୁ ପାଣିରେ ଗୋଳି ତିନ ଚାରିଦିନ ସ୍ଥିର ଭାବେ ରଖିବ । ପରେ ଏହି ପାଣିକୁ କଡ଼ାଇରେ ଯଥାବିଧି ପାକ କରି କ୍ଷୀର ବାହାର କରିବ । ଏହି କ୍ଷୀରକୁ ସୁରମା ପରି ଆଖିରେ ଲଗାଇଲେ ପରଳ ଓ ଫୁଲା ପ୍ରଭୃତି ନାନାବିଧ ଚକ୍ଷୁରୋଗ ଭଲହୁଏ । ଏହା ଦୁଇ ରତି ପରିମାଣେ ଖାଇଲେ ଆହାର

ନାଶ ହୁଏ । ୪୨—ଏହାର ଧନ ଦଶାଂଶ ଗ୍ରାମ ଏବଂ ଧନ ବିଂଶାଂଶ ଗ୍ରାମ ଘାଗ୍ର ହାତରେ ଘଷି ତହିଁରେ ଛେପ ପକାଇ ମିଶାଇ ବିଚ୍ଛୁ ମାରିଥିବା ଅଙ୍ଗରେ ଲଗାଇଲେ ତତ୍କାଳରେ ଜ୍ୱାଳା ଓ କଷ୍ଟ ବେଦନା ପ୍ରଶମିତ ହୁଏ । ବିଚ୍ଛୁ ବିଷରେ ଇନ୍ଦ୍ରଜାଲ ପରି ଏହା ଏକ ଚମତ୍କାର ଔଷଧ । **ଅରଖଗଛ ପୋକ**—୪୩—ଏକ ପ୍ରକାର କଟାଳ ରଙ୍ଗର ପୋକ ଗ୍ରୀଷ୍ମ କାଳରେ ଅରଖ ଗଛରେ ଦେଖିବାକୁ ମିଳେ । ଏହି ପୋକକୁ ଆଣି ଗୋଟିଏ ଶିଶି ମଧ୍ୟରେ ବନ୍ଦକରି ରଖିବ । ଏହି ପୋକ ମରିଗଲେ ତହିଁରେ ସମାନଭାଗ ଗୋଲମରିଚ ଚୂର୍ଣ୍ଣ ମିଶାଇବ । ଆବଶ୍ୟକତା ଅନୁସାରେ ଏହା ନସ୍ୟ ରୂପେ ପ୍ରୟୋଗ କରିବ । ଅପସ୍ମାର ରୋଗରେ ଏହି ନସ୍ୟ ଅତ୍ୟନ୍ତ ଲାଭଦାୟକ ଏବଂ ପରୀକ୍ଷିତ । ( ଆ, ବ, କୋ, ) **ଅରଖର ତାନ୍ତ୍ରିକ ପ୍ରୟୋଗ**—୪୪—ସୋମ, ବୁଧ, ଗୁରୁ, କିମ୍ବା ଶୁକ୍ରବାରରେ ପୂର୍ଣ୍ଣିମା ତିଥିରେ, ଅଶ୍ଳେଷା, ଆର୍ଦ୍ରା, ବିଶାଖା, ଅନୁରାଧା, ପୁଷ୍ୟା, ଅଶ୍ୱିନୀ, ହସ୍ତା ଓ ମୂଳା ଏହି ସବୁ ନକ୍ଷତ୍ରରେ ଶୁଦ୍ଧାଚାରୀ ହୋଇ ଦିବସ ଦଶଦଣ୍ଡ ମଧ୍ୟରେ ଶ୍ୱେତ ଅରଖମୂଳ ଉପାଡ଼ି ତାକୁ ପଦ୍ମ ପତ୍ରରେ ଗୁଡ଼ାଇ ପାଟ ସୂତାରେ ବାନ୍ଧିବ ତା'ପରେ ଏହି ମୂଳକୁ ଅଷ୍ଟୋତ୍ତର ସହସ୍ର ଗାୟତ୍ରୀ ମନ୍ତ୍ରରେ ଅଭିମନ୍ତ୍ରିତ କରି ସୁନାରେ ତିଆରି କରାଯାଇଥିବା ତଉଁରିଆ ଭିତରେ ପୂରାଇ ରୋଗ ବିବେଚନା ପୂର୍ବକ ଦେହର ବିଭିନ୍ନ ଅବୟବରେ ଧାରଣ କରିବାକୁ ହେବ । ଏହାର ନାମ— **ସୌଭାଗ୍ୟକବଚ**—ଏହା ବହୁ ପରୀକ୍ଷିତ ଓ ପରମ ହିତକର । ଏହି କବଚ ବାହୁରେ ଧାରଣ କଲେ ଶରୀରର ସର୍ବବାଧା ବିନଷ୍ଟ ହୋଇ ସୌଭାଗ୍ୟ ବଢ଼େ । କଟିରେ ଧାରଣ କଲେ ଇନ୍ଦ୍ରିୟ ଶକ୍ତି ବଢ଼େ ଏବଂ ଅତିସାର, ପ୍ରବାହିକା (ଶୂଳାହିକା) ଗ୍ରହଣୀ, ପ୍ରମେହ, ଅର୍ଶ, ଶୁକ୍ରଦୋଷ, ସ୍ୱପ୍ନଦୋଷ, ରଜଦୋଷ ଓ ପ୍ରଦର ପ୍ରଭୃତି ରୋଗ ଆରୋଗ୍ୟ ହୁଏ । ଏହି କବଚ କଣ୍ଠରେ ଧାରଣ କଲେ ରକ୍ତଦୋଷ, ଅମ୍ଳପିତ୍ତ, ଶୂଳ, ପକ୍ଷାଘାତ ପ୍ରଭୃତି ରୋଗ ନଷ୍ଟହୁଏ । ମସ୍ତକରେ ଧାରଣ କଲେ ମୁଣ୍ଡବ୍ୟଥା ପ୍ରଶମିତ ହୁଏ । ଏହି କବଚ ମଧ୍ୟରେ ଥିବା ଔଷଧ ରୋଗୀକୁ ଜଣାଇବାକୁ ହେବନାହିଁ, କାରଣ, ଔଷଧ ପ୍ରତି ରୋଗୀର ଅନାସ୍ଥା, ଅଶ୍ରଦ୍ଧା ବା ଅବିଶ୍ୱାସ ଜନ୍ମିଲେ କୌଣସି ଫଳଲାଭ ହୁଏ ନାହିଁ । ବୈଦ୍ୟଶାସ୍ତ୍ରରେ ଅରଖର ବ୍ୟବହାର ଯଥା—**ଅର୍ଶରୋଗରେ**—୪୫—ଶୁଖିଲା ଅରଖମୂଳ ଓ ଶମୀପତ୍ରକୁ ଚୂର୍ଣ୍ଣ କରି ଅର୍ଶ ରୋଗୀର ଗୁହ୍ୟ ଦ୍ୱାରରେ ତା'ର ଧୂଆଁ ଦେଲେ ଅର୍ଶର ମାଂସାଙ୍କୁର ଶୁଖିଯାଇ ସମସ୍ତ ବେଦନା ପ୍ରଶମିତ ହୁଏ । (ଚରକ) **ବ୍ରଣରୋଗରେ**—୪୬—ବ୍ରଣର ମୁହଁରେ ଅରଖପତ୍ର ଆଚ୍ଛାଦନ କଲେ ବ୍ରଣ ନିର୍ଦ୍ଦୋଷ ହୋଇ ଶୁଖିଯାଏ । ( ଚରକ ) **ଉରୁସ୍ତମ୍ଭରୋଗରେ**—୪୭—ତିଳତେଲ ଓ ଜଳ ସହିତ ଅରଖ ପତ୍ର ସିଝାଇ ପାନକଲେ ଉରୁସ୍ତମ୍ଭ ରୋଗ ନିବାରିତ ହୁଏ । (ଚରକ) **କୃମିକୁଷ୍ଠେ**—୪୮—ଯେଉଁ କୁଷ୍ଠ ରୋଗୀର କ୍ଷତରେ କୃମି ଜାତହୁଏ, ତାକୁ ଶ୍ୱେତ ଅରଖମୂଳ ଓ ଛତିନା ଗଛର କ୍ୱାଥ ପାନ କରାଇବ । (ସୁଶ୍ରୁତ) **କର୍ଣ୍ଣଶୂଳେ**—୪୯—ବୃହତ୍ ପରିମାଣରେ ବଢ଼ିଥିବା ଗଛର ମୋଟ ଡାଳଖଣ୍ଡେ ଭାଙ୍ଗି ଆଣି ତା'ର ଭିତରେ ଥିବା କାଠ ବାହାର କରିଦେବ । ଅରଖର ଅଠା, ଅରଖଫୁଲ, ସୈନ୍ଧବ ତିଳତେଲ ଓ କାଞ୍ଜି ଏକତ୍ର ବାଟି ତହିଁରେ ଭର୍ତ୍ତିକରିବ । ତା'ର ଉପରେ ମାଟି ଲେପ ଦେଇ ଶୁଖାଇ ନିଆଁରେ ପୋଡ଼ିବ । ପୁଟ ପାକ ସିଦ୍ଧ ହେବାପରେ ରସ ବାହାର କରି ଗରମ ଥାଉଁ ୨ କାନରେ ପକାଇଲେ କାନକଟା ଭଲହୁଏ । (ସୁଶ୍ରୁତ) **ଶ୍ୱାସରୋଗେ**—୫୦—ଅରଖ ପତ୍ରର ରସ ଓ ଗୁଡ଼ର କ୍ୱାଥରେ ଗେଣ୍ଡପାଚଡ଼ା ରସିକୁ (ଖସା) ସାତଥର ଭିଜାଇଦେଇ ଶୁଖାଇ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣ ଦେଢ଼ଗ୍ରାମ ଠାରୁ ଧନ ଗ୍ରାମ ମାତ୍ରାରେ ମଧୁ ସହିତ ସେବନ କଲେ ଶ୍ୱାସ ରୋଗ ପ୍ରଶମିତ ହୁଏ । (ସୁଶ୍ରୁତ) **କୁକ୍କୁରବିଷେ** ୫୧—ଅରଖକ୍ଷୀରକୁ ଶୁଖାଇ ଚୂର୍ଣ୍ଣକରି ତହିଁରେ ରସି ଓ ଗୁଡ଼ ୨୦ ଗ୍ରାମ ପରିମାଣେ ମିଶାଇ ଧନ ଦଶାଂଶ ଠାରୁ ଧନ ଚତୁର୍ଥାଂଶ ପର୍ଯ୍ୟନ୍ତ କୁକ୍କୁର ଦଂଷ୍ଟ ବ୍ୟକ୍ତିକୁ ସେବନ କରାଇଲେ ବାଇକୁକ୍କୁରର ବିଷ ବିନଷ୍ଟ ହୁଏ । (ସୁଶ୍ରୁତ) **ଦନ୍ତରୋଗେ** —୫୨—ଦାନ୍ତ ପୋକ ଖାଉଥିଲେ ତହିଁରେ ଅରଖକ୍ଷୀର କିମ୍ବା ଛତନାଗଛର କ୍ଷୀର ଲଗାଇବ । ଏହି ଔଷଧ ବ୍ୟବହାର କାଳରେ ତୁଣ୍ଡରୁ ଲାଳସ୍ରାବ ହେଲେ ତାକୁ ଗିଳିବ ନାହିଁ । ବାହାରେ ଥୁକି ଦେବାକୁ ହେବ । ଏଥିଦ୍ୱାରା ଦନ୍ତ କୃମି ଓ ଦନ୍ତ ଶୂଳ ନିବାରିତ ହୁଏ । (ବାଗ୍‌ଭଟ୍ଟ) **ବୃଦ୍ଧିରୋଗେ**— ୫୩—ଅରଖଗ୍ରନ୍ଥି କାଞ୍ଜି ସହିତ ବାଟି କୋଷରେ ଲେପନ କଲେ କୁରୁଣ୍ଡ ରୋଗ ଭଲହୁଏ । (ଚକ୍ରଦତ୍ତ) **ଶ୍ଲୀପଦରୋଗେ** ୫୪—ଅରଖମୂଳ କାଞ୍ଜି ସହିତ ବାଟି ଲେପନ କଲେ ଶ୍ଲୀପଦ (ଗୋଦର) ରୋଗ ପ୍ରଶମିତ ହୁଏ । (ଚକ୍ରଦତ୍ତ) **ବୃଶ୍ଚିକ ଦଂଶନେ**—୫୫—ବିଛା ମାରିଥିବା ଅଙ୍ଗରେ ପ୍ରଥମେ କୁସୁମ୍ଭର ଧୂଆଁ ଦେଇ ତା'ପରେ ଅରଖପତ୍ର ବାଟି ତହିଁରେ ଲେପନ କଲେ ଜ୍ୱାଳା ଓ ବିଷଦୋଷ ବିନଷ୍ଟ ହୁଏ । (ଚକ୍ରଦତ୍ତ) **ପ୍ଲୀହାରୋଗେ**—୫୬—ଅରଖପତ୍ର ଶୁଖାଇ ଗୋଟିଏ ମାଟି ହାଣ୍ଡିରେ ସ୍ତର ସ୍ତର କରି ସଜାଇ ରଖିବ, ପ୍ରତ୍ୟେକ ସ୍ତରରେ ସମୁଦାୟ ପତ୍ରର ଚତୁର୍ଥାଂଶ ସୈନ୍ଧବ ଲୁଣ ଗୁଣ୍ଡକରି ପକାଇ ଉପରେ ଶରା ଯୋଡ଼ି ସନ୍ଧିରୋଧକରି ଗଜପୁଟରେ ଭସ୍ମ କରିବ । ଏହି ଭସ୍ମ ଦହି ପାଣି ସହିତ ସେବନ କଲେ ବଢ଼ି ପ୍ଲୀହା କୃଶ ଓ କୋମଳ ହୋଇ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ । ( ଭାବପ୍ରକାଶ ) **ଉପଦଂଶରୋଗେ**—୫୭—ଅରଖପତ୍ରର କ୍ୱାଥରେ ଲିଙ୍ଗକୁ ଧୋଇଲେ ଆତସିଲି ବା ଗର୍ମି ଘା' ଭଲହୁଏ । (ଭାବପ୍ରକାଶ) **ବାତଜଶିରଃରୋଗେ**—୫୮—

କୋମଳ ଅରଖ ପତ୍ରକୁ କୁଟି ତା'ର ଚତୁର୍ଥାଂଶ ପଞ୍ଚଲବଣ, ଅଳ୍ପ ହରିଡେଲ ଓ ଅମ୍ଳିକା ପତ୍ରର ରସ ଦେଇ ମିଶାଇ ଖରାରେ ଶୁଖାଇବ । ତା'ପରେ ଏହାକୁ ହାଣ୍ଡି ଭିତରେ ରଖି ଶରା ଘୋଡ଼ାଇ ସନ୍ଧିରୋଧ କରି ପୁଟ ଦଗ୍ଧ କରିବ । ଏହି ଭସ୍ମ ଉଷ୍ଣ ଜଳ ସହିତ ସେବନ କଲେ ବାତଜ ଅର୍ଶରୋଗ ପ୍ରଶମିତ ହୁଏ । (ବଙ୍ଗସେନ) **ମୁଖକାଣ୍ଡୂ**—୫୯—ଅରଖ କ୍ଷୀରକୁ ହଳଦୀ ସହିତ ବାଟି ମୁହଁରେ ଲଗାଇଲେ ମୁହଁରେ ଥିବା ସାରକାଳର କଳାଦାଗ ସବୁ ଉଠିଯାଏ (ବଙ୍ଗସେନ) **ନେତ୍ରରୋଗ**—୬୦—ଅରଖମୂଳର ଛାଲି ଦଶଗ୍ରାମ କୁଟି ପାଞ୍ଚ ତୋଳା ଜଳରେ କିଛି ସମୟ ବତୁରାଇ ଛାଣିବ । ଏହି ଜଳ ବୁନ୍ଦା ୨ କରି ଆଖିରେ ପକାଇଲେ ଚକ୍ଷୁର ରକ୍ତିମା, ଗୁରୁତା, ଲୋତକସ୍ରାବ ଓ ବେଦନା (ଝୁଣ୍ଟିହେବା) ନିବାରିତ ହୁଏ । (ବଙ୍ଗସେନ) ମାତ୍ରା—ମୂଳତ୍ୱଚ ଅର୍ଦ୍ଧଗ୍ରାମଠାରୁ ଏକଗ୍ରାମ କ୍ଷୀରଭୂତି ୧—୩ ଗ୍ରାମ । ଅନ୍ତର୍ଧୂମ ଦଗ୍ଧପତ୍ର ଦେଢ଼ଗ୍ରାମ ଠାରୁ ୩ ଗ୍ରାମ । ପତ୍ରରସ ୨—୬ ବିନ୍ଦୁ । ମୂଳର କ୍ୱାଥ ୨୫ ଗ୍ରାମ, ମୂଳର ଚୂର୍ଣ୍ଣ ଉନ ଦଶାଂଶ ଠାରୁ ୨ ଗ୍ରାମ । **ଅର୍କାଦ୍ୟାସବ**— ଅରଖ ପତ୍ର ପାଞ୍ଚ କେଜି, ଅଦା, ପିପ୍ପଳୀ, ଗୋଲ ମରିଚ, ହରିଡା, ବାହାଡ଼ା, ଅଁଳା, ଚଭାପାରୁ, ମୋଥା, ଜିରା, ଧନିଆଁ, ଜୁଆଣୀ, ରସୁଣ, ହଳଦୀ, ଦାରୁହଳଦୀ, ସଉପ, ଦ୍ରୁନାମୁଖୀ ପତ୍ର । ସୈନ୍ଧବ ଲବଣ, ବିଡ଼ଙ୍ଗ ଏକ ଏକ କେଜି । ଯବକ୍ଷାର, କଳାଜିରା, ଫଟିକ, ପିପ୍ପଳୀ ମୂଳ, କାଶୀସ (ଅନ୍ନଭେଦୀ ବା ହୀରାକସ) ପ୍ରତ୍ୟେକ ଅଧ ଅଧ କେଜି । ଏହି ସମସ୍ତ ଦ୍ରବ୍ୟ କୁଟି ମାଟି ହାଣ୍ଡିରେ ଭରତ୍ତି କରି ଅଠିଏ କେଜି ଜଳରେ ଗୋଳି ମୁଦ୍ରିତ କରି ଉନ ଦିନ ରଖିବ । ତା'ପରେ ବାରୁଣୀ ଯନ୍ତ୍ରରେ ଅର୍କ ବାହାର କରି ବ୍ୟବହାର କରିବ । ମାତ୍ରା ଅଧ ଠାରୁ ଏକ ଆଉନ୍‌ସ । ଅନୁପାନ ସୈନ୍ଧବ ଲବଣ, ରୋଗିର ବଳାବଳ ବିବେଚନା କରି ଏହାର ମାତ୍ରା ୧୦—୫୦ ଗ୍ରାମ ପର୍ଯ୍ୟନ୍ତ ବଢ଼ାଯାଇଥାଏ । ଉପଯୋଗ—ଶୂଳ, ପ୍ଳୀହା ଏବଂ ଯକୃତ ବୃଦ୍ଧି, ରକ୍ତ, ଗୁଳ୍ମ, ବାତ ଗୁଳ୍ମ ପ୍ରଭୃତିର ଅବ୍ୟର୍ଥ ମହୌଷଧ । (ପରୀକ୍ଷିତ) ଧନ୍ୱନ୍ତରୀ ।

## ଅରଖ ଯୋଗରେ ଧାତୁଭସ୍ମ

**୧—ହିଙ୍ଗୁଳଭସ୍ମ**—୧୦୦ ଗ୍ରାମ କୋଡ଼ଲକୁ ଭଲ ଭାବରେ ଚୂର୍ଣ୍ଣକରି ସେଥିରେ ୧୦୦ ଗ୍ରାମ ଅରଖ କ୍ଷୀର ମିଶାଇ କଲ୍କ ପ୍ରସ୍ତୁତ କରିବ; ତା'ର ମଧ୍ୟରେ ଦଶଗ୍ରାମ ହିଙ୍ଗୁଳ ଖଣ୍ଡ ରଖି, ମାଟି କଳସିରେ ତାକୁ ଥୋଇ ଶରା ଘୋଡ଼ାଇ ମୁଖ ବନ୍ଦ କରି କନା ମାଟି ଦେଇ ଶୁଖାଇବ । ପରେ ପାଞ୍ଚ କେଜି ଘସି ନିଆଁରେ ପୋଡ଼ିବ, ଥଣ୍ଡା ହେଲାପରେ ବାହାର କରି କାଚରେ ରଖିବ ।

**୨—ସଙ୍ଖଜସ୍ଵାହାଭସ୍ମ**—ସଙ୍ଖଜସ୍ଵାହାକୁ ହେମଦସ୍ତାରେ ଗୁଣ୍ଡକରି ତାକୁ ଅରଖ ପତ୍ର ରସରେ ତିନଘଣ୍ଟା ପର୍ଯ୍ୟନ୍ତ ବାଟି, ଟିକ ବାଡ଼ି ଗୁଳିରେ ଶୁଖାଇ ମାଟି କଳସିରେ ରଖି ଶରା ଘୋଡ଼ାଇ ସନ୍ଧିରେ କନା ମାଟି ଦେଇ କୋଡ଼ିଏ କେଜି ଘସିରେ ପୋଡ଼ିବ । ଶୀତଳ ହେଲାପରେ ଖଲରେ ବାଟି ଗୁଣ୍ଡ କରି କାଚରେ ରଖିବ ।

**୩—ଶଙ୍ଖଭସ୍ମ**—ଶଙ୍ଖକୁ ହେମ ଦସ୍ତାରେ କୁଟି ଛୋଟ ଛୋଟ ଖଣ୍ଡ କରିବ । ଏହି ଶଙ୍ଖ ଖଣ୍ଡକୁ ଗୋଟିଏ କଳସିରେ ରଖି, ଅରଖକ୍ଷୀରରେ ବୁଡ଼ାଇ ରଖିବ । ତା'ପରେ କଳସିରେ ଶରା ଘୋଡ଼ାଇ କନା ମାଟି ସନ୍ଧିରେ ଲେପଦେଇ ଶୁଖାଇ, କୋଡ଼ିଏ କେଜି ଘସିରେ ପୁଟ ଦେବ । ତା'ପରେ ଥଣ୍ଡା ହେଲେ ବାହାର କରି ଗୁଣ୍ଡକରି ରଖିବ ।

**ନେତ୍ରଗୁଡ଼ ବା ଅଣ୍ଡବୃଦ୍ଧିରୋଗରେ ଶଙ୍ଖଭସ୍ମ**—ଅରଖ କ୍ଷୀରରେ ଚିଜଏ ଗୁଣ୍ଡ ଲୁଣ ମିଶାଇ କଳସିରେ ରଖି ତା' ଉପରେ ଶଙ୍ଖ ଖଣ୍ଡଟିଏ ରଖିବ । ଅରଖକ୍ଷୀର ଏତେ ହେବା ଦରକାର ଯେପରିକି ଶଙ୍ଖ ଖଣ୍ଡଟି ସେଥିରେ ବୁଡ଼ି ରହିବ । ତାକୁ ଶରା ସମ୍ପୁଟ କରି କୋଡ଼ିଏ କେଜି ଘସିରେ ପୁଟ ଦେବ । ଥଣ୍ଡା ହେଲ ପରେ ଗୁଣ୍ଡ କରି କାଚରେ ରଖିବ ।

ସେବନବିଧି—ମାତ୍ରା ତିନ ପଞ୍ଚମାଂଶ ଗ୍ରାମ । ଦିନରେ ତିନ ଥର ଫେଣା ମଧ୍ୟରେ ରଖି ଖାଇବାକୁ ହେବ । ଏହାକୁ ସେବନ କରିବା ସମୟରେ ଗନ୍ଧମହୋଚ୍ଛି, କୁକୁଡ଼ା ମାଂସ ଝୋଳ ସହିତ ଖାଇବା ଉଚିତ । ଏହିପରି ଭାବରେ ଏ ଭସ୍ମ ସେବନ କଲେ, ଅଣ୍ଡବୃଦ୍ଧି ଖଣ୍ଡ ଖଣ୍ଡ ହୋଇ ବାହାରି ପଡ଼େ ।

**୪—ପ୍ରବାଳଭସ୍ମ**—ପ୍ରବାଳ ୪୦ ଗ୍ରାମ, ଅରଖ କ୍ଷୀର ୨୦୦ ଗ୍ରାମ । ଏହି ଦୁଇ ଜିନିଷ ମାଟି ହାଣ୍ଡିରେ ରଖି ଶରା ଘୋଡ଼ାଇ ଅଟା ଦ୍ୱାରା ମୁହଁ ବନ୍ଦ କରି ୫୪ କେଜି ଘସିରେ ପୁଟ ଦେବ । ଥଣ୍ଡା ହେବା ପରେ ବାହାର କରି ଭସ୍ମକୁ ଅଲଗା ରଖିବ । ଏବଂ ଅରଖକ୍ଷୀରର ଭସ୍ମକୁ ଅଲଗା ରଖିବ, ଅରଖ କ୍ଷୀର ଭସ୍ମ, କଫଜ, କାସ ଏବଂ ଜ୍ୱର ରୋଗରେ କାମରେ ଆସିବ ।

**୫—ମୁକ୍ତାଶାମୁକାଭସ୍ମ**—ମୁକ୍ତା ଶାମୁକାକୁ ଛୋଟ ୨ ଖଣ୍ଡ କରି ଗୋଟିଏ କଳସିରେ ରଖିବ । ସେଥିରେ ଦୁଇ ଆଙ୍ଗୁଳ ପରିମାଣ ଅରଖ କ୍ଷୀର ଭରନ୍ତି କରିବ । ତାକୁ ଶରା ଘୋଡ଼ାଇ କନା ମାଟି ଲେପ ଦେଇ, ପନ୍ଦର କୋଡ଼ିଏ କେଜି ଘସିରେ ପୁଟଦେବ ।

**୬—ଶାମୁକାଭସ୍ମ**—ବଡ଼ ସିପକୁ ଆଣି ଅରଖ କ୍ଷୀରରେ ବୁଡ଼ାଇ ରଖିବ । ସେହିପରି ଅବସ୍ଥାରେ ଯେତେବେଳେ ସମ୍ପୂର୍ଣ୍ଣ ଦୁଧ ଶୁଖି ଯିବ । ତା'ପରେ ଶରା ଘୋଡ଼ାଇ ସନ୍ଧିରେ କନା ମାଟି ଦେଇ, କୋଡ଼ିଏ କେଜି ଘସିରେ ପୁଟ ଦେବ ।

**୭-ମୟୂରଚନ୍ଦ୍ରିକାଭସ୍ମ** — ୨୦୦ ଗ୍ରାମ ମୃତ୍ତା ମନ୍ଦାର ଦ୍ରେପାକୁ ଚକ୍‌କଣ କରି ଗୁଣ୍ଡ କରି, ୧୫୦ ଗ୍ରାମ ଅରଖ କ୍ଷୀରରେ ବାଟି ଗୋଟିଏ ଚକ୍କ ବାନ୍ଧିବ । ତା'ମଝିରେ ଦଶ ଗ୍ରାମ ମୟୂର-ଚନ୍ଦ୍ରିଆ ଖଣ୍ଡ ରଖି ପୁରି ଆଚ୍ଛାଦନ କରିବ । ଉପରେ କନା ମାଟି ଦେଇ, ଗୋଟିଏ ଗାତ ଖୋଳି ପୁରକେଜି ଘଷିରେ ପୁଟ ଦେବ । ଏହି କାର୍ଯ୍ୟ ପବନ ନଥିବା ସ୍ଥାନରେ କରିବାକୁ ହେବ । ଥଣ୍ଡା ହେବା ପରେ ଭସ୍ମକୁ ବାହାର କରି ଟିକିଏ ଦହିରେ ପକାଇ ଦେଖିବ, ନୀଳବର୍ଣ୍ଣ ଦେଖାଯାଉଛି କି ନାହିଁ, ଯଦି ନୀଳବର୍ଣ୍ଣ ଦେଖା ଯାଉଥିବ, ତା'ହେଲେ ଦୁଇଘଣ୍ଟା ଯାଏ ଅରଖକ୍ଷୀରରେ ବାଟି ଲୁହା ତଉରେ ଭସ୍ମକୁ ରଖି ଜାଳଦେଇ ସିଦ୍ଧ କରିବ ।

**୮-ମୃଦାରସିଙ୍ଗି ଭସ୍ମ** — ମୃଦାରସିଙ୍ଗି ଦଶ ଗ୍ରାମକୁ ଗୁଣ୍ଡ କରି ଗୋଟିଏ କଳସିରେ ରଖି, ସେଥିରେ ଅରଖ କ୍ଷୀର ବୁଡ଼ିଲା ପରି ପକାଇବ । ଅଠ ପ୍ରହର ପରେ ଶରା ଯୋଡ଼ାଇ କନାମାଟିଦେଇ ଶୁଖାଇବ । ତା'ପରେ ଏକ କେଜି ଘଷି ନିଆଁରେ ପୁଟଦେବ ।

**୯-ରୌପ୍ୟଭସ୍ମ** —କୋଡ଼ିଏ ଗ୍ରାମ ଅରଖ କ୍ଷୀରରେ ରୂପା ଗୁଣ୍ଡ ଦଶଗ୍ରାମ ମିଶାଇ, ଅରଖ କ୍ଷୀର ଶୁଖି ଯିବା ପର୍ଯ୍ୟନ୍ତ ବାଟିବ । ଅରଖ କ୍ଷୀର ସବୁ ଭେଦ ଯିବା ପରେ ଗୋଟିଏ ଗୁଳା-କରି, ଶରାରେ ରଖି ଦଶ କେଜି ଘଷିରେ ପୁଟ ଦେବ, ଏହିପରି ନିୟମରେ ଅରଖକ୍ଷୀରରେ ରୂପାକୁ ବାଟି, ପୂର୍ବୋକ୍ତ ନିୟମରେ ଗୁଳା କରି ତିନଥର ପୁଟ ଦେଲେ, କଳା ବର୍ଣ୍ଣର ଉତ୍ତମ ରୌପ୍ୟଭସ୍ମ ପ୍ରସ୍ତୁତ ହୁଏ ।

**୧୦-ତାମ୍ରଭସ୍ମ** — ୨୦ ଗ୍ରାମ ଗୁଣ୍ଡକୁ ଚକ୍‌କଣ ଖଲରେ ପକାଇ ଅଳ୍ପ ଅଳ୍ପ ଅରଖ କ୍ଷୀରରେ ଏକ ଅହୋରାତ୍ର ମର୍ଦ୍ଦନ କରି ଗୋଟିଏ ଗୁଳା କରିବ । ତାକୁ ଶରା ମଧ୍ୟରେ ରଖି କନା ମାଟି ଦେଇ ପନ୍ଦର କେଜି ଘଷିରେ ପୁଟ ଦେବ । ଶୀତଳ ହେବା-ପରେ ପୂର୍ବୋକ୍ତ ବିଧିରେ, ଫେରେ ପନ୍ଦର କେଜି ଘଷିରେ ପୁଟଦେବ । ଏହିପରି ନିୟମରେ ଶ୍ୱେତବର୍ଣ୍ଣର ଭସ୍ମ ହେବା ପର୍ଯ୍ୟନ୍ତ ପୁଟଦେଲେ ଉତ୍ତମ ତାମ୍ର ଭସ୍ମ ପ୍ରସ୍ତୁତ ହୁଏ ।

**୧୧-ବଙ୍ଗ ଏବଂ ସୀସାଭସ୍ମ** —ବଙ୍ଗ ଏବଂ ସୀସାକୁ ସମାନ ଭାଗରେ ଆଣି ଗୋଟିଏ ମାଟି ପାତ୍ରରେ ରଖି ନିଆଁରେ ବସାଇବ । ଏହା ତରଳି ଗଲା ପରେ ଗୋଟିଏ ଅରଖ କାଠରେ ଘାଣ୍ଟିବ । ଅଗ୍ନିର ଜାଳ ଖୁବ୍ ଭଲ ଭାବରେ ଦେବ । ଏହା ଭସ୍ମ ହେଲାପରେ, ଶରା ସମ୍ପୁଟ ମଧ୍ୟରେ ରଖି, କନା ମାଟି ଦେଇ ଗଜ ପୁଟ ଦେଲେ ଉତ୍ତମ ହଳଦିଆ ବର୍ଣ୍ଣର ଭସ୍ମ ହୁଏ ।

**୧୨-ବଂଶପତ୍ରହରିତାଳ ଭସ୍ମ** —୨୦ ଗ୍ରାମ ପଟୁଆ ଫଳକୁ ଅରଖ କ୍ଷୀରରେ ଦୁଇ ଦିନ ପର୍ଯ୍ୟନ୍ତ ବଟୁରାଇ ବାଟି, ଗୋଟିଏ ଗୁଳା କରିବ । ଏହା ମଧ୍ୟରେ ୨୦ ଗ୍ରାମର ଖଣ୍ଡେ ହରିତାଳ ଥୋଇ, ଗୋଟିଏ ମାଟି ପାତ୍ରରେ ତାକୁ ରଖି, ଶରା ଯୋଡ଼ାଇ କନା ମାଟି ଦେଇ, ନିର୍ବାତ ସ୍ଥାନରେ ପାଞ୍ଚ କେଜି ଘଷିରେ ପୁଟଦେବ, ଶୀତଳ ହେବା ପରେ ଶ୍ୱେତ ବର୍ଣ୍ଣର ହରିତାଳ ଭସ୍ମ ବାହାର କରି କାଚଶିଶିରେ ରଖି ପ୍ରୟୋଗ କରିବ ।

**୧୩-ଦାରୁମୁଷୀ (ଝଙ୍କୁଆ) ଭସ୍ମ** — ୨୦ ଗ୍ରାମ ଦାରୁମୁଷୀକୁ ଚାରି ଦିନ ପର୍ଯ୍ୟନ୍ତ ଅରଖ କ୍ଷୀରରେ ବାଟି, ଚକ୍କି କରି ଛାଇରେ ଶୁଖାଇବ । ତା'ପରେ ଉକ୍ତ ଗଛର ପାଉଁଶ ଦୁଇ କେଜି ଆଣି ଗୋଟିଏ ହାଣ୍ଡିରେ ରଖି ତା' ମଧ୍ୟରେ ଏହି ଚକ୍କିଟିକୁ ଥୋଇବ । ତା'ପରେ ହାଣ୍ଡିଟିକୁ ଚାରି ପ୍ରହର ଚୁଲିରେ ବସାଇ ଜାଳଦେଲେ, ଉତ୍ତମ ଦାରୁମୁଷୀ ଭସ୍ମ ହୁଏ ।

**୧୪-ଅଭ୍ରଭସ୍ମ** — କଳା ଧାନ୍ୟାଭ୍ର ୫୦ ଗ୍ରାମକୁ ତିନଦିନ ପର୍ଯ୍ୟନ୍ତ ଅରଖ କ୍ଷୀରରେ ବାଟି ଚକ୍କିକରି ମାଟି ପାତ୍ରରେ ରଖି, କନା ମାଟି ଦେଇ, ୧୦ କେଜି ଘଷିରେ ପୁଟ ଦେବ । ଏହିପରି ନିୟମରେ କୋଡ଼ିଏ ଥର ପୁଟ ଦେଲେ, ମନ୍ଦାର ଫୁଲବର୍ଣ୍ଣର ଅଭ୍ରଭସ୍ମ ହୁଏ ।

**୧୫-ମୃଗଶୃଙ୍ଗଭସ୍ମ** — ଇଚ୍ଛାନୁସାରେ ମୃଗଶୃଙ୍ଗ ଆଣି ଖଣ୍ଡ ଖଣ୍ଡ କରି ଗୋଟିଏ ହାଣ୍ଡିରେ ରଖି ଅରଖ କ୍ଷୀରରେ ତାକୁ ବଟୁରାଇବ । ପରେ ଶରା ଯୋଡ଼ାଇ କନାମାଟି ଦେଇ ୪ କେଜି ଘଷିରେ ପୁଟ ଦେବ । ଶୀତଳ ହେବାପରେ ବାହାର କରିବ । ଏକଥର ଧୋବ ନ ହୋଇଥିଲେ, ଫେରେ ପୂର୍ବୋକ୍ତ ନିୟମରେ ପୁଟ ଦେବ । *

**୩୦-ଅର୍ଜୁନଗଛ**—**Tarminalia Arjuna.**

ଏହାର ସଂସ୍କୃତ ନାମ—ଅର୍ଜୁନ, ଧବଳଦ୍ରୁମ ଓ କକୁଭ । ଏହାକୁ ବଙ୍ଗଳାରେ ଅର୍ଜୁନଗାଛ, ହିନ୍ଦୀରେ କୋହ, କହୁଆ, ତେଲୁଗୁରେ ତେଲ୍ଲମାଦିଚେଟ୍ଟୁ, ମରିଚ ମାଡିଚେଟ୍ଟୁ ବୋଲନ୍ତି । ଏହାର ପତ୍ର ଓ ଛାଲି ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା କଷାୟ ରସଯୁକ୍ତ ଓ ଉଷ୍ଣବୀର୍ଯ୍ୟ । ଏହାର ପତ୍ରରସ କମ୍ବା ଛାଲିର କ୍ୱାଥ ପାନ କଲେ କଫ, ପିତ୍ତ, ଶ୍ରମ, ତୃଷ୍ଣା, ହୃଦ୍‌ରୋଗ, କ୍ଷତ, କ୍ଷୟ, ବିଷଦୋଷ, ରକ୍ତବିକାର, ମେଦୋରୋଗ, ପ୍ରମେହ, ବ୍ରଣ, ଅଶ୍ମରୀ ଓ ଶର୍କରା ରୋଗ ନିବାରିତ ହୁଏ ଏବଂ ବଳ ବୃଦ୍ଧି ହୁଏ । ୧—ଅସ୍ଥି ଭଗ୍ନ ରୋଗରେ ଏବଂ ମକଚ ହୋଇଥିବା ଅଙ୍ଗରେ ଅର୍ଜୁନ ଛାଲି ବାଟି ଲେପନ

* **ମନ୍ତବ୍ୟ**—ଯେଉଁ ଯେଉଁ ବନୌଷଧି ଯୋଗରେ ଯେଉଁ ଧାତୁର ଭସ୍ମ କରାଯାଏ, ସେହି ବନୌଷଧିର ଯାହା ଯାହା ଗୁଣ, ସେହି ଧାତୁ ଭସ୍ମ ମଧ୍ୟ ସେହି ୨ ଗୁଣ ଯୁକ୍ତ ବୋଲି ବୁଝିବାକୁ ହେବ, ଏବଂ ଉପଯୁକ୍ତ ମାତ୍ରାରେ ଉପଯୁକ୍ତ ଅନୁପାନ ଓ ପଥ୍ୟ ସହିତ ଉପଯୁକ୍ତ ରୋଗରେ ତାହା ପ୍ରୟୋଗ କରିବ ।

କ୍ଷତକୁ ଶୀଘ୍ର ଶୁଖାଇ ଦିଏ । ୨—ଶୁଳାଜନିତ ପୀଡ଼ାରେ ଏବଂ ଶୁଷ୍କ କାସରେ କଫ ଦୂର କରିବାରେ ଅର୍ଜୁନ ଗଛର ଛାଲି ଉପକାରୀ ହୁଏ । ୩—ଅର୍ଜୁନଗଛ ଛାଲିର କ୍ୱାଥରେ ଘାଆ ଧୋଇଲେ ଶୀଘ୍ର ଭଲ ହୁଏ । ବୈଦ୍ୟଶାସ୍ତ୍ରରେ ଏହାର ବ୍ୟବହାର ଯଥା—**ରକ୍ତପିତ୍ତରୋଗେ**—୪-ଅର୍ଜୁନଗଛ ଛାଲି ବାଟି କଲ୍କ ପ୍ରସ୍ତୁତ ପାନକଲେ ଅଥବା ଅର୍ଜୁନ ଛାଲିର କ୍ୱାଥ ସେବନ କଲେ ରକ୍ତପିତ୍ତ ପ୍ରଶମିତ ହୁଏ । **ବ୍ରଣରୋଗେ**—୫—ଅର୍ଜୁନ ଗଛର ପତ୍ରରେ ବ୍ରଣକୁ ଆଚ୍ଛାଦନ କଲେ ବ୍ରଣ ନିର୍ଦ୍ଦୋଷ ହୋଇ ଶୁଖିଯାଏ । (ଚରକ) **ଶୁକ୍ରମେହେ**—୬-ଅର୍ଜୁନଗଛ ଓ ଚନ୍ଦନର କ୍ୱାଥ ପାନ କଲେ ଶୁକ୍ରମେହ ରୋଗ ଭଲ ହୁଏ । (ସୁଶ୍ରୁତ) **ମୂତ୍ରାଘାତରୋଗେ**—୭- ଅର୍ଜୁନ ଛାଲି ଓ ଚନ୍ଦନର କ୍ୱାଥ ପାନକଲେ ମୂତ୍ରାଘାତ ନିବାରିତ ହୁଏ । (ବାଗ୍‌ଭଟ୍ଟ) **ବ୍ୟଙ୍ଗରୋଗେ**—୮—ଅର୍ଜୁନଗଛ ବାଟି ତହିଁରେ ମହୁ ମିଶାଇ ମୁହଁରେ ଲେପନ କଲେ ବ୍ୟଙ୍ଗ ନାମକ ରୋଗ ବିନଷ୍ଟ ହୁଏ । (ବାଗ୍‌ଭଟ୍ଟ) **ରକ୍ତାତିସାରେ**—୯—ଛେଳି ଦୁଧରେ ଅର୍ଜୁନଗଛ ବାଟି ପାନ କଲେ ରକ୍ତାତିସାର ନିବାରିତ ହୁଏ । (ଚକ୍ରଦତ୍ତ) **ହୃଦ୍‌ରୋଗେ**—୧୦-ଅର୍ଜୁନଗଛ ୨୦ ଗ୍ରାମ, ଗାଈଦୁଧ ୧୬୦ ଗ୍ରାମ, ଏବଂ ଜଳ ୬୪୦ ଗ୍ରାମ ଏକତ୍ର ଯଥାବିଧି ସିଦ୍ଧ କରି କ୍ଷୀରମାତ୍ର ଅବଶେଷ ରଖି ଛାଣିବ । ଏହି କ୍ୱାଥ ପାନ କଲେ ହୃଦ୍‌ରୋଗ ବିନଷ୍ଟ ହୁଏ । (ଚକ୍ରଦତ୍ତ) **ବଳଲାଭାର୍ଥେ** ୧୧—ଅର୍ଜୁନ ଛାଲିକୁ ଦୁଧରେ ପେଷି ଦୁଧ ମିଶାଇ ସେବନ କଲେ ଦୁର୍ବଳ ବ୍ୟକ୍ତି ବଳବାନ୍ ହୁଏ । (ଚକ୍ରଦତ୍ତ) **ଅସ୍ଥିଭଗ୍ନ ରୋଗେ**—୧୨-ଅର୍ଜୁନଗଛର ଚୂର୍ଣ୍ଣ ଘିଅ ଓ ଦୁଧ ସହିତ ସେବନକଲେ ଭଙ୍ଗାହାଡ଼ ଯୋଡ଼ି ହୋଇଯାଏ । (ଚକ୍ରଦତ୍ତ) **କ୍ଷୟକାସେ**—୧୩—ଅର୍ଜୁନ ଛାଲିକୁ ଚୂର୍ଣ୍ଣ କରି ବାସଙ୍ଗପତ୍ର ରସରେ ତାକୁ ସାତଥର ଭାବନା ଦେବ । ତା'ର ପରେ ଏହି ଚୂର୍ଣ୍ଣକୁ ଘିଅ ମହୁ ଏବଂ ମିଶ୍ରୀ ସହିତ ସେବନ କଲେ କ୍ଷୟ କାସ ନିବୃତ୍ତ ହୁଏ । (ଭାବପ୍ରକାଶ) **ମୂତ୍ରରୋଧଜ ଉଦାବର୍ତ୍ତେ**— ୧୪—ମୂତ୍ରରୋଧ ଜନିତ ଉଦାବର୍ତ୍ତ ରୋଗରେ ଅର୍ଜୁନଗଛର କ୍ୱାଥ ପାନ ହିତକର ଅଟେ । (ଭାବପ୍ରକାଶ) **ପୂୟମେହେ** ୧୫—ଅର୍ଜୁନଗଛ ଓ ଚନ୍ଦନଗଛର କ୍ୱାଥ ପାନକଲେ ପୂୟମେହ ନିବାରିତ ହୁଏ । (ହାରୀତ) **ଗ୍ରହଣୀରୋଗେ**—୧୬—ଅର୍ଜୁନ-ଛାଲି ଓ କେହଦାର ଗଛକୁ ଶୁଖାଇ ଗୋଟିଏ ହାଣ୍ଡିରେ ଭର୍ତ୍ତି କରି ତା'ର ଉପରେ ଶରା ଘୋଡ଼ାଇ ସନ୍ଧି ରୋଧ କରି ପୁଟ ଦଗ୍ଧ କରିବ । ଏହି ଭସ୍ମକୁ ଦହିପାଣି ସହିତ ସେବନ କଲେ ପ୍ରବଳ ବେଦନାଯୁକ୍ତ ଆମଗ୍ରହଣୀ ପ୍ରଶମିତ ହୁଏ । (ବଙ୍ଗସେନ) କ୍ୱାଥର ମାତ୍ରା ୫୦—୧୦୦ ଗ୍ରାମ, ଚୂର୍ଣ୍ଣ ଦେଢ଼ଗ୍ରାମ ଠାରୁ ୩ ଗ୍ରାମ । **ଅର୍ଜୁନାସବ**—ଅର୍ଜୁନଗଛ ପାଞ୍ଚ କେଜି, ଦ୍ରାକ୍ଷା ଅଢ଼ାଇ କେଜି, ମହୁଲ ଏକ କେଜି, ଏହି ସମସ୍ତ ଦ୍ରବ୍ୟ କୁଟି ବାବନ କେଜି ଜଳରେ ମିଶାଇ କ୍ୱାଥ ପ୍ରସ୍ତୁତ କରି ତେର କେଜି ଅବଶେଷ ରଖି ଛାଣିବ । ଏହାକୁ ମାଟି ହାଣ୍ଡିରେ ରଖି ଧାତୁକୀ ଫୁଲ ଚୂର୍ଣ୍ଣ ଏକ କେଜି, ଗୁଡ଼ ପାଞ୍ଚ କେଜି ଗୋଳି ମିଶାଇ ମୁଖରୁଦ୍ଧ କରି ଏକମାସ ରଖିବ । ମାତ୍ରା ଅଧ ଠାରୁ ଏକ ଆଉନସ । ଏହା ହୃଦ୍‌ରୋଗ ଏବଂ ଫୁସ୍‌ଫୁସ୍‌ର ବଲବର୍ଦ୍ଧକ, ତନ୍ଦ୍ରା ଏବଂ ଶୋକୋତ୍ପନ୍ନ କ୍ଷୟ ରୋଗର ଶାମକ (ଗ, ନ)

**୩୧—ଅଳତା**—Lac. The red animal dye so called. ଏହାର ସଂସ୍କୃତ ନାମ—ଅଲକ୍ତକ, ପଲାଂକଷା, ଯାବକ ଓ ଦ୍ରୁମାମୟ । ଏହାକୁ ବଙ୍ଗଭାଷାରେ ଆଲ୍‌ତା, ହିନ୍ଦୀରେ ଲାହ ବୋଲନ୍ତି । **ଅଳତାରଗୁଣ**—ତିକ୍ତ, ଉଷ୍ଣ । ୧—ଏହା ପ୍ରୟୋଗ କଲେ କଫ, ପିତ୍ତ, ହିକ୍କା, କାସ, ଜ୍ୱର, ବ୍ରଣ, ଉରଃକ୍ଷତ, ବିସର୍ପ, କୃମି, କୁଷ୍ଠ, ରକ୍ତପିତ୍ତ ଓ ରକ୍ତ ପ୍ରଦର ରୋଗରେ ଉତ୍ତମ ଫଳ ଲାଭହୁଏ । ଏହା ବଳ, ବର୍ଣ୍ଣ-କାରକ, ସ୍ନିଗ୍ଧ ଓ ଲଘୁ ।

**୩୨-ଅଳନ୍ଧୁ**—ଏହାର ସଂସ୍କୃତ ନାମ ଗୃହଧୂମ, ଏହା ଅର୍ଶ, ଅଗ୍ନିମାନ୍ଦ୍ୟ, ନାସାର୍ଶ, କଣ୍ଡୁ, ବ୍ରଣ ଓ ଉପଦଂଶ ରୋଗରେ ପ୍ରୟୋଗ କରାଯାଏ । ପ୍ରୟୋଗ ୧—ଅଳନ୍ଧୁକୁ ଘିଅରେ ମର୍ଦ୍ଦନ କରି ମଲମ କରିବ । ଏହି ମଲମ ଘା'ରେ ଲଗାଇଲେ ଘା ଶୁଖିଯାଏ ଏବଂ ଘା' ହେବା ଅଙ୍ଗର ଚର୍ମ ଠିକ ହୋଇଯାଏ । ୨—ଅଳନ୍ଧୁ ୧ ଭାଗ, ହଳଦୀ ୨ ଭାଗ, ସିର୍କା (ଏହା ବଜାରରେ ବିକାହୁଏ) ୩ ଭାଗ ଏ ସମୁଦାୟ ମିଶି ଯେତେ ହେବ, ସେତିକେ ଏହାର ୪ ଗୁଣ ଗ୍ରହଣ କରିବ । ଅଳନ୍ଧୁ ପ୍ରଭୃତି ତିନୋଟି ଦ୍ରବ୍ୟ ଜଳରେ ପେଷି ତେଲ ସହିତ ପାକ କରିବ । ଏହି ତେଲ ଲଗାଇଲେ ଉପଦଂଶ ବ୍ରଣ (ଲିଙ୍ଗରେ ହେବା ଅମ୍ଳପିତ୍ତ ଘା) ଶୁଖିଯାଏ ଏବଂ କଣ୍ଡୁ ଓ ଫୁଲା ତୁଟିଯାଏ ।

**୩୩-ଅଁଳାକୋଳିଗଛ**—Phyleanthus Embliea. ଏହାର ସଂସ୍କୃତ ନାମ—ଆମଳକୀ, ଧାତ୍ରୀ ଓ ଅମୃତଫଳା । ଏହାକୁ ବଙ୍ଗଭାଷାରେ ଆମଲା, ହିନ୍ଦୀରେ ଅଁଓଲା, ତେଲୁଗୁରେ ଉଶିରିକାୟା ବୋଲନ୍ତି । ଏହାର ପତ୍ର ଛାଲି ଓ ଫଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପକ୍ୱ ଫଳ ମଧୁର, କଷାୟ, ଅମ୍ଳ, କଟୁ ଓ ତିକ୍ତ ଏବଂ ଶୀତବୀର୍ଯ୍ୟ । ଏହା ଦାହ, ମୋହ, ବାନ୍ତି, ମଳରୋଧ, ଶୋଥ, ଆଧ୍ମାନ ଓ ରକ୍ତ ପିତ୍ତ ନାଶକ ଏବଂ ଧାତୁପୁଷ୍ଟିକର ଅଟେ । ଭୋଜନର ଆଦିରେ, ମଧ୍ୟରେ ଓ ଶେଷରେ ଅଁଳା କୋଳି ଭକ୍ଷଣ କଲେ ତ୍ରିଦୋଷ ଜାତ ବିକାର ସମୂହ ବିନଷ୍ଟ ହୁଏ । ୧—ଅଁଳା-ମୂଳର ଛାଲି ଓ ହଳଦୀ ସମାନ ଭାଗରେ ପେଷି ଦଶ ଗ୍ରାମ ପରିମାଣେ ୧ ସପ୍ତାହ କାଳ ସେବନ କଲେ ଉତ୍କଟ ମେହ ରୋଗ ନିବାରିତ ହୁଏ । ୨—ଅଁଳାଛାଲିର କ୍ୱାଥରେ ବ୍ରଣ

ପ୍ରକ୍ଷାଳନ କଲେ ବିଶେଷ ଉପକାର ହୁଏ । ଅଁଳାପତ୍ରର ରସ ଏବଂ ଗୁଡ଼ର କ୍ୱାଥ ଅତିସାର ରୋଗରେ ହିତକର । ୩—ଅଁଳା ଗଛର କ୍ୱାଥରେ ଦେଢ଼ ଗ୍ରାମଠାରୁ ତିନି ଗ୍ରାମ ମେଥୀଚୂର୍ଣ୍ଣ ମିଶାଇ ପାନକଲେ ରକ୍ତଭେଦ ବନ୍ଦ ହୁଏ । **ପାଚିଲା ଅଁଳା-କେଶ୍ୟ**—୪-ଏହା ସାର୍ଥ ବର୍ଦ୍ଧକ, କମ୍ପୃଷ୍ଟିକ ଓ ସ୍ମରଣ ଶକ୍ତି ଦାୟକ ଅଟେ । ୫—ସ୍ତ୍ରୀମାନଙ୍କର ରକ୍ତପ୍ରଦର ଏବଂ ରକ୍ତପିତ୍ତ ରୋଗରେ ଅଁଳାର କ୍ୱାଥ ଅତ୍ୟନ୍ତ ହିତକର ଅଟେ । ୬-ଅଁଳା-ଚୂର୍ଣ୍ଣ ଓ କେନ୍ଦୁରସ ଏକତ୍ର ସେବନ କଲେ ରକ୍ତକ୍ଷୟ, ପାଣ୍ଡୁ ଓ ଅଗ୍ନିମାନ୍ଦ୍ୟ ନିବାରିତ ହୁଏ । ୭—ଅଁଳାକୋଳି ପାଣିରେ ବତୁରାଇ ସେହି ଜଳକୁ ଚକ୍ଷୁରେ ପକାଇଲେ ଦୃଷ୍ଟି ନିର୍ମଳ ରହେ ଏବଂ ଚକ୍ଷୁର ଜ୍ୱାଳା ଶାନ୍ତ ହୁଏ । ୮—ଅଁଳାଫଳର କ୍ୱାଥରେ ତୈଳ ପାକ କରି ଏହି ତୈଳ ମସ୍ତକରେ ମର୍ଦ୍ଦନ କଲେ ରକ୍ତରୋଧ ଜନିତ ମସ୍ତକଦାହ ଓ ମସ୍ତଘୂର୍ଣ୍ଣନ ନିବାରିତ ହୁଏ । ୯—ଅଁଳା ଓ ହରିଡ଼ା ଏକତ୍ର ପେଷି ପ୍ରତିଦିନ ମସ୍ତକରେ ଲଗାଇ ସ୍ନାନ କଲେ ବାଳ ଚିକ୍କଣ, କୋମଳ ଓ କୃଷ୍ଣବର୍ଣ୍ଣ ହୁଏ । ୧୦—ଧନିଆଁ ଏବଂ ଅଁଳାକୁ ରାତିରେ ପାଣିରେ ବତୁରାଇ ପ୍ରାତଃକାଳରେ ଏହି ଜଳ ଛାଣି ପାନ କଲେ ପରିସ୍ରା-ଜ୍ୱାଳା ଶାନ୍ତ ହୁଏ । ଯୁନାନୀ ଚିକିତ୍ସା ଶାସ୍ତ୍ରରେ ଅଁଳାର ପ୍ରୟୋଗ ଯଥା—ତୃଷ୍ଣା ରୋଗେ—୧୧-ଅଁଳାର କ୍ୱାଥ ତୃଷ୍ଣା ନିବାରକ ଏବଂ ଅନ୍ତ୍ର ଓ ଆମାଶୟର ବଳବର୍ଦ୍ଧକ ଅଟେ । ଶୋଥମୂତ୍ରରୋଗେ—୧୨-ଅଁଳା ଓ ହଳଦୀକୁ ସମାନ ଭାଗରେ ଚୂର୍ଣ୍ଣ କରି ମଧୁ ସହିତ ଖାଇଲେ ଶୋଥମୂତ୍ର ରୋଗ ଭଲ ହୁଏ । **ନାସିକାରୁ ରକ୍ତସ୍ରାବରେ**—୧୩—ଅଁଳାକୁ ଘିଅରେ ଭାଜି କାଞ୍ଜି ସହିତ ପେଷି ମସ୍ତକରେ ଲେପନ କଲେ ନାସିକାରୁ ରକ୍ତସ୍ରାବ ବନ୍ଦହୁଏ । **ପ୍ରମେହରୋଗେ**—୧୪—ଅଁଳାରସରେ ହଳଦୀ ଚୂର୍ଣ୍ଣ ଓ ମଧୁ ମିଶାଇ ପାନକଲେ ସକଳ ପ୍ରକାର ପ୍ରମେହ ନଷ୍ଟ ହୁଏ । **ରକ୍ତାତିସାରେ**—୧୫—ଅଁଳାକୁ ଲେମ୍ବୁ ରସରେ ପେଷି ୫ ଗ୍ରାମ ମାତ୍ରାରେ ସେବନ କଲେ ରକ୍ତଝାଡ଼ା ବନ୍ଦହୁଏ । **ବାନ୍ତିରୋଗେ**—୧୬ - ଅଁଳା ରସରେ ଶୁକ୍ଳ ଚନ୍ଦନକୁ ଘୋରି ତହିଁରେ ମଧୁ ମିଶାଇ ପାନ କଲେ ବାନ୍ତି ଶାନ୍ତ ହୁଏ । **ମୂତ୍ରମେହେ**—୧୭-ଅଁଳାର ଚୂର୍ଣ୍ଣ ଜଳ ସହିତ ସେବନ କଲେ ଏବଂ ଅଁଳାର କ୍ୱାଥ ଲିଙ୍ଗରେ ପିଚକାରି ଦେଲେ ଗନୋରିଆ ମେହରୋଗର ପୂଯସ୍ରାବ ଓ ଜ୍ୱାଳା ନିବାରିତ ହୋଇ ଧୀରେ ୨ ଘା ଶୁଖିଯାଏ । **ସ୍ୱେଦନିର୍ଗମରୋଗେ**—୧୮—ଯେଉଁମାନଙ୍କର ହାତରୁ ଓ ପାଦରୁ ସର୍ବଦା ଝାଳ ବହେ, ପ୍ରତିଦିନ ହାତପାଦ ଝାଳରେ ଓଦା ହୋଇ ରହେ, ସେମାନଙ୍କୁ ଅଁଳାର ଚୂର୍ଣ୍ଣ ସେବନ କରାଇ ଅଁଳାର କ୍ୱାଥରେ ପ୍ରତିଦିନ ୧୦—୧୫ ଥର ହାତ ପାଦ ଧୁଆଇଲେ ଝାଳ ବହିବା ବନ୍ଦ ହୁଏ । **ରକ୍ତଶୁଦ୍ଧ୍ୟର୍ଥେ**—୧୯—ପିତ୍ତପ୍ରକୋପରୁ ଶରୀରରେ କଣ୍ଡୁ, ବିଚର୍ଚ୍ଚିକା, କୁଷ୍ଠ ଓ ବିସର୍ପ ପ୍ରଭୃତି ରୋଗ ଜାତ ହୋଇ ଚର୍ମ ବିକୃତ ହେଲେ ଅଁଳାର ଚୂର୍ଣ୍ଣ ସେବନ କରାଇ ଅଁଳା ସିଦ୍ଧ ଜଳରେ ରୋଗୀକୁ କିଛି ଦିନ ସ୍ନାନ କରାଇବ । **ବଳବର୍ଦ୍ଧନାର୍ଥେ**—୨୦-ଅଁଳା ଓ ଅଶ୍ୱଗନ୍ଧମୂଳ ସମାନ ଭାଗରେ ଚୂର୍ଣ୍ଣ କରି ଘିଅ ଓ ମଧୁ ସହିତ କିଛିଦିନ ସେବନ କଲେ ବଳ ଓ ବୀର୍ଯ୍ୟ ବୃଦ୍ଧି ହୁଏ । ଏହା ବୃଷ୍ୟ, ବୃଂହଣ ଓ ରସାୟନ (ଆ, ବ, କୋ) **ଶରୀର ସୌନ୍ଦର୍ଯ୍ୟ ବର୍ଦ୍ଧନାର୍ଥେ**—୨୧-ଅଁଳା ଚୂର୍ଣ୍ଣରେ ସମ-ପରିମିତ **ସୋରିଷତେଲ** ମିଶାଇ ପ୍ରତିଦିନ ଶରୀରରେ ମର୍ଦ୍ଦନ କଲେ ଶରୀରର ସୌନ୍ଦର୍ଯ୍ୟ ବଢ଼େ । **ଶ୍ୱେତପ୍ରଦରରେ**—୨୨—ଚିନି ଓ ମଧୁ ସହିତ ଅଁଳାର ଚୂର୍ଣ୍ଣ ସେବନ କଲେ ଶ୍ୱେତପ୍ରଦର ରୋଗର ଉପଶମ ହୁଏ । **ସ୍ୱପ୍ନମେହ ନିବାରଣାର୍ଥେ** ୨୩—ଯେଉଁମାନଙ୍କର ସ୍ୱପ୍ନରେ ବୀର୍ଯ୍ୟ ସ୍ଖଳିତ ହୁଏ, ସେମାନଙ୍କୁ ଅଁଳାଚୂର୍ଣ୍ଣ ଓ ଗୋଲମରିଚ ଚୂର୍ଣ୍ଣ ପ୍ରତ୍ୟେକ ୩ ଗ୍ରାମ, ଏବଂ ଗୁଳୁଚିସାର ଦେଢ଼ ଗ୍ରାମ ଏକତ୍ର ଧାରୋଷ୍ଣ ଦୁଗ୍ଧ ସହିତ କିଛି-ଦିନ ସେବନ କରାଇଲେ ସେମାନଙ୍କର ବୀର୍ଯ୍ୟର ଉଷ୍ଣତା ନଷ୍ଟ ହୋଇ ସ୍ୱପ୍ନଦୋଷ ନିବାରିତ ହୁଏ । **ଅଁଳାତେଲ**—୨୪—କୁଞ୍ଚା ହୋଇଥିବା ଅଁଳା ଦୁଇ କେଜି, ଷୋହଳ କେଜି ଜଳରେ ସିଦ୍ଧାଇ ଚତୁର୍ଥାଂଶ ଅବଶେଷ ରହିଲେ ଓହ୍ଲାଇବ । ଏହି କ୍ୱାଥରେ ଏକ କେଜି ରାଶିତେଲ ପାକ କରିବ । କ୍ୱାଥ ପାକ ପରେ ମୁଥା, ଜଟାମାଂସୀ, ଅଗୁରୁ ଏବଂ ଚନ୍ଦନର କଳ୍କ ତହିଁରେ ମିଶାଇ ଯଥାବିଧି ପାକ କରିବ । ପାକ ଶେଷରେ ତୈଳକୁ ଛାଣି ରଖିବ । ଏହା ବିଶୁଦ୍ଧ ଆମଲା ତେଲ । ଏହି ତୈଳ ଶରୀରର କାନ୍ତି ବଢ଼େ । **ବୈଦ୍ୟଶାସ୍ତ୍ରରେ ଅଁଳାର ବ୍ୟବହାର** । ଯଥା—**ବିସର୍ପଜ୍ୱରେ** ୨୫—ଅଁଳା ରସରେ **ଗାଈଘିଅ ମିଶାଇ ପାନ କଲେ** ବିସର୍ପଜ୍ୱର ଶାନ୍ତ ହୁଏ । ଯଦି ରୋଗୀର କୋଷ୍ଠବଦ୍ଧ ଥାଏ, ତେବେ ଏଥି ସହିତ ତ୍ରିବୃତ୍ତ ଚୂର୍ଣ୍ଣ ମିଶାଇ ଦେବ । (ଚରକ) **ହିକ୍କାରୋଗେ**—୨୬—ଅଁଳାରସ ଓ କଇଥ ରସ, ପିପ୍ପଳୀ-ଚୂର୍ଣ୍ଣ ଏବଂ ମଧୁ ସହିତ ସେବନ କଲେ ହିକ୍କାରୋଗ ପ୍ରଶମିତ ହୁଏ । (ଚରକ) **ଶ୍ୱେତପ୍ରଦରରୋଗେ**—୨୭—ଅଁଳାର ଚୂର୍ଣ୍ଣ କିମ୍ବା ଅଁଳାମଞ୍ଜିର ଚୂର୍ଣ୍ଣ ଚିନି ଓ ମଧୁ ସହିତ ସେବନ କଲେ ଶ୍ୱେତପ୍ରଦର ନିବାରିତ ହୁଏ । (ଚରକ) **ଅର୍ଶରୋଗେ**—୨୮—ଅଁଳାକୁ ଉତ୍ତମ ରୂପେ ପେଷି ଗୋଟିଏ ମାଟି ପାତ୍ର ଭିତରେ ଲେପନ କରି, ତହିଁରେ ଦହି ରଖିବ । ଏହି ଦହି ପ୍ରତିଦିନ ପାନ କଲେ ଅର୍ଶରୋଗ ନିବୃତ୍ତି ହୁଏ । (ସୁଶ୍ରୁତ) **ବାତରକ୍ତେ**—୨୯—ଅଁଳା ରସରେ ଘୃତ ପାକ କରି ଏହି ଘୃତ ବାତରକ୍ତ ରୋଗରେ ପ୍ରୟୋଗ କରିବ । (ସୁଶ୍ରୁତ) **ପ୍ରମେହରୋଗେ**—୩୦—ପ୍ରମେହ ରୋଗୀକୁ ଅଁଳା ଓ ହଳଦୀ

ଧାନର ଅନ୍ନ ଓ ଆଈ ମେଥି ସହିତ ଶାକରୂପରେ ଅଁଳାକୋଳି ଆହାର କଲେ ପ୍ରମେହ ଶାନ୍ତ ହୁଏ । ( ସୁଶ୍ରୁତ ) ମୂତ୍ରକୃଚ୍ଛ୍ର ରୋଗେ—୩୦—ଅଁଳାରସ ଅଧିକ ମାତ୍ରାରେ ସେବନ କଲେ ମୂତ୍ରକୃଚ୍ଛ୍ର ପୀଡ଼ା ପ୍ରଶମିତ ହୁଏ । (ସୁଶ୍ରୁତ)— କାସରୋଗେ—୩୧—ଅଁଳାଚୂର୍ଣ୍ଣ ଦୁଗ୍ଧ ସହିତ ପାକ କରି ତହିଁରେ ଘିଅ ମିଶାଇ କାସରୋଗୀକୁ ସେବନ କରାଇବ । ମାତ୍ରାବଧି—ଅଁଳାଚୂର୍ଣ୍ଣ ୨୦ ଗ୍ରାମ, ଦୁଧ ୧୬୦ ଗ୍ରାମ, ଏବଂ ଜଳ ୬୪୦ ଗ୍ରାମ ଏକତ୍ର ପାକ କରି କ୍ଷୀର ଅବଶେଷ ରଖି ତହିଁରେ ୫ ଗ୍ରାମ ଗାଈଘିଅ ମିଶାଇବ । (ବାଗ୍‌ଭଟ୍ଟ) ରକ୍ତପିତ୍ତରୋଗେ—୩୨—ନାକରୁ ରକ୍ତସ୍ରାବ ହେଲେ ଅଁଳା-କୋଳି ଘିଅରେ ଭଜି କାଞ୍ଜି ସହିତ ପେଷି ରୋଗିର ମସ୍ତକରେ ଲେପନ କରିବ । (ଚକ୍ରଦତ୍ତ)—ପିତ୍ତଜଶୂଳରୋଗେ—୩୩— ଅଁଳାରସରେ ଚିନି ମିଶାଇ ପାନକଲେ ପିତ୍ତଜଶୂଳ ବିନଷ୍ଟ ହୁଏ । (ଚକ୍ରଦତ୍ତ)— ଶୀତପିତ୍ତରୋଗେ—୩୪—ଅଁଳାରସରେ ପୁରୁଣା ଗୁଡ଼ ମିଶାଇ ଶୀତପିତ୍ତ ରୋଗିକୁ ସେବନ କରାଇବ । (ଚକ୍ରଦତ୍ତ) ମୂତ୍ରରୋଧେ—୩୫—ଅଁଳାକୁ ପେଷି ତଳପେଟରେ ଲେପନ କଲେ ମୂତ୍ରରୋଧର ନିବୃତ୍ତି ହୁଏ । (ଭାବପ୍ରକାଶ)— ବାତଜବାନ୍ତିରୋଗେ—୩୬—ଅଁଳାରସରେ ଶୁକ୍ଳ ଚନ୍ଦନ ଘୋରି ଗାଢ଼ କରିବ । ଏହି ଘୋରରେ ମହୁ ମିଶାଇ ଦଶ ଗ୍ରାମ ପରିମାଣେ ସେବନ କଲେ ବାତଜବାନ୍ତି ନିବାରିତ ହୁଏ । (ଭାବପ୍ରକାଶ) ଶିରଃକ୍ଷତେ—୩୭—ଅଁଳାକୁ ଚିନି ଓ ଘିଅ ସହିତ ପେଷି ମସ୍ତକରେ ଲେପନ କଲେ ମୁଣ୍ଡର ଘା ଭଲ ହୁଏ । ଏବଂ ଏଥିଦ୍ୱାରା ମୁଣ୍ଡବ୍ୟଥା ମଧ୍ୟ ଶାନ୍ତହୁଏ । (ଭାବପ୍ରକାଶ) ମୂତ୍ରକୃଚ୍ଛ୍ରେ—୩୮—ଅଁଳାରସ ଓ ଆଖୁ ରସର ସମାନ ଭାଗରେ ଆଣି ତହିଁରେ ମହୁ ମିଶାଇ ସେବନ କଲେ ଯନ୍ତ୍ରଣା ଦାୟକ ରକ୍ତମୂତ୍ର ରୋଗ ପ୍ରଶମିତ ହୁଏ । (ବଙ୍ଗସେନ) ନୂତନ ଆଖିଦରାରୋଗେ—୩୯-ସୁପକ୍ୱ ଅଁଳାର ରସ ବିନ୍ଦୁ ବିନ୍ଦୁ କରି ଆଖିରେ ପକାଇଲେ ନୂତନ ଆଖିଦରା ରୋଗର ନିବୃତ୍ତି ହୁଏ । (ବଙ୍ଗସେନ) —ବିଚ୍ଛିନାମକ ବାଲରୋଗେ—୪୦- ଆଠ ଗୋଟି ଅଁଳାକୋଳି ଗୋମୂତ୍ରରେ ପେଷି ଖରାରେ ଶୁଖାଇବ, ଏହା ଲେପନ କଲେ ବିଚ୍ଛି ନାମକ ଶିଶୁରୋଗ ବିନଷ୍ଟ ହୁଏ । (ବଙ୍ଗସେନ) ଅଁଳାଡ଼ାଳ ପାଣିରେ ପକାଇଲେ ଘୋଳିଆପାଣି ନିର୍ମଳ ହୁଏ । ରସର ମାତ୍ରା ୩୦—୬୦ ଗ୍ରାମ, କ୍ୱାଥ ୪୦—୮୦ ଗ୍ରାମ, ଚୂର୍ଣ୍ଣ ୩—୫ ଗ୍ରାମ ।

**ଆମଳକାସବ**—ଅଁଳାଗୁଳି ରସ, ଅଁଳାପତ୍ର ରସ ଏବଂ ଅଁଳାରସ ସମଭାଗକୁ ସିଝାଇ ଅର୍ଦ୍ଧାବଶେଷ ରଖି ଛାଣିବ । ତା'ର ପରେ ତା'ର ଅର୍ଦ୍ଧଭାଗ ମହୁ ଏବଂ ଧାତୁକୀ ଫୁଲ ମିଶାଇ ମାଟି ହାଣ୍ଡିରେ ରଖି, ମୁଖବନ୍ଦ କରି ସାତଦିନ ପରେ ଛାଣି ବ୍ୟବହାର କରିବ । ମାତ୍ରା ଏକ ଚତୁର୍ଥାଂଶ ଠାରୁ ଅଧ ଆଉନ୍ସ ପ୍ରମେହ ଏବଂ ମଧୁମେହ ରୋଗର ଉତ୍ତମ ଔଷଧ । ରୋଗୀ ପଥ୍ୟରେ ରହି ସାମାନ୍ୟ ବ୍ୟାୟାମ କରିବାକୁ ହେବ । (ଅ,ଚ,ମା)

**୩୪-ଅଳାଇଚ**—Cardamon. The seed of Elettaria Caraamomum. ଏହାର ସଂସ୍କୃତ ନାମ—ଏଳା, ବହୁଳା ଓ ତ୍ରୁଟି । ଏହାକୁ ବଙ୍ଗଭାଷାରେ ଇଳାଇଚ, ହିନ୍ଦୀରେ ଇଲାଇଚ, ତେଲୁଗୁରେ ଇଲକୁଲି ବୋଲନ୍ତି । ଏହା ସାନ ବଡ଼ ଭେଦରେ ଦୁଇ ପ୍ରକାର । ସାନ ଅଳାଇଚକୁ ଗୁଜୁରାଟି ବୋଲଯାଏ । ଉଭୟ ପ୍ରକାର ଅଳାଇଚ, ତିକ୍ତ, ସୁଗନ୍ଧ ଓ ଶୀତବୀର୍ଯ୍ୟ । ଏହା କଫ, ବାତ, ବିଷଦୋଷ, ବ୍ରଣ, ହୃଦ୍‌ରୋଗ, ମୂତ୍ରକୃଚ୍ଛ୍ର, କ୍ଷୟ, ଶ୍ୱାସ କାସ, ଅଗ୍ନିମାନ୍ଦ୍ୟ ଓ ଅରୁଚି ନାଶକ, ଏହାର ଚୂର୍ଣ୍ଣ ସହିତ ବିରେଚକ ଔଷଧ ସେବନକଲେ ପେଟମୋଡ଼ା ହୁଏ ନାହିଁ । ବୈଦ୍ୟଶାସ୍ତ୍ରରେ ଏହାର ବ୍ୟବହାର ଯଥା —ମୂତ୍ରକୃଚ୍ଛ୍ରରୋଗେ—୧- ଆୟୁର୍ବେଦୋକ୍ତ କୌଣସି ମଦ୍ୟ ସହିତ କମ୍ବା ଅଁଳାରସ ସହିତ ଗୁଜୁରାଟି ଚୂର୍ଣ୍ଣ ସେବନ କଲେ ମୂତ୍ରକୃଚ୍ଛ୍ର ନିବାରିତ ହୁଏ । (ବାଗ୍‌ଭଟ୍ଟ) ହୃଦ୍‌ରୋଗେ—୨-ପିପ୍‌ପଳିମୂଳର ଚୂର୍ଣ୍ଣ ଏବଂ ଅଳାଇଚ ଚୂର୍ଣ୍ଣ ଗାଈ ଘିଅ ସହିତ ସେବନ କଲେ ହୃଦ୍‌ରୋଗ ଓ ଗୁଲ୍ମ ରୋଗରେ ବିଶେଷ ଉପକାର ମିଳେ । (ବଙ୍ଗସେନ) ମାତ୍ରା ୧—୩ ଗ୍ରାମ । ଏଳାଦ୍ୟାସବ—ବଡ଼ ଅଳାଇଚ,ଶୁଣ୍ଠୀ, ଗୁଡ଼ତ୍ୱକ, ପ୍ରତ୍ୟେକ କୋଡ଼ିଏ ଗ୍ରାମ । ପୋଦାନା ଅର୍କ, ଯୁଆଣୀ ଅର୍କ, କର୍ପୂର, କୁଙ୍କୁମ, ହିଙ୍ଗୁ, ଅଫିମ ପ୍ରତ୍ୟେକ ଦଶ ଗ୍ରାମ । ରେକ୍‌ଟିଫାଇଡ୍‌ ସ୍ପିରିଟ ଅଧ କେଜି । ଏହି ସମସ୍ତ ଦ୍ରବ୍ୟ ଏକାଠେ ମିଶାଇ ବୋତଲରେ ରଖି ପନ୍ଦର ଦିନ ପର୍ଯ୍ୟନ୍ତ ସୂର୍ଯ୍ୟତାପରେ ମଜବୁତ କାର୍କ (ଠିପି) ଲଗାଇ ରଖିବ । ତା'ପରେ ଛାଣି ବୋତଲରେ ଭରତି କରି ଉପଯୋଗ କରିବ । ମାତ୍ରା ୫—୧୫ ବିନ୍ଦୁ । ଉଦର ଶୂଳର ଉତ୍ତମ ଔଷଧ । (ବୈ,ଭୁ,ନି)

**୩୫-ଅଶୋକଗଛ**—Saraca Endic. Jonesia, Asoka. ଏହାର ସଂସ୍କୃତ ନାମ—ଅଶୋକ, ରକ୍ତପଲ୍ଲବ, ହେମପୁଷ୍ପ ଓ ମଧୁପୁଷ୍ପ । ଏହାକୁ ବଙ୍ଗଭାଷାରେ ଅଶୋକଫୁଲେରଗାଛ, ହିନ୍ଦୀରେ ଓ ତେଲୁଗୁରେ ଅଶୋକ ବୋଲନ୍ତି । ଏହାର ବୀଜ ଓ ଛାଲି ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା ତିକ୍ତ ଓ କଷାୟ ରସଯୁକ୍ତ ଏବଂ ଶୀତ ବୀର୍ଯ୍ୟ ଅଟେ । ଏହାର କ୍ୱାଥ ଅର୍ଶ, ବିଷ ଓ ରକ୍ତଦୋଷ ପ୍ରଶମନ କରେ । ୧—ଏହାର ଛାଲିର ପ୍ରଲେପ ବାତବେଦନାକ୍ରାନ୍ତ ଅଙ୍ଗରେ ହିତକର ଅଟେ । ଏକ କେଜି ଜଳରେ ୧୦୦ ଗ୍ରାମ ଅଶୋକଛାଲି ସିଝାଇ କ୍ୱାଥ ପ୍ରସ୍ତୁତ କରିବ । ଏଥିରେ ନବାତ ମିଶାଇ ଦୁଇବାର ସେବନ କଲେ ସ୍ତ୍ରୀମାନଙ୍କର ପ୍ରଦର ରୋଗ ଏବଂ ଅନଷ୍ଟମିତ ରକ୍ତସ୍ରାବ ନିବାରିତ ହୁଏ । ବୈଦ୍ୟଶାସ୍ତ୍ରରେ

ଅଶୋକର ପ୍ରୟୋଗ ଯଥା—୨—ରକ୍ତପ୍ରଦରରୋଗେ—କ୍ଷୀର ପାକବିଧି ଅନୁସାରେ ଅଶୋକଛାଲର କ୍ୱାଥ ପ୍ରସ୍ତୁତ କରି ପାନକଲେ ରକ୍ତପ୍ରଦର ରୋଗ ପ୍ରଶମିତ ହୁଏ । (ଚକ୍ରଦତ୍ତ) ୩—ମୂତ୍ରାଘାତରେ—ଅଶୋକମଞ୍ଜୀ ଶୀତଳ ଜଳରେ ପେଷି ପାନକଲେ ମୂତ୍ରାଘାତ (ପ୍ରସ୍ରାବବନ୍ଦ) ଏବଂ ଅଶ୍ମରୀ ରୋଗ ବିନଷ୍ଟ ହୁଏ । କ୍ୱାଥର ମାତ୍ରା ୨୦—୪୦ ଗ୍ରାମ, ଚୂର୍ଣ୍ଣ ୩—୫ ଗ୍ରାମ । ଅଶୋକାରିଷ୍ଟ—ଅଶୋକ ଛାଲି ପାଞ୍ଚ ସେର, ଜଳ ଅଢ଼ାଇ ସେର, ଶତାବରୀ, ଅଶ୍ୱଗନ୍ଧା, କୁଚ, ଯାଠୀ ମଧୁ, ପ୍ରତ୍ୟେକ ଦୁଇଶହ ଗ୍ରାମ, ଏହି ସମସ୍ତ ଦ୍ରବ୍ୟକୁ କୁଟି, ଅଶିଏ ସେର ଜଳରେ ଚବିଶି ଘଣ୍ଟା ବତୁରାଇ, ତା'ପରେ କ୍ୱାଥ କରି ଚତୁର୍ଥାଂଶ ଅବଶେଷ ଥିବ ଓହ୍ଲାଇ ଛାଣି ହାଣ୍ଡିରେ ରଖିବ । ସେଥିରେ ଆଠ ସେର ଗୁଡ଼, ଧାତୁକୀଫୁଲ, ଶୁଣ୍ଠୀ, କଳାଜୀରା, ମୋଥା, ଦାରୁହଳଦୀ, ହରଡ଼ା, ବାହାଡ଼ା, ଅଁଳା, ଅଁଳାମଞ୍ଜୀ, ଜୀରା, ବାସଙ୍ଗ, ଗୁଆ, ମାଜୁଫଳ, ରକ୍ତଚନ୍ଦନ, ଝୁଙ୍କ, ନାଗକେଶର, ଇନ୍ଦ୍ରଯବ ପ୍ରତ୍ୟେକର ଚୂର୍ଣ୍ଣ ଷୋଳଶି ଗ୍ରାମ, ଗୁଡ଼ୁଚୀର ଚୂର୍ଣ୍ଣ ଦୁଇଶହ କୋଡ଼ିଏ ଗ୍ରାମ । ଏହି ସମସ୍ତ ଦ୍ରବ୍ୟ ଏକାଠି ମିଶାଇ ପାତ୍ରର ମୁଖ ରୁଦ୍ଧ କରି ଏକମାସ ରଖିବ । ପରେ ଛାଣି ଉପଯୋଗ କରିବ । ମାତ୍ରା ଅର୍ଦ୍ଧ—୨ ଆଉନ୍ସ । ଏହା ରକ୍ତପ୍ରଦର । ଶ୍ୱେତ ପ୍ରଦର ଏବଂ କୃଶତା ନାଶକ ଓ ଗର୍ଭାଶୟର ବଳକାରକ (ଅ, ଚ, ସ) ।

**୩୬—ଅଷ୍ଟବର୍ଗ**—ନିମ୍ନଲିଖିତ ଆଠଗୋଟି ଔଷଧକୁ ଅଷ୍ଟବର୍ଗ ବୋଲିଯାଏ—ଯଥା—୧ ମେଦା, ୨ ମହାମେଦା, ୩ ଜୀବକ, ୪ ଋଷଭକ, ୫ ଋଦ୍ଧି, ୬ ବୃଦ୍ଧି, ୭ କାକୋଲୀ, ୮ କ୍ଷୀରକାକୋଲୀ । **ଅଷ୍ଟବର୍ଗର ଗୁଣ**—ମଧୁର, ଶୀତଳ ଏବଂ ବୃଂହଣ । ଦାହ, ରକ୍ତପିତ୍ତ, ମେହ, ବାତ, ବ୍ରଣ ଓ କ୍ଷୟ ରୋଗରେ ଏହା ଅତିବ ହିତକର, ଶୁକ୍ରଜନକ, ବଳବର୍ଦ୍ଧକ ଏବଂ କାମୋଦ୍ଦୀପକ ଅଟେ । ଅଷ୍ଟବର୍ଗର ପ୍ରତିନିଧି—ମେଦାର ଅଭାବରେ ଅଶ୍ୱଗନ୍ଧା, ମହାମେଦାର ଅଭାବରେ ମୁଗନୀମୂଳ, ଋଦ୍ଧିର ଅଭାବରେ ବନମୂଳୀ, ବୃଦ୍ଧିର ଅଭାବରେ ଅତିବଳା (ସୁନାଙ୍ଗୁଳିକାମୂଳ) ଜୀବକ ଓ ଋଷଭକର ଅଭାବରେ ଗୁଡ଼ୁଚୀ କିମ୍ବା ବଂଶଲୋଚନ ଏବଂ କାକୋଲୀ ଓ କ୍ଷୀରକାକୋଲୀର ଅଭାବରେ ଅଶ୍ୱଗନ୍ଧମୂଳ ବ୍ୟବହାର କରିବ ବୋଲି କେହି କେହି ଲେଖିଅଛନ୍ତି । ଆଜିକାଲି ଉତ୍ତର ଭାରତର ବୈଦ୍ୟମାନେ କାକୋଲୀର ପ୍ରତିନିଧିରୂପେ ଶ୍ୟାମମୂଷଳୀ, କ୍ଷୀରକାକୋଲୀର ଶ୍ୱେତମୂଷଳୀ, ମେଦାର ପ୍ରତିନିଧି ରୂପେ ଶାଲବ ମିଶ୍ରୀ, ମହାମେଦାର ସକାକୁଲ ମିଶ୍ରୀ, ଜୀବକର ଲମ୍ବାସାଲବ, ଋଷଭକର ବହ୍ମନ ଶ୍ୱେତ, ଋଦ୍ଧିର ଚକ୍ରଆକନ୍ଦ, ଏବଂ ବୃଦ୍ଧିର ପ୍ରତିନିଧି ରୂପେ ପଞ୍ଜା ସାଲବ ମିଶ୍ରୀ ବ୍ୟବହାର କରନ୍ତି ।

**୩୭—ଅଶ୍ୱଗନ୍ଧା**—ଅଶ୍ୱଗନ୍ଧ ଦେଖ—

**୩୮—ଅସରଳା**—ଏହାର ସଂସ୍କୃତ ନାମ—ପାରେଷ୍ଟୀ ଓ ତୈଳପାୟିକା । ଏହାକୁ ବଙ୍ଗଭାଷାରେ ଆସୁଲା ବୋଲନ୍ତି । ୧—ଏହାର ପଛକୁ ଶରଣୀ ମଧ୍ୟରେ ରଖି ପୁଟରେ ଭସ୍ମ କରିବ । ଏହି ଭସ୍ମ ମଧୁ ସହିତ ବାଳକମାନଙ୍କର ଶ୍ୱାସ କାସ ନିବାରଣାର୍ଥେ ପ୍ରୟୋଗ କରାଯାଏ । ୨—ତିନି ଗୋଟା ବଡ଼ ବଡ଼ ଅସରଳା ପୋକ ଆଣି ଏକ ସେର ପାଣିରେ ସିଝାଇ ଦିନ ମଧ୍ୟରେ ଦୁଇ ତିନିଥର ସେହିପାଣି ପିଆଇଲେ ପ୍ରବଳ ଶ୍ୱାସବେଗ ପ୍ରଶମିତ ହୁଏ । ସେଉଁ ଅସରଳାର ପକ୍ଷରେ ଧୋବ ୨ ଚିହ୍ନଥାଏ, ଔଷଧାର୍ଥରେ ତାକୁ ବ୍ୟବହାର କରିବ ନାହିଁ । ୩—ତିନି ଚାରିଟି ଅସରଳାପୋକ ଦୁଧରେ ସିଝାଇ ଦହିରେ ଚିନି ମିଶାଇ ପାନକଲେ ଦାରୁଣ ଆଘାତଜାତ ବେଦନା ନିବାରିତ ହୁଏ । ୨—ତିନି ଗୋଟା ଅସରଳା ଲେଣ୍ଡୀ ପାଣିରେ ବତୁରାଇ ସେହି ଜଳ ପିଅଇଲେ ଅଫାଲ ବାନ୍ତି ବନ୍ଦ ହୁଏ । ଅସରଳାକୁ ଯୋକେ କେହି ଅସପା ମଧ ବୋଲନ୍ତି ।

**୩୯-ଅଶ୍ୱଗନ୍ଧ**—Withania somnifera or physalis Flexuosa. ଏହାର ସଂସ୍କୃତ ନାମ—ଅଶ୍ୱଗନ୍ଧା, ବାଜୀକରୀ, ପୁଷ୍ଟିଦା, ବଲ୍ୟା ଓ ବାଜୀନୀ, ଏହାକୁ ବଙ୍ଗଭାଷାରେ ଅଶ୍ୱଗନ୍ଧା, ହିନ୍ଦୀରେ ଅସଗନ୍ଧ, ତେଲୁଗୁରେ ପେନ୍ନେରୁଗଡ଼ୁ ବୋଲନ୍ତି । ଏହାର ପତ୍ର, ମୂଳ ଓ ବୀଜ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା କଟୁ, ତିକ୍ତ, କଷାୟ, ଏବଂ ଉଷ୍ଣ ବୀର୍ଯ୍ୟ । ଏହାକୁ ସେବନ କଲେ କାସ, ଶ୍ୱାସ, କ୍ଷୟ, ବାତ, କଫ, ଶୋଥ, ବ୍ରଣ, ବାତରୋଗ, ଶ୍ୱିତ୍ରରୋଗ, କୁଷ୍ଠ, ଜୀର୍ଣ୍ଣଜ୍ୱର, ହୃଦ୍‌ରୋଗ ଓ ମୂତ୍ରାଘାତ ନିବାରିତ ହୁଏ । ଏହା ଧାତୁ ପୁଷ୍ଟିକର, ଜରା, ବ୍ୟାଧି ଓ ଦୌର୍ବଲ୍ୟ ନାଶକ, କାନ୍ତିପ୍ରଦ, ବୀର୍ଯ୍ୟବର୍ଦ୍ଧକ, ଅଗ୍ନିଦୀପକ ଏବଂ ରସାୟନ ଅଟେ । ୧—ଦୁର୍ବଳ ବାଳକମାନଙ୍କୁ ଏହାର ମୂଳଚୂର୍ଣ୍ଣ ଦୁଧ କିମ୍ବା ଘୃତ ସହିତ ସେବନ କରାଇଲେ ସେମାନଙ୍କର ଦେହ ପୁଷ୍ଟ ହୁଏ । ୨—ଏହା ପ୍ରଦରରୋଗରେ ଏବଂ ବୃଦ୍ଧାବସ୍ଥାଜନିତ ଦୌର୍ବଲ୍ୟରୋଗରେ ଉତ୍ତମ ଫଳପ୍ରଦ ଅଟେ । ୩—ଅଶ୍ୱଗନ୍ଧମୂଳ ଓ ଶୁଣ୍ଠୀ ଏକତ୍ର ପେଷି ବାତବେଦନାକ୍ରାନ୍ତ ଅଙ୍ଗରେ ଲେପନ କଲେ ବେଦନା ଓ ଫୁଲା ଛାଡ଼ିଯାଏ । ୪—ଅଶ୍ୱଗନ୍ଧମୂଳର କଳ୍କରେ ଯଥାବିଧି ଘୃତ ପାକକରି ଏହି ଘୃତ ୧୦—୨୦ ଗ୍ରାମ ମାତ୍ରାରେ ସେବନକଲେ ମେହରୋଗ ଓ କଟିଶୂଳ ନିବାରିତ ହୁଏ । ୫—ଜଳୀ ଅଶ୍ୱଗନ୍ଧମୂଳର ପ୍ରଲେପ ବ୍ରଣ ଶୋଥ ବିନାଶ କରେ । ୬—ଅଶ୍ୱଗନ୍ଧର ବୀଜ ଚୂର୍ଣ୍ଣ କରି ଖାଇଲେ ମୂତ୍ର ବିରେଚନ ହୁଏ । ଅଶ୍ୱଗନ୍ଧ ମଞ୍ଜୀ ଚୂର୍ଣ୍ଣ କରି ଦୁଧରେ ପକାଇ ଫୁଟାଇଲେ ସେହିଦୁଧ ବହଳିଆ ହୁଏ । ଅଶ୍ୱଗନ୍ଧ ପତ୍ରର କ୍ୱାଥ ଜ୍ୱର ନାଶକ ଅଟେ । ୭—ଅଶ୍ୱଗନ୍ଧ ପତ୍ରରେ ବ୍ରଣକୁ ଆଚ୍ଛାଦନ କଲେ ବ୍ରଣ ଶୀଘ୍ର ଭଲହୋଇ ଶୁଖିଯାଏ । ବୈଦ୍ୟଶାସ୍ତ୍ରରେ

ଅଶ୍ୱଗନ୍ଧର ବ୍ୟବହାର। ଯଥା—**ଶ୍ୱାସରୋଗରେ**—୮—ଅଶ୍ୱଗନ୍ଧରମୂଳ ଗୁଣ୍ଡ଼ଏ ଆଣି ଗୋଟିଏ ହାଣ୍ଡିରେ ଭର୍ତ୍ତିକରି ତା'ର ଉପରେ ଶରାଢୋଡାଇ ସନ୍ଧିରୋଧ କରି ଚୁଲାରେ ପୁଟ ଦଗ୍ଧ କରିବ। ଏହାର ନାମ ଅଶ୍ୱଗନ୍ଧକ୍ଷାର। ଏହି କ୍ଷାର ଘିଅ ଓ ମହୁ ସହିତ ସେବନ କଲେ ଶ୍ୱାସରୋଗ ଭଲହୁଏ। (ଚରକ) **କ୍ଷୟରୋଗରେ** ୯—ଅଶ୍ୱଗନ୍ଧର ମୂଳ କ୍ଷୀର ସହିତ ଯଥାବିଧି ପାକ କରି ଏହି କ୍ଷୀର ପାନକଲେ କ୍ଷୟରୋଗ ନିବାରିତ ହୁଏ। (ସୁଶ୍ରୁତ) **ବାତରୋଗରେ**—୧୦—ଅଶ୍ୱଗନ୍ଧ ମୂଳର କଲ୍କ ଏକ ସେର, ଦୁଧ ୧୬ ସେର, ଘୃତ ଚାରି ସେର ଏ ସବୁ ଯଥାବିଧି ପାକ କରି ସେବନ କଲେ ବାତ ବ୍ୟାଧି ବିନଷ୍ଟ ହୁଏ, ବଳ ଏବଂ ମାଂସ ବୃଦ୍ଧି ହୁଏ। (ଚକ୍ରଦତ୍ତ) **ଉଦର ଶୋଥରୋଗରେ**—୧୧—ଅଶ୍ୱଗନ୍ଧମୂଳ ଗୋମୂତ୍ର ସହିତ ପେଷି ପାନକଲେ ଉଦର ରୋଗର ଉପଦ୍ରବଭୂତ ଶୋଥରୋଗ ନିବାରିତ ହୁଏ। (ଚକ୍ରଦତ୍ତ) **ବନ୍ଧ୍ୟାରୋଗରେ**—୧୨—ଅଶ୍ୱଗନ୍ଧର ମୂଳ କ୍ଷୀର ସହିତ ଯଥାବିଧି ପାକ କରି ଋତୁସ୍ନାନ ପରେ ପାନକଲେ ବନ୍ଧ୍ୟାସ୍ତ୍ରୀ ଗର୍ଭଧାରଣ କରେ। (ଚକ୍ରଦତ୍ତ) **ହୃଦୟଗତବାୟୁରୋଗରେ**—୧୩—ଉଷ୍ଣ ଜଳ ସହିତ ଅଶ୍ୱଗନ୍ଧମୂଳ ପେଷି ସେବନ କଲେ ହୃଦୟଗତ ବାତବିକାର ଶାନ୍ତହୁଏ। (ଭାବପ୍ରକାଶ) **ନିଦ୍ରାନାଶରେ**—୧୪—ଅଶ୍ୱଗନ୍ଧମୂଳକୁ ଚୂର୍ଣ୍ଣ କରି ଘିଅ ଓ ଚିନି ସହିତ ସେବନ କଲେ ଯା'ର ନିଦ୍ରା ହେଉନଥାଏ ତା'ର ନିଦ୍ରାହୁଏ। (ବଙ୍ଗସେନ) **ଶିଶୁର ଦୌର୍ବଲ୍ୟରୋଗରେ**—୧୫—ଅଶ୍ୱଗନ୍ଧ ମୂଳର ଚୂର୍ଣ୍ଣ, ଦୁଧ, ଘିଅ, ତେଲ କିମ୍ବା ଉଷ୍ଣଜଳ ସହିତ ସେବନ କରାଇଲେ କ୍ଷୀଣକାୟ ଶିଶୁ ପୁଷ୍ଟ ହୁଏ। (ଚକ୍ରଦତ୍ତ) ମାତ୍ରା—ଚୂର୍ଣ୍ଣ ଦେଡ଼ଗ୍ରାମ ଠାରୁ ତିନି ଗ୍ରାମ, କ୍ୱାଥ ୪୦—୮୦ ଗ୍ରାମ। **ଅଶ୍ୱଗନ୍ଧାରିଷ୍ଟ**—ଅଶ୍ୱଗନ୍ଧା ୨୫୦ ଗ୍ରାମ, ଶଙ୍ଖପୁଷ୍ପୀ ୨୫୦ ଗ୍ରାମ, ବ୍ରାହ୍ମୀ ୨୫୦ ଗ୍ରାମ, ଜଳ ୧୨ ସେର ସହ ମିଶାଇ କ୍ୱାଥ ପ୍ରସ୍ତୁତ କରି, ଚତୁର୍ଥାଂଶ ଅବଶେଷ ରଖି ମନ୍ଥି ଛାଣିବ। ତା'ର ପରେ ତିନି ସେର ଦ୍ରାକ୍ଷାରସ, ମିଶ୍ରୀ ଦୁଇ ସେର ମିଶାଇ ପୁଣି ଚୁଲ୍ଲୀରେ ବସାଇବ। ସାଢ଼େ ଛଅ ସେର ଥିବ ଓହ୍ଲାଇ ସେଥିରେ ଦୁଇଶହ ଗ୍ରାମ ରେକ୍ଟିଫାଇଡ୍ ସ୍ପିରିଟ୍ ମିଶାଇ ମୁହଁରୁଦ୍ଧ କରିବ। ମାସେକ ପରେ ବ୍ୟବହାର କରିବ। ମାତ୍ରା ଅଧ ଠାରୁ ଏକ ଆଉନ୍ସ। ଏହା ଉତ୍ତମ ସ୍ନାୟୁ ବର୍ଦ୍ଧକ। ଯବ ଅଳାଇଚ ଦଶଗ୍ରାମ, ବାଦାମ ମଞ୍ଜି କୋଡ଼ିଏ ଗ୍ରାମ, ପାନମହୁରି ଦଶ ଗ୍ରାମ, ଜଳ ଦୁଇଶହ ପଚାଶ ଗ୍ରାମ ସହ ବାଟି ଛାଣି ଚିନି ମିଶାଇ ପାନ କରାଯାଏ, ତା'ହେଲେ ଚଞ୍ଚଳ ଶାରୀରିକ ଏବଂ ମାନସିକ ବଳ ବୃଦ୍ଧି ହୁଏ। (ସିଦ୍ଧ ଯୋଗୀଙ୍କଠାରୁ ପ୍ରାପ୍ତ)

**୪୦—ଅସ୍ଥିସଂହାର**—ଏହାର ମାଂସ ପିତ୍ତ ଓ କୃମିନାଶକ, ଅଗ୍ନିବର୍ଦ୍ଧକ ଏବଂ ବଳୀ ପଳିତ ବିନାଶକ ଅଟେ।

**୪୧-ଆଁକଲକରା—ଅକରକରା ଦେଖ—**

**୪୨—ଆକାଶଗରୁଡ଼—Bryonia Epigaca.** ଏହାର ସଂସ୍କୃତ ନାମ—ସୁକସ, ଗଜଚ୍ଛିନ୍ନ, ମହାମୂଳ। ଏହାକୁ ପାତାଳ ଗରୁଡ଼ୀ, ଅକାଶ ପକ୍ଷୀ ଓ ଗିର୍ଦ୍ଧୀ ବୋଲନ୍ତି। ଏହା ତିକ୍ତ, ଅମ୍ଳ ଏବଂ ଉଷ୍ଣ। ୧—ଶୁଭ ତିଥି ନକ୍ଷତ୍ରରେ ଏହା ଆଣି ଭୂତାବେଶ ନିବାରଣାର୍ଥରେ ପ୍ରୟୋଗ କରାଯାଏ, ଏହାର ପ୍ରଲେପ ବାତବେଦନା ନାଶକ। ୨—କୃମିଦୋଷ, ଉପଦଂଶ, ଫିରଙ୍ଗରୋଗ, ରକ୍ତଗ୍ରହଣୀ ଓ ସର୍ପବିଷ ନାଶାର୍ଥେ ଏହା ଉପଯୋଗ କରାଯାଏ। ଏହାର ମାତ୍ରା ୫—୧୦ ଗ୍ରାମ।

**୪୩. ଆଖରୋଟ—Juglans Regia.** ଏହାର ସଂସ୍କୃତ ନାମ—ଅକ୍ଷୋଟ, ପୀଲୁ, କର୍ପରାଳ ଓ ଶୈଳଭବ। ଏହାକୁ ବଙ୍ଗାଳୀ ହିନ୍ଦୀ ଓ ତେଲୁଗୁ ଭାଷାରେ ଆଖ୍ରୋଟ ବୋଲନ୍ତି। ଏହି ଫଳର ଚୋପା, ବୀଜ ଓ ଫଳ ଔଷଧାର୍ଥରେ ବ୍ୟବହୃତ ହୁଏ। ଏହା ମଧୁର, ସ୍ନିଗ୍ଧ, ବଳକାରକ, ବିରେଚକ, ବାତ, ପିତ୍ତ ଓ ରକ୍ତବିକାର ନାଶକ ଏବଂ ଉଷ୍ଣ। ଏହି ଫଳର କ୍ୱାଥ ପରିବର୍ତ୍ତିକ ଓ ସଙ୍କୋଚକ ହେତୁରୁ ଶ୍ୱେତପ୍ରଦର ରୋଗରେ ହିତକର। ଏହାର ପକ୍ୱଫଳ ଆୟୁ, ଆନନ୍ଦ, ସ୍ମୃତିଶକ୍ତିପ୍ରଦ ଏବଂ ବାର୍ଦ୍ଧକ୍ୟ ନିବାରକ ଅଟେ। ଏହା ଖାଇଲେ ମସ୍ତିଷ୍କବିକାରରେ ବିଶେଷ ଉପକାର ହୁଏ। **ଆଖରୋଟାରିଷ୍ଟ**—ଆଖରୋଟ ଫଳର ଚୋପାରେ ଚାରିଗୁଣ ପାଣି ଦେଇ ଜଳର ଅଷ୍ଟମାଂଶ କ୍ୱାଥ ରଖି ଛାଣିବ। ଗୁଡ଼ ଚାରିଶହ ପଚାଶ ଗ୍ରାମ, ମହୁ ଏକଶହ ଗ୍ରାମ ମିଶାଇ କାଚ ଶିଶିରେ ଭଲରୂପେ ମୁଖବନ୍ଦ କରି ପନ୍ଦର ଦିନ ରଖିବ। ପରେ ଛାଣି ଉପଯୋଗ କରିବ। ମାତ୍ରା ଏକ ଠାରୁ ଦେଢ଼ ଆଉନ୍ସ। ଏହା ସେବନ କଲେ ଋତୁଶୂଳ ନିବାରିତ ହୁଏ। (କୃଷ୍ଣପ୍ରସାଦ ତ୍ରିବେଦୀ)

**୪୪-ଆଖୁ—Saceharum officinarum.** ଏହାର ସଂସ୍କୃତ ନାମ—ଇକ୍ଷୁ, କର୍କୋଟକ, କାନ୍ତାର ଓ ଗୁଡ଼ମୂଳ। ଏହାକୁ ବଙ୍ଗଭାଷାରେ ଆକ୍, ହିନ୍ଦୀରେ ଇକ୍, ଏବଂ ତେଲୁଗୁରେ ଚେରୁକୁ ବୋଲନ୍ତି। ଏହାର ରସ ଅତ୍ୟନ୍ତ ମଧୁର, ସ୍ନିଗ୍ଧ ଏବଂ ଶୀତଳ ଅଟେ। ଏହା ସେବନ କଲେ ବାତ, ରକ୍ତପିତ୍ତ, ଦାହ, ମୂତ୍ରକୃଚ୍ଛ୍ର, କାମଳା, ପିତ୍ତକାସ, ସ୍ୱରଭଙ୍ଗ ଓ ହିକ୍କା ରୋଗରେ ବିଶେଷ ଉପକାର ହୁଏ। ଏହା ମୂତ୍ରବିରେଚକ, ଧାତୁ ପୁଷ୍ଟିକର, ମେଦୋବର୍ଦ୍ଧକ ଏବଂ କଫକାରକ ଅଟେ। ବୈଦ୍ୟଶାସ୍ତ୍ରରେ ଆଖୁର ବ୍ୟବହାର ଯଥା—**ମୂତ୍ରାଲ୍ପତାରୋଗରେ**—୧—ମୂତ୍ରବିରେଚକ ଦ୍ରବ୍ୟ ମଧ୍ୟରେ ଆଖୁର ଚେର ଶ୍ରେଷ୍ଠ ଅଟେ। (ଚରକ) **ରକ୍ତପିତ୍ତରୋଗରେ**—୨—ଆଖୁରରସ ପାନକଲେ ରକ୍ତ ପିତ୍ତ ପ୍ରଶମିତ ହୁଏ। (ଚରକ) **ନାସିକାରୁ ରକ୍ତସ୍ରାବରେ**—୩—ଆଖୁର ଚେର ନାକରେ ଶୁଙ୍ଘିଲେ ନାସିକାରୁ ରକ୍ତସ୍ରାବ ବନ୍ଦ ହୁଏ। (ଚରକ)

ଗ୍ରହଣୀରୋଗ—୪-ଆଖୁରସ ୨ ସେର ଆଣି ଅଗ୍ନିରେ ସିଦ୍ଧକରି ଅର୍ଦ୍ଧଭାଗ ଅବଶେଷ ରଖି ଓହ୍ଲାଇବ, ଶୀତଳ ହେଲେ ଏଥିରେ ଚତୁର୍ଥାଂଶ ମହୁ ମିଶାଇବ, ଗୋଟିଏ ଛୋଟମୁଖ ପାତ୍ରରେ ଗନ୍ଧ ନଯିବା ପାଏ ଏହା ରଖିବ । ଏହାର ନାମ ଇକ୍ଷୁରସାସବ ଏହା ସେବନକଲେ ଗ୍ରହଣୀରୋଗ ନିବାରିତ ହୁଏ । (ଚରକ) **ପାଣ୍ଡୁରୋଗ**—୫-ପାଣ୍ଡୁରୋଗର ଅବସ୍ଥା ବିବେଚନାକରି ଉପଯୁକ୍ତ * ଛତୁଆ ସହିତ ଆଖୁରସ ଓ ମହୁ କମ୍ବା ଅଁଳାରସ ଓ ମିଶ୍ରୀ ମିଶାଇ ସେବନକଲେ ପାଣ୍ଡୁରୋଗ ବିନଷ୍ଟ ହୁଏ । (ସୁଶ୍ରୁତ) **ଋତକାସ**—୬-ଗାଈଘିଅ ଏକ ସେର, ଆଖୁରସ ଚାରି ସେର ଏକତ୍ର ଯଥାବିଧି ପାକକରି ଏହି ଘୃତ ପାନକଲେ ଋତକାସ ନିବୃତ୍ତ ହୁଏ । (ସୁଶ୍ରୁତ) **ଅଗ୍ନିବିସର୍ପରୋଗ**—୭-ଅଗ୍ନିବିସର୍ପ ରୋଗର ଦେହରେ ଦାହଜାତ ହେଲେ ବାରମ୍ବାର ଆଖୁରସ ପଞ୍ଚିକରି ସେଚନ କରିବ । (ବାଗ୍‌ଭଟ୍ଟ) **ପିତ୍ତଜନ୍ୟ ମୂତ୍ରରୋଗ**—୮-କେବଳ ଆଖୁରସରେ ମହୁ ମିଶାଇ ପାନକଲେ ପିତ୍ତଜ ବାନ୍ତି ଶାନ୍ତ ହୁଏ । (ଖ, ଅ, ) **କ୍ଷୀରବୃଦ୍ଧ୍ୟର୍ଥେ**—୯-ଆଖୁରମୂଳ କାଞ୍ଜୀ ସହିତ ବାଟି ପାନକଲେ ସ୍ତ୍ରୀମାନଙ୍କର କ୍ଷୀର ବଢ଼େ । (ଙ୍ଗ, ଌ,) **ମୂତ୍ରମେହରୋଗ**—୧୦-ଆଖୁରସରେ ଅଁଳାରସ ମିଶାଇ ପାନକଲେ ଉଆଁ ମେହରୋଗର ପ୍ରଥମ ଅବସ୍ଥାରେ ବିଶେଷ ଉପକାର ମିଳେ । (ଆ,ବି,କୋ) ଆଖୁରସରେ ଏକପ୍ରକାର ମଦ୍ୟ ପ୍ରସ୍ତୁତ କରାଯାଏ । ଆଖୁରସକୁ ପାକ କରି ଗୁଡ଼ ଖଣ୍ଡ (ନବାତ) ଚିନି ଓ ମିଶ୍ରୀ ପ୍ରସ୍ତୁତ କରାଯାଏ । **ଆଖୁର ଦୁର୍ଗୁଣ**—ପ୍ରମେହ ରୋଗରେ, ଅଗ୍ନିମାନ୍ଦ୍ୟରେ, ମେହରୋଗ, କ୍ରିମିରୋଗ, ପୀନସ ଓ କଫରୋଗରେ ଆଖୁ ଅହିତକର ଅଟେ । ଯେଉଁମାନଙ୍କର ଗୁଣ୍ଡ ଗନ୍ଧାଏ ଏବଂ ଭୋଜନ ପରେ ବାନ୍ତି ହୁଏ । ସେମାନଙ୍କ ପକ୍ଷରେ ଏବଂ ଭଗନ୍ଦର ରୋଗି ପକ୍ଷରେ ଆଖୁର ରସ ଅନିଷ୍ଟକର ହୁଏ । ଗୁଡ଼, ଚିନି, ନବାତ ଓ ମିଶ୍ରୀର ଗୁଣ ଯଥାସ୍ଥାନରେ ଦେଖ । **ଇକ୍ଷୁରସାସବ**—ଆଖୁରସ ୧୨ ସେର, ଗୁଡ଼ ଏକ ସେର, ମହୁ ଦୁଇ ସେର । ସମସ୍ତ ଏକାଠେ ମିଶାଇ କଳା ମାଟି ପାତ୍ରରେ ମୁହଁ ଲୁଚ୍ଚ କରି ଏକ ମାସ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା ଅଧ ତୋଳାରୁ ୧ ଅାଉନ୍‌ସ । ଏହା ଯଦି ଏକା ଭାଗ ଅାସବରେ ତିନି ଭାଗ ଠାରୁ ଦଶ ଭାଗ ଜଳ ମିଶାଇ ତିନି ଘଣ୍ଟା ବ୍ୟବଧାନରେ ଅରେ ରୋଗିକୁ ଦେଲେ, ମୂତ୍ର ସ୍ୱଚ୍ଛ ହୁଏ ଏବଂ ତୃଷ୍ଣା, ହଇଜା, ମୂତ୍ରକୃଚ୍ଛ୍ର ପ୍ରଭୃତି ରୋଗ ଦୂର ହୁଏ । (ବୃ,ଆ,ଅ,ସ)

**୪୮-ଅାଙ୍କୁଳଗଛ—Alangium Decapela-lum.** ଏହାର ସଂସ୍କୃତ ନାମ—ଅଙ୍କୋଲ, ଦୀର୍ଘକୀଳକ, ନିମ୍ନପର୍ଣ୍ଣ ଓ ବିଷଘ୍ନ । ଏହାକୁ ବଙ୍ଗଭାଷାରେ ଆଙ୍କୋଡ଼, ହିନ୍ଦୀରେ ଢେରା, ଢେରା, ଥୈର ଓ ଅଙ୍କୁଲ ଏବଂ ତେଲୁଗୁରେ ଉଡ଼ୁଗାଚେଟ୍ଟୁ ବୋଲନ୍ତି । ଫୁଲର ବର୍ଣ୍ଣ ଭେଦରେ ଆଙ୍କୁଳ ଗଛ ତିନପ୍ରକାର ହୁଏ । ଯଥା—ରଙ୍ଗ, ଧଳା ଓ କଳା । ଏଥିମଧ୍ୟରେ ରଙ୍ଗଆଙ୍କୁଳ ବିଶେଷ ଭାବରେ ସର୍ପ ବିଷ ନାଶକ ଅଟେ । ଆଙ୍କୁଳର ପତ୍ର, ଫଳ, ବୀଜ, ଛାଲ ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଆଙ୍କୁଳପତ୍ରର ରସ ଓ ଛାଲର କ୍ୱାଥ କଟୁ, ତିକ୍ତ ଏବଂ ଉଷ୍ଣ । ୧—ଏହା ସେବନ କଲେ ବାତ, ରକ୍ତାତିସାର, କ୍ରିମି, କୁଷ୍ଠ, ବ୍ରଣ, ଫିରଙ୍ଗରୋଗ, ଚର୍ମ୍ମବିକାର, ଶୋଥ, ବିସର୍ପରୋଗ ଓ ରକ୍ତପିତ୍ତ ନିବାରିତ ହୁଏ । ୨—ସକଳ ପ୍ରକାର ସର୍ପବିଷ, ମୂଷିକବିଷ, ବିଛାବିଷ, ବାଇକୁକୁର ଓ ବାଇକୋକିଆର ବିଷ ରୋଗରେ ଏହା ସେବନ ଓ ଦଷ୍ଟସ୍ଥାନରେ ଲେପନ କଲେ ଉତ୍ତମ ଫଳ ଲାଭ ହୁଏ । **ଆଙ୍କୁଳ ଛାଲ**—୩—ଅାଙ୍କୁଳ ଚେରର ବାଟି ଲଗାଇଲେ ଗ୍ରହପୀଡ଼ା, ଭୂତ ପ୍ରେତର ଆବେଶ ଏବଂ ପିଲମାନଙ୍କର ଅନାର୍ଥିକା ମିତ୍ରକା ରୋଗ ଭଲ ହୁଏ । ୪—ଆଙ୍କୁଳ ଛାଲର ଚୂର୍ଣ୍ଣ ପାଞ୍ଚ ରତି ପରିମାଣେ ସେବନ କଲେ ଜ୍ୱର ରୋଗର ଦେହରୁ ଝାଳ ବାହାର କରାଏ ଏବଂ ଶୀତ, ଘର୍ମ୍ମ, ଦାହ ଓ ତୃଷ୍ଣା ନିବାରିତ ହୁଏ । ୫—ଆଙ୍କୁଳ ଛାଲର ଚୂର୍ଣ୍ଣ ମୃଦୁ ବିରେଚକ ଓ ବାନ୍ତି କାରକ । ୬—ଏହା ଚାଉଳଧୂଆ ପାଣି ମହୁ ସହିତ ଅଳ୍ପ ମାତ୍ରାରେ ସେବନ କଲେ ଆମାତିସାର ଓ ରକ୍ତାତିସାର ପ୍ରଶମିତ ହୁଏ । ୭—ଆଙ୍କୁଳଛାଲକୁ ବାଟି ସେଥି ସହିତ ଯଥାବିଧି ତୈଳ ପାକ କରିବ । ଏହି ତୈଳ ମର୍ଦ୍ଦନ କଲେ ସନ୍ଧିବାତ ଭଲହୁଏ । ୟୁନାନୀ ଚିକିତ୍ସା ଶାସ୍ତ୍ରରେ ଆଙ୍କୁଳର ପ୍ରୟୋଗ । ଯଥା—୮-ଆଙ୍କୁଳଛାଲକୁ ବାଟି ତଦ୍ୱାରା ଦନ୍ତ ମାର୍ଜ୍ଜନ କଲେ ଦନ୍ତମାଂସର କ୍ଷତ ଓ ରକ୍ତସ୍ରାବ ନିବାରିତ ହୁଏ । ୯—ପେଟରେ କ୍ରିମି ହେଲେ ଆଙ୍କୁଳ ଛାଲର ଚୂର୍ଣ୍ଣ ମହୁ ସହିତ ସେବନ କରିବ । ଏଥିଦ୍ୱାରା ବିରେଚନ ହୋଇ ସମସ୍ତ କ୍ରିମି ବାହାରି ପଡ଼ନ୍ତି । ଆଙ୍କୁଳ ଛାଲର ପ୍ରଲେପ କୁଷ୍ଠ ଓ ଚର୍ମ୍ମ ରୋଗରେ ହିତକର ଅଟେ । ୧୦—ଆଙ୍କୁଳ ମଞ୍ଜୀ ଓ ଛାଲ ଏକାଠି ସମାନ ଭାଗରେ ବାଟି ତଣାପରି ମାତ୍ରା କରିବ । ଏଥିରୁ ଦୁଇମାତ୍ରା ସେବନ କଲେ ସୁଖରେ ବିରେଚନ ହୁଏ, ଏବଂ ଅର୍ଶ ରୋଗରେ ବିଶେଷ ଉପକାର ମିଳେ । **ଆଙ୍କୁଳମୂଳଦ୍ୱାରା ଔଷଧ ନିର୍ମାଣବିଧି**— ଆଙ୍କୁଳଗଛର ଛାଲି ବାହାର କରି ତାକୁ ଶୁଖାଇ ରଖିବ । ତା'ର ପରେ ଆଙ୍କୁଳର ଗୋଟିଏ ବଡ଼ ମୋଟ ମୂଳ ଖୋଳି ଆଣି ତହିଁରେ ଗୋଟିଏ ଗାତ ଖୋଳି ସେଥିରେ ଅଳ୍ପ ଆଙ୍କୁଳଛାଲ ରଖି ତା'ର ଉପରେ ବଙ୍ଗପରୀରେ ମୁଡ଼ା ହୋଇଥିବା ଗୋଟିଏ ତମ୍ବା ପଇସା

---

* ସବୁଧାନଚୂନା, ଗୁହ୍ଳଚୂନା, କୁଆଁଚନା ଓ ଚଣାଚୂନାର ମିଶ୍ରଣକୁ ଛତୁଆ ବୋଲନ୍ତି ।

ରଖିବ । ଏହି ପେଁଷା ଉପରେ ଆଖକଟ୍ଟ ଆଙ୍କୁଲ ଗୁଲି ରଖି କନା ମାଟି ସେଥିରେ ଲେପଦେଇ ଗୁଲରେ ଶୁଖାଇ ଗଜ ପୁଟ ଦେବ । ଶୀତଳ ହେବାପରେ ବାହାର କରି ଶ୍ୱେତ ବର୍ଣ୍ଣ ଭାମ୍ର ଭସ୍ମ ଗ୍ରହଣ କରିବ । ଏହି ଭସ୍ମ ଏକଷୋଡ଼ଶାଂଶ ଗ୍ରାମ ଠାରୁ ଏକଅଷ୍ଟମାଂଶ ଗ୍ରାମ ପରିମାଣରେ ଉପଯୁକ୍ତ ଅନୁପାନ ସହିତ ସେବନ କଲେ ଶରୀରର ସମସ୍ତ ବ୍ୟାଧି ନଷ୍ଟହୁଏ । **ଆଙ୍କୁଲରପତ୍ର**—୧୧-କୌଣସି ଅଙ୍ଗରେ ଆଘାତ ବାଜି ଦରଜ ହେଲେ ଆଙ୍କୁଲ ପତ୍ରକୁ ଗରମ କରି ତା' ଉପରେ ବାନ୍ଧିବ । ଆଙ୍କୁଲ ପତ୍ରକୁ ବାଟି ସେଥି ସହିତ ସୋରିଷ ତେଲକୁ ଯଥାବିଧି ପାକକରି ଏହି ତେଲ ଲଗାଇଲେ କାଛୁ, କୁଣ୍ଡିଆ ଓ ଘା' ଭଲହୁଏ । **ଆଙ୍କୁଲରଫୁଲ**—ଏହା ମଧୁର, ଶୀତଳ, କଫନାଶକ, ବାର୍ଯ୍ୟବର୍ଦ୍ଧକ, ବଳକାରକ ଓ ବିରେଚକ । ବାତ, ପିତ୍ତ, ଦାହ ଓ ରକ୍ତ ବିକାରକୁ ଏହା ନାଶକରେ । **ଆଙ୍କୁଲଫଳ**—୧୨-ଆଙ୍କୁଲ ଫଳକୁ ପେଷି ତହିଁରେ ମିଶ୍ରୀ ମିଶାଇ ପାନ କଲେ ରକ୍ତପିତ୍ତ ରୋଗ ପ୍ରଶମିତ ହୁଏ । ୧୩—ଏହି ଫଳ ବାଟି ଲେପନ କଲେ ଦେହର ଦାହ ନିବାରିତ ହୁଏ । ୧୪—ସ୍ନିଗ୍ଧରର ଖୀର ସହିତ ଆଙ୍କୁଲ ଫଳର ରସ ମିଶାଇ ଖାଇଲେ ଭୁଆଁ ମେହ ଭଲହୁଏ । **ଆଙ୍କୁଲମଞ୍ଜୀର ତେଲ**—ଗୋଟିଏ ହାଣ୍ଡିର ମୁହଁରେ କନାବାନ୍ଧି ତା'ଉପରେ ଗ୍ରୁଣ୍ଡପାଇଥିବା ଆଙ୍କୁଲମଞ୍ଜୀ କୁଟି ରଖିବ ତହିଁ ଉପରୁ ପାତଳ ଅଭ୍ର ପଟା ତା'ଉପରେ ପକାଇ ତା' ଉପରେ ଅଙ୍ଗାର ନିଆଁ ରଖିବ । ଏହି ଅଙ୍ଗାର ନିଆଁରେ ମଞ୍ଜୀଗୁଡ଼ିକ ତାତିଗଲେ ସେଥିରୁ ତେଲ ବାହାରି ହାଣ୍ଡିରେ ପଡ଼ିବ । ଏହାର ନାମ ଆଙ୍କୁଲତେଲ । ୧୫—ଆଙ୍କୁଲ ତେଲରେ ତୁଳା ଭିଜାଇ ତଦ୍ଦ୍ୱାରା ପଟି ବାନ୍ଧିଲେ ହଣା ଘା'ର ରକ୍ତସ୍ରାବ ତୁରନ୍ତ ବନ୍ଦ ହୁଏ, ଏବଂ ଶୀଘ୍ର ଘା' ଶୁଖିଯାଏ । ୧୬—ଆଙ୍କୁଲ ତେଲ ୨୫୦, ବାଦାମତେଲ ୬୦ ଗ୍ରାମ ଏକତ୍ର ନିଆଁରେ ତରଳାଇ ରଖିବ । ଥଣ୍ଡା ହେଲେ ତହିଁରେ ଦେଢ଼ ଗ୍ରାମ ମୟୂରଚୁଳିଆ ଭସ୍ମ ମିଶାଇ ଉତ୍ତମ ରୂପେ ଘାଣ୍ଟି ୨ ମଲମ ପ୍ରସ୍ତୁତ କରିବ । ଏହି ମଲମ ଲଗାଇଲେ ଦାଦ, କଣ୍ଡୁ, ଭଗନ୍ଦର, ନାନାବିଧ ଦୁଷ୍ଟବ୍ରଣ ଓ ଚର୍ମରୋଗ ବିନଷ୍ଟ ହୁଏ । ୧୭—ପାଞ୍ଚଟୋପା ଆଙ୍କୁଲ ତେଲରେ ଅଳ୍ପ ମିଶ୍ରୀ ମିଶାଇ ପ୍ରୟୋଗ କଲେ ବସୁଚିକା ରୋଗରେ ଉତ୍ତମ ଫଳ ଲାଭ ହୁଏ । ୧୮—ଏହି ତେଲ ୫—୧୫ ବିନ୍ଦୁ ପର୍ଯ୍ୟନ୍ତ ଦୁଧରେ ମିଶାଇ ଖାଇଲେ ପ୍ରମେହ, ଦୁର୍ବଳତା, ଶିରୋଘୂର୍ଣ୍ଣନ ଓ ଅନ୍ଧକାର ଦର୍ଶନ ଇତ୍ୟାଦି ରୋଗ ଦୂର ହୁଏ । ୧୯—କୋଡ଼ିଏ ଟୋପା ଆଙ୍କୁଲ ତେଲ ଟିକେ ଦୁଧରେ ମିଶାଇ ଖାଇଲେ ଅସାଧ୍ୟ ମୂତ୍ରକ୍ୟା ଆରୋଗ୍ୟ ହୁଏ । ୨୦—ଆଙ୍କୁଲ ତେଲ ଓ ରାସିତେଲ ଏକାଠେ ମିଶାଇ ମୁଣ୍ଡରେ ଲଗାଇଲେ ବାଳ ବଢ଼େ ଏବଂ ଉକୁଣୀ ମରନ୍ତି । ୨୧—ଚନ୍ଦନ ଚୂନା ଓ ହଳଦୀ ଗୁଣ୍ଡରେ ଆଙ୍କୁଲତେଲ ମିଶାଇ ଦେହରେ ଲଗାଇଲେ ବସନ୍ତ ଦାଗ ଦେହରୁ ଛାଡ଼ିଯାଇ ଦେହର ବର୍ଣ୍ଣ ସୁନ୍ଦର ଦିଶେ । (ଆ,ବି,କୋ) ବୈଦ୍ୟଶାସ୍ତ୍ରରେ ଆଙ୍କୁଲର ବ୍ୟବହାର ଯଥା—**ଦନ୍ତକାଷ୍ଠଗତ ବିଷରୋଗେ**—୨୨-ବିଷାକ୍ତ ଦାନ୍ତକାଠି ଦ୍ୱାରା ଦନ୍ତମାର୍ଜନ କଲେ ଜିଭ, ଦାନ୍ତ ମାଂସ ଏବଂ ଓଷ୍ଠ ଫୁଲି ଉଠେ । ଏହିପରି ଅବସ୍ଥାରେ ଆଙ୍କୁଲ ଗୁଲିର ଚୂର୍ଣ୍ଣ ମଧୁ ସହିତ ଯୋଗକରି ତଦ୍ଦ୍ୱାରା ଧୀରେ ୨ ଦନ୍ତ ମାର୍ଜନ କରିବ । (ସୁଶ୍ରୁତ) **ବିଷାକ୍ତଅଞ୍ଜନଜାତଚକ୍ଷୁରୋଗେ**—୨୩—ଯଦି କୌଣସି ପ୍ରକାର ବିଷାକ୍ତ ଅଞ୍ଜନ ବ୍ୟବହାର କରି ଦୃଷ୍ଟିଶକ୍ତି ନଷ୍ଟ ହୁଏ, ତା ହେଲେ ବିଷଦୋଷ ନିବାରଣାର୍ଥେ ଆଙ୍କୁଲଫୁଲର ଅଞ୍ଜନ ଚକ୍ଷୁରେ ଲଗାଇବ । (ସୁଶ୍ରୁତ) **ମୂଷିକବିଷେ**—୨୪—ଆଙ୍କୁଲମୂଳର ଗୁଲି ଟିକେ ମୂତରେ ବାଟି ପାନ ଓ ଲେପନ କଲେ ସକଳ ପ୍ରକାର ମୂଷିକ ବିଷ ବିନଷ୍ଟ ହୁଏ । (ବାଗ୍‌ଭଟ୍ଟ) **ଅତିସାରରୋଗେ**—୨୫-ଆଙ୍କୁଲମୂଳର ଗୁଲି ୧୦ ଗ୍ରାମ ଚାଉଳଧୁଆ ପାଣି ସହ ବାଟି ପାନ କଲେ ସକଳ ପ୍ରକାର ଅତିସାର ଓ ଗ୍ରହଣୀ ବିନଷ୍ଟ ହୁଏ । (ଚକ୍ରଦତ୍ତ) **ସୁଖରଚନବଦ୍ଧବିକାରେ**—୨୬-ଅଙ୍କୁଲମୂଳ ଗୁଲିର କ୍ୱାଥ ପ୍ରସ୍ତୁତ କରି ତାହା ବହଳିଆ ହେବା ପର୍ଯ୍ୟନ୍ତ ପାକ କରିବ । ତା'ର ପରେ ଗାଈ ଘିଅ ସହିତ ଏହା ସେବନ କଲେ ସକଳ ପ୍ରକାର ବିଷ ବିକାର ନିବାରିତ ହୁଏ । ଏହି ଔଷଧ ସେବନ କରିବା ପୂର୍ବେ ରୋଗୀକୁ ରାସିତେଲ ମର୍ଦ୍ଦନ କରାଇ ସ୍ୱେଦ ଦେବ । (ଚକ୍ରଦତ୍ତ) **ବାଇକୁକୁରବିଷେ**—୨୭— ଗାଈଦୁଧ ସହିତ ଆଙ୍କୁଲ ମୂଳର ଗୁଲି ପୋଷଣ କରି ପାନ କଲେ ବାଇକୁକୁର ବିଷ ଭଲ ହୁଏ । (ଭାବପ୍ରକାଶ) **ମାତ୍ରା—ମୂଳର ଗୁଲି ୧—୩ ଗ୍ରାମ, ଏହାର ବାନ୍ତିକାରକ ମାତ୍ରା ୫ ଗ୍ରାମ ଠାରୁ** ଦଶ ଗ୍ରାମ ।

**୪୭-ଆଟିକାପୋଡ଼ଗଛ—Boerhaavi Diffusa.**

**Syn.** ଏହାର ସଂସ୍କୃତ ନାମ—ପୁନର୍ଣ୍ଣବା ଓ ବର୍ଷାଭୁ । ଏହାକୁ ହିନ୍ଦୀରେ ବିଷଖପରା, ଶାନାତ, ତେଲୁଗୁରେ ଅଟିକା-ମାମିଡ଼ି ବୋଲନ୍ତି । ଏହାର ପତ୍ରଶାକ କଫ, ବାତ, ଅର୍ଶ, ଶୋଥ ଓ ବ୍ରଧ୍ନ ରୋଗରେ ହିତକର । ୧—ଏହାର ସମୂଳ ସର୍ବାଙ୍ଗର କ୍ୱାଥ ପ୍ରସ୍ତୁତ କରି ତହିଁରେ ସୋରିଷାର ମିଶାଇ ପିଇଲେ ଶୋଥ ରୋଗ ପ୍ରଶମିତ ହୁଏ ଏବଂ ମୂତ୍ର ବିରେଚନ ହୁଏ । ୨—ଏହାର ପତ୍ର ବାଟି ଅଳ୍ପ ଉଷ୍ମ କରି ପ୍ରଲେପ ଦେଲେ ବଥ ପାଚି ଫାଟିଯାଏ । ୩—ଏହା ଶ୍ୱାସ ରୋଗରେ ହିତକର । (ବୈ, ଶ) ଏହାର ଅଧିକ ମାତ୍ରା ବମନ କାରକ । **ପୁନର୍ନବାସବ**—ଆଟିକା ପୋଡ଼ ଗଛର ପଞ୍ଚାଙ୍ଗ ପାଞ୍ଚକେଜିକୁ କୁଟି ବତିଶ କେଜି ଜଳରେ ସିଝାଇ ଚତୁର୍ଥାଂଶ ଥିବ ଓହ୍ଲାଇ ଛାଣି, ମାଟି ହାଣ୍ଡିରେ ରଖି ଥଣ୍ଡା ହେବାପରେ ମଧୁ ପାଞ୍ଚ କେଜି, ଧାତୁକୀ ଫୁଲ ଏକ କେଜି, ଦ୍ରାକ୍ଷା ଦୁଇ କେଜି,

ଅଟିକା ପୋଡ଼, କମ୍ଳ, ପଟୋଳ ପତ୍ର, ଶୁଣ୍ଠି, କଟୁକୀ, ଗୁଳୁଚୀ, ଦାରୁହଳଦୀ, କଙ୍କ ହରଡ଼ା, ପ୍ରତ୍ୟେକ ୧୦୦ ଗ୍ରାମ ହିସାବରେ ନେଇ କୁଟି ଚୂର୍ଣ୍ଣ କରି ଏକାଠେ ମିଶାଇ ମୁଖବନ୍ଦ କରି ଏକ ମାସ ରଖି ପୁଣି ବ୍ୟବହାର କରିବ । ମାତ୍ରା ଅର୍ଦ୍ଧ—୨ ଆଉନ୍ସ । ଏହା ହୃଦ୍‌ରୋଗ ଏବଂ ଶୋଥରୋଗ ନାଶକ । (ଗ,ନି)

**୪୭—ଆତାପିଫଳ—ସୀତାଫଳ ଦେଖ—**

**୪୮—ଆପୁ**—Opium (poppy, Papaver Somniferum) ଏହାକୁ ବଙ୍ଗ ଭାଷାରେ ଅଫିମ, ଏବଂ ତେଲୁଗୁରେ ନଲ୍ଲମାନ୍ଦୁ କୋଲନ୍ତି । ଏହା ଏକପ୍ରକାର ନିର୍ଯ୍ୟାସ । **ଆପୁରଶୋଧନବିଧି**—ଅଦାରସରେ ଏକୋଇଶି ଥର ଭାବନା ଦେଲେ ଆପୁ ବିଶୋଧିତ ଓ ବ୍ୟବହାର ଯୋଗ୍ୟ ହୁଏ । ଆପୁ ତିକ୍ତ ଓ ରୁକ୍ଷ । ୧—ଏହା ସେବନ କଲେ ପ୍ରମେହ, ବହୁମୂତ୍ର, କୁଷ୍ଠ, ଅତିସାର, ଗ୍ରହଣୀ, ଅମ୍ଳପିତ୍ତ ଓ ବିସ୍ଫୋଟ ରୋଗରେ ବିଶେଷ ଉପକାର ମିଳେ । ୨—ଗୃଧ୍ରସୀ, (କଟିବାତ) ସନ୍ଧିବାତ, ସକଳ ପ୍ରକାର ଶୂଳ, ଅଣ୍ଡବୃଦ୍ଧି, ଧନୁଷ୍ଟଙ୍କାର, କୋଷ୍ଠ-ଦାହ ଏବଂ ଅଣ୍ଡବୃଦ୍ଧି ରୋଗର ବେଦନା ନିବାରଣାର୍ଥେ ଆପୁ ସେବନ କରାଯାଏ । ୩—ଆମରକ୍ତ ଓ ପ୍ରଦରରୋଗରେ, ଶ୍ୱାସ, କାସ, ଯକ୍ଷ୍ମା, ଜ୍ୱର, ପୀନସ, ଅର୍ଶ, ବାତ, ଜମ୍ଭୃଲର ଓ କାଉକୁକୁରର କାମୁଡ଼ିବାରେ କମିକ ମାତ୍ରା ବୃଦ୍ଧି କରି ଆପୁ ସେବନ କଲେ ଉତ୍ତମ ଫଳପ୍ରଦ ହୁଏ । ୪—ଅମ୍ଳ ମନ୍ଦାଗ୍ନି-ଜନକ, ସାର୍ବଭୌମିକ, ରତିସୌଖ୍ୟପ୍ରଦ, ଭଗ୍ନଅସ୍ଥିର ସଂଯୋଜକ, ବେଦନା ହାରକ, ନିଦ୍ରାଜନକ, ଓ ସଦ୍ୟୋବ୍ରଣ ନାଶକ ଅଟେ । ୫—ବିସୂଚିକା ରୋଗରେ ପ୍ରଥମେ ଅଗ୍ନିକାରକ ଔଷଧ ପ୍ରୟୋଗ କରି ପରେ ରୋଗିକୁ ଆପୁ ଘଟିତ ଔଷଧ ସେବନ କରାଇଲେ ଚମତ୍କାର ଫଳ ହୁଏ । ଅଧିକ ମାତ୍ରାରେ ଆପୁ ସେବନ କଲେ ପ୍ରଥମେ ସମଧିକ ନିଃଶ୍ୱାସ ପ୍ରଶ୍ୱାସ ହୁଏ ଏବଂ ପରେ ମସ୍ତିଷ୍କ ଓ ହୃଦୟ ଉତ୍ତେଜିତ ହୋଇ କ୍ରମଶଃ ନିକ ମନୋବିକାର ଏବଂ ସର୍ବ ଶରୀରରେ ଅବସନ୍ନତା ଜାତ ହୁଏ । ଉନ୍ମାଦ, ସୂତିକୋ-ନ୍ମାଦ, ମଦାତ୍ୟୟ, ଚିତ୍ତବିକ୍ଷେପ ଜନିତ ଅନିଦ୍ରା, ପାକସ୍ଥଳୀର ଉତ୍ତେଜନାଜନିତ ବାନ୍ତି ଓ ହିକ୍କାରୋଗ ଏବଂ ମଧୁମେହ ରୋଗରେ ଆପୁର ପ୍ରୟୋଗ ବିଶେଷ ଉପକାର କରେ । ବାଳକମାନଙ୍କ ପକ୍ଷରେ ଏବଂ ଗର୍ଭବତୀ ସ୍ତ୍ରୀମାନଙ୍କ ପକ୍ଷରେ ଅଫିମର ବ୍ୟବହାର ବିଶେଷ ଅନିଷ୍ଟକର ଅଟେ । ଦୀର୍ଘକାଳ ଅଫିମ ଅଭ୍ୟାସ କଲେ, ଭୋକ ମନ୍ଦ ହୁଏ, ଶରୀର ଦୁର୍ବଳ ହୁଏ, ପୁରୁଷତ୍ୱ ନଷ୍ଟ ହୁଏ ଏବଂ ସନ୍ତାନ ହୁଏ ନାହିଁ । ୬—**ଅଫିମ ଅଭ୍ୟାସ ଛାଡ଼ିବାର ଉପାୟ**—କରମଞ୍ଜୀକୁ (କୋଚିଲା) ଦୁଗ୍ଧପକ୍ୱ କରି ନିଅନ୍ତେ ଅଫିମ ବଦଳରେ ବ୍ୟବହାର କରିବ । ଏହି ବଟିକାକୁ ଯେତେ ଦିନ ଯେଉଁ ପରିମାଣରେ ଆପୁ ଖାଏ, ସେତିକି ପରିମାଣରେ ତାକୁ ପାଞ୍ଚ ସାତ ଦିନ ଖୁଆଇଲେ ତା'ର ଆପୁ ଅଭ୍ୟାସ ଛାଡ଼ିଯାଏ । ଅଥବା କାଙ୍କଫଳ ଏକଭାଗ, କାଳିଅଙ୍କର (ଟିକଟିକର) ଟୋକେଇ ପତ୍ର ଦୁଇଭାଗ, ଏକତ୍ର ବାଟି ବଟିକା ପ୍ରସ୍ତୁତ କରିବ । ଏହି ବଟିକା ଉପଯୁକ୍ତ ପରିମାଣେ ଖାଇଲେ ଅଫିମ ଅଭ୍ୟାସ ଛାଡ଼ିଯାଏ । **ଆଉଗୋଟିଏ ଉପାୟ**—୭ ଶୁଦ୍ଧ କରମଞ୍ଜୀ ଦଶ ଗ୍ରାମ, ଗୁଆ ଦଶଗ୍ରାମ, ଗୋଲମରିଚ ନ'ଗ୍ରାମ ଏବଂ ତେନ୍ତୁଳିମଞ୍ଜୀ ଏକଗ୍ରାମ, ଏକତ୍ର ଚୂର୍ଣ୍ଣ କରି ଜଳରେ ମର୍ଦ୍ଦନ ପୂର୍ବକ ଚଣା ପରି ମାତ୍ରା କରିବ । ଅଫିମର ସମାନ ମାତ୍ରାରେ ଏହି ବଟିକା ସେବନ କଲେ ଠିକ୍ ନିଶା ହୁଏ । ଏବଂ ଏହା ଆଠ ଦଶଦିନ ଖାଇଲେ ଅଫିମ ଅଭ୍ୟାସ ଛୁଟିଯାଏ । ଏହି ଔଷଧ କିଛିଦିନ ବ୍ୟବହାର କରି ଛାଡ଼ିଦେଲେ ମଧ୍ୟ କିଛି କଷ୍ଟ ହୁଏ ନାହିଁ । **ଆପୁନଶାଇ ଭାଙ୍ଗିବା**—୮ ଅଧିକ ମାତ୍ରାରେ ଅଫିମ ଖାଇ କାହାର ବୁଦ୍ଧି ହେଲେ ୧ ଅଦାରସ, ୨ ଶୁଣ୍ଠି, ୩ ହିଙ୍ଗୁପାଣି, ୪ ସୈନ୍ଧବ ଓ ପିପ୍ପଳୀଚୂର୍ଣ୍ଣ, ୫ କଣ୍ଟାମାଟିସଗଛର ରସ କା ଦ୍ରାଅ ଏଥିମଧ୍ୟରୁ ଯାହା ମିଳିବ, ତାହା ରୋଗିକୁ ଉପଯୁକ୍ତ ମାତ୍ରାରେ ସେବନ କରାଇବ । ଅଧିକ ମାତ୍ରାରେ ଆପୁ ଖାଇ-ଥିଲେ ରୋଗିକୁ ମୟୂରଶିଖାର ଜଳ ଦିଆଇ ବାନ୍ତି କରାଇବ । ରସିରେ ଜମ୍ବୀର ସୋଡ଼ିଷ ତେଲରେ ଆପୁ ମିଶାଇ ଖାଇଲେ ପ୍ରାଣ ନଷ୍ଟ ହୁଏ । ଏହାର ପ୍ରତିକାରାର୍ଥେ—ମନୁଷ୍ୟର ମୂତ୍ରପାନ କରାଇବ । ଅପୁର ମାତ୍ରା ରତି ବିଂଶାଂଶ ଗ୍ରାମ । ଅଙ୍କଟୋଜାରକ—ଅଫିମ ୧୦ ଗ୍ରାମ, ଲେମ୍ବୁରସ ୧ କେଜି, ଚାଉଳ ଏକ କେଜି, ଏହି ସମସ୍ତ ଦ୍ରବ୍ୟ ଏକାଠେ ମିଶାଇ ବୋତ-ଲରେ ଭରିକି କରି ମୁଖବନ୍ଦ କରି ଏକୋଇଶି ଦିନ ରଖିବ । ଚଉଦ ଦିନ ପର୍ଯ୍ୟନ୍ତ ଦିନରେ ଥରେ ଦୁଇଥର ବୋତଲକୁ ହଲାଇ ରଖୁଥିବ, ଶେଷ ସାତଦିନ ହଲାଇବାକୁ ହେବ ନାହିଁ । ପରେ ଛାଣି ଶିଶିରେ ରଖିବ । ମାତ୍ରା—୧୦ ବିନ୍ଦୁଠାରୁ ୭୦ ବିନ୍ଦୁ । ଶିଶୁ ମାତ୍ରା ୫—୩୦ ବିନ୍ଦୁ । ବାନ୍ତି ଏବଂ ଝାଡ଼ା କୌଣସି ଉଦରାମୟ (ହଇଜା) ରୋଗର ପରୀକ୍ଷିତ ଅବ୍ୟର୍ଥ ଔଷଧ । (ବୈ. ବୁ. ନି)

**୪୯—ଆପୁଡାଲଖାର**—ସୋଡାଖାର ଦେଖ—

**୫୦—ଆପୁମଞ୍ଜୀ**—Poppy seeds. ଏହାର ସଂସ୍କୃତ ନାମ—ଖସ୍‌ଖସ, ସୂକ୍ଷ୍ମବୀଜ ଓ ଖସ୍ ଖସ୍ । ଏହାକୁ ବଙ୍ଗ-ଭାଷାରେ ପୋସ୍ତଦାନା, ହିନ୍ଦୀରେ ଖାଶ୍‌ଦାନା, ଏବଂ ତେଲୁଗୁରେ ଗସଗସାଲୁ କୋଲନ୍ତି । ଏହା ମଧୁର, ସ୍ନିଗ୍ଧ, ଆୟୁ ପୁଷ୍ଟିକର, ବାତ ନାଶକ, ବଳବୀର୍ଯ୍ୟବର୍ଦ୍ଧକ, ନିଦ୍ରାଜନକ ଓ ବାଜୀକର ଅଟେ । ଶ୍ଳୀପଦ, ଅତିସାର ଓ ଗ୍ରହଣୀ ରୋଗରେ ଏହା ପ୍ରୟୋଗ କରାଯାଏ । ମସ୍ତିଷ୍କରୋଗ, ବୃକ୍କରୋଗ, କାସ ଓ ଛାତିକାଶ ରୋଗରେ ଏହା ଉପକାରୀ ଅଟେ ।

**୫୧ ଆମ୍ବଡ଼ା**—Spondias Mangifera. ଏହାର ସଂସ୍କୃତ ନାମ—ଆମ୍ରାତକ, କପିଚୂତ, ପୀତନକ ଓ ତନୁକ୍ଷୀର । ଏହାକୁ ବଙ୍ଗଭାଷାରେ, ଆମ୍ଡ଼ା, ହିନ୍ଦୀରେ ଅମ୍ବାଡ଼ା ଏବଂ ତେଲୁଗୁରେ ଅମ୍ବାଳମ୍ବାଳୁ କୋଲନ୍ତି ।

**ଆମ୍ବଡ଼ାର କଞ୍ଚାଫଳ**—ଏହା କଷାୟ, ଅମ୍ଳ, ଗୁରୁ, ଉଷ୍ଣ, ରୁଚିକର ବିରେଚକ ଓ ବାତନାଶକ ଅଟେ । ଆମ୍ବଡ଼ାର ପାଚିଲା ଫଳ-ଏହା ମଧୁର, ଅମ୍ଳ, ସ୍ନିଗ୍ଧ ଓ ଶୀତଳ ଅଟେ । ଆମ୍ବଡ଼ା ଫଳ ଭକ୍ଷଣ କଲେ ବାତ, ପିତ୍ତ, କ୍ଷତ, କ୍ଷୟ, ଦାହ ଓ ରକ୍ତଦୋଷ ନିବାରିତ ହୁଏ । ଏହା ଗ୍ରହଣୀ ରୋଗରେ ହିତକର ଅଟେ । ୧—ଆମ୍ବଡ଼ାଗଛର ଗ୍ରଞ୍ଜି କମ୍ବା ଏହାର ଅଠା ସେବନକଲେ ଆମରକ୍ତାତିସାର ଓ ଗ୍ରହଣୀ ରୋଗରେ ଉତ୍ତମ ଫଳ ଲାଭହୁଏ । ୨—ଯେଉଁ ସ୍ତ୍ରୀମାନଙ୍କର ସନ୍ତାନ ବାଲ୍ୟାବସ୍ଥାରେ ମରିଯାଉଥାଏ, ସେମାନେ ନବଜାତ ସନ୍ତାନର ନାଳାରେ କେତେସମୟ ଗଛରେ ଶୁଖି ରହିଥିବା ଆମ୍ବଡ଼ା ଫଳର ମଞ୍ଜି ରୂପା ତାବିଜରେ ମଧ୍ୟରେ ରଖି ଧାରଣ କରନ୍ତି । ୩—ଆମ୍ବଡ଼ା ପତ୍ରର ରସ ଉଷ୍ଣ କରି କାନରେ ପକାଇଲେ କାନଦରଜ ବନ୍ଦହୁଏ । ୪—ହଣାଦାଣ୍ଡରେ ଆମ୍ବଡ଼ାପତ୍ର ବାଟି ଲଗାଇଲେ ରକ୍ତସ୍ରାବ ବନ୍ଦହୁଏ । ୫—ଆମ୍ବଡ଼ା ଗଛର କାଠରେ କ୍ୱାଥ ପ୍ରସ୍ତୁତ କରି ସେବନକଲେ ଲୁଅଁମେହ (ଗଣୋରିଆ) ଏବଂ ଶ୍ୱେତପ୍ରଦର ରୋଗରେ ଉତ୍ତମ ଫଳ ଲାଭହୁଏ ।

**୫୨—ଆମ୍ବକଣ୍ଟିଅଦା**—Curcuma Arometica. Salisb. ଏହାର ସଂସ୍କୃତ ନାମ—ଆମ୍ରହରିଦ୍ରା । ଏହାକୁ ବଙ୍ଗଭାଷାରେ ଆମଆଦା, ହିନ୍ଦୀରେ ଆମ୍ବେହଲଦୀ ଏବଂ ତେଲୁଗୁରେ ମାମିଡ଼ିଅଲ୍ଲମୁ ବୋଲନ୍ତି । ଏହା ତିକ୍ତ, ଅମ୍ଳ, ଗ୍ରହଣୀରୋଗଘ୍ନ, ରୁଚିକର, ମୃଦୁ ବିରେଚକ, ଅଗ୍ନିଦୀପକ ଓ ଅତିସାର ନାଶକ ଅଟେ । କାସ, ଶ୍ୱାସ, ମୁଖରୋଗ, ହିକ୍କା, ଅର୍ଶ, ରକ୍ତବିକାର, କଫ, ଜ୍ୱର, କଣ୍ଡୁ ଓ ବ୍ରଣରୋଗରେ, ଏହା ହିତକାରୀ । ଏହାର ପ୍ରଲେପ ଦଦ୍ରୁରୋଗ ନାଶକ ଓ ଓ ଘାତ ବେଦନା ନିବାରକ । ଏହା ସେବନ କଲେ ଶୂଳ, ପ୍ରମେହ, ମୂତ୍ରାଘାତ ଓ ଅଶ୍ମରୀ ରୋଗରେ ଉପକାର ମିଳେ । ଏହାର ମାତ୍ରା ୧୦—୨୦ ଗ୍ରାମ ।

**୫୩—ଆମ୍ବଗଛ**—Mangifera Indica. ଏହାର ସଂସ୍କୃତ ନାମ—ଆମ୍ର, ଚୂତ, ରସାଳ ଓ ପିକବଲ୍ଲଭ । ଏହାକୁ ବଙ୍ଗଭାଷାରେ ଆମ୍, ହିନ୍ଦୀରେ ଆମ୍, ଏବଂ ତେଲୁଗୁରେ ମାମିଡ଼ିପଣ୍ଡୁ ବୋଲନ୍ତି । ଏହାର ପତ୍ର, ଫୁଲ (ବଉଳ) ଫଳ, ମଞ୍ଜି (କୋଇଲି) ଓ ଗ୍ରନ୍ଥି ଔଷଧାର୍ଥରେ ବ୍ୟବହୃତ ହୁଏ । ଆମ୍ବପତ୍ରର ରସ ଓ ଗ୍ରନ୍ଥିର କ୍ୱାଥ କଷାୟ ରସ ଓ ଶୀତ ବୀର୍ଯ୍ୟ । **ଆମ୍ବପତ୍ର**—୧ ପାଚିଲା ଆମ୍ବପତ୍ରରେ ପ୍ରତିଦିନ ଦନ୍ତମାର୍ଜନ କଲେ ମୁଖ ଶୁଦ୍ଧ ହୁଏ ଏବଂ ଦନ୍ତମାଂସ ଦୃଢ଼ହୁଏ । ୨—ଆମ୍ବପତ୍ରର କ୍ୱାଥରେ କୁଳିକୁଞ୍ଚା କଲେ ଦନ୍ତରୋଗ ଓ ମୁଖ ଦୌର୍ଗନ୍ଧ୍ୟ ନିବାରିତ ହୁଏ । ୩—ପ୍ରତିଦିନ ଆମ୍ବପତ୍ର ଚୋବାଇଲେ ତୋତଲା ଦୋଷ ଦୂର ହୁଏ । ୪—ଆମ୍ବପତ୍ରର ରସ ରକ୍ତହଗା ରୋଗରେ ବିଶେଷ ଉପକାରକ । ୫—ଆମ୍ବପତ୍ରର ରସ ୨୦ ଗ୍ରାମ, ମହୁ ୧୦ ଗ୍ରାମ, ଦୁଧ ୧୦ଗ୍ରାମ, ଏବଂ ଘିଅ ୫ ଗ୍ରାମ, ଏ ସବୁ ଏକାଠେ ମିଶାଇ ସେବନ କଲେ ରକ୍ତ ଅମାଶୟ, ରକ୍ତାର୍ଶ ଓ ସ୍ତ୍ରୀ ମାନଙ୍କର ରକ୍ତପ୍ରଦର ବନ୍ଦ ହୁଏ । ୬—ଆମ୍ବପତ୍ର ଓ ଜାମପତ୍ରର କ୍ୱାଥକୁ ଶୀତଳ କରି ତହିଁରେ ମହୁ ମିଶାଇ ପିଇଲେ ପିତ୍ତଜ ବାନ୍ତି ବନ୍ଦହୁଏ । ୭—ଆମ୍ବପତ୍ରକୁ ବାଟି ମୁଣ୍ଡରେ ଲଗାଇଲେ ବାଳ ବଢ଼େ ଏବଂ କଳାବର୍ଣ୍ଣ ହୁଏ । ୮—ମୁଣ୍ଡରୁ ବାଳ ଉପୁଡ଼ି ଯାଉଥିଲେ ଆମ୍ବ ପତ୍ର ବାଟି ପ୍ରତିଦିନ ମୁଣ୍ଡରେ ଲଗାଇବ । ୯—ଶୁଖିଲା ଆମ୍ବ ପତ୍ରକୁ ଚୂର୍ଣ୍ଣ କରି ଚିଲମରେ ରଖି ତା'ର ଧୂମ ପାନକଲେ ଗଳକ୍ଷତ ନିବାରିତ ହୁଏ, ଏବଂ ହିକ୍କା ଓ ଅର୍ଶରୋଗରେ ଉପକାର ମିଳେ । ୧୦—ଯେଉଁମାନଙ୍କର କଣ୍ଠରେ ଓ ତାଳୁରେ କ୍ଷତ ହୋଇ ବନ୍ଦ ଯିବି, କଥା କହିବା ସମୟରେ ଗଁଣ ଗଁଣ ଶବ୍ଦହୁଏ, ସେମାନଙ୍କୁ ଆମ୍ବଗଛର ଝଡ଼ି ପଡ଼ିଥିବା ପତ୍ର ଆଣି ଚୂର୍ଣ୍ଣ କରି ତା'ର ଧୂମ ପାନକରାଇବ । ଆମ୍ବପତ୍ରର ପାଉଁଶ କମ୍ବା ତେଲ ଘୋରି ଲଗାଇଲେ ଆଖିର ଆଲୁଅ ଭଲହୁଏ । ୧୧—ଆମ୍ବପତ୍ର ଗୁଡ଼ିଏ ପୋଡ଼ି ପାଉଁଶ କରିବ, ଏହି ପାଉଁଶକୁ ପୋଡ଼ା ଘା'ରେ ପକାଇଲେ ଘା' ଶୁଖିଯାଏ । ୧୨—ଆମ୍ବ ପତ୍ରକୁ ଶୁଖାଇ ଚୂର୍ଣ୍ଣ କରି ସେବନ କଲେ ବହୁମୂତ୍ର ବନ୍ଦ ହୁଏ । ୧୩—ଆମ୍ବଗଛର ଅଠା ଲଗାଇଲେ ଗୋଡ଼ଫଟା ରୋଗ ଆରାମ ହୁଏ । **ଆମ୍ବଗ୍ରନ୍ଥି**—୧୪—ଆମ୍ବଗଛର କଞ୍ଚାଗ୍ରନ୍ଥି କୁଟି ରାତିରେ ୨୫୦ ଗ୍ରାମ ଜଳରେ ବତୁରାଇ ରଖିବ, ସକାଳେ ଏହାକୁ ଉତ୍ତମରୂପେ ଚକଟି ଛାଣିବ । ଏହିପରି ନିୟମରେ ଏହି ଜଳ ଏକସପ୍ତାହ ପାନକଲେ ପ୍ରମେହ ରୋଗରେ ବିଶେଷ ଉପକାର ମିଳେ । ୧୫—ଆମ୍ବଗ୍ରନ୍ଥିର କ୍ୱାଥ ରକ୍ତପିତ୍ତ, ରକ୍ତାତିସାର, ରକ୍ତାର୍ଶ, ରକ୍ତପ୍ରଦର ଓ ପ୍ରମେହ ରୋଗରେ ପ୍ରୟୋଗ କଲେ ଉତ୍ତମ ଫଳ ଲାଭ ହୁଏ । ୧୬—ଆମ୍ବଗ୍ରନ୍ଥିର ରସ ୪୦ ଗ୍ରାମ, ଓ ଚୂନପାଣି ୧୦ ଗ୍ରାମ ଏକାଠେ ମିଶାଇ ପ୍ରାତଃକାଳ ସେବନ କରିବ । ଉପଦଂଶମେହ (ଗଣୋରିଆ) ରୋଗର ଏହା ପରମୋତ୍କୃଷ୍ଟ ଔଷଧ ଅଟେ । ୧୭—ଆମ୍ବଗ୍ରନ୍ଥିର କ୍ୱାଥରେ କୁକୁଡ଼ା ଡିମ୍ବର ଶ୍ୱେତଅଂଶ ଏବଂ ଅଳ୍ପ ଆପୁ ମିଶାଇ ଖାଇଲେ ଆମରକ୍ତ ହଗା ଅତି ଆଶ୍ଚର୍ଯ୍ୟ ରୂପେ ପ୍ରଶମିତ ହୁଏ । ୧୮—ଆମ୍ବଗ୍ରନ୍ଥି ଦହିରେ ବାଟି ଖାଇଲେ ଅତିସାର ବନ୍ଦହୁଏ । ୧୯—ଆମ୍ବଗ୍ରନ୍ଥିର କ୍ୱାଥରେ କୁଳିକୁଞ୍ଚା କଲେ ତୁଣ୍ଡର ଘା' ଏବଂ ଦୌର୍ଗନ୍ଧ୍ୟ ବିନଷ୍ଟ ହୁଏ । ୨୦—ଆମ୍ବଗ୍ରନ୍ଥି କ୍ୱାଥର ପିଚକାରୀ ଶ୍ୱେତପ୍ରଦର; ଗୁହ୍ୟଭ୍ରଂଶ ଓ ଯୋନିଭ୍ରଂଶ ରୋଗରେ ଅତିଶୟ ଉପକାର କରେ । **ଆମ୍ବବଉଳ**—୨୧—ଆମ୍ବବଉଳକୁ ଶୁଖାଇ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣ ୧୦ ଗ୍ରାମ ପରିମାଣରେ ମିଶ୍ରୀ ସହିତ ମିଶାଇ ଖାଇଲେ ବୀର୍ଯ୍ୟ ସ୍ତମ୍ଭନ ହୁଏ ଏବଂ କଫ ଓ ରକ୍ତଦୋଷ ପ୍ରଶମିତ ହୁଏ । ୨୨—ଆମ୍ବବଉଳର ପିଚକାରୀ ଯୋନିରେ ଧାରଣ କଲେ ଯୋନିର କ୍ଲେଦ ଓ ଦୌର୍ଗନ୍ଧ୍ୟ ନିବାରିତ ହୁଏ । ୨୩—ଅତିସାର

ପ୍ରବାହିକା ଓ ପ୍ରମେହ ରୋଗରେ ଆମ୍ରବଲ୍କଲର କ୍ୱାଥ ହିତକର ଅଟେ । ୨୪—ଶୋଇବା ଘରେ ଆମ୍ର ବଲ୍କଲର ଧୂଆଁ ଦେଲେ ମଶା ଲାଗନ୍ତି ନାହିଁ । **ଆମ୍ରରଳସା**—ଏହା ଉଷ୍ଣ ଓ ରୂକ୍ଷ । ଆମ୍ରଳସା ଦେହରେ ଲାଗିଲେ ଘା' ହୁଏ । ଏହି ଘା'ର ଆରୋଗ୍ୟ ନିମିତ୍ତ ଘିସିତେଲ କିମ୍ବା କ୍ଷୀର ଘୀର ଲଗାଇବ । **ଆମ୍ରକଶି**—ଏହା କଷାୟ, ଅମ୍ଳ, ରୂକ୍ଷ, ରକ୍ତପିତ୍ତବର୍ଦ୍ଧକ ଓ କଫକାରକ । **ଆମ୍ରଶୁଣ୍ଠୀ**—ଶୁଖିଲା କଶି ଆମ୍ରକୁ ଆମ୍ରଶୁଣ୍ଠୀ ବୋଲନ୍ତି । ୨୫—ଆମ୍ରଶୁଣ୍ଠୀର ଚୂର୍ଣ୍ଣ କିମ୍ବା କ୍ୱାଥ ସେବନ କଲେ ଅତିସାର, ଗ୍ରହଣୀ, ବହୁମୂତ୍ର ଓ ଶୁକ୍ରତାରଲ୍ୟ ରୋଗ ବିନଷ୍ଟ ହୁଏ । ଯେଉଁମାନଙ୍କର ପରିଶ୍ରମ ସହିତ ଶୁକ୍ରକ୍ଷୟ ହୁଏ ଏବଂ ସ୍ତ୍ରୀ ସମ୍ଭୋଗର ଆରମ୍ଭରେ ଯେଉଁମାନଙ୍କର ବୀର୍ଯ୍ୟ ସ୍ଖଳିତ ହୁଏ, ସେମାନଙ୍କୁ ଦେଢ଼ ଗ୍ରାମଠାରୁ ୩ ଗ୍ରାମ ମାତ୍ରାରେ ଆମ୍ରଶୁଣ୍ଠୀର ଚୂର୍ଣ୍ଣ କିଛି ଦିନ ସେବନ କରାଇଲେ ଶୁକ୍ରତାରଲ୍ୟ ନଷ୍ଟ ହୋଇ ସେମାନଙ୍କର ରତିଶକ୍ତି ବଢ଼େ । **କଞ୍ଚାଆମ୍ବ**—ଏହା ଅମ୍ଳରସ ଓ ଉଷ୍ଣ ବୀର୍ଯ୍ୟ । ଏହା ରୁଚିକାରକ ମଳରୋଧକ ଏବଂ ଗ୍ରହଣୀ ରୋଗରେ ହିତକର ଅଟେ । ଏହା ଅଧିକ ପରିମାଣେ ଖାଇଲେ ରକ୍ତପିତ୍ତ ବଢ଼େ ଏବଂ ଶୂଳ ଜାତହୁଏ । କଞ୍ଚାଆମ୍ବ ଖାଇଲେ ମୂତ୍ରାଶୟରେ ଥିବା ଅଶ୍ମରୀ ଦ୍ରାବିତ ହୁଏ । ଗର୍ଭିଣୀ ପକ୍ଷରେ ଏହା ଅପଥ୍ୟ ଅଟେ । ୨୬-ଗୋଟିଏ ଲୌହପାତ୍ରରେ କେତେ ଗୁଡ଼ିଏ କଞ୍ଚାଆମ୍ବ ରଖି ତହିଁରେ ଘିସିତେଲ ଓ କଳା କେସରର ରସ ଯୋଗକରି ଦୁଇମାସ କାଳ ଭୂମିରେ ପୋତିବ । ତା'ର ପରେ ଏହି ଆମ୍ବକୁ ବାହାରକରି ଅଳ୍ପ ପରିମାଣେ କିଛିଦିନ ସେବନ କଲେ ପାଚିଲା ବାଳ କଳା ବର୍ଣ୍ଣ ହୁଏ । ଅଗ୍ନିମାନ୍ଦ୍ୟ ରୋଗରେ ପାଣ୍ଡୁ, କାମଳା, ନେତ୍ରରୋଗ, ବିଷମଜ୍ୱର ଓ ରକ୍ତପିତ୍ତ ରୋଗରେ କଞ୍ଚାଆମ୍ବ ଏକାନ୍ତ ଅପଥ୍ୟ ଅଟେ । **ଆମ୍ରକୋଇଲି**—ଏହା କଷାୟ ଓ ଶୀତଳ । ଏହା ଚୂର୍ଣ୍ଣ କରି ସେବନ କଲେ ଅତିସାର, ଆମଶୂଳାହଗା, ରକ୍ତବାନ୍ତି, ରକ୍ତପ୍ରଦର, ଶ୍ୱେତପ୍ରଦର, ରକ୍ତାର୍ଶ କୃମି ରୋଗରେ ବିଶେଷ ଉପକାର ମିଳେ । ୨୭—ଗର୍ଭିଣୀ ସ୍ତ୍ରୀମାନଙ୍କର ଅତିସାର ହେଲେ ଆମ୍ରକୋଇଲି ଖଞ୍ଜା ଚୂର୍ଣ୍ଣ କରି ମହୁ ସହିତ ସେମାନଙ୍କୁ ଖୁଆଇବ । ୨୮—ନାକବାଟେ ରକ୍ତପଡ଼ିଲେ ଆମ୍ରକୋଇଲି ପାଣିରେ ବାଟି ତା'ର ରସ ନାକରେ ଚପୁଡ଼ିବ । ୨୯—ଆମ୍ର ଛାଲର କ୍ୱାଥରେ ମିଶ୍ରୀ ମିଶାଇ ପାନ କଲେ ଅତି ଉଗ୍ର ତୃଷା ବନ୍ଦ ହୁଏ । **ଆମ୍ବୁଲ**—୩୦—ଆମ୍ବୁଲକୁ ଗାଈମୂତ୍ରରେ ଘୋରି ଲଗାଇଲେ ମାଙ୍କଡ଼ଶାର ବିଷ ନଷ୍ଟ ହୁଏ । ଆମ୍ବୁଲ ଓ ରସୁଣ ଏକାଠି ବାଟି ଲଗାଇଲେ ବିଛା ବିଷ ବିନଷ୍ଟ ହୁଏ । ୩୧—ଆମ୍ବୁଲ ଖାଇଲେ ଗଞ୍ଜାର ନିଶା ଛାଡ଼ିଯାଏ । ଆମ୍ବୁଳର ଖଟା ଖାଇଲେ ଅରୁଚି ଛାଡ଼ିଯାଏ । **ପାଚିଲାଆମ୍ବ**—ଏହା ମଧୁର, ଅମ୍ଳ, ହୃଦ୍ୟ, ସ୍ନିଗ୍ଧ, ବଳକାରକ, ବାତହାରକ, ମୂତ୍ରପ୍ରଦ, କାନ୍ତିବର୍ଦ୍ଧକ କଫକାରକ ଓ ବୀର୍ଯ୍ୟବର୍ଦ୍ଧକ ଅଟେ । ପାଚିଲା ଆମ୍ବ ଯଥେଷ୍ଟ ପରିମାଣେ ଖାଇଲେ ଝାଡ଼ା ପରିଷ୍କାର ହୁଏ, ହୃଦ୍ରୋଗ ଓ ବାତଜକାସ ରୋଗରେ ବିଶେଷ ଫଳଲାଭ ହୁଏ । **ଆମ୍ରସଢ଼ା**—ଏହା ଖାଇଲେ ଦେହ ପୁଷ୍ଟି ହୁଏ, ବଳବୀର୍ଯ୍ୟ ବୃଦ୍ଧି ହୁଏ, ମୃଦୁ ବିରେଚନ ହୁଏ ଏବଂ ତୃଷା, ବାନ୍ତି, ଅରୁଚି ଓ ଅବସନ୍ନତା ଦୂର ହୁଏ । **ଆମ୍ବିଳଆମ୍ବ**—ଏହା ଅଗ୍ନିମାନ୍ଦ୍ୟ, ପାଣ୍ଡୁ, ବିଷମଜ୍ୱର, ନେତ୍ରରୋଗ, ରକ୍ତବିକାର ଓ କାମଳା ରୋଗ ଜାତକରେ । ଯଥେଷ୍ଟ ପରିମାଣେ ପାଚିଲା ଆମ୍ବ ଖାଇବା ଦ୍ୱାରା ଯେବେ ଅଜୀର୍ଣ୍ଣ ହୁଏ, ତେବେ ଉପଯୁକ୍ତ ମାତ୍ରାରେ ୧ ଘିଅ, ୨ ଦୁଧ, ୩ ଶୁଣ୍ଠି ଚୂର୍ଣ୍ଣ, ୪ ଲୁଣ, ୫ ତେନ୍ତୁଳି ପାନକରିବ । **ବୈଦ୍ୟଶାସ୍ତ୍ରରେ ଆମ୍ରର ପ୍ରୟୋଗ** । ଯଥା—**ରକ୍ତପିତ୍ତରୋଗେ**—୩୨—ନାକରୁ ରକ୍ତ ପଡ଼ିଲେ ଆମ୍ରର କୋଇଲି ବାଟି ତା'ର ରସ ନାକରେ ଚପୁଡ଼ିବ । (ଚରକ) । **ପିତ୍ତଜବାନ୍ତିରୋଗେ**—୩୩—ଆମ୍ରପତ୍ର ଓ ଜାମପତ୍ରର କ୍ୱାଥକୁ ଶୀତଳ କରି ତହିଁରେ ମହୁ ମିଶାଇ ପାନ କଲେ ପିତ୍ତଜ ବାନ୍ତି ନିବାରିତ ହୁଏ । (ଚରକ) **ରକ୍ତାତିସାରେ**—୩୪ ଆମ୍ର ମୂଳର ଛାଲି ଛେଳି ଦୁଧରେ ଉତ୍ତମ ରୂପେ ବାଟି ସେବନ କଲେ ରକ୍ତ ସ୍ରାବ ବନ୍ଦ ହୁଏ । (ଚକ୍ରଦତ୍ତ) **ବାତପ୍ରଧାନଶ୍ଳୀପଦରୋଗରେ**—୩୫—ସୁପକ୍ୱ ମଧୁର ଆମ୍ରର ରସ ମହୁ ସହିତ ଯୋଗକରି ରୋଗୀକୁ ପାନ କରାଇବ । (ଚକ୍ରଦତ୍ତ) **ମତ୍ସ୍ୟଭକ୍ଷଣ ଜାତ ଅଜୀର୍ଣ୍ଣରୋଗେ**—୩୬-ଅଧିକ ମାଛ ଖାଇ ଅଜୀର୍ଣ୍ଣ ହେଲେ ତା'ର ପ୍ରତିକାରାର୍ଥେ କଞ୍ଚାଆମ୍ବ ଖାଇବ । (ଭାବପ୍ରକାଶ) **ମାଂସଭକ୍ଷଣଜାତଅଜୀର୍ଣ୍ଣରୋଗେ**—୩୭—ଅଧିକ ପରିମାଣେ ମାଂସ ଭୋଜନ କରିବା ଦ୍ୱାରା ଯଦି ଅଜୀର୍ଣ୍ଣ ହୁଏ, ତେବେ ଆମ୍ରକୋଇଲି ପାଣିରେ ବାଟି ପିଇବ । (ଭାବପ୍ରକାଶ) **ଅତିସାରରୋଗେ**—୩୮—ଆମ୍ରଛାଲର ଉପରେ ଥିବା ବକଳାକୁ ଛୁରୀରେ ଚାଞ୍ଛି ବାହାର କରିଦେବ, ତା'ର ପରେ ସେହି ଛାଲକୁ ଗାଈ ଦହିରେ ଉତ୍ତମ ରୂପେ ବାଟି ପାନ କଲେ ଅତିସାର ଏବଂ ସେଥିରୁ ଜାତହେବା ଉଦର ଜ୍ୱାଳା ଓ ବେଦନା ଶୀଘ୍ର ପ୍ରଶମିତ ହୁଏ । (ଭାବପ୍ରକାଶ) **ପକ୍ୱାତିସାରେ**—୩୯—ଆମ୍ରର କୋମଳ ପତ୍ର ଓ କଇଁଠ ଫଳର ରସ ଏକାଠି ଚାଉଳଧୁଆ ପାଣିରେ ବାଟି ପାନକଲେ ପୁରାତନ ଅତିସାର ଭଲହୁଏ । (ବଙ୍ଗସେନ) **ଶୋଥରୋଗେ**—୪୦—ଶ୍ୱେତପୁନର୍ଣ୍ଣବୀ ପତ୍ର ଓ ଆମ୍ର ମୂଳର ଛାଲି ପ୍ରତ୍ୟେକ ଦୁଇ କେଜି ଏକପାଥା ଗ୍ରହଣ କରି ଚଉଷଠି କେଜି ଜଳରେ ପାକ କରିବ, ୧୬ କେଜି ଅବଶେଷ ରହିଲେ ଓହ୍ଲାଇ ୪ କେଜି ମୂର୍ଚ୍ଛିତ ଘୃତ ସହିତ ଏହା ଯଥାବିଧି ପାକ କରିବ, ତା'ର ପରେ ଅଧ କେଜି ପୁନର୍ଣ୍ଣବୀ ପତ୍ର ଓ ଅଧକେଜି ଆମ୍ର ମୂଳର ଛାଲି ଏକତ୍ର ବାଟି ଷୋଳକେଜି ଜଳ ସହିତ ପୂର୍ବୋକ୍ତ ଘୃତ ଯଥାବିଧି

ଆଣ୍ଡଅଣ୍ଡରେ ଘାଁକ କରିବ । ଏକସ୍ତ୍ର ଏହାର ଧାନ ଟୋପ ଭରି ଉପଦ୍ରୁତ ମାନଙ୍କରେ ଏହି ମୂଳ ସେବନକଲେ ଶୋଥ, ଗୁଳ୍ମ, ଏବଂ ଅଗ୍ନିମାନ୍ଦ୍ୟ ରୋଗ ପ୍ରଶମିତ ହୁଏ । (ବଙ୍ଗସେନ) ବାଳକମାନଙ୍କର ମୁଣ୍ଡରେ ଗ୍ରୁମି ଘା' ହେଲେ ଆମ୍ବଗଛର ମଞ୍ଜକାଠକୁ ଚୂର୍ଣ୍ଣକରି ଗେରୁ ଓ ରସାଞ୍ଜନ ସମାନ ଭାଗରେ ତହିଁରେ ମିଶାଇ ମହୁ ସହିତ ତାକୁ ଲଗାଇବ । (ବଙ୍ଗସେନ) **ଦାରୁଣରୋଗ** —୫୧-ଦାରୁଣ ନାମକ ଶିରୋ ରୋଗରେ ଆମ୍ବ କୋଇଲି ଓ ହରଡ଼ା ସମାନ ଭାଗରେ ଦୁଧରେ ବାଟି ମସ୍ତକରେ ଲେପନ କରିବ । ( ବୃ, ନି, ର ) **ଆମ୍ବଖାଇବାନିଷେଧ**—ଅର୍ଶ, ଗ୍ରହଣୀ, ଶ୍ୱାସ, କାସ ଓ ନେତ୍ର ରୋଗରେ ଏବଂ ରସ ଔଷଧ ଖାଇବା ସମୟରେ ଆମ୍ବ ଖାଇବା ନିଷେଧ । **ଆମ୍ରାସବ**— କଲମ୍ବ (କଲମି) ଆମ୍ବ ରସ ଦଶ ସେର, ଦ୍ରାକ୍ଷା ଏକ ସେର, ନାସପତି ଏକ ସେର, ସେଓ ଏକ ସେର, ବାଦାମ ମଞ୍ଜି ପାଞ୍ଚ ସେର, ଖଜୁରୀ ପାଞ୍ଚ ସେର, ଖଣ୍ଡ (ଅଖାବରେ ମିଶ୍ରୀ) ଅଢ଼ାଇ ସେର, ମହୁ ଏକ ସେର । ଏହି ସମସ୍ତ ଦ୍ରବ୍ୟ ଗୋଟିଏ ଶୁଦ୍ଧ ହାଣ୍ଡିରେ ଭରିତ କରି ସେଥିରେ ଧାତୁକୀ ଫୁଲ୍ ଦଶଗଣ୍ଡ ସେ ଷୋଳ ଗ୍ରାମ, ଜାଇପତ୍ରୀ, ଜାଇଫଳ, ଗୁଳୁଚି, ଲବଙ୍ଗ, ଏଲାଇଚ, ଧଣିଆଁ ପତ୍ରେକ ସ୍ତୁ ... ଗ୍ରାମ । ଜଳ କୋଡ଼ିଏ ସେର ଏହି ସମସ୍ତ ଏକାଠେ ମିଶାଇ ମୁଖରୁଦ୍ଧ କରି ଏକମାସ ରଖି ଛାଣି ବୋତଲରେ ଭରିବ କରିବ । ମାତ୍ରା—ଅଧ ଠାରୁ ଏକ ଆଉନ୍‌ସ୍ । ଦୁଧ କିମ୍ବା ଅନ୍ୟ ଜଳ ସହ ସେବନ କରିବ । ଉପଯୋଗ—ଏହା ଉତ୍ତମ ବଳକାରକ, ପୁଷ୍ଟିକାରକ, ବୀର୍ଯ୍ୟ ସ୍ତମ୍ଭକ, କାମୋଦ୍ଦୀପକ ଅଟେ ।

**୫୪—ଆମ୍ଳିକଶାଗ**—Oxalis Monadelpha. ଏହାର ସଂସ୍କୃତ ନାମ—ଚୁକ୍ରୋଗ୍ର, ଚୁକ୍ରିକା, ଦନ୍ତଶଠା ଓ ଅମ୍ଳଲୋଣିକା । ଏହାକୁ ବଙ୍ଗଭାଷାରେ ଆମରୁଲଶାକ, ହିନ୍ଦୀରେ ଚୁକା, ଆଁବଲୋନା, ଚୌପତିୟା, ଏବଂ ତେଲୁଗୁରେ ପୁଲି-ଚିଂଚିଲି ବୋଲନ୍ତି । ଏହାର ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା ଅମ୍ଳରସ, ଉଷ୍ଣବୀର୍ଯ୍ୟ ଓ ରୂକ୍ଷ । ଏହାର ରସ, କ୍ୱାଥ କିମ୍ବା ଚୂର୍ଣ୍ଣ ସେବନ କଲେ ଅରୁଚି, ଅଗ୍ନିମାନ୍ଦ୍ୟ, ବାତ, ଅର୍ଶ, ଗ୍ରହଣୀ, ଅତିସାର, ମେହ, ଚର୍ମରୋଗ ଓ କୁଷ୍ଠରୋଗରେ ଉପକାର ମିଳେ ଏବଂ ବହୁମୂତ୍ର ନିବାରିତ ହୁଏ । ୧—ଏହା ଧାରକ ହେତୁରୁ ଅମରକ୍ତାତିସାର, ଗୁଦଭ୍ରଂଶ (କଟିଆଖସି-ଯିବା) ଓ ଯୋନିଭ୍ରଂଶ ରୋଗରେ ସେବନ କରାଯାଏ । ୨—ଆମ୍ଳିକପତ୍ର ରସ ମର୍ଦ୍ଦନ କଲେ ପିତ୍ତଜ ଶିରୋରୋଗ ପ୍ରଶମିତ ହୁଏ । ୩—ଏହି ପତ୍ରରସ ଚକ୍ଷୁରେ ସେବନ କଲେ ଆଖିର ଫୁଲା, ମାଂସବୃଦ୍ଧି, କୋକଆ ଓ ପଡ଼ଳ ଭଲହୁଏ । ୪—ଧୁତୁରାର ମୂଳ କିମ୍ବା ବାଜ ସେବନ କରି ବିଷବିକାର ଗ୍ରସ୍ତ ହେଲେ ଆମ୍ଳିକପତ୍ରର ରସ ପାନ କରାଇବ । ବୈଦ୍ୟଶାସ୍ତ୍ରରେ ଆମ୍ଳିକ ଗଛର ବ୍ୟବହାର ଯଥା—ଅର୍ଶରୋଗ—୫-ସମାନ ଭାଗରେ ନ୍ୟଗ୍ରୋଧ ଓ ଘିଅ ମିଶାଇ ତଦ୍ୱାରା ଆମ୍ଳିକପତ୍ର କିମ୍ବା ଚାଙ୍ଗେରୀପତ୍ର ଭଜା ଦହି ସର ସହିତ ଖାଇଲେ ଅର୍ଶ ରୋଗରେ ବିଶେଷ ଉପକାର ଲାଭ ହୁଏ । ( ଚରକ ) **ସୁତିକଜ୍ୱରେ**—୬-ଏକ ହଜାର ଆମ୍ଳିକପତ୍ର ଓଜନ କଲେ ଯେତେ ହେବ, ତା'ର ପନ୍ଦର ଗୁଣ ଜଳରେ ସେହି ଆମ୍ଳିକପତ୍ରକୁ ପାକ କରିବ । ପାକ ବହୁଳଆ ହେଲେ ତାକୁ ଓହ୍ଲାଇ ତହିଁରେ ଗାଈଘିଅ ମିଶାଇ ପାନ କରିବ । ଏହିପରି ନିୟମରେ ୩ । ୪ ଦିନ ଏହି କ୍ୱାଥ ପାନ କଲେ ଦୁରିଦନ ଛଡ଼ା ଜ୍ୱର ଛାଡ଼ିଯାଏ । (ଚକ୍ରଦତ୍ତ) ରସର ମାତ୍ରା ୩୦—୬୦ ଗ୍ରାମ, ଚୂର୍ଣ୍ଣ—ଦେଢ଼ଗ୍ରାମ ଠାରୁ ୩ ଗ୍ରାମ, କ୍ୱାଥ ୪୦—୮୦ ଗ୍ରାମ ।

**୫୫—ଆମ୍ଳିପାଳଙ୍ଗଶାଗ**-Rumex Vesicarius. ଏହାର ସଂସ୍କୃତ ନାମ—ଚୁକ୍ର, ଦଳାମ୍ଳ ଓ ଅମ୍ଳବାସ୍ତୁକ । ଏହାକୁ ବଙ୍ଗଭାଷାରେ ଚୁକାପାଲଙ୍ଗ, ହିନ୍ଦୀରେ ଚୁକା ଏବଂ ତେଲୁଗୁରେ ପୁଲିଚକ୍ରିକୁ ବୋଲନ୍ତି । ଏହାର ସମୂଳ ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ରସ ଅମ୍ଳ, ଉଷ୍ଣ ଓ ଲଘୁ । ଏହା ସେବନ କଲେ ଅରୁଚି, ଅଗ୍ନିମାନ୍ଦ୍ୟ ଓ ବାତ ଗୁଳ୍ମ ପ୍ରଶମିତ ହୁଏ । ବୈଦ୍ୟଶାସ୍ତ୍ରରେ ଏହାର ପ୍ରୟୋଗ ଯଥା **କର୍ଣ୍ଣଶୂଳେ**—୧-ଆମ୍ଳିପାଳଙ୍ଗର ରସକୁ ଉଷ୍ଣ କରି କାନରେ ପକାଇଲେ କାନଟଣା ଭଲ ହୁଏ । ମାତ୍ରା—ପତ୍ରରସ ୧୦—୨୦ ଗ୍ରାମ ।

**୫୬—ଆରାରୁଟ**—ଏରାରୁଟ ଦେଖ—

**୫୭—ଆଲଷାଗନ୍ଧ**—୧— ଅଶ୍ୱଗନ୍ଧାପତ୍ରରେ ଜଡ଼ାତେଲ ଲଗାଇ ନିଆଁରେ ତାକୁ ଗରମ କରି କୋଷରେ ପାଟି ବାନ୍ଧିଲେ କୋଷର ଫୁଲା ଓ ବେଦନା ତୁଟିଯାଏ । ବିବଧ ବାତ ବେଦନା ଯୁକ୍ତ ଅଙ୍ଗରେ ମଧ୍ୟ ପୂର୍ବୋକ୍ତ ନିୟମରେ ଏହାର ପାଟି ଦିଆଯାଏ ।

**୫୮—ଆଲକାକର୍ପୂର—କର୍ପୂର ଦେଖ—**

**୫୯—ଆଳୁ**—Solanum Tuberosum. (Arum campanulatum) ଆଳୁର ସଂସ୍କୃତ ପର୍ଯ୍ୟାୟ—ଆଳୁ, ଆଳୁକ ଓ ବାରସେନ । ଆଳୁ ଅନେକ ପ୍ରକାର । ସକଳ ପ୍ରକାର ଆଳୁ ମଧୁର ରସ, ଶୀତବୀର୍ଯ୍ୟ ଓ ଗୁରୁପାକ । ଏହା ବାତ, କଫ, ବଳ, ବୀର୍ଯ୍ୟ ଓ ସ୍ତନ୍ୟବୃଦ୍ଧି କରେ ଏବଂ ରକ୍ତପିତ୍ତ ନାଶକରେ । ଅଧିକ ପରିମାଣେ ଆଳୁ ଖାଇଲେ ମଳ ଓ ମୂତ୍ରର ଅବରୋଧ ହୁଏ । **ଗୋଲଆଳୁ**—ଏହାକୁ ବିଲାତିଆଳୁ ମଧ୍ୟ ବୋଲନ୍ତି । ଏହାକୁ ଇଂରେଜୀ ଭାଷାରେ (Potato) କୁହାଯାଏ । ଏହା ମଧୁର ରସ, ଓ ଗୁରୁପାକ । ଏହାକୁ ତର୍କାରୀ କରି ଖାଇଲେ ବୀର୍ଯ୍ୟ ଗାଢ଼ ହୁଏ । ମୂତ୍ରାଶୟ ସବଳ ହୁଏ ଏବଂ କାମ ଶକ୍ତି ବଢ଼େ । ଏହାର ପୁରମା ଚକ୍ଷୁର ଜ୍ୟୋତି ବୃଦ୍ଧି କରେ । ୧—ଅଗ୍ନିଦଗ୍ଧ

ଅଙ୍ଗରେ ଅଳ୍ପ ବାଟି ପ୍ରଲେପ ଦେଲେ ଜ୍ୱାଳା ଯନ୍ତ୍ରଣା ନିବାରିତ ହୁଏ ଏବଂ କ୍ଷତ ଶୁଷ୍କ ହୁଏ । ଏହି ଅଳ୍ପ ସଙ୍କୋଚକ ଦ୍ରବ୍ୟ । ଏହା ଅଧିକ ପରିମାଣରେ ଖାଇଲେ କୋଷ୍ଠବଦ୍ଧ ହୁଏ ।

**୭୦—ଆଲୁବୋଖରା—Prunus communis.** ଏହାର ସଂସ୍କୃତ ନାମ ଆରୁକ, ମ୍ଳେଚ୍ଛାମ୍ଳିକା, ପାରସୀକ ଓ କାବୁଲକ । ଏହା ହିମାଳୟ ଏବଂ ଆଫଗାନି ସ୍ଥାନରେ ଜନ୍ମିବା ଏକ ବୃକ୍ଷର ଫଳ । ଏହା ମଧୁର, ଅମ୍ଳରସ ଓ ମୃଦୁବିରେଚକ । ରକ୍ତପିତ୍ତ ଜ୍ୱରରେ ଏହା ଅତ୍ୟନ୍ତ ଉପକାରୀ । ଏହା ଖାଇଲେ ଅରୁଚି ନିବାରିତ ହୁଏ ଏବଂ ମେହ ଗୁଲ୍ମ ଓ ଅର୍ଶ ରୋଗରେ ଉପକାର ମିଳେ ।

**୭୧—ଆଷାଢ଼ୁଆଗଛ**—ଏହାର ସଂସ୍କୃତ ନାମ—ଅର୍କଷା ଓ ଆଙ୍କୋଲ । ଏହାକୁ ତେଲୁଗୁରେ ଆଦୋଣ୍ଡା, ଆରୁଦୋଣ୍ଡା ବୋଲନ୍ତି । ଏହାର ମୂଳ ଓ ଫଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା ତିକ୍ତ ଏବଂ ଉଷ୍ଣ । ଏହା ସେବନ କଲେ ବାତ, କଫ, ବିଷଦୋଷ, ଗଳରୋଗ ଓ କେଶ ରୋଗ ବିନଷ୍ଟ ହୁଏ । ଆଷାଢ଼ୁଆ ମୂଳକୁ ଚୂର୍ଣ୍ଣ କରି ୩—୫ ଗ୍ରାମ ମାତ୍ରାରେ ସେବନ କଲେ ସୁଖରେ ବିରେଚନ ହୁଏ । ଆଷାଢ଼ୁଆ ଫଳ ତେଲରେ ଭାଜି ଖାଇଲେ ଅରୁଚି, ଅଗ୍ନିମାନ୍ଦ୍ୟ ଓ କୃମିରୋଗ ନିବାରିତ ହୁଏ । ମୂଳ କ୍ୱାଥର ମାତ୍ରା ୫୦—୧୦୦ ଗ୍ରାମ ।

**୭୨—ଇଟାଳାଫୁଲଅଞ୍ଜନ**—ଇଟାଳଫୁଲ ଓ ଅଳ୍ପ ଆଦୁ ଏକାଠେ ବାଟି ଚକ୍ଷୁରେ ଅଞ୍ଜନ ଦେଲେ ନେତ୍ରରୋଗ ଆରାମ ହୁଏ ।

**୭୩—ଇଟା—Brick.** ଏହାର ସଂସ୍କୃତ ନାମ—ଇଷ୍ଟକା ଓ ଇଷ୍ଟିକା । ଏହାକୁ ବଙ୍ଗଭାଷାରେ ଇଟ, ଏବଂ ହିନ୍ଦୀରେ ଇଟା ବୋଲନ୍ତି । ପ୍ରୟୋଗ—୧—ନୂଆଁ ଇଟାକୁ ନିଆଁରେ ଖୁବ୍ ତତାଇ ତହିଁରେ ଜଳ ଛିଞ୍ଚା ମଣ୍ଡୀ ସେବକ କରିବ । ଯେତେବେଳେ ତହିଁରୁ ବାଷ୍ପ ଉଠିବ, ସେତେବେଳେ ବସ୍ତ୍ରଦ୍ୱାରା ଦେହକୁ ଆବୃତ କରି ସମସ୍ତ ଦେହରେ ସେହି ବାଷ୍ପ ଦେବ, ଦେହରୁ ଝାଳ ବାହାରିବା ପର୍ଯ୍ୟନ୍ତ ଏହି ବାଷ୍ପ ଦେବାକୁ ହେବ । ଏଥିଦ୍ୱାରା ଦୀର୍ଘକାଳଜାତ ଶିରୋବେଦନା ଓ ସର୍ଦ୍ଦି ନିବାରିତ ହୁଏ । ୨—ବେଦନା ଯୁକ୍ତ ଅଙ୍ଗରେ ପୂର୍ବୋକ୍ତ ନିୟମରେ ଇଟାର ସେକ ଦେଲେ ବିଶେଷ ଲାଭ ହୁଏ । ୩—ଶରୀରରେ କୌଣସି ଅଙ୍ଗରେ ଗଣ୍ଠି ବା ଫୁଲା ହେଲେ ତହିଁରେ ଇଟାର ସେକ ବାରମ୍ବାର ଦେବ । ୪—ଅର୍ଶର (ମଳକଣ୍ଟକ) ବେଦନା ଓ ଶୂଳାଦିରୋଗର ବେଦନା ନିବାରଣାର୍ଥେ ତାତଲା ଇଟା ଉପରେ ଖଣ୍ଡିଏ ଲୁଗା ପକାଇ ରୋଗୀକୁ ତା' ଉପରେ ବସାଇଲେ ବିଶେଷ ଉପକାର ହୁଏ । ୫—ଇଟାକୁ ଗୁଣ୍ଡ କରି ଘା'ରେ ପକାଇଲେ ରକ୍ତସ୍ରାବ ବନ୍ଦ ହୁଏ । ୬—ଇଟାକୁ ଖଣ୍ଡ ୨ କରି ଗୁଡ଼ରେ ଦହିରେ ଦନ୍ତୁ-ରାଇବ । ସକାଳେ ଏହି ଦନ୍ତ ଗୁଣ୍ଡି ପାନ କଲେ ପୁରାତନ କ୍ଷତ ଦୂରୀଭୂତ ହୁଏ । ୭—ଇଟାକୁ ନିଆଁରେ ତତାଇ ପାଣିରେ ପକାଇବ । ଏହି ପାଣି ଥଣ୍ଡା ହେବା ପରେ ପିଆଇଲେ ଉତ୍କଟ ତୃଷା ନିବାରିତ ହୁଏ, ଏବଂ ଝାଡ଼ା ଉଠିବା ଓ ଓକାର ଆସିବା ବନ୍ଦହୁଏ । ୮—କୌଣସି ଔଷଧର ବାଷ୍ପ ଦେହରେ ଲଗାଇବାକୁ ହେଲେ ଇଟାକୁ ଭଲରୂପେ ତତାଇ ତା'ର ଉପରେ ଔଷଧର କ୍ୱାଥ ବା ରସ ଛିଞ୍ଚି ତା'ର ବାଷ୍ପ ଦେହରେ ଦେବା ବଡ଼ ସୁବିଧାଜନକ ହୁଏ । ୯—ଇଟାକୁ ଉତ୍ତମରୂପେ ଗୁଣ୍ଡ କରି ତହିଁରେ ଲୁଣ ମିଶାଇ କନା ପୋଟଳୀରେ ବାନ୍ଧି ନିଆଁରେ ତାକୁ ଗରମ କରି ତଦ୍ୱାରା ସେକିଲେ ଅଣ୍ଟାପିଡ଼ା ଓ ପିଠିପିଡ଼ା ଛାଡ଼ିଯାଏ । ୧୦—୧୦୦ ବର୍ଷର ପୁରୁଣା ଇଟାକୁ ଆଣି ଖଣ୍ଡ ଖଣ୍ଡ କରି ଗୁଣ୍ଡ କରିବ । ପରେ ତାକୁ କନାରେ ଛାଣି ତହିଁରେ ବଟକ୍ଷୀର ମିଶାଇ ବାଟି, ଛୋଟ ୨ ବଟିକା କରିବ । ଏହି ବଟିକାକୁ ଅଙ୍ଗାର ନିଆଁ ଉପରେ ରଖିବ । ଯେତେବେଳେ ତାହା ଲାଲ ବର୍ଣ୍ଣ ଦେଖାଯିବ ସେତେବେଳେ ବାହାର କରି ବଟକ୍ଷୀରରେ ପୁଣି ତାକୁ ମର୍ଦ୍ଦନ କରି ପୂର୍ବୋକ୍ତ ନିୟମରେ ଅଗ୍ନିରେ ପୋଡ଼ିବ । ଏହିପରି ସାତଥର ପୋଡ଼ିବା ପରେ ଚୂର୍ଣ୍ଣ କରି ତାକୁ ତିନି ପୁରୁଣା ଗୁଡ଼ ତହିଁରେ ମିଶାଇ ଦଶଗ୍ରାମ ଠାରୁ ୧୫ ଗ୍ରାମ ମାତ୍ରାରେ ନିମ୍ନଲିଖିତ ରୋଗମାନଙ୍କରେ ପ୍ରୟୋଗ କଲେ ବିଶେଷ ଉପକାର ହୁଏ । ରୋଗ ଯଥା—ଶ୍ୱାସ, ଅଶ୍ମରୀ, ଶୁକ୍ରମେହ ଓ ପ୍ରମେହ । ମାତ୍ରା ୩—୯ ଗ୍ରାମ । (ହା, ଦ୍ର, ଗି)

**୭୪—ଇନ୍ଦ୍ରମାଳମଣି—ମାଳତୀକୁଦେଖ—**

**୭୫—ଇନ୍ଦ୍ରମାରିଷ ଗଛ—ନାଳତଣାଗଛକୁଦେଖ—**

**୭୬—ଇନ୍ଦ୍ରଯବ—Holorrhena Antidysenterica.** କେରୁଆଁ ଗଛର ମଞ୍ଜିକୁ ଇନ୍ଦ୍ରଯବ ବୋଲା-ଯାଏ । ଏହାର ସଂସ୍କୃତ ନାମ—କୁଟଜବୀଜ, କାଳିଙ୍ଗ ଓ ଇନ୍ଦ୍ରଯବ । ଏହାକୁ ବଙ୍ଗଭାଷାରେ ଇନ୍ଦ୍ରଯବ, ହିନ୍ଦୀରେ ଇନ୍ଦ୍ରଜୌ ଏବଂ ତେଲୁଗୁରେ କୋଡ଼ିଶମାଲ୍ଲିବିଲୁ ବୋଲନ୍ତି । ଏହାର ଚୂର୍ଣ୍ଣ କମ୍ପା କଷାୟ କଟୁ, ତିକ୍ତ ଏବଂ ଶୀତଳ । ଏହା ସେବନ କଲେ କଫ, ବାତ, ରକ୍ତପିତ୍ତ, ନୂତନ ପୁରାତନ ସକଳ ପ୍ରକାର ଜ୍ୱର, ଦାହ, ଅତିସାର, କୃମି, କୁଷ୍ଠ, ବିସର୍ପ, ବାତରକ୍ତ, ଶୂଳ, ବାନ୍ତି, ରକ୍ତାର୍ଶ, ରକ୍ତାତିସାର ଓ ମେହରୋଗ ନିବାରିତ ହୁଏ । ୧—ଇନ୍ଦ୍ରଯବ ବାଟି ଯୋନିରେ ଲେପନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ପରେ ଶିଥିଳ ହୋଇଥିବା ଯୋନି ଦୃଢ଼ୀଭୂତ ହୁଏ । ୨—ଦେହରେ ଲାଲବର୍ଣ୍ଣ କୁଷ୍ଠରୋଗ ଜାତ ହେଲେ ଇନ୍ଦ୍ରଯବର ପ୍ରଲେପ ଦ୍ୱାରା ତାହା ବିନଷ୍ଟ ହୋଇଥାଏ । ୩—ପୁରାତନ କାସ ଓ ଶ୍ୱାସ ରୋଗରେ ଇନ୍ଦ୍ରଯବ ଉପକାର କରେ । ୪—ଇନ୍ଦ୍ରଯବ କୁଙ୍କୁମ ଓ ମହୁ ଏକତ୍ର ବାଟି ଉପସ୍ଥାନ

ଯଦିର ଯୋନୀରେ ଧାରଣ କଲେ ବନ୍ଧ୍ୟାସ୍ତ୍ରୀମାନଙ୍କର ଗର୍ଭଧାରଣ କରିବାର କ୍ଷମତା ଜନ୍ମେ । ୫—ଇନ୍ଦ୍ରଯବର କ୍ୱିନାଇନ୍‌ଗୁଣ ଶକ୍ତି ସିଙ୍କୋନା ତୁଲ୍ୟ । ମାତ୍ର ଏହାର ବିଶେଷତ୍ୱ ଏହିଯେ—ସିଙ୍କୋନା ସେବନ କଲେ ଯେପରି, ଓଡ଼କାର, ବାନ୍ତି ଓ ମୁଣ୍ଡ ବ୍ୟଥା ଜାତ ହୁଏ, ଏହା ସେବନ କଲେ ସେହି ସମସ୍ତ ଉପଦ୍ରବ ହୁଏନାହିଁ । ୬—ଶୁକ୍ରକ୍ଷୟ ଜନିତ ଜନନେନ୍ଦ୍ରିୟର ଦୁର୍ବଳତା ଦୂରୀକରଣାର୍ଥେ ଇନ୍ଦ୍ରଯବର ଚୂର୍ଣ୍ଣ ସେବନ କରାଯାଏ । ଇନ୍ଦ୍ରଯବ—ଅଗ୍ନିଦୀପକ, ସଂଗ୍ରାହୀ ଏବଂ ସଙ୍କୋଚକ । ବୈଦ୍ୟଶାସ୍ତ୍ରରେ ଇନ୍ଦ୍ରଯବର ବ୍ୟବହାର । ଯଥା—ରକ୍ତପିତ୍ତରୋଗେ—୭-ଇନ୍ଦ୍ରଯବର କଲ୍‌କ ସହିତ ଯଥାବିଧି ଘୃତପାକ କରି ସେବନ କଲେ ରକ୍ତପିତ୍ତ ବିନଷ୍ଟ ହୁଏ । (ଚରକ) କୁଷ୍ଠରୋଗେ—୮-ଇନ୍ଦ୍ରଯବର ପ୍ରଲେପ କୁଷ୍ଠରୋଗରେ ହିତକର । ( ଚରକ ) ଯକ୍ଷ୍ମାରୋଗିର ଅତିସାରେ—୯ ଇନ୍ଦ୍ରଯବ ଓ ଶୁଣ୍ଠୀ ଚାଉଳଧୁଆ ପାଣି ସହିତ ବାଟି ପାନ କଲେ ଯକ୍ଷ୍ମାରୋଗିର ଅତିସାର ବନ୍ଦହୁଏ । ପିତ୍ତାତିସାରେ ୧୦—ଅଶିଗ୍ରାମ ଇନ୍ଦ୍ରଯବର କ୍ୱାଥ ପ୍ରସ୍ତୁତ କରି ପାନ କରିବ, ତା' ଉପରେ ମାଂସର ଯୂଷ ପଥ୍ୟ ଭୋଜନ କରିବ । ଏଥିଦ୍ୱାରା ପିତ୍ତାତିସାର ସତ୍ୱର ଆରୋଗ୍ୟ ହୁଏ । (ଚରକ) ମାତ୍ରା ଚୂର୍ଣ୍ଣ ଅଧ ଗ୍ରାମଠାରୁ ଦୁଇଗ୍ରାମ । କ୍ୱାଥ ୩୦-୬୦ ଗ୍ରାମ । ଇନ୍ଦ୍ରଯବାଷ୍ଟକ—ଇନ୍ଦ୍ରଯବ ପାଞ୍ଚ କେଜି, ଗୁଡ଼ ଦଶ କେଜି, ଜଳ କୋଡ଼ିଏ କେଜି, ମହୁ ଅଢ଼ାଇ କେଜି, ଧାତୁକୀଫୁଲ ତିନିଶହ କୋଡ଼ିଏ ଗ୍ରାମ । ମୋଥା, ତେଲଶୁଣ୍ଠି, ଲୋଧ, ନାଗକେଶର, ପ୍ରତ୍ୟେକ ଚାଳିଶ ଗ୍ରାମ ଏହି ସମସ୍ତ ଦ୍ରବ୍ୟ ଏକାଠି ମିଶାଇ ମୁଖରୁଦ୍ଧ କରି ଏକ ମାସ ରଖି ଛାଣି ବୋତଲରେ ଭରତି କରିବ । ମାତ୍ରା—ଦଶ ଠାରୁ କୋଡ଼ିଏ ଗ୍ରାମ । ସକଳ ପ୍ରକାର ଅତିସାର, ପାଣ୍ଡୁ ଏବଂ କାମଳା ରୋଗର ଶ୍ରେଷ୍ଠ ଔଷଧ । (ବୈ, ଗ୍ର, ନି)

**୭୭-ଇଲିଶି ମାଛ—Clabea ilisha.** ଏହାର ସଂସ୍କୃତ ନାମ—ଇଲ୍ଲିଶ, ଏହାକୁ ବଙ୍ଗଭାଷାରେ ଇଲିଶମାଛ, ହିନ୍ଦୀରେ ହିଲସା କହନ୍ତି । ଏହି ମାଛ ମଧୁର, ସ୍ନିଗ୍ଧ, ରୁଚିକାରକ, ଗୁରୁପାକ, କଫ, ପିତ୍ତ କାରକ, ବାତ ନାଶକ ଓ ବୀର୍ଯ୍ୟବର୍ଦ୍ଧକ ।

**୭୮-ଈଶ୍ୱରଜଟାଗଛ—Aristolochia Indica.** ଏହାର ସଂସ୍କୃତ ନାମ—ଈଶ୍ୱରୀ, ରୌଦ୍ରୀ, ରୁଦ୍ରଜଟା ଓ ସୁନନ୍ଦା । ଏହାକୁ ବଙ୍ଗଭାଷାରେ ଈଶେରମୂଳ, ହିନ୍ଦୀରେ ରୁଦ୍ରଜଟା ଏବଂ ତେଲୁଗୁରେ ଈଶ୍ୱରବେରୁ ବୋଲନ୍ତି । ଆମ ଦେଶରେ ଯାହାକୁ ଈଶ୍ୱରଜଟାଗଛ ବୋଲନ୍ତି, ତା'ର ପତ୍ରରେ ସୁଗନ୍ଧ ନାହିଁ । ସୁତରାଂ କେଉଁଶାସ୍ତ୍ରରେ ଲେଖା ଯାଇଥିବା ରୁଦ୍ରଜଟାକୁ ଈଶ୍ୱରଜଟା ବୋଲିପିବ କି'ନା ସନ୍ଦେହ । ଗ୍ରନ୍ଥକର୍ତ୍ତା ବର୍ଣ୍ଣିତ ଈଶ୍ୱରଜଟା କଟୁରସ । ଏହା କାସ, ଶ୍ୱାସ ଓ ହୃଦ୍‌ରୋଗ ନାଶକ, ଭୂତବିଦ୍ରାବକ ଏବଂ ଗ୍ରହପୀଡ଼ା ବାଧା ନିବାରକ ଅଟେ । ୧—ଈଶ୍ୱରଜଟାମୂଳର କ୍ୱାଥ ପାନ କଲେ ଆଣ୍ଠୁ ଗଣ୍ଠିର ଫୁଲା ଓ ସନ୍ଧିବାତ ନିବାରିତ ହୁଏ । ୨—ଏହା ସେବନ କଲେ ଋତୁରୋଧ ବିନଷ୍ଟ ହୋଇ ପୁନର୍ବାର ରଜଃପ୍ରବୃତ୍ତି ହୁଏ । ୩—ଈଶ୍ୱରଜଟାମୂଳ ବାଟି ଲେପନ କଲେ ବିଛାବିଷ ଛାଡ଼ିଯାଏ । ୪—ଈଶ୍ୱରଜଟା ମୂଳର କ୍ୱାଥରେ ଗୁଡ଼ମିଶାଇ ପାନ କଲେ ପ୍ରସବ କାଳର ବେଦନା ବହୁତ କମିଯାଏ । ଏହା ଜ୍ୱର ନାଶକ । ୫—ଏହାର ମୂଳବାଟି ପାନ ଓ ଲେପନ କଲେ ସର୍ପଦଷ୍ଟ ରୋଗୀ ଆରୋଗ୍ୟ ଲାଭକରେ । ୬—ବିସୂଚିକା ଏବଂ ଅତିସାର ରୋଗରେ ଈଶ୍ୱରଜଟାରମୂଳ ଗୋଲମରିଚ ସହି ବାଟି ସେବନ କଲେ ବିଶେଷ ଉପକାର ହୁଏ । ପିଲମାନଙ୍କର ଦାନ୍ତଉଠା ସମୟରେ ହଗା ରୋଗରେ ଏହାର ମୂଳ ହିତକର । ୮—କମ୍ପଜ୍ୱର, ମୁଣ୍ଡବ୍ୟଥା, ପେଟ ଫୁଲା ଓ ମୂତ୍ରକୃଚ୍ଛ୍ର ରୋଗରେ ଏହାର ମୂଳର କ୍ୱାଥ ଉପକାର କରେ । ମାତ୍ରା—କ୍ୱାଥ ୫୦—୧୦୦ ଗ୍ରାମ, ମୂଳର ଚୂର୍ଣ୍ଣ ପାଏ ଠାରୁ ଅଧ ଗ୍ରାମ । ରୁଦ୍ରଜଟାସବ—ଈଶ୍ୱରଜଟା ମୂଳ ଏକଶହ ଗ୍ରାମ, ଗୁଳୁଚୀ ଏକ ଶହ ଗ୍ରାମ । ଚିରାଇତା, ଦାରୁଚିନି, ଲବଙ୍ଗ, ଅଳାଇଚ, ପ୍ରତ୍ୟେକ ପଚିଶ ଗ୍ରାମ । ଏହି ସମସ୍ତ ଦ୍ରବ୍ୟକୁ କୁଟି ଅଢ଼ାଇ କେଜି ରେକ୍‌ଟିଫାଇଡ଼ ସ୍ପିରିଟ୍‌ରେ ମିଶାଇ ସେଥିରେ ପଚିଶ ଗ୍ରାମ କର୍ପୂର ପକାଇ ବୋତଲରେ ରଖିବ । ମାତ୍ରା—୩—୧୦ ଗ୍ରାମ । ସକାଳେ ଓ ସନ୍ଧ୍ୟାରେ ଥଣ୍ଡାଜଳ ସହ ସେବନ କରିବାକୁ ହେବ । ଏହା ସକଳ ପ୍ରକାର ଜ୍ୱରର ଆଶୁ ପ୍ରଶମନକାରୀ । ବହୁବାର ପରୀକ୍ଷିତ । (ବୈ, ଗ୍ର, ନି)

**୭୯-ଇସ୍‌ପଞ୍ଜ—Sponge.** ଏହା ସମୁଦ୍ରଜାତ କ୍ଷୁଦ୍ର କ୍ଷୁଦ୍ର ପୋକମାନଙ୍କର ସଂଯୋଗରେ ତିଆରି ହୋଇଥିବା ଗୋଟାଏ ସଜୀବ ପିଣ୍ଡ । ଏହା ତୁଳାପରି କୋମଳ ରହେ । ଏହାକୁ ହିନ୍ଦୀଭାଷାରେ ମୁର୍ଦାବାଦଲ ବୋଲନ୍ତି । ଏଥିରେ ପାଣି ଶୋଷି ନେବାର ଶକ୍ତି ଅଛି । ୧—ଏହା କ୍ଷତ ସ୍ଥାନରେ ରକ୍ତରୋଧ କରେ ଏବଂ ନୂତନ ପୁରାତନ ଗଭୀର କ୍ଷତକୁ ଶୁଷ୍କକରେ । ୨—ଇସ୍ପଞ୍ଜକୁ ରୁଦ୍ଧ ପାତ୍ରରେ ଭସ୍ମ କରି ଏହି ଭସ୍ମ ଆଖିରେ ଲଗାଇଲେ ଆଖିଧରା ଭଲ ହୁଏ । ୩—ତୋଟିରେ ଯେବେ ମାଛକଣ୍ଟା ଲାଗିରହେ, ତେବେ ରୋଗ ଗିଳିପାରିବା ଭଳି ଖଣ୍ଡିଏ ଇସ୍‌ପଞ୍ଜ ଆଣି ତାକୁ ଖୁବ୍ ଅଣ୍ଟ ପାଟସୂତାରେ ବାନ୍ଧି ରୋଗିକୁ ଗିଳାଇବ । ପାଟସୂତାଟି ହାତରେ ଧରିଥିବ, ତେବେ ସମସ୍ତ ପରେ ଗିଳିଥିବା ଇସ୍‌ପଞ୍ଜ ଖଣ୍ଡିକ ଗଳା ମଧ୍ୟରେ ଥିବା ପାଣି ଶୋଷଣ କରି ଫୁଲିଗଲେ ତାକୁ ଏହିପରି ସାବଧାନରେ ବାହାର କରିବ, ଯେପରିକି ପାଟସୂତାଟି

ହୋଇନଯାଏ, ଏହି ଉପାୟରେ ତଣ୍ଟିରେ ଲାଗିଥିବା ମାଛକଣ୍ଟା ବାହାରି ପଡ଼େ ।

**୭୦-ଇସବ ଗୋଲମଞ୍ଜୀ**--Plentago yspagula. ଏହାର ସଂସ୍କୃତ ନାମ—ଈଷଦ୍ ଗୋଲ, ସ୍ନିଗ୍ଧବୀଜ । ଏହାକୁ ବଙ୍ଗଭାଷାରେ ଇସବ୍ ଗୁଲ, ହିନ୍ଦୀରେ ଇସାପ୍ ଗୋଲ୍ ଏବଂ ତେଲୁଗୁରେ ଇସାପଗୋଲବିତ୍ତୁଲୁ ବୋଲନ୍ତି । ଇସବ୍ ଗୋଲମଞ୍ଜୀ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା ମଧୁର, ଚାମ୍ଳ, ପିଚ୍ଛିଳ, ଶୀତଳ, ବୃଷ୍ୟ ଓ ଧାରକ ଅଟେ । ୧—ଏହା ସେବନ କଲେ କଫ, ପିତ୍ତ, ତୃଷା, ରକ୍ତାତିସାର ରକ୍ତପିତ୍ତ, ଆମରକ୍ତସ୍ରାବ, ମୂତ୍ରକୃଚ୍ଛ୍ର, ପ୍ରମେହ (ଗନୋରିଆ) ଓ ଶୁକ୍ରମେହ ନିବାରିତ ହୁଏ, ମୂତ୍ରାଶୟ ବିଶୁଦ୍ଧ ହୁଏ, ଏବଂ ଆଧ୍ମାନ ବିନଷ୍ଟ ହୁଏ । ୨—ଗରମ ଜଳରେ ଇସବ୍ ଗୋଲମଞ୍ଜୀ ବତୁରାଇ ତହିଁରେ ଚିନି ମିଶାଇ ବାଳକମାନଙ୍କୁ ସେବନ କରାଇଲେ ସେମାନଙ୍କର ଦୀର୍ଘକାଳ ଜାତ ଅତିସାର ଏବଂ ଆମରକ୍ତାତିସାର ବନ୍ଦହୁଏ । ଏହା କିଛୁଦିନ ବ୍ୟବହାର କଲେ ଅନ୍ତ୍ରମଣ୍ଡଳୀର କ୍ଷତ ଆରୋଗ୍ୟ ହୁଏ । ୩—ଇସବ୍ ଗୋଲକୁ ପାଣିରେ ବତୁରାଇ ବଥରେ ପ୍ରଲେପ ଦେଇ ବାନ୍ଧିଲେ ବଥ ପାଚିଯାଏ । ୪—ଏହାର କ୍ୱାଥରେ କୁଳୁକୁଞ୍ଚା କଲେ ଗୁଣ୍ଡିଧରା ଓ ତୁଣ୍ଡର ଘା' ଭଲହୁଏ । ଏହା କାସ ଓ ଶ୍ୱାସ ରୋଗରେ ମଧ୍ୟ ହିତକର ଅଟେ । ଏହା ଅଧିକ ମାତ୍ରାରେ ସେବନ କଲେ ଶରୀରରେ ଉଷ୍ଣତିଷ୍ଠା ଉତ୍ପନ୍ନ ହୁଏ । ଏହାର ମାତ୍ରା ୫୦—୧୦୦ ଗ୍ରାମ, ଚୂର୍ଣ୍ଣ ଅଢ଼େଇ ଗ୍ରାମ ଠାରୁ ସାତ ଗ୍ରାମ ।

**୭୧-ଉଂଆଉଚଣ୍ଡ**—ଓଲଗଛ ଦେଖ ।

**୭୨-ଉଡ଼ାମାଛ**—Execetux. ଏହାକୁ ହିନ୍ଦୀଭାଷାରେ ଉଡ଼ନମଛଲୀ ବୋଲନ୍ତି । ଏହି ମାଛ ଭୂମଧ୍ୟସାଗରରେ ଏବଂ ଅଟଲାଣ୍ଟିକ ମହାସାଗରରେ ଓ ଆମେରିକାର ଅନେକ ସ୍ଥାନରେ ଜାତ ହୁଏ । ଏହାର ମାଂସ ଉତ୍ତେଜକ ବଳ୍ୟ ଓ ଅଶ୍ମରୀ ଭେଦକ ଅଟେ । ଏହାକୁ ପକ୍ଷିମାଛ ବୋଲି ମଧ୍ୟ ବୋଲନ୍ତି ।

**୭୩-ଉତ୍ତୁରୁଲୀଗଛ**—Asclepias echinsta. Roxb. ଏହାର ସଂସ୍କୃତ ନାମ—ଇନ୍ଦୀବର, ଦ୍ରୁତଫଳା, ଦୀର୍ଘବୃନ୍ତା ଓ କର୍କଣନାସିକା । ଏହାକୁ ବଙ୍ଗଭାଷାରେ ଗ୍ରଗୁଲ କାଣ୍ଟି, ହିନ୍ଦୀରେ ଉତରଣ ଏବଂ ତେଲୁଗୁରେ ଦୁଷ୍ଟପୁଚେଟ୍ଟୁ ବୋଲନ୍ତି । ଏହାର ପତ୍ର, ଫୁଲ, ଫଳ, ମୂଳ ଓ ମୂଳରଛାଲି ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା ତିକ୍ତରସ ଓ ଶୀତବୀର୍ଯ୍ୟ । ଏହା କଫ, ବାତ, ଶୋଥ, ବ୍ରଣ, ଯୋନିଦୋଷ, ଗର୍ଭବିକାର ଓ ଦନ୍ତରୋଗ ନାଶକରେ । ୨—ବାଳକମାନଙ୍କର ପେଟରେ କୃମି ହେଲେ ଏହାର ପତ୍ରରସ ସେମାନଙ୍କୁ ୨୦—୬୦ ଟୋପା ପର୍ଯ୍ୟନ୍ତ ସେବନ କରାଇବ । ୩—ଉତ୍ତୁରୁଲୀପତ୍ରର ରସ ଶ୍ୱାସ ରୋଗର ପରୀକ୍ଷିତ ଔଷଧ । ୪—ଏହାର ପତ୍ର ଚୂନ ଏକାଠେ ବାଟି ଲେପନ କଲେ ଆମବାତର ଫୁଲା ତୁଟିଯାଏ । ୫—ଉତ୍ତୁରୁଲୀ ପତ୍ରର ରସ ଓ ତୁଳସୀ ରସ ଏକାଠେ ମିଶାଇ ପିଲାମାନଙ୍କୁ ସେବନ କରାଇଲେ ବାନ୍ତି ହୋଇ ସେମାନଙ୍କର କଫ ବାହାରି ପଡ଼େ ଏବଂ କାସ ରୋଗର ଉପଶମ ହୁଏ । ୬—ଉତ୍ତୁରୁଲୀମୂଳର ଚୂର୍ଣ୍ଣ ଉପଯୁକ୍ତ ମାତ୍ରାରେ ସେବନ କଲେ ବିରେଚନ ହୋଇ ଆମବାତ ନିବାରିତ ହୁଏ । ୭—ସ୍ତ୍ରୀମାନଙ୍କର ରଜୋରୋଧ ଓ ରଜଃକୃଚ୍ଛ୍ର ରୋଗରେ ଉତ୍ତୁରୁଲୀ ରସ ପ୍ରୟୋଗ କଲେ ସୁଫଳ ଲାଭ ହୁଏ । ୮—ଋତୁର ପ୍ରଥମ ଦିନ ଠାରୁ ସପ୍ତ ଦିନ ପର୍ଯ୍ୟନ୍ତ ୫ ଗ୍ରାମ ପରିମାଣରେ ଉତ୍ତୁରୁଲୀ ମୂଳର ଚୂର୍ଣ୍ଣ ଦିଅ ସହିତ ବନ୍ଧ୍ୟାସ୍ତ୍ରୀମାନଙ୍କୁ ସେବନ କରାଇଲେ ସେମାନଙ୍କର ଯୋନି ଦୋଷ ବିନଷ୍ଟ ହୋଇ ଗର୍ଭ ଧାରଣ କରିବା କ୍ଷମତା ଜନ୍ମେ । ୯—ଏହି ଔଷଧ ସେବନ କାଳରେ ସେମାନଙ୍କୁ ଦୁଗ୍ଧ ଭାତ ପଥ୍ୟଭୋଜନ ଦେବ । ୧୦—ଉତ୍ତୁରୁଲୀମୂଳର ଚୂର୍ଣ୍ଣ ପଞ୍ଚ ଗ୍ରାମ ପରିମାଣେ ଖାଇଲେ ସର୍ପବିଷ ବିନଷ୍ଟ ହୁଏ । ୧୧—ଉତ୍ତୁରୁଲୀ ମୂଳକୁ ବାଟି ତଦ୍ୱାରା ଯଥାବିଧି ଗୁଆତେଲ ପାକ କରିବ । ଏହି ତେଲ ଲଗାଇଲେ ସକଳ ପ୍ରକାର ବ୍ରଣ ଶୁଖିଯାଏ । ୧୨—ବୃଶ୍ଚିକ ଦଷ୍ଟ ଅଙ୍ଗରେ ଏହାର ମୂଳ ବାଟି ଲେପନ କଲେ ବିଷ ହରଣ ହୁଏ । ୧୩—ବୃଦ୍ଧି ପ୍ରାପ୍ତ ଯକୃତ୍ ଓ ପ୍ଲୀହାରୋଗରେ ଉତ୍ତୁରୁଲୀ ପତ୍ରର ପାଠ ଦିଆଯାଏ । ୧୪—ଉତ୍ତୁରୁଲୀ ମୂଳ ଗର୍ଭିଣୀ ସ୍ତ୍ରୀମାନଙ୍କୁ ସେବନ କରାଇଲେ ସେମାନଙ୍କର ଗର୍ଭପାତ ହୁଏ । ଉତ୍ତୁରୁଲୀ ପ୍ରୟୋଗ କରିବା ସମୟରେ ରୋଗିର ବଳାବଳ ବିଚାର କରି ମାତ୍ରା ନିର୍ଣ୍ଣୟ କରିବ । କାରଣ, ଏହା ବାନ୍ତି କାରକ ଓ ବିରେଚକ । ଏହାର ମାତ୍ରା—ପତ୍ରରସ—୨୦-୬୦ ଟୋପା, କ୍ୱାଥ ୧୦—୩୦ ଗ୍ରାମ, ମୂଳର ଚୂର୍ଣ୍ଣ ଏକ ଚତୁର୍ଥାଂଶ ଗ୍ରାମ ଠାରୁ ତିନି ଚତୁର୍ଥାଂଶ ଗ୍ରାମ । (ଆ, ବ, କୋ)

**୭୪-ଉତ୍ତୁସୀ**—ଅତୁସୀ ଦେଖ—

**୭୫-ଉଦ୍ଭିଦଲବଣ**—ଏହା କଟୁ, ତିକ୍ତ, ତୀକ୍ଷ୍ଣ, ରୁକ୍ଷ ବିରେଚକ ପ୍ଲୀହା, ମୂର୍ଚ୍ଛା, ବାତ, ନେତ୍ରରୋଗ, କାସ, କାମଳା, ଶୂଳ, ଆଧ୍ମାନ, ନାସାପାକ, ପୀଡ଼କା ଓ ଶିରଃପୀଡ଼ା ନାଶକ । ମାତ୍ରା ଅଧ ଗ୍ରାମଠାରୁ ତିନି ଚତୁର୍ଥାଂଶ ଗ୍ରାମ ।

**୭୬—ଉଧ**—Lutra, otter, ଏହା ଏକ ପ୍ରକାର ନେଉଳ ଆକାରର ଜନ୍ତୁ । ଏହି ଜନ୍ତୁ ବଡ଼ ବଡ଼ ନଦୀ ଓ ବଡ଼ ଜଳାଶୟମାନଙ୍କରେ ରହେ ଏବଂ ମାଛ ଖାଏ । ଏହାକୁ କେହିକେ ଳେକ ଓଧ ବୋଲନ୍ତି । ଏହାର ସଂସ୍କୃତ ନାମ—ଜଳମାର୍ଜାର, ଜଳାଖୁ ଓ ଜଳ ପ୍ଲବ । ଏହାକୁ ହିନ୍ଦୀଭାଷାରେ ଉଦବିଲାବ ଏବଂ ତେଲୁଗୁରେ ନିର କୁକ ବୋଲନ୍ତି । ଏହାର

ମାଂସ ମାଛପରି ସ୍ୱାଦୁ ଲାଗେ । କର୍କଟି ଏବଂ ଶଂଖୁ ବାତରୋଗରେ ଏହି ଉ ଦବି ଜ ମାଂସ ଉପଯୋଗୀ ଅଟେ । ୧—ବାଉଁକୁଳର କାମୋଡ଼ିଥିବା ଅଙ୍ଗରେ ଉଧର ମାଂସ ବାନ୍ଧିଲେ ବିଷକୁ ଶୋଷି ନିଏ । ୨—ଏହାର ଚମକୁ ପୋଡ଼ି ଭସ୍ମ କରି ଏହି ଭସ୍ମ ଘା'ରେ ପକାଇଲେ ଘା' ଶୁଖିଯାଏ । ୩—ଏହାର ମୂତରେ ମାଟି ମିଶାଇ ଏହି ମାଟି ଦୁଇଦିନ ଛଡ଼ା ଜ୍ୱର ରୋଗୀର କଣ୍ଠରେ ବାନ୍ଧିଲେ ଜ୍ୱର ଅଟକିଯାଏ । ୪—ଉଧର ହାଡ଼କୁ ଚୂର୍ଣ୍ଣକରି ନିଆଁରେ ପକାଇ ତା'ର ଧୂଆଁ ଲଗାଇଲେ ଅଧକପାଳୀ ବାଧା ଅପସର୍ଗ ହୁଏ । ଏହାର ପିତ୍ତାଶୟ (ପିତ୍ତ ରହିବା ଥଳୀ) ବିଷାକ୍ତ । ଏହା ଖାଇଲେ ତତ୍କ୍ଷଣାତ୍ ମୃତ୍ୟୁ ହୁଏ । କୌଣସି ଉପାୟରେ ମଧ୍ୟ ରୋଗୀ ବଞ୍ଚେ ନାହିଁ । ୫—ଉଧର ମୁଣ୍ଡରେ ଥିବା ଦାନ୍ତକୁ ନିଆଁରେ ପୋଡ଼ି ସୁରମା କରି ଆଖିରେ ଲଗାଇଲେ କୁହୁଡ଼ିଆ ଓ କାକୁଡ଼ିଆ ରୋଗ ଭଲହୁଏ । ୬—ଏହାର ଚର୍ବି ମାଲିସ୍ କଲେ ପୁରାତନ ବାତ ବିକାର ବିନଷ୍ଟ ହୁଏ । ମୁସଲମାନ ଧର୍ମ ଶାସ୍ତ୍ରରେ ଉଧର ମାଂସ ଖାଇବା ନିଷିଦ୍ଧ । କେତେମାନ ମୁସଲମାନ ସମ୍ପ୍ରଦାୟରେ ଏହାର ମାଂସ ବ୍ୟବହାର ପ୍ରଚଳିତ ଅଛି ।

**୭୭·ଉପବାସ**—ବୈଦ୍ୟଶାସ୍ତ୍ରରେ ଏହାର ନାମ ଲଂଘନ । ଯଥାଯୁକ୍ତ ଭାବରେ ଲଂଘନ କଲେ ଦୋଷ ପରିପାକ ହୁଏ, ଶରୀର ଲଘୁ ହୁଏ, ଅଗ୍ନି ଦୀପ୍ତ ହୁଏ, ଭୋଜନରେ ଇଚ୍ଛା ଜାତହୁଏ, କଫଜ ବ୍ୟାଧି ଅଜୀର୍ଣ୍ଣ ଓ ଜ୍ୱରାଦି ରୋଗଙ୍କର ଉପଶମ ହୁଏ ଏବଂ ଅରୁଚି ଛାଡ଼ିଯାଏ । ଉପବାସ ଅଧିକ ହେଲେ ସର୍ବାଙ୍ଗରେ ବେଦନା, ହାତ ପାଦ ଝିଲିମାରିବା, ମୁଖଶୋଷ, କ୍ଷୁଧାନାଶ, ଅରୁଚି, ତୃଷା, ବଳହାନି, ମନର ଚଞ୍ଚଳତା, ଦୃଷ୍ଟିଶକ୍ତି ଓ ଶ୍ରବଣଶକ୍ତିର ହ୍ରାସ ହୁଏ । ବାଳକ, ବୃଦ୍ଧ, ଗର୍ଭିଣୀ, ଦୁର୍ବଳ, ବାତରୋଗୀ, ରକ୍ତପିତ୍ତରୋଗୀ ଓ ଭ୍ରମରୋଗୀ ପକ୍ଷରେ ଉପବାସ ନିଷିଦ୍ଧ । ମହର୍ଷି ଚରକ ଉପବାସର ଲକ୍ଷଣ ଏହିପରି ଲେଖିଅଛନ୍ତି ଯେ—

ଉପାବୃତ୍ତସ୍ୟ ପାପେଭ୍ୟଃ ସହବାସୋ ଗୁଣୈର୍ହି ଯଃ ।
ଉପବାସଃ ସ ବିଜ୍ଞେୟୋ ନ ଶରୀରସ୍ୟ ଶୋଷଣଂ ॥

ଅର୍ଥାତ୍ ପାପକର୍ମରୁ ନିବୃତ୍ତ ହୋଇ ପୁଣ୍ୟକର୍ମରେ ରତ ହେବାର ନାମ ଉପବାସ, କିନ୍ତୁ ଶରୀର ଶୋଷଣ ଉପବାସ ନୁହେଁ । ଉପବାସ ଦିନରେ ନିଷିଦ୍ଧ ଆହାର ବିହାର—ଯଥା—ପୁନଃପୁନଃ ଜଳପାନ କରିବା, ପାନ ତାମ୍ବୁଲ ଭକ୍ଷଣ, ଦିବାନିଦ୍ରା, ଜୁଆଖେଳ, ମୈଥୁନ, ସୁଗନ୍ଧି, ପୁଷ୍ପମାଳା, ଅଳଙ୍କାର ଓ ବସ୍ତ୍ରଧାରଣ, ତୈଳମର୍ଦ୍ଦନ ଏବଂ ଚନ୍ଦନାଦି ଲେପନ ପରିତ୍ୟାଗ କରିବ । ଉପବାସର ପୂର୍ବ ଓ ପରଦିନ କଂସା ପାତ୍ରରେ ଭୋଜନ, ମାଂସ ଭକ୍ଷଣ, ସୁରାପାନ, ମିଥ୍ୟାଭାଷଣ, ବ୍ୟାୟାମ, ସ୍ତ୍ରୀସଙ୍ଗ, ପଥଭ୍ରମଣ, ପରିଶ୍ରମ, ପୁନଃପୁନଃ ଭୋଜନ ଅଧିକ ଘୃତ ଓ ଅଧିକ ଜଳପାନ କରିବନାହିଁ ।

**୭୮—ଉଲଟକମ୍ବଳ**—ଓଲଟକମ୍ବଳ ଦେଖ—

**୭୯—ଉଲୂକପକ୍ଷୀ**—Owl. ଏହାର ସଂସ୍କୃତ ନାମ—ଉଲୂକ, ଦିବାନ୍ଧ, ପେଚକ ଓ କାକାରି । ଏହାକୁ ବଙ୍ଗଭାଷାରେ ଉଲ୍ଲୁ, ହିନ୍ଦୀରେ କୁଚ୍‌କୁଚ୍‌ବା ଓ ଘୁଘୁ, ତେଲୁଗୁରେ ଗୁଡ଼ଲୁଗୁବା ବୋଲନ୍ତି । ଏହାର ମାଂସ ଅଭକ୍ଷ୍ୟ, ବୁଦ୍ଧିନାଶକ, ପିତ୍ତ ଓ ଭ୍ରାନ୍ତିକାରକ, ବାତପ୍ରକୋପକ ଓ ଉଷ୍ଣ । ତାନ୍ତ୍ରିକମାନେ ଉଚାଟନାଦି କର୍ମରେ ଏହାର ମାଂସ ଉପଯୋଗ କରନ୍ତି । ଦୁଷ୍ଟାସ୍ତ୍ରୀମାନେ ନିଜର ପତିକୁ ବଶୀଭୂତ କରିବାପାଇଁ ଏହାର ମାଂସ ଖୁଆନ୍ତି । ଏହି ମାଂସ ଖାଇଲେ ମନୁଷ୍ୟ କାଳକ୍ରମେ ବୁଦ୍ଧିହୀନ ଓ ପାଗଳ ହୁଏ । ୧—ଉଲୂକର ପିତ୍ତ ଚାଉଳକାଠର ପାଉଁଶ ଓ ମହୁ ଏକାଠି ମିଶାଇ ଖାଇଲେ ବାରମ୍ବାର ମୂତ୍ରବେଗ ଓ ଶଯ୍ୟାମୂତ୍ର (ଶେଜମୁତା) ରୋଗରେ ବିଶେଷ ଉପକାର ହୁଏ । ୨—ଉଲୂକର ରକ୍ତ କିମ୍ବା ପିତ୍ତ ଆଖିରେ ଲଗାଇଲେ ରାତିକଣା ରୋଗ ଭଲହୁଏ । ଉଲୂକର ମସ୍ତିଷ୍କର ମଜ୍ଜା ଅଧକପାଳ ବ୍ୟଥାରେ ଉପକାର କରେ । ୩—ଉଲୂକର ଡାହାଣ ପକ୍ଷକୁ ଶୁକ୍ଳସୂତାରେ ଗୁଡ଼ାଇ ବାମ କର୍ଣ୍ଣରେ ବାନ୍ଧିଲେ ପାଳିଜ୍ୱର ଛାଡ଼ିଯାଏ ।

**୮୦ ଉଶୀରବେଣା**—The root of a fragrant grass. ଏହାର ସଂସ୍କୃତ ନାମ—ଅଭୟ, ନଳଦ, ସେବ୍ୟ, ଲମଜକ ଓ ଉଶୀର, ଏହାକୁ ବଙ୍ଗଭାଷାରେ ବେଣାମୂଳ, ହିନ୍ଦୀରେ ଖସ ଖସ୍, ତେଲୁଗୁରେ ଆବରୁଗଡ୍ଡି ଓ ବଟ୍ଟିବେଲ୍ଲୁ ବୋଲନ୍ତି । ଏହା ତିକ୍ତ ମଧୁର, ଶୀତଳ ଓ ସୁଗନ୍ଧ । ଏହାର କ୍ୱାଥ ସେବନକଲେ ଜ୍ୱର, ତୃଷା, ମେହ, ଦାହ, ସ୍ୱେଦ, ଦୌର୍ଗନ୍ଧ୍ୟ, ଶ୍ରମ, ବାନ୍ତି, ରକ୍ତଦୋଷ, ଉନ୍ମାଦ, ବିଷ, ବିସର୍ପ, ମୂତ୍ରକୃଚ୍ଛ୍ର, ମୂର୍ଚ୍ଛା, ଅପସ୍ମାର ଓ ରକ୍ତପିତ୍ତ, ପ୍ରଶମିତ ହୁଏ । ବୈଦ୍ୟଶାସ୍ତ୍ରରେ ଉଶୀରବେଣାର ବ୍ୟବହାର ଯଥା—**ରକ୍ତପିତ୍ତରୋଗ**—୧—ଉଶୀରବେଣା ଓ ଚନ୍ଦନ ଗୁଣ୍ଡିଲା ଧୂଆ ପାଣିରେ ବାଟି ଚିନିରେ ଚିନିମିଶାଇ ପାନକଲେ ରକ୍ତପିତ୍ତ ଶାନ୍ତହୁଏ । ( ଚରକ ) **ବାନ୍ତିରୋଗ**—୨—ସୋଲଚଣା ଚତୁର୍ଗୁଣ ହେବା ପାଣିରେ ଉଶୀରବେଣା ଓ ଧନିଆଁ ରାତିରେ ବତୁରାଇ ପ୍ରାତଃକାଳରେ ଏହିଜଳ ପାନକଲେ ବାନ୍ତି ରୋଗ ପ୍ରଶମିତ ହୁଏ । **ଜ୍ୱରରୋଗ**—୩—ଶିଉଳିକାଠର ମଞ୍ଜି ଏବଂ ଉଶୀରବେଣା ସମାନ ଭାଗରେ କୁଟି ଦୁଇଗୁଣ ଦୁଧ ମିଶା ଜଳରେ କ୍ୱାଥ ପ୍ରସ୍ତୁତ କରି ଦୁଗ୍ଧ ଅବଶେଷ ଥିବ ତାକୁ ଛାଣିବ । ଏହି କ୍ୱାଥ ପାନକଲେ ଜ୍ୱର ନିବୃତ୍ତ ହୁଏ । (ଭାବପ୍ରକାଶ) ମାତ୍ରା—କ୍ୱାଥ ୫୦-୮୦ ଗ୍ରାମ ।

**୮୧—ଉଷ୍ଣଜଳ**—ଏହା ତିନପ୍ରକାର ହୁଏ । ଅର୍ଦ୍ଧାବଶେଷ, ତ୍ରିପାଦାବଶେଷ ଓ ଚତୁର୍ଥାଂଶାବଶେଷ । ଗରମ ଜଳ-କଫ, ଆମବାତ ଓ ମେଦୋନାଶକ, ବସ୍ତିଶୋଧକ

ଅଛି । ରାତ୍ରିରେ ଗରମଜଳ ପାନକଲେ କାସ, ଶ୍ୱାସ, ଜ୍ୱର ଓ ଅଗ୍ନିମାନ୍ଦ୍ୟ ରୋଗରେ ବିଶେଷ ଉପକାର ହୁଏ, ବାୟୁର ଅନୁଲୋମ ହୁଏ ଏବଂ ତୃଷ୍ଣା ଶାନ୍ତ ହୁଏ ।

**୮୨—ଉଷାପାନ—ପାଣିଦେଖ—**

**୮୩—ଅଶ୍ୱତ୍ଥ—Fievsreligiosa.** ଏହାର ସଂସ୍କୃତ ନାମ—ବୋଧିଦ୍ରୁମ, ଚଳଦଳ, ଦେବାତ୍ମା, ମହାଦ୍ରୁମ ଓ ଅଶ୍ୱତ୍ଥ । ଏହାକୁ ଯୋଗେ ଲୋକ ଅଶ୍ୱତ୍ଥ ବୋଲନ୍ତି । ଏହାକୁ ବଙ୍ଗଳାରେ ଆଶୁଦ୍ ଗାଛ, ଅଶୋଥ ଗାଛ, ହିନ୍ଦୀରେ ପୀପଲ, ତେଲୁଗୁଭାଷାରେ ରାବିଚେଟ୍ଟୁ ଏବଂ କୁଲୁଜ ବୃଚେଟ୍ଟୁ ବୋଲାଯାଏ । ଏହାର ପତ୍ର, ଫଳ, ବଳ, ଛାଲି, କ୍ଷୀର, କାଠ, ମୂଳ ଓ ଅଠା ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ର-ମୁକୁଳ (ମୁଣ୍ଡୀ) ରେଚକ । ଛାଲି ସଙ୍କୋଚକ, ଫଳ ଓ ବୀଜ ମୃଦୁ-ବିରେଚକ, ଶୀତଳ ଓ ରସାୟନ । **ଅଶ୍ୱତ୍ଥପତ୍ର—୧—**କୋମଳ ଅଶ୍ୱତ୍ଥପତ୍ରକୁ ଦୁଧରେ ସିଝାଇ ତହିଁରେ ଯଥେଷ୍ଟ ପରିମାଣେ ଚିନି ମିଶାଇ ପ୍ରତିଦିନ ପ୍ରାତଃକାଳରେ ପାନକଲେ ଧାତୁପୁଷ୍ଟି ହୁଏ ଏବଂ ଶରୀର ଶୀତଳ ରହେ । ୨—ଅଶ୍ୱତ୍ଥପତ୍ରକୁ ଗରମକରି ଭଗ୍ନଶୋଥରେ (ବଥରେ) ପକାଇ ବାନ୍ଧିଲେ ବଥ ବସିଯାଏ । ୩—ଅଶ୍ୱତ୍ଥର କଅଁଳ ପତ୍ରକୁ ପାଣିରେ ପେଷି ଘା'ରେ ଲେପନ କଲେ ଅତି ପୁରାତନ ଭଗନ ଘାଉ ଶୀଘ୍ର ଶୁଖିଯାଏ । ୪—ଅଶ୍ୱତ୍ଥପତ୍ରକୁ ପୋଡ଼ି ପାଉଁଶ କରିବ । ଏହି ପାଉଁଶକୁ ପାଣିରେ ଗୋଳିବ, ଯେତେବେଳେ ଏହା ତଳେ ବସି ଯିବ, ସେତେବେଳେ ଉପରେ ଥିବା ନିର୍ମଳ ପାଣିମଧ୍ୟକୁ ଛାଣି ରଖିବ । ଏହି ପାଣି ପିଆଇଲେ ବସନ୍ତ ରୋଗରେ ଖୁବ୍ ଉପକାର ହୁଏ । ୫—ପ୍ରତିଦିନ ଅଶ୍ୱତ୍ଥ ପତ୍ରକୁ ପାଣିରେ ସିଝାଇ ସେହି ଜଳରେ ସ୍ନାନ କଲେ କୁଷ୍ଠରୋଗ ଶାନ୍ତହୁଏ । ୬—ଅଶ୍ୱତ୍ଥପତ୍ରକୁ ସିଝାଇ ତହିଁରେ ଛେଳିଦୁଧ ମିଶାଇ ପିଇଲେ ପୁରାତନ ପ୍ରମେହ (ଗନୋରିଆ) ଅତିଶୀଘ୍ର ଆରାମ ହୁଏ । ୭—ଅଶ୍ୱତ୍ଥପତ୍ର ବାଟି ଲଲାଟରେ ଲେପନ କଲେ ଝୁଣ୍ଟ୍ ବନ୍ଦ ଆହେ । ୮—ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ କାଳା ଅଶ୍ୱତ୍ଥପତ୍ର କୋଡ଼ିଏଗୋଟି ଆଣି ଦଶଟି ଗୋଲମରିଚ ସହିତ ତାକୁ ବାଟି, ପାଏ ଜଳରେ ଗୋଳି ଛାଣି ଦେବ । ନିୟମିତ ଭାବରେ କିଛିଦିନ ଏହା ସେବନ କଲେ କୁଷ୍ଠରୋଗ ଆରୋଗ୍ୟ ହୁଏ । ୯—ଅଶ୍ୱତ୍ଥପତ୍ରକୁ ଘିଅତେଲରେ ଭିଜାଇ ଗରମ ଆଞ୍ଚ ଦେଇ ଫୁଲା ଉପରେ ପକାଇ ବାନ୍ଧିଲେ ଫୁଲା ଛାଡ଼ିଯାଏ । ୧୦—ଅଶ୍ୱତ୍ଥପତ୍ରର ରସ ଏକଭାଗ, ତିଳତେଲ ଅଧଭାଗ ଏକାଠି ଯଥାବିଧି ପାକକରି ତେଲ ଅବଶେଷ ରଖି ଦେବ । ଏହି ତେଲ ଲଗାଇଲେ ଗଣ୍ଡମାଳା ଓ ଅପଚୀ ରୋଗ ଭଲହୁଏ । ୧୧—କୋମଳ ଅଶ୍ୱତ୍ଥପତ୍ରକୁ ପାଣିରେ ବାଟି ତହିଁରେ ଉପଯୁକ୍ତ ପରିମାଣେ ଚିନି ମିଶାଇ ଓ ଲବଣ ଯୋଗ କରି ମହାଲା ମଧ୍ୟରେ ଏକମାସ ପର୍ଯ୍ୟନ୍ତ ଖାଇଲେ ବନ୍ଧ୍ୟାଦୋଷ ଦୂର ହୋଇ ଗର୍ଭଧାରଣ ଶକ୍ତି ଲାଭ ହୁଏ । ଏହି ଔଷଧ ସେବନ କରିବା ସ୍ତ୍ରୀ ଏ ମାସ ପୁରୁଷ ସହ-ବାସ କରିବ ନାହିଁ ଏବଂ ରାତ୍ରି କାଳରେ ଜଳପାନ ଖାଇବ ନାହିଁ । ୧୨—ଅଶ୍ୱତ୍ଥପତ୍ରକୁ ଶିଳରେ ଉତ୍ତମରୂପେ ବାଟି ବଟିକା ପରି କରି ଛାଇରେ ଶୁଖାଇବ, ଏହି ବଟିକାକୁ ଯୋନିରେ ଧାରଣ କଲେ ରଜଃପ୍ରବୃତ୍ତି ହୁଏ । ୧୩—ଅଶ୍ୱତ୍ଥପତ୍ରର କ୍ୱାଥରେ ସୋରିଷତେଲ ଯଥାବିଧି ପାକ କରି ଏହି ତେଲ କାନରେ ପକାଇଲେ କର୍ଣ୍ଣରୋଗର ଅବସାନ ଜାତ ବଧିରତା ନିବାରିତ ହୁଏ । ୧୪—ଅଶ୍ୱତ୍ଥପତ୍ର ଶୁଖାଇ ଚୂର୍ଣ୍ଣ କରି ଗୁଡ଼ ସହିତ ଖାଇଲେ କ୍ରିମି, ଶୂଳ, ଆମଶୂଳ, ପ୍ଳୀହା, ଶୋଥ, ଅଜୀର୍ଣ୍ଣ ଓ କୋଷ୍ଠ ବଦ୍ଧ ରୋଗର ଉପଶମ ହୁଏ । **ଅଶ୍ୱତ୍ଥଛାଲି—** ୧୫—ଏହା ସଙ୍କୋଚକ, ପୋଷକ ଏବଂ ଉଆଁ ମେହ (ଗନୋରିଆ) ରୋଗରେ ଉପଯୋଗୀ ଅଟେ । ଏହି ଛାଲିର ଫାଣ୍ଟକଷାୟ କିଛିଦିନ ସେବନ କଲେ ଉଆଁମେହ ଏବଂ ଆର୍ଦ୍ର କଣ୍ଡୁ (କଣ୍ଡରେ କୁଣ୍ଡେଇଲେ ଯେଉଁ କଣ୍ଡୁରୁ ଜଳସ୍ରାବ ହୁଏ) ବିନାଶ ପ୍ରାପ୍ତ ହୁଏ । ୧୬—ଅଶ୍ୱତ୍ଥଛାଲି ଶୁଖାଇ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣ ଗୋଟିଏ ଧାତୁ ନିର୍ମିତ ନଳୀରେ ରଖି, ଭଗନ୍ଦର କ୍ଷତ ମଧ୍ୟରେ ଉକ୍ତ ନଳୀଟି ଦେଇ ମୁଖଦ୍ୱାରା ଫୁଙ୍କି ଘା' ଭିତରେ ଔଷଧ ପ୍ରୟୋଗ କଲେ ଭଗନ୍ଦର କ୍ଷତ ଶୁଖି-ଯାଏ । ୧୭—ପିଲ୍ଲମାନଙ୍କର ଜିଭ, ତାଳୁ, ଓଷ୍ଠ କମ୍ବା ମୁହଁ ଭିତରେ ଦହିବିନ୍ଦୁ ପରି ଶୁକ୍ଳବର୍ଣ୍ଣ ଛୋଟ ଛୋଟ ଘା' (ଛୁଆଁ) ବାହାରିଲେ ଅଶ୍ୱତ୍ଥଛାଲର ଗୁଣ୍ଡରେ ମହୁ ମିଶାଇ ତହିଁରେ ଲେପନ କରିବ । ୧୮—ଅଶ୍ୱତ୍ଥଛାଲର ଚୂର୍ଣ୍ଣ ମହୁ ସହିତ ଶ୍ୱାସରୋଗରେ ସେବନୀୟ । ଅଶ୍ୱତ୍ଥଛାଲର କ୍ୱାଥରେ ଯଥାବିଧି ତେଲ ପାକକରି ଏହି ତେଲ ଶ୍ୱେତପ୍ରଦର ଓ ଆମରକ୍ତାତିସାରରେ ଅନୁବାସନ ବସ୍ତିରୂପେ ପ୍ରୟୋଗ କରଯାଏ । ୧୯—ବାଳକମାନଙ୍କ ଗୁହ୍ୟରୁ ଅଧିକ ଲାଳସ୍ରାବ ହେଲେ ଅଶ୍ୱତ୍ଥଛାଲର କ୍ୱାଥରେ ମୁଣ୍ଡ ଧୋଇଲେ ବିଶେଷ ଉପକାର ହୁଏ । ୨୦—ଅଶ୍ୱତ୍ଥ ଛାଲିକୁ ପାଣିରେ କିଛି ସମୟ ବତୁରାଇ ସେହି ଜଳ ଛାଣି ପାନ କଲେ ତୃଷ୍ଣା ଏବଂ ଓକାର ଦୂରନ୍ତ ବନ୍ଦହୁଏ । ୨୧—ପିଳୁଆଁ ଘର ଜଳଦସ୍ତା ରୋଗରେ ଅଶ୍ୱତ୍ଥଛାଲିକୁ ବାଟି ବଟିକା ପରି କରିବ । ଏହି ବଟିକା ନାଳୀଘା'ରେ ଭର୍ତ୍ତିକଲେ ଏବଂ ଘା'ର ଚତୁ-ପାର୍ଶ୍ୱରେ ଅଶ୍ୱତ୍ଥ ଛାଲର ପ୍ରଲେପ ଦେଲେ ଅଳ୍ପଦିନରେ ନାଳୀଘା ଭଲହୁଏ । ୨୨—ଅଶ୍ୱତ୍ଥଛାଲର ପାଟ୍ଟ ବାନ୍ଧିଲେ ବଥ ପାଚିଯାଏ । ୨୩—ଅଶ୍ୱତ୍ଥଛାଲିକୁ ପାଣିରେ ବାଟି ଲିଙ୍ଗରେ ଲେପନ କରିବ, ଶୁଖିଗଲାପରେ ଗରମ ଜଳରେ ଧୋଇ ସ୍ତ୍ରୀ ସଙ୍ଗମ କଲେ ଏଥିଦ୍ୱାରା ଅତି ଅଧିକ ଜନନ ବର୍ଦ୍ଧିତ୍ରକ ହୁଏ । ୨୪—ଅଶ୍ୱତ୍ଥଛାଲର ଜଳନ୍ତା ଅଙ୍ଗାରକୁ ପାଣିରେ ପକାଇ ଏହି ପାଣି ପିଇଲେ ହିକ୍କା, ବାନ୍ତି ଓ ତୃଷ୍ଣା ପ୍ରଶମିତ ହୁଏ । ୨୫—ଅଶ୍ୱତ୍ଥଛାଲର କ୍ୱାଥ ଶୀତଳ କରି

ସକାଳେ ଓ ସନ୍ଧ୍ୟାରେ ସେବନ କଲେ ବାତରକ୍ତ ଓ କୁଷ୍ଠରୋଗ ନିବାରିତ ହୁଏ । ୨୬—ଗୋମୂତ୍ରରେ ଉଦୁମ୍ବର ଗ୍ରନ୍ଥିକୁ ବାଟି କ୍ଷତ କ୍ଷତରେ ଲେପନ କଲେ ବିଶେଷ ଉପକାର ହୁଏ । ୨୭—ଉଦୁମ୍ବର ଗଛର କୋମଳ ଗ୍ରନ୍ଥି ଗୁଡ଼ିଏ ଆଣି ଛାଇରେ ଶୁଖାଇ ଚୂର୍ଣ୍ଣ କରିବ । ପାକକ୍ରିୟାର ଅଗ୍ନିବାର ପୂର୍ବଦିନ ଏବଂ ପାଳିଦିନ ୫—୬ ଗ୍ରାମ ପରିମାଣରେ ଦିନରେ ତିନିଥର ଏହି ଚୂର୍ଣ୍ଣ ଗରମ ଜଳ ସହିତ ସେବନ କଲେ ଜ୍ୱର ଆସେନାହିଁ । **ଉଦୁମ୍ବରଫଳ**—ଉଦୁମ୍ବର ପାଚିଲାଫଳ ମଧୁର, କଷାୟ ଓ ଶୀତଳ, ଏହା କଫ, ପିତ୍ତ, ଦାହ, ତୃଷ୍ଣାରୋଗ, ରକ୍ତଦୋଷ, କାନ୍ତି, ଶୋଷ, ଓ ଅରୁଚି ହରଣ କରେ, ସମସ୍ତ ଯୋନିଦୋଷ ଶୀଘ୍ର ପ୍ରଶମନ କରେ ଏବଂ ରକ୍ତ ଶୁଦ୍ଧି କରେ, ଏହା ଗର୍ଭିଣୀ ପକ୍ଷରେ ହିତକର ଅଟେ । ଉଦୁମ୍ବରର ଶୁଖିଲା ଫଳକୁ ଚୂର୍ଣ୍ଣ କରି ଏକପକ୍ଷ କାଳ ଜଳ ସହିତ ସେବନ କଲେ କୋଷ୍ଠ ମୃଦୁ ହୁଏ । ପାଚନ ଶକ୍ତି ବଢ଼େ, ଶ୍ୱାସରୋଗ ନଷ୍ଟ ହୁଏ ଏବଂ ସ୍ତ୍ରୀମାନଙ୍କର ବନ୍ଧ୍ୟାତ୍ୱ ଦୂରହୁଏ । ୨୮—ପ୍ରତିଦିନ ପ୍ରାତଃକାଳରେ ଏହି ଫଳର ଚୂର୍ଣ୍ଣ ମହୁ ସହିତ ସେବନ କଲେ ଶରୀର ପୁଷ୍ଟ ବଳିଷ୍ଠ ହୁଏ । କଣ୍ଠମାଳା ଓ ଅପଚୀ ରୋଗ ବିନଷ୍ଟ ହୁଏ । ୨୯—ଉଦୁମ୍ବର ଫଳକୁ ଛାଇରେ ଶୁଖାଇ ଚୂର୍ଣ୍ଣ କରି ସେଥିରେ ଦୁଇଗୁଣ ମିଶ୍ରୀ ମିଶାଇବ । ପ୍ରତିଦିନ ୧୦ ଗ୍ରାମ ପରିମାଣ ଏହି ଚୂର୍ଣ୍ଣ ଦୁଧ ସହିତ କିମ୍ବା ପାଣି ସହିତ ସେବନ କଲେ, ସ୍ୱପ୍ନଦୋଷ, ସ୍ନାୟବିକ ଦୁର୍ବଳତା ଓ ସ୍ତ୍ରୀରୋଗ ଶୂଳ ପ୍ରଭୃତି ରୋଗ ନିବାରିତ ହୁଏ । ଉଦୁମ୍ବରଫଳକୁ ଶୁଖାଇ ଚୂର୍ଣ୍ଣ କରି ତଦ୍ୱାରା ହାଲୁଆ ପ୍ରସ୍ତୁତ କରିବ । ଏହି ହାଲୁଆ ଖୁବ ବଳକାରକ, ସ୍ତ୍ରୀମାନଙ୍କର ଗର୍ଭାଶୟ ରୋଗରେ ଏବଂ କଟିଶୂଳରେ ଏହା ଅତ୍ୟନ୍ତ ହିତକର । ଏତଦ୍ୱାରା ଭୁକ୍ତର ଗା' ମଧ୍ୟ ଭଲହୁଏ । ଯଦି ହାଲୁଆ ପ୍ରସ୍ତୁତ କରିବାର ସୁବିଧା ନହୁଏ, ତେବେ ଏହି ଫଳର ଚୂର୍ଣ୍ଣ ସହିତ ସମାନ ପରିମାଣରେ ଚିନି ମିଶାଇ ଖାଇବ, ତା' ଉପରେ ଦୁଧ ପିଇବ । ଏହା ଏହିଭଳି ଏକ ନିରାପଦ ଔଷଧ ଯେ, ଚିକିତ୍ସକ ଏହାକୁ ଶିଶୁ ଓ ଗର୍ଭବତୀକୁ ମଧ୍ୟ ଦିଆଯାଇପାରେ । **ଉଦୁମ୍ବରମଞ୍ଜୀ**—ଏହା ଶୀତଳ ଓ ରସାୟନ । ଉଦୁମ୍ବରମଞ୍ଜୀ ମହୁ ସହିତ ଖାଇଲେ ରକ୍ତ ଶୁଦ୍ଧି ହୁଏ ଏବଂ ଅନ୍ତର୍ଦାହ ପ୍ରଶମିତ ହୁଏ । **ଉଦୁମ୍ବରବକଳ**—୨୦୦ ଗ୍ରାମ ପରିମାଣ ଉଦୁମ୍ବରବକଳ ଆଣି ତାକୁ ଛାଇରେ ଶୁଖାଇ ଚୂର୍ଣ୍ଣ କରିବ । ଏଥିରେ ସମାନ ଭାଗରେ ମିଶ୍ରୀ ମିଶାଇବ । ମାସିକ ଋତୁସ୍ରାବ ହେବା ଦିନଠାରୁ ପ୍ରତିଦିନ ୧୦ ଗ୍ରାମ ସ୍ତ୍ରୀ ଓ ପୁରୁଷ ଦୁହେଁ ଗାଈଦୁଧ ସହିତ ଏହା ସେବନ କରିବାକୁ ହେବ ଏବଂ ମୈଥୁନ କରିବାକୁ ହେବନାହିଁ । ଏହାପରେ ନିୟମରେ ଦଶଦିନ ଏହି ଔଷଧ ସେବନ କରି ଏଗାରଦିନ ଦିନରେ ସହବାସ କଲେ ସ୍ତ୍ରୀ ଗର୍ଭିଣୀ ହୁଏ । ବନ୍ଧ୍ୟା ସ୍ତ୍ରୀମାନଙ୍କୁ ପ୍ରତିମାସ ଋତୁସ୍ନାନ ପରେ ଏକସପ୍ତାହ ପର୍ଯ୍ୟନ୍ତ ଉଦୁମ୍ବର ବକଳର ଚୂର୍ଣ୍ଣ ଦଶଗ୍ରାମ ପରିମାଣରେ ଗାଈଦୁଧ ସହିତ ସେବନ କରାଇଲେ ତିନି ଚାରି ମାସ ମଧ୍ୟରେ ସେମାନଙ୍କର ବନ୍ଧ୍ୟାତ୍ୱ ଦୂର ହୋଇ ଗର୍ଭଧାରଣ ଶକ୍ତି ଲାଭହୁଏ । ଏହି ଔଷଧ ସେବନ କାଳରେ ଯଥେଷ୍ଟ ପରିମାଣରେ ଘିଅ ଓ ଦୁଧ ପ୍ରତିଦିନ ଖାଇବାକୁ ହେବ । **ଉଦୁମ୍ବରକ୍ଷୀର**—୩୧—ଏହି କ୍ଷୀର ଦାଦୁରେ ଲଗାଇଲେ ଦାଦୁ ଭଲହୁଏ ଏବଂ ଚର୍ମ ପରିଷ୍କାର ହୁଏ । ୩୨—ଖଣ୍ଡିଏ ସଫେଦ କନା ଆଣି ପ୍ରଥମେ ତାକୁ ମହୁରେ ଭିଜାଇବ, ତା'ପରେ ଉଦୁମ୍ବର କ୍ଷୀରରେ ତାକୁ ଓଦା କରି ଶୁଖାଇ ପୋଡ଼ିବ । ଏହି ପାଉଁଶକୁ ସିର୍କାରେ ମିଶାଇ ଉଷ୍ମ କରି ଛଉରେ ଲଗାଇଲେ ଧଳାଚିହ୍ନ ଛିଡ଼ିଯାଇ ଦେହର ସମାନ ବର୍ଣ୍ଣ ହୁଏ । ୩୩—ଗେରୁପାଚିଲା ତନ୍ତୁଳମଞ୍ଜୀ (ଆପଗ୍ରୁ) ୧୦୦ ଗ୍ରାମ ଚୂର୍ଣ୍ଣ କରି ୫୦ ଗ୍ରାମ ଉଦୁମ୍ବରକ୍ଷୀର ତହିଁରେ ମିଶାଇ ଶୁଖାଇ ରଖିବ, ତା'ର ପରେ ୧୦୦ ଗ୍ରାମ ଚଣାଚୂନା, ଚିନି ଅଧସେରକ ଏବଂ ଗାଈଘିଅ ପାଉସେରକ ଏକାଠି ଯଥାବିଧି ପାକ କରି ହାଲୁଆ ପ୍ରସ୍ତୁତ କରିବ । ଏହି ହାଲୁଆରେ ପୂର୍ବୋକ୍ତ ତନ୍ତୁଳୀମଞ୍ଜୀର ଚୂର୍ଣ୍ଣ ଏବଂ ଗୁଳୁଗୁଲି ଓ କୁଙ୍କୁମ ୧୦ ଗ୍ରାମ ପରିମାଣରେ ମିଶାଇବ । ପ୍ରତିଦିନ ଏହା ସେବନ କଲେ, କାମ ଉଦ୍ଦୀପିତ ହୁଏ, ବର୍ଣ୍ଣ କାନ୍ତି ଓ ସୌନ୍ଦର୍ଯ୍ୟ ବଢ଼େ । ପୁରୁଷମାନଙ୍କର ପ୍ରମେହ ଓ ସ୍ତ୍ରୀମାନଙ୍କର ସୋମରୋଗରେ ଏହା ଅପୂର୍ବ ଔଷଧ । ୩୪—ପ୍ରତିଦିନ ପ୍ରାତଃକାଳରେ ୭—୧୨ ବୁନ୍ଦା ଉଦୁମ୍ବରକ୍ଷୀର ମାରେଷ୍ଟ ଗାଈ ଦୁଧ କିମ୍ବା ମେଣ୍ଢୀ ଦୁଧ ସହିତ ଦୁଇ ସପ୍ତାହ ସେବନ କଲେ ସ୍ୱପ୍ନଦୋଷ ନିର୍ମୂଳ ଭାବରେ ଆରୋଗ୍ୟ ହୁଏ । ୩୫—ଉଦୁମ୍ବରକ୍ଷୀର ଲଗାଇଲେ ବିପାଦିକାରୋଗ (ଫାଟିଯିବା) ଭଲହୁଏ । ୩୬—ଯେଉଁ ସ୍ତ୍ରୀର ପିଲା ପେଟରେ ଅଟକି ଯାଏ, ପ୍ରସବ ହୁଏନାହିଁ, ବାରମ୍ବାର ବେଦନା ହୁଏ, ତାକୁ ଦଶଗ୍ରାମ ମେଣ୍ଢୀ ଗୋବର ଅଧ କେଜି ପାଣିରେ ସିଝାଇ ୧୦୦—୧୨୦ ଗ୍ରାମ ପାଣି ଅବଶେଷ ରଖି ଛାଣି ତହିଁରେ ୪୦ ଗ୍ରାମ ମହୁ, ଏଗାର ଟୋପା ଉଦୁମ୍ବରକ୍ଷୀର ମିଶାଇ ପିଆଇବ, ଏତଦ୍ୱାରା ତୁରନ୍ତ ପ୍ରସବ ହୁଏ । ୩୭—ଯେଉଁ ସ୍ତ୍ରୀର ପିଲା ଭୂତାବେଶ (ପିଳୁଲା ବା କୁନ୍ଦୁଲି) ରୋଗରେ ମରିଯାଉ ଥାଏ, ସେହି ସ୍ତ୍ରୀ ପିଲା ଜନ୍ମ ହେବା ଦିନଠାରୁ ଉଦୁମ୍ବରକ୍ଷୀର ଏକ ଟୋପା ଗାଈ କିମ୍ବା ଛେଳୀ ଦୁଧରେ ମିଶାଇ ଦୁଇମାସ ପର୍ଯ୍ୟନ୍ତ ପ୍ରତିଦିନ ଖାଇଲେ ତା'ର ବାଳକକୁ କୌଣସି ରୋଗ ଆକ୍ରମଣ କରେ ନାହିଁ । **ଉଦୁମ୍ବରକାଠ**—୩୮—ଉଦୁମ୍ବର କାଠରେ ଗୋଟିଏ ଗିଲାସ ବା ଗିନା ତିଆରି କରି ତହିଁରେ ଦୁଧ ରଖି ପ୍ରତିଦିନ ପ୍ରାତଃକାଳରେ ସ୍ତ୍ରୀକୁ ପାନ କରାଇଲେ ତାର ବନ୍ଧ୍ୟା ଦୋଷ ନଷ୍ଟ ହୋଇ ଗର୍ଭସ୍ଥାପନ ହୁଏ । ୩୯—ଯେଉଁ ଘରେ ସାପ ରହେ, ସେହି ଘରେ ଉଦୁମ୍ବରକାଠ ଜାଳି ଧୂଆଁ ଦେଲେ ସାପ ଘରଛାଡ଼ି ପଳାଏ । ୪୦—ଜ୍ୱରର ପାଳିଦିନ ଉଦୁମ୍ବର ଡାଳକାଟିରେ ଦାନ୍ତ ଘଷିଲେ ଜ୍ୱର ଆସେନାହିଁ

ଏବଂ ଦାନ୍ତ ମୂଳର ରକ୍ତସ୍ରାବ ବନ୍ଦହୁଏ । ( ବୃ,ମୁ, । ମ, ମୂ । ଆ, କ,କୋ,) ବୈଦ୍ୟଶାସ୍ତ୍ରରେ ଉଦୁମ୍ବର ଗଛର ବ୍ୟବହାର ଯଥା କ. ରକ୍ତପିତ୍ତରୋଗେ—୪୧-ଉଦୁମ୍ବରଛାଲର କ୍ୱାଥରେ ମଧୁ ପ୍ରକ୍ଷେପ କରି ପାନକଲେ ତ୍ରିଦୋଷ ଜାତ ଦାରୁଣ ରକ୍ତପିତ୍ତ ରୋଗ ପ୍ରଶମିତ ହୁଏ । (ଚରକ) ବ୍ରଣାଚ୍ଛାଦନେ—୪୨-ଉଦୁମ୍ବରପତ୍ର ଘା'ରେ ପକାଇଲେ ଘା' ନିର୍ଦ୍ଦୋଷ ହୁଏ । ( ଚରକ ) ଜନନ୍ୟବ୍ରଣେ—୪୩-ଉଦୁମ୍ବର ଛାଲ ଚୂର୍ଣ୍ଣ କରି ଘା'ରେ ପକାଇଲେ ଅତଶୀଘ୍ର ଘା' ଶୁଖିଯାଏ । (ଚରକ) ମଧୁମେହ ରୋଗେ—୪୪-ଉଦୁମ୍ବର ଛାଲର କ୍ୱାଥ ମଧୁମେହ ନାଶକରେ । ( ସୁଶ୍ରୁତ ) ବାଜୀକରଣାର୍ଥେ——୪୫-ଉଦୁମ୍ବରଗଛର ଫଳ, ମୂଳର ଛାଲ ଓ ପତ୍ରର ଅଗୀର (ମୁଞ୍ଜି) କ୍ୱାଥରେ ମଧୁ ଓ ଚିନି ପ୍ରକ୍ଷେପ କରି ପାନକଲେ ବର୍ଦ୍ଧ୍ୟ ବୃଦ୍ଧି ହୁଏ । ଏବଂ ଘୋଡ଼ାପରି ମୈଥୁନ ଶକ୍ତି ଲାଭହୁଏ । (ସୁଶ୍ରୁତ) ବାନ୍ତିରୋଗେ—୪୬-ଉଦୁମ୍ବର ଛାଲକୁ ଦଗ୍ଧକରି ସେହି ଜଳନ୍ତା ଅଙ୍ଗାର ପାଣିରେ ପକାଇ ନିଭାଇବ । ଏହି ଜଳ ପାନ କଲେ ବାନ୍ତି ନିବୃତ୍ତି ହୁଏ । ( ଚକ୍ରଦତ୍ତ ) ଅଗ୍ନିଦଗ୍ଧବ୍ରଣେ—୪୭-ଉଦୁମ୍ବରଛାଲ ଗୁଣ୍ଡକରି ପୋଡ଼ା ଘା'ରେ ପକାଇଲେ ଘା' ଶୁଖିଯାଏ । (ଚକ୍ରଦତ୍ତ) କର୍ଣ୍ଣଶୂଳେ—୪୮-ଉଦୁମ୍ବରପକ୍ୱ ଟୋଲକୁ ଟେକାଇ କରି ଜଳନ୍ତା ଚୁଲି ନିଆଁରେ ସେହି ଟୋଲଟି ପୁର୍ଣ୍ଣ କରିବ । ସେହି ଟୋଲରୁ ଯେଉଁ ତୈଳ ସ୍ରବିବ, ତାହା କାନରେ ପକାଇଲେ କାନଟଣା ବନ୍ଦହୁଏ । (ଚକ୍ରଦତ୍ତ) ବାଳକଭଗ୍ନମୁଖ ଶୋଷରୋଗେ—୪୯-ପିଲମାନଙ୍କର ତୁଣ୍ଡରେ ଛୁଟି ଘା'ହେଲେ ଉଦୁମ୍ବରଛାଲ ଓ ପତ୍ର ମଧୁ ସହିତ ଉତ୍ତମ ରୂପେ ପେଷି ତଣ୍ଡିରେ ପ୍ରଲେପ ଦେବ । ମାତ୍ରା କ୍ୱାଥ ୫୦—୧୦୦ ଗ୍ରାମ, ପତ୍ରରସ ୩୦—୪୦ ଗ୍ରାମ ।

ଅଶ୍ୱତ୍ଥାରିଷ୍ଟ—ଅଶ୍ୱତ୍ଥ (ଉଦୁମ୍ବର) ଛାଲ ପାଞ୍ଚ ସେର, ଖଇର ଛାଲ ଅଢ଼ାଇ ସେର, ବାରଗ ସେର ଜଳରେ ସିଝାଇ ତେର ସେର ଶେଷ ରଖି ଛାଣି ହାଣ୍ଡିରେ ରଖିବ । ଧାତୁକୀଫୁଲ, ହରିଡ଼ା, ବାହାଡ଼ା, ଅଁଳା, ଶୁଣ୍ଠି, ଗୋଲମରିଚ, ପିପ୍ପଳୀ, ହଳଦୀ, ଦାରୁହଳଦୀ, ମୋଥା, ଗୁଳୁଚୀ ପ୍ରତ୍ୟେକ ଆଠଟଙ୍କା ଚୋଡ଼ିଏ ଗ୍ରାମ । ଏହି ସମସ୍ତ ଦ୍ରବ୍ୟ ଚୂର୍ଣ୍ଣ କରି ସେହି ହାଣ୍ଡିରେ ଗୋଳି ମୁଖ ସନ୍ଧାନ କରି ଏକମାସ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା ୧—୨ ଆଉନ୍ସ ଜଳ ସହ । ମହାକୁଷ୍ଠ, ସାଧାରଣ କୁଷ୍ଠ, ଅର୍ଶ, ଭଗନ୍ଦର, ପ୍ରମେହ, କାସ, ଶ୍ୱାସ ଏବଂ ଶ୍ୱେତରୋଗରେ ପ୍ରଯୋଗ ହେବ । (ବୃ,ଆ,ଅ,ସ)

(ଜ) ଉଦୁମ୍ବର ପଞ୍ଚାଙ୍ଗଯୋଗ—ଉଦୁମ୍ବରଗଛର ମୂଳ, ଛାଲ, ପତ୍ର, ଫଳ, ଓ କ୍ଷୀର ଏହି ପଞ୍ଚାଙ୍ଗର ଅଥବା କେବଳ ଉଦୁମ୍ବର ଛାଲର କୋମଳ ପତ୍ରକୁ ଆଣି ସେଥିରେ ଅଷ୍ଟଗୁଣ ଜଳ ଦେଇ ସିଝାଇ ଏକ ଚତୁର୍ଥାଂଶ ଅବଶେଷ ରଖି ଓହ୍ଲାଇ ଛାଣି ରଖିବ, ପରେ ଏହି ପାଣିକୁ ଚୁଲିରେ ବସାଇ ସିଝାଇବ, ଯେତେବେଳେ ପାଣି ମରିଯାଇ ଅଫିମ ପରି ହୋଇଯିବ, ସେତେବେଳେ କାଢ଼ି ବାହାର କରି ଦେଇ, ଚୁଲିରେ ବସାଇ, ସମପରିମାଣ ମିଶ୍ରୀ ଚିକକଣ ଭାବରେ ଗୁଣ୍ଡ କରି ମିଶାଇ ଓହ୍ଲାଇବ । ସେବନ ବିଧି—ଏଥିରୁ ଏକ ଷଷ୍ଠାଂଶ ଗ୍ରାମ ଦୁଧ ସହିତ ସକାଳେ ଓ ସନ୍ଧ୍ୟାରେ ସେବନ କରିବ । ଏହା ପ୍ରମେହ ନାଶକରେ, ବୀର୍ଯ୍ୟକୁ ଗାଢ଼ କରେ । ଏହା ବାଜୀକରଣ ଓ ବଳଦାୟକ ଏବଂ ସ୍ୱର୍ଣ୍ଣ ଭସ୍ମଠାରୁ ଅଧିକ ଗୁଣପ୍ରଦ ।

(ଝ) ଶ୍ୱେତପ୍ରଦରରୋଗେ—ପ୍ରତିଦିନ ସକାଳେ ଉଦୁମ୍ବର କ୍ଷୀର ଦଶ ଟୋପା ବତାସାରେ ପକାଇ ପ୍ରଦର ରୋଗିଣୀକୁ ସେବନ କରାଇ, ତା'ପରେ ଅଧସେର ଗାଈ ଦୁଧ ପିଆଇବ । ଏହିପରି କେତେଦିନ ବ୍ୟବହାର କରାଇଲେ ଶ୍ୱେତପ୍ରଦର ପ୍ରଶମ ହୁଏ ।

(ଞ) ଗର୍ଭସ୍ଥାପକଯୋଗ—ଉଦୁମ୍ବରଗଛର ଓହଳ ୨୦୦ ଗ୍ରାମ, ମିଶ୍ରୀ ୨୦୦ ଗ୍ରାମ, ଏହି ଦୁଇଟି ଦ୍ରବ୍ୟକୁ ଖଲରେ ଚୂର୍ଣ୍ଣ କରି ମିଶାଇବ, ସ୍ତ୍ରୀର ଋତୁ ହେବା ଦିନ ଠାରୁ ଏକାଦଶ ଦିନ ପର୍ଯ୍ୟନ୍ତ ସ୍ତ୍ରୀ ଓ ପୁରୁଷ ଦୁହେଁ ଏହି ଔଷଧକୁ ଦଶ ଦଶ ଗ୍ରାମ ଚୂର୍ଣ୍ଣ ସକାଳେ ଓ ସନ୍ଧ୍ୟାରେ ଗରମ ଦୁଧ ସହ ଦଶଦିନ ପର୍ଯ୍ୟନ୍ତ ସେବନ କରି ଏକାଦଶ ଦିନ ସହବାସ କଲେ ଗର୍ଭ ସ୍ଥାୟୀ ହୁଏ ।

## ଉଦୁମ୍ବର ଯୋଗରେ ଧାତୁଭସ୍ମ

୧—ହିଙ୍ଗୁଳୋଦ୍ଭବପାରଦଭସ୍ମ—ଉଦୁମ୍ବର ଛାଲର ପାରିସ ଦୁଇ ସେର ଆଣି ଗୋଟିଏ କଡ଼େଇରେ ଆନୁମାନିକ ଅଧସେର ପାରିସ ପକାଇ ତା' ଉପରେ ୧୦—୨୦ ଗ୍ରାମ ଓଜନର ହିଙ୍ଗୁଳ ଖଣ୍ଡ ରଖିବ, ପରେ ତା' ଉପରେ ବାକି ରହିଥିବା ପାରିସକୁ ଅଳ୍ପ କରି ରଖି ବାକି ସବୁ ପାରିସ ତା' ଉପରେ ଘୋଡ଼ାଇ ହାତରେ ଚିପିଦେବ, ତା'ପରେ ଚୁଲିରେ ବସାଇ ଉଦୁମ୍ବରକାଠରେ ଜାଳ ଦେବ, ଯଦି ମଝିରେ କେତେବେଳେ ଫାଟିକରି ଧୂଆଁ ବାହାରେ ତାହା ହେଲେ ରଖା ଯାଇଥିବା ପାରିସ ପକାଇ ଘୋଡ଼ାଇ ଦେବ । ଏହିପରି ବାରଘଣ୍ଟା ପର୍ଯ୍ୟନ୍ତ ପାକ କଲେ, ଉତ୍କୃଷ୍ଟ ହିଙ୍ଗୁଳ ଭସ୍ମ ପ୍ରସ୍ତୁତ ହୁଏ । ଥଣ୍ଡା ହେଲେ ହେବାପରେ ବାହାର କରିବ, ଏହା ପୁରାତନ ଜ୍ୱରର ପ୍ରଧାନ ଔଷଧ ।

୨—ଲୌହଭସ୍ମ—(କ) ଉଦୁମ୍ବରଗଛର ବକ୍ଳଳ ଛାଲ ଆଣି ତାକୁ ଧାନ୍ୟକଣି ଅଲଗା କରିବ, ତା'ପରେ ଲୁହାକୁ ପରି ଖଣ୍ଡ ଖଣ୍ଡ କରି ତାଙ୍କୁ ଆଣି ତାକୁ ସେଥିରେ ରଖି ତା'ଉପରେ ଟେକି ଛାଲକୁ ଘୋଡ଼ାଇବ, ଏବଂ ଆବଶ୍ୟକ ଅନୁସାରେ

ତଳେ ଉପରେ ଉପସ୍ତ୍ରୁଲି ଦେଇ ମଝିରେ ବଙ୍ଗ ଖଣ୍ଡ ଗୁଡ଼ିକ ରଖିବ, ପରେ ସେହି ଚୁଲିରେ ଅଗ୍ନି ସଂଯୋଗ କରିବ, ଶୀତଳ ହେବାପରେ ସମ୍ପୂର୍ଣ୍ଣ ଚୂର୍ଣ୍ଣ ହୋଇଥିବା ବଙ୍ଗକୁ ଗ୍ରହଣ କରିବ । ଏହା ଗଣେଶଆ ରୋଗର ପ୍ରଧାନ ଔଷଧ ।

**ବଙ୍ଗଭସ୍ମ** (ଖ) ଉଦୁମ୍ବର ଗଛର କଞ୍ଚା ଚୁଲି ଦୁଇ ସେର ଆଣି ଶିଳରେ ଉତ୍ତମରୂପେ ବାଟିବ । ଏଥି ଭିତରେ ଶୁଦ୍ଧବଙ୍ଗ ୧ତୋଲାମ ରଖି ତା'ର ଉପରେ କନା ମାଟି ଲେପ-ଦେଇ ୪୦ ସେର ଘସିରେ ପୁଟଦେଲେ ଅତି ଉତ୍ତମ ଭସ୍ମ ପ୍ରସ୍ତୁତ ହୁଏ । ମାତ୍ରା—ଏକ ଷଡ଼ାଂଶ ଗ୍ରାମଠାରୁ ଏକ ଚତୁର୍ଥାଂଶ ଗ୍ରାମ । ଅନୁପାନ—ମହୁଣୀ । ଏହି ଭସ୍ମ, ପ୍ରମେହ, ଶୁକ୍ରଦୋଷ ଏବଂ ଭୂଅଁମେହ ରୋଗରେ ବିଶେଷ ଲାଭଦାୟକ ।

**୩—ସୀସାଭସ୍ମ**—ଉଦୁମ୍ବରଗଛର କୋମଳପତ୍ର ଗୁଡ଼ିଏ ଆଣି କଳ୍କ ପ୍ରସ୍ତୁତ କରିବ । ତା'ର ମଝିରେ ଦଶଗ୍ରାମ ସୀସା ରଖି ଶରା ଯୋଡ଼ାଇ କନା ମାଟି ଦେଇ, ଆଠ ସେର ଘସିରେ ପୁଟ ଦେଲେ ଉତ୍ତମ ସୀସାଭସ୍ମ ହୁଏ । *

**୮୪—ଋତୁମାନଙ୍କର ଗୁଣ**—ଦୁଇ ମାସରେ ଏକଋତୁ ହୁଏ । ଋତୁମାନଙ୍କର ସଂଖ୍ୟା—୬ । ଯଥା—(୧) ବସନ୍ତ—ଚୈତ୍ର ଓ ବୈଶାଖ (୨) ଗ୍ରୀଷ୍ମ—ଜ୍ୟେଷ୍ଠ ଓ ଆଷାଢ଼ (୩) ବର୍ଷା—ଶ୍ରାବଣ ଓ ଭାଦ୍ରପଦ (୪) ଶରତ୍—ଆଶ୍ୱିନ ଓ କାର୍ତ୍ତିକ (୫) ହେମନ୍ତ—ମାର୍ଗଶୀର ଓ ପୌଷ (୬) ଶିଶିର—ମାଘ ଓ ଫାଲ୍‌ଗୁନ । ଏହି ଋତୁମାନଙ୍କ ମଧ୍ୟରେ ମେଷାଦି ରାଶିମାନଙ୍କର କ୍ରମ ମଧ୍ୟ ଉକ୍ତ ଲିଖିତ ପ୍ରକାରରେ ହୁଏ । ଯଥା—(୧) ଗ୍ରୀଷ୍ମ ମେଷ ଓ ବୃଷ (୨) ବର୍ଷା—ମିଥୁନ ଓ କର୍କଟ (୩) ଶରତ ସିଂହ ଓ କନ୍ୟା (୪) ହେମନ୍ତ—ତୁଳା ଓ ବିଛା (୫) ଶିଶିର-ଧନୁ ଓ ମକର (୬) ବସନ୍ତ—କୁମ୍ଭ ଓ ମୀନ ଏହି ଋତୁମାନଙ୍କର କାରଣ—ବାୟୁ, ସୂର୍ଯ୍ୟ ଓ ସୋମ । ୮ । ଏଥିମଧ୍ୟରୁ ଶିଶିର, ବସନ୍ତ ଓ ଗ୍ରୀଷ୍ମ ଏହି ତିନି ଋତୁକୁ ଉତ୍ତରାୟଣ ବୋଲାଯାଏ । ଉତ୍ତରାୟଣରେ ସୂର୍ଯ୍ୟଙ୍କର ଗତି ଦକ୍ଷିଣରୁ ଉତ୍ତର ଦିଗକୁ ବଢ଼େ । ଏହି ସମୟରେ ବାୟୁ ରୂକ୍ଷ ଓ ତୀବ୍ର ହୁଏ । ସୂର୍ଯ୍ୟ ପୃଥିବୀର ରସ ଓ ପ୍ରାଣିମାନଙ୍କର ବଳ ଆକର୍ଷଣ କରି ନିଅନ୍ତି । ଏହି ହେତୁରୁ ଆୟୁର୍ବେଦ ଶାସ୍ତ୍ରରେ ଉତ୍ତରାୟଣକୁ ଆଦାନ କାଳ ବୋଲାଯାଏ । ଆଦାନ କାଳରେ ପୃଥିବୀରେ ତିକ୍ତ, କଷା ଓ ଉଗ୍ର ଏହି ତିନିରସ ବଢ଼େ । ଅତଏବ ବର୍ଷା, ଶରତ ଓ ହେମନ୍ତ ଏହି ତିନି ଋତୁକୁ ଦକ୍ଷିଣାୟନ କହନ୍ତି । ଦକ୍ଷିଣାୟନରେ ସୂର୍ଯ୍ୟଙ୍କର ଗତି ଦକ୍ଷିଣ ଦିଗକୁ ହୁଏ । ଏଥିରେ ସୂର୍ଯ୍ୟଙ୍କର ତାପ କମିଯାଏ । ମେଘ ବର୍ଷା ଏବଂ ଔଷଧି ନାଥ ଚନ୍ଦ୍ରଙ୍କର ବଳ ବଢ଼େ, ପୃଥିବୀ ଔଷଧି ସମ୍ପନ୍ନ ଓ ଶସ୍ୟ ଶାଳିନୀ ହୁଏ, ପୃଥିବୀରେ ମଧୁର ଅମ୍ଳ ଓ ଲବଣ ଏହି ତିନିରସ ବଢ଼େ ଏବଂ ଧୀରେ ଧୀରେ ପ୍ରାଣିମାନଙ୍କର ବଳ ବୃଦ୍ଧି ହୁଏ । ଦକ୍ଷିଣାୟନକୁ ଆୟୁର୍ବେଦ ଶାସ୍ତ୍ରରେ ବିସର୍ଗ କାଳ ବୋଲାଯାଏ । ବିସର୍ଗ ଓ ଆଦାନ କାଳର ଆରମ୍ଭରେ ଓ ଶେଷରେ ପ୍ରାଣିମାନେ ଦୁର୍ବଳ ହୁଅନ୍ତି । ଗ୍ରୀଷ୍ମଋତୁ—ରୁକ୍ଷ, ଉଷ୍ଣ, କଟୁ, ପିତ୍ତକାରକ ଓ କଫନାଶକ । ବର୍ଷାଋତୁ—ଶୀତଳ, ବିଦାହୀ, ଅଗ୍ନିମାନ୍ଦ୍ୟ ଜନକ ଓ ବାତ ବର୍ଦ୍ଧକ । ଶରତଋତୁ—ଉଷ୍ଣ ଓ ପିତ୍ତବର୍ଦ୍ଧକ । ହେମନ୍ତଋତୁ—ସ୍ନିଗ୍ଧ, ଶୀତଳ, ମଧୁର ଓ ଅଗ୍ନିବର୍ଦ୍ଧକ । ଶିଶିରଋତୁ—ଶୀତଳ, ରୁକ୍ଷ, ବାୟୁ ଓ ଅଗ୍ନିବର୍ଦ୍ଧକ । ବସନ୍ତଋତୁ—ମଧୁର, ସ୍ନିଗ୍ଧ ଓ କଫକାରକ । ଋତୁଭେଦରେ ପଥ୍ୟାପଥ୍ୟ—**ଗ୍ରୀଷ୍ମଋତୁରେ**—ମଧୁର, ସ୍ନିଗ୍ଧ, ଶୀତଳ, ଲଘୁ ଓ ତରଳ ପଦାର୍ଥ ଭୋଜନ । ଦୁଧ, ପାଚିଲା ଆମ୍ବ, ପଣା, ଗ୍ରାମ୍ୟ ଜନ୍ତୁର ମାଂସ, ଶାଳୀଧାନର ଅନ୍ନ ଚନ୍ଦ୍ରକିରଣ ସେବା, ଦିବା ନିଦ୍ରା, ଚନ୍ଦନଲେପନ ଓ ଶୀତଳ ଜଳ ପାନ ହିତକର ଅଟେ । ଏହି ଋତୁରେ କଟୁ ଲବଣ ଓ ଅମ୍ଳରସ, ଆତପ ଭ୍ରମଣ ଓ ପରିଶ୍ରମ ଅପଥ୍ୟ । **ବର୍ଷା ଋତୁରେ**—ବାତ ବଢ଼େ । ତେଣୁ ଏହି ଋତୁରେ ମଧୁର, ଅମ୍ଳ ଓ ଲବଣ ରସ ପ୍ରଧାନ ଦ୍ରବ୍ୟମାନଙ୍କର ଭୋଜନ ପଥ୍ୟ ଅଟେ । ଏହି ଋତୁରେ ଶରୀର ଓଦା ହେଲା ପରି ଅନେକ ସମୟରେ ବୋଧ ହୁଏ । ସେହି କାରଣରୁ କଟୁ, ତିକ୍ତ, କଷାୟ ରସ ମଧ୍ୟ ସମୟେ ସମୟେ ସେବନ କରିବାକୁ ହେବ । ଏହି ଋତୁରେ ତୈଳ ମର୍ଦ୍ଦନ, ଉଷ୍ଣଜଳରେ ସ୍ନାନ, ଦଧିଭୋଜନ, ଗହମ, ଯବ, ଶାଳୀଧାନ, ବନ୍ୟଜୀବର ମାଂସ ଭକ୍ଷଣ, କୂପ ଜଳ ପାନ ପଥ୍ୟ, ଏହି ଋତୁରେ ଦିବାନିଦ୍ରା, ରୁକ୍ଷଦ୍ରବ୍ୟ ଭୋଜନ, ଅତ୍ୟମୈଥୁନ ପୂର୍ବଦିଗର ପବନ, ବର୍ଷା ଓ ଖରାରେ ଭ୍ରମଣ ଏବଂ ନଦୀତଟରେ ବାସ ଅପଥ୍ୟ ଅଟେ । **ଶରତ୍‌କାଳରେ**—ଘୃତପାନ, ମଧୁର, ତିକ୍ତ ଓ କଷାୟ ରସ ସେବନ, ଶୀତଳ ଦ୍ରବ୍ୟ ଭୋଜନ, କ୍ଷୀର ପାନ, ଚନ୍ଦ୍ର, ଚନ୍ଦନ, କର୍ପୂର, ମିଷ୍ଟାଳାପ ଓ ସରୋବରରେ କ୍ରୀଡ଼ା ପଥ୍ୟ, ପିତ୍ତ ପ୍ରକୃତି ପକ୍ଷେ ବିରେଚନ ଓ ବଳବାନ୍ ପକ୍ଷରେ ରକ୍ତମୋକ୍ଷଣ ଏହି ଋତୁରେ ହିତକର । କଟୁ, ଅମ୍ଳ, ଲବଣରସ, ଉଷ୍ଣଦ୍ରବ୍ୟ, ବ୍ୟାୟାମ, ଦିବାନିଦ୍ରା ଓ ଆତପ ଭ୍ରମଣ । ଏହି ଋତୁରେ ଅପଥ୍ୟ, ।

ମନ୍ତବ୍ୟ— * ଯେଉଁ ଯେଉଁ ବନୌଷଧି ଯୋଗରେ, ଯେଉଁ ଧାତୁର ଭସ୍ମ କରାଯାଏ ସେହି ୨ ବନୌଷଧିର ଯାହା ଯାହା ଗୁଣ, ସେହି ଧାତୁ ଭସ୍ମ ମଧ୍ୟ ସେହି୨ ଗୁଣଯୁକ୍ତ ବୋଲି ବୁଝିବାକୁ ହେବ ଏବଂ ଉପଯୁକ୍ତ ମାତ୍ରାରେ ଉପଯୁକ୍ତ ଅନୁପାନ ଓ ପଥ୍ୟ ସହିତ, ଉପଯୁକ୍ତ ରୋଗରେ ତାହା ପ୍ରୟୋଗ କରିବ ।

୮ "ତାବେତୌ ଅର୍କବାୟୁ ସୋମଶ୍ଚ କାଲର୍ତୁ ରସ ଦୋଷ ଦେହବଳ ନିବୃତ୍ତି ପ୍ରତ୍ୟୟ ଭୂତାଃ ସମୁପଦଶ୍ୟନ୍ତେ । (ଚରକ)

**ହେମନ୍ତଋତୁରେ**—ପ୍ରାତଃକାଳରେ ଭୋଜନ, ଉଷ୍ଣଜଳ ପାନ, ତୈଳ ମର୍ଦ୍ଦନ, ଗୁରୁ ପାକ, ପିଷ୍ଟକାଦି ଦ୍ରବ୍ୟ ଭୋଜନ ଓ ସ୍ତ୍ରୀ ସମ୍ଭୋଗ ହିତକର ଅଟେ । ହେମନ୍ତ ଋତୁର ସମସ୍ତ ନିୟମ **ଶିଶିର** ଋତୁରେ ପାଳନ କରିବ । ବସନ୍ତ ଋତୁରେ ବ୍ୟାୟାମ, କଫନାଶକ, କଟୁ, ଉଷ୍ଣ ଓ ରୁକ୍ଷ ଦ୍ରବ୍ୟ ଭୋଜନ, ମଧୁ ସହିତ ହରିଡ଼ା ଚୂର୍ଣ୍ଣ ସେବନ ଓ ସ୍ତ୍ରୀ ସହବାସ ହିତକର । ଏହି ଋତୁରେ ଗୁରୁ ପାକଦ୍ରବ୍ୟ ଭୋଜନ ନିଷିଦ୍ଧ ।

**୮୫-ଋଦ୍ଧି**—**ଅଷ୍ଟବର୍ଗ ଦେଖ ।**

**୮୬-ଋଷଭକ**—**ଅଷ୍ଟବର୍ଗ ଦେଖ**

**୮୭-ଏକାଙ୍ଗୀ**—ଏହାର ସଂସ୍କୃତ ନାମ ମୁରା, ଗନ୍ଧକୁଟୀ ସୁରଭି ଓ ତାଳପର୍ଣ୍ଣିକା । ଏହାକୁ ବଙ୍ଗଭାଷାରେ ମୁରାମାଂସୀ, ହିନ୍ଦୀରେ କପୂରକଚରୀ ଏବଂ ଇଂରେଜୀରେ Honey Bush ବୋଲନ୍ତି । ଏହା ତିକ୍ତ, ମଧୁର, ଶୀତଳ ଓ ଲଘୁ । ଏହାର ଚୂର୍ଣ୍ଣ କିମ୍ବା କ୍ୱାଥ ସେବନ କଲେ ବାତ, ପିତ୍ତ, ଜ୍ୱର, ରକ୍ତ-ବିକାର, ଭୂତାବେଶ, କାସ ଓ କୁଷ୍ଠ ରୋଗ ବିନଷ୍ଟ ହୁଏ । ମାତ୍ରା—ଚୂର୍ଣ୍ଣ ଏକଗ୍ରାମ, କ୍ୱାଥ ଦଶ ଗ୍ରାମଠାରୁ ୨୦ ଗ୍ରାମ, ଆମ ଦେଶରେ ଏକାଅଙ୍ଗୀ ନାମରେ ଏକ ପ୍ରକାର ଛୋଟ ଗଛ ଉତ୍ପନ୍ନ ହୁଏ । ଏହାର ମୂଳ ସୁଗନ୍ଧ । ଏହାକୁ କେହି କେହି ଗନ୍ଧଶୁଣ୍ଠୀ ବୋଲନ୍ତି । ବାଳକମାନଙ୍କର ରକ୍ତହରା, ଗ୍ରହଣୀ ଓ କାସ ରୋଗରେ ପ୍ରୟୋଗ କରାଯାଏ । ଅନେକ ସ୍ଥଳରେ ଏଥି ଦ୍ୱାରା ଉତ୍ତମ ଫଳ ଲାଭ ହୋଇଥାଏ ।

**୮୮-ଏଣ୍ଡୁଅ**—Blood Sucrer. ଏହାର ସଂସ୍କୃତ ନାମ—କୃକଳାସ, ପ୍ରତିସୂର୍ଯ୍ୟକ ଓ ସରଟ । ଏହାର ମାଂସ କଫବାତ ହାରକ ଓ ଅଗ୍ନିମାନ୍ଦ୍ୟ ଜନକ । ୧—ଏହି ମାଂସ ଭଗନ୍ଦର ଆଦି ଦୁଷ୍ଟ ବ୍ରଣ ଉପରେ ପକାଇ ବାନ୍ଧିଲେ ଶୀଘ୍ର ଘା' ଶୁଖିଯାଏ । ଏଣ୍ଡୁଅର ମୁଣ୍ଡକୁ ପଥରରେ ଘୋରି ଉପଦ୍ରୁତ ଶିରରେ ଲଗାଇଲେ ବାତ ବେଦନା ବିନଷ୍ଟ ହୁଏ । ୨—ବୁଢ଼ା ଏଣ୍ଡୁଅର ମାଂସରେ ତୈଳପାକ କରି ଏହି ତୈଳ ଲିଙ୍ଗରେ ଲଗାଇଲେ ଉପଦଂଶ ( ଆମ୍ମିପିତ୍ତି ଘା' ବା ଗରମି ଘା' ) ଭଲ ହୁଏ ।

**୮୯-ଏରଙ୍ଗାମଚ୍ଛ**—ଏହାକୁ ବଙ୍ଗଭାଷାରେ ଏଲଂମାଛ ଏବଂ ହିନ୍ଦୀରେ ଅରଙ୍ଗା କହନ୍ତି । ଏହାର ମାଂସ ମଧୁର, ଶୀତଳ ସ୍ନିଗ୍ଧ, ଗୁରୁପାକ ଓ ମଳରୋଧକ ।

**୯୦-ଏଣ୍ଡ୍ରାଲଇ**—**ବୃଦ୍ଧଦାରକଗଛ ଦେଖ**

**ଏରାରୁଟ**—Arrow-Root. ଗୁଣ—ଏହା ସୁପାଚ୍ୟ ଓ ବଳକାରକ । ପ୍ରତ୍ୟେକ ରୋଗରେ ବିଶେଷତଃ ଅଗ୍ନିମାନ୍ଦ୍ୟ ରୋଗରେ ଏହା ହିତକର ଅଟେ । ଦୁଧ, ଛିମ୍ବ ଓ ମାଂସର ଝୋଳ ସହିତ ଏହାକୁ ମିଶ୍ରିତ କରି ଖାଦ୍ୟରୂପେ ଦିଆଯାଏ ।

**୯୧-ଓଉଚକ୍ଷୁ**—Carda myxo or Latifalir. ଏହାର ସଂସ୍କୃତ ନାମ—ଶ୍ଳେଷ୍ମାତକ, ଉଦ୍ଦାଳକ ଓ ବହୁବାରକ । ଏହାକୁ ବଙ୍ଗଳାରେ ବୁଲଭାଗାଛ, ହିନ୍ଦୀରେ ବହୁଆର, ତେଲୁଗୁରେ ନାକ୍‌କେରୁଚେଟ୍ଟୁ ବୋଲନ୍ତି । ଏହାର ପତ୍ର, ଫଳ, ବଜ ଓ ଛାଲି ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ରରସ କଷାୟ ଓ ଅମ୍ଳ । ଏହି ରସ ଅଗ୍ନିମାନ୍ଦ୍ୟ, ମଳରୋଧ, ଅରୁଚି ଓ ବାତ ପିତ୍ତ ପ୍ରଶମନ କରେ, କାନ୍ତି ବୃଦ୍ଧି କରେ । ଏହାର ଛାଲିର କ୍ୱାଥ ଜ୍ୱର ନାଶକ ଓ ବଳକାରକ । ଏହା କୃମି, ଶୂଳ, ବ୍ରଣ, ବିଚ୍ଛୋଟ, ବିଷ ଅମଳେ, କୁଷ୍ଠ ଓ ବିସର୍ପ ରୋଗ ହରଣ କରେ । କଫ ବୃଦ୍ଧି କରେ ଏବଂ କେଶର ଉପକାର କରେ । ଓଉଫଳର ଲେପ୍ସା ୪୦—୫୦ ଗ୍ରାମ ଖାଇଲେ ସୁଖରେ ବିରେଚନ ହୁଏ । ଓଉମଞ୍ଜୀ ଚୂର୍ଣ୍ଣ କରି ସେବନ କଲେ ମେହ, ଦାହ, ହୃଦ୍‌ରୋଗ, ଅଣ୍ଟୁରି ଓ ଗଳାରୋଗ ବିନଷ୍ଟ ହୁଏ । ୧—ଏହି ମଞ୍ଜୀ ଚୂର୍ଣ୍ଣ କରି ତେଲରେ ମିଶାଇ ଲଗାଇଲେ ଦାଦୁ ଭଲହୁଏ । ମାତ୍ରା ବଜ ଚୂର୍ଣ୍ଣ ୧—୩ ଗ୍ରାମ ।

**୯୨—ଓଟ**—Camel. ଏହାର ସଂସ୍କୃତ ନାମ—ଉଷ୍ଟ୍ର, କ୍ରମେଲକ, କରଭ ଓ ଦୀର୍ଘଗ୍ରୀବ । ଏହାକୁ ବଙ୍ଗଭାଷାରେ ଉଟ, ହିନ୍ଦୀରେ ଊଁଟ, ତେଲୁଗୁରେ ଓଣ୍ଟେପିତ୍ତା ବୋଲନ୍ତି । ଏହାର ମାଂସ ତ୍ରିଦୋଷ ନାଶକ, ବଳବୀର୍ଯ୍ୟ ବର୍ଦ୍ଧକ, ପୁଷ୍ଟି କାରକ, କାମ ଉଦ୍ଦୀପକ, ସ୍ୱାଦୁ, ଉଷ୍ଣ ଓ ଲଘୁ । ଏହି ମାଂସ ବାତ, କଫ, କୁ , ଗୁଳ୍ମ, ଉଦର, ଶୋଥ, କୃମି, ବିଷବିକାର ଚକ୍ଷୁରୋଗର ହିତକର ଅଟେ । ଓଟର ମାଂସକୁ ପୋଡ଼ି ଦାଦୁରେ ଲଗାଇଲେ ଦାଦୁ ଭଲହୁଏ । ଓଟକୁ ଜବାଇକରି ତତ୍‌କ୍ଷଣାତ୍ ଏହାର ଝୁଣ୍ଟୁର ଦ୍ୱାରା ମୁଖମଣ୍ଡଳକୁ ଘର୍ଷଣ କଲେ ମୁଖରେ ବ୍ରଣ ଓ ମେଚେତା ଇତ୍ୟାଦି ଦୂରହୁଏ । ଓଟର ଚର୍ବି (ବସା) ମଳଦ୍ୱାର କଟି ଓ ଅର୍ଶ ରୋଗରେ ଉପକାର ମିଳେ । ଏହି ଚର୍ବି ଯେଉଁ ଘରେ ଥାଏ, ସେହି ଘରକୁ ସାପ ଆସେ ନାହିଁ । ଏହାର ହାଡ଼ର ମଜ୍ଜାରେ ଫଣ୍ଡୀ ଏ ଭୁଲା କିମ୍ବା ଏହାର ଲୋମକୁ ଅଗ୍ନିରୁ କରି ଋତୁସ୍ନାନ ପରେ ଯୋନିରେ ଧାରଣ କଲେ ସ୍ତ୍ରୀ ମାନଙ୍କର ବନ୍ଧ୍ୟାଦୋଷ ଦୂର ହୋଇ ଗର୍ଭଧାରଣ ଶକ୍ତି ବୃଦ୍ଧି ହୁଏ । ଓଟର ଶୁଖିଲା ଲେଣ୍ଡିକୁ ଚୂର୍ଣ୍ଣ କରି ନସ୍ୟ ରୂପରେ ବ୍ୟବହାର କଲେ ନାକରୁ ରକ୍ତ ପଡ଼ିବା ବନ୍ଦହୁଏ ଏବଂ ଉପଯୁକ୍ତ ଔଷଧ ସହିତ ଏହା ଶୁଙ୍ଘିଲେ ଅପସ୍ମାର ରୋଗ ନାଶହୁଏ । ଗଣ୍ଡମାଳା ରୋଗରେ ଓଟ ଲେଣ୍ଡିର ପ୍ରଲେପ ଲାଭଦାୟକ । ଓଟର ମୂତ୍ରକୁ ଉଷ୍ଣ କରି କାନରେ ପକାଇଲେ କାନର ବେଦନା ଓ ବାଧିର୍ଯ୍ୟ ଦୂରହୁଏ । ଏହି ମୂତ୍ର ଜଳୋଦର, କୁଷ୍ଠ ଓ ପାଣ୍ଡୁ ରୋଗରେ ହିତକର । ଓଟର ଲୋମକୁ ଭସ୍ମ କରି ଏହି ଭସ୍ମ ଘା'ରେ ପକାଇଲେ ରକ୍ତସ୍ରାବ ବନ୍ଦହୁଏ । ଏହି ଲୋମ ଉରୁରେ ବାନ୍ଧିଲେ ମୂତ୍ରରୋଧ ଦୂର

ନୋଇ ପ୍ରସବ ହୁଏ, ଔଟର କାମ ଉତ୍ତେଜନା ସମୟରେ ତା'ର ମୁହଁରୁ ସେହି ଲାଳସ୍ରାବ ହୁଏ, ତାହା ଖାଇଲେ ମନୁଷ୍ୟ ପାଗଳ ହୁଏ । **ଉଷ୍ଟ୍ରୀଦୁଗ୍ଧ**—ଏହା ଅଳ୍ପ ଲବଣ ରସଯୁକ୍ତ, ରୂକ୍ଷ, ଉଷ୍ଣ ଓ ଲଘୁ । ଏହି କ୍ଷୀର ପାନ କଲେ ବାତ, କଫ, ଆନାହ, କୃମି, ଶୋଥ, ପ୍ଲୀହା, ଉଦର, ଗୁଲ୍ମ, ଶୂଳ ଓ କୁଷ୍ଠ ରୋଗରେ ବିଶେଷ ଉପକାର ହୁଏ, ଅଗ୍ନିଦୀପ୍ତି ହୁଏ, ବଦ୍ଧ ମଳମୂତ୍ର ବହିର୍ଗତ ହୁଏ, ଏବଂ ରୁଚି ପରିଷ୍କାର ହୁଏ । ଏହା ବଳକାରକ ଓ ରକ୍ତଶକ୍ତି ବର୍ଦ୍ଧକ । ଏହି କ୍ଷୀର ସକଳ ପ୍ରକାର ପାଣ୍ଡୁ ରୋଗରେ ବିଶେଷ ଉପକାରୀ । ଜ୍ୱର ଯୁକ୍ତ ପ୍ଲୀହା ରୋଗରେ ଏହାର ବ୍ୟବହାର ନିଷେଧ । ଶୀତ ଋତୁର ଆଦ୍ୟ ଓ ମଧ୍ୟ ଭାଗରେ ଏହା ବ୍ୟବହାର କରିବା ଉଚିତ ଏବଂ ଦୁହିଁବା ସଙ୍ଗେ ସଙ୍ଗେ ଧାରୋଷ୍ଣ ଅବସ୍ଥାରେ ଏହି କ୍ଷୀର ଆଣି ପାନ କରିବା ଉଚିତ । ଏହି କ୍ଷୀର ସତୁରି ଗ୍ରାମ ଠାରୁ କ୍ରମଶଃ ମାତ୍ରା ବୃଦ୍ଧି କରି ରୋଗିର ଅବସ୍ଥା ଓ ଅଗ୍ନି ବଳ ବୁଝି ପ୍ରୟୋଗ କରିବାକୁ ହେବ ।

**୯୩—ଓଡ଼ଶ**—ଏହାର ସଂସ୍କୃତ ନାମ—ମାତକୁଣ, ଏହାକୁ ବଙ୍ଗଭାଷାରେ ଛାରପୋକ, ହିନ୍ଦୀରେ ଖଟମଲ ବୋଲନ୍ତି । ୧—ଏହାର ରକ୍ତ ଆଖିରେ ଲଗାଇଲେ ରାତକଣା ଭଲ ହୁଏ । ୨—ଚିନି ସହିତ ଏହାର ରକ୍ତ ମିଶାଇ ଖାଇଲେ ପାଳିଜ୍ୱର ଛାଡ଼ିଯାଏ ।

**୯୪—ଓଡ଼ଶମାରୀଗଛ—Argcinone mexicana.** ଏହାର ସଂସ୍କୃତ ନାମ—ସ୍ୱର୍ଣ୍ଣକ୍ଷୀରୀ, ପୀତଦୁଗ୍ଧା ଓ ଶୃଗାଳକଣ୍ଟକ । ଏହାକୁ ବଙ୍ଗଭାଷାରେ ଶିୟାଳକାଣ୍ଟା, ହିନ୍ଦୀରେ ଭଡ଼ଭାଣ୍ଡ, ଫିରଙ୍ଗଧତୁରା, ତେଲୁଗୁରେ ବ୍ରହ୍ମଦଣ୍ଡିଚେଟ୍ଟୁ ଓ କାଲରକ୍କଣୀ ବୋଲନ୍ତି । ଏହାର ସମୂଳ ସର୍ବାଙ୍ଗ, କ୍ଷୀର, ବୀଜ ଓ ବୀଜଜାତ ତୈଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ରସ ତିକ୍ତ ଓ ଉଷ୍ଣ, ଏହା ସେବନ କଲେ ବାନ୍ତିମାତ୍ରେ, ବିରେଚନ ହୁଏ, ଏବଂ କୃମି, କଣ୍ଡୁ, ବିଷ, ଆନାହ, କଫପିତ୍ତ, ରକ୍ତଦୋଷ, କୁଷ୍ଠ ଓ ଶୂଳ ନିବାରିତ ହୁଏ, ଏବଂ ନିଦ୍ରାହୀନ ବ୍ୟକ୍ତିର ନିଦ୍ରା ଲାଭହୁଏ । ୧—ଏହାର ପତ୍ର ଓ ମୂଳ ବାଟି ଲେପନ କଲେ ଦୁଃସାଧ୍ୟ ଗଣ୍ଡମାଳାର ବ୍ରଣ ଶୁଖିଯାଏ । ୨—ଓଡ଼ଶମାରୀର କଞ୍ଚାମୂଳ ବାଟି ଲେପନ କଲେ ବିଛାଦଂଶନ ଜନିତ ଅଙ୍ଗର ଜ୍ୱାଳା ଓ ବିଷ ଦୋଷ ନଷ୍ଟହୁଏ । ୩—ଛିମ୍ଭିରି ଓ ମଧୁମାଛି ଦଂଶନ କରିବା ସ୍ଥାନରେ ଏହାର ପ୍ରଲେପ ଅତ୍ୟନ୍ତ ଫଳପ୍ରଦ ଅଟେ । ୪—ଓଡ଼ଶମାରୀର ମୂଳ ବାଟି ପାଞ୍ଚ ଗ୍ରାମ ପରିମାଣରେ ପ୍ରତିଦିନ ଖାଇଲେ ଉପଦଂଶ ରୋଗ (ଅଗ୍ନି ଗିରି ବା ଗରମି ବା) ଭଲହୁଏ । ୫—ଓଡ଼ଶମାରୀ ବିହନକୁ ଶୁଖାଇ ଚୂର୍ଣ୍ଣ କରି ଚିଲିମରେ ଭର୍ତ୍ତି କରିବ । ଅଗ୍ନି ସଂଯୋଗରେ ଉକ୍ତ ଏହାର ଧୂମ ପାନ କଲେ ମଧ୍ୟ ଉପଦଂଶ ରୋଗ ଆରୋଗ୍ୟ ହୁଏ । ୬—ଓଡ଼ଶମାରୀଗଛର କ୍ୱାଥ ମୂତ୍ର ବିରେଚନ, ଶୋଥ ଓ ଉଦରରୋଗ ନାଶକ ଅଟେ । **ଓଡ଼ଶମାରୀକ୍ଷୀର**—୭-ଏହି କ୍ଷୀର ଆଖିରେ ଲଗାଇଲେ ନୂତନ ପୁରାତନ ସକଳ ପ୍ରକାର ଆଖିଧରା ରୋଗ ସତ୍ୱର ଆରୋଗ୍ୟ ହୁଏ । ୮—ଏହି କ୍ଷୀରରେ ପ୍ରଲେପ ଫିରଙ୍ଗ, ବ୍ରଣ, କାଛୁ, କୁଣ୍ଡିଆ ଓ ସକଳ ପ୍ରକାର ମିଳାପାଁରେ ବିଶେଷ ଫଳପ୍ରଦ ଅଟେ । **ଓଡ଼ଶମାରୀତୈଳ**—୯-ଏହା ବିରେଚକ ଓ ଅବସାଦକ । ଏହି ତୈଳ କୁଷ୍ଠ, ପାମା ପ୍ରଭୃତି ଚର୍ମ୍ମ-ରୋଗରେ ଏବଂ ବିସ୍ଫୋଟକ ଶୋଥ ଓ ବାତ ଶୂଳରେ ହିତକର । ଓଡ଼ଶମାରୀମଞ୍ଜି ଆମାତିସାର, ରକ୍ତାତିସାର ଓ ଅନ୍ୟାନ୍ୟ ଉଦରାମୟ ରୋଗରେ ବ୍ୟବହାର କରାଯାଏ । ମାତ୍ରା ପତ୍ରରସ ୨୦—୩୦ ଗ୍ରାମ, କ୍ୱାଥ ୨୦—୪୦ ଗ୍ରାମ, ତୈଳ ୧୦-୩୦ ଟୋପା । **ସ୍ୱର୍ଣ୍ଣକ୍ଷୀରୀଆସବ**—ଓଡ଼ଶମାରୀ ସ୍ୱରସ ପାଞ୍ଚକେଜି, ମିଶ୍ରୀ ଦେଢ଼ କେଜି, ଦ୍ରାକ୍ଷା, ସୁଗନ୍ଧ, ଚୋପଚିନୀ, ବଉଳଛାଲି, ଧାତୁକୀଫୁଲ, ପ୍ରତ୍ୟେକର ଚୂର୍ଣ୍ଣ ୧୦୦ ଗ୍ରାମ, ଏହି ସମସ୍ତ ଦ୍ରବ୍ୟକୁ ଏକାଠି ମିଶାଇ ପାତ୍ରର ମୁଖ ସନ୍ଧାନ କରି ପନ୍ଦର ଦିନ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା—୭୦—୧୪୦ ବିନ୍ଦୁ, ଅନୁପାନ ଜଳ । ଏହା ରକ୍ତ ବିକାର ନାଶକ, କଣ୍ଡୁ, ଦଦ୍ରୁ, ବିସ୍ଫୋଟ, ଉପଦଂଶ, ଗଣ୍ଡଣ୍ଠିଆ ପ୍ରଭୃତି ରୋଗରେ ଏବଂ ସକଳ ପ୍ରକାର ଚର୍ମରୋଗର ଉତ୍କୃଷ୍ଟ ଔଷଧ । (ପଣ୍ଡିତ ଧର୍ମଦାସ ବିଦ୍ୟାଳଙ୍କାର)

## ଓଡ଼ଶମାରୀ ଯୋଗରେ ଧାତୁଭସ୍ମ ନିର୍ମାଣବିଧି

**୧—ସ୍ୱର୍ଣ୍ଣ ଓ ରୌପ୍ୟଭସ୍ମ**—ଶୁଦ୍ଧ ସ୍ୱର୍ଣ୍ଣ ପତ୍ର ଦଶ ଗ୍ରାମକୁ ମୁଗୁନି ପଥର ଖଲରେ ପକାଇ ତଳଲିଖିତ ବିଧିରେ ସଂସ୍କାର କରାଯାଇଥିବା ଓଡ଼ଶମାରୀର ରସ ୨୦୦ ଗ୍ରାମ ସହ ବାରମ୍ବାର ମର୍ଦ୍ଦନ କରିବ । ପରେ ଏହାକୁ ଚକି କରି ୧୦୦ ଗ୍ରାମ ଓଡ଼ଶମାରୀ ପତ୍ରର କଲ୍କ ମଧ୍ୟରେ ରଖି କୋଡ଼ିଏ କେଜି ଘସିରେ ପୁଟ ଦେବ । ଶୀତଳ ହେବା ପରେ ଫେରେ ପୂର୍ବୋକ୍ତ ନିୟମରେ ୨୦୦ ଗ୍ରାମ ରସରେ ମର୍ଦ୍ଦନ କରି ଉଣେଇଶି କେଜି ଘସିରେ ପୁଟ ଦେବ । ଏହିପରି ବାରମ୍ବାର ପୂର୍ବୋକ୍ତ ନିୟମରେ ବାଟି ଏକ ଏକ କେଜି ଘସି ଊଣା କରି ପୁଟ ଦେବ, ଶେଷରେ କୋଡ଼ିଏ କେଜି ଘସିରେ ଥରେ ମାତ୍ର ପୁଟଦେଇ ବ୍ୟବହାର କରିବ । ରୌପ୍ୟଭସ୍ମ ମଧ୍ୟ ଏହିପରି ନିୟମରେ ନିର୍ମାଣ କରିବ ।

**ଓଡ଼ଶମାରୀ ରସ ସଂସ୍କାର ବିଧି**—ପ୍ରଥମେ ଓଡ଼ଶମାରୀ ପତ୍ରକୁ କୁଟି ରସ ବାହାର କରି କନାରେ ଛାଣିବ । ପରେ ନିଆଁରେ ବସାଇବ, ରସ ସବୁ ପାଣି ଫାଟି ଗଲେ ତାକୁ କନାରେ ଛାଣି ଝାଡ଼ାକୁ ଫିଙ୍ଗିଦେଇ ବ୍ୟବହାର କରିବ ।

**୨—ତାମ୍ର ଭସ୍ମ**—ବଂଶପତ୍ର ହରିତାଳ ଏବଂ ଦାରୁମୁଷୀ ପ୍ରତ୍ୟେକ ୫ ଗ୍ରାମ ନେଇ ଓଡ଼ଶମାରୀ ପତ୍ର ରସରେ ମର୍ଦ୍ଦନ କରି

ଦୁଇ ଟୋଟି ଚକ୍କି କରିବ, ପରେ ଗୋଟିଏ ବଡ଼ ଡ଼ବଲ ପରଯାର ତୁଳପଟେ ଦୁଇଗୋଟି ଚକ୍କି ରଖି ଅଧସେର ଓଡ଼ଶମାସ୍ପି ପତ୍ରର କଲ୍କ ମଧ୍ୟରେ ଡବଲ ପରଯାଟି ରଖିବ । ପରେ ଗାଢ଼ ଖୋଲା ପବନ ନଥିବା ସ୍ଥାନରେ ଗଜ ପୁଟ ଦେବ । ଶୀତଳ ହେବାପରେ ତମ୍ବା ଭସ୍ମକୁ ଗ୍ରହଣ କରିବ ।

**୩–ବଙ୍ଗଭସ୍ମ**—ଶୁଦ୍ଧ ବଙ୍ଗ ଦଶଗ୍ରାମକୁ ପତଳା କରି କଇଁଚିରେ କାଟି ଗୁଣ୍ଡିଲ ପରି ଖଣ୍ଡ ଖଣ୍ଡ କରିବ, ପରେ ଓଡ଼ଶମାସ୍ପି ପତ୍ର କିମ୍ବା ଗଛର କଲ୍କ ୨୦୦ ଗ୍ରାମ ମଧ୍ୟରେ ଏହି ବଙ୍ଗ ଖଣ୍ଡ ଗୁଡ଼ିକ ରଖି, ଦଶ ବାର କେଜି ଘସିରେ ପୁଟ ଦେଲେ ଉତ୍ତମ ବଙ୍ଗଭସ୍ମ ହୁଏ ।

**୪–ପାରଦମିଶ୍ରିତ ସୀସାଭସ୍ମ**—ଶୁଦ୍ଧ ସୀସା ଦଶଗ୍ରାମକୁ ଅଗ୍ନିରେ ତରଳାଇ ଓହ୍ଲାଇବା ସଙ୍ଗେ ସଙ୍ଗେ ତହିଁରେ ଶୁଦ୍ଧ ପାରଦ ଦଶଗ୍ରାମ ମିଶାଇ ଓଡ଼ଶମାସ୍ପିପତ୍ର ରସ ୨୦୦ ଗ୍ରାମ ମିଶିବା ପର୍ଯ୍ୟନ୍ତ ବାଟି ଚକ୍କି କରିବ । ୩୦୦ ଗ୍ରାମ ଓଡ଼ଶମାସ୍ପି କଲ୍କ ମଧ୍ୟରେ ତାକୁ ରଖି, ଦଶ କେଜି ଘସିରେ ପୁଟ ଦେବ । ଶୀତଳ ହେବାପରେ ଭସ୍ମ ଗ୍ରହଣ କରିବ ।

**୫–ଦାରୁମୂଷୀଭସ୍ମ**—କଡ଼େଇରେ ଧଳା ଦାରୁମୂଷୀ ଦଶ–ଗ୍ରାମ ଓଜନ ଥିବା ଖଣ୍ଡ ଗୋଟିଏ ରଖି, ତାର ଉପରେ ଅଳ୍ପ ଅଳ୍ପ ଓଡ଼ଶମାର ମଞ୍ଜୀ ପକାଇ ତଳେ ଧିରେ ଧିରେ ଅଗ୍ନିର ଜାଳଦେବ । ଯେତେବେଳେ ମଞ୍ଜୀରୁ ତେଲ ବାହାରିବ ସେତେବେଳେ ଜାଳ ବନ୍ଦ କରି ଦେବ । ଶୀତଳ ହେବା ପରେ ଶ୍ୱେତ ବର୍ଣ୍ଣର ଦାରୁମୂଷୀ ଭସ୍ମକୁ ଗ୍ରହଣ କରିବ ।

**୬–ବଂଶପତ୍ରହରିତାଳଭସ୍ମ**—ଓଡ଼ଶମାସ୍ପି ପତ୍ରର କଲ୍କ ପାଞ୍ଚ କେଜି ତସ୍ୟାର କରି ଗୋଟିଏ ପଲମରେ ପ୍ରଥମେ ଅଢ଼େଇ କେଜି ରଖି, ତା'ଉପରେ ଦଶଗ୍ରାମ ହରିତାଳ ଖଣ୍ଡ ରଖି ସେଥିରେ ବଳକା ଥିବା ଅଢ଼େଇ କେଜି କଲ୍କ ତା' ଉପରେ ଦେଇ ଆଉ ଗୋଟିଏ ପଲମ ଘୋଡ଼ାଇ କନା ମାଟି ଲେପ ଦେବ । ଶୁଖିଗଲା ପରେ ଅଠର ଘଣ୍ଟା ପର୍ଯ୍ୟନ୍ତ ମନ୍ଦାଗ୍ନି ଜାଳ, ଶୀତଳ ହେବା ପରେ ଶ୍ୱେତ ବର୍ଣ୍ଣର ହରିତାଳଭସ୍ମ ଗ୍ରହଣ କରିବ ।

**୭–ହିଙ୍ଗୁଳଭସ୍ମ**—୨୦ ଗ୍ରାମ ଓଜନ ଥିବା ହିଙ୍ଗୁଳ ଖଣ୍ଡିଏ ଆଣି ୫୦ ଗ୍ରାମ ଓଡ଼ଶମାସ୍ପି ମଞ୍ଜୀ ମଧ୍ୟରେ ତାକୁ ରଖି ଗହମ ଅଟା ଗୁଡ଼ ପଟେ ଲେପଦେଇ ନିଆଁରେ ପୋଡ଼ାଇବ । ଉପରର ଅଟା କୃଷ୍ଣ ବର୍ଣ୍ଣ ହେଲେ ବାହାର କରିବ । ପରେ ସେଥି ମଧ୍ୟରୁ ହିଙ୍ଗୁଳ ଖଣ୍ଡଟି ବାହାର କରି ଗରମ ଗରମ ଓଡ଼ଶମାସ୍ପି ତେଲରେ ବୁଡ଼ାଇବ । ସେପରେ ପୁଟବାକୁ କ୍ରମରେ ସେହିପରି ଅଟା ମଧ୍ୟରେ ରଖି ତାକୁ ନିଆଁରେ ବସାଇବ, ଯେତେବେଳେ ହିଙ୍ଗୁଳ ମନ୍ଦୁଣ ପରି ଦେଖା ଦିବ ସେତେବେଳେ ବାହାର କରି କାଚରେ ରଖି ପ୍ରୟୋଗ କରିବ ।

**୮–ରସକର୍ପୂରଭସ୍ମ**—ପ୍ରଥମେ ଓଡ଼ଶମାସ୍ପି ତେଲ ଏକ କେଜି ଆଣିବ । ଗୋଟିଏ ଲୁହା କିମ୍ବା ତମ୍ବା କଡ଼େଇରେ ଗୋଟିଏ ଅଭ୍ର ପତ୍ର ରଖି ତା'ର ଉପରେ ଦଶଗ୍ରାମ ଓଜନର ରସକର୍ପୂରର ଖଣ୍ଡ ଥୋଇ, ତଳୁ ଜାଳ ଧିରେ ଧିରେ ଦେବ ଏବଂ ରସ କର୍ପୂରର ଖଣ୍ଡ ଉପରେ ଓଡ଼ଶମାସ୍ପି ତେଲ ବୁନ୍ଦା ବୁନ୍ଦା କରି ପକାଇବ । ଯେତେବେଳେ ସବୁ ତେଲ ସରିଯିବ ସେତେବେଳେ ଜାଳ ବନ୍ଦ କରିବ । ପରେ ୨୦୦ ଗ୍ରାମ ଓଡ଼ଶମାସ୍ପି ଫୁଲର କଲ୍କ ମଧ୍ୟରେ ରଖି ଗୁଳା କରି ଦୁଇ କେଜି କନାରେ ଗୁଡ଼ାଇ ତତ୍ତ ଅଙ୍ଗାର ନିଆଁ ଉପରେ ଥୋଇ ଘର ଭିତରେ ରଖିବ । ଶୀତଳ ହେବାପରେ ସାବଧାନରେ ଭସ୍ମ ଔଷଧ ଗ୍ରହଣ କରିବ ।

**୯–ଗୋଦନ୍ତୀହରିତାଳଭସ୍ମ**—ଗୋଦନ୍ତୀ ହରିତାଳକୁ ଭଲ ଭାବରେ ଚକ୍ଲେକର ଗୁଣ୍ଡ କରି ତିନିଘଣ୍ଟା ପର୍ଯ୍ୟନ୍ତ ଓଡ଼ଶମାସ୍ପି ରସରେ ବାଟି ଚକ୍କି କରି ଶରା ମଧ୍ୟରେ ରଖି, କନା ମାଟି ଦେଇ କୋଡ଼ିଏ କେଜି ଘସିରେ ପୁଟ ଦେବ । ଏହିପରି ତିନିଥର ପୁଟ ଦେଲେ ଉତ୍ତମ ପ୍ରକାର ଗୋଦନ୍ତୀଭସ୍ମ ହୁଏ ।

**୧୦–କୃଷ୍ଣାଭ୍ରକଭସ୍ମ**—୧୦୦ ଗ୍ରାମ କୃଷ୍ଣାଭ୍ରକୁ ଭଲ ଭାବରେ ଅଙ୍ଗାର ନିଆଁରେ ଲାଲ କରି ଓଡ଼ଶମାସ୍ପି ରସରେ ବୁଡ଼ାଇବ । ଏହିପରି ଏକୋଇଶି ଥର କରିବା ପରେ ଓଡ଼ଶମାସ୍ପି ରସରେ ଛ' ଘଣ୍ଟା ପର୍ଯ୍ୟନ୍ତ ଜୋରରେ ମର୍ଦ୍ଦନ କରି ଚକ୍କି କରିବ । ଶରା ମଧ୍ୟରେ ରଖି କନା ମାଟି ଦେଇ କୋଡ଼ିଏ କେଜି ଘସିରେ ପୁଟ ଦେବ । ଏହିପରି କ୍ରମରେ ଅଢ଼ ଉଣାରେ ପନ୍ଦର ଥର ପୁଟ ଦେଲେ ଉତ୍ତମ ଅଭ୍ର ଭସ୍ମ ହୁଏ ।

**(କ) ଗୁଣଦାୟକ ଶାଗଭଜା**—ଓଡ଼ଶମାସ୍ପିର କଅଁଳ କଅଁଳ ଅଗି ଆଣି ମାଂସରେ ପକାଅ, ନଚେତ୍ ଖାଲି ଶାଗ ଭଜା ତରକାରି କରି ଖାଇଲେ ସକଳ ପ୍ରକାର ଚର୍ମରୋଗ ନଷ୍ଟହୁଏ ।

**(ଖ) ଓଡ଼ଶମାସ୍ପି ଧାବଟୀ**—ଓଡ଼ଶମାସ୍ପି ପତ୍ରକୁ କୁଟି ରସ ବାହାର କରି କଳେଇ ଦିଆ ଯାଇଥିବା କଡ଼େଇରେ ରଖି ମନ୍ଦାଗ୍ନି ଜାଳଦେବ, ଗାଢ଼ ହୋଇଯିବା ପରେ ଓହ୍ଲାଇ ଚଣା ପରିମାଣେ ବଟିକା କରିବ । ସୁନ୍ଦର କରିବା ପାଇଁ ରୂପା ଅର୍କରେ ଗଡ଼ାଇ କାଚରେ ରଖିବ ।

**ସେବନବିଧି**—ଏଥିରୁ ଗୋଟିଏ ଗୋଟିଏ ବଟିକା ସକାଳେ ଓ ସନ୍ଧ୍ୟାରେ ଗରମଜଳ କିମ୍ବା ଉପଯୁକ୍ତ ଅନୁପାନ ସହ ସେବନ କଲେ: ଉଦର ଶୂଳ, ଶିରଃଶୂଳ, ଅତିସାର ପ୍ରବାହିକା, ଶ୍ୱାସ,

କାସ, କଣ୍ଡୁ, ସକଳ ପ୍ରକାର ଚର୍ମ୍ମରୋଗ ସମୂଳେ ନଷ୍ଟହୁଏ ଏହା ଉପଯୁକ୍ତ ବାଜୀକରଣ । *

୯୫-ଓଷ—ଉଷଦେଖ ।

୯୬-ଓଲ—Amorphophallus companulatus. syn, Arum companulatum. ଏହାର ସଂସ୍କୃତ ନାମ—ଶୂରଣ, ଅର୍ଶୋଘ୍ନ, ବହୁକନ୍ଦ ଓ ରୁଚ୍ୟକନ୍ଦ । ଏହାକୁ ବଙ୍ଗଭାଷାରେ ଓଲ, ହିନ୍ଦୀରେ ଜମିକନ୍ଦ, ତେଲୁଗୁରେ ମଞ୍ଚକନ୍ଦମୁ ବୋଲନ୍ତି । ଏହା ଶ୍ୱେତ, ରକ୍ତ ଓ ବନ୍ୟ ଭେଦରେ ତିନି ପ୍ରକାର । ସକଳ ପ୍ରକାର ଓଲ କଟୁରସ ଓ ଉଷ୍ଣବୀର୍ଯ୍ୟ । ଏହା ଅଗ୍ନିଦୀପନ କରେ, ଆହାର ପରିପାକ କରେ, କଫ, କ୍ରିମି, ବାତ, ଶୂଳ, ଗୁଳ୍ମ, କାସ, ବାନ୍ତି, ପ୍ଳୀହା, ଅରୁଚି ଓ ଅର୍ଶରୋଗ ହରଣ କରେ । ଏହା ବଳଦାୟକ ହେତୁରୁ ଗ୍ରହଣୀ, ଓ କୋଷ୍ଠବଦ୍ଧ ରୋଗରେ ପଥ୍ୟ । ଏହା ମୃଦୁବିରେଚକ, କାନ୍ତିବର୍ଦ୍ଧକ ଓ ମେଦୋନାଶକ ଅଟେ । ବାରି ଓଲ ଠାରୁ ବଣଓଲ ଗୁଣରେ ଶ୍ରେଷ୍ଠ । ସକଳ ପ୍ରକାର ଓଲ ଦାଦୁ, କୁଷ୍ଠ ଓ ରକ୍ତପିତ୍ତ ରୋଗରେ ଅହିତକର । ଏହା ଖାଇଲେ ମୁଖ କଣ୍ଡୁ ହୁଏ । ଏହାର ଭାଙ୍ଗୁଣୀ—୧ ଘିଅ, ୨ ଅମ୍ଳରସ, ୩ ଗୁଡ଼, ୪ ମଦ୍ୟ, ୫ ପାନ । ବୈଦ୍ୟଶାସ୍ତ୍ରରେ ଓଲର ବ୍ୟବହାର ଯଥା—ଅର୍ଶରୋଗେ—୧—ରକ୍ତ ଓ ଶ୍ୱେତବର୍ଣ୍ଣ ବଣ ଓଲ ଉପରେ ମୃତ୍ତିକା ଲେପନ କରି ନିଆଁରେ ପୋଡ଼ିବ । ଏହା ରାସିତେଲ ବା ସୋରିଷ ତେଲ ସହିତ କଚୁଡ଼ିବନ ଭକ୍ଷଣ କଲେ ଅର୍ଶରୋଗ ବିନଷ୍ଟ ହୁଏ । (ଚରକ) ବଲ୍ମୀକ ଓ ଶ୍ଳୀପଦ ରୋଗେ—୨ ବଣ ଓଲକୁ ଘିଅ ଓ ମହୁ ସହିତ ବାଟି ଲେପନ କଲେ ଶ୍ଳୀପଦ ଓ ବଲ୍ମୀକ ରୋଗ ନିବାରିତ ହୁଏ । (ହାରିତ) ଅଗ୍ନିଦଗ୍ଧରୋଗେ—୩—ଓଲକୁ ପୋଡ଼ି ଘିଅ ଓ ମହୁ ସହିତ ବାଟି ଲେପନ କଲେ ଆରୁ ବିନଷ୍ଟ ହୁଏ । (ହାରିତ) ପରିଣାମ ଶୂଳରୋଗରେ ଓଲର ଚୂର୍ଣ୍ଣ ସେବନ ହିତକର । ବିଷଧର ଜନ୍ତୁ ଦଷ୍ଟ ଅଙ୍ଗରେ ଓଲ ବାଟି ଲେପନ କଲେ ଜ୍ୱାଳା ଓ ବିଷଦୋଷ ନଷ୍ଟହୁଏ । ବାତବେଦନାକ୍ରାନ୍ତ ଅଙ୍ଗରେ ଓଲର ପ୍ରଲେପ ସତ୍ୱର ଫଳପ୍ରଦ । ତିନ୍ତୁଳୀ ପତ୍ର ରସରେ ଓଲ ସିଝାଇ ଆମ୍ବିଳ କରି ଖାଇଲେ ରକ୍ତାର୍ଶ ନିବାରିତ ହୁଏ । ଓଲ ଚୂର୍ଣ୍ଣର ମାତ୍ରା ୧—୩ ଗ୍ରାମ ।

## ଓଲଯୋଗରେ ଧାତୁଭସ୍ମ

୧-ଦାରୁମୁଷୀ (ଶଙ୍ଖୁଆ) ଭସ୍ମ—୧୦୦ ଗ୍ରାମ ଓଲ ରସରେ ଦାରୁମୁଷୀକୁ ବାଟି ଚକ୍ର କରି ଶୁଖାଇବ । ତା'ପରେ ଶରାସମ୍ପୁଟ କରି ଛ' କେଜି ଘସିରେ ପୁଟ ଦେଲେ ଉତ୍ତମ ଦାରୁମୁଷୀ ଭସ୍ମ ହୁଏ । ପୂର୍ବମନ୍ତବ୍ୟ ଦେଖ ।

୯୭ ଓଲଟକମ୍ବଳ—Abroma Augusta. ଏହା ଏକପ୍ରକାର ଗୁଳ୍ମଜାତୀୟ ଗଛ । ବଙ୍ଗଦେଶରେ ଏହା ମିଳେ । ଆମଦେଶରେ ଏହି ଗଛ ଦେଖାଯାଏ ନାହିଁ । ଏହାର ସଂସ୍କୃତ ନାମ—ପୀବରୀ, ଧୃଢ଼ମୋଚ୍ଛୁଳ ଓ ପଟ୍ଟବ୍ୟାଧ । ୧—ଏହା ଯୋନିଦୋଷ, ଜରାୟୁଦୋଷ, ପ୍ରଦର, ରଜୋଦୋଷ ଓ ଅର୍ଶରୋଗରେ ବିଶେଷ ଉପକାରକ । ୨—ଏହାର କଞ୍ଚା ମୂଳର ଛାଲି ଋତୁର ଏକସପ୍ତାହ ପୂର୍ବେ ଋତୁଦର୍ଶନ ପର୍ଯ୍ୟନ୍ତ ଗୋଲମରିଚ ସହିତ ବାଟି ସେବନ କରାଯାଏ । ମାତ୍ରା—ମୂଳଛାଲର ବଟା—ଅଢ଼ାଇ ଗ୍ରାମ ଠାରୁ ପାଞ୍ଚ ଗ୍ରାମ ।

୯୮-କାଂସା—While copper or brass. Queensmetal. ଏହାର ସଂସ୍କୃତନାମ—କାଂସ୍ୟ, ଘୋରପୁଷ୍ପ, ବହ୍ୟୁତ୍ତିପ୍ରିୟ ଓ ଘଣ୍ଟାରବ । ଏହାକୁ ବଙ୍ଗଭାଷାରେ କଁାସା, ହିନ୍ଦୀରେ କାଂସା, ତେଲୁଗୁରେ କାଂଚୁ ବୋଲନ୍ତି । ତମ୍ବା ଓ ବଙ୍ଗ (ରଙ୍ଗ) ଯୋଗରେ କଂସା ପ୍ରସ୍ତୁତ କରାଯାଏ । **କଂସାରଶୋଧନ**—କଂସାପାତିକୁ ଉତ୍ତମ ରୂପେ ନିଆଁରେ ତତାଇ ତେଲରେ, ତକ୍ରରେ, ଗୋମୂତ୍ରରେ, କାଞ୍ଜିରେ ଓ କୋଳଥ କ୍ୱାଥରେ ସାତ ସାତ ଥର ବୁଡ଼ାଇଲେ ଏହା ଶୁଦ୍ଧ ହୁଏ । **କଂସାଭସ୍ମ**—୨୦୦ ଗ୍ରାମ ଶୁଦ୍ଧ କଂସାକୁ ଚୂର୍ଣ୍ଣକରି ସେଥିରେ ସମାନ ପରିମାଣେ ଗନ୍ଧକ ଓ ଚତୁର୍ଥାଂଶ ହରିତାଳ ମିଶାଇ ଲେମ୍ବୁରସରେ ମର୍ଦ୍ଦନ କରି ଗୋଟିଏ ଗୁଳା କରିବ । ଏହି ଗୁଳାଟିକୁ ସୂର୍ଯ୍ୟ କିରଣରେ ଶୁଖାଇ ଶରା ସମ୍ପୁଟ ମଧ୍ୟରେ ରଖି ସନ୍ଧି ରୋଧକରି ପାଞ୍ଚକେଜି ବାଲି ଘସିରେ ପୁଟଦେବ । ସ୍ୱାଙ୍ଗଶୀତଳ ହେବା ପରେ ବାହାର କରି ବାରମ୍ବାର ଉପରୋକ୍ତ ନିୟମରେ ପାଞ୍ଚପୁଟ ଦେବ । ତା'ର ପରେ ଘିକୁଆଁରି ରସରେ ବାଟି ତିନିଥର ଗଜପୁଟ ଦେବ । ଏହିପରି ନିୟମରେ ପୁଟଦେଲେ ଉତ୍ତମ କାଂସ୍ୟ ଭସ୍ମ ପ୍ରସ୍ତୁତ ହୁଏ । **ଉପଯୋଗ**—କାଂସ୍ୟ ଭସ୍ମ ତିକ୍ତ, ଉଷ୍ଣ, ଲଘୁ, ଲେଖନ, ଦୃଷ୍ଟି ଶୋଧକ, ଅଗ୍ନିଦୀପକ ଓ ବାତପିତ୍ତ ଜନିତ ରୋଗ ସମୂହର ନାଶକ ଅଟେ । ୧—ନିୟମିତ ଭାବରେ ଏହି ଭସ୍ମ ସେବନ କଲେ କ୍ରିମି, କୁଷ୍ଠ, ରକ୍ତବିକାର, ବହୁମୂତ୍ର, ପ୍ରମେହ ଓ ଚର୍ମ୍ମବିକାର ବିନଷ୍ଟ ହୁଏ ଏବଂ ଚକ୍ଷୁର ଉପକାର ହୁଏ । କାଂସ୍ୟ ଭସ୍ମ ସେବନ କରିବାର ତିନିଘଣ୍ଟା ପରେ

ପଥ୍ୟଭୋଜନ କରିବାକୁ ଦେବ । ଏଥି ସହିତ ଘିଅ ଖାଇବାକୁ ଦେବନାହିଁ । ରୋଗି ପକ୍ଷରେ ଯେବେ ପଥ୍ୟ ହୁଏ ତେବେ ଅଧିକ ପରିମାଣେ ଦୁଧ ଖାଇବାକୁ ଦେବ । ଭସ୍ମର ମାତ୍ରା —ଏକ ଷଷ୍ଠାଂଶ ଗ୍ରାମ ।

**୯୯-କଇଁପୁଆଗଛ— ଉତ୍ପଳୀଗଛ ଦେଖ—**

**୧୦୦-କଇଁଫୁଲଗଛ—Nymphaea Esculenta.** ଏହାର ସଂସ୍କୃତ ନାମ—କୁମୁଦ, କୈରବ ଓ ଚନ୍ଦ୍ରକାନ୍ତ । ଏହାକୁ ବଙ୍ଗଭାଷାରେ ହେଲାଫୁଲ, ହିନ୍ଦୀରେ କୋଇ, ତେଲୁଗୁରେ କଲୁବପୁବ୍ବୁଲୁ ବୋଲନ୍ତି । ଏହାର ମୂଳ, ନାଡ଼, ପତ୍ର ଓ ଫୁଲ ଔଷଧାର୍ଥରେ ଗ୍ରହଣ କରାଯାଏ । ଏହାର ରସ ମଧୁର, ତିକ୍ତ ଓ ଶୀତଳ । ଏହା ସେବନ ଓ ଲେପନ କଲେ କଫ, ପିତ୍ତ, ଦାହ, ରକ୍ତଦୋଷ, ବିସର୍ପ, ତୃଷା ଓ ବିସ୍ଫୋଟ ରୋଗ ନିବାରିତ ହୁଏ । ରସର ମାତ୍ରା— ୨୦—୪୦ ଗ୍ରାମ । **କୁମୁଦାସବ**— କଇଁଫୁଲ, ଗ୍ରନ୍ଥି, ଗମ୍ଭାରୀଫଳ, ମଞ୍ଜିଷ୍ଠା, ନୀଳୋତ୍ପଳ, ଅଳାଇଚ, ବଳା, (ବଳାଚତୁଷ୍ଟୟ) ଜଟାମାଂସୀ, ମୋଥା, ଅନନ୍ତମୂଳ, ତ୍ରିଫଳା, (ହରିଡ଼ା, ବାହାଡ଼ା, ଅଁଳା) ରଙ୍ଗବର । ଗନ୍ଧଶୁଣ୍ଠୀ, କୋଇଲଇ, ନୀଳୋତ୍ପଳ, ପଟୋଳପତ୍ର, ପିତ୍ତପାପଡ଼ା, ଅର୍ଜୁନ ଛାଲି, ମହୁଲ ଛାଲି, ମୁରମାଂସୀ, ପ୍ରତ୍ୟେକର ଚୂର୍ଣ୍ଣ ବାଇଶିଗ୍ରାମ, ଦ୍ରାକ୍ଷା ଏକ କେଜି, ଧାତୁକୀଫୁଲ ୭୪୦ ଗ୍ରାମ, ପାଣି ୨୬ କେଜି, ଖଣ୍ଡ ପାଞ୍ଚ କେଜି, ମହୁ ଅଢ଼ାଇ କେଜି । ଏହି ସମସ୍ତ ଦ୍ରବ୍ୟ ଏକାଠେ ମାଟି ହାଣ୍ଡିରେ ରଖି, ଭଲ ଭାବରେ ସନ୍ଧାନକରି ଏକ ମାସ ରଖିବ, ତା'ପରେ ଛାଣି ବୋତଲରେ ରଖିବ । ମାତ୍ରା —ଅଧେ ଠାରୁ ଦୁଇ ଆଉନ୍ସ । ଅନୁପାନ ଦୁଧ ବା ଜଳ । ଏହା ମୂର୍ଚ୍ଛା, ଅପସ୍ମାର, ଯୋଷାପସ୍ମାର (ହିଷ୍ଟିରିଆ) ଉନ୍ମାଦ (ପାଗଳ) ଭ୍ରମ, ମୁଣ୍ଡବୁଲାଇବା, ମସ୍ତିଷ୍କର ଦୁର୍ବଳତା, ଶାନ୍ତକରି ଏହି ଆସବ ସେବନର ଅଳ୍ପ ସମୟ ମଧ୍ୟରେ ନିଦ୍ରା ହୋଇ ଅପସ୍ମାରକୁ ଶାନ୍ତ କରିଥାଏ ।

ସୂଚନା:—ଦୁଇଥର ନୀଳୋତ୍ପଳ ପ୍ରୟୋଗ ଥିବା ଯୋଗୁଁ ଦୁଇଗୁଣ ଗ୍ରହଣ କରିବ । (କବିରାଜ ନଗେନ୍ଦ୍ରନାଥ ସେନ)

**୧୦୧ –କଇଁଚ**—Tortoise. ଏହାର ସଂସ୍କୃତ ନାମ—କୂର୍ମ, କମଠ ଓ କଚ୍ଛପ । ଏହାକୁ ବଙ୍ଗଭାଷାରେ କାଛିମ, ଶୁନ୍ଧ, କାଠା ଓ ଦାରକୋଲା, ହିନ୍ଦୀରେ କଚ୍ଛୁଆ, ତେଲୁଗୁରେ ତାବେଲୁ ବୋଲନ୍ତି । ଏହାର ମାଂସ ସ୍ୱାଦୁ, ଶୀତଳ ଓ ଗୁରୁପାକ । ଏହି ମାଂସ ବାତ ଓ ଶୋଥ ନାଶକରେ, ବଳ, ବୀର୍ଯ୍ୟ, ମେଧା ଓ ସ୍ମୃତିଶକ୍ତି ବୃଦ୍ଧିକରେ ଏବଂ ଚକ୍ଷୁରୋଗରେ ଉପକାର କରେ । ବେଦନାଯୁକ୍ତ ଅଙ୍ଗରେ ଏହି ମାଂସ ବାନ୍ଧିଲେ ବେଦନା ନିବାରିତ ହୁଏ । ୧—କଇଁଚର ପିତ୍ତ କାସ, ଶ୍ୱାସ, ସନ୍ନିପାତଜ୍ୱର ଓ ସୂତିକା ସନ୍ନିପାତରେ ବିଶେଷ ଉପକାରୀ । ୨–କଇଁଚର ଡିମ୍ବ ମଧୁରରସ ଓ ରତିଶକ୍ତି ବର୍ଦ୍ଧକ । ଏହି ଡିମ୍ବ ଭିତରେ ଥିବା ଜଳୀୟ ଅଂଶ ଗାଈଦୁଧ ସହିତ ଖାଇଲେ ସକଳ ପ୍ରକାର ଦୁର୍ନିବାର କାସ ବିନଷ୍ଟ ହୁଏ, କଇଁଚ ପାଦର ମାଂସ କଫ ନାଶକ । ୩ — କଇଁଞ୍ଚର ଉପର ଖୋଳକୁ ପଥରରେ ଘୋରି ଆଖିରେ ଲଗାଇଲେ ଆଖିର ଫୁଲ ଛୁଟି ଯାଏ ।

**୧୦୨-କଇଁଠଗଛ**—Feronia elephantum. ଏହାର ସଂସ୍କୃତ ନାମ କପିତ୍ଥ, ଦଧିତ୍ଥ, କପିପ୍ରିୟ, ଦନ୍ତଶଠ ଓ ଦଧିଫଳ । ଏହାକୁ ବଙ୍ଗଭାଷାରେ କଦ୍‌ବେଲ୍‌ଗାଛ, ହିନ୍ଦୀରେ କୈଥ, ଏବଂ ତେଲୁଗୁରେ ବେଲଗଚେଟ୍ଟୁ ବୋଲନ୍ତି । ଏହାର ପତ୍ର ଅଠା, ଫୁଲ ଓ ଫଳ ଔଷଧାର୍ଥରେ ବ୍ୟବହୃତ ହୁଏ । **କଇଁଠପତ୍ର** — ୧ କୋମଳ କଇଁଠ ପତ୍ରର ରସ ସେବନ କଲେ ଆଧ୍ମାନ, ବାନ୍ତି, ଅଜୀର୍ଣ୍ଣ. ଗ୍ରହଣୀ, ଅତିସାର, ହିକ୍କା ଓ ଶର୍କରା ରୋଗ ବିନଷ୍ଟ ହୁଏ । ଉତ୍ତମ ରୂପେ ଆହାର ଜୀର୍ଣ୍ଣ ହୁଏ ଏବଂ ବସ୍ତିରେ ସଞ୍ଚିତ ହୋଇଥିବା ଅଶ୍ମରୀ ଚୂର୍ଣ୍ଣିତ ହୁଏ । **କଇଁଠଅଠା**— ବାବୁଲଅଠାର ବଦଳରେ ଏହା ପ୍ରୟୋଗ କରାଯାଏ । ୨ — ଅତିସାର ଓ ଆମରକ୍ତାତିସାରରେ ମହୁ ସହିତ କଇଁଠଅଠା ପ୍ରୟୋଗ କଲେ ଉତ୍ତମ ଫଳଲାଭ ହୁଏ । ଅତିସାର ରୋଗିର ଗୁହ୍ୟଦ୍ୱାର ଶୁଳେଇ ହେଉଥିଲେ ଏହାର ପ୍ରୟୋଗ ବିଶେଷ ଉପକାର କରେ । **କଞ୍ଚାକଇଁଠ**—ଏହା ତିକ୍ତ, ଅମ୍ଳ, କଷାୟ, ଶୀତଳ ଓ ସଂଗ୍ରାହକ । ଏହା ଅତିସାର ଓ ଆମରକ୍ତାତିସାର ହରଣ କରେ, ବାତବୃଦ୍ଧି କରେ, ସ୍ୱର ଭଙ୍ଗକରେ ଏବଂ କଫ ନାଶ କରେ । **ପାଚିଲାକଇଁଠ**— ଏହା ମଧୁର, ଅମ୍ଳ, କଷାୟ, ଶୀତଳ ଓ ଗୁରୁପାକ । ଏହା କଫ, ବାତ, ଶ୍ୱାସ, କାସ, ଅରୁଚି, ତୃଷା, କଣ୍ଠରୋଗ, ବିସର୍ପ, ବ୍ରଣ, କଣ୍ଡୁ, ଶିରୋରୋଗ ଓ ବିଷରୋଗରେ ଉପକାର କରେ । ନରମାଂସ ଭୋଜନରୁ ଜାତହେବା ରକ୍ତ-ବିକାରରେ ପାଚିଲା କଇଁଠ ଉତ୍ତମ ଔଷଧ । ଏହା ଶ୍ରମ ନାଶକରେ, ବଳ ଓ ତୃପ୍ତି ଦାନକରେ । ଏହି ଫଳର ସିରପ ଅଧିକ ଲାଳସ୍ରାବ, ଗଳକ୍ଷତ ଏବଂ ଦନ୍ତବେଷ୍ଟର ଦୃଢ଼ୀକରଣାର୍ଥେ ପ୍ରୟୋଗ କରାଯାଏ । ୩—କଇଁଠ ଫଳକୁ ପଥରରେ ଘୋରି ବିଷଧର କୀଟ ଦଷ୍ଟଅଙ୍ଗରେ ତାହା ଲେପନ କଲେ ବିଷ ନଷ୍ଟ ହୁଏ । **କଇଁଠମଞ୍ଜିର ତେଲ**—୪—ଏହା ପିତ୍ତ ନାଶକରେ ଓ ମଳରୋଧ କରେ । କଫ, ହିକ୍କା, ବାନ୍ତି ଓ ମୂଷିକ ବିଷ ନିବାରଣାର୍ଥରେ ଏହା ପ୍ରୟୋଗ କରାଯାଏ । ବୈଦ୍ୟଶାସ୍ତ୍ରରେ କଇଁଠର ପ୍ରୟୋଗ ଯଥା—**ଅର୍ଶରୋଗ**—୫—ଅର୍ଶରୋଗିର

ଝାଡ଼ାହେଉଥିଲେ କଞ୍ଚାକଇଁଠ ଓ କଞ୍ଚାବେଲ ଫଳର ଯୂଷ ତାକୁ ପାନ କରାଇବ । ଅଥବା ଏହି ଯୂଷ ସହିତ ଛେଳିମାଂସର ଯୂଷ ମିଶାଇ ରୋଗୀକୁ ଦେବ (ଚରକ) * **ହିକ୍କାରୋଗ**—୬—କଞ୍ଚାକଇଁଠର ରସ ମହୁ ଓ ପିପ୍ପଳୀ ଚୂର୍ଣ୍ଣ ସହିତ ହିକ୍କା ରୋଗୀକୁ ପାନ କରାଇବ (ଚରକ) । **କଣ୍ଟକବିଷ** ୭—ଯେ କୌଣସି ପ୍ରକାର ଜଙ୍ଗମ ବିଷ କଣ୍ଟକରେ ଫୁଟିଲେ ରୋଗୀକୁ ଘିଅ ଓ ମହୁ ସହିତ କଞ୍ଚା କଇଁଠର ରସ ପିଆଇବାକୁ ଦେବ (ଚରକ) । **ରକ୍ତପିତ୍ତରୋଗ**—୮—କ୍ଷୀରକୋଳି ଓ କଇଁଠ ପତ୍ରକୁ ବାଟି ଘିଅରେ ଭାଜି ଖାଇଲେ ରକ୍ତପିତ୍ତ ନିବାରିତ ହୁଏ ଏବଂ ବାତ ଓ ପିତ୍ତ ପ୍ରଶମିତ ହୁଏ । ଏହା ସକଳ ପ୍ରକାର ରକ୍ତପିତ୍ତ ରୋଗରେ ହିତକର ( ଚରକ ) । **ବିଷାକ୍ତ ଅଞ୍ଜନଜାତରୋଗ**—୯—କଇଁଠଫୁଲ ଓ ମେନ୍ଦ୍ରୀ-ଫୁଲ ଏକାଠି ବାଟି ଆଖିରେ ଲଗାଇଲେ ବିଷାକ୍ତ ଅଞ୍ଜନ ବ୍ୟବହାରରୁ ଜାତହେବା ଆନ୍ଧ୍ୟ ରୋଗ ନିବାରିତ ହୁଏ । (ସୁଶ୍ରୁତ) **ବାନ୍ତିରୋଗ**—୧୦—କଇଁଠରସ, ପିପ୍ପଳୀଚୂର୍ଣ୍ଣ ଓ ମହୁ ଏକତ୍ର ସେବନ କଲେ ବାନ୍ତି ବନ୍ଦହୁଏ । (ସୁଶ୍ରୁତ) । **ନ୍ୟଚ୍ଛ ଓ ବ୍ୟଙ୍ଗରୋଗ**—୧୧—କଇଁଠ ଫଳର ରସ ଓ କ୍ଷୀର କୋଳି ଏକାଠି ବାଟି ଲେପନକଲେ ନ୍ୟଚ୍ଛ ଓ ବ୍ୟଙ୍ଗରୋଗ ବିନଷ୍ଟ ହୁଏ । (ସୁଶ୍ରୁତ) **ଶ୍ୱାସରୋଗ**—୧୨—କଇଁଠର ରସ ପାନକଲେ ଶ୍ୱାସରୋଗ ବିନଷ୍ଟ ହୁଏ । (ବାଗ୍‌ଭଟ୍ଟ) । **କଫଜବାନ୍ତିରୋଗ**—୧୩—ତ୍ରିକଟୁ ଚୂର୍ଣ୍ଣ କଇଁଠର ରସ ସହିତ ସେବନ କଲେ କଫଜ ବାନ୍ତି ଶାନ୍ତ ହୁଏ । (ବାଗ୍‌ଭଟ୍ଟ) । **କର୍ଣ୍ଣରୋଗ**—୧୪—କଇଁଠର ରସ ବିନ୍ଦୁ ୨ କରି କାନରେ ପକାଇଲେ କଫରୁ ଜାତହେବା କର୍ଣ୍ଣରୋଗ ବିନଷ୍ଟ ହୁଏ । (ବାଗ୍‌ଭଟ୍ଟ) **ପ୍ରବାହିକାରୋଗ** ୧୫—କଞ୍ଚା କଇଁଠର ରସ ଦହି ସହିତ ବାଟି ଖାଇଲେ ଶୂଳାହିଁଗା ବନ୍ଦହୁଏ । ( ଭାବପ୍ରକାଶ ) **ପ୍ରଦରରୋଗ**—୧୬—କଇଁଠ ପତ୍ର ଓ ବାଉଁଶପତ୍ର ସମାନ ଭାଗରେ ଉତ୍ତମ ରୂପେ ବାଟି ମହୁ ସହିତ ଖାଇଲେ ରକ୍ତପ୍ରଦର ରୋଗ ପ୍ରଶମିତ ହୁଏ । (ବଙ୍ଗସେନ) । ମାତ୍ରା—ଫୁଲ ଓ ପତ୍ର କଲ୍କ ୩-୬ ଗ୍ରାମ, ଫଳରସ ୧୦—୨୦ ଗ୍ରାମ, ଫଳର ମଞ୍ଜି ୧—୩ ଗ୍ରାମ, **କପିତ୍ଥାଷ୍ଟକ ଚୂର୍ଣ୍ଣ**—କଇଁଠ ଗଛର ଛାଲି ଦୁଇ ତୋଳା, ପତ୍ର ତିନି ତୋଳା, ବେଲପତ୍ର ଦୁଇ ତୋଳା ଏହି ତିନୋଟି ଦ୍ରବ୍ୟକୁ ବାଟିବ । ଦାରୁହଳଦୀ, ଶୀତଳା ମରିଚ, ଅଗରୁ ପ୍ରତ୍ୟେକ ବାଇଶି ଗ୍ରାମ ନେଇ ଚୂର୍ଣ୍ଣ କରିବ ଏବଂ ଜଳ ଛବିଶି ତୋଳା । ଏହି ସମସ୍ତ ଦ୍ରବ୍ୟ ମାଟି ହାଣ୍ଡିରେ ରଖି ସେଥିରେ ଧାତୁକୀ ଫୁଲ ସାତଶହ ପଚିଶ ଗ୍ରାମ, ମିଶ୍ରି ପାଞ୍ଚ ତୋଳା । ମହୁ ତିନି ତୋଳା, ଯଥାବିଧି ସନ୍ଧାନ କରି ମାଟିରେ ପୋତିଦେବ । ଏକ ମାସ ପରେ ବାହାର କରି ଛାଣି ଶିଶିରେ ରଖିବ । ମାତ୍ରା—ଅଧ ଠାରୁ ୨ ଆଉନ୍‌ସ । ଅନୁପାନ—ଜଳ । ଉପଯୋଗ—ଏହା ମଧୁମେହ ରୋଗର ମୂଳ କାରଣ ଶୀଘ୍ର ନଷ୍ଟ କରିଦିଏ । ଅଶ୍ମରୀ ରୋଗରେ ମଧ୍ୟ ହିତକର । (ବୈ.ଦ୍ର.ଗି)

**କଉଡ଼ୀ**—Smallshell or courie. ଏହାର ସଂସ୍କୃତ ନାମ—କପର୍ଦ୍ଦକ ଓ ବରାଟକ । ଏହାକୁ ବଙ୍ଗଭାଷାରେ କଡ଼ି, ହିନ୍ଦୀରେ **କୌଡ଼ୀ**, ତେଲୁଗୁରେ ଗାଉଲୁ ବୋଲନ୍ତି । ଏହା ଏକ କ୍ଷୁଦ୍ର ଜଳଜାତ ଜୀବର ଦେହ । ଏହି ଜୀବ ଶଙ୍ଖ ଓ ଶାମୁକାଦି ଜୀବ ଶ୍ରେଣୀର ଅନ୍ତର୍ଗତ । କଉଡ଼ୀ ନାନା ପ୍ରକାର । ସେଥିମଧ୍ୟରୁ ହଳଦିଆ ବର୍ଣ୍ଣ **କୌଡ଼ୀ** କେବଳ ଔଷଧ କାର୍ଯ୍ୟରେ ଉପଯୋଗୀ ହୁଏ । **କୌଡ଼ୀଶୋଧନ**—କୌଡ଼ିକୁ ୭ । ୮ ଦିନ ଆମ୍ଳ ଚୋଡ଼ାରେ ଅଥବା ଲେମ୍ବୁରସରେ ବତୁରାଇ ରଖିବ, ଯେତେବେଳେ ସେ ସବୁ ଧଳା ଦେଖାଯିବ, ସେତେବେଳେ ବାହାର କରି ଗରମ ଜଳରେ ଧୋଇବ । **କୌଡ଼ୀଭସ୍ମ**—ଉପରୋକ୍ତ ନିୟମରେ ଶୋଧନ କରାଯାଇଥିବା ହଳଦିଆ ବର୍ଣ୍ଣ କୌଡ଼ୀକୁ ନିର୍ଧୂମ ଜଳନ୍ତା ନିଆଁରେ ପକାଇ ପୋଡ଼ିବ, ଯେତେବେଳେ ସେ ଗୁଡ଼ିକ ଉତ୍ତମ ରୂପେ ଫୁଲିଯିବ, ସେତେବେଳେ ସାବଧାନରେ ତାକୁ ବାହାର କରି ଟିକୁଆଁରି ରସରେ ଅଥବା ଲେମ୍ବୁ ରସରେ ପକାଇବ । ତା'ର ପରେ ସେହି ରସରେ ତାକୁ ବାଟି ୨୦ ଗ୍ରାମ ପରିମାଣେ ଚକି କରି ଖରାରେ ଶୁଖାଇବ । ତା'ର ପରେ ଶରାସମ୍ପୁଟ ମଧ୍ୟରେ ରଖି ଗଜପୁଟରେ ଭସ୍ମ କରିବ । କୌଡ଼ୀର ଭସ୍ମ କଟୁ, ତିକ୍ତ, ଉଷ୍ଣ, ଅଗ୍ନିକାରକ ଓ ଶୁକ୍ରଜନକ । ଏହା ବାତ, କଫ, ଗ୍ରହଣୀ, ଶୂଳ, ବ୍ରଣ, କର୍ଣ୍ଣଶୂଳ, ନେତ୍ରରୋଗ ଓ କ୍ଷୟରୋଗରେ ହିତକର । ୧—ପରିଣାମ ଶୂଳ ଅନ୍ନଦ୍ରବଶୂଳ, ଅମ୍ଳପିତ୍ତ ଓ ଗ୍ରହଣୀ ରୋଗର ପ୍ରଥମାବସ୍ଥାରେ ଉପଯୁକ୍ତ ଅନୁପାନ ସହିତ କୌଡ଼ୀଭସ୍ମ ପ୍ରୟୋଗ କଲେ ଚମତ୍କାର ଫଳ ଲାଭ ହୁଏ । ୨—ରକ୍ତପିତ୍ତ ଓ କ୍ଷତକ୍ଷୟ ରୋଗରେ, ପୁରାତନଅଗ୍ନିମାନ୍ଦ୍ୟ ଜୀର୍ଣ୍ଣଜ୍ୱର ଓ ପ୍ଲୀହାବୃଦ୍ଧି ରୋଗରେ, ଏହି ଭସ୍ମ ଉତ୍ତମ ଫଳପ୍ରଦ । ୩—କୌଡ଼ୀଭସ୍ମ ଦୁଧ ସହିତ ସେବନ କଲେ ଏବଂ ଲେମ୍ବୁରସ ସହିତ ମିଶାଇ କାନରେ ପକାଇଲେ କର୍ଣ୍ଣ-ସ୍ରାବ ବିନଷ୍ଟ ହୁଏ । ୪—ଅଗ୍ନିଦଗ୍ଧ ଚର୍ମ ଉପରେ ଏହି ଭସ୍ମ କତାତେଲ ସହିତ ମିଶାଇ ଲେପନ କଲେ ସତ୍ୱର ଜ୍ୱାଳା

* କୌଣସି ଔଷଧର ଯୂଷ ପ୍ରସ୍ତୁତ କରିବାକୁ ହେଲେ ରୋଗୀର ଅବସ୍ଥା ବିବେଚନା କରି ମୁଗ ଓ କାନ୍ଦୁଲ ପ୍ରଭୃତି ତା'ର ସହିତ ଯୋଗ କରାଯାଏ ।

ଶାନ୍ତ ହୁଏ ଏବଂ ଫୋଟକା ହୁଏନାହିଁ । ୫-କୌଡ଼ୀକୁ ନିଆଁରେ ପୋଡ଼ି ଚକ୍‌କଣ କରି ଗୁଣ୍ଡ କରିବ । ଏହି ଗୁଣ୍ଡ କାନରେ ପକାଇଲେ କାନରୁ ପାଣି ବୋହିବା ବନ୍ଦହୁଏ । ୬—କୌଡ଼ୀଭସ୍ମ ଘିଅରେ ମିଶାଇ ବାଟି ମଲମ କରିବ, ଏହା ଲଗାଇଲେ କାଛୁ, କୁଣ୍ଡିଆ ପ୍ରଭୃତି ଘା' ଶୁଖିଯାଏ । ୭—କୌଡ଼ୀକୁ ନିଆଁରେ ପୋଡ଼ି ଭସ୍ମ କରିବ । ଏହା ଲେମ୍ବୁରସ ସହିତ ଅଧ—୧ ଗ୍ରାମ ମାତ୍ରାରେ ସେବନ କଲେ ପେଟର ଶୂଳ ବେଦନା ଶାନ୍ତ ହୁଏ । ୮—ନହୁଣୀ ଓ ମିଶ୍ରୀ ସହିତ କୌଡ଼ୀଭସ୍ମ ମିଶାଇ ୧୫—୨୦ ଦିନ ଖାଇଲେ କ୍ଷୟରୋଗ ପ୍ରଶମିତ ହୁଏ । ୯—କୌଡ଼ୀଭସ୍ମ ଲେପନ କଲେ ହାତ ପାଦରୁ ଝାଳ ବହିବା ବନ୍ଦହୁଏ । ଘିଅ କିମ୍ବା ମହୁ ସହିତ ମିଶାଇ କୌଡ଼ୀଭସ୍ମ ସେବନ କରାଯାଏ, ନଚେତ୍ ମୁହଁରେ ଫ୍ରୋଟ ୨ ଘା' ବାହାରେ । ଭସ୍ମର ମାତ୍ରା ଏକ ଚତୁର୍ଥାଂଶ ଗ୍ରାମ ଠାରୁ ଅଧ ଗ୍ରାମ । (ର, ତ, ସା)

**କାଉମାଛ**—Coius cobojinus. ଏହାର ସଂସ୍କୃତ ନାମ—କଙ୍କଣ କବଚୀ ଓ କବଚ ପୃଷ୍ଠୀ । ଏହାର ମାଂସ ସ୍ୱାଦୁ, କଷାୟ, ସ୍ନିଗ୍ଧ, ଶୀତଳ, ରେଚକ, ବଳକାରକ ଓ ବାତ ନାଶକ ।

**କାକଡ଼ାଶୃଙ୍ଗୀ**—Phus succedanea. Syn, Aeuminata. Pistacia integerrima stewant. ଏହାର ସଂସ୍କୃତ ନାମ—କର୍କଟଶୃଙ୍ଗୀ, କୁଳୀରଶୃଙ୍ଗୀ । ଏହାକୁ ବଙ୍ଗଭାଷାରେ କାଁକଡ଼ାଶୃଙ୍ଗୀ, ହିନ୍ଦୀରେ କକଡାସିଙ୍ଗୀ ଏବଂ ତେଲୁଗୁରେ କର୍କଟଶୃଙ୍ଗୀ ବୋଲନ୍ତି । ଏହା କଷାୟ, ତିକ୍ତ ଏବଂ ଉଷ୍ଣ । ଏହାର ଚୂର୍ଣ୍ଣ ସେବନ କଲେ ଊର୍ଦ୍ଧ୍ୱଗତ ବାତ ବିକାର, କାସ, ଶ୍ୱାସ, ହିକ୍‌କା, ଯକ୍ଷ୍ମା, ବାନ୍ତି, ତୃଷା, ଜ୍ୱର, ଉଦରରୋଗ, ଅଧ୍ମାନ, କଫ, ପିତ୍ତ ଓ ବାୟୁଦୋଷ ବିନଷ୍ଟ ହୁଏ । ବୈଦ୍ୟଶାସ୍ତ୍ରରେ କାକଡ଼ାଶୃଙ୍ଗୀର ପ୍ରୟୋଗ ଯଥା—**କଫଜବାନ୍ତିରୋଗ**—୧—ମୁଥା ଓ କାକଡ଼ାଶୃଙ୍ଗୀ ସମାନ ଭାଗରେ ଚୂର୍ଣ୍ଣ କରି ମହୁ ସହିତ ଲେହନ କଲେ କଫଜ ବାନ୍ତିରୋଗ ଶାନ୍ତହୁଏ । (ଚରକ) **ରତିଶକ୍ତିବର୍ଦ୍ଧନାର୍ଥେ**—୨-କାକଡ଼ାଶୃଙ୍ଗୀର ଚୂର୍ଣ୍ଣ ଦୁଧ ସହିତ ସେବନ କରି ଦୁଧ, ଘିଅ ଓ ଚିନି ମିଶ୍ରିତ ଅନ୍ନ ଭୋଜନ କଲେ ସ୍ତ୍ରୀ ସମ୍ଭୋଗରେ ବୃଷଭପରି ସାମର୍ଥ୍ୟ ଜନ୍ମେ । (ବାଗ୍‌ଭଟ) **ଶିଶୁର ଶ୍ୱାସରୋଗ**—୩—କାକଡ଼ାଶୃଙ୍ଗୀ ଓ ମୂଳାମଞ୍ଜୀ ସମାନ ଭାଗରେ ଚୂର୍ଣ୍ଣକରି ଘିଅ ଓ ମହୁ ସହିତ କାସ, ଶ୍ୱାସ, ପୀଡ଼ିତ ବାଳକକୁ ସେବନ କରାଇବ । (ବଙ୍ଗସେନ) ଚୂର୍ଣ୍ଣର ମାତ୍ରା ୧—୩ ଗ୍ରାମ, କ୍ୱାଥ ୨୦—୪୦ ଗ୍ରାମ ।

**କର୍କଟଶୃଙ୍ଗ୍ୟାସବ**—କାକଡ଼ାଶୃଙ୍ଗୀ, ବିଡ଼ଙ୍ଗ, ମୋଥା, ଯାଠିମଧୁ, ଜାଇଫଳ, ଜାଇପତ୍ରୀ, ଅତୁସୀ, ନାଗକେଶର; ଇତ୍ୟାଦିର ପ୍ରତ୍ୟେକ ଦଶ ଗ୍ରାମ । କସ୍ତୁରୀ ତିନିଗ୍ରାମ, ରେକ୍‌ଟିଫାଇଡ୍ ସ୍ପିରିଟ୍ ସୁରଶହେ ଗ୍ରାମ ସହି ମିଶାଇ ବୋତଲରେ ଭରିକରି ମଜବୁତ୍ କାର୍କ ଲଗାଇ ସାତଦିନ ରଖିବ । ପରେ ଛାଣି ବାହାର କରି ବ୍ୟବହାର କରିବ । ଏହା ବାଳକମାନଙ୍କର ସକଳପ୍ରକାର ରୋଗରେ ଅବ୍ୟର୍ଥ ଔଷଧ । ମାତ୍ରା ଦୁଇ ଠାରୁ ତିନି ବିନ୍ଦୁ ଜଳ ସହ ।

ସୂଚନା—ମୂର୍ଚ୍ଛା ଯୋଗୁଁ କୌଣସି ରୋଗରେ ଯଦି ବାଳକମାନେ ନ ପିଅନ୍ତି । ତାହାହେଲେ ସିରିଞ୍ଜ ଦ୍ୱାରା ରକ୍ତରେ ମିଶାଇ ଦେବ । (ସଗ୍ରାହକ—ପଣ୍ଡିତ ଶ୍ରୀ ଉମାଦତ୍ତ ଝା ଶର୍ମା)

**କାଗ ରୁ—ପାଣିକଖାରୁ ଦେଖ ।**

**୦୩—କାଙ୍କଡ଼ା**—Crad. ଏହାର ସଂସ୍କୃତ ନାମ—ପିଳୀର ଓ କର୍କଟକ । ଏହାକୁ ବଙ୍ଗଭାଷାରେ କାଁକ୍‌ଡା, ତେଲୁଗୁରେ ଏଣ୍ଡ୍ରକାୟୁ ବୋଲନ୍ତି । ଏହାର ମାଂସ ସ୍ୱାଦୁ ଶୀତଳ ଓ ରୁଚିକର । ଏହା ଖାଇଲେ ଚକ୍ଷୁ, ମାଂସ, ବଳ ବୀର୍ଯ୍ୟ ଓ ମେଧାଶକ୍ତି ବଢ଼େ ଓ ମଳ ମୂତ୍ର ବିରେଚନ ହୁଏ । ପ୍ରଦରରୋଗରେ, ଏବଂ ଅଧିକ ରଜଃସ୍ରାବ, ଭଗ୍ନରୋଗ, ବାତ, ପିତ୍ତ, ପାଣ୍ଡୁ, କ୍ଷୟ ଶୋଥ, ଗ୍ରହଣୀ ଓ ପୁରାତନ ଅତିସାର ରୋଗରେ ଏହା ପଥ୍ୟ ଏବଂ ବସ୍ତିସ୍ତମ୍ଭକ । ଘିଅ ଓ ନଡ଼ିଆ ଦୁଧ ସହିତ ଏହି ମାଂସ ପାକକରି ଖାଇଲେ ଘୋଡ଼ା ପରି ମୈଥୁନ ଶକ୍ତି ଲାଭହୁଏ ।

**୧୦୪—କାଙ୍ଗୁଷ୍ଠ**—ଏହା ହିମାଳୟ ପର୍ବତଜାତ ଏକପ୍ରକାର ମୃତ୍ତିକା । ଏହାର ସଂସ୍କୃତ ପର୍ଯ୍ୟାୟ-କାଳକୁଷ୍ଠ, ବିରଙ୍ଗ, ରଙ୍ଗଦାୟକ. ରେଚକ ଓ କାଳପାଳକ । ଏହାର ଶୋଧନ—ସାତଦିନ କିମ୍ବା ତିନିଦିନ କମ୍ଳିଲ୍ ରସରେ ବତୁରାଇ ଗରମ ଜଳରେ ଧୋଇଲେ କାଙ୍ଗୁଷ୍ଠ ବିଶୁଦ୍ଧ ହୁଏ । ଏହା କଟୁରସ, ଉଷ୍ଣବୀର୍ଯ୍ୟ, ଗୁରୁ, ସ୍ନିଗ୍ଧ, ବିରେଚକ, କଫବାତ ନାଶକ ଏବଂ ବ୍ରଣ ଓ ଶୂଳ ରୋଗରେ ହିତକର ।

**୧୦୫—କାଞ୍ଚନଗଛ**—Bauhinia Acuminata. Bauhinia Variagata. ପୁଷ୍ପ ବର୍ଣ୍ଣଭେଦରେ ଏହି ଗଛ ତିନି ପ୍ରକାର । ଯଥା—ଶ୍ୱେତକାଞ୍ଚନ, ରକ୍ତକାଞ୍ଚନ, ଓ ପୀତକାଞ୍ଚନ । ଏହାର ସଂସ୍କୃତ ପର୍ଯ୍ୟାୟ—କୋବିଦାର, କୁଦାଳ, ଯୁଗ୍ମପତ୍ରକ ଓ କାଞ୍ଚନାଳ । ଏହାକୁ ବଙ୍ଗଭାଷାରେ କାଞ୍ଚନଫୁଲେରଗାଛ, ହିନ୍ଦୀରେ କାଚ୍‌ନାର, ତେଲୁଗୁରେ ଦେବକାଞ୍ଚନଚେଟ୍ଟୁ ବୋଲନ୍ତି । ଏହାର ପତ୍ର, ଫୁଲ ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ରରସ ଓ ଛାଲର

କ୍ୱାଥ ବା ଚୂର୍ଣ୍ଣ କଷାୟ, ଶୀତଳ ଓ ସଂଗ୍ରାହକ । ଏହା ସେବନ କଲେ ଭଗନ୍ଦର, ଗଣ୍ଡମାଳା, ଗୁଦଭ୍ରଂଶ, କୁଷ୍ଠ, ବାତପିତ୍ତ, ମୂତ୍ରକୃଚ୍ଛ୍ର ଓ କ୍ରିମିରୋଗ ବିନଷ୍ଟ ହୁଏ । କାଞ୍ଚନ ପତ୍ରର କ୍ୱାଥ ପାନ ମାତ୍ରେ ଅନ୍ତ୍ରରୋଗର ମୁଖ୍ୟବ୍ୟଥା ପ୍ରଶମନ କରେ । କାଞ୍ଚନଫୁଲ—୧-ଏହା କଷାୟ, ଲଘୁ, ରୁକ୍ଷ, ସଂଗ୍ରାହକ ଓ ରୋଚକ । ଏହା ପିତ୍ତ, ରକ୍ତପ୍ରଦର, କ୍ଷୟକାସ, ଅର୍ଶରୋଗ, ରକ୍ତପିତ୍ତ ଓ ରକ୍ତୋତ୍କ୍ଷେପଣ ନିବାରଣ କରେ । ଏହି ଫୁଲର କ୍ୱାଥ ପାନ କଲେ ଅଧିକ ଆର୍ତ୍ତବସ୍ରାବ, ରକ୍ତାତିସାର, ରକ୍ତାର୍ଶ ଓ ରକ୍ତମୂତ୍ର ନିବାରିତ ହୁଏ । ଏହାର କଅଁଳ ଫୁଲକୁ ବାଟି ଚିନିସହିତ ଖାଇଲେ କୋଷ୍ଠ ପରିଷ୍କାର ହୁଏ । କାଞ୍ଚନମୂଳ—୨-କାଞ୍ଚନମୂଳର କ୍ୱାଥ କୁଷ୍ଠାଦି ଚର୍ମରୋଗରେ ବିଶେଷ ଫଳପ୍ରଦ । ରଙ୍ଗ କାଞ୍ଚନମୂଳ ଛାଲର କ୍ୱାଥ ପାନ କଲେ ଗ୍ରହଣୀ, ଉଦରାଧ୍ମାନ ଓ ଚର୍ମରୋଗ ନଷ୍ଟ ହୁଏ । ୩-କାଞ୍ଚନମୂଳ, ଜାମୁଛାଲ ଏବଂ ବଉଳ ଛାଲର କ୍ୱାଥରେ କୁଳୁକୁଞ୍ଚା କଲେ ଲୋହିତ ଓ ଲାଳାସ୍ରାବ ନିବାରିତ ହୁଏ । ବୈଦ୍ୟଶାସ୍ତ୍ରରେ କାଞ୍ଚନଗଛର ପ୍ରୟୋଗ ଯଥା—ଅର୍ଶରୋଗେ—୪—ଦହି ସହିତ କାଞ୍ଚନମୂଳ ଛାଲିର ଚୂର୍ଣ୍ଣ ସେବନ କଲେ ଅର୍ଶରୋଗ ପ୍ରଶମିତ ହୁଏ । ( ବାଗ୍‌ଭଟ ) । ପ୍ରମେହ[illegible]—୫—କାଞ୍ଚନ ପତ୍ରର କଳ୍କ (ବଟା) ଏବଂ ପଦ୍ମର ନାଡ଼, ମୂଳ, ପତ୍ର ଓ କେଶର ସହିତ ଘିଅ ଦେଇ ଘୃତପାକ କରି ସେବନ କଲେ ରୋଗୀର ବୁଦ୍ଧି ଓ ବାଣୀ ମଧ୍ୟ ମେଧାଶକ୍ତି ସମ୍ପନ୍ନ ହୁଏ । (ବାଗ୍‌ଭଟ) ଗଣ୍ଡମାଳାରୋଗେ—୬—କାଞ୍ଚନମୂଳର ଛାଲ ଓ ଶୁଣ୍ଠୀ ଚାଉଳ-ଧୁଆ ପାଣି ସହିତ ବାଟି ପାନ କଲେ ଗଣ୍ଡମାଳାରୋଗ ବିନଷ୍ଟ ହୁଏ । (ଚକ୍ରଦତ୍ତ) ଗଣ୍ଡମାଳାରୋଗେ—୭-କାଞ୍ଚନମୂଳଛାଲର କ୍ୱାଥରେ ସୁବର୍ଣ୍ଣମାକ୍ଷୀ ଭସ୍ମ ପ୍ରକ୍ଷେପ କରି ପାନ କଲେ ଅନ୍ତର୍ଲୀନ ମସୂରିକା (ବସିଯାଇଥିବା ବସନ୍ତ) ଉପରକୁ ଉଠେ । (ଚକ୍ରଦତ୍ତ) । ମାତ୍ରା ପତ୍ରରସ ୩୦-୪୦ ଗ୍ରାମ, କ୍ୱାଥ ୫୦-୧୦୦ ଗ୍ରାମ, ଚୂର୍ଣ୍ଣ ୧—୩ ଗ୍ରାମ, ପତ୍ରକଳ୍କ ୧୦—୨୦ ଗ୍ରାମ । କାଞ୍ଚନ ଗୁଗ୍‌ଗୁଳ—ରଙ୍ଗ କାଞ୍ଚନ ଛାଲ ପାଞ୍ଚ କେଜିକୁ ନେଇ ବାବନ କେଜି ଜଳରେ ସିଝାଇ କ୍ୱାଥ କରି ତେର କେଜି ଅବଶେଷ ଥିବା ବେଳେ ଛାଣି ହାଣ୍ଡିରେ ଭରତି କରିବ । ସେଥିରେ ଆହୁରିକଣ୍ଟଳୁ ଅଧକେଜି । ମହୁ ଦଶ କେଜି, ଶୁଣ୍ଠୀ, ଲବଙ୍ଗ, ଗୋଲମରିଚ ଏବଂ ଗୁଡ଼ ଗୁଳୁଚି ପ୍ରତ୍ୟେକ ଗ୍ରାମ ହିସାବରେ ନେଇ ଚୂର୍ଣ୍ଣ କରି ଗୋଳି ପାତ୍ର ମୁଖ ବନ୍ଦ କରି ଏକ ମାସ ରଖିବ । ପରେ ଛାଣି ବୋତଲରେ ଭରତି କରିବ । ମାତ୍ରା—ଅଧା—୨ ଅଉନ୍ସ । ଏହା ରକ୍ତକୁ ଶୀଘ୍ର ଶୁଦ୍ଧ କରେ । ଗଣ୍ଡମାଳା ରୋଗରେ ଅମୃତ ସଦୃଶ, କୁଷ୍ଠାଦି ଚର୍ମରୋଗ, ବାତ, ଅଗ୍ନିମାନ୍ଦ୍ୟ ରୋଗରେ ହିତକର ଏବଂ ସର୍ବ କ୍ରିମିନାଶକ । (ବୈ. ଭୁ. ଗୀ)

୧୦୬—ଖଞ୍ଜନପକ୍ଷୀ—A Species of the wagtail. ଏହାର ସଂସ୍କୃତ ନାମ ଖଞ୍ଜରୀଟ ଓ ଖଞ୍ଜନ । ଏହାର ମାଂସ କଫପିତ୍ତ ନାଶକ, ମଳଭେଦକ, ଲଘୁ ଓ ରୁକ୍ଷ ।

୧୦୭—କଟାସ—ବଣବିରାଡ଼ି ଦେଖ ।

୧୦୮—କଟୁକ—Picrorrhiza kurroa Benth. ଏହାର ସଂସ୍କୃତ ପର୍ଯ୍ୟାୟ—କଟୁକୀ, କଟୁରୋହିଣୀ, ଚକ୍ରାଙ୍ଗୀ ଓ ଅମଘ୍ନୀ । ଏହାକୁ ବଙ୍ଗଳାରେ କଟକୀ, ହିନ୍ଦୀରେ କଟୁକୀ, ତେଲୁଗୁରେ କାଟକରୋହିଣୀ ଓ କନ୍ନଡ଼ରେ କୋଲା-ବୋଲନ୍ତି । ଏହାର ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ଚୂର୍ଣ୍ଣ ବା କଷାୟ କଟୁ, ତିକ୍ତ, ଶୀତଳ ଓ ଲଘୁ । ଏହା ସେବନ କଲେ ପିତ୍ତ, ରକ୍ତଦୋଷ, ଦାହ, ଅରୁଚି, କଫ, କାସ, ବିଷମଜ୍ୱର, ଶ୍ୱାସ, ପ୍ରମେହ, କୁଷ୍ଠ, ଅଗ୍ନିମାନ୍ଦ୍ୟ, ଶୂଳ, ମସ୍ତିଷ୍କ ବିକାର, ପକ୍ଷାଘାତ, ବାତ, ମୂତ୍ରରୋଧ, ଅଜୀର୍ଣ୍ଣ, ଗ୍ରହଣୀ ଓ କାମଳାରୋଗ ପ୍ରଶମିତ ହୁଏ । ୧—ଏହା ବିଷମଜ୍ୱରର ଅତି ଉତ୍କୃଷ୍ଟ ଔଷଧ । ୨—ମୂଷିକ ବିଷ ଓ ବୃଶ୍ଚିକ ବିଷ ନିବାରଣାର୍ଥେ ଏହା ପ୍ରୟୋଗ କରାଯାଏ । ୩—ଏହା ପିତ୍ତ-ନାଶକ, ବିରେଚକ ଓ ରୋଚକ । ବୈଦ୍ୟଶାସ୍ତ୍ରରେ ଏହାର ପ୍ରୟୋଗ ଯଥା—ହୃଦ୍‌ରୋଗେ—୪—ଯଷ୍ଟିମଧୁ ଓ କଟୁକୀ ସମାନ ଭାଗରେ ଚୂର୍ଣ୍ଣ କରି ତହିଁରେ ଚିନିମିଶାଇ ଜଳ ସହିତ ସେବନ କଲେ ହୃଦ୍‌ରୋଗ ବିନଷ୍ଟ ହୁଏ । ( ଚରକ ) କ୍ଷୀରଶୋଧନାର୍ଥେ—୫—ସୂତିକା ସ୍ତ୍ରୀର କ୍ଷୀର ଦୂଷିତ ହେଲେ କଟୁକୀର କ୍ୱାଥ ତାକୁ ସେବନ କରାଇବ । (ଚରକ) କଫପିତ୍ତଜ୍ୱରେ—୬—କଟୁକୀର ଚୂର୍ଣ୍ଣରେ ଚିନି ମିଶାଇ ସେବନ କରି ଉଷ୍ଣ ଜଳ ଅନୁପାନ କଲେ କଫପିତ୍ତଜ୍ୱର ନିବୃତ୍ତ ହୁଏ । (ସୁଶ୍ରୁତ) ହିକ୍କାରୋଗେ—କଟୁକୀର ଚୂର୍ଣ୍ଣ ଓ ପାଟଗେରୁ ସମାନ ଭାଗରେ ମହୁ ସହିତ ଗୁଡ଼ି ଖାଇଲେ ହିକ୍କାରୋଗ ବିନଷ୍ଟ ହୁଏ । (ସୁଶ୍ରୁତ) । ବାଳକମାନଙ୍କର ପେଟରେ କ୍ରିମି ହେଲେ ସେମାନଙ୍କୁ କଟୁକୀର ଚୂର୍ଣ୍ଣ ମହୁ ସହିତ ସେବନ କରାଇବ । ମାତ୍ରା ଚୂର୍ଣ୍ଣ ୧—୩ ଗ୍ରାମ, ବିରେଚନ ମାତ୍ରା ୩—୬ ଗ୍ରାମ । ଶୁକ୍ଳ କଟୁକୀର ଗୁଣ ଯଥା ସ୍ଥାନରେ ଲେଖାଅଛି । କଟୁକାଦ୍ୟାରିଷ୍ଟ—କଟୁକୀଚୂର୍ଣ୍ଣ ଦେଢ଼କେଜି, ଦ୍ରାକ୍ଷା ଛଅଶହ ଗ୍ରାମ, ନିମ୍ବଛାଲି ଅଧକେଜି, ହରିଡ଼ା, ବାହାଡ଼ା, ଅଁଳା, ପ୍ରତ୍ୟେକ ଦୁଇଶହ ପଚାଶ ଗ୍ରାମ । ସମସ୍ତ ଦ୍ରବ୍ୟ କୁଟି ବାବନ କେଜି ଜଳରେ ସିଝାଇ ତେର କେଜି ଅବଶେଷ ରହିଲେ ଛାଣି ହାଣ୍ଡିରେ ଭରତି କରିବ । ସେଥିରେ ଗୁଡ଼ ଦଶ କେଜି, ଧାତକୀଫୁଲ ଦୁଇଶହ ପଚାଶ ଗ୍ରାମ, ପଟୋଳ ପତ୍ର, ବାଲୁକଳଙ୍କ, ଗୁଳୁଚି, ଶୁଣ୍ଠୀ, ପିପ୍ପଳୀ,

ବଡ଼ଙ୍କ, ଛୁଆଙ୍କ ପୁରୁଣି ଗ୍ରାମ ନେଇ ଚୂର୍ଣ୍ଣ କରି ମିଶାଇ ପାଣିରେ ଚୂର୍ଣ୍ଣ ଗୋଳାଇ ଏକ ମାତ୍ରା କରିବ । ପରେ ଗୁଣି ବ୍ୟବହାର କରିବ । ମାତ୍ରା ଅଧ—ଦେଢ଼ ଅଣ୍ଟାଳ, ଅନୁପାନ ଜଳ, ଏହା ସେବନ କଲେ ଯକୃତରୁ ପିତ୍ତ ଅନ୍ତ୍ରରେ ସ୍ୱଠାରୁ ପିତ୍ତସ୍ରାବ ହୋଇ ଯକୃତକୁ ସତେଜ କରେ । ଶୋଥ, ପାଣ୍ଡୁ, ରୋଗ ଦୂର ହୁଏ । କାମଳା ରୋଗ ଯକୃତରେ ପିତ୍ତ ଅଧିକ ସଞ୍ଚୟ ହେବା ଦ୍ୱାରା ଜାତ ହୁଏ, ତାହାକୁ ଏଠାରୁ ଉପଶମ କରେ । ଏହା କାମଳା ଜନିତ ପିତ୍ତବୃଦ୍ଧି ରୋଗରେ ରାମବାଣ ସଦୃଶ । ଏହା ପରୀକ୍ଷିତ (ବୈ. ଭୁ. ର)

୧୦୯—କୃଷ୍ଣଜୀରକ—ଏହା ଅଗ୍ନିଦୀପକ, ପାଚକ, ତୀକ୍ଷ୍ଣ ଓ ଉଷ୍ଣ । ଏହା ଦୋଷ ଶ୍ଲେଷ୍ମା, ଆଳସ୍ୟ, କଫ, କୃମି, ବାତ, କଣ୍ଡୁ ଓ କୁଷ୍ଠ ପ୍ରଶମନ କରେ, ମେଦୋରୋଗ ହରଣ କରେ, ଶୁକ୍ର ଓ କ୍ଷୀର ନାଶ କରେ, ଗର୍ଭବନ୍ଧନ ବିଚ୍ଛେଦ କରେ ଏବଂ ଅବସାଦ ଜାତ କରେ । ଏହା ଅଧିକ ପରିମାଣେ ଖାଇଲେ ଭ୍ରମ, ଉନ୍ମାଦ, ଜଳରୋଗ, ଚାକ୍ଷୁରୋଗ ଏବଂ ଓଷ୍ଠରୋଗ ଜାତ ହୁଏ, ବଳ କ୍ଷୟ ହୁଏ, ହାତ ପାଦରେ ଦାହ ହୁଏ, ବମ୍ପ ହୁଏ, ପାର୍ଶ୍ୱ ଓ ପିଠିରେ ବେଦନା ହୁଏ ଏବଂ ବାତରୋଗ ଜନ୍ମେ ।

୧୧୦—କୃଷ୍ଣଭଞ୍ଜିଗଛ—ତିନ୍ତିଗଛ ଦେଖ ।

୧୧୧—କୃଷ୍ଣପଲାଶଗଛ—Amoora Rohituka W, and A. Andersonia Rohituka. ଏହାର ସଂସ୍କୃତ ପର୍ଯ୍ୟାୟ—ରୋହିତକ, ପ୍ଲୀହଶତ୍ରୁ, ସଦାପୁଷ୍ପ ଓ ଦାଡ଼ିମ ପୁଷ୍ପକ । ଏହାକୁ ବଙ୍ଗଭାଷାରେ ରୋହଡ଼ା ଓ ତିଓନା, ହିନ୍ଦୀରେ ରୋହେଡ଼ା, କଟକ ଜିଲ୍ଲାରେ ସୁଆମଗଛ, ତେଲୁଗୁରେ ମୁଲ୍ଲମୋଦୁଗଚେଟ୍ଟୁ ବୋଲନ୍ତି । ଏହାର ଫୁଲ ଡାଳ ଓ ମୂଳର ଛାଲ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ଛାଲର କ୍ୱାଥ ଓ ଚୂର୍ଣ୍ଣ କଟୁ, କଷାୟ ଓ ଶୀତଳ । ଏହା ସେବନ କଲେ ଯକୃତ, ପ୍ଲୀହା, ଗୁଳ୍ମ, ଉଦରରୋଗ, କୃମି, ବ୍ରଣ, ରକ୍ତବିକାର, ନେତ୍ରରୋଗ, କର୍ଣ୍ଣରୋଗ ଓ ବିଷ ବିକାର ନଷ୍ଟ ହୁଏ । ଏହା ବଳବର୍ଦ୍ଧକ ଓ ରସାୟନ । ବୈଦ୍ୟଶାସ୍ତ୍ରରେ ଏହାର ବ୍ୟବହାର ଯଥା—କଫପିତ୍ତଜମେହରେ—୧—କୃଷ୍ଣପଲାଶ ଫୁଲକୁ ଚୂର୍ଣ୍ଣ କରି ମହୁ ସହିତ ସେବନ କଲେ କଫ ପିତ୍ତଜ ମେହ ନିବୃତ୍ତି ହୁଏ । ( ଚରକ ) । ପ୍ଲୀହୋଦରରେ—୨—କୃଷ୍ଣପଲାଶର ଡାଳ ଖଣ୍ଡ କରି ହରିତକୀର କ୍ୱାଥରେ ଅଥବା ଗୋମୂତ୍ରରେ ସାତ ଦିନ ଭାବନା କରିବ । ତା'ର ପରେ ଏହାକୁ ଜଳରେ ଗୁଣି ପାନ କଲେ କାମଳା, ଗୁଳ୍ମ, ମେହ, ଅର୍ଶ, ପ୍ଲୀହୋଦର, ସକଳ ପ୍ରକାର ଉଦରରୋଗ ଓ କୃମିରୋଗ ନଷ୍ଟ ହୁଏ । (ଚରକ) । ଶ୍ୱେତପ୍ରଦରରେ—୩—କୃଷ୍ଣପଲାଶ ମୂଳର ଛାଲ ଶୀତଳ ଜଳରେ ବାଟି ପାନ କଲେ ଶ୍ୱେତପ୍ରଦର ନିବାରିତ ହୁଏ । (ଚରକ) କ୍ୱାଥ ମାତ୍ରା ୫୦—୧୦୦ ଗ୍ରାମ, କଲ୍କ ୧—୩ ଗ୍ରାମ । ରୋହିତକାରିଷ୍ଟ—କୃଷ୍ଣପଲାଶ ଛାଲ ପାଞ୍ଚ ସେରକୁ, ବାବନ ସେର ଜଳରେ କ୍ୱାଥ କରି ଚତୁର୍ଥାଂଶ ଅବଶେଷ ଥିବା [illegible] ଭାଣ୍ଡିରେ ଭରତି କରିବ । ସେଥିରେ ଧାତକୀ ଫୁଲ [illegible] ପଚିଶ ଗ୍ରାମ, ତ୍ରିକଟୁ, ଦଶମୂଳ [illegible], ତେଜପତ୍ର, ଏଲାଇଚ, ପିପ୍ପଳୀ, ପିପ୍ପଳୀ ମୂଳ, [illegible], ଚିତାପାରୁମୂଳ, [illegible], ପ୍ରତ୍ୟେକର ଚୂର୍ଣ୍ଣ [illegible] ମିଶାଇ ପାତ୍ର ମୁହଁକୁ ବନ୍ଦ କରି ପନ୍ଦରଦିନ ରଖିବ । ମାତ୍ରା—ଅଧ—୧ ଅଉନ୍ସ । ଏହା ପ୍ଲୀହା, ପ୍ଲୀହୋଦର, [illegible], ଅରୁଚି, କୋଷ୍ଠବଦ୍ଧ, ଉଦରଶୂଳ, ପାଣ୍ଡୁ, କାମଳା, [illegible] ନାଶକ । (ଗଦନିଗ୍ରହ)

୧୧୨—କୃଷ୍ଣଭୃଙ୍ଗରାଜ—ଏହାର ଛାଲି ଗୋଲମରିଚ ସହିତ ବାଟି ନବୋତ୍ପନ୍ନ ବ୍ରଣ ଶୋଥରେ (ବଥରେ) ଲାଗୁଥିଲେ ଏବଂ ବ୍ରଣ ବା ବାଗିରେ ପାଟ ବଧାଯାଏ ଏବଂ ତଦ୍ୱାରା ଉତ୍ତମ ଫଳ ଲାଭ ହେବାର ମଧ୍ୟ ଦେଖାଯାଏ ।

୧୧୩—କୃଷ୍ଣମାରିଷଗଛ—Amarantus spon- osus Lenn. ଏହାର ସଂସ୍କୃତ ନାମ—ମାରିଷ, ମାର୍ଷ ଓ ମାର୍ଷକ । ଏହାକୁ ବଙ୍ଗଭାଷାରେ କାଁଟାନଟେଶାକ, ହିନ୍ଦୀରେ ନନଡ଼ା, ତେଲୁଗୁରେ ପେରୁତୋଟାକୁର ବୋଲନ୍ତି । ଏହାର ପତ୍ର ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । କୃଷ୍ଣମାରିଷ ମଧୁର କଷାୟ ଓ ଶୀତଳ । ୧—ଏହାର ରସ ପିତ୍ତନାଶକ, ମୂତ୍ରବିରେଚକ ଏବଂ ରକ୍ତପିତ୍ତ, ଶୂଳ, ପ୍ରମେହ, ସର୍ପବିଷ ଓ ବିଛା ବିଷ ନିବାରକ ଅଟେ । ୨—ଏହାର ମୂଳର କ୍ୱାଥ ସେବନ କଲେ ମୂତ୍ରାଘାତ, ଶୂଳ, ଅଧିକ ଋତୁସ୍ରାବ ପ୍ରଭୃତି ଅତିସାର, ଅର୍ଶ, କର୍ଣ୍ଣଜ୍ୱର ଓ ଗନୋରିଆ ମେହରୋଗର ପୂଜ ଓ ରକ୍ତସ୍ରାବ ବନ୍ଦ ହୁଏ । ୩—ଏହାର ପତ୍ର ବାଟି ଲେପନ କଲେ ବ୍ରଣ ଘା ଭଲ ହୁଏ । ୪—ଏହାର ପତ୍ର କମ୍ବା ମୂଳ ବାଟି ଉଷୁମ କରି ଲେପନ କଲେ ବଥ, ବ୍ରଣ, ଓ ଫଟା ଘା' ଶୀଘ୍ର ପାଚି ଫାଟିଯାଏ । ୫—ଏହାର ପତ୍ର ଶାକ ମୁଗ ଡାଲି ସହିତ ରାନ୍ଧି ଖାଇଲେ ସ୍ତ୍ରୀମାନଙ୍କର କ୍ଷୀର ବୃଦ୍ଧି ହୁଏ । ୬—ଏହାର ମୂଳ— ପିଚ୍ଛିଳ, ଝାଡ଼ା ଓ ମୂତ୍ର କାରକ । ଅପାମାର୍ଗର କ୍ଷାର ଯେଉଁ ସବୁ ରୋଗରେ ପ୍ରୟୋଗ କରାଯାଏ, କୃଷ୍ଣମାରିଷର କ୍ଷାର ମଧ୍ୟ ସେହି ସମସ୍ତ ରୋଗରେ ପ୍ରଯୋଜ୍ୟ । କଦଳୀ ଛତରେ ଏହାର ପତ୍ରର ପ୍ରଲେପ ହିତକର । ମାତ୍ରା ରସ—୪୦-୬୦ ଗ୍ରାମ, କ୍ୱାଥ —୫୦—୧୦୦ ଗ୍ରାମ ।

୧୧୪–ତି ଅଣ୍ଟା—ମାଳ୍ଲତ ଗୁଣ ଦେଖ ।

୧୧୫–ଗିମ୍ବି ବୀଜା କାକୁଡ଼ି—Cucumis sativus syn. C. Hardwicki. The cucumber ଏହାର ସଂସ୍କୃତ ନାମ—ସୁପୁଷ୍ପ, କଣ୍ଟକିଲତା ଓ କୋଷଫଳା । ଏହାକୁ ବଙ୍ଗଭାଷାରେ ଶଶା, ହିନ୍ଦୀରେ ଖୀରେ, ତେଲୁଗୁରେ ଦୋସକାୟା ବୋଲନ୍ତି । ଏହାର ପତ୍ର, ବୀଜ ଓ ଫଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ଫଳର ସ୍ୱାଦ ମଧୁର କଷାୟ ଓ ଶୀତଳ । ଏହା ସେବନ କଲେ ପିତ୍ତ, ଭ୍ରମ, ମୂତ୍ରକୃଚ୍ଛ୍ର, ପାଣ୍ଡୁ, ତୃଷା, ହୃଦ୍‌ରୋଗ, ବାନ୍ତି, ଜ୍ୱର ଓ ଦାହ ନାଶହୁଏ । କର୍କଟିବୀଜାଶ୍ଚ—କଷାୟ, ମଧୁର ଓ ଶୀତଳ । ଏହା ବସ୍ତିଶୋଧକ, ମୂତ୍ରବର୍ଦ୍ଧକ, ରକ୍ତପିତ୍ତ ଓ ଦାହ ନାଶକ । ଏହା ଖାଇଲେ ମୂତ୍ରଜ୍ୱାଳା ପ୍ରଶମିତ ହୁଏ । କର୍କଟିଶାଖାମଞ୍ଜି—ଏହା ଶୀତଳ, ରୁକ୍ଷ, ମୂତ୍ରବର୍ଦ୍ଧକ ଓ ପିତ୍ତରକ୍ତର ଉପଶମ କାରକ । ମାତ୍ରା—ପଞ୍ଚଅର୍ଦ୍ଧ ୪୦—୬୦ ଗ୍ରାମ । କର୍କଟି ଅଧିକାକୁଡ଼ୀ ଖାଇ ଅଜୀର୍ଣ୍ଣ ହେଲେ ୧—ଗୁଆଣି, ୨—ମରିଚ, ୩—ହିଙ୍ଗୁର ଚୂର୍ଣ୍ଣ ସେବନ କରିବ ।

୧୧୬–କାଙ୍ଗୁଲିଅଧୋଳୀଗଛ—ଏହାର ପତ୍ର ଶୀତଳାମସୃଣ ତରକାରି ଖାଇଲେ ମେହ ଭଲହୁଏ । ଏହାର ମୂଳର ଛାଲି ବାଟି ଲେପନ କଲେ ପୋଡ଼ା ଘା' ଶୁଖିଯାଏ । ରବିବାର ଦିନ ଅଣ୍ଟାରେ ଏହାର ସାତଗଣ୍ଠି ଚ୍ଛାଲରେ ବାନ୍ଧି ଦେଲେ ନପୁଂସକତ୍ୱ ଦୂର ହୁଏ ।

୧୧୭-କତକ—Strychnos potatornm. ଏହାର ସଂସ୍କୃତ ନାମ ଅମ୍ବୁପ୍ରସାଦ, ଛେଦକଫଳ ଓ ଗୁଚ୍ଛଫଳ । ଏହାକୁ ବଙ୍ଗଭାଷାରେ ନିର୍ମଳୀଫଳ, ହିନ୍ଦୀରେ ନିର୍ମଳୀଫଳ, ଇଲ୍ଲୁପନ୍ନ୍ ଏବଂ ତେଲୁଗୁରେ ଚିଲ୍ଲ ଗିଞ୍ଜ ବୋଲନ୍ତି । କତକମଞ୍ଜି ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । କତକର ସ୍ୱାଦ ତିକ୍ତ, ଉଷ୍ଣ, ମଧୁର ଓ ଶୀତଳ । ଏହା ସେବନ କଲେ କଫ, ପିତ୍ତ, ରକ୍ତ, ମେହ, ରକ୍ତପିତ୍ତ, ମନଦୋଷ, ନେତ୍ରବିକାର, ବାତଦୋଷ ଓ ଦାହ ନଷ୍ଟ ହୁଏ, ଅରୁଚି ନିବାରିତ ହୁଏ ଏବଂ କୃମି, ଶୂଳ, ପାଣ୍ଡୁ, ଶର୍କରା ଓ ଅଶ୍ମରୀରୋଗ ପ୍ରଶମିତ ହୁଏ । ୧–ଏହାର ମୂଳ କୁଷ୍ଠ ରୋଗର ମହୌଷଧ । ୨—କତକ ମଞ୍ଜିର ଶୀତକଷାୟ ପ୍ରମେହ (ଉଦଶୋଷ) ଓ ହୋମରୋଗରେ ହିତକର । ୩—କତକମଞ୍ଜି ଟିକିଟିକି କରି ବାଟି ରାତିରେ ଦୁଧରେ ବତୁରାଇବ । ପ୍ରାତଃକାଳରେ ଏହି ଦୁଧ ପାନକଲେ ସକଳ ପ୍ରକାର ପ୍ରମେହ ଓ ଲକ୍ଷଣିତ ନିବାରିତ ହୁଏ । ପକ୍ୱ କତକ ମଞ୍ଜି ଉପଯୁକ୍ତ ମାତ୍ରାରେ ସେବନ କଲେ ବାନ୍ତି ହୁଏ । ଏହା ପାଚକ, ବଳକାରକ ଓ ରସାୟନ । ୪—କତକମଞ୍ଜି ପଥରରେ ମହୁ ସହିତ ଘୋରି ଅଳ୍ପ କର୍ପୂର ଚୂର୍ଣ୍ଣରେ ମିଶାଇ ଆଖିରେ ଅଞ୍ଜନ ଦେଲେ ଆଖିରୁ ପାଣି ବହିବା ଓ କୁହୁଡ଼ିଆ ଦେଖାଯିବା ରୋଗ ନିବୃତ୍ତି ହୁଏ । ଏହା ପେଟରେ ଲେପନ କଲେ ଶୂଳ ଆରୋଗ୍ୟ ହୁଏ । ବୈଦ୍ୟଶାସ୍ତ୍ରରେ କତକର ପ୍ରୟୋଗ ଯଥା— ଅଶ୍ମରୀରୋଗେ—୫-କତକମଞ୍ଜିର ଚୂର୍ଣ୍ଣ ଏକଭାଗ, ଗାଈ କ୍ଷୀର ଆଠଭାଗ, ଏବଂ ଜଳ ବତିଶି ଭାଗ ଏକତ୍ର ସିଦ୍ଧ କରି କ୍ଷୀରମାତ୍ର ଅବଶେଷ ରଖି ପାନକଲେ ଅଶ୍ମରୀରୋଗ ବିନଷ୍ଟ ହୁଏ । (ଚରକ) । ନେତ୍ରରୋଗେ—୬-କତକମଞ୍ଜିକୁ ଚକ୍‌ଚକଣ ପଥରରେ ଘୋରି ଚୂର୍ଣ୍ଣରେ ଅଳ୍ପ ସୈନ୍ଧବ ମିଶାଇ ଆଖିରେ ଅଞ୍ଜନ ଦେଲେ ଚକ୍ଷୁର ଶୁକ୍ଳ ଭାଗରେ ଜାତହେବା ରକ୍ତବିନ୍ଦୁ ପରି ଚିହ୍ନ (ଅର୍ଜୁନରୋଗ) ନିବାରିତ ହୁଏ । (ଚକ୍ରଦତ୍ତ) ଦୃଷ୍ଟି ନିର୍ମଳାର୍ଥେ—୭—କତକମଞ୍ଜି ମହୁ ସହିତ ଘୋରି ଅଳ୍ପ କର୍ପୂର ଚୂର୍ଣ୍ଣରେ ମିଶାଇ ଆଖିରେ ଅଞ୍ଜନ ଦେଲେ ଆଖି ନିର୍ମଳ ହୁଏ ଏବଂ ଆଖିରୁ ଜଳସ୍ରାବ ବନ୍ଦହୁଏ । (ଭାବପ୍ରକାଶ) ମାତ୍ରା—ବୀଜଚୂର୍ଣ୍ଣ ଅଧ—୧ ଗ୍ରାମ, କ୍ୱାଥ ୨୦—୪୦ ଗ୍ରାମ ।

୧୧୮ କଦଳୀଗଛ—Musa Sapientam. Musa paradisiaca. ଏହାର ସଂସ୍କୃତ ନାମ— କଦଳୀ, ରମ୍ଭା, ବାରପଣା, ସ୍ୱାଦୁଫଳା ଓ ସକୃତ୍‌ଫଳା । କଦଳୀକୁ ବଙ୍ଗଭାଷାରେ କଳା, ହିନ୍ଦୀରେ କେଲା, କେଲ ଏବଂ ତେଲୁଗୁରେ ଅରଟିକାୟା ବୋଲନ୍ତି । ଏହାର ପତ୍ର, ଫୁଲ, ଫଳ, ମୂଳ, ମାଡ଼ି ଓ ବାହାଙ୍ଗା ଔଷଧାର୍ଥରେ ବ୍ୟବହୃତ ହୁଏ । କଦଳୀଗଛ—ଏହା ମଧୁର, କଷାୟ ଓ ଶୀତଳ । ୧—କଦଳୀପତ୍ର ରସ ୩୦ ଗ୍ରାମ, ଘିଅ ୩୦ ଗ୍ରାମ ଏକାଠି ମିଶାଇ ପାନ କଲେ ଝାଡ଼ା ପରିଷ୍କାର ହୁଏ । ୨—କଦଳୀପତ୍ର ଓ ବାହାଙ୍ଗାକୁ ଶୁଖାଇ ପୋଡ଼ି ଭସ୍ମ କରିବ । ଏହି ଭସ୍ମ କିମ୍ବା ଏଥିରେ ପ୍ରସ୍ତୁତ କରାଯାଇଥିବା କ୍ଷାର ଉପଯୁକ୍ତ ମାତ୍ରାରେ ସେବନ କଲେ ଶୂଳ, ଅଗ୍ନିମାନ୍ଦ୍ୟ, ଅମ୍ଳପିତ୍ତ, ବୁକଜ୍ୱାଳା ଓ ଉଦର ଜ୍ୱାଳା ପ୍ରଶମିତ ହୁଏ । କୋମଳ କଦଳୀପତ୍ର କ୍ଷତ ବନ୍ଧନାଦି କାର୍ଯ୍ୟରେ ଉପଯୋଗୀ ହୁଏ । ୩—ଏହି ପତ୍ରରେ ଚକ୍ଷୁ ଆଚ୍ଛାଦନ କରି ବାନ୍ଧିଲେ ଚକ୍ଷୁର ଦାହ ଶାନ୍ତ ହୁଏ । କଦଳୀଗଛର କୋମଳ ମଞ୍ଜପତ୍ରର ରସ ପିଆଇଲେ ବାଳକମାନଙ୍କର ଅଗ୍ନିଦଗ୍ଧ ଘା ଶୁଖିଯାଏ । କଦଳୀବାହାଙ୍ଗା—୪—କଦଳୀ ବାହାଙ୍ଗାକୁ ଛାଣିଦେଲେ ଯେଉଁ ରସ ବାହାରେ ତାହା ପାନ କଲେ ରକ୍ତପିତ୍ତ, ଅତିସାର ଓ ରକ୍ତବାନ୍ତି ଶାନ୍ତ ହୁଏ । ଏହା ରକ୍ତାତିସାର, ରକ୍ତପ୍ରଦର, ଦାହ, ମୂତ୍ରକୃଚ୍ଛ୍ର, ଯୋନିଦୋଷ, କର୍ଣ୍ଣରୋଗ ଓ ମୂତ୍ରାଶ୍ମରୀ ରୋଗରେ ମଧ୍ୟ ହିତକର । କଦଳୀମୂଳ—୬—

କଦଳୀମୂଳର ରସ ପାନ କଲେ ପେଟରେ ଥିବା କ୍ରିମି ବିନଷ୍ଟ ହୁଏ ଏବଂ ମେହରୋଗ, ସୋମରୋଗ ଓ ଅଗ୍ନିସ୍ରାବ ପ୍ରଶମିତ ହୁଏ । କଦଳୀମଞ୍ଜର ରସ ମଧ୍ୟ ପୂର୍ବୋକ୍ତ ରୋଗରେ ସୁଫଳପ୍ରଦ । ୭—କଦଳୀମୂଳ ରସରେ ବାବଲଅଠା ମିଶାଇ ପାନକଲେ ମୂତ୍ରରୋଧ ନିବାରିତ ହୁଏ । ୮—କଦଳୀମୂଳ ରସରେ ବାବଲ-ଅଠା ମିଶାଇ ପାନକଲେ ମୁଖରୁ ଓ ଯୋନିଦ୍ୱାରରୁ ରକ୍ତସ୍ରାବ ବନ୍ଦହୁଏ । ୯—କଦଳୀମୂଳ ରସରେ ଘିଅ ଓ ଚିନି ମିଶାଇ ଖୁଆଇଲେ ଦାରୁମୁଷୀ ପ୍ରଭୃତି ବିଷ ଭକ୍ଷଣ ଜାତ ବିକାର ଶାନ୍ତହୁଏ । ୧୦—କଦଳୀମୂଳ ରସ ଦଶ ଗ୍ରାମ, ନବଶାରର ଏକଗ୍ରାମ, ଏକତ୍ର ମିଶାଇ କିଛୁଦିନ ସେବନ କଲେ ପ୍ଲୀହାରୋଗ ବିନଷ୍ଟ ହୁଏ । ୧୧—ବସନ୍ତିକା ରୋଗିର ତୃଷା ନିବାରଣାର୍ଥେ କଦଳୀମୂଳର ରସ ବ୍ୟବହୃତ ହୁଏ । କଦଳୀଫୁଲ—କଦଳୀଫୁଲର ଚୂର୍ଣ୍ଣ ବା ତର୍କାରି କଷାୟ, ଶୀତଳ ଓ ରୁଚିକର । ଏହା ଖାଇଲେ ବାତପିତ୍ତ, ରକ୍ତପିତ୍ତ, ଜ୍ୱରାତିସାର, ଗ୍ରହଣୀ, ରକ୍ତାତିସାର ଓ କ୍ରିମିରୋଗ ବିନଷ୍ଟ ହୁଏ । ୧୨—କଦଳୀଫୁଲକୁ ଦହିରେ ବାଟି ଖାଇଲେ ସ୍ତ୍ରୀ ମାନଙ୍କର ଋତୁ କାଳରେ ହେବା ଅଧିକ ରକ୍ତସ୍ରାବ ବନ୍ଦହୁଏ । କଞ୍ଚାକଦଳୀ ୧୩—କଞ୍ଚାକଦଳୀକୁ ଖଣ୍ଡ୨ କରି କାଟି ଶୁଖାଇ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣ ସେବନ କଲେ ଜ୍ୱରାତିସାର, ଗ୍ରହଣୀ, ପ୍ରମେହ, ରକ୍ତପିତ୍ତ, କୁଷ୍ଠ, ନେତ୍ରରୋଗ, କ୍ରିମି, ରକ୍ତାତିସାର ଓ ପ୍ରଦର ରୋଗରେ ଉପକାର ହୁଏ । ଏହା ଉତ୍ତମ ପୁଷ୍ଟିକର ଖାଦ୍ୟ । ୧୪—ଶୁଖିଲା କଦଳୀର ଚୂର୍ଣ୍ଣ ସହିତ ଅଳ୍ପ ସୈନ୍ଧବ ଲୁଣ ମିଶାଇ ଖାଇଲେ ଅଜୀର୍ଣ୍ଣ, ଅମ୍ଳପିତ୍ତ ଓ ଅଗ୍ନିମାନ୍ଦ୍ୟ ବିନଷ୍ଟ ହୁଏ । ପୁରାତନ କାସ ରୋଗରେ କଦଳୀର ସିରପ ବିଶେଷ ଫଳପ୍ରଦ । ୧୫—ସିରପପ୍ରସ୍ତୁତପ୍ରଣାଳୀ—କଞ୍ଚା କଦଳୀ ଫଳକୁ ଟିକି୨ କରି କାଟି ତହିଁରେ ସମାନ ପରିମାଣର ଚିନି ମିଶାଇ ଗୋଟିଏ ଆବୃତ ମୁଖପାତ୍ରରେ ରଖିବ । ଏହି ପାତ୍ରଟି ଆଉ ଗୋଟିଏ ଶୀତଳ ଜଳପୂର୍ଣ୍ଣ ପାତ୍ର ମଧ୍ୟରେ ଚୁଲିରେ ରଖି ଧୀରେ ୨ ଜାଳ ଦେବ । ପାଣି ଫୁଟିଗଲେ ଜାଳ ବନ୍ଦକରି ଓହ୍ଲାଇବ । ଶୀତଳ ହେବା ପରେ ପାଣିରୁ ବାହାର କରି ପାତ୍ର ମଧ୍ୟରେ ଥିବା ସିରପ ବ୍ୟବହାର କରିବ । ପାଚିଲାକଦଳୀ—ଏହା ମଧୁର, କଷାୟ ଓ ଶୀତଳ । ଏହା ଖାଇଲେ ବୀର୍ଯ୍ୟ ବଢ଼େ, ଶରୀର କାନ୍ତିଯୁକ୍ତ ହୁଏ ଓ ମନ ପ୍ରସନ୍ନ ହୁଏ । ୧୬—ମହୁ ସହିତ ଏହା ଖାଇଲେ ବଳବୃଦ୍ଧି ହୁଏ ଏବଂ ସ୍ତ୍ରୀ ସଙ୍ଗମ ଶକ୍ତି ବଢ଼େ । ଏହା ରକ୍ତପିତ୍ତ, ଦାହ, ମୋହ, ଚର୍ମରୋଗ,କ୍ଷତ, ନେତ୍ରରୋଗ, ମୁଖରୋଗ, ବହୁମୂତ୍ର, ବସ୍ତିରୋଗ, କୁଷ୍ଠ, କ୍ରିମି, କ୍ଷୟ, ତୃଷା ଓ ପ୍ଲୀହାରୋଗରେ ହିତକର । ୧୭—ପାଚିଲାକଦଳୀ ୫୦ ଗ୍ରାମ, ତନ୍ତୁଲୀ ୧୫ ଗ୍ରାମ ଓ ଗୁଡ଼ ୧୦ ଗ୍ରାମ ଏକତ୍ର ପାକ କରି ଦିବସରେ ତିନଥର ଖୁଆଇଲେ ନୂତନ ଗ୍ରହଣୀ ରୋଗରେ ବିଶେଷ ଉପକାର ହୁଏ । ପୁରାତନ ଗ୍ରହଣୀ ରୋଗରେ ପୂର୍ବୋକ୍ତ ପରିମାଣରେ କଦଳୀ, ତନ୍ତୁଲୀ ଗ୍ରହଣ କରି ତହିଁରେ ଦୁଇଗ୍ରାମ ସୈନ୍ଧବ ମିଶାଇ ପାକ କରି ରୋଗିକୁ ଖାଇବାକୁ ଦେବ । ବୈଦ୍ୟଶାସ୍ତ୍ରରେ କଦଳୀର ପ୍ରୟୋଗ ଯଥା—କର୍ଣ୍ଣରୋଗେ—୧୮—କଦଳୀବାହ୍ୟାଙ୍ଗର ରସ ଅଳ୍ପ ଉଷ୍ମ କରି କାନରେ ପକାଇଲେ କାନ ଝଣା ବନ୍ଦହୁଏ । (ବୃନ୍ଦ) ଶ୍ୱେତପ୍ରଦରେ—୧୯—ତେନ୍ତୁଳି ସହିତ କଞ୍ଚାକଦଳୀ ଶୁଖାଇ ଚୂର୍ଣ୍ଣ କରି ଗୁଡ଼ ମିଶାଇ ଏହା ଭକ୍ଷଣ କଲେ କଫ ପିତ୍ତଜ ପ୍ରଦର ନିବାରିତ ହୁଏ । (ଚକ୍ରଦତ୍ତ) ଶ୍ୱିତ୍ର ରୋଗେ ୨୦—କଦଳୀର କ୍ଷାର ଓ ବଟା ହଳଦୀ ଏକତ୍ର ମିଶାଇ ଲେପନ କଲେ ଶ୍ୱିତ୍ରକୁଷ୍ଠ ବିନଷ୍ଟ ହୁଏ । (ବଙ୍ଗସେନ) ସୋମରୋଗେ ୨୧—କଞ୍ଚା ଅଁଳାକୋଳି ରସ, ଚିନି ଓ ମହୁ ଯୋଗରେ ପାଚିଲା କଦଳୀ ଭକ୍ଷଣ କଲେ ସୋମରୋଗ ନିବୃତ୍ତି ହୁଏ । (ବଙ୍ଗସେନ) କଦଳୀ ଖାଇବା ଦ୍ୱାରା ଅଜୀର୍ଣ୍ଣ ହେଲେ ତା'ର ପ୍ରତିକାରାର୍ଥେ ଘିଅ ଖାଇବ ।

୧୧୯—କଦମ୍ବଗଛ—Anthocephalus, Kadamba. ଏହାର ସଂସ୍କୃତ ପର୍ଯ୍ୟାୟ—ନୀପ, ଲଳନାପ୍ରିୟ, କାଦମ୍ବ ଓ ପ୍ରାବୃଷେଣ୍ୟ । ଏହାକୁ ବଙ୍ଗଳାରେ କଦମ୍ବଗାଛ, ହିନ୍ଦୀରେ କଦମ୍ବ କାପେଲ ଏବଂ ତେଲୁଗୁରେ କଡମିଚେଟ୍ଟୁ ବୋଲନ୍ତି । ଏହାର ପତ୍ର, ଫଳ ଓ ମୂଳର ଛାଲି ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ରରସ ଏବଂ ଛାଲିର କ୍ୱାଥ ବା ଚୂର୍ଣ୍ଣ କଟୁ, କଷାୟ, ତିକ୍ତ, ଶୀତଳ । ଏହା ସେବନ କଲେ କଫ, ପିତ୍ତ, ଶୋଥ, କାସ, ଦାହ, ବ୍ରଣ ଓ ବିଷଦୋଷ ବିନଷ୍ଟ ହୁଏ, ବୀର୍ଯ୍ୟବୃଦ୍ଧି ଏବଂ ସ୍ତନ୍ୟ ବୃଦ୍ଧି ହୁଏ । ୧—କଦମ୍ବଛାଲିର କ୍ୱାଥରେ ଜିରାଚୂର୍ଣ୍ଣ ଓ ଚିନି ମିଶାଇ ବାଳକମାନଙ୍କର ବାନ୍ତି ପ୍ରତିକାରାର୍ଥେ ପ୍ରୟୋଗ କରାଯାଏ । ଏହା ବଳକାରକ । କଦମ୍ବଫଳର ରସ ମଧୁର ଓ ଶୀତଳ । ଏହା ଶ୍ରମ ନାଶକ ଓ ଜ୍ୱର ହାରକ । ୨—ଜ୍ୱରରୋଗିର ପ୍ରବଳ ତୃଷା ହେଲେ କଦମ୍ବଫଳର ରସ ତାକୁ ସେବନ କରାଇବ । ବୈଦ୍ୟଶାସ୍ତ୍ରରେ କଦମ୍ବର ବ୍ୟବହାର ଯଥା—କ୍ଷତଆଚ୍ଛାଦନାର୍ଥେ—୩—କଦମ୍ବ ପତ୍ର ବ୍ରଣ ଉପରେ ପକାଇଲେ ବ୍ରଣ ଶୁଷ୍କ ଓ ନିର୍ଦ୍ଦୋଷ ହୁଏ । (ଚରକ) । ମୂତ୍ରବୃଦ୍ଧିରୋଗେ—୪—କଦମ୍ବ ଛାଲିର କ୍ୱାଥ, ଗୋଦୁଗ୍ଧ ସହିତ ଯଥାବିଧି ଘୃତପାକ କରି ସେବନ କଲେ ମୂତ୍ରକୃଚ୍ଛ୍ର ଓ ମୂତ୍ରର ବିବର୍ଣ୍ଣତା ବିନଷ୍ଟ ହୁଏ । (ଚରକ) ମାତ୍ରା ଫଳରସ ୧୦—୨୦ ଗ୍ରାମ, ଛାଲିର କ୍ୱାଥ ୨୦—୪୦ ଗ୍ରାମ, ଚୂର୍ଣ୍ଣ ଅଧ—୧ ଗ୍ରାମ । ଭଙ୍ଗାହାଡ଼ରୁଷ୍ଟି—କଦମ୍ବଛାଲି ପାଞ୍ଚତୋଳାକୁ ତିରିଶି ତୋଳା ଜଳରେ ସିଝାଇ ଥାଡ଼ି ଛାଣିକରି

ଅବଶେଷ ରଖି ଓହ୍ଲାଇ ଚୁର୍ଣ୍ଣି ସ୍ୱାଣ୍ଡିରେ ଭରତ କରିବ । ସେଥିରେ ଶୁଣ୍ଠି ଦଣ କେଳ, ଧାତୁକୀଫୁଲ ସୁରଶଙ୍ଖ ଗ୍ରାମ, ଜୀର, ବିଡ଼ଙ୍ଗ, ହରିଡ଼ା, ବାହାଡ଼ା, ଅଁଳା, ପ୍ରତ୍ୟେକର ଚୂର୍ଣ୍ଣ ସୁଲଗି ଗ୍ରାମ ମିଶାଇ, ପାତ୍ରର ମୁଖ ରୁନ୍ଧ କରି ଏକ ମାସ ରଖିବ । ପରେ ଚୁର୍ଣ୍ଣି ବ୍ୟବହାର କରିବ । ମାତ୍ରା—ଅଧ—୧ ଆଉନ୍ସ । ଏହା ସାର୍ଥି ବର୍ଦ୍ଧକ, ପୌଷ୍ଟିକ, ଜ୍ୱରନାଶକ, ପ୍ଲୀହାବୃଦ୍ଧି, ଅଗ୍ନିମାନ୍ଦ୍ୟ ଏବଂ ଶୂଳ ନାଶକ । (ବୃ.ଆ.ଅ.ସ)

**୧୨୦—କାନକଚମ୍ପାଗଛ**—ଏହା ଗୁଣରେ ଚମ୍ପାଗଛ ସମାନ, ଚମ୍ପାଗଛ ଦେଖ ।

**୧୨୧—କନକାମଞ୍ଜୀ**—Croton tiglim. ଏହାର ସଂସ୍କୃତ ପର୍ଯ୍ୟାୟ—ଜୈପାଳ, ଦନ୍ତୀବୀଜ, ରେଚକ ଓ ମଳ-ଦ୍ରାବୀ । ଏହାକୁ ବଙ୍ଗଭାଷାରେ ଜୟପାଳ, ହିନ୍ଦୀରେ ଜମାଲ-ଗୋଟା ଏବଂ ତେଲୁଗୁରେ ନେପାଲମୁ ବୋଲନ୍ତି । **କନକାମଞ୍ଜୀଶୋଧନବିଧି**—ପ୍ରଥମେ କନକାମଞ୍ଜୀକୁ ୨୪ ଘଣ୍ଟା ପାଣିରେ ବତୁରାଇବ । ତା'ର ପରେ ଚୋପା କାଢ଼ିଦେଇ ତା'ର ମଞ୍ଜୀ ବାହାର କରିବ । ଚୋପା ବାହାର କରିବା ସମୟରେ ଆଖିରେ ହାତ ଲଗାଇବ ନାହିଁ । ଭୁଲରେ ଯେବେ ହାତ ବାଜିଯାଏ, ତେବେ ଘିଅ ଲଗାଇବ । ପରେ କନକାମଞ୍ଜୀ ଗୁଡ଼ିକ ୧୬ ଗୁଣ ଦୁଧରେ ଦୋଳାଯନ୍ତ୍ରରେ ସିଝାଇ ପରିଷ୍କାର ଜଳରେ ଧୋଇ ମଞ୍ଜୀ ଭିତରେ ଥିବା ପତଳା ଜିଭକୁ ବାହାର କରିଦେଇ ସୂର୍ଯ୍ୟ କିରଣରେ ଶୁଖାଇବ । ଏହି ଶୁଦ୍ଧ କନକା-ମଞ୍ଜୀ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା କଟୁରସ, ଉଷ୍ଣବୀର୍ଯ୍ୟ, ତୀକ୍ଷ୍ଣ, ଅତିଶୟ ଉଗ୍ରବିରେଚକ, ଅଗ୍ନିବର୍ଦ୍ଧକ, ଅଶ୍ମରୀ ଶର୍କରା, ମନୋବିକାର, ଅପସ୍ମାର, ପକ୍ଷାଘାତ ଓ ଉଦାବର୍ତ୍ତ ନିବାରକ, ବାନ୍ତିବେଗ ଉତ୍ପାଦକ ଏବଂ କ୍ରିମି, କଫ, ବାତ, ଗୁଳ୍ମ ଓ ଉଦରରୋଗ ବିନାଶକ ଅଟେ । ୧—ଶୁଦ୍ଧ କନକାମଞ୍ଜୀ ୧ ଭାଗ, ସୋହାଗାର ଚୂର୍ଣ୍ଣ ୨ ଭାଗ ଏକତ୍ର ଲେମ୍ବୁରସରେ ମର୍ଦ୍ଦନ କରି ଚଣାପରି ମାତ୍ରା କରିବ । ଏଥିରୁ ଏକମାତ୍ରା ସେବନ କରି ସୌଁପର କ୍ୱାଥ ଅନୁପାନ କଲେ ଝାଡ଼ା ପରିଷ୍କାର ହୋଇ ଉଦରରୋଗ, ଚର୍ମବିକାର ଓ ରକ୍ତଦୋଷ ନିବାରିତ ହୁଏ । ଏଥିରୁ ଏକ ମାତ୍ରା ସେବନ କଲେ ୪—୬ ଥର ଝାଡ଼ା ହୁଏ । ୨—କନକାମଞ୍ଜୀକୁ ଚୂର୍ଣ୍ଣ କରି ଚଲମରେ ରଖି ଅଗ୍ନି ସଂଯୋଗରେ ଏହାର ଧୂମ ପାନକଲେ ଶ୍ୱାସ, କାସ ରୋଗ ପ୍ରଶମିତ ହୁଏ । ୩—ଏହା ଯୋଗ ଲଗାଇ ଲେପନ କଲେ ଦାରୁଣ ମୁଣ୍ଡବ୍ୟଥା ଶାନ୍ତହୁଏ । ୪—ଉନ୍ମତ୍ତ କୁକୁର ଓ ଶୃଗାଳ ଦଷ୍ଟ ବ୍ୟକ୍ତିକୁ ଏହା ସେବନ କରାଇଲେ ବିରେଚନ ହୋଇ ବିଷ ନଷ୍ଟ ହୁଏ । ଏଥିଦ୍ୱାରା ରୌଦ୍ର ବାତ ପ୍ରଭୃତି ମାନସିକ ରୋଗ ମଧ୍ୟ ଦୂରୀଭୂତ ହୁଏ । କଙ୍କଡ଼ାବିଛା ଦଂଶନ କରିଥିବା ଅଙ୍ଗରେ କନକାମଞ୍ଜୀ ବାଟି ଲଗାଇଲେ ବିଷ ବିନଷ୍ଟ ହୁଏ । ୬—କନକାମଞ୍ଜୀ ଭିତରେ ଥିବା ପତଳା ସୂକ୍ଷ୍ମ ପତ୍ରକୁ ବାଟି ସାପ କାମୁଡ଼ିଥିବା ଅଙ୍ଗରେ ଲେପନ କଲେ ବିଷ ଛାଡ଼ିଯାଏ । ସର୍ପଦଂଶନ ଦ୍ୱାରା ରୋଗିର ଚେତା ବୁଡ଼ିଗଲେ ତା'ର ଚକ୍ଷୁରେ କନକାମଞ୍ଜୀ ଭିତରେ ଥିବା ପତ୍ରକୁ ବାଟି ଅଞ୍ଜନ ଦେବ, ଏଥିଦ୍ୱାରା ରୋଗିର ଚୈତନ୍ୟ ଲାଭ ହୁଏ ।

**କନକାମଞ୍ଜୀର ତେଲ**—୭—ଏହି ତେଲ ଅତି ଉଗ୍ରବିରେଚକ । ଯେଉଁ ରୋଗି ବିରେଚନ ଔଷଧ ଖାଇବାକୁ ଅନିଚ୍ଛା ପ୍ରକାଶ କରେ, ତା'ର ଜିଭରେ ୪—୫ ଟୋପା କନକାମଞ୍ଜୀର ତେଲ ଲଗାଇ ଦେଲେ ସୁଖରେ ବିରେଚନ ହୁଏ । ଏହି ତେଲ ବହୁ ରୋଗରେ ପ୍ରୟୋଗ ଯୋଗ୍ୟ ହେଲେ ମଧ୍ୟ ଜ୍ୱର, କୋଷ୍ଠବଦ୍ଧ, କ୍ରିମି, ସାଧାରଣ ଶୋଥ, ଉଦରରୋଗୀ, ପ୍ଲୀହା ଓ ଯକୃତ୍ ବୃଦ୍ଧି, ଶୂଳ, ହନୁସ୍ତମ୍ଭ, ଆମବାତ, ସନ୍ନ୍ୟାସ, ଉନ୍ମାଦ, ପକ୍ଷାଘାତ, ଅଶ୍ମରୀ, ଶର୍କରା ଏବଂ ବାତରୋଗରେ ବିଶେଷ ଭାବରେ ବ୍ୟବହୃତ ହୁଏ । ଏହି ତେଲ ମୁଣ୍ଡରେ ଲଗାଇଲେ ମୁଣ୍ଡବ୍ୟଥା ଏବଂ ମେରୁଦଣ୍ଡରେ ଲଗାଇଲେ ପିଠିପିଡ଼ା ଛାଡ଼ି-ଯାଏ । କାସରୋଗ ନିବାରଣାର୍ଥେ ଗଳାରେ ମଧ୍ୟ ଏହା ଲେପନ କରାଯାଏ । କନକାମଞ୍ଜୀ ବାଟି ଯେଉଁ ଅଙ୍ଗରେ ଲେପନ କରାଯାଏ, ସେହି ଅଙ୍ଗର ଚର୍ମ ଲାଲବର୍ଣ୍ଣ ହୋଇ ଫୋଟକା ହୁଏ । ଏହିପରି ଫୋଟକା ହେଲେ ତହିଁରେ ଗାଈଦହି ଲଗାଇବ । କନକାମଞ୍ଜୀର ଅଧିକ ମାତ୍ରା ପ୍ରାଣନାଶକ ତେଣୁ ରୋଗର ବଳାବଳ ବିବେଚନା କରି ଏହାର ମାତ୍ରା ଠିକ କରିବ । ଅଳ୍ପ ବୟସ୍କ ବାଳକ ଓ ବୃଦ୍ଧମାନଙ୍କୁ ଏହା ଦେବ ନାହିଁ । ଏ ଦେଶର ଅଶିକ୍ଷିତା ସ୍ତ୍ରୀମାନେ କନକମଞ୍ଜୀ ବୋଲି ଏହି କନକାମଞ୍ଜୀ ନେଇ କୌଣସି ପ୍ରକାର ଶୋଧନ ନକରି ଗୋଟି ୨ ପିଲାମାନଙ୍କର ରୋଗରେ ପ୍ରୟୋଗ କରିଥାନ୍ତି । ଏଥି-ଦ୍ୱାରା ଅନେକ ସ୍ଥଳରେ ବିପତ୍ତି ଘଟିବାର ମଧ୍ୟ ଶୁଣାଯାଏ ।

**କନକାବିଷର ଭଙ୍ଗୁଣି**—୮—ଧନିଆଁର କ୍ୱାଥରେ ଚିନି ମିଶାଇ ପାନ କଲେ କିମ୍ବା ଦହିରେ ଲେମ୍ବୁରସ ମିଶାଇ ପିଇଲେ କନକାମଞ୍ଜୀର ଉଗ୍ରବିରେଚନାଦି ବିଷବିକାର ଶାନ୍ତ ହୁଏ । ଅବା । ଭେଦରେ କନକାମଞ୍ଜୀର ବିଷଦୋଷ ଶାନ୍ତ ନିମନ୍ତେ ୧—ଘିଅ, ୨—ହଳଦୀ, ୩—ବାବଲଗଛର ରସ, ୪—ମୁନିଙ୍ଗାଗଛର ରସ, ୫—ମୁନିଙ୍ଗାପତ୍ର ରସ, ୬—ପିଆଜରସ, ୭—ବଙ୍ଗଭସ୍ମ, ୮—ଅପୁ , ୯—ଦିକୁଆଁଶ ରସ ମିଶ୍ରିତ ଚନ୍ଦ୍ରା ରୋଗିକୁ ପାନ କରାଇବ । କନକାମଞ୍ଜୀର ମାତ୍ରା—ଅର୍ଦ୍ଧ ରତି ଠାରୁ ଏକରତି ବା ୧କ ଷୋଡ଼ଶାଂଶ ଗ୍ରାମ ଠାରୁ ଦୁଇ ଷୋଡ଼ଶାଂଶ ଗ୍ରାମ । ତୈଳର ମାତ୍ରା—୪—୬ ବିନ୍ଦୁ । ରଜସ୍ୱଳା ଓ ଗର୍ଭିଣୀସ୍ତ୍ରୀମାନଙ୍କୁ କନକାମଞ୍ଜୀ ଘଟିତ ଔଷଧ କିମ୍ବା ଏହାର ତୈଳ କଦାପି ଦେବନାହିଁ ।

୧୭୨—କନିଅଁର ଗଛ—Nerium oborum sweet-scented oleander. ଏହି ଗଛ ପୁଷ୍ପ ଭେଦରେ ତିନି ପ୍ରକାର ଯଥା:—ଶ୍ୱେତ, ରକ୍ତ ଓ ପୀତ । କନିଅରର ସଂସ୍କୃତ ନାମ—କରବୀର, ଅଶ୍ୱମାର, ଶତକୁମ୍ଭ, ଚଣ୍ଡାତ ଓ ଲଗୁଡ଼ । ଏହାକୁ ବଙ୍ଗଭାଷାରେ କରବୀ, ହିନ୍ଦୀରେ କନେର, ତେଲୁଗୁରେ ଗନ୍ନେରୁଚେଟ୍ଟୁ ବୋଲନ୍ତି । ଏହାର ପତ୍ର, ଫୁଲ, ମୂଳ, ମୂଳର ଛାଲି ଓ କ୍ଷୀର ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା ଅତି ଉଗ୍ରବିଷ । କନିଅଁର ଶୋଧନ—କନିଅଁର ମୂଳକୁ ଟିକି ଟିକି କରି କାଟି ଦୋଳାଯନ୍ତ୍ରରେ ଗାଈ ଦୁଧରେ ସିଝାଇଲେ ଶୁଦ୍ଧ ହୁଏ । କନିଅଁର କଟୁରସ, ଉଷ୍ଣବୀର୍ଯ୍ୟ ଓ ଲାଘବ । କନିଅଁର ପତ୍ରକୁ ପୋଡ଼ି ଚୂର୍ଣ୍ଣ କରି ପୁରାତନ ଘା'ରେ ପକାଇଲେ ଘା' ଶୁଖିଯାଏ । ୧—ଏହି ପତ୍ରକୁ ପାଣିରେ ସିଝାଇ ସେହି ପାଣି ଘା'ରେ ଛିଞ୍ଚିଲେ ସର୍ପ ପ୍ରଭୃତି ବିଷଧର ଜନ୍ତୁମାନେ ଘର ଛାଡ଼ି ପଳାନ୍ତି । ୨—କନିଅଁର ପତ୍ରକୁ ଭାଙ୍ଗି ବେଦନାଯୁକ୍ତ ଅଙ୍ଗରେ ବାନ୍ଧିଲେ ବେଦନା ଛାଡ଼ିଯାଏ । ୩—କନିଅଁର ଫୁଲକୁ ୪୦ ଦିନ ପର୍ଯ୍ୟନ୍ତ ସୋରିଷତେଲରେ କୁଅଁରେ, ଫୁଲ ନିକିଟିବା ପରେ ଏହି ତେଲକୁ ଆଣି ମାଲିସ କଲେ କୁଷ୍ଠ, ଚର୍ମ, ଦରଜ ଓ ଲିଙ୍ଗର ଶୈଥିଲ୍ୟ ଦୂରହୁଏ । ୪—କନିଅଁର ମୂଳକୁ ବାଟି ତଦ୍ୱାରା ଯଥାବିଧି ତେଲ ପାକ କରିବ । ଏହି ତେଲ ମାଲିସ କଲେ, କୁଷ୍ଠ, ବ୍ରଣ, କଣ୍ଡୁ, ଦାଦୁ, ଚର୍ମରୋଗ, ଶୋଥ ଓ କଣ୍ଠ ବିଷ ବିନଷ୍ଟ ହୁଏ । ୫—କନିଅର ମୂଳର କଳ୍କ ଦ୍ୱାରା ଘୃତ ପାକ କରି ଏହି ଘୃତ ଲିଙ୍ଗରେ ମାଲିସ କଲେ ଲିଙ୍ଗ ଶୁକ୍ର କ୍ଷୀଣ ହୁଏ ଏବଂ କାମ ପ୍ରଶମନ ହୁଏ । କନିଅର ମୂଳକୁ ବାଟି ଲେପନ କଲେ ଦେହରେ ଗଣ୍ଡ ବସିଯାଏ । ଏବଂ ଫିରଙ୍ଗ—ଛତ ଓ ଦଦ୍ରୁ ରୋଗ ଆରୋଗ୍ୟ ହୁଏ । ଗର୍ଭପାତ ଓ ଅସ୍ତ୍ର ହତ୍ୟାର୍ଥେ କନିଅରର ମୂଳ ପ୍ରାୟଶଃ ପ୍ରୟୋଗ କରାଯାଇଥାଏ । ୬—ହଳଦିଆ କନିଅର ମୂଳର ଚୂର୍ଣ୍ଣ ନବଜ୍ୱର ଓ ବିଷମ ଜ୍ୱରର ଅବ୍ୟର୍ଥ ମହୌଷଧ । କିନ୍ତୁ ଏହାର ଅଧିକ ମାତ୍ରା ପ୍ରାଣ ନାଶକ । କନିଅର ଫଳର ତେଲ ବାନ୍ତିକାରକ ଓ ବିରେଚକ । ୭—ଶ୍ୱେତ କନିଅର ମୂଳ ୨୦୦ ଗ୍ରାମ ଆଣି ଦଶସେର ଦୁଧରେ ସିଝାଇବ, ଉଲଟିପରେ ସିଝିଗଲେ ଦୁଧକୁ ଛାଣି ତହିଁରେ ମୋରଣ ପକାଇ ଦହି କରିବ । ଏହି ଦହିକୁ ମନ୍ଥି ଘିଅ କାଢ଼ିବ, ଏହି ଘିଅ ଲିଙ୍ଗରେ ମାଲିସ କରି ତା'ଉପରେ ପାନପତ୍ର ପକାଇ ବାନ୍ଧିଲେ ଲିଙ୍ଗର ଶିଥିଳତା, (ଧ୍ୱଜଭଙ୍ଗ) ଦୂର ହୁଏ । ଏହା ମାଲିସ କରିବା ଦ୍ୱାରା ଲିଙ୍ଗ ଉପରେ ଛୋଟ ଛୋଟ ଘା' ବାହାରିଲେ ତହିଁରେ ଶତଧୌତ ଘୃତ ଲଗାଇବ । ଗୁଡ଼, ତେଲ ଓ ଅମ୍ଳ ଦ୍ରବ୍ୟ ଖାଇବ ନାହିଁ । ୮—କନିଅଁରମୂଳ ସହିତ ଏହି ଘିଅ ମିଶାଇ ଅଳ୍ପ ମାତ୍ରାରେ ସେବନ କଲେ ମଧ୍ୟ ଧ୍ୱଜଭଙ୍ଗ ନିବାରିତ ହୁଏ । ୯—ଏହି ଘୃତ ପ୍ରତିଦିନ ଦୁଇ ଷୋଡ଼ଶାଂଶ ଗ୍ରାମ ପରିମାଣରେ ଅଳ୍ପଦିନ ସେବନ କଲେ ଅଫିମ ଅଭ୍ୟାସ ଛାଡ଼ିଯାଏ । କନିଅର ଯୋଗରେ ହରିତାଳ ଓ ହିଙ୍ଗୁଳ ଭସ୍ମ ବିଧି—୧୦—୨୦ ଗ୍ରାମ ବଂଶପତ୍ର ହରିତାଳ କିମ୍ବା ହିଙ୍ଗୁଳକୁ ହଳଦିଆ କନିଅର କ୍ଷୀରରେ ପାଞ୍ଚଦିନ ପର୍ଯ୍ୟନ୍ତ ବାଟି ଚକ ବାନ୍ଧି ଖରାରେ ଶୁଖାଇବ । ତା'ପରେ କନିଅର ପତ୍ର ଗୁଣ୍ଡିଏ ବାଟି ପିଣ୍ଡ ପରି କରି ତା'ର ଭିତରେ ଉକ୍ତ ଔଷଧ ଚକ ରଖିବ । ଶୁଖିଗଲା ପରେ ଗୋଟିଏ ହାଣ୍ଡିରେ ଅଧେ ପର୍ଯ୍ୟନ୍ତ ତେନ୍ତୁଳୀ ଛାଲର ଭସ୍ମ ଦେଇ ତା' ଉପରେ ଉକ୍ତ ଗୁଳାଟି ରଖି ଫେରେ ସେହି ହାଣ୍ଡିର ମୁହଁ ପର୍ଯ୍ୟନ୍ତ ତେନ୍ତୁଳୀ ଛାଲର ଭସ୍ମ ଭର୍ତ୍ତି କରି ହାତରେ ଖୁବ୍ ଦାବିଦେବ । ସେପରିକି ହାଣ୍ଡିରୁ ଧୂଆଁ ନବାହାରେ, ତା'ର ପରେ ହାଣ୍ଡିକୁ ଚୁଲ୍ଲି ଉପରେ ଚଢ଼ାଇ ଚାରି ପ୍ରହର ପର୍ଯ୍ୟନ୍ତ ଜାଳଦେଲେ ଭସ୍ମ ପ୍ରସ୍ତୁତ ହୁଏ । ଏହି ଭସ୍ମ କୁଷ୍ଠ ଓ ପକ୍ଷାଘାତ ରୋଗରେ ବିଶେଷ ଫଳପ୍ରଦ । ଏହାର ମାତ୍ରା ଏକ ଯବ ଠାରୁ ଏକ ଷୋଡ଼ଶାଂଶ ଗ୍ରାମ । ଏହି ଭସ୍ମ ସେବନ କାଳରେ ଗୁଡ଼ ତେଲ ଅମ୍ଳଦ୍ରବ୍ୟ ଖାଇବ ନାହିଁ । (ବୃ. ଗ୍ର. ବୈ) ବୈଦ୍ୟଶାସ୍ତ୍ରରେ କନିଅର ଗଛର ପ୍ରୟୋଗ ଯଥା—କୁଷ୍ଠରୋଗରେ—୧୧—କନିଅର ମୂଳର ଛାଲି ଜଳରେ ସିଦ୍ଧକରି ସେହି ଜଳ କୁଷ୍ଠ-ରୋଗୀର ସ୍ନାନ ଓ ପାନାର୍ଥରେ ବ୍ୟବସ୍ଥା କରିବ । (ଚରକ) ପାଳିତ୍ୟରୋଗେ—୧୨-ମୁଣ୍ଡରେ ଥିବା ପାଚିଲା ବାଳ ଛିଣ୍ଡାଇ ଉପାଡ଼ି କନିଅର ମୂଳର ଛାଲକୁ ଦୁଧରେ ବାଟି ତହିଁରେ ପ୍ରଲେପ ଦେବ । ଏଥିଦ୍ୱାରା ଫେରେ ପାଚିଲା ବାଳ ଉଠେ ନାହିଁ । (ଚରକ) ଅନ୍ତର୍ବୃଦ୍ଧିରୋଗେ—୧୩-କନିଅର ମୂଳର ଛାଲ ଗୁଣ୍ଡିଏ ଆଣି ଶୁଖାଇ ତାକୁ ଗୋଟିଏ ହାଣ୍ଡି ମଧ୍ୟରେ ରଖି ତା'ର ଉପରେ ଆଉ ଗୋଟିଏ ହାଣ୍ଡି ଘୋଡ଼ାଇ କନା ମାଟିରେ ଉଭୟର ସନ୍ଧିସ୍ଥଳ ରୋଧକରି ଅନ୍ତର୍ଧୂମ ଭସ୍ମ କରିବ । ଏହି ଭସ୍ମ ୧—୨ ଗ୍ରାମ ମାତ୍ରାରେ ମହୁ ସହିତ ସେବନ କଲେ ଅଣ୍ଡବୃଦ୍ଧି ରୋଗ ବିନଷ୍ଟ ହୁଏ । ଏହି ଔଷଧ ସେବନ କାଳରେ ଘିଅ, ଦୁଧ ଓ ମଧୁରଦ୍ରବ୍ୟ ଯଥେଷ୍ଟ ପରିମାଣରେ ରୋଗୀକୁ ଖାଇବାକୁ ଦେବ । (ସୁଶ୍ରୁତ) ଉପଦଂଶ ରୋଗେ—୧୪—କନିଅଁର ପତ୍ରର କାଥରେ ଲିଙ୍ଗ ପ୍ରକ୍ଷାଳନ କଲେ ଉପଦଂଶ କ୍ଷତ ଶୁଷ୍କ ହୁଏ । (ସୁଶ୍ରୁତ) ବ୍ରଣବିଦାରଣାର୍ଥେ—୧୫—କନିଅଁରମୂଳ ଛାଲକୁ ବାଟି ପକ୍ୱ ବ୍ରଣରେ ଲେପନ କଲେ ବ୍ରଣ ଫାଟିଯାଏ । (ଚକ୍ରଦତ୍ତ) ପାମା ରୋଗେ—୧୬—କନିଅଁରମୂଳ ଛାଲକୁ ବାଟି ତଦ୍ୱାରା ଯଥାବିଧି ତେଲ ପାକ କରିବ । ଏହି ତେଲ ମାଲିସ କଲେ ପାମା (କୁଣ୍ଡିଆ) ରୋଗ ବିନଷ୍ଟ ହୁଏ । (ଚକ୍ରଦତ୍ତ) ଉପଦଂଶରୋଗେ—

 

୧୮—କନିଅଁର ଡ଼ାଳିକୁ ଜାଳିଲେ ସେପରି ପ୍ରଲେପ ଦେଲେ ଉପଦଂଶ (ଫିରିଙ୍ଗି ଘା) ଶୁଖିଯାଏ । ( ଭାବପ୍ରକାଶ ) କନିଅଁର ବିଷରୁ ରକ୍ଷା—୧୯—ମେଁଷୀ ଦୁଧରେ ଚିନି ମିଶାଇ ପାନ କଲେ ଅଥବା ଅରଖ ଗଛର ଚୂର୍ଣ୍ଣ ଜଳ ସହିତ ସେବନ କଲେ ଏବଂ ହରିଦ୍ରାର କ୍ୱାଥ କିମ୍ବା ମୁକ୍ତାମନା ଦେଇଥା ହୋଇଥିବା ପାଣି ପିଇଲେ କନିଅଁର ବିଷ ନଷ୍ଟ ହୁଏ । ମାତ୍ରା ଶୁକ୍ଳ କନିଅଁରର ମୂଳ ଚୂର୍ଣ୍ଣ ପୂର୍ଣ୍ଣ ଅଷ୍ଟମାଂଶ ଗ୍ରାମ ଠାରୁ ଦୁଇ ଚତୁର୍ଥାଂଶ ଗ୍ରାମ, ପ୍ରତି ଦିନ କନିଅଁର ଗଛକୁ କେଥାକେ ଲୋକ ଦୁକାଫୁଲ ଗଛ ବୋଲନ୍ତି ।

୧୨୩—କାଠପେଣ୍ଡ—ଏହା ମଧୁର, ଶୀତଳ, ଗୁରୁପାକ, ସ୍ନିଗ୍ଧ ଓ ଧାତୁ ବର୍ଦ୍ଧକ । କନ୍ଦମୂଳକୁ ଚକ ଚକ କରି କାଟି ଖରାରେ ଶୁଖାଇ ଚୂର୍ଣ୍ଣ କରିବ । ଏହି ଚୂନାରେ ପାୟସ ପ୍ରସ୍ତୁତ କରି ପ୍ରତିଦିନ ଖାଇଲେ ଧାତୁପୁଷ୍ଟି ଓ ବୀର୍ଯ୍ୟବୃଦ୍ଧି ହୁଏ । ଉଷ୍ଣରୋଗି ବ୍ୟକ୍ତି ପକ୍ଷରେ ଏହା ଖୁବ୍ ବଳକାରକଖାଦ୍ୟ ।

୧୨୪—କପାଗଛ—Gossypium Herbacum. ଏହାର ସଂସ୍କୃତ ନାମ—କାର୍ପାସୀ, ତୁଣ୍ଡିକେରୀ, ସମୁଦ୍ରାନ୍ତ ଓ ପଟଦା । ଏହାକୁ ବଙ୍ଗଭାଷାରେ କାପାସଗାଛ, ହିନ୍ଦୀରେ କାପାସରୁଇ, କର୍ଣ୍ଣାଟ, ତେଲୁଗୁରେ ପ୍ରତ୍ତିଚେଟ୍ଟୁ ବୋଲନ୍ତି । ଏହାର ପତ୍ର, ଫୁଲ, ଫଳ, ମୂଳ, ମଞ୍ଜି ଓ ବୀଜଜାତ ତୈଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ରରସ ଓ ମୂଳର କ୍ୱାଥ ମଧୁର ଓ ଈଷତ ଶୀତୋଷ୍ଣ । ଏହା ସେବନ କଲେ ପିତ୍ତ, କଫ, ଦାହ, ତୃଷା, ଶ୍ରମ, ଭ୍ରମ ଓ ମୂର୍ଚ୍ଛା ନିବାରିତ ହୁଏ, ଦୌର୍ବଲ୍ୟ ଦୂରହୁଏ ଏବଂ କ୍ଷୀର ବୃଦ୍ଧି ହୁଏ । କପାପତ୍ର ୧—ସୂତିକାଜ୍ୱର ପ୍ରଭୃତିରେ ତୁଳସୀର ରସ ସହିତ କହିଲେ କପାପତ୍ରର ରସ ତାକୁ ପାନ କରାଇବ । ୨—କୋମଳ କପାପତ୍ର ଗୁଡ଼ିଏ ଆଣି ତାକୁ ଶୁଖାଇ ରଖିବ, ଏହି ଶୁଖିଲା ପତ୍ରକୁ ଖୁବ୍ ଗରମ ଜଳରେ ପକାଇ ଅଳ୍ପ ସମୟ ଫୁଟାଇ ରଖିବ । ତା'ପରେ ଏହାକୁ ପୂର୍ବ ପ୍ରସ୍ତୁତ ପ୍ରଣାଳୀରେ ଛାଣି, ଅଳ୍ପ ଚିନି ମିଶାଇ ପାନ କଲେ ରକ୍ତାତିସାର, ରକ୍ତପ୍ରଦର, ପ୍ରଦର ଓ ପ୍ରମେହ ରୋଗର ଉପଶମ ହୁଏ । ୩—ଶୂଳାଦ ରୋଗର ଅତ୍ୟଧିକ ମୂତ୍ରକ୍ଷୟ ହେତୁ ମଳବୃଦ୍ଧି ହେଲେ କପାପତ୍ର ଗୁଣ୍ଡିଏ ସିଝାଇ ତାର ବାମ୍ଫ ପ୍ରୟୋଗରେ ଦେବ । କପାର ପତ୍ର ବାତନାଶକ, ରକ୍ତପୋଷକ ଓ ମୂତ୍ରକାରକ । ୪—ଏହି ପତ୍ରକୁ କଡ଼ାକୋଳରେ ଭାଜି ବାତବେଦନାଯୁକ୍ତ ଅଙ୍ଗରେ ପାଟି ବାନ୍ଧିଲେ ଫୋଲା, ବଥା ଓ ବେଙ୍ଗା ଉଠିବା ଇତ୍ୟାଦି ବେଦନା କମିଯାଏ । କପା ପତ୍ରର ରସ ରକ୍ତପ୍ରଦର, ପ୍ରଦର ଓ ପ୍ରମେହ ରୋଗରେ ପଥ୍ୟ । ୫—କପାପତ୍ରରସରେ ତୈଳ ପାକ କରି ଏହି ତୈଳ କାନରେ ପକାଇଲେ କର୍ଣ୍ଣନାଦ, କର୍ଣ୍ଣପୀଡ଼ା ଓ ପୂତିକର୍ଣ୍ଣ ରୋଗ ନଷ୍ଟ ହୁଏ । ୬—କପାପତ୍ରର ଗରମ କ୍ୱାଥରେ ଅଣ୍ଟା ପର୍ଯ୍ୟନ୍ତ ବୁଡ଼ାଇ କିଛିସମୟ ବସିଲେ ସ୍ତ୍ରୀ ମାନଙ୍କର ଯୋନିଶୂଳ ପ୍ରଶମିତ ହୁଏ । ୭—ଦାରୁମୂଷୀ, ହରିତାଳ ଓ ମଦ୍ୟଦ୍ରବ୍ୟ ସେବନ ଜାତ ବିକାରର ପ୍ରତିକାରାର୍ଥେ କପା ପତ୍ରର ରସ ସେବନ କରାଯାଏ । କପାଫୁଲ—୮—କପାଫୁଲର ସିରପ । ❁ ବମନ୍ଧାତ୍ମକ ମନୋବିକାରରେ ସେବନୀୟ । ୯—ଅଗ୍ନିଦଗ୍ଧ କିମ୍ବା ଅତ୍ୟୁଷ୍ଣ ତରଳ ବସ୍ତୁ ଦ୍ୱାରା ଦଗ୍ଧ ହୋଇଥିବା ଅଙ୍ଗରେ କପାଫୁଲର ପ୍ରଲେପ ହିତକର । ୧୦—ଦାରୁମୂଷୀ, ହରିତାଳ ଓ ମଦ୍ୟ ପ୍ରଭୃତି ବିଷ ଔଷଧ ଅଧିକ ମାତ୍ରାରେ ସେବନ କରି ବିକାରଗ୍ରସ୍ତ ହୋଇଥିବା ରୋଗିକୁ କପାଫୁଲର ରସ ପାନକରାଇବ । କପାଫଳ—୧୧—କଞ୍ଚା କପାଫଳ ଭିତରେ ଟିକିଏ ଅଫିମ ଓ କାଇଫଳ ରଖି ପୁଟ ପାକ ବିଧି ଅନୁସାରେ ପାକ କରିବ । ତା'ପରେ ଏହାକୁ ଚୂର୍ଣ୍ଣକରି ସେବନ କଲେ ରକ୍ତହଗା ବନ୍ଦହୁଏ । ୧୨—ଏହାର ରସ ମୂତ୍ରବିରେଚକ ଓ କର୍ଣ୍ଣରୋଗ ନାଶକ । କପାମଞ୍ଜି ଏହା ମଧୁର, ବୃଷ୍ୟ, ସ୍ନିଗ୍ଧ, ମୃଦୁବିରେଚକ, କଫନିଃସାରକ ଓ ସ୍ତନ୍ୟବର୍ଦ୍ଧକ । ଏହି ମଞ୍ଜି ଦୁଧିଆଳୀ ଗାଈ ଓ ମେଁଷୀକୁ ଲୋକେ ଖୁଆନ୍ତି । ଏହା ଖୁଆଇଲେ ଗାଈ ଓ ମେଁଷୀର ଦୁଧ ବଢ଼େ ଓ ବହୁଳସ୍ୱ ହୁଏ । ୧୩—କପାମଞ୍ଜି ଓ ଅପୁମଞ୍ଜି ସମାନ ଭାଗରେ ଚୂର୍ଣ୍ଣ କରି ଘିଅ ଓ ଚିନି ଯୋଗରେ ହାଲୁଆ ପ୍ରସ୍ତୁତ କରିବ । ଏହା ଖାଇଲେ ଶରୀର ପୁଷ୍ଟ ଓ ବଳବାନ୍ ହୁଏ । ୧୪—କପାମଞ୍ଜି ଗୁଣ୍ଡ ଓ ଗୁଆଳଚୂନା ଏକାଠେ ମିଶାଇ ପାୟସ ପ୍ରସ୍ତୁତ କରିବ । ଏହା ସ୍ତ୍ରୀମାନଙ୍କୁ ଖୁଆଇଲେ ସେମାନଙ୍କର କ୍ଷୀର ବୃଦ୍ଧି ହୁଏ । ୧୫—ଅଧକେଜି କପାମଞ୍ଜିକୁ କୁଟି ଏକ କେଜି ପାଣିରେ ସିଝାଇ ଅଧକେଜି ପାଣିଥିବା ଛାଣି ନେବ । ଏହି କ୍ୱାଥ ସବିରାମ ପାଳିଜ୍ୱର ଆସିବାର ଦୁଇଘଣ୍ଟା ପୂର୍ବେ ପଣ୍ଡାଳେ ୧୦୦ ଗ୍ରାମ ରୋଗିକୁ ପିଆଇଲେ ଜ୍ୱର ଆସେ ନାହିଁ । ଏହି ପ୍ରୟୋଗ ଦ୍ୱାରା ଶୁଖିଲା କାସ ମଧ୍ୟ ବନ୍ଦହୁଏ । ୧୬—କପାମଞ୍ଜି ଓ ଶୁଣ୍ଠି ଏକତ୍ର ବାଟି ଟିକିଏ ଗରମ କରି ଲେପନ କଲେ ଚୋପଫୁଲା ତୁଟିଯାଏ । ୧୭—କପାମଞ୍ଜିକୁ ଭସ୍ମରୂପେ ଚୂର୍ଣ୍ଣ କରି ମହୁ ସହିତ ତାକୁ ମିଶାଇ ଆଖିରେ ଅଞ୍ଜନ ଦେଲେ ଜଳ ଆସେନାହିଁ । ୧୮—କପାମଞ୍ଜିର ଚୂର୍ଣ୍ଣ ସେବନ କରି ତା'ଉପରେ ଦୁଧ ପିଆଇଲେ ପେଟର ଶୂଳଗଣ୍ଡା ଦୂରହୁଏ ଓ ଝାଡ଼ା ପରିଷ୍କାର ହୁଏ । ୧୯—କପାମଞ୍ଜିକୁ ପାଣିରେ ବାଟି ଦାନ ମୁଦ୍ରାରେ ଲେପନ କଲେ ମୁଣ୍ଡବ୍ୟଥା

---

❁ ସିରପ ପ୍ରସ୍ତୁତ ପ୍ରଣାଳୀ କଦଳୀଗଛ ଦେଖ ।

ପ୍ରଶମିତ ହୁଏ, ଏବଂ ଚର୍ମ୍ମର ଉପକାର ହୁଏ । ୨୦—ଏହାର ଫାଣ୍ଟ କଷାୟ ସେବନ କଲେ ଅତିସାର ଓ ରକ୍ତାତିସାର ରୋଗରେ ସୁଫଳ ଲାଭହୁଏ । ୨୧—କପାମଞ୍ଜୀ ଓ ଅଦା ଏକାଠି ବାଟି କୋଷରେ ପ୍ରଲେପଦେଲେ କୋଷର ଫୁଲା ଓ ଟଣାବିନ୍ଧା ପ୍ରଶମିତ ହୁଏ । ବାନ୍ତି, ମେହ, ହୃଦ୍‌ରୋଗ, ଓଟାର ଏବଂ କାସରୋଗରେ କପାମଞ୍ଜୀର କ୍ୱାଥ ସେବନ କରାଯାଏ । ୨୨—କପାମଞ୍ଜୀର ତେଲ ମାଲିସ କଲେ ବାତ, ଦେହର ବିବର୍ଣ୍ଣତା ଓ କଳାଦାଗ ଛାଡ଼ିଯାଏ । **କପାମୂଳ**—୨୩—କପାମୂଳର କ୍ୱାଥ ପାନ କଲେ ଗର୍ଭସ୍ରାବ ହୁଏ, ମାସିକ ଋତୁବନ୍ଧର ପ୍ରବୃତ୍ତି ହୁଏ ଏବଂ ତୁରନ୍ତ ପ୍ରସବ ହୁଏ । ୨୪—ଗର୍ଭିଣୀମାନଙ୍କର ପ୍ରସବ ବିଳମ୍ବ ହେଲେ ଲୁପ୍ତପ୍ରାୟ ପ୍ରସବ ବେଦନାର ପୁନରାୟ ଜନ୍ମିବା ପାଇଁ କପାମୂଳର କ୍ୱାଥ ସେମାନଙ୍କୁ ସେବନ କରାଇବ । ବୈଦ୍ୟଶାସ୍ତ୍ରରେ କପାଗଛର ବ୍ୟବହାର ଯଥା—**କୁଷ୍ଠରୋଗେ**—୨୫—କପାର ଫୁଲ ଓ ମୂଳର ଛାଲି ବାଟି କୁଷ୍ଠରେ ଲେପନ କରିବ । (ଚରକ) **କଫଜଅତିସାରେ** ୨୬—କପାମୂଳର ରସରେ ମହୁ ମିଶାଇ ପାନ କଲେ କଫଜ ଅତିସାର ନିବୃତ୍ତି ହୁଏ । (ବୃନ୍ଦ) **ପ୍ରଦରରୋଗେ**—୨୭—କପାମୂଳର ଛାଲି ଚାଉଳଧୁଆ ପାଣି ସହିତ ବାଟି ସେବନକଲେ ଶ୍ୱେତପ୍ରଦର ଭଲହୁଏ । (ଚକ୍ରଦତ୍ତ) ମାତ୍ରା—ମୂଳଛାଲି ୨—୪ ଗ୍ରାମ, ପତ୍ରରସ ୧୦—୨୦ ଗ୍ରାମ । ପୁଷ୍ପଭେଦରେ କପା ଦୁଇ ପ୍ରକାର । ରଙ୍ଗ ଓ ହଳଦିଆ । ଉଭୟର ଗୁଣ ସମାନ । **କାର୍ପାସାଦ୍ୟାସବ**—କପାଗଛର ଛାଲି ତିନି କେଜି, ବାଉଁଶ ଗଛର ମୂଳ ଛାଲି ଦୁଇ କେଜି, ସଜନା (ମୁନଗାଁ) ଛାଲି ଦେଢ଼ କେଜି, ଚଢ଼ାପାଳୁ ମୂଳ ଦେଢ଼କେଜି, ଅଶୋକ ଛାଲି ଦେଢ଼କେଜି, ଦଶମୂଳ ଦେଢ଼ କେଜି । ଏହି ସମସ୍ତ ଦ୍ରବ୍ୟ କୁଞ୍ଚି ଅଠାଅଶି କେଜି ଜଳରେ ସିଝାଇ ଏକ ଚତୁର୍ଥାଂଶ ଅବଶେଷ ରହିଲେ ଓହ୍ଲାଇ ଛାଣି ମାଣ୍ଡିରେ ଭରିବ କରିବ । ସେଥିରେ ବାବୁଲଫୁଲ ଏକ କେଜି, ଧାତୁକୀ ଫୁଲ ଅଧ କେଜି, ଲୋଧ ଏକଶହ ଗ୍ରାମ । ଗୁଗୁଳ, ମୁସ୍ତମୂର, ଦେବଦାରୁ, ଅତିବଳା–ପୋଳି, ଜଟାମାଂସୀ, ଦାରୁହଳଦୀ, ବେଲଛାଲି, ଶ୍ୱେତଚନ୍ଦନ, ରକ୍ତଚନ୍ଦନ, ପ୍ରତ୍ୟେକ ଏକ ଶହ ଗ୍ରାମ, ଦ୍ରାକ୍ଷା ବାରଶହ ପଚାଶ ଗ୍ରାମ, ମହୁ ଅଢ଼ାଇ କେଜି, ଗୁଡ଼ ଦଶ କେଜି । ଏହି ସମସ୍ତ ଦ୍ରବ୍ୟ ଏକାଠି ମିଶାଇ ମୁଖ ସନ୍ଧାନ କରି ଏକ ମାସ ରଖିବ । ମାତ୍ରା—୧—୨ ଆଉନ୍‌ସ । ଏହା ସେବନ କଲେ ପ୍ରସବ କାଳରେ ହେବା ଗର୍ଭାଶୟର ଦୁର୍ବଳତା ଦୂର ହୋଇ ସୁଖ ପ୍ରସବ ହୁଏ । (ପଣ୍ଡିତ ଘନାନନ୍ଦ କୃତ)

**୧୨୫—କାପୁରହଳଦୀ**—Curcum. Aromatica. ଏହାର ସଂସ୍କୃତ ନାମ—କର୍ପୂରହରିଦ୍ରା, ହିନ୍ଦୀରେ କାପୁରହଳଦୀ, ତେଲୁଗୁରେ କର୍ପୂରହରିଦ୍ରମନେ ବୋଲନ୍ତି । ଏହାର ମୂଳର ରସ—ମଧୁର, ତିକ୍ତ ଓ ଶୀତଳ । ଏହା ବାତଜନକ ଓ ବଳ-ବର୍ଦ୍ଧକ । ଏହାର ପ୍ରଲେପ କଣ୍ଡୁ, ରକ୍ତଦୋଷ ଓ ପିତ୍ତବିକାର ନାଶକରେ ।

**୧୨୬—କପିଞ୍ଜଳପକ୍ଷୀ**—A, bird the franco-line partridge. ଏହାର ସଂସ୍କୃତ ନାମ—ଗୌରତିତ୍ତିର ଏହାକୁ ବଙ୍ଗଭାଷାରେ ପାଖୁନାଡ଼ା ବୋଲନ୍ତି । ଏହାର ମାଂସ ମଧୁର, ଶୀତଳ, ବୀର୍ଯ୍ୟବର୍ଦ୍ଧକ, ଓ ରୁଚିକାରକ । ଏହା ରକ୍ତପିତ୍ତ, ରକ୍ତଦୋଷ ଓ ଶ୍ଳେଷ୍ମା ରୋଗରେ ହିତକର । କେହି କେହି ଗୃହକପକ୍ଷୀକୁ କପିଞ୍ଜଳ ବୋଲନ୍ତି ।

**୧୨୭—କମଳା**—Orange. ଏହାର ସଂସ୍କୃତ ନାମ—ମଧୁଜମ୍ବୀର ଓ ମିଷ୍ଟନମ୍ବୁ । ଏହାକୁ ବଙ୍ଗଭାଷାରେ କମଳାଲେବୁ, ତେଲୁଗୁରେ କମଳାପାଣ୍ଡୁ ବୋଲନ୍ତି । ଏହା ମଧୁର, ଅମ୍ଳ ଓ ଶୀତଳ । ଏଥିରେ ଖାଦ୍ୟପ୍ରାଣ (Vetamin) ଯଥେଷ୍ଟ ପରିମାଣରେ ଅଛି । ଏହାର ରସ ଅତ୍ୟନ୍ତ ବଳକାରକ । ଏହି ରସ ପାନକଲେ ବାତ, ପିତ୍ତ, ଶ୍ରମ, ଦାହ, ତୃଷା ଓ ଅରୁଚି ନିବାରିତ ହୁଏ । ବାତ, କାସ, ଅଗ୍ନିମାନ୍ଦ୍ୟ, ଆଧ୍ମାନ ଓ ଶୂଳ ରୋଗରେ କମଳାର ରସ ଉପକାର କରେ ।

**୧୨୮—କମଳାଗୁଣ୍ଡି**—Mallotus phillippe-nsis. ଏହାର ସଂସ୍କୃତ ନାମ—କମ୍ପିଲ୍ଲକ, ଲଘୁପତ୍ରକ, ରେଚନାଙ୍ଗ ଓ ରକ୍ତ ଫଳ । ଏହାକୁ ଅନେକ ଲୋକ ବସନ୍ତ–ଗୁଣ୍ଡି ଓ ପାଟଗୁଣ୍ଡି ମଧ୍ୟ ବୋଲନ୍ତି । ଏହାକୁ ବଙ୍ଗଭାଷାରେ କମଲାଗୁଁଡି, ହିନ୍ଦୀରେ କବିଲ, କମ୍ପିଲା ବୋଲିଯାଏ । **କମଳାଗୁଣ୍ଡି ପରୀକ୍ଷା**—ପାଣିରେ ଆଙ୍ଗୁଠିକୁ ଓଦା କରି ତଦ୍ୱାରା କମଳାଗୁଣ୍ଡି କିଛି ଆଣି ଖଣ୍ଡିଏ ଧଳା କାଗଜରେ ଘସିବ, ଯେବେ ତାହା ଚକ୍‌ଚକ୍ ବର୍ଣ୍ଣ ଭାସିତ ହୁଏ ଏବଂ କାଗଜ ଉପରେ ହଳଦିଆ ବର୍ଣ୍ଣ ଦେଖାଯାଏ, ତା'ହେଲେ କମଳାଗୁଣ୍ଡି ଉତ୍କୃଷ୍ଟ ବୋଲି ବୁଝିବ । ବେପାରୀମାନେ ଏହି ପ୍ରକାରରେ କମଳାଗୁଣ୍ଡି ପରୀକ୍ଷା କରିଥାନ୍ତି । କମଳାଗୁଣ୍ଡି ଗଛର ପତ୍ର ଓ ଫଳର ଉପରେ ଥିବା ରଙ୍ଗବର୍ଣ୍ଣ ଗୁଣ୍ଡ, ଏହା ଔଷଧାର୍ଥରେ ବ୍ୟବହୃତ ହୁଏ । **କମଳାଗୁଣ୍ଡିଗୁଣ**—ଏହା ତିକ୍ତରସ ଓ ଶୀତଳ । ଏହାକୁ ସେବନ କଲେ ଅଗ୍ନି ଦୀପ୍ତି ହୁଏ ଏବଂ ମଳ ବିଷ୍ଟମ୍ଭ ହୁଏ । ଏହା ବାତ ବର୍ଦ୍ଧକ । **କମଳାଗୁଣ୍ଡି**—ଏହା କଟୁରସ, ଉଷ୍ଣବୀର୍ଯ୍ୟ ଓ ବିରେଚକ । ଏହାକୁ ସେବନ କଲେ କଫ, କୃମି, ଉଦର, ଶୂଳ, ଗୁଳ୍ମ, ଆଧ୍ମାନ, ବ୍ରଣ, ଶୋଥ, ଆମ, କାସ, ଶ୍ୱାସ, ପିତ୍ତରୋଗ, ରକ୍ତବିକାର, ମେହ, ବସ୍ତଦୋଷ, ଅଶ୍ମରୀ, କୁଷ୍ଠ ଓ ନେତ୍ରର ପଟଳରୋଗ ନିବାରିତ ହୁଏ ।

୧—ଏହାକୁ ପାଣିରେ ବାଟି ଦେହରେ ଲଗାଇଲେ ଦାଦ ପ୍ରଭୃତି ବିବିଧ ଚର୍ମରୋଗ ବିନଷ୍ଟ ହୁଏ । ୨—କମଳାଗୁଣ୍ଡୀ ୪ ଭାଗ, ସଇପ ଏକ ଭାଗ ଏକତ୍ର ମିଶାଇ ଲଉକାସିଟ୍ଟ ପତ୍ର ରସରେ ଦୁଇ ତିନିବାର ଭାବନା ଦେଇ ଖରାରେ ଶୁଖାଇ ଚୂର୍ଣ୍ଣ କରିବ । ଏଥି ସହିତ ସମାନ ପରିମାଣରେ ଚିନି ମିଶାଇବ । ଏହି ଚୂର୍ଣ୍ଣ ଅଧ—୧ ଗ୍ରାମ ମାତ୍ରାରେ ଜଳ କିମ୍ବା ଦୁଧ ସହିତ ସେବନ କଲେ ସୁଖରେ ଦୁଇ ତିନିଥର ବିରେଚନ ହୁଏ । ବୈଦ୍ୟଶାସ୍ତ୍ରରେ କମଳାଗୁଣ୍ଡୀର ବ୍ୟବହାର ଯଥା— ଗୁଳ୍ମରୋଗରେ—୩-ଗୁଳ୍ମ ରୋଗୀର ବିରେଚନାର୍ଥେ ମହୁ ସହିତ କମଳା ଗୁଣ୍ଡୀକୁ ମିଶାଇ ସେବନ କରାଇବ । (ଚରକ) ବ୍ରଣରୋପଣାର୍ଥେ—୪-କମଳାଗୁଣ୍ଡୀ ସହିତ ଯଥାବିଧି ତୈଳ ପାକ କରି ଏହି ତୈଳ ଘା'ରେ ଲଗାଇଲେ ନୂତନ ମାଂସ ଅଙ୍କୁରିତ ହୋଇ ଘା' ଶୁଖିଯାଏ । (ଚରକ) କୃମିରୋଗରେ ୫—କମଳାଗୁଣ୍ଡୀ ଦଶ ଗ୍ରାମ ଗୁଡ଼ ସହିତ ସେବନ କଲେ ପେଟରେ ଥିବା କୃମି ନିଶ୍ଚୟ ଖସି ପଡ଼େ । ( ଭାବପ୍ରକାଶ ) ମାତ୍ରା ୧—୧୦ ଗ୍ରାମ ।

## ୧୨୯-କରଞ୍ଜଗଛ— Pongamia Glabra.

ଏହାର ସଂସ୍କୃତ ପର୍ଯ୍ୟାୟ କରଞ୍ଜ, ନକ୍ତମାଲ ଓ ଚିରବିଲ୍ୱ । ଏହାକୁ ବଙ୍ଗଭାଷାରେ ଡହରକରଞ୍ଜା, ହିନ୍ଦୀରେ କରଞ୍ଜ, କରମାଲ, ସୁଖଚୈନ, ତେଲୁଗୁରେ କାନୁଗାଚେଟ୍ଟୁ ବୋଲନ୍ତି । ଏହାର ପତ୍ର, ଫୁଲ, ଛାଲି, ମୂଳର ଛାଲି ଓ ମଞ୍ଜୀ ଔଷଧାର୍ଥେ ବ୍ୟବହୃତ ହୁଏ । **କରଞ୍ଜପତ୍ର**—ଏହା କଟୁ, ତିକ୍ତ ଓ ଉଷ୍ଣ । ଏହାର ରସ ସେବନ କଲେ କଫ, ପିତ୍ତ, ରକ୍ତଦୋଷ, ବ୍ରଣ, ପ୍ଲୀହା, କୃମି, କଣ୍ଡୁ, ବିଚର୍ଚ୍ଚିକା, କୁଷ୍ଠ, ଚର୍ମରୋଗ, କଫଦୋଷ, ବିସ୍ଫୋଟ, ଭୂତବାଧା ଓ ଯୋନିରୋଗ ନିବାରିତ ହୁଏ । ଗ୍ରହଣୀ ରୋଗରେ, ଅତିସାର, ଉଦରାଧ୍ମାନ (ପେଟଫୁଲା) ଅପସ୍ମାର ଓ ପ୍ଲୀହା ଯକୃତ୍ ବୃଦ୍ଧି ରୋଗରେ ଏହା ପ୍ରୟୋଗ କରାଯାଏ । ୧—କରଞ୍ଜ ପତ୍ରର ପ୍ରଲେପ ବିବିଧ ଚର୍ମରୋଗରେ ହିତକର । ୨—କରଞ୍ଜପତ୍ର ସିଝାଇ ସେହି ଜଳରେ ସ୍ନାନ କଲେ ବାତରୋଗରେ ବିଶେଷ ଉପକାର ହୁଏ । ୩—କୋମଳ କରଞ୍ଜ ପତ୍ରକୁ ଘିଅରେ ଭାଜି ଗୁହ୍ୟଦ୍ୱାରରେ ବାନ୍ଧିଲେ ଅର୍ଶ-ରୋଗର ରକ୍ତସ୍ରାବ ଓ ବେଦନା ପ୍ରଶମିତ ହୁଏ । ୪—କରଞ୍ଜ ପତ୍ର ରସ ଦଶଗ୍ରାମ, ସୋରିଷ ତେଲ ଦଶଗ୍ରାମ ଏବଂ ଦେଢ଼ଗ୍ରାମ ମସୁରଚିଣିଆ ଭସ୍ମ ଏକତ୍ର କଅଁଳରେ ଫୁଟାଇ, ଏହି ତୈଳ ଲଗାଇଲେ କାଛୁ, କୁଣ୍ଡିଆ ଓ ନାନାବିଧ ବ୍ରଣର ଉପଶମ ହୁଏ । **କରଞ୍ଜଫୁଲ**—୫—କରଞ୍ଜଫୁଲକୁ ଚୂର୍ଣ୍ଣ କରି ଅଧ—୧ ଗ୍ରାମ ମାତ୍ରାରେ ମହୁ ସହିତ କିଛିଦିନ ସେବନ କଲେ ବହୁମୂତ୍ର ନିବାରିତ ହୁଏ । **କରଞ୍ଜଛାଲି**—୬—କରଞ୍ଜମୂଳର ଛାଲିକୁ ନଡ଼ିଆ ଦୁଧ ଓ ଚୂନ ପାଣିରେ ବାଟି ପାନ କଲେ ଗୁଆଁମେହ (ଗନୋରିଆ) ଭଲହୁଏ । ୭— ୨୦—୩୦ ଗ୍ରାମ ପରିମାଣରେ କରଞ୍ଜମୂଳର ଛାଲି ବାଟି ଖାଉଥିଲେ ବାଇକୁକୁର ଓ ଦାଇବିବଲୁଆ ବିଷ ବିନଷ୍ଟ ହୁଏ । ୮—ନିୟମିତ ଭାବରେ କିଛିଦିନ କରଞ୍ଜଛାଲିର କ୍ୱାଥ ପାନ କଲେ ଉପଦଂଶ କ୍ଷତ ଓ ଭଗନ୍ଦର କ୍ଷତ ଶୁଖିଯାଏ । ୯—କରଞ୍ଜଛାଲିର କ୍ୱାଥରେ ତୈଳ ପାକ କରି ଏହି ତୈଳ ମର୍ଦ୍ଦନ କଲେ ହସ୍ତ ଓ ପାଦର ଅକର୍ମଣ୍ୟତା ଦୂର ହୁଏ । ୧୦—କରଞ୍ଜର ମୂଳ ଘୋରି ଲଗାଇଲେ ନାନାବିଧ ବ୍ରଣ ଓ ଭଗନ୍ଦର କ୍ଷତ ଆରାମ ହୁଏ । ୧୧—ଗଞ୍ଜାମ ଜିଲ୍ଲାର ଅନେକ ବୈଦ୍ୟ ସୂତିକାର ସନ୍ନିପାତ ଜ୍ୱରରେ କରଞ୍ଜମୂଳକୁ ଘିଅ ସହିତ ବାଟି ପ୍ରୟୋଗ କରନ୍ତି । **କରଞ୍ଜମଞ୍ଜୀ**—୧୨—କରଞ୍ଜମଞ୍ଜୀର ଚୂର୍ଣ୍ଣ ସେବନ କଲେ ସୁଖରେ ପ୍ରସବ ହୁଏ ଏବଂ ୧୩—କୁକୁର କାସ (ହୁପିଁଙ୍ଗ କଫ) ବିନଷ୍ଟ ହୁଏ । ଏହାର ପ୍ରଲେପ ବିବିଧ ଚର୍ମରୋଗ ନାଶକରେ । **କରଞ୍ଜତେଲ**—କରଞ୍ଜର ତେଲ ତିକ୍ତ, ଉଷ୍ଣ ଓ କୃମି ନାଶକ । ୧୪—ଏହି ତେଲରେ ଲେମ୍ବୁରସ ମିଶାଇ ଦେହରେ ମର୍ଦ୍ଦନ କଲେ କାଛୁ ଓ ପାମାଦି ନାନାବିଧ ଚର୍ମରୋଗରେ ବିଶେଷ ଉପକାର ହୁଏ । ୧୫—ଏହି ତେଲର ମର୍ଦ୍ଦନ ବାତ ନାଶକରେ ଏବଂ ଚକ୍ଷୁପୀଡ଼ାରେ ଉପକାର କରେ । ୧୬—ଏହି ତୈଳ ସେବନ କଲେ ବାତ, ମେହବାତ, କଣ୍ଡୁ, କୁଷ୍ଠ, ବ୍ରଣ, ଶୁକ୍ରଦୋଷ ଓ ଚର୍ମର ବିବର୍ଣ୍ଣତା ନଷ୍ଟହୁଏ । ବୈଦ୍ୟଶାସ୍ତ୍ରରେ କରଞ୍ଜର ପ୍ରୟୋଗ । ଯଥା—**କୁଷ୍ଠରୋଗରେ**—୧୭—ଇନ୍ଦ୍ରଯବ ଓ କରଞ୍ଜମଞ୍ଜୀ ବାଟି ଲେପନ କଲେ କୁଷ୍ଠରୋଗ ନିବାରିତ ହୁଏ । (ଚରକ) **ଅର୍ଶରୋଗରେ**—୧୮-କରଞ୍ଜପତ୍ରକୁ ରସିତେଲ ଓ ଘିଅ ସହିତ ଭାଜି ଭୋଜନ ପୂର୍ବେ ଛତୁଆ ସହିତ ସେବନ କରିବ । ଏଥିଦ୍ୱାରା ବାୟୁର ଓ ମଳର ଅନୁଲୋମ ହୁଏ । ଏବଂ ଅର୍ଶର ଯନ୍ତ୍ରଣା ଦୂରହୁଏ । (ଚରକ) **ବିସର୍ପରୋଗରେ**-୧୯--କରଞ୍ଜଛାଲି ବାଟି ଅଳ୍ପ ଉଷ୍ମ କରି ବିସର୍ପ ରୋଗୀର ଦେହରେ ଲେପନ କରିବ । (ଚରକ) **କଚ୍ଛୁ ଓ ପାମାଦି-ରୋଗରେ**—୨୦—କରଞ୍ଜ ତେଲର ମର୍ଦ୍ଦନ କାଛୁ ଓ କୁଣ୍ଡିଆ ରୋଗରେ ବିଶେଷ ଉପକାର କରେ । ( ସୁଶ୍ରୁତ ), **ଦାରୁଣ ଶୂଳରୋଗରେ**—୨୧—କୋମଳ କରଞ୍ଜପତ୍ରକୁ ରସି-ତେଲରେ ଭାଜି ବାତଜ ଶୂଳ ରୋଗୀକୁ ସେବନ କରାଇବ । (ସୁଶ୍ରୁତ) **ରକ୍ତପିତ୍ତରୋଗରେ**—୨୨—କରଞ୍ଜ ମଞ୍ଜୀର ଚୂର୍ଣ୍ଣ ମହୁ ଓ ଘିଅ ସହିତ ସେବନ କଲେ ରକ୍ତପିତ୍ତ ପ୍ରଶମିତ ହୁଏ । (ସୁଶ୍ରୁତ) **ବାନ୍ତିରୋଗରେ**—୨୩—କରଞ୍ଜ ପତ୍ରର କ୍ୱାଥରେ ଯବାଗୂ (ଯାଉ) ପ୍ରସ୍ତୁତ କରି ଭୋଜନ କଲେ ବାନ୍ତି ନିବୃତ୍ତି ହୁଏ । (ସୁଶ୍ରୁତ) **ଊରୁସ୍ତମ୍ଭରୋଗରେ**—୨୪—ସୋରିଷ

ତେଲ ଓ କରଞ୍ଜମଞ୍ଜୀ ଗୋମୂତ୍ରରେ ବାଟି ପ୍ରଲେପ ଦେଲେ ଊରୁସ୍ତମ୍ଭରୋଗର ଆରାମ ହୁଏ । (ସୁଶ୍ରୁତ) **ଗ୍ରନ୍ଥିବିସର୍ପ-ରୋଗରେ**—୨୫—କରଞ୍ଜ ଗୁଳିର ପ୍ରଲେପ ପଥର ପର୍ଯ୍ୟନ୍ତ ଛୁଣ୍ଡାଇ ପାରେ । ଏଥିଦ୍ୱାରା ଯେ ଗ୍ରନ୍ଥି ବିସର୍ପ ବିଲୀନ ହେବ, ଏହା ପୁଣି ଆଶ୍ଚର୍ଯ୍ୟ କ'ଣ ? । (ବାଗ୍‌ଭଟ୍ଟ) **ପକ୍ୱବ୍ରଣଭେଦନେ** ୨୬—କରଞ୍ଜମୂଳର ଗୁଳି ବାଟି ଲେପନ କଲେ ପକ୍ୱବ୍ରଣ ବିଦୀର୍ଣ୍ଣ ହୁଏ । (ଚକ୍ରଦତ୍ତ) ୨୭—କରଞ୍ଜମଞ୍ଜୀକୁ ପଲାଶଫୁଲ ରସରେ ଭାବନା ଦେଇ ବର୍ତ୍ତୀ ପ୍ରସ୍ତୁତ କରିବ । ଏହି ବର୍ତ୍ତୀ ମହୁରେ ଘୋରି ଆଖିରେ ଅଞ୍ଜନ ଦେଲେ କୁସୁମ ନାମକ ନେତ୍ରରୋଗ ବିନଷ୍ଟ ହୁଏ । ମାତ୍ରା—ପତ୍ରରସ—୧୦—୨୦ଗ୍ରାମ, କ୍ୱାଥ ୩୦—୪୦ ଗ୍ରାମ, ତୈଳ ୧୦—୩୦ ଟୋପା । **କରଞ୍ଜାରିଷ୍ଟ**—କରଞ୍ଜ ପତ୍ର ଛ' କେଜି, କରଞ୍ଜ ବୀଜ ଚୂର୍ଣ୍ଣ ଏକ କେଜି, ଜଳ ବାବନ କେଜି ଦେଇ ସିଝାଇ ତେର କେଜି ଅବଶେଷ ରଖି ଓହ୍ଲାଇ ଛାଣି ହାଣ୍ଡିରେ ରଖିବ । ଗୁଡ଼ ପାଞ୍ଚକେଜି, ଧାତୁକୀଫୁଲ ଛ'ଶହ ପଚିଶ ଗ୍ରାମ, ସୁନ୍ଠି ଅଶୀଏ ଗ୍ରାମ, ଗୁଡ଼ତ୍ୱକ ଚାଳିଶି ଗ୍ରାମ, ପିପ୍‌ପଳୀ ଚାଳିଶିଗ୍ରାମ, ଅଲାଇଚ ଚାଳିଶି ଗ୍ରାମ, ଏହି ସମସ୍ତ ଦ୍ରବ୍ୟ ଚୂର୍ଣ୍ଣ କରି ସେଥିରେ ମିଶାଇ ଯଥାବିଧି ସନ୍ଧାନ କରି ଏକ ମାସ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା—ଅଧ—୨ ଆଉନ୍‌ସ । ମ୍ୟାଲେରିଆ (ବିଷମଜ୍ୱର) ଜ୍ୱର, ଯକୃତ ବିକାର, କୋଷ୍ଠଗତ ବାତ ବିକାରର ଉତ୍କୃଷ୍ଟ ଔଷଧ । ଏହା ପ୍ରସ୍ୱେଦକ ଏବଂ ମୃଦୁଳ, କ୍ୱିନାଇନ୍ ଅପେକ୍ଷା ଅଧିକ ଲାଭଦାୟକ । (ବୈ.ଚ୍ରି.ଗ୍ର)

**୧୩୦—କାରତ୍ତାଗଛ**—୧—ଏହାର ମୂଳର ଗୁଳି ଗାଈ ସହିତ ବାଟି ସୂତିକା ସ୍ତ୍ରୀର ସନ୍ନିପାତ ଜ୍ୱରରେ (ଦେହଭଙ୍ଗବା-ରୋଗରେ) କେହି କେହି ବୈଦ୍ୟ ପ୍ରୟୋଗ କରନ୍ତି । ଏଥିଦ୍ୱାରା ଅନେକ ସୁଫଳ ଲାଭ ହେବାର ମଧ୍ୟ ଶୁଣାଯାଏ । ମାତ୍ରା ୩—୪ ଗ୍ରାମ ।

**୧୩୧—କାରଡ଼ାଭଣ୍ଡୀବାଘ**—A tiger, A hyena. Leopard. ଏହାର ସଂସ୍କୃତ ନାମ—ଚିତ୍ରବ୍ୟାଘ୍ର, ତରକ୍ଷୁ ଓ ଦ୍ୱୀପୀ । ଏହାକୁ ହିନ୍ଦୀଭାଷାରେ ଚିତାବାଘ, ତେଲୁଗୁରେ ଚିରୁତପୁଲି ବୋଲନ୍ତି । ଏହାର ମାଂସ ସ୍ୱାଦୁ, ଅଗ୍ନିବର୍ଦ୍ଧକ, ମଳ ମୂତ୍ର ବିରେଚକ ଓ ଚକ୍ଷୁର ହିତକର । ରକ୍ତପିତ୍ତ,ବାତରକ୍ତ, କାସ, ଶ୍ୱାସ, ବମି, ମୂର୍ଚ୍ଛା ଓ ଅର୍ଶ ରୋଗରେ ଏହି ମାଂସ ଉପକାର କରେ ।

**୧୩୨—କାରନ୍ଦାକୋଳିଗଛ**—Carissa Carands. ଏହାର ସଂସ୍କୃତ ନାମ—କରମର୍ଦ୍ଦ । ଏହାକୁ ବଙ୍ଗଭାଷାରେ କରମ୍‌ଚା, ହିନ୍ଦୀରେ କରେଁଦା, ତେଲୁଗୁରେ ବାକୁଡ଼ଚେଟୁ ବୋଲନ୍ତି । ବଡ଼ ସାନ ଭେଦରେ ଏହି ଗଛ ଦୁଇ ପ୍ରକାର । ସାନ କରନ୍ଦାକୁ କୁଜକରନ୍ଦା ବୋଲନ୍ତି । କରନ୍ଦାକୋଳିର ପତ୍ର, ଫୁଲ, ଫଳ ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । ୧—କରନ୍ଦାକୋଳି ପତ୍ର ରସରେ ମହୁ ମିଶାଇ ଖାଇଲେ ଶୁଖିଲା କାସ ବନ୍ଦ ହୁଏ ଓ କ୍ରିମି ନଷ୍ଟହୁଏ । କରନ୍ଦା ପତ୍ର ରସ ପ୍ରଥମ ଦିନ ଦଶଗ୍ରାମ, ଦ୍ୱିତୀୟ ଦିନ ୨୦ ଗ୍ରାମ, ଏହିପରି କ୍ରମରେ ୧୦୦ ଗ୍ରାମ ପର୍ଯ୍ୟନ୍ତ ବଢ଼ାଇ ପିଇଲେ ଜଳୋଦର ରୋଗ ନିବାରିତ ହୁଏ । **କଞ୍ଚାକରନ୍ଦାକୋଳି**—ଏହା ତିକ୍ତ, କଟୁ, ଅମ୍ଳ ଓ ଉଷ୍ଣ । ଏହା ପିତ୍ତକାରକ, ରୁଚିବର୍ଦ୍ଧକ ଓ ସଂଗ୍ରାହକ । **ପାଚିଲାକରନ୍ଦାକୋଳି**—ଏହା ମଧୁର, ଅମ୍ଳ, ଲଘୁ ଓ ଶୀତଳ । ଏହା ରକ୍ତପିତ୍ତ, ତୃଷ୍ଣା ଓ ବାତଦୋଷ ନାଶକରେ । ପାଚିଲା କରନ୍ଦାକୋଳିର ସର୍ବତ, ପିତ୍ତ ବିକାର ଓ ରକ୍ତ ଦୋଷରେ ଉପକାର କରେ । ଏହାକୁ ଆଗ୍ରହ କରି ଲୋକେ ଖାଆନ୍ତି । ୨—କରନ୍ଦା କୋଳିର ମୂଳକୁ ପାଣିରେ ବାଟି ତଦ୍ୱାରା ତୈଳ ପାକ କରିବ । ଏହି ତୈଳ ମାଲିସ କଲେ କଣ୍ଡୁରୋଗ ନିବାରିତ ହୁଏ ଏବଂ ବ୍ରଣର କ୍ରିମି ସବୁ ମରି ଝଡ଼ି ପଡ଼ନ୍ତି । ୩—କରନ୍ଦା ଚେରକୁ ପାଣିରେ ବାଟି ପିଇଲେ ସାପର ବିଷ ଝଡ଼ିଯାଏ । ୪—କରନ୍ଦା ମୂଳର କ୍ୱାଥ ଦେହରେ ମର୍ଦ୍ଦନ କଲେ ବିଷମ ଜ୍ୱର ଛାଡ଼ିଯାଏ । ୫—ଏହି କ୍ୱାଥ ପାନ କଲେ ଶୂଳ ବନ୍ଦହୁଏ । **କରନ୍ଦା ଯୋଗରେ ସୋହଗାଭସ୍ମ**—୬—କରନ୍ଦାକୋଳି ଗଛର ସମୂଳ ସର୍ବାଙ୍ଗ ବାଟି ଗୋଟିଏ ଗୁଳା କରିବ । ଏଥି ଭିତରେ ସୋହଗା ଭର୍ତ୍ତି କରି ଶରା ମଧ୍ୟରେ ରଖି ଅଗ୍ନିରେ ପୁଟଦେଲେ ଉତ୍ତମ ସୋହଗା ଭସ୍ମ ପ୍ରସ୍ତୁତ ହୁଏ । **ରୂପା ଓ ବଙ୍ଗଭସ୍ମ**—୭ କରନ୍ଦା ଗଛର ସମୂଳ ସର୍ବାଙ୍ଗ ବାଟି ସେଥି ଭିତରେ ଶୁଦ୍ଧ ରୂପା ପତ୍ରୀ କିମ୍ବା ବଙ୍ଗପତ୍ରୀ ରଖି ଶରାସମ୍ପୁଟ ମଧ୍ୟରେ ଏଗାର ଥର ପୁଟ ଦେଲେ ରୂପାଭସ୍ମ ଓ ବଙ୍ଗଭସ୍ମ ପ୍ରସ୍ତୁତ ହୁଏ । ( ବୃ.ନି.ଗ୍ର ) ୮—କୁଜକରନ୍ଦାର ମୂଳକୁ ଘୋଡ଼ା ମୂତ, ଆଳୁଚକମୁର ଓ ଲେମ୍ବୁରସ ସହିତ ମିଶାଇ ବାଟି ଦେହରେ ଲେପନ କଲେ କାଛୁ ଓ କୁଣ୍ଡିଆ ରୋଗ ଭଲ ହୁଏ । ମାତ୍ରା—ପତ୍ରରସ ୧୦-୪୦ ଗ୍ରାମ, କ୍ୱାଥ ୪୦-୮୦ ଗ୍ରାମ ।

**୧୩୩—କାରବା**—ଏହା ଏକପ୍ରକାର କନ୍ଦା । ଏହାକୁ ଲୋକେ ତର୍କାରୀ କରି ଖାଆନ୍ତି । ଏହି କନ୍ଦାକୁ ଦହି ସହିତ ବାଟି ଖାଇଲେ ଅତିସାର ଓ ଆମରକ୍ତାତିସାର ରୋଗରେ ଉପକାର ହୁଏ ।

**୧୩୪—କାରମଙ୍ଗାଗଛ**—Chinese Goosebery. ଏହାର ସଂସ୍କୃତ ପର୍ଯ୍ୟାୟ—କର୍ମରଙ୍ଗ, ପୀତଫଳ, ଧାରାଫଳ ଓ ଶୁକପ୍ରିୟ । ଏହାକୁ ବଙ୍ଗଭାଷାରେ କରମଙ୍ଗା, ହିନ୍ଦୀରେ

କମରଙ୍ଗ, ତେଲୁଗୁରେ ମୋଟରକାୟା ବୋଲନ୍ତି । **କଞ୍ଚା-କମରଙ୍ଗା**—ଏହା ଅମ୍ଳରସ, ଶୀତବୀର୍ଯ୍ୟ, ମଳରୋଧକ, ବାୟୁନାଶକ ଓ କଫପିତ୍ତ ବର୍ଦ୍ଧକ । **ପାଚିଲାକମରଙ୍ଗା**—ଏହା ଅମ୍ଳ, ମଧୁର, ରୁଚିକାରକ, ବଲବର୍ଦ୍ଧକ ଏବଂ ବାତକଫ ଜନକ ।

୧୩୫—**କଗ୍ରମଞ୍ଜି**—Ssrychnos Nox-vomica. Diospyzosmontana. ଏହାର ସଂସ୍କୃତ ନାମ—କାରସ୍କର, ବିଷତିନ୍ଦୁକ ଓ ବିଷଦ୍ରୁମ । ଏହାକୁ ବଙ୍ଗଭାଷାରେ କୁଁଚେଲେଗାଛ, ହିନ୍ଦୀରେ କୁଚଲା, ତେଲୁଗୁରେ ମୁଷ୍ଟିଶିଟେଞ୍ଚୁ ବୋଲନ୍ତି । ଏହା ଏକ ପ୍ରକାର ବିଷ ବୃକ୍ଷ । ଏହାର ପତ୍ର, ଛାଲ ଓ ମଞ୍ଜି ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା ତିକ୍ତରସ ଓ ଉଷ୍ଣବୀର୍ଯ୍ୟ । **କଗ୍ରପତ୍ର**—୧–କୋମଳ କଗ୍ର-ପତ୍ରକୁ ଅଳ୍ପ ଗୋଲମରିଚ ସହିତ ବାଟି ଚଣାପରି ବଟିକା କରିବ । ଏହି ବଟିକା ସେବନକଲେ କଫ, ବାତ, କୃମିରୋଗ, କୁଷ୍ଠ, ରକ୍ତବିକାର ଓ ଏକାହିକଜ୍ୱର ପ୍ରଶମିତ ହୁଏ ଏବଂ ସର୍ପବିଷ ନଷ୍ଟହୁଏ । **କଗ୍ରଚ୍ଛାଲ**—୨–କଗ୍ରମୂଳର ଛାଲ ଲେମ୍ବୁରସରେ ବାଟି ବରପରି ମାତ୍ରା କରିବ । ଏହି ବଟିକା ସେବନ କଲେ ଅତି ଉଗ୍ରବିସୂଚିକା ରୋଗ ବିନଷ୍ଟ ହୁଏ । ୩–କଗ୍ରଛାଲର ଧୂପ ଭୂତ ପ୍ରେତାଦିର ବାଧା ନିବାରଣକରେ । **କଗ୍ରଗଛର ଡାଳ**—୪–କଞ୍ଚା କଗ୍ରଡାଳ ଆଣି ଡାଳର ଦୁଇଅଗ୍ରେ ଦୁଇଗୋଟି ପାତ୍ର ରଖି ମଧ୍ୟରେ ଅଗ୍ନି ସଂଯୋଗ କଲେ ଏହି ଡାଳରୁ ଯେଉଁ ରସ ନିର୍ଗତ ହୋଇ ପାତ୍ରମଧ୍ୟରେ ସଞ୍ଚିତ ହୁଏ, ସେଥିରୁ ଦୁଇ ବୁନ୍ଦାପୋପା ସେବନ କଲେ ଅତି-ଭୀଷଣ ଅତିସାର ଓ ଉତ୍କଟ ବିସୂଚିକା ରୋଗ ବିନଷ୍ଟ ହୁଏ । **କଗ୍ରଫଳ**—୫–କଗ୍ରଫଳ ରସର ପ୍ରଲେପ ଶୋଥ ଓ ଦାଦୁପ୍ରଭୃତି ନାନାବିଧ ଚର୍ମରୋଗ ହରଣକରେ ଏବଂ ଏହି ରସକୁ ମର୍ଦ୍ଦନ କଲେ ବାତବେଦନା ନିବାରଣହୁଏ । **କଗ୍ରମଞ୍ଜୀଶୋଧନ**–କଗ୍ର ମଞ୍ଜୀକୁ ସାତଦିନ ପର୍ଯ୍ୟନ୍ତ ଗୋମୂତ୍ରରେ ବତୁରାଇବ । ପ୍ରତିଦିନ ବାସି ମୂତ୍ର ଫିଙ୍ଗିଦେଇ ନୂଆମୂତ୍ର ଦେବ । **ମଞ୍ଜୀଗୁଡ଼ିକ** ନରମ ହେବା ପରେ ତାହାପରେ ଥିବା ଚୋପାକୁ ବାହାର କରି-ଦେବ । ତା'ର ପରେ ଏହି ମଞ୍ଜୀ ଗୁଡ଼ିକ ସମାନ ଭାଗ ଘିଅରେ ଭାଜିଦେଲେ ଶୁଦ୍ଧ ହୁଏ । ● ଶୁଦ୍ଧ କଗ୍ରମଞ୍ଜୀ ଚୂର୍ଣ୍ଣ—କଟୁ, ତିକ୍ତ ଓ ଉଷ୍ଣ । ୬—ପରିମିତ ମାତ୍ରାରେ ଏହା ସେବନ କଲେ ବାତ, ବାତରକ୍ତ, କୁଷ୍ଠ, କଣ୍ଡୁ, ବ୍ରଣ, ନାନାବିଧ ଚର୍ମରୋଗ, କଫ, ଆମ, ଅର୍ଶ, ପକ୍ଷାଘାତ, ଉନ୍ମାଦ, ଆମବାତ, ପ୍ରମେହ, ମୂର୍ଚ୍ଛା, ଅପସ୍ମାର, ଗ୍ରହଣୀ, ପ୍ରଦର, ବୀର୍ଯ୍ୟକ୍ଷୟ ଓ ଅନିଦ୍ରାରୋଗ ନିବାରିତ ହୁଏ । ୭–ଏହା ସର୍ପବିଷ ନାଶକ ମହୌଷଧ । ୮–ବାଇକୁକୁରର ବିଷ ମଧ୍ୟ କଗ୍ରମଞ୍ଜୀର ପ୍ରୟୋଗରେ ସମୂଳ ବିନଷ୍ଟ ହୁଏ । ୯–କଗ୍ରମଞ୍ଜୀ ଏକ ଉତ୍କୃଷ୍ଟ ବାଜୀକରଣ । ପାନ ସହିତ ଏହା ସେବନ କଲେ ମତ୍ତତା ଜନ୍ମେ । ୧୦–ଏହା ସ୍ନାୟୁମାନଙ୍କୁ ବଳଦିଏ ଏବଂ ଅଜୀର୍ଣ୍ଣ, ବିସୂଚିକା, ଶୂଳ, ଧ୍ୱଜଭଙ୍ଗ, ଶ୍ୱାସ, ଶୁକ୍ରମେହ, ଗୁଦଭ୍ରଂଶ, ହୃଦୟର ଅସ୍ୱାଭାବିକ-ସ୍ପନ୍ଦନ, ମଦାତ୍ୟୟ, ଆକ୍ଷେପ, ମନୋବିକାର ଓ ନାନାବିଧ କଫକାସ ରୋଗରେ ଏହା ବ୍ୟବହୃତ ହୁଏ । ୧୧—ଶୁଦ୍ଧ କଗ୍ରମଞ୍ଜୀର ଚୂର୍ଣ୍ଣ ଚିନି ସହିତ ମିଶାଇ ପ୍ରଥମେ ଦୁଇ ଷୋଡ଼-ଶାଂଶ ଗ୍ରାମ ଠାରୁ ଆରମ୍ଭ କରି କ୍ରମଶଃ ମାତ୍ରା ବଢ଼ାଇ ଏକ ମାସ କାଳ ସେବନ କଲେ ସକଳ ପ୍ରକାର କୁଷ୍ଠ, ପ୍ରମେହ ଓ ଅର୍ଶରୋଗ ବିନଷ୍ଟ ହୁଏ । (ର, ଗ, ମ) ଶୁଦ୍ଧ କଗ୍ରମଞ୍ଜୀ ତିନି ଭାଗ, ଲବଙ୍ଗ ଏକଭାଗ ଏକତ୍ର ଅଦାରସରେ ମର୍ଦ୍ଦନ କରି ଦୁଇ ଷୋଡ଼ଶାଂଶ ଗ୍ରାମ ପରିମାଣରେ ବଟିକା କରିବ । ଏହି ବଟିକା ମହୁସହିତ ପ୍ରୟୋଗ କଲେ କମ୍ପଜ୍ୱର, ଆମଶୂଳ ଓ ଅଗ୍ନିମାନ୍ଦ୍ୟ ନିବାରିତ ହୁଏ । କଗ୍ରମଞ୍ଜୀକୁ ପାଣିରେ ଘୋରି ମୁହଁରେ ଲଗାଇଲେ ମୁହଁର କଳାଦାଗ ଓ ବ୍ୟଙ୍ଗ ରୋଗ ଆରାମ ହୁଏ । ୧୩–କୌଣସି ରୋଗରେ ପଡ଼ି ଯଦି ଦେହର ଜୋର କମିଯାଏ ତେବେ କଗ୍ରମଞ୍ଜୀ ସେବନ କରିବ । ୧୪—ଯେଉଁ ପିଲାମାନେ ଶାରୀରିକ କିମ୍ବା ମାନସିକ ଦୁର୍ବଳତା ଯୋଗୁଁ ଶେଜରେ ମୁତନ୍ତି, ସେମାନଙ୍କୁ ଉପଯୁକ୍ତ ମାତ୍ରାରେ ଶୁଦ୍ଧ କଗ୍ରମଞ୍ଜୀ ସେବନ କରାଇବ । ୧୫–ଯେଉଁମାନଙ୍କର ହାତ, ଲେଖିବା ସମୟରେ ଥରେ ଏବଂ ଆଙ୍ଗୁଠି ଗୁଡ଼ିକ ଥକିଯାଏ, ସେମାନଙ୍କୁ ସ୍ଥିର ପାଞ୍ଚମାସ କଗ୍ରମଞ୍ଜୀ ସେବନ କରାଇଲେ ଆଶ୍ଚର୍ଯ୍ୟଜନକ ଫଳ ଲାଭହୁଏ । ୧୬–ଅଣ୍ଟା ପିଠି-ପିଡ଼ା, ଅର୍ଦ୍ଦିତ, ପକ୍ଷାଘାତ ଓ ସ୍ତ୍ରୀମାନଙ୍କର ହିଷ୍ଟିରିଆ ରୋଗରେ କଗ୍ରମଞ୍ଜୀ ଅତି ଚମତ୍କାର ଭାବରେ ଗୁଣକରେ । ୧୭–ଅତ୍ୟଧିକ ସ୍ତ୍ରୀ ସହବାସ କିମ୍ବା ହସ୍ତମୈଥୁନାଦି ହେତୁରୁ ଯେଉଁମାନଙ୍କର ବୀର୍ଯ୍ୟକ୍ଷୟ ହୋଇ ଶରୀର ନିତାନ୍ତ ନିସ୍ତେଜ ହୋଇ ଥାଏ ଏବଂ ବୀର୍ଯ୍ୟ ପତଳା ହୋଇ ସହବାସରେ ଯେଉଁମାନଙ୍କର ଲିଙ୍ଗ ଉଠେନାହିଁ, ସେମାନଙ୍କୁ ଶୁଦ୍ଧ କଗ୍ରମଞ୍ଜୀର ଚୂର୍ଣ୍ଣ ପରିମିତ ମାତ୍ରାରେ କିଛିଦିନ ସେବନ କରାଇଲେ ଶରୀର ମଜବୁତ ହୁଏ, ବୀର୍ଯ୍ୟସ୍ତମ୍ଭନ ହୁଏ ଏବଂ ଲିଙ୍ଗର ଦୁର୍ବଳତା ଦୂରହୁଏ । ୧୮–ବୀର୍ଯ୍ୟକ୍ଷୟ ଜନିତ ମାନସିକ ଦୁର୍ବଳତାର ମଧ୍ୟ କଗ୍ରମଞ୍ଜୀ ଶ୍ରେଷ୍ଠ ଔଷଧ । ୧୯–ଶୁଦ୍ଧକଗ୍ରମଞ୍ଜୀ ଦଶଗ୍ରାମ, ଗୋଲମରିଚ ଦଶଗ୍ରାମ ଏକତ୍ର ଜଳରେ ମର୍ଦ୍ଦନ କରି ବର ପରିମାଣରେ

● କଗ୍ରମଞ୍ଜୀ ଶୋଧନ ପରେ ବଳକାଥିବା ଘିଅ ଅଫିମର ଅଧେ ପରିମାଣରେ ଆଫୁଖିଆକୁ ଖାଇବାକୁ ଦେଲେ ୫—୭ ଦିନରେ ତାର ଆଫୁଅଭ୍ୟାସ ଛାଡ଼ିଯାଏ ।

ବଟିକା କରି ଛାଇରେ ଶୁଖାଇ କାଚରେ ରଖିବ । ବଙ୍ଗାଳୀ ପାନ ରସରେ ପ୍ରତିଦିନ ଏହି ବଟିକା ସେବନ କଲେ ପକ୍ଷାଘାତ, ଅର୍ଦ୍ଦିତ, କଟିବାତ (ଅଣ୍ଟାଧରା) ଓ ଗ୍ରୀବାବ୍ୟଥା ବିନଷ୍ଟ ହୁଏ । ୨୦-ଶୁଦ୍ଧ କରମଞ୍ଜୀ ଏବଂ ଶୁଦ୍ଧ ଧୁତୁରାମଞ୍ଜୀ ଏକ ଚତୁର୍ଥାଂଶ ଗ୍ରାମ ପରିମାଣେ ପାନ ସହିତ ଖାଇଲେ ଅପତନ୍ତ୍ରକ ବାତ ବିନାଶ ପ୍ରାପ୍ତ ହୁଏ । ୨୧—ଶୁଦ୍ଧ କରମଞ୍ଜୀ, ଶୁଦ୍ଧଅଫିମ ଏବଂ ଗୋଲମରିଚ ସମାନ ଭାଗରେ ବଙ୍ଗାଳୀପାନ ରସରେ ମର୍ଦ୍ଦନ କରି ଏକ ଅଷ୍ଟମାଂଶ ଗ୍ରାମ ପରିମାଣେ ବଟିକା କରିବ । ଏହାର ନାମ "ସମୀରଗଜକେଶରୀ ବଟୀ" ଏହି ବଟିକା ପାନରସ ସହିତ ସେବନ କଲେ ଦଣ୍ଡାପତାନକ ବାତ ବିନଷ୍ଟ ହୁଏ । ସାପଦାଷ୍ଟ୍ରତ ହେବା ବ୍ୟକ୍ତି ଯେବେ କ୍ରମଶ ଅଚେତ ହୋଇ ପଡ଼ିଥାଏ, ତେବେ କରମଞ୍ଜୀ ପାଣିରେ ଘୋରି କିଛି ତାକୁ ପିଆଇବ ଏବଂ ତା'ର ସର୍ବାଙ୍ଗରେ କରମଞ୍ଜୀ ଘୋରପାଣି ମର୍ଦ୍ଦନ କରିବ । ଏଥିଦ୍ୱାରା ସର୍ପଦଷ୍ଟ ରୋଗୀ ଅବଶ୍ୟ ଚେତା-ହୁଏ । ( ଚ. ଚ ) କରମଞ୍ଜୀର ମାତ୍ରା—ଏକ ଅଷ୍ଟମାଂଶ ଗ୍ରାମ ଠାରୁ ଅର୍ଦ୍ଧ ଗ୍ରାମ । ଏହାର ଅଧିକ ମାତ୍ରା ପ୍ରାଣ ନାଶକ । ଏହା ଅଧିକ ପରିମାଣେ ସେବନ କରି ବିକାରଗ୍ରସ୍ତ ହେଲେ ରୋଗୀକୁ ବାନ୍ତି ଓ ବିରେଚନ କରାଇବ । କରବି ରଙ୍କୁଣୀ—ଗାଈଘିଅରେ ମହୁ ଓ ଚିନି ମିଶାଇ ଖାଇଲେ କରମଞ୍ଜୀର ବିଷବିକାର ନଷ୍ଟ ହୁଏ । କରମଞ୍ଜୀ ବିଷଦୋଷ ନିବାରଣାର୍ଥେ—୧ ଜାମ ଗଛର କ୍ୱାଥ, ୨-ଆମ୍ବଗଛର କ୍ୱାଥ, ୩ କଥାକନ୍ଦାର ରସ, ଅର୍ଦ୍ଧକେଜି ପରିମାଣେ ରୋଗୀକୁ ସେବନ କରାଇବ । ଜାମକୋଳିର ରସ ଦଶଗ୍ରାମ, ଘିଅ ଓ ମହୁ ସହିତ ଖାଇଲେ କରମଞ୍ଜୀର ବିଷବିକାର ଉପଶମ ହୁଏ । **କାଉଷ୍ଟରସତ**—କୋଚିଲା ମଞ୍ଜୀକୁ ଅତି ସୂକ୍ଷ୍ମ ଭାବରେ ଟିକି ଟିକି କରି କାଟିବ, ସେଥିରୁ ଏକ ଶହ ଗ୍ରାମ ନେଇ ରେକ୍ଟି-ଫାଇଡ୍ ସ୍ପିରିଟ୍ କମ୍ବା ଶୁଦ୍ଧ ସୁରା ସହ ମିଶାଇ ବୋତଲରେ ଭରତି କରି ମଜବୁତ କାର୍କ (ଠିପି) ଲଗାଇ ପନ୍ଦର ଦିନ ରଖିବ । ପରେ ଦୁଇଥର କନାରେ ଛାଣି ଶିଶିରେ ରଖିବ । ମାତ୍ରା—୫—୧୫ ବିନ୍ଦୁ । ଅନୁପାନ ଜଳ । ଉପଯୋଗ ଏହା ସେବନ କଲେ ଇନ୍ଦ୍ରିୟ ଶୈଥିଲ୍ୟ, ସ୍ୱପ୍ନଦୋଷ, ଧ୍ୱଜଭଙ୍ଗ, ପ୍ରମେହ, ବୀର୍ଯ୍ୟସ୍ରାବ ପ୍ରଭୃତି ରୋଗରେ ଶୀଘ୍ର ଉତ୍ତମ ଫଳ ଦିଏ । ସ୍ତ୍ରୀମାନଙ୍କର ରଜୋନ୍ୟୂନତା, ରଜୋକଷ୍ଟ, ଜରାୟୁଦୋଷ, ଅଧିକ ରକ୍ତସ୍ରାବ, ତଳ ବେଦନା ଏବଂ ଶୂଳ, ଏକାଙ୍ଗବାତ, କଫବାତ, ଉନ୍ମାଦ ରୋଗ ପ୍ରଶମନ କରେ । (ଗାଦନଗ୍ରହ)

**୧୩୬—କାରଗାଇପକ୍ଷୀ**—ଏହାର ମାଂସ କଫ, ବାତ ଓ କାସ, ଶ୍ୱାସ ରୋଗରେ ହିତକର ।

**୧୩୭—କରୁଣାଗଛ**— Citrus midica. Citrus acida. ଏହାର ସଂସ୍କୃତ ପର୍ଯ୍ୟାୟ—ଜମ୍ବୀର, ଜମ୍ଭକ, ଦନ୍ତହର୍ଷଣ ଓ ରୋଚକ । କରୁଣାକୁ ବଙ୍ଗଭାଷାରେ ଜମ୍ବୀର ଓ ଗୋଁଡ଼ାନେବୁ, ହିନ୍ଦୀରେ ଜମ୍ବୀରୀ, ଜମ୍ବୀରୀନେବୁ, ତେଲୁଗୁରେ ନିମ୍ମପାଣ୍ଡୁ ଏବଂ ପୁରୀ ଓ କଟକ ଜିଲାରେ କରୁଣାକୁ କାଗଥା ଓ ଜମ୍ବୀର ବୋଲନ୍ତି । ସ୍ଥାନ ବଡ଼ଭେଦରେ କରୁଣା ଦୁଇପ୍ରକାର । କଞ୍ଚାକରୁଣା—ଅମ୍ଳରସ, ତୀକ୍ଷ୍ଣ, ପାଚକ, ସୁରଭି, ରୁଚିକର, ଅଗ୍ନିବର୍ଦ୍ଧକ, ମୁଖ ପରିଷ୍କାରକ, ପିତ୍ତଜନକ, କୃମି, ପାର୍ଶ୍ୱଶୂଳ, ବାୟୁ ଓ ଦୌର୍ଗନ୍ଧ୍ୟନାଶକ । **ପାଚିଲାକରୁଣା**—ମଧୁର, ରୁଚିକର, ତୃପ୍ତିଜନକ, ବର୍ଣ୍ଣ ଓ ବୀର୍ଯ୍ୟ ବର୍ଦ୍ଧକ, ପୁଷ୍ଟିକର, ତୃଷ୍ଣା, ହୃଦ୍‌ରୋଗ ଓ କଫନାଶକ ଏବଂ ପିତ୍ତ ଓ ରକ୍ତଦୋଷର ଉପଶମ କାରକ । ବୈଦ୍ୟଶାସ୍ତ୍ରରେ କରୁଣାର ବ୍ୟବହାର ଯଥା—**ଅମ୍ଳ ପିତ୍ତରୋଗରେ**—୧-ସାୟଂ-କାଳରେ କରୁଣାର ରସ ପାନକଲେ ଅମ୍ଳପିତ୍ତ ଶାନ୍ତ ହୁଏ । ( ଚକ୍ରଦତ୍ତ ) **ଘୃତଅପରିପାକାର୍ଥେ**—୨ ● ଘିଅଖାଇ ଅଜୀର୍ଣ୍ଣ ହେଲେ କରୁଣାର ରସ ପାନ କରିବ । (ଭାବପ୍ରକାଶ) **ଜମ୍ବୀରାସବ**—କରୁଣାରସ ପାଞ୍ଚ କେଜି, ହିଙ୍ଗୁ ୮୦ ଗ୍ରାମ, ସୈନ୍ଧବ, ବିଡ଼ଙ୍ଗ, ତ୍ରିକଟୁ, ପ୍ରତ୍ୟେକ ୪୦ ଗ୍ରାମ, କଳାଲୁଣ ୧୬୦ ଗ୍ରାମ, ମୂଆଣି ୪୦ ଗ୍ରାମ । ଏସବୁ ଗୋଟିଏ ଭାଣ୍ଡପାତ୍ରରେ ରଖିବ । ଏକୋଇଶ ଦିନ ପରେ ବାହାର କରି ଛାଣି ବୋତଲରେ ରଖିବ । ଏହାର ନାମ ଜମ୍ବୀରାସବ । ଏହା ସେବନ କଲେ ସଗ୍ରହ, ପ୍ଲୀହା, ଆମବିକାର, ଗୁଳ୍ମ, ଅଷ୍ଠିଳା, ଶୂଳ, ଅତିସାର, ହୃଦ୍‌ରୋଗ, ପାର୍ଶ୍ୱବେଦନା, ନାଭିଶୂଳ, ମଳରୋଧ, ଆଧ୍ମାନ, ନାନାବିଧ ଉଦରବିକାର, କଫ ଓ ବାତରୋଗ ଅତି ଶୀଘ୍ର ବିଦୂରିତ ହୁଏ । ଅରୁଚି, ବାନ୍ତି, ବିସୂଚିକା ଓ ଅଗ୍ନିମାନ୍ଦ୍ୟ ରୋଗରେ ଏହା ଶ୍ରେଷ୍ଠ ଔଷଧ । (ବୃ, ଆ, ଅ, ସ)

**୧୩୮—କର୍ପୂର**—Camphora. Cinamomum. ଏହାର ସଂସ୍କୃତ ନାମ—ଘନସାର, ଚନ୍ଦ୍ରସଂଜ୍ଞ, ସିତାଭ୍ର ଓ ହିମବାଲୁକ । ଏହାକୁ ବଙ୍ଗଳାରେ କର୍ପୂର, ହିନ୍ଦୀରେ କର୍ପୂର, ତେଲୁଗୁଭାଷାରେ କର୍ପୂରମୁ ବୋଲନ୍ତି । କର୍ପୂର ଚାରିପ୍ରକାର ୧—ଭୀମସେନୀ ବା ପକ୍ୱକର୍ପୂର । ୨-ମୁଧାକର୍ପୂର ବା ଖସ୍ତର । ୩—ଆଳୁଶୀକର୍ପୂର । ୪—ଚୀନା କର୍ପୂର ବା ନକଲି କର୍ପୂର । **ଅସଲ ଓ ନକଲି କର୍ପୂର ଚିହ୍ନିବାର ଉପାୟ**—ପାଣି ଉପରେ ଟିକିଏ କର୍ପୂର ପକାଇ ତହିଁରେ ନିଆଁ ଲଗାଇଲେ ତାହା ଯେବେ ଧପ ଧପ ଜଳେ, ତେବେ ବିଶୁଦ୍ଧ କର୍ପୂର ବୋଲି ବୁଝିବ । ବିଶୁଦ୍ଧ କର୍ପୂର ଗରମ ଚୁଲାର ଭିତରେ ରଖିଲେ ତାହା ପାଣିହୋଇ ଚୂନା ହୋଇଯାଏ ଏବଂ

● ଭୁକ୍ତ ବୈଦ୍ୟମାନେ ଏ ସ୍ଥାନରେ କାଗଜୀଲେମ୍ବୁର ରସ ବ୍ୟବହାର କରିବାକୁ କହିଛନ୍ତି ।

ଏହି କର୍ପୂରକୁ ଭୁଲ୍‌ବଶତଃ ବା କପାଳରେ ଘଷିଲେ ଆଖି ଜଳେ ଓ ଥଣ୍ଡା ଲାଗେ ଏବଂ ଆଖିରୁ ପାଣି ବହେ । ଏଥିରୁ ଭିନ୍ନ ଲକ୍ଷଣ ଦେଖାଗଲେ ନକଲ୍‌କର୍ପୂର ବୋଲି ବୁଝିବ । କର୍ପୂର—ମଧୁର, ତିକ୍ତ, ସ୍ନିଗ୍ଧ, ଶୀତଳ, ଲଘୁ, ଉଷ୍ଣବୀର୍ଯ୍ୟ, ସୁଗନ୍ଧୀ, ଚକ୍ଷୁର ହିତକର, ଦାହ, ତୃଷ୍ଣା, ବାନ୍ତି ଓ ଭ୍ରମନାଶକାରକ, ନିଦ୍ରାକାରକ, କ୍ଲେଦନାଶକ, କଫନାଶକ ଏବଂ ମୂତ୍ରରୋଗରେ ଉପକାରକ ଅଟେ । ୧—ଜ୍ୱରବୈକାରିକ ମସ୍ତିଷ୍କରେ ରକ୍ତାଧିକ୍ୟ ହୋଇ ଯେତେବେଳେ ଅନିଦ୍ରା, ଅସ୍ଥିରତା, ପ୍ରଳାପ ଓ ଆକ୍ଷେପ ଇତ୍ୟାଦି ହୁଏ, ସେତେବେଳେ ସେପରି ସ୍ଥଳରେ କର୍ପୂର ପ୍ରୟୋଗ କଲେ ସ୍ନାୟୁ ସମୂହର ଉତ୍ତେଜକ ହୋଇ ଉପକାର ସାଧିତ ହୁଏ । ୨—ବିବିଧ ପ୍ରକାର ଜ୍ୱରର ବର୍ଦ୍ଧିତ ଅବସ୍ଥାରେ ଏବଂ ଉନ୍ମାଦ, ଶ୍ୱାସ, କାସ, ହୃଦ୍‌ଶୂଳ, ସ୍ନାୟୁପୀଡ଼ା ଓ ମୂତ୍ରାଶୟର ପୀଡ଼ାରେ କର୍ପୂରର ଆଭ୍ୟନ୍ତରିକ ପ୍ରୟୋଗ ଅତ୍ୟନ୍ତ ଉପକାର କରେ । ୩—କର୍ପୂର ଓ ଅଳ୍ପ ବାବୁଲ ଅଠା ପାଣି ସହିତ ମିଶାଇ ସେବନ କଲେ ସ୍ତ୍ରୀମାନଙ୍କର ତଳପେଟ ପୀଡ଼ା ପ୍ରଶମିତ ହୁଏ । ୪—ସ୍ତ୍ରୀମାନଙ୍କର କାମୋନ୍ମାଦ ଓ ଯୋନିକଣ୍ଡୁ ରୋଗରେ ଏବଂ ପୁରୁଷମାନଙ୍କର କାମୋନ୍ମାଦ ଓ ଲିଙ୍ଗୋ- ଚ୍ଛ୍ୱାସାଦି ରୋଗରେ କର୍ପୂର ପ୍ରୟୋଗ କଲେ ଜନନେନ୍ଦ୍ରିୟର ଉଗ୍ରତା ନିବାରିତ ହୋଇ ଉପକାର ହୁଏ । ୫—ରାତ୍ରି ଶୟନ ପୂର୍ବେ ଅଳ୍ପ ଅଫିମ ସହିତ କର୍ପୂର ସେବନ କଲେ ଶୁକ୍ରମେହ ରୋଗରେ ଅତ୍ୟନ୍ତ ଉପକାର ହୁଏ । ୬—କର୍ପୂର ଏକ ଚତୁର୍ଥାଂଶ ଗ୍ରାମ, ହିଙ୍ଗୁ ଏକ ଚତୁର୍ଥାଂଶ ଗ୍ରାମ, ଏକତ୍ର ସେବନ କଲେ ଶ୍ୱାସ କାସ କମିଯାଏ । କର୍ପୂରକୁ ଚୂର୍ଣ୍ଣ କରି ନସ୍ୟ ରୂପରେ ବ୍ୟବହାର କଲେ ସର୍ଦ୍ଦି କମିଯାଏ । ୭—କର୍ପୂର ଦୁଇ ଚତୁର୍ଥାଂଶ ଗ୍ରାମ ଠାରୁ ତିନି ଚତୁର୍ଥାଂଶ ଗ୍ରାମ ପରିମାଣରେ କିଛିଏ ଅପୁ ସହିତ ମିଶାଇ ଖାଇଲେ ପୁରାତନ ବାତରୋଗରେ ବେଦନା ନିବାରକ ଓ ସ୍ୱେଦଜନକ ହୋଇ ଉପକାର କରେ । ୮—କର୍ପୂରର ବାହ୍ୟ ପ୍ରଲେପ ଶୋଥ ଓ ଅର୍ବୁଦ ନଷ୍ଟ କରେ । ଉପଯୁକ୍ତ ମାତ୍ରାରେ କର୍ପୂର ସେବନ କଲେ ହୃଦୟର କାର୍ଯ୍ୟ ତତ୍ପରତା, ନିଃଶ୍ୱାସ ପ୍ରଶ୍ୱାସ ଓ ରକ୍ତସଞ୍ଚାଳନ କ୍ରିୟା ବର୍ଦ୍ଧିତ ହୁଏ । ୯—ଏହା ସ୍ତ୍ରୀ ସମ୍ଭୋଗ ଇଚ୍ଛା ବୃଦ୍ଧି କରେ କିନ୍ତୁ ଦୀର୍ଘକାଳ ଏହା ସେବନ କଲେ ଜନନେନ୍ଦ୍ରିୟର ଅବସନ୍ନ ହୁଏ । ୧୦—ଅନ୍ୟାନ୍ୟ ଦ୍ରବ୍ୟ ସେବନପରେ ମନୋବିକାର ଜନ୍ମିଲେ ଅଧିକ ମାତ୍ରାରେ କର୍ପୂର ବ୍ୟବହାର କରାଯାଇ ପାରେ । ୧୧—କର୍ପୂର ସେବନ କଲେ ଗର୍ଭାଶୟ ଉତ୍ତେଜିତ ହୋଇ ଅତିରିକ୍ତ ରଜଃସ୍ରାବ ବୃଦ୍ଧି ହୁଏ । ୧୨—କର୍ପୂର ପିଚକାରୀ ଦେଲେ ଅନ୍ତଃସ୍ଥିତ କୃମି ବହିର୍ଗତ ହୁଏ । ୧୩— କର୍ପୂର ମିଶ୍ରିତ ଜଳ କ୍ଷତପ୍ରକ୍ଷାଳନାର୍ଥରେ ବ୍ୟବହାର କରା- ଯାଏ । ୧୪—ଦନ୍ତସ୍ଥିତ କର୍ପୂର ଦନ୍ତଗହ୍ୱରରେ ପୂରଣ କଲେ କୃମିଭକ୍ଷିତ ଦାନ୍ତର ବେଦନା ପ୍ରଶମିତ ହୁଏ । ୧୫—କର୍ପୂର ମିଶା ଜଳ ନାକରେ ପକାଇଲେ ନାକରୁ ରକ୍ତସ୍ରାବ ବନ୍ଦ ହୁଏ । ୧୬—ବସନ୍ତ ରୋଗରେ କର୍ପୂର ଏକ ଉତ୍କୃଷ୍ଟ ଔଷଧ । କର୍ପୂର ଗନ୍ଧରେ ବାୟୁ ପରିଷ୍କାର ହୁଏ ଏବଂ କୀଟ ନଷ୍ଟ ହୁଏ । ୧୭—ତିନି ଘଣ୍ଟା ପରେ ପରେ ଦୁଇ ଚତୁର୍ଥାଂଶ ଗ୍ରାମ ପରିମାଣରେ କର୍ପୂର ସେବନ କରାଇଲେ ବସନ୍ତ ରୋଗରେ ଚମତ୍କାର ଫଳଲାଭ ହୁଏ । **ଭୀମସେନୀ କର୍ପୂର ନିର୍ମାଣ ବିଧି**—କର୍ପୂର—୨୦ ଗ୍ରାମ, ସମୁଦ୍ରଫେନ ୩ ଗ୍ରାମ, ଗୁଳୁଗୁଳ ୫ ଗ୍ରାମ, ଜଟାମାଂସୀ ୩ ଗ୍ରାମ, ନାଗରମୁଥା ୩ ଗ୍ରାମ ଏବଂ ଅଗରୁଚନ୍ଦନ ୩ ଗ୍ରାମ । ଏସବୁ ଦ୍ରବ୍ୟ ଚୂର୍ଣ୍ଣ କରି ଜଳରେ ପକାଇ ଗୋଲାପ ଜଳରେ ବାଟି ବଟି ବାନ୍ଧିବ । ପରେ ଏହି ସବୁ ବଟି ଗୋଟିଏ କଂସା ଥାଳୀରେ ରଖି ତାଁର ଉପରେ ଆଉଗୋଟିଏ କଂସା ପାତ୍ର ଘୋଡ଼ାଇ ଉଭୟର ସନ୍ଧି ସ୍ଥଳରେ କରବଟା ଲେପ ଦେବ । ତାଁର ପରେ ଗୋଟିଏ ଖାଲ ଚୁଲ୍ଲୀରେ ଏହି ପାତ୍ରକୁ ରଖି ତଳେ ଗୁଣ୍ଡି ଜାଳରେ ଗୋଟିଏ ଦୀପ ଜାଳିବ । ତାରେ ମୋଟ ବଳିତା ପକାଇବ । ଏହିପରି ତିନିଘଣ୍ଟା କାଳ ଦୀପ ଜାଳିବ । ଘୋଡ଼ା ହେବା ପାତ୍ର ଉପରେ ଆଠ ଦଶ ପ୍ରସ୍ଥ ସରସରିଆ ଓଦାକନା ପକାଇବ । ପାଞ୍ଚ ମିନିଟରେ ଥରେ ଓଦାକନା ବଦଳାଇବ । ଏହି ପ୍ରକ୍ରିୟାରେ ତଳପାତ୍ରରେ ଥିବା କର୍ପୂର ସବୁ ଉଡ଼ି ଉପରପାତ୍ରରେ ଲାଗି- ଯାଏ । ମାତ୍ରତି ଥଣ୍ଡା ହେଲା ପରେ ଖୋଲିବ । ତିନି ଘଣ୍ଟାରୁ ଅଧିକ ସମୟ କାଳ ଦେଲେ ଉପର ପାତ୍ରରେ ଲାଗିଥିବା କର୍ପୂର ପୁଣି ପୁଣି ତଳକୁ ଖସିପଡ଼େ । ତିନି ଘଣ୍ଟାରୁ ଅଧିକ ସମୟ କାଳ ଦେବନାହିଁ । ତଳପାତ୍ରରେ ଥିବା ସବୁ କର୍ପୂର ଯଦି ଯେବେ ଉପରକୁ ନ ଉଡ଼ି ବାକି ରହିଯାଏ, ତେବେ ଆଉଥରେ ପୂର୍ବୋକ୍ତ ପ୍ରକ୍ରିୟାରେ ଅଗ୍ନି ଜାଳି ଉପରକୁ ଉଡ଼ାଇବ । ଏହାର ନାମ ଭୀମସେନୀ କର୍ପୂର । ଏହି କର୍ପୂରର ପ୍ରୟୋଗ କଥିତ ରୋଗମାନଙ୍କରେ ଉତ୍ତମ ଫଳପ୍ରଦ ହୁଏ । **କର୍ପୂର ଅର୍କ** —କର୍ପୂର ଦଶଗ୍ରାମ, ମୁଅଣୀଫୁଲ ୫ ଗ୍ରାମ, ପିପରମେଣ୍ଟ ଏକ ଗ୍ରାମ, ଏସବୁ ଗୋଟିଏ ଶିଶୀରେ ଭର୍ତ୍ତି କରି କିଛି ସମୟ ରଖିଲେ କର୍ପୂର ଅର୍କ ପ୍ରସ୍ତୁତ ହୁଏ । ଏହି କର୍ପୂର ଅର୍କ— ୧୮—ବାନ୍ତି, ଅଜୀର୍ଣ୍ଣ, ପେଟଫୁଲା, ଶୂଳ, ବିସୂଚି ଓ ଅତିସାର ରୋଗରେ ବିଶେଷ ଉପକାରକ । **କର୍ପୂର ତେଲ**—୧୯— କର୍ପୂର ଦଶଗ୍ରାମ, ଘୁଆ ରସିତେଲ ୫୦ ଗ୍ରାମ । ଏକତ୍ର ଗୋଟିଏ ଶିଶୀରେ ଭର୍ତ୍ତିକରି ପାଞ୍ଚଦିନ ପର୍ଯ୍ୟନ୍ତ ତାକୁ ବାରମ୍ବାର ହଲାଇବାକୁ ହେବ । ଏହି ପ୍ରକ୍ରିୟା ଦ୍ୱାରା କର୍ପୂରତୈଳ ପ୍ରସ୍ତୁତ ହୁଏ । ଏହି କର୍ପୂର ତୈଳ ମର୍ଦ୍ଦନ କଲେ ସକଳ ପ୍ରକାର ବାତ ବେଦନାରେ ବିଶେଷ ଉପକାର ହୁଏ । **କର୍ପୂରାସବ**—୨୦—କର୍ପୂର ୨୫ ଗ୍ରାମ, ସୁରା (ମଦ) ୪୦ ଗ୍ରାମ ସହିତ ମିଶାଇ ଏକତ୍ର ଗୋଟିଏ ଶିଶୀରେ ରଖିଲେ

ଦୂରୀଭୂତ ହୁଏ । ମାତ୍ରା ୧୫—୩୦ ଟୋପା, ବାବଲଅଟାର ପାଣି ସହିତ ଏହା ସେବନ କଲେ ବିସୂଚିକା ରୋଗ ନିବାରିତ ହୁଏ । ୨୧—କଟିବେଦନା ଓ ପକ୍ଷାଘାତ ରୋଗରେ ଏହାର ସ୍ଥାନିକ ପ୍ରତିସ୍ରାବ ହିତକର । କିନ୍ତୁ କର୍ପୂର ଯେଉଁ ସବୁ ରୋଗରେ ପ୍ରୟୋଗ କରାଯାଏ, ସେହି ସବୁ ରୋଗରେ ଅଳପ କର୍ପୂର ଓ ଭୂଜରର ପ୍ରୟୋଗ ମଧ୍ୟ ଅନ୍ତ ବୈଦ୍ୟକ ଗ୍ରନ୍ଥମାନଙ୍କରେ ଦେଖିବାକୁ ମିଳେ । ଆୟୁର୍ବେଦ ଶାସ୍ତ୍ରରେ କର୍ପୂରର ପ୍ରୟୋଗ । ଯଥା—**ସଦ୍ୟଃଶସ୍ତ୍ରକ୍ଷତେ**—୨୨—କୌଣସି ଅଙ୍ଗ ଶସ୍ତ୍ରଦ୍ୱାରା କାଟି ହୋଇଗଲେ ତତ୍କ୍ଷଣାତ୍ କର୍ପୂର ଚୂର୍ଣ୍ଣ ଗାଈଘିଅ ସହିତ ମିଶାଇ ସେହି କ୍ଷତରେ ପୂରଣ କରି ପଟି ବାନ୍ଧିବ । ଏଥିଦ୍ୱାରା କ୍ଷତସ୍ଥାନ ପାଚେ ନାହିଁ ଏବଂ ବ୍ୟଥା ଶୂନ୍ୟ ହୋଇ ତା' ଶୁଖିଯାଏ । ( ବୃନ୍ଦ ) **ପତିକର୍ଣ୍ଣରୋଗେ**—୨୩—କାନର ପଛରେ କଣ୍ଡୁ ଜଳସ୍ରାବୀ କ୍ଳେଦଯୁକ୍ତ ଯେଉଁ ଏକ ପ୍ରକାର କ୍ଷତ ହୁଏ, ତାକୁ ପତିକର୍ଣ୍ଣ କହନ୍ତି । (ପ୍ରଚଳିତ ଭାଷାରେ ଏହାକୁ କୁଆଁ ଫୋପଡ଼ିଆ ରୋଗ ବୋଲାଯାଏ) ଏହି ରୋଗରେ ଉଷ୍ଣ ନେଳର ପୋଟଳୀରେ କାନକୁ ବାରମ୍ବାର ସେକି ଛେଳିମୂତ୍ରରେ କର୍ପୂର ଚୂର୍ଣ୍ଣ ମିଶାଇ କାନପଛରେ ଲଗାଇବ । (ଭାବପ୍ରକାଶ) **ନେତ୍ରଶୁକ୍ର ରୋଗେ**—୨୪—କର୍ପୂର ଚୂର୍ଣ୍ଣରେ ବଟକ୍ଷୀର ମିଶାଇ ଆଖିରେ ଅଞ୍ଜନ ଦେଲେ ଘନ ଓ ଉନ୍ନତଶୁକ୍ର ନାମକ ଚକ୍ଷୁରୋଗ ବିନଷ୍ଟ ହୁଏ । (ବଙ୍ଗସେନ) **ବିସୂଚିକାରୋଗେ**—କର୍ପୂର ମିଶ୍ରିତ ଶୀତଳ ଜଳ ପାନ କଲେ ବିସୂଚି ରୋଗର ପ୍ରକୋପ ପ୍ରଶମିତ ହୁଏ । (ପା, ମୂ, ଯୋ,) **ମୂତ୍ରାଘାତରୋଗେ**—୨୬—ଲିଙ୍ଗ ରନ୍ଧ୍ରରେ କର୍ପୂର ଚୂର୍ଣ୍ଣ ପ୍ରବେଶ କରାଇଲେ ମୂତ୍ର ପ୍ରବୃତ୍ତି ହୋଇ ମୂତ୍ରାଘାତ ରୋଗ ବିନଷ୍ଟ ହୁଏ । କର୍ପୂରର ମାତ୍ରା—ଦୁଇ ସପ୍ତମାଂଶ ଗ୍ରାମ ଠାରୁ ଏକ ଚତୁର୍ଥାଂଶ ଗ୍ରାମ । କର୍ପୂର ଅଧିକ ମାତ୍ରାରେ ସେବନ କଲେ ପାକସ୍ଥଳୀରେ ଓ ଅନ୍ତ୍ରମଣ୍ଡଳୀରେ ଦାହ ହୁଏ, ହୃଦୟ ଅବସନ୍ନ ହୁଏ, ଶରୀରର ଉଷ୍ଣତା କମିଯାଏ, ନାଳ ବାନ୍ଧାରେ, ହାତପାଦ ଶୀତଳ ହୋଇଯାଏ ଏବଂ ଆକ୍ଷେପ ଜାତ ହୋଇ ଜୀବନ ନଷ୍ଟ ହୁଏ । **କର୍ପୂର ବିଷଭଙ୍ଗଣୀ**—୨୭—କସ୍ତୁରୀ, ଅମ୍ବର ଓ ସମୁଦ୍ରଫେନଚୂର୍ଣ୍ଣ ।

**୧୩୯—କଲମ୍ବଶାଗ**—Convolvulus repens.

ଏହାର ସଂସ୍କୃତ ନାମ କଲମ୍ବୀ, କଲମ୍ବିକା । ଏହାକୁ ବଙ୍ଗଳାରେ କଲମୀଶାକ, ହିନ୍ଦୀରେ କରେଁବୁ ଓ ତେଲୁଗୁ ଭାଷାରେ ତୋଟେକୂରକଲିଚେଟ୍ଟୁ ବୋଲନ୍ତି । ଏହା ମଧୁର, କଷାୟ, ଗୁରୁ, ବାତ ନାଶକ, କଫକାରକ ସ୍ତନ୍ୟ ଓ ଶୁକ୍ର ବର୍ଦ୍ଧକ ଏବଂ ମୃଦୁ ବିରେଚକ । ୧—ଯଦି କେହି ଆତ୍ମହତ୍ୟାର୍ଥରେ ଅଧିକ ମାତ୍ରାରେ ଅଫିମ ଖାଇଥାଏ, ତା'ହେଲେ ତାକୁ ୨୦—୫୦ ଗ୍ରାମ ପର୍ଯ୍ୟନ୍ତ କଲମ୍ବପତ୍ରର ରସ ପାନ କରାଇବ । ମାତ୍ରା—୨୦—୫୦ ଗ୍ରାମ ।

**୧୪୦—କଲରାପତ୍ର**—Momordica charantia.

ଏହାର ସଂସ୍କୃତ ପର୍ଯ୍ୟାୟ—କାରବେଲ୍ଲ, ପୀତପୁଷ୍ପବଲ୍ଲୀ ଓ କାଣ୍ଡକଟୁକ । ଏହାକୁ ବଙ୍ଗଳାରେ କରଲା, ହିନ୍ଦୀରେ କରେଲା ଏବଂ ତେଲୁଗୁରେ କାକରଚେଟ୍ଟୁ ବୋଲନ୍ତି । ସାନ ବଡ଼ ଭେଦରେ କଲରା ଦୁଇ ପ୍ରକାର । ସାନ କଲରାକୁ ଛୁଟି କଲରା ବୋଲନ୍ତି । କଲରା ଗଛର ସମୂଳ ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । **କଲରାପତ୍ର**—ଏହା ତିକ୍ତରସ ଓ ଉଷ୍ଣ-ବୀର୍ଯ୍ୟ । ଏହାର ରସ ପାନ କଲେ ଅରୁଚି, ଅଗ୍ନିମାନ୍ଦ୍ୟ, କଫ, ବାତରକ୍ତ ବିକାର, ଜ୍ୱର, କୃମି, ପିତ୍ତ, ପାଣ୍ଡୁରୋଗ, ଶ୍ୱାସ, କାଶ, କୁଷ୍ଠ ଓ ପ୍ରମେହ ରୋଗ ବିନଷ୍ଟ ହୁଏ । ୧—କଲରାପତ୍ରର ରସ ପିଇଲେ ସାଙ୍ଗେ ୨ ବାନ୍ତି ହୋଇ ପିତ୍ତ ବାହାରି ପଡ଼େ, ଯଦି ବାନ୍ତି ନ ହୁଏ, ଅରେ ବା ଅର ପରିଷ୍କାର ଝାଡ଼ା ହୁଏ । ଝାଡ଼ା ହେଲେ ପିତ୍ତ ବିକାର ଶାନ୍ତ ହୋଇ ଯାଏ । କମ୍ପଜ୍ୱର ଆସିବାର ପୂର୍ବେ କଲରାପତ୍ର ରସରେ ଜୀରାଚୂର୍ଣ୍ଣ ମିଶାଇ ପିଇଲେ ଜ୍ୱର ଅଟକିଯାଏ । ୨—କଲରାପତ୍ର ରସରେ ଗୋଲମରିଚକୁ ଘୋରି ସନ୍ଧ୍ୟା ସମୟରେ ଆଖିରେ ଅଞ୍ଜନ ଦେଲେ ରାତିକଣା ରୋଗ ଭଲହୁଏ । ୩—କଲରାପତ୍ର ରସରେ ଅଳ୍ପ ହଳଦୀ ଘୋରି ପିଲାମାନଙ୍କୁ ପିଆଇଲେ ବାନ୍ତି କମ୍ପି ଝାଡ଼ା ହୋଇ ସେମାନଙ୍କର ପେଟ ସଫା ହୋଇଯାଏ । ୪—ଦଶଗ୍ରାମ କଲରାପତ୍ର ରସରେ ଅଳ୍ପ ଚିନି ମିଶାଇ ଖାଇଲେ ରକ୍ତାର୍ଶ ରୋଗ ପ୍ରଶମିତ ହୁଏ । ୫—କଲରାପତ୍ର ରସ ପିଇଲେ ପେଟରେ ଥିବା କୃମି ମରି ବାହାରି ପଡ଼ନ୍ତି । ୬—କଲରାପତ୍ର ରସରେ ହରିଡ଼ାକୁ ଘୋରି ପାନକଲେ କାମଳା ରୋଗ ନଷ୍ଟ ହୁଏ । ୭—୨୦ ଗ୍ରାମ କଲରାପତ୍ର ରସ, ୨୦ ଗ୍ରାମ ମହୁ ଏକାଠି ମିଶାଇ ପିଇଲେ ଜଳୋଦର ରୋଗରେ ବିଶେଷ ଉପକାର ହୁଏ । ୮—କଲରାପତ୍ରର ରସ ଦାଦୁରେ ଲଗାଇଲେ ଦାଦୁ ଭଲ ହୁଏ । ୯—ପ୍ରସୂତା ସ୍ତ୍ରୀମାନଙ୍କୁ କଲରାପତ୍ରର ରସ ପିଆଇଲେ ସେମାନଙ୍କର ରକ୍ତ ଶୁଦ୍ଧି ହୁଏ ଏବଂ କ୍ଷୀର ବଢ଼େ । ୧୦—କଲରାପତ୍ର ରସରେ ତ୍ରିକଟୁ ଚୂର୍ଣ୍ଣ ମିଶାଇ ସ୍ତ୍ରୀମାନଙ୍କୁ ଖୁଆଇଲେ ସେମାନଙ୍କର ମାସିକ ଋତୁ ପରିଷ୍କାର ହୁଏ । ୧୧—କଲରାପତ୍ରର ରସ ବାଇକୁକୁର ଓ ବାଇବିଲୁଆ ବିଷବିକାରରେ ବିଶେଷ ଉପକାର କରେ । **କଲରାଗଛର ସର୍ବାଙ୍ଗ**—୧୨—କଲରାଗଛର ପତ୍ର, ଫୁଲ, ଫଳ, ମୂଳ ଓ ଡାଳ ଶୁଣ୍ଠି-ଦ୍ଧକ, ପିପ୍ପଳୀ ଏବଂ ଗୁଗ୍ଗୁଳ ଏହିକୁ ବାଦାମ ତେଲରେ ବାଟି ଦେହରେ ଲଗାଇଲେ କଣ୍ଡୁ ପ୍ରଭୃତି ଚର୍ମରୋଗ ବିନଷ୍ଟ ହୁଏ । ୧୩—କଲରାଗଛର ରସ ପାନ କଲେ ପାରଦ ଭକ୍ଷଣ ଜାତ ବିଷରୋଗ ନଷ୍ଟ ହୁଏ । ୧୪—ପ୍ଲୀହା ଅତ୍ୟଧିକ ବଢ଼ିଲେ

କଳସୀ ଫଳ ରସରେ ଗୁଡ଼ ଓ ସୈନ୍ଧବ ଚୂର୍ଣ୍ଣ ମିଶାଇ ସେବନ କରିବ । ୧୫—କଳସୀଗଛର ସମୂଳ ସର୍ବାଙ୍ଗ ଶୁଖାଇ ଚୂର୍ଣ୍ଣ କରିବ । କୁଷ୍ଠକ୍ଷତ ଓ କଦର୍ଯ୍ୟ ବ୍ରଣରେ ଏହି ଗୁଣ୍ଡ ପକାଇଲେ ଘା' ଶୁଖିଯାଏ । ବୈଦ୍ୟଶାସ୍ତ୍ରରେ କଳସୀଗଛର ବ୍ୟବହାର । ଯଥା—**ବାତରକ୍ତରୋଗେ**—୧୬—କଳସୀଗଛର କ୍ୱାଥରେ ଯଥାବିଧି ଘୃତ ପାକ କରି ଏହି ଘୃତ ପାନ କଲେ ବାତରକ୍ତ ରୋଗ ପ୍ରଶମିତ ହୁଏ । (ସୁଶ୍ରୁତ) **ଜ୍ୱରରୋଗେ** ୧୭—ଜ୍ୱରରୋଗୀ ପାଇଁ କଳସୀ ଶାକ ଭକ୍ଷଣ ପ୍ରଶସ୍ତ ଅଟେ । (ଚକ୍ରଦତ୍ତ) **ଭଗନ୍ଦରରୋଗେ**—୧୮—କଳସୀର ରସରେ ଦାରୁହଳଦୀ ଗୁଣ୍ଡ ମିଶାଇ ଭଗନ୍ଦର ଓ ଦୁଷ୍ଟବ୍ରଣ ରୋଗରେ ପ୍ରୟୋଗ କରିବ । (ଚକ୍ରଦତ୍ତ) **ଅନ୍ତଃପ୍ରବିଷ୍ଟଯୋନିରୋଗେ** ୧୯—କଳସୀମୂଳକୁ ବାଟି ଲେପନ କଲେ ଅନ୍ତଃପ୍ରବିଷ୍ଟ ଯୋନି ବହିର୍ଗତ ହୁଏ । (ଚକ୍ରଦତ୍ତ) **ବିସୂଚିକାରୋଗେ**—୨୦—ରାସିତେଲ ସହିତ କଳସୀ ରସ ସେବନ ବିସୂଚିକାରୋଗରେ ହିତକର । (ହାରୀତସଂହିତା) **ଅଣ୍ଡବୃଦ୍ଧିରୋଗେ**—୨୧—କଳସୀପତ୍ର ରସ ପନ୍ଦର ଗ୍ରାମ ଦହି ସହିତ ସେବନ କରି ପରେ ୫୦—୬୦ ଗ୍ରାମ ଘୋଳ ପାନ କରିବ । ଏହିପରି ତିନିଦିନ ଔଷଧ ବ୍ୟବହାର କରି ତିନିଦିନ ବନ୍ଦ ରଖିବ । ଚତୁର୍ଥ ଦିନରେ ପୁଣି ପୂର୍ବୋକ୍ତ ନିୟମରେ ଔଷଧ ସେବନ କରିବ । ପରେ ଚାରିଦିନ ବନ୍ଦ ରଖିବ । ପୁଣି ପଞ୍ଚମ ଦିବସରେ ପାଞ୍ଚଦିନ ଔଷଧ ସେବନ କରି ପାଞ୍ଚ ଦିନ ବନ୍ଦ ରଖିବ । ଏହିପରି ସାତଦିନ ପର୍ଯ୍ୟନ୍ତ ସେବନ କଲେ ମୂତ୍ରାଶୟରେ ଥିବା ଅଶ୍ମରୀ (ଗୋଡ଼ି) ଚୂର୍ଣ୍ଣିତ ହୋଇ ବାହାରି ପଡ଼େ । (ବା. ପ୍ର. ଶ) ମାତ୍ରା—ପତ୍ରରସ ୧୦—୨୦ ଗ୍ରାମ, କ୍ୱାଥ ୫୦—୧୦୦ ଗ୍ରାମ ।

**୧୪୧–କାଳାକେସୁଦ୍ରା —କେସୁଦ୍ରାଗଛ ଦେଖ ।**

**୧୪୨–କଳାଜୀରା—Nieella sativn.** କଳାଜୀରାର ସଂସ୍କୃତ ପର୍ଯ୍ୟାୟ, କାରବୀ, ଉପକୁଞ୍ଚିକା, ପଡ଼ମୂରା ଓ ସୁଷବୀ । ଏହାକୁ ବଙ୍ଗଳାରେ କାଳାଜିରା, ହିନ୍ଦୀରେ ମଗରେଲା ଏବଂ ତେଲୁଗୁରେ ନଲ୍ଲଜିଲ୍ଲକର ବୋଲନ୍ତି । ଏହା କଟୁ, ଉଷ୍ଣବୀର୍ଯ୍ୟ, ରୁକ୍ଷ, ସୁଗନ୍ଧି, ରୁଚିକାରକ, ମଳରୋଧକ, ଅଗ୍ନିକାରକ ଏବଂ ଚକ୍ଷୁରୋଗରେ ହିତକର । ଅଜୀର୍ଣ୍ଣ, ଆଧ୍ମାନ, କଫ, ଶୋଥ, ଗ୍ରହଣୀ, ଜୀର୍ଣ୍ଣଜ୍ୱର ଓ ଶିରରୋଗରେ ଏହା ଉତ୍ତମ ଉପକାର କରେ । ବିକୃତରକ୍ତ ଓ ରକ୍ତ ଔଷଧର ସୁଗନ୍ଧୀ କରଣାର୍ଥେ ଏହା ବ୍ୟବହୃତ ହୁଏ । ଏହା କୃମି ନାଶକ, ମୂତ୍ର ପ୍ରବର୍ତ୍ତକ ଓ ଆର୍ତ୍ତବ ଉତ୍ତେଜକ । ୧—ସ୍ତ୍ରୀମାନଙ୍କର ରଜକୃଚ୍ଛ୍ର, ରଜୋରୋଧ ଏବଂ ଅନିୟମିତ ରଜ ରୋଗରେ ଏହା ପ୍ରୟୋଗ କରାଯାଏ । ୨—ଅତି ମାତ୍ରାରେ ଏହା ସେବନ କଲେ, ଗର୍ଭସ୍ରାବ ହୁଏ । ୩—ପ୍ରସବ ପରେ କଳାଜୀରାର କ୍ୱାଥ ପାନ କଲେ ଗର୍ଭାଶୟ ସଙ୍କୁଚିତ ହୁଏ ଏବଂ କ୍ଷୀର ବୃଦ୍ଧି ହୁଏ । ୪—କଳାଜୀରାକୁ ପାଣିରେ ବାଟି ଲେପନ କଲେ ହାତ ଓ ପାଦର କଷ୍ଟପ୍ରଦ ଶୋଥ ବିନଷ୍ଟ ହୁଏ । ପାଟ, ଶାଲ ପ୍ରଭୃତି ମୂଲ୍ୟବାନ୍ ବସ୍ତ୍ରମାନଙ୍କରେ କଳାଜୀରାର ଗୁଣ୍ଡ ପକାଇଲେ ପୋକ ଲାଗେନାହିଁ । ୫—ବିଷମଜ୍ୱର, ଅଗ୍ନିମାନ୍ଦ୍ୟ, ଅତିସାର ଗ୍ରହଣୀ ଓ ଅଜୀର୍ଣ୍ଣ ରୋଗରେ ସମପରିମିତ ଚିତାପାରୁ ମୂଳ ଚୂର୍ଣ୍ଣ ସହିତ କଳାଜୀରା ସେବନ କରାଯାଏ । କଳାଜୀରାର କ୍ୱାଥ ପାନ କଲେ ଗର୍ଭସ୍ଥିତ ଜୀବିତ ବା ମୃତ ସନ୍ତାନ ବହିର୍ଗତ ହୁଏ । ୭—ସନ୍ଧିଯୁକ୍ତ ବାତ, ବୁକର ବେଦନା, ଉଦ୍ଗାର, ପାଣ୍ଡୁ, କାମଳା, ପ୍ଲୀହା ଏବଂ ବାତଜ ଶୂଳରୋଗରେ କଳାଜୀରାର ଚୂର୍ଣ୍ଣ ସେବନ କଲେ ଏବଂ ଏହା ବାଟି ଲେପନ କଲେ ବିଶେଷ ଉପକାର ହୁଏ । ଏହା ଜମ୍ବୁମିଶ୍ରିତ ଖଦରେ କିଛିଦିନ ସେବନ କଲେ ମୁଖର ବର୍ଣ୍ଣ ଉଜ୍ଜ୍ୱଳ ହୁଏ । ୮—ବାଇକୁକୁରର ବିଷ-ବିକାରରେ କଳାଜୀରା ଚୂର୍ଣ୍ଣ ସେବନ ହିତକର ହୁଏ । ୯—ସାତଟି କଳାଜୀରା ସ୍ତ୍ରୀର କ୍ଷୀରରେ ବାଟି ନାକରେ ପକାଇଲେ କାମଳା ରୋଗରେ ଉପକାର ହୁଏ । ୧୦—କଳାଜୀରାକୁ କନା ପୋଟଳୀରେ ରଖି ସେହି ପୋଟଳୀଟି ହାତରେ ମର୍ଦ୍ଦି ନାକ ପୁଡ଼ାରେ ଜୋରରେ ସୋଡ଼କି ଟାଣିଲେ ମୁଣ୍ଡବ୍ୟଥା ଊଣା ହୁଏ । ୧୧—କଳାଜୀରାକୁ ପୋଡ଼ି ମହଣ ଓ ରାସିତେଲରେ ମିଶାଇ ମୁଣ୍ଡର ଘା'ରେ ଲଗାଇଲେ ଘା' ଭଲହୁଏ ଏବଂ ଦୀର୍ଘକାଳ ସେହି ସ୍ଥାନରେ ଏହା ବ୍ୟବହାର କଲେ ବାଳ ଉଠେ । **କଳାଜୀରାତେଲ**—କଳାଜୀରାକୁ ଘଣାରେ ପକାଇ ପେଡ଼ିଲେ ସେଥିରୁ ତେଲ ବାହାରେ, ଏହି ତେଲ ଅତିଶୟ ଉଷ୍ଣ ଓ ତୀକ୍ଷ୍ଣ । ୧୨—ଏହା ଲିଙ୍ଗରେ ମାଲିସ୍ କଲେ ଏବଂ ଅଳ୍ପ ମାତ୍ରାରେ ସେବନ କଲେ ଅତିଶୟ କାମ ଉଦ୍ଦୀପିତ ହୁଏ ଏବଂ ନପୁଂସକ (ଅପୌରୁଷ) ମଧ୍ୟ ପୁରୁଷତ୍ୱ ପ୍ରାପ୍ତହୁଏ । ବୈଦ୍ୟଶାସ୍ତ୍ରରେ କଳାଜୀରାର ବ୍ୟବହାର ଯଥା—**ବିଷମଜ୍ୱରେ** ୧୩—ପୁରୁଣାଗୁଡ଼ ସହିତ କଳାଜୀରା ଚୂର୍ଣ୍ଣ ସେବନ କଲେ ବିଷମଜ୍ୱର ନିବୃତ୍ତ ହୁଏ । (ଚକ୍ରଦତ୍ତ) **ମୁଖପାକେ**—୧୪—କଳାଜୀରା, କୁଟ ଓ ଇନ୍ଦ୍ରଯବ ସମାନ ଭାଗରେ ଏକାଠି ମିଶାଇ ତିନିଦିନ ଚୋବାଇ ଖାଇଲେ ମୁଖରୋଗ' ଭଲ ହୁଏ । ଏବଂ ମୁଖର ଗନ୍ଧ ଛାଡ଼ିଯାଏ । (ଚକ୍ରଦତ୍ତ) **ସର୍ଦ୍ଦିରୋଗେ** ୧୫—ନୂତନ ସର୍ଦ୍ଦିରୋଗରେ କଳାଜୀରାର ଚୂର୍ଣ୍ଣ ନସ୍ୟରୂପେ ବ୍ୟବହାର କରିବ । (ଚକ୍ରଦତ୍ତ) ଚୂର୍ଣ୍ଣର ମାତ୍ରା — ଅଧଗ୍ରାମ ଠାରୁ ଏକଗ୍ରାମ, କ୍ୱାଥ ୨୦—୬୦ ଗ୍ରାମ । **ଉପକୁଞ୍ଚିକାସବ** କଳାଜୀରା, ଟଙ୍କଆଁ, ଜୀରା, ଶୁଣ୍ଠି, ହରିଡ଼ା, ଗନ୍ଧଶୁଣ୍ଠି, ପିପ୍ପଳୀମୂଳ, ଚିତାପାରୁ, ଗଜପିପ୍ପଳୀ, ଜୁଆଣି, ଅଜମୋଦା, ପ୍ରତ୍ୟେକ ଚବିଶି ଗ୍ରାମ, ଗୁଡ଼ (ଚିଲ୍ଲା ବା ପୋଲ) ପାଞ୍ଚକେଜି, ଏହି ସମସ୍ତ ଦ୍ରବ୍ୟ ଏକାଠି ମିଶାଇ ହାଣ୍ଡିରେ ଭରତି

କରି ମୁଖ ସନ୍ଧାନ ପୂର୍ବକ ସାଉତନ ରଖିବ । ପରେ ଗୁଣି ବ୍ୟବହାର କରିବ । ମାତ୍ରା —୧—୨ ଆଉନ୍ସ । ଏହା ସ୍ୱାଦୁ, ରୁଚିବର୍ଦ୍ଧକ, ଅଗ୍ନିଦୀପକ, ବଳକାରକ, ବାତର ଅନୁଲୋମକ । ଅର୍ଶ ଏବଂ ଶୋଥର ହିତକର, କଣ୍ଠରୋଗ ନାଶକ ।(ଗଦନିଗ୍ରହ)

**୧୪୩—କଳାଦୁଦୁରାଛ**—ଦୁଦୁରାଗଛ ଦେଖ ।

**୧୪୪—କଳାମରିଚ**—ମରିଚ ଦେଖ ।

**୧୪୫—କଳାବାଦୁଡ଼ିଆ ହରିଣ**—ଏହାର ସଂସ୍କୃତ ନାମ —କୃଷ୍ଣସାର ଓ ଏଣ । ଏହାକୁ ବଙ୍ଗଭାଷାରେ କୃଷ୍ଣସାର ଏବଂ ହିନ୍ଦୀରେ କରସାଇଲ ହରିଣ ବୋଲନ୍ତି । ଏହାର ମାଂସ ସ୍ୱାଦୁ, କଷାୟ, ଶୀତଳ, ଲଘୁ, ବଳକାରକ, ଅଗ୍ନିବର୍ଦ୍ଧକ, ତ୍ରିଦୋଷ ନାଶକ, ଅରୁଚି ନିବାରକ, ଶୁକ୍ରବର୍ଦ୍ଧକ ଏବଂ କ୍ଷତ, କ୍ଷୟ,ଅର୍ଶ, ପାଣ୍ଡୁ, କାଶ, ଶ୍ୱାସ ଓ ଜ୍ୱରରୋଗରେ ହିତକର ।

**୧୪୬—କଳାମାଣିକଚଛ**—ଏହାକୁ ଗଞ୍ଜାମ ମୁନ୍ଦଖଣ୍ଡର ଲୋକେ କ୍ଷୀରସମୁଦ୍ରଗଛ ବୋଲନ୍ତି । ୧—ପ୍ରସୂତା ସ୍ତ୍ରୀମାନଙ୍କର କ୍ଷୀରବୃଦ୍ଧି ନିମନ୍ତେ କଳାମାଣିକଗଛର ଚେର ବା ଅଗି ଦୁଧ ସହିତ ବାଟି ସେମାନଙ୍କୁ ଦିଆଯାଏ । ୨—କଳାମାଣିକ ପତ୍ରକୁ କାଞ୍ଜିରେ ସିଝାଇ ଗରମ ଥାଉ ଥାଉ ବ୍ରଣ ଉପରେ ପକାଇ ପଟି ବାନ୍ଧିଲେ କଞ୍ଚା ବ୍ରଣ ପାଚି ଫାଟିଯାଏ ଏବଂ ବେଦନା ଦୂରହୁଏ । ୩—ବୋଡ଼ାସାପ କାମୋଡ଼ିବା ଦ୍ୱାରା ଯଦି କୌଣସି ଅଙ୍ଗରେ ଶୋଥହୁଏ ତା'ହେଲେ ବେଦନା ଓ ବିଷ ନାଶ ନିମନ୍ତେ କଳାମାଣିକର ଚେର ବାଟି ତହିଁରେ ଲେପନ କରିବ ।

**୧୪୭—କଳାଲୁଣ—Black-Balt**—ଏହାର ସଂସ୍କୃତ ପର୍ଯ୍ୟାୟ—କୃଷ୍ଣଲବଣ, କାଚସୌବର୍ଚ୍ଚଳ ଓ ମାଳ । ଏହାକୁ ବଙ୍ଗ-ଭାଷାରେ କଳାଲବଣ, ହିନ୍ଦୀରେ କାଳଲବଣ ବୋଲନ୍ତି । କଳାଲୁଣ—ଅଳ୍ପକ୍ଷାର, ରୁଚିଜନକ, ପିତ୍ତବର୍ଦ୍ଧକ, ଦାହକାରକ ଏବଂ କଫ, ବାତ, ଅଗ୍ନିମାନ୍ଦ୍ୟ, ଗୁଳ୍ମ ଓ ଶୂଳରୋଗର ଉପଶମ କାରକ ।

**୧୪୮—କଳକଳରସପାକ**—୧— କଳିକତରକୁ ମାରି ଗୋଟିଏ ପାଚିଲା କଦଳୀ ମଧ୍ୟରେ ରଖି ବନ୍ଧ୍ୟାସ୍ତ୍ରୀମାନଙ୍କୁ ଋତୁସ୍ନାନ ପରେ ଖୁଆଇଲେ ସେମାନଙ୍କର ବନ୍ଧ୍ୟାଦୋଷ ନଷ୍ଟ ହୋଇ ଗର୍ଭଧାରଣ କ୍ଷମତା ଜନ୍ମେ । ବାଳକମାନଙ୍କର କଫ, କାଶ, ଶ୍ୱାସ ଓ ଅନାସି ରୋଗ ହେଲେ କଳିକତରକୁ ଘିଅରେ ବା ତେଲରେ ଭଜି ଏ ଦେଶର ସ୍ତ୍ରୀମାନେ ସେମାନଙ୍କୁ ଖୁଆନ୍ତି ।

**୧୪୯—କଳିଆକନ୍ଦା**—ଏହି କନ୍ଦାକୁ ବାଟି ଅଳ୍ପ ଗରମ କରି ଲେପନ କଲେ ବଥ, ଖଟା ବା ବାଗି ବସିଯାଏ । ୨— ୫ ଗ୍ରାମ ପରିମାଣରେ ଏହି କନ୍ଦାକୁ ବାଟି ଖାଇଲେ ମୂତ୍ରର ବନ୍ଧ ବିନଷ୍ଟ ହୁଏ ।

**୧୫୦—କଷାୟରସ**—ଏହା ଶୀତଳ, ଗୁରୁ, ରୁକ୍ଷ, ସ୍ତମ୍ଭକ, ଦୋଷଶାମକ, ସଂଗ୍ରାହକ ଏବଂ ବ୍ରଣର ପାକ, ପୀଡ଼ା ଓ କ୍ଲେଦ ନାଶକ । ଏହା ଖାଇଲେ କଣ୍ଠକୁ ବାନ୍ଧିଦିଏ । ଏହି ରସ ଅଧିକ ପରିମାଣରେ ଖାଇଲେ, ହୃଦ୍‌ରୋଗ, ମୁଖଶୋଷ, ଆଧ୍ମାନ, ବାକ୍ୟରୋଧ, ମନ୍ୟାସ୍ତମ୍ଭ, ଗାତ୍ରସ୍ଫୁରଣ ଓ କମ୍ପ ଜାତ ହୁଏ ।

**୧୫୧—କସରତ**—କସରତକୁ ସଂସ୍କୃତ ଭାଷାରେ ବ୍ୟାୟାମ ବୋଲଯାଏ । ସ୍ୱାସ୍ଥ୍ୟରକ୍ଷା ବିଷୟରେ ବ୍ୟାୟାମ ବିଶେଷ ଉପ-କାରକ । ବ୍ୟାୟାମ ନାନା ପ୍ରକାର । ବ୍ୟାୟାମ କଲେ ଶରୀର ଲଘୁ ହୁଏ, ବଳବାନ୍ ହୁଏ ଏବଂ ସୁଦୃଢ଼ ଓ କ୍ଳେଶ ସହିଷ୍ଣୁ ହୁଏ । ପରିମିତ ଭାବରେ ବ୍ୟାୟାମ କଲେ ମେଦୋରୋଗ ନଷ୍ଟ ହୁଏ, ଅଗ୍ନିବୃଦ୍ଧି ହୁଏ ଏବଂ ବାତାଦି ସମସ୍ତ ଦୋଷ କ୍ଷୟପ୍ରାପ୍ତ ହୁଏ । ଗୁରୁପାକ ଦ୍ରବ୍ୟ ଭୋଜନ ଓ ବିରୁଦ୍ଧ ଦ୍ରବ୍ୟ ଭୋଜନ ବ୍ୟାୟାମ ଦ୍ୱାରା ଅନାୟାସରେ ପରିପାକ ପ୍ରାପ୍ତ ହୁଏ । ବ୍ୟାୟାମ ସକଳ ଋତୁରେ ପଥ୍ୟ । ବିଶେଷତଃ ଶୀତ ଓ ବସନ୍ତ ଋତୁରେ ବ୍ୟାୟାମ କଲେ ଅଧିକ ଉପକାର ହୁଏ । ବଳ, ବୟସ, ଦେଶ ଓ କାଳ ପ୍ରଭୃତି ବିବେଚନା କରି ବ୍ୟାୟାମ କରିବା ସମସ୍ତଙ୍କ ପକ୍ଷରେ ପଥ୍ୟ । ବ୍ୟାୟାମର ମାତ୍ରା—ଅର୍ଦ୍ଧଶ୍ରାନ୍ତି, ଅର୍ଥାତ୍ ବ୍ୟାୟାମ କରୁ କରୁ ଯେତେବେଳେ ନିଶ୍ୱାସ ପ୍ରଶ୍ୱାସ ଅଧିକ ଦୀର୍ଘ ହେବ ଏବଂ କପାଳରୁ, ଦେହରୁ ଓ କାଖରୁ ଝାଳ ବାହାରିବ, ସେତେବେଳେ ବ୍ୟାୟାମ ବନ୍ଦ କରିବା ଉଚିତ କାରଣ, ଅତିରିକ୍ତ ବ୍ୟାୟାମ କଲେ ଶ୍ରାନ୍ତି, କ୍ଳାନ୍ତି, ଧାତୁକ୍ଷୟ, ତୃଷ୍ଣା, ଜ୍ୱର, ବାନ୍ତି, ରକ୍ତପିତ୍ତ ଓ ଶ୍ୱାସ କାଶ ପ୍ରଭୃତି ବିବିଧ ରୋଗ ଆକ୍ରମଣ କରେ । ବାଳକ, ବୃଦ୍ଧ, କ୍ଷୀଣକାୟ, ବାତପିତ୍ତରୋଗୀ ଏବଂ ରକ୍ତପିତ୍ତ, କ୍ଷୟ, କାଶ, ଶ୍ୱାସ ଓ ଜ୍ୱର ପ୍ରଭୃତି ରୋଗ ପୀଡ଼ିତ ବ୍ୟକ୍ତି ପକ୍ଷରେ ବ୍ୟାୟାମ ଅନିଷ୍ଟ କାରକ । ଆହାରର ଅବ୍ୟବହିତ ପରେ ବ୍ୟାୟାମ କଲେ ନାନା ବ୍ୟାଧି ଜାତ ହୁଏ ଏବଂ ଶରୀର ନଷ୍ଟ ହୁଏ ।

**୧୫୨—କସ୍ତୁରୀ—Musk.** ଏହାର ସଂସ୍କୃତ ପର୍ଯ୍ୟାୟ—ମୃଗନାଭି, ମୃଗମଦ, ଓ ମୃଗନାଭିଜା । ଏହାକୁ ବଙ୍ଗଳାରେ ମୃଗନାଭି, ହିନ୍ଦୀରେ କସ୍ତୁରୀ ଏବଂ ତେଲୁଗୁରେ କସ୍ତୁରିପିଲ୍ଲି ବୋଲନ୍ତି । କାଶ୍ମୀର ଓ ତିବ୍ବତ୍ ପ୍ରଭୃତି ହିମାଳୟ ପାର୍ବତ୍ୟ ପ୍ରଦେଶରେ ଜାତ ହେବା ଏକ ପ୍ରକାର ମୃଗର ନାଭି ଗ୍ରନ୍ଥିରୁ କସ୍ତୁରୀ ଉତ୍ପନ୍ନ ହୁଏ । ସାଧାରଣତଃ ତିବ୍ବତ୍, ଦାର୍ଜିଲିଙ୍ଗ, ନେପାଳ, ଭୁଟାନ୍, ଆଲ୍‌ମୋଡ଼ା, ରାମପୁର ଓ କାଶ୍ମୀରରୁ ବିକ୍ରୟାର୍ଥରେ କସ୍ତୁରୀ ଭାରତର ସବୁ ଆଡ଼େ ଆସିଥାଏ । ଏଥି ମଧ୍ୟରେ ତିବ୍ବତର କସ୍ତୁରୀ ସର୍ବୋତ୍କୃଷ୍ଟ, ଏହାଠାରୁ ହୀନ ଭୁଟାନର କସ୍ତୁରୀ ଏବଂ ତା'ଠାରୁ ନିକୃଷ୍ଟ କାଶ୍ମୀର କସ୍ତୁରୀ ଅଟେ । ବଡ଼ ବଡ଼ ବେପାରୀମାନେ ଖୋଲ କସ୍ତୁରୀ କଟନ୍ତିନାହିଁ ।

କାରଣ କି, ତନ୍ମଧ୍ୟରେ ନାନା ପ୍ରକାର କୃତ୍ରିମ ଜିନିଷ ମିଶି ଥିବାର ଖୁବ୍ ସମ୍ଭାବନା । କସ୍ତୁରୀ ବହୁମୂଲ୍ୟ ଦ୍ରବ୍ୟ ହେତୁରୁ ତନ୍ମଧ୍ୟରେ ଅନେକ ପ୍ରକାର କୃତ୍ରିମ ଜିନିଷ ମିଶାଇ ବେପାରୀମାନେ ଠକନ୍ତି । **କୃତ୍ରିମ ଓ ଅସଲ ମୃଗନାଭି ପରୀକ୍ଷା**—ବଜାରରେ ଯେତେ ପ୍ରକାର ଅସଲ ମୃଗନାଭି ବିକା ହୁଏ, ସେ ଗୁଡ଼ିକର ଅଧେ ଭାଗରେ ଲୋମଯୁକ୍ତ ମୃଗଚର୍ମ ରହେ, ଆଉ ଅଧେ ଭାଗରେ ମୃଗର ନାଭିସ୍ଥଳି ଠିକ୍ ପରିଷ୍କାର ଦେଖାଯାଏ । ସେଥିରେ କୌଣସି ଲୋମ ରହେନାହିଁ । ଅସଲ ମୃଗନାଭିର ଆକୃତି ଅନେକ ପ୍ରକାର । ଗୋଟାଏ ଗୋଟାଏ ମୃଗନାଭିର ଆକାର ଗୋଲ୍ ଲମ୍ବପରି, ଆଉ ଗୋଟାଏ ୨ ମୃଗନାଭିର ଆକାର ଚେପଟା । ଏହି ମୃଗନାଭି ସବୁ ନୂତନ ତାଜାମାଲ୍ ହୋଇଥାଏ, କେତେବେ ତାକୁ ହାତରେ ଚାପିଲେ କୋମଳ ହୁଏ ନାହିଁ । ବେପାରୀମାନେ ତାଜା ମୃଗନାଭିକୁ ହାତରେ ରଖି ସେଥିରେ କେତେକ ମାଲ୍ ଅଳ୍ପ ଏବଂ କେତେକ ଟାଲ୍ ଅଳ୍ପ, ତାହା ଭଲ ରୂପେ ଶୁଖି ଥାଅନ୍ତି । କିନ୍ତୁ କୃତ୍ରିମ ବା ନକଲି ମୃଗନାଭି ଏଥିରୁ ଭିନ୍ନଥାଏ । ନକଲି ମୃଗନାଭି ଗୋଲ୍ ଉପରେ ଏବଂ ତାର ଚାରିପାଖରେ ଲୋମ ଥାଏ । ସବୁ ପ୍ରଥମେ ମୃଗନାଭିକୁ ଏହି ପ୍ରକାର ପରୀକ୍ଷା କରିବା ପରେ କସ୍ତୁରୀ ପରୀକ୍ଷା କରାଯାଏ । **କସ୍ତୁରୀ ପରୀକ୍ଷା**—ପ୍ରାଚୀନ ବୈଦ୍ୟଶାସ୍ତ୍ରମାନଙ୍କରେ ଲେଖା ଅଛିଯେ—(*) ଯାର ଗନ୍ଧ କେତକୀ ଭଳି, ବର୍ଣ୍ଣ ପିଙ୍ଗଳ, ସ୍ୱାଦୁ, ତିକ୍ତ ଓ କଟୁ ଏବଂ ଶୁଙ୍ଘିଲେ ଯାହା ଅଳ୍ପ ଉଚ୍ଛ୍ୱାସ ରହେ, ଯାହାକୁ ମର୍ଦ୍ଦନ କଲେ ଚିକ୍କଣ ହୁଏ, ଅଗ୍ନିରେ ପକାଇଲେ ଭସ୍ମ ନହୋଇ ଚମି ଚମି ଶବ୍ଦ କରେ ଏବଂ ଚମ ପୋଡ଼ିଲା ପରି ଗନ୍ଧାଏ, ସେହି କସ୍ତୁରୀ ରାଜଯୋଗ୍ୟ ଓ ପ୍ରଶସ୍ତ । ଏହି ଲକ୍ଷଣ ଯହିଁରେ ନଥାଏ, ତାହା କୃତ୍ରିମ । ଏହାର ପରୀକ୍ଷା—ହାତରେ ଟିକିଏ ପାଣି ଧରି ତନ୍ମଧ୍ୟରେ କସ୍ତୁରୀ ପକାଇ କିଛି ସମୟ ରଖିଲେ ଯଦି ସେହି ଜଳ ରକ୍ତବର୍ଣ୍ଣ ଓ ପୀତବର୍ଣ୍ଣ ଦିଶେ, ତା ହେଲେ ସେହି କସ୍ତୁରୀ କୃତ୍ରିମ ବୋଲି ବୁଝିବ । ଏଥିଦ୍ୱାରା ଜଣା ପଡ଼ୁଛି ଯେ ପୂର୍ବକାଳରେ କସ୍ତୁରୀ ମୃଗର କେବଳ ରକ୍ତକୁ ଜମାଟ କରି ତଦ୍ଦ୍ୱାରା କୃତ୍ରିମ କସ୍ତୁରୀ ତିଆରି କରାଯାଉଥିଲା । ସେ ହେତୁରୁ ଉପରୋକ୍ତ ପରୀକ୍ଷା ସେ ସମୟରେ କାର୍ଯ୍ୟକାରୀ ହେଉଥିଲା । ବର୍ତ୍ତମାନ କାଳଚକ୍ରର ପରିବର୍ତ୍ତନରେ ସେହି ହଜାର ବର୍ଷ ତଳର କସ୍ତୁରୀ ପରୀକ୍ଷା ଯଥେଷ୍ଟ ହୋଇ ନପାରେ । କାରଣକି—ଆଜି କାଲି ମିଳୁଥିବା କୃତ୍ରିମ କସ୍ତୁରୀରେ ଉପରୋକ୍ତ କୃତ୍ରିମତାର ଲକ୍ଷଣ ଦେଖାଯାଏ ନାହିଁ । ସେ ହେତୁରୁ ବିଶେଷଜ୍ଞମାନେ କସ୍ତୁରୀକୁ ଜିଭରେ ରଖି ପରୀକ୍ଷା କରନ୍ତି । ଅସଲ କସ୍ତୁରୀ ଜିଭରେ ଲାଗିଲେ ତୁରନ୍ତ ଏକ ପ୍ରକାର ତିକ୍ତ ଓ କଟୁ ବୋଧହୁଏ, ଆମୋଦରେ ପୂର୍ଣ୍ଣ ହୁଏ ଏବଂ ମନ ପ୍ରଫୁଲ୍ଲିତ ହୋଇ ଉଠେ । କିନ୍ତୁ କୃତ୍ରିମ କସ୍ତୁରୀରେ ଏହି ଲକ୍ଷଣ ଦେଖା ଯାଏ ନାହିଁ । କୃତ୍ରିମ କସ୍ତୁରୀ ନିର୍ଗନ୍ଧ ଓ ନିରସ । ଅତି ଅଳ୍ପ ସମୟରେ ଏହାର ଗନ୍ଧ ଉଡ଼ିଯାଏ । ଯାହା ଅସଲ କସ୍ତୁରୀ ତାକୁ ହାତରେ ମର୍ଦ୍ଦିଲେ ଦୁଇ ଚାରି ଘଣ୍ଟା ପର୍ଯ୍ୟନ୍ତ ତାହାର ଗନ୍ଧ ଦୂର ହୁଏ ନାହିଁ । ଆଉ ଏକ ପରୀକ୍ଷା—କସ୍ତୁରୀକୁ ହାତରେ ମର୍ଦ୍ଦି, ତା ଉପରେ ରସୁଣ ଘଷିଲେ ମଧ୍ୟ କସ୍ତୁରୀର ଆମୋଦ ନଷ୍ଟ ହୁଏ ନାହିଁ । ଅସଲ କସ୍ତୁରୀ ଯନ୍ତ୍ର ମନ୍ତ୍ରାଦି ଲେଖନ କର୍ମରେ ଏବଂ ବିଳାସୀ ବିଳାସିନୀମାନଙ୍କର ଉପଭୋଗ୍ୟ ଦ୍ରବ୍ୟ ରୂପରେ ବ୍ୟବହୃତ ହୋଇଥାଏ ।

କସ୍ତୁରୀ—କଟୁ, ତିକ୍ତ, ଉଷ୍ଣ, ରୁକ୍ଷ ଓ ଅତ୍ୟନ୍ତ ଉତ୍ତେଜକ । ୧—କସ୍ତୁରୀ ଖାଇବା ମାତ୍ରେ ତାହା ରକ୍ତରେ ମିଶିଯାଇ ଧମନୀ, ସ୍ନାୟୁମଣ୍ଡଳୀ ଓ ହୃଦୟକୁ ଉତ୍ତେଜିତ କରେ, ମସ୍ତିଷ୍କ ଅବସ୍ଥିତ ମନକୁ ସ୍ଫୂର୍ତ୍ତି ଓ ଉଲ୍ଲାସ ଦିଏ, କାମ ଉଦ୍ଦୀପନ କରେ, ବଳ ଓ ଅଗ୍ନି ବୃଦ୍ଧି କରେ ଏବଂ ପକ୍ଷାଘାତ ପ୍ରଭୃତି ବାତରୋଗ ଓ ନ୍ୟୁମୋନିଆଁ ପ୍ରଭୃତି କଫ ପ୍ରଧାନ ରୋଗ ସମୂହକୁ ଉନ୍ମୂଳନ କରେ । ୨—କସ୍ତୁରୀ ସେବନ କଲେ କଫ, କାସ, ଶ୍ୱାସ, ଅଗ୍ନିମାନ୍ଦ୍ୟ, ରାଜଯକ୍ଷ୍ମା, ସନ୍ନିପାତ, ଉନ୍ମାଦ ଜନିତ ମସ୍ତିଷ୍କ ବିକାର, ବୁଦ୍ଧିମାନ୍ଦ୍ୟ, ମାନସିକ ଅସ୍ଥିରତା, ମୂର୍ଚ୍ଛା, ଅସ୍ମୃତି, ଗ୍ରହଣୀ, ବସ୍ତିଦୋଷ, ଆମବାତ, କ୍ରିମି, ଶୋଥ, ସର୍ବାଙ୍ଗ ବାତ, ରକ୍ତପିତ୍ତ, ଶିରୋରୋଗ ଓ କଳାସ କୁଷ୍ଠ ନିବାରଣ ହୁଏ, କାନ୍ତି ଓ ବୀର୍ଯ୍ୟ ବୃଦ୍ଧି ହୁଏ, ଇନ୍ଦ୍ରିୟମାନଙ୍କର ଦୁର୍ବଳତା ଓ ଶରୀରର ଦୌର୍ଗନ୍ଧ୍ୟ ଦୂର ହୁଏ, ଶରୀର ସୁଦୃଢ଼ ହୁଏ ଏବଂ ସର୍ବ ଓ

(*) ଯା ଗନ୍ଧଂ କେତକୀନାମ ପଦ୍ମରଜମନ୍ଦଂ ପିଙ୍ଗଳାଙ୍ଗୀ ବର୍ଣ୍ଣୈ—
ସ୍ୱାଦେ ତିକ୍ତା କଟୁ ର୍ବା ଲଘୁରପି ଲଘୁକା ମର୍ଦ୍ଦିତା ଚିକ୍କଣାସ୍ୟାତ୍ ॥
ଦାହଂ ବା ନୈବ ବହ୍ନୌ ଚମିଚମିତଚରଂ ଚର୍ମଗନ୍ଧା ହୁତାଶେ—
ସା କସ୍ତୁରୀ ପ୍ରଶସ୍ତା ବରମୃଗଜନିତା ରାଜତେ ରାଜଭୋଗ୍ୟା ॥
ଭାଜନେ ଜଳମଧ୍ୟେ ସ୍ଥାପୟିତ୍ୱା ମୃଗମଦ ଭୂରି
ମୁହୂର୍ତ୍ତମ୍ ଉଦକସ୍ଥାଂ କସ୍ତୁରୀଂ ସ୍ଥାପିତେଽସ୍ତୁ ॥
ଭବତି ଯଦି ସରକ୍ତଂ ହେମଂ ପୀତବର୍ଣ୍ଣଂ
ଭଜତି ମୃଗନାଭିଃ କୃତ୍ରିମୋଽୟଂ ଭବେତ୍ ॥

ମୂଣ୍ଡ ବ୍ୟଥା ପ୍ରଶମିତ ହୁଏ । ୩—ଉନ୍ମତ୍ତ ଶୃଗାଳ ଦଂଶନ ଜନିତ ବିଷ ବିକାରରେ କସ୍ତୁରୀ ବିଶେଷ ଉପକାର କରେ । ମେଘାଚ୍ଛନ୍ନ ଦିବସମାନଙ୍କରେ କସ୍ତୁରୀ ସେବନ କଲେ ଜଡ଼ତା ଓ ଗ୍ଲାନି ବିଦୂରିତ ହୁଏ । କସ୍ତୁରୀ ସାଧାରଣତଃ ଦେଶୀପାନ ସହିତ ସେବନ କରାଯାଏ । ଦୀର୍ଘକାଳ ଅଧିକ ମାତ୍ରାରେ କସ୍ତୁରୀ ସେବନ କଲେ ଦେହ ପୀତବର୍ଣ୍ଣ ହୁଏ ଏବଂ ଚକ୍ଷୁ କ୍ଷୀଣ ହୋଇଯାଏ । ଏହାର ପ୍ରତିକାରାର୍ଥେ—୧ ଶୀନକର୍ପୂର, ୨ ଆଲଗାକର୍ପୂର, ୩ ଚନ୍ଦନ, ୪ ପନ୍ନରପାଣି, ୫ ଚିନି ମିଶ୍ରିତ ଘିଅ, ୬ ଅଁଳାକୋଳି ଚୂର୍ଣ୍ଣ ସେବନ କରିବ । କସ୍ତୁରୀ ମାତ୍ରା—ଏକ ଅଷ୍ଟମାଂଶ ଗ୍ରାମଠାରୁ ତିନି ଚତୁର୍ଥାଂଶ ଗ୍ରାମ । ମୃଗମଦାସବ—କସ୍ତୁରୀ, ଶୁଦ୍ଧଶିଳାଜିତ, କୁଙ୍କୁମଫୁଲ, ଲୁବାନ, ପ୍ରତ୍ୟେକ ଦଶଗ୍ରାମ । ଅଫିମ ପାଞ୍ଚଗ୍ରାମ, ଅମ୍ବର ତିନି ଗ୍ରାମ, କର୍ପୂର ତିନି ଗ୍ରାମ, ଏହି ସମସ୍ତ ଦ୍ରବ୍ୟକୁ ବାଟି ରେକ୍ଟିଫାଇଡ ସ୍ପିରିଟ୍ ଦେଢଶହ ଗ୍ରାମ ସହ ମିଶାଇ ବୋତଲରେ ଭରତି କରି ମଜବୁତ୍ କାର୍କ ଲଗାଇ ଆଚ୍ଛାଦନ ଦେବ । ପ୍ରତ୍ୟେକ ଦିନ ଦୁଇ ତିନି ଥର ହଲାଇବାକୁ ହେବ । ତା'ପରେ ବ୍ୟବହାର କରିବ । ମାତ୍ରା—ପାଞ୍ଚଠାରୁ ଦଶବିନ୍ଦୁ । ଅନୁପାନ ଏକ ଚାମଚ ଦୁଧ, ପରେ ଯଥେଷ୍ଟ ଦୁଧ ପିଇବ । ଉପଯୋଗ—ସ୍ତମ୍ଭନ ଏବଂ ପୁଷ୍ଟି ସାଧନ ପାଇଁ ଏହା ଅପୂର୍ବ ଯୋଗ, ସେବନର ପାଞ୍ଚମିନିଟ୍ ମଧ୍ୟରେ ନିଜର ଗୁଣ ପ୍ରକାଶ କରିବ । ପ୍ରେରିତ (ବୈଦ୍ୟ ବାଚସ୍ପତି ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ କୃତ)

**୧୫୩—କାଇତପୋକ**— ଏହି ପୋକ ଆମ୍ବଗଛ-ମାନଙ୍କରେ ରହେ । ଏହାର ସଂସ୍କୃତ ନାମ—ଗଣ୍ଡଗୋପାଳିକା । ଏହାକୁ ବଙ୍ଗଳାରେ ଗଣ୍ଡଗୋଲ୍ଲାଗି ବୋଲନ୍ତି । ୧—କାଇପୋକ ଗୁଣ୍ଡିଏ ଆଣି ଚକ୍‌କଣ କରି ବାଟି ଗଳାରେ ଲେପନ କଲେ ଗଳଗଣ୍ଡରୋଗ ବିନଷ୍ଟ ହୁଏ ।

**୧୫୪—କାଇଞ୍ଚଲଚ୍ଚ**—Abrs Precotorius. କାଇଞ୍ଚ ଦୁଇପ୍ରକାର—ରଙ୍ଗ ଓ ଧୋବ । ରଙ୍ଗ କାଇଞ୍ଚର ସଂସ୍କୃତ ପର୍ଯ୍ୟାୟ—ରକ୍ତଗୁଞ୍ଜା, ଚୂଡ଼ାମଣି ଏବଂ ଉଚ୍ଚଟା । ଧୋବକାଇଞ୍ଚର ସଂସ୍କୃତ ପର୍ଯ୍ୟାୟ—ଶ୍ୱେତଗୁଞ୍ଜା, ଶ୍ୱେତକାମ୍ବୋଜୀ ଓ ଶିତୋଚ୍ଚଟା । କାଇଞ୍ଚକୁ ବଙ୍ଗଭାଷାରେ କୁଁଚ, ହିନ୍ଦୀରେ ଘୁଁଘଚୀ, ଚିରମିଠୀ ଏବଂ ତେଲୁଗୁରେ ଗୁରୁବନ୍ଧା ବୋଲନ୍ତି । କାଇଞ୍ଚମଞ୍ଜୀ ଏକ ପ୍ରକାର ଉପବିଷ । ତେଣୁ ଏହାକୁ ଶୋଧନ କରି ପ୍ରୟୋଗ କରିବ । **କାଇଞ୍ଚମଞ୍ଜୀ ଶୋଧନ**—କାଇଞ୍ଚ ମଞ୍ଜୀକୁ ଦୋଳାଯନ୍ତ୍ରରେ କାଞ୍ଜିରେ ଏକପ୍ରହର ସିଝା କରି ଚୋପା ବାହାର କରିଦେଇ ଖରାରେ ଶୁଖାଇଲେ ବ୍ୟବହାର ଉପଯୋଗୀ ହୁଏ । କାଇଞ୍ଚଗଛର ପତ୍ର, ମୂଳ ଓ ବୀଜ ଔଷଧାର୍ଥରେ ବ୍ୟବହୃତ ହୁଏ । **କାଇଞ୍ଚପତ୍ର**—ଏହା ଅତି ମଧୁର । ୧—ଶୀତଳମରିଚ ଓ ଚିନି ସହିତ ଏହା ଚୋବାଇ ଖାଇଲେ ସ୍ୱରଭଙ୍ଗ, ଗଳକ୍ଷତ ଏବଂ ଦହିବନ୍ଧୁପରି ଗୁଣ୍ଡରେ ହେବା ଚ୍ରେଟ ଚ୍ରେଟ ଘା' ଭଲ ହୁଏ । ଧୋବକାଇଞ୍ଚପତ୍ର, ମଞ୍ଜୁଆତିପତ୍ର, ଜିରା ଓ ଚିନି ଏକତ୍ର ବାଟି ସେବନ କଲେ ରକ୍ତମିଶ୍ରିତ ଶୁକ୍ରମେହ ନିବାରିତ ହୁଏ । ୨—ଧୋବକାଇଞ୍ଚର ପତ୍ର ଓ ଚଢ଼ାପାରୁ ମୂଳ ଏକତ୍ର ବାଟି ଲେପନ କଲେ (Leucoderma) ଶ୍ୱିତ୍ରରୋଗ ନଷ୍ଟ ହୁଏ । ୩—ମୁଣ୍ଡରୁ ବାଳ ଉପୁଡ଼ିଯାଇ ଟକଟା ୨ ଚନ୍ଦାମୁଣ୍ଡିଆ ଚିହ୍ନ ଦେଖାଯାଉଥିଲେ ତହିଁରେ ଉପରୋକ୍ତ ପ୍ରଲେପ ବିଶେଷ ଉପକାର କରେ । କାଇଞ୍ଚରପତ୍ର କ୍ଷତନାଶକ ଏବଂ ଏହାର ମୂଳ ଶୂଳ-ହାରକ ଅଟେ । ୪—କାଇଞ୍ଚମୂଳ କଲ୍କରେ ତେଲପାକ କରି ଏହା ଲିଙ୍ଗରେ ମାଲିସ କଲେ ଲିଙ୍ଗ ଖୁବ୍ ଟାଣ ହୁଏ । ଉଭୟ ପ୍ରକାର **କାଇଞ୍ଚମଞ୍ଜୀ**—ତିକ୍ତ ଏବଂ ଉଷ୍ଣ । ଏହା ସେବନ କଲେ ବାତ, ପିତ୍ତ, ଜ୍ୱର, ମୁଖଶୋଷ, ଭ୍ରମ, ଶ୍ୱାସ, ତୃଷ୍ଣା, ମଦ, କଣ୍ଡୁ, ବ୍ରଣ, କ୍ରିମି, ଇନ୍ଦ୍ରଲୁପ୍ତ, ରକ୍ତ ଓ ଶ୍ୱେତକୁଷ୍ଠ, ନେତ୍ରରୋଗ ଓ ଶିରୋରୋଗ ବିନଷ୍ଟ ହୁଏ । କାଇଞ୍ଚମଞ୍ଜୀ ସେବନ କଲେ କୌଣସି ଅନିଷ୍ଟ ହୁଏନାହିଁ । କିନ୍ତୁ କ୍ଷତ ସ୍ଥାନରେ ଏହା ଲେପନ କଲେ ବିଷ କିମ୍ବା ପ୍ରକାଶ ପାଏ । ଏହା ଖାଇଲେ ବାନ୍ତି ହୋଇ କଫ ନିର୍ଗତ ହୁଏ ଏବଂ କାସ ଓ ଗଣ୍ଡୋରସ୍ଥା ମେହ ରୋଗରେ ଉପକାର ହୁଏ । କାଇଞ୍ଚ ମଞ୍ଜୀ ମଧୁ ସହିତ ବାଟି କ୍ଷତ ସ୍ଥାନରେ ଲଗାଇଲେ କ୍ଷତର ଦୂଷିତ ମାଂସ ଦୂର ହୁଏ । ଧୋବକାଇଞ୍ଚମଞ୍ଜୀ ବାଟି ରାଶିତେଲ ମିଶାଇ ମୁହଁରେ ମାଲିସ କଲେ ମୁହଁର ବିବର୍ଣ୍ଣତା ଓ କଳାଦାଗ ଉଠିଯାଏ । ୫—ରଙ୍ଗ କାଇଞ୍ଚମଞ୍ଜୀର ଚୂର୍ଣ୍ଣକୁ ମହୁରେ ବାଟି ବଳିତା ପରି କରିବ । ଏହି ବଳିତାକୁ ଅଳ୍ପ ସମୟ ଯୋନିରେ ଧାରଣ କଲେ ବିସ୍ତୀର୍ଣ୍ଣ ଯୋନିର ଛିଦ୍ର ସଙ୍କୀର୍ଣ୍ଣତା ପ୍ରାପ୍ତ ହୁଏ । ୬—ଋତୁସ୍ନାନ ପରେ ଗୋଟିଏ ଧୋବକାଇଞ୍ଚମଞ୍ଜୀ ଗିଳିଖାଇଲେ ଏକ ବର୍ଷ ପର୍ଯ୍ୟନ୍ତ ଗର୍ଭ ଉତ୍ପନ୍ନ ହୁଏନାହିଁ । ଦୁଇଟି ମଞ୍ଜୀ ଖାଇଲେ ଦୁଇବର୍ଷ ପର୍ଯ୍ୟନ୍ତ ଏବଂ ରଙ୍ଗକାଇଞ୍ଚ ମଞ୍ଜୀ ଋତୁସ୍ନାନ ପରେ ଜୀବନ ପର୍ଯ୍ୟନ୍ତ ସେବନ କଲେ ଯାବଜ୍ଜୀବନ ଗର୍ଭ ଉତ୍ପନ୍ନ ହୁଏନାହିଁ । ୭—କାଇଞ୍ଚମଞ୍ଜୀକୁ ଚୂର୍ଣ୍ଣକରି ତେଲରେ ଫୁଟାଇ ଏହି ତେଲ କାନରେ ପକାଇଲେ କାନଟଣା ଭଲହୁଏ । (ହା, ଦ୍ର, ଗୀ) ବୈଦ୍ୟଶାସ୍ତ୍ରରେ କାଇଞ୍ଚର ପ୍ରୟୋଗ ଯଥା—**ଇନ୍ଦ୍ରଲୁପ୍ତରୋଗେ** ୮—ମୁଣ୍ଡରୁ ବାଳ ଉପୁଡ଼ି ଯାଉଥିଲେ ସେହିସ୍ଥାନକୁ କାଚ କମ୍ବା ଛୁରିଦ୍ୱାରା ଅଳ୍ପ ଘଷିଦେଇ କାଇଞ୍ଚପତ୍ର ବଟା ତହିଁରେ ଲେପନକଲେ ବାଳ ଉଠେ । (ସୁଶ୍ରୁତ) **ବାଜୀକରଣାର୍ଥେ** ୯—ଶୋଧିତ କାଇଞ୍ଚ ମଞ୍ଜୀର ଚୂର୍ଣ୍ଣ ଧାରୋଷ୍ଣ ଦୁଗ୍ଧ ସହିତ

ସେବନ କଲେ ଉପକାର ହୁଏ । (ସୁଶ୍ରୁତ) **ଦୃଷ୍ଟିଜନିତ ଚକ୍ଷୁରୋଗରେ**—୧୦—କାଇଁଆମଞ୍ଜିର ମାଳା ଗୁନ୍ଥିଲା ବା କୁଣ୍ଡଳି କରି ପିଲାମାନଙ୍କର ଗଳାରେ ବାନ୍ଧିଲେ ସେମାନଙ୍କର ଦୃଷ୍ଟି ଦୋଷ ନଷ୍ଟ ହୋଇ ଆରୋଗ୍ୟ ଲାଭ ହୁଏ । **କର୍ଣ୍ଣପାଳୀବର୍ଦ୍ଧନାର୍ଥେ**—୧୧— କାଇଁଆମଞ୍ଜିକୁ ଉତ୍ତମ ରୂପେ ଚୂର୍ଣ୍ଣ କରି ମୈଁଷୀ ଦୁଧରେ ମିଶାଇ ଏହି ଦୁଧରୁ ଦହି ପ୍ରସ୍ତୁତ କରିବ । ଏହି ଦହିରୁ ନହୁଣୀ ବାହାର କରି କାନପତାରେ ମାଲିସ କଲେ କାନପତା ବଢ଼େ । (ଚକ୍ରଦତ୍ତ) **ପିତ୍ତଜବିସର୍ପେ**—୧୨—ପିତ୍ତଜ ବିସର୍ପରୋଗରେ କାଇଁଆପତ୍ରର ପ୍ରଲେପ ହିତକର । (ହାରିତ) **ଦାରୁଣକ ରୋଗେ**—୧୩—କାଇଁଆମଞ୍ଜିର କଳ୍କ ଓ ଭୃଙ୍ଗରାଜ ରସରେ ଯଥାବିଧି ତୈଳପାକ କରି ଏହି ତୈଳ ମର୍ଦ୍ଦନ କଲେ ମୁଣ୍ଡରେ ହେଉଥିବା ରୂପୀ, ଦାଦ୍, କଣ୍ଡୁ ଓ ଦାରୁଣକ ନାମକ ଶିରୋରୋଗ ବିନଷ୍ଟ ହୁଏ । (ଭାବପ୍ରକାଶ । କାଇଁଆମୂଳ ଓ ମଞ୍ଜିର କଳ୍କ ଏକଭାଗ, ଚାରିତେଲ ଚୁଇଭାଗ ଏବଂ ତୈଳର ଚାରିଗୁଣ ଜଳ ସହିତ ପଚାଇ ବିଧି ତୈଳ ପାକ କରିବ । ଏହି ତୈଳ ମର୍ଦ୍ଦନ କଲେ ଏବଂ ଏହାର ନସ୍ୟ ପ୍ରୟୋଗ କଲେ ଅତି ଭୟଙ୍କର ଗଣ୍ଡମାଳା ରୋଗ ପ୍ରଶମିତ ହୁଏ । (ବଙ୍ଗସେନ) **ଗୃଧ୍ରସିରୋଗେ**—୧୪—ଗୃଧ୍ରସୀବାତରୋଗରେ କଟି ଜଙ୍ଘା ଜୋଡସନ୍ଧିର ଶିରକୁ ଦୁଇ ସ୍ଥାନରେ ବନ୍ଧକରି ତହିଁରେ କାଇଁଆପତ୍ର ବାଟି ଲେପନ କଲେ ତତ୍କାଳରେ ବେଦନା ବିନଷ୍ଟ ହୁଏ । ଶିରାବିଦ୍ଧ ନକରି କାଇଁଆମଞ୍ଜି ଲେପନ କଲେ ମଧ୍ୟ ଉପକାର ହୁଏ (ବଙ୍ଗସେନ) । ଅଶୋଧିତ କାଇଁଆମଞ୍ଜି ସେବନ କଲେ ବାନ୍ତି ଓ ବିରେଚନ ହୋଇ ବିଷ ଲକ୍ଷଣ ପ୍ରକାଶ ପାଏ । **କାଇଁଆବିଷପ୍ରଶମନାର୍ଥୀ**—୧୫— କାଣିଲେଉଟିଆ ରସ, ଦୁଧ ଓ ଚିନି ଏକାଠେ ମିଶାଇ ପିଇଲେ କାଇଁଆମଞ୍ଜିର ବିଷ ବିକାର ବିନଷ୍ଟ ହୁଏ । ପତ୍ରରସର ମାତ୍ରା—୨୦—୪୦ ଗ୍ରାମ, ବୀଜଚୂର୍ଣ୍ଣ—ଦେଢ଼ଠାରୁ ୩ ଗ୍ରାମ ।

**୧୪୫—କାଇଁଆଗଛ**—ଏହାକୁ ତେଲୁଗୁ ଭାଷାରେ ଦେଶବାଲୁଗୁଞ୍ଜୁରୁ ବୋଲନ୍ତି । କାଇଁଆ ପତ୍ରକୁ ଅମ୍ବିଳ କରି ଖାଇଲେ ମଳାବରୋଧ ନିବାରିତ ହୁଏ । ୧—ଏହି ପତ୍ରକୁ ସିଝାଇ ଅପକ୍ୱ ବ୍ରଣଶୋଥ (ବଥ) ରେ ଗରମ କରି ବାନ୍ଧିଲେ ବ୍ରଣ ପାଚି ଫାଟିଯାଏ । କାଇଁଆଫୁଲ ରସରେ ନବାତ ମିଶାଇ ଖାଇଲେ ପିତ୍ତଶାନ୍ତ ହୁଏ । କାଇଁଆଫଳ ମୃଦୁ ବିରେଚକ ଓ ପିତ୍ତଶାନ୍ତ କାରକ ।

**୧୪୬—କାକଜଙ୍ଘାଗଛ**—Leea hirta. କାକଜଙ୍ଘାର ସଂସ୍କୃତ ନାମ ସୁଲୋମଶା, ପାରାବତପଦୀ ଓ ନଦୀକାନ୍ତା । ଏହାକୁ ବଙ୍ଗଳାରେ କାଣ୍ଡାଗୁଡ଼ଗାଁଉଲି, କାଉଯାଠେଙ୍ଗା, କାଉଠ୍ୟାଟ୍ରେଣ୍ଟୀ, ହିନ୍ଦୀରେ କାକଜଂଘା, ମସୀ, ତେଲୁଗୁରେ କାକିଦୁଣ୍ଡିନଟିକ ବୋଲନ୍ତି । ଏହାର ସମୂଳ ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ରସ ବା କ୍ୱାଥ ତିକ୍ତ ଏବଂ ଉଷ୍ଣ । ଏହା ସେବନ କଲେ କଫ, କ୍ରିମି, ବ୍ରଣ, ରକ୍ତପିତ୍ତ, ବାଧିର୍ଯ୍ୟ, ବିଷମଜ୍ୱର, ଅପସ୍ମାର, କଣ୍ଡୁ ଓ ବିଷଦୋଷ ନଷ୍ଟହୁଏ ଏବଂ କାନ୍ତି ବୃଦ୍ଧି ହୁଏ । ବୈଦ୍ୟଶାସ୍ତ୍ରରେ କାକଜଂଘାର ବ୍ୟବହାର । ଯଥା—**ଅନିଦ୍ରାରୋଗେ**—୧—କାକଜଂଘାର ମୂଳ ମସ୍ତକରେ ଧାରଣ କଲେ ଅନିଦ୍ରାରୋଗର ନିଦ୍ରା ହୁଏ (ଚକ୍ରଦତ୍ତ) । **ଯକ୍ଷ୍ମାରୋଗେ**—୨—ଦୁଧ ସହିତ କାକଜଂଘାର କଳ୍କ ସେବନ କଲେ ଯକ୍ଷ୍ମାରୋଗରେ ଉପକାର ହୁଏ ( ଚକ୍ରଦତ୍ତ ) **ପ୍ଲୀହୋଦରରୋଗେ**—୩—କାକଜଂଘାର କ୍ୱାଥରେ ସୈନ୍ଧବ ଓ ତନ୍ତୁଲୀ ମିଶାଇ ପାନ କଲେ ପ୍ଲୀହୋଦର ରୋଗରେ ସୁଫଳ ଲାଭ ହୁଏ । (ଚକ୍ରଦତ୍ତ) **ରକ୍ତକ୍ରିମିରୋଗେ**—୪— କାକଜଂଘାର ମୂଳକୁ ତେଲବାଇ କଳରେ ଲାଗିଲେ ପୋକଖିଆ ଦାନ୍ତର ପୋକ ଝଡ଼ି ପଡ଼େ ( ଚକ୍ରଦତ୍ତ ) । **ଶ୍ୱେତପ୍ରଦରେ** ଗୁଡ଼ଳଧୁଆପାଣି ସହିତ କାକଜଂଘାର ମୂଳ ବାଟି ଖାଇଲେ ଶ୍ୱେତପ୍ରଦର ଶାନ୍ତ ହୁଏ । ମାତ୍ରା—ମୂଳର କଳ୍କ ଦେଢ଼ଗ୍ରାମ ଠାରୁ ୩ ଗ୍ରାମ , କ୍ୱାଥ ୫୦—୧୦୦ ଗ୍ରାମ । କାକଜଂଘାର ପରିଚୟ ସମ୍ବନ୍ଧେ ଆମେ ସନ୍ଧାନ ହୋଇ ପଞ୍ଜାବ ଆୟୁର୍ବେଦିକ ଫାର୍ମେସୀରୁ କେତେଗୁଡ଼ିଏ ଗଛ ମଗାଇ ଦେଖିଲୁ ଯେ— ଆମଦେଶରେ ଯାହାକୁ ଫୋଟକାଗଛ ବୋଲନ୍ତି, ତା'ର ସଂସ୍କୃତ ନାମ—କାକଜଙ୍ଘା । କିନ୍ତୁ ଏ ପର୍ଯ୍ୟନ୍ତ କୌଣସିଠାରେ ଆମ୍ଭେ ଏହାକୁ ପରୀକ୍ଷା କରିନାହୁଁ । ଏହା ଏକପ୍ରକାର ସନ୍ଦିଗ୍ଧ ବନୌଷଧି ।

**୧୪୭-କାକନାସା-Gymurdma Sylvestre.** ଏହାର ସଂସ୍କୃତ ନାମ କାକାଙ୍ଗୀ, କାକତୁଣ୍ଡୀ, କାକତୁଣ୍ଡଫଳା ଓ କାକପ୍ରାଣା ଇତ୍ୟାଦି । ଏହାକୁ ବଙ୍ଗଳାରେ ବଡ଼ଶ୍ୱେତ-ଗୁଡ଼ଗାଁଉଲି ହିନ୍ଦୀରେ କୌଆଠୋଠୀ, ତେଲୁଗୁରେ ବେଲମୁ-ପଉଚେଟ୍ଟୁ, କାକଠୁଣ୍ଟୀ, କାକିଦୋଣ୍ଡଚେଟ୍ଟୁ, ପୁସଗୁଲିବନ-ଚେଟ୍ଟୁ ବୋଲନ୍ତି । ଏହାର ସମୂଳ ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା କଟୁ, ତିକ୍ତ ଓ ମଧୁର ରସ ଏବଂ ଶୀତବୀର୍ଯ୍ୟ । ଏହା ସେବନ କଲେ ଶୋଥ, ଅର୍ଶ, କ୍ରିମି, ଶ୍ୱେତକୁଷ୍ଠ ଏବଂ ପିତ୍ତରୋଗ ନିବାରିତ ହୁଏ, ଶରୀର ସୁଦୃଢ଼ ହୁଏ ଏବଂ ପାଳିତ୍ୟ ନଷ୍ଟହୁଏ । ଏହାର ରସ ବାନ୍ତିକାରକ ଓ ରସାୟନ । ରକ୍ତାତିସାର ରୋଗରେ ଏବଂ ଗଣ୍ଡୋରୋଗ ରୋଗରେ ଏହାର ରସ ସୁଫଳପ୍ରଦ । ଏହା ମଧ୍ୟ ଏକ ସନ୍ଦିଗ୍ଧ ବନୌଷଧି । ଏହାର ପ୍ରକୃତ ପରିଚୟ ଏ ପର୍ଯ୍ୟନ୍ତ ପାଇନାହୁଁ ।

**୧୫୮—କାକୁଡ଼ୀ—Cucumis utilatissimus.** ଏହାକୁ କର୍କଟିକାକୁଡ଼ି ମଧ୍ୟ ବୋଲନ୍ତି । ଏହାର ସଂସ୍କୃତପର୍ଯ୍ୟାୟ—କର୍କଟୀ, ବ୍ୟାଳପତ୍ରା, ତୋୟଫଳା ଓ କ୍ଷେମଣା । ଏହାକୁ ବଙ୍ଗଳାରେ କାଁକୁଡ଼, ହିନ୍ଦୀରେ କାକଡୀ ଏବଂ ତେଲୁଗୁରେ ଦୋସାକାୟ୍ବା ବୋଲନ୍ତି । ଏହାର ପତ୍ର, ଫଳ ଓ ବୀଜ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ର, ମଧୁର, ରକ୍ଷ, ପିତ୍ତନାଶକ, ରୁଚିକାରକ ଓ ମୂତ୍ର ପ୍ରବର୍ତ୍ତକ । କାକୁଡ଼ୀଫଳ ୧—ମଧୁର ଓ ଶୀତଳ । ଏହା ଖାଇଲେ ମଳରୋଧ, ମୂତ୍ରକୃଚ୍ଛ୍ର, ମୂତ୍ରାଘାତ, ଅର୍ଶ, ରକ୍ତପିତ୍ତ ଓ ମେହରୋଗରେ ଉପକାର ହୁଏ । କାକୁଡ଼ୀମଞ୍ଜୀ—କାକୁଡ଼ୀମଞ୍ଜୀର ଚୂର୍ଣ୍ଣ ସେବନ କଲେ ପ୍ରମେହ, ମୂତ୍ରକୃଚ୍ଛ୍ର ଓ ଦୌର୍ବଲ୍ୟ ଦୂରହୁଏ ଏବଂ ବୀର୍ଯ୍ୟବୃଦ୍ଧି ହୁଏ । କାକୁଡ଼ୀମଞ୍ଜୀରତେଲ—ଏହା ମଧୁର, ଶୀତଳ ଓ ଗୁରୁ । ଏହି ତୈଳ ସେବନ କଲେ ମଳମୂତ୍ରରୋଧ ନିବାରିତ ହୁଏ ଓ ବାତପିତ୍ତ ପ୍ରଶମିତ ହୁଏ । ଏହା କଫକାରକ ଓ ଅଗ୍ନିନାଶକ । ବୈଦ୍ୟଶାସ୍ତ୍ରରେ କାକୁଡ଼ୀର ପ୍ରୟୋଗ । ଯଥା—ମୂତ୍ରକୃଚ୍ଛ୍ରେ—୨—ଦ୍ରାକ୍ଷାର କ୍ୱାଥ ସହିତ କାକୁଡ଼ୀମଞ୍ଜୀର ଚୂର୍ଣ୍ଣ ମିଶାଇ ସେବନ କଲେ ସକଳପ୍ରକାର ମୂତ୍ରକୃଚ୍ଛ୍ର ନିବାରିତ ହୁଏ । (ଚରକ) ମୂତ୍ରରୋଧଜନିତ ଉଦାବର୍ତ୍ତେ ୩—କାକୁଡ଼ୀମଞ୍ଜୀକୁ ଉତ୍ତମରୂପେ ବାଟି ତହିଁରେ ସୈନ୍ଧବ ମିଶାଇ ମୂତ୍ରରୋଧ ଜନିତ ଉଦାବର୍ତ୍ତ ରୋଗରେ ପାନ କରିବ (ସୁଶ୍ରୁତ) ମୂତ୍ରାଘାତରୋଗେ—କାକୁଡ଼ୀମଞ୍ଜୀ ୨° ଗ୍ରାମ ଅଳ୍ପ ସୈନ୍ଧବ ଯୋଗରେ ପେଷଣ କରି କାଞ୍ଜୀ ସହିତ ପାନ କଲେ ମୂତ୍ରରୋଧ ନିବୃତ୍ତ ହୁଏ (ସୁଶ୍ରୁତ) ।

**୧୫୯—କାକୋଳୀ—Berry of the calculus Indicus.** ଏହାର ସଂସ୍କୃତ ପର୍ଯ୍ୟାୟ—କାକୋଳୀ, ଶାବରୀ ଓ ବୟସା । ଏହାକୁ ବଙ୍ଗଳାରେ କାଁକ୍ଲା ଏବଂ ତେଲୁଗୁରେ ତେଲ୍ଲମଣିଚେଟ୍ଟୁ ବୋଲନ୍ତି । ଏହା ଏକ ପ୍ରକାର ମଧୁର ଓ ଗନ୍ଧଯୁକ୍ତ କନ୍ଦା । କାଟିଲେ ଏଥିରୁ ଅଠା ବାହାରେ । ଏହା ମଧୁର, ସ୍ନିଗ୍ଧ, କଫକାରକ, ବୀର୍ଯ୍ୟବର୍ଦ୍ଧକ ଏବଂ କ୍ଷୟ, ପିତ୍ତ; ବାତ, ରକ୍ତ, ଦାହ ଓ ଜ୍ୱର ରୋଗର ଉପଶମ କାରକ । ଏହା ଅଷ୍ଟବର୍ଗର ଅନ୍ତର୍ଗତ ଦ୍ରବ୍ୟ । କ୍ଷୀରକାକୋଳୀ ଯେଉଁ ଯେଉଁ ଭୂମିରେ ଉତ୍ପନ୍ନ ହୁଏ, କାକୋଳୀ ମଧ୍ୟ ସେହି ଭୂମିରେ ଜାତ ହୁଏ । ବହୁକାଳ ହେଲା ଏ ଦେଶରେ କାକୋଳୀ ଦୁର୍ଲଭ । ଏହି କାରଣରୁ ଏ ଦେଶର ବୈଦ୍ୟମାନେ କାକୋଳୀର ଅଭାବରେ ଅଶ୍ୱଗନ୍ଧା କିମ୍ବା ଶତାବରୀ ପ୍ରୟୋଗ କରିବ ବୋଲି ଉପଦେଶ ଦେଇଛନ୍ତି ।

**୧୬୦—କାଗଜୀଲେମ୍ବୁ—ଲେମ୍ବୁ ଦେଖ ।**

**୧୬୧—କାଙ୍କଡ଼ଗଛ—Alangium hexapetalum.** ଏହାର ସଂସ୍କୃତ ପର୍ଯ୍ୟାୟ—କାଙ୍କୋଟକୀ, ଅରଣ୍ୟକର୍କଟୀ, ମହାଜାଲୀ ଓ ବନ୍ଧ୍ୟା । ଏହାକୁ ବଙ୍ଗଳାରେ କାଁକରୋଲ, ହିନ୍ଦୀରେ ଜଙ୍ଗଲୀକରେଲା ଏବଂ ତେଲୁଗୁରେ ଆଗାକରକାୟ୍ବା ବୋଲନ୍ତି । ଏହାର ପତ୍ର, ଫୁଲ, ଫଳ ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ର ରସ ତିକ୍ତ ଓ ଶୀତଳ । ଏହା ସେବନ କଲେ କଫ, ପିତ୍ତ ଓ ଅର୍ଶରୋଗ ବିନଷ୍ଟ ହୁଏ, ଅଗ୍ନିଦୀପ୍ତି ହୁଏ ଏବଂ କାନ୍ତି ବୃଦ୍ଧି ହୁଏ । ସର୍ପବିଷନାଶାର୍ଥରେ କାଙ୍କଡ଼ ପତ୍ରର ରସ ସେବନ କରାଯାଏ । କାଙ୍କଡ଼ ଫୁଲର ଚୂର୍ଣ୍ଣ ସେବନ କଲେ ଜଳାସନ୍ଧ ଓ ଅରୁଚି ପ୍ରଶମିତ ହୁଏ । କାଙ୍କଡ଼ମୂଳ—ଏହା କଟୁ, ତିକ୍ତ ଓ ଉଷ୍ଣ । କାଙ୍କଡ଼ମୂଳ କନ୍ଦାକୁ ଚୂର୍ଣ୍ଣ କରି ସେବନ କଲେ କାସ, ଶୂଳ, ହୃଦ୍‌ରୋଗ, ଜ୍ୱର, କୃମି, କୁଷ୍ଠ, ମୂତ୍ରବ୍ୟାଧି ଏବଂ ନୂତନ ପୁରାତନ ସକଳ ପ୍ରକାର ବ୍ରଣ ନିବାରିତ ହୁଏ । ୧—ପ୍ରସୂତା ସ୍ତ୍ରୀମାନଙ୍କୁ କାଙ୍କଡ଼ କନ୍ଦାର ଚୂର୍ଣ୍ଣ ସେବନ କରାଇଲେ ସେମାନଙ୍କର ଦୁର୍ବଳତା ରକ୍ତ ଶୀଘ୍ର ବର୍ଦ୍ଧିତ ହୁଏ । ରକ୍ତାର୍ଶ ଓ ରକ୍ତ ସ୍ରାବୀ ରୋଗରେ କାଙ୍କଡ଼ କନ୍ଦାର ଚୂର୍ଣ୍ଣ ଦଧି ସହିତ ସେବନ କଲେ ଉତ୍ତମ ଉପକାର ହୁଏ । କାଙ୍କଡ଼ଫଳ—ଏହା ଅଳ୍ପ ତିକ୍ତ ଓ ଉଷ୍ଣ । ଏହା ତ୍ରିଦୋଷ, ଅର୍ଶ, ହୃଲ୍ଲାସ, ଚକ୍ଷୁରୋଗ, ଗୁଳ୍ମ, କାସ, ଶ୍ୱାସ, କୁଷ୍ଠ ଓ ପ୍ରମେହାଦି ରୋଗରେ ପଥ୍ୟ । ପକ୍ୱ କାଙ୍କଡ଼ ଫଳକୁ କାଟି ରାଶିତେଲରେ ଜୁଆଇ କଡ଼ାଇରେ ଖରାରେ ରଖିବ । ଯେତେବେଳେ ଏହି ତେଲ ରକ୍ତବର୍ଣ୍ଣ ଦେଖାଯିବ, ସେତେବେଳେ ଏଥିରେ ଖଣ୍ଡେ ତୁଳା ଭିଜାଇ ଏହି ତୁଳା ଖଣ୍ଡିକ ବ୍ରଣ ମୁଖରେ ଆଚ୍ଛାଦନ କଲେ ତହିଁରୁ ପୂଜ ପାଣି ବହିର୍ଗତ ହୋଇ ବ୍ରଣ ଶୁଖିଯାଏ । ମାତ୍ରା—ପତ୍ରରସ ୨°—୩° ଗ୍ରାମ, ମୂଳଚୂର୍ଣ୍ଣ ୧—୨ ଗ୍ରାମ, କ୍ୱାଥ ୨°—୪° ଗ୍ରାମ । ଅଫଳନ୍ତ କାଙ୍କଡ଼ ଗଛକୁ ବାଂଝକାଙ୍କଡ଼ ବୋଲଯାଏ । ବାଂଝକାଙ୍କଡ଼ ଦେଖ ।

**୧୬୨—କାଙ୍ଗୁ—Panicum Italicum.** ଏହାର ସଂସ୍କୃତ ପର୍ଯ୍ୟାୟ—କଙ୍ଗୁ, ପ୍ରିୟଙ୍ଗୁ ଓ ପୀତତଣ୍ଡୁଳ । କାଙ୍ଗୁକୁ ଗଞ୍ଜାମ ମାଲ ପ୍ରଦେଶରେ କୁହୁଡ଼ୀ ବୋଲନ୍ତି । ଏହାକୁ ବଙ୍ଗଳାରେ କାଉନ୍ ବା କାଉନଦାନା, ହିନ୍ଦୀରେ କଙ୍ଗଣୀ ଏବଂ ତେଲୁଗୁରେ କ୍ରେଙ୍ଗପେରୁଚେଟ୍ଟୁ ଓ କୋରଲୁ ବୋଲନ୍ତି । ଏହା ଏକ ପ୍ରକାର କ୍ଷୁଦ୍ରଧାନ୍ୟ । ଏହା ମଧୁର, ଶୀତଳ, ବାତବର୍ଦ୍ଧକ, ଭଗ୍ନାସ୍ଥି ସଂଯୋଜକ ଏବଂ ପିତ୍ତ, କଫ ଓ ଦାହ ନାଶକ ଅଟେ । ବୈଦ୍ୟଶାସ୍ତ୍ରରେ କାଙ୍ଗୁର ବ୍ୟବହାର ଯଥା—ରକ୍ତପିତ୍ତରୋଗେ—୧—ରକ୍ତପିତ୍ତ ରୋଗରେ କାଙ୍ଗୁ

ଗୁଡ଼ଲର ଅନ୍ନ ଅତୀବ ପଥ୍ୟ ଅଟେ । (ଚକ୍ରଦତ୍ତ) **ନାଡ଼ୀବ୍ରଣ** ୨—କୋଦଧାନର କାଞ୍ଜି ପ୍ରସ୍ତୁତ କରି ତହିଁରେ ମେଁଷୀ ଦହି ଓ କାଙ୍ଗୁ ମୂଳର ଚୂର୍ଣ୍ଣ ମିଶାଇ ଖାଇଲେ ପୁରାତନ ନାଡ଼ୀବ୍ରଣ (ନାଳୀଘା) ଆରୋଗ୍ୟ ହୁଏ (ଚକ୍ରଦତ୍ତ) । **ଅନ୍ନଦ୍ରବଶୂଳ** ୩—କାଙ୍ଗୁ ଗୁଡ଼ିଲର ପାୟସ ପ୍ରସ୍ତୁତ କରି ତହିଁରେ ଚିନି ମିଶାଇ ଖାଇଲେ ଅନ୍ନଦ୍ରବ ଶୂଳ ବିନଷ୍ଟ ହୁଏ (ବଙ୍ଗସେନ) । କଳା, ଧଳା, ରଙ୍ଗ ଓ ହଳଦିଆ ଭେଦରେ କାଙ୍ଗୁ ଚାରି ପ୍ରକାର । ଏଥି ମଧ୍ୟରେ ହଳଦିଆ କାଙ୍ଗୁହିଁ ଅଧିକ ଗୁଣ ବିଶିଷ୍ଟ ।

**୧୭୩—କାଚ**—ଏହା ଏକ ପ୍ରକାର କୃତ୍ରିମ ମୃତ୍ତିକା । କ୍ଷାର ଓ ବାଲି ପ୍ରଭୃତି ଧାତୁରୁ ଏହା ଉତ୍ପନ୍ନ ହୁଏ । କାଚ—ଉଷ୍ଣବୀର୍ଯ୍ୟ । ଏହାର ଅଞ୍ଜନ ବ୍ୟବହାର କଲେ ଦୃଷ୍ଟିଶକ୍ତି ବଢ଼େ । ଏହାର ଭସ୍ମ ଓ ପ୍ରୟୋଗ ବିଧି " ରସାୟନ ରହସ୍ୟ " ଗ୍ରନ୍ଥରେ ଦେଖ ।

**୧୭୪—କାଚଲବଣ—କଳାଲୁଣ ଦେଖ ।**

**୧୭୫—କାଞ୍ଜୀ**—Sour gruel. କାଞ୍ଜୀ ପ୍ରସ୍ତୁତ ବିଧି—ହିଙ୍ଗୁ ୪୦ ଗ୍ରାମ, ଶୁଣ୍ଠୀ ଓ ଜୀରା ପ୍ରତ୍ୟେକ ୮୦ ଗ୍ରାମ, ଢାଉଁଶପତ୍ର ଓ ହଳଦୀ ପ୍ରତ୍ୟେକ ୧୬୦ ଗ୍ରାମ, ରାଇ ଅଧସେର, କୋଳଥ, ଗୁଡ଼ିଲ ଓ ଲୁଣ ପ୍ରତ୍ୟେକ ଏକ ସେର ଏବଂ ତେଲ ପାଞ୍ଚ ସେର । ପ୍ରଥମେ କୋଳଥ ଓ ଗୁଡ଼ିଲକୁ ଅଲଗା ୨ ଆଠ ସେର ପାଣିରେ ସିଝାଇ ଚତୁର୍ଥାଂଶ ଜଳ ଅବଶେଷ ଥିବ ଓହ୍ଲାଇ କୋଳଥକୁ କନାରେ ଛାଣିବ । କିନ୍ତୁ ଗୁଡ଼ିଲକୁ ଛାଣିବ ନାହିଁ । ତା'ର ପରେ ଗୋଟିଏ ନୂଆଁ ହାଣ୍ଡି ଆଣି ତା'ର ଭିତରେ ସୋରିଷତେଲ ବୋଳି ଦେଇ ଦଶ ସେର ଗରମପାଣି ତହିଁରେ ଭର୍ତ୍ତି କରିବ । ସେଥିରେ ପୂର୍ବୋକ୍ତ ସିଝା କୋଳଥ ପାଣି ଏବଂ ପେଜ ସହିତ ସିଝା ହୋଇ ଥିବା ଭାତ ପକାଇବ । ହିଙ୍ଗୁ ଓ ଶୁଣ୍ଠୀ ପ୍ରଭୃତି ଚୂର୍ଣ୍ଣ କରି ତହିଁରେ ପକାଇ କାଠ ଚଟୁରେ ଘାଣ୍ଟି ଦେବ । ତା'ର ପରେ ସୋରିଷ ତେଲରେ ଭଜା ହୋଇଥିବା ବରବଟି ଅଧ ସେର ଗୁଣ୍ଡ କରି ତହିଁରେ ମିଶାଇବ । ଉପରେ ଢାଙ୍କୁଣୀ ଘୋଡ଼ାଇ ଉଭୟ ପାତ୍ରର ସନ୍ଧିସ୍ଥଳରେ ମାଟି ଲେପ ଦେଇ ଶୀତ ଋତୁରେ ସାତଦିନ ଏବଂ ଗ୍ରୀଷ୍ମ ଋତୁରେ ତିନିଦିନ ପର୍ଯ୍ୟନ୍ତ ରଖିବ । ତା'ର ପରେ ଢାଙ୍କୁଣୀ ଖୋଲି ପରିଷ୍କାର କନାରେ ଏହି କାଞ୍ଜୀ ଛାଣି ରଖିବ । ଏହି କାଞ୍ଜୀ ତୀକ୍ଷ୍ଣ, ଉଷ୍ଣ ଓ ଲଘୁ । ଏହା ରୁଚିକାରକ, ମଳଭେଦକ, ପାଚକ, ଅଗ୍ନିବର୍ଦ୍ଧକ, ବସ୍ତି—ଶୋଧକ, ଶ୍ରାନ୍ତି କ୍ଳାନ୍ତି ନିବାରକ ଏବଂ ଦାହ, ଜ୍ୱର, ବାନ୍ତି, ଶୂଳ, ତୃଷ୍ଣା, ଶରୀରକ୍ଷୀଣ ଓ ଅଜୀର୍ଣ୍ଣ ରୋଗରେ ଏବଂ ହୃଦ୍‌ରୋଗ, ପାଣ୍ଡୁ ଓ କୃମି ରୋଗରେ ଉପକାରକ । ଗରମ ଋତୁରେ ପାଣି ଦେଇ ସାଧାରଣଭାବେ ଘର ଉଆଣ କରାଯିବା କାଞ୍ଜୀରେ ମଧ୍ୟ ଲୁଣ ଓ ଗୋଲମରିଚ ଚୂର୍ଣ୍ଣ ମିଶାଇ କନାରେ ଛାଣି ପିଇଲେ ଅରୁଚି ଛାଡ଼େ ଏବଂ ଅଗ୍ନି ଓ କ୍ଷୁଧାଶକ୍ତି ବଢ଼େ । ୧—କାଞ୍ଜୀରେ ଗାମୁଛା ଓଦାକରି ଦେହରେ ଘୋଡ଼ାଇଲେ ଦାହ ଶାନ୍ତି ହୁଏ । ୨—କାଞ୍ଜୀ ସହିତ ତେଲ ପାକ କରି ଏହି ତେଲ ଦେହରେ ମାଲିସ କଲେ ଦାହଜ୍ୱର ପ୍ରଶମିତ ହୁଏ । ମୂର୍ଚ୍ଛା, ଭ୍ରମ, ମଦ, କଣ୍ଡୁ, କୁଷ୍ଠ ଓ ରକ୍ତପିତ୍ତ ରୋଗରେ କାଞ୍ଜୀ ପଥ୍ୟ ନୁହେଁ ।

**୧୭୬—କାଠଖୁମ୍ପା ପକ୍ଷୀ**—A Sort of wood-peclersyn Picus Bengalensis. ଏହାର ସଂସ୍କୃତ ନାମ—କାଷ୍ଠକୁଟ୍ଟକ ଓ ଶତଚ୍ଛଦ । ଏହାକୁ ବଙ୍ଗଳାରେ କାଠଠୋକରା ପକ୍ଷୀ ବୋଲନ୍ତି । ଏହାର ମାଂସ ଶୀତଳ, ଅଗ୍ନିବର୍ଦ୍ଧକ, ଲଘୁପାକ, ବଳକାରକ, ବୀର୍ଯ୍ୟବର୍ଦ୍ଧକ, ବାତନାଶକ ଓ ଅଶ୍ମରୀରୋଗରେ ହିତକର ।

**୧୭୭—କାଠଚମ୍ପା**—କାଠଚମ୍ପାକୁ ଗଞ୍ଜାମ ପୂର୍ବଖଣ୍ଡ ଅଞ୍ଚଳର ଲୋକେ ଗୋଲଚାପ କହନ୍ତି । ଏହା ଏକ ପ୍ରକାର ବୃକ୍ଷ । ଏହାର ପତ୍ର, ଫୁଲ, କ୍ଷୀର ଓ ଛାଲି ଔଷଧାର୍ଥରେ ବ୍ୟବହୃତ ହୁଏ । ୧—କାଠଚମ୍ପାର ପତ୍ର ବାଟି ତଦ୍ଦ୍ୱାରା ତେଲ କିମ୍ବା ଘୃତ ଯଥାବିଧି ପାକ କରିବ । ଏହା ମାଲିସ କଲେ କୁଷ୍ଠ, ଦାଦୁ, କାଛୁ, କଣ୍ଡୁ ଓ ନାନାବିଧ ଚର୍ମ ବିଷ ବିନଷ୍ଟ ହୁଏ । ୨—କାଠଚମ୍ପା ଛାଲିର ପ୍ରଲେପ ରକ୍ତଗ୍ରନ୍ଥି ବିନାଶ କରେ ଏବଂ ବାତବେଦନା ପ୍ରଶମନ କରେ । ୩—କାଠଚମ୍ପାରକ୍ଷୀର ତୀବ୍ର ବିରେଚକ ଓ ବାନ୍ତିକାରକ । ଏହି କ୍ଷୀର ଲିଙ୍ଗରେ ମାଲିସ କଲେ ଧ୍ୱଜଭଙ୍ଗ ଓ ଲିଙ୍ଗଶୈଥିଲ୍ୟ ନିବାରିତ ହୁଏ । ୪—ବାତ ବେଦନାକ୍ରାନ୍ତ ଅଙ୍ଗରେ ଏହି କ୍ଷୀରର ପ୍ରଲେପ ହିତକର । ଅଣ୍ଟାରେ କିମ୍ବା ପିଠିରେ ଦରଜ ହେଲେ ତହିଁରେ କାଠଚମ୍ପାର କ୍ଷୀର ଲଗାଇ ତା ଉପରେ ଏହି ଗଛର ପତ୍ର ପକାଇ ତା'ର ଉପରେ ଏହାର କୋମଳ ଡାଳକୁ ସିଝାଇ ସେକ ଦେଇବ । ଏଥିଦ୍ୱାରା ଶୀଘ୍ର ଦରଜ ଛାଡ଼ିଯାଏ । କାଠଚମ୍ପାର କ୍ଷୀର ଅଥବା ଏହାର ଛାଲି ଖାଇବା ଦ୍ୱାରା ଯଦି ଅଧିକ ବିରେଚନ ହୁଏ, ତା ହେଲେ ତା'ର ପ୍ରତିକାର ନିମିତ୍ତ ଚନ୍ଦନମିଶା ଗାଈଦହି କିମ୍ବା ହରିଡାର କ୍ୱାଥ ସେବନ କରିବ । ମାତ୍ରା—ଛାଲିର ଚୂର୍ଣ୍ଣ—୩—୯ ଗ୍ରାମ ।

**୧୭୮—କାଠିକାନ୍ଦୁଲ—କାନ୍ଦୁଲ ଦେଖ ।**

**୧୭୯—କାଣିକଲହଡ଼ିଆଲତା**—Seeds of pharbatis Nil. ଏହାର ସଂସ୍କୃତ ନାମ—କୃଷ୍ଣବୀଜ ଓ ଶ୍ୟାମବୀଜ । ଏହାକୁ ବଙ୍ଗଳାରେ କାଳାଦାନା, ହିନ୍ଦୀରେ କାଲାଦାନା ଏବଂ ତେଲୁଗୁରେ କୋଲ୍ଲିବିତୁଲୁ ବୋଲନ୍ତି । ଏହି ଗଛର ବୀଜ ଔଷଧାର୍ଥରେ ବ୍ୟବହୃତ ହୁଏ । କାଣିକଲହଡ଼ିଆ ମଞ୍ଜୀକୁ ଯୋଗେ

ନେଉ ଗୁଡ଼ମାଞ୍ଜୀ ବୋଲନ୍ତି । ୧—ଏହା ସ୍ନିଗ୍ଧ, ଉଷ୍ଣ, ଅଗ୍ନିବର୍ଦ୍ଧକ, ଶୋଥ ଓ ଉଦରରୋଗ ନାଶକ । ୨—ଜ୍ୱର, ଉଦରଶୂଳ, ମୂତ୍ରାଘାତ, ଉଦାବର୍ତ୍ତ, ରକ୍ତ ଓ ଆନାହ ରୋଗରେ ଏହା ବ୍ୟବହୃତ ହୁଏ । ୩—ଦେଢ଼ଗ୍ରାମ ଠାରୁ ପାଞ୍ଚ ଗ୍ରାମ ମାତ୍ରାରେ ଏହାର ଚୂର୍ଣ୍ଣ ସେବନ କଲେ ବିରେଚନ ହୁଏ ଏବଂ ପେଟରେ ଥିବା ସମସ୍ତ କୃମି ମରିଯାନ୍ତି । କାଳିକଇଞ୍ଚିଆ ମଞ୍ଜୀର ଚୂର୍ଣ୍ଣ ସେବନ କରିବାର ଅଧଘଣ୍ଟା ପରେ ବିରେଚନ ହୁଏ । ଅଧିକ ପରିମାଣରେ ଏହା ଖାଇଲେ ବାନ୍ତି ମଧ୍ୟ ହୁଏ । ୪—ଉପଯୁକ୍ତ ମାତ୍ରାରେ ଏହା ସେବନ କଲେ ମୈଥୁନବିକାର, ରକ୍ତଦୋଷ, ମୂର୍ଚ୍ଛା, ବିଷରୋଗ, କାସ, ଶ୍ୱାସ, ଗୁଳ୍ମ, ଶୂଳ, ପିତ୍ତ, ଉଦରରୋଗ ଓ ଆମଦୋଷ ବିନଷ୍ଟ ହୁଏ । କାଳିକଇଞ୍ଚିଆ ମଞ୍ଜୀକୁ ନିଆଁରେ ଭାଜି ଚୂର୍ଣ୍ଣ କରି ସେଥିରେ ଚତୁର୍ଥାଂଶ ଶୁଣ୍ଠିଗୁଣ୍ଡ ଓ ଅଳ୍ପ ମିଶ୍ରି ମିଶାଇ ଗରମ ଜଳ ସହିତ ପ୍ରୟୋଗ କରାଯାଏ । ଏହାର ମାତ୍ରା—୩—୫ ଗ୍ରାମ । ଅଙ୍କୋଲୀ ଫୁଲ ଗଛର ମଞ୍ଜୀ କୃଷ୍ଣବର୍ଣ୍ଣ ଓ ପୂର୍ବୋକ୍ତ ସମସ୍ତ ଗୁଣଯୁକ୍ତ ।

**୧୬୦-କାଣ୍ଟିଲେଉଟିଆଶାଗ—Amarantus Spinosus.** ଏହାର ସଂସ୍କୃତ ନାମ—ତଣ୍ଡୁଳୀୟ, ମେଘନାଦ ଓ ଅଳ୍ପମାରିଷ । ଏହାକୁ ବଙ୍ଗଳାରେ ଗୁଁପନଟେ, କୁଦେନଟେ, ହିନ୍ଦୀରେ ଚୌଲାଇକାଶାକ ଏବଂ ତେଲୁଗୁରେ ମୋଲକୁର ବୋଲନ୍ତି । ଏହାର ସମୂଳ ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । କାଣ୍ଟିଲେଉଟିଆର ରସ ମଧୁର ଓ ଶୀତଳ । ଏହା ପିତ୍ତ, ଦାହ, ଭ୍ରମ, ରକ୍ତାର୍ଶ, ବିଷ ଓ କାସ ପ୍ରଶମନକାରୀ, ଅରୁଚି ନାଶକରେ, ମଳମୂତ୍ର ରୋଧ ନିବାରଣ କରେ ଏବଂ ଅଗ୍ନିଦୀପ୍ତି କରେ । ଯଦି କେହି ମନୁଷ୍ୟ ସେବନ କରି ବିକାରଗ୍ରସ୍ତ ହେଲେ ତା'ର ପ୍ରତିକାରାର୍ଥେ ରୋଗୀକୁ କାଣ୍ଟିଲେଉଟିଆର ରସ ପାନ କରାଇବ । ବୈଦ୍ୟଶାସ୍ତ୍ରରେ କାଣ୍ଟିଲେଉଟିଆର ବ୍ୟବହାର ଯଥା—**ରକ୍ତପିତ୍ତରୋଗ**—୧—କାଣ୍ଟିଲେଉଟିଆ କ୍ୱାଥ, ରସ କିମ୍ବା କଳ୍କ ସେବନ କଲେ ରକ୍ତପିତ୍ତ ପ୍ରଶମିତ ହୁଏ (ଚରକ) । **ସର୍ବବିଷରୋଗରେ** ୨—କାଣ୍ଟିଲେଉଟିଆଶାଗ ସମସ୍ତ ବିଷଦୋଷ ନାଶକ (ଚରକ) । **ପ୍ରଦରରୋଗରେ**—୩—କାଣ୍ଟିଲେଉଟିଆମୂଳ ଚାଉଳଧୂଆପାଣି ସହିତ ବାଟି ପାନକଲେ ପ୍ରଦରରୋଗ ପ୍ରଶମିତ ହୁଏ । (ଚରକ) **ଅର୍ଶରୋଗରେ**—୪—ଅର୍ଶରୋଗର ଦୋଷ ସମ୍ପର୍କ ବିବେଚନା କରି କାଣ୍ଟିଲେଉଟିଆ ପ୍ରଭୃତି ଶାକ ତା'ର ଭୋଜନାର୍ଥରେ ବ୍ୟବସ୍ଥା କରିବ ( ସୁଶ୍ରୁତ ) । **ମୂଷିକବିଷରେ**—୫—ମୂଷିକଦଷ୍ଟ ବ୍ୟକ୍ତି କାଣ୍ଟିଲେଉଟିଆର ମୂଳ ବାଟି ଜଳରେ ମହୁ ମିଶାଇ ସେବନ କରିବ (ସୁଶ୍ରୁତ) **ଅନ୍ତର୍ଦାହରେ**—୬—କାଣ୍ଟିଲେଉଟିଆ ମୂଳକୁ ଉତ୍ତମରୂପେ ବାଟି ଜଳରେ ଚିନି ଓ ମହୁ ମିଶାଇ ଖାଇଲେ ଅନ୍ତର୍ଦାହ ନିବୃତ୍ତ ହୁଏ ( ଚକ୍ରଦତ୍ତ ) । **ରକ୍ତପିତ୍ତରୋଗରେ**—୭-କାଣ୍ଟିଲେଉଟିଆର ଶାଗ ରକ୍ତପିତ୍ତ ରୋଗୀର ପଥ୍ୟରୂପେ ବ୍ୟବସ୍ଥା କରିବ ( ଭାବପ୍ରକାଶ ) । **ବିଷଦୋଷରେ**—୮—କାଣ୍ଟିଲେଉଟିଆର ମୂଳ ବାଟି ତଣ୍ଡୁଳ ସହିତ ସେବନ କଲେ ବାନ୍ତିହୋଇ ବିଷଦୋଷ ନଷ୍ଟହୁଏ (ହାରୀତ) **ସ୍ତନକଣ୍ଟକରେ**—୯—ପଟକାଣ୍ଡ ବା ବେଢ଼ଅଙ୍ଗୁଳି ରୋଗରେ କାଣ୍ଟିଲେଉଟିଆର ମୂଳ ବାଟି ଲଗାଇଲେ ବେଦନା ଓ ପାକ ନିବାରିତ ହୁଏ । ରସର ମାତ୍ରା—୨୦—୫୦ ଗ୍ରାମ । କ୍ୱାଥ—୪୦—୮୦ ଗ୍ରାମ । **ତଣ୍ଡୁଳୀୟାସବ**—କାଣ୍ଟିଲେଉଟିଆ ପଞ୍ଚାଙ୍ଗ ଏକ ସେର, ଜଳ ତେର ସେର ଦେଇ ସିଝାଇବ । ଛ'ସେର ଅବଶେଷ ରହିଲେ ମାଟି ହାଣ୍ଡିରେ ଭରତି କରିବ । ସେଥିରେ ଧାତକୀଫୁଲ ଏକ ସେର, ଛଅ ସେର ଚିନି, ମହୁ ଦୁଇ ସେର ମିଶାଇ ପାତ୍ର ମୁହଁ ରୁନ୍ଧି କରି ଏକ ମାସ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା—ଅଧ ଆଉନ୍ସ ଠାରୁ ୧ ଆଉନ୍ସ । ଏହା ଅର୍ଶ, ରକ୍ତାତିସାର ରୋଗର ନାଶକ । (ଦ୍ର. ଆ. ଔ. ସ)

**୧୬୧-କାଣ୍ଡଶରଗଛ— Saccharum sara. Synpen-reed grass.** ଏହା ଏକପ୍ରକାର ଘାସ । ଏହାର ଫୁଲରେ ପ୍ରସ୍ତୁତ ମାଳର କଲମାରେ ସୁନ୍ଦର ଲୁଞ୍ଚଣୀ ତିଆରି କରି ବିକନ୍ତି । ଏହାର ସଂସ୍କୃତ ନାମ—ଶର, ବାଣ ଓ ଇକ୍ଷୁବେଷ୍ଟନ । ଏହାକୁ ବଙ୍ଗଳାରେ ଶରଗଛ, ହିନ୍ଦୀରେ କାଣ୍ଡା ସରପତ ଏବଂ ତେଲୁଗୁରେ ରେଲ୍ଲୁ ବୋଲନ୍ତି । ଏହା ମଧୁର, ତିକ୍ତରସ, ଶୀତଳ, ବଳବର୍ଦ୍ଧକ ଏବଂ ଦାହ, ତୃଷା, ମଦ, ଭ୍ରାନ୍ତି, ଆମଦୋଷ, ମୂତ୍ରକୃଚ୍ଛ୍ର, ବିସର୍ପ ଓ ନେତ୍ର ରୋଗରେ ହିତକର । ମାତ୍ରାରେ—୧୦—୪୦ ଗ୍ରାମ ।

**୧୬୨-କାନ୍ତପାଷାଣ— Load-stone.** ଏହାକୁ ଚୁମ୍ବକ ପଥର ବୋଲନ୍ତି । ଏହାକୁ ଶୋଧନ କରି ଔଷଧାର୍ଥରେ ବ୍ୟବହାର କରନ୍ତି । **କାନ୍ତପାଷାଣ ଶୋଧନ**—କାନ୍ତପାଷାଣକୁ ଚୂର୍ଣ୍ଣ କରି ପ୍ରଥମେ ଦୋଳାଯନ୍ତ୍ରରେ ମେଣ୍ଢୀ ଦୁଧରେ ଏକବାର ଏବଂ ଗାଈଘିଅରେ ଏକବାର ପାକ କରିବ । ତା'ଉପରେ ଲବଣ, କ୍ଷାର ଓ ଶତକାମୂଳ ରସରେ ଏକବାର ବଟୁଲଇ ପରେ ଆମ୍ଳବେତସରସ, ଜମ୍ବୀରରସ, ଲେମ୍ବୁରସ, ଅମ୍ଳପାଳଙ୍ଗରସ, ତେନ୍ତୁଳିରସ, କରଞ୍ଜୋଳୀରସ ଓ କରଞ୍ଜ ରସରେ ଏକ ଏକ ବାର ଭାବନା ଦେଲେ କାନ୍ତପାଷାଣ ଶୁଦ୍ଧ ହୁଏ । କାନ୍ତପାଷାଣ—ଶୀତଳ, ବିଷଦୋଷ ନାଶକ ଏବଂ, ମେଦ, ପାଣ୍ଡୁ, କ୍ଷୟ, କୁଷ୍ଠ, ମୂର୍ଚ୍ଛା ଓ ମୋହର ଉପଶମ କାରକ । ମାତ୍ରା—ଏକ ଅଷ୍ଟମାଂଶ ଠାରୁ ଦୁଇ ଅଷ୍ଟମାଂଶ ଗ୍ରାମ ।

୧୬୩—କାନ୍ତଲୌହ—ଚୁମ୍ବକଲୌହ ଅପେକ୍ଷା ଏହି ଲୌହ ଅଧିକ ଗୁଣଯୁକ୍ତ । ଏହା ଚତୁଃପ୍ରକାର—ଭ୍ରାମକ, କର୍ଷକ, ଦ୍ରାବକ ଓ ଚୁମ୍ବକ । କାନ୍ତଲୌହର ପରୀକ୍ଷା—ଯେଉଁ ଲୌହପାତ୍ରରେ ଜଳ ରଖି ତା ଉପରେ ତେଲବିନ୍ଦୁ ନିକ୍ଷେପ କଲେ ତାହା ବ୍ୟାପିଯାଏ ନାହିଁ, ଯହିଁରେ ହିଙ୍ଗୁ ପକାଇଲେ ତାହାର ଗନ୍ଧ ରହେ ନାହିଁ, ଯହିଁରେ ନିମ୍ବପତ୍ର ବାଟି ଲେପନ କଲେ ତାହା ତିକ୍ତ ରହେନାହିଁ, ଯହିଁରେ ଦୁଧ ଆଉଟିଲେ ତାହା ଶିଖରାକାରରେ ଉପରକୁ ଉଠେ ଯିବା, ତଳେ ପଡ଼ିଯାଏ ନାହିଁ ଏବଂ ଯହିଁରେ ସୋଲଚଣା ବତୁରାଇଲେ ତାହା କଳାବର୍ଣ୍ଣ ହୁଏ, ତାକୁ କାନ୍ତଲୌହ କହନ୍ତି । କାନ୍ତଲୌହ ବଳକାରକ, ବୀର୍ଯ୍ୟବର୍ଦ୍ଧକ, ପୁଷ୍ଟିଜନକ, ଅଗ୍ନିଦୀପକ ଏବଂ ଗୁଳ୍ମ, ଉଦର, ଅର୍ଶ, ଶୂଳ, ଆମଦୋଷ, ଆମବାତ, ଭଗନ୍ଦର, ପ୍ଳୀହା, ଅମ୍ଳପିତ୍ତ, ଯକୃତ୍ । ଶିରୋରୋଗ, କାମଳା, ଶୋଥ, କୁଷ୍ଠ ଓ କ୍ଷୟ ପ୍ରଭୃତି ପୀଡ଼ାର ଉପଶମ କାରକ ।

୧୬୪—କାନ୍ଦୁଲଗଛ— Cajauus inbicus, Syn. Cytius cajsan. ଏହାର ସଂସ୍କୃତ ନାମ—ଅଢ଼କୀ, ତୁବରୀ ଓ ଶଣପୁଷ୍ପିକା । ଏହାକୁ ବଙ୍ଗଳାରେ ଅଡ଼ହର ବା ଆହର, ହିନ୍ଦୀରେ ଅରହର ଏବଂ ତେଲୁଗୁରେ କାନ୍ଦୁଲ ବୋଲନ୍ତି । ପୁରୀ ଓ କଟକ ଜିଲ୍ଲାର ଲୋକେ କାନ୍ଦୁଲକୁ ହରଡ଼ କହନ୍ତି । ଏହାର ଇଂରେଜୀ ନାମ—Red-gram. କାନ୍ଦୁଲଗଛର ପତ୍ର, ଫଳ । (ଡାଲି) ମଞ୍ଜି, ମଞ୍ଜିରଖୋସ୍ପା ଏବଂ ଚେର ଔଷଧାର୍ଥରେ ବ୍ୟବହୃତ ହୁଏ । ରକ୍ତ ଓ ଶ୍ୱେତ ଭେଦରେ କାନ୍ଦୁଲ ଦୁଇପ୍ରକାର । ଶ୍ୱେତ କାନ୍ଦୁଲକୁ ଗଞ୍ଜାମ ଜିଲ୍ଲାରେ ଜାଠିକାନ୍ଦୁଲ ବୋଲନ୍ତି । କାନ୍ଦୁଲପତ୍ର—କଷାୟ ଓ ଶୀତଳ । ୧—ଏହାର ରସ ପାନକଲେ ଅପୂଜଣା ଛାଡ଼ିଯାଏ । ୨—କାନ୍ଦୁଲପତ୍ର ସିଝା ପାଣିରେ କୁଳୁକୁଞ୍ଚା କଲେ ଦାନ୍ତଦରଜ ଓ ଅନ୍ୟାନ୍ୟ ଦାନ୍ତରୋଗ ଉପଶମ ହୁଏ । କାନ୍ଦୁଲପତ୍ର ଚିକ୍କଣ କରି ରସରେ ଚାଖିଲେ ମୁଖପାକରୋଗ ଭଲହୁଏ । ୩—କାନ୍ଦୁଲପତ୍ର ଓ ଦୁବଘାସ ଏକାଠି ଚେପି ତା'ର ରସ ନାକରେ ଟପାଇଲେ ଅଧକପାଳୀ ଶୀଘ୍ର ଆରାମ ହୁଏ । ୪—ବାତରୁ କମ୍ପ ଆସିଲେ ଉକ୍ତରୋଗରେ କାନ୍ଦୁଲପତ୍ର ରସ ୧୦ ଗ୍ରାମ, ଘିଅ ୩୦ ଗ୍ରାମ ଏକାଠି ମିଶାଇ ଗରମ କରି ପିଆଇବ । ୫—କାନ୍ଦୁଲପତ୍ର ପୋଡ଼ି ପାଉଁଶ କରିବ । ଏହି ପାଉଁଶକୁ ଘିଅରେ ବାଟି ମଲମ କରି ଲଗାଇଲେ ଅଗ୍ନିଦଗ୍ଧରେ ହେବା ଜାଲୀ ଘା' ଭଲ ହୁଏ ଏବଂ ଏହି ପାଉଁଶକୁ ଦହିରେ ମିଶାଇ ଦେହରେ ଲଗାଇଲେ ଖୁଣ୍ଟିଆ ମରେ । ୬—ପ୍ରସୂତା ସ୍ତ୍ରୀମାନଙ୍କର ସ୍ତନରେ ଅଧିକ ଦୁଧ ଜମି ଜମାହେଲେ ଏବଂ ତଦ୍ଦ୍ୱାରା ଟଣାକଷା ହେଲେ କାନ୍ଦୁଲପତ୍ର ଓ କାନ୍ଦୁଲଡାଲି ବାଟି ଉଷୁମ କରି ତହିଁରେ ଲେପଦେବ । ୭—କାନ୍ଦୁଲପତ୍ରକୁ ଅଗ୍ନିରୋଗୀରେ ସିଝାଇ ଅଣ୍ଡିରେ ବାନ୍ଧିଲେ ଅଣ୍ଡ ଗଣ୍ଠିର ଫୁଲା ଛୁଟିଯାଏ । ୮—ପିଲାମାନଙ୍କର ଏକଜାଙ୍ଗିଆ ରୋଗ ହେଲେ କାନ୍ଦୁଲପତ୍ର ଓ କାନ୍ଦୁଲଡାଲି ଏକାଠି ପାଣିରେ ବାଟି ଅଳ୍ପ ଉଷୁମ କରି କୋଷରେ ଲେପ ଦେବ । ୯—କାନ୍ଦୁଲଖୋସ୍ପାକୁ ଚିଲମରେ ରଖି ଅଗ୍ନି ସଂଯୋଗରେ ତାର ଧୂଆଁ ପିଇଲେ ହାକ୍କୁଟି ବନ୍ଦହୁଏ । ୧୦—କାନ୍ଦୁଲଡାଲିର ପାଣି ପିଇଲେ ସ୍ୱରଭଙ୍ଗ ଛାଡ଼ିଯାଏ । ୧୧—କାନ୍ଦୁଲଡାଲି ଶୁଣ୍ଠି ଓ ସୈନ୍ଧବ ଏହି ତିନୋଟି ଦ୍ରବ୍ୟ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣ ଦେହରେ ଘଷିଲେ ସନ୍ନିପାତ ଜ୍ୱରରୋଗୀର ଦେହରୁ ପାଣି ବୋହିବା ବନ୍ଦହୁଏ । ୧୨—କାନ୍ଦୁଲଚେରକୁ ପାଣିରେ ବାଟି ପିଆଇଲେ ସାପବିଷ ଛାଡ଼ିଯାଏ । କାନ୍ଦୁଲଡାଲି—ଏହା ସ୍ୱାଦୁ ରୂକ୍ଷ ଓ ଗୁରୁ । ଏହା ମଳରୋଧ କରେ, ଧାତୁ ପୁଷ୍ଟି କରେ ଏବଂ ବଳବୃଦ୍ଧି କରେ । କାନ୍ଦୁଲଡାଲିରେ ଡାଳିମଞ୍ଜି ରସ ମିଶାଇ ଖାଇଲେ ଗ୍ରହଣୀ, ଜ୍ୱରାତିସାର, ମେହ ଓ ପୁରାତନ ଜ୍ୱରରୋଗରେ ଉପକାର ହୁଏ । କାନ୍ଦୁଲଡାଲି ଖାଇବାଯୋଗୁଁ ଯାହା ପରିପାକ ନ ହେଲେ ଶୁଣ୍ଠୀ, ହରିତା ଓ ସୈନ୍ଧବ ଚୂର୍ଣ୍ଣ ଗରମ ଜଳ ସହିତ ସେବନ କରିବ ।

୧୬୫—କାନ୍ଦଆଗଛ—କନ୍ଦୁଆଗଛ ଦେଖ ।

୧୬୬—କାଫଳ—Myrica sapida. M. nagi. ଏହାର ସଂସ୍କୃତ ନାମ—କଟ୍‌ଫଳ, ଭଦ୍ରବତୀ ଓ ରକ୍ତଫଳ । ଏହାକୁ ବଙ୍ଗଳାରେ କଟ୍‌ଫଳ, କାଏଫଲ, ହିନ୍ଦୀରେ କାୟଫଳ ଏବଂ ତେଲୁଗୁରେ କାୟଫଳଚେକ୍କା ବୋଲନ୍ତି । କାଫଳଗଛର ଛାଲି ଓ ଫଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ଚୂର୍ଣ୍ଣ ବା ଛାଲିର କ୍ୱାଥ କଟୁ, କଷାୟ, ତିକ୍ତ ଓ ଉଷ୍ଣବୀର୍ଯ୍ୟ । ଏହା ସେବନ କଲେ କଫ, ବାତ, ଗୁଳ୍ମ, ମେହ, ଅଗ୍ନିମାନ୍ଦ୍ୟ, ଜ୍ୱର, ଅର୍ଶ, ଗ୍ରହଣୀ, ପାଣ୍ଡୁ, ଅରୁଚି ଧାତୁବିକାର, କାସ, ଶ୍ୱାସ, ପ୍ରବଳଦାହରୋଗ ଓ ମୂତ୍ରରୋଗ ଲାଭହୁଏ । ପ୍ରବାହିକା (ଶୁଳାଝାଡ଼ା) ଅତିସାର, ଆମରକ୍ତାତିସାର, ଗଣ୍ଡମାଳା ଓ ଔପସର୍ଗିକ ମେହ (ଗର୍ମିରୋଗ) ରୋଗରେ ଏହା ବ୍ୟବହୃତ ହୁଏ । ୧—କାଫଳଛାଲିକୁ ଘୋରାଇ ଦାନ୍ତମୂଳରେ ଲଗାଇଲେ ଦନ୍ତଶୂଳ ଆରାମ ହୁଏ । ୨—କାଫଳଛାଲିର ଚୂର୍ଣ୍ଣ କରି ନସ୍ୟ ରୂପରେ ବ୍ୟବହାର କଲେ ଛିଙ୍କ ଆସେ । ୩—ଏହି ଚୂର୍ଣ୍ଣ ଦାନ୍ତରେ ଘଷିଲେ ଦାନ୍ତର ମାଂସ ଟାଣହୁଏ । ୪—ସୂତିକା ଶ୍ଳୀର ସନ୍ନିପାତ ଜ୍ୱରରେ (ଦେହଭାଙ୍ଗିବା ରୋଗରେ) କାଫଳ ଛାଲିର ଚୂର୍ଣ୍ଣ ଅବସ୍ଥାରେ ତୁଲ ଅନୁସାର ଦେଢ଼ଗ୍ରାମ ଠାରୁ ତିନି ଗ୍ରାମ ମାତ୍ରାରେ ପ୍ରୟୋଗ କଲେ ବିଶେଷ

ଫଳାଶ୍ରିତହୁଏ । ଏହା ସୁଗନ୍ଧୀ, ଗର୍ଭପ୍ରଦ ଓ ରସାୟନ । ୫—ବସନ୍ତଜ୍ୱରା ରୋଗିର ଦେହ ଶୀତଳ ହେଲେ ତାର ହାତରେ ପାଦରେ ଓ କପାଳରେ କାଫଡ଼କୁ ଚୂର୍ଣ୍ଣ କରି ଘଷିବ । ଏଥିଦ୍ୱାରା ରୋଗିର ଶରୀର ସ୍ୱାଭାବିକ ଉଷ୍ଣତା ପ୍ରାପ୍ତ ହୁଏ । ୬—କୌଣସି ଅଙ୍ଗ ମଚକି ହୋଇଗଲେ କିମ୍ବା ହାଡ ଭାଙ୍ଗିଗଲେ ତହିଁରେ କାଫଡ଼ ଛାଲର ପ୍ରଲେପ ବିଶେଷ ଉପକାର କରେ । ୭—ଫଟକିରି, ହିଙ୍ଗୁ ସହିତ କାଫଡଛାଲର ପ୍ରଲେପ ମଳକଣ୍ଟକ ରୋଗରେ ବିଶେଷ ହିତକର । କାଫଡ଼ର ଚୂର୍ଣ୍ଣ ମିଳା ଘା'ରେ ପକାଇଲେ ଘା' ଶୁଖିଯାଏ । ୮—କାଫଡ଼ର ପିଚୁକାରି ଯୋନିରେ ଧାରଣ କଲେ ଆର୍ତ୍ତବସ୍ରାବ ବନ୍ଦ ହୁଏ । ୯—କାଫଡ଼ ଛାଲକୁ ପାଣିରେ ବାଟି ତଦ୍ୱାରା ତୈଳପାକ କରିବ । ଏହି ତୈଳ କାନରେ ପକାଇଲେ କର୍ଣ୍ଣଶୂଳ ନିବୃତ୍ତ ହୁଏ । ୧୦—କାଫଡ଼ଗଛର ଫଳ ସିଝାଇଲେ ତହିଁରୁ ମହମ ପରି ଏକ ପ୍ରକାର ପଦାର୍ଥ ବାହାରେ, ଏହାର ପ୍ରଲେପ ଉପରେ ଘଷଣ କରେ । ବୈଦ୍ୟଶାସ୍ତ୍ରରେ କାଫଡ଼ର ପ୍ରୟୋଗ ଯଥା—ରକ୍ତପିତ୍ତରୋଗେ—୧୧—କାଫଡ଼ ଓ ରକ୍ତଚନ୍ଦନ ସମାନ ଭାଗରେ ଗୁଡ଼ିକଧୁଆପାଣି ସହିତ ବାଟି ତହିଁରେ ଚିନି ମିଶାଇ ପାନ କଲେ ରକ୍ତପିତ୍ତ ପ୍ରଶମିତ ହୁଏ । (ଚରକ) ଅତିସାରେ ୧୨—କାଫଡକୁ ଚୂର୍ଣ୍ଣ କରି ମଧୁ ସହିତ ସେବନ କଲେ ଅତିସାର ନିବୃତ୍ତ ହୁଏ (ଚରକ) । ବ୍ରଣରୋଗେ—୧୩—କାଫଡ଼ ଚୂର୍ଣ୍ଣ ଘା'ରେ ପକାଇଲେ ଘା'ର ମାଂସ ଶୀଘ୍ର ପୂରିଉଠେ । (ଚରକ) ଶିରୋରୋଗେ—୧୪—କାଫଡ଼ ଚୂର୍ଣ୍ଣର ନସ୍ୟ ଶିରୋରୋଗ ନାଶକରେ । (ସୁଶ୍ରୁତ) । ଗଳଗଣ୍ଡରୋଗେ—୧୫—କାଫଡ଼ ଚୂର୍ଣ୍ଣ ଗଳାରେ ଘର୍ଷଣ କଲେ ଗଳଗଣ୍ଡରୋଗ ବିନଷ୍ଟ ହୁଏ । (ଚକ୍ରଦତ୍ତ) ମାତ୍ରା—ଚୂର୍ଣ୍ଣ ଅଧ ଗ୍ରାମଠାରୁ ତିନି ଗ୍ରାମ, କ୍ୱାଥ ୨୦—୪୦ ଗ୍ରାମ । କଟ୍‌ଫଳାଦିକଷ୍ଟ—କାଫଡ଼ଛାଲ ପାଞ୍ଚସେର, ଜଳ ବାଉନସେର ଦେଇ କ୍ୱାଥ କରିବ । ଚାରି ସେର ଜଳ ଶେଷ ରଖି ଓହ୍ଲାଇବ । ସେଥିରେ ମିଶ୍ରୀ ବାର ସେର, ମଧୁ ପନ୍ଦରଶହ ଗ୍ରାମ, ଧାତୁକିଫୁଲ ଛ'ଶହ ପଚିଶ ଗ୍ରାମ, ଗୁଡ଼ତ୍ୱକ, ତେଜପତ୍ର, ନାଗକେଶର, ଅଳାଇଚ ଏବଂ ଲବଙ୍ଗ ପ୍ରତ୍ୟେକ ଶୃଙ୍ଗିଗ୍ରାମ ଚୂର୍ଣ୍ଣ କରି ମିଶାଇ ଯଥାବିଧି ସନ୍ଧାନ କରି ଏକମାସ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା—ଅଧ-୧ ଆଉନ୍ସ, । ଯେଉଁ ସ୍ତ୍ରୀର ଗର୍ଭଧାରଣ କ୍ଷମତା ନ ଥିବ । ସେହି ସ୍ତ୍ରୀର ମାସିକ ଧର୍ମ ପରେ ତିନିଦିନ ସକାଳେ ଓ ସନ୍ଧ୍ୟାରେ ଏହି ଔଷଧ ସେବନ କରାଇ ମୈଥୁନ କଲେ ନିଶ୍ଚିତ ଭାବରେ ଗର୍ଭଧାରଣ ହୁଏ । ସେହି ସ୍ତ୍ରୀକୁ କେବଳ ଦୁଧ ଭାତ ପଥ୍ୟରୂପେ ଦେବ । (ବୈଦ୍ୟବାଚସ୍ପତି କୃତ)

୧୬୭—କାଫି—Coffee. ଏହାର ସଂସ୍କୃତ ନାମ—ମ୍ଲେଚ୍ଛଫଳ ଓ ଅବଲ୍ଲୀ । ଏହା ଏକ ପ୍ରକାର ଗଛର ମଞ୍ଜୀ । ଏହି ମଞ୍ଜୀକୁ ଚୂର୍ଣ୍ଣ କରି ଗରମ ଜଳରେ ପକାଇ ଚା ଯେପରି ପ୍ରସ୍ତୁତ କରାଯାଏ, ସେହିପରି ଏହାର ଫାଣ୍ଟ କଷାୟ ପ୍ରସ୍ତୁତ କରି ତହିଁରେ ଦୁଧ ଓ ଚିନି ମିଶାଇ ସାଧାରଣତଃ ସେବନ କରାଯାଏ । କାଫିର ସୌରଭ ବେଶ ମନୋରମ । ୧—ଏହା ଉତ୍ତେଜକ, ବଳକାରକ, ନିଦ୍ରା ନିବାରକ ଓ ଶରୀରର ଜଡ଼ତା ନିବାରକ । ୨—ଶରୀରର ସ୍ନାୟୁ ମଣ୍ଡଳୀ ଉପରେ ଏହାର ପ୍ରଭାବ ବିଶେଷ ଭାବରେ ପରିଲକ୍ଷିତ ହୁଏ । ୩—ଏହା ସେବନ କଲେ ମଦ୍ୟପାନ କଲାପରି ମନରେ ଏକପ୍ରକାର ସନ୍ତୋଷ ଓ ପ୍ରଫୁଲ୍ଲତାର ଉଦୟ ହୁଏ । କିନ୍ତୁ ମଦ୍ୟପାନର ପରିଣାମରେ ଯେପରି ଅବସନ୍ନତା ଆସେ, ଏଥିଦ୍ୱାରା ତାହା ହୁଏ ନାହିଁ । ଏହାର ପ୍ରଫୁଲ୍ଲତାର ଆଗ ଅନ୍ତ ସମାନ । ୪—ଏଥିଦ୍ୱାରା ନାଡ଼ୀ ବେଗବତୀ ହୁଏ, ଶ୍ରାନ୍ତି ଓ କ୍ଲାନ୍ତି ବିଦୂରିତ ହୁଏ ଏବଂ ଅତି କଠୋର ପରିଶ୍ରମରେ ମଧ୍ୟ ମାଂସପେଶୀର ବଳ ଅକ୍ଷୁର୍ଣ୍ଣ ହୋଇ ରହେ । ୫—ଦାରୁଣ ଶୀତଋତୁରେ ଏହା ଏକ ଉତ୍କୃଷ୍ଟ ପାନୀୟ ଏବଂ ବିଦ୍ୟାର୍ଥୀମାନଙ୍କ ପକ୍ଷରେ ଏହା ବିଶେଷ ହିତକର । ଏହା ମଳ ମୂତ୍ର ପ୍ରବର୍ତ୍ତକ, କୃମି ନାଶକ, ଅଶ୍ମରୀ ଓ ଶର୍କରା ନିବାରକ ଅଟେ । ପୁରାତନ ମଦାତ୍ୟୟ ରୋଗରେ ଅନିଦ୍ରା ପ୍ରଶମନାର୍ଥେ ଏବଂ ସ୍ନାୟୁ ଦୌର୍ବଲ୍ୟ ଜନିତ ଶିରଃପୀଡା ପ୍ରଶମନାର୍ଥେ କାଫୀ ପ୍ରୟୋଗ କରାଯାଏ । କାଫୀ—ମସ୍ତିଷ୍କ, ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡକୁ ଉତ୍ତେଜିତ କରେ, ପରିପାକ ଶକ୍ତି ବୃଦ୍ଧି କରେ, ଏବଂ ଶରୀର ଓ ମନକୁ ସତେଜ କରେ । ଏହା ଶ୍ୱାସ, କାସ, ଜ୍ୱର, ଅତିସାର ଓ ଅର୍ଦ୍ଧକପାଳି ବ୍ୟଥା ରୋଗରେ ବିଶେଷ ଉପକାରକ । ୬—ଅଫିମ୍ ପ୍ରଭୃତି ମାଦକ ଦ୍ରବ୍ୟ ଭକ୍ଷଣ କରି ବିକାରଗ୍ରସ୍ତ ହେଲେ ରୋଗିକୁ କାଫୀ ସେବନ କରାଇବ । କାଫୀ ନିରନ୍ତର ଅଭ୍ୟାସ କରି ଦୀର୍ଘକାଳ ସେବନ କଲେ ପରିପାକ ଶକ୍ତି ଦୁର୍ବଳ ହୁଏ, ମୁଣ୍ଡ ବଥାଏ, ମୁଣ୍ଡ ବୁଲାଇ ହୁଏ, ମନରେ ଅସ୍ଥିରତା ଜନ୍ମେ, ହୃତ୍ ଧଡ଼୍‌କ ହୁଏ, ରତିଶକ୍ତି କ୍ଷୀଣ ହୁଏ ଏବଂ ପକ୍ଷାଘାତ, ଆକ୍ଷେପ ଓ ଉନ୍ମାଦ ରୋଗ ଜାତ ହୁଏ । ପୁଷ୍ଟି ରୋଚକ ଉତ୍ତମ ଖାଦ୍ୟ ଖାଇବା ପରେ କାଫୀ ସେବନ କରିବା ଉଚିତ । ଖାଲିପେଟରେ କାଫୀ ଖାଇଲେ ନାନାବିଧ ଅନିଷ୍ଟ ହୁଏ । ଏହା ସାଧାରଣତଃ ଶୀତ—ପ୍ରଧାନ ଦେଶବାସୀ ପକ୍ଷରେ ହିତକର । ଗ୍ରୀଷ୍ମ କାଳରେ ଓ ଗ୍ରୀଷ୍ମ ପ୍ରଧାନ ଦେଶରେ ଏହାର ନିରନ୍ତର ବ୍ୟବହାର ଅନିଷ୍ଟକାରକ । ଦୀର୍ଘକାଳ ଏହା ବ୍ୟବହାର କଲେ ପାକସ୍ଥଳୀରେ କ୍ଷତ ହୁଏ । ଏହାର ମାତ୍ରା ୩୦—୬୦ ରେତ୍ ।

୧୬୮—କାରରାଗଣ୍ଡୀ—ଏହାର ସଂସ୍କୃତ ନାମ—ଉତ୍କ୍ରୋଶ ଓ କୁରର । ଏହାର ମାଂସ-ସ୍ୱାଦୁ, ଉଷ୍ଣବୀର୍ଯ୍ୟ, ରୁଚିକର,

ଧାତୁମାନଙ୍କର ସମତା ସମ୍ପାଦକ ବାତ ନାଶକ ଏବଂ ଶୂଳ, କାମଳା, ପାଣ୍ଡୁ ଓ ତ୍ରିଦୋଷ ଶାନ୍ତ କାରକ । ଘାସମାଂସ ଠାରୁ ଏହି ମାଂସ ଶ୍ରେଷ୍ଠ । ଏହି ମାଂସ ଖାଇଲେ ପିତ୍ତ ପ୍ରକୃତ ଲୋକର ଜ୍ୱର ଏବଂ ମୁଣ୍ଡବ୍ୟଥା ହୁଏ । ଏହାର ପ୍ରତୀକାରାର୍ଥେ—୧ ନବାତ, ୨ ସୈନ୍ଧବ ଲବଣ ମିଶ୍ରିତ ଜଳ ପାନ କରିବ ।

**୧୭୯—କାଦମ୍ବକାଦଳ**—ଏହା ସ୍ୱାଦୁ, ଶ୍ରମ ନାଶକ, ଲଘୁ, ଅଗ୍ନିଦୀପକ, ମେଧା ଓ ବୁଦ୍ଧିବର୍ଦ୍ଧକ, ରୁଚିକାରକ ଏବଂ ଦଦ୍ରୁ ଓ କୁଷ୍ଠରୋଗ ନାଶକ ଅଟେ ।

**୧୮୦—କାଳଗଛ**—Ricinus communis. ଏହାକୁ ଉତ୍ତର ଓଡ଼ିଶାର ଲୋକେ ଗବଗଛ ବୋଲନ୍ତି । ଏହାର ସଂସ୍କୃତ ପର୍ଯ୍ୟାୟ—ଏରଣ୍ଡ, ରୁଚକ, ପଞ୍ଚାଙ୍ଗୁଳ, ବାତାରି ଓ ସ୍ନେହପ୍ରଦ । ଏହାକୁ ବଙ୍ଗଳାରେ ଭେରେଣ୍ଡା ବା ରେଡ଼ିଭେରଣ୍ଡା, ହିନ୍ଦୀରେ ଅଣ୍ଡୀ, ଅଣ୍ଡଉଲ, ଏବଂ ତେଲୁଗୁରେ ଆମିଦ-ପୁଟେଟ୍ଟୁ ଓ ଆମୁଦମୁ ବୋଲନ୍ତି । ଏହି ଗଛ ଦୁଇ ପ୍ରକାର । ଶୁକ୍ଳ ଓ ରକ୍ତ । ଶୁକ୍ଳ କାଳଠାରୁ ରଙ୍ଗକାଳ ଗୁଣରେ କିଛିଏ ନ୍ୟୂନ । ଉଭୟ ପ୍ରକାର କାଳଗଛର ପତ୍ର, ଫୁଲ, ମୂଳରଚ୍ଛାଲ, ମଞ୍ଜି ଓ ମଞ୍ଜିତେଲ ଔଷଧାର୍ଥରେ ବ୍ୟବହୃତ ହୁଏ । **କାଳପତ୍ର**—କାଳପତ୍ରର ରସ କଟୁ, ତିକ୍ତ ଓ ଉଷ୍ଣ । ଏହା ସେବନ କଲେ ବାତ, ଉଦାବର୍ତ୍ତ, ପ୍ଳୀହା, ଗୁଳ୍ମ, ବସ୍ତିଶୂଳ, ଅନ୍ତ୍ରବୃଦ୍ଧି, ଶୋଥ, ରକ୍ତବିକାର, କୃମି, ପାଣ୍ଡୁ, ଭ୍ରମ, ଶ୍ୱାସ, ଜ୍ୱର, କଫ ଓ ଅରୁଚି ବିନଷ୍ଟ ହୁଏ, ମୁଣ୍ଡବ୍ୟଥା ପ୍ରଶମିତ ହୁଏ ଏବଂ ବ୍ରଧ୍ନ (ବଲା ବା ବାଗୀ) ରୋଗରେ ବିଶେଷ ଉପକାର ହୁଏ । ୧—ସ୍ତ୍ରୀମାନଙ୍କର ସ୍ତନରେ କ୍ଷୀର ଗଣ୍ଡି ଫୁଲି ଓ କଷ୍ଟ ବଢ଼ିଲେ କାଳପତ୍ରକୁ ବାଟି ଗରମ କରି ତା ଉପରେ ଲେପନ କରିବ । ଏଥିଦ୍ୱାରା ସ୍ତନର ଫୁଲା ଓ ବେଦନା ପ୍ରଶମିତ ହୁଏ । ୨—କାଳ ପତ୍ରକୁ ଗରମ କରି ସ୍ତ୍ରୀମାନଙ୍କର ତଳ-ପେଟରେ ପକାଇଲେ ସେମାନଙ୍କର ଆର୍ତ୍ତବ ରଜଃସ୍ରାବ ବର୍ଦ୍ଧିତ ହୁଏ ଏବଂ ସ୍ତନ ଉପରେ ପକାଇଲେ କ୍ଷୀରସ୍ରାବ ବଢ଼େ । ୩—ଅଫିମ ଜନିତ ମହୁରା ବିଷ ଖାଇ ବିକାରଗ୍ରସ୍ତ ହୋଇଥିବା ରୋଗୀକୁ ଏବଂ ସାପ ଚାଉଡ଼ ହୋଇଥିବା ରୋଗୀକୁ କାଳପତ୍ରର ରସ ପାନ କରାଇଲେ ବାନ୍ତି ହୋଇ ବିଷ ନଷ୍ଟ ହୁଏ । ୪—ଯବଧାନ ଚୂନା ଓ କାଳପତ୍ର ବାଟି ଉଷ୍ଣ କରି ଲେପନ କଲେ ଫୁଲା ନିବାରଣ ହୁଏ । ୫—ଦୁଦୁରାମଞ୍ଜି ଖାଇ ବିଷ ବିକାର ଗ୍ରସ୍ତ ହେଲେ ରୋଗୀ କାଳପତ୍ରରସ ପାନ କରିବ । ୬—ଅଗ୍ନିଦଗ୍ଧ ଅଙ୍ଗରେ କାଳପତ୍ର ବାଟି ଲଗାଇଲେ ମୁଣ୍ଡର ଘା' ଭଲ ହୁଏ । ୮—କାଳପତ୍ରର ରସ ରାସିତେଲରେ ମିଶାଇ ପେଟରେ ମାଲିସ କଲେ ବାତ ବେଦନା ପ୍ରଶମିତ ହୁଏ । ୯—କାଳପତ୍ରକୁ ରାସିତେଲରେ ଭଜି ବେଦନା ସ୍ଥାନରେ ବାନ୍ଧିଲେ ବେଦନା ଦୂର ହୁଏ । ୧୦—ଗୋଟିଏ କାଳପତ୍ରର ଦୁଇପଖ ମଇଦା ଅଠା ଲଗାଇ ଅଗ୍ନିରେ ସେକିବ । ଏଥିରୁ ପଚିଶଗ୍ରାମ ପରିମାଣରେ ଏକ ଏକ ଖଣ୍ଡ ପାନ ସହିତ ଖୁଆଇ ଖାଇଲେ କାସ, ଶ୍ୱାସ ବନ୍ଦ ହୁଏ । କାଳପତ୍ରରେ ଭୋଜନ କଲେ ପିତ୍ତ ବଢ଼େ । ୧୧—କାଳପତ୍ରକୁ ମୁଣ୍ଡରେ ପକାଇ ପାଗ ବାନ୍ଧିଲେ ବାତଜ ମୁଣ୍ଡବ୍ୟଥା ଶାନ୍ତ ହୁଏ । କାଳଗଛର ଫୁଲ ଉଷ୍ଣ ଏବଂ ବାତ ନାଶକ । **କାଳମୂଳରଚ୍ଛାଲ**—ପୁରାତନ ପ୍ଳୀହା ଓ ଯକୃତ ବୃଦ୍ଧି ରୋଗରେ ଏବଂ ଚର୍ମ ରୋଗରେ ଏହା ବ୍ୟବହୃତ ହୁଏ । ୧୨—କାଳମୂଳର ଛାଲି ଜଳରେ ବାଟି ମସ୍ତକରେ ଲେପନ କଲେ ମୁଣ୍ଡବ୍ୟଥା ଶାନ୍ତ ହୁଏ । ୧୩—କାଳ ନାଡ଼ରେ ଜଡ଼ାତେଲ ମାଖି ସ୍ତ୍ରୀମାନଙ୍କର ଯୋନୀରେ ପ୍ରବେଶ କରାଇଲେ ସେମାନଙ୍କର ପେଟରେ ଥିବା ପିଲା ଖସି ପଡ଼େ । **କାଳମଞ୍ଜି**—ଏହା ଅତି ଉଷ୍ଣ । ୧୪—କାଳମଞ୍ଜିର ଉପର ଖୋସ୍‌ପା ଏବଂ ଭିତରେ ଥିବାର ଜିଭ ବାହାର କରିଦେଇ ତହିଁରୁ ଦଶଗ୍ରାମ ଏବଂ ଶୁଣ୍ଠୀ ଚୂର୍ଣ୍ଣ ଦଶ-ଗ୍ରାମ ଏକାଠେ ଷୋଳ ଗୁଣ ଦୁଧରେ ପାକ କରି ପାୟସ ପ୍ରସ୍ତୁତ କରିବ, ଏଥିରେ ପ୍ରୟୋଜନାନୁସାରେ ଚିନି ମିଶାଇବ । ଏହି ପାୟସ ପ୍ରତିଦିନ ଖାଇଲେ କଟିଶୂଳ ଏବଂ ଗୃଧ୍ରସୀବାତ ଭଲ ହୋଇଯାଏ । ୧୫—କାଳମଞ୍ଜି ଅଣ୍ଡର ବେଦନା ଓ ମୂତ୍ରାଶୟ ବେଦନାରେ ଉପକାର କରେ । ୧୬—କାଳମଞ୍ଜିର ସମାନ ପରିମାଣରେ ଚିନି ଓ ଚତୁର୍ଗୁଣ ଦୁଗ୍ଧ ଯୋଗରେ ହାଲୁଆ ପ୍ରସ୍ତୁତ କରି ପ୍ରତିଦିନ ଏହି ହାଲୁଆ ଦଶଗ୍ରାମ ପରିମାଣରେ ସେବନ କଲେ ଶୂଳ ଓ ସକଳ ପ୍ରକାର ବାତ ବେଦନା ବିନଷ୍ଟ ହୁଏ । ୧୭—ଏହା ବ୍ୟବହାର କଲେ କୋଷ୍ଠ ପରିଷ୍କାର ହୁଏ । ୧୮—କାଳମଞ୍ଜି ବାଟି ଉଷ୍ଣ କରି କୋଷରେ ଲେପନ କଲେ କୋଷର ଫୁଲା ତୁଟିଯାଏ । ୟୁନାନୀ ଚିକିତ୍ସା ଗ୍ରନ୍ଥ ତମ୍ବୁକଆଜମରେ ଲେଖା ଅଛି ଯେ, ୧୯—ଯଦି କୌଣସି ସ୍ତ୍ରୀ ଋତୁସ୍ନାନ ପରେ ଗୋଟିଏ ଖୋସ୍‌ପାଛଡ଼ା କାଳମଞ୍ଜି ସେବନ କରେ ତେବେ ଏକବର୍ଷ ମଧ୍ୟରେ ତାର ସନ୍ତାନ ହୁଏନାହିଁ । ଏବଂ ଏହି ନିୟମରେ ଦୁଇଟି ମଞ୍ଜି ଖାଇଲେ ଦୁଇବର୍ଷ ପର୍ଯ୍ୟନ୍ତ ସନ୍ତାନ ହୁଏନାହିଁ । ଯଦି ଏହିପରି ୭/୮ ଦିନ ପର୍ଯ୍ୟନ୍ତ ପ୍ରତିଦିନ ଗୋଟିଏ ଗୋଟିଏ କାଳମଞ୍ଜି ଋତୁସ୍ନାନ ପରେ କୌଣସି ସ୍ତ୍ରୀ ଗିଳିଥାଏ, ତା ହେଲେ ସେ ବନ୍ଧ୍ୟା ହୁଏ । ଆଉ ଯାବଜ୍ଜୀବନ ତାଁର ସନ୍ତାନ ହୁଏନାହିଁ । ୨୦—ଅଣ୍ଟୁ ଗଣ୍ଠିରେ ଦରଜ ହେଲେ କାଳ ମଞ୍ଜି ପାଣିରେ ବାଟି ଅଳ୍ପ ଉଷ୍ଣ କରି ତହିଁରେ ଲେପନ କରିବ । ୨୧—କାଳମଞ୍ଜି ବାଟି ଲେପନ କରିଲେ ଅପକ୍ୱ ବ୍ରଣ ପାଚିଯାଏ । ୨୨—ଯେଉଁମାନଙ୍କର ଝାଡ଼ା ସଫା ହୁଏନାହିଁ, ସେମାନେ ପ୍ରତିଦିନ ରାତିରେ ଶୋଇବା ସମୟରେ ୫ । ୬ ଗୋଟି କାଳମଞ୍ଜି ଦୁଧ ସହିତ ବାଟି ପିଇଲେ

ଝାଡ଼ା ପରିଷ୍କାର ହୁଏ । ୨୩—କାଳମଞ୍ଜୀର ଟେପ୍‌ରାକୁ ପୋଡ଼ି ପାଉଁଶ କରିବ । ଏହି ପାଉଁଶ ନସ୍ୟ ରୂପରେ ବ୍ୟବହାର କଲେ ନାକରୁ ରକ୍ତପଡ଼ିବା ବନ୍ଦହୁଏ । **ଜଡ଼ାତେଲ**—(Castor-Oil) କାଳମଞ୍ଜୀରୁ ବାହାରିବା ତେଲକୁ ଜଡ଼ାତେଲ ବୋଲନ୍ତି । ଜଡ଼ାତେଲ—କଟୁ, ତିକ୍ତରସ, ଉଷ୍ଣବୀର୍ଯ୍ୟ, ତୀକ୍ଷ୍ଣ, ପିଚ୍ଛିଳ, ବିରେଚକ, ଅଗ୍ନି ବର୍ଦ୍ଧକ, ବେଦନାହାର ଓ ବାତ-ନାଶକ, ଏହା କଫରୋଗ, ଉଦରରୋଗ, ଶୋଥ, କୋଷ୍ଠବଦ୍ଧ, ଗୁଳ୍ମ, ବିଷମଜ୍ୱର, ଆନାହ, କୃମି, କଟିଶୂଳ ଓ କୁଷ୍ଠରୋଗରେ ହିତକର । ୨୪—ଜଡ଼ାତେଲରେ ଚଣାଚୂନା ମିଶାଇ ଦେହରେ ଲଗାଇଲେ ଚର୍ମର ବିବର୍ଣ୍ଣତା ନଷ୍ଟ ହୋଇ ଶରୀରର ସୌନ୍ଦର୍ଯ୍ୟ ବଢ଼େ । ୨୫—ବିରେଚନାର୍ଥେ ଅଦାରସ, ଦୁଗ୍ଧ, କିମ୍ବା ଦଶମୂଳର କ୍ୱାଥ ସହିତ ଜଡ଼ାତେଲ ମିଶାଇ ସେବନ କରାଯାଏ । ଏହି ତୈଳ ସେବନ କରିବାର ୪—୫ ଘଣ୍ଟା ମଧ୍ୟରେ ବିରେଚନ ଆରମ୍ଭ ହୁଏ, ଏବଂ ଶୂଳ ଓ କୁନ୍ଥା ନ ଥାଇ ତରଳ ମଳ ନିର୍ଗତ ହୁଏ । ଏହି ତୈଳ ଅନ୍ତ୍ରର ଅବସାଦ ଉତ୍ପାଦନ କରେ । ଅତଏବ ଏହି ତୈଳ ସେବନ କରି ବିରେଚନ ହେବା ପରେ ପ୍ରାୟ କୋଷ୍ଠବଦ୍ଧ ହୁଏ । ଛୋଟ ଛୋଟ ପିଲାମାନଙ୍କୁ ମଧ୍ୟ ବିରେଚନାର୍ଥରେ ଏହି ତୈଳ ଦିଆଯାଏ । ଅଦାରସ ସହିତ ଜଡ଼ାତେଲ ସେବନ କଲେ ତତ୍କ୍ଷଣାତ୍ ଶୂଳ ବନ୍ଦ ହୁଏ । ପେଟରେ ଥିବା ବଡ଼ ୨ କେଞ୍ଚୁଆ ଏହି ତୈଳ ସେବନ କଲେ ବାହାରି ପଡ଼େ । ଟାଇଫଏଡ଼ ଜ୍ୱରରେ ଏବଂ ପ୍ରସବର ପୂର୍ବେ ଓ ପରେ କୋଷ୍ଠବଦ୍ଧ ହେଲେ ଜଡ଼ାତେଲ ପ୍ରୟୋଗ କରାଯାଇ ଥାଏ । ୨୬—ଆମାତିସାର, ରକ୍ତାତିସାରର ପ୍ରଥମାବସ୍ଥାରେ ଜଡ଼ାତେଲର ପ୍ରୟୋଗ ଉପକାର କରେ । ରୋଗର ଅବସନ୍ନତା ଦେଖା ଗଲେ ୫—୧୦ ବିନ୍ଦୁ ତାର୍ପିନ ତେଲ ଏଥି ସହିତ ମିଶାଇ ଦିଆଯାଏ । ଉଦରାଧ୍ମାନ, ମୂତ୍ରାଘାତ, ଅଶ୍ମରୀ, ଗର୍ଭାଶୟ ଏବଂ ଗୁହ୍ୟ ଓ ମୂତ୍ର ମାର୍ଗର ସଙ୍କୋଚ କାରକ ପୀଡ଼ାରେ ଜଡ଼ାତେଲର ପ୍ରୟୋଗ ବିଶେଷ ଉପକାର କରେ । ବୈଦ୍ୟ-ଶାସ୍ତ୍ରରେ କାଳଗଛର ପ୍ରୟୋଗ । ଯଥା—**ଜ୍ୱରରୋଗରେ**—୨୭—ଜ୍ୱରରୋଗୀର ମଳଦ୍ୱାର ଶୁଖିଲାଇ ହୋଇଥିଲେ କ୍ଷୀରପାକ ବିଧି ଅନୁସାରେ କାଳମୂଳ ତ୍ୱକର କ୍ୱାଥ ପ୍ରସ୍ତୁତ କରି ରୋଗୀକୁ ପାନ କରାଇବ । ( ଚରକ ) **ପ୍ରବାହିକାରୋଗରେ**—୨୮—ପରିଷ୍କାର ଝାଡ଼ା ନହୋଇ ଆମରକ୍ତ ଝାଡ଼ା ହେଲେ କ୍ଷୀରପାକ ବିଧି ଅନୁସାରେ କାଳମୂଳ ତ୍ୱକର କ୍ୱାଥ ପ୍ରସ୍ତୁତ କରି ରୋଗୀକୁ ପାନ କରାଇବ । (ଚରକ) **ଉଦରରୋଗେ**—୨୯—କ୍ଷୀରପାକ ବିଧି ଅନୁସାରେ କାଳମଞ୍ଜୀର କ୍ୱାଥ ପ୍ରସ୍ତୁତ କରି ସେବନ କଲେ ପିତ୍ତୋଦର ରୋଗ ପ୍ରଶମିତ ହୁଏ ( ଚରକ ) । **କାସରୋଗେ**—୩୦—କାଳପତ୍ରକୁ ଗୋଟିଏ ରୁଦ୍ଧପାତ୍ର ମଧ୍ୟରେ ରଖି ଭସ୍ମ କରିବ । ଏହି ଭସ୍ମ ତ୍ରିକଟୁ, ରସିତେଲ ଓ ପୁରୁଣା ଗୁଡ଼ ସହିତ ପ୍ରୟୋଗ କଲେ କାସରୋଗ ବିନଷ୍ଟ ହୁଏ (ଚରକ) । **ବାତରକ୍ତରୋଗେ**—୩୧—କାଳମଞ୍ଜୀକୁ ଦୁଧରେ ବାଟି ଲେପନ କଲେ ବାତରକ୍ତରୋଗର ବେଦନା ପ୍ରଶମିତ ହୁଏ (ଚରକ) । **ବୃଦ୍ଧିରୋଗେ**—୩୨—ଦୁଧ ସହିତ ଏକମାସ ଜଡ଼ାତେଲ ପାନ କଲେ ବାତ ପ୍ରଧାନ କୋଷବୃଦ୍ଧି ( ଅନ୍ତ୍ରବୃଦ୍ଧିରୋଗ ) ଭଲହୁଏ । ( ସୁଶ୍ରୁତ ) **ବାତାଭିଷ୍ୟନ୍ଦରୋଗେ**—୩୩—କାଳଗଛର ପତ୍ର, ମୂଳ, କିମ୍ବା ତ୍ୱକ୍ ଛେଳିଦୁଧରେ ପାକ କରି ଅଳ୍ପ ଉଷୁମ ଥିବ, ଏହି ଦୁଧ ଆଖିରେ ପକାଇଲେ ବାତଜ ଅକ୍ଷିଧରା ରୋଗ ପ୍ରଶମିତ ହୁଏ । ( ସୁଶ୍ରୁତ ) **ରାତ୍ର୍ୟନ୍ଧରୋଗେ**—୩୪—କାଳପତ୍ରକୁ ଘିଅରେ ଭାଜି କଚୁଦାନ ଖାଇଲେ ରାତିରେ ନ ଦିଶିବା (ରାତକଣା) ରୋଗ ଭଲ ହୁଏ । (ବାଗ୍‌ଭଟ୍ଟ) **ଦାହଜ୍ୱରେ**—୩୫—ଜ୍ୱର-ରୋଗୀର ଦେହରେ ଦାହ ହେଲେ କାଳପତ୍ର ଶେଯରେ ତାକୁ ଶୁଆଇବ କିମ୍ବା ତା ଦେହକୁ କାଳପତ୍ରରେ ଘୋଡ଼ାଇବ । (ଭାବପ୍ରକାଶ) **ଗୃଧ୍ରସୀ ଓ କଟିଶୂଳରେ**—୩୬—କାଳମଞ୍ଜୀର ପାୟସ ପ୍ରସ୍ତୁତ କରି ଗୃଧ୍ରସୀ ଓ କଟୀଶୂଳ ରୋଗୀକୁ ସେବନ କରାଇବ । ( ଭାବପ୍ରକାଶ ) **ଆମବାତେ**—୩୭—ଶରୀରର ବନରେ ସଞ୍ଚାର କରୁଥିବା ଆମବାତ ହସ୍ତୀକୁ ବିନାଶ କରିବା ପାଇଁ ଏକମାତ୍ର ଜଡ଼ାତେଲହିଁ ସିଂହପରି କାର୍ଯ୍ୟ କରେ । (ଭାବପ୍ରକାଶ) **ଶୂଳରୋଗେ**—୩୮—କାଳମୂଳ ଓ ଶୁଣ୍ଠୀର କ୍ୱାଥ ପ୍ରସ୍ତୁତ କରି ତହିଁରେ ହିଙ୍ଗୁ ଓ ସଉଚଳ ଲବଣ ମିଶାଇ ପାନକଲେ ତତ୍କ୍ଷଣାତ୍ ଶୂଳ ବନ୍ଦହୁଏ । (ଭାବପ୍ରକାଶ) । **ସ୍ଥୌଲ୍ୟରୋଗେ**—୩୯—କୋମଳ କାଳମୂଳ ଗୁଡ଼ିଏ ଆଣି ତାକୁ ଉଷୁମ ଜଳରେ ଧୋଇବ । ରାତିରେ ସେହି ମୂଳଗୁଡ଼ିକରେ ମହୁ ଗୋଳାଇ ରଖିବ । ତହିଁରୁ ଯେଉଁ ରସ ଝରିବ, ପ୍ରାତଃକାଳରେ ସେହି ରସ ପାନ କଲେ ପେଟରେ ଥିବା ମେଦ ବିନଷ୍ଟ ହୁଏ । (ଭାବପ୍ରକାଶ) । **ପିତ୍ତଜଶୂଳ ଓ ଗୁଳ୍ମରୋଗେ**—୪୦—ଯଷ୍ଟିମଧୁର କ୍ୱାଥରେ ଜଡ଼ାତେଲ ମିଶାଇ ପିଇଲେ ପିତ୍ତଶୂଳ ଓ ପିତ୍ତଜଗୁଳ୍ମ ବିନଷ୍ଟ ହୁଏ । (ଚକ୍ରଦତ୍ତ) **ମେଦୋରୋଗେ**—୪୧—ରୁଦ୍ଧମୁଖ ହାଣ୍ଡି ମଧ୍ୟରେ କାଳପତ୍ର ଗୁଡ଼ିଏ ରଖି ଭସ୍ମ କରିବ । ଏହି ଭସ୍ମ ହିଙ୍ଗୁ ସହିତ ଅନ୍ନମଣ୍ଡରେ ମିଶାଇ ସେବନ କଲେ ମେଦୋରୋଗ ନିବାରିତ ହୁଏ । (ବଙ୍ଗସେନ) **କର୍ଣ୍ଣଶୂଳେ**—୪୨—କାଳପତ୍ରକୁ ପୁଟପାକ କରି ତା'ର ରସ ବାହାର କରିବ । ଏଥିରେ ସମାନ ଭାଗରେ ଅଦାରସ ମିଶାଇବ । ଏହି ସ୍ୱରସ, ଯଷ୍ଟିମଧୁର କଳ୍କ ଓ ସୈନ୍ଧବଲବଣ ଯୋଗରେ ତୈଳ ପାକ କରିବ, ଏହି ତୈଳକୁ ଅଳ୍ପଉଷ୍ଣ କରି କାନରେ ପକାଇଲେ କାନଟଣା ପ୍ରଶମିତ ହୁଏ । (ବଙ୍ଗସେନ) । **ନବାକ୍ଷିରୋଗେ**—୪୩—ସୈନ୍ଧବ ଯୁକ୍ତ କାଳପତ୍ର ରସ ନୂତନ ଆଖିଧରା ରୋଗରେ

ହିତକର (ଚକ୍ରଦତ୍ତ) । ଜତ୍ତାତେଲ ପ୍ରୟୋଗ କରିବାର ଅସୁଖ —ଅର୍ଦ୍ଧାଙ୍ଗ, ଅନ୍ତରଦାହ, ପ୍ରମେହ, ଅପସ୍ମାର, ବାତ୍ର, ମୂର୍ଚ୍ଛା, କମ୍ପବାତ, ଜ୍ୱରଜ୍ୱର, ଉନ୍ମାଦ, କସ୍ତୁରୀ, ଓ ରକ୍ତପିତ୍ତ ରୋଗରେ ଜତ୍ତାତେଲ ପ୍ରୟୋଗ କରିବନାହିଁ । ମାତ୍ରା—ପତ୍ରରସ—୧୦—୨୦ ଗ୍ରାମ, ମୂଳଛାଲର କ୍ୱାଥ ୪୦—୮୦ ଗ୍ରାମ, ପତ୍ରର କ୍ଷାର ୩—୫ ଗ୍ରାମ, ଶ୍ରେଷ୍ଠ ପାଇତା ମଞ୍ଜି ୨—୬ ଗୋଟି, ଜତ୍ତାତେଲ ୧୦—୩୦ ଗ୍ରାମ ।

୧୮୧-କାକନାଛ—କୋଳଅ ନାଛ ଦେଖ ।

୧୮୨-କାଳୀଦୋଳେନ୍ଦ୍ର— ଏହାକୁ ଦେବକେଦାର ଗଛ ବୋଲନ୍ତି । ଏହାର ତେଲୁଗୁ ନାମ—ଗୁତ୍ତେମୂଡ଼ିଣୀ । ଏହାର ସମୂଳ ସର୍ବାଙ୍ଗରେ ଦିକ୍ତ । ୧—ଏହା ସେବନ ଓ ଲେପନ କଲେ ସକଳ ପ୍ରକାର ବିଷବିକାର ବିନଷ୍ଟ ହୁଏ ।

୧୮୩-କାଶୀଷତ୍ର—ଅନ୍ତବେଲ ଦେଖ

୧୮୪-କାଶ୍ମୀରୀଗଛକ—ଗଛକ ଦେଖ ।

୧୮୫-କାସୁନ୍ଦୀଗଛ—Cassia or sennacsculenta. Cassia sophora. ଏହାର ସଂସ୍କୃତ ପର୍ଯ୍ୟାୟ—କାସମର୍ଦ୍ଦ, କାସାରି, କାଳକଣ୍ଟ ଓ କର୍କଶ । ଏହାକୁ ବଙ୍ଗଳାରେ କାଳକାସନ୍ଦା, ହିନ୍ଦୀରେ କସୌନ୍ଦା ଓ କାସିନ୍ଦା ଏବଂ ତେଲୁଗୁରେ କାସିବିନ୍ଦାଚେଟ୍ଟୁ ବୋଲନ୍ତି । ଏହାର ପତ୍ର, ମୂଳ ଓ ବୀଜ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ସମୂଳ ସର୍ବାଙ୍ଗର ଚୂର୍ଣ୍ଣ ବା କଷାୟ, ତିକ୍ତ, ମଧୁର, ଓ ଉଷ୍ଣ । ଏହା ସେବନ କଲେ କଫ, ପିତ୍ତ, କାସ ଓ ବିଷଦୋଷ ବିନଷ୍ଟ ହୁଏ ଏବଂ ସ୍ୱରଭଙ୍ଗ ନିବାରିତ ହୁଏ । ଏହା ଶରଚେତକ ଓ କଫନିଃସାରକ । କାସୁନ୍ଦୀପତ୍ର—ଏହା ତିକ୍ତ ଓ ଉଷ୍ଣ । ଏହାର ରସ ସେବନ କଲେ ବାତ, କଫ, ଜ୍ୱର, କୃମି, କାସ, ଶ୍ୱାସ ଓ ଚର୍ମରୋଗ ବିନଷ୍ଟ ହୁଏ ଏବଂ ଅଗ୍ନି ଦୀପ୍ତି ହୁଏ । କୋମଳ କାସୁନ୍ଦୀପତ୍ର ଚୁଲାରେ ସିଝାଇ କଡ଼ାଇ ତଳିରେ ଗାଈଘିଅରେ, ଦୁଧ ମିଶାଇ ପୁନର୍ବାର ପାକ କରିବ, ପାକ ସିଦ୍ଧ ହେବା ପରେ ଲୁଣ, ହିଙ୍ଗୁ ଓ ମରିଚ ପ୍ରଭୃତି ଦ୍ରବ୍ୟ ଯୋଗରେ ତାକୁ ବଘାରିବ । ଏହି ତର୍କାରି ଖାଇଲେ କାସ, କଫ, ଗୁଳ୍ମ, ପ୍ଲୀହା, ଜଳୋଦର, ଉଦରରୋଗ, ଅର୍ଶ, ଅରୁଚି ଓ ଅଜୀର୍ଣ୍ଣ ରୋଗରେ ବିଶେଷ ଉପକାର ହୁଏ । ୧—କାସୁନ୍ଦୀପତ୍ର ବାଟି ଲେପନ କଲେ ନାନାବିଧ ଚର୍ମରୋଗ ବିନଷ୍ଟ ହୁଏ । ଏହି ପତ୍ର ଆଖିପତାରେ ବାନ୍ଧିଲେ ଚକ୍ଷୁର ରକ୍ତିମା ଦୂର ହୁଏ । କାସୁନ୍ଦୀମୂଳ—୨-କାସୁନ୍ଦୀମୂଳର ଚୂର୍ଣ୍ଣ ବିଷମଜ୍ୱରର ପ୍ରତିଷେଧକ । ଏହା ସେବନ କଲେ ବାତ, ଶୋଥ, ଉଦର, ସନ୍ନିପାତ ଓ ମୂତ୍ରକୃଚ୍ଛ୍ର ନିବାରିତ ହୁଏ । ୩—ଏହି ମୂଳର ପ୍ରଲେପ ଦଦ୍ରୁରୋଗ ନାଶକ । କାସୁନ୍ଦୀଫଳ—କାସୁନ୍ଦୀ ଫଳ ତର୍କାରି କରି ଖାଇଲେ କାସ, ଶ୍ୱାସ ଓ ବାତରୋଗରେ ବିଶେଷ ଉପକାର ହୁଏ । କାସୁନ୍ଦୀମଞ୍ଜି—୪-କାସୁନ୍ଦୀ ମଞ୍ଜିର ଚୂର୍ଣ୍ଣ ଶିରଚେତକ ଓ ବାଳକମାନଙ୍କର କୁକ୍କୁରକାସରେ ବିଶେଷ ହିତକର । ଗାଈକ୍ଷୀର ବା ମା'ର କ୍ଷୀର ସହିତ ମିଶାଇ ଏହା ବାଳକମାନଙ୍କୁ ଦିଆଯାଏ । କାସୁନ୍ଦୀ ମଞ୍ଜିର ଚୂର୍ଣ୍ଣ ମହୁ ସହିତ ସେବନ କଲେ ବନ୍ଧ୍ନମୂତ୍ର ନିବାରିତ ହୁଏ । ବୈଦ୍ୟଶାସ୍ତ୍ରରେ କାସୁନ୍ଦୀ ଗଛର ବ୍ୟବହାର ଯଥା—ହିକ୍କାଶ୍ୱାସ ରୋଗରେ—୫—କାସୁନ୍ଦୀ ପତ୍ରର ଯୂଷ ହିକ୍କା ଶ୍ୱାସ ନିବାରକ । (ଚରକ) । କାସରୋଗରେ—୬-କାସୁନ୍ଦୀପତ୍ର ରସ ଓ ପୋତାଗଲେଣ୍ଡୀରସ ମହୁ ସହିତ ପାନକଲେ କଫଜ କାସ ନିବୃତ୍ତ ହୁଏ । (ଚରକ) । ଦଦ୍ରୁ କିଟିମକୁଷ୍ଠେ—୭-କାସୁନ୍ଦୀମୂଳ କାଞ୍ଜି ସହିତ ବାଟି ଲେପନ କଲେ ଦାଦୁ ଓ କିଟିମକୁଷ୍ଠ ବିନଷ୍ଟ ହୁଏ । (ଚରକ) । ବୃଶ୍ଚିକଦଂଶେ—୮-କାସୁନ୍ଦୀ ମୂଳକୁ ଚୋବାଇ ବୃଶ୍ଚିକ ଦଷ୍ଟ ବ୍ୟକ୍ତିର କାନକୁ ଫୁଙ୍କିଲେ ବିଛା ଦଂଶନ ଜ୍ୱାଳା ପ୍ରଶମିତ ହୁଏ (ଚରକ) । ବାତଜଶ୍ଳୀପଦରୋଗେ—୯-କାସୁନ୍ଦୀମୂଳ ଗାଈଘିଅ ସହିତ ଉତ୍ତମ ରୂପେ ବାଟି ପାନ କଲେ ବାତଜ ଶ୍ଳୀପଦ (ଗୋଦର) ଶୀଘ୍ର ବିନାଶ ପ୍ରାପ୍ତ ହୁଏ । ମାତ୍ରା—ପତ୍ରରସ ୧୦—୨୦ ଗ୍ରାମ, ମୂଳକଳ୍କ ଅଧଗ୍ରାମ ଠାରୁ ୩ ଗ୍ରାମ, ବୀଜଚୂର୍ଣ୍ଣ—ବାଳକ ପକ୍ଷରେ ଅଧ ଗ୍ରାମ, ଯୁବକ ପକ୍ଷରେ ୩ ଗ୍ରାମ । କାସମର୍ଦ୍ଦାସବ—କାସୁନ୍ଦୀ ଗଛର ପାଞ୍ଚ ସେର, ପତ୍ର ଦୁଇ ସେରକୁ ଏକାଠେ କୁଟି ବାବନ ସେର ଜଳରେ କ୍ୱାଥ କରି ଚତୁର୍ଥାଂଶ ଅବଶେଷ ରଖି ଓହ୍ଲାଇ ଛାଣି ମାଟି ହାଣ୍ଡିରେ ରଖିବ । ମହୁ ଦଶସେର ଧାତୁକିଫୁଲ ଚୁରଶହ ଗ୍ରାମ, ଗୋଲମରିଚ ଚୁଳିଶି ଗ୍ରାମ, କାର୍ଷ୍ଠ ଚୁଳିଶି ଗ୍ରାମ ଏକାଠେ ମିଶାଇ ମୁଖ ରୁଦ୍ଧ କରି ଏକ ମାସ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା—୧—୨ ଆଉନ୍ସ ଜଳ ସହ । ଉପଦଂଶ, ଆମବାତ ନାଶକ । ଶୀଘ୍ର ପ୍ରସୂତି କାରକ, ଅଫିମ ବିଷ ଏବଂ ପାରଦ ବିଷ ହାରକ ।
(ବୈଦ୍ୟ ଓ ସଦାଶିବ ତ୍ରିପାଠୀ)

୧୮୬-କିଆଫୁଲଗଛ—Pandanus odoratissimus. ଏହି ଗଛ ପୁଷ୍ପର ବର୍ଣ୍ଣଭେଦରେ ଦୁଇ ପ୍ରକାର । ଯାହାର ପୁଷ୍ପ ଶ୍ୱେତବର୍ଣ୍ଣ, ତାକୁ କିଆଗଛ ବୋଲନ୍ତି । ଏବଂ ଯା'ର ପୁଷ୍ପ ସ୍ୱର୍ଣ୍ଣବର୍ଣ୍ଣ, ତାକୁ କେତକୀ ବୋଲାଯାଏ । କିଆଫୁଲର ସଂସ୍କୃତ ପର୍ଯ୍ୟାୟ—ସିତକେତକୀ, ଗନ୍ଧପୁଷ୍ପା, ଧୂଳିପୁଷ୍ପିକା ଓ ସ୍ଥିରଗନ୍ଧା । କେତକୀଫୁଲର ସଂସ୍କୃତ ପର୍ଯ୍ୟାୟ ସ୍ୱର୍ଣ୍ଣକେତକୀ, କନକପ୍ରସବା, ଶିବଦ୍ୱିଷ୍ଟା ଓ ନୃପପ୍ରିୟା ।

କିଆଫୁଲକୁ ବଙ୍ଗଳାରେ କେୟା, ହିନ୍ଦୀରେ କେବଡ଼ା, କେତକୀ ଏବଂ ତେଲୁଗୁରେ ମୋଗଲିଚେଟ୍ଟୁ ବୋଲନ୍ତି । ଏହି ଉଭୟ ପ୍ରକାର କିଆର ଫୁଲ ଫଳ ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । କିଆ ଓ କେତକୀର ରସ ମଧୁର, ତିକ୍ତ, କଟୁ ଏବଂ ଉଷ୍ଣ । ଏହା ସେବନ କଲେ ପିତ୍ତ, କଫ ଓ ବିଷଦୋଷ ବିନଷ୍ଟ ହୁଏ ଏବଂ ଚକ୍ଷୁର ଉପକାର ହୁଏ । କେତକୀର ଫୁଲ ସୁଗନ୍ଧି, ଉଷ୍ଣବୀର୍ଯ୍ୟ, କାମୋଦ୍ଦୀପକ, ପୁଷ୍ଟିକାରକ ଓ ଚକ୍ଷୁର ହିତକର । କେତକୀର ତେଣ୍ଟା କଟୁରସ, ଅତି ଶୀତଳ, ଦେହର ଦୃଢ଼ତା କାରକ, କାନ୍ତିବର୍ଦ୍ଧକ, ପିତ୍ତକଫ ନାଶକ ଓ ରସାୟନ । କେତକୀର ଫଳ ଓ କେଶର—ମଧୁର, ରସ କଟୁର ଉଷ୍ଣବୀର୍ଯ୍ୟ ଏବଂ ମେହ, ବାତ ଓ କଫର ଶାନ୍ତିକାରକ । କିଆ ବା କେତକୀର ଫୁଲ—ଉଷ୍ଣ, ଘର୍ମକାରକ ଓ ଆକ୍ଷେପ ନିବାରକ । ଏହା ଦୁର୍ବଳତା, ମୂର୍ଚ୍ଛା ଓ ଶିରୋଘୂର୍ଣ୍ଣନ ରୋଗରେ ସେବନ କରାଯାଏ । ୧—ନୂତନ ମୂତ୍ରବ୍ୟଥା ରୋଗରେ ଏହି ଫୁଲର ପ୍ରଲେପ ହିତକର । ୨—କିଆ ବା କେତକୀ ଫୁଲର କଲ୍କରେ ତୈଳପାକ କରି ଏହି ତୈଳ ଟୋପା ୨ କାନରେ ପକାଇଲେ କାନପଚୁ ଓ କାନଫଟା ଭଲହୁଏ । ୩—କିଆ ବା କେତକୀର ମୂଳ ଦୁଧରେ ବାଟି ସେବନ କଲେ ଗର୍ଭସ୍ରାବ ଆଶଙ୍କା ନିବୃତ୍ତ ହୁଏ । ବୈଦ୍ୟଶାସ୍ତ୍ରରେ ଏହାର ବ୍ୟବହାର ଯଥା—**ବାତଗୁଳ୍ମରୋଗେ**—୪—କିଆ ବା କେତକୀର ଚେରଗୁଡ଼ିଏ ଆଣି ଶୁଖାଇ ଅନ୍ତର୍ଧୂମ ଦଗ୍ଧ କରି କ୍ଷାର ପ୍ରସ୍ତୁତ କରିବ । ଏହି କ୍ଷାର ରସିତେଲ ସହିତ ସେବନ କଲେ ବାତଜ ଗୁଳ୍ମ—ରୋଗ ପ୍ରଶମିତ ହୁଏ । (ଚକ୍ରଦତ୍ତ) । ମାତ୍ରା—ପତ୍ରରସ—୧୦—୨୦ ଗ୍ରାମ, ମୂଳର କ୍ଷାର ୧—୩ ଗ୍ରାମ, ଫୁଲର କ୍ୱାଥ ୫୦—୧୦୦ ଗ୍ରାମ, କିଆ ବା କେତକୀ ଗଛର ପତ୍ରରେ ଛତା, କାଗଜ ଓ ସାହେବମାନଙ୍କର ଟୋପି ପ୍ରସ୍ତୁତ କରାଯାଏ ।

**୧୮୭—କୁମ୍ଭୀର**—Crocodile. ଏହା ଏକ ପ୍ରକାର ଜଳଜନ୍ତୁ । ଏହାର ସଂସ୍କୃତ ପର୍ଯ୍ୟାୟ—କୁମ୍ଭୀର, ଗ୍ରାହ, ନକ୍ର ଓ ଜଳଶୂକର । ଏହାକୁ ବଙ୍ଗଳାରେ କୁମ୍ଭୀର ଏବଂ ତେଲୁଗୁରେ ମୋଂସଲି ବୋଲନ୍ତି । ଏହାର ମାଂସ ସ୍ୱାଦୁ, ସ୍ନିଗ୍ଧ, ଶୀତଳ, ଧାତୁପୁଷ୍ଟିକର, ବୀର୍ଯ୍ୟବର୍ଦ୍ଧକ, ବାତପିତ୍ତ, ଶ୍ୱାସ ଓ କାସ ନାଶକ ଏବଂ କଫକାରକ ଅଟେ । **କୁମ୍ଭୀରପିତ୍ତ**—୧—ଏହା ତିକ୍ତ, ଉଷ୍ଣ ଓ ତୀକ୍ଷ୍ଣ । ଏହା କଫ, କାସ, ଶ୍ୱାସ, ଶୋଥ. ସନ୍ନିପାତ, ବିଷ ଓ ସୂତିକାର ସନ୍ନିପାତ ଜ୍ୱରରେ ପ୍ରୟୋଗ କରାଯାଏ ।

**୧୮୮—କୁରସିଣତେଲ**—ଏହାକୁ ଥୋକେ ଲୋକ ମାଟିତେଲ ମଧ୍ୟ ବୋଲନ୍ତି । ଏହା ସେବନ ଓ ମର୍ଦ୍ଦନ କରାଯାଏ । ଏହାର ସଂସ୍କୃତ ନାମ—ମୃତ୍ସ୍ନାତୈଳ । ୧—ଏହା ସେବନ କଲେ ବାତ ଶୂଳ, ମୂତ୍ରକୃଚ୍ଛ୍ର, ମୂତ୍ରାଘାତ, ଶୋଥ ଓ କୃମି ନଷ୍ଟହୁଏ, ଫିରଙ୍ଗରୋଗରେ, ଦୁର୍ଗନ୍ଧି ଓ କଦର୍ଯ୍ୟ ବୁଟବେ ଓ ପଟା ଘା' ପ୍ରଭୃତିର ପ୍ରଶମନାର୍ଥେ ଏହା ପ୍ରୟୋଗ କରାଯାଏ । ୨—ସମପରିମିତ ରସିତେଲରେ ଏହା ମିଶାଇ ଲଗାଇଲେ କାଛୁ, କୁଣ୍ଡିଆ ଓ ବାଳକମାନଙ୍କର ମୁହଁରେ ହେବା ପୋଡାଡହଡ଼ୀ ଘା' ଭଲହୁଏ । ୩—ଏହା ମର୍ଦ୍ଦନ କଲେ ଆଣ୍ଠୁ ଗଣ୍ଠିର ବାତ, ପିଠି, ଅଣ୍ଟା ଓ ପାଦର ଦରଜ ଛୁଟିଯାଏ । ୪—ଗନ୍ଧକ ଓ କର୍ପୂର ସହିତ ଏହିତୈଳ ମିଶାଇ ଦାଦୁରେ ଲଗାଇଲେ ଦାଦୁ ଭଲହୁଏ । ୫—କରସିନତେଲ ଶ୍ୱାସ—ରୋଗରେ ଏକ ଉତ୍କୃଷ୍ଟ ଔଷଧ । ଜଣେ ହିନ୍ଦୁସ୍ତାନୀ ବୈଦ୍ୟ ଲେଖିଛନ୍ତି ଯେ—

ଯୋ ଦମ୍ଭା କରୀକୋ ଆଵେ ଦମ୍ ସେ ଦମ୍‌କୋ ଅଟକାଵେ ।
ନା ପ୍ରାଣ ଲେଯାସ୍ ଲେକନ୍ ମରନେ ତକ ପହୁଞ୍ଚାଵେ ।
ଦଶ ବୁନ୍ଦ କରସିନ ଖାଜାସ୍ ରୋଜସକାରେ ।
ଦମ୍ ଯାୟୁ ଦମାକେ ଫୋରମ୍ କେୟଁ । ବୈଠେ ହୋ ମନମାରେ

କରସିନର ମାତ୍ରା ୧୦—୩୦ ଟୋପା ।

**୧୮୯—କିସିମିସ୍**—ଏହା ଏକ ପ୍ରକାର ଦ୍ରାକ୍ଷା । ଏହାର ଗୁଣ ଦ୍ରାକ୍ଷା ସମାନ ।

**୧୯୦—କୁଆ**—Crow. କୁଆକୁ ଥୋକେ ଲୋକ କାଉ ବୋଲନ୍ତି । ଏହାର ସଂସ୍କୃତ ପର୍ଯ୍ୟାୟ—କାକ, ବାୟସ, ଓ ବଳିପୁଷ୍ଟ । କୁଆକୁ ବଙ୍ଗଳାରେ କାକ, ହିନ୍ଦୀରେ କୋୟା ଏବଂ ତେଲୁଗୁରେ କାକି ବୋଲନ୍ତି । ଏହାର ମାଂସ—ଲଘୁ, ଅଗ୍ନିବର୍ଦ୍ଧକ, ବଳକାରକ, ଧାତୁପୁଷ୍ଟିକର ଏବଂ କ୍ଷତ କ୍ଷୟ ଓ ନେତ୍ରରୋଗରେ ହିତକର । ୧—କୁଆ ଗୋଟିଏ ମାରି ତତ୍‌କ୍ଷଣାତ୍ ତା'ର କୋଡ଼ଦେଶକୁ ଚିରିଦେଇ ତହିଁରେ କାଛୁସମସ୍ତ ଲୁଧ୍ (ବିଲା ବା ବାଗି) ପ୍ରବେଶ କରାଇଲେ ସେହି ମୁହୂର୍ତ୍ତରେ ତାର ବେଦନା ନିବାରିତ ହୁଏ । ୨—କୁଆର ବିଷ୍ଠା, ପକ୍ଷ ଓ ଅଣ୍ଡା ନିଆଁରେ ପକାଇ ତା'ର ଧୂଆଁ ଦେଲେ ଅପସ୍ମାର ନିବୃତ୍ତ ହୁଏ । ଡାମରକୁଆର ମାଂସାଦି ମଧ୍ୟ ଏହିପରି ଗୁଣ କରେ ।

**୧୯୧—କୁଆପଥରପାଣି**—ଜଳ ଦେଖ ।

**୧୯୨—କୁଆମଇଁଡାଗଛ**— Trichosanthes dioica. ଏହାକୁ ଥୋକେ ଲୋକ ପିତ୍ତପୋଟଳଗଛ ବୋଲନ୍ତି । ଏହାର ସଂସ୍କୃତ ପର୍ଯ୍ୟାୟ—ତିକ୍ତକ, କଟୁଫଳ, କାସମର୍ଦ୍ଦନ ଓ କୁଷ୍ଠାରି । ଏହାକୁ ବଙ୍ଗଳାରେ ତିତପଟୋଳ, ତିତପଲତା, ହିନ୍ଦୀରେ କଡ଼ୱେପରୱଲ ଏବଂ ତେଲୁଗୁରେ ଚେଦପୋଟ୍ଲମୁ ବୋଲନ୍ତି । ଏହାର ପତ୍ର, ଫଳ, ମୂଳ ଓ ଡାଳ ଔଷଧାର୍ଥରେ ବ୍ୟବହୃତ ହୁଏ । କୁଆମଇଁଡାର ସମୂଳ ସର୍ବାଙ୍ଗର ରସ ବା

କ୍ୱାଥ କଟୁ, ତିକ୍ତ ଏବଂ ଉଷ୍ଣ । ଏହା ସେବନ କଲେ କଫ, କଣ୍ଡୁ, ରକ୍ତପିତ୍ତ, ବିସର୍ପ, ରକ୍ତବିକାର, ବ୍ରଣ, ଜ୍ୱର, ବିଷଦୋଷ, ଶୋଥ, ଅଗ୍ନିମାନ୍ଦ୍ୟ, ପାଣ୍ଡୁ, କାମଳା, କ୍ରିମି, ଅରୁଚି, ତୃଷ୍ଣାଳଗା, ନେତ୍ରରୋଗ, କାସ ଓ ତ୍ରିଦୋଷ ପ୍ରଶମିତ ହୁଏ । ଏହାର ମୂଳ ମୂତ୍ରବିରେଚକ, ପତ୍ର—ପିତ୍ତନାଶକ, ଡାଳ—କଫନାଶକ ଏବଂ ଫଳ ତ୍ରିଦୋଷ ଓ ଉଦରରୋଗ ହାରକ ଅଟେ । ବୈଦ୍ୟଶାସ୍ତ୍ରରେ କୁଆଁମଇତାର ବ୍ୟବହାର ଯଥା— ରକ୍ତପିତ୍ତରୋଗରେ—କୁଆଁମଇତା ପତ୍ରର କ୍ୱାଥ ରକ୍ତପିତ୍ତ ନାଶକ । (ଚରକ) **ମଦାତ୍ୟୟରୋଗରେ**—୨—କୁଆଁମଇତାର ସମୂଳ ସର୍ବାଙ୍ଗର କ୍ୱାଥରେ ଶୁଣ୍ଠୀଚୂର୍ଣ୍ଣ ପ୍ରକ୍ଷେପ କରି ପାନ କଲେ ମଦାତ୍ୟୟ ରୋଗୀର ରକ୍ତବାନ୍ତି ଶାନ୍ତ ହୁଏ । (ଚରକ) । **ଶୋଥରୋଗରେ**—୩-ଶୋଥରୋଗୀକୁ ଯେବେ କୌଣସି ଶାକ ସେବନ କରାଇବାକୁ ହୁଏ, ତା'ହେଲେ କୁଆଁମଇତାର ଫଳ ଶାକ ହିଁ ପ୍ରଶସ୍ତ । (ଚରକ) । **ଉଦରରୋଗରେ**—୪—କୁଆଁମଇତା ଫଳର ତର୍କାରି ଖାଇଲେ ସକଳ ପ୍ରକାର ଉଦରରୋଗରେ ବିଶେଷ ଫଳ ଲଭହୁଏ । (ଚରକ) । **ମୂତ୍ରକୃଚ୍ଛ୍ରରୋଗରେ**— ୫—କୁଆଁମଇତା ଫଳକୁ ପାଣିରେ ସିଝାଇ ନଡ଼ିଆ ତେଲ ପକାଇ ସନ୍ତୁଳିବ । ଏଥିରେ ଲବଣ ଯୋଗ ନ କରି ଖାଇଲେ ମୂତ୍ରକୃଚ୍ଛ୍ରରୋଗରେ ଉତ୍ତମ ଫଳ ଲଭ ହୁଏ । ( ଚରକ ) । **ରକ୍ତପିତ୍ତରୋଗରେ**—୬-କୁଆଁମଇତା **ପତ୍ରକୁ** ଘିଅରେ ଭାଜି ଖାଇଲେ ରକ୍ତପିତ୍ତ ନିବାରିତ ହୁଏ । ( ସୁଶ୍ରୁତ ) । **ପିତ୍ତକଫଜ୍ୱରେ**—୭-ନିମ୍ବପତ୍ର ଓ କୁଆଁମଇତା ପତ୍ରର ଯୂଷ ପିତ୍ତକଫଜ୍ୱରରେ ହିତକର ଅଟେ । (ଚକ୍ରଦତ୍ତ) **ଜ୍ୱରରୋଗରେ** —କୁଆଁମଇତାର ଫଳ ତର୍କାରି କରି ଖାଇଲେ ଜ୍ୱରରୋଗରେ ବିଶେଷ ଉପକାର ହୁଏ । (ଚକ୍ରଦତ୍ତ) । **ପିତ୍ତଜ୍ୱରେ**— ୮—ପିତ୍ତଜ୍ୱର ରୋଗୀର ତୃଷ୍ଣା ଓ ଦାହ ନିବାରଣାର୍ଥେ କୁଆଁମଇତାର ପତ୍ର ଓ ଯବଧାନର କ୍ୱାଥରେ ମହୁ ପ୍ରକ୍ଷେପ କରି ରୋଗୀକୁ ପାନ କରାଇବ । (ଚକ୍ରଦତ୍ତ) । **ବାତରୋଗରେ** ୯—କୁଆଁମଇତା ଫଳର ଯୂଷ ଲଘୁ, ବଲକାରକ ଓ ବାତ-ନାଶକ । (ଚକ୍ରଦତ୍ତ) । **ବସନ୍ତରୋଗରେ**—୧୦-କୁଆଁମଇତା ମୂଳର କ୍ୱାଥ ପାନ କଲେ ପିତ୍ତଜ ବସନ୍ତରୋଗ ନିବାରିତ ହୁଏ । (ଭାବପ୍ରକାଶ) କୁଆଁମଇତାର ପତ୍ର ପଟୋଳପତ୍ର ନାମରେ ବଜାରରେ ବିକ୍ରୟ ହୁଏ । ମାତ୍ରା—ପତ୍ରରସ—୧୦-୩୦ ଗ୍ରାମ, କ୍ୱାଥ ୪୦—୮୦ ଗ୍ରାମ ।

*

**୧୯୩—କୁକ୍କୁଡ଼ା**—Hen. ଏହାର ସଂସ୍କୃତ ପର୍ଯ୍ୟାୟ— କୁକ୍କୁଟ, ତାମ୍ରଚୂଡ଼ ଓ ଚରଣାୟୁଧ । ଏହାକୁ ବଙ୍ଗଳାରେ କୁକ୍‌ଡୋ, ମୁର୍ଗୀ, ହିନ୍ଦୀରେ ମୁର୍ଗା ଏବଂ ତେଲୁଗୁରେ କୋଡ଼ି ବୋଲନ୍ତି । ଏହାର ମାଂସ—ସ୍ୱାଦୁ, ଅଳ୍ପ କଷାୟ, ଉଷ୍ଣ, ସ୍ନିଗ୍ଧ, ଗୁରୁପାକ, କାନ୍ତି, ମେଧା ଓ ବଳବର୍ଦ୍ଧକ, ଧାତୁପୁଷ୍ଟିକର ଓ ବୀର୍ଯ୍ୟବର୍ଦ୍ଧକ । ଏହା ଖାଇଲେ ଜ୍ୱର, ମେହ, ଶ୍ୱାସ, ଦାହ ମେଦୋରୋଗ, କୁଷ୍ଠ ଓ ଭ୍ରମରୋଗରେ ଉପକାର ହୁଏ । ଉନ୍ମାଦରୋଗରେ ଏହି ମାଂସ ବିଶେଷ ହିତକର । କୁକୁଡ଼ାମାଂସ ନିଆଁରେ ପୋଡ଼ି ଖାଇଲେ କାସରୋଗରେ ଏବଂ ମୃତ୍ତିକାଭକ୍ଷଣ ଜାତ ପାଣ୍ଡୁରୋଗରେ ଉପକାର ହୁଏ । ଏହି ମାଂସ ଶରୀରକୁ ହୃଷ୍ଟପୁଷ୍ଟ କରେ, ମସ୍ତିଷ୍କ ଓ ହୃତ୍‌ପିଣ୍ଡକୁ ସବଳ କରେ, ମୁଖମଣ୍ଡଳକୁ ସମୁଜ୍ଜ୍ୱଳ କରେ, ସ୍ୱର ପରିଷ୍କାର କରେ ଏବଂ ପକ୍ଷାଘାତ ଓ ଅର୍ଦ୍ଦିତ ବାତରୋଗରେ ବିଶେଷ ଉପକାର କରେ । ପ୍ରତିଦିନ ଏହି ମାଂସ ଖାଇଲେ ସୁଖରେ ବିରେଚନ ହୋଇ କୋଷ୍ଠ ପରିଷ୍କାର ହୁଏ । ଏକ ସପ୍ତାହ ପର୍ଯ୍ୟନ୍ତ କୁକୁଡ଼ାର ମାଂସ ଘିଅ ସହିତ ପାକ କରି ଗହମ ରୋଟି ସହିତ ଖାଇଲେ ଦେହର ବର୍ଣ୍ଣ ସମୁଜ୍ଜ୍ୱଳ ହୁଏ । ୧— କୁକୁଡ଼ାର ପିତ୍ତ ଲିଙ୍ଗରେ ମାଳିସ କରି ଶୁଖିଯିବା ପରେ ସ୍ତ୍ରୀ ସହବାସ କଲେ ଅତିଶୟ ସୁଖ ଲାଭ ହୁଏ । କୁକୁଡ଼ାର ବସ ମାଳିସ କଲେ ଫୁଲାରୁଞ୍ଜିଯାଏ । ୨—କଳାକୁକୁଡ଼ାର ହାଡ଼ ଓ ଅଙ୍ଗୁର କାଠକୁ ପୋଡ଼ି ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣକୁ ମହଣରେ ମିଶାଇ କନାରେ ବାନ୍ଧି ସ୍ତ୍ରୀମାନଙ୍କର ଜନନେନ୍ଦ୍ରିୟରେ ରଖିଲେ ତା'ର ଶିଥିଳତା ନଷ୍ଟ ହୁଏ । **କୁକୁଡ଼ାଡିମ୍ବ** —ଏହା ରତିଶକ୍ତି ବର୍ଦ୍ଧକ । ୩—କୁକୁଡ଼ାଡିମ୍ବକୁ ଦରସିଝା କରି ଖାଇଲେ ଧାତୁପୁଷ୍ଟି ଓ ବୀର୍ଯ୍ୟ ବୃଦ୍ଧି ହୁଏ । ଏହା ସ୍ୱରଭଙ୍ଗ, କାସ, କ୍ଷୟ, ରକ୍ତପିତ୍ତ, ରକ୍ତପ୍ରଦର ଓ ରକ୍ତାର୍ଶ ଜନିତ ରକ୍ତ-କ୍ଷୟ ରୋଗରେ ବିଶେଷ ଉପକାରକ । ୪—ସର୍ପଦଷ୍ଟ ସ୍ଥାନରେ କୁକୁଡ଼ାଡିମ୍ବର ହଳଦିଆ ଅଂଶ ଲେପନ କଲେ ଏବଂ ରୋଗୀକୁ ଏହା ଖୁଆଇଲେ ବିଷ ନଷ୍ଟହୁଏ । ୫-ଫିରଙ୍ଗି ସାମ୍ବାଣୀ ସହିତ ଏହା ମିଶାଇ ଖାଇଲେ କାସ ଶ୍ୱାସ ପ୍ରଶମିତ ହୁଏ । ୬— ପୋଡ଼ାଘାଆରେ ଏହା ଲେପନ କଲେ ଜ୍ୱାଳା ଶାନ୍ତହୁଏ ଏବଂ ଘା' ଶୁଖିଯାଏ । ୮—କୁକୁଡ଼ା ଡିମ୍ବର ଖୋଳକୁ ଭସ୍ମ କରି ମହୁ ସହିତ ମିଶାଇ ଆଖିରେ ଅଞ୍ଜନ ରୂପରେ ବ୍ୟବହାର କଲେ କାଲୁକାଲୁଆ ଏବଂ କୁହୁଡ଼ିଆ ଦଶିବାରୋଗ ଆରୋଗ୍ୟ ହୁଏ । କୁକୁଡ଼ାଡିମ୍ବ ଅଧିକ ଖାଇଲେ ଅମ୍ଳପିତ୍ତରୋଗ ଜାତ ହୁଏ । କୁକୁଡ଼ାଡିମ୍ବର ଖୋଳକୁ ଭସ୍ମ କରି ଅଧ ଗ୍ରାମ ପରିମାଣରେ ଖାଇଲେ ପ୍ରମେହ ଏବଂ ପ୍ରଦର ନଷ୍ଟ ହୁଏ ।

**୧୯୪—କୁକୁର**—Dog. ଏହାର ସଂସ୍କୃତ ପର୍ଯ୍ୟାୟ— କୁକୁର, ସାରମେୟ ଓ ଅଳର୍କ । ଏହାକୁ ବଙ୍ଗଳାରେ କୁକୁର, ହିନ୍ଦୀରେ କୁତ୍ତା, ଏବଂ ତେଲୁଗୁରେ କୁକ୍‌କା ବୋଲନ୍ତି । ୧— ପୁରୁଣା ମିଳାଘାଆରେ କୁକୁରମାଂସ ପକାଇ ବାନ୍ଧିଲେ ଶୀଘ୍ର ଘା' ଶୁଖିଯାଏ । ୨—କୁକୁରର ହାଡ଼ ଦୋର ଲଗାଇଲେ

ଉପଦ୍ରବ ଦୂର ହୋଇଯାଏ । ୩—କୁକୁରର ଦୁଧ ଲଗାଇଲେ ବଶୀ-କରଣ । ୪—ପୁଷ୍ୟା ନକ୍ଷତ୍ରରେ କୁକୁରକୁ ମାରି ତାର ପିତ୍ତ ବାହାର କରି ରଖିବ । ଏହି ପିତ୍ତକୁ ଘୋଡ଼ା ଅଙ୍ଗରେ ଅଞ୍ଜନ ଦେଇଲେ କିମ୍ବା ଘିଅ ସହିତ ଏହାକୁ ମିଶାଇ ଧୂପ ପ୍ରଦାନ କଲେ ଅପସ୍ମାରରୋଗ ବିନଷ୍ଟ ହୁଏ । (ପା, ମୁ, ଯୋ)

**୧୯୫—କୁକୁରଚେଲିଆଗଛ**—ଏହା ଏକ ପ୍ରକାର ଲତା । ଏହାର ମୂଳ କନ୍ଦମୂଳ ପରି । ଏହି ମୂଳକୁ ଚାଖିଲେ ଲଙ୍କୁଆ ଲାଗେ । ୧—ପାଣି ସହିତ କୁକୁରଚେଲିଆର ମୂଳ ବାଟି ଲେପନ କଲେ ଫାଟି ଯିବା ହାଡ଼ ଯୋଡ଼ି ହୋଇଯାଏ ଏବଂ ବେଦନା ବିନଷ୍ଟ ହୁଏ । ୨—ଅପକ୍ୱ ଫୁଟ ଓ ମାଂସ ଉପରେ ଏହି ମୂଳର ପ୍ରଲେପ ଉପକାର କରେ । ଗୋରୁମାନଙ୍କର ସରସାରୋଗ ହେଲେ ଗୋଡ଼ି ଫୁଲିଲେ ସେଥିରେ ଏହି ମୂଳ ବାଟି ଲେପନ କରନ୍ତି ।

**୧୯୬—କୁକୁରଚେଲିସ୍ୱାମଣ୍ଡୁ**—ଏହି ମଣ୍ଡୁକୁ ଖଣ୍ଡ ଖଣ୍ଡ କରି କାଟି ଗାଈମୂତ୍ରରେ ଏକ ଦିନ ବତୁରାଇ ପରିଷ୍କାର କରି ଧୋଇ ଖରାରେ ଶୁଖାଇ ବ୍ୟବହାର କରାଯାଏ । ଏହା ବାତ, କଫ, କାଶ, ଶ୍ୱାସ, ଜ୍ୱର ଓ ପ୍ରମେହ ନାଶକ । ଗୁଳୁଚିରୁ ଯେପରି ସାର (ସତ୍ତ୍ୱ) ବାହାର କରାଯାଏ, ସେହିପରି ଏହାର ମଧ୍ୟ ସତ୍ତ୍ୱ ବାହାର କରି ମେହରୋଗରେ ପ୍ରୟୋଗ କରାଯାଏ ।

**୧୯୭—କୁଙ୍କୁମ**—Crocus sativus. Saffron. ଏହାର ସଂସ୍କୃତ ପର୍ଯ୍ୟାୟ—କାଶ୍ମୀରଜ, ବାହ୍ଲୀକ, ବରେଣ୍ୟ ଓ ଘୁସୃଣ । ଏହାକୁ ବଙ୍ଗଳାରେ କୁଙ୍କୁମ ଓ କେଶର, ହିନ୍ଦୀରେ ଜାଫରାଣ ଓ କେଶର ଏବଂ ତେଲୁଗୁରେ କୁଙ୍କୁମପୁବ୍ୱୁ ବୋଲନ୍ତି । କୁଙ୍କୁମ ଏକ ପ୍ରକାର ଫୁଲର କେଶର । ଅସଲ କୁଙ୍କୁମର ମୂଲ୍ୟ ଅଧିକ ହେବା ଯୋଗୁଁ ଠକ ବେପାରୀମାନେ ନକଲି କୁଙ୍କୁମ ତିଆର କରି ବଜାରରେ ବିକଥାନ୍ତି । ଅସଲ ଓ ନକଲ କୁଙ୍କୁମ ପରୀକ୍ଷା—୧—ଅସଲ କୁଙ୍କୁମର ଦୁଇପାଖ ସମାନ ରହେ ନାହିଁ । ଗୋଟାଏ ପାଖ ଓସାର ଓ ବହଳିଆ ରହେ । ୨—ଅସଲ କୁଙ୍କୁମର କେଶର ଗୁଡ଼ିକୁ ହାତରେ ଧରି ସେଥିରେ ଅଳ୍ପ ପାଣି ପକାଇବ, ତାହା ବତୁରିଯିବା ପରେ ଅଳ୍ପ ଉତ୍ତାପରେ ଆଙ୍ଗୁଳିରେ ମର୍ଦ୍ଦିତ, ତହିଁରୁ ଯେବେ ରଙ୍ଗ ଛାଡ଼ି ନ ଯାଏ, ଏବଂ ଯେପରି କିଛି ନ ବାହାରେ ତେବେ ଉତ୍ତମ କୁଙ୍କୁମ ବୋଲି ବୁଝିବ । ଯେବେ ରଙ୍ଗ ଛାଡ଼ିଯାଏ, ଦୋଉଳିଆ କିଛି ବାହାରେ, ତେବେ ନକଲି କିମ୍ବା ବୋଲି ବୁଝିବ । ୩—ଅସଲ କୁଙ୍କୁମକୁ ଜିଭରେ ଘଷିଲେ ସ୍ୱାଦ ଓ ତିକ୍ତ ଲାଗେ, ମୁହଁରେ ଦୋଳି ଦେବା ସାଙ୍ଗେ ୨ ଟା'ର ସୁବାସ ବାହାରେ ଏବଂ କୁଙ୍କୁମ ରଙ୍ଗରେ ଦାନ୍ତ ରଙ୍ଗ ହୋଇଯାଏ, ଯଦି ଜିଭକୁ ଲାଲ ଗାଢ଼ ହୋଇଯାଇ ଗୁଣ୍ଡିକୁ ବାକିବେଳା ପରି କରେ । କିନ୍ତୁ ନକଲ କୁଙ୍କୁମକୁ ମୁହଁରେ ଘଷିଲେ ତା'ର ରଙ୍ଗ ଦେଖିଆ ଲାଗେ ଏବଂ ରଙ୍ଗ ଛାଡ଼ିଯାଇ କାଗଜ ପରି ଦେଖା ଯାଇଥାଏ । ୪—ଅସଲ କୁଙ୍କୁମ ନୂଆ ହୋଇଥିଲେ ତା'ର ସୁଗନ୍ଧ ସୁବାସ ସମାନ ଥାଏ, ପୁରୁଣା ହେଲେ ଦୋ ବର୍ଷପରେ ତହିଁରୁ ଗନ୍ଧ ବାହାରେ ଖରାରେ ରଖିଲେ ମଧ୍ୟ ଗନ୍ଧ ଉଡ଼ଏ ନାହିଁ, ମାତ୍ର ଖରାରେ ରଖିଲେ କୁଙ୍କୁମ କଳା ପଡ଼ିଯାଏ । କିନ୍ତୁ ନକଲ କୁଙ୍କୁମରେ ସୁବାସ ରହେ ନାହିଁ । ତହିଁରେ ଯେଉଁ ଅତର ମିଶା ହୋଇଥାଏ ତାହା ଅଳ୍ପ ସମୟ ପରେ ରଖିଲେ ଉଡ଼ିଯାଏ । ୫—ଅସଲ କୁଙ୍କୁମକୁ ଟିକିଏ ଜଳ ଗ୍ଲାସରେ ପକାଇଲେ ତାହା ତଳକୁ ବସିଯାଏ ଜଳର ସ୍ୱାଭାବିକ ବର୍ଣ୍ଣ ଛାଡ଼େ ନାହିଁ । କିନ୍ତୁ ନକଲି କୁଙ୍କୁମର ରଙ୍ଗ ପାଣିରେ ମିଶିଯାଇ କେବଳ ଗୋଟି କାଗଜକିମ୍ବା ପରି ହୋଇଯାଏ । ୬—ଅସଲ କୁଙ୍କୁମର ବର୍ଣ୍ଣ ନାଲି କମଳା ଲେମ୍ବୁ ରଙ୍ଗ ପରି । ପୁରୁଣା ହେଲେ କୁଙ୍କୁମ ଟିକିଏ କଳା ଦେଖାଏ ଏବଂ ଚର୍ବି ମିଶା କୁଙ୍କୁମ ତେଲିଆ ରହେ । କାଶ୍ମୀର ଦେଶଜାତ କୁଙ୍କୁମ ପଦ୍ମପରି ସୁବାସ ରହେ, ବାହ୍ଲିକ ଦେଶଜାତ କୁଙ୍କୁମ କେତକୀ ପରି ସୁବାସ ରହେ ଏବଂ ପାରସ୍ୟ ଜାତ କୁଙ୍କୁମ ମଧୁପରି ସୁବାସ ରହେ । ବିଲାତି କୁଙ୍କୁମରେ ଜନ୍ତୁର ଚର୍ବି ମିଶିଥାଏ । ତେଣୁ ଏହି କୁଙ୍କୁମ ହିନ୍ଦୁମାନେ ଏବଂ ଧର୍ମ ନିଷ୍ଠାରେ କର୍ମରେ ବ୍ୟବହାର କରିବାକୁ ହେବନାହିଁ । ବିଲାତି କୁଙ୍କୁମକୁ ଜଳରେ ଘଷିଲେ ଶାଳିଆରେ ଏବଂ ତେଲିଆ ବୁଦ୍‌ବୁଦ ଫୁଲ ଉଠେ । କୁଙ୍କୁମ—କଟୁ, ତିକ୍ତ, ଶୋଷକ ଓ ଉଷ୍ଣ । ଏହା ସେବନ କଲେ କଣ୍ଠ ବିକାର ଓ କାଶ, ବମି, ରକ୍ତପିତ୍ତ, କୁଷ୍ଠ, ଚର୍ମରୋଗ, ଅପସ୍ମାର, ହୃଦ୍‌ରୋଗ, ବାତ, କଫ, ଭ୍ରମ, କଣ୍ଡୁରୋଗ, ଶିରୋରୋଗ ଓ ବ୍ରଣରୋଗ ନଷ୍ଟ ହୁଏ, କାନ୍ତି, ବୀର୍ଯ୍ୟ, ବଳ ଏବଂ ଆୟୁ ବୃଦ୍ଧି ହୁଏ, ନିଦ୍ରା ଜାତ ହୁଏ ଏବଂ ଅଶୁଦ୍ଧ ପାରଦ ସେବନ ଜନିତ ବିକାର ସମୂହ ପ୍ରଶମିତ ହୁଏ । ୧—ପ୍ରସୂତା ସ୍ତ୍ରୀମାନଙ୍କୁ କୁଙ୍କୁମ ଖୁଆଇଲେ ସେମାନଙ୍କର ଦୂଷିତ ରକ୍ତ ସୁଖରେ ନିର୍ଗତ ହୁଏ ଏବଂ ସୂତିକା ଜ୍ୱର ସେମାନଙ୍କୁ ଆକ୍ରମଣ କରେନାହିଁ । ମୂତ୍ରରୋଧ, ପ୍ରଦର, ବାତଶୂଳ, ଶ୍ୱାସ ଓ ଅଜୀର୍ଣ୍ଣ ବିକାରରେ କୁଙ୍କୁମ ସେବନ କରାଯାଏ । ୨—କୁଙ୍କୁମର ପିଚକାରୀ ଯୋନିରେ ଧାରଣ କଲେ ଗର୍ଭାଶୟର ଯନ୍ତ୍ରଣା ନିବାରଣ ହୁଏ । ୩—ଜ୍ୱରରୋଗ୍ୟ କୋଠ (ଟିଟେଇବା) ଏବଂ ଅଗ୍ନିମାନ୍ଦ୍ୟ ମଧୁରୋଗରେ କୁଙ୍କୁମ ସେବନ କଲେ ବିଶେଷ ଲାଭ ହୁଏ । ୪—କୁଙ୍କୁମକୁ ଘିଅରେ ବାଟି ବାଳକ-ମାନଙ୍କୁ ସେବନ କରାଇଲେ ସେମାନଙ୍କର ଝାଡ଼ା ବନ୍ଦ ହୁଏ । ୫—କୁଙ୍କୁମ ବାଟି କପାଳରେ ଲେପନ କଲେ ମୁଣ୍ଡବିନ୍ଧା

[illegible] ହୁଏ । କୁଙ୍କୁମ ସେବନ କଲେ ମନ ପ୍ରଫୁଲ୍ଲ ହୁଏ, ମସ୍ତିଷ୍କ ଓ ସ୍ନାୟୁ ସବଳ ହୁଏ, ଏବଂ ସ୍ତ୍ରୀ ଓ ପୁରୁଷରେ [illegible] ହୋଇଥିବା ମଳ ବହିର୍ଗତ ହୁଏ । ୨—କୁଙ୍କୁମକୁ ଜଳରେ ବାଟି ଆଖିରେ ଅଞ୍ଜନ ଦେଲେ ନେତ୍ରର ରକ୍ତିମା ଓ ବେଦନା ନିବାରିତ ହୁଏ । ୩—ମୂତ୍ରକୃଚ୍ଛ୍ରରେ ୩—୫ ଗ୍ରାମ ମାତ୍ରାରେ କୁଙ୍କୁମକୁ [illegible] ଖୁଆଇଲେ ପ୍ରସବ ହୁଏ । [illegible] ଲଗାଇଲେ ମୁହଁର କାନ୍ତି ବଢ଼େ । [illegible] ବ୍ୟବହାର କଲେ ନିଦ ଆସେ ଏବଂ [illegible] ହୁଏ । ବୈଦ୍ୟଶାସ୍ତ୍ରରେ କୁଙ୍କୁମର ବ୍ୟବହାର । [illegible] —ମୂତ୍ରକୃଚ୍ଛ୍ର ରୋଗରେ—୯—ଦ୍ରାକ୍ଷାର କ୍ୱାଥରେ କୁଙ୍କୁମକୁ [illegible] ସକଳ ପ୍ରକାର ମୂତ୍ରକୃଚ୍ଛ୍ର ପ୍ରଶମିତ ହୁଏ । ( [illegible] ) । ମୂତ୍ରରୋଗଜନ୍ୟଦାହରେ—୧୦— [illegible] ଜନିତ ଉଦାବର୍ତ୍ତ ରୋଗରେ କୁଙ୍କୁମର [illegible] ଅଛି । (ସୁଶ୍ରୁତ) । ମୂତ୍ରାଘାତରୋଗରେ ୧୧—ଭଲ ମଧୁ ୨୦ ଗ୍ରାମ, ଜଳ ୧୬୦ ଗ୍ରାମ ଏକାଠି ମିଶାଇ ତହିଁରେ କୁଙ୍କୁମ ବାଟି ଗୋଳିବ, କାଚ ପାତ୍ରରେ ଅଥବା ପଥର ପାତ୍ରରେ ଏହାକୁ ଏକ ରାତି ରଖି ପ୍ରାତଃକାଳରେ [illegible] କଲେ ମୂତ୍ରାଘାତ ନିବାରିତ ହୁଏ । (ସୁଶ୍ରୁତ) । ଶିରୋରୋଗରେ—୧୨—ଯେଉଁ ଶିରୋରୋଗରେ ମସ୍ତକର ଏକ ପାର୍ଶ୍ୱରେ ବେଦନା ହୁଏ ଏବଂ ବେଳା ବୃଦ୍ଧିର ସହିତ ବେଦନା ବଢ଼େ, ସେହି ଶିରୋରୋଗ ନିବୃତ୍ତି ନିମିତ୍ତ କୁଙ୍କୁମକୁ ଘିଅରେ ଭାଜି ସମଭାଗ ଚିନି ସହିତ ମିଶାଇ ତା'ର ନସ୍ୟ ପ୍ରୟୋଗ କରିବ । ( [illegible] ) ମାତ୍ରା—ଚୂର୍ଣ୍ଣ ଠାରୁ ୨ ଗ୍ରାମ, କ୍ୱାଥ—୫୦—୧୦୦ ଗ୍ରାମ । କୁଙ୍କୁମାସବ—ଉତ୍ତମ କୁଙ୍କୁମ ପଚିଶି ଗ୍ରାମ, ପଚିଶି ଗ୍ରାମ ରେକ୍‌ଟିଫାଇଡ୍ ସ୍ପିରିଟ୍ ବା ମଦ୍ୟ ସହିତ ମିଶାଇ ଶିଶିରେ ଭରି ତହିଁରେ ମଜବୁତ କାର୍କ (ଠିପି) ଲଗାଇ ବନ୍ଦ କରି [illegible] ରଖିବ । ପରେ ଛାଣି ଶିଶିରେ ଭରି ରଖି ବ୍ୟବହାର କରିବ । ମାତ୍ରା—୩୦—୧୨୦ ବିନ୍ଦୁ । ଏହା ଉତ୍ତେଜକ ଏବଂ ପୌଷ୍ଟିକ । (ବୈଦ୍ୟ ବାଚସ୍ପତି)

୧୯୮—କୁଚିଳାଗଛ—କଚିଲାଗଛ ଦେଖ ।

୧୯୯—କୁଞ୍ଜରଦା—କରଡ଼ାଗଛ ଦେଖ ।

୨୦୦—କୁଟକୀ—ଶାରୁଦେଖ ।

୨୦୧—କୁଡ଼—Sausurea Auriculata, Clarke. Aplotaxis Auriculata Jaoqu. ଏହାର ସଂସ୍କୃତ ପର୍ଯ୍ୟାୟ—କୁଷ୍ଠ, ଉତ୍ପଳ, କାକଲ ଓ ପାରିଭଦ୍ର । ଏହାକୁ ବଙ୍ଗଳାରେ କୁଡ଼, ହିନ୍ଦୀରେ କୁଠ୍ ଏବଂ ତେଲୁଗୁରେ ଚେଙ୍ଗଲକୋଷ୍ଟୁ ବୋଲନ୍ତି । ଅସଲ କୁଡ଼ର ପରୀକ୍ଷା—ଯାହାର ଆକାର ମୁଗନ୍ଧୁଙ୍କ ପରି, ବର୍ଣ୍ଣ ଫିକା, ଯାହା ଚର୍ବଣ କଲେ ଗରମ ଲାଗେ ଏବଂ ଜିଭ ଝିମ୍‌ଝିମ୍ କରେ, ଘର୍ଷିଲେ ଯହିଁରୁ ଗୁଣ୍ଡ ଝରେ ନାହିଁ ଏବଂ ଯାହା ଶୁଷ୍କ, ସେହି କୁଡ଼ ଉତ୍ତମ । ଉତ୍ତମ କୁଡ଼—ମଧୁର, କଟୁ, ତିକ୍ତ ଏବଂ ଉଷ୍ଣ । ଏହାର ଚୂର୍ଣ୍ଣ କିମ୍ବା କ୍ୱାଥ ସେବନ କଲେ କଫ, ବାତ, ବିସର୍ପ, କଣ୍ଡୁ, ଦଦ୍ରୁ, କୁଷ୍ଠ, ବିଷଦୋଷ, ବଟର୍ଣ୍ଣିକା, କାସ, ଶ୍ୱାସ, ଜ୍ୱର, ହିକ୍କା, ଅର୍ଶ, ବିସୂଚିକା ଓ ବାତରକ୍ତ ରୋଗ ନିବାରିତ ହୁଏ । ଏହା ରସାୟନ ହେତୁରୁ ଚର୍ମରୋଗ ଓ ଆମବାତ ରୋଗରେ ସେବନ କରାଯାଏ । ୧—କୁଡ଼ର ମଲମ ଉଦରୋଗରେ ହିତକର । ୨—ମୁଣ୍ଡବିନ୍ଧା ରୋଗରେ ଏବଂ ହାତ ପାଦ ଓ ପେଟଫୁଲା ରୋଗରେ ଗୋଲାପ ଜଳ ସହିତ କୁଡ଼କୁ ବାଟି ଲେପନ କଲେ ବିଶେଷ ଉପକାର ହୁଏ । କୁଡ଼କୁ ଚୂର୍ଣ୍ଣ କରି ଚିଲମରେ ରଖି ତା'ର ଧୂମ ପାନ କଲେ ଆଫିମର ନିଶା ଛୁଟେ । କୁଡ଼ର ଚୂର୍ଣ୍ଣ—ଅପସ୍ମାରନାଶକ, କାନ୍ତିବର୍ଦ୍ଧକ, ଶୁକ୍ର ଶୋଧକ ଓ ଶୂଳ ନିବାରକ । ବୈଦ୍ୟଶାସ୍ତ୍ରରେ କୁଡ଼ର ବ୍ୟବହାର ଯଥା—ବାତରୋଗରେ—୩ ବାତ ନାଶକ ଦ୍ରବ୍ୟ ମଧ୍ୟରେ କୁଡ଼ ଶ୍ରେଷ୍ଠତମ । ( ଚରକ ) । ମସ୍ତିଷ୍କଶୂଳରେ—୪—ଚକୁଆଁ ଓ କୁଡ଼ର ପ୍ରଲେପ ମସ୍ତକ ଶୂଳରେ ହିତକର । (ଚରକ) ଅର୍ଶରୋଗରେ—୫—କୁଡ଼ର କଲକରେ ଯଥାବିଧି ଗୁଡ଼ିତେଲ ପାକ କରି ଏହି ତେଲ ଅର୍ଶରେ ମର୍ଦ୍ଦନ ପୂର୍ବକ ସ୍ୱେଦ ଦେଲେ ବିଶେଷ ଉପକାର ହୁଏ । (ଚରକ) । ଅପସ୍ମାରରେ—୬—କୁଡ଼ର କ୍ୱାଥ ପାନ କଲେ ଅପସ୍ମାର ବିନଷ୍ଟ ହୁଏ । (ଚରକ) ପକ୍ୱାଶୟଗତବିକାରରେ—୭—କୁଡ଼ ଓ ତଗରପାଦୁକା ଦଧି ସହିତ ପେଷଣ କରି ପାନ କଲେ ପକ୍ୱାଶୟଗତ ବିଷବିକାର ବିନାଶପ୍ରାପ୍ତ ହୁଏ । (ଚରକ) । ଅରୁଂସିକାରୋଗରେ—୮—କୁଡ଼କୁ ଗୁଣ୍ଡ କରି ପଲମରେ ଅଳ୍ପ ଭୃଙ୍ଗ ଗୁଡ଼ିତେଲ ସହିତ ମିଶାଇ ମଲମ କରିବ । ଏହି ମଲମ ଲଗାଇଲେ ଅରୁଂସିକା ରୋଗ ( ପିଲାମାନଙ୍କର ମୁଣ୍ଡରେ ହେବା ଅଲଗା ଘା' ) ଭଲହୁଏ । (ବାଗ୍‌ଭଟ) । ମୁଖକାନ୍ତିବର୍ଦ୍ଧନାର୍ଥେ—୯ ଗୋଟିଏ ଚଣ୍ଡି ମଧ୍ୟରେ ଏକ ସପ୍ତାହ କାଳ ଖଣ୍ଡିଏ କୁଡ଼ ରଖି ସେହି କୁଡ଼କୁ ମଧୁ ସହିତ ବାଟି ମୁହଁରେ ଲଗାଇଲେ ମୁହଁର କଳା ଚିହ୍ନ ଓ ବ୍ୟଙ୍ଗାଦିରୋଗ ପ୍ରଶମିତ ହୋଇ ମୁହଁର କାନ୍ତି ବଢ଼େ । (ଭାବପ୍ରକାଶ) ଶିରୋରୋଗରେ—୧୦—କୁଡ଼ ଓ ଜାଳମୂଳର ଚୂର୍ଣ୍ଣ କାଞ୍ଜିରେ ବାଟି ମସ୍ତକରେ ଲେପନ କଲେ ମୁଣ୍ଡବିନ୍ଧା ପ୍ରଶମିତ ହୁଏ । (ବଙ୍ଗସେନ) ମାତ୍ରା ଚୂର୍ଣ୍ଣ—ଅଧ—୨ ଗ୍ରାମ, କ୍ୱାଥ ୫୦—୧୦୦ ଗ୍ରାମ ।

୨୦୨—କୁଡ଼େଇଗଛ—କେନ୍ଦୁଆଁ ଗଛ ଦେଖ ।

**୨୦୩-କୁନ୍ଦଫୁଲଗଛ**—Jasminum multiflorum. ଏହାର ସଂସ୍କୃତ ପର୍ଯ୍ୟାୟ—କୁନ୍ଦ, ବନହାସ, ମନୋହର ଓ ମହାମୋଦ । ଏହାକୁ ବଙ୍ଗଳାରେ କୁନ୍ଦ, ହିନ୍ଦୀରେ କୁନ୍ଦେ ଏବଂ ତେଲୁଗୁରେ ମୋଲ୍ଲକାକୁପୁଷ୍ପମୁ ବୋଲନ୍ତି । ଏହାର ପତ୍ର, ଫୁଲ ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ରରସ ଓ ମୂଳର କ୍ୱାଥ—ମଧୁର, କଷାୟ ଓ ଶୀତଳ । ଏହା ସେବନ କଲେ କଫ ଓ ପିତ୍ତ ପ୍ରଶମିତ ହୁଏ, ଅଗ୍ନିଦୀପ୍ତି ହୁଏ ଆହାର ଜୀର୍ଣ୍ଣ ହୁଏ । କୁନ୍ଦଫୁଲ—ଶୀତଳ ଏବଂ ଲଘୁ । ଏହା କଫ, ପିତ୍ତ, ବିଷ ଓ ଶିରୋରୋଗ ନାଶକ । ମାତ୍ରା ପତ୍ରରସ—୧୦—୩୦ ଗ୍ରାମ, ମୂଳର କ୍ୱାଥ—୫୦—୧୦୦ ଗ୍ରାମ ।

**୨୦୪-କୁନ୍ଦରୁକଖୋଟୀ**—ଏହା ହିମାଳୟ ଜାତ (ଶଲ୍ଲକୀ) ଏକ ପ୍ରକାର ଶାଳୁଆ ବୃକ୍ଷର ଅଠା । ଏହାର ଡାକ୍ତରୀ ନାମ—The Pesin of the Plant. ଏହାକୁ ସଂସ୍କୃତ ଭାଷାରେ ମୁକୁନ୍ଦ, କୁନ୍ଦୁରୁ, ତୀକ୍ଷ୍ଣଗନ୍ଧ ଓ ବହ୍ନିଗନ୍ଧ । ବଙ୍ଗଳାରେ କୁନ୍ଦୁରୁଖୋଟୀ, ହିନ୍ଦୀରେ କୁନ୍ଦୁରୁ ଏବଂ ତେଲୁଗୁରେ କୁନ୍ଦୁରୁମୁ ବୋଲନ୍ତି । ଏହା ମଧୁର, କଟୁ, ତିକ୍ତ ଓ ଶୀତଳ । ଏହା ସେବନ କଲେ କଫ, ପିତ୍ତ, ଦାହ, ପ୍ରଦର, ଜ୍ୱର, ମେଦ ଗ୍ରହଦୋଷ, ମୁଖରୋଗ, ଚର୍ମରୋଗ ଓ ବ୍ରଧ୍ନରୋଗ (କଳା ବା ବାଗିରୋଗ) ବିନଷ୍ଟ ହୁଏ । ମାତ୍ରା—ଅଧ—୨ ଗ୍ରାମ ।

**୨୦୫-କୁମୁଟିଆଡାଳି—କୁମ୍ଭାଟୁଆ ଦେଖ ।**

**୨୦୬-କୁମ୍ଭାଟୁଆ**—କୁମ୍ଭାଟୁଆ ପକ୍ଷୀକୁ ଥୋକେ ଲୋକ କୁମୁଟିକୁଆ ବୋଲନ୍ତି । ଏହାର ମାଂସ—ରମଣୀତୋଷ, ଶୁକ୍ରଶକ୍ତି ବର୍ଦ୍ଧକ ଏବଂ ବାତ, ମୂର୍ଚ୍ଛା ଓ ପକ୍ଷାଘାତ ରୋଗରେ ବିଶେଷ ହିତକର ।

**୨୦୭-କୁମ୍ଭି ଗଛ**—ଏହି ଗଛର ଛାଲି ଚକ୍‌କଣ ବସ୍ତ୍ରାକାର ଏହାକୁ କୁମ୍ଭୀପଟିଆ ବାବାଜୀମାନେ ପରିଧାନ କରନ୍ତି । ଏହାର ସଂସ୍କୃତ ପର୍ଯ୍ୟାୟ—କୁମ୍ଭୀ, ରୋମାଳୁବଳ୍କଲୀ ଓ ପର୍ପଟଦ୍ରୁମ । ଏହାର ଛାଲର ଚୂର୍ଣ୍ଣ କିମ୍ବା କ୍ୱାଥ କଟୁ, କଷାୟ ଓ ଉଷ୍ଣ । ଏହା ସେବନ କଲେ ବାତ, ପିତ୍ତ, ଜ୍ୱର, ଦାହ, କଫ, ରକ୍ତାତିସାର, ଯୋନିଦୋଷ ଓ ବିଷବିକାର ବିନଷ୍ଟ ହୁଏ । ୧—ଏହି ଗଛର ପତ୍ର ଭଗ୍ନସ୍ଥାନରେ ଆଚ୍ଛାଦନ କଲେ ଭଗ୍ନ ଯୁଡ଼ି ଯାଏ । ଏହା ସଂଗ୍ରାହକ । ମାତ୍ରା ଚୂର୍ଣ୍ଣ—୩—୫ ଗ୍ରାମ, କ୍ୱାଥ ୫୦—୧୦୦ ଗ୍ରାମ ।

**୨୦୮-କୁମ୍ଭୀର—କମ୍ଭୀର ଦେଖ ।**

**୨୦୯ କୁରୁଆଁ ଗଛ—କେରୁଆଁ ଗଛ ଦେଖ ।**

**୨୧୦ କୁରୁବେଲ୍ଲିଗଛ**—Valoriana officinalis. povonia odorata. ଏହାର ସଂସ୍କୃତ ପର୍ଯ୍ୟାୟ—ଲଲନାପ୍ରିୟ, ହ୍ରୀବେର, ବର୍ହିଷ୍ଠ, ଉଦୀଚ୍ୟ ଓ ବାଳକ । ଏହାକୁ ବଙ୍ଗଳାରେ ଗନ୍ଧବାଲା ଓ ବାଲା, ହିନ୍ଦୀରେ ସୁଗନ୍ଧବାଲା ଏବଂ ତେଲୁଗୁରେ କୁରୁବେରୁ ଓ ବାଟିବେଲ୍ଲୁ ବୋଲନ୍ତି । ଏହାର ସମୂଳ ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ଚୂର୍ଣ୍ଣ କିମ୍ବା କ୍ୱାଥ—ତିକ୍ତ, ଶୀତଳ, ଲଘୁ ଓ ରୁକ୍ଷ । ଏହା ସେବନକଲେ କଫ, ପିତ୍ତ, ବିସର୍ପ, ରକ୍ତଦୋଷ, କଣ୍ଡୁ, କୁଷ୍ଠ, ଜ୍ୱର, ବାନ୍ତି, ତୃଷା, ଓକାର, ଅତିସାର, ହୃଦ ଓ ଶିରୋରୋଗ ନିବାରିତ ହୁଏ । ଏହା ବେଦନା ନାଶକ, କେଶର ହିତକର, ସ୍ଫୂର୍ତ୍ତିକାରକ, ଆକ୍ଷେପ ନିବାରକ, ଘର୍ମ ଉତ୍ପାଦକ ଏବଂ ବୃଷ୍ୟ । ବୈଦ୍ୟଶାସ୍ତ୍ରରେ କୁରୁବେଲର ବ୍ୟବହାର ଯଥା—**ରକ୍ତପିତ୍ତରୋଗରେ**—୧—କୁରୁବେଲର କ୍ୱାଥରେ ରକ୍ତଚନ୍ଦନ ମିଶାଇ ପାନ କଲେ ରକ୍ତପିତ୍ତ ନିବାରିତ ହୁଏ । (ଚରକ) । ୨—କୁରୁବେଲ ଓ ଶୁଣ୍ଠିର କ୍ୱାଥ ଅତିସାର ରୋଗୀକୁ ପାନ କରାଇବ । (ଚରକ) । **ବିସର୍ପରୋଗରେ**—୩—କୁରୁବେଲକୁ ଉତ୍ତମରୂପେ ବାଟି ତହିଁରେ ଘିଅ ମିଶାଇ ବିସର୍ପରେ ଲେପନ କରିବ । (ଚରକ) **ମଦାତ୍ୟୟଜନିତ ତୃଷା ରୋଗରେ**—୪—ମଦାତ୍ୟୟ ରୋଗର ତୃଷା ହେଲେ ଷଡଙ୍ଗ ପରିଭାଷାନୁସାରେ କୁରୁବେଲର କ୍ୱାଥ ପ୍ରସ୍ତୁତ କରି ତାକୁ ପାନ କରାଇବ । (ଚରକ) **ବାନ୍ତିରୋଗରେ** ୫—ଚାଉଳଧୁଆ ପାଣି ସହିତ କୁରୁବେଲ ବାଟି ପାନ କଲେ ବାନ୍ତି ଶାନ୍ତ ହୁଏ । (ଚରକ) **ଶ୍ୱିତ୍ରରୋଗରେ**—୬—କୁରୁବେଲକୁ ଚତୁର୍ମୁଖ ପାତ୍ର ମଧ୍ୟରେ ରଖି ଭସ୍ମ କରିବ । ଏହି ଭସ୍ମକୁ ହାତୀର ତେଲ ମିଶାଇ ଲଗାଇଲେ ଶ୍ୱିତ୍ରକୁଷ୍ଠ ଭଲହୁଏ । (ବାଗ୍‌ଭଟ) **ପିତ୍ତଶୂଳରୋଗରେ**—୭—କୁରୁବେଲ ଓ ଶୁଣ୍ଠିର

---

◉ ବଜାରରେ ଯେଉଁ କୁରୁବେଲ ବିକାହୁଏ, ତାହା ଅତି ପୁରାତନ ନିର୍ଗନ୍ଧ ଓ ନୀରସ । ଏହା ଔଷଧାର୍ଥରେ ବ୍ୟବହାର ଯୋଗ୍ୟ ନୁହେଁ । ଆମ ଦେଶରେ କୁରୁବେଲ ନାମରେ ଆଉ ଏକ ପ୍ରକାର ଛୋଟ ଗଛ ଉତ୍ପନ୍ନ ହୁଏ । ଏହାର ପତ୍ର ସୁଗନ୍ଧ ଯୁକ୍ତ । ମୂର୍ଖ ଲୋକେ ଅନେକ ସ୍ଥଳରେ କୁରୁବେଲ ନାମରେ ଏହାକୁ ପ୍ରୟୋଗ କରନ୍ତି, ଆଧୁନିକ ଗଣ୍ଡ—କାରମାନେ କହନ୍ତି ଯେ—ଆୟୁର୍ବେଦୋକ୍ତ (ହ୍ରୀବେର) କୁରୁବେଲର ମୂଳର ଗନ୍ଧ କସ୍ତୁରୀ ପରି ସୁଗନ୍ଧ ଯୁକ୍ତ । ଆମଦେଶରେ ଯେଉଁ କୁରୁବେଲ ଗଛ ମିଳେ ତାର ମୂଳରେ ଗନ୍ଧ ନାହିଁ ସୁତରାଂ ଏହା ଆୟୁର୍ବେଦୋକ୍ତ (ହ୍ରୀବେର) ପଦବାଚ୍ୟ କୁରୁବେଲ ନୁହେଁ ।

କ୍ୱାଥ ପିତ୍ତଜ୍ୱର ନାଶକ । (ବଙ୍ଗସେନ) । ଶିଶୁ ଅତିସାରେ ୮—ତଣ୍ଡୁଳଧୂଆ ପାଣିରେ କୁଡୁଚିବକଳକୁ ବାଟି ତହିଁରେ ଚନ୍ଦନ ଓ ମହୁ ମିଶାଇ ପାନ କରାଇଲେ ବାଳକମାନଙ୍କର ଅତିସାର ନିବୃତ୍ତି ହୁଏ । (ବଙ୍ଗସେନ) ମାତ୍ରା — କଲ୍କ—ଅର୍ଦ୍ଧଗ୍ରାମ ଠାରୁ ଦୁଇଗ୍ରାମ, କ୍ୱାଥ ୨୦—୬୦ ଗ୍ରାମ ।

**୨୧୧—କୁଶ**—Poa cynosuroides. ଏହା ଏକ ପ୍ରକାର ପ୍ରସିଦ୍ଧ ଘାସ । ଏହାର ସଂସ୍କୃତ ପର୍ଯ୍ୟାୟ—ଦର୍ଭ, ପବିତ୍ର, ଯାଜ୍ଞିକ ଓ ବର୍ହି । ନାମ ଓ ବର୍ଣ୍ଣଭେଦରେ କୁଶ ଦୁଇ ପ୍ରକାର । ଉଭୟପ୍ରକାର କୁଶର ଗୁଣ ପ୍ରାୟ ସମାନ । ଔଷଧାର୍ଥରେ କୁଶର ମୂଳ ବ୍ୟବହୃତ ହୁଏ । କୁଶମୂଳର କଲ୍କ କିମ୍ବା କ୍ୱାଥ ମଧୁର, କଷାୟ ଓ ଶୀତଳ । ଏହା ସେବନ କଲେ ମୂତ୍ରକୃଚ୍ଛ୍ର, ଅଶ୍ମରୀ, ତୃଷା, ବସ୍ତିଶୂଳ, ପ୍ରଦର, ରକ୍ତପିତ୍ତ, ଜ୍ୱର, ଶ୍ୱାସ, କାମଳା, ପ୍ରବାହିକା, ରକ୍ତାତିସାର, ଶୋଥ, ଉଦର, ରକ୍ତାର୍ଶ, ଯୋନିଦାହ ଏବଂ କଣ୍ଡୂ ପ୍ରଶମିତ ହୁଏ । ୧—କୁଶପତ୍ରକୁ ବାଟି ଏହାର ରସ କଟା ଘା'ରେ ସେଚନ କଲେ ତତ୍କାଳ ରକ୍ତସ୍ରାବ ବନ୍ଦହୁଏ ଏବଂ ଘା' ଶୁଖିଯାଏ । ୨—ଏହିରସ ନାକରେ ଟପାଇଲେ ନାକରୁ ରକ୍ତପଡ଼ିବା ବନ୍ଦହୁଏ । ୩—କୁଶଚେରକୁ ବାଟି ଲଗାଇଲେ କଣ୍ଡୁରୋଗ ବିନଷ୍ଟ ହୁଏ । ବୈଦ୍ୟଶାସ୍ତ୍ରରେ କୁଶର ପ୍ରୟୋଗ—ଯଥା—କ୍ଷତଶୋଧନାର୍ଥେ ୪—କୁଶ ମୂଳର କ୍ୱାଥରେ ଘା'କୁ ଧୋଇଲେ ତାହା ନିର୍ଦ୍ଦୋଷ ହୋଇ ଶୁଖିଯାଏ । (ଚରକ) । ପ୍ରଦରରୋଗେ—୫—କୁଶ ମୂଳକୁ ଚାଉଳଧୂଆ ପାଣିରେ ବାଟି ତହିଁରେ ଜିରା ଚୂର୍ଣ୍ଣ ଓ ଚିନି ମିଶାଇ ପିଇଲେ ପ୍ରଦର ରୋଗ ନିବୃତ୍ତି ହୁଏ । (ଚକ୍ରଦତ୍ତ) ରକ୍ତାର୍ଶରୋଗେ—୬—କୁଶମୂଳ ଓ ବନମୂଳୀ ମୂଳର ଚୂର୍ଣ୍ଣ ଏକାଠି ଚାଉଳଧୂଆ ପାଣିରେ ବାଟି ପିଇଲେ ରକ୍ତାର୍ଶ ପ୍ରଶମିତ ହୁଏ । (ବଙ୍ଗସେନ) ମୂତ୍ରଶୁଦ୍ଧ୍ୟର୍ଥେ—୭—କୁଶମୂଳର କ୍ୱାଥ ମୂତ୍ରଶୋଧକ । (ବ, ବା,) ବାତଜ୍ୱରେ—୮—କୁଶମୂଳ ଓ ଗୋକ୍ଷୁରର କ୍ୱାଥରେ ମିଶ୍ରୀ ଓ ମହୁ ମିଶାଇ ପିଇଲେ ବାତଜ୍ୱର ବିନଷ୍ଟ ହୁଏ । (ବ, ବା,) ଦାହରୋଗେ ୯—କୁଶମୂଳର ପ୍ରଲେପ ଦାହ ନାଶକ (ବ,ବା) ଉଷ୍ଣକୃଚ୍ଛ୍ରେ ୧୦—କୁଶମୂଳ, ମାଟିଘାସ ଓ ପୁନର୍ନବା ଗୁଡ଼ର କ୍ୱାଥ ପାନ କଲେ ଉଷ୍ଣରୋଧ ଓ ଉଷ୍ଣକୃଚ୍ଛ୍ର ବିନଷ୍ଟ ହୁଏ । ମାତ୍ରା—ମୂଳକଲ୍କ ୧—୫ ଗ୍ରାମ, କ୍ୱାଥ ୫୦—୧୦୦ ଗ୍ରାମ । **କୁଶାସବ**—କୁଶ ଚୂର୍ଣ୍ଣ ପାଞ୍ଚ କେଜି, ବାବନ କେଜି ଜଳରେ ସିଝାଇ ତେର କେଜି ଥିବ ଓହ୍ଲାଇ ଛାଣି ମାଟିହାଣ୍ଡିରେ ରଖିବ । ଧାତୁକିଫୁଲ ଛଅଶହ ପଚାଶ ଗ୍ରାମ, କଦଳୀ ମଞ୍ଜା ରସ ଗୁଡ଼ ତେର କେଜି, ଦାରୁହଳଦୀ, ନାଗରମୋଥା, ଜାଈ, ତଗରପୋଦ, ଲବଙ୍ଗ ପ୍ରତ୍ୟେକର ଚୂର୍ଣ୍ଣ ଦୁଇଶି ଗ୍ରାମ । ମହୁ ଗୁଡ଼ କେଜି ମିଶାଇ ଯଥାବିଧି ସନ୍ଧାନ କରି ଏକ ମାସ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା—ଅର୍ଦ୍ଧ—୨ ଆଉନ୍ସ, ଅନୁପାନ ଜଳ । ଏହା ସେବନ କଲେ ଅତି ଉତ୍କଟ ରକ୍ତପ୍ରଦର ଶୀଘ୍ର ଦୂର ହୁଏ । ମୂତ୍ରାବରୋଧ ନଷ୍ଟହୁଏ । ପିତ୍ତଜ ରୋଗ ଏବଂ ଶର୍କରାସ୍ରାବ ଉପଶମ ହୁଏ । (କବିରାଜ କୃଷ୍ଣପ୍ରସାଦଙ୍କ କୃତ)

**୨୧୨—କୁସୁମଗଛ**—Saffron flower Carthamus tinctorius. ଏହାର ସଂସ୍କୃତ ପର୍ଯ୍ୟାୟ—କୁସୁମ୍ଭ, ଗ୍ରାମ୍ୟକୁଙ୍କୁମ, ବସ୍ତ୍ରରଞ୍ଜନ ଓ ବହ୍ନିଶିଖ । ଏହାକୁ ବଙ୍ଗଭାଷାରେ କୁସୁମଫୁଲ, ହିନ୍ଦୀରେ କରକୁସୁମ ଏବଂ ତେଲୁଗୁରେ ଲଟ୍ରୁକା, ଲକ୍କ୍ୱା ଓ ବଙ୍ଗାରମ୍ମୁ ବୋଲନ୍ତି । କୁସୁମ ଗଛର ପତ୍ର, ଫୁଲ ଓ ବୀଜ ଔଷଧାର୍ଥରେ ବ୍ୟବହୃତ ହୁଏ । **କୁସୁମଗଛରପତ୍ର**—ମଧୁର, କଟୁ, ଉଷ୍ଣ, ରୁଚିକାରକ, ଅଗ୍ନିଦୀପକ, ଦୃଷ୍ଟିଶକ୍ତି ବର୍ଦ୍ଧକ, ମେଦୋରୋଗ ନାଶକ ଏବଂ ମଳ ଓ ମୂତ୍ରର ଦୋଷ ନାଶକ ଅଟେ । ଏହିପତ୍ର ଦୁଧରେ ପକାଇ ସିଝାଇଲେ ଦୁଧ ଜମାଟ ବାନ୍ଧେ । **କୁସୁମଫୁଲ** ଏହା ମଧୁର, ରୁକ୍ଷ, ଉଷ୍ଣ, ପିତ୍ତକାରକ, ତ୍ରିଦୋଷ ନାଶକ, ମଳଭେଦକ ଓ କେଶର ଉପକାରକ । ୧—କୁସୁମ ଫୁଲକୁ ଶୁଖାଇ ଚୂର୍ଣ୍ଣ କରି ସେବନ କଲେ କାମଳାରୋଗ ନିବାରିତ ହୁଏ । **କୁସୁମମଞ୍ଜି**—ଏହା ମଧୁର, ସ୍ନିଗ୍ଧ, କଷାୟ, ଶୀତଳ, ଗୁରୁ, ବିରେଚକ, କଫବାତନାଶକ, ଏବଂ ରକ୍ତପିତ୍ତ ନିବାରକ ଅଟେ । **କୁସୁମତେଲ**—ଏହା କୃମିନାଶକ, କାନ୍ତି ଓ ବଳଦାୟକ । ଏହା ଦୃଷ୍ଟି ଦୌର୍ବଲ୍ୟ ଓ କ୍ଷୟ ପ୍ରଶମନାର୍ଥେ ପ୍ରୟୋଗ କରାଯାଏ । **କୁସୁମରସର୍ବାଙ୍ଗ**—୨—କୁସୁମ ଗଛର ସମୂଳ ସର୍ବାଙ୍ଗକୁ ବାଟି ରାଶିତେଲରେ ପାକ କରିବ । ଏହି ତେଲ ମର୍ଦ୍ଦନ କଲେ ବାତ, ଆଣ୍ଠୁ, ଗଣ୍ଠିର ଫୁଲା ଓ ପକ୍ଷାଘାତ ରୋଗରେ ଉପକାର ହୁଏ । ୩—ଏହି ତେଲ ମିଳା ଘା'ରେ ଲଗାଇଲେ ଘା' ଶୁଖିଯାଏ । ୪—କୁସୁମଗଛର ସମୂଳ ସର୍ବାଙ୍ଗର ଫାଣ୍ଟ କଷାୟ ଅଳ୍ପ ଉଷ୍ଣକରି ସେବନ କଲେ ଦେହରୁ ଝାଳ ବାହାରେ । ୫—ଏହି କଷାୟ ଘର୍ମ କାରକ ହେବାରୁ କାମଳା ପ୍ରଭୃତିଶ୍ୱାସ ଓ ଆମବାତ ରୋଗରେ ପ୍ରୟୋଗ କରାଯାଏ । ବୈଦ୍ୟଶାସ୍ତ୍ରରେ କୁସୁମଗଛର ପ୍ରୟୋଗ ଯଥା—ଅଶ୍ମରୀ ଓ ମୂତ୍ରକୃଚ୍ଛ୍ରରୋଗେ ୬—କୁସୁମମଞ୍ଜି ଓ ଦ୍ରାକ୍ଷାର କ୍ୱାଥ ପାନକଲେ ଅଶ୍ମରୀ ଓ ମୂତ୍ରକୃଚ୍ଛ୍ର ରୋଗ ବିନଷ୍ଟ ହୁଏ । (ଚରକ) ନିର୍ଲ୍ଲୋମକରଣାର୍ଥେ ୭—ଲୋମଯୁକ୍ତ ସ୍ଥାନକୁ କ୍ଷୌର କରି ତହିଁରେ କୁସୁମତେଲ ମାଲିସ କଲେ ଲୋମ ଉଠେ ନାହିଁ । ଯୋନି ନିର୍ଲ୍ଲୋମ କରଣାର୍ଥରେ ଏହିତେଲ ବ୍ୟବହୃତ ହୁଏ । ପଞ୍ଚରସଭ ମାତ୍ରା—୧୦—

୨୦ ଗ୍ରାମ, ଫୁଲର କ୍ୱାଥ ୫୦—୧୦୦ ଗ୍ରାମ, ବୀଜକଲ୍କ—୧—୩ ଗ୍ରାମ ।

**୨୧୩-କୁଡୁଚୀ**—ଏହାର ସଂସ୍କୃତ ନାମ—କୁଟ୍ମଲିକା, ଏହା ଭସ୍ମକର ମୋହଜନକ ଓ କଫବାତ ବର୍ଦ୍ଧକ ।

**୨୧୪-କୁଡୁଚୀଧାନ**—ଢାଙ୍କୁ ଦେଖ ।

**୨୧୫-କୃଷ୍ଣକେଦାର**—ଏହାକୁ ଥୋକେ ଲୋକ ଦେବଦାରୁ ଗଛ କହନ୍ତି । ଏହିଗଛର ମୂଳକୁ ବାଟି ସେବନ କଲେ ଓ ଲେପନ କଲେ ସକଳ ପ୍ରକାର ବିଷ ବିନଷ୍ଟ ହୁଏ । ୧—ଏହା ଅଜୀର୍ଣ୍ଣ, ବାନ୍ତି ଓ ଭୂତାଦି ଗ୍ରହାବେଶ ନିବାରଣାର୍ଥେ ପ୍ରୟୋଗ କରାଯାଏ ।

**୨୧୬-କୃଷ୍ଣପର୍ଣ୍ଣୀଗଛ**—Uraria Logopides. ଏହାର ସଂସ୍କୃତ ନାମ—ପୃଶ୍ନିପର୍ଣ୍ଣୀ, କଲଶୀ ଓ ଶୃଗାଳ-ବୃନ୍ତା । ଏହାକୁ ବଙ୍ଗଳାରେ ଚୁକୁଲେ, ହିନ୍ଦୀରେ ପିଠବନ, ତେଲୁଗୁରେ କୋଲକୁପାନ୍ନା ବୋଲନ୍ତି । ଏହାର ସମୂଳ ସର୍ବାଙ୍ଗର କ୍ୱାଥ ବା ଚୂର୍ଣ୍ଣ ମଧୁର, କଟୁ, ଉଷ୍ଣ ଓ ଲଘୁ । ଏହା ସେବନ କଲେ ଦାହ, ଜ୍ୱର, ଶ୍ୱାସ, ରକ୍ତାତିସାର, କାସ, ତୃଷା, ବାନ୍ତି, ବାତରୋଗ, ଉନ୍ମାଦ ଓ ବ୍ରଣରୋଗ ନିବାରିତ ହୁଏ । ଏହା ସଂଗ୍ରାହକ, ତ୍ରିଦୋଷହାରକ, ସର୍ପବିଷ ନାଶକ ଓ ବଳକାରକ । ବୈଦ୍ୟଶାସ୍ତ୍ରରେ କୃଷ୍ଣପର୍ଣ୍ଣୀ ଗଛର ପ୍ରୟୋଗ ଯଥା—**ରକ୍ତାର୍ଶରୋଗ**—୧—ବଜ୍ରମୂଳୀ ଓ କୃଷ୍ଣ-ପର୍ଣ୍ଣୀ କ୍ୱାଥରେ ପେୟା ପ୍ରସ୍ତୁତ କରି ସେବନ କଲେ ରକ୍ତାର୍ଶ ନିବାରିତ ହୁଏ । (ଚରକ) **ମର୍ଦ୍ଦାତ୍ୟୟଜ ତୃଷାରୋଗ**—୨—କଫଜ ମଦାତ୍ୟୟ ରୋଗରେ ରୋଗୀର ତୃଷା ହେଲେ ତାହାଙ୍କ ପଡଙ୍ଗ ଷଡଙ୍ଗପାନୀୟସାରେ କୃଷ୍ଣପର୍ଣ୍ଣୀର କ୍ୱାଥ ପ୍ରସ୍ତୁତ କରି ତାକୁ ପାନ କରାଇବ । (ଚରକ) **ବାତରକ୍ତରୋଗ**—୩—ବାତାଧିକ ବାତରକ୍ତ ରୋଗରେ କୋଷ୍ଠବଦ୍ଧ ହେଲେ କୃଷ୍ଣପର୍ଣ୍ଣୀ ୨୦ ଗ୍ରାମ, ଜଳ ଦେଢ଼ପାଆ, ଛେଳୀ ଦୁଧ ଅଧପାଏ, ଏବଂ ରସିତେଲ ୫୦ ଗ୍ରାମ, ଏସବୁ ଏକାଠେ କ୍ଷୀରପାକ ବିଧି ଅନୁସାରେ ପାକ କରି ରୋଗୀକୁ ସେବନ କରାଇବ । (ସୁଶ୍ରୁତ) **ଏକାହ୍ନିକଜ୍ୱରରୋଗ**—୪—ପୁଷ୍ୟା ନକ୍ଷତ୍ରରେ କୃଷ୍ଣପର୍ଣ୍ଣୀ ଗଛର ମୂଳ ଉପାଡ଼ିଆଣି ରକ୍ତସୂତାରେ ବାନ୍ଧି ମସ୍ତକରେ ଧାରଣ କଲେ ଏକାହ୍ନିକ ଜ୍ୱର ଛାଡ଼ିଯାଏ । (ଚକ୍ରଦତ୍ତ) । **ରକ୍ତାତିସାରେ**—୫—ଅର୍ଦ୍ଧ ଜଳ ମିଶ୍ରିତ ଛେଳୀଦୁଧ ଓ କୃଷ୍ଣପର୍ଣ୍ଣୀର କ୍ୱାଥ ଏକାଠେ ମିଶାଇ ତହିଁରେ ଉପଯୁକ୍ତ ଦ୍ରବ୍ୟର ପେୟା ପ୍ରସ୍ତୁତ କରିବ । ଏହା ସେବନ କଲେ ରକ୍ତାତି-ସାର ନଷ୍ଟ ହୁଏ । (ଚକ୍ରଦତ୍ତ) **ନେତ୍ରରୋଗ**—୬—କୃଷ୍ଣପର୍ଣ୍ଣୀ ଗଛକୁ ଚୂର୍ଣ୍ଣ କରି ତେସଥିରେ ସୈନ୍ଧବ ଓ ମରିଚ ଚୂର୍ଣ୍ଣ ମିଶାଇ କାଞ୍ଜୀ ସହିତ ତାମ୍ର ପାତ୍ରରେ ସାତଦିନ ପର୍ଯ୍ୟନ୍ତ ଦୈନିକ ଅର୍ଦ୍ଧଘଣ୍ଟା ଲେଖାରେ ମର୍ଦ୍ଦନ କରିବ । ଏହି ଅଞ୍ଜନ ଆଖିରେ ଲଗାଇଲେ ପିଲ୍ଲ (ଆଖିପତା ଜଳେଇ ହୋଇ ଲାଗି ରହିବା ରୋଗ) ଭଲ ହୁଏ । (ଚକ୍ରଦତ୍ତ) । **ଅସ୍ଥିଭଗ୍ନରୋଗ**—୭—କୃଷ୍ଣପର୍ଣ୍ଣୀ ଗଛର ମୂଳ ଚୂର୍ଣ୍ଣ ଛେଳୀମାଂସର ଯୂଷ ସହିତ ତିନି ସପ୍ତାହ ସେବନ କଲେ ଭଗ୍ନାସ୍ଥିର ସନ୍ଧାନ ହୁଏ । (ଭାବପ୍ରକାଶ) କ୍ୱାଥର ମାତ୍ରା—୫୦-୧୦୦ ଗ୍ରାମ, ମୂଳଚୂର୍ଣ୍ଣ ୧-୩ ଗ୍ରାମ ।

**୨୧୭-କେଞ୍ଚୁଆ**—Earth worm. ଏହାର ସଂସ୍କୃତ ପର୍ଯ୍ୟାୟ—ଗଣ୍ଡୂପଦ, କିଞ୍ଚୁଲକ ଓ କ୍ଷିତିଜ । ଏହାକୁ ବଙ୍ଗଭାଷାରେ କେଁଚୋ ଏବଂ ତେଲୁଗୁରେ ନେଲ୍ଲଗୀ ବୋଲନ୍ତି । ଆଠ ଦଶୋଟି କେଞ୍ଚୁଆକୁ ବାଟି ତଦ୍ୱାରା ଯଥାବିଧି ସୋରିଷ ତେଲ ପାକ କରିବ । ଏହି ତେଲ ଲଗାଇଲେ ସକଳ ପ୍ରକାର ବ୍ରଣ, ନାଡ଼ୀବ୍ରଣ ଓ ଭଗନ୍ଦର ବ୍ରଣ ବିନଷ୍ଟ ହୁଏ ।

**୨୧୮-କେତକୀଫୁଲଗଛ**—କିଆଫୁଲଗଛ ଦେଖ ।

**୨୧୯-କେନାଶାଗ**—A kind of potherb. ଏହାକୁ ଥୋକେ ଲୋକ କାନସିରିଗଛ ବୋଲନ୍ତି । ଏହାର ଶାକ—ମଧୁର, ଶୀତଳ, ରୁଚିକାରକ ଓ ସ୍ତନ୍ୟବର୍ଦ୍ଧକ । କେନାପତ୍ରର ରସ ରକ୍ତସ୍ରାବ ରୋଧକରେ । ୧—ଆଖିରେ ଆଲୁଅ ବାହାରିଲେ ତହିଁରେ ଏହାର ରସ ଲଗାନ୍ତି ।

**୨୨୦-କେନ୍ଦୁଗଛ**—Diospyros glutinosa. ଏହାର ସଂସ୍କୃତ ପର୍ଯ୍ୟାୟ—କେନ୍ଦୁ, ତିନ୍ଦୁ, ଅତିମୁକ୍ତକ ଓ କାଳସାର । ଏହାକୁ ବଙ୍ଗଳାରେ ଗେଁଦୁ, ମକଡ଼ାକେନ୍ଦୁ ଓ ଗାବ, ହିନ୍ଦୀରେ ତେନ୍ଦ, ଏବଂ ତେଲୁଗୁରେ ତୁମ୍ମିକ ବୋଲନ୍ତି । ଏହାର ପତ୍ର, ଫଳ ଓ ଛାଲି ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ରରସ ଓ ଛାଲିର କ୍ୱାଥ ବା ଚୂର୍ଣ୍ଣ ସେବନ କଲେ ପିତ୍ତ, ଦାଦ, ବସ୍ତି ଓ ଗ୍ରହଣୀ ନିବାରିତ ହୁଏ । ଏହା କଷାୟ ରସ ଓ ଶୀତଳ । ମୁଖକ୍ଷତ ରୋଗରେ କେନ୍ଦୁଛାଲି ବାଟି ଲେପନ କଲେ ଉପକାର ମିଳେ । କେନ୍ଦୁଛାଲି ବାଟି ଲେପନ କଲେ ହଣା ଘା' ଭଲହୁଏ । **କଞ୍ଚାକେନ୍ଦୁ**—ଏହା କଷାୟ ଶୀତଳ, ଲଘୁ ସଂଗ୍ରାହକ ଓ ବାତବର୍ଦ୍ଧକ । **ପାଚିଲାକେନ୍ଦୁ** ଏହା ମଧୁର, କଷାୟ ଶୀତଳ ଓ ଗୁରୁ । ଏହା ଖାଇଲେ ପ୍ରମେହ, ଗ୍ରହଣୀ, ପ୍ରଦର ଓ କଫପିତ୍ତ ରୋଗରେ ସୁଫଳ ଲାଭ ହୁଏ । ବୈଦ୍ୟଶାସ୍ତ୍ରରେ କେନ୍ଦୁଗଛର ବ୍ୟବହାର ଯଥା—**ଦେହବର୍ଣ୍ଣସମାନକରଣାର୍ଥେ**—୧—କଣ୍ଡୁ ଘା' ଭଲ ହେଲେ ମଧ୍ୟ ସେହି ସ୍ଥାନର ଚର୍ମର ବର୍ଣ୍ଣ ଦେହର ବର୍ଣ୍ଣ ସହିତ ମିଶେ ନାହିଁ—ଧୋବ ରହେ । ଏହିପରି ସ୍ଥଳରେ କଞ୍ଚା କେନ୍ଦୁ

ଫଳର ରସ ଲେପନ କଲେ ଶ୍ୱେତ ବର୍ଣ୍ଣ ଦୂର ହୋଇ ଦେହର ସମାନ ବର୍ଣ୍ଣ ହୁଏ (ବାଗ୍‌ଭଟ୍ଟ) । **ଅତିସାରେ**—୨-କେନ୍ଦୁ ଛାଲିକୁ କୁଟି ଗମ୍ଭାରି ପତ୍ରରେ ତାକୁ ଗୁଡ଼ାଇ ମାଟି ଲେପ ଦେଇ ନିଆଁରେ ପାକ କରି ରସ ବାହାର କରିବ । ଏହି ରସ ମହୁ ସହିତ ସେବନ କଲେ ସକଳ ପ୍ରକାର ଅତିସାର ବିନଷ୍ଟ ହୁଏ । (ହାରୀତ) । **ଅଗ୍ନିଦଗ୍ଧବ୍ରଣେ**—୩-କଞ୍ଚା କେନ୍ଦୁ ଫଳର କ୍ୱାଥକୁ ପୁନର୍ବାର ପାକ କରି ବହଳିଆ କରିବ । ଏହା ଗାଈଘିଅ ସହିତ ମିଶାଇ ଅଗ୍ନିଦଗ୍ଧ କ୍ଷତରେ ଲଗାଇଲେ ଶୀଘ୍ର କ୍ଷତ ଶୁଖିଯାଏ । ( ଭାବପ୍ରକାଶ ) । **ଶିଶୁଉଛ୍ଵାସକାସରୋଗେ**—୪-କେନ୍ଦୁ ଫଳ ରସରେ ମହୁ ମିଶାଇ ବାଳକମାନଙ୍କୁ ଚଟାଇଲେ ସେମାନଙ୍କର ହିକ୍‌କା ବନ୍ଦହୁଏ । ୫-ମାତ୍ରା ପତ୍ରରସ ୧୦—୨୦ ଗ୍ରାମ, ଛାଲର କ୍ୱାଥ ୪୦—୮୦ ଗ୍ରାମ । କେନ୍ଦୁ ଛାଲ (ଭିତରଛାଲ) ତିନଗ୍ରାମ, ସୁନାମୁଖୀ ଚୂର୍ଣ୍ଣ ତିନଗ୍ରାମ, ଶୁଣ୍ଠୀ ଚୂର୍ଣ୍ଣ ଷାଠିଏ ଗ୍ରାମ, ଦୁଆଳୀଚୂର୍ଣ୍ଣ ଷାଠିଏ ଗ୍ରାମ, ଏହି ସମସ୍ତ ଦ୍ରବ୍ୟ ମିଶାଇ ବାଇଶି ପୁଡ଼ା କରି ଖାଇବ । ଅମ୍ଳପିତ୍ତଶୂଳ ରୋଗରେ ଅନୁଭୂତ ପ୍ରୟୋଗ । ପଥ୍ୟ କେବଳ ଗହମ ଖାଦ୍ୟ । (ହି.ଭି. ଗୋବିନ୍ଦାଚାର୍ଯ୍ୟ) ଏହା ଦିନକରେ ଦୁଇଥର ଦେବ ।

**୨୨୧-କେଶରୀମାଛ**—Cyprinus sophore. ଏହାର ସଂସ୍କୃତ ନାମ--ଶଫରୀ ଓ ପ୍ରୋଷ୍ଠୀ । ଏହାକୁ ବଙ୍ଗଳାରେ ପୁଁଟି ମାଛ ବୋଲନ୍ତି । ସାନ ବଡ଼ ଭେଦରେ ଏହି ମାଛ ଦୁଇ ପ୍ରକାର । **ସାନକେଶରୀ**—ତିକ୍ତ, ମଧୁର ରସ, ଶୁକ୍ରବର୍ଦ୍ଧକ ଓ କଫବାତ ନାଶକ । **ବଡ଼କେଶରୀ**—ମଧୁର, ତିକ୍ତରସ, ସ୍ନିଗ୍ଧ, ଶୁକ୍ରବର୍ଦ୍ଧକ କଫବାତ ନାଶକ ଏବଂ ମୁଖରୋଗ ଓ କଣ୍ଠରୋଗର ଉପକାରକ ।

**୨୨୨-କେରୁଆଁ ଗଛ**—Holarrhena Anti-dysenterica wrightia. କଳା ଓ ଧଳା ଭେଦରେ କେରୁଆଁ ଗଛ ଦୁଇପ୍ରକାର । କେରୁଆଁ ଗଛର ସଂସ୍କୃତ ପର୍ଯ୍ୟାୟ—ଶକ୍ର, ବତ୍ସକ, ଗିରିମଲ୍ଲିକା ଓ କୁଟଜ । ଏହାକୁ ବଙ୍ଗଳାରେ କୁଡ଼ଚିଗାଛ, ହିନ୍ଦୀରେ କୁଡ଼ା, ଏବଂ ତେଲୁଗୁ ଭାଷାରେ ଆକୁଡ଼ୁଚେଟ୍ଟୁ, ଅଗ୍ନିଶଚେଟ୍ଟୁ, ଓ ତୁମ୍ମିକଚେଟ୍ଟୁ ବୋଲନ୍ତି । କେରୁଆଁ ଗଛର ପତ୍ର, ଡାଳ, ଛାଲ ଓ ମଞ୍ଜି ଔଷଧାର୍ଥରେ ବ୍ୟବହୃତ ହୁଏ । କେରୁଆଁ ପତ୍ରର ରସ ଏବଂ ଛାଲର କ୍ୱାଥ ବା ଚୂର୍ଣ୍ଣ କଟୁ, ତିକ୍ତ, କଷାୟ ଏବଂ ଉଷ୍ଣ । ଏହା ସେବନ କଲେ ପିତ୍ତ, କଫ, କୃମି, କୁଷ୍ଠ, ଅର୍ଶ, ଅତିସାର ଓ ଚର୍ମରୋଗ ବିନଷ୍ଟ ହୁଏ । ୧—କେରୁଆଁ ପତ୍ର ବା ଛାଲ ଚୋବାଇଲେ ଦନ୍ତଶୂଳ ନିବାରିତ ହୁଏ । ୨—କେରୁଆଁ ଛାଲର କ୍ୱାଥ ପାନ କଲେ ରକ୍ତକାନ୍ତି, ରକ୍ତାତିସାର, ରକ୍ତାର୍ଶ, ଶ୍ୱାସ ଓ ବସନ୍ତ ରୋଗରେ ଉତ୍ତମ ଫଳ ଲାଭହୁଏ । କେରୁଆଁର ଫୁଲ ଓ ଫଳ ମଧ୍ୟ ପୂର୍ବୋକ୍ତ ସମସ୍ତ ରୋଗରେ ପ୍ରୟୋଗ କରାଯାଏ । କଳାକେରୁଆଁ ଛାଲର କ୍ୱାଥ—ପାଚକ, ବଳକାରକ ଓ ଜ୍ୱର ନାଶକ । ବୈଦ୍ୟଶାସ୍ତ୍ରରେ କେରୁଆଁର ବ୍ୟବହାର ଯଥା—**ରକ୍ତାର୍ଶରୋଗେ**—୩-କେରୁଆଁ ଛାଲର କ୍ୱାଥରେ ଶୁଣ୍ଠୀ ଚୂର୍ଣ୍ଣ ପ୍ରକ୍ଷେପ କରି ପାନ କଲେ ରକ୍ତାର୍ଶ ନିବାରିତ ହୁଏ । (ଚରକ) । **ବ୍ରଣଶୋଧନାର୍ଥେ**—୪—କେରୁଆଁ ଛାଲର କ୍ୱାଥରେ ଘା'କୁ ଧୋଇଲେ ଘା'ର ମାଂସାଙ୍କୁର ଶୀଘ୍ର ଉଦଗମ ହୁଏ । (ଚରକ) । **ସ୍ତନ୍ୟଦୋଷନିବାରଣାର୍ଥେ**—୫-କେରୁଆଁ ଛାଲ ଜଳରେ ବାଟି ପାନକଲେ ସ୍ତନ୍ୟଦୋଷ ନଷ୍ଟହୁଏ । (ଚରକ) । **ରକ୍ତାର୍ଶେ**—୬-କେରୁଆଁ ଛାଲର କ୍ୱାଥକୁ ପୁନର୍ବାର ପାକ କରି ଗାଢ଼ କରିବ । ଏହା ସେବନ କଲେ କଫ ପିତ୍ତ ପ୍ରଧାନ ରକ୍ତାର୍ଶ ପ୍ରଶମିତ ହୁଏ । (ସୁଶ୍ରୁତ) । **ସକଳପ୍ରକାର ଅର୍ଶରୋଗେ**—୭-କେରୁଆଁ ଏବଂ ଭାଲିଆର କ୍ୱାଥ ସକଳ ପ୍ରକାର ଅର୍ଶର ମହୌଷଧ । (ସୁଶ୍ରୁତ) । **ରକ୍ତାତିସାରେ**—୮-କେରୁଆଁ ଛାଲର କ୍ୱାଥ ସକଳ ପ୍ରକାର ଆମରକ୍ତାତିସାର ହରଣ କରେ । (ସୁଶ୍ରୁତ) । **ଶର୍କରାରୋଗେ**—୯-କେରୁଆଁ ଛାଲର କ୍ୱାଥରେ ଦହି ମିଶାଇ ପାନ କଲେ ଶର୍କରାରୋଗ ନିବୃତ୍ତ ହୁଏ । (ଭାବପ୍ରକାଶ) ମାତ୍ରା ଛାଲର କ୍ୱାଥ ୫୦—୧୦୦ ଗ୍ରାମ, ଚୂର୍ଣ୍ଣ ୩—୫ ଗ୍ରାମ । କେରୁଆଁ ଗଛର ମଞ୍ଜିକୁ ଇନ୍ଦ୍ରଯବ ବୋଲନ୍ତି । ଏହାର ଗୁଣ ଯଥା ସ୍ଥାନରେ ଲେଖାଅଛି । **କୁଟଜାସବ**—କେରୁଆଁ ଛାଲ ପାଞ୍ଚ କେଜି, ଦ୍ରାକ୍ଷା ଅଢ଼ାଇ କେଜି, ମହୁଲ ଅଧକେଜି, ଗମ୍ଭାରି ଫଳ ଅଧ କେଜି, ବାଦନ କେଜି ଜଳରେ ସିଝାଇ ଚେର କେଜି ଥିବ ଓହ୍ଲାଇ ଛାଣି ସେଥିରେ ଧାତୁକୀଫୁଲ ଏକ କେଜି, ଗୁଡ଼ ପାଞ୍ଚକେଜି ମିଶାଇ ଯଥାବିଧି ସନ୍ଧାନ କରି ଏକ ମାସ ରଖି ଛାଣି ବୋତଲରେ ରଖିବ । ମାତ୍ରା—ଅଧ-୧ ଆଉନ୍‌ସ, ଅନୁପାନ ଜଳ, ସକଳ ପ୍ରକାର ଜ୍ୱରନାଶକ, ରକ୍ତାତିସାର, ଦୁଃସାଧ୍ୟ ସଂଗ୍ରହଣୀ ନାଶକ ଏବଂ ଅଗ୍ନିଦୀପକ । ଅନ୍ତ୍ର କୃମି ନାଶକ । (ଗଦନିଗ୍ରହ)

**୨୨୩-କେଳିକଦମ୍ବଗଛ**—Abina cord folia. ଏହାର ସଂସ୍କୃତ ପର୍ଯ୍ୟାୟ-ଧୂଳିକଦମ୍ବ, କମ୍ବୁକପ୍ରସୂନ ଓ ବସନ୍ତ ପୁଷ୍ପ । ଏହାର ଛାଲର କ୍ୱାଥ ବା ଚୂର୍ଣ୍ଣ ତିକ୍ତ, ବଳକାରକ ଓ ଜ୍ୱରନାଶକ । ସିଂକୋନା ପରି ଏହା ମଧ୍ୟ ଜ୍ୱର, ଅଜୀର୍ଣ୍ଣ, ଗ୍ରହଣୀ ଓ ଅଗ୍ନିମାନ୍ଦ୍ୟ ରୋଗରେ ଉପକାର କରେ । ମାତ୍ରା କ୍ୱାଥ ୫୦—୧୦୦ ଗ୍ରାମ, ଚୂର୍ଣ୍ଣ ୩—୫ ଗ୍ରାମ ।

**୨୨୪-କେଶୁର—Scirpus kysoor.** ଏହାର ସଂସ୍କୃତ ପର୍ଯ୍ୟାୟ—କଶେରୁ, କ୍ଷୁଦ୍ରମୁସ୍ତା, ଶୂକରେଷ୍ଟ । ଏହାକୁ ବଙ୍ଗଳାରେ କେଶୁର, ହିନ୍ଦୀରେ କସେରୁ ଓ ଚିଚୋଡ଼ ଏବଂ ତେଲୁଗୁରେ ଗଣ୍ଡି ଓ କୋଡ଼ ବୋଲନ୍ତି । ଏହା ଏକ ପ୍ରକାର ମୁଥା ଭଳି କ୍ଷେତ୍ର କନ୍ଦ । ଜଳସନ୍ଥିଆ ଭୂମିରେ ଏହା ଉତ୍ପନ୍ନ ହୁଏ । କ୍ଷୁଦ୍ର ବଡ଼ ଭେଦରେ କେଶର ଦୁଇ ପ୍ରକାର ଏବଂ ଏହି ଉଭୟର ଗୁଣ ସମାନ । କେଶରର ମୂଳ ଓ କନ୍ଦ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ଚୂର୍ଣ୍ଣ ଓ କ୍ୱାଥ ମଧୁର, କଷାୟ, ଶୀତଳ ଓ ଗୁରୁ । ଏହା ସେବନ କଲେ ପିତ୍ତ, ରକ୍ତଦୋଷ, ଦାହ, ନେତ୍ରରୋଗ, ଶୁକ୍ରଦୋଷ, ବାତ, କଫ ଓ ଅରୁଚି ନଷ୍ଟ ହୁଏ ଏବଂ ସ୍ତନ୍ୟବୃଦ୍ଧି ହୁଏ । ବୈଦ୍ୟଶାସ୍ତ୍ରରେ କେଶରର ବ୍ୟବହାର ଯଥା—ବିସର୍ପରୋଗେ ୧—କେଶରର ମୂଳ ବାଟି ଲେପନ କଲେ ବିସର୍ପରୋଗ ବିନଷ୍ଟ ହୁଏ । (ଚରକ) ରକ୍ତାଭିଷ୍ୟନ୍ଦରୋଗେ—୨—କେଶର ଓ ଯାଠି ମହୁର ଚୂର୍ଣ୍ଣ କନାପୋଟଳୀରେ ବାନ୍ଧି ଆକାଶର ବର୍ଷାରେ ଭିଜାଇ ଏହି ଜଳ ଆଖିରେ ପକାଇଲେ ରକ୍ତାଭିଷ୍ୟନ୍ଦରୋଗ ନିବାରିତ ହୁଏ ।

**୨୨୫-କେଶରାଜ—Eclipta Erecta.** ଏହା ଏକ ପ୍ରକାର ଭୃଙ୍ଗରାଜ ଗଛର ଭେଦ । ଏହାର ସଂସ୍କୃତ ପର୍ଯ୍ୟାୟ—କେଶରାଜ, ମାର୍କବ, କେଶରଞ୍ଜନ ଓ କୁନ୍ତଳବର୍ଦ୍ଧନ । ଏହାକୁ ବଙ୍ଗଳାରେ କେଶୁରିଆ, ହିନ୍ଦୀରେ କୁକୁରଭାଙ୍ଗରା ଏବଂ ତେଲୁଗୁରେ ଗୁଣ୍ଟକଲଗରାଚେଟ୍ଟୁ ବୋଲନ୍ତି । ଏହାର ସମୂଳ ସର୍ବାଙ୍ଗର କ୍ୱାଥ, ରସ ବା ଚୂର୍ଣ୍ଣ କଟୁ, ତିକ୍ତ, ରୂକ୍ଷ ଉଷ୍ଣ ଏବଂ ତୀକ୍ଷ୍ଣ । ଏହା ସେବନ କଲେ କଫ, କାସ, କୃମି, ଶୋଥ, ଆମ, ପାଣ୍ଡୁ, ଚର୍ମରୋଗ, ହୃଦ୍‌ରୋଗ, ଶ୍ୱାସ, କୁଷ୍ଠ, ନେତ୍ରରୋଗ, ଶିରୋରୋଗ ଓ ଅଗ୍ନିମାନ୍ଦ୍ୟ ନିବାରିତ ହୁଏ । ଏହା ରସାୟନ, ବୁଦ୍ଧିବର୍ଦ୍ଧକ ଓ ଆୟୁଷ୍କର । ତେଲୁଗୁ ବସ୍ତୁଗୁଣଦୀପିକାରେ ଲେଖା ଅଛି—କେଶରାଜ ଗଛର ସମୂଳ ସର୍ବାଙ୍ଗ ଛାଇରେ ଶୁଖାଇ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣ ଏକଗ୍ରାମ ମାତ୍ରାରେ ସଜ ଦହି ସହିତ ନିୟମିତ ରୂପରେ ଏକମାସ ସେବନକଲେ ସମସ୍ତ ରୋଗ ବିନଷ୍ଟ ହୁଏ, ଦୁଇମାସ ସେବନ କଲେ ପକ୍ୱକେଶ କୃଷ୍ଣବର୍ଣ୍ଣ ହୁଏ, ତିନିମାସ ସେବନ କଲେ ଧାରଣାଶକ୍ତି ଓ ସ୍ମୃତି ବୃଦ୍ଧି ହୁଏ, ଚାରି ମାସ ସେବନ କଲେ ଶର୍ଦ୍ଧୃତ ଦୂର ହୁଏ । ପାଞ୍ଚ ମାସ ସେବନ କଲେ କାନ୍ତି ଓ ପ୍ରତିଭା ବଢ଼େ, ଛଅମାସ ସେବନ କଲେ ଐଶ୍ୱର୍ଯ୍ୟ ଲଭହୁଏ, ସାତ ମାସ ସେବନ କଲେ ବ୍ରହ୍ମତେଜ ଲାଭ ହୁଏ, ଆଠ ମାସ ସେବନ କଲେ ଅଲୌକିକ ସାମର୍ଥ୍ୟ ଜନ୍ମେ । ନ'ମାସ ସେବନ କଲେ ମନୁଷ୍ୟ ଦୃଶ୍ୟ ଏବଂ ଅଦୃଶ୍ୟ ହୁଏ, ଦଶମାସ ସେବନ କଲେ ଏକବାରେ ଅଦୃଶ୍ୟ ହୁଏ, ଏଗାର ମାସ ସେବନ କଲେ ଅମିତ ଶୌର୍ଯ୍ୟ ଲଭହୁଏ ଏବଂ ବାର ମାସ ଏହା ସେବନ କଲେ ସୂକ୍ଷ୍ମ ମହା ମହିମାଶାଳୀ ହୁଏ । ଏହା ସେବନ କାଳରେ କାମ ଓ କ୍ରୋଧାଦି ମନୋମାନ ବିକାର ପରିତ୍ୟାଗ କରିବାକୁ ହେବ ଏବଂ ଅମ୍ଳ ଲବଣ ଓ ମତ୍ସ୍ୟଭୋଜନ କରିବ ନାହିଁ । ବୈଦ୍ୟଶାସ୍ତ୍ରରେ କେଶରାଜର ବ୍ୟବହାର । ଯଥା—କଣ୍ଠାବ୍ୟଙ୍ଗରୋଗେ—୧—କାଞ୍ଜିରେ ସିଦ୍ଧ କରାଯାଇଥିବା ମାଛ ତିମୁକୁ କେଶରାଜର ରସ ସହିତ ଭକ୍ଷଣ କଲେ ଗଣ୍ଡକଣ୍ଠୀ ରୋଗ ଭଲହୁଏ । (ଚକ୍ରଦତ୍ତ) । ଆମରକ୍ତାତିସାରେ—୨—ଦହି ସହିତ କେଶରାଜର ରସ ସେବନ କଲେ ଆମରକ୍ତାତିସାର ପ୍ରଶମିତ ହୁଏ । (ବଙ୍ଗସେନ) ମାତ୍ରା ରସ ୨୦—୪୦ ଗ୍ରାମ, ଚୂର୍ଣ୍ଣ ୧—୩ ଗ୍ରାମ ।

**୨୨୬-କୈଠଗଜି—କଇଁଠଗଛ ଦେଖ ।**

**୨୨୭-କୋଇଲିପକ୍ଷୀ—Crckoo.** ଏହାର ସଂସ୍କୃତ ପର୍ଯ୍ୟାୟ କୋକିଳ, ବନପ୍ରିୟ, ପରଭୃତ ଓ କଳକଣ୍ଠ । ଏହାକୁ ବଙ୍ଗଳାରେ କୋକିଲ, ହିନ୍ଦୀରେ କୋଇଲ କୋୟଲ ଏବଂ ତେଲୁଗୁରେ କୋକିଲ ବୋଲନ୍ତି । ଏହାର ମାଂସ—ସ୍ୱାଦୁ, ସ୍ନିଗ୍ଧ, ପିତ୍ତନାଶକ କଫକାରକ ଏବଂ ଉନ୍ମାଦ ଓ ଅପସ୍ମାର ରୋଗରେ ହିତକର ।

**୨୨୮-କୋଇଲେଖାଗଛ—Ruellia Longifolia. Hygro phila spinosa.** ଏହାର ସଂସ୍କୃତ ନାମ—କୋକିଲାକ୍ଷ, ବକ୍ରକଣ୍ଟକ, ଇକ୍ଷୁରକ ଓ ଛୁରକ । ଏହାକୁ ବଙ୍ଗଳାରେ କୁଲେଖାଡ଼ା, କୁଲେକାଁଟା, ହିନ୍ଦୀରେ ତାଲମଖାନା ଏବଂ ତେଲୁଗୁରେ ଗୋଲିମିଡ଼ିଚେଟ୍ଟୁ ବୋଲନ୍ତି । ଏହାର ମୂଳ, ପତ୍ର ଓ ବଜ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ରରସ ଓ ମୂଳର କ୍ୱାଥ ବା ଚୂର୍ଣ୍ଣ—ମଧୁର, ତିକ୍ତ ଓ ଶୀତଳ । ଏହା ସେବନ କଲେ ବାତ, ଆମ, ଶୋଥ, ପିତ୍ତଶାର, ଅଶ୍ମରୀ, ତୃଷା, ଅରୁଚି, ବାତରକ୍ତ, ଆମବାତ ଓ କଫରୋଗ ନିବାରିତ ହୁଏ ଏବଂ ବଳ ବୃଦ୍ଧି ହୁଏ । କୋଇଲେଖାର ପତ୍ରଶାକ ୧—ଶୋଥ, ଶୂଳ, କଷ, ଆନାହ, ବାତ, ଉଦର ଓ ପାଣ୍ଡୁ ରୋଗରେ ଉପକାର କରେ । କୋଇଲେଖାର ମୂଳକୁ ବାଟି ଜଙ୍ଘାରେ ଲେପି ବାନ୍ଧିଲେ କଟିଶୂଳ ଓ ସନ୍ଧିବାତ ନଷ୍ଟହୁଏ । କୋଇଲେଖାମଞ୍ଜୀ—୨—ମଧୁର, ତିକ୍ତ, କଷାୟ ଓ ଶୀତଳ । ଏହାକୁ ଚୂର୍ଣ୍ଣକରି ଦୁଧ ଓ ଚିନି ସହିତ ଏକମାସ ସେବନ କଲେ ମେଧାଶକ୍ତି, ବଳବର୍ଣ୍ଣ ବୃଦ୍ଧି ଓ ଚକ୍ଷୁ ଶୁଦ୍ଧି ହୁଏ, ଏଥିଦ୍ୱାରା ଶରୀର ବର୍ଣ୍ଣ ଗାଢ଼ ହୁଏ, ସ୍ୱପ୍ନଦୋଷ ଓ ମୂତ୍ର ସହିତ ବୀର୍ଯ୍ୟକ୍ଷୟ ନିବାରିତ ହୁଏ । ୩—ଏହା ମୂତ୍ରକାରକ, ବାଜୀକରଣ ଏବଂ ମନର ପ୍ରଫୁଲ୍ଲତାଜନକ । ୪—କୋଇଲେଖାମଞ୍ଜିର ପ୍ରଲେପ

ସନ୍ଧିବାତ ରୋଗରେ ଉପକାର କରେ । ବୈଦ୍ୟଶାସ୍ତ୍ରରେ କୋଇଲେଖାର ପ୍ରୟୋଗ ଯଥା—ଅଶ୍ମରୀରୋଗେ—୫-ଗୋଖରୁ, କୋଇଲେ.., ଏବଂ କାଳମୂଳ ଦୁଧ ସହିତ ବାଟି ପାନକଲେ ଅଶ୍ମରୀରୋଗ ବିନଷ୍ଟ ହୁଏ । (ଚରକ) । ବାଜୀକରଣାର୍ଥେ—୬-ବାଇଚଙ୍କ ମଞ୍ଜି ଓ କୋଇଲେଖା ମଞ୍ଜି ଚୂର୍ଣ୍ଣ କରି ଚିନି ମିଶ୍ରିତ ଧାରୋଷ୍ଣ ଦୁଗ୍ଧ ସହିତ ସେବନ କଲେ ବାଜୀକରଣ କର୍ଯ୍ୟ ହୁଏ । (ସୁଶ୍ରୁତ) । ବାତରକ୍ତରୋଗେ—୭—କୋଇଲେଖାର ଶାଗ ଏବଂ କୋଇଲେଖା ମୂଳର କ୍ୱାଥ ବାତରକ୍ତ ନାଶକରେ । (ବାଗ୍‌ଭଟ୍ଟ) ଶୋଥରୋଗେ—୮—କୋଇଲେଖାର ମୂଳ କମ୍ବା ସମଗ୍ର ବୃକ୍ଷକୁ ଶୁଖାଇ ଗୋଟିଏ ହାଣ୍ଡି ମଧ୍ୟରେ ରଖି ସନ୍ଧିରୋଧ କରି ପୁଟ ଦୁଗ୍ଧ କରିବ । ଏହି ଭସ୍ମ ଗୋମୂତ୍ର କମ୍ବା ଉଷ୍ଣଜଳ ସହିତ ପାନ କଲେ ଶୋଥରୋଗ ପ୍ରଶମିତ ହୁଏ । (ଚକ୍ରଦତ୍ତ) ସୁଖପ୍ରସବାର୍ଥେ—୯-ଚିନି ସହିତ କୋଇଲେଖାର ମୂଳକୁ ଉତ୍ତମ ରୂପେ ଚର୍ବଣ କରି ପ୍ରସବ ବେଦନାର୍ତ୍ତା ସ୍ତ୍ରୀର କାନରେ ଏହି ରସ ପ୍ରକ୍ଷେପ କଲେ ସୁଖରେ ପ୍ରସବ ହୁଏ । (ବଙ୍ଗସେନ) ନିଦ୍ରାକରଣାର୍ଥେ—୧୦-କୋଇଲେଖା ମୂଳର କ୍ୱାଥ ପାନ କଲେ ଅନିଦ୍ରାରୋଗୀର ନିଦ୍ରାକର ହୁଏ । ଏହାର ମୂଳ ମସ୍ତକରେ ଧାରଣ କଲେ ମଧ୍ୟ ପୂର୍ବୋକ୍ତ ଫଳ ଲାଭ ହୁଏ (ହାରିତ) ମାତ୍ରା କ୍ୱାଥ ୫୦—୧୦୦ ଗ୍ରାମ, ବୀଜଚୂର୍ଣ୍ଣ—ଅଧ ଗ୍ରାମଠାରୁ ଏକ ଗ୍ରାମ ।

୨୨୯—**କୋଉଅ**—ଏହାକୁ କାଙ୍କମାଛ ମଧ୍ୟ ବୋଲନ୍ତି । ଏହାର ସଂସ୍କୃତ ନାମ—ବର୍ମି । ଏହାକୁ ବଙ୍ଗଳାରେ ବାନ୍‌ମାଛ, ହିନ୍ଦୀରେ ବାମ୍ମିମଛଲୀ ବୋଲନ୍ତି । ଏହାର ମାଂସ—ମଧୁର, କଷାୟ, ଗୁରୁପାକ, ରୁଚିକର, ବଳକାରକ, ଶୁକ୍ରବର୍ଦ୍ଧକ, ଏବଂ ବାତ, ପିତ୍ତ ଓ ରକ୍ତପିତ୍ତ ରୋଗରେ ହିତକର । ଏହି ଦେଶର ଅନେକ ଲୋକ ଗୁହ୍ୟଭ୍ରଂଶ ରୋଗରେ ଏହାର ମାଂସ ସେବନ କରନ୍ତି । ତଦ୍ୱାରା ମଧ୍ୟ ଅନେକ ସ୍ଥଳରେ ସୁଫଳ ଲାଭ ହେବାର ଦେଖାଯାଏ ।

୨୩୦—**କୋଉଆଗଛ**—କଉଆଗଛ ଦେଖ ।

୨୩୧-**କୋଦ**—Paspalum scrobiculatum. ଏହାର ସଂସ୍କୃତ ପର୍ଯ୍ୟାୟ—କୋଦ୍ରବ, କୋରଦୂଷକ, କୁଦ୍ଦାଳ ଓ ମଦନାଗ୍ରହି । ଏହାକୁ ବଙ୍ଗଳାରେ କୋଦାଧାନ ବୋଲନ୍ତି । ଏହା ମଧୁର, ତିକ୍ତ ଶୀତଳ, ରୁକ୍ଷ, ଗୁରୁପାକ, ଅତ୍ୟନ୍ତ ମଳରୋଧକ, ବାୟୁବର୍ଦ୍ଧକ, ରୁଚିକର, କଫପିତ୍ତ ନାଶକ, ଏହା ପ୍ରମେହ, ମୂତ୍ରଦୋଷ, ତୃଷ୍ଣା, ବାନ୍ତି, ଆମଦୋଷ, ବିଷଦୋଷ ଓ ଦାହରୋଗରେ ହିତକର । ଏହାର ମଣ୍ଡ—ମୂର୍ଚ୍ଛା ଓ ଗ୍ଲାନିଜନକ । ୧—କୋଦାଧାନର ଯାଉ ପ୍ରଭୃତି ଖାଇ ବିକାର ଗ୍ରସ୍ତ ହେଲେ ରୋଗିକୁ ୧-ଧାରୋଷ୍ଣ ଦୁଧ, ୨-ପାଣିକଖାରୁ ରସ, ୩-ପୁରାତନ ଗୁଡ଼ ସେବନ କରାଇବ ।

୨୩୨-**କୋଳଥ**—A sort of pulse Dolichos biflous. syn. Dolichos uniflorus. ଏହାର ସଂସ୍କୃତ ପର୍ଯ୍ୟାୟ—କୁଳଥ, ତାମ୍ରବୀଜ, କାଳବୃନ୍ତ ଓ ଦୁକ୍‌ପ୍ରସାଦ । କୋଳଥକୁ ବଙ୍ଗଳାରେ କୁର୍ତ୍ତିକଳାୟ, ହିନ୍ଦୀରେ କୁଲଥୀ ଏବଂ ତେଲୁଗୁରେ ଉଲବଲୁ ବୋଲନ୍ତି । ବର୍ଣ୍ଣଭେଦରେ କୋଳଥ ତ୍ରିପ୍ରକାର । ଶ୍ୱେତ, କୃଷ୍ଣ ଚିତ୍ର ଓ ରକ୍ତ । ସକଳ ପ୍ରକାର କୋଳଥ—କଟୁ, ତିକ୍ତ, କଷାୟ ଏବଂ ଉଷ୍ଣ । କୋଳଥର କ୍ୱାଥ, ଚୂର୍ଣ୍ଣ କମ୍ବା ଡାଲି ଖାଇଲେ ଅର୍ଶ, ଶୂଳ, କଫ, ବାତ, କାସ, ଶ୍ୱାସ, ହିକ୍କା, ଆଧ୍ମାନ, ଚକ୍ଷୁରୋଗ, ବ୍ରଣରୋଗ, ହୃଦ୍‌ଗ୍ରହ, ଅଶ୍ମରୀ, ଗୁଳ୍ମ, ପୀନସ, ଆନାହ, ମେଦୋରୋଗ, ମେହ, କୃମି, ଜ୍ୱର, ଊରୁସ୍ତମ୍ଭ, ମଧୁମେହ, ପ୍ରଦର ଏବଂ ଅନିୟମିତ ରଜସ୍ରାବ ରୋଗରେ ଉପକାର ହୁଏ । ୧—ପ୍ରସୂତା ସ୍ତ୍ରୀମାନଙ୍କୁ କୋଳଥସିଝାପାଣି ପିଆଇଲେ ସେମାନଙ୍କର ଦୂଷିତ ରକ୍ତ ସୁଖରେ ବହିର୍ଗତ ହୁଏ । ୨—ମୂଳାପତ୍ର ରସରେ କୋଳଥ ଗୁଣ୍ଡକରି ମିଶାଇ ଖାଇଲେ ମୂତ୍ର ଦ୍ୱାରରେ ଥିବା ଅଶ୍ମରୀ (ଗୋଡ଼ି) ଚୂର୍ଣ୍ଣିତ ହୋଇ ବାହାରି ପଡ଼େ । ୩—କୋଳଥସିଝାପାଣି ପିଇଲେ ସ୍ତ୍ରୀମାନଙ୍କର ଶ୍ୱେତ ପ୍ରଦର ଭଲହୁଏ । ୪—କୋଳଥକୁ ଭଜା ଗୁଣ୍ଡକରି ମହୁ ସହିତ ମିଶାଇ ଖାଇଲେ କାସ ରୋଗରେ ଉପକାର ହୁଏ । ୫—ଭଜା କୋଳଥକୁ ଗୁଣ୍ଡକରିବ । ଏହି ଗୁଣ୍ଡକୁ ଦେହରେ ଘଷିଲେ ଦେହରୁ ଅଧିକ ଝାଳ ବାହାରିବା ବନ୍ଦହୁଏ । ୬—ପ୍ରତିଦିନ କୋଳଥ ଡାଲି ଖାଇଲେ ମେଦୋରୋଗ ବିନଷ୍ଟ ହୁଏ । ୭—ପ୍ରତିଦିନ କୋଳଥଡାଲି ଖାଇଲେ ଆମବାତ ଶାନ୍ତ ହୁଏ । ୮—ଯେଉଁ ଶୂଳ ରୋଗିର ଅମ୍ଳ ଓ ପିତ୍ତ ବାନ୍ତି ହୁଏ ତାକୁ ଭଜା କୋଳଥ ଗୁଣ୍ଡ ଦହି ସହିତ ମିଶାଇ ଖୁଆଇବ । ବୈଦ୍ୟଶାସ୍ତ୍ରରେ କୋଳଥର ପ୍ରୟୋଗ ଯଥା—ଅର୍ଶରୋଗେ—୯—କୋଳଥର ଯୂଷ ଅର୍ଶରୋଗରେ ହିତକର । (ଚରକ) । ବାତଶୂଳେ—୧୦—ଜାଙ୍ଗଳ ପକ୍ଷୀ ମାଂସର ଝୋଳରେ କୋଳଥ ଯୂଷ ମିଶାଇ ତହିଁରେ ଡାଳିମ୍ବର ରସ, ସୈନ୍ଧବ ଓ ମରିଚ ଚୂର୍ଣ୍ଣ ଯୋଗକରି ଖାଇଲେ ବାତଶୂଳ ନିବାରିତ ହୁଏ । (ସୁଶ୍ରୁତ) **କୃମିରୋଗେ**—୧୩—କୋଳଥ କ୍ୱାଥରେ ଦୁଧ ମିଶାଇ ଖାଇଲେ କୃମିରୋଗ ବିନଷ୍ଟ ହୁଏ । (ସୁଶ୍ରୁତ) । ସ୍ୱେଦାନ୍ତର୍ଗମେ—୧୨—ସନ୍ନିପାତ ଜ୍ୱରରେ ରୋଗିର ଦେହରୁ ବେଶି ଝାଳ ବାହାରିଲେ ଭଜା କୋଳଥ ଗୁଣ୍ଡକରି ତା'ର ଦେହରେ ଘଷିବ । (ଚକ୍ରଦତ୍ତ) ।

**ଶୀତପିତ୍ତରୋଗରେ**—୧୩-କୋଳଥଡାଲି ସହିତ ଅନ୍ନ ଭୋଜନ କଲେ, ଶୀତପିତ୍ତ ନିବାରିତ ହୁଏ । (ଚକ୍ରଦତ୍ତ) **ଅଶ୍ମରୀ** ୧୪—କୋଳଥର ଯୂଷ ଅଶ୍ମରୀ ରୋଗରେ ହିତକର । (ବଙ୍ଗସେନ) **ଅମ୍ଳଦ୍ରବଶୂଳ**—୧୫-ଅନ୍ୟ କୌଣସି ଦ୍ରବ୍ୟ ନ ଖାଇ କେବଳ ଭଜାକୋଳଥ ଗୁଣ୍ଡ ଦହି ସହିତ କଳ୍କରୂପେ ଖାଇଲେ ଅନ୍ନଦ୍ରବ ଶୂଳ ବିନଷ୍ଟ ହୁଏ । (ବଙ୍ଗସେନ) **କଫଗୁଳ୍ମ**—୧୬-କଫଗୁଳ୍ମ ରୋଗରେ କୋଳଥର ଚୂର୍ଣ୍ଣ ସେବନ ପ୍ରଶସ୍ତ । (ବଙ୍ଗସେନ) **ଗଣ୍ଡମାଳାରୋଗ**—୧୭—କଫବର୍ଦ୍ଧକ କୌଣସି ଦ୍ରବ୍ୟ ନଖାଇ କୋଳଥଡାଲି ନିୟମିତ ଭାବରେ କଳ୍କରୂପେ ଖାଇଲେ ଗଣ୍ଡମାଳା ରୋଗ ଶାନ୍ତହୁଏ । (ବଙ୍ଗସେନ) ୧୮-କୋଳଥ ଡାଲି ଖାଇଲେ ଦେହରୁ ଝାଳ ବାହାରେ । ଏହା ଅଧିକ ପରିମାଣରେ ଖାଇଲେ ରକ୍ତପିତ୍ତ ବଢ଼େ । ଏହାର ପ୍ରତିକାର ନିମିତ୍ତ ୧-ଘିଅ, ୨-ତେଲ, ୩-ମହୁ ଖାଇବ ।

**୨୩୩-କୋଳଥିଆଗଛ** — **Tephrosia purpurea.** ଏହାର ସଂସ୍କୃତ ପର୍ଯ୍ୟାୟ—ଶରପୁଙ୍ଖା ଓ ପ୍ଲୀହଶତ୍ରୁ । ଏହାକୁ ବଙ୍ଗଳାରେ ବନନୀଲ ଓ ଶରପୁଙ୍ଖ, ହିନ୍ଦୀରେ ସରଫୋକା ଏବଂ ତେଲୁଗୁ ଭାଷାରେ ବେମ୍ପଲିଚେଟ୍ଟୁ ବୋଲନ୍ତି । ପୁଷ୍ପର ବର୍ଣ୍ଣଭେଦରେ ଏହାର ଦୁଇପ୍ରକାର ଯଥା ଧୋବକୋଳଥିଆ ଓ ରଙ୍ଗକୋଳଥିଆ । ଉଭୟ ପ୍ରକାର କୋଳଥିଆ ଗଛର ପତ୍ର, ମୂଳ ଓ ବୀଜ ଔଷଧାର୍ଥରେ ବ୍ୟବହୃତ ହୁଏ । କୋଳଥିଆ ଗଛର ପତ୍ରରସ ଓ ମୂଳର କ୍ୱାଥ ବା ଚୂର୍ଣ୍ଣ—କଟୁ, କଷାୟ, ତିକ୍ତ, ଉଷ୍ଣ ଓ ଲଘୁ । ଏହା ସେବନ କଲେ ବାତ, ରକ୍ତଦୋଷ, ଜ୍ୱର, ଶୂଳ, ପ୍ଲୀହା, ଯକୃତ, ଗୁଳ୍ମ, କାସ, ଶ୍ୱାସ, କୃମି, ବ୍ରଣ ଓ ବିଷଦୋଷ ନିବାରିତ ହୁଏ । ଏହା ରସାୟନ, କଳକାରକ, ଓ ମୂତ୍ରବିରେଚକ । ୧-ଗନୋରିଆ ମେହ ରୋଗରେ ଶୀତଳାମରିଚ ସହିତ ଏବଂ ରକ୍ତାର୍ଶ ରୋଗରେ ଗଞ୍ଜାଇ ସହିତ କୋଳଥିଆଗଛର ମୂଳ ପ୍ରୟୋଗ କରାଯାଏ । ୨-ଗ୍ରହଣୀ ଓ ଉଦାବର୍ତ୍ତ ରୋଗରେ କୋଳଥିଆ ମୂଳର କ୍ୱାଥ ପାନକଲେ ସୁଫଳ ଲଭହୁଏ । ୩-କୋଳଥିଆଗଛର ପତ୍ରର ରସ ପାନକଲେ ହାତ, ପାଦ ଓ ମୁହଁର ଫୁଲା ତୁଟିଯାଏ । ବିଶେଷ ଉଲ୍ଲେଖ ନଥିଲେ ବିଷଦୋଷ, ପ୍ଲୀହା, ଗୁଳ୍ମ ଓ ବ୍ରଣରୋଗରେ ରଙ୍ଗକୋଳଥିଆ ଏବଂ ରସାୟନାର୍ଥରେ ଓ ଶୂଳରୋଗରେ ଧୋବକୋଳଥିଆ ପ୍ରୟୋଗ କରିବ । ବୈଦ୍ୟଶାସ୍ତ୍ରରେ କୋଳଥିଆର ପ୍ରୟୋଗ ଯଥା—**ଅଳର୍କବିଷରେ**—୪-ରଙ୍ଗକୋଳଥିଆର ମୂଳ ୨୦ ଗ୍ରାମ, ଦୁଦୁରାମୂଳ ୧୦ ଗ୍ରାମ ଏବଂ ଗୁଡ଼ଲ ୨୪୦ ଗ୍ରାମ ଏକତ୍ର ଚାଉଳଧୁଆ ପାଣିରେ ଏକତ୍ର ବାଟି ଅଣ୍ଡାପରି କରିବ । ଏହି ଅଣ୍ଡାର ଚତୁର୍ଦ୍ଦିଗରେ ହାତଗୋଟି ଦୁଦୁରାପତ୍ର ବେଷ୍ଟନ କରି ପୋଡ଼ପିଠା ପ୍ରସ୍ତୁତ କରିବ । କୁକୁର ଦଷ୍ଟରୋଗିକୁ ଏହିପିଠା ଖୁଆଇବ । ଔଷଧ ଜୀର୍ଣ୍ଣ ହେଲେ ରୋଗିର ଅନ୍ୟାନ୍ୟ ବିକାର ଜାତହେବ । ଏହି ବିକାର ଶାନ୍ତି ନିମିତ୍ତ ରୋଗିକୁ ଜଳବର୍ଜିତ ଶୀତଳ ଗୃହରେ ବାସ କରାଇବ । ବିକାର ଶାନ୍ତ ହେବାପରେ ଅପରଦିନ ରୋଗିକୁ ଦୁଧଭାତ ପଥ୍ୟ ଦେବ । ସେଥିରେ ପୁଣ ତିନିଦିନ ପରେ ପୂର୍ବୋକ୍ତ ପୋଡ଼ପିଠା ଅର୍ଦ୍ଧମାତ୍ରାରେ ରୋଗିକୁ ପୁଣି ସେବନ କରାଇବ । ଏଥି ଦ୍ୱାରା ବାଉକୁକୁରର ବିଷବିକାର ସମୂଳେ ନଷ୍ଟ ହୁଏ । ଏହି ଔଷଧ ସେବନ କାଳରେ ରୋଗୀ ବାସ୍ତା ହେଲେ କମ୍ବା ବାସ୍ତାପରି କଥା କହିଲେ ତାକୁ ଦୁଇ ତିନଦିନ ପର୍ଯ୍ୟନ୍ତ ପଇଡ଼ପାଣି, ପଖାଳ ଭାତ ଓ ଉଷୁନାମଣ୍ଡ ପିଆଇବ । ଔଷଧ ସେବନ କରି ରୋଗୀ ଯଦି ଅଧିକ ବାସ୍ତା ହୁଏ, ତା'ହେଲେ ତାର ବିଷବିକାର ଉର୍ଦ୍ଧ୍ୱରୂପେ ଶାନ୍ତ ହୋଇଛି ବୋଲି ବୁଝିବ । ପରେ ଅର୍ଦ୍ଧମାତ୍ରାରେ ଔଷଧ ପ୍ରୟୋଗ କରିବ ବୋଲି ଶାସ୍ତ୍ରରେ ଲେଖାଅଛି କିନ୍ତୁ ଆଜକାଲି ଏହିପରି ଦ୍ୱିତୀୟ ବାର ଔଷଧ ପ୍ରୟୋଗ କରିବାର ଆବଶ୍ୟକ ହୁଏ ନାହିଁ । (ସୁଶ୍ରୁତ) **ପ୍ଲୀହାରୋଗ**—୫-ରଙ୍ଗ କୋଳଥିଆ ମୂଳର ଗୁଣ୍ଡ ଦହି ସହିତ ବାଟି ସେବନ କଲେ ପ୍ଲୀହା ନଷ୍ଟହୁଏ । (ଚକ୍ରଦତ୍ତ) **ବ୍ରଣରୋଗ**—୬- କୋଳଥିଆ ମୂଳର ଛାଲି ଚୂର୍ଣ୍ଣ କରି ମହୁ ସହିତ ମିଶାଇ ବ୍ରଣରେ ଲେପନ କଲେ ବ୍ରଣ ପୂରିଉଠେ । (ଚକ୍ରଦତ୍ତ) **ଗୁଳ୍ମରୋଗ**—୭-ରଙ୍ଗକୋଳଥିଆର ସମୂଳ ସର୍ବାଙ୍ଗ ଖଣ୍ଡ ୨ କରି ଖରାରେ ଶୁଖାଇ ଗୋଟିଏ ହାଣ୍ଡି ମଧ୍ୟରେ ରଖି ଦଗ୍ଧ କରିବ । ସ୍ୱାଙ୍ଗଶୀତଳ ହେବା ପରେ ଏହି ଭସ୍ମ ବାହାର କରିବ । ସେଥିରେ ଏହି ଭସ୍ମକୁ ଛ'ଗୁଣ ଜଳରେ ଉତ୍ତମରୂପେ ମିଶାଇ ଗୋଟିଏ ମୋଟା କନାରେ ବାନ୍ଧି ଗୋଟିଏ ପାତ୍ର ଉପରେ ଟାଙ୍ଗିଇ ରଖିବ । ଏଥିରୁ ଯେଉଁ ଦ୍ରବ୍ୟ ତଳେ ଜମା ହେବ, ଉପର ଜଳ ନିଗାଡ଼ି ଦେଇ ତାହା ଗ୍ରହଣ କରିବ । ଏହାର ନାମ—ଶରପୁଙ୍ଖା ଲବଣ ୮-ଏଥିରେ ସମାନ ପରିମାଣରେ ହରିଡ଼ା ଚୂର୍ଣ୍ଣ ମିଶାଇ ୧—୨ ଗ୍ରାମ ମାତ୍ରାରେ ରୋଗିର ଅବସ୍ଥା ବୁଝି ଦିବସରେ ଦୁଇଥର ସେବନ କରାଇବ । ଏଥିଦ୍ୱାରା ଅତି ପୁରାତନ ଗୁଳ୍ମ ରୋଗ ବିନଷ୍ଟ ହୁଏ । (ଭାବପ୍ରକାଶ) **ଅପଚୀରୋଗରେ**—୯-ରଙ୍ଗ କୋଳଥିଆ ମୂଳ ଚାଉଳଧୁଆ ପାଣିରେ ବାଟି ତା'ର ନସ୍ୟ ଗ୍ରହଣ କଲେ ଏବଂ ପ୍ରଲେପ ଦେଲେ ଅପଚୀରୋଗ ଓ କୃମି ନଷ୍ଟ ହୁଏ । (ବାଗ୍‌ଭଟ) । **ମୂଷିକବିଷ**—୧୦-କୋଳଥିଆର ମଞ୍ଜିକୁ ଚୂର୍ଣ୍ଣ କରି ଘୋଳ ସହିତ ଖାଇଲେ ସକଳ ପ୍ରକାର ମୂଷିକ ବିଷ ବିନଷ୍ଟ ହୁଏ । (ବାଗ୍‌ଭଟ) । ମାତ୍ରା—ପତ୍ରର ରସ ୧୦—୨୦ ଗ୍ରାମ, ମୂଳର କଳ୍କ ଓ ବୀଜର ଚୂର୍ଣ୍ଣ—ଅଧ—୧ ଗ୍ରାମ ।

କନ୍ଦୁପ୍ରାସ୍ତଳ୍କ—କୋଳଥିଆ ପଞ୍ଚାଙ୍ଗ ଗୁଡ଼ଶାନ୍ତି ଗ୍ରାମ, ଅଠ କେଜି ଜଳରେ ସିଦ୍ଧ ଚତୁର୍ଥାଂଶ ବାକି ଶେଷ ରଖି ଛାଣିବ। ଶୀତଳ ହେଲେ ବଳି ଥିବା ଜଳ ଧୁଆ ଶୁଦ୍ଧ, ଧାତୁକୀ ଫୁଲ ଓ ଶଣ୍ଢ ପଦ୍ମର ଗ୍ରାମ ମିଶାଇ ଯଥାବିଧି ସନ୍ଧାନ କରି ପନ୍ଦର ଦିନ ରଖିବ। ପରେ ଛାଣି ବୋତଲରେ ଭରତି କରି ପ୍ରତ୍ୟେକ ବୋତଲ୍‌ରେ ପଞ୍ଚ ଗ୍ରାମ ରେକ୍‌ଟିଫାଇଡ୍ ସ୍ପିରିଟ୍ ମିଶାଇବ। ମାତ୍ରା—ଏକଚତୁର୍ଥାଂଶ ଆଉନ୍‌ସ ଠାରୁ ଅଧ ଆଉନ୍‌ସ। ଶ୍ୱାସକାସ ଏବଂ ସାଧାରଣ କାସରେ ଉପଯୋଗ କରିବ। (ଭୈ, ବୃ.ନି)

୨୩୪—ଖୋଞ୍ଜିଆ—ଭଙ୍ଗାଭିଆ ଦେଖ।

୨୩୫—କାଥାଜୀସ୍ଟ ତେଲ—ଏହାକୁ ଅନେକ ଲୋକ ଲୁଙ୍ଗପତ୍ରର ତେଲ ବୋଲନ୍ତି। ଏହି ତେଲ ଅଳାଇଚ ପରି ଏବଂ କର୍ପୂର ପରି ସୁବାସ ରହେ। ବେପାରୀମାନେ ଏହାକୁ ଅଳାଇଚ ଅର୍କ ବୋଲି କହନ୍ତି କରି ପ୍ରତାରଣା କରନ୍ତି। ବସ୍ତୁତଃ ଏହି ତେଲ ଏକ ପ୍ରକାର ପତ୍ରରୁ ବାହାର କରାଯାଏ। ଏହାର ... ଶ୍ୱ—... ତେଲ, କର୍ପୂର ତେଲ ଓ ଚକ୍ଷୁଗନ୍ଧକ। ଏହା ଉଷ୍ଣ ସୁଗନ୍ଧି, ବାତନାଶକ, ଆକ୍ଷେପ ନିବାରକ, ... ଓ ବେଦନା ନିବାରକ। ଏହି ତେଲ ୧—ଜ୍ୱର, ଶୂଳ, ଆମବାତ, ଶିରଃପୀଡ଼ା, ଆଧ୍ମାନ, ଦୌର୍ବଲ୍ୟ, ମୂର୍ଚ୍ଛା, ଉଦର ରୋଗ, ଶୋଥ, ଅପସ୍ମାର, ମୂତ୍ରରୋଧ, ଦନ୍ତରୋଗ ଓ ଭଗ୍ନରୋଗରେ ଉପକାର କରେ। ୨—ସମପରିମିତ ନଡ଼ିଆତେଲ ବା ରାଶିତେଲରେ ଏହା ମିଶାଇ ମର୍ଦ୍ଦନ କଲେ ବାତ, ମେରୁବାତ, ମୁଣ୍ଡବ୍ୟଥା ଓ ପକ୍ଷାଘାତ ରୋଗରେ ବିଶେଷ ଉପକାର ହୁଏ।

୨୩୬—ଖଇରଗଛ— Acacia catechu Syn-Mimosa catechu ଏହାର ସଂସ୍କୃତ ନାମ— ଖଦିର, ଦନ୍ତଧାବନ, ଗାୟତ୍ରୀ ଓ କୁଷ୍ଠାରି। ଏହାକୁ ବଙ୍ଗଳାରେ ଖୟେର, ହିନ୍ଦୀରେ ଖୈର, କଥ୍‌ଥା ଏବଂ ତେଲୁଗୁରେ କାନ୍ଦୁ ବୋଲନ୍ତି। ଖଇର ଗଛର ପତ୍ର, ଡାଳ, ମୂଳ, ଛାଲି, କାଠ, ଫୁଲ ଓ ସାର ଔଷଧାର୍ଥରେ ବ୍ୟବହୃତ ହୁଏ। ଆମ ଦେଶରେ ତିନି ପ୍ରକାର ଖଇର ସାର ମିଳେ। ଯଥା— ଚକାଖଇର, ଧୋବଖଇର ଓ ରଙ୍ଗଖଇର। ରଙ୍ଗଖଇରକୁ କେତେକ ଲୋକ ଲୁହଖଇର ବୋଲନ୍ତି। ସକଳ ପ୍ରକାର ଖଇର ତିକ୍ତ, କଷାୟ ଓ ଶୀତଳ। ଏହାର କ୍ୱାଥ ବା ଚୂର୍ଣ୍ଣ ସେବନ କଲେ ପିତ୍ତ, କଫ, କାସ, କଣ୍ଡୂ, କୁଷ୍ଠ, କନ୍ଦର୍ପ, ଶୋଥ, ବ୍ରଣ, ଅର୍ବୁଦ, ମେଦୋରୋଗ, କ୍ରିମି, ପ୍ରମେହ, ଜ୍ୱର, ଶ୍ୱିତ୍ର, ଆମଦୋଷ ଓ ପାଣ୍ଡୁରୋଗ ବିନଷ୍ଟ ହୁଏ। ୧—ଦନ୍ତ-ରୋଗ, ମୁଖରୋଗ, ରକ୍ତବିକାର ରକ୍ତାତିସାର, ବାତରକ୍ତ ଓ ପ୍ରଦର ରୋଗରେ ଖଇର ଉପକାର କରେ। ୨—ଖଇର ବଳବାନ ଧାରକ। ୩—କ୍ଷତ ଘାʼରେ ଖଇର ଗୁଣ୍ଡ କରି ପକାଇଲେ ରକ୍ତସ୍ରାବ ବନ୍ଦହୁଏ। ୪—ଏକ ଠାରୁ ଦୁଇଗ୍ରାମ ମାତ୍ରାରେ ଖଇର ଚୂର୍ଣ୍ଣ ମଧୁ ସହିତ ସେବନ କଲେ ଅତିସାର, ଆମାତିସାର ଓ ଗ୍ରହଣୀରୋଗରେ ବିଶେଷ ଉପକାର ହୁଏ। ୫—ଯେଉଁ ଗ୍ରହଣୀ ରୋଗିର ପାକସ୍ଥଳୀରେ ବେଦନା ହୋଇ ଜଳବତ୍ ପ୍ରଚୁର ମଳ ନିର୍ଗତ ହୁଏ, ତାକୁ ଖଇର କ୍ୱାଥ ପାନ କରାଇବ। ୬—ପ୍ରଦର ରୋଗରେ ଅଧିକ ରକ୍ତସ୍ରାବ ହେଲେ ଖଇର କ୍ୱାଥରେ ପିଚକାରୀ ଦେବ। ୭—ଖଇର କ୍ୱାଥରେ କୁଳୁକୁଞ୍ଚା କଲେ ମୁଖରୋଗ ଭଲହୁଏ। ୮—ଖଇରକୁ ଚୂର୍ଣ୍ଣ କରି ଦାନ୍ତରେ ଘଷିଲେ ଦାନ୍ତମାଂସର ଫୁଲା, ଦନ୍ତମୂଳରୁ ରକ୍ତସ୍ରାବ, ଜିହ୍ୱାରୋଗ ଏବଂ ଓଷ୍ଠରୋଗ ନିବାରିତ ହୁଏ। ୯—ଘଣ୍ଟିକା ବଢ଼ି ଓହଳି ପଡ଼ିଲେ ଏକପ୍ରକାର କଷ୍ଟପ୍ରଦ କାସରୋଗ ଜାତ ହୁଏ। ଏପରି ସ୍ଥଳରେ ଖଇର ଚୂର୍ଣ୍ଣ କଳରେ ଜାକି ଧୀରେ ୨ ତାʼରପାଣି ଢୋକିଲେ ବିଶେଷ ଉପକାର ହୁଏ। ୧୦—କାକଡ଼ାର ମାଂସ ଭକ୍ଷଣ ଜାତ ରକ୍ତବିକାର ରୋଗରେ ଖଇରର କ୍ୱାଥ ଉତ୍ତମ ଫଳପ୍ରଦ। ପୁରାତନ ମିଳା ଘାʼରେ ଚର୍ବି ସହିତ ଖଇର ମିଶାଇ ପ୍ରୟୋଗ କରାଯାଏ। କୌଣସି ୨ ସ୍ଥଳରେ ଏଥି ସହିତ ମୟୂରଚୂଳିଆ ଭସ୍ମ ମିଶାଇ ମଧ୍ୟ ଦିଆଯାଏ। ୧୧—ଖଇର ଗୁଣ୍ଡକରି ପକାଇଲେ ଘାʼ ଶୁଖିଯାଏ। ୧୨—ଖଇର ଅଧିକ ପରିମାଣେ ଖାଇଲେ ଗର୍ଭସ୍ରାବ ହୁଏ ଏବଂ କେହି କେହି କହନ୍ତି ପୁରୁଷତ୍ୱ ହାନି ମଧ୍ୟ ହୁଏ। ୧୩—ସ୍ୱରଭଙ୍ଗ ଓ ଗଳକ୍ଷତ ରୋଗରେ ଖଇରର ଗଣ୍ଡୂଷ ଧାରଣ ବିଶେଷ ଉପକାରକ। ବୈଦ୍ୟଶାସ୍ତ୍ରରେ ଖଇରର ପ୍ରୟୋଗ। ଯଥା—କୁଷ୍ଠରୋଗେ—୧୪—କୁଷ୍ଠରୋଗୀ ଖଇରର କ୍ୱାଥ ସେବନ କରିବ। (ଚରକ) କ୍ରିମିକୁଷ୍ଠେ— ୧୫—ଖଇରର କାଠ ଓ ଛାଲି ପାନ, ଆହାର, ପ୍ରକ୍ଷାଳନ, ଧୂପନ ଓ ପ୍ରଲେପ ରୂପରେ ଉପଯୁକ୍ତ ଭାବରେ ବ୍ୟବହାର କଲେ କ୍ରିମିକୁଷ୍ଠରୁ ରୋଗୀ ମୁକ୍ତଲାଭ କରେ। (ଚରକ)। ବ୍ରଣଶୋଧନାର୍ଥେ—୧୬—ଖଇର କ୍ୱାଥରେ ବ୍ରଣ ପ୍ରକ୍ଷାଳନ କଲେ ବ୍ରଣ ବିଶୁଦ୍ଧ ହୁଏ। (ଚରକ) ବାତଜକାସରୋଗେ ୧୭—ଅମ୍ଳବେତ କଥିତ ମଦ୍ୟ, ଦହି କାମ୍ବା ଦ୍ୱିଗୁଣ ଜଳମିଶ୍ରିତ ଦହି ସହିତ ଖଇରର କ୍ୱାଥ ସେବନ କଲେ ବାତଜ କାସ ବିନଷ୍ଟ ହୁଏ। (ଚରକ) ଶର୍କରାମେହେ—୧୮—ବାରମ୍ବାର ଅଳ୍ପ ବାଲି ମିଶ୍ରିତ ପ୍ରସ୍ରାବ ହେଲେ ଖଇରଛାଲିର କ୍ୱାଥ ପାନ କରିବ। (ସୁଶ୍ରୁତ) କ୍ଷୌଦ୍ରମେହରୋଗେ—୧୯—ଖଇର ଓ କଣ୍ଟାକୁଆଁର କ୍ୱାଥ ପାନ କଲେ କ୍ଷୌଦ୍ରମେହ ପ୍ରଶମିତ

ହୁଏ । (ସୁଶ୍ରୁତ) ରକ୍ତପିତ୍ତରୋଗେ—୨୦-ମଧୁ ସହିତ ଖଇରଫୁଲର ଚୂର୍ଣ୍ଣ ସେବନ କଲେ ରକ୍ତପିତ୍ତ ଶାନ୍ତ ହୁଏ । (ଚକ୍ରଦତ୍ତ) ଶୁକ୍ରମେହରେ—୨୧-ଖଇରଛାଲି ବା କାଠର ଚୂର୍ଣ୍ଣ ଘିଅ ତେଲ ସହିତ ମିଶାଇ ଭୃଙ୍ଗରେ ଧାରଣ କଲେ ଧାତୁଭଙ୍ଗ ନିବାରିତ ହୁଏ । (ଚକ୍ରଦତ୍ତ) ବିସ୍ଫୋଟରୋଗରେ ୨୨-ଖଇରକାଠ ଓ ଇନ୍ଦ୍ରଯବର କ୍ୱାଥ ପାନକଲେ ଉତ୍କଟ ବିସ୍ଫୋଟ ବିନାଶ ହୁଏ । (ଚକ୍ରଦତ୍ତ) ଦନ୍ତରୋଗେ— ୨୩—ଖଇରଛାଲର କ୍ୱାଥ ମୁଖରେ ଧଇଲେ ଦନ୍ତରୋଗ ପ୍ରଶମିତ ହୁଏ । (ହାରିତ) । ସ୍ଥାବରବିଷରେ—୨୪—ଖଇର ମୂଳର ଛାଲିକୁ ଉତ୍ତମରୂପେ ବାଟି ପାନ କଲେ ମହୁର, କୁଚିଲା, ଓ ବାଛୁମୂଳୀ ପ୍ରଭୃତି ସ୍ଥାବର ବିଷବିକାର ଶୀଘ୍ର ବିନଷ୍ଟ ହୁଏ । ଛାଲି, କାଠ ଓ ଫୁଲ ଚୂର୍ଣ୍ଣର ମାତ୍ରା—୧—୩ ଗ୍ରାମ, ସାର -ଅର୍ଦ୍ଧ ଠାରୁ ଦୁଇଗ୍ରାମ, ଛାଲି ଓ କାଠର କ୍ୱାଥ ୫୦ — ୧୦୦ ଗ୍ରାମ । **ଖଦିରାସବ** — ପାଞ୍ଚକେଜି ଖଇର ଛାଲି ବାବନ କେଜି ଜଳରେ ସିଝାଇ ତେର କେଜି ଜଳ ଅବଶେଷ ଥିବା ଓହ୍ଲାଇ ଛାଣି ଶୀତଳ ହେବା ପରେ ହାଣ୍ଡିରେ ଭରତି କରିବ । ସେହି ହାଣ୍ଡିରେ ଶୁଣ୍ଠି, ଗୋଲମରିଚ, ପିପ୍ପଳୀ, ହରିଡ଼ା, ବାହାଡ଼ା, ଅଁଳା, କେଶର, ଦାରୁହଳଦୀ, ବାକୁଚୀ ମଞ୍ଜି, ଗୁଳୁଚୀ, ବିଡ଼ଙ୍ଗ ପ୍ରତ୍ୟେକର ଚୂର୍ଣ୍ଣ ଷୋଳଶି ଗ୍ରାମ, ଧାତୁକୀଫୁଲ ଅଧକେଜି ମିଶାଇବା ପରେ ଉତ୍ତମ ରୂପେ ଷୋହଳଦିନ ପର୍ଯ୍ୟନ୍ତ ରାଖିବ । ପରେ ତହିଁରେ ମଧୁ ସାଢ଼େ ସାତକେଜି ମିଶାଇ ଉତ୍ତମ ରୂପେ ମୁହଁକୁ ସନ୍ଧାନ କରି ଏକମାସ ରଖିବ । ପରେ ଛାଣି ଚିକ୍କଣ ମାଟି ହାଣ୍ଡିରେ ରଖି ଏକ ଗ୍ରାମ କସ୍ତୁରୀ, ଦୁଇଗ୍ରାମ କର୍ପୂର, ମିଶାଇ ଭଲରୂପେ ଘାଣ୍ଟିବ, ପରେ ସେଥିରେ ପାତ୍ର ମୁଖ ସନ୍ଧାନ କରି ପନ୍ଦର ଦିନ ରଖିବ । ତା'ର ପରେ ବ୍ୟବହାର କରିବ । ମାତ୍ରା— ଅଧ ଆଉନ୍ସ ଠାରୁ ଦେଢ଼ ଆଉନ୍ସ । ଅନୁପାନ ଜଳ । ଏହା ମହାକୁଷ୍ଠ (ଗଳିତକୁଷ୍ଠ) ଉପଦଂଶ, ବାତରକ୍ତ, ଚର୍ମ ବିକାରକୁ ଶୀଘ୍ର ନଷ୍ଟ କରେ । କପାଳ, ଔଦୁମ୍ବର, ମଣ୍ଡଳ, ଋଷ୍ୟ, କାକଣକ, ପୁଣ୍ଡରୀକ ଓ ଦଦ୍ରୁକୁଷ୍ଠ ନାମକ ସାତପ୍ରକାର କୁଷ୍ଠ ରୋଗର ମହୌଷଧ । (ଗଦନିଗ୍ରହ) ଖଦିରବଟି— ଧଳାଖଇର ୫୦୦ ଗ୍ରାମ, ଶ୍ରୀକର୍ପୂର ୩୦ ଗ୍ରାମ, ଜାଇପତ୍ରୀ ୪୦ ଗ୍ରାମ, ଜାଇଫଳ ୫୦ ଗ୍ରାମ, ଲବଙ୍ଗ ୧୫୦ ଗ୍ରାମ, ପାନମହୁରୀ ୫୦୦ ଗ୍ରାମ, ଚନ୍ଦନ ଅତର ୧୫ ଗ୍ରାମ, ଚନ୍ଦନ କାଠ ୫୦ ଗ୍ରାମ, ଚୂଆ ୫୦ ଗ୍ରାମ, ଗୁଡ଼ତ୍ୱକ ୮୦ ଗ୍ରାମ, ଗୁଜୁରାତି ୪୦୦ ଗ୍ରାମ, ନାଗକେଶର ୧୨୫ ଗ୍ରାମ, କେତକୀ ଫୁଲ ୪ କେଜି, ଏହି ସମସ୍ତ ଦ୍ରବ୍ୟ ଯୋଗରେ ନିର୍ମିତ ଗୁଟିକା ସକଳ ପ୍ରକାର ମୁଖରୋଗ ଏବଂ ଉଦର ରୋଗ ନାଶକ । (Oh ଲକ୍ଷ୍ମୀ)

**୨୩୭-ଖଚ୍ଚର**—A mule or donky. ଘୋଡ଼ୀ ଏବଂ ଗଧର ସଙ୍ଗମରୁ ଉତ୍ପନ୍ନ ହେବା ଏକ ପ୍ରକାର ଜନ୍ତୁକୁ ଖଚ୍ଚର ବୋଲାଯାଏ । ଏହାର ସଂସ୍କୃତ ନାମ—ଅଶ୍ୱତର, ଏହାର ମାଂସ ବଳକାରକ, ବର୍ଣ୍ଣବର୍ଦ୍ଧକ ଏବଂ କଫପିତ୍ତ ଜନକ । ୧—ଋତୁସ୍ନାନ ସମୟରେ ସ୍ତ୍ରୀକୁ ଖଚ୍ଚରର ମୂତ୍ର ପାନ କରାଇଲେ ସେ ଯାବଜ୍ଜୀବନ ବନ୍ଧ୍ୟା ହୁଏ ।

**୨୩୮—ଖର୍ଜୁର**— Phoenix Dactylifera. ଏହା ଆରବ ଦେଶରେ ଜାତ ହେଉଥିବା ଖଜୁରିଗଛର ଫଳ । ଏହାର ସଂସ୍କୃତ ନାମ—ପିଣ୍ଡଖର୍ଜୁରୀ । ଏହାକୁ ବଙ୍ଗଳାରେ ଖେଜୁର, ହିନ୍ଦୀରେ, ଖଜୁର, ମୁସଲମାନମାନେ ଖୁରମା ଏବଂ ତେଲୁଗୁରେ ଖଜୁର ପାଣ୍ଡୁ ବୋଲନ୍ତି । **ଖର୍ଜୁରଫଳ**— ଏହା ମଧୁର, ଗୁରୁ, ବଳବୀର୍ଯ୍ୟବର୍ଦ୍ଧକ, ରକ୍ତପିତ୍ତ ନାଶକ ଏବଂ ଜ୍ୱର, ମୂର୍ଚ୍ଛାଘାତ, ପାଣ୍ଡୁ, କଫ କାସ, ଶ୍ୱାସ, ପିତ୍ତ, କ୍ଷୟ, ଦାହ, ମୂତ୍ରଦୁର୍ବଳତା, ଶୂଳ, ଅନ୍ତ୍ରଶୂଳ ଏବଂ ପକ୍ଷାଘାତ ରୋଗରେ ହିତକର । ୧—ଗାଈକ୍ଷୀର ସହିତ ଖଜୁରୀ ଖାଇଲେ ଜ୍ୱର ଓ ବସନ୍ତରୋଗର ଅବସାନରେ ଜାତ ହେବା ଦୁର୍ବଳତା ଦୂର ହୁଏ । ମଧୁ ସହିତ ଖଜୁରୀ ଖାଇଲେ ରକ୍ତପିତ୍ତ ଶାନ୍ତ ହୁଏ । **ଖର୍ଜୁରାସବ**—ବଡ଼ ସହିତ ଖଜୁରୀ ୫ କେଜି, ଜଳ ୫୨ କେଜି ଦେଇ ସିଝାଇ କ୍ୱାଥ କରି ୧୩ କେଜି ଶେଷ ରଖି ଛାଣି ସେଥିରେ ଯାଠିମଧୁ, ଗମ୍ଭାରିଛାଲି, ଦ୍ରାକ୍ଷା, ପଦ୍ମକେଶର, ପଦ୍ମକାଠ ଫଳ, ବେଲ, ବଳା, ଶ୍ୱେତଚନ୍ଦନ, ମହୁଲ ପ୍ରତ୍ୟେକ ଷୋଳଶି ଗ୍ରାମ, ଧାତୁକୀଫୁଲ ୭୫୦ ଗ୍ରାମ, ମଧୁ ସାଢ଼େତିନି କେଜି, ଖଣ୍ଡ (ମିଶ୍ରୀ) ୫ କେଜି । ଏହି ସମସ୍ତ ଦ୍ରବ୍ୟ ଏକାଠି ମିଶାଇ ମୁଖ ସନ୍ଧାନ କରି ପନ୍ଦର ଦିନ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା — ଅଧ—୨ ଆଉନ୍ସ, ଅନୁପାନ ଜ୍ୱର, ଦାହ, ତୃଷା, ମୂର୍ଚ୍ଛା, ଭ୍ରମ, ଅଂଶୁଘାତ, ହସ୍ତପାଦଜ୍ୱଳନ ପିତ୍ତ ବିକାର ନାଶକ ଏବଂ ବର୍ଣ୍ଣ ବର୍ଦ୍ଧକ ।

(ଡାକ୍ତର ଦୁର୍ଗାଚରଣ ତ୍ରିପାଠୀ)

**୨୩୯-ଖର୍ଜୁରଗଛ**— Phoenix sylvestris. ଖଜୁରୀଗଛର ସଂସ୍କୃତ ନାମ— ଖରସ୍କନ୍ଧା, ଦୁରାରୋହା, ବୃଷ୍ୟ—ଧର୍ଜା, ଯବନେଷ୍ଟା । ଏହାକୁ ବଙ୍ଗଳାରେ ଖେଜୁର, ହିନ୍ଦୀରେ ଖଜୁର ଏବଂ ତେଲୁଗୁରେ ଇଣ୍ଡିଚେଟ୍ଟୁ ବୋଲନ୍ତି । ସ୍ଥାନ ଭେଦରେ ଖଜୁରିଗଛ ବହୁପ୍ରକାର । ସ୍ଥାନ ବିଶେଷରେ ଖଜୁରିଗଛକୁ ଯେତେକେ ଲୋକ ଭୂଇଁ ଖଜୁରି ବୋଲନ୍ତି । ଖଜୁରିର ମୂଳ, ମଞ୍ଜପତ୍ର ଏବଂ ଫଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଖଜୁରିଗଛ ଉପରେ ଥିବାର **ମଞ୍ଜିଗଣ୍ଡ**—ଶୀତ, କଷାୟ, ମଧୁରରସ, ବଳକାରକ, ଶୁକ୍ରବର୍ଦ୍ଧକ, ମେହ ନାଶକ, ମୂତ୍ରକାରକ, ବାନ୍ତି ନିବାରକ ଏବଂ କୃମି ନାଶକ । ଖଜୁରିର ମୂଳ ଦନ୍ତଶୂଳରେ ହିତକର । ୧—ଖଜୁରିଗଛର ରସ ସେବନ କଲେ ରକ୍ତପିତ୍ତ, କ୍ଷତ, କ୍ଷୟ,

ବାନ୍ତି, ଜ୍ୱର, ଅତିସାର, ତୃଷ୍ଣା, ତୃଷା, କାସ, ଶ୍ୱାସ, ମଦ, ମୂର୍ଚ୍ଛା, ବାତପିତ୍ତ ଓ ମଦ୍ୟପାନ ଜନିତ ରୋଗ ପ୍ରଶମିତ ହୁଏ । ବଳବୀର୍ଯ୍ୟ ବୃଦ୍ଧି ହୁଏ ଏବଂ ମତ୍ତତା ଜାତ ହୁଏ । **ଖର୍ଜ୍ଜୁରମଦ**— ୨—ଏହା ମଧୁର, ଶୀତଳ, ମତ୍ତତାଜନକ ମେହ, ବାତ, ପିତ୍ତକାସ ଓ କଫପିତ୍ତ ନାଶକ । ନୂତନ ମଦ୍ୟ ଅପେକ୍ଷା ପୁରାତନ ମଦ୍ୟ ପ୍ରଶସ୍ତ ଓ ହିତକର । **ଖର୍ଜ୍ଜୁରଫଳ**—୩ ପାଚିଲା ଖର୍ଜ୍ଜୁରକୋଳି—ମଧୁର, ଶୀତଳ, ସ୍ନିଗ୍ଧ, ରୁଚିକର, ଗୁରୁପାକ, ତୃପ୍ତିକର, ବଳବୀର୍ଯ୍ୟକାରକ, ହୃଷ୍ଟପୁଷ୍ଟିଜନକ ଏବଂ ରକ୍ତପିତ୍ତ, କ୍ଷତ, କ୍ଷୟ, ଭ୍ରାନ୍ତି, ଜ୍ୱର, ଅତିସାର, ଶ୍ୱାସ, କାସ, ମଦ, ମୂର୍ଚ୍ଛା, ମଦାତ୍ୟୟ, ଦାହ ଓ ବାତପିତ୍ତ କଫ ଜନିତ ଅନ୍ୟାନ୍ୟ ବିକାରରେ ହିତକର । ବୈଦ୍ୟଶାସ୍ତ୍ରରେ ଖର୍ଜ୍ଜୁରଗଛର ବ୍ୟବହାର ଯଥା—**ହିକ୍କାରୋଗେ**—୪-ଖର୍ଜ୍ଜୁର ମଞ୍ଜପଣ ଚୂର୍ଣ୍ଣ, ପିପ୍ପଳୀ ଚୂର୍ଣ୍ଣ ମହୁ ସହିତ ସେବନ କଲେ ହିକ୍କା ଶାନ୍ତ ହୁଏ । (ଚକ୍ରଦତ୍ତ) **ଖାଣ୍ଡ୍ୟାସବ**—ଖର୍ଜ୍ଜୁର ଗଛର ମଦ (ତାଡ଼ି) ୫ କେଜି, ମିଶ୍ରି ୩ କେଜି, ମହୁ ୧୦ କେଜି, ଧାତୁକୀ ଫୁଲ ୧ କେଜି । ଏହି ସମସ୍ତ ଦ୍ରବ୍ୟ ଏକାଠି ମିଶାଇ ସେଥିରୁ ସନ୍ଧାନ କରି ଏକମାସ ରଖିବ, ପରେ ଛାଣି ବ୍ୟବହାର କରିବ । ମାତ୍ରା—ଅଧ ଆଉନ୍ସ, ଅନୁପାନ-ଜଳ । ଏହା ବଳବର୍ଦ୍ଧକ, ସଂଗ୍ରହଣୀ ନାଶକ ପାଣ୍ଡୁରୋଗ ନାଶକ, କ୍ଷୁଧାବର୍ଦ୍ଧକ ଏବଂ ପ୍ରସନ୍ନତା କାରକ, (ଏହା ଏକ ପ୍ରାଚୀନ ତାଳପତ୍ରରୁ ଉଦ୍ଧୃତ)

**୨୪୦—ଖଡ଼ୀ**—Chalk. କୋମଳ ଓ କଠିନ ଭେଦରେ ଖଡ଼ୀ ଦୁଇପ୍ରକାର, କୋମଳ ଖଡ଼ୀକୁ ଦୁଧଖଡ଼ୀ ଏବଂ କଠିନ ଖଡ଼ୀକୁ ବଳିଆ ଖଡ଼ୀ ବୋଲିଯାଏ । ଖଡ଼ୀର ସଂସ୍କୃତ ପର୍ଯ୍ୟାୟ-କଠିନ, ଖଡ଼ୀ, ଧବଳମୃତ୍ତିକା ଓ ବର୍ତ୍ତିକା । କୋମଳ ଖଡ଼ୀକୁ ବଙ୍ଗଳାରେ ଗୁଡ଼ଖଡ଼ୀ—ଓ ଫୁଲଖଡ଼ୀ ଏବଂ ହିନ୍ଦୀରେ ଖଡ଼ି ଓ ଗୌରଶିଳା ବୋଲିଯାଏ । ଉଭୟ ପ୍ରକାର ଖଡ଼ୀ—ମଧୁର, ତିକ୍ତ ଓ ଶୀତଳ । ଏହା ଗୋଳି ଲେପନ କଲେ ରକ୍ତପିତ୍ତ, ଦାହ, ବ୍ରଣ, ଶୋଥ, ନେତ୍ରରୋଗ, ଚକ୍ଷୁଦୋଷ ଓ ବସ୍ତଜଶୋଥ ନିବାରିତ ହୁଏ । ଖଡ଼ୀର ଅନ୍ୟାନ୍ୟ ଗୁଣ ମୃତ୍ତିକାତୁଲ୍ୟ । ବିଶେଷତଃ ଏହା ଅମ୍ଳପିତ୍ତ ନିବାରକ । ଦୁଧଖଡ଼ୀ ଉଷ୍ଣ ଉଷ୍ଣବୀର୍ଯ୍ୟ, ସ୍ନିଗ୍ଧ, ରୁଚିକର ଏବଂ ଜ୍ୱର, ପିତ୍ତ, ହୃଦ୍‌ରୋଗ, କାସ, ଶୂଳ ଓ ଅଧ୍ମାନ ନାଶକ ।

**୨୪୧—ଖାରିଲୁଣ**—ଏହାର ସଂସ୍କୃତ ନାମ-ଔଷରଲବଣ । ଏହା ପିତ୍ତବର୍ଦ୍ଧକ, ମଳ ସଂଗ୍ରାହକ, ମୂତ୍ରକାରକ ଓ କଫବାତ ନାଶକ ।

**୨୪୨—ଖଣ୍ଡ**—ଏହା ମଧୁର, ସ୍ନିଗ୍ଧ, ଶୀତଳ, ମୁଖପ୍ରିୟ, ବଳବୀର୍ଯ୍ୟବର୍ଦ୍ଧକ, ପୁଷ୍ଟିକର, ବାତପିତ୍ତ ନାଶକ, ବାନ୍ତି ନିବାରକ, ଚକ୍ଷୁର ହିତକର ଏବଂ କଫକାରକ ।

**୨୪୩—ଖର୍ପରଭସ୍ମ**— Zinkum syn-zinc. ଏହାର ସଂସ୍କୃତ ନାମ—ଯଶଦ । ଏହାକୁ ବଙ୍ଗଳାରେ ଦସ୍ତା, ହିନ୍ଦୀରେ ଜସଦ ବୋଲନ୍ତି । **ଖର୍ପରଶୋଧନ-ବିଧି**—ଉକ୍ତ ଧାତୁକୁ କଡ଼ାଇରେ ପକାଇ ତୀବ୍ର ଅଗ୍ନି ଜାଳିଦେଇ ତରଳାଇବ । ତରଳିଗଲାପରେ ଦୁଧରେ ତାକୁ ଢାଳିବ । ଏହିପରି କ୍ରମରେ ୨୧ ଥର ତରଳାଇ ଗୋଦୁଗ୍ଧରେ ଢାଳିଲେ ଖର୍ପର ବିଶୁଦ୍ଧି ହୁଏ । ଖର୍ପର ଶୋଧନ କରିବା ସମୟରେ ତହିଁରୁ ବେଶି ମୈଳା ବାହାରେ ଏହି ମୈଳା ସବୁ ଅଲଗା ଭସ୍ମ କରିବାକୁ ହେବ । ଏହିଭସ୍ମ ନେତ୍ରରେ ଅଞ୍ଜନ ରୂପେ ବ୍ୟବହାର କଲେ ଅଦ୍ଭୁତ ଉପକାର ହୁଏ । ନିର୍ମଳ ଶୁଦ୍ଧ ଖର୍ପରକୁ ଭସ୍ମକରି ସେବନାର୍ଥରେ ବ୍ୟବହାର କରାଯାଏ । **ଖର୍ପରଭସ୍ମବିଧି**—ଗୋଟିଏ ଲୁହା କଡ଼ାଇରେ ଏକ କେଜି ଖର୍ପର ରଖି ଚୂଲ୍ଲୀଉପରେ ଚଢ଼ାଇ ତଳେ ତୀବ୍ର ଅଗ୍ନିଜାଳିଦେବ । ଲୁହା ପଲାରେ ତାକୁ ବରାବର ଘସିବ । ସେତେବେଳେ ତହିଁରୁ ଅଗ୍ନିଜ୍ୱାଳା ଉଠିବ, ସେତେବେଳେ ନିମ୍ବପତ୍ରର ରସ ୨୦୦ ଗ୍ରାମ ତହିଁରେ ପକାଇବ । କିଛିସମୟ ପରେ ପୁଣିରେ ତହିଁରୁ ଅଗ୍ନିଜ୍ୱାଳା ଉଠିବ । ସେତେବେଳେ ଆଉ ୨୦୦ ଗ୍ରାମ ନିମ୍ବପତ୍ର ରସ ପକାଇବ । ଏହିପରି କ୍ରମରେ ପୁଣିଥରରେ ଏକ କେଜି ନିମ୍ବପତ୍ର ରସ ତହିଁରେ ପକାଇବ । ତାର ପରେ କଡ଼ାଇକୁ ମାଟିଚେଲୁଣି କିମ୍ବା ଲୁହା ପଲମରେ ଘୋଡ଼ାଇଦେଇ ଦିନଦଣ୍ଡା ତୀବ୍ର ଅଗ୍ନି ଜାଳିଦେଲେ ଖର୍ପରର ଭସ୍ମ ହୁଏ ଏହି ଭସ୍ମକୁ ପୁଣିରେ ୩।୪ ଘଣ୍ଟା ଘିକୁଆଁରି ରସରେ ମର୍ଦ୍ଦନ କରି ଖରାରେ ଶୁଖାଇ ଶରା ସମ୍ପୁଟ ମଧ୍ୟରେ ରଖି ଗଜପୁଟ ଦେଲେ ଉତ୍ତମ ଖର୍ପରଭସ୍ମ ତିଆର ହୁଏ । **ଖର୍ପରଭସ୍ମ**—କଷାୟ ଓ ଶୀତଳ । ଏହି ଭସ୍ମ ସେବନ କଲେ କଫ, ପିତ୍ତ, ନେତ୍ରରୋଗ, ଦାହ, ପ୍ରଦର, ପିତ୍ତପ୍ରମେହ, କାସ, ଅତିସାର, ସଂଗ୍ରହଣୀ, ଧାତୁକ୍ଷୟ ଓ ଜୀର୍ଣ୍ଣଜ୍ୱର ରୋଗ ପ୍ରଶମିତ ହୁଏ । ୧—ପାଣ୍ଡୁରୋଗ ଓ ଶ୍ୱାସରୋଗରେ ଖର୍ପର ଭସ୍ମ ଉତ୍ତମ ଫଳପ୍ରଦାନ କରେ । ୨—ଦାହ ଜ୍ୱର ଏବଂ ସନ୍ନ୍ୟାସ ରୋଗରେ ପ୍ରାରମ୍ଭରେ ହେବା ମୃଦୁଜ୍ୱର ଖର୍ପରଭସ୍ମ ସେବନ ଦ୍ୱାରା ନିବାରିତ ହୋଇଥାଏ । ୩—କଣ୍ଠରୋଗ ଗଣ୍ଡମାଳା, ଅପଚି ଏବଂ ଆନ୍ତ୍ରିକ ଶୋଥ ଜନିତ ଜ୍ୱର, ଅତିସାର, ବାନ୍ତି, ଶୂଳ ଓ ବୈକଲ୍ୟାଦି ଉପସର୍ଗ ସମୂହରେ ଖର୍ପରଭସ୍ମ ବିଶେଷ ଲାଭଦାୟକ । ୪—ପୁରାତନ କଣ୍ଠରୋଗରେ ବିଶେଷତଃ ସ୍ୱରଘ୍ନ, କଣ୍ଠାଗ୍ରିକା, ଗିଳାୟୁ, ଅଧିଜିହ୍ୱ ଏବଂ ଉପଜିହ୍ୱ ଏହି ବିକାର ମାନଙ୍କରେ ଖର୍ପରଭସ୍ମ ଉପଯୋଗ କରାଯାଇ ଥାଏ । ୫—ସ୍ୱରସାଦ ଓ ସ୍ୱରଭଙ୍ଗରୋଗରେ ଖର୍ପରଭସ୍ମ ଉତ୍ତମ ଫଳଦିଏ । ୬-ଏକଅଷ୍ଟମାଂଶ ଖର୍ପରଭସ୍ମ ଗ୍ରାମ ୫ ଗ୍ରାମ ଶତଧୌତ ଘୃତରେ ମିଶାଇ ସକାଳେ ଓ ସନ୍ଧ୍ୟାରେ

ଦିନରେ ୨ ଥର ଚକ୍ଷୁରେ ଅଞ୍ଜନ ଦେଲେ ପୋଥକୀ, ଅଭିଷ୍ୟନ୍ଦ, ବର୍ତ୍ମ, ଶୁକ୍ତିକା ଇତ୍ୟାଦି ଚକ୍ଷୁରୋଗ ପ୍ରଶମିତ ହୁଏ । ୭—ନାଡ଼ୀବ୍ରଣ, ଭଗନ୍ଦର ଇତ୍ୟାଦି ବ୍ରଣରୋଗମାନଙ୍କରେ ଏହାର ଭସ୍ମ ସେବନ କଲେ ଅତିଶୀଘ୍ର ଉତ୍ତମ ଉପକାର ହୁଏ । ୮—ଉରଃକ୍ଷତ ଓ କ୍ଷୟରୋଗର ଉତ୍କଟ ଅବସ୍ଥାରେ ଶିଳାଜିତ ସହିତ ଖପରଭସ୍ମର ପ୍ରୟୋଗ ଅଚ୍ଛା ଉପକାର କରେ । ୯—ଉପଦ୍ରବ ଯୁକ୍ତ ଛଅପ୍ରକାର ପିତ୍ତମେହ ରୋଗରେ ଖପରଭସ୍ମ ବିଶେଷ ଲାଭଦାୟକ । ୧୦—ମଧୁମେହ ରୋଗର ଉତ୍କଟ ଅବସ୍ଥାରେ ମଧ୍ୟ ଖପରଭସ୍ମ ଉତ୍ତମ ଫଳ ଦିଏ । **ଖପରଭସ୍ମର ଅନୁପାନ**—ମହୁଣୀ, ମିଶ୍ରି, ଦୁଧ ଓ ଘିଅ । ଦଶବର୍ଷର ପୁରୁଣା ଘିଅ ସହିତ ଖପରଭସ୍ମ ସେବନ କଲେ ନେତ୍ରରୋଗ, ପାନସହିତ ଖପରଭସ୍ମ ସେବନ କଲେ ପ୍ରମେହ, ପଞ୍ଚକୋଲ ସହିତ ସେବନ କଲେ ଅଗ୍ନିମାନ୍ଦ୍ୟ, ତ୍ରିଜାତ (ଗୁଡ଼ତ୍ୱକ, ତେଜପତ୍ର, ଅଲାଇଚ) ସହିତ ସନ୍ନିପାତ ଜ୍ୱର, ଦ୍ରାକ୍ଷାସହିତ ପିତ୍ତଜ୍ୱର, ଯୁଆଣୀ ଓ ଲବଙ୍ଗ ଚୂର୍ଣ୍ଣ ସହିତ କଫଜ୍ୱର ଏବଂ ଜାଇ ଓ ମିଶ୍ରି ସହିତ ଖପରଭସ୍ମ ସେବନ କଲେ ଅତିସାର ଓ ବାନ୍ତି ନିବାରଣ ହୁଏ । **ଖପରଭସ୍ମ ପରୀକ୍ଷା**—ଯେଉଁ ଖପରଭସ୍ମ ପାଣିରେ ପକାଇଲେ ଭାସିଉଠେ ଏବଂ ଲେମ୍ବୁରସରେ ପକାଇଲେ ଉଛୁଳେ ନାହିଁ, ତାହା ଉତ୍ତମ ଭସ୍ମ ବୋଲି ବୁଝିବ । ଅଶୁଦ୍ଧ ଖପରଭସ୍ମ ସେବନକଲେ ପ୍ରମେହ, ଅଜୀର୍ଣ୍ଣ, ଭ୍ରମ, ବାନ୍ତି ଓ ବାତରୋଗ ଉତ୍ପନ୍ନ ହୁଏ । **ଖପରଭସ୍ମଜନିତ ଉପଦ୍ରବର ପ୍ରତିକାର**—୧୧-ପ୍ରତିଦିନ ୨୦ ଗ୍ରାମ ପରିମାଣେ ହରିଡ଼ାଚୂର୍ଣ୍ଣ ମିଶ୍ରି ସହିତ ତିନିଦିନ ପର୍ଯ୍ୟନ୍ତ ସେବନକଲେ ଅଶୁଦ୍ଧ ଖପରଭସ୍ମ ସେବନ ଜାତ ପୂର୍ବୋକ୍ତ ବିକାର ସମୂହ ନିବାରିତ ହୁଏ । ଖପରଭସ୍ମର ମାତ୍ରା—ଏକ ଚତୁର୍ଥାଂଶ ଠାରୁ ଅଧଗ୍ରାମ । (ରା, ତ, ସା) (ର, ସା)

**୨୪୪-ଖର୍ପରତୁତ୍ଥ**—Asort collyrium. ଏହା ଏକପ୍ରକାର କୃତ୍ରିମ ରସାଞ୍ଜନ । ଏହାର ସଂସ୍କୃତ ପର୍ଯ୍ୟାୟ—ଖର୍ପରୀ, ଖର୍ପରିକା, ରସକ ଓ ତୁତ୍ଥ । ଏହାକୁ ବଙ୍ଗଳାରେ ଶ୍ୱେତତୁଁତେ, ହିନ୍ଦୀରେ ଖପରିୟା, କାରଡେକଲ୍ଲନ ଅଥବା ସଗଦସରା ଏବଂ ତେଲୁଗୁରେ ଚଳଗରୁଥମୁ ବୋଲନ୍ତି । **ଏହାର ଶୋଧନ ଓ ଶୋଧନ ବିଧି**—ଖପରିତୁତ୍ଥକୁ ଜମ୍ବୀର ରସରେ ମର୍ଦ୍ଦନ କରି ଖରାରେ ଶୁଖାଇବ । ତାପରେ ସମାନ ପରିମାଣ ଗନ୍ଧକ ସହିତ ମିଶାଇ ପୁଟଦେଲେ ଖପରିତୁତ୍ଥ ଶୁଦ୍ଧ ଓ ଭସ୍ମୀଭୂତ ହୁଏ । ଖପରିତୁତ୍ଥର ଭସ୍ମ—କଟୁ, ତିକ୍ତ, ଅଗ୍ନିବର୍ଦ୍ଧକ ଓ ଚକ୍ଷୁର ବଳକାରକ । ଏହାର ଅନ୍ୟାନ୍ୟ ଗୁଣ ସ୍ୱରୂପତିଆ ସମାନ । ମାତ୍ରା—ଏକଷୋଡ଼ଶାଂଶ ଗ୍ରାମଠାରୁ ଦୁଇ ଷୋଡ଼ଶାଂଶ ଗ୍ରାମ ।

**୨୪୫-ଖାମ୍ବଆଳୁ**—An esculent root a sort of yam. ଏହାର ସଂସ୍କୃତ ନାମ—କାଷ୍ଠାଳୁ, କନ୍ଦାଳୁ, ଭଣ୍ଡାଳପତ୍ର ଓ ପଟାଳୁ । ଏହାକୁ ବଙ୍ଗଳାରେ ଖାମଆଳୁ ଏବଂ ହିନ୍ଦୀରେ କାଠାଳୁ ବୋଲନ୍ତି । ଏହା ମଧୁର, ଅଗ୍ନିବର୍ଦ୍ଧକ, ସ୍ରୋତଃସମୂହର ଉପକାରକ, ଏବଂ ବାତ କଫ, ଅରୁଚି, କଣ୍ଡୁ ଓ ବିଷଦୋଷରେ ହିତକର ।

**୨୪୬-ଖରଣ୍ଡଶାଗ**—Elephantopus scaber. ଏହାକୁ କେତେ ଲୋକ ଲଇଡ଼ାହାଡ଼ାଗଛ ବୋଲନ୍ତି ଏବଂ କେହି କେହି କାଗଜଗଛ ମଧ୍ୟ ବୋଲନ୍ତି । ଏହାର ପତ୍ର ବାଲିକାଗଜପରି କର୍କଶ । ଏହି ପତ୍ରରେ ଲୋକେ ଦାନ୍ତ ଓ ବାଡ଼ି ଘସି ଚିକ୍କଣ କରନ୍ତି । ଏହାର ସଂସ୍କୃତ ପର୍ଯ୍ୟାୟ—ଗୋଜିହ୍ୱା, ଦାର୍ବ୍ବିକା, ଖରପତ୍ରୀ ଓ ଅଧଃପୁଷ୍ପୀ, ଏହାକୁ ବଙ୍ଗଳାରେ ଦାଡ଼ିଶାଳ, ହିନ୍ଦୀରେ ଗୋଜିଆଲତା ଏବଂ ତେଲୁଗୁରେ ଯେଦ୍ଦନାଲୁକଚେଟ୍ଟୁ ଓ ଇଦ୍ଲେକଚେଟ୍ଟୁ ବୋଲନ୍ତି । ଏହାର ପତ୍ର, ଫୁଲ ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ର ବା ମୂଳର ଚୂର୍ଣ୍ଣ—କଟୁ, ତିକ୍ତ, କଷାୟ, ତୀକ୍ଷ୍ଣ, ଶୀତଳ(ଲଘୁ), ମଳରୋଧକ, ବାତ ବର୍ଦ୍ଧକ ଓ କଫପିତ୍ତ ନିବାରକ । ଏହା ପ୍ରମେହ, କାସ, ରକ୍ତ, ବ୍ରଣ, ଜ୍ୱର ଓ ଦନ୍ତଦୋଷ ନାଶ କରେ, ହୃତ୍ପିଣ୍ଡକୁ ବଳ ଦିଏ, ଦାହଜ୍ୱର ଓ ବସ୍ତି ଦାହ ନିବାରଣ କରେ । ରସର ମାତ୍ରା ୨୦—୪୦ ଗ୍ରାମ ।

**୨୪୭-ଖର୍ବୁଜ**—Cucumis utilatissmus. ଏହା ଏକ ପ୍ରକାର ଫଳଫୁଟିର ଭେଦ । ଏହାର ସଂସ୍କୃତ ନାମ—କାଳିନ୍ଦ ଓ କାଳିଙ୍ଗ । ଏହାକୁ ବଙ୍ଗଳାରେ ତରମୁଜ, ହିନ୍ଦୀରେ ତରବୁଜ ଏବଂ ତେଲୁଗୁରେ ତରବୁଜା ପୁଚ୍ଚକାୟା ବୋଲନ୍ତି । ଫଳର ମଞ୍ଜି ଧୋବ, କଳା ଓ ରଙ୍ଗ ଦିଶେ । ଏହି ଫଳର ଭିତରେ ଗୋଲାପ ବର୍ଣ୍ଣ ଜଳଥାଏ । ଗ୍ରୀଷ୍ମ ଋତୁରେ ଏହି ଫଳ ଖାଇବାକୁ ବଡ଼ ଭଲଲାଗେ । ୧—ପଥ୍ୟାଜୀର୍ଣ୍ଣ ଓ ଦାହ ଯୁକ୍ତରୋଗୀ ପକ୍ଷରେ ଏହା ଅମୃତ ତୁଲ୍ୟ । ୨—ପୈତ୍ତିକ ମେହ ପ୍ରଶମନାର୍ଥେ ଏହାର ଜଳ ଗାଈ ଦୁଧ ସହିତ ମିଶାଇ ସେବନ କରାଯାଏ । ୩—ଏହିଫଳ ଖାଇଲେ ପିତ୍ତବୃଦ୍ଧି ରୋଗରେ ବିଶେଷ ଉପକାର ହୁଏ । ୪—ଏହା ସକଳପ୍ରକାର ପିତ୍ତରୋଗରେ ହିତକର । ୫—ଏହି ଫଳ ଖାଇଲେ ମୂତ୍ରାଶୟରେ ଥିବା ଅଶ୍ମରୀ ଚୂର୍ଣ୍ଣିତ ହୋଇ ବାହାରି ପଡ଼େ ଏବଂ ସ୍ୱଚ୍ଛରେ ମୂତ୍ର ପ୍ରବୃତ୍ତି ହୁଏ । **କାଳିନ୍ଦାସବ**—ପାକଲା ତରବୁଜ ମଞ୍ଜି ୨୨ କେଜି, ହରିଡ଼ା, ବାହାଡ଼ା, ଅଁଳା, ମଞ୍ଜୁଆଠ, ହାତିଶୁଣ୍ଢି, ସୁନାମୁଖୀପତ୍ର, ମଞ୍ଜିଷ୍ଠା, ଧନିଆ, ଅପାମାରଙ୍ଗ, ବାସଙ୍ଗ, କଞ୍ଚି ହରିଡ଼ା, ଗଡ଼ଶୁଣ୍ଢୀ, ଶୁଣ୍ଠୀ, କମଳାଗୁଣ୍ଡ ପ୍ରତ୍ୟେକର ଚୂର୍ଣ୍ଣ ୮୦ ଗ୍ରାମ, ଗୋଲାପ

ଫୁଲ ୧୦୦ ଗ୍ରାମ, ଝୁଣ୍ଟି ଜଡମୂଳ, ଗୁଡ଼ୁପ ୧୨୦ ଗ୍ରାମ, ଜାଇ ୧୬୦ ଗ୍ରାମ, ମଣ୍ଡୁରଗନ୍ଧ ୨୪୦ ଗ୍ରାମ, ପୁରୁଣାଗୁଡ଼ ୫ କେଜି, ଜଡ଼ାକ ସେହି ଅଷ୍ଟକ କେଜି । ଏହି ସମସ୍ତ ଦ୍ରବ୍ୟ ଏକାଠେ ମିଶାଇ ମୁନ୍ଦ ମୁନ୍ଦା କରି ଏକ ମାସ ରଖି ଗୁଣି ବ୍ୟବହାର କରିବ । ମାତ୍ରା—୧—୨ ଆଉନ୍ସ । ପାଣ୍ଡୁ, ଯକୃତ ବିକାର ରକ୍ତାଳ୍ପତା, ହୃଦୟର ଅବସାଦ ଦୂର କରେ ବାତରୋଗକୁ ଶାନ୍ତ କରେ । (ଦେବଦତ୍ତ ଝା ବୈଦ୍ୟ ଶାସ୍ତ୍ରୀ)

୨୪୮—ଖରସଣଗଛ—Oppositifolia. F. Hispiba. ଏହାକୁ ଯୋକେ ଲୋକ ବାଇଡ଼ିମ୍ବିରଗଛ ବୋଲନ୍ତି । ଏହାର ସଂସ୍କୃତ ନାମ କାକୋଦୁମ୍ବରିକା, ଖରପତ୍ରୀ, କୁଷ୍ଠଘ୍ନୀ ଓ ମଳପୁ । ଏହାକୁ ବଙ୍ଗଳାରେ ଡୁମୁର, ହିନ୍ଦୀରେ କାଠମୂଳ ଏବଂ ତେଲୁଗୁରେ ବଦ୍ଦମେଡ଼ିଚେଟ୍ଟୁ ଓ କାକାବାଲୁଚେଟ୍ଟୁ ବୋଲନ୍ତି । ଏହାର ମୂଳ, ଫଳ, କ୍ଷୀର ଓ ଗ୍ରୁଲି ଔଷଧାର୍ଥରେ ବ୍ୟବହୃତ ହୁଏ । ଏହି ଗଛର ଫଳ ଆକାରରେ ଡିମ୍ବିରି ପଳପରି । ଏହାକୁ ତର୍କାରି କରି ଲୋକେ ଖାଆନ୍ତି । **ଖରସଣମୂଳ**—ତିକ୍ତ, କଷାୟ, ସଂଗ୍ରାହକ ଏବଂ ଶୀତଳ । ୧—ଏହା ସେବନ କଲେ କୁଷ୍ଠ, ବ୍ରଣ, ରକ୍ତପିତ୍ତ, ଶୋଥ, ପାଣ୍ଡୁ, କଫ ଓ ଚର୍ମରୋଗ ବିନଷ୍ଟ ହୁଏ । **ଖରସଣଫଳ** ୨—ଏହାକୁ ବାଟି ସେବନ କଲେ ଅତିସାର, ଅର୍ଶ ଓ କାମଳା ରୋଗ ନିବାରିତ ହୁଏ । ବୈଦ୍ୟଶାସ୍ତ୍ରରେ ଖରସଣଗଛର ବ୍ୟବହାର ଯଥା—**ଶ୍ୱେତକୁଷ୍ଠେ**—୩—ପୁରୁଣା ଗୁଡ ସହିତ ଖରସଣଫଳର ରସ ସେବନକଲେ ଶ୍ୱେତକୁଷ୍ଠ ପ୍ରଶମିତ ହୁଏ । (ଚରକ) । **ରକ୍ତପିତ୍ତରୋଗେ**—୧—ଖରସଣଫଳର ରସ ମହୁ ସହିତ ସେବନକଲେ ରକ୍ତପିତ୍ତ ରୋଗର ରକ୍ତନିର୍ଗମ ବନ୍ଦହୁଏ । (ଚକ୍ରଦତ୍ତ) । **ବାତରୋଗେ** ୫—ଖରସଣଗଛର କ୍ଷୀର ଓ ହିଙ୍ଗୁ ସହିତ ବାଇଡ଼ଙ୍କ ମୂଳ ପେଷଣ କରି ତା'ର ନସ୍ୟ ଗ୍ରହଣ କଲେ ଅବବାହୁକ ନାମକ ବାତ ବ୍ୟାଧି ବିନଷ୍ଟ ହୁଏ । (ବଙ୍ଗସେନ) । **କୁକୁରବିଷେ**—୬—ଖରସଣମୂଳର ଗ୍ରୁଲି ୩ ଗ୍ରାମ ଓ ଶୋଧିତ ଦୁଦୁରମଞ୍ଜୀ ଅଧ ଗ୍ରାମ, ଚାଉଳଧୁଆ ପାଣି ସହିତ ପେଷଣ କରି ପାନ କଲେ କୁକୁର ବିଷ ବିନଷ୍ଟ ହୁଏ । (ବଙ୍ଗସେନ) ।

୨୪୯—ଖୈର—ଗୁଆଖୟର ଫଳ—କୁଷ୍ଠ, ଶ୍ୱାସକାସ, ଗଳରୋଗ, ଶ୍ରୁତିବାତ, ଉଦରଗୁଳ୍ମ, ଅସ୍ଥିକ୍ଷତ, ଅସ୍ଥିକ୍ଷୟ ଓ ନାନାବିଧ ଚର୍ମରୋଗରେ ବିଶେଷ ହିତକର । ମଧ୍ୟାହ୍ନଭୋଜନେ—ସ୍ୱେଦ, ମୂର୍ଚ୍ଛା, ରକ୍ତପିତ୍ତ, ଦାହ, ଗ୍ଳାନି, ତୃଷା, ଭ୍ରମ ଓ ବିବର୍ଣ୍ଣତା ଜନକ ଏବଂ ଚକ୍ଷୁର ଅନିଷ୍ଟକର ।

୨୫୦—ଖାଡ଼ୀସିଜୁଗଛ—Euphorbia neriifolia. ଏହାର ସଂସ୍କୃତ ପର୍ଯ୍ୟାୟ—ସ୍ନୁହୀ, ସୁଧା ଓ ସିଂହତୁଣ୍ଡୀ । ଏହାକୁ ବଙ୍ଗଳାରେ ସୀଜ୍ ହିନ୍ଦୀରେ ସେହୁଣ୍ଡ ଏବଂ ତେଲୁଗୁରେ ଜେମୁଡୁ ବୋଲନ୍ତି । ଏହାର ମୂଳ ଖାଡ଼ୀ ଓ କ୍ଷୀର ଔଷଧାର୍ଥରେ ବ୍ୟବହୃତ ହୁଏ । **ଖାଡ଼ିସିଜୁକ୍ଷୀର** ଏହା କଷାୟ, କଟୁ ଓ ତୀକ୍ଷ୍ଣ । ଏହା ସେବନ କଲେ ଗୁଳ୍ମ, ପ୍ଲୀହା, ଆଠପ୍ରକାର ଉଦରରୋଗ, ଶ୍ୱାସ, ଅର୍ଶ, କଫ, ଗ୍ରନ୍ଥିବାତ, ଅଗ୍ନିମାନ୍ଦ୍ୟ, ସକଳପ୍ରକାର ଶୂଳ, ପାଣ୍ଡୁ ଓ ଶୋଥରୋଗ ନିବାରିତ ହୁଏ । ୧—ଏହି କ୍ଷୀର ୨—୩ ବିନ୍ଦୁ କଦଳୀରସ ଭିତରେ ରଖି କିମ୍ବା ଘିଅ ସହିତ ମିଶାଇ ଖାଇଲେ ତୀବ୍ର ବିରେଚନ ହୁଏ । ୨—ପ୍ରମେହ ପୀଡ଼କା (ପଠାଘା') ଉଠିବା ସମୟରେ ଖାଡ଼ୀସିଜୁରକ୍ଷୀର ତହିଁରେ ଲଗାଇ ତା'ର ଉପରେ ଖଣ୍ଡିଏ କନାପକାଇବ । ଏହି କନା ଉପରେ ଫେରେ ଦୁଇ ତିନଦିନ ପର୍ଯ୍ୟନ୍ତ ଏହିକ୍ଷୀର ଲଗାଇଲେ ପଠା ଘା' ବସିଯାଏ । ଉଦର ରୋଗିର ଉଦରରେ ଏହି ପ୍ରଲେପ ହିତକର । ଖାଡ଼ୀସିଜୁର କ୍ଷୀର ଦେହର ଯେଉଁ ଅଙ୍ଗରେ ଲଗେ ସେହି ଅଙ୍ଗରେ ଫୋଟକା ହୁଏ ଏବଂ ଏହା ଅଧିକ ମାତ୍ରାରେ ସେବନ କଲେ ଅନ୍ତ୍ରସବୁ ଛିଡ଼ିଯାଇ ଅତି ଉତ୍କଟ ବିରେଚନ ହୁଏ । **ଏହାରପ୍ରତିକାରାର୍ଥେ**—୧—ପିଆଜରସ, ୨—କଦଳୀ, ୩—ମିଶ୍ରୀପାଣି ରୋଗିକୁ ସେବନ କରାଇବ । ଖାଡ଼ୀସିଜୁ କ୍ଷୀର ଲାଗି ଦେହରେ ଫୋଟକା ହେଲେ ତହିଁରେ ତେନ୍ତୁଳି ପତ୍ର ବାଟି ଲେପନ କରିବ । **ଖାଡ଼ୀସିଜୁରଖାଡ଼ୀ**—୩—ଏହାକୁ ଛେଚି ରସ ବାହାର କରି ପ୍ରାତଃକାଳରେ କାସ ରୋଗିକୁ ସେବନ କରାଇବ । ତା'ର ପରେ ରୋଗିର କଣ୍ଠର ତଳଭାଗରେ ଏହି ଗଛର କ୍ଷୀର ଲଗାଇ ତା' ଉପରେ ହଳଦୀ ଗୁଣ୍ଡ ମଡ଼ାଇବ । ଏଥିଦ୍ୱାରା କାସର ବେଗ ପ୍ରଶମିତ ହୁଏ । ୪—ଖାଡ଼ୀସିଜୁର ଖାଡ଼ୀକୁ ଛେଚି ରସ ବାହାର କରିବ । ଏହି ରସକୁ ଅଳ୍ପ ଉଷ୍ମ କରି କାନରେ ପକାଇଲେ କାନକଣା ବନ୍ଦହୁଏ । ମାତ୍ରା—ଖାଡ଼ୀର ରସ—୫ ଗ୍ରାମଠାରୁ ୨୦ ଗ୍ରାମ, କ୍ଷୀରର ମାତ୍ରା—ଦୁଇ ଟୋପାଠାରୁ ଅଧ ଗ୍ରାମ ।

୨୫୧—ଖୁଦୁର—ଏହା ଏକପ୍ରକାର ବିଳେଶୟ ଜାତୀୟ ମୃଗ । ଏହାକୁ କଟକ ଓ ପୁରୀ ଜିଲ୍ଲାର ଲୋକେ ଠେକୁଆ ବୋଲନ୍ତି । ଏହାର ସଂସ୍କୃତ ପର୍ଯ୍ୟାୟ ଶଶ, ବନାଖୁ, ଲମ୍ବକର୍ଣ୍ଣ ଓ ମୃଦୁଲୋମକ । ଏହାକୁ ବଙ୍ଗଳାରେ ଖରଗୋସ, ହିନ୍ଦୀରେ ଖରହା ଏବଂ ତେଲୁଗୁଭାଷାରେ ଚେବୁଲପିଲ୍ଲି ବୋଲନ୍ତି । ଏହାର ମାଂସ—ସ୍ୱାଦୁ, ଶୀତଳ, ଲଘୁ, ରୁକ୍ଷ, ଧାରକ, ଅଗ୍ନିବର୍ଦ୍ଧକ, ରୁଚିକର, ବଳକାରକ, ଶୁକ୍ରଜନକ ଓ ତ୍ରିଦୋଷନାଶକ । ଏହି ମାଂସ ଜ୍ୱର, ପାଣ୍ଡୁ, ଜ୍ୱରାତିସାର, ମେହରୋଗ, ଭ୍ରମ, ଚର୍ମ, କାସ ଓ ଅର୍ଶରୋଗରେ ହିତକର । ୧—ଖୁଦୁରର

ଚମଡ଼ା ପୋଡ଼ି ତା'ର ଧୂଆଁ ଦେହରେ ଲଗାଇଲେ ଡାହାଣୀ ଓ ଭୂତ ପୀଡ଼ା ନିବାରିତ ହୁଏ । ୨—ଖୁରର ଲେଣ୍ଡି ନିଆଁରେ ପା'ରେ ଲଗାଇଲେ ଘା ଶୁଖିଯାଏ ।

**୨୫୨-ଖୁରାସିନୀଯୁଆଣୀ**—Hyocyamus niger ଏହାର ସଂସ୍କୃତ ନାମ—ପାରସିକଯମାନୀ । ଏହାକୁ ବଙ୍ଗଳାରେ ଖୋରାସାନୀଯମାନୀ, ହିନ୍ଦୀରେ ଖୁରାସାନି ଅଜୋୟାଇନ ଏବଂ ତେଲୁଗୁ ଭାଷାରେ ଖରସାନିଓମମ୍ବୁ ବୋଲନ୍ତି । ଏହାର ସମୂଳ ପତ୍ର ଓ ବୀଜ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ର ରସ ଓ ବୀଜଚୂର୍ଣ୍ଣ କଟୁ, ତିକ୍ତ, ଉଷ୍ଣ ଓ ଲଘୁ । ଏହା ଅଗ୍ନିକାରକ, ନିଦ୍ରାଜନକ, ବେଦନାନିବାରକ, ରକ୍ତଦୁଷ୍ଟିହାନାଶକ, ଅବସାଦକ, ବ୍ୟଥାହାରକ ଓ ଶୁକ୍ରବର୍ଦ୍ଧକ । ୧—ଶ୍ୱାସ, କାସ, ଶୂଳ, ଶୋଥ, ସନ୍ନିପାତ, ବସ୍ତିଦାହ, ଶିରୋବାତ, ବିମର୍ଷାତ୍ମକ ମନୋବିକାର, ଉନ୍ମାଦ, ସ୍ନାୟୁର ଦୁର୍ବଳତା ଓ ମେହବାତ ରୋଗରେ ଏବଂ ସ୍ତ୍ରୀମାନଙ୍କର ହିଷ୍ଟିରିଆ ରୋଗରେ ଖୁରାସାନୀ ଯୁଆଣୀ ବିଶେଷ ଉପକାର କରେ । ୨—ଦେହର ଯେ କୌଣସି ଅଙ୍ଗର ଲୋମ ଉପାଡ଼ି ଦେଇ ସେଥିରେ ଦୁଇ ତିନ ଥର ଖୁରାସାନୀଯୁଆଣୀ ବାଟି ଲେପନ କଲେ ପୁନରପି ବାଳ ଉଠେନାହିଁ । ୩-ଖୁରାସାନୀଯୁଆଣୀର ଚୂର୍ଣ୍ଣ ସେବନ କଲେ ଅଙ୍ଗକମ୍ପନ ଓ ଆକ୍ଷେପବାତ ଶାନ୍ତ ହୁଏ । ୪—ଖୁରାସାନୀ ଯୁଆଣୀକୁ ନିଆଁରେ ପକାଇ ତା'ର ଧୂଆଁ ପାଟିରେ ଧରିଲେ ଦାନ୍ତର ପୋକ ମରେ । ୫—ଅଫିମ ଓ ଖୁରାସାନୀଯୁଆଣୀ ଏକାଠେ ବାଟି ବଟିକା ମାତ୍ରା କରିବ । ଏହି ବଟିକା ସେବନ କଲେ ଅତିରିକ୍ତ ନିଦ୍ରାଆସେ । ୬—ଏହା ବାଟି ଚକ୍ଷୁପତାରେ ଲେପନ କଲେ ଆଖିର ଝରାବିନ୍ଦା ବନ୍ଦ ହୁଏ । ବୈଦ୍ୟ ଶାସ୍ତ୍ରରେ ଏହାର ପ୍ରୟୋଗ ଯଥା—**କୋଷ୍ଠଗତକ୍ରିମିରୋଗ** ୧-ପ୍ରଥମେ ଅଳ୍ପ ଗୁଡ଼ ଭକ୍ଷଣ କରି ତା'ର ପରେ ବାସି ପାଣି ସହିତ ଖୁରାସିନୀଯୁଆଣୀ ବାଟି ସେବନ କଲେ ପେଟରେ ଥିବା ସମସ୍ତ କ୍ରିମି ମରି ପଡ଼ନ୍ତି । (ଚକ୍ରଦତ୍ତ) ଏହାର ଅଧିକ ମାତ୍ରା ପ୍ରାଣ ନାଶକ । ଏହା ଅଧିକ ପରିମାଣେ ଖାଇ ବିକାର ଗ୍ରସ୍ତ ହେଲେ ରୋଗୀକୁ ବାନ୍ତି ଓ ବିରେଚନ କରାଇ କାଫି ସେବନ କରାଇବ । ମାତ୍ରା—ବୀଜଚୂର୍ଣ୍ଣ ଏକଚତୁର୍ଥାଂଶ ଠାରୁ ଏକ ଗ୍ରାମ । ଶୁଦ୍ଧ ପ୍ରକ୍ରିୟା—ଖୁରାସାନୀଯୁଆଣୀ ଅତେଇ ତୋଳା, ୨୬ ତୋଳା ଜଳରେ ସିଝାଇ ସାଢ଼େ ତୋଳା ଶେଷ ରଖି ଛାଣିବ । ସେଥିରେ ଗଡ଼ ୧୦ ତୋଳା, ଶୁଣ୍ଠୀ, ଲବଙ୍ଗ ଚୂର୍ଣ୍ଣ ୮୦ ଗ୍ରାମ ମିଶାଇ ସନ୍ଧାନ କରି ଏକ ମାସ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା—୨ ଗ୍ରାମ ଠାରୁ ୧୦ ଗ୍ରାମ, ଅନୁପାନ ଜଳ, ଏହା ଉପଯୁକ୍ତ ମାତ୍ରାରେ ବଳାବଳ ବିବେଚନା କରି କ୍ରିମି, ଉଦର ଶୂଳ, ଅପସ୍ମାର, ଉନ୍ମାଦ, ଝକ୍ଷେପଯୁକ୍ତ କାସ ରୋଗରେ ପ୍ରୟୋଗ କଲେ ଉତ୍ତମ ଫଳ ଲାଭ ହୁଏ ।

(କୃଷ୍ଣପ୍ରସାଦ ତ୍ରିବେଦୀ)

**୨୫୩-ଖେଟ ଲାଇଲାଇ—ବୋଡକଲ ଦେଖ ।**

**୨୫୪-ଖେଁରଗଛ—ଖଇରଗଛ ଦେଖ**

**୨୫୫-ଗାଜନସିଂ—କମ୍ପିଳୀଗଛ ଦେଖ**

**୨୫୬-ଗଣେଶଗଛ** —ଏହାକୁ ଥୋକେ ଲୋକ ଗଇଣଗଛ ମଧ୍ୟ ବୋଲନ୍ତି ଏହାର ଲାଟିନ୍ ନାମ—Leucas linifolia. ଏହାକୁ ସଂସ୍କୃତ ଭାଷାରେ ଦ୍ରୋଣପୁଷ୍ପୀ, ଫଲପତ୍ରୀ ଓ ସୁପୁଷ୍ପା ବୋଲଯାଏ । ଗଣେଶକୁ ବଙ୍ଗଳାରେ ଘଲଘସେ ବା ହଲଦସେ, ହିନ୍ଦୀରେ ଗୁମ୍ମା ଏବଂ ତେଲୁଗୁଭାଷାରେ ଏକଗୁତୁମ୍ମି ଏବଂ ଲାଭୁଗତୁମ୍ମି ବୋଲନ୍ତି । ଗଣେଶ ଗଛର ପତ୍ର ଓ ଫୁଲ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ର ରସ—କଟୁ, ଉଷ୍ଣ, ବିପାକରେ ମଧୁର, ରୁଚିକର, ବାତକଫନାଶକ, ଅଗ୍ନିମାନ୍ଦ୍ୟ ହାରକ, ମଳଭେଦକ ଓ ପଥ୍ୟ । ଗଣେଶ ପତ୍ରରସ ହିତକର । ଏହି ରସ ନାକରେ ଟପୁଇଲେ ଅଧକପାଳି ବ୍ୟଥା ଶାନ୍ତ ହୁଏ । ୨—ଗଣେଶପତ୍ରର ରସ ଦେହରେ ମର୍ଦ୍ଦନ କଲେ କଣ୍ଡୁ ପ୍ରଶମିତ ହୁଏ । ୩—ଏହି ରସ ଆଖିରେ ଅଞ୍ଜନଦେଲେ ଚତୁର୍ଥିକ ଜ୍ୱର ଛାଡ଼ିଯାଏ । ବୈଦ୍ୟଶାସ୍ତ୍ରରେ ଗଣେଶ ଗଛର ବ୍ୟବହାର ଯଥା—**ବିଷମଜ୍ୱର**—୪-ଗଣେଶପତ୍ର ରସରେ ମରିଚ ଚୂର୍ଣ୍ଣ ମିଶାଇ ସେବନ କଲେ ବିଷମଜ୍ୱର ବିନଷ୍ଟ ହୁଏ । (ଭାବପ୍ରକାଶ) **କାମଳାରୋଗ**—୫-ଗଣେଶପତ୍ରର ରସ ୪।୫ ବିନ୍ଦୁ କାମଳା ରୋଗୀର ଆଖିରେ ପକାଇଲେ କାମଳାରୋଗ ବିନଷ୍ଟ ହୁଏ । ମାତ୍ରା—ପତ୍ରରସ ୧୦—୨୦ ଗ୍ରାମ । ୬—ଗଣେଶପତ୍ରର ରସ ସର୍ପବିଷର ଏକ ଉତ୍କୃଷ୍ଟ ଔଷଧବୋଲି ଅନେକ ଲୋକ କହନ୍ତି ।

**୨୫୭-ଗଙ୍ଗଶିମୂଳିଗଛ**—Nyctanthes Arbortristis. ଏହାର ସଂସ୍କୃତ ପର୍ଯ୍ୟାୟ—ଶେଫାଳିକା, ଶୁକ୍ଲାଙ୍ଗୀ ଶ୍ୱେତମଞ୍ଜରୀ ଓ କେସ୍ୟା । ଏହାକୁ ବଙ୍ଗଳାରେ ଶିଉଳିଗାଛ, ହିନ୍ଦୀରେ ହାରସିଂହାର, ସିଉଲି ଏବଂ ତେଲୁଗୁ ଭାଷାରେ ପାରିଜାତପୁଚେଟ୍ଟୁ ବୋଲନ୍ତି । ଗଞ୍ଜାମ ଜିଲ୍ଲା ପ୍ରଭୃତି ଅଞ୍ଚଳର ଲୋକେ ଗଙ୍ଗଶିମୂଳୀ ଗଛକୁ ସିଂହ ପୋହଳା ଗଛ ମଧ୍ୟ ବୋଲନ୍ତି । ଗଙ୍ଗଶିମୂଳିଗଛର ପତ୍ର, ଫୁଲ, ମୂଳ, ଛାଲି ଓ ବୀଜ ଔଷଧାର୍ଥରେ ବ୍ୟବହୃତ ହୁଏ । ଗଙ୍ଗଶିମୂଳିର ପତ୍ରରସ ଓ ଛାଲିର କ୍ୱାଥ ବା ଚୂର୍ଣ୍ଣ କଟୁ, ତିକ୍ତ ଓ ଉଷ୍ଣ । ୧—ଏହା ସେବନ କଲେ ପିତ୍ତଜ୍ୱର, ସକଳ ପ୍ରକାର ଜିର୍ଣ୍ଣ ଜ୍ୱର ପିତ୍ତବିକାର, କଫବାତ, ମେହବାତ, କଟିବାତ, ସନ୍ଧି-

କଟି ଓ ପକ୍ୱାଶୟର ବାତବିକାର ଦୂରୀଭୂତ ହୁଏ । ୨—ଏହି ପତ୍ରରସରେ ଅଳ୍ପ ଲୁଣ ମିଶାଇ ଖାଇଲେ କ୍ରିମି ବିନଷ୍ଟ ହୁଏ । ମଧୁ ସହିତ ଜୀର୍ଣ୍ଣ ଜ୍ୱରରେ ଏବଂ ଅଦାରସ ସହିତ ସନ୍ନିପାତ ଜ୍ୱରରେ ଗଙ୍ଗଶିମୂଳୀ ପତ୍ରର ରସ ପ୍ରୟୋଗ କରାଯାଏ । ଗୃଧ୍ରସୀନାମକ ବାତ ରୋଗରେ ଏହି ପତ୍ରର କ୍ୱାଥ ବିଶେଷ ଫଳ ଦାୟକ । ଗଙ୍ଗଶିମୂଳୀର ରସ—ସ୍ୱେଦଜନକ ଓ ମଳମୂତ୍ରକାରକ । ଗଙ୍ଗଶିମୂଳୀର ଫୁଲ—ମଧୁର, କଷାୟ, ଏବଂ ଶୀତଳ । ଏହି ଫୁଲର କ୍ୱାଥ କଫପିତ୍ତ ହରଣ କରେ । ୪—ଗଙ୍ଗଶିମୂଳୀ ମଞ୍ଜୀକୁ ଜଳରେ ବାଟି ମସ୍ତକରେ ଲେପନ କଲେ ଶିରୋବ୍ରଣ ବିନଷ୍ଟ ହୁଏ । ବୈଦ୍ୟଶାସ୍ତ୍ରରେ ଗଙ୍ଗଶିମୂଳୀର ପ୍ରୟୋଗ ଯଥା—**ସର୍ବଜ୍ୱର**—୫-ଗଙ୍ଗଶିମୂଳୀ ପତ୍ର ରସରେ ମଧୁ ମିଶାଇ ପାନକଲେ ବିଷମ ଓ ଅବିଷମ ସକଳ ପ୍ରକାର ଜ୍ୱର ନିବାରିତ ହୁଏ । (ଚକ୍ରଦତ୍ତ) । **ଗୃଧ୍ରସୀରୋଗ**—୬-ମୃଦୁ ଅଗ୍ନିରେ ଗଙ୍ଗଶିମୂଳୀର କ୍ୱାଥ ପ୍ରସ୍ତୁତ କରି ପାନକଲେ ଅସାଧ୍ୟ ଗୃଧ୍ରସୀ ବାତ ବିନଷ୍ଟ ହୁଏ । ମାତ୍ରା—ପତ୍ରରସ ୧୦—୩୦ ଗ୍ରାମ କ୍ୱାଥ ୫୦—୧୦୦ ଗ୍ରାମ ।

**୨୫୮—ଗଙ୍ଗାଜଳ**—ଗଙ୍ଗାନଦୀର ଜଳ—ପବିତ୍ର, ସ୍ୱଚ୍ଛ, ଶୀତଳ, ସ୍ୱାଦୁ, ଅତ୍ୟନ୍ତ ରୁଚିକାରକ, ଅଗ୍ନିବର୍ଦ୍ଧକ, ତୃଷ୍ଣା ଓ ମୋହ ନାଶକ ଏବଂ କଫବର୍ଦ୍ଧକ ।

**୨୫୯—ଗଜପିପ୍ପଳୀ**—Scindapsus officinalis. Pothos officinalis. ଏହାର ସଂସ୍କୃତ ପର୍ଯ୍ୟାୟ—କରିପିପ୍ପଳୀ, ଇଭକଣା, କପିବଲ୍ଲୀ ଓ କୋଲବଲ୍ଲୀ ଏହାକୁ ବଙ୍ଗଳାରେ ଗଜପିପୁଲ, ହିନ୍ଦୀରେ ଗଜପିପଲ, ଓ ପିପଲ ଏବଂ ତେଲୁଗୁରେ ଗଜପିପ୍ପଳି ବୋଲନ୍ତି । ଏହାର ଫଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଗଜପିପ୍ପଳୀର ଚୂର୍ଣ୍ଣ—କଟୁ, ତୀକ୍ଷ୍ଣ, ଉଷ୍ଣ, ସ୍ୱେଦଜନକ, କ୍ରିମିନାଶକ ଏବଂ ଅଜୀର୍ଣ୍ଣ, କଫ ଓ ଶ୍ୱାସ ରୋଗରେ ହିତକର । ୧—ଏହାକୁ ବାଟି ଲିଙ୍ଗରେ ଲେପନ କଲେ ଲିଙ୍ଗବୃଦ୍ଧି ଏବଂ ରତିଶକ୍ତି ଉଦ୍ଦୀପିତ ହୁଏ । ୨—ଆମବାତର ଫୁଲାରେ ଗଜପିପ୍ପଳୀର ପ୍ରଲେପ ଉପକାର କରେ । ବୈଦ୍ୟଶାସ୍ତ୍ରରେ ଗଜପିପ୍ପଳୀର ପ୍ରୟୋଗ ଯଥା—**ଉଦରାଧ୍ମାନ**—୩-ଗଜପିପ୍ପଳୀର ଚୂର୍ଣ୍ଣ ଗରମଜଳ ସହିତ ସେବନ କଲେ ପେଟଫୁଲା ଶାନ୍ତ ହୁଏ । (ସ, ବୃ, ଚ) **ସର୍ପଦଂଶନ**—୪ ଗଜପିପ୍ପଳୀ ରସରେ କଳା-ମରିଚ ଗୁଣ୍ଡ ମିଶାଇ ପିଆଇଲେ ଏବଂ ଗଜପିପ୍ପଳୀ ଓ କଲରା ପତ୍ର ବାଟି ଦଷ୍ଟ ସ୍ଥାନରେ ଲେପନକଲେ ସର୍ପବିଷ ବିନଷ୍ଟ ହୁଏ । (ସ, ବୃ, ଚ) **ଅତିସାରାଦିରୋଗ**—୫—ଆମ୍ବକୋଇଲି ଓ ଗଜପିପଳୀ ଏକାଠି ବାଟି ସେବନ କଲେ ଅତିସାର ନିବାରିତ ହୁଏ । (ସ, ବୃ, ଚ) ମାତ୍ରା ଚୂର୍ଣ୍ଣ—ଅଧ—୩ ଗ୍ରାମ ।

**୨୬୦—ଗଞ୍ଜାଇ**—Cannabis sativa. ଏହାର ସଂସ୍କୃତ ପର୍ଯ୍ୟାୟ—ବିଜୟା, ଆନନ୍ଦା, ବୁଦ୍ଧିବାଦିନୀ ଓ ମତ୍ତକୁଣାରି । ଏହାକୁ ବଙ୍ଗଳାରେ ସିଦ୍ଧି, ହିନ୍ଦୀରେ ଗାଞ୍ଜା ଏବଂ ତେଲୁଗୁରେ ଗଞ୍ଜାୟି ବୋଲନ୍ତି । ଗଞ୍ଜାଇଗଛର ପତ୍ରକୁ ସିଦ୍ଧି, ଫୁଲକୁ ଗଞ୍ଜା ଏବଂ ନିର୍ଯ୍ୟାସକୁ ଚରସ ବୋଲାଯାଏ । ଗଞ୍ଜାଇ—କଟୁ, କଷାୟ, ତିକ୍ତ, ଉଷ୍ଣ, ତୀକ୍ଷ୍ଣ, ଲଘୁପାକ, ପାଚକ, ମଳରୋଧକ, ମତ୍ତତାଜନକ, ନିଦ୍ରାକାରକ, ଅଗ୍ନିବର୍ଦ୍ଧକ, କାମୋଦ୍ଦୀପକ, ବାଗ୍‌ବଳତାଜନକ, କଫନାଶକ, ଆମୋଦକାରକ ଏବଂ ପିତ୍ତବର୍ଦ୍ଧକ ଅଟେ । ଏହା ଧନୁଷ୍ଟଙ୍କାର, ମଦାତ୍ୟୟ, ବିସୂଚିକା, ଶୂଳ, ଅମ୍ଳପିତ୍ତ, ସ୍ତ୍ରୀମାନଙ୍କର ଅଧିକ ରଜଃସ୍ରାବ, ଗ୍ରହଣୀ, ପ୍ରମେହ, ନାନାବିଧ ଅତିସାର, ଆକ୍ଷେପ, ଶ୍ୱାସ, କାସ, ଅରୁଚି, ପାଣ୍ଡୁ ଓ ହିକ୍କା ରୋଗରେ ଉପକାର କରେ । ୧-ପ୍ରସବ ବେଦନାକ୍ଲିଷ୍ଟା ସ୍ତ୍ରୀକୁ ଗଞ୍ଜାଇ ସେବନ କରାଇଲେ ସତ୍ୱର ପ୍ରସବକରେ । ୨—ଉନ୍ମତ୍ତ କୁକୁର ଓ ଶୃଗାଳାଦି ଦଂଶନ ଦ୍ୱାରା ରୋଗୀର ଯେଉଁ କଲାତଙ୍କ ଉପସ୍ଥିତ ହୁଏ, ତାହା ଗଞ୍ଜାଇ ସେବନ କଲେ ନିବାରିତ ହୋଇଥାଏ । ୩-ଗଞ୍ଜାଇ କଳ୍ପନା ଶକ୍ତି ଏବଂ କ୍ଷୁଧା ବୃଦ୍ଧି କରେ । ୪-ଗଞ୍ଜାଇ ପତ୍ରକୁ ଚୂର୍ଣ୍ଣକରି ନସ୍ୟରୂପରେ ବ୍ୟବହାର କଲେ ମସ୍ତିଷ୍କର ମାଳିନ୍ୟ ଓ ଜଡ଼ତା ଦୂରୀଭୂତ ହୁଏ । ୫—ଏହି ପତ୍ର ବାଟି ମୁଣ୍ଡରେ ଲଗାଇଲେ ଉକୁଣି ଓ ଲିଖ ମରନ୍ତି । ଗଞ୍ଜାଇପତ୍ରର ରସ କାନରେ ପକାଇଲେ କାନକଟା ବନ୍ଦହୁଏ ଏବଂ କ୍ରିମି ବିନଷ୍ଟ ହୁଏ । ୬-ନବପ୍ରସୂତା ଓ ପ୍ରୌଢ଼ା ସ୍ତ୍ରୀମାନଙ୍କର ଯୋନି ଶିଥିଳ ବା ଢିଲା ହୋଇଗଲେ ତହିଁରେ ବଟାଗଞ୍ଜାଇକୁ ଗୁଳାକରି ପ୍ରତିଦିନ ଏକ/୨ ପ୍ରହର ଏକସପ୍ତାହ ପର୍ଯ୍ୟନ୍ତ ଧାରଣ କରାଇବ । ଏହିପରି କଲେ ସେମାନଙ୍କର ଯୋନି ସୁଦୃଢ଼ ଓ ସଂକୀର୍ଣ୍ଣ ହୁଏ । ୭—ଗଞ୍ଜାଇ ବାଟି ପାଦରେ ଲେପନ କଲେ ଅନିଦ୍ରାରୋଗିର ନିଦ୍ରା ଲାଭହୁଏ । ୮-ଗଞ୍ଜାଇପତ୍ରକୁ ଚୂର୍ଣ୍ଣକରି କ୍ଷତରେ ନିକ୍ଷେପ କଲେ କ୍ଷତରେ ସତ୍ୱର ମାଂସାଙ୍କୁର ଉଦ୍‌ଗତ ହୋଇ କ୍ଷତ ଶୁଖିଯାଏ । ୯—ଗଞ୍ଜାଇପତ୍ରର ପ୍ରଲେପ ଅର୍ଶ, ଦାଦୁ, ଶୋଥ ଓ ସ୍ନାୟୁ ଶୂଳରେ ଉପକାର କରେ । ୧୦—ପିଆଜ, ହଳଦୀ ଓ ଗଞ୍ଜାଇ ଏକତ୍ର ବାଟି ତେଲରେ ଫୁଟାଇବ । ଏହିତେଲ ଗୁହ୍ୟଦ୍ୱାରରେ ମାଲିସ କଲେ ଅର୍ଶର ଯନ୍ତ୍ରଣା ପ୍ରଶମିତ ହୁଏ । ଘୃତଭର୍ଜ୍ଜିତ ଗଞ୍ଜାଇ ପତ୍ରର ପ୍ରଲେପ କଟିଶୂଳ ନାଶକ । ୧୨—କଞ୍ଚା ଗଞ୍ଜାଇ ପତ୍ରକୁ ବାଟି ଅଳ୍ପ ଉଷ୍ଣ କରି ଆଖିପତାରେ ଲେପନ କଲେ ନେତ୍ରର ଶୁଷ୍କଳା

ମଣ୍ଡଳାକାର ବସ୍ତୁଦର୍ଶନ ଓ ଦୃଷ୍ଟିଭ୍ରମ ଇତ୍ୟାଦି ନିବାରିତ ହୁଏ । ୧୩—ହିଙ୍ଗୁ ସହିତ ଗଞ୍ଜେଇ ଚୂର୍ଣ୍ଣ ସେବନକଲେ ଅପସ୍ମାର ବିନଷ୍ଟ ହୁଏ । ୧୪—ଆପୁମଞ୍ଜି ସହିତ ଗଞ୍ଜେଇ ବାଟି ଖାଇଲେ ରକ୍ତାତିସାର ବନ୍ଦହୁଏ । ଗଞ୍ଜେଇ ମଞ୍ଜି କୁକୁଡ଼ୀକୁ ଖୁଆଇଲେ ଅଧିକ ଡିମ୍ବଦିଏ । ଗଞ୍ଜେଇର ଧୂମ ପାନକଲେ ବୁଦ୍ଧି ବୃତ୍ତି କ୍ଷୟ ହୁଏ, ସ୍ମରଣଶକ୍ତି ବିନଷ୍ଟ ହୁଏ, ହିତାହିତ ଜ୍ଞାନ ଦୂରହୁଏ । ଅକାରଣରେ କ୍ରୋଧ, ଉନ୍ମାଦ, ମତିଭ୍ରମ ଓ କ୍ଲୀବତା ଉତ୍ପନ୍ନ ହୁଏ ଏବଂ କାହାର କାହାର ଚକ୍ଷୁ ରକ୍ତବର୍ଣ୍ଣ ଓ ମୁଖମଣ୍ଡଳ ଫୁଲିଲାପରି ରହେ । ଗଞ୍ଜେଇ ଏକ ପ୍ରକାର ଉପବିଷ । ତେଣୁ ଏହାକୁ ଶୋଧନ କରି ପ୍ରୟୋଗ କରିବ ।
**ଗଞ୍ଜେଇଶୁଦ୍ଧି**—ଗଞ୍ଜେଇକୁ ଏକରାତ୍ରି ଗରମ ପାଣିରେ ବତୁରାଇ ଖରାରେ ଶୁଖାଇବ । ତା'ର ପରେ ତାକୁ ଘିଅରେ ଭାଜିଦେଲେ ଶୁଦ୍ଧହୁଏ । **ଗଞ୍ଜେଇବିଷର ଶାନ୍ତି**—୧-ହରିଡା ଗୁଣ୍ଡ କାଞ୍ଜି ସହିତ ସେବନକଲେ ଗଞ୍ଜେଇର ବିଷ ନଷ୍ଟ ହୁଏ । ଏତଦ୍ଭିନ୍ନ ମଧ୍ୟ ଗାଈଦହି, ତେନ୍ତୁଳିମଣ୍ଡ, ଗାଈଘିଅ, ଜାମପତ୍ର ରସ ଏଥିମଧ୍ୟରୁ ଯେ କୌଣସି ଦ୍ରବ୍ୟ ପିଆଇଲେ ଗଞ୍ଜେଇର ନିଶା ଛାଡ଼ିଯାଏ । ଅଧିକମାତ୍ରାରେ ଗଞ୍ଜେଇ ଖାଇବାର ଜଣାପଡ଼ିଲେ ରୋଗୀକୁ ବାନ୍ତି ଓ ବିରେଚନ କରାଇ ଶୀତଳ ଉପଚାର କରିବ, ଦହି ଭାତ ପଥ୍ୟ ଦେବ । ଅଳ୍ପ ମାତ୍ରାରେ ଆପୁ ଖୁଆଇଲେ ମଧ୍ୟ ଗଞ୍ଜେଇର ଉପଦ୍ରବକାର ନିବାରିତ ହୋଇଥାଏ । ମାତ୍ରା—ପତ୍ରଚୂର୍ଣ୍ଣ ଅଧ ଗ୍ରାମଠାରୁ ଏକଗ୍ରାମ, ଗଞ୍ଜେଇର ମାତ୍ରା ଅଧଗ୍ରାମ ଠାରୁ ତିନିଚତୁର୍ଥାଂଶ ଗ୍ରାମ ।
**ଭଙ୍ଗାସବ**—ପାଚିଲା ଭାଙ୍ଗପତ୍ର ଚୂର୍ଣ୍ଣ ଏକଭାଗ ଏବଂ ରେକ୍ଟିଫାଇଡ୍ ସ୍ପିରିଟ୍ ପାଞ୍ଚଭାଗ ଏକତ୍ର ମିଶାଇ ବୋତଲରେ ରଖିବ । ପନ୍ଦର ଦିନ ପରେ ଛାଣି ବ୍ୟବହାର କରିବ । ମାତ୍ରା—୨—୧୦ ବିନ୍ଦୁ, ଅନୁପାନ ଜଳ, ଧନୁଷ୍ଟଙ୍କାର ପରେ କେତେ ଦିନ ପର୍ଯ୍ୟନ୍ତ ଦେଲେ ଭଲ ହୁଏ । ବିସୂଚୀ ରୋଗରେ କର୍ପୂରରସ ସହ । ଅତିସାର ରୋଗର ପ୍ରବଳ ଅବସ୍ଥାରେ ଅହିଫେନାସବ ସହ ଦେବ । (ଜୀବନସୁଧା) (ଶଶୀକାନ୍ତ ମିଶ୍ର)

**୨୭୧—ଗଡ଼ଶମାଛ**—ଏହି ମାଛ ସ୍ୱାଦୁ, ଗୁରୁପାକ, ବଳକାରକ, ମଳରୋଧକ ଓ ଅଗ୍ନିବର୍ଦ୍ଧକ ।

**୨୭୨—ଗଣ୍ଠିଅଳା**—ଏହାର ସଂସ୍କୃତ ପର୍ଯ୍ୟାୟ-ଗ୍ରନ୍ଥିପର୍ଣ୍ଣି ସ୍ଥୌଣେୟ, ଶୁକବର୍ହ ଓ କୁଣ୍ଡପୁଷ୍ପ । ଏହାକୁ ବଙ୍ଗଳାରେ ଗେଁଠେଲା ଏବଂ ହିନ୍ଦୀରେ ଗଣ୍ଠିବନ ବୋଲନ୍ତି । ଗଣ୍ଠିଅଳା—କଟୁ, ତିକ୍ତ, ଉଷ୍ଣବୀର୍ଯ୍ୟ, ଲଘୁ, ତୀକ୍ଷ୍ଣ । ଏହା କଫ, କଣ୍ଡୁ, ଶ୍ୱାସ ବାତ ଓ ବିଷଦୋଷର ଉପକାରକ । ଗଣ୍ଠିଅଳା ଶ୍ୱେତ କୃଷ୍ଣ ଭେଦରେ ଦୁଇପ୍ରକାର । ଯେଉଁ ଗଣ୍ଠିଅଳା ଆକାରରେ ଦୀର୍ଘ ଏବଂ ଯାହାର ବର୍ଣ୍ଣ ପାଣ୍ଡୁର ଓ କୃଷ୍ଣ, ତାହା ଉତ୍କୃଷ୍ଟ । **ଗଣ୍ଠିଅଳାର ଶୋଧନ**—ଗଣ୍ଠିଅଳାକୁ ଏକରାତ୍ରି ଗୋମୂତ୍ରରେ ବତୁରାଇ ଗରମ ଜଳରେ ଧୋଇ ଦେଇ ଶୁଖାଇଲେ ବିଶୁଦ୍ଧ ଓ ବ୍ୟବହାର ଯୋଗ୍ୟ ହୁଏ । ମାତ୍ରା ଚୂର୍ଣ୍ଣ ୩—୫ ଗ୍ରାମ. କ୍ୱାଥ ୩୦—୫୦ ଗ୍ରାମ ।

**୨୭୩—ଗଣ୍ଡିଦୁବ**—ଏହାକୁ ଗଞ୍ଜାମ ପ୍ରଦେଶ ଅଞ୍ଚଳର ଲୋକେ ଡାକୁଅଣ ବୋଲନ୍ତି । ଏଥିରେ ଘର ଛପର କରାଯାଏ । ଏହାର ସଂସ୍କୃତ ପର୍ଯ୍ୟାୟ—ଗଣ୍ଡଦୂର୍ବା, ସୂଚିପତ୍ରା, ଶ୍ୟାମକାଣ୍ଡା ଓ ଚଣ୍ଡା । ଏହାକୁ ବଙ୍ଗଭାଷାରେ ଗେଁଟେଦୁର୍ବା ଏବଂ ହିନ୍ଦୀରେ ଗାଣ୍ଡରଦୁବଘାସ୍ ବୋଲନ୍ତି । ଏହାର ସମୂଳ ସର୍ବାଙ୍ଗର ରସ—ମଧୁର, ତିକ୍ତ, କଷାୟ, ଶୀତଳ ଓ ଲଘୁ । ଏହା ବାତପିତ୍ତଜ୍ୱର, ଦ୍ୱନ୍ଦ୍ୱଦୋଷ, ଭ୍ରମ, ତୃଷା, ଶ୍ରମ, ଦାହ, କଫ, ରକ୍ତଦାହ ଓ କୁଷ୍ଠରୋଗରେ ହିତକର । ଏହା ମଳରୋଧକ ଏବଂ କ୍ଲେଦହାରକ । ଏହାର ମାତ୍ରା ରସ ୧୦—୨୦ ଗ୍ରାମ, ଚୂର୍ଣ୍ଣ ୧—୩ ଗ୍ରାମ, କ୍ୱାଥ ୫୦—୧୦୦ ଗ୍ରାମ ।

**୨୭୪—ଗଣ୍ଡା**—ଏହା ଏକ ପ୍ରକାର ବନ୍ୟମୃଗ । ଏହାର ସଂସ୍କୃତ ପର୍ଯ୍ୟାୟ—ଗଣ୍ଡକ, ଖଡ୍ଗୀ, ବକ୍ରଚର୍ମୀ ଓ ତୃଙ୍ଗମୁଖ । ଏହାକୁ ବଙ୍ଗଳାରେ ଗଣ୍ଡାର ବୋଲନ୍ତି । ଏହାର ମାଂସ—କଷାୟ, ରୂକ୍ଷ, ଗୁରୁ, ବାତକଫ ନାଶକ, ବଳପୁଷ୍ଟିକାରକ । ମୂତ୍ରରୋଧକାରକ, ପିତୃମାନଙ୍କର ତୃପ୍ତି ବିଧାୟକ ଏବଂ ଆୟୁବର୍ଦ୍ଧକ । ୧—ଗଣ୍ଡାର ମାଂସରେ ଯଥାବିଧି ଘୃତ ପାକ କରି ଦେହରେ ମର୍ଦ୍ଦନ କଲେ ଅସ୍ଥିକଜ୍ୱର (ଟାଇଫଏଡ଼ଫିବର) ପ୍ରଶମିତ ହୁଏ । ୨-ଗଣ୍ଡାର ଶିଂଘକୁ ନିଆଁରେ ପକାଇ ତା'ର ଧୂଆଁ ଗୁହ୍ୟ ଦ୍ୱାରରେ ଲଗାଇଲେ ମଳକଣ୍ଟକ ରୋଗ ନିବାରିତ ହୁଏ । ୩-ଗଣ୍ଡାର ଶିଂଘରେ ଗିଲାସ ପ୍ରସ୍ତୁତ କରି ପ୍ରତିଦିନ ଏହି ଗିଲାସରେ ଜଳ ପାନ କଲେ ଅର୍ଶ ରୋଗରେ ଉପକାର ହୁଏ ଏବଂ ବିଷଦୋଷନଷ୍ଟହୁଏ ।

**୨୭୫ ଗଧ**—Ass Donkey. ଏହାର ସଂସ୍କୃତ ପର୍ଯ୍ୟାୟ—ରାସଭ, ଗର୍ଦ୍ଦଭ ଓ ଖର । ଏହାକୁ ବଙ୍ଗଳାରେ ଗାଧା, ହିନ୍ଦୀରେ ଗଦ୍ଧା ଏବଂ ତେଲୁଗୁ ଭାଷାରେ ଗାଡ଼ିଦେ ବୋଲନ୍ତି । **ଗଧରମାଂସ**—୧-ଏହା ସ୍ୱାଦୁ, ଶୀତଳ ଓ ବଳକାନ୍ତି ବର୍ଦ୍ଧକ । **ଗଧରଦାନ୍ତ**—୨ ଯଦି ଚକ୍ଷୁ ରୋଗୀର ଆଖିରେ ଫୁଲପଡ଼େ, ତା' ହେଲେ ଗଧଦାନ୍ତକୁ ଘୋର ହେଇ ଫୁଲରେ ଅଞ୍ଜନ ପରି ଲଗାଇବ । ଏଥିଦ୍ୱାରା ଅଚିରେ ଫୁଲ ତୁଟିଯାଏ । **ଗଧରଦୁଧ**—୩-ଏହା ମଧୁର, ଅମ୍ଳ, ରୂକ୍ଷ, ଅଗ୍ନିବର୍ଦ୍ଧକ, ବଳକାରକ ଏବଂ ବାତ ଓ ଶ୍ୱାସରୋଗରେ

ହିତକର । ନୀଳକମଳଙ୍କର ଶ୍ୱାସ, କାସ ଓ ଉନ୍ମାଦରେ ଏହା ଉପକାରୀ । ଗନ୍ଧକ୍ଷୀରର ପତ୍ର—୪-ଏହା ମଧୁର, ଅମ୍ଳ, ଉଷ୍ଣ, ରୁକ୍ଷ, ଲଘୁ, ଅଗ୍ନିକାରକ, ପାଚକ, ରୁଚିକର ଓ ବାତନାଶକ । ଗନ୍ଧଭାଦାଲିଆ—ଏହା କଷାୟ, ଉଷ୍ଣ, ଲଘୁ, ଅଗ୍ନିବର୍ଦ୍ଧକ, ବଳକାରକ, କଫନାଶକ ଓ ମୂତ୍ରଦୋଷ ନିବାରକ । ଗନ୍ଧଭମୂଳ—୬—ଏହା କଟୁ, ଉଷ୍ଣ, ତୀକ୍ଷ୍ଣ ଓ ଅଗ୍ନିବର୍ଦ୍ଧକ । ଏହି ମୂଳ ପାନ କଲେ କଫ, ବାତ, ଭୂତାବେଶ, ଉନ୍ମାଦ, ଶୋଥ, ଅର୍ଶ, ଗ୍ରହଣୀ, କୃମି, କୁଷ୍ଠ ଓ ଅପସ୍ମାରରୋଗ ନିବାରିତ ହୁଏ । ଗନ୍ଧକେଶ୍ରୀ—୭-ପ୍ରସବ ପରେ ସ୍ତ୍ରୀମାନଙ୍କୁ ଗନ୍ଧକେଶ୍ରୀର ରସ ପାନ କରାଇଲେ ସେମାନଙ୍କର ଜରାୟୁରେ ଥିବା ମୈଳାଦି ଦୂରରେ ବହିର୍ଗତ ହୁଏ ଏବଂ ସେମାନଙ୍କୁ ସୂତିକାରୋଗ ଆକ୍ରମଣ କରେନାହିଁ । ଗନ୍ଧକେଶ୍ରୀକୁ ଅଳ୍ପ ଉଷ୍ମ କରି ସ୍ତ୍ରୀମାନଙ୍କର ତଳ ପେଟରେ ଲେପନ କଲେ ମଧ୍ୟ ପୂର୍ବୋକ୍ତ ଫଳ ଲଭହୁଏ । ମୂଳର ମାତ୍ରା ୨୦—୪୦ ଗ୍ରାମ, କେଶ୍ରୀରସର ମାତ୍ରା ୨୦—୩୦ ଗ୍ରାମ ।

୨୭୭—ଗନ୍ଧକ—Sulphur. ଏହା ଏକ ପ୍ରକାର ଉପଧାତୁ । ଏହାର ସଂସ୍କୃତ ପର୍ଯ୍ୟାୟ—ଗନ୍ଧକ, ଗନ୍ଧପାଷାଣ, କୁଷ୍ଠାରି ଓ କୀଟଘ୍ନ । ଏହାକୁ ବଙ୍ଗଳାରେ ଓ ହିନ୍ଦୀରେ ଗନ୍ଧକ ଏବଂ ତେଲୁଗୁ ଭାଷାରେ ଗନ୍ଧକମୁ ବୋଲନ୍ତି । ଶାସ୍ତ୍ରରେ ଲେଖାଅଛି ଗନ୍ଧକ ଚାରି ପ୍ରକାର ଯଥା—ଶ୍ୱେତ, ପୀତ, ରକ୍ତ ଓ କୃଷ୍ଣ । ଏଥି ମଧ୍ୟରୁ ଶେଷୋକ୍ତ ଦୁଇ ପ୍ରକାର ଗନ୍ଧକ ଏକାନ୍ତ ଦୁର୍ଲଭ । ଆମ ଦେଶରେ ଶ୍ୱେତବର୍ଣ୍ଣ ଗନ୍ଧକକୁ ଗୋଦନ୍ତୀ (କ) ● ଏବଂ ପୀତବର୍ଣ୍ଣ ଗନ୍ଧକକୁ ଆମଲସାର ଓ କାଶ୍ମୀରୀ-ଗନ୍ଧକ ବୋଲଯାଏ । ଆଉ ଏକ ପ୍ରକାର ପୀତବର୍ଣ୍ଣ ଗନ୍ଧକ ବଜାରରେ ମିଳେ, ତାକୁ ସାଧାରଣତଃ ବାଣ ଗନ୍ଧକ ବୋଲନ୍ତି । (ଖ) ◆ ଏଥି ମଧ୍ୟରୁ ସେବନାର୍ଥରେ ଆମଲସାର ଗନ୍ଧକ ଏବଂ ଲେପନ ଓ ଧୂପନାର୍ଥରେ ବାଣ ଗନ୍ଧକ ପ୍ରୟୋଗ କରାଯାଏ । ଅଶୋଧିତ ଗନ୍ଧକ ଅତ୍ୟନ୍ତ ଅନିଷ୍ଟ କାରକ । ତାହା ସେବନ କଲେ କୁଷ୍ଠ ଓ ଦାହରୋଗ ଜାତ ହୁଏ ଏବଂ ଶରୀରର ରୂପ, କାନ୍ତି, ତେଜ, ବଳ ଓ ବୀର୍ଯ୍ୟ ବିନଷ୍ଟ ହୁଏ । ସୁତରାଂ ଗନ୍ଧକ ଶୋଧନ ନ କରି ବ୍ୟବହାର କରିବା ଉଚିତ ନୁହେ । ଗନ୍ଧକଶୁଦ୍ଧି—ଗୋଟିଏ ଲୌହ ପାତ୍ରରେ ଗନ୍ଧକ ଓ ଘିଅ ସମାନ ଭାଗରେ ମିଶାଇ ତରଳାଇବ । ଗନ୍ଧକ ତରଳି ଗଲେ ଗୁଣଗୁଣ ଦୁଧରେ ତାକୁ ଢାଳିଦେବ । କିଛି ସମୟ ପରେ ଗନ୍ଧକ ତଳେ ବସି ଗଲେ ସାବଧାନରେ ଉପରର ଘିଅ ଓ ଦୁଧ ନିଗାଡ଼ି ଦେଇ ✻ ଗନ୍ଧକକୁ ଗରମ ଜଳରେ ଧୋଇ ଖରାରେ ଶୁଖାଇବ । ଏହି ଶୁଦ୍ଧ ଗନ୍ଧକ—୧—କଟୁ, କଷାୟ, ଉଷ୍ଣ, ବିରେଚକ ଓ ରସାୟନ । ଏହା ସେବନ କଲେ ରକ୍ତଦୋଷ, ବ୍ରଣ, କାଛୁ, ଦାଦ୍ରୁ, ପ୍ରମେହ, ଶୂଳ, ଉଦର ରୋଗ, ଜ୍ୱର, କୁଷ୍ଠ, କଣ୍ଡୁ, ବିସର୍ପ, କୃମି, କ୍ଷୟ, ପ୍ଳୀହା, ଅଗ୍ନିମାନ୍ଦ୍ୟ, କଫ ଓ ବାତ ବିକାର ବିନଷ୍ଟ ହୁଏ ଏବଂ ବୀର୍ଯ୍ୟ ବୃଦ୍ଧି ହୁଏ । ୨—ରକ୍ତଶୁଦ୍ଧି ନିମନ୍ତେ-ଗନ୍ଧକ ଓ ମିଶ୍ରୀ ସମାନ ଭାଗରେ ମିଶାଇ ଉତ୍ତମରୂପେ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣ ୩ ଗ୍ରାମ ପରିମାଣେ ଗୋଦୁଗ୍ଧ ସହିତ ଦୈନିକ ଦୁଇଥର ପନ୍ଦର ଦିନ ପର୍ଯ୍ୟନ୍ତ ସେବନ କଲେ କାଛୁ, କୁଣ୍ଡିଆ, ବ୍ରଣ ଓ ଘା' ଇତ୍ୟାଦି ବିକାର ଶାନ୍ତ ହୁଏ ଏବଂ ରକ୍ତ ବିଶୁଦ୍ଧ ହୁଏ । ଯେଉଁମାନଙ୍କର ବରାବର କୋଷ୍ଠବଦ୍ଧ ଓ ଅତିସାର ହୁଏ ଏବଂ ଅଗ୍ନିମାନ୍ଦ୍ୟ ଓ ଅଜୀର୍ଣ୍ଣ ସହିତ ଯେଉଁମାନଙ୍କର ମାଟିଆ ବର୍ଣ୍ଣ ମଳ ନିର୍ଗତ ହୁଏ ଅଥବା ଯେଉଁ ପୁରାତନ ଅତିସାର ରୋଗର ଗୁହ୍ୟଦ୍ୱାରରେ କ୍ଷତ ହୁଏ ଏବଂ ମଳର ବେଗରେ ଘା'ର କାଦ ଭାଙ୍ଗି ଯାଏ, ସେମାନଙ୍କୁ ଗନ୍ଧକ ଉପକାର କରେ । ୪—ବାହ୍ୟମଳ ଅର୍ଶ ରୋଗିକୁ ତିନି ଗ୍ରାମ ମାତ୍ରାରେ ଶୁଦ୍ଧ ଗନ୍ଧକ ଚୂର୍ଣ୍ଣ ସେବନ କରାଇଲେ ତା'ର ମଳ ସରଳ ହୋଇ ଉପକାର ହୁଏ । ୫—ବାତଶ୍ଳେଷ୍ମିକ କାସରୋଗରେ ଏବଂ କୋଷ୍ଠ-ବଦ୍ଧ ଯୁକ୍ତ ଜ୍ୱରରୋଗରେ ମଧୁ ସହିତ ଗନ୍ଧକ ଚୂର୍ଣ୍ଣ ସେବନ ପ୍ରଶସ୍ତ । (ଭା, ଭୈ, ପ୍ର,) ୬—ଶୁକ୍ରନାମକ ନେତ୍ର ରୋଗରେ ଗାଈଘିଅ ସହିତ, ସାଧାରଣ ନେତ୍ରରୋଗରେ ତ୍ରିଫଳା ଚୂର୍ଣ୍ଣ ସହିତ । ୭—କାସ ରୋଗରେ ତ୍ରିକଟୁ ଓ ଗବ୍ୟଘୃତ ସହିତ । ୮—ଶ୍ୱାସରୋଗରେ ମୂଳାମଞ୍ଜୀର ଚୂର୍ଣ୍ଣ ସହିତ । ୯—ସ୍ୱରଭଙ୍ଗରେ ପିପ୍ପଳୀ ଓ ମଧୁ ସହିତ । ୧୦—ପାର୍ଶ୍ୱବ୍ୟଥାରେ ପାନରସ । ୧୧—ବସନ୍ତରୋଗରେ ଲେମ୍ବୁରସ । ୧୨—ପ୍ରମେହ ରୋଗରେ ଗୁଡ଼ । ୧୩-ଅଜୀର୍ଣ୍ଣରେ ଅଳାଇଚ ଚୂର୍ଣ୍ଣ । ୧୪—ଦଦ୍ରୁରୋଗରେ ଘସିତେଲ, ୧୫—ଗ୍ରହଣୀ ରୋଗରେ

କ ● ବଜାରରେ ଗୋଦନ୍ତୀ ହରିତାଳ ନାମରେ ଯାହା ମିଳେ, ତାହା ଶ୍ୱେତବର୍ଣ୍ଣ ଗନ୍ଧକ । ଏହାକୁ ଲୋକେ ଭୁଲରେ ହରିତାଳର ଭେଦ ବୋଲି କହିଥାନ୍ତି । (ଚୈତନଲକ୍ଷଣ)

ଖ ◆ ସଂସ୍କୃତ ନାମ—ଲେମସୁଗନ୍ଧକ ।

✻ ଗନ୍ଧକ ଶୋଧନାର୍ଥରେ—ନଆ ଯାଇଥିବା ଘିଅକୁ ସାବଧାନରେ ବାହାର କରିବାକୁ ହେବ । ପରେ ତାକୁ ଚୁଲିରେ ବସାଇ ଦୁଧ ଅଂଶଟା ମାରିଦେବାକୁ ହେବ । ଏହି ଘିଅ ମାଲିସ କଲେ ବାତ, କଣ୍ଡୁ ଓ ଚର୍ମରୋଗରେ ଉପକାର ହୁଏ ।

ଶୁଣ୍ଠୀ ଓ । ମଧୁ କୁଷ୍ଠରୋଗରେ ନିମ୍ବପତ୍ରାଙ୍କ ଏବଂ ବାତ ରୋଗରେ ତୁଳସୀରସ ଓ ଗାଈଘିଅ ସହିତ ଗନ୍ଧକ ସେବନ କଲେ ଆରୋଗ୍ୟ ଲାଭହୁଏ । ଅଶୁଦ୍ଧ ପାରଦ ଏବଂ ଅଶୁଦ୍ଧ ଅଭ୍ର ସେବନ ଦ୍ୱାରା ଯେଉଁ ସମସ୍ତ ବିକାର ଉତ୍ପନ୍ନ ହୋଇଥାଏ, ସେହି ସବୁ ବିକାର ଶୁଦ୍ଧଗନ୍ଧକ ସେବନ କଲେ ନିବାରିତ ହୁଏ । ବୈଦ୍ୟ-ଶାସ୍ତ୍ରରେ ଗନ୍ଧକର ପ୍ରୟୋଗ । ଯଥା—**କୁଷ୍ଠରୋଗେ**—୧୬-ଗନ୍ଧକ ଓ ମରିଚ ସମାନ ଭାଗ ଏବଂ ଗନ୍ଧକର ତିନିଗୁଣ ତ୍ରିଫଳା ଚୂର୍ଣ୍ଣ ଏକତ୍ର ଧୂନାସମୂଳ କାଠରେ ମର୍ଦ୍ଦନ କରି ଉପଯୁକ୍ତ ମାତ୍ରାରେ ସେବନ କଲେ ସକଳ ପ୍ରକାର କୁଷ୍ଠ ନିବାରିତ ହୁଏ । (ଖନିଜବିଜ୍ଞାନ) **କଣ୍ଡୂ ଓ ପାମାଦିରୋଗେ**—୧୭—ଦୁଗ୍ଧାନ୍ନ ପଥ୍ୟ ଭୋଜନ କରି ତିନିସପ୍ତାହ କାଳ ଶୁଦ୍ଧ ଗନ୍ଧକଚୂର୍ଣ୍ଣ ଦୁଗ୍ଧ ଅନୁପାନରେ ସେବନ କଲେ ଦଦ୍ରୁ, କଣ୍ଡୂ, ପାମା ଓ ବିଚର୍ଚ୍ଚିକା ରୋଗ ନଷ୍ଟହୁଏ । (ରସକାମଧେନୁ) **ମେହବାତ ଓ କଫରୋଗେ**—୧୮—ମଧୁ ଓ ତେଲସହିତ ଉପଯୁକ୍ତ ମାତ୍ରାରେ ଶୁଦ୍ଧ ଗନ୍ଧକ ଚୂର୍ଣ୍ଣ ସେବନ କଲେ ଏକମାସ ମଧ୍ୟରେ ମେହ, ବାତ ଓ କଫରୋଗ ନିବାରିତ ହୁଏ । (ବୃ,ବୈ) **ଶୌର୍ଯ୍ୟବୀର୍ଯ୍ୟବର୍ଦ୍ଧନାର୍ଥେ**—୧୯-ଗନ୍ଧକଚୂର୍ଣ୍ଣ ଦହି କିମ୍ବା ଦୁଗ୍ଧ ସହିତ ଏକମାସ ସେବନ କଲେ ଶୌର୍ଯ୍ୟ ଓ ବୀର୍ଯ୍ୟ ବୃଦ୍ଧି ହୁଏ (ନି, ର, ରସାୟନେ) **କ୍ଷୟ ଓ ଜ୍ୱରରୋଗେ** ୨୦—ଗନ୍ଧକ, ତ୍ରିଫଳା ଓ ଭୃଙ୍ଗରାଜ ସମାନ ଭାଗରେ ଚୂର୍ଣ୍ଣ କରି ମିଶାଇ ଘିଅ ଓ ମଧୁ ସହିତ ସେବନ କଲେ କ୍ଷୟ ଓ ଜ୍ୱର ପ୍ରଶମିତ ହୁଏ । (ଇ, ର, କୌ) **ଗଳରୋଗେ**—୨୧—ଗନ୍ଧକ ୨୦ ଗ୍ରାମ, ହରିତା ୧୨୦ ଗ୍ରାମ, ମଧୁ ୫୦ ଗ୍ରାମ ଏବଂ ଘିଅ ୫୦ ଗ୍ରାମ ଏସବୁ ଏକାଠି ମିଶାଇ ଦଶଗ୍ରାମ ପରିମାଣେ ଗୋମୂତ୍ର ଅନୁପାନରେ ସେବନ କଲେ ଗଳରୋଗ ନିବାରିତ ହୁଏ । (ର, ର, ର) **ଗନ୍ଧକ ସେବନର ପଥ୍ୟ**—ବଡ ଧାନର ଚାଉଳ, ଗହମ, କୋମଳମାଂସ, ଛେଳିମାଂସ, କଲାମୁଗ, ଘିଅ, ଚିନି, ଦୁଧ ଓ ମଧୁ । **ଅପଥ୍ୟ**—କଟୁ, ତିକ୍ତ ଓ କଷାୟରସ, ତେଲ, କାଞ୍ଜି, ମୋରିଷ, ସ୍ତ୍ରୀ ସହବାସ ଯାନ ଭ୍ରମଣ, ବ୍ୟାୟାମ, ଲବଣ, ଅମ୍ଳ ଓ ଚଣା ଏ ସବୁ ଦ୍ରବ୍ୟ ଗନ୍ଧକସେବନ କାଳରେ ଖାଇବ ନାହିଁ । **ଅଶୁଦ୍ଧ ଗନ୍ଧକ ବିଷର ଭାଙ୍ଗଣି**—୨୨-୧ ଗାଈଦୁଧ, ୨ ଗାଈଘିଅ, ୩ ଲବଙ୍ଗ ଓ ବଚ, ୪ ଦୁବରସ ଏବଂ ୫ ପାନରସ । ଗନ୍ଧକର ମାତ୍ରା—ଏକ ଚତୁର୍ଥାଂଶ ଗ୍ରାମଠାରୁ ଅଧ ଗ୍ରାମ । ବିରେଚନ ମାତ୍ରା ୩ ଗ୍ରାମ ଠାରୁ ଦଶଗ୍ରାମ ।

**୨୭୭—ଗନ୍ଧବବୁଲ ଗଛ**—Accacia Farneisna prain. ଏହାର ସଂସ୍କୃତ ପର୍ଯ୍ୟାୟ—ଅରିମେଦ, କଟ୍‌ଖଦିର, ମଲ୍ଲ ଦ୍ରୁମ ଓ ବାଳହିନ୍ଦ । ଏହାକୁ ବଙ୍ଗଳାରେ ଗୁୟେବାବଲ୍, କାଲ୍ଲାକରିକର, ହିନ୍ଦୀରେ ଗୁ—କିକର ଏବଂ ତେଲୁଗୁରେ ପିଇତୁମ୍ମ, କାସ୍ତୁମ୍ମ ଓ ନାଗତୁମ୍ମ ବୋଲନ୍ତି । ଏହାର ପତ୍ର, ଫୁଲ, ଫଳ, ମୂଳର ଛାଲି ଓ କାଣ୍ଡ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା କଟୁ, କଷାୟ, ତିକ୍ତ ଓ ଉଷ୍ଣ । କଣ୍ଡୂ, କାସ, କୁଷ୍ଠ, ଜ୍ୱର ବିସର୍ପ, ଉନ୍ମାଦ, ମୁଖରୋଗ, କଫ, କୃମି, ଶୋଥ, ଅତିସାର, ଓ ଭୂତବାଧା ନିବାରିତ ହୁଏ । ୧-ଗନ୍ଧବାବୁଲିଆର ଦ୍ରବ ପାଣିରେ ବାଟି ସେବନ କଲେ ଝିଅଁମେହ (ଗଣୋରିଆ) ରୋଗରେ ବିଶେଷ ଉପକାର ହୁଏ । ଗନ୍ଧବାବୁଲିଆ ଫୁଲର ଅତର କାମୋଦ୍ଦୀପକ, ଏହା ଶୁକ୍ର ମେହ ରୋଗରେ ପ୍ରୟୋଗ କରାଯାଏ । ବୈଦ୍ୟଶାସ୍ତ୍ରରେ ଗନ୍ଧବାବୁଲିଆର ପ୍ରୟୋଗ ଯଥା—**ମୁଖରୋଗେ**—୩—ମୂର୍ଚ୍ଛିତ ତିଳତେଲ ଅଧକେଜି ଗନ୍ଧବାବୁଲିଆ ଛାଲର କ୍ୱାଥ ସାଢେ ଚାରି କେଜି, ଜଳ ୬୪ କେଜି ଏବଂ ଶେଷ ଷୋଳକେଜି ଯଥାବିଧି କ୍ୱାଥ ପାକ ହେବା ପରେ ଏଥିରେ ୨୦ ଗ୍ରାମ ମଞ୍ଜିଷ୍ଠାର କଳ୍କ ମିଶାଇ ପାକ କରିବ । ଏହି ତେଲ ମୁଖ-ରୋଗରେ ହିତକର । (ଚକ୍ରଦତ୍ତ) । ମାତ୍ରା ଛାଲର କ୍ୱାଥ—୫୦—୧୦୦ ଗ୍ରାମ, ପତ୍ରରସ—୨୦—୪୦ ଗ୍ରାମ, ଫୁଲର ଚୂର୍ଣ୍ଣ ଅଧ ଠାରୁ ତିନିଗ୍ରାମ, ସାର ଅଧ ଠାରୁ ୨ ଗ୍ରାମ ।

**୨୭୮—ଅରଣି ଗଛ**—Premna Soinesa. ଏହାର ସଂସ୍କୃତ ପର୍ଯ୍ୟାୟ—ଅଗ୍ନିମନ୍ଥ, ଅରଣି, ଗଣିକାରିକା ଓ ଗନ୍ଧପତ୍ରା ଏହାକୁ ବଙ୍ଗଳାରେ ଗଣିୟାରି, ହିନ୍ଦୀରେ ଅରଣୀ, ଅଗେଥୁ ଏବଂ ତେଲୁଗୁରେ ନଲ୍ଲିଚେଟେକୁ ବୋଲନ୍ତି । ଏହି ଗଛ ମାନ ଓ ବଳ ଭେଦରେ ଦୁଇପ୍ରକାର । ଉଭୟ ପ୍ରକାର ଗନ୍ଧଣାର ପତ୍ର ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଗନ୍ଧଣାର ପତ୍ରରସ ଏବଂ ମୂଳ ଛାଲର କ୍ୱାଥ ବା ଚୂର୍ଣ୍ଣ କଟୁ, ତିକ୍ତ, କଷାୟ, ମଧୁର ଓ ଉଷ୍ଣ । ଏହା ସେବନ କଲେ ବାତ, କଫ, ଶୋଥ, ଶୂଳ, ଅଗ୍ନିମାନ୍ଦ୍ୟ, ଅର୍ଶ, ମଳରୋଧ, ଆଧ୍ମାନ, ପାଣ୍ଡୁ, ଜ୍ୱର, କୃମି, ଶୀତପିତ୍ତ ଓ ମେହ ବାତ ନିବାରିତ ହୁଏ । ଗନ୍ଧଣାପତ୍ରର କ୍ୱାଥ—ପାଚକ, ଉତ୍ତେଜକ ଏବଂ ବଲ୍ୟ । ଏହା କଫୋତ୍ଥିତ ଜାତ ଜ୍ୱର, ଶୂଳ ଓ ଆଧ୍ମାନରେ ହିତକର । ଗନ୍ଧଣାମୂଳର କ୍ୱାଥ—୧-ଜ୍ୱରର ଅବସାନ କାଳ ଦୁର୍ବଳ ଅବସ୍ଥାରେ ଏବଂ ଗଣ୍ଠିଆ ବାତରୋଗରେ ଉପକାର କରେ । ୨—ଗନ୍ଧଣା ମୂଳର ଚୂର୍ଣ୍ଣଲେପ ବିସର୍ପ ନାଶକ । ବୈଦ୍ୟଶାସ୍ତ୍ରରେ ଗନ୍ଧଣାଗଛର ବ୍ୟବହାର । ଯଥା—**ଅର୍ଶରୋଗେ**—୩—ଅର୍ଶ ବେଦନାରେ ପୀଡ଼ିତ ହୋଇଥିବା ରୋଗୀକୁ ତେଲ ମର୍ଦ୍ଦନ କରାଇ ଅଳ୍ପ ଉଷ୍ଣ ଗନ୍ଧଣା ପତ୍ରର

କ୍ୱାଥରେ ସ୍ନାନ କରାଇବ । (ଚରକ) ଲିଙ୍ଗ ନଦୌର୍ବଲ୍ୟରୋଗ ୪—ଗନ୍ଧ ାର ଗ୍ରୁଲ୍ ବା ମୂଳର କ୍ୱାଥ ଲିଙ୍ଗ ଦୌର୍ବଲ୍ୟ ରୋଗରେ ଉପକାର କରେ । (ସୁଶ୍ରୁତ) ଦୃଷ୍ଟି ଦୌର୍ବଲ୍ୟ—୫-ପିଆସାଳର ମଞ୍ଜକାଠ ୮୦ ଗ୍ରାମ, ଗନ୍ଧଣାଗ୍ରୁଲ୍ ୮୦ ଗ୍ରାମ ଏକତ୍ର ଉତ୍ତମ ରୂପେ କୁଟି ଆଠକେଜି ଜଳରେ କ୍ୱାଥ ପ୍ରସ୍ତୁତ କରି ଚାରି କେଜି ଜଳ ଅବଶିଷ୍ଟ ଥିବ ଓହ୍ଲାଇବ । ଏହି କ୍ୱାଥରେ ଦୁଇକେଜି ଘିଅକାଇ ସିଦ୍ଧକରିବ । ସିଦ୍ଧହେବା ସମୟରେ ଚଣ୍ଡାଘାରୁ ମୂଳର ଚୂର୍ଣ୍ଣ ୨୦ ଗ୍ରାମ ଏବଂ କଞ୍ଚା ଅଁଳାରସ ଅଧକେଜି ତହିଁରେ ପକାଇବ । ବିନା ଲବଣ ଯୋଗରେ ଏହା ଭୋଜନ କରିବ । ତା'ଉପରେ ମୁଗ ଓ ଅଳାର ଯୂଷ ପ୍ରସ୍ତୁତ କରି ଏହି ଯୂଷ ସହିତ ଘୃତ ମିଶ୍ରିତ ଅନ୍ନ ପଥ୍ୟ ଭୋଜନ କରିବ । ଲବଣ ପରିତ୍ୟାଗ କରିବ । ଏଥିଦ୍ୱାରା ଅବ୍ୟାହତ ଦୃଷ୍ଟି ଶକ୍ତି ଲାଭହୁଏ । (ସୁଶ୍ରୁତ) ବାତବ୍ରଣେ ୬—ଟଗମୂଳ ଓ ଗନ୍ଧଣାମୂଳ କାଞ୍ଜି ସହିତ ବାଟି ଲେପନ କଲେ ବାତବ୍ରଣ ପ୍ରଶମିତ ହୁଏ । (ହାରୀତ) ବସାମେହରେ ୭-ଗନ୍ଧଣାମୂଳର କ୍ୱାଥ ପାନ କଲେ ବସାମେହ ନଷ୍ଟହୁଏ । (ଚକ୍ରଦତ୍ତ) । ଶୀତପିତ୍ତେ—୮—ଗନ୍ଧଣାମୂଳ ଗ୍ରୁଲ୍‌କୁ ବାଟି ତହିଁରେ ଗାଈଘିଅ ମିଶାଇ ଏକ ସପ୍ତାହ ସେବନ କଲେ ଶୀତ-ପିତ୍ତ, ଉଦର୍ଦ୍ଦ ଓ କୋଠ ନିବୃତ୍ତ ହୁଏ । (ଚକ୍ରଦତ୍ତ) । ସ୍ଥୌଲ୍ୟରୋଗ—୯—ଗନ୍ଧଣା ମୂଳର କ୍ୱାଥରେ ଶିଳାଜିତ ପ୍ରକ୍ଷେପ କରି ପାନ କଲେ ଅତିସ୍ଥୂଳ ବ୍ୟକ୍ତି ମଧ୍ୟ କୃଶତା ପ୍ରାପ୍ତ ହୁଏ । (ଚକ୍ରଦତ୍ତ) ମାତ୍ରା ପତ୍ରରସ ୧୦—୩୦ ଗ୍ରାମ, ମୂଳର କ୍ୱାଥ ୫୦—୧୦୦ ଗ୍ରାମ । ଗନ୍ଧଣାଗଛକୁ କଟକ ଓ ପୁରୀ ଜିଲ୍ଲାର ଲୋକେ ଅଗିବଥୁଆ ଗଛ ବୋଲନ୍ତି ।

**୨୬୯—ଗନ୍ଧବାଲୁକା**—Name of perfume, rep power sold under thyse names. seed of some plant. ଏହାର ସଂସ୍କୃତ ପର୍ଯ୍ୟାୟ—ଏଲବାଲୁକ, କପିଥ୍ଥକ୍, ସୁଗନ୍ଧ ଓ ଗନ୍ଧତ୍ୱକ୍ । ଏହାକୁ ବଙ୍ଗଳାରେ ଏଲବାଲୁକ, ହିନ୍ଦୀରେ ଏଲ୍‌ବା ଏବଂ ତେଲୁଗୁ ଭାଷାରେ କୁଲୁରବ୍ରୁଗମ୍ ବୋଲନ୍ତି । ଗନ୍ଧବାଲୁକା ଗୁଣର ଚୂର୍ଣ୍ଣ କଷାୟ ଶୀତଳ, ଲଘୁ, ଅତିଶୟ ରୁଚି ରୁଚିକାରକ, କଫ, ପିତ୍ତ ବାତନାଶକ, ଏବଂ ତୃଷା, ବାନ୍ତି, କଣ୍ଡୁ, କୁଷ୍ଠ, କୃମି, ରକ୍ତମୂତ୍ର, ମୂର୍ଚ୍ଛା, ଜ୍ୱର, ଦାହ, ହୃଦ୍‌ରୋଗ ଓ ବିଷ ଦୋଷରେ ହିତକର । ମାତ୍ରା—ଚୂର୍ଣ୍ଣ ୩—୫ ଗ୍ରାମ, କ୍ୱାଥ ୨୦—୫୦ ଗ୍ରାମ ।

**୨୭୦—ଗନ୍ଧପ୍ରିୟଙ୍ଗୁ**—ଏହା ଏକପ୍ରକାର ପ୍ରିୟଙ୍ଗୁର ଭେଦ । ଏହାକୁ ବଙ୍ଗଳାରେ ଗନ୍ଧପ୍ରିୟଙ୍ଗୁ, ହିନ୍ଦୀରେ ଫୁଲ ପ୍ରିୟଙ୍ଗୁ ବୋଲନ୍ତି । ଏହା ତିକ୍ତ ଶୀତଳ, ତୀକ୍ଷ୍ଣ, ଶୁକ୍ର-ବର୍ଦ୍ଧକ ଓ କେଶର ଉପକାରକ । ବାତ, ବାନ୍ତି, ଭ୍ରମ, ଦାହ, ପିତ୍ତ, ରକ୍ତ, ଜ୍ୱର, ସ୍ୱେଦ, କୁଷ୍ଠ, ତୃଷା, ଗୁଳ୍ମ, ମେହ, ମେଦୋରୋଗ, ମୁଖର ଜଡ଼ତା ଓ ବିଷଦୋଷରେ ଏହା ହିତକର । ଏହାରବୀଜ—କଷାୟ, ମଧୁର, ଶୀତଳ, ଗୁରୁପାକ, ଧାରକ, ବଳବର୍ଦ୍ଧକ ଏବଂ କଫ ଓ ପିତ୍ତନାଶକ ।

**୨୭୧—ଗନ୍ଧବରଜା**—ଏହାର ସଂସ୍କୃତ ନାମ—କପିଥ୍ଥପର୍ଣ୍ଣୀ । ଏହାକୁ ବଙ୍ଗଳାରେ ଗନ୍ଧବରଜା ଗାଛ, ହିନ୍ଦୀରେ କମୃଟପର୍ଣ୍ଣୀ ବୋଲନ୍ତି । ଏହିଗଛର ଅଠା ଗନ୍ଧବରଜା ନାମରେ ବଜାରରେ ବିକାହୁଏ । ୧—ଗନ୍ଧବରଜାର ଅଠାକୁ ଖଣ୍ଡିଏ କନାରେ ମାଖି ଅଳ୍ପ ଗରମ କରି ବଳା ବା ବାଗି ଉପରେ ତା'ର ପାଟୁ ପକାଇଲେ ଶୀଘ୍ର ତାହା ବସିଯାଏ । **ଗନ୍ଧବରଜାତୈଳ** ଏକକେଜି ଗନ୍ଧବରଜାକୁ ଗୋଟିଏ ହାଣ୍ଡିରେ ଭର୍ତ୍ତିକରି ତା'ର ଉପରେ ଟ୍ରେଟ ୨ ଗୋଟି ଅଧସେର ପକାଇବ । ଏହିପାତ୍ରର ମୁଖ ବନ୍ଦକରି ଉପର ହାଣ୍ଡିର ଉପଯୁକ୍ତ ସ୍ଥାନରେ ଗୋଟିଏ ମନକୂଚ ଟିଣର ନଳୀ ଲଗାଇବ । ଏହି ପାତ୍ରକୁ ଚୁଲ୍ଲୀରେ ଚଢ଼ାଇ ତଳେ ଜାଳଦେଲେ ଉପର ନଳୀବାଟେ ଟୋପା ୨ ହୋଇ ତୈଳ ଝରିବ । ଏହାର ନାମ ଗନ୍ଧବରେଜା ତୈଳ । ଏହି ତୈଳ ୫—୨୦ ଟୋପା ମାତ୍ରାରେ ଚିନି ସହିତ ମିଶାଇ ସେବନକଲେ ଉଷୁଆଁ ମେହ ଓ ବାର୍ଦ୍ଧକ୍ୟବିକାର ଶୀଘ୍ର ନିବାରିତ ହୁଏ । **ଗନ୍ଧବରଜାରଗୁଣ**—କଟୁ, ତିକ୍ତ, ଉଷ୍ଣ ଓ ତୀକ୍ଷ୍ଣ । ଏହାରଚୂର୍ଣ୍ଣ ସେବନକଲେ କଫ, କୃମି, ମେହ, ମେଦୋରୋଗ, ବିଷ ଓ ସ୍ନାୟୁରୋଗ ନିବାରିତ ହୁଏ । ଗନ୍ଧବରଜାର ଗୋଟିଏ ସଂସ୍କୃତ ନାମ—ସରଳସ୍ରାବ । ଏହିନାମରୁ ଜଣାଯାଏ ଯେ—ଏହା ହିମାଳୟ ଜାତ ସରଳବୃକ୍ଷର ଅଠା । ୩—ଯେ କୌଣସି ନବୋଥିତ ବ୍ରଣଶୋଥରେ ଏହି ଅଠାର ପାଟୁ ଦେଲେ ତାହା ବସିଯାଏ । କେହି କେହି ତାର୍ପିନ ତେଲକୁ ଗନ୍ଧବରଜାର ତୈଳ ବୋଲନ୍ତି । ତାର୍ପିନତେଲର ଗୁଣ ଯଥା ସ୍ଥାନରେ ଲେଖା ଅଛି, ଦେଖ । ମାତ୍ରା—ଗୁଣର ଚୂର୍ଣ୍ଣ ୧—୩ ଗ୍ରାମ ।

**୨୭୨—ଗନ୍ଧରାସ୍ନା**—Ophioxylon serpentinum. ଏହାର ସଂସ୍କୃତ ପର୍ଯ୍ୟାୟ—ସୁଗନ୍ଧା, ଗନ୍ଧନାକୁଳୀ, ସର୍ପାକ୍ଷୀ ଓ ବିଷମର୍ଦ୍ଦନୀ । ଏହାକୁ ବଙ୍ଗଳାରେ ଗନ୍ଧରାସ୍ନା, ହିନ୍ଦୀରେ ନାଇ ଏବଂ ତେଲୁଗୁରେ ଦୁମ୍ପାରାଷ୍ଟ୍ରମ୍ ବୋଲନ୍ତି । ଏହା ଏକପ୍ରକାର କନ୍ଦରାସ୍ନା । ଏହାର ଚୂର୍ଣ୍ଣ ବା କ୍ୱାଥ—କଟୁ, ତିକ୍ତ, କଷାୟ ଏବଂ ଉଷ୍ଣ । ଏହା ସେବନ କଲେ କୃମି,

ଭ୍ରଣ, ଜ୍ୱର ଓ ତ୍ରିଦୋଷ ବିନଷ୍ଟ ହୁଏ । ୧—ସର୍ପଦଂଷ୍ଟ, ବୃଶ୍ଚିକଦଂଶ, ମୂଷିକଦଂଶ ଓ ମାଙ୍କଡ଼ଶା ବିଷରେ ଏହା ଉତ୍କୃଷ୍ଟ ଔଷଧ । ଚୂର୍ଣ୍ଣର ମାତ୍ରା—୩-୫ ଗ୍ରାମ, କ୍ୱାଥ ୪୦—୮୦ ଗ୍ରାମ ।

**୨୭୩—ଗନ୍ଧଶୁଣ୍ଠୀ**—Curcuma Gedoaria. ଏହାର ସଂସ୍କୃତ ପର୍ଯ୍ୟାୟ—ଶଠୀ, କର୍ଚୂର, ଗନ୍ଧମୂଳକ ଓ ଗନ୍ଧସାର । ଏହାକୁ ବଙ୍ଗଳାରେ ଶଠୀ ଓ ଗନ୍ଧଶଠୀ, ହିନ୍ଦୀରେ କଚୂର, ଏବଂ ତେଲୁଗୁରେ କଚ୍ଚୋରମୁ ଓ କିଚିଲିଗଡ଼୍ଡଲୁ ବୋଲନ୍ତି । ଗନ୍ଧଶୁଣ୍ଠୀ—କଟୁ, ତିକ୍ତ, ଉଷ୍ଣ, ତୀକ୍ଷ୍ଣ, ସୁଗନ୍ଧ, ଲଘୁପାକ, ମୁଖପରିଷ୍କାରକ ଏବଂ ରକ୍ତପିତ୍ତ ବର୍ଦ୍ଧକ । ଏହାର ଚୂର୍ଣ୍ଣ କିମ୍ବା କ୍ୱାଥ ସେବନକଲେ ଗଳଗଣ୍ଡ, ଗଣ୍ଡମାଳା, ଅପଚୀ, ଗୁଳ୍ମ, କୃମି, ଶ୍ୱାସ, କାସ, ଅର୍ଶ, ବ୍ରଣ, କୁଷ୍ଠ, କଫ, ବାତ, ମେହ, ଶୋଥ, ପାଣ୍ଡୁ, ପାର୍ଶ୍ୱଶୂଳ, ଶିରଃପୀଡ଼ା ଓ ମଳରୋଧ ନିବାରିତ ହୁଏ । ଗନ୍ଧଶୁଣ୍ଠୀକୁ ଜଳରେ ଚାକି ଗୀତ ଗାନକଲେ ଗାୟକର ସ୍ୱର ଅବିକୃତ ଓ ପରିଷ୍କୃତ ରହେ । ୨—ଆମାଶୟ ଓ ମୂତ୍ରାଶୟ ସମ୍ବନ୍ଧୀ ରୋଗରେ ଏବଂ କଫଜ୍ୱର ଓ ସନ୍ନିପାତ ଜ୍ୱରରେ ଗନ୍ଧଶୁଣ୍ଠୀ ଉପକାର କରେ । ଗନ୍ଧଶୁଣ୍ଠୀର ପ୍ରଲେପ ସାଧାରଣ ବ୍ରଣ ଓ ବିସ୍ଫୋଟନାଶକ । ମାତ୍ରା—ଚୂର୍ଣ୍ଣ ୧—୩ ଗ୍ରାମ, କ୍ୱାଥ—୨୦—୬୦ ଗ୍ରାମ ।

**୨୭୪—ଗାବଗଛ**—**କାଳଚଛି ଦେଖ ।**

**୨୭୫—ଗମ୍ଭାରୀଗଛ**—ଏହାର ସଂସ୍କୃତ ପର୍ଯ୍ୟାୟ—ଗମ୍ଭାରୀ, ସର୍ବତୋଭଦ୍ରା, କାଶ୍ମରୀ ଓ ମଧୁପର୍ଣ୍ଣିକା । ଏହାକୁ ବଙ୍ଗଳାରେ ଗାମାରଗାଛ, ହିନ୍ଦୀରେ ଗମ୍ଭାରୀ ଏବଂ ତେଲୁଗୁରେ ଗୁମ୍ମାଡ଼ୀଚେଟ୍ଟୁ ବୋଲନ୍ତି । ଗମ୍ଭାରୀଗଛର ପତ୍ର, ଫୁଲ, ଫଳ, ଫଳମଜ୍ଜା ଓ ଛାଲି ଔଷଧାର୍ଥରେ ବ୍ୟବହୃତ ହୁଏ । ଗମ୍ଭାରୀର ପତ୍ରରସ ଏବଂ ଛାଲିର କ୍ୱାଥ ବା ଚୂର୍ଣ୍ଣ ମଧୁର, ତିକ୍ତ, କଷାୟ ଏବଂ ଉଷ୍ଣ । ଏହା ସେବନ କଲେ ଭ୍ରମ, ତୃଷା, ଶୋଷ, ଶୂଳ, ଅର୍ଶ, ଅଜୀର୍ଣ୍ଣ, ପୂୟମେହ, ଆମଦୋଷ, ବିଷ, ଦାହ, ଜ୍ୱର, ଶ୍ୱାସ, ଶୋଥ, ରକ୍ତପିତ୍ତ, ମୂତ୍ରରୋଧ ଓ ପାରଦ ସେବନ ଜନିତ ବିକାର ପ୍ରଶମିତ ହୁଏ । **ଗମ୍ଭାରୀଫଳ**—ଏହା କଷାୟ, ଅମ୍ଳ, ମଧୁର, ସ୍ନିଗ୍ଧ, ଶୀତଳ, ଗୁରୁ, ବଳ ବୀର୍ଯ୍ୟବର୍ଦ୍ଧକ, କେଶର ହିତକର ଓ ରସାୟନ । ୧—ଏହା ବାତ, ପିତ୍ତ, ତୃଷା, ରକ୍ତଦୋଷ ଓ ମୂତ୍ରରୋଧ ନିବାରଣ କରେ, ମେଧା ବୃଦ୍ଧି କରେ ଏବଂ ରକ୍ତବୃଦ୍ଧି ଓ ଚିରକାଳୀନ ଯୋନି ଶୂଳ ପ୍ରଶମନ କରେ । **ଗମ୍ଭାରୀଫୁଲ**—ଏହା ବଳ ବୀର୍ଯ୍ୟବର୍ଦ୍ଧକ ଓ ରକ୍ତପିତ୍ତନାଶକ । ବୈଦ୍ୟଶାସ୍ତ୍ରରେ ଗମ୍ଭାରୀର ପ୍ରୟୋଗ ଯଥା—**ରକ୍ତାତିସାରେ**—୨—ଗମ୍ଭାରୀ ଫଳର ଯୂଷରେ ତାଳମୂଳ ରସ ଓ ଚିନି ମିଶାଇ ରକ୍ତାତିସାର ରୋଗୀକୁ ପାନ କରାଇବ । (ଚରକ) । **ଦାହ ତୃଷାଯୁକ୍ତ ପିତ୍ତଜ୍ୱରରେ** ୩—ଗମ୍ଭାରୀଫଳର ଚୋପା ଛଡ଼ାଇଦେଇ ତା'ର କ୍ୱାଥ ପ୍ରସ୍ତୁତ କରିବ । ଏଥିରେ ଚିନିମିଶାଇ ଦାହ ତୃଷାଯୁକ୍ତ ପିତ୍ତଜ୍ୱରର ରୋଗୀକୁ ସେବନ କରାଇବ । ଏହି କ୍ୱାଥ ଦାହ ଓ ତୃଷାଯୁକ୍ତ ପିତ୍ତଜ୍ୱର ନିବାରକ । (ସୁଶ୍ରୁତ) । **ଗର୍ଭପୁଷ୍ଟିରେ**—୪—ଗମ୍ଭାରୀ ଫଳ ଓ ଯଷ୍ଟିମଧୁ ଦୁଧରେ ପାକ କରି ତହିଁରେ ଚିନିମିଶାଇ ଗର୍ଭିଣୀକୁ ପାନ କରାଇଲେ ତା'ର ବାୟୁଦ୍ୱାରା ଶୁଷ୍କହୋଇଥିବା ଗର୍ଭ ପୁଷ୍ଟିଲାଭକରେ । (ଚରକ) । **ବାତରକ୍ତରୋଗେ**—୫—ଯଷ୍ଟିମଧୁ ଓ ଗମ୍ଭାରୀ ଛାଲିର କ୍ୱାଥରେ ଯଥା ବିଧି ସୋରିଷତେଲ ପାକ କରି ମର୍ଦ୍ଦନ କଲେ ବାତରକ୍ତ ପ୍ରଶମିତ ହୁଏ । (ଚରକ) । **ରକ୍ତପିତ୍ତେ**—୬—ଗମ୍ଭାରୀଫଳକୁ ବାଟି ତହିଁରେ ମହୁ ମିଶାଇ ଗୁଣ୍ଡି କରି ଖାଇଲେ ରକ୍ତପିତ୍ତ ଶାନ୍ତ ହୁଏ । ଅନ୍ୟ ଭେଦରେ ଏଥି ସହିତ ଅଗସ୍ତି ରସ, ଚନ୍ଦନ ଜଳ ଏବଂ କଦଳୀ ଫୁଲର ରସ ମିଶାଇ ଦିଆଯାଇପାରେ । (ଚକ୍ରଦତ୍ତ) । **ଶୀତପିତ୍ତରୋଗେ**—୭—ପାଚିଲା ଓ ଶୁଖିଲା ଗମ୍ଭାରୀଫଳ ଦୁଧରେ ସିଝାଇ ସେବନ କଲେ ଶୀତପିତ୍ତ ନିବାରିତ ହୁଏ । (ଚକ୍ରଦତ୍ତ) । **ଅଙ୍ଗୁଳୀବେଷ୍ଟରୋଗେ** ୮—ପରବାଣ୍ଡୁ ବା ବେଢ଼ାଅଙ୍ଗୁଳୀ ରୋଗରେ ହାତଗୋଟି ଗମ୍ଭାରୀପତ୍ର ଅଙ୍ଗୁଳିରେ ଗୁଡ଼ାଇ ବାନ୍ଧିବ । ଏଥିଦ୍ୱାରା ପରବାଣ୍ଡୁ ଓ ବେଢ଼ ଆଙ୍ଗୁଳୀ ଭଲହୁଏ । (ଭାବପ୍ରକାଶ) । **ପତିତସ୍ତନେ** ୯—ଗମ୍ଭାରୀର ଛାଲି ବା କ୍ୱାଥ ସହିତ ଯଥାବିଧି ତେଲ ପାକକରିବ । ଏହି ତେଲରେ ଖଣ୍ଡିଏ ତୁଳା ତିନ୍ତାଇ ତାକୁ ସ୍ତନରେ ଘଷିଲେ ପତିତସ୍ତନ ଉଚ୍ଚିତ ହୁଏ । (ବଙ୍ଗସେନ) । ମାତ୍ରା—ଫଳର ରସ ୧୦—୨୦ ଗ୍ରାମ, ଫଳ ଓ ଛାଲିର କ୍ୱାଥ ୫୦—୧୦୦ ଗ୍ରାମ, ପୁଷ୍ପଚୂର୍ଣ୍ଣ ୧—୩ ଗ୍ରାମ ।

**୨୭୬—ଗୟାଅଶ୍ୱତ୍ଥଗଛ**—ଏହାର ସଂସ୍କୃତ ପର୍ଯ୍ୟାୟ—ନନ୍ଦୀବୃକ୍ଷ, କୁବେରକ ଓ କାନ୍ତଲକ । ଏହାକୁ ବଙ୍ଗଳାରେ ଗୟାଅଶ୍ୱତ୍ଥ, ହିନ୍ଦୀରେ ବେଲଅପିପର ଏବଂ ତେଲୁଗୁଭାଷାରେ ଗଙ୍ଗାରାବିଚେଟ୍ଟୁ ବୋଲନ୍ତି । ଏହାର ପତ୍ର, ଫୁଲ, ଫଳ ଓ ଛାଲି ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ରରସ ଏବଂ ଛାଲିର କ୍ୱାଥ ବା ଚୂର୍ଣ୍ଣ—ତିକ୍ତ, କଷାୟ, ମଧୁର, କଟୁ, ଶୀତଳ, ଲଘୁ, ମଳରୋଧକ, ପୁଷ୍ଟିକର, ବୀର୍ଯ୍ୟବର୍ଦ୍ଧକ ଏବଂ କଫ, ପିତ୍ତ, ଦାହ, ମୁଣ୍ଡବ୍ୟଥା ଓ କୁଷ୍ଠରୋଗରେ ହିତକର । ଗର୍ଭିଣୀ ପକ୍ଷରେ ଏହାର କ୍ୱାଥ ଉପକାର କରେ ଏବଂ ଏହି କ୍ୱାଥରେ ବ୍ରଣ ପ୍ରକ୍ଷାଳନ କଲେ ବ୍ରଣ ଶୀଘ୍ର ହୋଇ ଶୁଖିଯାଏ । ରକ୍ତପିତ୍ତ ରୋଗରେ, କୁଷ୍ଠରୋଗ ଓ ବିଷଦୋଷରେ ମଧ୍ୟ

ଗସ୍ତାଈଷ୍ଠିକ କ୍ୱାଥ ଉତ୍ତମ ଫଳପ୍ରଦ । ମାତ୍ରା-ଫାଣ୍ଟରସ ୨୦-୪୦ ଗ୍ରାମ, କ୍ୱାଥ ୪୦-୮୦ ଗ୍ରାମ ।

**୨୭୭-ଗରଗଣ୍ଡ—ବଳାଚତୁଷ୍ଟୟ ଦେଖ ।**

**୨୭୮-ଗରଳ—ଦାରସାପ ଦେଖ ।**

**୨୭୯-ଗରୁଡ଼ପକ୍ଷୀ—ଆକାଶ ଗରୁଡ଼ ଦେଖ ।**

**୨୮୦-ଗହମ**—Triticum vulgare, common wheat. ଏହାର ସଂସ୍କୃତ ପର୍ଯ୍ୟାୟ—ଗୋଧୂମ, ଅପୂପ ଓ ମ୍ଳେଚ୍ଛଭୋଜନ । ଏହାକୁ ବଙ୍ଗଳାରେ ଗମ, ହିନ୍ଦୀରେ ଗେହୁଁ ଏବଂ ତେଲୁଗୁ ଭାଷାରେ ଗୋଦୁମ ବୋଲନ୍ତି । ଗହମ—ଅଳ୍ପ କଷାୟ ଯୁକ୍ତ, ମଧୁର ରସ, ଶୀତଳ, ସ୍ନିଗ୍ଧ, ଗୁରୁପାକ, ଭଗ୍ନସନ୍ଧି, ବିରେଚକ, ବଳକାରକ, ଶୁକ୍ରବର୍ଦ୍ଧକ, ପୁଷ୍ଟିଜନକ, ଦେହର ସ୍ଥିରତା କାରକ, ଆୟୁର୍ବର୍ଦ୍ଧକ, ରୁଚିକର, ବାତପିତ୍ତନାଶକ ଏବଂ ଭଗ୍ନ ଅସ୍ଥିର ସନ୍ଧାନ କାରକ । ଏହା ଅଗ୍ନିଦଗ୍ଧ ଆହତ ଓ ବାତରୋଗି ପକ୍ଷରେ ଅତ୍ୟନ୍ତ ପଥ୍ୟ । ଗହମର ରୋଟି ଶୋଥରୋଗରେ ହିତକର । ଅଗ୍ନିଦଗ୍ଧ ଅଙ୍ଗରେ ଗହମ ଚୂନା ପ୍ରକ୍ଷେପ କଲେ ଉପକାର ହୁଏ । ପ୍ରଦର ଓ ଅଧିକ ଆର୍ତ୍ତବସ୍ରାବ ନିବାରଣାର୍ଥେ ଗହମ ଭକ୍ଷଣ କରାଯାଏ । ମଦାତ୍ୟୟ ରୋଗରେ ଏବଂ ଆମବାତ ରୋଗରେ ଗହମକୁ ପଥ୍ୟରୂପରେ ବ୍ୟବହାର କଲେ ଉପକାର ମିଳେ । ଗହମ—ଜୀବନଶକ୍ତି, କାନ୍ତି ଓ କଫବୃଦ୍ଧି କରେ । ୧—ଗହମ ଚୂନାକୁ ପାଣିରେ ମିଶାଇ କଦଳସ୍ୱା କରି ଗୋଳିବ । ଏହା ପୋଡ଼ିଯିବା ଅଙ୍ଗରେ ଲେପନ କଲେ ଜ୍ୱାଳା ଶାନ୍ତ ହୁଏ । ୨—ଗହମଖୁଦ ଦଶଗ୍ରାମ, ଶୁଣ୍ଠୀ ପାଞ୍ଚଗ୍ରାମ ଓ ମରିଚ ୫ ଗ୍ରାମ ଏସବୁ ଦ୍ରବ୍ୟ ଏକାଠି ଚୂର୍ଣ୍ଣ କରି ଅଧକେଜି ପାଣିରେ ସିଝାଇ ଏକ ଚତୁର୍ଥାଂଶ ପାଣିଥିବ ଓହ୍ଲାଇ ଛାଣିବ । ଏହା ପିଇଲେ ଦେହରୁ ଝାଳ ବାହାରେ ଏବଂ ମୁଣ୍ଡବ୍ୟଥା ଶାନ୍ତ ହୁଏ । ୩—ଦଶଗ୍ରାମ ଗହମଚୂନା, ଏକଗ୍ରାମ ସୈନ୍ଧବ ଏକାଠି ୨୦୦ ଗ୍ରାମ ପାଣିରେ ସିଝାଇ ୫୦ ଗ୍ରାମ ପାଣି ଅବଶିଷ୍ଟ ଥିବ ଓହ୍ଲାଇ ଛାଣିବ । ଏହା ଗରମ ଥାଉ ୨ ପିଇଲେ ଶୁଷ୍କକାସ ରୋଗରେ ଉପକାର ହୁଏ । ୪—ରାତିରେ ଦଶଗ୍ରାମ ଗହମଚୂନା ୫୦ ଗ୍ରାମ ପାଣିରେ ବତୁରାଇ ସକାଳେ ଏହି ପାଣି ଛାଣି ଏଥିରେ ମିଶ୍ରୀ ମିଶାଇ ପିଇଲେ ପରିସ୍ରାର ଜ୍ୱାଳା ଓ ଟଣାବନ୍ଧ ବନ୍ଦହୁଏ । ୫—ଗହମ ଓ ସୋରାଚଣାକୁ ସମାନ ଭାଗରେ କୁଟି ସିଝାଇ ଛାଣିବ । ଏହି ପାଣି ପିଇଲେ ମୂତ୍ରନଳୀରେ ଥିବା ଅଶ୍ମରୀ (ଗୋଡ଼ି) ଗୁଣ୍ଡ ହୋଇ ବାହାରି ପଡ଼େ । ୬—ଗହମକୁ ପୋଡ଼ି ପାଉଁଶ କରିବ । ଏହି ପାଉଁଶ ୫ ଗ୍ରାମ ମାତ୍ରାରେ ଗୁଡ଼ ଓ ଘିଅ ସହିତ ମିଶାଇ କେତୁଦିନ ଖାଇଲେ ମାଡ଼ବାଜିବା ଅଙ୍ଗର ବେଦନା ଶାନ୍ତ ହୁଏ । ୭—ଗହମ ସିଝା ପାଣି ଗରମ ଥାଉ ୨ ଫୁଲିଥିବା ଅଙ୍ଗରେ ବାରମ୍ବାର ସେଚନ କଲେ ଫୁଲା ତୁଟିଯାଏ । ଗହମଭଜାଞ୍ଜୀ—ଏହା ରୁଚିକାରକ, ଅଗ୍ନିବର୍ଦ୍ଧକ, ପାଚକ, ଶୂଳନିବାରକ, କଫଘ୍ନ, ବାତନାଶକ ଏବଂ ଆମଦୋଷ ଦାହ ଓ ଶ୍ରମନାଶକ । ଗହମ ଖୁଦକୁ ସୁଜି ବୋଲନ୍ତି । ଗହମ ଚୂନା ଅପେକ୍ଷା ଗହମର ସୁଜି ସହଜରେ ଜୀର୍ଣ୍ଣ ହୁଏ । ସେହେତୁରୁ ରୋଗିର ପଥ୍ୟ ରୂପେ ଅନେକ ସ୍ଥଳରେ ସୁଜିର ବ୍ୟବସ୍ଥା କରାଯାଏ । ବୈଦ୍ୟଶାସ୍ତ୍ରରେ ଗହମର ପ୍ରୟୋଗ । ଯଥା—**ଅସ୍ଥିଭଙ୍ଗେ**—୮—ଦୁଇ ତିନି ବର୍ଷର ପୁରୁଣା ଗହମକୁ ଚୂନା କରି ଏହି ଚୂନାକୁ ଗାଈଘିଅ ଓ ଦୁଧ ସହିତ ଯଥେଷ୍ଟ ପରିମାଣରେ ସେବନ କଲେ ହାଡ଼ ଭାଙ୍ଗିଯିବା ଅଙ୍ଗର ବେଦନା ଶାନ୍ତହୁଏ ଏବଂ ଧୀରେ ୨ ହାଡ଼ ଯୋଡ଼ି ହୋଇଯାଏ । (ଚକ୍ରଦତ୍ତ) । **କଫଶୂଳେ**—୯—ଦୁଇ ତିନି ବର୍ଷର ପୁରୁଣା ଗହମକୁ ଚୂନାକରି ଏହି ଚୂନାରେ ମହୁମିଶାଇ ଖାଇଲେ କଫଶୂଳ ପ୍ରଶମିତ ହୁଏ । (ଭାବପ୍ରକାଶ) **ହୃଦ୍‌ରୋଗେ**—୧୦-ଗହମ ଓ ଅର୍ଜ୍ଜୁନଛାଲର ଚୂର୍ଣ୍ଣ ସମାନ ଭାଗରେ ଗ୍ରହଣ କରି ଗୁଡ଼ିତେଲ୍ ମିଶା ଗାଈଘିଅରେ ତାକୁ ଭାଜିବ । ତା'ର ପରେ ଜଳ ଓ ଗୁଡ଼ ଯୋଗରେ ତାକୁ ମୋହନଭୋଗ ପରି ପାକ କରିବ । କେବଳ ଦୁଗ୍ଧପାନ କରି ଏହା ଭୋଜନ କଲେ ମନୁଷ୍ୟ ହୃଦ୍‌ରୋଗରୁ ମୁକ୍ତିଲାଭ କରେ । (ଭାବପ୍ରକାଶ) । ଭାରତବର୍ଷରେ ତିନିପ୍ରକାର ଗହମ ମିଳେ । ଏହି ସମସ୍ତର ଗୁଣ ସମାନ ।

**୨୮୧-ଗାଈଗୋବର୍ଦ୍ଧଗଛ**—୧-ଯେଉଁ ପିଲାମାନଙ୍କର ଏକଜାଉଳିଆ ବା ଏକଶିରା ରୋଗ ହୋଇଥାଏ, ସେମାନଙ୍କୁ ଶନିବାର ଦିନ ଗାଈଗୋବର୍ଦ୍ଧ କନ୍ଦା ଛୁଆଁଇ ଚୁଲି ମୁଣ୍ଡରେ ତାକୁ ପୋତିଦେଲେ ଏକଶିରା ଭଲହୁଏ ।

**୨୮୨-ଗାଙ୍ଗଡ଼ାହାଣ ଗଛ—ଲଙ୍ଗଲଙ୍ଗନିୟାଗଛ ଦେଖ**

**୨୮୩-ଗାଈ—ଗୋରୁ ଦେଖ ।**

**୨୮୪-ଗାଜରମୂଳ**—A carrot. ଏହାର ସଂସ୍କୃତ ପର୍ଯ୍ୟାୟ—ପିଣ୍ଡମୂଳ, ପୀତକନ୍ଦ ଓ ସୁମୂଳକ । ଏହାକୁ ବଙ୍ଗଳାରେ ଗାଜର, ହିନ୍ଦୀରେ ଶାଲଗମ ଏବଂ ତେଲୁଗୁଭାଷାରେ ଗାଜରକାଦମୁ ବୋଲନ୍ତି । ଏହା କଟୁ, ମଧୁର, ରୁଚିକର, କଫପିତ୍ତନାଶକ ଏବଂ ଆଧ୍ମାନ, କ୍ରିମି, ଶୂଳ, ଦାହ ଓ ତୃଷା ନିବାରକ । ଏହା ଖାଇଲେ ହୃଦୟ ବଳିଷ୍ଠ ହୁଏ, କୋଷ୍ଠ ମୃଦୁହୁଏ ଏବଂ ମୂତ୍ରାଶୟରେ ଥିବା ଅଶ୍ମରୀ ଚୂର୍ଣ୍ଣିତ ହୋଇ ବାହାରିପଡ଼େ, ପୁରାତନ କାସ, ଶୋଥ,

ଅଜୀର୍ଣ୍ଣ ଓ ମୂତ୍ରରୋଧ ରୋଗରେ ଏହା ପଥ୍ୟ । ୧-ଏହା ସେଦ୍ଧମିତ ଭାବରେ ନିତ୍ୟପାନ ସେବନ କଲେ ସ୍ତ୍ରୀ ସମ୍ଭୋଗରେ ସାମର୍ଥ୍ୟ ଜନ୍ମେ । ଏହାର ବୀଜ ପୁଂସ୍ତ୍ୱ ବର୍ଦ୍ଧକ ଓ ଲିଙ୍ଗଶୈଥିଲ୍ୟ ନାଶକ । ଏହାର ବୀଜର ମାତ୍ରା ୩—୬ ଗ୍ରାମ । ରାଜଗନ୍ଧକ— କଞ୍ଚା ଗାଜରମୂଳା ରସ କୋଡିଏ ତୋଳା ପଳାସ ମଞ୍ଜୀ ଚୂର୍ଣ୍ଣ ଏକ ତୋଳା, ଏହି ଦୁଇଟି ଦ୍ରବ୍ୟକୁ ଏକାଠେ ମିଶାଇ ଭାଣ୍ଡିରେ ଭରତି କରି ମୁଖ ସନ୍ଧାନ ପୂର୍ବକ ଭସ୍ମ ମଧ୍ୟରେ ଏକୋଇଶି ଦିନ ପୋତି ରଖିବ । ପରେ ବାରୁଣି ଯନ୍ତ୍ର ଦ୍ୱାରା ଦଶ ବୋତଲ ଅର୍କ ବାହାର କରିବ । ମାତ୍ରା—ଅଧଠାରୁ ଦୁଇ ଆଉନ୍ସ । ଅନୁପାନ ଜଳ, ଏହା କୃମିରୋଗର ଶ୍ରେଷ୍ଠ ଔଷଧ ।

(ଅନୁଭୂତ ଯୋଗମାଳା)

## ୨୮୫-ଗିର୍ଧ୍ୱିକନ୍ଦା—ଆକାଶଗରୁଡ଼ ଦେଖ ।

**୨୮୬-ଗିର୍ଧପକ୍ଷୀ—Vulture.** ଏହାକୁ ସାଗୁଣା ବୋଲନ୍ତି । ଏହାର ସଂସ୍କୃତ ନାମ—ଗୃଧ୍ର । ଏହାର ମାଂସର ଗୁଣ କୁଆମାଂସ ପରି । ଗିର୍ଧ୍ୱିର ଅସ୍ଥି, ପକ୍ଷ ଓ ମଳ ଏଥି ମଧ୍ୟରୁ ଯାହା ମିଳିବ, ୧—ତାକୁ ନିଆଁରେ ପକାଇ ତା'ର ଧୂପ ଦେଲେ ଅପସ୍ମାର, ଡାହାଣୀ ଓ ଭୂତପ୍ରେତର ଆବେଶ ଦୂରୀଭୂତ ହୁଏ । ୨—ଗିର୍ଧ୍ୱିର ହାଡ଼ ଘୋରି ତିଳକ ଧାରଣ କଲେ ବସନ୍ତ ଭୟ ନିବାରିତ ହୁଏ । ୩—ପକ୍ୱବ୍ରଣର ଉପଯୁକ୍ତ ସ୍ଥାନରେ ଗିର୍ଧ୍ୱିର ମଳ ଲଗାଇଲେ ବ୍ରଣ ଫାଟିଯାଏ ।

**୨୮୭-ଗିରଡ଼**—୧-ଗିରଡ଼ଫଳର ରସ ଚୂର୍ଣ୍ଣ କରି ଏକଚତୁର୍ଥାଂଶ ଗ୍ରାମ ଠାରୁ ୧ ଗ୍ରାମ ମାତ୍ରାରେ ସେବନ କଲେ ସକଳ ପ୍ରକାର ଜ୍ୱର ବିନଷ୍ଟ ହୁଏ । ୨—ଗିରଡ଼ଫଳକୁ ବାଟି କୋଷରେ ଲେପନ କଲେ କୋଷର ଫୁଲା ତୁଟିଯାଏ ।

**୨୮୮-ଗିଲଗଛ—Guilandila Bonduc or caesalpinia Bonducella.** ଏହାର ସଂସ୍କୃତ ପର୍ଯ୍ୟାୟ—ପୂତିକରଞ୍ଜ, ପୂତିକରଜ, କଣ୍ଟମାରକ ଓ ରଜନୀପୁଷ୍ପ । ଏହାକୁ ବଙ୍ଗଳାରେ ନାଟାକରଞ୍ଜ, ହିନ୍ଦୀରେ କାଣ୍ଟାକରେଞ୍ଜା ଏବଂ ତେଲୁଗୁଭାଷାରେ ଗଚ୍ଚଚେଟ୍ଟୁ ବୋଲନ୍ତି । ସ୍ଥାନ ଓ ବର୍ଣ୍ଣ ଭେଦରେ ଗିଲ ଦୁଇପ୍ରକାର । ଉଭୟ ଗିଲଗଛର ପତ୍ର, ମୂଳର ଛାଲି ଓ ବୀଜର ରସ ଔଷଧାର୍ଥରେ ବ୍ୟବହୃତ ହୁଏ । ଗିଲପତ୍ର—ଗିଲପତ୍ରର ରସ—କଟୁ, ତିକ୍ତ, ଉଷ୍ଣ,ଜ୍ୱରନାଶକ, ମଳଭେଦକ, ଲଘୁ, ଏହା ପିତ୍ତଜଶୂଳ ଏବଂ କଫ, କୃମି, ବାତ ଅର୍ଶ ଓ ଶୋଥ ରୋଗ ନିବାରକ । ୧—ଗିଲପତ୍ର ଭାଜି କୋଷରେ ବାନ୍ଧିଲେ କୋଷର ଫୁଲା ତୁଟିଯାଏ । ୨—ଗିଲ ପତ୍ରରୁ ବାହାର କରାଯିବା ତୈଳ ଆକ୍ଷେପାଦି ବାତ ରୋଗରେ ପ୍ରୟୋଗ କରାଯାଏ । ଗିଲଗଛମୂଳ—ଗିଲମୂଳର ଚୂର୍ଣ୍ଣ—୩— ଋତୁରୋଧ ଓ ଶୂଳ ନାଶକ । ଏହା ଗୁଳ୍ମ, ଉଦାବର୍ତ୍ତ, ଅର୍ଶ, କୃମି, ବ୍ରଣ, କଣ୍ଡୁ, କୁଷ୍ଠ, ବିଚର୍ଚ୍ଚିକା, ଚର୍ମବିକାର, ଯୋନିଦୋଷ, ବିଷ ଓ ବାତରୋଗରେ ଉପକାର କରେ । ଗିଲମଞ୍ଜୀ—ଗିଲମଞ୍ଜୀର ରସ—କଟୁ, ତିକ୍ତ, କଷାୟ ଏବଂ ତୀକ୍ଷ୍ଣ । ୪—ଏହାର ଚୂର୍ଣ୍ଣ ସେବନ କଲେ ବାତ, ବାତଶୂଳ, ପ୍ରବଳ କୁଷ୍ଠରୋଗ, ଋତୁରୋଧ, ଅଗ୍ନିମାନ୍ଦ୍ୟ, କଫ, କୃମି, ଜ୍ୱର, ଶୂଳ, ଜୀର୍ଣ୍ଣଜ୍ୱର, ବିଷମଜ୍ୱର, ଜଳଦୋଷ, ବାତଜ୍ୱର, ଜ୍ୱରଜନିତ ପ୍ଲୀହାଦିରୋଗ, ହୃଦ୍ରୋଗ ଏବଂ କୋଷବୃଦ୍ଧି ନିବାରିତ ହୁଏ । ୫—ଶ୍ୱେତ ପାଚିଲା ଗିଲମଞ୍ଜୀ ଓ ମରିଚ ସମାନ ଭାଗରେ ଚୂର୍ଣ୍ଣ କରି ସେବନ କଲେ ହୃଲ୍ଲାସ, ବମି, ହରିଦ୍ରାଭ ଓ ଅନ୍ତ୍ରର ବୈକୃତ୍ୟ, ସେବନ ଜାତ ବିକାର ସମ୍ପୂର୍ଣ୍ଣ ବିନଷ୍ଟ ହୁଏ । ୬—ସମପରିମିତ ଶୁଣ୍ଠି କଟୁ ଚୂର୍ଣ୍ଣ ସହିତ ଗିଲ- ମଞ୍ଜୀର ଚୂର୍ଣ୍ଣ ମିଶାଇ ସେବନ କଲେ ଶ୍ୱାସ, କାସ ଓ ଜ୍ୱରର ରୋଗର ଅବସାନ ଜାତ ଦୌର୍ବଲ୍ୟ ଦୂରୀଭୂତ ହୁଏ । ୭—ବୃଶ୍ଚିକ ଦଷ୍ଟ ସ୍ଥାନରେ ଗିଲମଞ୍ଜୀ ଘୋରି ଲେପନ କଲେ ବିଷ ନଷ୍ଟହୁଏ । ୮—ଗିଲମଞ୍ଜୀକୁ ଚୂର୍ଣ୍ଣ କରି କଡ଼ାତେଲରେ ମିଶାଇ କୋଷରେ ଲେପନ କଲେ କୋଷର ଟଣାବନ୍ଧା ଓ ଫୁଲା ତୁଟିଯାଏ । ୯—ଗିଲମଞ୍ଜୀର ଚୂର୍ଣ୍ଣ ନିଆଁରେ ପକାଇ ତା'ର ଧୂମ ଆଘ୍ରାଣ କଲେ ଶୂଳ ପ୍ରଶମିତ ହୁଏ । ୧୦—ସମାନ ଭାଗରେ ଗିଲମଞ୍ଜୀର ଚୂର୍ଣ୍ଣ ଓ ପିପ୍ପଳୀ ଚୂର୍ଣ୍ଣ ମିଶାଇ ଅଧ—୧ ଗ୍ରାମ ମାତ୍ରାରେ ପାଳିଜ୍ୱର ଆସିବାର ଦୁଇ ଏକ ଘଣ୍ଟା ପୂର୍ବେ ସେବନ କଲେ ଜ୍ୱର ଅଟକି ଯାଏ । ୧୧—ଗିଲମଞ୍ଜୀକୁ ପୋଡ଼ି ଅଙ୍ଗାର କରିବ । ଏହି ଅଙ୍ଗାରରେ ସମାନ ପରିମାଣେ ଫଟିକି ଭସ୍ମ ମିଶାଇ ଦାନ୍ତରେ, ଜିଭରେ ଏବଂ ଓଷ୍ଠରେ ଲଗାଇଲେ ଦାନ୍ତରୁ ରକ୍ତସ୍ରାବ, ଜିଭର ଘା' ଏବଂ ଓଷ୍ଠଫଟା ଭଲହୁଏ । ୧୨—ଗିଲମଞ୍ଜୀର ଚୂର୍ଣ୍ଣ ରକ୍ତପିତ୍ତ ନାଶକ, ଦୌର୍ବଲ୍ୟ ନିବାରକ ଏବଂ ରସାୟନ । ଏହା ଖାଇଲେ ଆଇଭୁଣ୍ଡଆଙ୍କିଡ଼ି ବାହାରି ୨ ବାନ୍ତିହୁଏ । ୧୩—ଗିଲମଞ୍ଜୀରୁ ବାହାରିବା ତୈଳ କର୍ଣ୍ଣସ୍ରାବ ରୋଗରେ ଉପକାର କରେ । ୧୪—ଗିଲମଞ୍ଜୀର ଚୂର୍ଣ୍ଣ ଓ ଲବଙ୍ଗ ଚୂର୍ଣ୍ଣ ଏକତ୍ର ମିଶାଇ ସେବନ କଲେ ଶୂଳ ଓ ବାନ୍ତି ପ୍ରଶମିତ ହୁଏ । ୧୫—ଗିଲ- ମଞ୍ଜୀର ମାଳା ଗର୍ଭିଣୀ ସ୍ତ୍ରୀମାନଙ୍କର ଗଳାରେ ଧାରଣ କରାଇଲେ ସେମାନଙ୍କର ଗର୍ଭସ୍ରାବ ହୁଏନାହିଁ । ୧୬—ଗିଲମଞ୍ଜୀକୁ ସିଝାଇ ଶୁଖାଇ ଚୂର୍ଣ୍ଣ କରି ଉପଯୁକ୍ତ ମାତ୍ରାରେ ସେବନ କଲେ ଏବଂ ଏହି ଚୂର୍ଣ୍ଣକୁ ଜାଳପତ୍ରରେ ଭରିଦେଇ ତଦ୍ୱାରା ଆଚ୍ଛାଦନ କରି ପଟି ବାନ୍ଧିଲେ କୋଷର ଫୁଲା ତୁଟିଯାଏ । ଗିଲମଞ୍ଜୀର ଚୂର୍ଣ୍ଣ କୁଷ୍ଠରୋଗ ପ୍ରଶମନାର୍ଥେ ସେବନ

କରାଯାଏ । ୧୭-ଗୁଡ଼ ସହିତ ଗିଲମଣ୍ଡୀର ଚୂର୍ଣ୍ଣ ସେବନ କଲେ ମୂର୍ଚ୍ଛାରୋଗ ବିନଷ୍ଟ ହୁଏ । ୧୮—ତମାଖୁପତ୍ର ସହିତ ଗିଲମଣ୍ଡୀର ଚୂର୍ଣ୍ଣ ମିଶାଇ ତାର ଧୂମ ପାନକଲେ ଶୂଳ ବେଦନା ଆରାମ ହୁଏ । ଗିଲମଣ୍ଡୀର କଲ୍କରେ ତୈଳ ପାକ କରି ଏହି ତୈଳ କ୍ଷତ ରୋପଣାର୍ଥେ ପ୍ରୟୋଗ କରାଯାଏ । ଗିଲମଣ୍ଡୀରୁ ବାହାରିବା ତେଲକୁ ମର୍ଦ୍ଦନ କଲେ ବ୍ୟଙ୍ଗାଦିରୋଗ ନିବାରିତ ହୁଏ ଏବଂ ଶରୀରର ଚର୍ମ କୋମଳ ଓ ସୁନ୍ଦର ହୁଏ । ଗିଲମଣ୍ଡୀର କ୍ୱାଥ କ୍ଷୟ, କାସ ଓ ଶ୍ୱାସରୋଗରେ ସେବନୀୟ । ବୈଦ୍ୟଶାସ୍ତ୍ରରେ ଗିଲଗଛର ବ୍ୟବହାର । ଯଥା- ଶ୍ଳୀପଦରୋଗରେ—୧୯-ଗିଲପତ୍ର ରସରେ ସୋରିଷତେଲ ମିଶାଇ ସେବନକଲେ ଶ୍ଳୀପଦରୋଗ ନିବାରିତ ହୁଏ । (ସୁଶ୍ରୁତ) କ୍ରିମିରୋଗରେ—୨୦-ଗିଲପତ୍ରର ରସ କିମ୍ବା ଏହାର ମୂଳର ରସ ମହୁ ସହିତ ସେବନ କଲେ ପେଟରେ ଥିବା ସମସ୍ତ କ୍ରିମି ମରି ଖସି ପଡ଼ନ୍ତି । (ସୁଶ୍ରୁତ) । ମୂତ୍ରକୃଚ୍ଛ୍ରରୋଗରେ—୨୧-ଗିଲମୂଳକୁ ବାଟି ଜଳରେ ମିଶାଇ ପାନ କଲେ ନୂତନ ମୂତ୍ରକୃଚ୍ଛ୍ର ପ୍ରଶମିତ ହୁଏ । (ଚକ୍ରଦତ୍ତ) । ଜଳୋଦରରୋଗରେ ୨୨-ଗିଲମଣ୍ଡୀ ରସକୁ କାଞ୍ଜିରେ ବାଟି ସେବନ କଲେ ଜଳୋଦର ରୋଗର ଉପଶମ ହୁଏ । (ବଙ୍ଗସେନ) ଅମ୍ଳପିତ୍ତ ରୋଗରେ—୨୩-ଅମ୍ଳପିତ୍ତ ରୋଗୀକୁ ଅନ୍ନଭୋଜନ ପୂର୍ବେ ଘୃତଭର୍ଜିତ ଗିଲପତ୍ରର ଅଗି ସେବନ କରାଇ ଉଷ୍ମ ଜଳ ପାନ କରାଇବ । ଏଥିଦ୍ୱାରା ବାନ୍ତିହୋଇ ଅମ୍ଳପିତ୍ତ ବିନଷ୍ଟ ହୁଏ । ( ବଙ୍ଗସେନ ) । ପିତ୍ତଜମୂତ୍ରକୃଚ୍ଛ୍ରରୋଗରେ—୨୪-ଗିଲପତ୍ରର ରସ କିମ୍ବା ମୂଳଗୁଡ଼ିକର କଲ୍କରେ ଅଁଳାରସ, ଚିନି ଓ ମହୁ ମିଶାଇ ସେବନ କଲେ କଫପିତ୍ତ ଜାତ ମୂତ୍ରକୃଚ୍ଛ୍ର ଓ ଶୋଥ ବିନଷ୍ଟ ହୁଏ । (ବଙ୍ଗସେନ) ମାତ୍ରା—ପତ୍ରରସ- ୧୦—୩୦ ଗ୍ରାମ, ମୂଳର ମାତ୍ରା ୧୦—୨୦ ଗ୍ରାମ, ବୀଜର ଚୂର୍ଣ୍ଣ—ଏକଅଷ୍ଟମାଂଶ ଗ୍ରାମଠାରୁ ୧ଗ୍ରାମ । ପୁନର୍ନବାଦ୍ୟରିଷ୍ଟ ଗିଲ, ଗୁଳଁକାଠ, ଚିତାପାରୁ, ଦେବଦାରୁ, ସୁଗନ୍ଧୀ, ଦନ୍ତୀମୂଳ, ଶୁଣ୍ଠୀ, ଗୋଲମରିଚ, ପିପ୍ପଳୀ ପ୍ରତ୍ୟେକ ୨୪୦ ଗ୍ରାମ । ବରକୋଳୀ ଗୁଳି, ହରିଡ଼ା, ବାହାଡ଼ା, ଅଁଳା ପ୍ରତ୍ୟେକ ୧୬୦ ଗ୍ରାମ । ଏହି ସମସ୍ତ ଦ୍ରବ୍ୟ ଚୂର୍ଣ୍ଣ କରି ଘୃତ ହାଣ୍ଡିରେ ଭରତି କରି, ଶୀତଳ ଜଳରେ ଗୋଳି ଶୁଦ୍ଧ ଲୌହଚୂର୍ଣ୍ଣ ୮୦ ଗ୍ରାମ, ଗୁଡ଼ ଦୋଇକେଜି ମିଶାଇ, ପାତ୍ର ମୁହଁ ସନ୍ଧାନ କରି ସାତ ଦିନ ପର୍ଯ୍ୟନ୍ତ ତମ୍ବୁ ଗଦାରେ ପୋତିବ, ପରେ ଛାଣି ବ୍ୟବହାର କରିବ । ମାତ୍ରା—ଅଧ—୧ ଅଉନ୍ସ ଏବଂ ବଳାବଳ ବିବେଚନା କରି ମାତ୍ରା ବଢ଼ାଇବ । ଅନୁପାନ—ଜଳ । କୁଷ୍ଠ, ପ୍ରମେହ, ମେଦୋରୋଗ, ପାଣ୍ଡୁରୋଗ ଏବଂ ଶୋଥରୋଗରେ ପ୍ରୟୋଗ କରିବ । (ସୁଶ୍ରୁତ) ।

ସୂଚନା:—ମୂଳଗ୍ରନ୍ଥରେ ଜଳ ୧୩୨୦ ଗ୍ରାମ ଏବଂ ଗୁଡ଼ ଅଢ଼ାଇ କେଜି ଲେଖା ଯାଇଛି କିନ୍ତୁ ଆସବ ପ୍ରସ୍ତୁତରେ ଅସୁବିଧା ସୃଷ୍ଟି ହେବା ଅନୁଭବ କରି ଜଳ ଏବଂ ଗୁଡ଼ର ପରିମାଣ ବୃଦ୍ଧି କରାଯାଇଛି ।

**୨୮୯-ଗୁଆଗଛ**—Areca Catechu. The Betelnut tree. ଏହାର ସଂସ୍କୃତ ପର୍ଯ୍ୟାୟ ଦୀର୍ଘପାଦପ, ଦୃଢ଼ବଲ୍କଳ, ଗୁବାକ ଓ କ୍ରମୁକ । ଏହାକୁ ବଙ୍ଗଳାରେ ସୁପାରି, ହିନ୍ଦୀରେ ସୁପାରି ଏବଂ ତେଲୁଗୁଭାଷାରେ ପୋକଲୁ ବୋଲନ୍ତି । ଗୁଆଗଛର ଫୁଲ, ଫଳ, ମୂଳ, ମଧ୍ୟସ୍ଥିତ ମଞ୍ଜପତ୍ର, ଅଠା ଓ ବାହୁଙ୍ଗା ଔଷଧାର୍ଥରେ ବ୍ୟବହୃତ ହୁଏ । **ଗୁଆଗଛମଞ୍ଜପତ୍ର**—ଏହା ମଧୁର, ତିକ୍ତ, କଷାୟ, ବଳକାରକ, ଶୁକ୍ରବର୍ଦ୍ଧକ, ମଳଭେଦକ ମୂତ୍ରରୋଗ ନାଶକ ଓ ମତ୍ତତା ଜନକ । ଗୁଆଗଛର ଫୁଲ ମଧୁର, କଷାୟ ଓ ଗୁରୁପାକ । **ଗୁଆଗଛଅଠା**—ଅମ୍ଳ, କ୍ଷାର, ଗୁରୁପାକ, ଉଷ୍ଣବୀର୍ଯ୍ୟ, ମତ୍ତତାଜନକ, ବାୟୁନାଶକ ଓ ପିତ୍ତବର୍ଦ୍ଧକ । **ଗୁଆ**—ଆମଦେଶରେ ତାମ୍ବୁଳ ସହିତ ଦୁଇପ୍ରକାର ଗୁଆ ବ୍ୟବହୃତ ହୁଏ । ଯଥା—ଦେଶିଗୁଆ ଓ ଦକ୍ଷିଣିଗୁଆକୁ ଆରଙ୍ଗି ଗୁଆ ବୋଲନ୍ତି । ଏହି ଉଭୟପ୍ରକାର ଗୁଆ—କଷାୟ, ମଧୁର, ଶୀତଳ । **କଞ୍ଚାଗୁଆ**—ଅତ୍ୟନ୍ତ କଷାୟ, କଣ୍ଠଶୋଧକ, ବିରେଚକ, ରୁକ୍ଷ ଓ ମୋହକାରକ । ଏହା ରକ୍ତ, ପିତ୍ତ, କଫ, ଆମ ଓ ଆଧ୍ମାନ ନାଶକ । ଏହା ଖାଇଲେ ମତ୍ତତା ଜାତହୁଏ ଏବଂ ମୁଖରୁଚିକର ହୁଏ । **ଶୁଖିଲାଗୁଆ**—ଏହା ମୃଦୁବିରେଚକ, କଣ୍ଠରୋଗ ନାଶକ ଏବଂ କାସ, ଶ୍ୱାସ, ଜ୍ୱର, ଆମରକ୍ତାତିସାର, ଅତିସାର, କ୍ରିମି ଓ ମୁଖଦୌର୍ଗନ୍ଧ୍ୟ ନିବାରକ । ୧—ଗୁଆକୁ ଶରାସମ୍ପୁଟ ମଧ୍ୟରେ ରଖି ପୁଟଦଗ୍ଧ କରିବ । ଏହି ଭସ୍ମରେ ଲୁଣମିଶାଇ ତାକୁ ଦାନ୍ତରେ ଘଷିଲେ ଦାନ୍ତ ପରିଷ୍କାର ହୁଏ ଏବଂ ସକଳପ୍ରକାର ଦନ୍ତରୋଗ ଭଲହୁଏ । ୨—କଞ୍ଚାଗୁଆକୁ ଜଳସହିତ ପଥରରେ ଘୋରିବ । ଏହା ଲିଙ୍ଗରେ ଲଗାଇଲେ ଉପଦଂଶ ବା ଆମ୍ବିପିତ୍ତି ଘା' ଭଲହୁଏ । ଦକ୍ଷିଣୀ ଆରଙ୍ଗୀଗୁଆକୁ ଚୂର୍ଣ୍ଣ କରି ଉପଯୁକ୍ତ ମାତ୍ରାରେ ଚିନି ଓ ଦୁଧ ସହିତ ଖାଇଲେ ରକ୍ତକ୍ଷେ ବଢ଼େ । ୩—ଗୁଆକୁ ଗୁଣ୍ଡକରି ଘିଅସହିତ ଖାଇଲେ ପୁରାତନ ଅତିସାର ନିବାରିତ ହୁଏ । ୪—ଗୁଆକୁ ଭସ୍ମରୂପେ ଚୂର୍ଣ୍ଣକରି କନାପୋଟଳୀରେ ବାନ୍ଧି ଯୋନିରେ ଧାରଣକଲେ ଯୋନିରୁ ଅଧିକ ପାଣିଝରିବା ବନ୍ଦହୁଏ । ବୈଦ୍ୟଶାସ୍ତ୍ରରେ ଗୁଆର ପ୍ରୟୋଗ । ଯଥା— ରକ୍ତପିତ୍ତରୋଗରେ—୫—କଞ୍ଚାଗୁଆ ଓ ରକ୍ତଚନ୍ଦନକୁ ଚାଉଳ-ଧୁଆ ପାଣି ସହିତ ବାଟି ତହିଁରେ ଚିନି ମିଶାଇ ସେବନ କଲେ

ରକ୍ତପିତ୍ତ ଶାନ୍ତ ହୁଏ । (ଚରକ) । ବସ୍ତିରଅନୁବାସନାର୍ଥେ ୬—ଯେଉଁ ରୋଗିଠାରେ ବସ୍ତି (ପିଚକାରୀ ପ୍ରୟୋଗ) କରଯାଏ, ତାଙ୍କୁ ୨୦ ଗ୍ରାମ ପରିମାଣରେ ଗୁଆରକଳ୍କ କାଞ୍ଜିସହିତ ସେବନ କରାଇଲେ ଦିଆଯାଇଥିବା ପିଚ୍‌କାରୀ ସହିତ ଅଧଃ ପ୍ରବୃତ୍ତ ହୁଏ । (ଚରକ) । ବାତକଣ୍ଟକରୋଗ—୭-ଶଲ୍ଲକୀ ଗଛର ଗୁଳ (ହିମାଳୟ ଜାତ ଏକପ୍ରକାର ଶାଳୁଆଗଛ । ଏହିଗଛର ଅଠାକୁ କୁନ୍ଦୁରୁ ଖୋଟିନାମରେ ବଜାରରେ ବିକାହୁଏ) ଓ ଗୁଆର ଉପରେ ଥିବା ଚୋପ୍‌ର କ୍ୱାଥ ପ୍ରସ୍ତୁତ କରି ତହିଁରେ ରାଶିତେଲ ମିଶାଇ ପାନକଲେ ବାତରୋଗୀ ୨୦ ଦିନରେ ଆରୋଗ୍ୟ ଲାଭକରେ (ହାରୀତ) । ଉପଦଂଶରୋଗେ—୮-କଞ୍ଚାଗୁଆକୁ ଘୋରି ତା'ର ପ୍ରଲେପ ଦେଲେ ଉପଦଂଶ ରୋଗ ନିବାରିତ ହୁଏ । ( ଚରକ ) । ମଧୁମେହରୋଗେ—୯-ଗୁଆଗଛର ଚେରକୁ ଜଳରେ ବାଟି ସେବନକଲେ ମଧୁମେହର ପ୍ରଥମା-ବସ୍ଥାରେ ବିଶେଷ ଉପକାର ହୁଏ । (ଚକ୍ରଦତ୍ତ) । ଗୁଆଜନିତ ଭ୍ରମମୂର୍ଚ୍ଛା—୧୦-ଅଧିକ ଗୁଆ ଖାଇବା ଦ୍ୱାରା ମତ୍ତତା ଜାତ-ହେଲେ ତା'ର ପ୍ରତୀକାରାର୍ଥେ ୧—ଚିନି ଓ ମହୁ । ୨—ତେନ୍ତୁଳୀମଣ୍ଡ ରୋଗୀକୁ ସେବନ କରାଇବ । କାଗଜ ମଳ ଶୁଙ୍ଘାଇଲେ ମଧ୍ୟ ଗୁଆ ଭକ୍ଷଣରୁ ଜାତହେବା ମତ୍ତତା ନିବାରିତ ହୋଇଥାଏ । ଭଗ୍ନ ବା ବିଶ୍ଳିଷ୍ଟ ଅସ୍ଥିକୁ ସ୍ୱସ୍ଥାନରେ ରଖି ତାର ଉପରେ ଗୁଆ ଗଛର ମୂଳରେ ଥିବା ବାହୁଙ୍ଗା ବା ଖୋଲକୁ ବନ୍ଧନ କରାଯାଏ । ମାତ୍ରା—ଗୁଆଫଳର ଚୂର୍ଣ୍ଣ ୧୦-୨୦ ଗ୍ରାମ ।

ମୃତସଞ୍ଜୀବନୀସୁରା—ଗୁଆ ୭୫୦ ଗ୍ରାମ, ବାବୁଲ ଛାଲି ୭୫୦ ଗ୍ରାମ, ବରକୋଳି ଛାଲି ୭୫୦ ଗ୍ରାମ, ଗୁଡ଼ ୫ କେଜି, ଲୋଧ ୧୬୦ ଗ୍ରାମ, ଅଦା ୮୦ ଗ୍ରାମ, ଏହି ସମସ୍ତ ଦ୍ରବ୍ୟକୁ କୁଟି ଅଲଗା ଅଲଗା ରଖିବ । ୫୨ କେଜି ଜଳ ଗୋଟିଏ ହାଣ୍ଡିରେ ରଖି ପ୍ରଥମ ଦିନ ଗୁଡ଼ ଗୋଳି ଅଦାବଟା ମିଶାଇବ । ଦ୍ୱିତୀୟ ଦିବସରେ ବାବୁଲଛାଲି, ତୃତୀୟ ଦିନ ବରକୋଳିଛାଲି, ଗୁଆ ଏବଂ ଲୋଧକୁ ବାଟି ମିଶାଇ ପାତ୍ରର ମୁଖ ସନ୍ଧାନ କରି ଷୋଳଦିନ ପର୍ଯ୍ୟନ୍ତ ରଖିବ ପରେ ବାହାର କରି ଗୁଆ, ଭଳିଆ, ଦେବଦାରୁ, ଲବଙ୍ଗ, ପଦ୍ମକାଷ୍ଠ, ଉଶୀରବେଣା, ଶ୍ୱେତଚନ୍ଦନ, ପାନମହୁରୀ, ଜୁଆଣୀ, ଗୋଲମରିଚ, ଜିରା, ଶ୍ୟାହଜିରା (ସାଜିରା) ଗନ୍ଧଶୁଣ୍ଠୀ, ଜଟାମାଂସୀ, ଗୁଡ଼ତ୍ୱକ, ଅଳେଇଚ, ଜାଇଫଳ, ମୁଥା, ଗଣ୍ଠିଅଳା, ଶୁଣ୍ଠୀ, ମେଥୀ, କଙ୍କଡ଼ାଶୃଙ୍ଗୀ, ରକ୍ତଚନ୍ଦନ, ପ୍ରତ୍ୟେକଙ୍କୁ ତୋଳାଏ ଗ୍ରାମକୁ କଳାରେ ବାନ୍ଧି ବାରୁଣି ଯନ୍ତ୍ରର ମୁଖରେ ବାନ୍ଧି ଅର୍କ ବାହାର କରିବ । ମାତ୍ରା—ଅଧ—୨ ଆଉନସ ଅଥବା ବଳାବଳ ବିବେଚନା କରି ମାତ୍ରା ଦେବ । ଏହା ଆରୋଗ୍ୟ ବର୍ଦ୍ଧକ, ବଳବର୍ଦ୍ଧକ, ଦେହ ଦୃଢ଼କାରକ, ସ୍ମୃତିଶକ୍ତି, ଅଗ୍ନି ଏବଂ ସାମର୍ଥ୍ୟବର୍ଦ୍ଧକ, ବାତନାଶକ, କାମୋଦ୍ଦୀପକ, ପ୍ରସନ୍ନ ଏବଂ ଆନନ୍ଦ ଦାୟକ, କ୍ଷୟନାଶକ, ଏହା ଅବକାଶ ବୈଦ୍ୟଙ୍କର ଅନୁମତି ନେଇ ନିର୍ମାଣ କରିବ । (ଭୈ,ର)

**୨୯୦—ଗୁଆଁଳି**—ଏହାକୁ କେହିକେହି ଗୋବର୍ଦ୍ଧନ-ଫେଟା ବୋଲନ୍ତି । ଏହାର ସଂସ୍କୃତ ନାମ—ଗୋରଣୀ । ଏହାକୁ ହିନ୍ଦୀରେ ଗଁବାର ଏବଂ ତେଲୁଗୁଭାଷାରେ ଗୋରଚକ୍କୁ ବୋଲ-ଯାଏ । ଗୁଆରଫଳ ଶୀତ, ସ୍ୱାଦୁ, ରୁଚିକର, ବଳକାରକ, ବ୍ରଣ ଓ ଅତିସାର ନାଶକ, ଏହା ବାତବର୍ଦ୍ଧକ ଏବଂ ଅଧ୍ମାନ ଓ ମଳରୋଧ ଜନକ । ଗୁଆଁରଫଳକୁ ବାଟି ରାଶିତେଲରେ ଭାଜି ଗରମଥାଉ ୨ ଦିନ ଫୁଲାନରେ ତାକୁ ପଟି, ବାନ୍ଧିଲେ ବ୍ରଣ ଓ ଫୁଲା ରୁହିଯାଏ । ଗୁଆଁର ପତ୍ରର ରସ ଆଖିରେ ଦେଲେ ରତ୍ତକଣା ରୋଗ ଭଲହୁଏ । ରତ୍ତକଣା ରୋଗରେ ଗୁଆଁରର ଫଳ ପଥ୍ୟରୂପେ ବ୍ୟବହାର କଲେ ଉତ୍ତମ ଉପକାର ହୁଏ ।

**୨୯୧—ଗୁଗୁଳ—Balsamoden dron Mukul.**

ଏହାର ସଂସ୍କୃତ ନାମ—ଗୁଗ୍‌ଗୁଲ, କାଳନିର୍ଯ୍ୟାସ, ମହିଷାକ୍ଷ ଓ ଯବନଦ୍ୱିଷ୍ଟ, ଏହାକୁ ବଙ୍ଗଳାରେ ଗୁଗ୍‌ଗୁଲ ହିନ୍ଦୀରେ ଗୁଗୁଲ, ଏବଂ ତେଲୁଗୁଭାଷାରେ ଗୁଗୁଲମୁ ବୋଲନ୍ତି । ଗୁଗୁଳ ଏକପ୍ରକାର ବୃକ୍ଷର ଅଠା । ବୈଦ୍ୟଶାସ୍ତ୍ରରେ ପାଞ୍ଚପ୍ରକାର ଗୁଗୁଲର ନାମ ଉଲ୍ଲେଖ ଦେଖାଯାଏ । ଯଥା—୧—ମହିଷାକ୍ଷ, ୨—ମହାନୀଳ, ୩—କୁମୁଦ, ୪—ପଦ୍ମ, ହିରଣ୍ୟ । ଏଥିମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ପ୍ରକାର ଗୁଗ୍‌ଗୁଲ ହାତୀମାନଙ୍କର ରୋଗରେ ତୃତୀୟ ଏବଂ ଚତୁର୍ଥ ପ୍ରକାର ଗୁଗ୍‌ଗୁଲ ଘୋଡ଼ାମାନଙ୍କର ରୋଗରେ ଏବଂ ପଞ୍ଚମପ୍ରକାର ଗୁଗ୍‌ଗୁଲ ମନୁଷ୍ୟମାନଙ୍କର ରୋଗରେ ପ୍ରଶସ୍ତ । ବଜାରରେ ସାଧାରଣତଃ ଔଷଧର ଉପଯୋଗୀ ଗୁଗ୍‌ଗୁଲ ମିଳେ ନାହିଁ । ଯାହାମିଳେ, ତାହା ଆବର୍ଜନାପୂର୍ଣ୍ଣ । ତେଣୁ ଗୁଗୁଲକୁ ଶାସ୍ତ୍ରୋକ୍ତ ନିୟମରେ ପରୀକ୍ଷାକରି ଔଷଧାର୍ଥରେ ଗ୍ରହଣ କରିବ । ଗୁଗ୍ଗୁଲପରୀକ୍ଷା—ନିଆଁରେ ପକାଇଲେ ଯେଉଁ ଗୁଗ୍‌ଗୁଲ ଜଳିଉଠେ, ଖରାରେ ରଖିଲେ ତରଳିଯାଏ ଏବଂ ପାଣିରେ ପକାଇଲେ ତହିଁରେ ମିଶିଯାଇ ଯାହା ଦୁଗ୍ଧପରି ଶୁକ୍ଳବର୍ଣ୍ଣ ଦିଶେ ସେହି ଗୁଗ୍‌ଗୁଲ ଶ୍ରେଷ୍ଠ ବୋଲି ବୁଝିବ । ଗୁଗ୍‌ଗୁଲରେ ଶୋଧନବିଧି—ଗୁଗ୍‌ଗୁଲ ଦୁଇଗୁଣ ପରିମାଣରେ ଘିଅ କିମ୍ବା ଜଡ଼ାତେଲରେ ତାକୁ ଭାଜିଲେ ତା'ର ସମସ୍ତ ମଇଳା ଛାଡ଼ିଯାଇ ଗୁଗ୍‌ଗୁଲ ବିଶୁଦ୍ଧହୁଏ । ଔଷଧାର୍ଥରେ ବିଶୋଧିତ ନୂତନ ଗୁଗ୍‌ଗୁଲ ଗ୍ରହଣ କରିବାକୁ ହେବ । ପୁରୁଣା ଗୁଗ୍‌ଗୁଲ ପୁଷ୍ଟି ଓ ବାତବର୍ଦ୍ଧକ ହେତୁରେ ହିତକର ନୁହେଁ । ଗୁଗ୍‌ଗୁଲ, କଟୁ, କଷାୟ, ତିକ୍ତ, ମଧୁର, ଉଷ୍ଣ, ତୀକ୍ଷ୍ଣ, ଲଘୁ ଏବଂ ପିଚ୍ଛିଳ । ୧—ଏହା ସେବନକଲେ କଫ, ବାତ,

ଶିଥ, ଅଗ୍ନିମାନ୍ଦ୍ୟ, ମଳରୋଧ, ବସ୍ତିରୋଗ, ଅପଚୀ, କୁଷ୍ଠ, ଅର୍ବୁଦ, ପିଡ଼କା, ଗଣ୍ଡମାଳା, ଗ୍ରନ୍ଥି, ପ୍ରମେହ, ମେଦୋରୋଗ, ବ୍ରଣ ଶୋଥ, ବାତବିକାର, କାସ, କ୍ରିମି, ଉଦର, ପ୍ଲୀହା, ଅର୍ଶ, ଉନ୍ମାଦ, ରକ୍ତରୋଧ, ବୀଜଦୋଷ, କୁଷ୍ଟଭଙ୍ଗ, ଗୃଧ୍ରସୀବାତ, ସନ୍ଧିବାତ ଓ ସର୍ବାଙ୍ଗ ବାତବିକାର ନିବାରିତ ହୁଏ, ଗାଈଦୁଧ ସହିତ ଗୁଗ୍‌ଗୁଲ ସେବନ କଲେ, ମେଧା ରତିଶକ୍ତି ଓ ସ୍ତ୍ରୀମାନଙ୍କର କ୍ଷୀର ବୃଦ୍ଧି ହୁଏ । ଗୁଗ୍‌ଗୁଲ ଏକ ରସାୟନ । ପ୍ରାତଃକାଳରେ ଶୌଚ କ୍ରିୟା ପରେ ମୁହଁ ପ୍ରକ୍ଷାଳନ କରିବା ପୂର୍ବରୁ ତୁଣ୍ଡରୁ ଛେପ ବାହାର କରି ସେଥି ସହିତ ଗୁଗ୍‌ଗୁଲ ବାଟିବ । ନୂତନ ବ୍ରଣ ଉପରେ ଏହା ଲେପନ କଲେ ବ୍ରଣ ବସିଯାଏ । ୩-ଗଳଗଣ୍ଡ, କୋଷବୃଦ୍ଧି ଏବଂ ଆଘାତ ଜନିତଶୋଥ ରୋଗରେ ମଧ୍ୟ ଏହି ପ୍ରଲେପ ଉପକାର କରେ । ୪—ଗୁଗ୍‌ଗୁଲର ଧୂଆଁ ଗୁହ୍ୟଦ୍ୱାରରେ ଦେଲେ ଅର୍ଶ ବଳିମାଂସାଙ୍କୁର ଶୁଖିଯାଇ ଉପକାର ହୁଏ । ଗୁଗ୍‌ଗୁଲର ଧୂପ ଦେବାରୁ ଦୁର୍ଗନ୍ଧ ବାୟୁକୁ ବିଶୁଦ୍ଧ କରେ । ୫—ଭଗନ୍ଦରରେ ଗୁଗ୍‌ଗୁଲର ମଲମ ଉତ୍ତମ ଫଳ ପ୍ରଦାନ କରେ । ଖାଦ୍ୟ ସହିତ ମାଟିକଣା ପ୍ରଭୃତି ମିଶି ପେଟକୁଗଲେ ପେଟର ଅନ୍ତ୍ର ଛିଡ଼ିଯାଇ ମଳଦ୍ୱାର ବାଟେ ରକ୍ତମିଶ୍ରିତ ଜଳପରି ଏକପ୍ରକାର ସ୍ରାବହୁଏ ଏବଂ ପେଟରେ ଛୁଞ୍ଚିମାରିଲା ପରି ବେଦନା ହୁଏ । ଏହିପରି ଅବସ୍ଥାରେ ୫ ଗ୍ରାମ ଠାରୁ ୨୦ ଗ୍ରାମ ମାତ୍ରାରେ ଗରମ ଜଳ ସହିତ ଗୁଗ୍‌ଗୁଲ ସେବନ କଲେ ବିଶେଷ ଉପକାର ହୁଏ । ୭-ଆମବାତ ରୋଗୀର ଅନିଦ୍ରା, ଆଳସ୍ୟ, ସନ୍ଧିସ୍ଥାନରେ ଫୁଲା ଓ ବେଦନା ଏବଂ କୋଷ୍ଠବଦ୍ଧ ଏହିସବୁ ଲକ୍ଷଣ ଦେଖାଗଲେ ଘିଅ ଓ ଗରମଜଳ ସହିତ ୫ ଗ୍ରାମ ପରିମାଣରେ ଗୁଗ୍‌ଗୁଲ ତାକୁ ନିତିଦିନ ସେବନ କରାଇବ । ୮-ହସ୍ତ ଗଛର ଉପରେ ଥିବା ସଫେଦ ଛାଲର ଚୂର୍ଣ୍ଣ, ଗୁଗ୍‌ଗୁଲ ଏବଂ ଘିଅ ଏକାଠେ ବାଟି ମଲମ ପ୍ରସ୍ତୁତ କରିବ । ଏହି ମଲମ ଲଗାଇଲେ ପୋଡ଼ାଘା' ଅତିଶୀଘ୍ର ଭଲହୁଏ । ବୈଦ୍ୟଶାସ୍ତ୍ରରେ ଗୁଗ୍‌ଗୁଲର ପ୍ରୟୋଗ ଯଥା—**ଉଦରରୋଗରେ** ୯—ଉଦର ରୋଗୀ କେବଳ ଦୁଗ୍‌ଧପାନକରି ଏକମାସ କାଳ ଗୋମୂତ୍ର ସହିତ ଗୁଗ୍‌ଗୁଲ ସେବନ କରିବ । (ଚରକ) । **ଉରୁସ୍ତମ୍ଭରୋଗରେ**—୧୦—ଗୋମୂତ୍ର ସହିତ ଗୁଗ୍‌ଗୁଲ ସେବନ କଲେ ଉରୁସ୍ତମ୍ଭରୋଗ ବିନଷ୍ଟ ହୁଏ । (ସୁଶ୍ରୁତ) । **ଶୋଥରୋଗରେ**—୧୧-ଶୋଥରୋଗୀ ଗୋମୂତ୍ର ସହିତ ଗୁଗ୍‌ଗୁଲ ସେବନ କରିବ । (ସୁଶ୍ରୁତ) । **କର୍ଣ୍ଣନାଡ଼ୀରୋଗରେ**—୧୨ ପୂତିକର୍ଣ୍ଣ (କାନପଚା) ରୋଗରେ ଗୁଗ୍‌ଗୁଲର ଧୂପ ଉପକାର କରେ । (ସୁଶ୍ରୁତ) । **ଶ୍ୱାସରୋଗରେ**—୧୩—ଗାଈ ଘିଅ ସହିତ ଗୁଗ୍‌ଗୁଲ ସେବନକଲେ ଶ୍ୱାସରୋଗ ନିବାରିତ ହୁଏ । (ବାଗ୍‌ଭଟ୍ଟ) । **ଗୃଧ୍ରସୀରୋଗରେ**—୧୪-ଗୁଗ୍‌ଗୁଲ ୧୦୦ ଗ୍ରାମ ଏବଂ ରାସ୍ନାର ମୂଳ ଚୂର୍ଣ୍ଣ ୮୦ ଗ୍ରାମ । ଏକତ୍ର ଗାଈଘିଅ ସହିତ ମର୍ଦ୍ଦନକରି ବଟିକା ପ୍ରସ୍ତୁତ କରିବ, ଏହି ବଟିକା ଉଷ୍ଣଜଳ ସହିତ ପ୍ରାତଃକାଳରେ ସେବନକଲେ ଗୃଧ୍ରସୀ ବାତବ୍ୟାଧି ବିନଷ୍ଟହୁଏ । (ଚକ୍ରଦତ୍ତ) **କ୍ରୋଷ୍ଟୁକଶୀର୍ଷ ବାତରୋଗରେ**—୧୫-ଯା'ର ମେଣ୍ଢାମୁଣ୍ଡିଆ ବାତ ହୋଇଥାଏ, ତାକୁ ଗୁଳୁଚୀ ଓ ତ୍ରିଫଳା କ୍ୱାଥସହିତ ଶୁଦ୍ଧ ଗୁଗ୍‌ଗୁଲ ସେବନ କରାଇବ । (ଚକ୍ରଦତ୍ତ) । **ବୃଦ୍ଧିରୋଗରେ**—୧୬—ଗୋମୂତ୍ର ସହିତ ଗୁଗ୍‌ଗୁଲ ସେବନ କଲେ କଫଜ ବୃଦ୍ଧି (ମାଦୁ) ଶାନ୍ତହୁଏ । ଗୁଗ୍‌ଗୁଲର ମାତ୍ରା ୩—୬ ଗ୍ରାମ । **ଗୁଗ୍‌ଗୁଲ୍ୱାସବ**—ଗୁଗ୍‌ଗୁଲ, ଗୁଡ଼ତ୍ୱକ, ଅଳାଇଚ, ପିପ୍‌ଳାମୂଳ, ଗୁଳଞ୍ଚକାଠ, ଚତାପାରୁ, ପୁଆଣୀ, ଶୁଣ୍ଠୀ, ମରିଚ, ପିପ୍‌ପଳୀ, ତାଲୀଶପତ୍ର, ମୋଥା, ନାଗକେଶର, କାଙ୍କଡ଼, ପ୍ରତ୍ୟେକ ୧୬୦ ଗ୍ରାମ, ହରିଡ଼ା ୫ କେଜି, ବାହାଡ଼ା ୫ କେଜି, ଅଁଳା ୬୫୦ ଗ୍ରାମ, ଏହି ସମସ୍ତ ଦ୍ରବ୍ୟକୁ କୁଟି ୫୨ କେଜି ଜଳରେ ସିଝାଇ, ତେର କେଜି ଶେଷ ରଖି ଓହ୍ଲାଇ ଗୁଣି ହାଣ୍ଡିରେ ଭରିକି କରି ସେଥିରେ ଧାତୁକିଫୁଲ ୬୫୦ ଗ୍ରାମ, ଗୁଡ଼ ଦଶ କେଜି, ଦାକ୍ଷା ଅଧକେଜି, ତ୍ରିକଟୁଚୂର୍ଣ୍ଣ ଅଧକେଜି ମିଶାଇ ପାତ୍ରର ମୁଖ ସନ୍ଧାନ କରି ଏକ ମାସ ରଖି ଖୋଲି ଦେଖିବ ସେଥିରେ ଆସବ କ୍ରିୟା ଠିକ୍ ହୋଇ ବର୍ଣ୍ଣ ପରିବର୍ତ୍ତନ ହୋଇଛି କି ନାହିଁ । ତା'ପରେ ଛମାସ ମୁଖ ବନ୍ଦ କରି ରଖିବ, ପରେ ଛାଣି ବ୍ୟବହାର କରିବ । ମାତ୍ରା—ରୋଗୀର ବଳାବଳ ବିବେଚନା କରି ଅଧ ଠାରୁ ୨ ଆଉନ୍‌ସ । ଅନୁପାନ ଜଳ । ଗୁଣ:—ଉଦରରୋଗ, ଉରୁସ୍ତମ୍ଭ, କାମଳା, ଶ୍ୱାସ, କାସ, ଶୋଥ, ଭଗନ୍ଦର, କୁଷ୍ଠ ଏବଂ ପ୍ରମେହ ନାଶକ । ଏହା ଅଗ୍ନିଦୀପକ । (ଗଦ ନିଗ୍ରହ)

**୨୧୨-ଗୁଜୁରାଟ—ଅଳାଇଚ ଦେଖ ।**

**୨୧୩-ଗୁଟିକାଗଛ**— ଗୁଟିକାଗଛର ମୂଳ କନ୍ଦାକୁ ବାଟି ଲେପନ କଲେ ବ୍ରଣଶୋଥ ଓ କଳା ବା ବାଗି ବସିଯାଏ । ଏହି କନ୍ଦାକୁ ଘିଅରେ ଭାଜି ସେବନ ଓ ମଳ ଦ୍ୱାରରେ ଲେପନ କଲେ ମଳକଣ୍ଟକ ଭଲହୁଏ ।

**୨୧୪-ଗୁଡ଼**—Jaggery. ଏହାର ସଂସ୍କୃତ ପର୍ଯ୍ୟାୟ—ଇକ୍ଷୁସାର, ରସପାକଜ, ମଧୁର ଓ ମୋଦକ । ଗୁଡ଼—ମଧୁର-ରସ, ଗୁରୁ, ସ୍ନିଗ୍ଧ, ବଳକାରକ, କ୍ରିମିଜନକ, କଫବର୍ଦ୍ଧକ, ବାତନାଶକ ଓ ମୂତ୍ରଶୋଧକ । ୧-ଅଦା ସହିତ ଗୁଡ଼ ଭକ୍ଷଣ କଲେ ସମସ୍ତ କଫରୋଗ, ହରିଡ଼ାଚୂର୍ଣ୍ଣ ସହିତ ପିତ୍ତରୋଗ ଏବଂ ଶୁଣ୍ଠୀଚୂର୍ଣ୍ଣ ସହିତ ଗୁଡ଼ ଭକ୍ଷଣ କଲେ ସମସ୍ତ

ବାତରୋଗ ବିନଷ୍ଟ ହୁଏ । ଅଳ୍ପମଳ ଗୁଡ଼ ଭକ୍ଷଣ କଲେ ମେଦ, ମାଂସ, କୃମି ଓ ଶ୍ଳେଷ୍ମାର ବୃଦ୍ଧି ହୁଏ । ନୂଆଗୁଡ଼ ଏହା କଫକାରକ ଏବଂ କାସ ଶ୍ୱାସ ଓ କୃମି ବର୍ଦ୍ଧକ । ପୁରୁଣାଗୁଡ଼ —ଏହା ପୁଷ୍ଟିକର, ଅଗ୍ନିବର୍ଦ୍ଧକ, ଲଘୁ, ସାର୍ଥବର୍ଦ୍ଧକ, ବାତନାଶକ ଏବଂ ରକ୍ତଶୋଧକ । ଏହା ଗୁଳ୍ମ, ଅର୍ଶ, ପ୍ଳୀହା, ଯକୃତ୍, କାମଲା, ପାଣ୍ଡୁ, ଅରୁଚି ଓ ବାତ-ରୋଗରେ ପଥ୍ୟ । ଗୁଡ଼ରେ ମଦ ତିଆରି କରାଯାଏ । ମଦର ଗୁଣ ଯଥାସ୍ଥାନରେ ଦେଖ । ଗୁଡ଼ ଚିକିତ୍ସା—ମଞ୍ଜିଷ୍ଠା, ହରିଦ୍ରା, ଦ୍ରାକ୍ଷା, ବଳା, ଶୁଣ୍ଠକରଞ୍ଜଚୂର୍ଣ୍ଣ, ଲୋଧ, ପ୍ରତ୍ୟେକର ଚୂର୍ଣ୍ଣ ୧୬୦ ଗ୍ରାମ, ଜଳ ୧୬ କେଜି ଦେଇ ସିଝାଇବ । ଚାରିକେଜି ଜଳ ଶେଷ ରହିଲେ ଓହ୍ଲାଇବ । ସେଥିରେ ଗୁଡ଼ ପାଞ୍ଚ କେଜି ମିଶାଇ ଗୋଳି ପାତ୍ର ମୁଖ ସନ୍ଧାନ କରି ଏକ ମାସ ରଖିବ, ପରେ ଛାଣି ବ୍ୟବହାର କରିବ । ମାତ୍ରା ଅଧ—୨ ଆଉନ୍ସ । ଅନୁପାନ ଜଳ । ଏହା ପାଣ୍ଡୁ, ଯକୃତ ବିକାର ଏବଂ ରକ୍ତାଳ୍ପତା ନାଶକ । (ଚରକ)

**୨୯୫-ଗୁଡ଼ତ୍ୱକ—Cinnamon Zeylanicum.**

ଏହାର ସଂସ୍କୃତ ପର୍ଯ୍ୟାୟ—ତ୍ୱକ୍‌ପତ୍ର, ଉତ୍କଟ ଓ ବରାଙ୍ଗକ । ଏହାକୁ ବଙ୍ଗଳାରେ ଦାରୁଚିନି, ହିନ୍ଦୀରେ ଦାଲଚିନି, ତେଲୁଗୁ ଭାଷାରେ ଦାଲଚିନଚେକ୍‌କା ବୋଲନ୍ତି । ଏହା ଏକପ୍ରକାର ଗଛର ଛାଲି । ଏହାର ଚୂର୍ଣ୍ଣ ବା କ୍ୱାଥ କଟୁ, ମଧୁର, ତିକ୍ତ, ଉଷ୍ଣ, ରୁକ୍ଷ ଓ ଲଘୁ । ଏହା ସେବନ କଲେ ଅରୁଚି, କଣ୍ଡୁ, କଫ, ବାତ, ବସ୍ତିଦୋଷ, ବୁଦ୍ଧିମାନ୍ଦ୍ୟ, କଣ୍ଠରୋଗ ଓ ମୁଖ-ରୋଗ ନିବାରିତ ହୁଏ । ଏହା ବସ୍ତିଶୋଧକ, ଚିତ୍ତବର୍ଦ୍ଧକ, ସାର୍ଥନାଶକ ଏବଂ କୃମି, ଅର୍ଶ, ପୀନସ, ଆମବାତ, ଗୁଳ୍ମ ଓ ଶୂଳରୋଗରେ ହିତକାର । ବାନ୍ତି, ଋତୁଦୋଷ, ଆଧ୍ମାନ, ଗ୍ରହଣୀ ଓ ଜିହ୍ୱାସ୍ତମ୍ଭ ରୋଗରେ ଏହା ପ୍ରୟୋଗ କରାଯାଏ । ଗୁଡ଼ତ୍ୱକ୍‌ତୈଳ—ଏହାକୁ ଡାଲଚିନିତେଲ ବୋଲନ୍ତି । ଏହା ମଧୁର, କଟୁ ଓ ଉଷ୍ଣ । ଏହି ତୈଳ ସେବନ କଲେ ଅଗ୍ନିମାନ୍ଦ୍ୟ, ଆଧ୍ମାନ, ବାତ, ଆକ୍ଷେପ, ବାନ୍ତି, ଓକାର, ହିକ୍‌କା, ଦନ୍ତଶୂଳ ଓ ଦନ୍ତମାଂସର ଶୋଥ ବିନଷ୍ଟ ହୁଏ । ଏହା ଧାରକ ଓ ଉତ୍ତେଜକ । ଏହି ତୈଳ ଲଲାଟରେ ଲଗାଇଲେ ମୁଣ୍ଡବ୍ୟଥା ଶାନ୍ତ ହୁଏ । ଏହା ସାଧାରଣତଃ ଦେଶୀପାନ ସହିତ ସେବନ କରାଯାଏ । ମାତ୍ରା—ଚୂର୍ଣ୍ଣ ଅଧ—୩ ଗ୍ରାମ, କ୍ୱାଥ ୧୦—୪୦ ଗ୍ରାମ, ତୈଳ ୧—୨ ଟୋପା । ଉତ୍କଳର୍ଣ ଚିକିତ୍ସା—ଗୁଡ଼ତ୍ୱକ ଚୂର୍ଣ୍ଣ ଏକ ଭାଗ, ରେକ୍ଟିଫାଇଡ଼-ସ୍ପିରିଟ୍ (୯୦ ପ୍ରତିଶତ ମଦ୍ୟ) ୫ ଭାଗ ଏକତ୍ର ମିଶାଇ ବୋତଲରେ ଭରତି କରି ମଜବୁତ୍ ଠିପି ଲଗାଇ ସାତଦିନ ରଖିବ । ପରେ ଭଲ ରୂପେ ନାଡ଼ି ଛାଣି ବ୍ୟବହାର କରିବ । ମାତ୍ରା—ଅଧଗ୍ରାମ ଠାରୁ ଦୁଇଗ୍ରାମ । ଅନୁପାନ—ଜଳ, ଅତିସାର, ଆମାତିସାର, ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ ରୋଗରେ ବିଶେଷ ହିତକର । ଅନ୍ୟ ଔଷଧକୁ ସୁଗନ୍ଧିତ କରିବା ପାଇଁ ବିନିଯୋଗ କରାଯାଇ ପାରେ । (ମଦ୍ୟସାର)

**୨୯୬-ଗୁଞ୍ଜମଞ୍ଜୀ— କାଇଁଚକଣ୍ଡାଆଗଛ ଦେଖ ।**

**୨୯୭-ଗୁଡ଼ମାରଗଛ**—ଏହି ଗଛର ପତ୍ରକୁ ଚୋବାଇ ତା'ର ପରେ ଗୁଡ଼ ଖାଇଲେ ଗୁଡ଼ର ମଧୁରତା କିଛି ଜଣାଯାଏ ନାହିଁ । ଗୁଡ଼ ମାଟିପରି ଜିଭକୁ ଲାଗେ । ଗୁଡ଼ମାରାସବ ଗୁଡ଼ମାରଗଛର ରସ ଏକପାଆ, ଚୂନପାଣି ଏକପାଆ, ଭୀମସେନୀ କର୍ପୂର ଦୁଇଗ୍ରାମ ଏବଂ ଗୁଳୁଚି ଚୂର୍ଣ୍ଣ ୩ ଗ୍ରାମ, ଏସବୁ ଦ୍ରବ୍ୟ ଯୋଗ୍ୟ ସ୍ଥଳରେ ଏକାଠେ ମିଶାଇ ଗୋଟିଏ ପାତ୍ରରେ ଭର୍ତ୍ତି କରି ସାତଦିନ ପର୍ଯ୍ୟନ୍ତ ତାର ମୁଖବନ୍ଦ କରି ରଖିବ । ତା'ର ପରେ ବାହାର କରି ପ୍ରୟୋଗ କରିବ । ଏହାର ନାମ ଗୁଡ଼ମାରାସବ—୧—ଏହା ମଧୁମେହ ରୋଗର ଶ୍ରେଷ୍ଠ ଔଷଧ । ମଧୁମେହ (ଡାୟବେଟିସ) ରୋଗୀ ଯଦି କ୍ଷୀଣ ହୋଇ ନଥାଏ ତେବେ ଏହା ପ୍ରୟୋଗ କଲେ ନିଶ୍ଚୟ ସୁଫଳ ଲଭହୁଏ । ଏହି ଔଷଧ ସେବନ କାଳରେ ରୋଗୀକୁ ଯଥେଷ୍ଟ ଘୃତ ମିଶ୍ରିତ ଅନ୍ନ ପଥ୍ୟଭୋଜନ କରାଇବ ।

**୨୯୮-ଗୁଣ୍ଡିଖପକ୍ଷୀ**—ଏହାର ମାଂସ ସ୍ୱାଦୁ, ରୁଚିକର, ଲଘୁ, କଫ, ବାତନାଶକ, ରକ୍ତଶୋଧକ, ଦେହ ଓ ମସ୍ତିଷ୍କର ହିତକର ଏବଂ କ୍ରୋନିକ୍ ଓ ଅଗ୍ନିମାନ୍ଦ୍ୟ ରୋଗରେ ପଥ୍ୟ । ମାଈ ଗୁଣ୍ଡିଖର ମାଂସ ଅଧିକ ବଳକାରକ । ଗୁଣ୍ଡିଖର ଡିମ୍ବ—ଏହା ଇନ୍ଦ୍ରିୟମାନଙ୍କର ପୋଷକ । ଗୁଣ୍ଡିଖର ମାଂସ ଅଧିକ ପରିମାଣେ ଖାଇଲେ କାହାର କାହାର ମୁଣ୍ଡ ବ୍ୟଥା ହୁଏ । ଏହାର ପ୍ରତିକାରାର୍ଥେ ୧—ତେନ୍ତୁଳିରସ, ୨—ଲେମ୍ବୁରସ, ୩—ଅଦାରସ ପାନ କରିବ ।

**୨୯୯-ଗୁଣ୍ଡ୍ରି**—ଏହା ଏକଜାତୀୟ ମୃଗ । ଏହାର ମାଂସ ସ୍ୱାଦୁ, ରୁଚିକର ଏବଂ ବଳବୀର୍ଯ୍ୟ ବର୍ଦ୍ଧକ । ୧—ଗୁଣ୍ଡ୍ରିର ହାଡ଼କୁ ପଥରରେ ଘୋରି ଲଗାଇଲେ ଅର୍ଶର ମାଂସ ଛିଣ୍ଡି ଛିଡ଼ିଯାଏ । ଗୁଣ୍ଡ୍ରି ହାଡ଼କୁ ଘୋରି କାନରେ ପକାଇଲେ ପୂତିକର୍ଣ୍ଣ (କାନପଚୁରୋଗ) ଭଲହୁଏ ।

**୩୦୦-ଗୁଳୁଚିଗଛ—Tinospora cordifolia.**

ଏହାର ସଂସ୍କୃତ ପର୍ଯ୍ୟାୟ—ବତ୍ସାଦନୀ, ଛିନ୍ନରୁହା, ଅମୃତା ଓ ଗୁଡୁଚୀ । ଏହାକୁ ବଙ୍ଗଭାଷାରେ ଗୁଲଞ୍ଚ, ହିନ୍ଦୀରେ ଗଲୋୟ ଏବଂ ତେଲୁଗୁଭାଷାରେ ତିପ୍ପତୀଗେ ବୋଲନ୍ତି । ଏହାର ପଞ୍ଚ

ଓ ସମସ୍ତ ଲତା ଔଷଧାର୍ଥରେ ବ୍ୟବହୃତ ହୁଏ । **ଗୁଳୁଚୀଗୁଣ**—ଏହାର ରସ କଟୁ, ତିକ୍ତ, କଷାୟ, ଉଷ୍ଣ, ଲଘୁ, ମଧୁର, ବିପାକ ଓ ରସାୟନ । ଏହା ସେବନ କଲେ ଜ୍ୱର, ଅଗ୍ନିମାନ୍ଦ୍ୟ, ଦୌର୍ବଲ୍ୟ, ଦାହ, ତୃଷା, ପ୍ରମେହ, କାମଳା, ପାଣ୍ଡୁ ଓ କୁଷ୍ଠରୋଗ ନିବାରିତ ହୁଏ । ଏହା ମଳରୋଧକ । **ଗୁଳୁଚୀର ସର୍ବାଙ୍ଗ**—କଟୁ, ତିକ୍ତ, କଷାୟ, ମଧୁର, ପାକ, ଉଷ୍ଣବୀର୍ଯ୍ୟ, ଲଘୁ, ରସାୟନ, ମଳରୋଧକ, ଅଗ୍ନିବର୍ଦ୍ଧକ ଓ ବଳକାରକ । ଏହା ବାତ, ପିତ୍ତ, କଫ, ଆମଦୋଷ, ପିପାସା, ଦାହ, ପାଣ୍ଡୁ, ଭ୍ରମ, କାସ, କାମଳା, କୁଷ୍ଠ, ମେଦୋଦୋଷ, ବାତରକ୍ତ, ଜ୍ୱର, କୃମି, ବାନ୍ତି, ପ୍ରମେହ, ଶ୍ୱାସ, ଅର୍ଶ, ମୂତ୍ରକୃଚ୍ଛ୍ର ଓ ହୃଦ୍‌ରୋଗର ଉପଶମକାରକ ଏବଂ ମେଧାବର୍ଦ୍ଧକ । ୧—ଚାଉଳ ଧୁଆ ପାଣି ସହିତ ଗୁଳୁଚୀ ପତ୍ର ବାଟି ଉଣରେ ଲେପନ କଲେ ଉଣର ଦାହ ଶାନ୍ତ ହୁଏ । ୨—ଗୁଳୁଚୀପତ୍ରକୁ ବାଟି ଅଳ୍ପ ଜଡ଼ାତେଲ ସହିତ ତାକୁ ମିଶାଇ ଗରମକରି ଉଣରେ ଲେପନ କଲେ ଉଣ ଶୁଖିଯାଏ । ୩—ଗୁଳୁଚୀପତ୍ରର ରସରେ ତୈଳପାକ କରି ଏହି ତୈଳ ମସ୍ତକରେ ମର୍ଦ୍ଦନ କଲେ ମୁଣ୍ଡବ୍ୟଥା ଶାନ୍ତ ହୁଏ । ୪—ଗୁଳୁଚୀପତ୍ରର ସ୍ୱରସ ଆମବାତ ରୋଗରେ ହିତକର । ୫—ଗୁଳୁଚୀ ମୂଳକୁ ଚୂର୍ଣ୍ଣ କରି ସର୍ପଦଷ୍ଟ ରୋଗୀକୁ ସେବନ କରାଇଲେ ତା'ର ବିଷ ନଷ୍ଟହୋଇଯାଏ । ଶୁଷ୍କ ଅପେକ୍ଷା କଞ୍ଚା ଗୁଳୁଚୀ ଅଧିକ ଫଳପ୍ରଦ । ୬—ଗୁଳୁଚର ସର୍ବାଙ୍ଗ ଗ୍ରହଣୀ ରୋଗରେ ଏବଂ ବାରମ୍ବାର ଜ୍ୱରାଗମନ ଜନିତ ଦୁର୍ବଳତାରେ ସେବନ ଯୋଗ୍ୟ ଅଟେ । ୭—ଏହା ରସାୟନ ହେତୁରେ ଫିରଙ୍ଗରୋଗର ଅବସ୍ଥା ବିଶେଷରେ ଏବଂ ବାତ, କୁଷ୍ଠ, ଚର୍ମରୋଗ ଓ କାମଳାଦିରୋଗରେ ଉପକାର କରେ । ୮—ମୂତ୍ରକୃଚ୍ଛ୍ର ଓ ରକ୍ତବର୍ଣ୍ଣ ମୂତ୍ର ନିର୍ଗମରୋଗରେ ଗୁଳୁଚୀ ଉତ୍ତମ ଫଳଦିଏ । ୯—ପାଷାଣଭେଦ ଓ ମହୁ ସହିତ ଗଣ୍ଡୋଲିଆ ମେହ ରୋଗରେ ଗୁଳୁଚୀର ରସ ସେବନୀୟ । ୧୦—ଏ ଦେଶର ବୈଦ୍ୟମାନେ ଜୀର୍ଣ୍ଣଜ୍ୱର, ଧାତୁକ୍ଷୟଜନିତ ଦୌର୍ବଲ୍ୟ ଏବଂ ମୂତ୍ର ଦୋଷରେ ବ୍ୟାପକ ଭାବରେ ଗୁଳୁଚୀ ପ୍ରୟୋଗ କରିଥାନ୍ତି । ଗୁଳୁଚୀ ଜ୍ୱର ନିବାରକ, ବଳବର୍ଦ୍ଧକ ଓ ମୂତ୍ର-କାରକ, ଏହା ବହୁ ଚିକିତ୍ସକ ଦ୍ୱାରା ପରୀକ୍ଷିତ ହୋଇଅଛି । ୧୧—ଘିଅ ସହିତ ଗୁଳୁଚୀର ରସ ବା କ୍ୱାଥ ସେବନ କଲେ ବାତରୋଗ, ଗୁଡ଼ ସହିତ ମଳରୋଧ, ଚିନି ସହିତ ପିତ୍ତରୋଗ, ମହୁ ସହିତ କଫରୋଗ, ଜଡ଼ାତେଲ ସହିତ ବାତରକ୍ତ ଏବଂ ଶୁଣ୍ଠୀଚୂର୍ଣ୍ଣ ସହିତ ଗୁଳୁଚୀ ସେବନ କଲେ ଆମବାତ ପ୍ରଶମିତ ହୁଏ । **ଗୁଳୁଚୀସତ୍ତ୍ୱ**—ପାକଲ ହୋଇଥିବା ଗୁଳୁଚୀ ଡାଙ୍ଗ ଗୁଳୁଚୀ ... ଉତ୍ତମ ରୂପେ କୁଟିବ । ତା'ପରେ ... ଛଅଘଣ୍ଟା କାଳ ବତୁରାଇବ । ପରେ ଉତ୍ତମ ରୂପେ ଗୁଳୁଚୀ ... ମନ୍ଥା ମନ୍ଥି କରି ଜଳକୁ ନିଗାଡ଼ିଦେବ । ତୃଣଗୁଡ଼ିକର ମଧ୍ୟ ଏହି ପରି ଜଳଦେଇ କିଛି ସମୟ ଚକି ନିଗାଡ଼ିଦେବ । ଜଳ ନିଗାଡ଼ିବା ସମୟରେ ଖୁବ୍ ସାବଧାନରେ ନିଗାଡ଼ିବ । କାରଣକି—ଗୁଳୁଚୀର ସାର ମଧ୍ୟ ଜଳ ସହିତ ମିଶି ତଳେ ପଡ଼ିଯାଇ ପାରେ । ଶେଷରେ ପାତ୍ରର ତଳଭାଗରେ ମଣ୍ଡ ବସିଥିବା ଗୁଳୁଚୀର ସାର ବା ଗୁଳୁଚୀ ପାଳୁଅକୁ ଗ୍ରହଣ କରିବ । ଯଦି ଏହି ସତ୍ତ୍ୱ ମଳିନ ଦିଶେ ଏବଂ କଟୁ ବୋଧହୁଏ, ତେବେ ତହିଁରେ ଆଉ କିଛି ଜଳଢାଳି ରଖିଦେବାକୁ ହେବ । ଧୀରେ ସେହି ଜଳକୁ ନିଗାଡ଼ି ଦେଇ ତଳେ ବସିଯାଇ ଥିବା ପରିଷ୍କାର ଗୁଳୁଚୀ ସତ୍ତ୍ୱକୁ ଗ୍ରହଣ କରିବ । ଏହି ଗୁଳୁଚୀ ସତ୍ତ୍ୱ—ଶୀତବୀର୍ଯ୍ୟ ୧୨-ଏହା ଜୀର୍ଣ୍ଣ ଜ୍ୱର, ଦୁର୍ବଳତା, ଦାହ, ତୃଷା, ପ୍ରମେହ, ମୂତ୍ରବ୍ୟଥା, ଅରୁଚି, ପିତ୍ତବିକାର, ଧାତୁର ଉଷ୍ଣତା ଓ ହାରିଦ୍ରବର୍ଣ୍ଣ ମୂତ୍ର ପ୍ରଭୃତି ଇତ୍ୟାଦି ରୋଗରେ ବିଶେଷ ଉପକାର କରେ । ଏହାର ଅନୁପାନ—ଦୁଧ କିମ୍ବା ମହୁ । ବୈଦ୍ୟଶାସ୍ତ୍ରରେ ଗୁଳୁଚୀର ବ୍ୟବହାର । ଯଥା—**ରସାୟନେ**—୧୩-ରସାୟନ କାମୀ ପୁରୁଷ କନ୍ଦୋଦ୍‌ଭବା ଗୁଳୁଚୀର ରସ ପାନ କରିବ । ● (ଚରକ) । **ବିଷମଜ୍ୱରେ**—୧୪-ଗୁଳୁଚୀର ରସ ବିଷମ ଜ୍ୱରରେ ହିତକର । (ଚରକ) **କାମଳାରୋଗେ** ୧୫—ଗୁଳୁଚୀର ରସ କିମ୍ବା ଶୀତକଷାୟରେ ମହୁ ମିଶାଇ ସେବନ କଲେ କାମଳାରୋଗ ପ୍ରଶମିତ ହୁଏ । (ଚରକ) । **ପିତ୍ତଜବାନ୍ତିରୋଗେ**—୧୬—ପିତ୍ତଜ ବାନ୍ତିରୋଗରେ ଗୁଳୁଚୀର କ୍ୱାଥ ପାନ କରିବ । (ଚରକ) । **ବାତରକ୍ତରୋଗେ**—୧୭—ଗୁଳୁଚୀର ରସ ଓ ଦୁଗ୍‌ଧ ଯୋଗରେ ଯଥାବିଧି ତୈଳ ପାକ କରି ଏହି ତୈଳ ମର୍ଦ୍ଦନ କଲେ ବାତରକ୍ତ ପ୍ରଶମିତ ହୁଏ । (ଚରକ) । **କ୍ଷୀରଶୁଦ୍ଧ୍ୟର୍ଥେ**—୧୮—ଗୁଳୁଚୀ ଓ ଛଡ଼ନାଗୁଳିର କ୍ୱାଥରେ ଶୁଣ୍ଠୀଚୂର୍ଣ୍ଣ ପ୍ରକ୍ଷେପ କରି ପାନକଲେ ପ୍ରସୂତା ସ୍ତ୍ରୀର କ୍ଷୀର ବିଶୁଦ୍ଧ ହୁଏ । (ଚରକ) । **ବାତରକ୍ତେ** ୧୯-ପିତ୍ତ ପ୍ରଧାନ ବାତରକ୍ତ ରୋଗୀକୁ ଗୁଳୁଚୀର କ୍ୱାଥ ପାନ କରାଇବ । (ସୁଶ୍ରୁତ) । **ଅର୍ଶରୋଗେ**—୨୦—ଗୁଳୁଚୀକୁ ବାଟି ଗୋଟିଏ ମାଟି ହାଣ୍ଡି ଭିତରେ ଲେପନ କରି ଶୁଖାଇବ । ଏହି ପାତ୍ରରେ ଦଧିରକ୍ଷି ଦହି ପ୍ରସ୍ତୁତ କରିବ, ଏହି ଦହିରେ ଲହୁଆ କରାଯାଇଥିବା ତକ୍ର ପାନକଲେ ଅର୍ଶ ରୋଗରେ

● ଗୁଳୁଚୀ ଦୁଇପ୍ରକାର ଯଥା—ଲତାଗୁଳୁଚୀ ଓ କନ୍ଦୋଦ୍‌ଭବା ଗୁଳୁଚୀ । ଶେଷୋକ୍ତ ଗୁଳୁଚୀ ଆମଦେଶରେ ଦୁର୍ଲଭ ।

ଉତ୍ତମ ଉପକାର ହୁଏ । ( ସୁଶ୍ରୁତ ) । **ବାତଜ୍ୱରେ**— ୨୧-ଗୁଳୁଚିର କ୍ୱାଥକୁ ଶୀତଳ କରି ପାନକଲେ ବାତଜ୍ୱର ବିନଷ୍ଟ ହୁଏ । (ବାଗ୍‌ଭଟ) । **ବଳବର୍ଦ୍ଧନାର୍ଥେ**—୨୨- ଗୁଳୁଚିକୁ ଉତ୍ତମ ରୂପେ ଚୂର୍ଣ୍ଣକରି କନାରେ ଛାଣିବ । ଏହି ଚୂର୍ଣ୍ଣ ୧୦୦ ଭାଗ ଏବଂ ପୁରୁଣା ଗୁଡ଼ ମହୁ ଓ ଘିଅ ପ୍ରତ୍ୟେକ ଦ୍ରବ୍ୟ ୧୬ ଭାଗ । ଯଥାବିଧି ମୋଦକ ପ୍ରସ୍ତୁତ କରି ଉପଯୁକ୍ତ ପଥ୍ୟପାଳନ ପୂର୍ବକ ଅଗ୍ନିବଳ ଅନୁସାରେ ଏହା ସେବନ କଲେ ଅତ୍ୟନ୍ତ ବଳ ବୃଦ୍ଧି ହୁଏ । (ଭାବପ୍ରକାଶ) । **ଜୀର୍ଣ୍ଣଜ୍ୱରେ** ୨୩-ଗୁଳୁଚୀର କ୍ୱାଥରେ ପିପ୍‌ପଳୀଚୂର୍ଣ୍ଣ ଓ ମହୁ ପ୍ରକ୍ଷେପ କରି ପାନ କଲେ ଜୀର୍ଣ୍ଣଜ୍ୱର ଧ୍ୱଂସ ହୁଏ । (ଭାବପ୍ରକାଶ) । **କାମଳାରୋଗେ**— ୨୪-ତକ୍ରା ସହିତ ଗୁଳୁଚୀପତ୍ର ବାଟି ପାନ କଲେ କାମଳା ରୋଗ ଶାନ୍ତହୁଏ । ( ଭାବପ୍ରକାଶ ) । **ଆମବାତରୋଗେ**— ୨୫-ଗୁଳୁଚୀ ଓ ଶୁଣ୍ଠୀର କ୍ୱାଥ ଆମବାତ ରୋଗରେ ହିତକର । (ଚକ୍ରଦତ୍ତ) । **ଜ୍ୱରରୋଗିଭୋଜନାର୍ଥେ** ୨୬-ଗୁଳୁଚୀପତ୍ର ଶାକରୂପରେ ଭୋଜନ କଲେ ଜ୍ୱରରୋଗରେ ଉପକାର ହୁଏ । (ଚକ୍ରଦତ୍ତ) । **ଶ୍ଳୀପଦରୋଗେ**—୨୭- ରଶିତେଲ କିମ୍ବା ସୋରିଷତେଲ ସହିତ ଗୁଳୁଚୀର ରସ ପାନକଲେ ଶ୍ଳୀପଦରୋଗ ନିବାରିତ ହୁଏ । (ଚକ୍ରଦତ୍ତ) । **କୁଷ୍ଠରୋଗେ**—୨୮-ବଳ ଅନୁସାରେ ଗୁଳୁଚୀର ରସ ପାନ- କରି ଔଷଧ ଜୀର୍ଣ୍ଣ ହେବାପରେ ଗାଈଘିଅ ସହିତ କିମ୍ବା ମୁଗଡାଲି ସହିତ ଅନ୍ନଭୋଜନ କଲେ ଗଳିତ କୁଷ୍ଠରୋଗୀ ମଧ୍ୟ ଦିବ୍ୟ ଦେହ ପ୍ରାପ୍ତ ହୁଏ । (ଚକ୍ରଦତ୍ତ) । **ବାନ୍ତିରୋଗେ**— ୨୯-ଗୁଳୁଚୀପତ୍ରର ଶୀତକଷାୟରେ ମହୁ ପ୍ରକ୍ଷେପ କରି ପାନ କଲେ ବାତ, ପିତ୍ତ, କଫଜ, ତ୍ରିଦୋଷ ବାନ୍ତି ଶାନ୍ତହୁଏ । (ବଙ୍ଗସେନ) । **ହୃଦ୍‌ରୋଗେ**—୩୦-ଗୁଳୁଚୀକୁ ଉତ୍ତମ ରୂପେ ପେଷଣକରି ତହିଁରେ ମରିଚଚୂର୍ଣ୍ଣ ମିଶାଇ ପ୍ରାତଃକାଳରେ ଉଷ୍ଣ ଜଳ ସହିତ ସେବନ କଲେ ବାତଜ ହୃଦ୍‌ରୋଗ ନିବାରିତ ହୁଏ । ମାତ୍ରା—ପତ୍ରକଳ୍କ ୩—୫ ଗ୍ରାମ, ଡାଙ୍ଗର ଚୂର୍ଣ୍ଣ ୧-୩ ଗ୍ରାମ, କ୍ୱାଥ ୫୦—୧୦୦ ଗ୍ରାମ, ପତ୍ରରସ ୫ - ୨୦ ଗ୍ରାମ ଏବଂ ଗୁଳୁଚୀସାର ଏକ ଚତୁର୍ଥାଂଶ ଗ୍ରାମଠାରୁ ଅଧ ଗ୍ରାମ ପର୍ଯ୍ୟନ୍ତ । **ଅମୃତାରିଷ୍ଟ**—ଗୁଳୁଚୀ ୫ କେଜି, ଦଶମୂଳ ୫ କେଜି, ଏହି ଦୁଇଟି ଦ୍ରବ୍ୟକୁ କୁଟି ୫୨ କେଜି ଜଳରେ କ୍ୱାଥ ବିଧି ଅନୁସାରେ ପାକ କରି ୧୩ କେଜି ଜଳ ଶେଷ ରଖି ଓହ୍ଲାଇବ । ସେଥିରେ ୧୫ କେଜି ଗୁଡ଼, ୬୫୦ ଗ୍ରାମ ଜିରା, ୮୦ ଗ୍ରାମ ପିତ୍ତପାପଡ଼ା, ଛତନା ଗୁଲି, ଶୁଣ୍ଠୀ, ପିପ୍‌ପଳୀ, ଗୋଲମରିଚ, ମୋଥା, ନାଗକେଶର, କଟୁକି, ଅତୁଷୀ, ଇନ୍ଦ୍ରଯବ, ପ୍ରତ୍ୟେକର ଚୂର୍ଣ୍ଣ ୪୦ ଗ୍ରାମ ମିଶାଇ ଯଥାବିଧି ସନ୍ଧାନ କରି, ଏକ ମାସ ରଖିବ । ପରେ ଛାଣି ଉପଯୋଗ କରିବ । ମାତ୍ରା—ଅଧ—୧ ଆଉନ୍‌ସ, ଅନୁପାନ ଜଳ, ସନ୍ନିପାତୋଦର ଜ୍ୱର, ପ୍ଲୀହା ବୃଦ୍ଧି, ବିଷମଜ୍ୱର. କ୍ଷୟଜ୍ୱର ପ୍ରଭୃତି ରୋଗରେ ଅମୃତ ପରି ଲାଭଦାୟକ ।

**୩୦୧-ଗେଣ୍ଡା**—Snail. ଏହାର ସଂସ୍କୃତ ନାମ- ଜଳଶୁକ୍ତି । ଏହାର ମାଂସ ସ୍ନିଗ୍ଧ, କଟୁ, ଅଗ୍ନିବର୍ଦ୍ଧକ, ପାଚକ, ରୁଚକର, ବଳକାରକ, ବୀର୍ଯ୍ୟବର୍ଦ୍ଧକ, ମନ୍ଦତାଜନକ ଏବଂ ପିତ୍ତ, ବାତ, ଗୁଳ୍ମ, ଶୂଳ, ବିଷଦୋଷ ଓ ରକ୍ତପିତ୍ତ ରୋଗରେ ହିତକର ।

**୩୦୨-ଗେଣ୍ଡାଳିଆପକ୍ଷୀ**—ଏହାର ମାଂସ— ସ୍ୱାଦୁ, ସ୍ନିଗ୍ଧ, ଉଷ୍ଣବୀର୍ଯ୍ୟ, ଗୁରୁପାକ, ଶୁକ୍ରବର୍ଦ୍ଧକ ଓ ବାତନାଶକ ।

**୩୦୩-ଗେରୁ**—ଏହାର ସଂସ୍କୃତ ପର୍ଯ୍ୟାୟ—ଗୈରିକ, ଗିରିଜାତ, ରକ୍ତଧାତୁ ଓ ଗିରିଜ । ଏହାକୁ ବଙ୍ଗଳାରେ ଗିରିମାଟୀ, ହିନ୍ଦୀରେ ଗେରୁ ଓ ସୁବର୍ଣ୍ଣଗେରୁ କହନ୍ତି । ଗେରୁ ଦୁଇପ୍ରକାର । ଗେରୁ ଓ ପାଟଗେରୁ ପାଟଗେରୁକୁ ସଂସ୍କୃତ ଭାଷାରେ ସ୍ୱର୍ଣ୍ଣ- ଗୈରିକ କୁହାଯାଏ । ଗେରୁକୁ ଶୋଧନ କରି ଔଷଧାଦିରେ ବ୍ୟବହାର କରାଯାଏ । **ଗେରୁଶୋଧନ**—ଗେରୁକୁ ଗାଈ- ଦୁଧରେ ଭାବନା ଦେଇ ଖରାରେ ଶୁଖାଇଲେ ଅଥବା ଗେରୁକୁ ଗୁଣ୍ଡ କରି ଗାଈଘିଅରେ ଭାଜିଲେ ଶୁଦ୍ଧ ହୁଏ । ଉଭୟପ୍ରକାର ଗେରୁ - ମଧୁର, କଷାୟ, ସ୍ନିଗ୍ଧ, ଶୀତଳ ଓ ଦୃଷ୍ଟିଶକ୍ତି ବର୍ଦ୍ଧକ । ଗାଈଦୁଧ ସହିତ ଏହା ସେବନ କଲେ ରକ୍ତପିତ୍ତ, ବାନ୍ତି, ପ୍ରଦର, ହିକ୍‌କା, ପ୍ରମେହ, ବିସର୍ପ, ଶୋଥ, ସର୍ପବିଷ, ଶ୍ୱାସ, କାସ. ଅତିସାର, ବିଷମଜ୍ୱର ଓ ଦାହ ବିନଷ୍ଟ ହୁଏ । ଏହା ଚକ୍ଷୁର ଜ୍ୱାଳାନାଶକ ଏବଂ ଉଦର୍ଦ୍ଦ ଓ କଣ୍ଡୁ ନିବାରକ । ଅଧିକ ମାତ୍ରାରେ ଗେରୁ ଖାଇଲେ ଅଗ୍ନିମାନ୍ଦ୍ୟ ହୁଏ । ଏହାର ପ୍ରତିକାରାର୍ଥେ ଦୋଡ଼ାକେଣ୍ଡିରସରେ ଦଶ ଠାରୁ କୋଡ଼ିଏ ଗ୍ରାମ ପର୍ଯ୍ୟନ୍ତ ରୋଗୀକୁ ପାନ କରାଇବ । ଗେରୁର ମାତ୍ରା— ଅଧ—୧ ଗ୍ରାମ । **ଗୈରିକ ଘୃତ**—ଶୁଦ୍ଧ ଗେରୁଚୂର୍ଣ୍ଣ ୩ କେଜି, ଆମ୍ବରସ ୫ କେଜି, ଚିଲୁଆଁଣି ରସ ୩ କେଜି, ଗୋଲମରିଚ, ହଳଦୀ, ଦାରୁହଳଦୀ, ଅଁଳା ପ୍ରତ୍ୟେକର ଚୂର୍ଣ୍ଣ ୨୦୦ ଗ୍ରାମ ମିଶାଇ ଯଥାବିଧି ସନ୍ଧାନ କରି ୧୫ ଦିନ ରଖି ଛାଣି ବ୍ୟବହାର କରିବ । ମାତ୍ରା—୧—୨ ଗ୍ରାମ, ଅନୁପାନ ଜଳ ବା ଦୁଧ । ଏହା ଶୀତପିତ୍ତ, ରକ୍ତପ୍ରଦର, ବାନ୍ତି- ନାଶକ, ବାଳକମାନଙ୍କର ଦୁର୍ବଳତା, ପାଣ୍ଡୁ, ମନ୍ଦଜ୍ୱର, ଜୀର୍ଣ୍ଣଜ୍ୱର, ଆଧ୍ମାନ, ମୃତ୍‌ଭକ୍ଷଣ ଜାତ ରୋଗରେ ହିତକର ।

(କୃଷ୍ଣପ୍ରସାଦ ତ୍ରିବେଦୀ)

**୩୦୪—ଗୋଇସାପ**—ଏହାର ସଂସ୍କୃତ ପର୍ଯ୍ୟାୟ—ଗୋଧି । ଏହାକୁ ବଙ୍ଗଳାରେ ଗୋସାପ ଏବଂ ହିନ୍ଦୀରେ ଗୋହ ବୋଲନ୍ତି । ଏହି ସାପ ଜଳଜ ଓ ସ୍ଥଳଜ ଭେଦରେ ଦୁଇପ୍ରକାର । ଉଭୟ **ଗୋଧିସାପର ମାଂସ**—କଟୁ, କଷାୟ, ମଧୁର-ପାକ, ସ୍ନିଗ୍ଧ, ଶୀତଳ, ଶୁକ୍ରବର୍ଦ୍ଧକ, ପିତ୍ତନାଶକ, ବଳକାରକ ଓ ତୃପ୍ତିଜନକ । ଏହି ମାଂସ ବାତ, କାସ, ଶ୍ୱାସ, ରକ୍ତପିତ୍ତ ଓ ଅର୍ଶରୋଗରେ ଉପକାର କରେ ଏବଂ ସର୍ପବିଷ ନାଶକରେ । ଗୋଇସାପର ମାଂସରେ ପ୍ରସ୍ତୁତ ଘୃତପାକ କରି ଏହି ଘୃତ ପାନକଲେ ଅର୍ଦ୍ଧାଙ୍ଗ ଓ ଶ୍ୱେତକୁଷ୍ଠ ବିନଷ୍ଟ ହୁଏ । **ଗୋଇପିତ୍ତ**—ଏହା ତିକ୍ତ ଓ ଉଷ୍ଣ । ୧-ଏହା ସେବନ, ଲେପନ ଓ ଅଞ୍ଜନ ରୂପେ ବ୍ୟବହାର କଲେ ସନ୍ନିପାତଜ୍ୱର, ମୂର୍ଚ୍ଛା, ମୃଗୀ ବିକାର, ମୂଷିକବିଷ ଓ ସର୍ପବିଷ ବିନଷ୍ଟ ହୁଏ ।

**୩୦୫—ଗୋକ୍ଷୁର**— Tribulusterestris syn-T. Lanugirosus. ଏହାର ସଂସ୍କୃତ ପର୍ଯ୍ୟାୟ—ଗୋକ୍ଷୁର, ତ୍ରିକଣ୍ଟକ, କଣ୍ଟକଫଳ ଓ ସ୍ୱାଦୁକଣ୍ଟକ । ଏହାକୁ ବଙ୍ଗଳାରେ ଗୋକ୍ଷୁର ଓ ଗୋଖରୁ, ହିନ୍ଦୀରେ ଗୋଖରୁ ଏବଂ ତେଲୁଗୁ ଭାଷାରେ ପଲ୍ଲେରୁ ବୋଲନ୍ତି । ଏହା ସାନ ବଡ଼ ଭେଦରେ ଦୁଇପ୍ରକାର । ସାନ ଗୋଖରୁ ଠାରୁ ବଡ଼ ଗୋଖରୁ ଗୁଣରେ ଶ୍ରେଷ୍ଠ । ବଡ଼ ଗୋଖରୁକୁ ଲୋକେ ଘୋଡ଼ାଗୋଖରୁ ବୋଲନ୍ତି । ଗୋଖରୁର ପତ୍ର, ଫଳ ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଗୋଖରୁର ସମୂଳ ସର୍ବାଙ୍ଗର କ୍ୱାଥ ବା ଚୂର୍ଣ୍ଣ—ମଧୁର, ତିକ୍ତ, ଶୀତଳ, ବଳକାରକ, ପୁଷ୍ଟିଜନକ, ଅଗ୍ନିବର୍ଦ୍ଧକ, ବସ୍ତିଶୋଧକ, ଶୁକ୍ରବର୍ଦ୍ଧକ ଓ ରସାୟନ । ଏହା ପ୍ରମେହ, ମୂତ୍ରକୃଚ୍ଛ୍ର, ଅଶ୍ମରୀ, ଶ୍ୱାସ, କାସ, ହୃଦ୍ରୋଗ, ବଦାହ ଓ ବାୟୁରୋଗରେ ଉପକାର କରେ । **ଗୋକ୍ଷୁରମଞ୍ଜି**—ଶୀତଳ, ମୂତ୍ରକାରକ ଓ ଶୁକ୍ରବର୍ଦ୍ଧକ । ୧—ଏହା ଶୁକ୍ରମେହ, ମୂତ୍ରକୃଚ୍ଛ୍ର ଓ ଶୋଥରୋଗ ନିବାରଣ କରେ । ୨-ସୂତିକା ସ୍ତ୍ରୀମାନଙ୍କୁ ଗୋଖରୁର ରସ ପାନ କରାଇଲେ ସେମାନଙ୍କର ଗର୍ଭାଶୟସ୍ଥିତ ମଇଳାଗୁଡ଼ିକ ବହିର୍ଗତ ହୁଏ । ୩-ଗୋଖରୁର ପତ୍ର ଶାକ ପ୍ଲୀହାରୋଗରେ ହିତକର । ଗୋଖରୁର ସମୂଳ ସର୍ବାଙ୍ଗ ରସ ବା କ୍ୱାଥରେ ମଦ୍ୟ ମିଶାଇ ପାନକଲେ ସ୍ଥାବର, ଜଙ୍ଗମ, ସକଳ ପ୍ରକାର ବିଷବିକାର ବିନଷ୍ଟ ହୁଏ । ୪—ଲିଙ୍ଗ ଶୋଥ ଓ ଲିଙ୍ଗର ବ୍ରଣ ନିବାରଣାର୍ଥେ ଗୋଖରୁ ରସ ସେବନ କରାଯାଏ । ୫—ଗୋଖରୁର ରସରେ ମହୁ ମିଶାଇ ଲିଙ୍ଗରେ ଧାରଣ କଲେ ଲିଙ୍ଗର ଦୌର୍ବଲ୍ୟ ନଷ୍ଟ ହୁଏ । ଗୋଖରୁରସ ଓ ସୋରିଷତେଲ ସମାନ ଭାଗରେ ମିଶାଇ ପାକ କରିବ । ଏହି ତେଲ ପାନ ଓ ମର୍ଦ୍ଦନ କଲେ କଟିଶୂଳ (ଅଣ୍ଟାଧରା) ଭଲ ହୁଏ । ୭—ବଡ଼ ଗୋଖରୁକୁ ଦରି ଗୁଡ଼ କେଜି ଜଳରେ ପକାଇ ଘାଣ୍ଟିଲେ ଏହି ଜଳ ବହଳସ୍ୱା ରହେ । ଏହି ଜଳକୁ ନୂଆଁ ହାଣ୍ଡିରେ ରନ୍ଧାହୋଇଥିବା ଘୃତରେ ମିଶାଇ ଋତୁସ୍ନାତା ସ୍ତ୍ରୀମାନଙ୍କୁ ତିନି ଦିନ ସେବନ କରାଇଲେ ସେମାନେ ଗର୍ଭ ଧାରଣ କରନ୍ତି । ଏହା ଖାଇବା ସମୟରେ ସ୍ତ୍ରୀମାନଙ୍କୁ ଅମ୍ଳ ରସ ଖାଇବାକୁ ଦେବନାହିଁ । ୮—ଗୋଖରୁର ଶୀତକଷାୟ ଏହା ସ୍ୱପ୍ନଦୋଷ ନାଶକ, ମୂତ୍ରକାରକ ଓ ନପୁଂସକତାର ମହୌଷଧ । **ଗୋଖରୁରକ୍ଷାର**—୯—ଗୋଖରୁର ସମୂଳ ସର୍ବାଙ୍ଗକୁ ଖଣ୍ଡ ୨ କରି ଖରାରେ ଶୁଖାଇ ଗୋଟିଏ ଗାତ ଭିତରେ ତାକୁ ରଖି ନିଆଁ ଲଗାଇ ଭସ୍ମ କରିବ । ଏହି ଭସ୍ମକୁ ୧୬ ଗୁଣ ଜଳରେ ଘଡ଼ରେ ବତୁରାଇବ । ସକାଳେ ସାବଧାନରେ ଉପରର ପାଣିକୁ ନିଗାଡ଼ି ରଖି ତଳରେ ଥିବା ପାଉଁସକୁ ଫିଙ୍ଗିଦେବ । ଏହି ଜଳକୁ ଛାଣି ଚୁଲିରେ ବସାଇ ପାଣି ମାରିଦେଲେ କ୍ଷାର ବାହାରେ । ଏହି କ୍ଷାର କଳା ଦେଖାଗଲେ ଆଉ କିଛି ପାଣି ମିଶାଇ ଛାଣିବ । ତାକୁ ଫେରେ କଡ଼ାଇରେ ରଖି ଚୁଲ୍ଲୀରେ ବସାଇ କ୍ଷାର ତିଆରି କରିବ । **ଗୋଖରୁର କ୍ଷାର**—ମଧୁର, ଶୀତଳ, ମୂତ୍ରକାରକ, ଶୁକ୍ରବର୍ଦ୍ଧକ, ବାତନାଶକ ଓ ସ୍ରୋତରୋଧ ନିବାରକ । **ବୈଦ୍ୟଶାସ୍ତ୍ରରେ ଗୋଖରୁର ପ୍ରୟୋଗ ।** ଯଥା—୧୦—**ମୂତ୍ରକୃଚ୍ଛ୍ରରୋଗେ**—ମୂତ୍ରକୃଚ୍ଛ୍ର ନାଶକ ଦ୍ରବ୍ୟ ମଧ୍ୟରେ ଗୋଖରୁ ଶ୍ରେଷ୍ଠ । (ଚରକ) **କଷ୍ଟପ୍ରଦ ମୂତ୍ରକର୍ମେ**—୧୧-ମୂତ୍ରତ୍ୟାଗ କାଳରେ କଷ୍ଟ ବୋଧହେଲେ ଗୋଖରୁର କ୍ୱାଥ ପାନ କରିବ । (ଚରକ) । **ଅଶ୍ମରୀରୋଗେ**—ଗୋଖରୁର ସ୍ୱରସ ଓ ଘୃତ ସମାନ ଭାଗ, ଏବଂ ଘୃତରେ ଆଠଗୁଣ ଦୁଧ ସହିତ ଯଥାବିଧି ଏହି ଘୃତ ପାକ କରି ସେବନ କଲେ ଅଶ୍ମରୀରୋଗ ବିନଷ୍ଟ ହୁଏ । (ଚରକ) । **ଅଶ୍ମରୀ ଭେଦନାର୍ଥେ**—୧୩-ଗୋଖରୁର ଚୂର୍ଣ୍ଣ ମେଣ୍ଢାଦୁଧ ସହିତ ପାନକଲେ ଏକ ସପ୍ତାହ ମଧ୍ୟରେ ସଞ୍ଚିତ ହୋଇଥିବା ଅଶ୍ମରୀ ଚୂର୍ଣ୍ଣିତ ହୋଇ ବାହାର ପଡ଼େ । (ସୁଶ୍ରୁତ) । **ପୁରୀଷୋତ୍ଥ ମୂତ୍ରକୃଚ୍ଛ୍ରେ**—୧୪-ନରନ୍ତର ମଳବେଗଧାରଣ କରିବା ହେତୁରୁ ଯେଉଁ ମୂତ୍ରକୃଚ୍ଛ୍ର ଜାତହୁଏ, ତାର ପ୍ରତିକାର ନିମିତ୍ତ ଗୋଖରୁ କ୍ୱାଥରେ ଯବକ୍ଷାର ମିଶାଇ ପାନକରିବ । (ଚକ୍ରଦତ୍ତ) । **ଆମବାତରୋଗେ**—୧୫-ଶୁଣ୍ଠୀ ଓ ଗୋଖରୁର କ୍ୱାଥ ପାନ କଲେ ଆମବାତ ସମ୍ବନ୍ଧୀ କଟିଶୂଳ ବିନଷ୍ଟ ହୁଏ । (ଚକ୍ରଦତ୍ତ) । ମାତ୍ରା—ସ୍ୱରସ ୨୦—୪୦ ଗ୍ରାମ, କ୍ୱାଥ—୪୦—୮୦ ଗ୍ରାମ, ଚୂର୍ଣ୍ଣ ୧—୩ ଗ୍ରାମ, କ୍ଷାର—ଏକଚତୁର୍ଥାଂଶ ଗ୍ରାମ ଠାରୁ ଅଧ ଗ୍ରାମ । **ଗୋକ୍ଷୁରାସବ**—ଗୋଖରୁ ପଞ୍ଚାଙ୍ଗ ୫ କେଜି, ୫୨ କେଜି ଜଳରେ ସିଝାଇ ୧୩ କେଜି ଶେଷ

ରାଖି ଔଷଧଗୁଡ଼ିକ ପ୍ରସ୍ତୁତ । ଶକ୍ତ ଅଢ଼ାଇ କେଜି, ମହୁ ୩ କେଜି, ଧାଇଫୁଲ ୨୫୦ ଗ୍ରାମ, ଶୁଣ୍ଠୀ. ପିପ୍‌ପଳୀ ମରିଚ, ନାଗେଶର, ତେଜପତ୍ର, କାକୋଲୀ, ଅଳାଇଚ, ତାଳୀଶପତ୍ର, ଶରଭୁଜମଞ୍ଜୀ, (ଶତଭୁଜମଞ୍ଜୀ) ନେତ୍ରକମଞ୍ଜୀ, ବଂଶଲୋଚନା, ପ୍ରତ୍ୟେକ ୪୦ ଗ୍ରାମ, ସମସ୍ତ ଦ୍ରବ୍ୟକୁ ଚୂର୍ଣ୍ଣ କରି ଏକାଠେ ଗୋଳି ଯଥାବିଧି ସନ୍ଧାନ କରି ଏକମାସ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା ଅଧ ଆଉନ୍‌ସ ଠାରୁ ଦେଢ଼ ଆଉନ୍‌ସ । ଅନୁପାନ ଜଳ, ମୂତ୍ର କୃଚ୍ଛ୍ର ମୂତ୍ର ବିକାର, ଦୁର୍ବଳତା, ରକ୍ତମେହ, ମଧୁମେହ, କୋଷ୍ଠବଦ୍ଧତା, ବୀର୍ଯ୍ୟଦୋଷ, ଧାତୁ ଦୁର୍ବଳତାର ଉତ୍ତମ ଔଷଧ । (ହସ୍ତଲେଖାରୁ ପ୍ରାପ୍ତ)

**୩୦୬-ଗୋଠକାକୁଡ଼ୀ**—Eacumis madraspanus. Cunnis Melo. ଏହାର ସଂସ୍କୃତ ପର୍ଯ୍ୟାୟ—ବିଶାଲା, ଇନ୍ଦ୍ରବାରୁଣୀ, ଗବାକ୍ଷୀ, ଚିତ୍ରଫଳା । ଏହାକୁ ବଙ୍ଗଳାରେ ରାଖଲଶଶା, ସାନ ଓ ବଡ଼ ଭେଦରେ ଗୋଠକାକୁଡ଼ୀ ଦୁଇ ପ୍ରକାର । ଉଭୟ ଗୋଠକାକୁଡ଼ୀର ଫଳ ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଗୋଠକାକୁଡ଼ୀ ମୂଳର ଚୂର୍ଣ୍ଣ ବା କ୍ୱାଥ କଟୁ, ତିକ୍ତ, କଷାୟ ଏବଂ ଉଷ୍ଣ । ଏହା ସେବନ କଲେ କଫ, କୃମି, ବ୍ରଣ, ସକଳ ପ୍ରକାର ଉଦର ରୋଗ, କାମଳା, ପିତ୍ତବିକାର, ଶ୍ଳୀପଦ, ପ୍ଳୀହା, ଗୁଳ୍ମ, ଜ୍ୱର, କୁଷ୍ଠ, କାସ, ଶ୍ୱାସ, ଗ୍ରନ୍ଥି, ପ୍ରମେହ, ମୂଢ଼ଗର୍ଭ, ଆମ, ଗଳଗଣ୍ଡରୋଗ ଓ ବିଷଦୋଷ ବିନଷ୍ଟ ହୁଏ । ଏହା ଖାଇଲେ କାହାରି ବାନ୍ତି ଓ ବିରେଚନ ହୁଏ । ଗୋଠକାକୁଡ଼ୀ ମୂଳର ଚୂର୍ଣ୍ଣ ନସ୍ୟରୂପରେ ବ୍ୟବହାର କଲେ ଛିଙ୍କ ଆସେ ଏବଂ ଚକ୍ଷୁରେ ଦାହ ଜାତ ହୁଏ । ୧—ଏହା ସେବନ କଲେ ଶୂଳ, କୋଷବୃଦ୍ଧି ଓ ବାତରୋଗର ଉପଶମ ହୁଏ । ୨—ଗୋଠକାକୁଡ଼ୀମୂଳ ଏବଂ କଟ୍‌ମଞ୍ଜୀ ଏକାଠେ ବାଟି ଅପକ୍ୱ ବ୍ରଣଶୋଥରେ ଲେପନ କଲେ ଶୀଘ୍ର ତାହା ଫାଟିଯାଏ । ୩—ଏହାର ମୂଳ ବାଳକମାନଙ୍କର ପ୍ଳୀହା ଓ ଯକୃତ ବୃଦ୍ଧି ରୋଗରେ ପ୍ରୟୋଗ କରାଯାଏ । ବୈଦ୍ୟଶାସ୍ତ୍ରରେ ଗୋଠକାକୁଡ଼ୀର ପ୍ରୟୋଗ । ଯଥା—**ରଜୋରୋଧେ**—୪-ଗୋଠକାକୁଡ଼ୀର ମୂଳକୁ ଚୂର୍ଣ୍ଣ କରି ବାଟି ଗୁଳା କରିବ, ଯୋନି ମଧ୍ୟରେ ଏହା ରଖିଲେ ରଜଃପ୍ରବୃତ୍ତି ହୁଏ ଏବଂ ଏହି ଯୋଗ ଦ୍ୱାରା ବ୍ୟଭିଚାରିଣୀ ଓ ବିଧବା ସ୍ତ୍ରୀମାନଙ୍କର ଗର୍ଭପାତ ମଧ୍ୟ ହୋଇଥାଏ (ରାଜମାର୍ତ୍ତଣ୍ଡ) । **କାମଳାରୋଗେ**—୫-ଗୋଠକାକୁଡ଼ୀ ମୂଳର ରସ ଗୁଡ଼ ସହିତ ଭକ୍ଷଣ କଲେ ବିରେଚନ ହୋଇ କାମଳା ରୋଗ ଶାନ୍ତ ହୁଏ । (ସୁଶ୍ରୁତ) **ବୃଦ୍ଧିରୋଗେ** ୬—ଗୋଠକାକୁଡ଼ୀ ମୂଳର ଚୂର୍ଣ୍ଣକୁ କଞ୍ଜାରେ ମର୍ଦ୍ଦନ କରି ଦୁଧ ସହିତ ଖାଇଲେ ସକଳ ପ୍ରକାର ବୃଦ୍ଧିରୋଗ ବିନଷ୍ଟ ହୁଏ । (ଚକ୍ରଦତ୍ତ) । **ଗଣ୍ଡମାଳାରୋଗେ**—୭-ଗୋଠକାକୁଡ଼ୀ ମୂଳକୁ ଗାଈମୂତ୍ରରେ ବାଟି ପାନ କଲେ ଭୟଙ୍କର ଗଣ୍ଡମାଳା ରୋଗ ବିନଷ୍ଟ ହୁଏ । (ଚକ୍ରଦତ୍ତ) । **ଅନ୍ତଃଶଲ୍ୟ ବହିଷ୍କରଣାର୍ଥେ**— —ଶରୀରର କୌଣସି ଅଙ୍ଗରେ କଣ୍ଟା ବା ଅନ୍ୟ କୌଣସି ବସ୍ତୁ ପ୍ରବେଶ କଲେ ତାହା ବାହାର କରିବା ପାଇଁ ଗୋଠକାକୁଡ଼ୀ ମୂଳ ବାଟି ବିଦ୍ଧ ସ୍ଥାନରେ ଲେପନ କରିବ । (ଚକ୍ରଦତ୍ତ) । **ଉନ୍ମାଦେ**—୯-ଗୋଠକାକୁଡ଼ୀ ମୂଳକୁ ଗାଈମୂତ୍ରରେ ବାଟି ନାକରେ କପୂରଲେ ବ୍ରହ୍ମରାକ୍ଷସ ଆବେଶ ଜନିତ ଉନ୍ମାଦ ପ୍ରଶମିତ ହୁଏ । (ଚକ୍ରଦତ୍ତ) । **ସ୍ତନପୀଡ଼ା ରୋଗେ**—୧୦-ଗୋଠକାକୁଡ଼ୀ ମୂଳକୁ ବାଟି ସ୍ତନରେ ଲେପନ କଲେ ଅବିଳମ୍ବେ ଭଲହୁଏ । (ଚକ୍ରଦତ୍ତ) । **ସନ୍ଧିବାତେ** ୧୧—ଗୋଠକାକୁଡ଼ୀର ମୂଳକୁ ପିପ୍‌ପଳୀ ଓ ଗୁଡ଼ ସହିତ ବାଟି ସେବନକଲେ ସନ୍ଧିବାତ ବିନଷ୍ଟହୁଏ । (ଭାବପ୍ରକାଶ) । ମାତ୍ରା ମୂଳ ରସ ୧୦—୨୦ ଗ୍ରାମ, କ୍ୱାଥ ୩୦—୬୦ ଗ୍ରାମ, ମୂଳଚୂର୍ଣ୍ଣ ୩—୬ ଗ୍ରାମ । **ଇନ୍ଦ୍ରବାରୁଣ୍ୟାଦ୍ୟରିଷ୍ଟ**—ଗୋଠକାକୁଡ଼ୀ ମୂଳ କମ୍ବା ପଞ୍ଚାଙ୍ଗ ୪୦୦ ଗ୍ରାମ, ଫଳ ୨୦୦ ଗ୍ରାମ, ବାଉଁଶର ପାକଳ ପତ୍ର, ଭୃଙ୍ଗରାଜ, ମଞ୍ଜିଷ୍ଠା, ବ୍ରହ୍ମଦଣ୍ଡି, ପ୍ରତ୍ୟେକ ୨୦୦ ଗ୍ରାମ, ଚକଡ଼ାଭେଣ୍ଡା, ମହାନିମ୍ବ ଛାଲି, ନିମ୍ବପଞ୍ଚାଙ୍ଗ ପ୍ରତ୍ୟେକ ୪୦୦ ଗ୍ରାମ । ଏହି ସମସ୍ତ ଦ୍ରବ୍ୟ ୧୮ କେଜି ଜଳ ଦେଇ ଏକ ଅହୋରାତ୍ର ବତୁରାଇ ପରେ କ୍ୱାଥ କରି ଚତୁର୍ଥାଂଶ ଅବଶେଷ ରଖି ଛାଣି ପୁରୁଣାଗୁଡ଼ ଦେଢ଼ କେଜି ମିଶାଇ ଯଥାବିଧି ସନ୍ଧାନ କରି ପନ୍ଦର ଦିନ ରଖିବ, ପରେ ଛାଣି ବ୍ୟବହାର କରିବ । ମାତ୍ରା—୧—୨ ଆଉନ୍‌ସ । ଅନୁପାନ ଜଳ । ଏହା ସେବନ କଲେ ଥରେ କିମ୍ବା ଦୁଇଥର ପରିଷ୍କାର ଝାଡ଼ା ହୁଏ । କଣ୍ଡୁ, ପାମା, କାଛୁ ପ୍ରଭୃତି ରକ୍ତ ଏବଂ ଚର୍ମ୍ମ ବିକାର ଶୀଘ୍ର ନଷ୍ଟ ହୁଏ । କୁଷ୍ଠ ରୋଗରେ ରାମବାଣ ସଦୃଶ, ରୋଗ ଯେତେ ଦିନର, ସେତେଦିନ ପର୍ଯ୍ୟନ୍ତ ସେବନ କରିବ । ପଥ୍ୟ—ଦୁଧ, ପୁରୁଣାଚାଉଳ, ଭାତ, ମୁଗ, ଚଣା, ଅନ୍ୟ ସବୁ ଦ୍ରବ୍ୟ ଅପଥ୍ୟ । (ଅନନ୍ତ ଦେବ ଦୀକ୍ଷିତ)

**୩୦୭-ଗୋଦନ୍ତୀହରିତାଳ**— Gypsum. ଏହା ଶ୍ୱେତବର୍ଣ୍ଣ ଗନ୍ଧକ ଏହାର ପତ୍ର ଥାଏ ସେଥିଁ ଏହାକୁ ଲୋକେ ଭୁଲରେ ହରିତାଳ ବୋଲନ୍ତି । ଏହାର ସଂସ୍କୃତ ନାମ—ଗୋଦନ୍ତିକା ଓ ଗୋଦନ୍ତା । **ଗୋଦନ୍ତୀଶୋଧନ**—ଗୋଦନ୍ତୀକୁ ଦୋଳାଯନ୍ତ୍ରରେ ରଖି ଭୃଙ୍ଗରାଜ କିମ୍ବା ଶୋଗଣପତ୍ର ରସରେ ତିନିଘଣ୍ଟା କାଳ ସିଝାଇଲେ ଶୁଦ୍ଧହୁଏ । **ଗୋଦନ୍ତୀଭସ୍ମ** —ଗୋଦନ୍ତୀକୁ ଟିକୁଅଁଳି ରସରେ ମର୍ଦ୍ଦନ

କର ନ୍ୟୁଏ ଭସ୍ମ ସମ୍ପୂର୍ଣ୍ଣ ମଳରେ ରହି ଅତେମୋଟ ଗଜପୁଟ ଦେଇଲେ ହୋଇଥାଏ ଭସ୍ମ ହୁଏ । ୧-ଏହି ଭସ୍ମ ଉପଯୁକ୍ତ ମାତ୍ରାରେ ସେବନ କଲେ ପିତ୍ତଜ୍ୱର, ଆମଜ୍ୱର, ମୁଣ୍ଡବ୍ୟଥା, ଜୀର୍ଣ୍ଣଜ୍ୱର, ମ୍ୟାଲେରିଅ, ସ୍ତ୍ରୀମାନଙ୍କର ରକ୍ତପ୍ରଦର, ରକ୍ତସ୍ରାବ ଓ ଶୁଷ୍କକାସରେ ଉପକାର ହୁଏ । ୨-ବାଳକମାନଙ୍କର ଜ୍ୱର, କାସ, ଶ୍ୱାସ, ମଳରୋଧ ଓ ଅଜୀର୍ଣ୍ଣାଦି ରୋଗରେ ଜର୍ଭସ୍ଥରେ ଏହା ବାରମ୍ବାର ଉପଯୋଗ କରାଯାଇପାରେ । ୩-ସନ୍ନିପାତ ଜ୍ୱରରେ ତୁଳସୀରସ ଓ ମହୁ ସହିତ ଗୋଦନ୍ତୀ ଭସ୍ମ ସେବନ କଲେ ସନ୍ନିପାତର ସମସ୍ତ ଉପଦ୍ରବ ଶାନ୍ତହୁଏ । ବାଳକ ଗର୍ଭିଣୀ ପ୍ରସୂତା, ଯୁବକ ଓ ବୃଦ୍ଧ ସମସ୍ତଙ୍କ ପକ୍ଷରେ ଗୋଦନ୍ତୀ ଭସ୍ମ ଲାଭଦାୟକ । ବିଶେଷତଃ ବାଳକମାନଙ୍କ ପକ୍ଷରେ ଗୋଦନ୍ତୀ ଭସ୍ମ ଉତ୍ତମ ଔଷଧ । ୪—କ୍ଷୀର ଦୋଷରୁ ଯେଉଁ ବାଳକମାନଙ୍କର ଶରୀର କୃଶ ହୋଇଥାଏ ସେମାନଙ୍କୁ କିଛିଦିନ ଗୋଦନ୍ତୀଭସ୍ମ ସେବନ କରାଇଲେ ସେମାନଙ୍କର ଶରୀର ଖୁବ୍ ପରିପୁଷ୍ଟ ଓ ବଳବାନ୍ ହୁଏ । ମାତ୍ରା—ଏକ ଚତୁର୍ଥାଂଶ ଠାରୁ ତିନି ଚତୁର୍ଥାଂଶ ଗ୍ରାମ । ବାଳକ ପକ୍ଷେ ଏକ ଅଷ୍ଟମାଂଶ ଗ୍ରାମ । ଅନୁପାନ—ଦୁଧ କିମ୍ବା ମହୁ ।

**୩୦୮-ଗୋପଟକଣ୍ଟାଗଛ**—ଏହାର ମୂଳ ମରିଚ ସହିତ ବାଟି ପିଲାମାନଙ୍କର ଜ୍ୱରାଦି ରୋଗରେ ଦିଆଯାଏ ।

**୩୦୯-ଗୋମେଦକମଣି**—ଏହାର ସଂସ୍କୃତ ପର୍ଯ୍ୟାୟ—ପିଙ୍ଗସ୍ଫଟିକ, ଗୋମେଦ ଓ ତମୋମଣି । **ଗୋମେଦଶୋଧନ**—ଗୋମେଦମଣିକୁ କଦଳୀ ରସରେ ତିନିଦିନ ପର୍ଯ୍ୟନ୍ତ ଦୋଳାଯନ୍ତ୍ରରେ ସିଦ୍ଧକରି ତା'ର ପରେ ତାକୁ ନିଆଁରେ ତତାଇ ଅଁଳାରସରେ ୨୧ ଥର ବୁଡ଼ାଇଲେ ଶୁଦ୍ଧ ହୁଏ । **ଗୋମେଦ ଭସ୍ମ**—ମନଃଶିଳା ହରିତାଳ ଓ ଗନ୍ଧକ ସମାନଭାଗରେ ମିଶାଇ ଏଥିରେ ସମସ୍ତର ସମାନ ଶୁଦ୍ଧ ଗୋମେଦମଣିକୁ ଉତ୍ତମରୂପେ ଚୂର୍ଣ୍ଣକରି ମିଶାଇବ । କାଞ୍ଜିକ ରସରେ ୧୨ ଘଣ୍ଟା ମର୍ଦ୍ଦନ କରି ଶୁଖାଇ ଦୁଇ ଚକ୍ଟି ବାଇସିରେ ପୁଟଦେବ । ଏହାପରେ ଆଠ ପୁଟଦେଲେ ଗୋମେଦଭସ୍ମ ହୁଏ । ଗୋମେଦଭସ୍ମ—ଅମ୍ଳ ଓ ଉଷ୍ଣ । ଏହା ବଳ ବୀର୍ଯ୍ୟ, ଆୟୁ ଓ ମେଧାବୃଦ୍ଧି କରେ, ଦେହର ବର୍ଣ୍ଣ ସମୁଜ୍ଜ୍ୱଳ କରେ ଏବଂ କଫ, ପିତ୍ତ, କ୍ଷୟ, ପାଣ୍ଡୁ, ଅଗ୍ନିମାନ୍ଦ୍ୟ, ଅରୁଚି ଓ ବାତରୋଗ ପ୍ରଶମନ କରେ । ମାତ୍ରା—ଏକ ଷୋଡ଼ଶାଂଶ ଗ୍ରାମ ଠାରୁ ଦୁଇ ଷୋଡ଼ଶାଂଶ ଗ୍ରାମ । ଅନୁପାନ—ନହୁଣୀ କିମ୍ବା ମହୁ । ପ୍ରତିକୂଳବର୍ତ୍ତୀ ରାହୁ ମହା ଦଶାରେ ଗୋମେଦମଣି ଧାରଣ କଲେ ରାହୁ ସନ୍ତୁଷ୍ଟ ହୁଅନ୍ତି ।

**୩୧୦-ଗୋମୂତ୍ର**—ଗୋରୁ ଦେଖ ।

**୩୧୧-ଗୋରକ୍ଷତଣ୍ଡୁଳ**—ବଳାତଣ୍ଡୁଳ ଦେଖ ।

**୩୧୨-ଗୋରୁ**—Bull. Cow. Calf. Ox. Heifer. ଗାଈ, ବଳଦ, ଷଣ୍ଢ, ବାଛୁରୀ, ଦାମୁଡ଼ା ଓ ଛଡ଼ା ଏସମସ୍ତଙ୍କୁ ଗୋରୁ ବୋଲଯାଏ । ଗାଈର ସଂସ୍କୃତ ପର୍ଯ୍ୟାୟ—ଧେନୁ, ଗାଭୀ ଓ ସୌରଭେୟୀ । ଔଷଧାର୍ଥରେ ଗାଈର ଦୁଧ, ଦହି, ଚହ୍ଲା, ନହୁଣୀ ଘିଅ, ମୂତ, ଗୋବର, ପିତ୍ତ, ମାଂସ ଓ ହାଡ଼ ବ୍ୟବହୃତ ହୁଏ । **ଗାଈଦୁଧ**—ଏହା ମଧୁର, ସ୍ନିଗ୍ଧ, ଶୀତଳ, ମୃଦୁବିରେଚକ, ଗୁରୁ, ଶରୀରରେ ସ୍ନିଗ୍ଧତା ସମ୍ପାଦକ, ରସାଦି ଧାତୁବର୍ଦ୍ଧକ, ବାତପିତ୍ତ ନାଶକ, ବଳକାରକ, ଓଜ ଓ ଜୀବନୀଶକ୍ତି ବର୍ଦ୍ଧକ ଏବଂ ଅବସ୍ଥା ବିଶେଷରେ କଫକାରକ । ଏହା ସେବନ କଲେ କ୍ଷୁଧା, ତୃଷା, ଶ୍ରମ, କ୍ଷତ, କ୍ଷୟ, ଜୀର୍ଣ୍ଣଜ୍ୱର, ମୂତ୍ରକୃଚ୍ଛ୍ର, ଶ୍ୱାସ, କାସ ଓ ରକ୍ତପିତ୍ତ ରୋଗରେ ଉପଶମ ହୁଏ । ଜନ୍ମ ଠାରୁ ମରଣ ପର୍ଯ୍ୟନ୍ତ ମନୁଷ୍ୟ ପକ୍ଷରେ ଗାଈଦୁଧ ଅତୀବ ହିତକାରୀ ଅଟେ । ଗାଈଦୁଧର ପ୍ରୟୋଗ—**ମୁଣ୍ଡବ୍ୟଥାରୋଗେ**—୧—ଚାରି ପାଞ୍ଚ ଗୋଟି ବାଦାମ ଗାଈଦୁଧରେ ବାଟି ତହିଁରେ ମିଶ୍ରି ମିଶାଇ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ସେବନ କଲେ ଅଧକପାଳ ବ୍ୟଥା ଶାନ୍ତ ହୁଏ । **ବିଷବିକାରରେ**—୧—ଗାଈଦୁଧରେ ମିଶ୍ରି ମିଶାଇ ପିଇଲେ ଦୁଦୁରା, କନିଅଁର ଓ ଗଞ୍ଜାଇର ବିଷବିକାର ବିନଷ୍ଟ ହୁଏ । ମୟୂରଶିଖା, ମନଃଶିଳା, ମହୁରା, ଦାନ୍ତିମୂଳୀ କିମ୍ବା ମୃଦାରଶିଙ୍ଗ ଖାଇ ଯେଉଁ ଲୋକ ବିକାର ଗ୍ରସ୍ତ ହୁଏ ତେବେ ତାକୁ ମିଶ୍ରିମିଶା ଗାଈଦୁଧ ବାରମ୍ବାର ପିଆଇ ବାନ୍ତି କରାଇବ । ଏହାପରେ କଲେ ପୂର୍ବୋକ୍ତ ସମସ୍ତ ବିଷର ବିକାର ଶାନ୍ତହୁଏ । **ବଳବର୍ଦ୍ଧନାର୍ଥେ**—୩-ଗାଈଦୁଧରେ ମହୁ ମିଶାଇ ପିଇଲେ ଏହି ଦୁଧ ବଳ ବୃଦ୍ଧି କରେ ଏବଂ କଫକୁ ବଢ଼ାଇ ଦିଏନାହିଁ । **ଗନ୍ଧକବିଷନାଶାର୍ଥେ**—୪-ଅଶୁଦ୍ଧ ଗନ୍ଧକ ସେବନ ଦ୍ୱାରା ଦେହ ଗରମ ହୋଇ ଯେଉଁ ମୁହଁବ୍ରଣ ପ୍ରଭୃତି ବିକାର ଜାତହୁଏ । ତା'ର ଶାନ୍ତି ନିମିତ୍ତ ଗାଈଦୁଧରେ ଘିଅ ମିଶାଇ ରୋଗୀକୁ ୧୦—୧୫ ଦିନ ପିଆଇବ । **ଶାରୀରିକବଳବର୍ଦ୍ଧନାର୍ଥେ**—୫-ଗାଈ ଦୁଧକୁ ସିଝାଇ ଥଣ୍ଡା କରି ତହିଁରେ ଘିଅ ଓ ମିଶ୍ରି ଅଥବା ଘିଅ ଓ ମହୁ ମିଶାଇ ପିଇଲେ ଖୁବ୍ ବଳବୃଦ୍ଧି ହୁଏ । **ଜୀର୍ଣ୍ଣଜ୍ୱରେ**—୬-ଜୀର୍ଣ୍ଣଜ୍ୱର ରୋଗରେ ଗାଈଦୁଧ ଭଳି ଆଉ ଉତ୍କୃଷ୍ଟ ଔଷଧ ନାହିଁ । ପିପ୍‌ଳୀ କିମ୍ବା ଶୁଣ୍ଠିଚୂର୍ଣ୍ଣ ସହିତ ଗାଈଦୁଧକୁ ସିଝାଇ ଜୀର୍ଣ୍ଣଜ୍ୱର ରୋଗୀକୁ ପାନ କରାଇବ । (ପିପ୍‌ଳୀର ମାତ୍ରା ୩ ଗ୍ରାମ ଏବଂ ଶୁଣ୍ଠିର ମାତ୍ରା ୫ ଗ୍ରାମ) **ଶୁଷ୍କକାସରୋଗେ**—୭-ଗାଈଦୁଧରେ ଦଶ ଗ୍ରାମ ପୁରୁଣା ଗୁଡ଼ ମିଶାଇ ଗରମ କରି ପିଇଲେ ପରସ୍ତ ସହିତ

ଧାରୁ ଖସିବା ବନ୍ଦହୁଏ । ଚକ୍ଷୁଃଶୂଳରେ—୮—ଖଣ୍ଡିଏ ଲମ୍ବ ଓସାରିଆ ଶୁକ୍ଳ କନା ଆଣି ତା'ର ଉପରେ ଫଟିକ ଗୁଣ୍ଡ କରି ପକାଇ କନା ଖଣ୍ଡିକୁ ଆଠ ଦଶ ଥର ଚଉଡ଼ିବ । ତା'ର ପରେ ଏହି ଚଉଡ଼ା କନା ଖଣ୍ଡିକ କଞ୍ଚା ଗାଈଦୁଧରେ ବତୁରାଇ ଆଖିର ପତା ଉପରେ ରଖିଲେ ଆଖିର ଜଳାପୋଡ଼ା ଚକ୍ରମା ଶାନ୍ତହୁଏ । ରକ୍ତପିତ୍ତ ଓ ପ୍ରବାହିକାରୋଗରେ ୯—ଅଧପାଏ ଗାଈଦୁଧ ଏବଂ ଅଧପାଏ ପାଣି ଏକାଠେ ସିଝାଇ ପାଣି ମରିଯିବା ପରେ ଏହି ଦୁଧରେ ମିଶ୍ରି ମିଶାଇବ । ଦିବସରେ ଦୁଇ ତିନିଥର ଏହି ଦୁଧ ପାନ କଲେ ରକ୍ତପିତ୍ତ ଜଳାରକ୍ତହଗା ବନ୍ଦହୁଏ । ରକ୍ତାର୍ଶରୋଗରେ—୧୦-ଅଧପାଏ ଗାଈଦୁଧରେ ଗୋଟିଏ ଲେମ୍ବୁ ଚିପୁଡ଼ି ସାଙ୍ଗେ ୨ ପିଇଲେ ମଳକଣ୍ଟକ ରୋଗିର ରକ୍ତସ୍ରାବ ବନ୍ଦହୁଏ । ହିକ୍କାରୋଗରେ ଶୁଣ୍ଠିଗୁଣ୍ଡ ମିଶାଇ ପିଇଲେ ହାକୁଟି ବନ୍ଦ ହୁଏ । ସ୍ୱରଭଙ୍ଗରେ ୧୨-ଗାଈଦୁଧରେ ଘିଅ ଓ ମିଶ୍ରି ମିଶାଇ ପିଇଲେ କଣ୍ଠମଣ୍ଡି ବା କୋଇଲର ସ୍ୱର ସ୍ୱଚ୍ଛ ହୁଏ । ପ୍ରବାହିକାରୋଗରେ—୧୩-ଗାଈଦୁଧରେ ଖଣ୍ଡିଏ ଲୁହାକୁ ଉତ୍ତମରୂପେ ତତାଇ ପକାଇବ । ଏହି ଗରମଦୁଧ ଦୁଇତିନି ଦିନ ପିଇଲେ ଶୂଳାହଗା ବନ୍ଦହୁଏ । ପାଣ୍ଡୁ ଓ କାମଳା ରୋଗ—୧୪—ପାଣ୍ଡୁରୋଗିର ରକ୍ତକ୍ଷୀଣ ହୋଇ ରୋଗୀ ଅତ୍ୟନ୍ତ ବିବର୍ଣ୍ଣ ଓ ଦୁର୍ବଳ ଦେଖାଗଲେ ଗୋଟିଏ ଲୌହପାତ୍ରରେ ଦୁଧକୁ ସିଝାଇ ସେହି ଦୁଧ ଦିନମଧ୍ୟରେ ଦୁଇତିନିଥର ରୋଗିକୁ ପିଆଇବ । ଏହିପରି ୧୦।୧୫ ଦିନ ଏହା ସେବନ କଲେ ପାଣ୍ଡୁ ଓ କାମଳାରୋଗ ନିବାରିତ ହୁଏ । ଅମ୍ଳପିତ୍ତରୋଗରେ—୧୫ ଦୁଧରୁ ସର ବାହାର କରିଦେଇ ଏହି ଦୁଧକୁ ଗରମ କରିବ । ଏଥିରେ ଚୂନପାଣି ମିଶାଇ ପିଇଲେ ଅମ୍ଳପିତ୍ତ ଅର୍ଥାତ୍ ଆମ୍ଳ-ଉଦ୍ଗାର, ଅଗ୍ନିମାନ୍ଦ୍ୟ ଓ ବୁକଜ୍ୱାଳା ପ୍ରଶମିତ ହୁଏ । ମଧୁମେହ ରୋଗେ—୧୬-ଦୁଧରୁ ସର ବାହାର କରିଦେଇ ଏହି ଦୁଧ ପିଇଲେ ମଧୁମେହରୋଗରେ ବିଶେଷ ଉପକାର ହୁଏ । ମଦାତ୍ୟୟରୋଗେ—୧୭-ମଦାତ୍ୟୟ ରୋଗିର ଓଜଃକ୍ଷୟ ହୋଇ ହୃତ୍କମ୍ପ, ଅନିଦ୍ରା ଓ ଅଗ୍ନିମାନ୍ଦ୍ୟ ହେଲେ ଯଷ୍ଟିମଧୁ ୨୦ ଗ୍ରାମ, ଦୁଧ ୧୬୦ ଗ୍ରାମ, ଜଳ ୬୪୦ ଗ୍ରାମ, ଶେଷ ୧୬୦ ଗ୍ରାମ, ଯଥା ନିୟମରେ ଏହା ପାକକରି ବାରମ୍ବାର ଅଳ୍ପ ୨ ଦୁଧ ରୋଗିକୁ ପାନ କରାଇବ । ଏହି ରୋଗରେ ଗାଈଦୁଧ ଭଳି ଆଉ ମହୋପକାରୀ ଔଷଧ ନାହିଁ । ଉଦରୀରୋଗ ରୋଗରେ—୧୮-ମାଣକନ୍ଦାର ଚୂର୍ଣ୍ଣ ୪୦ ଗ୍ରାମ, ଗୁଡ଼ୁଲଚୂନା ୮୦ ଗ୍ରାମ, ଦୁଧ ଏକକିଲୋ ଏବଂ ଜଳ ଏକକିଲୋ ଯଥାବିଧି ମଣ୍ଡ ପ୍ରସ୍ତୁତକରି ରୋଗିକୁ ଖୁଆଇବ ଏବଂ ରୋଗିକୁ ପାଣି ପିଇବାକୁ ନଦେଇ କେବଳ ନିରନ୍ତର ଦୁଗ୍ଧପାନ କରାଇବ ।

ଉଦରୀ ଓ ଶୋଥରୋଗରେ ଦୁଧପରି ମହୋପକାରୀ ଔଷଧ ଅଭାବ କହିଲ । ନିତ୍ୟ ଦୋହା ଧାରୋଷ୍ଣ ଦୁଧ ଅତ୍ୟନ୍ତ ପ୍ରଶସ୍ତ । କିନ୍ତୁ ଦୁଧ ଦୁହିଁବା ପରେ ବହୁ ସମୟ ରଖିଦେଲେ ତାହା ଶୀତଳ ହୋଇ ତା'ର ଗୁଣ ବିକୃତ ହୋଇଯାଏ । ଅତଏବ ସେହି ଦୁଧକୁ ଗରମ କରି ପିଇବା ଉଚିତ ନୁହେଁ । କାଳୀଗାଈଦୁଧ—ଏହା ଅତ୍ୟନ୍ତ ହିତକର ଓ ବାତନାଶକ । ଲାଲଗାଈଦୁଧ—ଏହା ବାତ ନାଶକ । ଚିତ୍ରବର୍ଣ୍ଣୀ ଗାଈଦୁଧ—ଏହା ବାତପିତ୍ତ ନାଶକ । ଧଳାଗାଈର ଦୁଧ—ଏହା କଫକାରକ ଓ ଗୁରୁ । ମଳେଇଗାଈଦୁଧ ଓ ଗୋଠଦୁଧ—ଏହା ତ୍ରିଦୋଷ ବର୍ଦ୍ଧକ ଓ ନାନା ରୋଗ-ଜନକ । ଦୁଧର ବିରୁଦ୍ଧଦ୍ରବ୍ୟ—ଯଥା—ମାଛ, ଲୁଣ, ମାଂସ, ମୂଳା, ରସୁଣ, ପିଆଜ, ତୁଳସୀ, ଅମୃତା, ଲେମ୍ବୁ, ଜାମି, ତେନ୍ତୁଳି ଓ ଡାଳିମ୍ବ, ଏହି ସବୁ ଦ୍ରବ୍ୟଖାଇ ଦୁଗ୍ଧ ପାନକଲେ ପରସ୍ପର ବିରୋଧ ହେତୁରୁ ଅଜୀର୍ଣ୍ଣ, ରକ୍ତ-ଦୋଷ, ସ୍ୱରଭଙ୍ଗ, ଅପସ୍ମାର, ଗଳଗଣ୍ଡ ଓ କ୍ଳୀବତା ପ୍ରଭୃତି ରୋଗ ଜନ୍ମିବାର ସମ୍ଭାବନା । ଦୁଗ୍ଧସେବନନିଷେଧ ନବଜ୍ୱରେ, ଅଗ୍ନିମାନ୍ଦ୍ୟ, ଆମବୃଦ୍ଧି, କୁଷ୍ଠ, ଉଦର, ଶୂଳ, କଫ ଓ କୃମିରୋଗରେ ଦୁଧ ଅନିଷ୍ଟକାରକ । ଅର୍ଶରୋଗି ପକ୍ଷରେ କଞ୍ଚାଦୁଧ ହାନିକାରକ । ନୂତନ ଉପଦଂଶ ଓ ଗନୋରିୟା ମେହରୋଗରେ ଅଧିକ ଦୁଗ୍ଧପାନ ହିତକର ହୁଏ ନାହିଁ । ଗାଈଦହି—ଗାଈର ସଜଦହି ମଧୁର, ସ୍ନିଗ୍ଧ, ଉଷ୍ଣ, ପାକରେ ଅମ୍ଳ, ବଳକାରକ, ପବିତ୍ର, ବାତନାଶକ ଓ ରୁଚିକର । ଗାଈଦହିର ପ୍ରୟୋଗ । ଯଥା—ଅଜୀର୍ଣ୍ଣରୋଗରେ ୧୯—ସୈନ୍ଧବ, ଗୋଲମରିଚ ଓ ଭଜାଜୀରା ଏସବୁ ଦ୍ରବ୍ୟ ସମାନ ଭାଗରେ ଗୁଣ୍ଡ କରି ଗାଈ ଦହିରେ ମିଶାଇ ପିଇଲେ ଉତ୍କଟ ଅଜୀର୍ଣ୍ଣ ରୋଗ ଶାନ୍ତ ହୁଏ । ତୃଷ୍ଣାରୋଗରେ—୨୦—ଗାଈ ଦହିରେ ସମାନ ପରିମାଣେ ଜଳ ମିଶାଇ ଏଥିରେ ଖଣ୍ଡିଏ ଇଟା ତତାଇ ପକାଇବ । ଏହି ଦହି ପିଇଲେ ତୃଷ୍ଣାର୍ତ୍ତ ରୋଗିର ତୃଷା ଶାନ୍ତ ହୁଏ । ଗାଈଦହିରେ ମିଶ୍ରି ମିଶାଇ ପିଇଲେ ମଧ୍ୟ ଏହି ଫଳ ହୁଏ । ବିଷମଜ୍ୱରରେ—୨୧ କଳଅଁଳମଣ୍ଡି ଖାଇ ବିଷମଜ୍ୱର ଗ୍ରସ୍ତ ହୋଇଥିବା ରୋଗିକୁ ଗାଈଦହିରେ ଚିନି ମିଶାଇ ପିଆଇବ । ସୂର୍ଯ୍ୟାବର୍ତ୍ତରୋଗେ ୨୨—ସୂର୍ଯ୍ୟୋଦୟ ପୂର୍ବରୁ ଦହିଭାତରେ ଚିନି ମିଶାଇ ୪।୫ ଦିନ ଖାଇଲେ ସୂର୍ଯ୍ୟାବର୍ତ୍ତରୋଗ (ସୂର୍ଯ୍ୟ ଉଦୟହେବା ସଙ୍ଗେ ସଙ୍ଗେ ଧୀରେ୨ ଯେଉଁ ମୁଣ୍ଡବ୍ୟଥା ବଢ଼େ ଏବଂ ସୂର୍ଯ୍ୟ ଅସ୍ତ ହେବେ କମିଯାଏ, ତା'ର ନାମ ସୂର୍ଯ୍ୟାବର୍ତ୍ତରୋଗ) କମିଯାଏ । ଜୀର୍ଣ୍ଣଜ୍ୱରରେ—୨୩—କଳକାମଣ୍ଡି ପଚିତ ଔଷଧ ଖାଇବା

ହେତୁରୁ ଅଧିକ ବଡ଼ରଜନ ହେଲେ ଏକ ଗ୍ରାମ ଚୂଆକ୍ଷାର ଦହିରେ ମିଶାଇ ପିଇବ । ଏହିପରି ଦୁଇଥର ଏହା ସେବନ କଲେ କନକାମଣ୍ଡୀର ବସ୍ତ କଷ୍ଟ ହୁଏ ଏବଂ ଚେତନ ବନ୍ଦ ହୁଏ । **ଦହିଖାଇବାନିଷେଧ**—ରକ୍ତପିତ୍ତ, ଅମ୍ଳପିତ୍ତ, କଫ-ରୋଗ, କ୍ଷୟ, ଶୋଥ, ଅଗ୍ନିମାନ୍ଦ୍ୟ, ଅର୍ଦ୍ଧାଙ୍ଗ, ପୀନସ, ଉପଦଂଶ, ନେତ୍ରରୋଗ, ପିତ୍ତଜ ପ୍ରମେହ, ଅର୍ଶ, ମୂତ୍ରକୃଚ୍ଛ୍ର, ମୂତ୍ରାଘାତ, ମଦାତ୍ୟୟ, ଜ୍ୱର, ବାତରକ୍ତ, ରକ୍ତବିକାର, ଅଗ୍ନିବୃଦ୍ଧି ଏବଂ ଉଷ୍ଣତା ହେତୁରେ ଦହି ଖାଇବା ନିଷେଧ । ଏହାଛଡ଼ା ଶରତ୍, ଗ୍ରୀଷ୍ମ, ଓ ବସନ୍ତ ଋତୁରେ ଏବଂ ରାତ୍ରି କାଳରେ ଦହି ଭକ୍ଷଣ କରିବ ନାହିଁ । ଯଦି ରାତ୍ରିରେ ଦହି ଖାଇବାକୁ ହୁଏ, ତେବେ ଲୁଣ, ପାଣି, ମିଶ୍ରୀ, ଘିଅ, ମହୁ, ମୁଗଡାଲି ଏବଂ ଅଁଳା ଚୂର୍ଣ୍ଣ ଏଥିମଧ୍ୟରୁ ନିଜର ପ୍ରକୃତିର ଅନୁକୂଳ ଦ୍ରବ୍ୟ ତହିଁରେ ମିଶାଇ ଖାଇବ । ଉପରୋକ୍ତ ନିୟମ ବିରୁଦ୍ଧରେ ଦହି ଖାଇଲେ କୁଷ୍ଠ, ରକ୍ତବିକାର, କାମଳା, ଶୋଥ, ଭ୍ରମ, ପିତ୍ତବିକାର, ମୂତ୍ରକୃଚ୍ଛ୍ର, ବ୍ରଣ ଓ ସନ୍ଧିସ୍ଥାନରେ ବେଦନା ଇତ୍ୟାଦି ଉପଦ୍ରବ ମଧ୍ୟରୁ ଯେ କୌଣସି ଉପଦ୍ରବ ଆକ୍ରମଣ କରିବାର ସମ୍ଭାବନା । **ଅବିଶୁଦ୍ଧଦହି**—ଅଧିକ ଅମ୍ଳ ଓ ୫ । ୭ ଦିନର ବାସିଦହି ଖାଇବା ନିଷେଧ । **କେଶବର୍ଦ୍ଧନାର୍ଥେ**—୨୪—ଦହି ମୁଣ୍ଡରେ ଘଷି ବାଳ ଧୋଇଲେ ବାଳସବୁ କୋମଳ ଓ ଦୀର୍ଘ ହୁଏ । **ଗାଈଚହ୍ଲା**—ଦହିରେ ଚତୁର୍ଗୁଣ ପାଣି ମିଶାଇ ମନ୍ଥିଲେ ଚହ୍ଲା ପ୍ରସ୍ତୁତ ହୁଏ । ଏହି ଚହ୍ଲା—ସ୍ୱାଦୁ, ଅମ୍ଳ, କଷାୟ, ଉଷ୍ଣ, ତ୍ରିଦୋଷ ନାଶକ, ଅମ୍ଳପିତ୍ତ ବର୍ଦ୍ଧକ ଏବଂ ମୂତ୍ରକୃଚ୍ଛ୍ର ରୋଗରେ ହିତକର । ଚହ୍ଲା—ଅମ୍ଳରସ ଯୁକ୍ତ ହେତୁରୁ ବାତ, ମଧୁର ରସଯୁକ୍ତ ହେତୁରୁ ପିତ୍ତ ଏବଂ କଷାୟ ରସଯୁକ୍ତ ହେତୁରୁ କଫ ହରଣ କରେ । ବାନ୍ତି, ଗ୍ରହଣୀ, ଅତିସାର, ବାତଜ୍ୱର, ପାଣ୍ଡୁ, କାମଳା, ପ୍ରମେହ, ଶୂଳ, ଉଦର, ବାତରୋଗ, ବିଷଦୋଷ, ମେଦୋ-ରୋଗ, ଗ୍ରହଣୀ, ଅର୍ଶ, ମୂତ୍ରକୃଚ୍ଛ୍ର, ଭଗନ୍ଦର, ଶୂଳ, ପ୍ଲୀହା, ଶ୍ୱେତକୁଷ୍ଠ ଓ କୁଷ୍ଠ ରୋଗରେ ଚହ୍ଲା ଅମୃତ ସମାନ ଉପକାର କରେ, କାନ୍ତି ଓ ରୁଚି ବୃଦ୍ଧି କରେ ଏବଂ ଶ୍ରମ, ଗ୍ଲାନି ଓ ଅଗ୍ନିମାନ୍ଦ୍ୟ ହରଣ କରେ । ଚହ୍ଲାର ପ୍ରୟୋଗ—**ଆମାତିସାରରେ** ୨୫—ଗାଈଚହ୍ଲାରେ ଶୁଣ୍ଠୀ, ଗୋଲମରିଚ ଓ ସୈନ୍ଧବ ଉପଯୁକ୍ତ ପରିମାଣରେ ମିଶାଇ ଦୈନିକ ଦୁଇଥର ୪ । ୫ ଦିନ ପିଇଲେ ଆମାତିସାର ଭଲହୁଏ । **ରକ୍ତାର୍ଶରୋଗରେ**—୨୬—ଦୀର୍ଘଦିନ ପର୍ଯ୍ୟନ୍ତ ଚହ୍ଲାରେ ସୈନ୍ଧବ ଲୁଣ ମିଶାଇ ପିଇଲେ ମଳକଣ୍ଟକ ରୋଗର ରକ୍ତସ୍ରାବ ନିବାରିତ ହୁଏ । **ଦାହରୋଗରେ**— ୨୭—ଦେହର କୌଣସି ଅଙ୍ଗରେ ଜ୍ୱାଳା ହେଲେ ଖଣ୍ଡିଏ ଗାମୁଛା ଚହ୍ଲାରେ ଓଦାକରି ତହିଁରେ ଘୋଡ଼ାଇବ । **ବାତଗୁଳ୍ମରୋଗରେ**—୨୮—ଯୁଆଣି ଓ ସୈନ୍ଧବ ଚୂର୍ଣ୍ଣ ଚହ୍ଲାରେ ମିଶାଇ ପ୍ରତିଦିନ ପିଇଲେ ବାତଗୁଳ୍ମ ଓ ମଳକଣ୍ଟକ ଭଲହୁଏ । **ଅଜୀର୍ଣ୍ଣରୋଗରେ**—୨୯ ପ୍ରତିଦିନ ଭୋଜନ ପରେ ଚହ୍ଲା ପାନକଲେ ଅଜୀର୍ଣ୍ଣ ରୋଗରେ ବହୁତ ଉପକାର ହୁଏ । **ଉଦରରୋଗରେ**—୩୦—ବାତୋଦରରୋଗରେ ପିପ୍ପଳୀ ଓ ସୈନ୍ଧବ, ପିତ୍ତୋଦର ରୋଗରେ ଚିନି ଓ ମରିଚ କଫୋଦର ରୋଗରେ ଯୁଆଣି, ସୈନ୍ଧବ ଓ ତ୍ରିକଟୁ ଚୂର୍ଣ୍ଣ ଏବଂ ସନ୍ନିପାତୋଦର ରୋଗରେ ତ୍ରିକଟୁକ୍ଷାର ଓ ସୈନ୍ଧବ ସହିତ ଚହ୍ଲା ପାନ କରିବା ଅତୀବ ହିତକର । **ମୂତ୍ରକୃଚ୍ଛ୍ର ରୋଗରେ**—୩୧-ଚହ୍ଲାରେ ପୁରୁଣା ଗୁଡ଼ ମିଶାଇ ପିଇଲେ ମୂତ୍ରକୃଚ୍ଛ୍ର ରୋଗ ଶାନ୍ତହୁଏ । **ରକ୍ତାତିସାରରେ**—୩୨—ଗୁଡ଼ୁଲକୁ ଅଳ୍ପ ଖଣ୍ଡ ଚହ୍ଲା ସହିତ ପାକକରି ଖାଇଲେ ରକ୍ତାତିସାର ରୋଗରେ ଉପକାର ହୁଏ । **ପ୍ରମେହରୋଗରେ** ୩୩—ପ୍ରମେହ ରୋଗରେ ମହୁ ସହିତ ତକ୍ରପାନ ହିତକର । **ଚହ୍ଲାପିଇବାନିଷେଧ**—ଉପଦଂଶ, ରକ୍ତଶୋଷ, ପ୍ରମେହ, ମୂତ୍ରଜ୍ୱାଳା, କ୍ଷତ, ମୂର୍ଚ୍ଛା, ଭ୍ରମ, ଦାହ, ତୃଷା, ରକ୍ତପିତ୍ତ ଓ ଅମ୍ଳପିତ୍ତ ଇତ୍ୟାଦି ରୋଗରେ, ନବଜ୍ୱରର ଗ୍ରୀଷ୍ମ ଓ ଶରତ୍କାଳରେ ଏବଂ ପ୍ରସୂତା ସ୍ତ୍ରୀ ପକ୍ଷରେ ଚହ୍ଲାପାନ ନିଷେଧ । **ଗାଈନହୁଣୀ**—ଏହା ମଧୁର, ଶୀତଳ, ବଳକାରକ, ସଂଗ୍ରାହକ, କଫକାରକ, ରୁଚିକର, ସର୍ବାଙ୍ଗଦାହନାଶକ, କାନ୍ତିବର୍ଦ୍ଧକ, ପୁଷ୍ଟିକର, ଶ୍ରମହର ଓ କାସରୋଗରେ ହିତକର । ନହୁଣୀର ପ୍ରୟୋଗ—**ବଳବର୍ଦ୍ଧନାର୍ଥେ**—୩୪-ସଜ ନହୁଣୀରେ ମିଶ୍ରୀ ମିଶାଇ ପ୍ରତିଦିନ ଖାଇଲେ ଦେହର ବଳବଢ଼େ, ଦୃଷ୍ଟିଶକ୍ତି ବଢ଼େ ଏବଂ କ୍ଷୟରୋଗର ପ୍ରଶମିତ ହୁଏ । **ଅଗ୍ନିଦଗ୍ଧବ୍ରଣେ**—୩୫-ଦେହର କୌଣସି ଅଙ୍ଗରେ ନିଆଁ ଲାଗି ଫୋଟକା ହେଲେ ତହିଁରେ ନହୁଣୀ ଲଗାଇବ । **ଗୁଣ୍ଡିବସନ୍ତରୋଗରେ**—୩୬-ପିଲମାନଙ୍କର ଗୁଣ୍ଡି ବସନ୍ତ ବା ମିଳିମିଳା ହେଲେ ସେମାନଙ୍କର ଦେହରେ ଗରମୀ ବ୍ୟାପିଯାଏ, ସେପରି ଅବସ୍ଥାରେ ନହୁଣୀରେ ମିଶ୍ରୀ ମିଶାଇ ସେମାନଙ୍କୁ ଚଟାଇବ । **ଚକ୍ଷୁର୍ଦାହରେ**—୩୭—ନହୁଣୀ ଆଖିରେ ଲଗାଇଲେ ଆଖିର ଜ୍ୱାଳା ଶାନ୍ତହୁଏ । **ରକ୍ତାର୍ଶରୋଗରେ**—୩୮—ଗାଈନହୁଣୀରେ ଟେପପାଳେଡ଼ା ରସି ଓ ମିଶ୍ରୀ ମିଶାଇ ଖାଇଲେ ମଳକଣ୍ଟକ ରୋଗର ରକ୍ତସ୍ରାବ ବନ୍ଦହୁଏ । **ଝାଳଫୋଟକାରେ**—୩୯—ଝାଳୁଆ ହେଲେ ଦେହରେ ଲାଗି ଫୁଲିଉଠିଲେ ତହିଁରେ ନହୁଣୀ ଓ ରସି ଏକାଠି ବାଟି ଲେପନ କରିବ ଏବଂ ରୋଗୀକୁ ରସି ମିଶ୍ରିତ ନହୁଣୀ ଖୁଆଇବ । ଏହିପରି ୪ । ୫ ଦିନ ଏହା ବ୍ୟବହାର କଲେ

ଭଲଆର ବିଷ ନଷ୍ଟ ହୁଏ । **ଗାଈଘିଅ**—ଏହା ମଧୁର, ଶୀତଳ, ବଳକାରୀ ଓ କାନ୍ତିବର୍ଦ୍ଧକ, ଇନ୍ଦ୍ରିୟମାନଙ୍କର ତୃପ୍ତିକର, ସ୍ୱରପରିଷ୍କାରକ, ଅଗ୍ନିଦୀପକ ଓ ଚକ୍ଷୁର ହିତକର । ଘିଅର ପ୍ରୟୋଗ । ଯଥା—ଗୋଟିଏ ଥାଳୀରେ କିଛି ଘିଅ ଢାଳି ତହିଁରେ ଅଳ୍ପପାଣି ମିଶାଇ ହାତରେ ଘସିବ, କିଛି ସମୟ ଘସିବା ପରେ ସେହିପାଣି ସାବଧାନରେ ଜଳକୁ ନିଗାଡ଼ି ଦେଇ ଫେରେ ପାଣି ଦେଇ ଘସିବ । ଏହିପରି ଶହେ ଥର ପକାଇ ଘିଅକୁ ଧୋଇଲେ ତା'ର ନାମ **ଶତଧୌତ ଘୃତ**—ହୁଏ । ଏହି ଘୃତ ମହୋପକାରକ । ୪୦—ଦେହର କୌଣସି ଅଙ୍ଗରେ ଦାହ ଜାତ ହେଲେ ଏହି ଘୃତ ସେହି ଅଙ୍ଗରେ ଘସିବ । ଏଥିଦ୍ୱାରା ଦାହ ଶାନ୍ତ ହୁଏ । ୪୧—ମହୁମାଛି ଓ ବିମ୍ପିର (ବିରୁଡ଼ି) ଦଂଶନ କରିଥିବା ଅଙ୍ଗରେ ଏହି ଘୃତ ଲେପନ କଲେ ଜ୍ୱାଳା ଓ ବିଷଦୋଷ ଶାନ୍ତହୁଏ । ୪୨—ଦେହର ଚମ ଫାଟି ହୋଇ ଯାଉଥିଲେ ଏହିଘୃତ ତହିଁରେ ମାଲିସ କଲେ ବିଶେଷ ଉପକାର ମିଳେ । ୪୩—ଏହା ଲେପନ କଲେ ଶିରର ଜ୍ୱାଳା ଓ ମସ୍ତକର ବେଦନା ଶାନ୍ତହୁଏ । **ଚାତୁର୍ଥିକ ଜ୍ୱରରେ**—୪୪-ଦଶ ବା ତେରଏ ବର୍ଷର ପୁରୁଣା ଘିଅ ଆଣି ତହିଁରେ ହିଙ୍ଗୁ ମିଶାଇ ନାକରେ ପକାଇଲେ ଚାତୁର୍ଥିକ ଜ୍ୱର ( ଦି ଦିନଛଡ଼ାଜ୍ୱର ) ଛାଡ଼ିଯାଏ । **ଇନ୍ଦ୍ରିୟଶକ୍ତିବର୍ଦ୍ଧନାର୍ଥେ**—୪୫-ଗାଈଦୁଧରେ ସଜଘିଅ ଓ ମିଶ୍ରୀ ମିଶାଇ ପିଇଲେ ଇନ୍ଦ୍ରିୟଶକ୍ତି ବଢ଼େ । **ବିଷପ୍ରଶମନାର୍ଥେ**—୪୬—ଆପୁ, ଧୁତୁରମଞ୍ଜୀ, କନଅରମଞ୍ଜୀ କିମ୍ବା କଇମଞ୍ଜୀ ଖାଇ ବିକାରଗ୍ରସ୍ତ ହୋଇଥିବା ରୋଗୀକୁ ଘୃତ ମିଶ୍ରିତ ଦୁଧ ପାନ କରାଇବ । **କମ୍ପଜ୍ୱରରେ**—୪୭-କମ୍ପଜ୍ୱର ଆସିବାର ଏକଘଣ୍ଟା ଆଗରୁ ୨୦—୩୦ ଗ୍ରାମ ଘିଅ ଗରମ କରି ପିଇଲେ ଜ୍ୱର ଅଟକି ଯାଏ । **ଶଙ୍କାବିଷ**—୪୮—ଯଦି କୌଣସି ପ୍ରକାର ବିଷଭକ୍ଷଣ କଲାପରି କାହାର ଆଶଙ୍କା ହୁଏ, ତେବେ ତାକୁ ୧୦୦ । ୧୫୦ ଗ୍ରାମ ଘିଅରେ ମରିଚ ଚୂର୍ଣ୍ଣ ମିଶାଇ ପିଆଇବ । **ସ୍ୱରଭଙ୍ଗ ଓ କାସରୋଗରେ**—୪୯—ଘିଅ ସହିତ ମରିଚ ଚୂର୍ଣ୍ଣ ମିଶାଇ ଖାଇଲେ ବାତଜ ସ୍ୱରଭଙ୍ଗ ଏବଂ ମିଶ୍ରୀ ମିଶାଇ ଖାଇଲେ ପିତ୍ତଜ ସ୍ୱରଭଙ୍ଗ ନିବାରିତ ହୁଏ ଏବଂ ଏହି ଉପାୟ ଦ୍ୱାରା ଶୁଷ୍କ କାସ ମଧ୍ୟ ଶାନ୍ତ ହୁଏ । ଏହା ସେବନ କରିବା ପରେ ୩ । ୪ ଘଣ୍ଟା ପର୍ଯ୍ୟନ୍ତ ଜଳପାନ ନ କରି ପାନ ଖାଇବା ଉଚିତ । **ଶୀତପିତ୍ତରୋଗରେ**—୫୦ ଘିଅରେ ସୈନ୍ଧବ ମିଶାଇ ଦେହରେ ଘସିଲେ ଶୀତପିତ୍ତ ରୋଗ ପ୍ରଶମିତ ହୁଏ । **ସୂର୍ଯ୍ୟାବର୍ତ୍ତାଦିରୋଗରେ**—୫୧—ଘିଅକୁ ନାକରେ ପକାଇଲେ ସୂର୍ଯ୍ୟାବର୍ତ୍ତ ଓ ଅର୍ଦ୍ଧକପାଳ ବ୍ୟଥା ଶାନ୍ତ ହୁଏ । **ରକ୍ତପିତ୍ତେ**—୫୨—ସଜ ଗାଈଘିଅକୁ ନାକରେ ପକାଇଲେ ନାକରୁ ରକ୍ତ ପଡ଼ିବା ବନ୍ଦହୁଏ । **ଅଗ୍ନିଦଗ୍ଧ ବ୍ରଣେ**—୫୩—ଦେହର କୌଣସି ଅଙ୍ଗ ନିଆଁରେ କିମ୍ବା ଅତ୍ୟୁଷ୍ଣ ତରଳ ବସ୍ତୁର ସଂଯୋଗରେ ପୋଡ଼ିଗଲେ ତହିଁରେ ଘିଅ ଲେପନ କରିବ । **ଉନ୍ମାଦ ରୋଗରେ**—୫୪—ଦଶ ବର୍ଷର ପୁରାତନ ଘୃତ ଉନ୍ମାଦ ରୋଗରେ ବିଶେଷ ଫଳଦାୟକ ଏବଂ ଗ୍ରହପୀଡ଼ା ନିବାରକ । **ଘୃତପାନ ନିଷେଧ** ଅଗ୍ନିମାନ୍ଦ୍ୟ, ଜୀର୍ଣ୍ଣଜ୍ୱର, ବହୁମୂତ୍ର, ପ୍ରମେହ, ଜ୍ୱରଯୁକ୍ତ ରାଜଯକ୍ଷ୍ମା, କଫରୋଗ, ମଳାବରୋଧ ଓ ଆମଯୁକ୍ତ ରୋଗରେ ଏବଂ ଦୁଗ୍ଧପାୟୀ ବାଳକ ଓ ବୃଦ୍ଧରୋଗୀ ପକ୍ଷରେ ଅଧିକ ଘୃତପାନ ନିଷେଧ । ପ୍ରୟୋଜନ ହେଲେ ଅତି ଅଳ୍ପ ପରିମାଣରେ ଏମାନଙ୍କୁ ଘିଅ ଦିଆଯାଇ ପାରେ । **ଘୃତାଭ୍ୟଙ୍ଗ** ୫୫ ଦେହରେ ଘୃତ ମର୍ଦ୍ଦନ କରିବାର ନାମ ଘୃତାଭ୍ୟଙ୍ଗ । ବାତରୋଗ, ପିତ୍ତବିକାର, ରକ୍ତଦୋଷ, ସନ୍ନିପାତ, ମଦ, ମୂର୍ଚ୍ଛା, ପ୍ରଳାପ, ତୃଷା, ଦାହ, ଜୀର୍ଣ୍ଣଜ୍ୱର ଓ ପଥଶ୍ରମ ପ୍ରଭୃତି ପୀଡ଼ାରେ ଏବଂ କୃଶାଙ୍ଗ ବ୍ୟକ୍ତି ପକ୍ଷରେ ଘୃତାଭ୍ୟଙ୍ଗ ଉପକାର କରେ । କିନ୍ତୁ ଗୁଳ୍ମ, ପ୍ଲୀହା, ଅଗ୍ନିମାନ୍ଦ୍ୟ, କାମଳା, ଅତିସାର, ଶ୍ୱାସ, କାସ, ଉଦର, ବାନ୍ତି, ପାଣ୍ଡୁ, ସର୍ବାଙ୍ଗଶୋଥ, ବଧିର, ପାର୍ଶ୍ୱଶୂଳ, ଗଣ୍ଡମାଳା, ଅର୍ବୁଦ, ଶୀତଜ୍ୱର ଓ ପ୍ରମେହ ରୋଗରେ ଘୃତାଭ୍ୟଙ୍ଗ ଉପକାରୀ ହୁଏ ନାହିଁ ।

**ଗୋରୋଚନା**—ଗୋରୁମାନଙ୍କର ପିତ୍ତ ମୁଣାରେ ଥିବା ଶୁଖିଲା ପିତ୍ତ ଗ୍ରନ୍ଥିକୁ ଗୋରୋଚନା ବୋଲିଯାଏ । **ଗୋରୋଚନା ପରୀକ୍ଷା**—ଅସଲ ଗୋରୋଚନାକୁ ଜିଭରେ ଚାଖିଲେ ଖାର ଓ ତିକ୍ତ ଲାଗେ ଏବଂ ଚୂନପାଣିରେ ମିଶାଇଲେ ଲାଲବର୍ଣ୍ଣ ହୁଏନାହିଁ । ଅର୍ଥାତ୍ ଗୋରୋଚନାର ଯାହା ସ୍ୱାଭାବିକ ବର୍ଣ୍ଣ, ଠିକ୍ ତାହା ଏକା ରହେ, କିନ୍ତୁ ନକଲି ଗୋରୋଚନାର ବର୍ଣ୍ଣ ବଦଳି ଯାଏ । ଗୋରୋଚନା ତିକ୍ତ, ଶୀତଳ, ପାଚକ ଓ ରୁଚିକର । ଏହା କ୍ରିମି, କୁଷ୍ଠ, ବିଷଦୋଷ, ଭୂତଗ୍ରହ, ଗ୍ରହୋନ୍ମାଦ, ଗର୍ଭସ୍ରାବ, କ୍ଷତ ଓ ରକ୍ତସ୍ରାବ ନିବାରଣ କରେ । ଏହା ମଙ୍ଗଳକର ଓ ବଶୀକରଣ ଦ୍ରବ୍ୟ । ଯନ୍ତ୍ର ମନ୍ତ୍ରାଦି ଲେଖନ କାର୍ଯ୍ୟରେ ଏହା ବ୍ୟବହୃତ ହୁଏ । ୫୬—ବାଳକମାନଙ୍କର ଆକ୍ଷେପ, ଅପସ୍ମାର ଓ କୁନ୍ଦୁଲି ବିକାରରେ ଏବଂ ମୂର୍ଚ୍ଛା ରୋଗରେ ଏହା ଅଦାରସ ଓ ମହୁ ସହିତ ସେମାନଙ୍କୁ ଦିଆଯାଏ । ୫୭—ଶିଶୁମାନଙ୍କର ଯକୃତ୍ ବିକାରରେ ଏହା ଉତ୍ତମ ଫଳପ୍ରଦ । ଏଥିଦ୍ୱାରା ବାଳକମାନଙ୍କର ଅଗ୍ନିମାନ୍ଦ୍ୟ ଦୂର ହୁଏ ଏବଂ ସେମାନଙ୍କର ଝଳା ଓ ମାଟିଆ ବର୍ଣ୍ଣର ମଳ ସ୍ୱାଭାବିକ ବର୍ଣ୍ଣ ଯୁକ୍ତ ହୁଏ । ୫୮—ସର୍ପ ଓ ବୃଶ୍ଚିକଦଷ୍ଟ ସ୍ଥାନରେ ଗୋରୋଚନା ବାଟି ଲେପନ କଲେ ବିଷ ନଷ୍ଟ

ହୁଏ । ୫୯—ମରିଚ କଷାୟ ସହିତ ଗୋରୋଚନା ମିଶାଇ ସେବନ କଲେ ବିସୂଚିକା ପ୍ରଶମିତ ହୁଏ । ୬୦—ଗୋରୋଚନାକୁ ତେଲରେ ଫୁଟାଇ ତା'ର ନସ୍ୟ ଗ୍ରହଣ କଲେ ମୁଣ୍ଡବ୍ୟଥା ଶାନ୍ତ ହୁଏ । ୬୧—ଗୋରୋଚନାକୁ ଘିଅରେ ମିଶାଇ ମର୍ଦ୍ଦନ କଲେ ସନ୍ଧିବାତ ଓ ଗଣ୍ଠିବାତ ନିବାରିତ ହୋଇ ଚଳଚ୍ଛକ୍ତି ଲାଭ ହୁଏ । **ଗୋମୂତ୍ର**—ଏହା କଟୁ, ତିକ୍ତ, କଷାୟ, କ୍ଷାର, ଉଷ୍ଣ, ଲଘୁ, ତୀକ୍ଷ୍ଣ, ପାଚକ, ମଳଭେଦକ, ଅଗ୍ନି-ଦୀପକ, ମେଧା, ସ୍ମୃତି, ବର୍ଣ୍ଣବର୍ଦ୍ଧକ ଓ ବାତକଫ ନାଶକ । ଏକମାତ୍ର ଗୋମୂତ୍ର ପାନ କଲେ କଣ୍ଡୁ, କିଳାସକୁଷ୍ଠ, ଶୂଳ, ଗୁଳ୍ମ, ବାତବିକାର, ମୂତ୍ରରୋଧ, କାଶ, ଜ୍ୱର, କ୍ରିମି, ପାଣ୍ଡୁ, ମୁଖରୋଗ ଓ ଚକ୍ଷୁରୋଗ ନିବାରିତ ହୁଏ । **ଗୋମୂତ୍ରର ପ୍ରୟୋଗ କଫରୋଗେ**—୬୨-ଗୋମୂତ୍ରରେ ଅଳ୍ପ ପାଣି ମିଶାଇ ପିଇଲେ କଫରୋଗ ନଷ୍ଟହୁଏ । **ମଳରୋଧେ**—୬୩-ଅଧପାଏ ଗୋମୂତ୍ର ୩—୪ ଥର ପରିଷ୍କାର କନାରେ ଛାଣି ପିଇଲେ ସୁଖରେ ବିରେଚନ ହୁଏ । **ଶ୍ୱାସରୋଗେ**—୬୪-ଗୋମୂତ୍ରରେ ଅଳ୍ପ ଲୁଣ ମିଶାଇ ପିଇଲେ ଶ୍ୱାସରୋଗ ବିନଷ୍ଟ ହୁଏ । **କର୍ଣ୍ଣଶୂଳେ**—୬୫-ଗୋମୂତ୍ର ଗରମ କରି କାନରେ ପକାଇଲେ କାନଟଣା ଓ କାନରୁ ପାଣି ବହିବା ବନ୍ଦ ହୁଏ । **କଫଶ୍ୱାସେ**—୬୬-ଗୋମୂତ୍ରକୁ ଅଗ୍ନିରେ ଉତ୍ତମ ରୂପେ ସିଦ୍ଧ କରି ତାର ସବୁ ପାଣି ମାରିଦେବ । ପାଣି ସବୁ ମରିଗଲେ ପାତ୍ରରେ ଯେଉଁସବୁ ଲୁଣ ଜମାଥିବ, ତାକୁ ବାହାର କରିବ । ଏହି ଲୁଣ ଏକଚତୁର୍ଥାଂଶ ଗ୍ରାମ ପରିମାଣରେ ପ୍ରତିଦିନ ଖାଇଲେ କଫଶ୍ୱାସ ନିବାରିତ ହୁଏ । **ପାଣ୍ଡୁକାମଳାଦିରୋଗେ**—୬୭-୧୦୦ ଗ୍ରାମ ଗୋମୂତ୍ରରେ ହଳଦୀଗୁଣ୍ଡ ମିଶାଇ ଦଶ ପନ୍ଦର ଦିନ ପିଇଲେ ପାଣ୍ଡୁ, କାମଳା, ଶୋଥ ଓ ରକ୍ତବିକାର ବିନଷ୍ଟ ହୁଏ । **ଗୋବର**—● ଏହା କାନ୍ତିକାରକ, ପାପନାଶକ, କଫହାରକ ଏବଂ ଗ୍ରହପୀଡ଼ା ଓ ଭୂତପ୍ରେତାଦି ନିବାରକ । ଏହା ଅନିର୍ମଳତା, ଦୌର୍ଗନ୍ଧ୍ୟ ଓ ବିଷାମ୍ଳ ହରଣ କରେ । **ଗୋବରର ପ୍ରୟୋଗ—ଗର୍ଭଧାରଣାର୍ଥେ**—୬୮-ଯେଉଁ ସ୍ତ୍ରୀର ଗର୍ଭ ରହୁନଥିବ, ସେହି ସ୍ତ୍ରୀକୁ ମାସିକ ଶୁଦ୍ଧ ସ୍ନାନ ପରେ ଛଡ଼ା ଗାଈର ଗୋବରକୁ କନାରେ ଚିପୁଡ଼ି ଛାଣି ତା'ର ରସ ୧୦ ଗ୍ରାମ ପରିମାଣରେ ବାହାର କରି ପିଆଇବ । ଏହିପରି ଶୁଦ୍ଧସ୍ନାନ ପରେ ତିନି ଚାରି ମାସ ପିଆଇଲେ ସ୍ତ୍ରୀର ବନ୍ଧ୍ୟାଦୋଷ ନଷ୍ଟ ହୋଇ ସେ ଗର୍ଭିଣୀ ହୁଏ । **ଗୁଦନିର୍ଗମେ**—୬୯-ଯେଉଁ ରୋଗିର ହଗିବା ସମୟରେ କଡ଼ିଆ (ଅର୍ଶ ଦରା) ଭଳି ପଦାକୁ ବାହାରି ପଡ଼େ, ତା'ର ଗୁହ୍ୟଦେଶରେ ଗୋବରକୁ ଗରମ କରି ସେକ ଦେବ । କାନରେ ଶୁଆପୋକ କାଟିଲେ (ପରିଲେହ ରୋଗ) ସେହି କାନକୁ ଗରମ ଗୋବରରେ ସେକି, ଛେଳି ମୂତ୍ରରେ କର୍ପୂର ବାଟି ଲଗାଇଲେ ଅଳ୍ପ ସମୟରେ ସେହି ବ୍ରଣ ଶୁଖିଯାଏ । **କଚ୍ଛୁକଣ୍ଡ୍ୱାଦିରୋଗେ**—୭୦-ଗୋବରକୁ ଭଲରୂପେ ଦେହରେ ଘଷି ଗରମ ପାଣିରେ ଗାଧୋଇଲେ କାଛୁ, କୁଣ୍ଡିଆ ଓ ଦେହର ଦୁର୍ଗନ୍ଧ ଦୂରୀଭୂତ ହୁଏ । **ବର୍ଣ୍ଣକରଣାର୍ଥେ**—୭୧-ଗାଈଗୋବରର ପାଉଁଶକୁ ଦୁଧରେ ମିଶାଇ ଦେହ ଓ ମୁହଁରେ ଘଷିଲେ ଦେହର ବର୍ଣ୍ଣ ଗୋରା ଦିଶେ । **ତିମିରରୋଗେ**—୭୨-ଗୋବର ରସ ଓ ରାଶିତେଲ ସମାନ ଭାଗରେ ଅଗ୍ନିରେ ପାକ କରିବ । ପାକ ସିଦ୍ଧ ହେବା ପରେ ଏହି ତେଲ ୧୦ ଗ୍ରାମ ମାତ୍ରାରେ ୧୦।୨୦ ଦିନ ସେବନ କଲେ ତିମିର ନାମକ ନେତ୍ରରୋଗ ବିନଷ୍ଟ ହୁଏ । **ଗୋମାଂସ**—ଏହା ପବିତ୍ର, ଆୟୁଃପ୍ରଦ, ଶ୍ରମନାଶକ ଓ ବାତହାରକ ଏବଂ ପୀନସ, ବିଷମଜ୍ୱର, ଶୁଷ୍କକାଶ, ଶ୍ୱାସ, ପ୍ରତିଶ୍ୟାୟ ଓ ଅତ୍ୟଗ୍ନି ନିବାରକ । ଏହି ମାଂସ ଅତିଶୟ ଉଷ୍ଣ । ସୁତରାଂ ଏହା ଭାରତବାସୀ ପକ୍ଷରେ ଅନିଷ୍ଟକର । **ଗୋରୁର ହାଡ଼**—୭୩-ପକ୍ୱ ବ୍ରଣର ଉପଯୁକ୍ତ ସ୍ଥାନରେ ଗୋରୁଦାନ୍ତକୁ ଘୋରି ଲଗାଇଲେ ବ୍ରଣ ଫାଟିଯାଏ । ୭୪—ଯେଉଁ ଘରେ ସ୍ତ୍ରୀ ପ୍ରସବ କରୁଥାଏ, ସେହି ଘରର ମଥାରୁଳୀ ଉପରେ ଗୋରୁମୁଣ୍ଡର ହାଡ଼ ରଖିଲେ ବିନା ବାଧାରେ ଅତିଶୀଘ୍ର ସ୍ତ୍ରୀ ପ୍ରସବ କରେ । ୭୫-ଗୋରୁର ରୁମ ଖୁରା ଓ ହାଡ଼କୁ ଭସ୍ମ କରି ଘିଅ ଓ ମହୁ ସହିତ ଖାଇଲେ କାଶ, ଶ୍ୱାସ ଓ ହିକ୍କା ନିବାରିତ ହୁଏ । ମାତ୍ରା—ଗୋମୂତ୍ର ୫୦—୧୦୦ ଗ୍ରାମ, ଗୋବର ରସ ୧୦-୪୦ ଗ୍ରାମ, ଗୋରୋଚନା ଏକଷଷ୍ଠାଂଶ ଗ୍ରାମ ଠାରୁ ଏକ ଗ୍ରାମ । **ଗୋମୂତ୍ରାସବ**—ପିଙ୍ଗଳ ବର୍ଣ୍ଣ ଅଥବା କଳାଗାଈ ଛଡ଼ାର ମୂତ୍ର ଚାରିଶହ ଗ୍ରାମ, କୁଙ୍କୁମଫୁଲ ୧୦ ଗ୍ରାମକୁ ବାଟି ସେହି ଛଡ଼ା ମୂତ୍ରରେ ଗୋଳିବ । ତିନି ଅହୋରାତ୍ର ସୂର୍ଯ୍ୟ ଏବଂ ଚନ୍ଦ୍ର କିରଣରେ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା—ଏକବର୍ଷର ଶିଶୁକୁ ୫ ବିନ୍ଦୁ, ଏକ ଠାରୁ ଦୁଇବର୍ଷ ମଧ୍ୟରେ ୧୦ ବିନ୍ଦୁ, ୫ ଗ୍ରାମ ମା' କ୍ଷୀରରେ ମିଶାଇ ଦେବ । ମା'କୁ ଗହମ ଏବଂ ମୁଗଡାଲି ପଥ୍ୟଦେଇ ରଖିବ । ଏବଂ ସହବାସ ବନ୍ଦ କରିବ । ମା' କ୍ଷୀରର ଅଭାବରେ ଛେଳୀଦୁଧ ବ୍ୟବହାର କରିବ । ଏହା ବାଳଶୋଷ ରୋଗର ଦିବ୍ୟୌଷଧ ।

(ବୈଦ୍ୟ ବାଚସ୍ପତି ପଣ୍ଡିତ ଶ୍ରୀ ବ୍ରଜବନ୍ଧୁ ତ୍ରିପାଠୀ କୃତ)

---

● ପଞ୍ଚାମୃତ ଓ ପଞ୍ଚଗବ୍ୟର ବିଶେଷ ପ୍ରୟୋଗ ବିଧି—ମତ୍ କୃତ 'ରସାୟନ ରହସ୍ୟ' ଅଥବା 'ଘରର ବୈଦ୍ୟ' ଗ୍ରନ୍ଥରେ ଦେଖ ।

**ଉଶୀରାସବ**—ଗାଈ ଚଣ୍ଡାଳିଁଶ କେଜି, ଲୌହଚୂର୍ଣ୍ଣ ୨୦୦ ଗ୍ରାମ ଏକତ୍ର ଗୋଟିଏ ହାଣ୍ଡିରେ ରଖି ସେଥିରେ ରସୁଣ ୪୦ ଗ୍ରାମ, ହରିଡ଼ା, ବାହାଡ଼ା, ଅଁଳା, କାଳାଜିରା, ଶୁଣ୍ଠି ପ୍ରତ୍ୟେକର ଚୂର୍ଣ୍ଣ ୨୦ ଗ୍ରାମ, ଗୋଲମରିଚ, ପିପ୍‌ପଳୀ, ଯୁଆଣୀ ପ୍ରତ୍ୟେକର ଚୂର୍ଣ୍ଣ ତିନ ଗ୍ରାମ, ଏହି ସମସ୍ତ ଦ୍ରବ୍ୟ ଏକାଠେ ମିଶାଇ, ପାତ୍ରର ମୁହଁ ବନ୍ଦ କରି କୁଣ୍ଡା କିମ୍ବା ଚସୁ ଗଦାରେ ୧୦ ଦିନ ପର୍ଯ୍ୟନ୍ତ ପୋତି ରଖି, ପରେ ଛାଣି ବ୍ୟବହାର କରିବ। ମାତ୍ରା—୧—୨ ଆଉନ୍‌ସ। ଅନୁପାନ ଜଳ। ଏହା ଆମବାତର ଆଶୁ ପ୍ରଶମନକାରୀ, ପଥ୍ୟ-ଗହମ, ରୋଟି, ଘିଅ, ମୁଗଡ଼ାଲି, ଅଦା, ପୋଦିନାର ଚଟଣି, ଏହା ସାତଦିନ ଠାରୁ ଚଉଦ ଦିନ ମଧ୍ୟରେ ରୋଗୀ ଆରୋଗ୍ୟ ଲାଭ କରେ। (ବୈଦ୍ୟରାଜ ଗୁରୁବତ ଭୂମସାଦ ସିଂହ)

**୩୧୩–ଗୋମାଂସ**—ଗୋରୁ ଦେଖ।

**୩୧୪–ଗୋମୂତ୍ର**—ଗୋରୁ ଦେଖ।

**୩୧୫–ଗୋରୋଚନା**—ଗୋରୁ ଦେଖ।

**୩୧୬–ଗୋଲଞ୍ଚ**—ଏହାର ସଂସ୍କୃତ ନାମ-ଗୋଲଙ୍ଗୁଲ। ଏହାର ମାଂସ କ୍ଷୟ, ଶୋଥ ଓ ଗ୍ରହଣୀ ରୋଗରେ ହିତକର ଏବଂ ମଳମୂତ୍ର ରୋଧକ। ଗୋଲଞ୍ଚକୁ ଥୋକେ ଲୋକ ହନୁ ବୋଲନ୍ତି।

**୩୧୭–ଗୋଲବାସ**—କାଠଚମ୍ପାଗଛ ଦେଖ।

**୩୧୮–ଗୋଲମରିଚ**—ମରିଚ ଦେଖ।

**୩୧୯–ଗୋଲପଫୁଲଗଛ**—An aquati plant (Trapabispinosa) ଗୋଲାପର ସଂସ୍କୃତ ପର୍ଯ୍ୟାୟ—କୁବ୍‌ଜକ, କଣ୍ଟକାଢ୍ୟ, ଗନ୍ଧକେଶର ଓ ବୃହତ୍‌ପୁଷ୍ପ। ଏହାକୁ ବଙ୍ଗଳାରେ ଗୋଲପ, ହିନ୍ଦୀରେ କୁଜା ଓ ସେବତୀ ଏବଂ ତେଲୁଗୁଭାଷାରେ ଗୋଣ୍ଡିଚେଟ୍ଟୁ ବୋଲନ୍ତି। ଗୋଲାପଗଛର ଫୁଲ ତିକ୍ତ, କଷାୟ ଏବଂ ଶୀତଳ। ଏହା ବାତପିତ୍ତ, ରକ୍ତଦୋଷ, ଦାହ, କୁଷ୍ଠ, ମୂତ୍ରରୋଗ ଓ ରକ୍ତପିତ୍ତ ନାଶକରେ ଏବଂ ଧାତୁମାନଙ୍କର ସମତା ରକ୍ଷାକରେ। ୧—ଗୋଲାପ ଫୁଲର ରସ ନାକରେ ପକାଇଲେ ମୁଣ୍ଡବ୍ୟଥା ଶାନ୍ତହୁଏ। ୨-ଗୁଡ଼ଲ ୪୦ ଗ୍ରାମ, ଚିନି ୪୦ ଗ୍ରାମ, ଗୋଲାପଫୁଲ ୪୦ ଗ୍ରାମ, ଏବଂ ଦୁଧ ଅଧକେଜି ଏହି ସମସ୍ତ ଦ୍ରବ୍ୟ ଯଥାବିଧି ପାକ କରି କ୍ଷୀରୀ ପ୍ରସ୍ତୁତ କରିବ। ଏହି କ୍ଷୀରୀରେ ୪୦ ଗ୍ରାମ ଘିଅ ମିଶାଇ ଖାଇବ। ଏହା ଖାଇବା ପରେ ଶୀତଳଜଳ ପାନକଲେ ସୁଖରେ ବିରେଚନ ହୋଇ କୋଷ୍ଠ ପରିଷ୍କାର ହୁଏ ଏବଂ ଗରମ ଜଳ ପିଇଲେ ଝାଡ଼ା ବନ୍ଦହୁଏ। ଏହି ବିରେଚନଯୋଗ—ସାର୍ବବର୍ଦ୍ଧକ, ବର୍ଣ୍ଣକାରକ ଓ ରାଜଯୋଗ୍ୟ ଔଷଧ। ୩—ଗୋଲାପ ଫୁଲରୁ ବାହାରିବା ତୈଳ ଲିଙ୍ଗରେ ମାଲିସ କଲେ ଲିଙ୍ଗ ସ୍ଥୂଳ ଓ ଟାଣ ହୁଏ ଏବଂ ରତିଶକ୍ତି ବୃଦ୍ଧି ହୁଏ। କଟିଶୂଳରେ ଏହି ତୈଳର ମର୍ଦ୍ଦନ ଉପକାର କରେ। ଗୋଲାପମଞ୍ଜୀର ଚୂର୍ଣ୍ଣ ମୂତ୍ରକୃଚ୍ଛ୍ର ନାଶକ। ଆଉ ଏକପ୍ରକାର ଗୋଲାପଗଛ ଦେଖାଯାଏ। ଏହାର ଫୁଲ ଗାଢ଼ ରକ୍ତବର୍ଣ୍ଣ ଓ ନିର୍ଗନ୍ଧ। ଏହାକୁ କୁକ୍‌କୁର ଗୋଲାପ ବୋଲନ୍ତି। ଏହି ଗଛର ରସ ପାନକଲେ ବାଇକୁକ୍‌କୁରର ବିଷ ବିନଷ୍ଟ ହୁଏ। ରସର ମାତ୍ରା—୧୦–୨୦ ଗ୍ରାମ, ଚୂର୍ଣ୍ଣ ୩–୬ ଗ୍ରାମ। **କୁବ୍‌ଜକାସବ**—ଧଳା ଗୋଲାପ ପଞ୍ଚାଙ୍ଗ ଅଥବା ରଙ୍ଗ ଗୋଲାପ ପଞ୍ଚାଙ୍ଗ ପାଞ୍ଚ କେଜି, ଦ୍ରାକ୍ଷା ଅଢ଼େଇ କେଜି, ମହୁଲ ଅଧକେଜି, ଏହି ସମସ୍ତ ଦ୍ରବ୍ୟ କୋଡ଼ିଏ ୨ କେଜି ଜଳରେ କ୍ୱାଥ ପ୍ରସ୍ତୁତ କରି ଚତୁର୍ଥାଂଶ ଅବଶେଷ ରହି ଓହ୍ଲାଇ ଛାଣି ଥଣ୍ଡା ହେବା ପରେ ଧାତୁକୀ ଫୁଲ ଏକ କେଜି, ଗୁଡ଼ ୧୫ କେଜି, ଦୁଦୁରାମଞ୍ଜୀ ୧୬୦ ଗ୍ରାମ, ଅଳାଇଚ, ତେଜପତ୍ର, ଶୁଣ୍ଠି, ଗୋଲମରିଚ, ପିପ୍‌ପଳୀ, ଜାଇପତ୍ରୀ, ଶୀତଳାମରିଚ, ଗୁଡ଼ତ୍ୱକ, ଲବଙ୍ଗ ପ୍ରତ୍ୟେକର ଚୂର୍ଣ୍ଣ ୪୦ ଗ୍ରାମ। ଏହି ସମସ୍ତ ଦ୍ରବ୍ୟ ଏକାଠେ ମିଶାଇ ଯଥାବିଧି ସନ୍ଧାନ କରି, ଏକ ମାସ ରଖିବ। ପରେ ଛାଣି ବ୍ୟବହାର କରିବ। ମାତ୍ରା—ଅଧ–୨ ଆଉନ୍‌ସ। ଅନୁପାନ ଜଳ। ସନ୍ନି-ପାତାଦି ସକଳ ପ୍ରକାର ଜ୍ୱରକୁ ନଷ୍ଟ କରେ। ଏହା ବାର୍ଯ୍ୟବର୍ଦ୍ଧକ ଏବଂ କଫ ଏବଂ ଶୀତଜନ୍ୟ ବିକାର ସମୂହକୁ ନଷ୍ଟ କରେ।

**୩୨୦–ଗୋବର**—ଗୋରୁ ଦେଖ।

**୩୨୧–ଗୌରୀପାଷାଣ**—ଏହା ଏକପ୍ରକାର ଗାଢ଼ ହରିତାଳବର୍ଣ୍ଣ ପାଷାଣ ବିଷ। ଏହାର ଶୋଧନ, ମରଣ ଓ ଗୁଣ ଦାରୁମୂଷୀ ସମାନ। ଏହା ସନ୍ନିପାତଜ୍ୱର, ବିଷମଜ୍ୱର, ବାତ, କଫବିକାର, କାସ, ଶ୍ୱାସ ଓ ରକ୍ତବିକାରରେ ପ୍ରୟୋଗ କରାଯାଏ। ସୂତିକା ରୋଗୀର ନାଡ଼ୀ କ୍ଷୀଣହେବା ଅବସ୍ଥାରେ ଏହା ପ୍ରୟୋଗ କଲେ ଚମତ୍କାର ଫଳ ଲାଭହୁଏ। ଏହାର ମାତ୍ରା—୧ ସୋରିଷଠାରୁ ୨ ସୋରିଷ।

**୩୨୨–ଗୋମାକଣ୍ଡ**—ଏହାର ସଂସ୍କୃତ ନାମ-ଭୂମି-ଶର୍କରା। ଏହାର ମୂଳଚୂର୍ଣ୍ଣ, ମଧୁର, ଶୀତଳ, ସ୍ନିଗ୍ଧ, ଧାତୁପୁଷ୍ଟିକର, ବଳବୀର୍ଯ୍ୟ ବର୍ଦ୍ଧକ ଓ ବାତପିତ୍ତ ନାଶକ। ଏହା ବାଜୀକରଣ ଔଷଧମାନଙ୍କ ସହିତ ଯୌଗିକରି ସେବନ କରାଯାଏ। ମାତ୍ରା—ମୂଳଚୂର୍ଣ୍ଣ ୩–୬ ଗ୍ରାମ।

**୩୨୩–ଗ୍ରାହୁଣୀକବାଟ ଗଛ**—ଏହାର ସଂସ୍କୃତନାମ—ମହାପିଣ୍ଡୀତରୁ । ଏହାକୁ ବଙ୍ଗଳାରେ ବକାଇନ୍ ଏବଂ ତେଲୁଗୁରେ ଟେକୁବେଟେଙ୍କ୍ ବୋଲନ୍ତି । ଏହାର ଗୁଳର ଚୂର୍ଣ୍ଣ ବା କ୍ୱାଥ—କଟୁ, ତିକ୍ତ, ଶୀତଳ ଓ ରୂକ୍ଷ । ଏହା ଜ୍ୱର କଫ, ପିତ୍ତ, ରକ୍ତଦୋଷ, ଗ୍ରହଣୀ, କୁଷ୍ଠ, କଣ୍ଡୁ ଓ ବିସୂଚୀ ରୋଗ ହରଣ କରେ । ଏହାର କଞ୍ଚା ଗୁଳି ଦହି ସହିତ ବାଟି ହବଦିନ ଦୁଇଥର ସେବନ କଲେ ରକ୍ତାତିସାର ବନ୍ଦ ହୁଏ । ମାତ୍ରା—ଚୂର୍ଣ୍ଣ ୩୦—୬୦ ଗ୍ରାମ, ରସ ୧୦—୩୦ ଗ୍ରାମ, ଚୂର୍ଣ୍ଣ ୧୨—୩ ଗ୍ରାମ ।

**୩୨୪–ଗ୍ରୀଷ୍ମକାଳ**—ଋତୁମାନଙ୍କର ଗୁଣ ଦେଖ ।

**୩୨୫–ଘର ଚିଆ**—ଚଟିଆ ଦେଖ ।

**୩୨୬–ଘରଗୋଡ଼ଆଗଛ**—ହାଡ଼ଜୋଡ଼ା ଦେଖ ।

**୩୨୭–ଘସ୍ୱଘସାଫଳଗଛ**—Andropogon serratus. ଘସ୍ୱଘସାଫଳକୁ କେତେକ ଲୋକ ଜୂଷାଫଳ ଏବଂ କେହି ଭୂଇଁ ଫଳ ମଧ୍ୟ ବୋଲନ୍ତି । ଏହାର ସଂସ୍କୃତ ପର୍ଯ୍ୟାୟ—ଦେବଦାଳୀ, ଦେବତାଡ଼, ଜୀମୂତକ ଓ ଘୋଷକ । ଏହାକୁ ବଙ୍ଗଭାଷାରେ ଘୀତଘୋଷା ଓ ଦେଓତାଡ଼, ହିନ୍ଦୀରେ ଘଘରବେଲ୍ ଓ ସନେଣ୍ଡୀ ଏବଂ ତେଲୁଗୁ ଭାଷାରେ ଡ଼ାପରଙ୍ଗି ବୋଲନ୍ତି । ଏହାର ପତ୍ର, ଫୁଲ, ଫଳ ଓ ମୂଳ ଏବଂ ସମଗ୍ର ଲତା ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ସମୂଳ ସର୍ବାଙ୍ଗର ରସ ବା କ୍ୱାଥ, କଲ୍କ ବା ଚୂର୍ଣ୍ଣ କଟୁ, ତିକ୍ତ ଓ ଉଷ୍ଣ । ଏହା କଫ, ପାଣ୍ଡୁ, ଅର୍ଶ, କାସ, ଶ୍ୱାସ, କାମଳା ଓ ଭୂତାବେଶ ନିବାରଣ କରେ; ଜ୍ୱର ହରଣ କରେ ଏବଂ କୃମି, ହିକ୍କା, ଯକ୍ଷ୍ମ ଓ ଶୋଥ ପ୍ରଶମନ କରେ । **ଘସ୍ୱଘସାଫଳ**—ଏହା ତିକ୍ତ ଓ ଉଷ୍ଣ । ଏହି ଫଳର ଚୂର୍ଣ୍ଣ ବା କ୍ୱାଥ ସେବନ କଲେ କଫ, ପିତ୍ତ, କୃମି, ଶୂଳ, ଗୁଳ୍ମ ଓ ଅର୍ଶରୋଗ ବିନଷ୍ଟ ହୁଏ । ଏହା ବାନ୍ତିକାରକ ଓ ବିରେଚକ । ୨—ସକଳ ପ୍ରକାର ବିଷ ନିବାରଣରେ ଏବଂ ଶଙ୍ଖ ମୂଷିକ ବିଷରେ ଏହାର ପ୍ରୟୋଗ ଉତ୍ତମ ଫଳ ପ୍ରଦାନ କରେ । ୩—ଶୁଷ୍କ ଘସ୍ୱଘସାଫଳର ଚୂର୍ଣ୍ଣ ନସ୍ୟ ରୂପରେ ବ୍ୟବହାର କଲେ କାମଳା ରୋଗ ବିନଷ୍ଟ ହୁଏ । ୪—ଘସ୍ୱଘସାଫଳ ଗଛର ଶୀତକଷାୟ ଶୋଥ ଓ ପ୍ଲୀହା ଯକୃତ ବୃଦ୍ଧି ରୋଗର ମହୌଷଧ । ୫—ଏହି ଗଛର ପତ୍ରରସ କ୍ଷତ ଓ ବ୍ରଣର ଜନ୍ତୁ ବିଷ ହରଣ କରେ । ଏହି ଗଛର ଶୀତକଷାୟ ପାଚକ ନିବାରକ ଓ କ୍ଷତରୋପକ । ୬—ମସ୍ତିଷ୍କରେ ରକ୍ତାଧିକ୍ୟ ହେବାରୁ ଶିରଃଶୂଳ ଜାତ ହେଲେ ଘସ୍ୱଘସା ଫଳ ଗଛର ଶୀତକଷାୟ ନସ୍ୟରୂପରେ ବ୍ୟବହାର କରିବ । ଏଥି ଦ୍ୱାରା ପ୍ରଚୁର କଫସ୍ରାବ ହୋଇ ଶିରଃପୀଡ଼ା ନିବାରିତ ହୁଏ । ୭—କାମଳାରୋଗରେ ମଧ୍ୟ ଉପରୋକ୍ତ ନସ୍ୟ ଅତ୍ୟନ୍ତ ଉପକାର କରେ । ୮—ଘସ୍ୱଘସାଫଳ ଗଛର ଶୀତକଷାୟ ସ୍ୱେଦ ମୂତ୍ରକାରକ ଓ ଶୋଥ ନାଶକ ଔଷଧ ଅଟେ ବୋଲି । ଅନେକ ସ୍ଥଳରେ ଏହା ବ୍ୟବହାର କରି ଏକପକ୍ଷ ମଧ୍ୟରେ ଶୋଥରୋଗ ଉପଶମ ହେବାର ପ୍ରତ୍ୟକ୍ଷ କରାଯାଇଅଛି । ବୈଦ୍ୟଶାସ୍ତ୍ରରେ ଘସ୍ୱଘସାଫଳ ଗଛର ବ୍ୟବହାର । ଯଥା—**କୁଷ୍ଠରୋଗରେ**—୯–ଘସ୍ୱଘସାଫଳର ପାକଜାତ ତୈଳ କୁଷ୍ଠରୋଗରେ ହିତକର । (ଚରକ) । **ଅର୍ଶରୋଗ**—୧୦–ଘସ୍ୱଘସାଫଳର ଚୂର୍ଣ୍ଣ ଅର୍ଶର ମାଂସ ଗଜାରେ ଘସିଲେ ସେ ସବୁ ଛୁଟି ଖସିପଡ଼େ । ରକ୍ତସ୍ରାବୀ ଅର୍ଶ ଉବଳରେ ଏହି ଗଛର ମୂଳର ପ୍ରଲେପ ହିତକର । (ଚରକ) । **ସନ୍ଧ୍ୟାଗରେ**—୧୧–ଘସ୍ୱଘସାଫଳ ଗଛର ସମୂଳ ସର୍ବାଙ୍ଗକୁ ଶୁଖାଇ ଗୋଟିଏ ରୁଦ୍ଧମୁଖ ହାଣ୍ଡିରେ ସେ ସବୁ ଭର୍ତ୍ତି କରି ପୁଟଦଗ୍ଧ କରିବ । ତା'ପରେ ସେହି ଭସ୍ମ ଦ୍ୱାରା କ୍ଷାରୋଦକ ପ୍ରସ୍ତୁତ କରିବ । ଏହି କ୍ଷାରୋଦକକୁ ପୁଣି ଏଥିରେ ବାଇଗଣ ସିଝାଇବ । ବାଇଗଣ ସିଝିବା ପରେ ତାକୁ ଘିଅରେ ଭାଜି ଗୁଡ଼ ସହିତ ମିଶାଇ ଯଥେଷ୍ଟ ପରିମାଣରେ ଭୋଜନ କରିବ । ଭୋଜନ ପରେ ତକ୍ର ପିଇବ । ଏହିପରି ଏକସପ୍ତାହ ଏହା ସେବନ କଲେ ଜନ୍ମକାଳରୁ ଜାତହୋଇଥିବା ଅର୍ଶରୋଗ ମଧ୍ୟ ବିନଷ୍ଟ ହୁଏ । (ଚରକ) । **କାମଳାରୋଗେ**—୧୨–ଘସ୍ୱଘସାଫଳର ଚୂର୍ଣ୍ଣକୁ କାମଳାରୋଗୀ ନସ୍ୟ ରୂପରେ ବ୍ୟବହାର କରିବ । (ଚରକ) । **ଗଣ୍ଡମାଳାରୋଗେ**—୧୩—ଘସ୍ୱଘସାଫଳର ରସରେ ପିପ୍‌ପଳୀ ଚୂର୍ଣ୍ଣ ମିଶାଇ ଗଣ୍ଡମାଳା ରୋଗର ନସ୍ୟ ରୂପରେ ବ୍ୟବସ୍ଥା କରିବ । (ଚରକ) **ଯୋନିକନ୍ଦରୋଗ**—୧୪–ଘସ୍ୱଘସାଫଳ ଗଛର ପତ୍ରରୁ ରସ ବାହାର କରି ସେଥିରେ ଦହିପାଣି ମିଶାଇ ପିଇଲେ ଏବଂ ଏହିଗଛ ଡାଳର ଧୂପ ପ୍ରଦାନ କଲେ ଯୋନିକନ୍ଦ (ପେଦ) ଅତିଶୀଘ୍ର ବିନଷ୍ଟ ହୁଏ । (ବଙ୍ଗସେନ) । ମାତ୍ରା ପତ୍ରରସ ୧୦–୨୦ ଗ୍ରାମ, ଫଳ ବା ସମଗ୍ର ଲତାର କ୍ୱାଥ ୫୦—୧୦୦ ଗ୍ରାମ ।

**୩୨୮–ଘିଅ**—ଏହାର ସଂସ୍କୃତ ପର୍ଯ୍ୟାୟ—ଘୃତ ଆଜ୍ୟ ହବି ଓ ସର୍ପି । ଏହାକୁ ବଙ୍ଗଳାରେ ଘି, ହିନ୍ଦୀରେ ଘିଉ ଏବଂ ତେଲୁଗୁରେ ନେଇ ବୋଲନ୍ତି । ସକଳ ପ୍ରକାର ଦୁଧରୁ ଘିଅ ପ୍ରସ୍ତୁତ ହୋଇଥାଏ । ଗାଈ, ମଇଁଷି, ଛେଳି, ଓଟ ଓ ମେଣ୍ଢା ପ୍ରଭୃତି ଜନ୍ତୁମାନଙ୍କର ଘିଅର ଗୁଣ ସେହି ଜନ୍ତୁର ଦୁଗ୍ଧବର୍ଣ୍ଣନା ପ୍ରସଙ୍ଗରେ ଯଥା ସ୍ଥାନରେ ଲେଖାଯାଇଛି । ସାଧାରଣତଃ ସକଳ ପ୍ରକାର ଘିଅ—ଅଗ୍ନିବର୍ଦ୍ଧକ, ବଳକାରକ, ଦେହର ଦୃଢ଼ତା ସମ୍ପାଦକ ଓ ପଥ୍ୟ । ଏହା କାନ୍ତି, ସୌକୁମାର୍ଯ୍ୟ, ବୁଦ୍ଧି ଓ ସ୍ମୃତି ଶକ୍ତି ବୃଦ୍ଧି କରେ । ହସ୍ତିପିତ୍ତ-

ଏହା ବଳକ୍ଷୟ, ପରିଶ୍ରମ, ରକ୍ତପିତ୍ତ, ନେତ୍ରରୋଗ, ପାଣ୍ଡୁ, କାମଳା ଓ କ୍ଷୟରୋଗରେ ବିଶେଷ ଉପକାରକ । **ପୁରୁଣାଘିଅ**—ଏକବର୍ଷରୁ ଅଧିକ ପୁରୁଣା ହୋଇଥିବା ଘିଅ—ମୂର୍ଚ୍ଛା, ମୂତ୍ରକୃଚ୍ଛ୍ର, ଉନ୍ମାଦ, କର୍ଣ୍ଣଶୂଳ, ଅକ୍ଷିଶୂଳ, ଶୋଥ, ଅର୍ଶ, ବ୍ରଣ ଓ ଯୋନିଦୋଷ ପ୍ରଭୃତି ପୀଡ଼ାରେ ବିଶେଷ ହିତକର ।

**୩୨୯-ଘିଅଖଡ଼ୀ**—ଏହାର ସଂସ୍କୃତ ନାମ—ଘୃତାଶ୍ମ, ଏହାକୁ ହିନ୍ଦୀରେ ଜହରମୋହରା ବୋଲନ୍ତି । ଘିଅଖଡ଼ୀକୁ ହେମଦସ୍ତାରେ କୁଟି ଚୂର୍ଣ୍ଣ କରିବ । ଘିକୁଆଁରି ରସରେ ତାକୁ ମର୍ଦ୍ଦନ କରି ଚକି ବାନ୍ଧି ଖରାରେ ଶୁଖାଇ ଗଜପୁଟରେ ଦଗ୍ଧ କରିବ । ଏହିପରି ପାଞ୍ଚଥର ପୁଟଦେଲେ ଗୋଲାପ ରଙ୍ଗ ଭସ୍ମ ପ୍ରସ୍ତୁତ ହୁଏ । ଏହି ଭସ୍ମ ଏକଷୋଡ଼ଶାଂଶ ଗ୍ରାମ ଠାରୁ ଏକଅଷ୍ଟମାଂଶ ଗ୍ରାମ ପରିମାଣେ ଘିଅ କିମ୍ବା ଛେଳୀ ଦୁଧ ସହିତ ବାଳକମାନଙ୍କୁ ସେବନ କରାଇଲେ ସେମାନଙ୍କର ଦୁବୁଳିରୋଗ ଭଲହୋଇ ଶରୀର ଖୁବ୍ ପରିପୁଷ୍ଟ ହୁଏ ।

**୩୩୦-ଘିକୁଆଁରିଗଛ**—Aloe indica. ଏହାର ସଂସ୍କୃତ ପର୍ଯ୍ୟାୟ—କନ୍ୟା, କୁମାରୀ, ତରୁଣୀ ଓ ସହା । ଏହାକୁ ବଙ୍ଗଳାରେ ଘୃତକୁମାରୀ, ହିନ୍ଦୀରେ ଘିଇକୁମାର, କୁବେରପାଠ, ଏବଂ ତେଲୁଗୁରେ କାଲବାନ୍ଦା ବୋଲନ୍ତି । ଘିକୁଆଁରିର ରସ ଏବଂ ଏହିରସରେ ପ୍ରସ୍ତୁତ କରାଯାଇଥିବା ମୁସୁମ୍ବର ଔଷଧାର୍ଥରେ ବ୍ୟବହୃତ ହୁଏ । **ଘିକୁଆଁରିଗୁଣ**—ମଧୁର, ତିକ୍ତ, ମଦଗନ୍ଧୀ ଓ ଶୀତଳ । ଏହା କଫ, ପିତ୍ତ, କାସ, ଶ୍ୱାସ, ବିଷ, କୁଷ୍ଠ, ଗୁଳ୍ମ, ପ୍ଳୀହା ଯକୃଦ୍ ବୃଦ୍ଧି, ଗ୍ରନ୍ଥି, ଅଗ୍ନିଦଗ୍ଧକ୍ଷତ, ବିସ୍ଫୋଟ, କଫଜ୍ୱର, ରକ୍ତପିତ୍ତ ଓ ଚର୍ମରୋଗ ହରଣକରେ, ଧାତୁପୁଷ୍ଟି କରେ, ବଳବୀର୍ଯ୍ୟ ବୃଦ୍ଧି କରେ, ମଳଭେଦକରେ ଏବଂ ନେତ୍ରରୋଗରେ ଉପକାର କରେ ଏହା ରସାୟନ । ୧—ଘିକୁଆଁରି ରସରେ ଚିନି ମିଶାଇ ଖାଇଲେ ମୂତ୍ରମେହ (ଗଣ୍ଡୋରିଆ) ପ୍ରଶମିତ ହୁଏ । ୨—ଘିକୁଆଁରି ରସରେ ଫଟିକି ଗୁଣ୍ଡକରି ମିଶାଇ ତଦ୍ୱାରା ଖଣ୍ଡିଏ କନାଭିଜାଇବ । ଏହି କନା ଖଣ୍ଡିକ ଆଖିର ପତାଉପରେ ଘୋଡ଼ାଇଲେ ଆଖିର ରକ୍ତିମା, ଜଳସ୍ରାବ, ଆଖି ଝୁମ୍ପିହେବା ଏବଂ ଲେଞ୍ଚୁଆ ବହିବା ରୋଗ ବିନଷ୍ଟ ହୁଏ । ୩—ଦୁଧସହିତ ଘିକୁଆଁରି ରସ ସେବନକଲେ ଗଣ୍ଡୋରିଆ ମେହ ଓ ଗର୍ଭାଶୟର କ୍ଷତ ପ୍ରଶମିତ ହୁଏ । ୪—ହଳଦୀଚୂର୍ଣ୍ଣ ଓ ଟାଙ୍ଗଣାଖଇ ଘିକୁଆଁରିର ରସରେ ମିଶାଇ ଖାଇଲେ ଝାଡ଼ା ପରିଷ୍କାର ହୁଏ ଏବଂ ପ୍ଳୀହାରୋଗ ବିନଷ୍ଟ ହୁଏ । ୫—ଘିକୁଆଁରି ରସରେ ହଳଦୀକୁ ବାଟି ଦେହରେ ଲଗାଇଲେ ଦେହର କଣ୍ଡୁ ଓ ଚର୍ମରୋଗ ନଷ୍ଟହୁଏ । ୬—ଘିକୁଆଁରି ରସରେ ବଟାଯାଇଥିବା ହଳଦୀର ପ୍ରଲେପ ଆଘାତ ଜାତ ବେଦନାରେ ଉପକାର କରେ । ୭—ଦେହର କୌଣସି ଅଙ୍ଗରେ ଚର୍ମକୀଲରୋଗ (ଖଉଡ଼ୀ) ହେଲେ ତା'ର ଉପରେ ଘିକୁଆଁରିର ବାହାଙ୍ଗାର ଚୋପା ବାହାର କରିଦେଇ ତା'ର ରସକୁ ୩।୪ ଦିନ ବାନ୍ଧିବ । ଏଥିଦ୍ୱାରା ଖଉଡ଼ୀ ମିଳାଯାଇ ଖସିପଡ଼େ । ୮—ଏକ କେଜି ଘିକୁଆଁରି ରସ ବାହାରକରି ତାକୁ ହାଣ୍ଡିରେ ଉତ୍ତମରୂପେ ମନ୍ଥିବ । ତା'ରପରେ ତହିଁରେ ଏକ କେଜି ଚିନି, ଅଧକେଜି ହେମଚୂନା ଏବଂ ଏକକେଜି ଘିଅ ମିଶାଇ ଯଥାବିଧି ପାକକରି ୪୦ ଗ୍ରାମ ପରିମାଣେ ଲଡ଼ୁ ପ୍ରସ୍ତୁତ କରିବ । ଏହି ଲଡ଼ୁ ଖାଇ ତା'ର ପରେ ଗାଈଦୁଧ ପିଇଲେ ସକଳ ପ୍ରକାର ପ୍ରମେହ ବିନଷ୍ଟ ହୁଏ, ବଳ, ବୀର୍ଯ୍ୟ, ରକ୍ତ ଓ ମାଂସ ବୃଦ୍ଧି ହୁଏ ଏବଂ ଏକମାସ ଏହା ସେବନ କଲେ ଶରୀର ଖୁବ୍ ମୋଟା ହୁଏ । ବୈଦ୍ୟଶାସ୍ତ୍ରରେ ଘିକୁଆଁରିର ବ୍ୟବହାର ଯଥା—**କାମଳା-ରୋଗେ**—୯-ଘିକୁଆଁରି ରସର ନସ୍ୟ ପ୍ରୟୋଗ କଲେ କାମଳାରୋଗ ବିନଷ୍ଟ ହୁଏ । (ଭାବପ୍ରକାଶ) । **ଗୁଳ୍ମରୋଗେ** ୧୦-ଗାଈଘିଅରେ ଘିକୁଆଁରି ରସ ମିଶାଇ ସେବନ କଲେ ଗୁଳ୍ମରୋଗ ନିବାରିତ ହୁଏ । (ଭାବପ୍ରକାଶ) । **ପ୍ଳୀହା ଓ ଅପଚୀ-ରୋଗେ**—୧୧-ଘିକୁଆଁରି ରସରେ ହଳଦୀଚୂର୍ଣ୍ଣ ମିଶାଇ ସେବନ କଲେ ପ୍ଳୀହା ଓ ଅପଚୀ ରୋଗ ପ୍ରଶମିତ ହୁଏ । (ଶାର୍ଙ୍ଗଧର) । **ମୂତ୍ରମେହରୋଗେ**—୧୨-ଘିକୁଆଁରିର ରସ ଏକକେଜି ଭଜା ସୋରଖାର ୧୦୦ ଗ୍ରାମ, ଶିଳାଜିତ ୨୦ ଗ୍ରାମ, ଯବକ୍ଷାର ୨୦ ଗ୍ରାମ ଏବଂ ରଙ୍ଗ ଫଟିକ ୨୦ ଗ୍ରାମ ଏସବୁ ଏକାଠେ ଉପଯୁକ୍ତ ଭାବରେ ମିଶାଇ ଗୋଟିଏ ବଡ଼ମୁହଁ ଶିଶୀରେ ଏକମାସକାଳ ମୁହଁ ରୁନ୍ଧିକରି ରଖିବ । ତାର ପରେ ବ୍ୟବହାର କରିବ । ଏହାର ନାମ—**କୁମାର୍ଯ୍ୟାସବ**—୧୩-ଏହି କୁମାର୍ଯ୍ୟାସବ ୩୦—୬୦ ଫୋଟା ମାତ୍ରାରେ ଦିବସରେ ତିନଥର ସେବନକଲେ ଗଣ୍ଡୋରିଆ ମେହର ଯେ କୌଣସି ଅବସ୍ଥାରେ ଉତ୍ତମ ଉପକାର ହୁଏ । (ବୃ.ଆ.ଅ ସ) **ଜ୍ୱରରୋଗେ**—୧୪-ଘିକୁଆଁରି ରସ ଏକକେଜି । ଉପସ୍ଥ ଗୁଳର ଚୂର୍ଣ୍ଣ ଦଶଗ୍ରାମ, କଳାଲୁଣ ଦଶ-ଗ୍ରାମ ଏବଂ ଗୁଡ଼ ଏକକେଜି ଏସବୁ ଦ୍ରବ୍ୟ ଗୋଟିଏ ସ୍ନିଗ୍ଧ ଭାଣ୍ଡରେ ଭର୍ତ୍ତିକରି ପାତ୍ରର ମୁହଁ ରୁନ୍ଧି କରିବ । ଏକମାସ ପରେ ଛାଣି କାଚ ଶିଶୀରେ ରଖିବ । ଏହା ୧୦—୪୦ ଗ୍ରାମ ପରିମାଣେ ଜଳରେ ମିଶାଇ ସେବନକଲେ ପ୍ଳୀହା ଓ ଯକୃଦ୍ ବୃଦ୍ଧି ଅତିଶୀଘ୍ର ବିନଷ୍ଟ ହୁଏ । (ବୃ.ଆ,ଅ,ସ) ମାତ୍ରା ୧୦-୨୦ ଗ୍ରାମ । **ଘିକୁଆଁରିର ଫୁଲ**—ଏହା କଫ ଓ ମେହନାଶକ । ଘିକୁଆଁରି ରସରେ ମୁସୁମ୍ବର ପ୍ରସ୍ତୁତ କରାଯାଏ । ମୁସୁମ୍ବରର ଗୁଣ ଯଥାସ୍ଥାନରେ ଲେଖାଅଛି ଦେଖ ।

## ଘିକୁଆଁରୀ ଯୋଗରେ ଭସ୍ମୌଷଧ

**୧-ଗୋଦନ୍ତୀହରିତାଳଭସ୍ମ**— ଗୋଟିଏ ଖପରରେ ଘିକୁଆଁରି ରସ ଭରତି କରି ୬୦ ଗ୍ରାମ ଗୋଦନ୍ତୀ ହରିତାଳ ସେଥିରେ ପକାଇ ତାକୁ ଖପରା ଘୋଡ଼ାଇ କନାମାଟି ଲେପ ଦେଇ ଖରାରେ ଶୁଖାଇବ, ପରେ ପାଞ୍ଚ ସେର ଘଷିରେ ପୁଟ ଦେଲେ, ଉତ୍ତମ ଗୋଦନ୍ତୀ ହରିତାଳଭସ୍ମ ହୁଏ । 

**୩୩୧-ଘୁରା** [illegible]—ଏହାର ମାଂସ ସ୍ୱାଦୁ ରୁଚିକର, ମୂତ୍ରକୃଚ୍ଛ୍ରନିବାରକ ଓ ବଳକାରକ । ଏହା ଖାଇଲେ କଫ ଓ ବାୟୁ ଜନିତ ରୋଗ ବୃଦ୍ଧି ହୁଏ । ଏହାର ପ୍ରତିକାର ନିମିତ୍ତ ଅଦା ଭକ୍ଷଣ କରିବ ।

**୩୩୨-ଘୁଷୁରି**—Hog. ଏହାର ସଂସ୍କୃତ ନାମ—କିତ୍ ବରାହ ଓ ଗ୍ରାମ୍ୟ ଶୂକର । ଏହାର ମାଂସ ସ୍ୱାଦୁ, ରୁଚିକର, ବଳବୀର୍ଯ୍ୟ ବର୍ଦ୍ଧକ, ପିତ୍ତନାଶକ ଓ ବିରେଚକ । ୧-ଘୁଷୁରିର ବସା (ଚର୍ବି) ୫ ଗ୍ରାମ ଠାରୁ ୧୦ ଗ୍ରାମ, କାଙ୍କଡ଼ କନ୍ଦାର ଚୂର୍ଣ୍ଣ ୧—୩ ଗ୍ରାମ ନେଇ ସେବନ କଲେ ଅର୍ଶରୋଗ ପ୍ରଶମିତ ହୁଏ । ୨—ସ୍ତନରେ ଓ ଲିଙ୍ଗରେ ଘୁଷୁରିର ବସା ମାଲିସ କଲେ ସେହି ସେହି ଅବୟବ ଉନ୍ନତ ଓ ପୁଷ୍ଟ ହୁଏ । ୩—ଖଣ୍ଡିଏ କନାରେ ଘୁଷୁରିର ବସା ଲେପନ କରି ଏହି କନା ଖଣ୍ଡିକ ବ୍ରଣ ମୁଖରେ ଆଚ୍ଛାଦନ କଲେ ବ୍ରଣ ଶୁଖିଯାଏ । ଘୁଷୁରିର ମାଂସ—ଜ୍ୱର ରୋଗରେ ନିଷେଧ । ଘୁଷୁରିର ଚର୍ମ, ଖୁରା ଓ ହାଡ଼କୁ ଭସ୍ମ କରି ଘିଅ ଓ ମହୁ ସହିତ ଖାଇଲେ କାସ, ଶ୍ୱାସ ଓ ହିକ୍କା ନିବାରଣ ହୁଏ । ଘୁଷୁରିମାଂସ ଖାଇ ଅଗ୍ନିମାନ୍ଦ୍ୟ, କଫ ଓ ବାତଜ ରୋଗରେ ଆକ୍ରାନ୍ତ ହେଲେ ଏହାର ପ୍ରତିକାର ନିମିତ୍ତ ୧—ନଳଖାର, ୨—ଅଦା, ୩—ଅମ୍ଳ ତୋରାଣି ପିଇବ ।

**୩୩୩-ଘୋଡ଼ା**—Horse. ଏହାର ସଂସ୍କୃତ ପର୍ଯ୍ୟାୟ—ଘୋଟକ, ଅଶ୍ୱ ଓ ତୁରଙ୍ଗମ । **ଘୋଡ଼ାଭମାଂସ**—ଏହା ଲଘୁ, ଉଷ୍ଣ, ବଳବୀର୍ଯ୍ୟବର୍ଦ୍ଧକ ଓ ଧାତୁପୁଷ୍ଟିକର । **ଘୋଡ଼ୀରଦୁଧ**—ଏହା ଲବଣ, ଅମ୍ଳ, ରୁକ୍ଷ ଓ ଲଘୁ । ଏହା ସେବନ କଲେ ଶରୀର ବୃଦ୍ଧି ହୁଏ, ମଧୁରତା ଜାତହୁଏ ଏବଂ ଅଗ୍ନିମାନ୍ଦ୍ୟ, ଶ୍ୱାସ, ବାତ ଓ କ୍ରିମିରୋଗ ବିନଷ୍ଟ ହୁଏ । ବାର ବର୍ଷରୁ କମ ବୟସର ବାଳକମାନଙ୍କୁ ଘୋଡ଼ୀର ଦୁଧ ପାନ କରାଇଲେ ସେମାନଙ୍କୁ କଦାପି ବାଳଗ୍ରହରୋଗ ଆକ୍ରମଣ କରେ ନାହିଁ । **ଘୋଡ଼ୀରଘିଅ**—ଏହା ଅଗ୍ନିମାନ୍ଦ୍ୟ, ବିଷ, ନେତ୍ରରୋଗ ଓ ଦାହ ନାଶକ । **ଘୋଡ଼ାରମୂତ୍ର**—୧-୨୦୦—୨୫୦ ଗ୍ରାମ ଘୋଡ଼ାର ମୂତ୍ରରେ ୫ । ୭ ଗୋଟି ପାଣିକଖାରୁ ଫୁଲର କେଶରକୁ ଚୂର୍ଣ୍ଣ କରି ମିଶାଇ ଋତୁସ୍ନାତା ସ୍ତ୍ରୀକୁ ଖୁଆଇଲେ ସେ ବନ୍ଧ୍ୟା ହୁଏ । **ଘୋଡ଼ାଲେଣ୍ଡୀ**—ଘୋଡ଼ାଲେଣ୍ଡୀର ରସ ପାନକଲେ କାସ, ଶ୍ୱାସ ଓ ଶୂଳ ପ୍ରଶମିତ ହୁଏ ଏବଂ ଏହି ରସ ନାକରେ ପକାଇଲେ ନାକରୁ ରକ୍ତ ପଡ଼ିବା ବନ୍ଦ ହୁଏ । ୨—ପ୍ରସୂତା ସ୍ତ୍ରୀମାନଙ୍କୁ ଘୋଡ଼ାଲେଣ୍ଡୀର ରସ ପାନ କରାଇଲେ ସେମାନଙ୍କର ଗର୍ଭାଶୟସ୍ଥିତ ମଇଳା ରକ୍ତ ସୁଖରେ ବହିର୍ଗତ ହୁଏ । ୩-ଘୋଡ଼ାର ଖୁରାକୁ ଚୂର୍ଣ୍ଣ କରି ଅଗ୍ନିରେ ପକାଇ ତା'ର ଧୂମ ଯୋନିରେ ଦେଲେ ଗର୍ଭସ୍ଥିତ ମୃତ ସନ୍ତାନ ଶୀଘ୍ର ବହିର୍ଗତ ହୁଏ । ୩—ଘୋଡ଼ାର ଖୁରା, ମାଂସ ଓ ଚର୍ମକୁ ଭସ୍ମ କରି ଘିଅ ମହୁ ସହିତ ଏହି ଭସ୍ମ ଖାଇଲେ କାସ, ଶ୍ୱାସ ଓ ହିକ୍କା ପ୍ରଶମିତ ହୁଏ । ୪—କାଖରେ ଓ ଯୋନି ପ୍ରଭୃତି ଲୋମଯୁକ୍ତ ସ୍ଥାନରେ ଘୋଡ଼ାର ପିତ୍ତାର ମଳ ଲେପନ କଲେ ସେହି ସେହି ସ୍ଥାନରେ ଆଉ ବାଳ ଉଠେ ନାହିଁ । ୫—ଘୋଡ଼ାର ମୁହଁରୁ ବାହାରିବା ଲାଳ ଓ ମହୁରେ ଗୋଟିଏ ଗୋଲମରିଚକୁ ଘୋରି ଆଖିରେ ଅଞ୍ଜନ ଦେଲେ ଅନ୍ଧକାର ପ୍ରଶମିତ ହୁଏ । ଯେଉଁ ପିଲମାନେ ନିଦ୍ରାବସ୍ଥାରେ ଦାନ୍ତ କଡ଼ମଡ଼ କରନ୍ତି, ସେମାନଙ୍କର ବେକରେ ଘୋଡ଼ାଲାଞ୍ଜର ବାଳ, ରୋଗର ଉପଶମ ନିମିତ୍ତ ବନ୍ଧନ କରାଯାଏ ।

**୩୩୪—ଘୋଡ଼ାବଡ଼**—ବଡ଼ ଦେଖ ।

**୩୩୫—ଘୋଡ଼ାଗୋଟରା**—ଗୋଖରା ଦେଖ ।

**୩୩୬—ଘୋଳ**—ଦହିରୁ ସର କାଢ଼ି ଉହିରେ କିଛି ପାଣି ନ ମିଶାଇ ମନ୍ଥିଲେ ଘୋଳ ପ୍ରସ୍ତୁତ ହୁଏ । ଚିନି ମିଶା ଘୋଳ ଗୁଣରେ ପାଚିଲା ଆମ୍ବ ପରି ।

**୩୩୭-ଚକଡ଼ାଭେଳୀଗଛ**—Solanum xanthocarpum. Solanum jaqainij. ଚକଡ଼ାଭେଳୀ ଗଛକୁ କେତେକ ଲୋକ ଅଙ୍କରାନ୍ତି ଗଛ ବୋଲନ୍ତି । ଏହାର ସଂସ୍କୃତ ପର୍ଯ୍ୟାୟ—କଣ୍ଟକାରୀ, କ୍ଷୁଦ୍ରକଣ୍ଟା, କ୍ଷୁଦ୍ରଫଳା ଓ ତିକ୍ତଫଳା । ଏହାକୁ ବଙ୍ଗଳାରେ କଣ୍ଟିକାରୀ, ହିନ୍ଦୀରେ କଟେରୀ ଓ ଭଟ୍‌କଟେୟା ଏବଂ ତେଲୁଗୁରେ ଏରେଟିମୁଲଙ୍ଗା ଓ ବାକୁଡ଼ୀଚେଟ୍ଟୁ ବୋଲନ୍ତି । ଏହାର ଫୁଲ, ଫଳ ଓ ସମୂଳ ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । ନୀଳପୁଷ୍ପ ଓ ଶୁକ୍ଳପୁଷ୍ପ ଭେଦରେ ଚକଡ଼ାଭେଳୀଗଛ ଦୁଇପ୍ରକାର । ଶୁକ୍ଳପୁଷ୍ପ

---

**ମନ୍ତବ୍ୟ**— ଯେଉଁ ଯେଉଁ ବନୌଷଧ ଯୋଗରେ, ଯେଉଁ ଧାତୁଭସ୍ମ କରାଯାଏ ସେହି ସେହି ବନୌଷଧର ଯାହା ଯାହା ଗୁଣ ସେହି ଧାତୁଭସ୍ମ ମଧ୍ୟ ସେହି ସେହି ଗୁଣଯୁକ୍ତ ବୋଲି ବୁଝିବାକୁ ହେବ ଏବଂ ଉପଯୁକ୍ତ ମାତ୍ରାରେ ଉପଯୁକ୍ତ ଅନୁପାନ ଓ ପଥ୍ୟ ସହିତ ଉପଯୁକ୍ତ ରୋଗରେ ତାହା ପ୍ରୟୋଗ କରିବ ।

ଚକଡ଼ାଭେଣ୍ଡା ଦୁର୍ଲ୍ଲଭ । ମାଳପୁଷ୍ପ ଚକଡ଼ାଭେଣ୍ଡାର ସମୂଳ ପଞ୍ଚରସ ଅଥବା କ୍ୱାଥ କିମ୍ବା ଚୂର୍ଣ୍ଣ କଟୁ, ତିକ୍ତ, ରୁକ୍ଷ, ଲଘୁ ଓ ଉଷ୍ଣ । ଏହା ସେବନ କଲେ କଫ, ବାତ, ଅଗ୍ନିମାନ୍ଦ୍ୟ, ଅରୁଚି, ଜ୍ୱର, କାସ, ଶ୍ୱାସ, ଆମ, ହୃଦ୍ରୋଗ, ଗ୍ରହଣୀଦୋଷ, ପୀନସ, ପାର୍ଶ୍ୱବେଦନା ଓ କୃମିରୋଗ ବିନଷ୍ଟ ହୁଏ । ୧-ଚକଡ଼ାଭେଣ୍ଡା ଗଛର ସମୂଳ ସବାଙ୍ଗକୁ ଶୁଖାଇ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣକୁ କଲିକାରେ ରଖି ଅଗ୍ନି ସଂଯୋଗରେ ଏହାର ଧୂମ ପାନ କଲେ କୃମିଭକ୍ଷିତ ଦନ୍ତଶୂଳ ନିବାରିତ ହୁଏ । ଚକଡ଼ାଭେଣ୍ଡାର କ୍ୱାଥ—୨ ମୃଦୁବିରେଚକ, ମୂତ୍ରକାରକ, ଆଧ୍ମାନ ଓ ପାର୍ଶ୍ୱଶୂଳ ନାଶକ ଏବଂ ଅଶ୍ମରୀ ଓ ଶୋଥରୋଗରେ ହିତକର । ଚକଡ଼ାଭେଣ୍ଡାର ଫଳ ମଧ୍ୟ ପୂର୍ବୋକ୍ତ ସମସ୍ତ ରୋଗରେ ହିତକର । ୩-ଅପକ୍ୱ ବ୍ରଣ ଶୋଥରେ ଏବଂ ବିଲାବାଡ଼ି ଉପରେ ଚକଡ଼ାଭେଣ୍ଡାର ମଞ୍ଜି ବାଟି ଉଷ୍ଣ କରି ଲେପନ କଲେ ଶୀଘ୍ର ତାହା ପାଚିଯାଏ । ୪-ଚକଡ଼ାଭେଣ୍ଡା ମଞ୍ଜିର ଧୂମ ଲାଳସ୍ରାବ ବର୍ଦ୍ଧକ । ସୁତରାଂ କୃମି ଭକ୍ଷିତ ଦନ୍ତଶୂଳ ପ୍ରଶମନାର୍ଥେ ଏହି ଧୂମ ପାନ ପ୍ରଶସ୍ତ ।

**ଶ୍ୱେତପୁଷ୍ପଚକଡ଼ାଭେଣ୍ଡା**—୫-ଏହା ନେତ୍ର ରୋଗରେ ହିତକର, ଜରାୟୁଦୋଷ ନାଶକ ଏବଂ ଗର୍ଭ ଉତ୍ପାଦକ । ଲକ୍ଷ୍ମଣାର ଅଭାବରେ ଶ୍ୱେତପୁଷ୍ପ ଚକଡ଼ାଭେଣ୍ଡା ପ୍ରୟୋଗ କରାଯାଏ । ବୈଦ୍ୟଶାସ୍ତ୍ରରେ ଚକଡ଼ାଭେଣ୍ଡାଗଛର ପ୍ରୟୋଗ ଯଥା—**ବାତଜଅର୍ଶରୋଗ**—୬-ବାତଜ ଅର୍ଶରୋଗୀକୁ ଶାସ୍ତ୍ରୋକ୍ତ ଔଷଧ ସେବନ କରାଇ ତାର ବାୟୁ ସରଳ କରିବା ଏବଂ କୋଷ୍ଠ ପରିଷ୍କାର ରଖିବା ନିମିତ୍ତ ଔଷଧ ସେବନର କିଛି ସମୟ ପରେ ତାକୁ ଚକଡ଼ାଭେଣ୍ଡାର କ୍ୱାଥ ଅନୁପାନ କରାଇବ । (ଚରକ) । **ମଦାତ୍ୟୟଜନିତତୃଷ୍ଣାରୋଗ**—୭-ଷଡ଼ଙ୍ଗପରିଭାଷାନୁସାରେ ଚକଡ଼ାଭେଣ୍ଡାର କ୍ୱାଥ ପ୍ରସ୍ତୁତ କରି ମଦାତ୍ୟୟ ରୋଗିର ତୃଷା ଶାନ୍ତି ନିମିତ୍ତ ପ୍ରୟୋଗ କରିବ । (ଚରକ) । **କାସରୋଗ**—୮—ଷଡ଼ଙ୍ଗପରିଭାଷାନୁସାରେ ଚକଡ଼ାଭେଣ୍ଡାର କ୍ୱାଥ ପ୍ରସ୍ତୁତ କରି ଏହି କ୍ୱାଥରେ ମୁଗଜାଉ ରାନ୍ଧି ଏଥିରେ ଅଳ୍ପ ବଣହଳଦୀ ଓ ଅଁଳା ମିଶାଇ ଖାଇଲେ କାସରୋଗ ବିନଷ୍ଟ ହୁଏ । (ଚରକ) । **ଅର୍ଶୋରୋଗ**—୯—ଡିଙ୍ଗାଭେଣ୍ଡା ଓ ଚକଡ଼ାଭେଣ୍ଡା ମୂଳର ଛାଲି ଦହି ଦହିରେ ବାଟି ସାତଦିନ ପାନକଲେ ଅର୍ଶ ଚୂର୍ଣ୍ଣିତ ହୋଇ ଝଡ଼ିପଡ଼େ । (ଚରକ) । **ଅଳସରୋଗ**—୧୦-କୃଷ୍ଣଗୁଣ ଚକଡ଼ାଭେଣ୍ଡାର ରସରେ ପାକ କରାଯାଇଥିବା ସୋରିଷତେଲକୁ ଲଗାଇଲେ ଅଳସରୋଗ (ଅର୍ଥାତ୍ ବର୍ଷା ଋତୁରେ ଦରୁଆପାଣି ବାଜି ପାଦରେ ହେବା ବାଲିକଟାରିଆ ରୋଗ) ଭଲହୁଏ । (ସୁଶ୍ରୁତ) **ବାତଜ ଅଧିମନ୍ଥରୋଗ**—୧୧-ଚକଡ଼ାଭେଣ୍ଡାର ମୂଳକୁ ଛେଳୀଦୁଧରେ ଘଷିକି, ଅଳ୍ପ ... ଏହି ଦୁଧ ଆଖିରେ ପକାଇଲେ ବାତଜ ଆଖିଧର ରୋଗ ଭଲହୁଏ । (ସୁଶ୍ରୁତ) । **ଶକୁନୀଗ୍ରହପ୍ରତିଷେଧେ**—୧୨—ଶିଶୁମାନଙ୍କ ନିବାରଣାର୍ଥେ ପିଲମାନଙ୍କୁ ଚକଡ଼ାଭେଣ୍ଡାର ମୂଳ ଧାରଣ କରାଇବ । (ସୁଶ୍ରୁତ) **ଶ୍ୱାସରୋଗ**—୧୩-ଚକଡ଼ାଭେଣ୍ଡାକୁ ଚାରି ଅଁଳାକୋଳି ପରିମାଣେ ମାତ୍ରା କରି ସେଥିରେ ତା'ର ଅର୍ଦ୍ଧେ ଶୋଧିତ ହିଙ୍ଗୁ ମିଶାଇ ମହୁ ସହିତ ଖାଇଲେ ପ୍ରବଳ ଶ୍ୱାସ ଉପଦ୍ରବରେ ପ୍ରଶମିତ ହୁଏ । (ସୁଶ୍ରୁତ) । **କାସରୋଗ**—୧୪—ଚକଡ଼ାଭେଣ୍ଡା ରସରେ ଯଥାବିଧି ଘୃତପାକ କରି ସେବନ କଲେ କାସ ଓ ସ୍ୱରଭଙ୍ଗ ନିବାରିତ ହୁଏ । (ସୁଶ୍ରୁତ) । **ମୂତ୍ରକୃଚ୍ଛ୍ରରୋଗ**—୧୫-ଚକଡ଼ାଭେଣ୍ଡାର ରସ କିମ୍ବା କଳ୍କ ସେବନ କଲେ ମୂତ୍ରକୃଚ୍ଛ୍ର ନିବୃତ୍ତ ହୁଏ । (ସୁଶ୍ରୁତ) । **କାସରୋଗ**—୧୬—ଚକଡ଼ାଭେଣ୍ଡାର କ୍ୱାଥରେ ପିପ୍ପଳୀଚୂର୍ଣ୍ଣ ମିଶାଇ ପାନକଲେ ସକଳ ପ୍ରକାର କାସ ବିନଷ୍ଟ ହୁଏ । (ଚକ୍ରଦତ୍ତ) । **ମୂତ୍ରକୃଚ୍ଛ୍ର**—* ୧୭-ଚକଡ଼ାଭେଣ୍ଡାର ରସ ମହୁ ସହିତ ପାନକଲେ ମୂତ୍ରକୃଚ୍ଛ୍ର ବିନଷ୍ଟ ହୁଏ । ( ଚକ୍ରଦତ୍ତ ) । **ମୂତ୍ରାଘାତ**—* ୧୮ ଚକଡ଼ାଭେଣ୍ଡାର ରସ ପାନକଲେ ମୂତ୍ରାଘାତ ପ୍ରଶମିତ ହୁଏ । (ଚକ୍ରଦତ୍ତ) । **ଶିଶୁକାସରୋଗ** ୧୯—ଚକଡ଼ାଭେଣ୍ଡା ଫୁଲର କେଶର ଚୂର୍ଣ୍ଣ କରି ମହୁ ସହିତ ବାଳକମାନଙ୍କୁ ଚଟାଇଲେ ସେମାନଙ୍କର ପୁରାତନ କାସରୋଗ ବିନଷ୍ଟ ହୁଏ । (ବଙ୍ଗସେନ) । ମାତ୍ରା ସ୍ୱରସ ୧୦—୨୦ ଗ୍ରାମ, କ୍ୱାଥ ୫୦—୧୦୦ ଗ୍ରାମ, କଳ୍କ ୩—୫ ଗ୍ରାମ ।

**କଣ୍ଟାର୍ଯ୍ୟାସବ**—ଚକଡ଼ାଭେଣ୍ଡା ପଞ୍ଚାଙ୍ଗ ୨ କେଜି, ଗୋଠକାକୁଡ଼ୀ ୨ କେଜି, ଚିକୁଅଁଳା ୨ କେଜି, ଅପାମାର୍ଗ ୨ କେଜି ଏହି ସମସ୍ତ ଦ୍ରବ୍ୟ କୁଟି ୩୨ କେଜି ଜଳରେ ମିଶାଇ ଚୁଲି ହାଣ୍ଡିରେ ଭରତ କରି ଯଥାବିଧି ସନ୍ଧାନ ପୂର୍ବକ ପନ୍ଦର ଦିନ ରଖି, ଛାଣି ବ୍ୟବହାର କରିବ । ମାତ୍ରା—୨—୧୦ ଗ୍ରାମ, କେବଳ ପ୍ରାତଃକାଳରେ ସେବନ କରିବ । ଏହା ବାତ ବ୍ୟାଧି, କଫ, କାସ, ଶ୍ୱାସ, ଆମାଶୟ, ଜ୍ୱର, କୋଷ୍ଠବଦ୍ଧ ଏବଂ ଶୂଳର ଅବ୍ୟର୍ଥ ଔଷଧ । (ବୈ. କୁ. ନି.)

**୩୩୮—ଚକ୍ରକେଦାର**—ଚାଳିତେଲିଚଟ୍ଟ ଦେଖ ।

**୩୩୯—ଚକ୍ରବାକ ପକ୍ଷୀ**—(Anascasarca syn- Rudygoose) ଏହାର ସଂସ୍କୃତ ପର୍ଯ୍ୟାୟ—ଚକ୍ରବାକ,

* ମୂତ୍ରକୃଚ୍ଛ୍ର ରୋଗରେ ଟିକିଏ ଜ୍ୱାଳା ସହିତ ବାରମ୍ବାର ଟୋପା ଟୋପା ହୋଇ ମୂତ୍ର ନିର୍ଗତ ହୁଏ ଏବଂ ମୂତ୍ରାଘାତ ରୋଗରେ ଏକବାର ପରିସ୍ରା ହୁଏ ନାହିଁ ।

ଲୁବ୍ରେସ୍ପେମା ଓ ତ୍ରିଙ୍ଗ୍ଲ୍ରୁଇ । ଏହାକୁ ପାରଲ୍ଖିଦ ଅଞ୍ଚଳର ଲୋକେ ପାଣ୍ଡାହଂସ ଏବଂ କୌଣସି ସ୍ଥଳର ଲୋକେ ଚକୁଆପକ୍ଷୀ ବୋଲନ୍ତି । ଏହାର ମାଂସ—ସ୍ୱାଦୁ, ସ୍ନିଗ୍ଧ, ଲଘୁ, ଉଷ୍ଣ, ଅଗ୍ନିବର୍ଦ୍ଧକ, ବଳକାରକ, ବାତନାଶକ ଓ ସକଳ ପ୍ରକାର ଶୂଳ ନିବାରକ ।

୩୪୦—ଚକୋରପକ୍ଷୀ—ଏହାର ସଂସ୍କୃତ ପର୍ଯ୍ୟାୟ—ଜ୍ୟୋତ୍ସ୍ନାପ୍ରିୟ, ଚନ୍ଦ୍ରକାନ୍ତ ଓ ଚନ୍ଦ୍ରିକାପାୟୀ । ଏହାର ମାଂସ ସ୍ୱାଦୁ, ଶୀତଳ, ରୁଚିକର, ବଳବୀର୍ଯ୍ୟବର୍ଦ୍ଧକ ଓ ଧାତୁପୁଷ୍ଟିକର ।

୩୪୧—ଚଟିଆପକ୍ଷୀ—Sparrow. ଏହାର ସଂସ୍କୃତ ପର୍ଯ୍ୟାୟ—କଟକ, କଳବିଙ୍କ ଓ କାମୁକ । ଏହାକୁ ବଙ୍ଗଳାରେ ଚଡ଼ାଇପକ୍ଷୀ ଓ ହିନ୍ଦୀରେ ଚଟକଚିଡ଼ିୟା ବୋଲନ୍ତି । ଚଟିଆପକ୍ଷୀ ଦୁଇ ପ୍ରକାର । ଯଥା—ଘରଚଟିଆ ଓ ବଣଚଟିଆ । ଏହି ଦୁଇ ପ୍ରକାର ଚଟିଆର ମାଂସ—ସ୍ୱାଦୁ, ଶୀତଳ, ସ୍ନିଗ୍ଧ, ଲଘୁ, ପଥ୍ୟ, ବଳକାରକ ଓ ଅତ୍ୟନ୍ତ ଶୁକ୍ରବର୍ଦ୍ଧକ । ୧—ଗୋଟିଏ ଥାଳୀରେ ଅଧପାଏ ଛିଅଗୁଣ୍ଡିଲା ରଖି ତା'ର ଉପରେ କେତେ ଗୁଡ଼ିଏ ଘରଚଟିଆର ଡିମ୍ବ ଭାଙ୍ଗି ରସ ବାହାର କରି ମିଶାଇ ଶୁଖାଇବ । ଏହିପରି ଥରକୁ ଥର ରସ ମିଶାଇ ସାତଦିନ ଛାଇରେ ଶୁଖାଇ ଏହି ଗୁଣ୍ଡିଲାରେ ଗାଈକ୍ଷୀର, ଘିଅ ଓ ଚାଉଳଗୁଣ୍ଡ ମିଶାଇ କ୍ଷୀରି ପ୍ରସ୍ତୁତ କରିବ । ଏହି କ୍ଷୀରି ଖାଇଲେ ଘୋଡ଼ାପରି ଅତିଶୟ ରତିଶକ୍ତି ବୃଦ୍ଧି ହୁଏ ।

୩୪୨—ଚଢ଼ିଆଘାସ—A speeies of grass. saccharum spontaneum. ଚଢ଼ିଆ ଘାସକୁ କେହି କେହି ତଣ୍ଡାଘାସ ମଧ୍ୟ ବୋଲନ୍ତି । ଏହାର ସଂସ୍କୃତ ନାମ—କାଶ, ଚାମରପୁଷ୍ପ, ଖରପତ୍ର ଓ ସିତପୁଷ୍ପକ । ଏହାକୁ ବଙ୍ଗଳାରେ କଶାଡ଼, ହିନ୍ଦୀରେ କାସ ଏବଂ ତେଲୁଗୁରେ ରେଲୁ ବୋଲନ୍ତି । ଏହି ଘାସର ସମୂଳ ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ରସ ଓ କ୍ୱାଥ ମଧୁର, ଶୀତଳ ଓ ମଳଭେଦକ, ଏହା ମୂତ୍ରକୃଚ୍ଛ୍ର, ଅଶ୍ମରୀ, ଦାହ, ରକ୍ତଦୋଷ, କ୍ଷତରୋଗ, ପିତ୍ତବିକାର, ଶୋଥ, କଫ ଓ ଶ୍ରମ ନିବାରଣ କରେ । ବୈଦ୍ୟଶାସ୍ତ୍ରରେ ଚଢ଼ିଆଘାସର ବ୍ୟବହାର । ଯଥା—ହାଣ୍ଡିକଳ ମାଂସଭକ୍ଷଣଜାତ ଅଜୀର୍ଣ୍ଣରୋଗ—ପାରାମାଂସ ଖାଇ ଅଜୀର୍ଣ୍ଣ ହେଲେ ଚଢ଼ିଆ ଘାସର ମୂଳ ପାଣିରେ ବାଟି ପାନକରିବ । (ଭାବପ୍ରକାଶ) । ଏ ଦେଶରେ ପ୍ରତିବର୍ଷ ରକ୍ଷା-ପଞ୍ଚମୀ ଦିନ ଚଢ଼ିଆଘାସରେ ବେଣି ବାନ୍ଧି ସେଥିରେ ରକ୍ଷାମନ୍ତ୍ରକୁ ଶୁଦ୍ଧି ଦ୍ୱାର ଦେହରେ ବାନ୍ଧିବାର ପ୍ରଥା ବ୍ରାହ୍ମଣାଦି ଜାତିମଧ୍ୟରେ ପ୍ରଚଳିତ ଅଛି । ମାତ୍ରା କ୍ୱାଥ ୫୦—୧୦୦ଗ୍ରାମ, କଲ୍କ ୧—୫ ଗ୍ରାମ ।

୩୪୩—ଚନ୍ଦନଗଛ—Sandal svn sirium myrtifolium. ଏହା ଏକ ବଡ଼ ଗଛ । ଏହାର ସଂସ୍କୃତ ପର୍ଯ୍ୟାୟ—ଚନ୍ଦନସାର, ମଳୟଜ, ଗନ୍ଧରାଜ ଓ ସିତଗନ୍ଧ । ଏହାକୁ ବଙ୍ଗଳାରେ ଓ ହିନ୍ଦୀରେ ଚନ୍ଦନ ଏବଂ ତେଲୁଗୁରେ ମାଞ୍ଚି ଗନ୍ଧମୁ ବୋଲନ୍ତି । ଚନ୍ଦନଗଛର ଛାଲି, କାଠ ଓ ବାଜ ଔଷଧାର୍ଥରେ ବ୍ୟବହୃତ ହୁଏ । ଚନ୍ଦନପରୀକ୍ଷା—ଯେଉଁ ଚନ୍ଦନ ଚାଖିଲେ ପିତ୍ତଲାଗେ, ଘୋରିଲେ ବହଳିଆ ହୁଏ, ଘଷିଲେ ରକ୍ତବର୍ଣ୍ଣ ଦେଖାଯାଏ ଏବଂ ଦେଖିଲେ ଧୋବଦିଶେ, ପୁଣି ଗଣ୍ଠି ଓ କୋରଡ଼ ସହିତରେ ଥାଏ, ତାହା ଶ୍ରେଷ୍ଠଚନ୍ଦନ ବୋଲି ବୁଝିବ । ଚନ୍ଦନର କ୍ୱାଥ ବା ଚୂର୍ଣ୍ଣ—ତିକ୍ତ, କଷାୟ ଓ ଶୀତଳ । ଏହା ସକଳପ୍ରକାର ପିତ୍ତବିକାର, ଭ୍ରମ, ବାନ୍ତି, ଜ୍ୱର, ତୃଷା, ଦାହ, ବିଷଦୋଷ, ରକ୍ତଦୋଷ, କୃମି, ମୂତ୍ରରୋଗ, ପ୍ରଦର, ରକ୍ତପିତ୍ତ, ପିତ୍ତଜ୍ୱର, ରାଜଯକ୍ଷ୍ମା, ଶ୍ୱାସ, କାସ, ପୀନସ, ପାଣ୍ଡୁ, ବଦ୍ଧ ଓ ଗନ୍ଧଗ୍ରହପୀଡ଼ା ପ୍ରଶମନ କରେ ଏବଂ ଆନନ୍ଦ ପ୍ରଦାନ କରେ । ୧—ଚନ୍ଦନ-କାଠର ଚୂର୍ଣ୍ଣକୁ ଗାଈଦୁଧ ସହିତ ସେବନ କଲେ ପ୍ରମେହ-ରୋଗ ନିବାରିତ ହୁଏ । ଚନ୍ଦନ ଘୋରି ଦେହରେ ଲେପନ କଲେ କାନ୍ତି ବୃଦ୍ଧି ହୁଏ । ୨—ଚନ୍ଦନଘୋରାରେ ରସକର୍ପୂର ମିଶାଇ ବାଳମୂଳିଆ ଓ ବଥରେ ତାହା ଲେପନକଲେ ବାଳମୂଳିଆ ଓ ବଥ ବସିଯାଏ । ଅରୁଚ, କୁଷ୍ଠ, ଉନ୍ମାଦ, ବିସର୍ପ ଓ ବିସ୍ଫୋଟରୋଗରେ ଚନ୍ଦନ ଉପକାର କରେ । ଚନ୍ଦନତୈଳ—ଏହା ତିକ୍ତ, ଉଷ୍ଣ, ଧାରକ, କଫନିଃସାରକ ଓ ମୂତ୍ରକାରକ । ୩—ଗୁଡ଼ତ୍ୱକ ଓ ବଂଶଲୋଚନାର ଚୂର୍ଣ୍ଣ ସହିତ ଏହି ତୈଳ ସେବନକଲେ ଗଣୋରିୟା(ମେହ), ମୂତ୍ରାଶୟର ଜ୍ୱାଲା, କାସ ଓ ପୁରାତନ ଅତିସାରରୋଗ ପ୍ରଶମିତ ହୁଏ । ଚନ୍ଦନପଞ୍ଜୀ—ଏହାର ଗିତବୃକ୍ଷୀ ଯୋନିରେ ଧାରଣକଲେ ଗର୍ଭସ୍ରାବ ହୁଏ । ବୈଦ୍ୟ ଶାସ୍ତ୍ରରେ ଚନ୍ଦନର ବ୍ୟବହାର ଯଥା—ରକ୍ତପିତ୍ତରୋଗେ—୪—ଉଶୀରବେଣା ଓ ଚନ୍ଦନକୁ ସମାନ ଭାଗରେ ଚାଉଳଧୁଆ ପାଣିରେ ବାଟି ତହିଁରେ ଚିନି ମିଶାଇ ପିଇଲେ ରକ୍ତପିତ୍ତ ପ୍ରଶମିତ ହୁଏ । (ଚରକ) । ରକ୍ତାର୍ଶେ—ଚନ୍ଦନ ଓ ଶୁଣ୍ଠୀର କ୍ୱାଥ ପାନକଲେ ଅର୍ଶରୋଗର ରକ୍ତସ୍ରାବ ବନ୍ଦ ହୁଏ । (ଚରକ) । ହିକ୍କାରୋଗେ—୫—ସ୍ତ୍ରୀର କ୍ଷୀରରେ ଚନ୍ଦନକୁ ଘୋରି ତା'ର ନସ୍ୟ ଗ୍ରହଣକଲେ ହିକ୍କା ବନ୍ଦହୁଏ । (ଚରକ) । ବାନ୍ତିରୋଗେ—୬—ଅଁଳାରସରେ ଚନ୍ଦନକୁ ଘୋରି ପିଇଲେ ବାନ୍ତି ଶାନ୍ତହୁଏ । (ଚରକ) । ରକ୍ତାତିସାରେ—୭—ଚନ୍ଦନଘୋରାରେ ଚାଉଳଧୁଆପାଣି ଚିନି ଓ ମହୁ ମିଶାଇ ପିଇଲେ ତୃଷା, ଦାହ ପ୍ରମେହ ଓ ରକ୍ତାତିସାର ନିବାରିତ ହୁଏ । (ଚରକ) ।

**ଅତ୍ୟାର୍ତ୍ତବରୋଗେ**—୮—ଋତୁକାଳରେ ଯଦି ସ୍ତ୍ରୀମାନଙ୍କର ଯୋନିରୁ ନିର୍ଗତ ହେବା ରକ୍ତ ପୂର୍ବରୁ ପ୍ରଚୁର କିମ୍ବା ମଜ୍ଜାଧାରୁ ପର ଦେଖାଯାଏ ତେବେ ସେହି ସ୍ତ୍ରୀକୁ ଚନ୍ଦନର କ୍ୱାଥ ପାନ କରାଇବ । (ସୁଶ୍ରୁତ) । **ଶୁକ୍ରମେହେ**—୯-ଅର୍ଜ୍ଜୁନଛାଲି ଓ ଚନ୍ଦନର କ୍ୱାଥ ପାନକଲେ ଶୁକ୍ରମେହ ପ୍ରଶମିତ ହୁଏ । (ସୁଶ୍ରୁତ) । **ମାଞ୍ଜିଷ୍ଠମେହେ**—୧୦ ମଞ୍ଜିଷ୍ଠା ଓ ଶ୍ୱେତ-ଚନ୍ଦନର କ୍ୱାଥ ପାନ କଲେ ମାଞ୍ଜିଷ୍ଠ ମେହରୋଗ ଭଲହୁଏ । (ସୁଶ୍ରୁତ) । **ମୂତ୍ରାଘାତେ**—୧୧-ଚନ୍ଦନ ଘୋରିରେ ଗୁଡ଼ଲ-ଧୁଆ ପାଣି ଓ ଚିନିମିଶାଇ ପିଇଲେ ଉଷ୍ଣବାତ ନାମକ ମୂତ୍ରାଘାତ ବିନଷ୍ଟ ହୁଏ । ଏହି ଔଷଧସେବନ କାଳରେ ଦୁଧଭାତ ପଥ୍ୟ ଭୋଜନ କରିବ । (ଭାବପ୍ରକାଶ) । **ମସୂରିକାରୋଗେ** ୧୨—ମସୂରିକାରୋଗର ପ୍ରାରମ୍ଭରେ ଚନ୍ଦନ ଘୋରିରେ ହିଡ଼ମିଚ୍ଛ ଶାଗର ରସ ମିଶାଇ ପାନକରିବ । (ବଙ୍ଗସେନ) । **ଶିଶୁର ନାଭିପାକେ**—୧୩-ଶୁକ୍ଳ ଚନ୍ଦନର ଚୂର୍ଣ୍ଣ ନାଭିରେ ପୂରଣକଲେ ଶିଶୁମାନଙ୍କର ନାଭିକ୍ଷତ ଶୁଖିଯାଏ । (ବଙ୍ଗସେନ) **ପୈତ୍ତିକଚକ୍ଷୁରୋଗେ**—୧୪-ପୈତ୍ତିକଚକ୍ଷୁରୋଗରେ ଚନ୍ଦନ ଜଳସେଚନ ଉପକାର କରେ । ମାତ୍ରା—କ୍ୱାଥ ୨୦—୫୦ ଗ୍ରାମ । ଚୂର୍ଣ୍ଣ ୧-୩ ଗ୍ରାମ, ତୈଳ ୫—୧୫ ଟୋପା । ରକ୍ତ-ଚନ୍ଦନର ଗୁଣ ଯଥାସ୍ଥାନରେ ଲେଖାଅଛି । ରକ୍ତଚନ୍ଦନ ଦେଖ । **ଚନ୍ଦନାସବ**—ଶ୍ୱେତଚନ୍ଦନ, ରକ୍ତଚନ୍ଦନ, ସରଳକାଠ, ଦେବଦାରୁ, ହଳଦୀ, ଦାରୁହଳଦୀ, ଉଶୁଣୀ, ଚଟାପାରୁ, ଅଗରୁଚନ୍ଦନ, ଅଁଳା, ଅରନ୍ତି ଫୁଲ, ଶତାବରୀ, ପାଷାଣଭେଦ, ବାଉଁଶଛାଲି, ସୁଗନ୍ଧ, ଲବଙ୍ଗ, ବାବୁଲ, ବରକୋଳି, ପ୍ରତ୍ୟେକର ଚୂର୍ଣ୍ଣ ୪୦ ଗ୍ରାମ, ଦ୍ରାକ୍ଷା ୧ କେଜି, ଧାତକୀଫୁଲ ୬୨୦ ଗ୍ରାମ, ମିଶ୍ରୀ ୫ କେଜି, ମହୁ ଅଢ଼ାଇ କେଜି, ଏହି ସମସ୍ତ ଏକତ୍ର ମିଶାଇ ୨୬ କେଜି ଜଳରେ ଗୋଳି ଗୋଟିଏ ହାଣ୍ଡିରେ ରଖି, ଯଥାବିଧି ସନ୍ଧାନ କରି ଏକ ମାସ ରଖି, ଛାଣି ବ୍ୟବହାର କରିବ । ମାତ୍ରା—ଅଧ ଠାରୁ ଏକ ଆଉନ୍ସ । ଅନୁ-ପାନ ଜଳ । ଏହା ବାର୍ଦ୍ଧିଗତ ରକ୍ତୋଗତ ଏବଂ ମୂତ୍ରଦୋଷ ଜନିତ ସମସ୍ତ ପ୍ରକାରରେ ପ୍ରଶସ୍ତ, ବିବିଧପ୍ରକାର ଅଶ୍ମରୀରୋଗ, ତେର ପ୍ରକାର ମୂତ୍ରାଘାତ ରୋଗ ଶୀଘ୍ର ଧ୍ୱଂସ କରେ । ଅଗ୍ନିବୃଦ୍ଧି, ପାଣ୍ଡୁ, କାମଳା, ହଳୀମକ, କାସ, ଶ୍ୱାସ, କୁଷ୍ଠରୋଗ ପ୍ରଭୃତିର ଶାମକ । ସୂଚନା—ଅଗସ୍ତି ଫୁଲ ସ୍ଥାନରେ ଶୀତଳ ମରିଚ ଏବଂ ମହୁ ସ୍ଥାନରେ ସ୍ୱର୍ଣ୍ଣମାକ୍ଷୀ ଭସ୍ମ ୨୦ ଗ୍ରାମ, କିମ୍ବା ମହୁ ଏବଂ ସ୍ୱର୍ଣ୍ଣମାକ୍ଷୀ ଭସ୍ମ ଉଭୟର ଯୋଗ ଅତୀବ ହିତକର । (ଆୟୁର୍ବେଦ ବିଜ୍ଞାନ)

**୩୪୪—ଚନ୍ଦ୍ରକାନ୍ତମଣି**—ଏହିମଣି ଅଳ୍ପ ହରିଦ୍ରବର୍ଣ୍ଣ ଓ ସ୍ୱଚ୍ଛ । ଚନ୍ଦ୍ରୋଦୟ ସମୟରେ ଏହି ମଣିରୁ ଜଳକଣା ସ୍ରୁତ ହୁଏ । ଏହାର ସଂସ୍କୃତ ପର୍ଯ୍ୟାୟ—ଚନ୍ଦ୍ରମଣି, ଚନ୍ଦ୍ରୋପଳ ଓ ଇନ୍ଦୁକାନ୍ତ । ଏହିମଣି ସ୍ନିଗ୍ଧ, ଶୀତଳ, ପ୍ରୀତିକର ଓ ମଙ୍ଗଳପ୍ରଦ । ଏହା ସନ୍ତାପ, ରକ୍ତପିତ୍ତ, ଗ୍ରହଦୋଷ ଓ ଅଲକ୍ଷ୍ମୀ ନିବାରକ । ଚନ୍ଦ୍ରକାନ୍ତମଣିରୁ ନିର୍ଗତ ହେବା ଜଳ ଗଙ୍ଗାଜଳ ତୁଲ୍ୟ । ବିଶେଷତଃ ଏହା ନିର୍ମଳ ଓ ଲଘୁ । ଏହି ଜଳପାନ କଲେ ମୂର୍ଚ୍ଛା, ଦାହ, ରକ୍ତପିତ୍ତ, କାସ ଓ ମଦାତ୍ୟୟ ପ୍ରଭୃତି ବାତ ପିତ୍ତଜ ରୋଗ ପ୍ରଶମିତ ହୁଏ ।

**୩୪୫—ଚନ୍ଦ୍ରକିରଣ**—ଚନ୍ଦ୍ରକିରଣ ସ୍ନିଗ୍ଧ, ଶୀତଳ, ଏହା ସେବନ କଲେ ଦାହ, ତୃଷା, ରକ୍ତପିତ୍ତ ଓ ତ୍ରିଦୋଷ ଶାନ୍ତହୁଏ ।

**୩୪୬—ଚନ୍ଦ୍ରଭାଗାନଦୀଜଳ**—ଚନ୍ଦ୍ରଭାଗାନଦୀର ଜଳ ସୁଶୀତଳ, ପିତ୍ତ, ଦାହ ଓ ବାତନାଶକ ।

**୩୪୭—ଚମ୍ପାଫୁଲଗଛ**—Michelia champaca. ଏହାର ସଂସ୍କୃତ ପର୍ଯ୍ୟାୟ-ଗନ୍ଧେୟ, ଚମ୍ପକ, ସ୍ୱର୍ଣ୍ଣପୁଷ୍ପ ଓ ଭୃଙ୍ଗମୋହୀ । ଏହାକୁ ବଙ୍ଗଳାରେ ଚମ୍ପାଫୁଲ, ହିନ୍ଦୀରେ ଚମ୍ପି ଏବଂ ତେଲୁଗୁ ଭାଷାରେ ସମ୍ପେଙ୍ଗାଚେଟ୍ଟୁ ବୋଲନ୍ତି । ଚମ୍ପାଗଛର ପତ୍ର, ଫୁଲ, ଫଳ, ଛାଲି ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । **ଚମ୍ପାପତ୍ର**—ଚମ୍ପାପତ୍ରର ରସ କଟୁ, ତିକ୍ତ, କଷାୟ ଓ ଶୀତଳ । ଚମ୍ପାପତ୍ର ରସରେ ମହୁ ମିଶାଇ ସେବନ କଲେ ଜ୍ୱର, କୃମି ଓ ଶୂଳ ପ୍ରଶମିତ ହୁଏ । ଚମ୍ପାପତ୍ରରେ ଘିଅ ଲଗାଇ ଅଳ୍ପ ଉଷ୍ମ କରି ମୁଣ୍ଡରେ ବାନ୍ଧିଲେ ଉନ୍ମାଦ ଓ ମସ୍ତିଷ୍କର ନିବାରିତ ହୁଏ । ଚମ୍ପାପତ୍ରର ରସ ଚକ୍ଷୁରେ ସେଚନ କଲେ ଦୃଷ୍ଟିଶକ୍ତି ବଢ଼େ । **ଚମ୍ପା ଫୁଲ**—ଏହା କଟୁ, ତିକ୍ତ, କଷାୟ, ମଧୁର, ଶୀତଳ ଓ ସୁଗନ୍ଧ । ଏହାର ଚୂର୍ଣ୍ଣ ବା କ୍ୱାଥ ସେବନ କଲେ ଜ୍ୱର, ଅଗ୍ନିମାନ୍ଦ୍ୟ, ମୂତ୍ରକୃଚ୍ଛ୍ର ଓ ପ୍ରମେହରୋଗ ବିନଷ୍ଟ ହୁଏ ଏବଂ ବଳ ବୀର୍ଯ୍ୟ ବଢ଼େ । ୧—ଏହି ଫୁଲର ଚୂର୍ଣ୍ଣ ତେଲରେ ମିଶାଇ ମୁଣ୍ଡରେ ଲଗାଇଲେ ମସ୍ତିଷ୍କ ଉପଶମ ଭଲହୁଏ । ୨—ଚମ୍ପାଫୁଲକୁ ତେଲରେ ବାଟି ସେଥିରୁ ଏହାର ନସ୍ୟ ଗ୍ରହଣ କଲେ ମୂର୍ଦ୍ଧ-ନସ୍ୟରୋଗ ଭଲହୁଏ । ୩—ଚମ୍ପାଫୁଲର ତେଲ ମୁଣ୍ଡବ୍ୟଥା, ବାତ ଓ ଆମବାତ ରୋଗରେ ମର୍ଦ୍ଦନାର୍ଥରେ ବ୍ୟବହାର କରାଯାଏ । ଏହି ତେଲ ଆଖିରେ ପକାଇଲେ ଚକ୍ଷୁରୋଗ ବିନଷ୍ଟ ହୁଏ । **ଚମ୍ପା ଫଳ**—୪—ଚମ୍ପାଫଳ ବାଟି ପାଦରେ ଲେପନ କଲେ ଗୋଡ଼ଫଟା ଭଲହୁଏ । ୫—ଚମ୍ପାଫୁଲରୁ ତୈଳ ବାହାର କରି ଏହି ତୈଳ ତଳପେଟରେ ମର୍ଦ୍ଦନ କଲେ ଆଧ୍ମାନ ପ୍ରଭୃତି ବାତବିକାର ବିନଷ୍ଟ ହୁଏ ।

ଚମ୍ପାଗୁଳି—ଏହାର କ୍ୱାଥ ବା ଚୂର୍ଣ୍ଣ କଟୁ, ତିକ୍ତ, କଷାୟ, ମଧୁର ଓ ଶୀତଳ । ଏହା ଦାହ, କଣ୍ଡୁ, କୁଷ୍ଠ, ବ୍ରଣ, ଜ୍ୱର, ପିତ୍ତବିକାର, ବାତଦୋଷ, ରକ୍ତପିତ୍ତ, ମୂତ୍ରକୃଚ୍ଛ୍ର ଓ କୃମିରୋଗ ହରଣ କରେ ଏବଂ ବାତରକ୍ତ ପ୍ରଶମନ କରେ । ଚମ୍ପାଚେରମୂ—୬-ଚମ୍ପାଗଛର ଚେରକୁ ଚନ୍ଦ୍ରାରେ ବାଟି କ୍ଷତରେ ଲେପନ କଲେ ବ୍ରଣ ପାଚି ଫାଟିଯାଏ । ଏହାର କ୍ୱାଥ—ଜ୍ୱର, ଅଗ୍ନିମାନ୍ଦ୍ୟ ଓ ଦୌର୍ବଲ୍ୟ ହରଣ କରେ । ୭—ଯେଉଁ ସ୍ତ୍ରୀମାନଙ୍କର ରଜୋରୋଧ ହୋଇଥାଏ ସେମାନଙ୍କୁ ଚମ୍ପା-ଫୁଲର କ୍ୱାଥ ପାନ କରାଇଲେ ସେମାନଙ୍କର ମାସିକ ଋତୁ ପ୍ରବୃତ୍ତି ହୁଏ । ମାତ୍ରା ପତ୍ରରସ ୨୦—୪୦ ଗ୍ରାମ, ଫୁଲର କ୍ୱାଥ —୪୦—୮୦ ଗ୍ରାମ, ଗୁଳିର କ୍ୱାଥ ୫୦—୧୦୦ ଗ୍ରାମ । ଚମ୍ପକାଦ୍ୟତୈଳ— ଶୁଖିଲା ଚମ୍ପାଫୁଲ ଅଢ଼ାଇ କେଜି, ତେରକେଜି ଜଳରେ କ୍ୱାଥ ପ୍ରସ୍ତୁତ କରି ହାତ କେଜି ଶେଷ ରଖି, ଓହ୍ଲାଇ ଛାଣି, ଥଣ୍ଡା ହେବା ପରେ ମହୁ ୪ କେଜି, ଧାତୁକୀଫୁଲ ୨୦୦ ଗ୍ରାମ, ଅତୁଶୀ, କକଡ଼ାଶୃଙ୍ଗୀ, ପିପ୍ପଳୀ ପ୍ରତ୍ୟେକର ଚୂର୍ଣ୍ଣ ୪୦ ଗ୍ରାମ ମିଶାଇ, ଯଥାବିଧି ସନ୍ଧାନ କରି କୋଡ଼ିଏ ଦିନ ରଖି, ଛାଣି ଉପଯୋଗ କରିବ । ମାତ୍ରା ଅଧ—୧ ଆଉନ୍ସ । ଏହା ସର୍ଦ୍ଦି, କୋଷ୍ଠବଦ୍ଧତା ନାଶକ ଏବଂ କ୍ଷୁଧାବର୍ଦ୍ଧକ ।

(ଡାକ୍ତର ଦୁର୍ଗାଚରଣ ତ୍ରିପାଠୀ)

୩୪୮—ଚମରୀ—ଏହା ଏକପ୍ରକାର ଗୋଜାତୀୟ ବନ୍ୟ-ପଶୁ । ଏହାର ଲାଙ୍ଗୁଡ଼ର ବାଳରେ ଚାମର ପ୍ରସ୍ତୁତ କରାଯାଏ । ଏହାର ମାଂସ ସ୍ୱାଦୁ, ସ୍ନିଗ୍ଧ, ବାତନାଶକ ଏବଂ ପିତ୍ତଦୋଷ ଓ କାସରୋଗରେ ହିତକର ।

୩୪୯—ଚମଚଟିଆ—Abat. ଏହାକୁ ଯୋକେଲେକ ଚମ୍ପିଚଢ଼େଇ ମଧ୍ୟ କୋହନ୍ତି । ଏହାର ସଂସ୍କୃତ ପର୍ଯ୍ୟାୟ—ଜତୁକା, ଅଜିନପତ୍ରା ଓ ଅଜିନପତ୍ରିକା । ଏହାକୁ ବଙ୍ଗଳାରେ ଚାମ୍‌ଚିକା ଏବଂ ହିନ୍ଦୀରେ ଚମଗାଦଡ଼ କୋହନ୍ତି । ୧—ଚମ-ଚଟିଆର ବିଷ୍ଠାକୁ ଛେଳୀମୂତ୍ରରେ ବାଟି ରୋଗିର ସର୍ବାଙ୍ଗରେ ଲେପନ କଲେ ଅପସ୍ମାରରୋଗ ନିବୃତ୍ତ ହୁଏ ।

୩୫୦—ଚମଡ଼ା—ଗୋରୁ, ମେଣ୍ଢା, ଛେଳି ପ୍ରଭୃତି ଜନ୍ତୁମାନଙ୍କର ଗୁଣ ବର୍ଣ୍ଣନା ପ୍ରସଙ୍ଗରେ ସେହି ୨ ଜନ୍ତୁମାନଙ୍କର ଚମଡ଼ାର ଗୁଣ ଏହି ଗ୍ରନ୍ଥରେ ଯଥାସ୍ଥାନରେ ଲେଖାଯାଇଅଛି ।

୩୫୧—ଚା—Tea. Plant. ଚା'ର ସଂସ୍କୃତ ପର୍ଯ୍ୟାୟ —ଶ୍ଳେଷ୍ମାରି, ଅତନ୍ଦ୍ରୀ, ନିଦ୍ରାଘ୍ନ ଓ ଶ୍ୟାମପର୍ଣ୍ଣୀ । ଏହାକୁ ବଙ୍ଗଳାରେ ଓ ହିନ୍ଦୀରେ ଚାହା ଏବଂ ତେଲୁଗୁରେ ତେୟାକୁ କୋହନ୍ତି । ଚା' ଏକ ପ୍ରକାର ଗଛର ପତ୍ର । ଚା'ର ଫାଣ୍ଟ କଷାୟ ଆଧୁନିକ ଶିକ୍ଷିତ ସମ୍ପ୍ରଦାୟ ମଧ୍ୟରେ ପ୍ରିୟପାନୀୟ ଭୂଟରେ ବହୁଳ ଭାବରେ ପ୍ରଚଳିତ । ଗୁଣ—କଟୁ, ତିକ୍ତ, କଷାୟ ରସ ଏବଂ ଉଷ୍ଣ । ଏହାର ଫାଣ୍ଟକଷାୟ—କଫନାଶକ, ସ୍ୱେଦଜନକ, ବଳବର୍ଦ୍ଧକ, କାମୋଦ୍ଦୀପକ, ଜ୍ୱରହାରକ, କାସ, ସର୍ଦ୍ଦି ଓ ଶରୀରର ଜଡ଼ତା ନାଶକ ଏବଂ ଅଗ୍ନିଦୀପକ ଅଟେ । ଏହା ପାକସ୍ଥଳୀକୁ ସବଳ କରେ, ମନକୁ ପ୍ରଫୁଲ୍ଲ କରେ, ଜୀବନୀଶକ୍ତି ବୃଦ୍ଧି କରେ ଏବଂ ମସ୍ତିଷ୍କର ମାଳିନ୍ୟ ଦୂରକରେ । କବି, ଅଧ୍ୟାପକ, ମୀମାଂସକ, ଅବିରାମ ଜ୍ୱରରୋଗୀ, ପଥଶ୍ରାନ୍ତ ଓ ଚିନ୍ତାଶୀଳ ବ୍ୟକ୍ତି ପକ୍ଷରେ ଚା' ପାନ ପ୍ରଶସ୍ତ । ୧—ଶ୍ଳେଷ୍ମା, ପ୍ରକୃତିର ଲୋକ ଚା ପାନ କଲେ ତା'ର ରକ୍ତଶକ୍ତି ଓ ଉତ୍ତେଜନା ଶକ୍ତି ବଢ଼େ । ଏହା ଶରୀରର ଉଷ୍ଣତା ବର୍ଦ୍ଧକ, ସ୍ୱେଦଜନକ ଓ ଶିରୋବେଦନା ନିବାରକ । ୨-ଶୈତ୍ୟ କମ୍ପ ମୂତ୍ରାଶୟର ଦୁର୍ବଳତା ଯୋଗୁଁ ଯଦି ଟୋପା ଟୋପା ପରିସ୍ରା ହୁଏ, ତା' ହେଲେ ଦେହ ଅବସ୍ଥାରେ ଚା ପାନ କଲେ ବିଶେଷ ହିତକର ହୁଏ । ୩—ଅକ୍ରମାତାରେ ଅଫିମଖାଇ କେହି ଯଦି ବେହୋସ ହୁଏ, ତେବେ ତାକୁ ଚା'ର ଫାଣ୍ଟ କଷାୟ ପିଆଇବ । ଚା—ବଳଦାୟକ, ସଙ୍କୋଚକ, ଅଟେ । ଭୋଜନର ଅବ୍ୟବହିତ ପରେ ଏହା ପାନ କରିବା ଉଚିତ ନୁହେଁ । ଚା'ଦୁର୍ଗୁଣ ଚା' ଅଧିକ ମାତ୍ରାରେ ଦୀର୍ଘକାଳ ସେବନ କଲେ ଛାତିଥରେଇ ଆସେ, ବାନ୍ତି ହୁଏ, ହାତ ଓ ପାଦ ଥରେ, ମୁଖ ବିବର୍ଣ୍ଣ ଦିଶେ, ନାଡ଼ୀ କ୍ଷୀଣ ହୁଏ, ନିଦ୍ରା ହୁଏନାହିଁ । ଭ୍ରୂଲତାର ଉପରଭାଗରେ ବେଦନା ହୁଏ, ଦୁଃସ୍ୱପ୍ନ, ଦୁର୍ବଳତା ଓ ଅଗ୍ନିମାନ୍ଦ୍ୟରୋଗ ଜାତ ହୁଏ । ଖାଲିପେଟରେ ଓ ଗ୍ରୀଷ୍ମଋତୁରେ ଅଧିକ ଚା' ପାନ କଲେ ଉଷ୍ଣପ୍ରକୃତ ଲୋକର ଅକଷ୍ଟ ହୁଏ । ଚା'ପିଇବାନିଷେଧ —ମୂର୍ଚ୍ଛା, ଅନିଦ୍ରା ଓ ହୃଦ୍‌ରୋଗରେ ଏବଂ ଉପବାସ କାଳରେ ଚା' ପିଇବା ନିଷେଧ । ଚା—ଅଧିକଶୀତ ଉଷ୍ଣ ଓ ଉତ୍ତେଜକ ପାନୀୟ । ଏହା ଶୈତ୍ୟପ୍ରଧାନ ଦେଶବାସୀଙ୍କ ପକ୍ଷରେ ହିତକର । ଭାରତପରି ଉଷ୍ଣ ପ୍ରଧାନ ଦେଶବାସୀଙ୍କ ପକ୍ଷରେ ଏହାର ନିତ୍ୟ ବ୍ୟବହାର ନାନାରୋଗ ଜନକ ଏବଂ ଶରୀର କ୍ଷୟର କାରଣ ଅଟେ । ଚା'ଦୋଷଶୋଧନ—ଚା'ର ଫାଣ୍ଟ କଷାୟରେ ଦୁଧ ଓ ଚିନି ମିଶାଇ ପିଇଲେ ତା'ର ବିଷଦୋଷ ବା ଉଗ୍ରତା ଅନେକ ପରିମାଣରେ କମିଯାଏ ।

୩୫୨—ଚୁଇଁକାଠ—Piper chaba. ଏହା ଏକ-ପ୍ରକାର ଲତା । ଏହାର ସଂସ୍କୃତ ପର୍ଯ୍ୟାୟ—ଚବ୍ୟ, ଚବିକା, ତେଜୋବତୀ ଓ ଉଷଣା । ଏହାକୁ ବଙ୍ଗଳାରେ ଚଇ, ହିନ୍ଦୀରେ ଚବ୍ୟ ଏବଂ ତେଲୁଗୁରେ ଚେବମୁ କୋହନ୍ତି । ଏହି ଲତାର, ଡାଳ, ମୂଳ ଓ ଫଳ ଔଷଧାର୍ଥେ ବ୍ୟବହୃତ ହୁଏ । ଚୁଇଁ-କାଠର କ୍ୱାଥ ବା ଚୂର୍ଣ୍ଣ—କଟୁ ଏବଂ ଉଷ୍ଣ । ଏହା ଅଗ୍ନିଦୀପକ ପାଚକ, କଫହରଣ କରେ ଏବଂ ବାତ, ଅର୍ଶ, କୃମି, କାସ,

ଶ୍ୱାସ, ପାଣ୍ଡୁ, ଶୋଥ, ଶୂଳ, କୁଷ୍ଠ, ହୃଦ୍‌ରୋଗ, ଅପସ୍ମାର ଓ ସକଳ ପ୍ରକାର ଜ୍ୱର ପ୍ରଶମନ କରେ । ବୈଦ୍ୟଶାସ୍ତ୍ରରେ ଗୁଈଁକାଠର ବ୍ୟବହାର । ଯଥା—ଅର୍ଶରୋଗେ—୧-ଗୁଈଁକାଠର ମୂଳକୁ ଚୂର୍ଣ୍ଣ କରି ହୀଧୂନାମକ ମଦ୍ୟ ସହିତ ସେବନକଲେ ଅର୍ଶରୋଗ ବିନଷ୍ଟ ହୁଏ । (ଚରକ) । ଗୁଈଁକାଠର ଫଳକୁ ଗଜପିପ୍‌ଳୀ ବୋଲନ୍ତି । ଗଜପିପ୍‌ଳୀର ଗୁଣ ଯଥା ସ୍ଥାନରେ ଲେଖାଅଛି ଦେଖ । ଗୁଈଁକାଠ କ୍ୱାଥର ମାତ୍ରା ୪୦—୮୦ ଗ୍ରାମ, ଚୂର୍ଣ୍ଣ ୩—୫ ଗ୍ରାମ । ଚବ୍ୟାଦ୍ୟରିଷ୍ଟ—ଗୁଈଁକାଠ ଅଢ଼ାଇ କେଜି, ଚଭାପାରୁ ସାଢ଼େ ଏକକେଜି, କଳାଜିରା, ପୁଷ୍କରମୂଳ, ରଙ୍ଗବଳ, ହବୁଷା, ଗନ୍ଧଶୁଣ୍ଠୀ, ପଟୋଳପତ୍ର, ହରିଡ଼ା, ବାହାଡ଼ା, ଅଁଳା, ଯୁଆଣି, କେରୁଆଁ ମୂଳ, ଗୋଠକାକୁଡ଼ିମୂଳ, ଧନିଆଁ, ରାସ୍ନା, ଦନ୍ତୀମୂଳ ପ୍ରତ୍ୟେକ ଦୁଇ କେଜି, ବିଡ଼ଙ୍ଗ, ମୁଥା, ମଞ୍ଜିଷ୍ଠା, ଦେବଦାରୁ, ଶୁଣ୍ଠୀ, ପିପ୍‌ପଳୀ, ମରିଚ ପ୍ରତ୍ୟେକର ଚୂର୍ଣ୍ଣ ୨୦୦ ଗ୍ରାମ, ଏହି ସମସ୍ତ ଦ୍ରବ୍ୟ କୁଟି ୧୦୪ କେଜି ଜଳରେ ସିଝାଇ, ତେର କେଜି ଜଳ ଅବଶେଷ ରଖି, ଓହ୍ଲାଇ ଛାଣି ହାଣ୍ଡିରେ ରଖିବ । ସେଥିରେ ଗୁଡ଼ ୧୫ କେଜି, ଧାତୁକୀଫୁଲ ଏକ କେଜି । ତେଜପତ୍ର, ଅଳାଇଚ, ଗୁଡ଼ତ୍ୱକ, ନାଗକେଶର ପ୍ରତ୍ୟେକର ଚୂର୍ଣ୍ଣ ୮୦ ଗ୍ରାମ, ଲବଙ୍ଗ, ଶୁଣ୍ଠୀ, ମରିଚ, ପିପ୍‌ପଳୀ, ଶୀତଳାମରିଚ, (କବାବଚିନି) ପ୍ରତ୍ୟେକ ୪୦ ଗ୍ରାମ । ଏହି ସମସ୍ତ ଦ୍ରବ୍ୟ ଏକାଠି ମିଶାଇ ଯଥାବିଧି ସନ୍ଧାନ କରି ଏକ ମାସ ପର୍ଯ୍ୟନ୍ତ ଧାନ ଗଦାରେ ପୋତିବ । ମାତ୍ରା—ଅଧ ଆଉନ୍‌ସ ଠାରୁ ଏକ ଆଉନ୍‌ସ । ଅନୁପାନ—ଜଳ । ଏହା ଗୁଳ୍ମ, କୋଡ଼ିଏ ପ୍ରକାର ପ୍ରମେହ, କ୍ଷୟ, କାସ, ଅଷ୍ଠୀଳା, ବାତରକ୍ତ, ଉଦର ବିକାର ଅନ୍ତ୍ରବୃଦ୍ଧି ନାଶ କରେ । କାମଳା ସକୃତ ବିକାର, ଆଧ୍ମାନ, ଅଣ୍ଡବୃଦ୍ଧି ଏବଂ ଅଗ୍ନିମାନ୍ଦ୍ୟ ନଷ୍ଟକରେ । (ଗଦନିଗ୍ରହ)

**୩୪୩-ଚାଉଳ**—Rice. ଏହାର, ସଂସ୍କୃତନାମ—ତଣ୍ଡୁଳ, ଏହାକୁ ବଙ୍ଗଳାରେ ଚାଉଳ, ହିନ୍ଦୀରେ ଚାବଲ ଏବଂ ତେଲୁଗୁରେ ବାସ୍ତମୁ ବୋଲନ୍ତି । ଚାଉଳର ପ୍ରୟୋଗ । ଯଥା—**ରକ୍ତାତିସାର ଓ ରକ୍ତପ୍ରଦରରୋଗେ**—୧-କେବଳ ଅଆଚାଉଳକୁ ଚାରିପଳ ପାଣିରେ ଦୁଇ ତିନି ଘଣ୍ଟା କାଳ ବତୁରାଇ ଉତ୍ତମରୂପେ ତାକୁ ମନ୍ଥି ଖାଲିପାଣି ମଧ୍ୟକୁ ଛାଣିନେବ । ଏହାର ନାମ ଚାଉଳଧୂଆପାଣି । ଏହିପାଣିରେ ମିଶ୍ରି ମିଶାଇ ପିଇଲେ ରକ୍ତାତିସାର ଓ ରକ୍ତପ୍ରଦରରୋଗରେ ଉପଶମ ହୁଏ । **ଅନ୍ତର୍ଦାହ ଓ ତୃଷାରୋଗେ**—୨-ଚାଉଳଧୂଆ ପାଣିରେ ଚିନି ମିଶାଇ ପିଇଲେ ଅନ୍ତର୍ଦାହ ଓ ତୃଷା ଶାନ୍ତହୁଏ । **ଜ୍ୱରଦାହେ**—୩-ଦରସିଝା ଚାଉଳର ପେଜକୁ ଫୁଟିଆସି-ପାଣି ବା ବେଆସିପାଣି ବୋଲନ୍ତି । ଏହିପାଣିରେ ମିଶ୍ରି ମିଶାଇ ପିଇଲେ ଜ୍ୱରରୋଗିର ଦାହ ପ୍ରଶମିତ ହୁଏ । **ମୂତ୍ରକୃଚ୍ଛ୍ରରୋଗେ**—୪-ଚାଉଳର ଫୁଟିଆସି ପାଣିରେ ଚିନି ମିଶାଇ ପିଇଲେ ପରସ୍ରାଜ୍ୱଳା ଓ ଟୋପା ଟୋପା ହୋଇ ପରସ୍ରାହେବା ରୋଗ ଭଲହୁଏ । **ଅରୁଚିରୋଗେ**—୫-ଚାଉଳର ମଣ୍ଡ ବା ପେଜରେ ଅଳ୍ପ ଲୁଣ ଓ ଲେମ୍ବୁରସ ମିଶାଇ ତାକୁ ଜିରା, ହିଙ୍ଗୁ ଓ ଘିଅରେ ବଘାରିବ । ଏହି ମଣ୍ଡ ପିଇଲେ ଅରୁଚି ଛାଡ଼ିଯାଏ । **ଅନ୍ତ୍ରଶୂଳରୋଗେ**—୬-ପେଟର ଅନ୍ତ ସବୁ ମୋଡ଼ି ହେଉଥିଲେ ରୋଗିର ଗୁହ୍ୟଦ୍ୱାରରେ ପେଜର ପିଚକାରି ଦେବ । **ବଣ ଓ ବ୍ରଣରୋଗେ**—୭-ଚାଉଳଚୂନାରେ ଅଳ୍ପ ତେଲ ଓ ପାଣି ମିଶାଇ ଚକଟି ତାକୁ ଚାଟୁରେ ଭାଜି ଗରମ କରିବ । ନୂତନ ବ୍ରଣଶୋଥରେ ଓ ବଥରେ ଏହା ଲେପନ କଲେ ବ୍ରଣ ଓ ବଥ ବସିଯାଏ ଅଥବା ପାଚି ଫାଟିଯାଏ । **ହିକ୍କାରୋଗେ**—ଅଣ୍ଡ ଜାଳି ନଦାଇ ଖାଲି ଭାତର ପେଜ ଦିନ ମଧ୍ୟରେ ଦୁଇ ତିନିଥର ପିଇଲେ ହିକ୍କା ବନ୍ଦହୁଏ । **ବ୍ୟଙ୍ଗାଦିରୋଗେ**—୯-ଚାଉଳଚୂନାକୁ ଘିଅ ଓ ପାଣି ସହିତ ମିଶାଇ ଚକଟି କଳ୍କ ପରି କରିବ । ଏହି କଳ୍କକୁ ଉତ୍ତମରୂପେ ଲେପି ମୁହଁରେ ଲଗାଇଲେ ମୁହଁରେ ହେବା କଳାଚିହ୍ନ ସବୁ ଛାଡ଼ିଯାଏ । **ଜଳୋଦରରୋଗେ**—୧୦-ଲଙ୍କାସିଝୁ କ୍ଷୀରରେ ଚାଉଳକୁ ଓଦାକରି ଖରାରେ ଶୁଖାଇ ଚୂନା କରିବ । ଏହି ଚୂନାରେ ଚକୁଲିପିଠା ପ୍ରସ୍ତୁତ କରିବ । ଏହି ପିଠା ଖୁଆଇଲେ ଖୁବ୍ ବିରେଚନ ହୁଏ ଏବଂ ଜଳୋଦର ରୋଗ ଶାନ୍ତ ହୁଏ । **ସୂତିକାରୋଗେ**—୧୧-ଚାଉଳକୁ ସିଝା ତଣ୍ଡୁରୁ ପେଜ ବାହାର କରିବ । ଏହି ପେଜରେ ଲୁଣ ଓ ଘିଅ ମିଶାଇ ଜିରା ଓ ହିଙ୍ଗୁ ଯୋଗରେ ଏହାକୁ ବଘାରିବ । ପ୍ରସବ ହେବାର ଦୁଇତିନିଦିନ ପର୍ଯ୍ୟନ୍ତ ପୋଷଣ ସ୍ତ୍ରୀକୁ ଏହା ପିଆଇଲେ ତାକୁ କୌଣସି ପ୍ରକାର ସୂତିକାରୋଗ (ଦେହ ଉଡ଼ିବା ବିକାର) ଆକ୍ରମଣ କରେନାହିଁ । **ଧାତୁଦୌର୍ବଲ୍ୟେ**—୧୨—ଗୋଟିଏ ଥାଳିରେ ଅଧପାଏ ଚାଉଳ ରଖି ତା'ର ଉପରେ କେତେଗୁଡ଼ିଏ ଦେରଚଟିଆର ଡିମ୍ବ ଭାଙ୍ଗି ତା'ର ରସ ମିଶାଇବ । ଏହି ଡିମ୍ବର ରସ ଶୁଖିଗଲେ ପୁଣି କେତେଗୁଡ଼ିଏ ଡିମ୍ବ ଭାଙ୍ଗି ପୂର୍ବପରି ତା'ର ରସ ମିଶାଇ ଖରାରେ ଶୁଖାଇବ । ଏହିପରି ସାତଥର କରିବ । ତା'ପରେ ଛେଳୀଦୁଧରେ ଏହି ଚାଉଳରପାୟସ ପ୍ରସ୍ତୁତ କରି ସେଥିରେ ତାଳଗୁଡ଼ ମିଶାଇ ଖାଇବ । ଏହା ଖାଇଲେ ଅତ୍ୟନ୍ତ କାମ ଉଦ୍ଦୀପିତ ହୁଏ ଏବଂ ଚଟକବୀର୍ଯ୍ୟ ଶକ୍ତି ବଢ଼େ । ଚାଉଳରୁ ମଦ୍ୟ ପ୍ରସ୍ତୁତ କରାଯାଏ । ମଦର ଗୁଣ ଯଥାସ୍ଥାନରେ ଲେଖାଅଛି ଦେଖ ।

୩୫୪—ଚାକୁଣ୍ଡାଗଛ— Cassiatora. ଚାକୁଣ୍ଡାର ସଂସ୍କୃତ ପର୍ଯ୍ୟାୟ—ଚକ୍ରମର୍ଦ୍ଦ, ଦଦ୍ରୁଘ୍ନ, ଦ୍ରୁଡଗଜ ଓ ଖର୍ଜୁଘ୍ନ। ଏହାକୁ ବଙ୍ଗଳାରେ ଚାକୁନ୍ଦେ, ଚାକୁଣ୍ଡା ଓ ଏଡ଼ଞ୍ଚି, ହିନ୍ଦୀରେ ଚକବଡ଼ ଓ ପମ୍ୱାଡ଼ ଏବଂ ତେଲୁଗୁରେ ତଗିରିଶଚେଟ୍ଟୁ ଓ ତାଂଟେମୁ ବୋଲନ୍ତି। ଚାକୁଣ୍ଡାଗଛର ପତ୍ର, ଫଳ, ମୂଳ ଓ ବୀଜ ଔଷଧାର୍ଥରେ ବ୍ୟବହୃତ ହୁଏ। ଚାକୁଣ୍ଡାପତ୍ର—ଏହା ମଧୁର, କଟୁ, ଉଷ୍ଣ, ଲଘୁ, ରୁକ୍ଷ, ଶୀତଳ, ମୃଦୁବିରେଚକ ଓ ବାତପିତ୍ତ ନାଶକ। ଚାକୁଣ୍ଡାର ପତ୍ରକୁ ଭଜା କରି ଖାଇଲେ କୁଷ୍ଠ, କଣ୍ଡୁ, ଦଦ୍ରୁ, ପାମା, କଫ, ଶ୍ୱାସ ଓ କୃମି—ରୋଗରେ ବିଶେଷ ଉପକାର ହୁଏ। ୧–ଚାକୁଣ୍ଡାପତ୍ରକୁ ବାଟି ଲେପନ କଲେ ଦାଦୁ ଭଲହୁଏ। ୨–ପ୍ଲେଗର ଗଣ୍ଡି ଉପରେ ଚାକୁଣ୍ଡାପତ୍ର ଲେପନ ଉପକାର ହୁଏ। ୩—ଖଇଲିଆର ତେଲ କିମ୍ବା ନିମ୍ବର ତେଲ ସହିତ ଚର୍ମରେ ଦାଦୁ ଓ କଣ୍ଡୁ ଆଦି ହେଲେ ଚାକୁଣ୍ଡାପତ୍ର ବାଟି ଲେପନ କରିବ। ୪—ଚାକୁଣ୍ଡା ପତ୍ରର ପ୍ରଲେପ ଦେଲେ ଚର୍ମର ଜାଲା, ଯନ୍ତ୍ରଣା ଓ କଣ୍ଡୁ ଦୂର ହୁଏ। ୫—ଶୋଥରେ ଚାକୁଣ୍ଡାପତ୍ର ବାଟି ଲେପନ କଲେ ଫୁଲା ଚାଲିଯାଏ। ୬—ଚାକୁଣ୍ଡାପତ୍ରକୁ ଲବଣ ସହିତ ବାଟି ପେଟରେ ମର୍ଦ୍ଦନ କଲେ ଅମ୍ବାତ ବିନଷ୍ଟହୁଏ। ୭—ଚାକୁଣ୍ଡାପତ୍ରର କ୍ୱାଥରେ ସ୍ନାନ କଲେ ଚର୍ମରୋଗ ପ୍ରଶମିତ ହୁଏ। ୮—ଚାକୁଣ୍ଡାପତ୍ରର କ୍ୱାଥ ପାନ କରାଇଲେ ପିଲାମାନଙ୍କର ଦାନ୍ତ ଉଠିବା ସମୟରେ ହେବା ଜ୍ୱରବିକାର ନିବାରିତ ହୁଏ। ୯—ଶୁଖିଲା ଚାକୁଣ୍ଡାପତ୍ର ଗୁଣରେ କାଫିତୁଲ୍ୟ। କାଫି ବଦଳରେ ଶୁଖିଲା ଚାକୁଣ୍ଡାପତ୍ରକୁ ଅନେକ ଲୋକ ବ୍ୟବହାର କରନ୍ତି। ଚାକୁଣ୍ଡାଫଳ—ଏହା, କଟୁ, ଉଷ୍ଣ, ବାତନାଶକ ଏବଂ କୁଷ୍ଠ, କଣ୍ଡୁ, କାସ, ଶ୍ୱାସ, ଗୁଳ୍ମ, କୃମି ଓ ବିଷଦୋଷରେ ହିତକର। ଚାକୁଣ୍ଡାମଞ୍ଜୀ—୧୦-ଚାକୁଣ୍ଡାମଞ୍ଜୀ ଓ କରଞ୍ଜ ମଞ୍ଜୀ ଏକାଠି ବାଟି ଲେପନ କଲେ ଦାଦୁ ଭଲ ହୁଏ। ୧୧—ଚାକୁଣ୍ଡାମଞ୍ଜୀକୁ ଦହିରେ ବାଟି ଦେହରେ ଲଗାଇଲେ କୁଷ୍ଠ ଅବଶ୍ୟ ବିନଷ୍ଟ ହୁଏ। ୧୨—ଦହି ସହିତ ବଟା ହୋଇଥିବା ଚାକୁଣ୍ଡାମଞ୍ଜୀର ପ୍ରଲେପ ସନ୍ଧିବାତରେ ଉପକାର କରେ। ୧୩—ଲଙ୍କାସିଜ୍ଝୁଖୀର କିମ୍ବା ଗୋମୂତ୍ର ସହିତ ଚାକୁଣ୍ଡାମଞ୍ଜୀକୁ ବାଟି ଆମବାତର ଫୁଲାରେ ଲେପନ କଲେ ଫୁଲା ଓ ବେଦନା ତୁଟିଯାଏ। ୧୪—ଚାକୁଣ୍ଡା ମଞ୍ଜୀକୁ ଚୂର୍ଣ୍ଣ କରି ଏହି ଚୂର୍ଣ୍ଣ ତିନିଗ୍ରାମ ମାତ୍ରାରେ ମହୁ ସହିତ ସେବନ କଲେ କଫ ଓ କାସରୋଗ ବିନଷ୍ଟ ହୁଏ। ୧୫—ଚାକୁଣ୍ଡାମଞ୍ଜୀକୁ ଚୂର୍ଣ୍ଣକରି ଏହି ଚୂର୍ଣ୍ଣକୁ ଦହି ଓ ପାଣିରେ ଦୁଇ ତିନିଦିନ ବତୁରାଇବ। ତା'ପରେ ତାକୁ ଚକ୍‌କଣା କରି ବାଟି ଦେହରେ ଲଗାଇ ଗରମ ଜଳରେ ସ୍ନାନ କରିବ। କେତେ ଦିନଧରି ଏହା ବ୍ୟବହାର କଲେ ଦାଦୁ, କୁଷ୍ଠ ପ୍ରଭୃତି ବିବିଧ ଚର୍ମରୋଗ ବିନଷ୍ଟ ହୁଏ। ୧୬—ଚାକୁଣ୍ଡାମଞ୍ଜୀକୁ ଚୂର୍ଣ୍ଣ କରି ଲେମ୍ବୁରସରେ ବାଟି ଦାଦୁ ଓ ପ୍ଲେଗର ଗ୍ରନ୍ଥିରେ ଲେପନ କଲେ ଉପକାର ହୁଏ। ୧୭—ଏକତୋଳା ଚାକୁଣ୍ଡାମଞ୍ଜୀ, ଦୁଇତୋଳା ଦୁଧ, ଏକପାଆ ଘିଅ ଏବଂ ଗନ୍ଧକ ୨୦ ଗ୍ରାମ ଏସବୁ ଏକାଠେ ଅଗ୍ନିରେ ସିଝାଇ ଦୁଧ ମରିଯିବା ପରେ ଓହ୍ଲାଇ ଚକ୍‌କଣା କରି ବାଟିବ। ଏହି ବଟା ମଲମ ଦେହରେ ମର୍ଦ୍ଦନ କଲେ ଦାଦୁ, କଣ୍ଡୁ, ବାତପୀଡ଼ା ଓ ଚର୍ମରୋଗ ନିବାରିତ ହୁଏ। ଚାକୁଣ୍ଡାମୂଳ—୧୮-ଚାକୁଣ୍ଡାମୂଳକୁ ଚାଉଳଧୁଆ ପାଣିରେ ବାଟି ପ୍ରାତଃକାଳରେ ସେବନ କଲେ ଶ୍ୱେତପ୍ରଦର ଆରାମ ହୁଏ। ବୈଦ୍ୟଶାସ୍ତ୍ରରେ ଚାକୁଣ୍ଡାର ବ୍ୟବହାର ଯଥା— ସିଧ୍ମକୁଷ୍ଠ—୧୯-ଚାକୁଣ୍ଡାମଞ୍ଜୀ ଓ ଚୂଣାକୁ କାଞ୍ଜିରେ ବାଟି ଲେପନ କଲେ ସିଧ୍ମକୁଷ୍ଠ (ବସ୍ତସଇଉ) ଭଲହୁଏ। (ଚରକ)। ଗଣ୍ଡମାଳାରୋଗ—୨୦—ଚାକୁଣ୍ଡାମୂଳର କଲ୍‌କ ଓ କେସେନ୍ଦରା ରସ ସହିତ ଯଥାବିଧି ସୋରିଷତେଲ ପାକ କରି ପାକସିଦ୍ଧ ହେବା ସମୟରେ ଅଳ୍ପ ସିନ୍ଦୁର ତହିଁରେ ମିଶାଇବ। ଏହି ତୈଳ ମର୍ଦ୍ଦନ କଲେ ଭୟଙ୍କର ଗଣ୍ଡମାଳା ରୋଗ ପ୍ରଶମିତ ହୁଏ। (ବଙ୍ଗସେନ)। ଦଦ୍ରୁରୋଗ— ୨୧—ମୂଳର କ୍ୱାଥରେ ଚାକୁଣ୍ଡାମଞ୍ଜୀକୁ ବାଟି ଲେପନ କଲେ ଦାଦୁ ବିନଷ୍ଟ ହୁଏ। (ବଙ୍ଗସେନ)। ଅର୍ଦ୍ଧାବଭେଦକ ରୋଗ—୨୨—ଚାକୁଣ୍ଡାମଞ୍ଜୀକୁ କାଞ୍ଜିରେ ବାଟି ଲେପନ କଲେ ଅଧକପାଳ ବ୍ୟଥା ଶାନ୍ତହୁଏ। (ବଙ୍ଗସେନ)। ମାତ୍ରା ପତ୍ରରସ ୧୦—୪୦ ଗ୍ରାମ, କ୍ୱାଥ ୪୦—୮୦ ଗ୍ରାମ, ବୀଜଚୂର୍ଣ୍ଣ ୧—୩ ଗ୍ରାମ।

୩୫୫-ଚାତକପକ୍ଷୀ—ଏହାର ସଂସ୍କୃତ ନାମ—ଚାତକ। ଏହାକୁ ବଙ୍ଗଳାରେ ଚାତକ, ହିନ୍ଦୀରେ ଚୋକ୍‌କା ବୋଲନ୍ତି। ଏହାର ମାଂସ ଲଘୁ, ଶୀତଳ, ଅଗ୍ନିବର୍ଦ୍ଧକ, ବଳକାରକ, ବୀର୍ଯ୍ୟବର୍ଦ୍ଧକ, ପୁଷ୍ଟିଜନକ ଏବଂ ରକ୍ତପିତ୍ତ ଓ କଫରୋଗରେ ହିତକର।

୩୫୬-ଚନ୍ଦସୁର— Ligibium sativam. ଏହାର ସଂସ୍କୃତ ପର୍ଯ୍ୟାୟ ଚନ୍ଦ୍ରିକା, ଚର୍ମହନ୍ତ୍ରୀ ଓ ନନ୍ଦନୀ। ଏହାକୁ ବଙ୍ଗଳାରେ ହାଲିମ ଓ ଚାନ୍ଦଶୂର ବୋଲନ୍ତି। ଏହା ବାତ, କଫ, ଅତିସାର, ହିକ୍‌କା ଓ ରକ୍ତଦୋଷ ନିବାରଣ କରେ, ବଳବୃଦ୍ଧି କରେ ଏବଂ ଧାତୁମାନଙ୍କୁ ପୋଷଣ କରେ।

୩୫୭-ଚିଙ୍ଗୁଡ଼ିମାଛ—ଏହାର ସଂସ୍କୃତ ନାମ—ଚେଙ୍ଗ୍‌କ-ମତ୍ସ୍ୟ। ଏହି ମାଛ, ଆକାରଭେଦରେ ନାନାଶ୍ରେଣୀରେ ବିଭକ୍ତ।

ଏଥି ମଧ୍ୟରୁ ଶ୍ରେଷ୍ଠ ଶ୍ରେଷ୍ଠ ଗୁଳମାନ୍ତ ଲଘୁ, ରୁଚିକର, ଅଗ୍ନି-ବର୍ଦ୍ଧକ, ମଳଶୋଧକ ଏବଂ ବାତପିତ୍ତ ନାଶକ। ବଡ଼ ଚାଉଳ ମାନ୍ତ ଗୁରୁ ରୁଚିକର, ମଳବର୍ଦ୍ଧକ ଓ କଫକାରକ।

**୩୫୮-ଚାରକଗଛ**—Buchania Lotifolia. ଏହାର ସଂସ୍କୃତ ନାମ—ପିୟାଳ ଚାର, ବହୁଳବଲ୍କଲ ଓ ଭକ୍ଷ ବୀଜ। ଏହାକୁ ବଙ୍ଗଳାରେ ପେୟାଲ, ହିନ୍ଦୀରେ ଚରୌଞ୍ଜୀ ଏବଂ ତେଲଗୁରେ ସାରୁପାପୁ ବୋଲନ୍ତି। ଏହି ଗଛର ପତ୍ର, ଫଳ, ମଞ୍ଜୀ ଓ ଛାଲି ଔଷଧାର୍ଥରେ ବ୍ୟବହୃତ ହୁଏ। ଚାର-ଗଛର ଫଳକୁ ଚାରକୋଳି ବୋଲନ୍ତି। ଚାରକୋଳି—ମଧୁର, ଶୀତଳ, ବୀର୍ଯ୍ୟବର୍ଦ୍ଧକ ଏବଂ ବାତ, ପିତ୍ତ, ଜ୍ୱର, ଦାହ ଓ ତୃଷ୍ଣା ନିବାରକ। ଏହି କୋଳି ଆମ ବୃଦ୍ଧି କରେ ମଳଶୋଧ କରେ ଏବଂ ହୃଦୟର ଉପକାର କରେ। ୧—ଏହିଫଳର ମଞ୍ଜୀରୁ ବାହାରିବା ତେଲ ମର୍ଦ୍ଦନ କଲେ ଇନ୍ଦ୍ରଲୁପ୍ତରୋଗ (ଚନ୍ଦାମୁଣ୍ଡିଆ) ନିବାରିତ ହୁଏ। ବୈଦ୍ୟଶାସ୍ତ୍ରରେ ଚାରଗଛର ବ୍ୟବହାର। ଯଥା—ରକ୍ତାତିସାରରେ—୨-ଚାରଗଛର ଛାଲିକୁ ଛେଳୀଦୁଧରେ ବାଟି ପାନକଲେ ରକ୍ତାତିସାର ପ୍ରଶମିତ ହୁଏ। (ଚକ୍ରଦତ୍ତ)। ରକ୍ତପିତ୍ତରୋଗରେ—୩-କ୍ଷୀର ପରିଭାଷାନୁସାରେ ଚାରକୋଳିର କ୍ୱାଥ ପ୍ରସ୍ତୁତକରି ପାନକଲେ ରକ୍ତପିତ୍ତ ଶାନ୍ତ ହୁଏ। (ଭାବପ୍ରକାଶ)।

**୩୫୯-ଚୀନକର୍ପୂର**—କର୍ପୂରକାମଗଛ ଦେଖ।

**୩୬୦-ଚିଙ୍ଗୁଡ଼ିମାଛ**—ଏହାର ସଂସ୍କୃତ ପର୍ଯ୍ୟାୟ—ମହାଶଳ୍କ, ଜଳବୃଶ୍ଚିକ ଓ ଚଙ୍ଗଡ଼। ଏହି ମାଛ ସାନ ବଡ଼ ଭେଦରେ ଦୁଇପ୍ରକାର। ସାନଚିଙ୍ଗୁଡ଼ିକୁ ଗୋଧିଚିଙ୍ଗୁଡ଼ି ବୋଲନ୍ତି। ଉଭୟ ପ୍ରକାର ଚିଙ୍ଗୁଡ଼ୀ ମଧୁର ଗୁରୁ, ବଳ ବୀର୍ଯ୍ୟ ବର୍ଦ୍ଧକ, କଫଜନକ, ମଳରୋଧକ ଏବଂ ମେଦ, ପିତ୍ତ, ରକ୍ତର ଉପକାରକ ଓ ଯୋଷାପସ୍ମାର ନାଶକ।

**୩୬୧-ଚିଙ୍ଗୁଡ଼ିଆକଳ**—ଏହାର ରସ ପାନକଲେ ରକ୍ତପିତ୍ତ ଓ ପିତ୍ତଜ ମେହ ଶାନ୍ତ ହୁଏ। ୧-ଚିଙ୍ଗୁଡ଼ିଆ ଦଳକୁ ବାଟି ଲେପନକଲେ ଅଣ୍ଡକୋଷ ଫୁଲାରେ ଉପକାର ହୁଏ।

**୩୬୨-ଚିଟିସାଗ**—ଏହାର ସଂସ୍କୃତ ନାମ—ଚିତ୍ରଙ୍ଗ। ଏହାର ମାଂସ ସ୍ୱାଦୁ, ଅଗ୍ନିବର୍ଦ୍ଧକ, ଚକ୍ଷୁର ହିତକର ଏବଂ ଅର୍ଶ, ବାତବିକାର, କ୍ରିମି ଓ ଦୂଷୀବିଷ ରୋଗରେ ଉପକାରକ।

**୩୬୩-ଚିତଳମାଛ**—ଏହା ସ୍ୱାଦୁ, ସ୍ନିଗ୍ଧ, ବଳକାରକ, ବୀର୍ଯ୍ୟବର୍ଦ୍ଧକ, ବାତନାଶକ ଓ ଉଷ୍ଣ।

**୩୬୪-ଚିତାପାରୁଗଛ**—Plumbago zeylanica. ଏହାର ସଂସ୍କୃତ ପର୍ଯ୍ୟାୟ—ଚିତ୍ରକ, ବହ୍ନି, ବୈଶ୍ୱାନର ଓ ହିନ୍ଦୀରେ ଚିତା ଏବଂ ତେଲୁଗୁରେ ଚିତ୍ରମୂଲମୁ ବୋଲନ୍ତି। ଧୋବ, ରଙ୍ଗ ଓ କାଳଫୁଲ ଭେଦରେ ଚିତାପାରୁଗଛ ତିନି ପ୍ରକାର। ଧୋବ ଓ କଳା ଚିତାପାରୁଠାରୁ ରକ୍ତଚିତାପାରୁ ଗୁଣରେ ଶ୍ରେଷ୍ଠ। ସକଳ ପ୍ରକାର ଚିତାପାରୁ ପତ୍ର ଓ ମୂଳ—କଟୁ, ତିକ୍ତ, ଉଷ୍ଣ, ରୁକ୍ଷ, ଲଘୁ, ପାଚକ ଓ ଅଗ୍ନିବର୍ଦ୍ଧକ। ଏହା ସେବନ କଲେ ବାତ, କଫ, ଶୋଥ, ଶୂଳ, ଉଦର, ଅର୍ଶ, ଗ୍ରହଣୀ, ଗୁଳ୍ମ, ପକ୍ଷାଘାତ, କ୍ରିମି, କଣ୍ଡୁ, ବ୍ରଣ, କୁଷ୍ଠ, ଶ୍ୱାସ, କାସ, ବିଷମଜ୍ୱର, ଅଜୀର୍ଣ୍ଣଜ୍ୱର, ପାଣ୍ଡୁ ଓ ଅରୁଚି ରୋଗରେ ଉପକାର ହୁଏ। ୧—ଚିତାପାରୁ ମୂଳର ଛାଲିକୁ ଉତ୍ତମ ରୂପେ ଜଳରେ ବାଟି ଦେହର ଯେ କୌଣସି ଅଙ୍ଗରେ ଲେପନ କଲେ ସେହି ସ୍ଥାନର ଚର୍ମ ସିଝିଯାଇ ଫୋଟକା ହୁଏ। ୨—ଫିରଙ୍ଗରୋଗରେ ବ୍ରଣ ବାହାରି ସେସବୁ କଉଠିଆ ପଡ଼ିଗଲେ ତହିଁରେ ଏବଂ କୁଷ୍ଠରୋଗରେ ଚିତାପାରୁ ମୂଳକୁ ଘୋରି ଲେପନ କଲେ ବ୍ରଣ ଅତି ଶୀଘ୍ର ଫାଟିଯାଏ। ୩—ତିନ୍ତିଡ଼ୀ ରସରେ ଚିତାପାରୁ ମୂଳର ଚୂର୍ଣ୍ଣ ମିଶାଇ ସେବନ କଲେ ପ୍ଲୀହାରୋଗ ପ୍ରଶମିତ ହୁଏ। ୪—ଚିତାପାରୁ ମୂଳର କଲ୍କ ସହିତ ଯଥାବିଧି ଘୃତ ପାକ କରି ସେବନ କଲେ ସଂଗ୍ରହ ଗ୍ରହଣୀ ନିବାରିତ ହୁଏ। ୫—ଚିତାପାରୁ ମୂଳକୁ ବାଟି ଅର୍ଶର ମାଂସାଙ୍କୁରରେ ଲେପନ କଲେ ଏବଂ ଏହି ଛାଲିର ଚୂର୍ଣ୍ଣ ଦହି ସହିତ ସେବନ କଲେ ମଳକଣ୍ଟକ ରୋଗ ବିନଷ୍ଟ ହୁଏ। ୬—ଚିତାପାରୁ ମୂଳର ଚୂର୍ଣ୍ଣକୁ ଅଁଳାରସରେ ତିନିଥର ଭାବନା ଦେଇ ମଧୁ ସହିତ ରାତିକାଳରେ ସେବନ କଲେ ପାଣ୍ଡୁରୋଗ ଉପଶମ ହୁଏ। ୭—ନାଡ଼ୀବ୍ରଣରୋଗରେ ଚିତାପାରୁ ମୂଳର ଚୂର୍ଣ୍ଣ ମଧୁ ସହିତ ସେବନକଲେ ଉପକାର ହୁଏ। ୮-ମଣ୍ଡଳ କୁଷ୍ଠରେ ଚିତାପାରୁ ମୂଳର ପ୍ରଲେପ ଉପକାର କରେ। ୯-ଚିତାପାରୁ ମୂଳକୁ ଚୂର୍ଣ୍ଣ କରି ଦଶଗ୍ରାମ ପରିମାଣରେ ମଧୁ ସହିତ ସେବନ କଲେ ସୁଖରେ ପ୍ରସବ ହୁଏ। ୧୦—ଚିତାପାରୁ ଓ ଦେବଦାରୁ ଏକତ୍ର ଗୋମୂତ୍ରରେ ବାଟି ଲେପନ କଲେ ଶ୍ଳୀପଦରୋଗ ବିନଷ୍ଟ ହୁଏ। ୧୧—ଚିତାପାରୁ ଓ ଅପାମାରଙ୍ଗ ସମାନ ଭାଗରେ ଗାଈଚହ୍ଲାରେ ବାଟି ସେବନ କଲେ କାମଳା ଓ କୁମ୍ଭ କାମଳାରୋଗ ନିବାରିତ ହୁଏ। ୧୨—ଦୁଧ ଓ ମିଶ୍ରୀ ସହିତ ଚିତାପାରୁ ଓ ଅପାମାରଙ୍ଗ ସମାନ ଭାଗରେ ମିଶାଇ ସେବନ କଲେ ଧାତୁଦୌର୍ବଲ୍ୟ, ବୀର୍ଯ୍ୟଦୋଷ ଓ ଶୁକ୍ରମେହ ବିନଷ୍ଟ ହୁଏ। ୧୩-ଚିତାପାରୁ ମୂଳର ଛାଲି ଓ ହାଙ୍ଗଣା ଏହି ସମାନ ଭାଗରେ ଗୁଣ୍ଡକରି ସେବନକଲେ କଫରୋଗ ଓ କାଯ ଆରାମ ହୁଏ। ୧୪-ଚିତାପାରୁ ପତ୍ରକୁ ବାଟି ଗରମ କରି ବଥ ଉପରେ ଲେପନ କଲେ ବଥ ବସି-ଯାଏ। ୧୫-ଚିତାପାରୁ ମୂଳ, ହାଙ୍ଗଣା ହଳଦୀ ଓ ପୁରୁଣାଗୁଡ଼ ସମାନ ଭାଗରେ ମିଶାଇ ବାଟି ଲେପନ କଲେ ଅର୍ଶର

ମାଂସାଙ୍କୁର ବିନଷ୍ଟ ହୁଏ । ୧୬-ଚିତାପାରୁ ମୂଳର ଚୂର୍ଣ୍ଣ ଏକ ମାସ, ଶୁଣ୍ଠୀ ଓ କଳା ଲୁଣ ସହିତ ସେବନ କଲେ ଅଜୀର୍ଣ୍ଣରୋଗ ଶାନ୍ତ ହୁଏ ଏବଂ କ୍ଷୁଧା ବୃଦ୍ଧି ହୁଏ । ୧୭-ଚିତାପାରୁ ମୂଳକୁ ବାଟି ସୋରିଷତେଲରେ ମିଶାଇ ଆମବାତ ଓ ପକ୍ଷାଘାତଯୁକ୍ତ ଅଙ୍ଗରେ ଲେପନ କଲେ ବିଶେଷ ଉପକାର ହୁଏ । ୧୮—ଚିତାପାରୁ ମୂଳର କ୍ୱାଥ ସେବନକଲେ କିମ୍ବା ଚିତାପାରୁ ମୂଳର ଗୁଣ୍ଡକୁ ଉପଯୁକ୍ତରୂପେ ପାଣିରେ ବାଟି ନହୁଣୀରେ ଭାଜୁ ମିଶାଇ ଗୋଟିଏ ଟାଙ୍କରେ ଖପରେ ରଖିଲେ ତହିଁରୁ ଯେଉଁ ଟୋପାଏ ହୋଇ ଦ୍ରବ ପଦାର୍ଥ ନିର୍ଗତ ହେବ ତାହା ଆଖି ଲଗାଇଲେ କଣ୍ଡୁ ଓ ଦାଦୁ ପ୍ରଭୃତି ନାନାବିଧ ଚର୍ମରୋଗ ବିନଷ୍ଟ ହୁଏ । ୧୯-ଯକୃତ୍ ଓ ପ୍ଲୀହୋଦର ରୋଗରେ ଚିତା-ପାରୁର କ୍ଷାର ମଧୁ ସହିତ ସେବନ କଲେ ବିଶେଷ ଉପକାର ହୁଏ । ୨୦—ରକ୍ତଚିତାପାରୁ ମୂଳକୁ କନାରେ ଗୁଡ଼ାଇ ଯୋନି ଛିଦ୍ରରେ ପ୍ରବେଶ କରାଇଲେ ଗର୍ଭପାତ ହୁଏ । କିନ୍ତୁ ଆଉ ଗୋଟିଏ କଥା ଯେ ଯଦି କୌଣସି କାରଣରୁ ଗର୍ଭାଶୟରୁ ଅଧିକ ରକ୍ତସ୍ରାବ ହୁଏ, ତାହାହେଲେ ଏହି ପ୍ରୟୋଗ ଦ୍ୱାରା ତାହାମଧ୍ୟ ବନ୍ଦ ହୋଇଯାଏ । ମାତ୍ର ଖୁବ୍ ସାବଧାନରେ ଏହା ପ୍ରୟୋଗ କରିବ । ୨୧—ଚିତାପାରୁ ମୂଳର ଚୂର୍ଣ୍ଣ ସେବନ କଲେ ପେଟରେ ଥିବା ଜୀବିତ ବା ମୃତ ସନ୍ତାନ ସତ୍ୱର ବହିର୍ଗତ ହୁଏ । ୨୨-ପକ୍ଷାଘାତାଦି ବାତରୋଗରେ ରକ୍ତଚିତାପାରୁ ମୂଳକୁ ବାଟି ଉପଯୁକ୍ତ ସ୍ଥାନରେ ଲେପନ କଲେ ଫୋଟକା ହୋଇ ବାତବେଦନା ଛାଡ଼ିଯାଏ । ୨୩-ଧୋବଚିତାପାରୁ ଅପେକ୍ଷା ରକ୍ତଚିତାପାରୁ ଅଧିକ ଉଗ୍ର । ଅଧିକ ମାତ୍ରାରେ ଏହାର ପ୍ରୟୋଗ ବିଷବତ୍ ଅନିଷ୍ଟ ସାଧନ କରେ । ରକ୍ତଚିତାପାରୁ—ରସାୟନ, ଶ୍ଳେଷ୍ମାମାନଙ୍କର ଭେଦକ ଓ ରସର କ୍ଷୟାତ୍ମକ । ୨୪—ଆମବାତ ରୋଗରେ ଅଣ୍ଟୁ ଗଣ୍ଠି ଫୁଲିଲେ ତହିଁରେ ରକ୍ତଚିତାପାରୁ ମୂଳକୁ ବାଟି ଲେପନ କରାଯାଏ ଏବଂ ପ୍ଲୀହୋଦର ଶାନ୍ତ କରିବାକୁ ରକ୍ତଚିତାପାରୁ ମୂଳ ରସରେ ଖଣ୍ଡିଏ ତାଗ ଓଦାକରି ଶୁଖାଇ ରୋଗୀର ବାହୁର ଉର୍ଦ୍ଧ୍ୱ-ଦେଶରେ ବନ୍ଧନ କରାଯାଏ ଏବଂ ଫୋଟକା ହେଲେ ତାଗ ଫିଟାଇ ଦିଆଯାଏ । ବୈଦ୍ୟଶାସ୍ତ୍ରରେ ଚିତାପାରୁର ବ୍ୟବହାର ଯଥା —**ପ୍ରାଧାନ୍ୟବିଷୟରେ**— ୨୫-ଅଗ୍ନିବର୍ଦ୍ଧକ, ଅର୍ଶ ଓ ଶୋଥ ନାଶକ ଦ୍ରବ୍ୟ ମଧ୍ୟରେ ଚିତାପାରୁ ଶ୍ରେଷ୍ଠ । (ଚରକ) । **ଅର୍ଶରୋଗେ**—୨୬-ଚିତାପାରୁ ଓ ଶୁଣ୍ଠୀ ସମାନଭାଗରେ ଚୂର୍ଣ୍ଣକରି ସୀଧୁ ନାମକ ମଦ୍ୟ ସହିତ ସେବନ କଲେ ଅର୍ଶରୋଗ ବିନଷ୍ଟ ହୁଏ । (ଚରକ) । **କୁଷ୍ଠରୋଗେ**—୨୭-ଗୋମୂତ୍ର ସହିତ ଚିତାପାରୁର ମୂଳ ଚୂର୍ଣ୍ଣ କରି ସେବନ କଲେ କୁଷ୍ଠ-ରୋଗ ଉପଶମ ହୁଏ । (ସୁଶ୍ରୁତ) । **ସିକତାମେହେ**— ୨୮— ସିକତାମେହ ରୋଗୀ ଚିତାପାରୁ ମୂଳର କ୍ୱାଥ ... ମାତ୍ରାରେ ପାନ କରିବ । (ସୁଶ୍ରୁତ) ।

୨୯—ଦୁଧରେ ଚିତାପାରୁ ମୂଳର ଚୂର୍ଣ୍ଣ ପକାଇ ଦହି ପ୍ରସ୍ତୁତ କରିବ । ଏହି ଦହିରେ ଚହ୍ଲା ମନ୍ଥି ସେହି ଚହ୍ଲା ପିଇବ ଏବଂ ଏହି ଚହ୍ଲା ସହିତ ପଥ୍ୟ ଭୋଜନ କରିବ । ଏଥିଦ୍ୱାରା ଅର୍ଶରୋଗ ସମୂଳେ ନଷ୍ଟହୁଏ । (ବାଗ୍ଭଟ୍ଟ) । **ରସାୟନାର୍ଥେ**—୩୦-ଧୋବ କିମ୍ବା ରକ୍ତଚିତାପାରୁ ମୂଳକୁ ଛାଇରେ ଶୁଖାଇ ଚୂର୍ଣ୍ଣ କରିବ । ପଥ୍ୟଭୋଜନ ଓ ସଂଯମ ଅବଲମ୍ବନ କରି ଏହି ଚୂର୍ଣ୍ଣ ଘିଅ, ମହୁ, ଦୁଧ କିମ୍ବା ଜଳ ସହିତ ସେବନ କଲେ ମନୁଷ୍ୟ ନୀରୋଗ, ସୁନ୍ଦର, ମେଧାବୀ, ବଳବାନ୍ ଓ ଦୀପ୍ତାଗ୍ନି ହୋଇ ଶତବର୍ଷ ପରମାୟୁ ଲାଭକରେ । (ବାଗ୍ଭଟ୍ଟ) **ବାତରୋଗେ** ୩୧-ଚିତାପାରୁ ମୂଳର ଚୂର୍ଣ୍ଣ ସୋରିଷତେଲ ସହିତ ଏକମାସ ସେବନ କଲେ ଦୁସ୍ତର ବାତବ୍ୟାଧି ବିନଷ୍ଟ ହୁଏ । (ବାଗ୍ଭଟ୍ଟ) **ଶ୍ୱେତକୁଷ୍ଠରୋଗେ**—୩୨-ଗୋମୂତ୍ର ସହିତ ଚିତାପାରୁ ମୂଳର ଚୂର୍ଣ୍ଣ ସେବନ କଲେ ଶ୍ୱେତକୁଷ୍ଠ ଭଲହୁଏ । (ବାଗ୍ଭଟ୍ଟ) । **ଅର୍ଶରୋଗେ**—୩୩-ଚହ୍ଲା ସହିତ ଚିତାପାରୁ ମୂଳର ଚୂର୍ଣ୍ଣ ସେବନ କଲେ ଅର୍ଶରୋଗ ନଷ୍ଟହୁଏ । (ବାଗ୍ଭଟ୍ଟ) । **ଗ୍ରହଣ୍ୟାଦିରୋଗେ**—୩୪-ଚିତାପାରୁ ମୂଳର କଳ୍କ ଓ କ୍ୱାଥ ସହିତ ଯଥାବିଧି ଘୃତ ପାକ କରି ଏହି ଘୃତ ପାନ କଲେ ଗ୍ରହଣୀ, ଶୋଥ, ଗୁଳ୍ମ ଓ ଉଦରରୋଗ ବ୍ୟାଧି ବିନଷ୍ଟ ହୁଏ । ( ଚକ୍ରଦତ୍ତ ) । **ଶ୍ଲୀପଦରୋଗେ**—୩୫-ଗୋମୂତ୍ର ଯୋଗରେ ବଟା ହୋଇଥିବା ଚିତାପାରୁ ମୂଳ ଓ ଦେବଦାରୁ କାଠର ପ୍ରଲେପ ଶ୍ଲୀପଦ ନାଶକରେ । (ଚକ୍ରଦତ୍ତ) । **ବ୍ରଣବିଦାରଣେ**—୩୬-ପକ୍ୱ ବ୍ରଣର ଉପଯୁକ୍ତ ସ୍ଥାନରେ ଚିତାପାରୁ ମୂଳ ବାଟି ଲେପନ କଲେ ବ୍ରଣ ଫାଟିଯାଏ । ( ଚକ୍ରଦତ୍ତ ) । **ଗ୍ରହଣୀରୋଗେ**—୩୭-ଚକଡ଼ାବେଙ୍ଗ ଓ ଚିତାପାରୁକୁ ଗୋଟିଏ ରୁଦ୍ଧମୁଖ ପାତ୍ର ମଧ୍ୟରେ ରଖି ପୁଟ ଦଗ୍ଧ କରିବ । ତା'ର ପରେ ଏହି କ୍ଷାରରେ ପାଣି ଦେଇ କ୍ଷାରୋଦକ ପ୍ରସ୍ତୁତ କରିବ । ଏହି କ୍ଷାରୋଦକକୁ ସାତଥର ଛାଣି ଜଗାଇ ରଖିବ । ଏହି କ୍ଷାରୋଦକର ଅର୍ଦ୍ଧ ପରିମାଣରେ ଘୃତ ଉପଯୁକ୍ତ ମାତ୍ରାରେ ସେବନ କଲେ ଅଗ୍ନିବୃଦ୍ଧି ହୁଏ ଏବଂ ଗ୍ରହଣୀରୋଗ ଶାନ୍ତ ହୁଏ । (ବଙ୍ଗସେନ) । **ମେଦୋରୋଗେ** ୩୮—ପଥ୍ୟ ଭୋଜନ କରି ମହୁ ସହିତ ଚିତାପାରୁ ମୂଳର ଚୂର୍ଣ୍ଣ ସେବନ କଲେ ମେଦୋରୋଗ ବିନଷ୍ଟ ହୁଏ । ( ବଙ୍ଗସେନ ) । **ଶୋଥରୋଗେ**—୩୯-ଚିତାପାରୁ ପତ୍ର ଶାକ ଶୋଥରୋଗରେ ହିତକର । (ବଙ୍ଗସେନ) । ମାତ୍ରା—ମୂଳଚୂର୍ଣ୍ଣ ଏକ ଅଷ୍ଟମାଂଶ ଗ୍ରାମ ଠାରୁ ଅର୍ଦ୍ଧ ଗ୍ରାମ । କ୍ୱାଥ—

୧୦—୨୦ ଗ୍ରାମ । ଷଡ଼ୂଷଣାଦି ପ୍ରକ୍ଷେପକ— ଚିତାପାରୁ, ହରିଡ଼ା, ବାହାଡ଼ା, ଅଁଳା, ଅଜାବନ୍ଦୀ, ଶୁଣ୍ଠିକାଠ, ପିପ୍ପଳାମୂଳ, ହାଡ଼ଙ୍ଗ, ଦେବଦାରୁ ପ୍ରତ୍ୟେକ ୧୬୦ ଗ୍ରାମ, କୁଚ, କୁଳଥ, ମୁଷୁମୁର, ରଙ୍ଗଚିତ, ଗୋଲମରିଚ, ପିପ୍ପଳୀ, କଣ୍ଟକାରୀ, ଗୋଠ-କାକୁଡ଼ୀ, ମୋଥା, ପ୍ରତ୍ୟେକ ୧୨୦ ଗ୍ରାମ । ଏହି ସମସ୍ତ ଦ୍ରବ୍ୟ ଆଠଗୁଣ ଜଳରେ ସିଝାଇ ଏକଷୋଡ଼ଶାଂଶ ଅବଶେଷ ରଖି ଛାଣିବ, ପରେ ସେଥିରେ ମହୁ ୬୪୦ ଗ୍ରାମ, ଗୁଡ଼ ଅଢ଼ାଇ କେଜି, ପିପ୍ପଳୀ, ପିପ୍ପଳାମୂଳ, ଶୁଣ୍ଠିକାଠ, ଚିତାପାରୁ, ଶୁଣ୍ଠୀ, ମରିଚ, ହରିଡ଼ା, ବାହାଡ଼ା, ଅଁଳା, ଗୁଡ଼ତ୍ୱକ, ତେଜପତ୍ର, ଅଳାଇଚ, ନାଗକେଶର ପ୍ରତ୍ୟେକର ଚୂର୍ଣ୍ଣ ୨୦ ଗ୍ରାମ ପ୍ରକ୍ଷେପ ଦେଇ, ଯଥାବିଧି ମୁଖ ସନ୍ଧାନ କରି, ପନ୍ଦରଦିନ ରଖିବ, ପରେ ଛାଣି ବ୍ୟବହାର କରିବ । ମାତ୍ରା—ଅଧ—୧ ଆଉନ୍‌ସ । ଅନୁପାନ-ଜଳ । ଗ୍ରହଣୀ, ପାଣ୍ଡୁ, ଉଦରରୋଗ, ଶୋଥ ଏବଂ ଅର୍ଶରୋଗ ନାଶକ । ପୁରାତନ ସଂଗ୍ରହଣୀ, ଆମାତିସାର ଏବଂ ଗୁଲ୍ମରୋଗର ମହୌଷଧ । (ପରୀକ୍ଷିତ) (ଗଦନିଗ୍ରହ)

**୩୭୪—ଚିନି—Sugar.** ଏହାର ସଂସ୍କୃତନାମ—ଶର୍କରା, ଏହାର ରସ ପାକରେ ମଧୁର ଓ ଶୀତଳ । ଏହା ଖାଇଲେ ଦାହ, ତୃଷା, ବାନ୍ତି, ମୂର୍ଚ୍ଛା ଓ ରକ୍ତପ୍ରକୋପ ପ୍ରଶମିତ ହୁଏ । କୌଣସି ଅଙ୍ଗ ନିଆଁରେ କିମ୍ବା ଅତ୍ୟୁଷ୍ଣ ତରଳ ପଦାର୍ଥର ଯୋଗରେ ଯେବେ ପୋଡ଼ିଯାଏ, ତା'ହେଲେ ସେହି ଅଙ୍ଗରେ ପାଣିମିଶା ଚିନି ତୁରନ୍ତ ଲେପନ କରିବ । ଏଥିଦ୍ୱାରା ପୋଡ଼ିଯିବା ଅଙ୍ଗର ଜ୍ୱାଳା ଶାନ୍ତ ହୁଏ । ଧନିଆ ଦହିରେ ଚିନି ମିଶାଇ ଖାଇଲେ ଖରାଦିନରେ ହେବା ଦାହ ଓ ତୃଷା ନିବାରିତ ହୁଏ ।

**୩୭୫—ଚିମୂଳିଚରେଇ**—ଚମଚଢ଼େଇ ଦେଖ ।

**୩୭୬—ଚିରାଇତା**—ଭୂଇଁନିମ୍ବ ଦେଖ ।

**୩୭୭—ଚିଲ୍ଲପକ୍ଷୀ—Kite.** ଏହାର ସଂସ୍କୃତ ନାମ—ଚିଲ୍ଲ ଓ ଆତାପୀ, ଏହାର ମାଂସ ତ୍ରିଦୋଷ ନାଶକ, ବସ୍ତୁ-ସ୍ତମ୍ଭକ, ଆୟୁ ଓ ବଳବର୍ଦ୍ଧକ ଏବଂ କାସ, କ୍ଷୟ ଓ ନେତ୍ର-ରୋଗରେ ହିତକର ।

**୩୭୮—ଚୁଆ**—ଏହା ସେବନ ଓ ମର୍ଦ୍ଦନ କଲେ ରକ୍ତଦୋଷ, କଣ୍ଡୁ, ବିଚର୍ଚ୍ଚିକା ଓ ପାମା ପ୍ରଭୃତି ଚର୍ମରୋଗ ବିନଷ୍ଟ ହୁଏ । ଚୁଆକୁ ଚନ୍ଦନ ସହିତ ମିଶାଇ ଶରୀରର ସୁଗନ୍ଧୀ କରିବାର୍ଥେ ଅନୁଲେପନ କରାଯାଏ ।

**୩୭୯—ଚୁଚୁନ୍ଦ୍ରା**—ଏହାର ସଂସ୍କୃତ ପର୍ଯ୍ୟାୟ—ଗନ୍ଧମୂଷିକ, ଗନ୍ଧନକୁଳ ଓ ଗନ୍ଧଶୁଣ୍ଡୀ । ଏହାର ମାଂସ—କଫ, ବାତନାଶକ, ସକଳ ପ୍ରକାର ବିଷହାରକ ଓ ଉଷ୍ଣବୀର୍ଯ୍ୟ ।

**୩୮୦—ଚୁଡ଼ା**—ଏହାର ସଂସ୍କୃତ ନାମ—ପୃଥୁକ ଓ ଚିପିଟକ । ଏହା ଗୁରୁପାକ, ମଳରୋଧକ, ଧାତୁପୁଷ୍ଟିକର ଓ କଫବର୍ଦ୍ଧକ । ଚୁଡ଼ାରେ ଗରମ ଦୁଧ ମିଶାଇ ଖାଇଲେ ମଳ-ରୋଧ ହୁଏନାହିଁ । ଚୁଡ଼ାକୁ ଭଜା କରି ଖାଇଲେ ତାହା ସହଜରେ ଜୀର୍ଣ୍ଣ ହୁଏ । କଞ୍ଚାଚୁଡ଼ା ଖାଇ କାହାର ଯଦି ପେଟ ଫାଟେ, ତେବେ ତାକୁ ୧—ପୁଆଣିଗୁଣ୍ଡ, ୨-ଗରମପାଣି, ୩—ସୈନ୍ଧବ ଚୂର୍ଣ୍ଣ ସେବନ କରାଇବ ।

**୩୮୧—ଚୂନ—Lime.** ଏହାର ସଂସ୍କୃତନାମ—ସୁଧା ଓ ଚୂର୍ଣ୍ଣ । ଆମଦେଶରେ ସାଧାରଣତଃ ଦୁଇପ୍ରକାର ଚୂନ ବ୍ୟବହାର କରାଯାଏ । ଯଥା—ସିପଚୂନ ଓ ଗୋଡ଼ିଚୂନ । ସାଧାରଣତଃ ସକଳପ୍ରକାର ଚୂନ-କଟୁ, ଉଷ୍ଣ, କ୍ଷାର, ବାତ କଫ ନାଶକ ଏବଂ ଶୂଳ, ଗ୍ରହଣୀ, ମେହ, ଅମ୍ଳପିତ୍ତ, କୃମି, କୁଷ୍ଠ ଓ ମେଦରୋଗ ନିବାରକ । ଚୂନପାଣି—ଏକକେଜି ପାଣିରେ ୨୦ ଗ୍ରାମ ଚୂନମିଶାଇ ଚବିଶଘଣ୍ଟା କାଳ ଗୋଟିଏ ପାତ୍ରରେ ରଖିବ । ଚୂନତକ ବସିଯାଇ ତା'ର ଉପରେ ଯେଉଁ ସ୍ୱଚ୍ଛ ଜଳ ଜମା ରହିବ, ତାକୁ ଧୀରେ ୨ ନିଗାଡ଼ି ଗୋଟିଏ କାଚଶିଶିରେ ଭର୍ତ୍ତିକରିବ । ୧—ଏହି ଚୂନପାଣି ଦୁଧରେ ମିଶାଇ ପିଇଲେ ବାଳକମାନଙ୍କର ଦୁଧବାନ୍ତି, ଅଜୀର୍ଣ୍ଣ ଏବଂ ବୟସ୍କଲୋକମାନଙ୍କର ମଧୁମେହ, ଶୂଳ, ଆଧ୍ମାନ ଓ ଅମ୍ଳପିତ୍ତ ପ୍ରଶମିତ ହୁଏ । ଚୂନପାଣିରେ ଚିନି ମିଶାଇ ପିଇଲେ ମଧ୍ୟ ପୂର୍ବୋକ୍ତ ରୋଗମାନଙ୍କରେ ଉପକାର ହୁଏ । ୨—ଚୂନକୁ ଜଡ଼ା ତେଲରେ ମିଶାଇ କାଛୁରେ ଲଗାଇଲେ ଶୀଘ୍ର ତାହା ପାଚି ଫାଟି ଶୁଖିଯାଏ । ୩—ଚୂନ ଓ ତେଲ ଏକାଠେ ଉତ୍ତମରୂପେ ମିଶାଇ ମଲମପରି କରିବ । ଏହିମଲମ ମର୍ଦ୍ଦନ କଲେ ବାତବେଦନା ଓ ରକ୍ତ କା ଭଲହୁଏ । ୪—ମୁଣ୍ଡରୁ ବାଳ ଉପୁଡ଼ି ଯାଉଥିଲେ ନଡ଼ିଆତେଲରେ ଚୂନପାଣି ମିଶାଇ ମୁଣ୍ଡରେ ଲଗାଇବ । କିଛି ଦିନ ଏହା ଲଗାଇଲେ ମୁଣ୍ଡରୁ ଆଉ ବାଳ ଉପୁଡ଼େ ନାହିଁ । ୫—ନଡ଼ିଆତେଲରେ ଚୂନକୁ ଉତ୍ତମ-ରୂପେ ମିଶାଇ ପୋଡ଼ିଯିବା ଅଙ୍ଗରେ ଏହା ଲେପନ କଲେ ଜ୍ୱାଳା ଶାନ୍ତହୁଏ ଏବଂ ଫୋଟକା ନ ହୋଇ ଘା' ଶୁଖିଯାଏ । ୬—ଉନ୍ନୁଲୀମଞ୍ଜୀ ପରିମାଣେ ଚୂନ ଓ ୫ ଗ୍ରାମ ନିହୁଣୀ ଏକାଠେ ମିଶାଇ ସ୍ତ୍ରୀମାନଙ୍କୁ ଚୁଆଇଲେ ସେମାନଙ୍କର ପ୍ରସୂ-କାଳରେ ହେବା ଯୋନିଶୂଳ ନିବାରିତ ହୁଏ । ୭—ଚୂନ ଓ ହଳଦୀ ଏକାଠେ ମିଶାଇ ଉନ୍ନୁଲୀମଞ୍ଜୀ ପରିମାଣେ ବଟିକା କରିବ । ଜ୍ୱର ଆସିବାପୂର୍ବେ ଏହିବଟିକା ସେବନକଲେ କମ୍ପଜ୍ୱର ଓ ପାଳିଜ୍ୱର ଅଟକି ଯାଏ । ୮—ଚୂନ ଓ ହଳଦୀ ଏକାଠେ ମିଶାଇ ବାଥିଅଙ୍ଗରେ ଲେପନକଲେ ବାଥ ବସିଯାଏ । ୯—ବାଳକମାନଙ୍କର ଅଜୀର୍ଣ୍ଣ ରୋଗରେ ଏବଂ କାସ, ଶ୍ୱାସ

ରୋଗରେ ସେମାନଙ୍କୁ ଚୂନପାଣିରେ ଚିନିମିଶାଇ ଖୁଆଯାଏ । ୧୦—ଆମାଶୟସାର ପ୍ରଦର ଓ ବାତ, ପୈତ୍ତିକ ଶୂଳରୋଗରେ ଚୂନପାଣି ଉତ୍ତମ ଉପକାର କରେ । ୧୧—ଚୂନ ଓ ଘୃତ କିମ୍ବା ଚୂନ ଓ ହଳଦୀ [illegible] ଏକାଠି ମିଶାଇ ଲେପନ କଲେ କଳା ବା ବାଗିର [illegible] ନଷ୍ଟହୁଏ । ୧୨—ଗୋଳହଳଦୀ ଓ ଚୂନ ଏକାଠି ମିଶାଇ [illegible] କଲେ ମାଂସପେଶୀର ବେଦନା ଓ କଟିଶୂଳ [illegible] ୧୩—ଚୂନ ଓ ହଳଦୀ ଏକାଠି ମିଶାଇ ପକାଇଲେ [illegible] ଲଗାଇବ, ବାନ୍ଧି ଦେଇ [illegible] । [illegible] ଥରକୁ ଥର ତା' ଉପରେ ପାଣି [illegible] । ଏହିପରି ଦିନେ ଦୁଇଦିନ କଲେ ପଦ [illegible] । କାଳାମୃତ୍ତିକା [illegible] ୧୪—[illegible] ଗୋଡ଼କୁ ଚୂନକରି ସେଥିରୁ [illegible] ଗୋଟିଏ ନୂଆଁ ମାଟିପାତ୍ରରେ [illegible] ଚୂନକୁ ଉହ୍ଣିରେ ଗରମରେ [illegible] ଥିବା ନିର୍ମଳ ଜଳକୁ ମୋଟା—କନାରେ ଛାଣି [illegible] । ଏହି ଜଳରେ ଏକବେଳେ ମିଶ୍ରୀ ପକାଇ [illegible] କରି ଥଣ୍ଡା ହେବାପରେ ପ୍ରସ୍ତୁତି ଏଥିରେ [illegible] ଶିଶୀରେ ରଖିବ । ମିଠା [illegible] ଗ୍ରାମ, ହଳଦୀଗୁଣ୍ଡ ମିଶାଇଲେ [illegible] ଅଧିକ ଉପକାର ମିଳେ । [illegible] ଏହାର ମାତ୍ରା—୧୦-୩୦ ଫୋଟା । ଏହା [illegible] ବାଳକମାନଙ୍କୁ ସେବନ କରାଇଲେ ସେମାନଙ୍କର [illegible] ସମୟରେ ହେବାପୀଡ଼ା, ବାନ୍ତି, [illegible], ଅଜୀର୍ଣ୍ଣ, କାଶ, କଫ ଓ ଜ୍ୱର ପ୍ରଶମିତ ହୁଏ । [illegible] ଗୋଡ଼ଚୂନ ଏବଂ ଲେପନାର୍ଥରେ [illegible] ପ୍ରୟୋଗ ପ୍ରଶସ୍ତ । ୧୫—ତାହାର ଆଖିଧରା ରୋଗରେ [illegible] ବାମ ପାଦର ବୁଢ଼ା ଆଙ୍ଗୁଠିର ନଖରେ ଏବଂ [illegible] (ବାମ) ଆଖିଧରା ରୋଗର ଆରମ୍ଭରେ ଦକ୍ଷିଣ ପାଦର ବୁଢ଼ା ଅଙ୍ଗୁଳୀର ନଖରେ ଚୂନ ଲଗାଇଲେ ଆଖିଧରା [illegible]—ଚୂନପାଣି ୨୫୦ ଗ୍ରାମ, ଗୋଲାପଜଳ ୫୦୦ [illegible] ୨୫୦ ଗ୍ରାମ, ଗୋଟିଏ ବଡ଼ା ମାଟି ପାତ୍ରରେ [illegible] କମଳା ରସ ୧୨୦ ଗ୍ରାମ, ଲେମ୍ବୁରସ ୨୫୦ ଗ୍ରାମ, [illegible] ୧୦୦ ଗ୍ରାମ, [illegible] ୧୦୦ ଗ୍ରାମ, କଳାଲୁଣ ୧୦୦ ଗ୍ରାମ, [illegible], ଗୋଲମରିଚ, ଜଳାଜିରା, ଭଜାଯାଉ; ହିଙ୍ଗୁ, [illegible]) ଗୁଜୁରାଟି, ପ୍ରତ୍ୟେକର ଚୂର୍ଣ୍ଣ ୫ ଗ୍ରାମ, ଜୁଆଣୀ, [illegible], ଗୋଲମରିଚ, ପିପ୍ପଳୀ, ଲବଙ୍ଗ, ସାଜକ୍ଷାର ପ୍ରତ୍ୟେକର ଚୂର୍ଣ୍ଣ [illegible] ଗ୍ରାମ, ପିପଳମୂଳ, ଫୁଲ ଏକ ଗ୍ରାମ, କୁଙ୍କୁମ [illegible] । ଏହି ସମସ୍ତ ଦ୍ରବ୍ୟ ଏକାଠି ମିଶାଇ [illegible] କରି ପାଞ୍ଚଦିନ ରଖିବ । ପରେ ଛାଣି ବୋତଲରେ ଭରିବ । ସକଳପ୍ରକାର ଉଦରରୋଗ, ଅଜୀର୍ଣ୍ଣ, ଶୂଳ, ପ୍ଲୀହା, [illegible] ବିକାର, କୋଷ୍ଠବଦ୍ଧତାର ଅମୋଘ ଔଷଧ । ମାତ୍ରା—[illegible]—୨୦ ଗ୍ରାମ । (ପ୍ରାଚୀନ ତାଳପତ୍ର ଗ୍ରନ୍ଥରୁ ଉଦ୍ଧୃତ)

୩୭୩—ଛନ୍ଦକଣ୍ଠଳ—କାନ୍ତଭାଷାଣ ଦେଖ ।

୩୭୪—ଛାଗଳକଣ୍ଡା—ଏହି କନ୍ଦାକୁ ଗାଈଦୁହରେ [illegible] ଅତିସାର, ଆମରକ୍ତାତିସାର, ଗ୍ରହଣୀ ଓ ପ୍ରଦରରୋଗରେ [illegible] ।

୩୭୫—ଛାଗଳଲାଳି—ଏହାର ସଂସ୍କୃତ ନାମ—ଚିଳିଚିମ [illegible], ଗୁରୁପାକ ଓ ଅତ୍ୟନ୍ତ ବଳବର୍ଦ୍ଧକ ।

୩୭୬—ଛେଉଁଟମାଛ—ସୁଗନ୍ଧିଗନ୍ଧ ଦେଖ ।

୩୭୭—ଛାଗଳପତ୍ରୀ—ଏହାର ସଂସ୍କୃତ ନାମ—[illegible] ଓ [illegible] । ଏହାର ମାଂସ—କଫପିତ୍ତ ନାଶକ, ଅଗ୍ନିଦୀପକ, ବାତଦୋଷ ନିବାରକ ଏବଂ ପକ୍ଷାଘାତ ରୋଗରେ ହିତକର ।

୩୭୮—ଛଣିଗଛ — Crotalaria juncea. ଏହାର ସଂସ୍କୃତ ପର୍ଯ୍ୟାୟ—ଶଣ, ତ୍ୱକ୍‌ସାର ଓ ବହଳ । ଏହାକୁ ବଙ୍ଗଳାରେ ଶଣଗାଛ, ହିନ୍ଦୀରେ ସନ, ଏବଂ ତେଲୁଗୁ ଭାଷାରେ ଶଣମନୁବେଣ୍ଡି ଏବଂ ବେଲଚଣ୍ଡୁ ବୋଲନ୍ତି । ଏହାର ପତ୍ରରସ କଷାୟ, ଅମ୍ଳ, ଉଷ୍ଣ, ମଳଭେଦକ, ବାତ କଫ ଓ ପ୍ରଦର ନାଶକ ଏବଂ ସ୍ନାୟୁକ ରୋଗରେ ହିତକର । ଏହି ପତ୍ରରସ ପାନ କଲେ ରକ୍ତସ୍ରାବ ହୁଏ ଏବଂ ସ୍ତ୍ରୀମାନଙ୍କର ଗର୍ଭପାତ ହୁଏ । ଛଣିର ଫୁଲ ମଳରୋଧକ ଓ ରକ୍ତପିତ୍ତ ନିବାରକ । ଛଣିଗଛର ମଞ୍ଜି ରକ୍ତଶୋଧକ । ୧—ଛଣିମଞ୍ଜିକୁ ବାଟି ଗରମକରି ଲେପନ କଲେ ଜମାଟ ହୋଇଥିବା ରକ୍ତ ଫେଲେଇ ହୋଇଯାଏ । ୨—ଛଣିମଞ୍ଜି ଦଶଗ୍ରାମ, ଗହମଚୂନା ଦଶଗ୍ରାମ ଏକାଠି ଘିଅ ଓ ଗୁଡ଼ ଯୋଗରେ ଲଡ଼ୁ ପ୍ରସ୍ତୁତ କରି ଖାଇଲେ ସ୍ନାୟୁକରୋଗ ବିନଷ୍ଟ ହୁଏ ।

୩୭୯—ଛତିଆଣଗଛ —Alstonia scholaris. ଏହାର ସଂସ୍କୃତ ପର୍ଯ୍ୟାୟ ସପ୍ତପର୍ଣ୍ଣ, ବିଶାଳତ୍ୱକ୍, ଶାରଦ ଓ ବିଷମଚ୍ଛଦ । ଏହାକୁ ବଙ୍ଗଳାରେ ଛାତିମଗାଛ, ହିନ୍ଦୀରେ ଛତିବନ୍ ଓ ସତିୟାନ୍ ଏବଂ ତେଲୁଗୁଭାଷାରେ ଏଡ଼ାକୁଲ ଓ ଅରଟାକୁ ବୋଲନ୍ତି । ଛତିଆଣଗଛର ଛାଲି, ଫୁଲ ଓ କ୍ଷୀର ଔଷଧାର୍ଥରେ ବ୍ୟବହୃତ ହୁଏ । ଛତିଆଣ ଛାଲିର କ୍ୱାଥ ବା ଚୂର୍ଣ୍ଣ ତିକ୍ତ, କଷାୟ ଏବଂ ଉଷ୍ଣ । ଏହା ସେବନ କଲେ କ୍ରିମି, କୁଷ୍ଠ, ରକ୍ତବିକାର, ଜୀର୍ଣ୍ଣଜ୍ୱର, ଶ୍ୱାସ, ଗୁଳ୍ମ, ବାତରକ୍ତ,

ବ୍ରଣ, ଗ୍ରହଣୀ, ରକ୍ତପ୍ରବାହିକା ଓ ତ୍ରିଦୋଷର ଉପଶମ ହୁଏ, ଦୌର୍ବଲ୍ୟ ନଷ୍ଟ ହୁଏ ଏବଂ ଆମବାତ ନିବାରିତ ହୁଏ । ୧—ଛତନାଗୁଳ୍ମ ରସାୟନ ହେତୁରୁ ବାତ ଏବଂ ଚର୍ମରୋଗରେ, ସଙ୍କୋଚକ ହେତୁରୁ ଉଦରାମୟ ଓ ସଗ୍ରହ ଗ୍ରହଣୀ ରୋଗରେ ପ୍ରୟୋଗ କରାଯାଏ । ୨-ଛତନାଗୁଳ୍ମର ଚୂର୍ଣ୍ଣ ସକଳ ପ୍ରକାର ମ୍ୟାଲେରିଆ ଜ୍ୱରରେ ଉତ୍ତମ ଫଳପ୍ରଦ । ଏଣୁ କୁଇନାଇନ ବଦଳରେ ଏହା ଦିଆଯାଇଥାଏ । ଏହାର ବିଶେଷତ୍ୱ ଏହିଯେ-କୁଇନାଇନ ସେବନକଲେ ଯେପରି ବାଧିର୍ଯ୍ୟ, କର୍ଣ୍ଣନାଦ ଓ ଅନିଦ୍ରା ପ୍ରଭୃତି ଉପସର୍ଗ ଦେଖାଯାଏ, ଛତନାଗୁଳ୍ମ ସେବନ କଲେ ସେହିସବୁ ଉପଦ୍ରବ ଆକ୍ରମଣର ଆଶଙ୍କାରହେ ନାହିଁ । ୩—କଫଜ ଗ୍ରହଣୀରୋଗରେ ଛତନାଗୁଳ୍ମର କଷାୟ ଉତ୍ତମ ଉପକାର କରେ ଏବଂ ଏହି ଗୁଳ୍ମର ଗାଢ଼ କ୍ୱାଥ ସ୍ତ୍ରୀମାନଙ୍କ ସ୍ତନ୍ୟସ୍ରାବ ବୃଦ୍ଧିକରେ । ବୈଦ୍ୟଶାସ୍ତ୍ରରେ ଛତନାର ବ୍ୟବହାର ଯଥା—**କୁଷ୍ଠରୋଗେ**—୪—ଛତନାଗୁଳ୍ମର କ୍ୱାଥ କୁଷ୍ଠରୋଗିର ସ୍ନାନ ଓ ପାନାର୍ଥେ ବ୍ୟବହାର କରିବ । (ଚରକ) । **ସ୍ତନ୍ୟଶୁଦ୍ଧ୍ୟର୍ଥେ**—୫—ଗୁଡୂଚୀ ଓ ଛତନାଗୁଳ୍ମର କ୍ୱାଥ ପାନକଲେ କ୍ଷୀର ବିଶୁଦ୍ଧ ହୁଏ । (ଚରକ) । **ସାଧ୍ୱମେହେ** ୬—ଛତନାଗୁଳ୍ମର କ୍ୱାଥ ପାନକରାଇଲେ ସାଧ୍ୱମେହ ନଷ୍ଟ ହୁଏ । ( ସୁଶ୍ରୁତ ) । **ଦନ୍ତକାଷ୍ଠଗତରୋଗେ**—୭-ବସାନ୍ତ ଦାନ୍ତକାଠିରେ ଦାନ୍ତ ଘସିଲେ ଦାନ୍ତମାଂସ ସବୁ ଫୁଲିଉଠେ । ଏହିପରି ଅବସ୍ଥାରେ ଛତନାଗୁଳ୍ମର ଚୂର୍ଣ୍ଣ ମଧୁସହିତ ମିଶାଇ ଭୁଣ୍ଡି ମଧ୍ୟରେ ଲଗାଇବ ଏବଂ ଦାନ୍ତମାଂସରେ ଘସିବ । (ସୁଶ୍ରୁତ) । **ଶ୍ୱାସକାସରୋଗେ**—୮-ଛତନାଗୁଳ୍ମର ଫୁଲ ଏବଂ ପିପ୍ପଳୀ ସମାନ ଭାଗରେ ଚୂର୍ଣ୍ଣକରି ଦହି ପାଣି ସହିତ ମିଶାଇ ଶ୍ୱାସ କାସରୋଗିକୁ ସେବନ କରାଇବ । (ସୁଶ୍ରୁତ) । **ହିକ୍କାଶ୍ୱାସେ**—୯-ଛତନାଗୁଳ୍ମ ରସରେ ପିପ୍ପଳୀ ଓ ମଧୁ ମିଶାଇ ସେବନ କଲେ ହିକ୍କା ଶ୍ୱାସ ନିବାରିତ ହୁଏ । (ବାଗ୍‌ଭଟ୍ଟ) । **ଦନ୍ତକୃମିରୋଗେ**—୧୦-ପୋକଖିଆ ଦାନ୍ତର ବେଦନା ଶାନ୍ତିନିମିତ୍ତ ଛତନା ଗୁଳ୍ମର କ୍ଷୀର ଦାନ୍ତ ଗହ୍ୱରରେ ପୂରଣ କରିବ । (ବାଗ୍‌ଭଟ୍ଟ) । **ଦୁଷ୍ଟବ୍ରଣେ**—୧୧-ଛତନା ଗୁଳ୍ମର କ୍ଷୀର ଲେପନ କଲେ ଦୁଷ୍ଟବ୍ରଣ ବିନାଶ ପ୍ରାପ୍ତ ହୁଏ । (ଚକ୍ରଦତ୍ତ) । ମାତ୍ରା ଗୁଳ୍ମର ଚୂର୍ଣ୍ଣ ଅର୍ଦ୍ଧ ଗ୍ରାମ ଠାରୁ ଏକଗ୍ରାମ । କ୍ୱାଥ ୫୦—୧୦୦ ଗ୍ରାମ, କ୍ଷୀର ଏକଚତୁର୍ଥାଂଶ ଗ୍ରାମ ଠାରୁ ଅର୍ଦ୍ଧ ଗ୍ରାମ, ଫୁଲର ଚୂର୍ଣ୍ଣ ୧—୩ ଗ୍ରାମ ।

**୩୮୦-ଛତୁ**—Agaricus albus. ଏହାର ସଂସ୍କୃତ ପର୍ଯ୍ୟାୟ—ଛତ୍ରିକା, ଉଚ୍ଛିଲୀନ୍ଧ୍ର, ଦ୍ରୁମାର ଓ ବସାରୋହ । ଏହାକୁ ବଙ୍ଗଳାରେ ଭୁଇଁଫୋଡ଼, ପାତାଳଫୋଡ଼ ଏବଂ ହିନ୍ଦୀରେ ଛତ୍ରୀ ଓ ଛତା ବୋଲନ୍ତି । ଉତ୍ପତ୍ତି ସ୍ଥାନଭେଦରେ ଛତୁ ନାନା ପ୍ରକାର । ଯଥା—ବାଲିଛତୁ, ମଞ୍ଜାଛତୁ, ପାଳଛତୁ ଇତ୍ୟାଦି । ନିର୍ମଳ ସ୍ଥାନରେ ଜାତହେବା ସକଳପ୍ରକାର ଛତୁ—ସ୍ୱାଦୁ, କଷାୟ, ଶୀତଳ, ପିଚ୍ଛିଳ ଓ ଗୁରୁ । ଛତୁ ଖାଇଲେ ବାନ୍ତି, ଅତିସାର, ଜ୍ୱର ଓ କଫରୋଗ ଜାତ ହୁଏ । ଏହା ସାଧାରଣତଃ ଅପଥ୍ୟ । ଯେଉଁସବୁ ଛତୁ ଅନିର୍ମଳ ସ୍ଥାନରେ ଜାତହୁଏ, ତାହା ନାନାବିଧ ରୋଗଜନକ ଓ କ୍ୱଚିତ୍ ପ୍ରାଣନାଶକ ।

**୩୮୧-ଛାଇ**—ଏହାର ସଂସ୍କୃତନାମ—ଛାୟା । ଛାଇ—ଶୀତଳ ଏବଂ ଦାହ ଓ ଶ୍ରମ ନିବାରକ । ବିଶେଷତଃ ମେଘର ଛାଇ ଶ୍ରମ, ଭ୍ରମ, ମୂର୍ଚ୍ଛା ଓ ସନ୍ତାପରେ ହିତକର । ବଟବୃକ୍ଷର ଛାଇ ବଳ ଓ ବର୍ଣ୍ଣର ଉତ୍କର୍ଷ ସମ୍ପାଦକ ।

**୩୮୨-ଛାଉପୋକ**— ଓଡ଼ଶ ଦେଖ ।

**୩୮୩-ଛୁରିଅନାଗଛ**—ଏହାର ସଂସ୍କୃତ ନାମ—ଛୁରିକାଗୁଳ୍ମ । ଏହାର ପତ୍ର ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା କଟୁ, ତିକ୍ତ ଓ ଉଷ୍ଣ । ଏହାର ରସ ବା ଚୂର୍ଣ୍ଣ ସେବନକଲେ ବାତ, ପିତ୍ତ, ପ୍ରମେହ ଓ ଅମ୍ଳପିତ୍ତ ଶାନ୍ତିହୁଏ ଏବଂ ସୁଖରେ ବିରେଚନ ହୁଏ । ମାତ୍ରା—ପତ୍ରରସ ୧୦—୩୦ ଗ୍ରାମ, କ୍ୱାଥ ୪୦—୮୦ ଗ୍ରାମ ।

**୩୮୪-ଛେନା**—ଏହାର ସଂସ୍କୃତ ନାମ—ଆମିକ୍ଷା । ଏହା ସ୍ୱାଦୁ, ସ୍ନିଗ୍ଧ, ବାତନାଶକ, ସଂଗ୍ରାହକ ଓ ଅତିଶୟ ଗରିଷ୍ଠ ।

**୩୮୫-ଛେଳୀ**—Goat. ଏହାର ସଂସ୍କୃତ ପର୍ଯ୍ୟାୟ ଛାଗ, ଛାଗଳ, ଅଜ ଓ ବର୍କର । ଏହାକୁ ବଙ୍ଗଳାରେ ଛାଗଲ, ହିନ୍ଦୀରେ ବକରୀ ଏବଂ ତେଲୁଗୁରେ ମେକା ବୋଲନ୍ତି । ଛେଳୀର ମାଂସ, ଦୁଧ, ଦହି, ଚହ୍ଲା, ନହୁଣୀ, ଘିଅ, ମୂତ୍ର, ଲେଣ୍ଡି ଓ ପିତ୍ତ ଔଷଧାର୍ଥରେ ବ୍ୟବହୃତ ହୁଏ । ଛେଳୀମାଂସ ଏହା ସ୍ୱାଦୁ, ସ୍ନିଗ୍ଧ, ସମଶୀତଳ, ଲଘୁ, ରୁଚିକର, ବଳବର୍ଦ୍ଧକ, ପୋଷକ, ଧାତୁସାମ୍ୟକାରକ ଓ ବାତପିତ୍ତରୋଗରେ ହିତକର । ପିଲଛେଳୀରମାଂସ—ଏହା ଶୀତଳ, ଲଘୁ, ବଳକାରକ ଓ ପ୍ରମେହ ନାଶକ । ବୁଢ଼ା ଛେଳୀରମାଂସ—ଏହା ଗୁରୁ, ରୁକ୍ଷ ଓ ବାତବର୍ଦ୍ଧକ । ଖାସିଛେଳୀମାଂସ—ଏହା ଗୁରୁ, କଫ-କାରକ, ବଳ ଓ ମାଂସବର୍ଦ୍ଧକ, ବାତପିତ୍ତନାଶକ ଏବଂ ସ୍ରୋତଃ ଶୁଦ୍ଧିକର । ନପୁଂସକ ଛେଳୀର ମାଂସ ଗୁଣରେ ଖାସିଛେଳୀର ମାଂସ ସମାନ । ମାଈଛେଳୀମାଂସ—ସ୍ୱାଦୁ, କଷାୟ, ଲଘୁ, ଶୀତଳ, ମଳରୋଧକ ଓ ଅଗ୍ନିବର୍ଦ୍ଧକ । ଏହି ମାଂସ ଛସ୍ତ୍ର,

କାସ, ଜ୍ୱର, ଅତିସାର ଓ ରକ୍ତପିତ୍ତ ରୋଗରେ ହିତକର । ଛିଳପାଳିଥିବା ଛେଳୀମାଂସ ଗୁଣଯୁକ୍ତ । ଦେହ ଓ ବକ୍ଷା ଦନ୍ତ ସ୍ଥାନରେ ଛେଳୀମାଂସ ବାନ୍ଧିଲେ କଷ୍ଟ ନଷ୍ଟ ହୁଏ । ଛେଳୀର ଅଣ୍ଡ କୋଷରମାଂସ—ଏହା ସ୍ୱାଦୁ, ରୁଚିକର, ବୀର୍ଯ୍ୟବର୍ଦ୍ଧକ ଓ କାମୋଦ୍ଦୀପକ । ଛେଳୀର ଶିଂଘକୁ ଭୃଙ୍ଗରାଜ ପାଣି ମଧ୍ୟରେ ରଖି ପୁଟଦଗ୍ଧ କରିବ । ୧—ଏହି ଭସ୍ମ ତେଲ ସହିତ ମିଶାଇ ମୁଣ୍ଡରେ ଲଗାଇଲେ ପାଚିଲାବାଳ କଳା ହୁଏ । **ଛେଳୀଦୁଧ** ଏହା ମଧୁର, କଷାୟ, ଶୀତଳ, ଲଘୁ, ମଳରୋଧକ ଓ ତ୍ରିଦୋଷ ନାଶକ । ଏହି ଦୁଧ ଜ୍ୱର, କାସ, ଶ୍ୱାସ, ପିତ୍ତ ଓ ରକ୍ତାତିସାରରେ ଉପକାର କରେ । ସମସ୍ତ ଦୁଗ୍ଧ ମଧ୍ୟରେ ଛେଳୀଦୁଧ ପଥ୍ୟ । ଏହା ବାଳକମାନଙ୍କ ପକ୍ଷରେ ହିତକର । ବାତ, ଶୂଳ, କଫ, କ୍ରିମି, କାସ, ଉଦ୍‌ଗାର, ଶୋଥ, ପାଣ୍ଡୁ ଓ ରକ୍ତପିତ୍ତ ରୋଗରେ ଛେଳୀଦୁଧ ଉପକାର କରେ । ୨—ଛେଳୀଦୁଧକୁ ଉଷ୍ମ କରି କାନରେ ପକାଇଲେ କାନଝଣା ବନ୍ଦହୁଏ ଏବଂ ଏହିଦୁଧକୁ ଦେହରେ ଘଷିଲେ ଦାହ ଶାନ୍ତହୁଏ । ୩—ଜ୍ୱର ଯୋଗରୁ କିମ୍ବା ଅନ୍ୟ କୌଣସି କାରଣରୁ ହାତ ଓ ପାଦରେ ଜ୍ୱାଳାଜାତହେଲେ ସୈନ୍ଧବ ମିଶ୍ରିତ-ଛେଳୀ ଦୁଧ ତଳିରେ ମାଲିସ୍ କରି ଗୋଟିଏ କଂସାପାତ୍ର ତା'ର ଉପରେ ରଖି ଦେବ । ଏହିପରି କଲେ ଅତିଶୀଘ୍ର ଜ୍ୱାଳା ଶାନ୍ତହୁଏ । ଯକ୍ଷ୍ମାରୋଗୀ ପକ୍ଷରେ ଛେଳୀଦୁଧ ଅତ୍ୟନ୍ତ ଉପକାରୀ ଅଟେ । ୪—ପୁରାତନ ଜ୍ୱର ଓ ଦାହ ଜ୍ୱରରେ ମିଶ୍ରୀ ମିଶା ଛେଳୀଦୁଧ ପିଇଲେ ଦାହ ଶାନ୍ତହୁଏ । **ଛେଳୀଦହି**—ଏହା ତ୍ରିଦୋଷନାଶକ, ଲଘୁ, ଉଷ୍ଣ, ପାଚକ, ଅଗ୍ନିଦୀପକ ଓ ରୁଚିକର । ଏହା ଅର୍ଶ, ମେହ, କାସ, ଶ୍ୱାସ, ରକ୍ତପିତ୍ତ ଓ କଷ୍ଟରୋଗରେ ଉପକାର କରେ । **ଛେଳୀଘିଅ**—ଏହା ଲଘୁ, ସ୍ନିଗ୍ଧ, ଦାହନାଶକ ଏବଂ ଅର୍ଶ, ଶୋଥ, ଗ୍ରହଣୀ, ଗୁଳ୍ମ ଓ ପାଣ୍ଡୁରୋଗରେ ହିତକର । **ଛେଳୀଲହୁଣୀ**—ଏହା ମଧୁର, କଷାୟ, ଲଘୁ, ତ୍ରିଦୋଷନାଶକ, ଅଗ୍ନିଦୀପକ, ବଳକାରକ, କ୍ଷୟ, କାସ ଓ ନେତ୍ରରୋଗରେ ହିତକର । **ଛେଳୀଘିଅ**—ଏହା ଅଗ୍ନିଦୀପକ, ବଳବର୍ଦ୍ଧକ, କାସ, ଶ୍ୱାସ, କଫ, ନେତ୍ରରୋଗ ଓ ଯକ୍ଷ୍ମାରୋଗରେ ହିତକର । **ଛେଳୀମୂତ୍ର** ଏହା କଟୁ ଉଷ୍ଣ କ୍ଷାର ଏବଂ ଉଷ୍ଣ । ଏହି ମୂତ୍ର ପାନକଲେ ତ୍ରିଦୋଷ, କାସ, ଗୁଳ୍ମ, କୁଷ୍ଠ, ଆନାହ, କୋଷବୃଦ୍ଧି, ହିକ୍କା, ପାଣ୍ଡୁ, ମହାକୁଷ୍ଠ ଓ ବାତରୋଗ ନିବାରଣ ହୁଏ । ୫—ଏହି ମୂତ୍ରକୁ ଉଷ୍ମ କରି କାନରେ ପକାଇଲେ କର୍ଣ୍ଣଶୂଳ ପ୍ରଶମିତ ହୁଏ । ମାତ୍ରା ୫୦—୧୦୦ ଗ୍ରାମ । **ଛେଳୀଲେଣ୍ଡି** ୬—ଛେଳୀଲେଣ୍ଡିର ପାଉଁଶ ଘା'ରେ ପକାଇଲେ ଘା' ଜନିତ ଦୋଷ ଶୀଘ୍ର ଶୁଖିଯାଏ । **ଛେଳୀପିତ୍ତ**—ଏହା ତିକ୍ତ, ଉଷ୍ଣ, କଫନାଶକ, ସନ୍ନିପାତଜ୍ୱର, ଅପସ୍ମାର ଓ ଚକ୍ଷୁ ରୋଗରେ ହିତକର । **ଗୋରୋଚନା**—ଗାଈର ପିତ୍ତକୁ ଯେପରି ଗୋରୋଚନା ବୋଲାଯାଏ, ସେହିପରି ଛେଳୀର ପେଟରୁ ବାହାରିବା ପିତ୍ତକୁ ଅଜରୋଚନା ବୋଲନ୍ତି । ଅଜରୋଚନା ପ୍ରାୟ ଡାକ୍ତରମାନଙ୍କ ରୋଗରେ ବ୍ୟବହୃତ ହୁଏ । ୭—ବାଳକମାନଙ୍କର ଅତି ଉଷ୍ଣର ଯକୃତ୍ ବୃଦ୍ଧି ରୋଗରେ ଏବଂ ଏହା ଜଳୋଦର ରୋଗରେ ଏହା ଅତିବ ଉପକାର କରେ । ଏହାର ମାତ୍ରା—ଏକ ଷୋଡ଼ଶାଂଶ ଗ୍ରାମ ଠାରୁ ଏକ ଚତୁର୍ଥାଂଶ ଗ୍ରାମ । ପାଣ୍ଡୁ ରୋଗରେ ମଧ୍ୟ ଏହା ଉପଯୋଗ କରାହୁଏ ।

## ଛେଳୀକ୍ଷୀର ଯୋଗରେ ଔଷଧ

**୧—ଛେଳୀକ୍ଷୀର ହରିତାଳଭସ୍ମ**— ହରିତାଳକୁ ଛେଳୀ କ୍ଷୀରରେ ତାଳି ଖରାରେ ଶୁଖାଇବ । ପରେ ପଳାଶ ଗଛର ପାଉଁଶ ଗୋଟିଏ ହାଣ୍ଡିରେ ଭରତି କରି, ହାଣ୍ଡିର ମଝିରେ ହରିତାଳକୁ ରଖି ପାଉଁଶରେ ଢାଙ୍କିବ । ପରେ ହାଣ୍ଡିକୁ ଚୁଲିରେ ବସାଇ ଆଠ ପ୍ରହର ପର୍ଯ୍ୟନ୍ତ ଅଗ୍ନି ଜାଳିବ । ଶୀତଳ ହେବାପରେ ଶ୍ୱେତବର୍ଣ୍ଣର ହରିତାଳଭସ୍ମକୁ ଗ୍ରହଣ କରିବ ।

**୩୮୭—ଜଉ**—Coccus Lacca syn. ଉଦୁମ୍ବର ଓ ବରକୋଳି ପ୍ରଭୃତି ଗଛର ଶାଖାରେ ଏକପ୍ରକାର କୀଟ ପୁଞ୍ଜୀକୃତ ହୋଇ ଜଉରୂପରେ ପରିଣତ ହୁଏ । ଜଉର ସଂସ୍କୃତ ପର୍ଯ୍ୟାୟ—ଲାକ୍ଷା, ଅଲକ୍ତକ, ଯାବକ ଓ କ୍ରିମିଜ । ଏହାକୁ ବଙ୍ଗଳାରେ ଗାଲା, ହିନ୍ଦୀରେ ଲାଖ ଏବଂ ତେଲୁଗୁଭାଷାରେ ଲକ୍ଷ ଓ ଲକ୍କା ବୋଲନ୍ତି । **ଜଉର ଗୁଣ—କଟୁ, ତିକ୍ତ, କଷାୟ, ଶୀତଳ, ଲଘୁ, ସ୍ନିଗ୍ଧ, ବଳକାରକ ଓ** ରକ୍ତସ୍ରାବ ନିବାରକ । ଏହା କଫପିତ୍ତ ଜ୍ୱର, ବିଷମଜ୍ୱର, ହିକ୍କା, ଭ୍ରାନ୍ତି, କାସ, କ୍ଷତକ୍ଷୀଣ, ଭ୍ରମ, ଅପସ୍ମାର, ପ୍ରଦର, ଭଗ୍ନ, ବିସର୍ପ, କ୍ରିମି, କୁଷ୍ଠ, ରକ୍ତଦୋଷ, ଚର୍ମରୋଗ, ଶୋଥ ଓ ଶ୍ୱେତଦୋଷର ଶାନ୍ତିକାରକ । ୧—ଜଉର କ୍ୱାଥରେ ତେଲପାକ କରି ଏହି ତେଲ ମସ୍ତକରେ ମର୍ଦ୍ଦନ କଲେ ଜୀର୍ଣ୍ଣ ଜ୍ୱର ଜନିତ ଦୌର୍ବଲ୍ୟ ଦୂରୀଭୂତ ହୁଏ । ଔଷଧ କାର୍ଯ୍ୟରେ ନୂତନ ଜଉ ଗ୍ରହଣ କରିବାକୁ ହେବ । ମାତ୍ରା ଚୂର୍ଣ୍ଣ ୧—୩ ଗ୍ରାମ, କ୍ୱାଥ ୨୦ ଗ୍ରାମ ।

**୩୮୭—ଜଳଠଙ୍କ**—ଦେଖ ଗଛ ଦେଖ ।

**୩୮୮—ଜଙ୍ଘିଲ୍ଲ**—ଏହାର ମାଂସ ସ୍ୱାଦୁ, ସ୍ନିଗ୍ଧ, ଉଷ୍ଣ, ବାତନାଶକ ଓ ବୀର୍ଯ୍ୟବର୍ଦ୍ଧକ । ଏହା ଅର୍ଶ, ପ୍ରମେହ, ଓ ବାତରୋଗରେ ହିତକର । ଜଙ୍ଘିଲ୍ଲକୁ ଯେଉଁ ଯେଉଁ ସ୍ଥାନରେ ଦେଖାଯିବ ସେହି ସେହି ସ୍ଥାନକୁ ଭଲରୂପେ ଖୋଷି

କିଛି କିଛି ଉଖୁଡ଼ା ସେଠାରେ ଲୁଚାଇ ଦେଇ ଆସିବ। କର୍ଙ୍କ ଭାଲୁ ସେସବୁ ଖାଇଯିବାପରେ ତା'ର ପାଟିରୁ ଝରି ଯେଉଁ ସବୁ ଲାଳ ମିଶା ଉଖୁଡ଼ା ସେଠାରେ ପଡ଼ିଥିବ, ତାକୁ ଆଣି ଖାଇଲେ ଶରୀର ଅକାଟ ହୁଏ। କର୍ଙ୍କ ଭାଲୁର ମାଂସ ଖାଇଥିବା ଲୋକର ଦେହରେ ମାଡ କିମ୍ବା ଶସ୍ତ୍ର ଆଘାତ ହେଲେ ମଧ୍ୟ ବ୍ୟଥା ଜାତହୁଏ ନାହିଁ। ଶିକାରୀମାନେ ଶିକାର କରିବା ଧନ କର୍ଙ୍କ ଭାଲୁର ମାଂସ ବେଣ୍ଟ କୁକୁରକୁ ଖୁଆଇ ସାଙ୍ଗରେ ନିଅନ୍ତି। ଜନ୍ତୁ ଆସିବାର ଦେଖିଲେ ସେମାନେ ବେଣ୍ଟ କୁକୁରର ନାକରେ ଲୁଣ ମିଶା ନାକଚଣା ପତ୍ରରସ ଅଳ୍ପ ଦେଇଥାନ୍ତି। ଏହିପରି କରିବା ଦ୍ୱାରା ସେହି କୁକୁର ଏତେଦୂର ଉନ୍ମତ୍ତ ହୁଏଯେ, ବଣ୍ୟାଦି ଜନ୍ତୁ ଦ୍ୱାରା ସେ ବାରମ୍ବାର କ୍ଷତ ବିକ୍ଷତ ହେଲେ ମଧ୍ୟ ସେହି ଜନ୍ତୁକୁ ଛାଡ଼େନାହିଁ ଏବଂ କ୍ଷତ ବା ଆଘାତ ଜନିତ ବେଦନା ମଧ୍ୟ ତାକୁ ବାଧେ ନାହିଁ। ଯେଉଁ କୁକୁର ଖରୁ, ପୂର୍ବୋକ୍ତ ଉପାୟରେ ତା'ର ଖରୁତା ଦୂର କରାଯାଏ।

**୩୮୯—ଜଳାଙ୍ଗୀଗଛ**—ଏହାର ପତ୍ର ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ। ଜଳାଙ୍ଗୀର ପତ୍ର ରସ ଓ ମୂଳର ଚୂର୍ଣ୍ଣ ଶୀତଳ। ଏହା ମୋହନାଶକ, ମୃଦୁ ବିରେଚକ ଓ ମୂତ୍ର କାରକ। ୧—ଶୁଖିଲା ଜଳାଙ୍ଗୀପତ୍ରକୁ ଗୁଣ୍ଡ କରି ଅଗ୍ନିଦଗ୍ଧ କ୍ଷତରେ ନିକ୍ଷେପ କଲେ କ୍ଷତ ଶୁଖିଯାଏ। ୨—ଜଳାଙ୍ଗୀ ପତ୍ରକୁ ଜଡ଼ାରେ କିମ୍ବା ଘିଅରେ ଭାଜି ଗରମ କରି ବାତ ବେଦନାକ୍ରାନ୍ତ ଅଙ୍ଗରେ ପଟି ବାନ୍ଧିଲେ ବେଦନା ଶାନ୍ତ ହୁଏ। ୩—ଜଳାଙ୍ଗୀପତ୍ର, ମରିଚ ଓ ଅଳକ୍ତକର୍ପୂରର ସମାନ ଭାବରେ ଜଳରେ ବାଟି ବଟିକା ପ୍ରସ୍ତୁତ କରିବ। ଏହି ବଟିକା ସେବନ କଲେ ରକ୍ତସ୍ରାବ ବନ୍ଦ ହୁଏ। ୪—ଜଳାଙ୍ଗୀମୂଳ ଓ ମରିଚ ବାଟି ଖାଇଲେ ଅଟିକି ଝାଡ଼ା ବନ୍ଦ ଓ ଜାଲୁ କାଲୁଆ ରୋଗ ଭଲହୁଏ। ମାତ୍ରା ପତ୍ର ରସ ୨୦—୪୦ ଗ୍ରାମ, ମୂଳର ଚୂର୍ଣ୍ଣ ୧—୩ ଗ୍ରାମ, କ୍ୱାଥ ୪୦—୮୦ ଗ୍ରାମ।

**୩୯୦—ଜଟାମାଂସୀ**—Valeriana Jatamamsi. ଏହାର ସଂସ୍କୃତ ପର୍ଯ୍ୟାୟ ଜଟିଳା, ଲୋମଶା, ତପସ୍ୱିନୀ ଓ ଭୂତଜଟା। ଏହାକୁ ବଙ୍ଗଳାରେ ଜଟାମାଂସୀ ଏବଂ ହିନ୍ଦୀରେ ବାଲୁଛଡ଼ ବୋଲନ୍ତି। ଜଟାମାଂସୀର ଆକାର ପ୍ରାୟ ଜଟାପରି ଏବଂ ଏହାର ବର୍ଣ୍ଣ ପିଙ୍ଗଳ। ଜଟାମାଂସୀ—ତିନପ୍ରକାର ଯଥା—ସାଧାରଣ ଜଟାମାଂସୀ, ସୁଗନ୍ଧ, ଜଟାମାଂସୀ ଓ ସୂକ୍ଷ୍ମଜଟାମାଂସୀ ସକଳ ପ୍ରକାର ଜଟାମାଂସୀ—କଟୁ, ତିକ୍ତ, କଷାୟ, ଶୀତଳ, କାନ୍ତିଜନକ, ବଳକାରକ ଓ କଫପିତ୍ତ ନାଶକ। ଏହା ରକ୍ତଦୋଷ, ଅର୍ଶ, କାସ, କାମଳା, ପାଣ୍ଡୁ, ମୂତ୍ରରୋଧ, ଅଶ୍ମରୀ, ଅଗ୍ନିମାନ୍ଦ୍ୟ, ଦାହ, ବିସର୍ପ କୁଷ୍ଠରୋଗ ଓ ଭୂତାବେଶ ନିବାରଣ କରେ। ୧—ମୂର୍ଚ୍ଛା, ହୃଦସ୍ପନ୍ଦନ ଓ ଉଦରାଧ୍ମାନ ରୋଗରେ ଏହା ପ୍ରୟୋଗ କରାଯାଏ। ଏହାର ବାହ୍ୟ ପ୍ରୟୋଗ ଶରୀରର ରୁକ୍ଷତା ଓ ଜ୍ୱର ହରଣ କରେ। ଏହାର ବ୍ୟବହାର ପ୍ରଣାଳୀ—ଦରକୁଟା ଜଟାମାଂସୀ ଦଶଗ୍ରାମ, ୮୦ ଗ୍ରାମ ଗରମ ଜଳରେ ୪।୫ ଘଣ୍ଟା ବତୁରାଇ ଛାଣି ବ୍ୟବହାର କରିବ। ଜଟାମାଂସୀର ଚୂର୍ଣ୍ଣ କ୍ଷତରେ ପ୍ରକ୍ଷେପ କଲେ କ୍ଷତ ଶୁଖିଯାଏ। **ଜଟାମାଂସ୍ୟାସବ**—ଜଟାମାଂସୀ ଅଢ଼ାଇକେଜିକୁ କୁଟି ୪୦ କେଜି ଜଳରେ ସିଝାଇ ଅର୍ଦ୍ଧାବଶେଷ ରଖି ଓହ୍ଲାଇ ଛାଣି, ହାଣ୍ଡିରେ ରଖିବ। ଥଣ୍ଡା ହେବା ପରେ ମହୁ ୬ କେଜି, ଗୁଡ଼ତ୍ୱକ, ତେଜପତ୍ର, ପ୍ରତ୍ୟେକର ଚୂର୍ଣ୍ଣ ୧୬୦ ଗ୍ରାମ ମିଶାଇ, ସନ୍ଧାନ କରି ପନ୍ଦର ଦିନ ରଖିବ। ମାତ୍ରା—ଅଧ—୨ ଆଉନ୍ସ ଏହା ଯୋଷାପସ୍ମାର (ହିଷ୍ଟିରିଆ) ରୋଗ ଶୀଘ୍ର ନଷ୍ଟ କରେ। ଉନ୍ମାଦ, ଅପସ୍ମାର, ଅପତନ୍ତ୍ରକ, କ୍ଷୀଣ ସ୍ମୃତି ପ୍ରଭୃତି ରୋଗ ଏବଂ ମସ୍ତିଷ୍କ ବିକୃତି ରୋଗରେ ଗୁଣ କରେ (ବୃ.ଆ.ଅ.ସ)

**୩୯୧—ଜଡ଼ାତେଲ—** କାଲଗଛ ଦେଖ।

**୩୯୨—ଜନ୍ଦାମାଣ୍ଡଗଛ**—ଏହାକୁ ଇଂରେଜୀରେ Trianudiflora. ଏହାର ପତ୍ର ଓ ଛାଲି ଔଷଧାର୍ଥରେ ବ୍ୟବହୃତ ହୁଏ। ୧—ଏହାର ପତ୍ରକୁ ଜଡ଼ାତେଲରେ ଭାଜି ଉଷ୍ମକରି ବାନ୍ଧିଲେ ସନ୍ଧିସ୍ଥାନର ଦରଜ ବେଦନା ଓ ଫୁଲା ଛାଡ଼ିଯାଏ। ୨—ଏହିପତ୍ର ବାଟି ବ୍ରଣରେ ଲେପନ କଲେ ବ୍ରଣ ଶୁଖିଯାଏ। ୩—ଜନ୍ଦାମାଣ୍ଡଗଛର ଛାଲି, ଚୂନ ଓ ଗୁଡ଼ ଏକାଠେ ମିଶାଇ ବାଟି ଲେପନ କଲେ ଚଳା ବା ଦାଗି ଓ ପଠା ଘା' ବସିଯାଏ। ୪—ଏହିଛାଲିର ଚୂର୍ଣ୍ଣ ପ୍ରକ୍ଷେପ କଲେ ହଣା ଘା' ଶୁଖିଯାଏ।

**୩୯୩—ଜମ୍ବୀରଗଛ**— କଳିଯୋଚେଛ ଦେଖ।

**୩୯୪—ଜୟନ୍ତୀଗଛ**—Eachynomenesesbania sesbaniaecultia. ଏହାର ସଂସ୍କୃତ ପର୍ଯ୍ୟାୟ—ଜୟା, ବୈଜୟନ୍ତିକା, ଜୟନ୍ତା ଓ ସୂକ୍ଷ୍ମମୂଳୀ। ଏହାକୁ ବଙ୍ଗଳାରେ ଜୈନ୍ତୀଗାଛ, ହିନ୍ଦୀରେ ଜାଣ୍ଟି ଏବଂ ତେଲୁଗୁରେ ସୋମାନ୍ତି ବୋଲନ୍ତି। ଜୟନ୍ତୀଗଛ ଦୁଇପ୍ରକାର ଯଥା—ପୀତପୁଷ୍ପ ଜୟନ୍ତୀ ଓ କୃଷ୍ଣପୁଷ୍ପ ଜୟନ୍ତୀ। ଉଭୟ ପ୍ରକାର ଜୟନ୍ତୀର ପତ୍ର, ଫୁଲ, ମୂଳ ଓ ବୀଜ ଔଷଧାର୍ଥରେ ବ୍ୟବହୃତ ହୁଏ। **ଜୟନ୍ତୀଗୁଣ**—ଏହା କଟୁ, ତିକ୍ତ ଓ ଉଷ୍ଣ। ଏହାର ରସ, କଫ, ପିତ୍ତ, ବାତ, ଗଳଗଣ୍ଡ, କୃମି, ଶୋଥ, ଭୂତୋପଦ୍ରବ ଓ ବିଷଦୋଷ ହରଣକରେ ଏବଂ କଣ୍ଠକୁ ବିଶୁଦ୍ଧ କରେ। ୧—ଯେଉଁମାନଙ୍କର କଫପ୍ରକୃତି, ସକଳ ଋତୁରେ ଯେଉଁମାନେ କଫରୋଗରେ ପୀଡ଼ିତ, ସେମାନଙ୍କ ପକ୍ଷରେ ଶାକପ୍ରସ୍ତୁତପ

ଜୟନ୍ତୀର ପଞ୍ଚ ଅଙ୍ଗ ଦ୍ୱାର ପରମ ହିତକର । ଏହା ବହୁସ୍ଥଳରେ ପରୀକ୍ଷିତ । ୨—ମଧୁମେହ ଓ ବହୁମୂତ୍ରରୋଗରେ ଜୟନ୍ତୀ ପତ୍ରକୁ ବାଟି ଗହ୍ମଚୂନା ସହିତ ମିଶାଇ ବଟି ପ୍ରସ୍ତୁତ କରି ଖାଇଲେ ମୂତ୍ରର ପରମାଣ ଉଣା ହୁଏ ଏବଂ ଶର୍କରା ନିର୍ଗମ ବନ୍ଦହୁଏ । ପୀତପୁଷ୍ପ ଜୟନ୍ତୀ ଅପେକ୍ଷା କୃଷ୍ଣପୁଷ୍ପ ଜୟନ୍ତୀ ରସାୟନ । ୪—ଜୟନ୍ତୀ ପତ୍ରକୁ ବାଟି ଅଳ୍ପ ଉଷ୍ମ କରି ଅପକ୍ୱ ବ୍ରଣଶୋଥରେ ଲେପନ କଲେ ଶୀଘ୍ର ତାହା ପାଚି ଫାଟିଯାଏ । **ଜୟନ୍ତୀମଞ୍ଜୀ**—ଏହା ଧାତୁ ଓ ଅତିସାର ରୋଗରେ ହିତକର । ୫—ବିଛା ଓ ମହୁମାଛି ଦଂଶନ କରିଥିବା ଅଙ୍ଗରେ ଜୟନ୍ତୀମଞ୍ଜୀ ବାଟି ଲେପନ କଲେ ଜ୍ୱାଳା ଓ ବିଷଦୋଷ ନିବାରିତ ହୁଏ । **ଜୟନ୍ତୀମୂଳ**—୬—ଚାଉଳଧୂଆ ପାଣିରେ ଜୟନ୍ତୀମୂଳକୁ ବାଟି ସେବନ କଲେ ଅତିସାର ବନ୍ଦହୁଏ । ବୈଦ୍ୟଶାସ୍ତ୍ରରେ ଜୟନ୍ତୀ ଗଛର ବ୍ୟବହାର ଯଥା—**ଜ୍ୱରରୋଗେ**—୭—ଜୟନ୍ତୀଗଛର ମୂଳକୁ ମସ୍ତକରେ ଧାରଣକଲେ ସକଳ ପ୍ରକାର ଜ୍ୱର ନିବାରିତ ହୁଏ । (ଚକ୍ରଦତ୍ତ) । **ଇକ୍ଷୁମେହେ**—୮—ଜୟନ୍ତୀମୂଳର କ୍ୱାଥରେ ମହୁମିଶାଇ ପାନକଲେ ଇକ୍ଷୁମେହ ପ୍ରଶମିତ ହୁଏ । (ଚକ୍ରଦତ୍ତ) । **ମେଢ୍ରପାକେ**—୯—ଜୟନ୍ତୀପତ୍ରର କ୍ୱାଥରେ ଲିଙ୍ଗକୁ ଧୋଇଲେ ଅଗ୍ନିପିଡ଼ ଘା' ଭଲହୁଏ । (ଚକ୍ରଦତ୍ତ) । **ଦନ୍ତୋଦ୍ଭେଦରୋଗେ**—୧୦—ଦନ୍ତ ବାହାରିବା ସମୟରେ ବାସି ପାଣି ସହିତ ଚକଟିକି ଜୟନ୍ତୀ ମଞ୍ଜୀ ବାଟି ପାନ କରିବ । (ଚକ୍ରଦତ୍ତ) । **ଶ୍ୱେତକୁଷ୍ଠେ**—୧୧—ରବିବାରଦିନ ଶୁକ୍ଳ ଜୟନ୍ତୀ ମୂଳକୁ ଗାଈଦୁଧରେ ବାଟି ପାନକଲେ ଶ୍ୱେତକୁଷ୍ଠ ଭଲହୁଏ । ଏହା ବୈଦ୍ୟନାଥଙ୍କ ଆଜ୍ଞାଔଷଧ । (ଚକ୍ରଦତ୍ତ) । **ସର୍ବଜ୍ୱରେ**—୧୨—ଜୟନ୍ତୀ ପତ୍ରକୁ ବାଟି ଗୋଟିଏ ଗୁଳା—କରିବ । ଏହି ଗୁଳାଟିକୁ କଦଳୀ ପତ୍ରରେ ଗୁଡ଼ାଇ ବାନ୍ଧି [illegible] । କଦଳୀପତ୍ର ଅଧେ ସିଝିଗଲେ ବାହାରକରି [illegible] ପୁଟପକ୍ୱ ଔଷଧ ସହିତ ମିଶାଇ ଖାଇଲେ ସର୍ବଜ୍ୱର ଭଲହୁଏ । (ଚକ୍ରଦତ୍ତ) । **ଗର୍ଭନିଷେଧାର୍ଥେ**—୧୩—ଋତୁକାଳରେ ଜୟନ୍ତୀ ଗଛର ଫୁଲକୁ ପୁରୁଣା ଗୁଡ଼ ସହିତ ମିଶାଇ ତିନିଦିନ ଖାଇଲେ ସ୍ତ୍ରୀ ବନ୍ଧ୍ୟା ହୁଏ । (ଭାବପ୍ରକାଶ) ମାତ୍ରା—କ୍ୱାଥ—୪୦—୮୦ ଗ୍ରାମ । ରସ ୧୦—୨୦ ଗ୍ରାମ ।

**୩୪୫-ଜମ୍ବୁଖାର**—ଲବଣଖାର ଦେଖ

**୩୪୬-ଜଗଗଛ**— Thespesia populues. ଏହାର ସଂସ୍କୃତ ପର୍ଯ୍ୟାୟ—ପ୍ଲକ୍ଷ, ପର୍କଟୀ, ବୃକ୍ଷଦର୍ଶନ ଓ ଗର୍ଦ୍ଦଭାଣ୍ଡ । ଏହାକୁ ବଙ୍ଗଳାରେ ପାକୁଡ଼ଗାଛ, ହିନ୍ଦୀରେ ପାକର ଏବଂ ତେଲୁଗୁରେ ଜୁବ୍ବିଚେଟ୍ଟୁ ବୋଲନ୍ତି । ଜଗଗଛର ପତ୍ର କ୍ଷୀର ଓ ଫୁଲ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ର—ରସ ଓ ଫୁଲର କ୍ୱାଥ କଟୁ, କଷାୟ ଓ ଶୀତଳ । ଏହା ରକ୍ତପିତ୍ତ, ମୂର୍ଚ୍ଛା, ଶ୍ରମ, ପ୍ରଳାପ, ଭ୍ରମ, ଦାହ, ବ୍ରଣ, ରକ୍ତଦୋଷ, ଯୋନି ରୋଗ ଓ ଶୋଥରୋଗ ହରଣକରେ । ଜଗପତ୍ରର ରସ ପାନକଲେ ଅତିସାର ଓ ଗ୍ରହଣୀ ରୋଗରେ ଉପକାର ହୁଏ । ୧—ଜଗ ଦାନ୍ତକାଠିରେ ଦାନ୍ତ ଘସିଲେ ଦୋହଲିବା ଦାନ୍ତ ଦୃଢ଼ହୁଏ । ୨—ସାଧାରଣ ବ୍ରଣ, କୃମିଯୁକ୍ତ ବ୍ରଣ, ମିଳାପା ଓ ପଚୁପାଚରେ ଜଗଗଛର କ୍ଷୀର ଲଗାଇଲେ ସେହିସବୁ ଘା' ଶୁଖିଯାଏ । ବୈଦ୍ୟଶାସ୍ତ୍ରରେ ଜଗଗଛର ପ୍ରୟୋଗ । ଯଥା—**ଯୋନିସ୍ରାବେ**—୩—ପ୍ରଦରରୋଗରେ ଯୋନିରୁ ଅଧିକ ସ୍ରାବ ହେଲେ ଜଗଫୁଲକୁ ଚୂର୍ଣ୍ଣ କରି ମହୁ ସହିତ ତାକୁ ମିଶାଇ ଗୁଳାକରି ଯୋନିରେ ଧାରଣ କରିବ । (ଚରକ) । **ରକ୍ତପିତ୍ତରୋଗେ**—୪—ଜଗଗଛର କଅଁଳ ପତ୍ରକୁ ଭଜାକରି ଖାଇଲେ ରକ୍ତପିତ୍ତ ପ୍ରଶମିତ ହୁଏ । ମାତ୍ରା ପତ୍ରରସ ୧୦—୨୦ ଗ୍ରାମ, କ୍ୱାଥ ୪୦—୮୦ ଗ୍ରାମ । **ପୁଷ୍ପାସବ**—ଜଗଗଛର ଫୁଲ ଅଢ଼ାଇ କେଜି, ଜାମୁଫଳ ଅଢ଼ାଇ କେଜିକୁ କୁଟି ତେର କେଜି ଜଳ ଦେଇ ସିଝାଇବ । ତିନିକେଜି ଶେଷ ରଖି ଓହ୍ଲାଇ ଛାଣି ହାଣ୍ଡିରେ ଭରନ୍ତି କରିବ । ଥଣ୍ଡା ହେବାପରେ ମହୁ ୩ କେଜି, ଧାତୁକୀ ଫୁଲ ଅଧକେଜି, ଗୁଡ଼ ୫ କେଜି ମିଶାଇ ସନ୍ଧାନ କରି ଏକ ମାସ ରଖି ଛାଣି ବ୍ୟବହାର କରିବ । ମାତ୍ରା—ଅଧ—୧ ଆଉନ୍ସ । ଅନୁପାନ ଜଳ । ଏହା ଉଦାବର୍ତ୍ତ, ବାତଜ ଶୂଳ, ରକ୍ତଦୋଷ ଏବଂ ଅତିସାର ନାଶକ ଉତ୍ତମ ଔଷଧ । (ବୃ,ଆ,ଅ,ସ)

**୩୪୭-ଜର୍ମନସିଲଭର**—ଏହାର ସଂସ୍କୃତ ନାମ—ବର୍ତ୍ତଲୋହ । କଂସା, ତମ୍ବା, ପିତଳ, ଲୋହ ଓ ସୀସା ଏହି ପଞ୍ଚଧାତୁର ଯୋଗରେ ଏହା ପ୍ରସ୍ତୁତ କରାଯାଏ । କଂସାକୁ ଯେପରି ଶୋଧନ କରାଯାଏ, ସେହିପରି ଏହାକୁ ଶୋଧନ କରି କଂସାଭସ୍ମ ବିଧି ଅନୁସାରେ ଏଥିରେ ଗନ୍ଧକ ଓ ହରିତାଳ ମିଶାଇ ପାଞ୍ଚଥର ଗଜପୁଟ ଦେଲେ ଭସ୍ମ ହୁଏ । **ଜର୍ମନସିଲଭରଭସ୍ମ**—ଏହା ଅମ୍ଳ, ରୁକ୍ଷ, ଶୀତଳ, କଫପିତ୍ତନାଶକ, ରୁଚିକାରକ, କୃମିହାରକ ଏବଂ ଚର୍ମରୋଗ ଓ ନେତ୍ରରୋଗରେ ହିତକର । ଅନୁପାନ ଭେଦରେ ଏହା ଅନେକ ରୋଗରେ ପ୍ରୟୋଗ କରାଯାଏ । ଏହି ଭସ୍ମ ସେବନ କାଳରେ ଅମ୍ଳରସ ଖାଇବ ନାହିଁ । ମାତ୍ରା ଏକଷୋଡ଼ଶାଂଶ ଗ୍ରାମଠାରୁ ଦୁଇଅଷ୍ଟମାଂଶ ଗ୍ରାମ । ଅନୁପାନ—ମହୁ, ଘିଅ କିମ୍ବା ଗୁଳୁଚି ସାର ।

**୩୪୮-ଜଳ**—Water. ଜଳକୁ ସାଧାରଣତଃ ପାଣି ବୋଲନ୍ତି । ଏହାର ସଂସ୍କୃତ ପର୍ଯ୍ୟାୟ—ସଲିଳ, ଜଳ, ଅମୃତ, ଜୀବନ ଓ ନୀର । ଏହା ମଧୁର, ଶୀତଳ, ତୃପ୍ତିକର, ଅଗ୍ନିବର୍ଦ୍ଧକ

ଏବଂ ତୃଷ୍ଣା, ଆଳସ୍ୟ, ଶ୍ରମ, ତନ୍ଦ୍ରା, ମୋହ, ଭ୍ରମ ଓ ମୂତ୍ରଦୋଷ ନିବାରକ । ସ୍ଥାନଭେଦରେ ଓ କାଳଭେଦରେ ଜଳର ଗୁଣ ବିଭିନ୍ନ ପ୍ରକାର ହୋଇଥାଏ । ସ୍ଥାନଭେଦରେ ଯଥା— **ସମୁଦ୍ରଜଳ**—ଏହା ତ୍ରିଦୋଷ ବର୍ଦ୍ଧକ । **କୂପଜଳ** ଘନ, ରୂକ୍ଷ, ଗୁରୁପାକ, ବାତବର୍ଦ୍ଧକ ଓ କଫନାଶକ । ସରୋବରଜଳ—ଏହା ମଧୁର, ଲଘୁ ଓ ବଳକାରକ । ନଦୀର ଜଳ—ଏହା ସ୍ୱାଦୁ, କଟୁ, ବିପାକ ଓ ବାତବର୍ଦ୍ଧକ । ପୁଷ୍କରିଣୀଜଳ—ଏହା ଗୁରୁପାକ, ବିଷ୍ଟମ୍ଭକାରକ, କଫବର୍ଦ୍ଧକ ଓ ଅନୁପକାରକ । ଉତ୍ସଜଳ—ଏହା ସ୍ୱାଦୁ, କ୍ଷାର, ରୂକ୍ଷ, ଅଗ୍ନିବର୍ଦ୍ଧକ ଓ କଫକାରକ । ବୃଷ୍ଟିଜଳ—ଏହା ଗୁରୁପାକ, ଅଗ୍ନିବର୍ଦ୍ଧକ ଓ କଫନାଶକ । କାଳଭେଦରେ ଜଳର ଗୁଣ ଭେଦ ଯଥା—ବର୍ଷାକାଳର ଜଳ ଶୀତଳ, ବିଦାହୀ, ଅଗ୍ନିମାନ୍ଦ୍ୟ କାରକ ଓ ବାତବର୍ଦ୍ଧକ । ଶରତ୍କାଳର ଜଳ—ଏହା ଲଘୁ ଓ କଫଜନକ ନୁହେ । ହେମନ୍ତକାଳର ଜଳ, ସ୍ନିଗ୍ଧ, ଗୁରୁପାକ, ବଳକାରକ ଓ ବୀର୍ଯ୍ୟବର୍ଦ୍ଧକ । ଶୀତକାଳର ଜଳ ଲଘୁ ଓ ବାତକଫ ନାଶକ । ବସନ୍ତ କାଳର ଜଳ—ମଧୁର, କଷାୟ, ରୂକ୍ଷ ଓ ବଳକାରକ । **ହଂସୋଦକ**—ଦିବସରେ ସୂର୍ଯ୍ୟକିରଣରେ ସନ୍ତପ୍ତ ଏବଂ ରାତ୍ରିରେ ଚନ୍ଦ୍ରକିରଣରେ ଶୀତଳ ହୋଇଥିବା ଜଳକୁ ହଂସୋଦକ ବୋଲନ୍ତି । ଏହା ସର୍ବରୋଗ ନାଶକ ଓ ରସାୟନ । **ଆରୋଗ୍ୟୋଦକ**—ଜଳକୁ ଉତ୍ତମ ରୂପେ ଅଗ୍ନିରେ ସିଦ୍ଧକରି ଚତୁର୍ଥାଂଶ ରଖି ନେବାକୁ ହେବ । ଏହାକୁ ଆରୋଗ୍ୟ ଉଦକ ବୋଲନ୍ତି । ଏହି ଜଳ ସବୁକାଳରେ ପଥ୍ୟ । ଏହା କାସ, ଶ୍ୱାସ, ବାତ, ଜ୍ୱର, ମେଦରୋଗ, କଫ, ଶୂଳ, ଗୁଳ୍ମ, ଉଦର, ଅର୍ଶ, ପାଣ୍ଡୁ, ଶୋଥ ଓ ଅଜୀର୍ଣ୍ଣ ରୋଗରେ ହିତକର । **କୂପୋଦକ**—(କୂଅପଥରପାଣି) ଏହା ଅତି ଶୀତଳ, ଶ୍ରମ, ଶୋଷ, ମୂର୍ଚ୍ଛା, ମୋହ, ଶିରୋରୋଗ, ହିକ୍କା, ଦାହ ଓ ଶୋଥହାରକ, ଭୂତରୋଗୀ ଓ ପିତ୍ତରୋଗୀ ପକ୍ଷରେ ଏହା ହିତକର । **କ୍ଷାରୋଦକ**—(ଲୁଣିପାଣି) ଏହା ଶୀତଳ, ଲଘୁ, ପିତ୍ତ, ଶ୍ରମ, କୁଷ୍ଠ, ଶ୍ଲୀପଦ, ଚର୍ମରୋଗ, ବିଷ, କ୍ଷତ, କ୍ଲୀବ, ପାମା ଓ ବିସର୍ପରୋଗରେ ହିତକର । ବରଫଜଳ—ଏହା ମଧୁର କଫକାରକ ଏବଂ ମୂର୍ଚ୍ଛା, ଭ୍ରମ, ରକ୍ତପିତ୍ତ ଓ କ୍ଷତନାଶକ । **ଜଳନସ୍ୟପ୍ରୟୋଗ**—ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟାରୁ ଉଠି ଅଧ ଅଧ ପଣ୍ଟା କ୍ରମେ ଦୁଇଥରରେ ଦୁଇପସର ଥଣ୍ଡାପାଣି ପିଇଲେ ଅମ୍ଳପିତ୍ତ, ବାତାଜୀର୍ଣ୍ଣ, କୋଷ୍ଠବଦ୍ଧ, ମୂତ୍ରରୋଧ ଓ ମୂତ୍ରଜ୍ୱାଳା ଏବଂ ବାତପିତ୍ତଜ ନାନା ବିଧ ରୋଗ ପ୍ରଶମିତ ହୁଏ । ୨—୧୫୦—୨୦୦ ଗ୍ରାମ ଗରମ-ପାଣି ଅଳ୍ପ ଟିକେ ଲୁଣ ମିଶାଇ ପିଇଲେ ବେଦନାଶୀ। ସ୍ତ୍ରୀଙ୍କୁ ପାନ କରାଇଲେ ଗର୍ଭରେ ଥିବା ସନ୍ତାନ (ଜୀବିତ ବା ମୃତ ସତ୍ୱର ବହିର୍ଗତ ହୁଏ) । ୩—ପ୍ରତିଦିନ ପ୍ରାତଃକାଳରେ ଥଣ୍ଡା ପାଣିରେ ମହୁ ମିଶାଇ ନିୟମିତ ପିଇଲେ ମେଦୋବୃଦ୍ଧି ନିବାରିତ ହୁଏ । ୪—ପ୍ରତିଦିନ ଥଣ୍ଡା ପାଣିରେ କୁଳୁକୁଞ୍ଚା କରି ସେହି ଜଳ ଆଖିରେ ପକାଇଲେ କେବେହେଲେ କୌଣସି ପ୍ରକାର ଚକ୍ଷୁରୋଗ ଆକ୍ରମଣ କରେନାହିଁ । **ଉଷାପାନ**—ରାତିରେ ନିଦ୍ରା କରିବା ପୂର୍ବେ ଗୋଟିଏ ସୁନା ପାତ୍ରରେ ଅଥବା ରୁପା, କଂସା, ଅୟସ୍କାନ୍ତ କିମ୍ବା ମୃତ୍ତିକା ପାତ୍ରରେ ନିର୍ମଳ ଜଳ ରଖି ଏହି ଜଳକୁ ସୂର୍ଯ୍ୟୋଦୟ ପୂର୍ବରୁ ନିୟମିତ ଭାବରେ ପାନ କଲେ ବାତ, ପିତ୍ତ ଓ କଫର ପ୍ରକୋପ, କାସ, ଶ୍ୱାସ, ଅତିସାର, ହୃଦ୍ରୋଗ, କ୍ଷୟ, ଅଶ୍ମରୀ, ଗ୍ରହଣୀ, ବହୁମୂତ୍ର, ଶୂଳ, ବିସୂଚୀ, ପ୍ଲୀହା, ଗୁଳ୍ମ, କୁଷ୍ଠ, ବିସର୍ପ, ମୂର୍ଚ୍ଛା, ପାଣ୍ଡୁ, ଅପସ୍ମାର, ହଲୀମକ, ବିଷମଜ୍ୱର ଅଗ୍ନିମାନ୍ଦ୍ୟ, ବସ୍ତିଶୂଳ, ପ୍ରମେହ, ଭଗନ୍ଦର, ଶ୍ୱେତକୁଷ୍ଠ, ଗଳରୋଗ, ଶିରୋରୋଗ ଏବଂ କର୍ଣ୍ଣ, ନାସିକା ଓ ନେତ୍ରସମ୍ବନ୍ଧୀ ଯାବତୀୟ ବିକାର ବିନଷ୍ଟ ହୁଏ । ଆୟୁ, ଆରୋଗ୍ୟ, ସନ୍ତୋଷ, ଓ ବଳବୀର୍ଯ୍ୟ ବୃଦ୍ଧି ହୁଏ । ଏହା ସମସ୍ତ ରୋଗ ନାଶକ ଓ ରସାୟନ । ଉଷାପାନ କରିବା ପୂର୍ବରୁ ହାତ ପାଦ ଧୋଇ ପ୍ରଥମେ ତିନିଅଞ୍ଜୁଳା ଠାରୁ ଆରମ୍ଭ କରି କ୍ରମଶଃ ଉଦର ବଳ ଅନୁସାରେ ଜଳପାନ କରିବ । ଏକବର୍ଷ ପର୍ଯ୍ୟନ୍ତ ଏହି ନିୟମରେ ଜଳପାନ କଲେ ସମସ୍ତ ରୋଗ ବିନଷ୍ଟ ହୁଏ । ଉଷାପାନ କରିବା ବ୍ୟକ୍ତି ଚା କିମ୍ବା କାଫୀ ସେବନ କରିବେ ନାହିଁ ଏବଂ ଅପଥ୍ୟ ଆହାର ବିହାର ପରିତ୍ୟାଗ କରିବ । ପୂର୍ବୋକ୍ତ ସମୟରେ ନାସିକା ଦ୍ୱାରା ତିନିବିନ୍ଦୁ ଠାରୁ ଆରମ୍ଭ କରି କ୍ରମଶଃ ମାତ୍ରା ବଢ଼ାଇ ଏକ ଛଟାକ ପର୍ଯ୍ୟନ୍ତ ଜଳପାନ କଲେ ମସ୍ତିଷ୍କ ଶକ୍ତି ବୃଦ୍ଧି ହୁଏ ଏବଂ ନାକ, ଓଷ୍ଠ, ନାସା, କର୍ଣ୍ଣ ଓ ଶିରୋରୋଗ ବିନଷ୍ଟ ହୁଏ । ବାର୍ଦ୍ଧକ୍ୟ ଦୂରହୁଏ ଏବଂ ଦୃଷ୍ଟିଶକ୍ତି, ସ୍ମରଣଶକ୍ତି ଓ ପରମାୟୁ ବୃଦ୍ଧି ହୁଏ । ●

**୩୯୯—ଜଳକଳୀଶାକ— Jussieua repens.**

ଏହାର ସଂସ୍କୃତ ପର୍ଯ୍ୟାୟ—କଞ୍ଚଟ, ଜଳତ୍ରୁଣ୍ଡୀଲିଙ୍ଗ, ଶାକଶୀ ଶକୁଳାଦନୀ । ଏହାକୁ ବଙ୍ଗଳାରେ କେଶରଦାମ, ହିନ୍ଦୀରେ କଲଶୈଁଙ୍କ ଏବଂ ତେଲୁଗୁରେ କୁଞ୍ଚୋଗ ବୋଲନ୍ତି । ଏହା ବନ ଓ ପୁଷ୍କରିଣୀରେ ଜାତହୁଏ, ଏହାର ପତ୍ର ସ୍ନିଗ୍ଧ ଶାଗୁଆରଙ୍ଗ ଏବଂ ଫୁଲ ପୀତବର୍ଣ୍ଣ । ଏହି ଶାକ ମାନଙ୍କରୁ ରୋଗ ବାହାରେ । ଏହାର ସମୂଳ ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ରସ—ତିକ୍ତ, ଶୀତଳ

● ଜଳର ଅନ୍ୟାନ୍ୟ ଗୁଣ ଓ ପ୍ରୟୋଗ ସମ୍ବନ୍ଧେ ମତ୍ପ୍ରଣୀତ ରସାୟନ ରହସ୍ୟର ଜଳୀୟ ରସାୟନ ପ୍ରକରଣ ଦେଖ ।

[illegible] ସେବନ କଲେ ପିତ୍ତ, ରକ୍ତ ଓ ବାତର [illegible] ହୁଏ ଏବଂ ମଳରୋଧ ହୁଏ । ଚିକିତ୍ସାରେ ଏହାର ପ୍ରୟୋଗ ଯଥା—ଗ୍ରହଣୀରୋଗରେ—୧-ଜାମ, ଡ଼ାଳିମ୍ବ, ଶିଳ୍ପୀ ଓ ଜଳଜଳୀର ପତ୍ରକୁ ସମ୍ପୂର୍ଣ୍ଣ କରି ସଜାଇ ତାର ଉପରେ ଗୋଟିଏ କଞ୍ଚା ବେଲ୍‌ରଖି ଉପଯୁକ୍ତ ଜଳଦେଇ ପାକ କରିବ । ସିଝିଗଲେ ବେଲର ସମାନ ଭାଗରେ ଗୁଡ଼ମିଶାଇ ଅଳ୍ପ ଶୁଣ୍ଠୀଚୂର୍ଣ୍ଣ ଭନ୍ଧରେ ଯୋଗ କରି ଖାଇବ । ପରେ ସେହିଜଳରେ ବେଲ ସିଝା ହୋଇଥିବ, ସେହିଜଳ ପାନକରିବ । ଏହା ଗ୍ରହଣୀ ରୋଗରେ ହିତକର । ମାତ୍ରା—ରସ ୧୦—୩୦ ଗ୍ରାମ, କ୍ୱାଥ ୪୦—୮୦ ଗ୍ରାମ ।

୪୦୦-ଜଉଖାର—ଯବକ୍ଷାର ଦେଖ ।

୪୦୧-ଜହ୍ନା—Zea maize. ଏହାର ସଂସ୍କୃତ ନାମ—ଯାବନାଳ, ବୃହଦ୍‌ଗ୍ରେଣୁଲ ଓ ଇକ୍ଷୁପତ୍ର । ଏହାକୁ ବଙ୍ଗଳାରେ ଜନାର ବା ଜୁଆର, ହିନ୍ଦୀରେ ଭୁଟ୍ଟାଓଁମକଇ ଏବଂ ତେଲୁଗୁରେ ମକ୍‌କା ଓ ଜୋନଲ୍ ବୋଲନ୍ତି । ଜହ୍ନା ମଧୁର, ଗୁରୁପାକ, ରୁଚିକର, ବଳକାରକ, ବୀର୍ଯ୍ୟବର୍ଦ୍ଧକ ଓ ତ୍ରିଦୋଷନାଶକ । ଏହା ଅର୍ଶ, ଗୁଳ୍ମ, ବ୍ରଣ ଓ ଯକ୍ଷ୍ମାରୋଗରେ ହିତକର । କଞ୍ଚା ଜହ୍ନାକୁ ନିଆଁରେ ପୋଡ଼ି ତହିଁରେ ତେଲ, ଲୁଣ ଓ ମରିଚ ଗୁଣ୍ଡା ମାରି ଲୋକେ ଖାଆନ୍ତି ଏବଂ ଶୁଖିଲା ଜହ୍ନାକୁ ଭଜା ଲିଆ କରି ଖାଆନ୍ତି । ପଶ୍ଚିମ ଦେଶର ଲୋକେ ଜହ୍ନାକୁ ଚୂନାକରି ତହିଁରେ ରୋଟି ପ୍ରସ୍ତୁତକରି ଆହାର କରନ୍ତି । ଜହ୍ନାଗୁଡ଼—ଜହ୍ନାଗଛର ରସରେ ଏକପ୍ରକାର ଗୁଡ଼ ପ୍ରସ୍ତୁତ ହୁଏ । ଏହି ଗୁଡ଼ ମଧୁର, କଟୁରସ, କ୍ଷାରଗୁଣଯୁକ୍ତ, ପିତ୍ତ-ବର୍ଦ୍ଧକ, କଫବାତବର୍ଦ୍ଧକ ଏବଂ କଟୁ ବ୍ୟବହାର ରକ୍ତଦାହ ନାଶକ, ବଳ୍ୟ ଓ ରୁଚିକାରକ । ଜହ୍ନାଚନ—ଏହା ଜହ୍ନାର ଚୂନରେ ପ୍ରସ୍ତୁତ କରାଯାଏ । ଏହା ମଧୁର, ତିକ୍ତ, ଉଷ୍ଣ, ପିଚ୍ଛିଳ, ପାଚକ, ରୁଚିକର, ବାତନାଶକ, ରକ୍ତଜନକ ଓ ଦାହକାରକ ।

୪୦୨-ଜହ୍ନୀଗଛ—Luffa Acutangula. ଜହ୍ନୀର ସଂସ୍କୃତ ପର୍ଯ୍ୟାୟ—ଧାମାର୍ଗବ, କୋଷାତକୀ, ଜ୍ୟୋତ୍ସ୍ନୀ, ସ୍ୱାଦୁଫଳା, ସୁପୁଷ୍ପା ଓ ସ୍ୱାଦୁଫଳା । ଜହ୍ନୀକୁ ବଙ୍ଗଳାରେ ଝିଙ୍ଗା ଏବଂ ତେଲୁଗୁରେ ବିରକାୟ୍‌ଲୁ ବୋଲନ୍ତି । ଏହାର ସମୂଳ ପଞ୍ଚରସ କଟୁ, କଷାୟ, ମଧୁର, ଶୀତଳ, ତ୍ରିଦୋଷନାଶକ ଏବଂ ମଳରୋଧ ଓ ଅଧ୍ମାନର ଶାନ୍ତିକାରକ । ଏହା କଫ, ପିତ୍ତ, ଶୋଥ ଓ ରକ୍ତଦୋଷ ହରଣକରେ । ଜହ୍ନୀଫଳ—ଏହା ବାତପିତ୍ତ, କୁଷ୍ଠ, ମେହ, ଯକ୍ଷ୍ମ, ଶ୍ୱାସ, କାସ, ଅରୁଚି, ରକ୍ତମୂତ୍ର ଓ ପିତ୍ତଜ୍ୱରରେ ପଥ୍ୟ । ମାତ୍ରା—ପଞ୍ଚରସ ୧—୩ ଗ୍ରାମ ।

୪୦୩-ଜାଙ୍ଗୀକ୍ଷରା—ହରିଡ଼ା ଦେଖ ।

୪୦୪-ଜାଇପତ୍ରୀ—Flowers of Myristica officinalis. ଏହା ଏକପ୍ରକାର ଫୁଲ । ଏହାର ଫଳକୁ ଜାଇଫଳ ବୋଲନ୍ତି । ଏହାର ସଂସ୍କୃତ ପର୍ଯ୍ୟାୟ—ଜାତିପତ୍ରୀ, ଜାତିକୋଷୀ ଓ ମଳନାଶନୀ । ଏହାକୁ ବଙ୍ଗଳାରେ ଜୈତ୍ରୀ, ହିନ୍ଦୀରେ ଜାବିତ୍ରୀ ଏବଂ ତେଲୁଗୁରେ ଜାପତ୍ରୀ ବୋଲନ୍ତି । ଜାଇପତ୍ରୀ କଟୁ, ତିକ୍ତ, ମଧୁର, ସୁଗନ୍ଧି, ଉଷ୍ଣବୀର୍ଯ୍ୟ, ଲଘୁପାକ, ରୁଚିକର ଓ ବର୍ଣ୍ଣର ଉତ୍କର୍ଷ-କାରକ । ଏହା ସେବନ କଲେ କଫ, କାସ, ବାନ୍ତି, ଶ୍ୱାସ, ତୃଷ୍ଣା, କୃମି, ବିଷ, ଶୂଳ, ହୃଦ୍‌ରୋଗ, ମୂତ୍ର ଦୋଷ ଓ ଅତିସାର ନିବାରିତ ହୁଏ, ମୁଖର ଜଡ଼ତା ଓ ଦୌର୍ଗନ୍ଧ୍ୟ ବିନଷ୍ଟ ହୁଏ । ଜାଇପତ୍ରୀ ବୀର୍ଯ୍ୟକୁ ସ୍ତମ୍ଭନ କରେ, ଲିଙ୍ଗକୁ ଦୃଢ଼କରେ ଏବଂ ଧୀଶକ୍ତି ଓ ସନ୍ତୋଷ ପ୍ରଦାନ କରେ । ଜାଇପତ୍ରୀର ଚୂର୍ଣ୍ଣ ସେବନ କଲେ ସ୍ତ୍ରୀମାନଙ୍କର ଦୂଷିତ ଋତୁରକ୍ତ ବହିର୍ଗତ ହୁଏ, ଏବଂ ଅନ୍ତ୍ରଦାରୋଗୀମାନଙ୍କର ହିତ ହୁଏ । ବାତଶୋଥ ଓ ଜ୍ୱରରୋଗରେ ମଧ୍ୟ ଏହା ପ୍ରୟୋଗ କରାଯାଏ । ଜାଇପତ୍ରୀ ଦୈହିକ ସ୍ରୋତମାନଙ୍କର ଶକ୍ତି କାରକ । ଜାଇପତ୍ରୀତେଲ—ଏହା ବଳକାରକ, ବୀର୍ଯ୍ୟ-ବର୍ଦ୍ଧକ, ମତ୍ତତା ଜନକ ଓ ବାଜୀକରଣ । ବାତଶୂଳ ରୋଗରେ ଓ ପିତ୍ତ ରୋଗରେ ଜାଇପତ୍ରୀର ତେଲ ଉପକାର କରେ । ମାତ୍ରା ଚୂର୍ଣ୍ଣ ଅଧ—୨ ଗ୍ରାମ, କ୍ୱାଥ ୨୦-୪୦ ଗ୍ରାମ ।

୪୦୫-ଜାଇଫଳ—Myristica officinalis. ଜାଇପତ୍ରୀର ଫଳକୁ ଜାଇଫଳ ବୋଲନ୍ତି । ଏହାର ସଂସ୍କୃତ ପର୍ଯ୍ୟାୟ—ଜାତିଫଳ, ଜାତିକୋଷ, ମାଳତୀଫଳ ଓ ମଜ୍ଜସାର । ଏହାକୁ ବଙ୍ଗଳାରେ ଓ ହିନ୍ଦୀରେ ଜାୟଫଳ ଏବଂ ତେଲୁଗୁରେ ଜାଜିକାୟ୍‌ଲୁ ବୋଲନ୍ତି । ଜାଇଫଳଗଛର ପତ୍ର, ଫୁଲ, (ଜାଇପତ୍ରୀ) ମୂଳ ଓ ଫଳ (ଜାଇଫଳ) ଏବଂ ଏଥିରୁ ବାହାରିବା ତେଲ ଔଷଧାର୍ଥରେ ବ୍ୟବହୃତ ହୁଏ । ଜାଇଫଳପତ୍ର—ଏହାର ରସ ତିକ୍ତ ଏବଂ ଶୀତଳ । ଏହା ସେବନ କଲେ, ବାତ ପିତ୍ତ, କଫ, ରକ୍ତ, କାସ, ମୁଖରୋଗ, ଦନ୍ତରୋଗ ଓ ଶିରୋରୋଗ ବିନଷ୍ଟ ହୁଏ । ୧—ହଣାଘା'ରେ ଏହି ପତ୍ରର ରସ ସେଚନ କଲେ ବ୍ରଣ ଶୁଖିଯାଏ । ୨—ଏହି ପତ୍ରକୁ ମୁଣ୍ଡରେ ବାନ୍ଧିଲେ ମୁଣ୍ଡବ୍ୟଥା ଶାନ୍ତହୁଏ । ଯେ କୌଣସି ବ୍ରଣଗୁଡ଼ିକର ଉପରେ ଜାଇଫଳର ପତ୍ରକୁ ଆଚ୍ଛାଦନ କଲେ ତାହା ଉପଶମ ହୋଇ ଶୁଖିଯାଏ । ଜାଇଫଳର ମୂଳ—ମଧ୍ୟ ପୂର୍ବୋକ୍ତ ସମସ୍ତ ରୋଗରେ ବ୍ୟବହାର କରାଯାଏ ।

ଜାଇଫଳଗଛର ଛାଲ—ଧାରକ, ଏହା ଅତିସାର ପ୍ରଶମନାର୍ଥ ବ୍ୟବହୃତ ହୁଏ । ଜାଇଫଳ—୧-ଏହା କଟୁ, ତିକ୍ତ, କଷାୟ, ଉଷ୍ଣ, ତୀକ୍ଷ୍ଣ ଓ ଲଘୁ । ଏହାର ଚୂର୍ଣ୍ଣ ସେବନ କଲେ ବାତ, କଫ, ତୃଷା, ବାନ୍ତି, ଗ୍ରହଣୀ, ଜ୍ୱରାତି-ସାର, ଅରୁଚି, ଶ୍ୱାସ, ଶୂଳ, ପ୍ରମେହ, କୃମି, ମୁଖଦୌର୍ଗନ୍ଧ୍ୟ, କଣ୍ଠରୋଗ, ଶୋଥ ଓ ପାର୍ଶ୍ୱବାତ ବିନଷ୍ଟ ହୁଏ । ୨—ଏହା ଗର୍ଭସ୍ତମ୍ଭକ, ରତିଶକ୍ତିବର୍ଦ୍ଧକ, ମତ୍ତତାଜନକ, ମଳରୋଧକ, ରକ୍ତପୋଷକ ଏବଂ ଲିଙ୍ଗର କ୍ଷୀଣତା ଓ ଦୌର୍ବଲ୍ୟ ନାଶକ । ୩-ପାଣ୍ଡୁରୋଗ, ଅତିସାର ଓ ବାନ୍ତି ନିବାରଣାର୍ଥେ ଏହା ପ୍ରୟୋଗ କରାଯାଏ । ୪-ଜାଇଫଳକୁ ଘିଅରେ ଭାଜି ଆପୁ ମିଶାଇ ଖାଇଲେ ଅତିସାର ଓ ରକ୍ତାତିସାର ବନ୍ଦହୁଏ । ୫—ଜାଇଫଳକୁ ଘୋରି ଲଲାଟରେ ଲେପନ କଲେ ମୁଣ୍ଡବ୍ୟଥା, ପାର୍ଶ୍ୱରେ ଲେପନ କଲେ ପକ୍ଷାଘାତ, ଚକ୍ଷୁର ପତାରେ ଲେପନ କଲେ ଦୃଷ୍ଟି ଦୌର୍ବଲ୍ୟ, ଗାଲରେ ଲେପନ କଲେ ଗାଲୁଆ ଏବଂ କାଳାରେ ଲେପନ କଲେ ଅତିଶୀଘ୍ର ତାହା ବିଲୀନ ହୁଏ । ଜାଇଫଳରଚୂର୍ଣ୍ଣ ସେବନ କଲେ ଅନିଦ୍ରା ରୋଗିର ନିଦ୍ରା ହୁଏ । ୬—ଜାଇଫଳର ଚୂର୍ଣ୍ଣକୁ ଜଡ଼ାତେଲରେ ମିଶାଇ ପେଟରେ ମର୍ଦ୍ଦନ କଲେ ବିସୂଚୀ ରୋଗ ଜନିତ କୋଷ୍ଠର କାଠିଣ୍ୟତା ଦୂରହୁଏ । ୭—ଜାଇଫଳକୁ ଘୋରି ଆଖିରେ ପକାଇଲେ ଚକ୍ଷୁଶୂଳ ଏବଂ କାନରେ ପକାଇଲେ କାନଛଣା ବନ୍ଦହୁଏ । ଜାଇଫଳର ଚୂର୍ଣ୍ଣ ଘିଅ ଓ ମଧୁ ସହିତ ମିଶାଇ ବାଳକମାନଙ୍କର ଅତିସାର ରୋଗରେ ଦିଆଯାଏ । **ଜାଇଫଳତୈଳ**—ଏହା କଟୁ, ତିକ୍ତ, କଷାୟ ଓ ଉଷ୍ଣ । ଏହା ସେବନ କଲେ ପୁରାତନ ଅତିସାର, ଆଧ୍ମାନ, ଆକ୍ଷେପ, ଶୂଳ, ଆମବାତ, ଦୌର୍ବଲ୍ୟ, ଅଗ୍ନିମାନ୍ଦ୍ୟ ଓ ଦନ୍ତରୋଗର କ୍ଷତ ବିନଷ୍ଟ ହୁଏ । ୮—ଏହି ତୈଳକୁ ସୋରିଷତେଲ ସହିତ ମିଶାଇ ବାତବେଦନାକ୍ରାନ୍ତ ଅଙ୍ଗରେ ମର୍ଦ୍ଦନ କଲେ ବିଶେଷ ଉପକାର ହୁଏ । ଜାଇଫଳ କିମ୍ବା ଏହାର ତେଲକୁ ଅଧିକ ମାତ୍ରାରେ ସେବନ କଲେ ଉନ୍ମାଦ, ତନ୍ଦ୍ରା, ଅଳସ୍ୟ ଓ ପ୍ରାଣହାନି ହୁଏ । ବୈଦ୍ୟଶାସ୍ତ୍ରରେ ଜାଇଫଳର ବ୍ୟବହାର ଯଥା—ତୃଷ୍ଣା ଓ ଉତ୍କ୍ଲେଶରୋଗ—ଜାଇଫଳର ଶୀତ କଷାୟ ତୃଷା ଓ ବାନ୍ତିବେଗ ନିବାରଣ କରେ । (ଚରକ) । **ଦାଂଗ ଓ ମାଳିକାରୋଗ**—୧୦-ମୁହଁରେ କଳା ୨ ଚିହ୍ନ ଦେଖାଗଲେ ଜାଇଫଳକୁ ଘୋରି ତହିଁରେ ଲେପନ କରିବ । (ଭାବପ୍ରକାଶ) । **ଶ୍ଳୀପଦରୋଗ**—୧୧-ଜାଇଫଳକୁ ବାଟି ଲେପନ କଲେ (ଶ୍ଳୀପଦ) ଗୋଡ଼ଫଟା ଭଲହୁଏ । ମାତ୍ରା—ପତ୍ରରସ ୧୦—୩୦ ଗ୍ରାମ, ମୂଳର କ୍ୱାଥ ୨୦—୫୦ ଗ୍ରାମ, ଫୁଲର ଚୂର୍ଣ୍ଣ ଅର୍ଦ୍ଧ—୨ ଗ୍ରାମ, ତୈଳ ୫—୧୫ ଟୋପା ।

**ଜାତିଫଳାସବ**—ଏକଭାଗ ଜାଇଫଳ ଚୂର୍ଣ୍ଣରେ ମଦ୍ୟସାର (ରେକ୍ଟିଫାଇଡ୍‌ସ୍ପିରିଟ) ପାଞ୍ଚଭାଗ ମିଶାଇ ବୋତଲରେ ଭରତି କରି ମଜବୁତ କାର୍କ ଲଗାଇ ସାତଦିନ ରଖିବ, ପରେ ଭଲ ରୂପରେ ଛାଣି ବ୍ୟବହାର କରିବ । ଅଥବା ଏକ ଭାଗ ଜାଇଫଳ ତେଲରେ ଦଶଗୁଣ ମଦ୍ୟସାର ମିଶାଇ, ପନ୍ଦର ଦିନ ପର୍ଯ୍ୟନ୍ତ ବୋତଲରେ ଭରତି କରି କାର୍କ ଲଗାଇ ରଖି ପରେ ବ୍ୟବହାର କରିବ । ମାତ୍ରା—ଚୂର୍ଣ୍ଣାସବ ୩୦—୬୦ ବିନ୍ଦୁ, ତୈଳାସବ—୧୦—୩୦ ବିନ୍ଦୁ । ଏହା ସ୍ଥାନିକ ଅଥବା ସର୍ବାଙ୍ଗ ଉତ୍ତେଜକ । ଆମାଶୟ ଏବଂ ଗ୍ରହଣୀ ଆମାଶୟର ପାଚକ ଓ ଗ୍ରାହୀ । ଅତିସାର, ବମନ, ବିସୂଚିକା ରୋଗର ପରୀକ୍ଷିତ ଔଷଧ । ("ବୈଦ୍ୟ" ମାସିକ ପତ୍ରିକା)

**୪୦୬—ଜାଇଫୁଲ**—Jasminum Grandifflorum ଏହାର ସଂସ୍କୃତ ପର୍ଯ୍ୟାୟ—ଜାତି, ସୁମନା ଓ ମନୋହରା । ଏହାକୁ ବଙ୍ଗଳାରେ ଚମେଲୀଫୁଲ ଏବଂ ହିନ୍ଦୀରେ ଚମେଲି ବୋଲନ୍ତି । ଏହି ଗଛର ପତ୍ର ଓ ଫୁଲ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ପତ୍ରରସ, ତିକ୍ତ, ଓ ଧାରକ । ଏହା କଫରୋଗ, ଶିରୋରୋଗ, ମୁଖରୋଗ, ଦନ୍ତରୋଗ, ବିଷ, କୁଷ୍ଠ, ବାତ ଓ ରକ୍ତଦୋଷ ହରଣ କରେ । ଜାଇଫୁଲଗଛର ପତ୍ର ଚର୍ବଣ କଲେ ମୁଖକ୍ଷତ ବିନଷ୍ଟ ହୁଏ । ୧—ଏହି ପତ୍ର ରସରେ ତୈଳ ପାକକରି ସେହି ତୈଳ କର୍ଣ୍ଣରେ ପୂରଣ କଲେ କର୍ଣ୍ଣରୁ ଜଳସ୍ରାବ ଓ ପୂଯସ୍ରାବ ନିବାରିତ ହୁଏ । ୨—ଯୋନିର ନିକଟ ପ୍ରଦେଶରେ କିମ୍ବା କକ୍ଷୀ ପ୍ରଦେଶରେ ଜାଇଫୁଲ ଓ ତାର ପତ୍ର ବାଟି ଲେପନ କଲେ ଋତୁବେଦନା ପ୍ରଶମିତ ହୋଇ ସୁଖରେ ଋତୁରକ୍ତ ବହିର୍ଗତ ହୁଏ ଏବଂ ରତିସ୍ପୃହା ବର୍ଦ୍ଧିତ ହୁଏ । ବୈଦ୍ୟଶାସ୍ତ୍ରରେ ଜାଇଫୁଲ ଗଛର ବ୍ୟବହାର ଯଥା—**ପୂତିକର୍ଣ୍ଣ**—୩—ଜାଇଫୁଲ ଗଛର ପତ୍ରର ରସରେ ତୈଳ ପାକ କରି ଏହି ତୈଳ କାନରେ ବିନ୍ଦୁ ୨ କରି ପକାଇଲେ କାନପଚ୍ଚ ଭଲହୁଏ । (ଭାବପ୍ରକାଶ) । **ମୁଖପାକ**—୪-ଜାଇଫୁଲର ପତ୍ର ଚର୍ବଣ କଲେ ମୁଖକ୍ଷତ ଆରାମ ହୁଏ । (ଭାବପ୍ରକାଶ) । **ମୂତ୍ରକୃଚ୍ଛ୍ର ଓ ବେଦନା ପ୍ରଶମନାର୍ଥେ**—୫—ଚୈଳୀଦୁଧରେ ଜାଇଫୁଲ ଗଛର ମୂଳ ବାଟି ପାନ କଲେ ମୂତ୍ରର ଜ୍ୱାଳା ଓ ବେଦନା ନିବାରିତ ହୁଏ । ମାତ୍ରା—ପତ୍ରରସ ୨୦—୪୦ ଗ୍ରାମ ।

**୪୦୭—ଜାଲକକାମାକ୍ଷୀ**—ମାଛରଙ୍କା ଦେଖ ।

**୪୦୮—ଜାମକୋଳିଗଛ**—Ugenia Jambolana. ଏହାର ସଂସ୍କୃତ ପର୍ଯ୍ୟାୟ—ଜମ୍ବୁ, ସୁରଭିପତ୍ରା, ନୀଳଫଳା ଓ ଶ୍ୟାମଳା । ଏହାକୁ ବଙ୍ଗଳାରେ ଜାମ, ହିନ୍ଦୀରେ ଜାମୁନ ଏବଂ ତେଲୁଗୁରେ ନେରୁଡ଼ିଚେଟ୍ଟୁ ବୋଲନ୍ତି । ଜାମ ଦ୍ୱିବିଧପ୍ରକାର

ଯଥା—ବଡ଼ଜାମ, ... ଓ କ୍ଷୁଦ୍ରଜାମ (କୁଳିଜାମ) ଏହି ତିନି ପ୍ରକାର । ଏହାର ... ଓ ଫଳ ଔଷଧାର୍ଥରେ ବ୍ୟବହୃତ ହୁଏ । ... ୧—ଜାମପତ୍ରର ରସ କଷାୟ ଓ ଶୀତଳ । ଏହା ... ଏବଂ କଫ, କାସ, କୃମି, ଶ୍ୱାସ, ... କର୍ଣ୍ଣଶୋଷ ଓ ଅତିସାର ରୋଗରେ ... ୨-ଜାମପତ୍ର ରସରେ ଛେଳୀଦୁଧ ମିଶାଇ ... ନିବାରିତ ହୁଏ । ୨—ଜାମ ପତ୍ର ... ଓ ଦନ୍ତ ଶୈଥିଲ୍ୟ ହରଣ କରେ । ... ଜାମପତ୍ର ବାଟି ... ହୁଏ । ୪-ଜାମ ପତ୍ରର ପ୍ରଲେପ କରନ୍ତି ଓ ... ଶୋଧନ କରେ । ୫-ଜାମପତ୍ରକୁ ଶୁଖାଇ ଚୂର୍ଣ୍ଣ କରି ... ଦାନ୍ତ ଘସିଲେ ଶିଥିଳ ଦନ୍ତ ଦୃଢ଼ହୁଏ । **ଜାମଛାଲି**—ଏହାର କ୍ୱାଥ କଷାୟ ଓ ଶୀତଳ । ୬-ଏହାର କ୍ୱାଥରେ ... ଓ ଗୁଡ଼ତ୍ୱକ୍ ଚୂର୍ଣ୍ଣ ପ୍ରକ୍ଷେପ କରି ସେବନ କଲେ ଅତିସାର, ରକ୍ତାତିସାର, ଓ ଗ୍ରହଣୀ ରୋଗ ନିବାରିତ ହୁଏ ଏବଂ ଗଳକ୍ଷତ ପ୍ରଶମିତ ହୁଏ । ୭-ଜାମଛାଲ ଓ ବକୁଲଛାଲର କ୍ୱାଥ ପାନକଲେ ଦନ୍ତ ମାଂସରୁ ଜଳସ୍ରାବ, ମୁଖକ୍ଷତ ଓ ଜିହ୍ୱାର ... ନଷ୍ଟ ହୁଏ । ୮—ଜାମଛାଲର କ୍ୱାଥରେ ଘା'କୁ ଧୋଇଲେ ଘା' ଶୁଖିଯାଏ । **ଜାମକୋଳି**—ଏହା ମଧୁର, ଅମ୍ଳ କଷାୟ ଓ ଶୀତଳ । ଏହା ଦାହ, ଶ୍ରମ, ମୁଖର ଜଡ଼ତା, ଦୁର୍ଗନ୍ଧ, ... ଅତିସାର, ଶ୍ୱାସ, ତୃଷା ଓ କଫରୋଗ ହରଣ କରେ ଏବଂ ... କରେ । ଜାମକୋଳିର ସିରପ ❁ ପାଚକ, ... ଓ ମୂତ୍ରକାରକ । **ଜାମକୋଳିମଞ୍ଜୀ**—୯-ଜାମ-କୋଳି ମଞ୍ଜୀ ଓ ଆମ୍ବ କୋଇଲି ଏକାଠେ ସମାନ ଭାଗରେ ଚୂର୍ଣ୍ଣ କରି ସେବନ କଲେ ଅତିସାର ଓ ରକ୍ତାତିସାର ବିନଷ୍ଟ ହୁଏ । ୧୦-ଜାମକୋଳି ମଞ୍ଜୀର ଚୂର୍ଣ୍ଣ ବହୁମୂତ୍ର ଓ ମଧୁମେହ ରୋଗରେ ବିଶେଷ ଫଳପ୍ରଦ । ୧୧-କଷ୍ଟମଞ୍ଜୀ ଖାଇ ... ଜାମକୋଳି ମଞ୍ଜୀର ଚୂର୍ଣ୍ଣ ଦଶ ଗ୍ରାମ ପରିମାଣରେ ... ସେବନ କରାଇବ । **ଜାମକୋଳିଭସ୍ମପାଣି**—୧୨-... ଲୁହାପତ୍ର ପାଣି ବାହାର କରାଯାଏ, ସେହିପରି ଜାମକୋଳିରୁ ପାଣି ବାହାର କରି ପାନକଲେ ପ୍ରମେହ, ରକ୍ତପିତ୍ତ, ଅତିସାର ଓ ରକ୍ତାତିସାର ପ୍ରଶମିତ ହୁଏ । ଏହାର ମାତ୍ରା— ୫୦—୧୫୦ ଗ୍ରାମ । ବୈଦ୍ୟଶାସ୍ତ୍ରରେ ଜାମକୋଳି ଗଛର ବ୍ୟବହାର ଯଥା—ସ୍ତମ୍ଭାଧ୍ୟାୟରେ—ବାତବର୍ଦ୍ଧକ ଦ୍ରବ୍ୟ ମଧ୍ୟରେ ଜାମକୋଳି ଶ୍ରେଷ୍ଠ । (ଚରକ) । **ଭୃଣନଷ୍ଟଘାଣାଶେଁ** ୧୩—ଜାମକୋଳି ଛାଲକୁ ଶୁଖାଇ ଉତ୍ତମ ରୂପେ ଚୂର୍ଣ୍ଣ କରି ଏହି ଚୂର୍ଣ୍ଣ ଘା'ରେ ପକାଇଲେ ଘା'ରେ ଅତିଶୀଘ୍ର ନୂତନ ମାଂସାଙ୍କୁର ଉଦ୍‌ଗତ ହୁଏ । (ଚରକ) । **ହିଉଡ଼ବନ୍ଦରେ** ୧୪-ଜାମପତ୍ର ଓ ଅମ୍ବପତ୍ରର କ୍ୱାଥ ପ୍ରସ୍ତୁତ କରି ଶୀତଳ ହେଲେ ଏଥିରେ ମହୁ ମିଶାଇ ପିଇଲେ ପିତ୍ତଜ ବାନ୍ତି ଶାନ୍ତି ହୁଏ । ( ଚରକ ) । **ରକ୍ତାତିସାରରେ**—୧୫—ଜାମଗୁଳିକୁ ଉତ୍ତମ ରୂପେ କାଟି ଛେଳି ଦୁଧରେ ମିଶାଇବ । ଏଥିରେ ମହୁ ଯୋଗକରି ପାନକଲେ ରକ୍ତସ୍ରାବ ବନ୍ଦହୁଏ । (ଚକ୍ରଦତ୍ତ) । **ବାଳକଗ୍ରହଣୀରୋଗରେ**—୧୬-ଜାମପତ୍ର ରସରେ ଛେଳୀଦୁଧ ମିଶାଇ ବାଳକମାନଙ୍କୁ ପିଆଇଲେ ସେମାନଙ୍କର ଗ୍ରହଣୀରୋଗ ପ୍ରଶମିତ ହୁଏ । ମାତ୍ରା ପତ୍ରରସ ୧୦ — ୨୦ ଗ୍ରାମ, କ୍ୱାଥ— ୪୦-୬୦ ଗ୍ରାମ, ବୀଜଚୂର୍ଣ୍ଣ ଅଧ—୨ ଗ୍ରାମ । **ଜମ୍ବ୍ୱାସବ**— ଜାମକୋଳି ଗଛର ଛାଲ ୫ କେଜି, ବାବୁଲ ଛାଲ ଅଢ଼ାଇକେଜି, ଖଇର ଛାଲ ଅଢ଼ାଇ କେଜି, ଏହି ସମସ୍ତ ଦ୍ରବ୍ୟକୁ କୁଟି, ୫୨ କେଜି ଜଳରେ କ୍ୱାଥ ପ୍ରସ୍ତୁତ କରି, ୧୩ କେଜି ଅବଶେଷ ରଖି ଓହ୍ଲାଇ ଛାଣି ଥଣ୍ଡା ହେବା ପରେ, ସେଥିରେ ୧୦କେଜି ମହୁ, ଧାତୁକୀଫୁଲ ୬୫୦ ଗ୍ରାମ, ଲୋଧ, ଶୁଣ୍ଠୀ, ମରିଚ, ପିପ୍‌ପଳୀ ପ୍ରତ୍ୟେକର ଚୂର୍ଣ୍ଣ ୪୦ ଗ୍ରାମ । ଏହି ସମସ୍ତ ଦ୍ରବ୍ୟ ଏକାଠେ ଗୋଳି ଯଥାବିଧି ସନ୍ଧାନ କରି ଏକ ମାସ ରଖି ଛାଣି ବ୍ୟବହାର କରିବ । ମାତ୍ରା ଅଧ—୨ ଆଉନସ । ଅନୁପାନ ଜଳ । ବହୁମୂତ୍ର, ସ୍ତ୍ରୀମାନଙ୍କର ସୋମରୋଗ ଏବଂ ପ୍ରମେହ ଓ ମଧୁମେହ ନାଶକ । ("ଗ୍ରନ୍ଥକେଶ" ପତ୍ରିକା)

**୪୦୯—ଜାମିଗଛ— Psidium Guayava.**

ଏହାର ସଂସ୍କୃତ ନାମ—ପାରେବତ, ରୈବତ ଓ ଅରେବେତ । ଜାମିକୁ ବଙ୍ଗଳାରେ ଆମରୁଦ, ହିନ୍ଦୀରେ ପେୟାରା ଏବଂ ତେଲୁଗୁରେ ଜାମପାଣ୍ଡୁ ବୋଲନ୍ତି । କଟକ ଓ ପୁରୀଜିଲ୍ଲାର ଯୋଟେକେଲେକ ଜାମିକୁ ପିଜୁଳିଆ ବୋଲନ୍ତି । ଜାମିଗଛର ପତ୍ର ଛାଲ ଓ ଫଳ ଔଷଧାର୍ଥରେ ବ୍ୟବହୃତ ହୁଏ । **ଜାମିପତ୍ର** ୧—କଞ୍ଚା କମ୍ଳା ପାଚିଲା ଜାମିପତ୍ରର କଷାୟ—ପୁରାତନ ଅତିସାର, ଅଗ୍ନିମାନ୍ଦ୍ୟ ଓ ବହୁମୂତ୍ରୀ ହରଣକରେ । ୨—ଜାମି ପତ୍ରର କ୍ୱାଥରେ ବାରମ୍ବାର କୁଳୁକୁଞ୍ଚାକଲେ ଦନ୍ତଶୂଳ ଓ ଦନ୍ତମାଂସର ଶୋଥ ପ୍ରଶମିତ ହୁଏ । ୩—ଜାମିପତ୍ରର ରସ ପାନକଲେ ଗଞ୍ଜାର ସେବନ ଜନିତ ମତ୍ତତା ନିବାରିତ ହୁଏ । ୪—ଜାମିପତ୍ରର ପ୍ରଲେପ ଗୁଣରେ ବେଦନା ପ୍ରଶମନ କରେ । ୫—ଜାମିପତ୍ରକୁ ଶୁଖାଇ ଚୂର୍ଣ୍ଣକରି ଏହି ଚୂର୍ଣ୍ଣ ଘା'ରେ ପକାଇଲେ ଘା' ଶୁଖିଯାଏ । **ଜାମିଛାଲି**—୬-ଜାମିମୂଳର ଛାଲ ସଙ୍କୋଚକ । ଏହାର କଷାୟ ବାଳକମାନଙ୍କର ପୁରାତନ ଅତିସାର ରୋଗରେ ବିଶେଷ ଫଳପ୍ରଦ । ୭—ଜାମିଛାଲର

❁ ସିରପ ପ୍ରସ୍ତୁତ ପ୍ରଣାଳୀ—କଦଳୀ ଦେଖ ।

କ୍ୱାଥରେ କୁଳୁକୁଞ୍ଚା କଲେ ଦାନ୍ତମାଂସର ଫୁଲା ଛୁଟିଯାଏ । ଜାତିଫଳ—ଏହା ଶ୍ରେଷ୍ଠ, ବଡ଼ ଗୋଲ ଓ ଲମ୍ବା ଏବଂ ଧୋବ ଓ ହଳଦିଆ ଭେଦରେ ନାନାପ୍ରକାର ହୋଇଥାଏ । କଞ୍ଚା ଜାମି କଷାୟ ଓ ମଧୁର । ଏହାର କଷାୟ ଅତିସାର ନାଶକ, ପାଚିଲାଜାମି ମଧୁର, ବଳକାରକ, ମୂତ୍ର ପ୍ରବର୍ତ୍ତକ ବୀର୍ଯ୍ୟବର୍ଦ୍ଧକ ଓ ରୁଚିକର । ଏହା ତୃଷ୍ଣା, ମୂର୍ଚ୍ଛା, ଜ୍ୱର ଭ୍ରମ ଓ ଶୋଷ ହରଣକରେ, ମନରେ ପ୍ରଫୁଲ୍ଲତା ଉତ୍ପାଦନ କରେ ଏବଂ ହୃତ୍ପିଣ୍ଡକୁ ସବଳକରେ । ପାଚିଲାଜାମି ଖାଇଲେ ଝାଡ଼ା ପରିଷ୍କାର ହୁଏ କିନ୍ତୁ ପରେ କୋଷ୍ଠବଦ୍ଧ ହୁଏ । ୮-ରକ୍ତସ୍ରାବ ଓ ରକ୍ତାର୍ଶ ରୋଗରେ ଏବଂ ଅଶ୍ମରୀ ରୋଗରେ ପାଚିଲାଜାମି ହିତକର । ଜାମି ଅଧିକ ପରିମାଣରେ ଖାଇଲେ ପେଟରେ ବାୟୁ ବୃଦ୍ଧିହୁଏ, ପେଟ ଟାଣେ, ନାକରୁ ପାଣିବହେ, ପେଟ ପଥର ପରି ଆଣ୍ଟହୁଏ ଏବଂ ଗୁଡ଼ୁ ଶବ୍ଦକରେ । ଏହା ଖାଇଲେ କାହାର କାହାର ଜ୍ୱର ହୁଏ ଏବଂ ମଳବଣ୍ଟକ ରୋଗ ବଢ଼େ । ଏହାର ପ୍ରତିକାରାର୍ଥେ—୧ ଗୋଲମରିଚ ଓ ଲୁଣ, ୨—ପାନମହୁରିଗୁଣ୍ଡ, ୩—ରାଇଚୂର୍ଣ୍ଣ ସେବନ କରିବ । ମାତ୍ରା ପତ୍ରରସ ୧୦—୨୫ ଗ୍ରାମ, କ୍ୱାଥ ୪୦—୮୦ ଗ୍ରାମ ।

## ୪୧୦-ଜିଆଡ଼—ହରିଣ ଦେଖ ।

## ୪୧୧-ଜୀବନ୍ତୀଶାକ—Dendiodium Macrsei.

ଏହାର ସଂସ୍କୃତନାମ—ଜୀବନ୍ତୀ, ଜୀବବର୍ଦ୍ଧମା, ଶାକଶ୍ରେଷ୍ଠ ଓ ସୁପିଙ୍ଗଳା । ଏହାକୁ ବଙ୍ଗଳାରେ ଜୀବନ୍ତୀ ଏବଂ ହିନ୍ଦୀରେ ଡୋଡ଼ୀ ବୋଲନ୍ତି । ଏହା ଏକ ସୁଗନ୍ଧ ବନୌଷଧି । ଶାସ୍ତ୍ରରେ ଲେଖାଅଛି ଯେ ଶ୍ରେଷ୍ଠ, ବଡ଼ ଓ ସ୍ୱର୍ଣ୍ଣବର୍ଣ୍ଣ ଭେଦରେ ଜୀବନ୍ତୀ ତିନିପ୍ରକାର । ଏଥି ମଧ୍ୟରେ ଶ୍ରେଷ୍ଠଜୀବନ୍ତୀ ମଧୁରରସ, ଶୀତଳ, ସ୍ନିଗ୍ଧ, ଲଘୁ, ରସାୟନ, ବଳକାରକ, ବୀର୍ଯ୍ୟବର୍ଦ୍ଧକ, କଫଜନକ, ମଳରୋଧକ, ଚକ୍ଷୁର ହିତକର ଓ ତ୍ରିଦୋଷ-ନାଶକ । ବାତ, ରକ୍ତପିତ୍ତ, କ୍ଷୟ, ଦାହ ଓ ଜ୍ୱରରୋଗରେ ଏହା ଉପକାର କରେ । ବଡ଼ଜୀବନ୍ତୀ—ମଧୁର, ଶୀତଳ, ରସାୟନ ଓ ଭୂତାବେଶ ନିବାରକ । ସ୍ୱର୍ଣ୍ଣବର୍ଣ୍ଣଜୀବନ୍ତୀ—ମଧୁର, ଶୀତଳ, ବର୍ଣ୍ଣବର୍ଦ୍ଧକ, ଶୁକ୍ରଜନକ, ବଳକାରକ, ଚକ୍ଷୁର ହିତକର ଓ ସ୍ୱରପରିଷ୍କାରକ । ଏହା ବାତ, ପିତ୍ତ, ରକ୍ତ, ଦାହ, ଶୋଥ, କାସ ଓ ଧାତୁକ୍ଷୟରେ ହିତକର । ବୈଦ୍ୟଶାସ୍ତ୍ରରେ ଜୀବନ୍ତୀର ବ୍ୟବହାର ଯଥା—ଅତିସାର ରୋଗରେ—୧୦-ଜୀବନ୍ତୀଶାକକୁ ଦହିରେ ସିଝାଇ ତହିଁରେ ଡାଳିମ୍ବରସ ଓ ଘିଅ ମିଶାଇ ସେବନ କଲେ ଅତିସାର ପ୍ରଶମିତ ହୁଏ । (ଚରକ) । ବିଷରୋଗରେ—୧୨-ସର୍ପାଦି ବିଷଧର ଜନ୍ତୁଦ୍ୱାରା ଦଷ୍ଟ ହୋଇଥିବା ରୋଗୀ ପକ୍ଷରେ ଜୀବନ୍ତୀ ଶା' ଉପକାର କରେ । (ଚରକ) । ନକ୍ତାନ୍ଧ୍ୟରୋଗରେ—୧୫-ଜୀବନ୍ତୀ ଶାକକୁ ଘିଅରେ ଭାଜି ଖାଇଲେ ରାତିକଣାରୋଗ ଭଲହୁଏ । (ବାଗ୍‌ଭଟ୍ଟ) । ମୁଖରୋଗରେ—ରସିତେଲ ଏକଭାଗ, ଦୁଧ ଏକଭାଗ, ଜୀବନ୍ତୀର କଲ୍‌କ ସହିତ ଯଥାବିଧି ପାକ କରି ତହିଁରେ ମହୁ ଏବଂ ତେଲର ଚୂର୍ଣ୍ଣ ଅଷ୍ଟମାଂଶ ମିଶାଇ ଅଧରମାତ୍ର ଲଗାଇଲେ ଓଷ୍ଠଫଟା ଓ ଗୁଣ୍ଡଧରରୋଗ ଭଲହୁଏ ।

## ୪୧୨-ଜୀବକ—ଅଷ୍ଟବର୍ଗ ଦେଖ ।

## ୪୧୩-ଜୀର—Cuminum, Cyminum.

ଏହାର ସଂସ୍କୃତ ପର୍ଯ୍ୟାୟ ଜୀରକ, ବାର୍ଯ୍ୟକ, ଓ ଅଜାଜୀ । ଏହାକୁ ବଙ୍ଗଳାରେ ଜୀରା, ହିନ୍ଦୀରେ ଜୀରା ଏବଂ ତେଲୁଗୁରେ ଜିଲ୍ଲକଣ୍ଟା ବୋଲନ୍ତି । ଜୀର ତିନିପ୍ରକାର ଯଥା—ଜୀର, ଶାଜୀର ଓ କଳାଜୀର * ଏଥି ମଧ୍ୟରୁ ପୂର୍ବୋକ୍ତ ଦୁଇପ୍ରକାର ଜୀର—କଟୁ, ଉଷ୍ଣବୀର୍ଯ୍ୟ, ଲଘୁ, ଅଗ୍ନିଦୀପକ, ପାଚକ, ରୁଚିକର, ମଳରୋଧକ, ଚକ୍ଷୁର ହିତକର, ଶୁକ୍ରବର୍ଦ୍ଧକ, ବଳକାରକ ଓ ଗର୍ଭାଶୟର ଶୁଦ୍ଧିକାରକ ଏହା ଜ୍ୱର, ଅତିସାର, ଗ୍ରହଣୀ, କ୍ରିମି, ଗୁଳ୍ମ ଓ ଆଧ୍ମାନ ରୋଗରେ ଉପକାର କରେ । ଜୀର୍ଣ୍ଣଜ୍ୱର, ଉନ୍ମାଦ, ବାତରୋଗ ଏବଂ ସ୍ତ୍ରୀମାନଙ୍କର ଋତୁ ବୈଷମ୍ୟରୋଗରେ ଜୀର ଉପକାର କରେ । ୧-ଭଜାଜୀର ଏକଭାଗ, କଞ୍ଚାଜୀର ଏକଭାଗ ଏକତ୍ର ଚୂର୍ଣ୍ଣ କରି ଉପଯୁକ୍ତ ପରିମାଣ ଚିନି ଓ ଘିଅ ତହିଁରେ ଯୋଗକରି ଯଥାବିଧି ମୋଦକ ପ୍ରସ୍ତୁତ କରିବ ଏହି ମୋଦକ ଉପଯୁକ୍ତ ମାତ୍ରାରେ ପନ୍ଦରଦିନ ସେବନ କଲେ ପ୍ରମେହ ପ୍ରଶମିତ ହୁଏ । ୨-ଜୀରକୁ ଲେମ୍ବୁ ରସରେ ଭାବନା ଦେଇ ସାତଥର ଖରାରେ ଶୁଖାଇବ । ଏହା ସେବନ କଲେ ଭ୍ରମ ଓ ପିତ୍ତ ବିକାର ଶାନ୍ତ ହୁଏ । ବୈଦ୍ୟଶାସ୍ତ୍ରରେ ଜୀରର ବ୍ୟବହାର ଯଥା—ବିଷମଜ୍ୱରରେ ୩-ଜୀରାଚୂର୍ଣ୍ଣ ପୁରୁଣାଗୁଡ଼ ସହିତ ସେବନକଲେ ବିଷମଜ୍ୱର ବିନଷ୍ଟ ହୁଏ । (ଚକ୍ରଦତ୍ତ) । ରକ୍ତପିତ୍ତରୋଗରେ—୪-ରକ୍ତ ପିତ୍ତରୋଗର ଉଦ୍‌ଗାର ଓ ନିଶ୍ୱାସରେ ରକ୍ତଗନ୍ଧ ଅନୁଭୂତ ହେଲେ ଶାଜୀରର ଚୂର୍ଣ୍ଣ ଦୁଇଗୁଣ ଚିନି ସହିତ ରୋଗୀକୁ ସେବନ କରାଇବ । (ଚକ୍ରଦତ୍ତ) । ବୃଶ୍ଚିକଦଂଶନରେ ୫-ଜୀରକୁ ବାଟି ତହିଁରେ ଘିଅ ଓ ସୈନ୍ଧବ ମିଶାଇ ଅଳ୍ପ ଉଷ୍ଣ କରି ବିଛାଦଷ୍ଟ ଅଙ୍ଗରେ ଲେପନ କଲେ ଜ୍ୱାଳା ଶାନ୍ତ ହୁଏ ଏବଂ ବିଷଦୋଷ ବିନଷ୍ଟହୁଏ । (ଚକ୍ରଦତ୍ତ) । ସ୍ତନଦୃଢ଼ୀକରଣାର୍ଥେ—ସିର୍କା କିମ୍ବା ଜଳ ସହିତ ଶାଜୀରକୁ ବାଟି ୨ । ୩ ଥର ସ୍ତନରେ ଲେପନ କଲେ ସ୍ତନଯୁଗଳ ଦୃଢ଼ହୁଏ ।

* କଳାଜୀରର ଗୁଣ ଯଥାସ୍ଥାନରେ ଲେଖାଅଛି ।

(ଶା, ଗ୍ର, ଶି) ମାତ୍ରା—ଚୂର୍ଣ୍ଣ-୧—୩ ଗ୍ରାମ, କ୍ୱାଥ ୩୦-୬୦ ଗ୍ରାମ । [illegible]—[illegible] ୧୦ କେଜିକୁ ୫୨ କେଜି ଜଳରେ କ୍ୱାଥ ପ୍ରସ୍ତୁତ କରି ୧୩ କେଜି ଜଳ ଶେଷ ରହିଲେ ଓହ୍ଲାଇ ଛାଣି, ମାଟି ହାଣ୍ଡିରେ ଭରତି କରିବ । ସେଥିରେ ଗୁଡ଼ ୧୫ କେଜି, ଧାତୁକୀଫୁଲ ୬୫୦ ଗ୍ରାମ, ଶୁଣ୍ଠୀଚୂର୍ଣ୍ଣ ୮୦ ଗ୍ରାମ, ଜାଇଫଳ, ମୁଥା, ଗୁଡ଼ତ୍ୱକ, ତେଜପତ୍ର, ନାଗକେଶର, ଅଳାଇଚ, ଯୁଆଣୀ, ଶୀତଳାମରିଚ, ଲବଙ୍ଗ ପ୍ରତ୍ୟେକର ଚୂର୍ଣ୍ଣ ୪୦ ଗ୍ରାମ ମିଶାଇ ଘୋଳି, ଯଥାବିଧି ସନ୍ଧାନ କରି ଏକ ମାସ ରଖି ଛାଣି ବ୍ୟବହାର କରିବ । ମାତ୍ରା—ଅର୍ଦ୍ଧ-୧ ଆଉନ୍ସ । ଅନୁପାନ—ଜଳ । ସୂତିକାରୋଗ, ଗ୍ରହଣୀ, ଅତିସାର, ଉଦର ରୋଗର ଉତ୍ତମ ଔଷଧ । (ଭୈ, ର)

ସୂଚନା—ଏହି ଆସବରେ ୪୦ ଗ୍ରାମ ଲୋଧ ପ୍ରକ୍ଷେପ ଦେଲେ ପ୍ରସୂତି ରୋଗରେ ଉତ୍ତମ ପ୍ରଭାବ ପକାଏ । ( କବିରାଜ ଶ୍ରୀ ଦେବୀପ୍ରସାଦ ତ୍ରିପାଠୀ )

**୪୧୪—ଜୁଇଅଳାଗଛ— ଅଳାକୋଳି ଗଛ ଦେଖ**

**୪୧୫—ଜୁଇଗଛ**—Jasminum avriculatum. ଏହାର ସଂସ୍କୃତନାମ—ଗଣିକା, ଯୂଥିକା, ଅମ୍ବଷ୍ଠା ଓ ମାଗଧୀ । ଏହାକୁ ବଙ୍ଗଳାରେ ଯୁଁଇ ଏବଂ ହିନ୍ଦୀରେ ଜୁହି ବୋଲନ୍ତି । ଶ୍ୱେତ ଓ ପୀତଭେଦରେ ଜୁଇ ଦୁଇପ୍ରକାର । ଉଭୟପ୍ରକାର ଜୁଇ ମଧୁର, ତିକ୍ତ, କଷାୟ, ଶୀତଳ ଓ ଲଘୁ । ଏହା କଫ ବାତ ବୃଦ୍ଧି କରେ ପିତ୍ତ ନାଶକରେ ଏବଂ ଦାହ, ତୃଷା, ବ୍ରଣ, ରକ୍ତଦୋଷ, ମୁଖରୋଗ, ଦନ୍ତରୋଗ, ଚକ୍ଷୁରୋଗ, ଚର୍ମ୍ମଦୋଷ, ଶିରୋରୋଗ ଏବଂ ବିଷଦୋଷ ପ୍ରଶମନ କରେ ।

**୪୧୬—ଜୁଳୁଜୁଳିପୋକ**—ଏହାରସଂସ୍କୃତନାମ ଖଦ୍ୟୋତ ଓ ଜ୍ୟୋତିରିଙ୍ଗଣ । ୧-ଖଣ୍ଡିଏ ପାଚିଲା କଦଳୀ ମଧ୍ୟରେ ଜୁଳୁଜୁଳିପୋକକୁ ଭର୍ତ୍ତିକରି ରାତିକଣା ରୋଗିକୁ ଖୁଆଇଲେ ତା'ର ରାତିକଣାରୋଗ ଭଲହୁଏ । ୨-ପ୍ଲୀହା ଓ ଗୁଲ୍ମରୋଗରେ ମଧ୍ୟ ପୂର୍ବୋକ୍ତ ପ୍ରକାରରେ ଏହା ସେବନ କରାଯାଏ ।

**୪୧୭—ଡେଉଁଳଗଛ**—Artocarpas Lukoocha. ଏହାର ସଂସ୍କୃତ ନାମ—ଲକୁଚ ଓ ଲିକୁଚ । ଏହାକୁ ବଙ୍ଗଳାରେ ଡେଲେମାଦାର, ହିନ୍ଦୀରେ ବଡ଼ହାର ବୋଲନ୍ତି । ଏହିଗଛର ଫଳ—ଅମ୍ଳ, ଗୁରୁ, ମଳରୋଧକ, ତ୍ରିଦୋଷ ଜନକ ଓ ଶୁକ୍ରଦୋଷ କାରକ ।

**୪୧୮—ଝୋଟାଗଛ**—Dolichos Lablab. ଏହାକୁ ଗୋଟିଏ ଲୋକେ ଶିମ୍ବ ବୋଲନ୍ତି । ଏହାର ସଂସ୍କୃତନାମ—ଶିମ୍ବୀ । ଏହାକୁ ବଙ୍ଗଳାରେ ଶିମ, ହିନ୍ଦୀରେ ସେମା ଏବଂ ତେଲୁଗୁରେ ଚିକୁଡ଼ୁ ବୋଲନ୍ତି । କଞ୍ଚାଝୋଟାର ତର୍କାରୀ ସ୍ୱାଦୁ, ଶୀତଳ, ଗୁରୁପାକ, ରୁକ୍ଷ, ମଳରୋଧକ, କୋଷ୍ଠଗତ ବାୟୁର ପ୍ରକୋପକ ଏବଂ ଅଗ୍ନିବଳ, ଶୁକ୍ର ଓ ମଳର କ୍ଷୟ କାରକ । ଏହା ଖାଇଲେ ସ୍ତ୍ରୀମାନଙ୍କର କ୍ଷୀର ବୃଦ୍ଧିହୁଏ ଏବଂ ମୂତ୍ରାଶୟରେ ସଞ୍ଚିତ ହୋଇଥିବା ଅଶ୍ମରୀ ଚୂର୍ଣ୍ଣିତହୋଇ ବହିର୍ଗତ ହୁଏ । ଝୋଟାମଞ୍ଜୀ ଅଧିକ ଦିନ ଅଧିକମାତ୍ରାରେ ଖାଇଲେ ମଳରୋଧ, ଅଜୀର୍ଣ୍ଣ, ପେଟବ୍ୟଥା, ଗୁର୍ବିମାନ୍ଦ୍ୟ, ଆଧ୍ମାନ, ଅପାନବାୟୁର ପ୍ରକୋପ ଓ ଦୌର୍ବଲ୍ୟ ଜାତହୁଏ । ଏହାର ପ୍ରତିକାରାର୍ଥେ—୧-ଅପାମାରଗଙ୍ଗାକ୍ଷାର, ୨-ଯୁଆଣୀ, ୩-ଶୁଣ୍ଠୀଚୂର୍ଣ୍ଣ, ୪-ଜୀର୍ଣ୍ଣହରଗୁଡ଼ା, ୫-ଲୁଣସେବନ କରିବ । ଝୋଟାମଞ୍ଜୀର ତର୍କାରୀରେ ଗରମ ମସଲା ପକାଇ ରାନ୍ଧିଲେ ପୂର୍ବୋକ୍ତ ଦୁର୍ଗୁଣ ଜାତହୁଏନାହିଁ ।

**୪୧୯—ଝିଙ୍କ**—ଏହାର ସଂସ୍କୃତନାମ—ଶଲ୍ୟମୃଗ ଓ ଶଲ୍ଲକ । ଏହାକୁ ବଙ୍ଗଳାରେ ସଜାରୁ ବୋଲନ୍ତି । ଏହାର ମାଂସ, ସ୍ୱାଦୁ, ଶୀତଳ, ଲଘୁ, ସ୍ନିଗ୍ଧ, ଅଗ୍ନିବର୍ଦ୍ଧକ, ପିତ୍ତନାଶକ, ଶ୍ୱାସ ଓ ବିଷଦୋଷରେ ହିତକର । ୧-ଝିଙ୍କର ଅନ୍ତ ପ୍ରାନ୍ତରେ ଥିବା ଚମକୁ ଶୁଖାଇ ଚୂର୍ଣ୍ଣକରି ଶୂଳରୋଗରେ ପ୍ରୟୋଗ କରାଯାଏ । ତଦ୍ୱାରା ଅନେକ ସ୍ଥଳରେ ସୁଫଳ ଲଭହେବାର ମଧ୍ୟ ଶୁଣାଯାଏ । **ଝିଙ୍କପିତ୍ତ**—୨-ଏହା ତିକ୍ତ ଓ ଉଷ୍ଣ । ଏହି ପିତ୍ତକୁ ସେବନ, ଲେପନ ଓ ଅଞ୍ଜନରୂପରେ ବ୍ୟବହାର କଲେ ମୂର୍ଚ୍ଛିକବିଷ, ବୃଶ୍ଚିକବିଷ ଓ ସର୍ପବିଷ ବିନଷ୍ଟହୁଏ ।

**୪୨୦—ଝିଟିପିଟି**—ଏହାର ସଂସ୍କୃତ ନାମ—ଗୃହଗୋଧିକା ଓ ମୁଷଲୀ । ଏହାର ମାଂସ—କୁଷ୍ଠ, ଉପଦଂଶ ଓ ଗଣ୍ଡମାଳା ରୋଗରେ ହିତକର ।

**୪୨୧—ଝୁଡ଼ୁଙ୍ଗ**—Dolichos sininsis.

ଏହାର ସଂସ୍କୃତନାମ—ରାଜମାଷ, ବର୍ବଟ ଓ ମକୁଷ୍ଠକର । ଏହାକୁ ବଙ୍ଗଳାରେ ବର୍ବଟୀ, ଏବଂ ହିନ୍ଦୀରେ ଲୋବିଆ ବୋଲନ୍ତି । ଏହା ବର୍ଣ୍ଣ ଭେଦରେ ତିନିପ୍ରକାର । ଯଥା—ଧୋବ, ରଙ୍ଗ ଓ କଳା । **ଝୁଡ଼ୁଙ୍ଗମଞ୍ଜୀ**—ସ୍ୱାଦୁ, କଷାୟ, ରୁଚିକର, ସ୍ତନ୍ୟବର୍ଦ୍ଧକ, ରଜଃଶୋଧକ, ମୂତ୍ର ପ୍ରବର୍ତ୍ତକ, ବଳକାରକ, ଗୁରୁପାକ, ରୁକ୍ଷ ଏବଂ କଫ, ବାତ, ବାୟୁ ଓ ଅମ୍ଳପିତ୍ତର ବୃଦ୍ଧିକାରକ । ଏହା ଖାଇଲେ ପେଟଫୁଲେ ଓ ବାତରୋଗ ବଢ଼େ ।

**୪୨୨—ଝୁଣା**—Mimosapudica. ଏହା ଶାଳୁଆ ବୃକ୍ଷରୁ ବାହାରିବା ଶୁଖିଲା ଅଠା । ଏହାକୁ ସର୍ଜରସ ମଧ୍ୟ ବୋଲାଯାଏ । ଏହାର ସଂସ୍କୃତନାମ—ରାଳ, ଶାଳନିର୍ଯାସ,

ଯକ୍ଷ୍ମଦୂଷ ଓ ଦୋଷରେ । ଏହାକୁ ବଙ୍ଗଳାରେ ଧୁନା, ହିନ୍ଦୀରେ କାଂସ୍ଲୀ ଏବଂ ତେଲୁଗୁରେ ସର୍ଜରସମୁ ବୋଲନ୍ତି । ଝୁଣା ସେବନ ଓ ଲେପନାର୍ଥରେ ବ୍ୟବହୃତ ହୁଏ । ଝୁଣା—କଷାୟ, ଉଷ୍ଣ ଓ ଶୀତଳ । ଏହା ଅତିସାର, ରକ୍ତାତିସାର, ବାତଦୋଷ, ଭୂତବିକାର, ଜ୍ୱର, ଶୂଳ, ବିସ୍ଫୋଟ, କଣ୍ଡୁ, ବ୍ରଣ, ବିପାଦିକା, ବିସର୍ପ, ରକ୍ତସ୍ରାବ, ପ୍ରଦର, ଅସ୍ଥିଭଙ୍ଗ, ଅଗ୍ନିଦଗ୍ଧବ୍ରଣ, କୁଷ୍ଠ ଓ ପାମାରୋଗ ହରଣ କରେ । ଝୁଣାକୁ ଚୂର୍ଣ୍ଣକରି ଅଗ୍ନିଦଗ୍ଧ ବ୍ରଣରେ ପକାଇଲେ ଜ୍ୱାଳା ଶାନ୍ତହୁଏ ଏବଂ ଏହାକୁ ସେବନ କଲେ ଭଙ୍ଗା ହାଡ଼ ଯୋଡ଼ି ହୋଇଯାଏ । ଝୁଣାରୁ ବାହାରିବା ତେଲକୁ ସଂସ୍କୃତରେ ରାଳତୈଳ ଏବଂ ବଙ୍ଗଳାରେ ଗର୍ଜ୍ଜନ-ତୈଳ ବୋଲନ୍ତି । ଏହି ତୈଳ—ବିସ୍ଫୋଟ, କଣ୍ଡୁ, ବ୍ରଣ, କୁଷ୍ଠ, ପାମା, କୃମି, ବାତ, କଫ ଓ ପ୍ରଦରାଦି ରୋଗରେ ଚୂନପାଣି ସହିତ ମିଶାଇ ସେବନ କରାଯାଏ । ମାତ୍ରା—ଝୁଣା ଚୂର୍ଣ୍ଣ ୧—୩ ଗ୍ରାମ, ତୈଳ ୪୦—୮୦ ଗ୍ରାମ ।

**୪୭୩—ଝୁଣ୍ଟ୍ଝୁଣ୍ଟିଆ ଗଛ**—ଏହାର ସଂସ୍କୃତ ପର୍ଯ୍ୟାୟ—ଦଣ୍ଡୋତ୍ପଳା, ବୃହଦ୍‌ପୁଷ୍ପୀ ଓ ଶଣପୁଷ୍ପୀ । ଏହାକୁ ବଙ୍ଗଳାରେ ଝନଝନିଆ, ହିନ୍ଦୀରେ ବନଶଣଇ ଏବଂ ତେଲୁଗୁରେ ଗିଲଗିଚା ବୋଲନ୍ତି । ଏହାର ପତ୍ରରସ ଓ ମୂଳର କ୍ୱାଥ କଟୁ, ଉଷ୍ଣ, କଷାୟ ଓ ରୁକ୍ଷ । ଏହା କଫ, ବାତ, ରକ୍ତଦୋଷ, ଅଜୀର୍ଣ୍ଣ ଜ୍ୱର, ପ୍ଲୀହା ଓ ଗୁଳ୍ମରୋଗ ହରଣ କରେ । ୧—ଏହି ପତ୍ରରସ ପାନକଲେ କର୍ପୂର ସେବନ ଜନିତ ମୁଖଶୋଷ ଓ ଓ ଲାଳସ୍ରାବ ନିବାରିତ ହୁଏ । ୨—ଏହି ପତ୍ରର ପ୍ରଲେପ କୁଷ୍ଠ, ବିସର୍ପ ଓ ନାନାବିଧ ଚର୍ମରୋଗ ହରଣ କରେ । ମାତ୍ରା—ପତ୍ରରସ ୧୦—୩୦ ଗ୍ରାମ, କ୍ୱାଥ ୫୦—୧୦୦ ଗ୍ରାମ ।

**୪୭୪—ଟୋଟିକୁଣ୍ଡା ଗଛ**—ଏହାର ରସ ଗର୍ଭ-ଉତ୍ପାଦକ, ମେହ ନିବାରକ ସଦ୍ୟୋବ୍ରଣ ନାଶକ ଓ ପିତ୍ତ ଶାନ୍ତକର । ୧—ଟୋଟିକୁଣ୍ଡା ପତ୍ରର ରସ ଓ ତୁଳସୀରସ ଏକାଠି ମିଶାଇ ସେବନ କଲେ ପୁରୁଣାଜ୍ୱର ଛାଡ଼ିଯାଏ ।

**୪୭୫—ଟାଭା ଗଛ**—Citrus aurantifalia. ଟାଭାର ସଂସ୍କୃତ ପର୍ଯ୍ୟାୟ—ବୀଜପୂର, ମାତୁଲଙ୍ଗ, କେଶରାମ୍ଳ ଓ ରୋଚକଫଳ । ଏହାକୁ ବଙ୍ଗଳାରେ ଟାବାନେବୁ, ହିନ୍ଦୀରେ ବିଜୋରା ଏବଂ ତେଲୁଗୁରେ ମାଦୀଫଲଚେଟ୍ଟୁ ବୋଲନ୍ତି । ଟାଭାଗଛର ମୂଳ, ପତ୍ର, ଫୁଲ, ଫଳର ଚୋପା, ଫଳର ରସ ଓ ବୀଜ ଔଷଧାର୍ଥରେ ବ୍ୟବହୃତ ହୁଏ । **କାଳଟାଭାଫଳ**—ଏହା ଅମ୍ଳରସ, ଉଷ୍ଣବୀର୍ଯ୍ୟ, ଲଘୁ, ଅଗ୍ନିବର୍ଦ୍ଧକ, ରୁଚିକର, ବାୟୁନାଶକ ଓ କଣ୍ଠ ପରିଷ୍କାରକ । ଶ୍ୱାସ, କାସ, ହିକ୍କା, ଶୂଳ, ବାନ୍ତି, ହୃଦ୍‌ରୋଗ, ଆଧ୍ମାନ, ଗୁଳ୍ମ, ପ୍ଲୀହା, ଉଦାବର୍ତ୍ତ ଅରୁଚି ଓ ମଳମୂତ୍ରାଦିର ବିବନ୍ଧ ରୋଗରେ ଏହା ଉପକାର କରେ । **ପାଚିଲା ଟାଭାଫଳର ଚୋପା**—ଏହା ତିକ୍ତ, ଉଷ୍ଣ, ସ୍ନିଗ୍ଧ ଏବଂ କଫ, ବାତ ଓ କୃମିର ଶାନ୍ତି କାରକ । **ଟାଭାମଞ୍ଜୀ**—ଏହା ତିକ୍ତ, ଉଷ୍ଣ ଏବଂ କଫ, ଶୋଥ, ଓ ଅର୍ଶରୋଗ ନିବାରକ । **ଟାଭାଫୁଲ**—ଏହି ଫୁଲର କେଶର ଅମ୍ଳରସ, ଅଗ୍ନିବର୍ଦ୍ଧକ, ଅଜୀର୍ଣ୍ଣ ନାଶକ ଏବଂ ଅରୁଚିରୋଗର ଶାନ୍ତିକାରକ । **କଞ୍ଚାଟାଭା**—ଏହା ବାତପିତ୍ତ, କଫ ଓ ରକ୍ତପ୍ରକୋପକାରକ । **ଟାଭାମୂଳ**—ଏହା ଅର୍ଶ, କୃମି, ବସ୍ତି, ମଳରୋଧ ଓ ଶୂଳ-ରୋଗରେ ଉପକାର କରେ । ୧—ଟାଭା ମୂଳକୁ ଶୁଖାଇ ଚୂର୍ଣ୍ଣ କରି ସେଥିରେ ସମାନ ଭାଗରେ ମହୁଲ ଫୁଲ କିମ୍ବା ଯାଠିମଧୁ ଚୂର୍ଣ୍ଣ ମିଶାଇ ଘିଅ ଓ ମହୁ ସହିତ ପ୍ରସବ ବେଦନାର୍ତ୍ତା ସ୍ତ୍ରୀକୁ ଖୁଆଇଲେ ସେ ସୁଖରେ ପ୍ରସବ କରେ । ଟାଭାମୂଳକୁ କଟିରେ ବାନ୍ଧିଲେ ମଧ୍ୟ ସ୍ତ୍ରୀ ସୁଖରେ ପ୍ରସବ କରେ । ୨—ଯେଉଁ ବାଳକ ବାରମ୍ବାର ଦୁଧ ବାନ୍ତି କରେ, ତାକୁ ଟିକିଏ ଟାଭା ଚେରର ଦୁଧରେ ଘିଷାଇ ପିଆଇବ ଏବଂ ଟିକିଏ ଟାଭାଚେର ତା'ର ବେକରେ ବାନ୍ଧିଦେବ । ବର୍ଷାଋତୁରେ ସୈନ୍ଧବ, ଶରତ୍‌କାଳରେ ମିଶ୍ରି, ହେମନ୍ତଋତୁରେ ଅଦା, ଲୁଣ ଓ ହିଙ୍ଗୁ, ଶିଶିର ଓ ବସନ୍ତରେ ସୋରିଷତେଲରେ ଭୁଞ୍ଜାଇ ଏବଂ ଗ୍ରୀଷ୍ମ ଋତୁରେ ଗୁଡ଼ସହିତ ମିଶାଇ ଟାଭାଫଳ ଖାଇଲେ ବିଶେଷ ଉପକାର ହୁଏ । ୩—ଟାଭାରସରେ ମହୁ ଓ କଳାଲୁଣ ମିଶାଇ ପାନ କଲେ ହିକ୍କା ବନ୍ଦହୁଏ । ୪—ଟାଭାରସରେ ସୋଡ଼ାଖାର ମିଶାଇ କାନରେ ପକାଇଲେ କାନରୁ ପାଣି ବହିବା ବନ୍ଦହୁଏ । ୫—୪୦ ଗୋଟି ଟାଭାମଞ୍ଜୀର ଭିତରେଥିବା ରସକୁ ବାହାର କରି ଦ୍ୱିଗୁଣ ଘିଅ ସହିତ ତାକୁ ମିଶାଇ ସ୍ତ୍ରୀମାନଙ୍କୁ ଋତୁକାଳରେ ତିନିଦିନ ଖୁଆଇଲେ ସେମାନେ ଗର୍ଭଧାରଣ କରନ୍ତି । ପଥ୍ୟ—ଦୁଧଭାତ । ବୈଦ୍ୟଶାସ୍ତ୍ରରେ ଟାଭାଗଛର ବ୍ୟବହାର ଯଥା—ଗୁଳ୍ମ ଓ ଆନାହରୋଗରେ—୧—ଟାଭାଚେର ଗୁଣ୍ଡିଏ ଆଣି ତାକୁ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣକୁ ଟାଭା ରସରେ ମର୍ଦ୍ଦନ କରି ବଟିକା କରିବ । ଏହି ବଟିକା ସେବନ କଲେ ଗୁଳ୍ମରୋଗ ପ୍ରଶମିତ ହୁଏ ଏବଂ ବର୍ତ୍ତି ଆକାରରେ ଏହାକୁ ପ୍ରସ୍ତୁତ କରି ଗୁହ୍ୟ ଦ୍ୱାରରେ ପ୍ରବେଶ କରାଇଲେ ମଳ ମୂତ୍ର ପ୍ରବୃତ୍ତି ହୋଇ ଆନାହରୋଗ ନିବାରିତ ହୁଏ । (ଚରକ) । ଆୟୁର୍ବେଦୀୟ ପିତ୍ତରୋଗେ—୨—କାମଳାଦି ରୋଗରେ ପିତ୍ତରକ୍ତ ସହିତ ମିଶି ସର୍ବ ଶରୀରରେ ସଞ୍ଚାରିତ ହୁଏ । ଏହିପରି ଅବସ୍ଥାରେ ତ୍ରିକଟୁ ଚୂର୍ଣ୍ଣ ଟାଭା ରସରେ ମିଶାଇ ପାନ କଲେ ସୁସ୍ଥ ବ୍ୟକ୍ତିର ପିତ୍ତ ଯେପରି ମଳ ସହିତ ନିର୍ଗତ ହୁଏ, ସେହିପରି ଏହି ସ୍ଥାନ ଚ୍ୟୁତ ପିତ୍ତ ସ୍ୱ ସ୍ଥାନକୁ ଆସି ମଳ ସହିତ ବହିର୍ଗତ ହୁଏ ।

[illegible]—ଟଗରକେଶରରେ ଭୃଷ୍ଟ [illegible] ଟଗରକୁ ମହୁ ଓ ସୈନ୍ଧବ ସହିତ [illegible] ଧାରଣ କରାଇବ । (ସୁଶ୍ରୁତ) । ରକ୍ତପିତ୍ତରୋଗରେ—୯-ଟଗରର ଓ ଫୁଲକୁ ଗୁଡ଼ଲଧୂଆ ପାଣିରେ ବାଟି ସେବନ କଲେ ରକ୍ତପିତ୍ତ ପ୍ରଶମିତ ହୁଏ । (ସୁଶ୍ରୁତ) । କର୍ଣ୍ଣଶୂଳରେ—୧୦-ଟଗରଫଳର ରସକୁ ବିନ୍ଦୁ ବିନ୍ଦୁ କରି କାନରେ ପକାଇଲେ କାନର ଟେଁ ବିନ୍ଧା ବନ୍ଦହୁଏ (ବାଗ୍‌ଭଟ) । ପିତ୍ତଜତୃଷ୍ଣାରୋଗରେ—୧୧-ଟଗର କେଶରକୁ ମହୁ ଓ ସୈନ୍ଧବ ସହିତ ପେଷି ତାଳୁରେ ଲେପନ କଲେ ପିତ୍ତଜ ତୃଷା ନିବୃତ୍ତ ହୁଏ । (ହାରୀତ) । ଶର୍କରାମେହରେ—୧୨—ବାସି ପାଣି ସହିତ ଟଗରଚେରକୁ ବାଟି ପାନକଲେ ଶର୍କରା ରୋଗ ଅର୍ଥାତ୍ ମୂତ୍ର ସହିତ ବାଲୁକାପରି ପଦାର୍ଥ ନିର୍ଗମ ବନ୍ଦହୁଏ । (ହାରୀତ) । ବାତଜବିସର୍ପରୋଗରେ—୧୩—ବାତ ବିସର୍ପଯୁକ୍ତ ଅଙ୍ଗରେ କେଶର ମିଶ୍ରିତ ଟଗରରସ ସେବନ କଲେ ବିଶେଷ ଉପକାର ହୁଏ । (ହାରୀତ) । ପିତ୍ତଜଶିରୋରୋଗରେ—୧୪—ଟଗର କେଶରକୁ ପେଷି ମସ୍ତକରେ ଲେପନ କଲେ ପିତ୍ତଜଶିରୋରୋଗ ନିବୃତ୍ତ ହୁଏ । ( ହାରୀତ ) । ଗର୍ଭିଣୀର ଅରୁଚିରୋଗରେ—୧୫—ମରିଚ ଚୂର୍ଣ୍ଣ ସହିତ ଟଗର କେଶରକୁ ପେଷି ତାକୁ ଜିଭରେ ଓ ଦାନ୍ତରେ ଘଷିଲେ କିମ୍ବା ଏହାକୁ ଜଳରେ ମିଶାଇ ମୁଣ୍ଡରେ ଧଇଲେ ଗର୍ଭିଣୀର ଅରୁଚି ବିନଷ୍ଟ ହୁଏ । (ହାରୀତ) । ଜ୍ୱରଜନିତ ଅରୁଚିରୋଗରେ—୧୬—ଘିଅ ଓ ସୈନ୍ଧବ ଚୂର୍ଣ୍ଣ ସହିତ ଟଗର କେଶରକୁ ମିଶାଇ ମୁଖରେ ଧାରଣ କଲେ ଅରୁଚି ପ୍ରଶମିତ ହୁଏ । (ଚକ୍ରଦତ୍ତ) । ବାତଶୂଳରୋଗରେ—୧୭—ଟଗରଚେରକୁ ଗାଈଘିଅରେ ବାଟି ସେବନକଲେ ବାତଶୂଳ ବିନଷ୍ଟ ହୁଏ । (ଚକ୍ରଦତ୍ତ) । ପାର୍ଶ୍ୱ ହୃଦ୍‌ବସ୍ତି ଶୂଳରେ—୧୮—ଟଗରରସରେ ଯବକ୍ଷାର ଓ ମହୁ ମିଶାଇ ସେବନ କଲେ ପାର୍ଶ୍ୱଶୂଳ, ହୃଦୟଶୂଳ ଏବଂ ବସ୍ତିଶୂଳ ବିନଷ୍ଟ ହୁଏ । (ଚକ୍ରଦତ୍ତ) । ବସନ୍ତଦାହରୋଗରେ—୧୯—କାଞ୍ଜିସହିତ ଟଗର ଚେରକୁ ବାଟି ଲେପନ କଲେ ବସନ୍ତ ପାଚିଯାଏ ଏବଂ ରୋଗିର ଦାହ ନିବାରିତ ହୁଏ । (ଚକ୍ରଦତ୍ତ) । ହିକ୍କାରୋଗରେ—୨୦—ମହୁ ଏବଂ ସୈନ୍ଧବ ଚୂର୍ଣ୍ଣ ସହିତ ଟଗରରସ ପାନକଲେ ହିକ୍କାରୋଗ ପ୍ରଶମିତ ହୁଏ । (ବାଗ୍‌ଭଟ) । ବାନ୍ତିରୋଗରେ—୨୧-ଟଗରରସରେ ମହୁ, ଚିନି, ଲଆଗୁଣ୍ଡି ଓ ପିପଳୀଚୂର୍ଣ୍ଣ ମିଶାଇ ପାନକଲେ ବାନ୍ତି ନିବାରିତ ହୁଏ । ( ବଙ୍ଗସେନ ) । କୃମିଦନ୍ତଶୂଳରେ—୨୨—ଟଗରମୂଳ ଓ ସେ ମହାକଳମଞ୍ଜୀ ସମାନ ଭାଗରେ ଜଳରେ ବାଟି ବଟି ପ୍ରସ୍ତୁତ କରିବ । ଏହି ବଟିକୁ ପୋକଖିଆ ଦାନ୍ତରେ ରଖି କାମୁଡ଼ିଧରିଲେ କୃମି ଭକ୍ଷିତ ଦାନ୍ତର ବେଦନା ନଷ୍ଟ ହୁଏ । (ବଙ୍ଗସେନ) । ମାତ୍ରା ମୂଳର ଚେର ୧୦-୨୦ ଗ୍ରାମ, ଫଳରସ ୧୦-୨୦ ଗ୍ରାମ ।

**୪୨୬-ଟମାଟୋ**—Tomato. ଏହାକୁ ଶୀମାବାଇଗଣ ଓ ବିଲାତି ବାଇଗଣ ବୋଲନ୍ତି । ଏହା ବଳକାରକ, କ୍ଷୁଧା-ବର୍ଦ୍ଧକ ଓ ରୁଚିକାରକ । ଏହା ବାଳକମାନଙ୍କର ଯକୃତ୍, ପ୍ଳୀହା, ପାଣ୍ଡୁ ଓ ଶୋଥ ରୋଗରେ ଅତ୍ୟନ୍ତ ହିତକର । ଏହାର ପକ୍ୱଫଳର ରସ ସେବନ କଲେ ଶ୍ୱାସ, କ୍ଷୟ, ତୃଷା ଓ ଜ୍ୱର ପ୍ରଶମିତ ହୁଏ । ପ୍ରତିଦିନ ଗୋଟିଏ ଦୁଇଟା ଟମାଟୋ ଫଳ ସୈନ୍ଧବ ସହିତ ମିଶାଇ ଖାଇଲେ ଜିହ୍ୱା ପରିଷ୍କାରହୁଏ । ମଧୁମେହ ରୋଗରେ ଏହା ଉତ୍ତମ ପଥ୍ୟ । ୧—ଏହାଦ୍ୱାରା ମଧୁମେହ ରୋଗିର ରକ୍ତଶର୍କରା ଓ ଶର୍କରା ନିର୍ଗମ ଧୀରେ ୨ ବନ୍ଦହୋଇ ଅନାୟାସରେ ରୋଗ ଶାନ୍ତହୁଏ । ଦୃଷ୍ଟିଦୌର୍ବଲ୍ୟ ଏବଂ ରାତ୍ରରେ ନଦେଖିବାରୋଗ ଟମାଟୋର ରସ ସେବନକଲେ ଅତିଶୀଘ୍ର ନିବାରିତ ହୁଏ । ଉଦରରୋଗ, ଅତିସାର ଏବଂ ଅମ୍ଳଦାହ ରୋଗରେ ଏହା ଅତ୍ୟନ୍ତ ଲାଭଦାୟକ । ଏହାର ପକ୍ୱଫଳରେ ଲୌହର ଅଂଶ ଅଧିକ ପରିମାଣରେ ରହେ । ଏଣୁ ଏହା ଶରୀରର ପୋଷକ ଓ ରକ୍ତଶୋଧକ । ଛୋଟ ୨ ଗୋଲଟମାଟୋ ହିତକାରୀ ନୁହେଁ । ଔଷଧାର୍ଥରେ ବଡ଼ ୨ ଟମାଟୋ ଗ୍ରହଣ କରିବା ଉଚିତ । ମାତ୍ରା—ଫଳର ରସ ୧୦—୨୦ ଗ୍ରାମ । ୨-ବାଳକମାନଙ୍କର ଯକୃଦ୍‌ବୃଦ୍ଧି ରୋଗରେ ଅନ୍ୟ ଔଷଧ ନଦେଇ ପଥ୍ୟ ଏବଂ ଔଷଧ ରୂପରେ କେବଳ ଟମାଟୋ ରସ ବାରମ୍ବାର ପ୍ରୟୋଗ କରି ଅନେକ ସ୍ଥଳରେ ଆମ୍ଭେ ଉତ୍ତମ ଫଳ ପ୍ରତ୍ୟକ୍ଷ କରିଅଛୁ ।

**୪୨୭-ଟସରଖୋସା**—Silw-worm. ଏହାକୁ ରେସମ ବୋଲନ୍ତି । ଟସରପୋକକୁ ଶୁଖାଇ ଚୂର୍ଣ୍ଣକରି ସେବନ କଲେ ରକ୍ତଶକ୍ତି ବଢ଼େ, ଶରୀର ପୁଷ୍ଟହୁଏ ଏବଂ ବର୍ଣ୍ଣ ସମୁଜ୍ଜ୍ୱଳ ହୁଏ । ୧—ଟସରଖୋସାକୁ ନିଆଁରେ ପୋଡ଼ି ଏହି ଭସ୍ମ ଆଖିରେ ଲଗାଇଲେ ସକଳ ପ୍ରକାର ଚକ୍ଷୁରୋଗରେ ଉପକାର ହୁଏ । ୨—ଟସର ପୋକକୁ ଜଳରେ ସିଝାଇ ଏହି ଜଳ ପାନକଲେ ମୂତ୍ରକୃଚ୍ଛ୍ର ରୋଗର ଉପଶମ ହୁଏ । (ହା,ବ,ଶୀ)

**୪୨୮—ଟାଙ୍ଗଣା**—Borax. ଏହା ଏକ ପ୍ରକାର ଉପରସ ଓ ଖନିଜ କ୍ଷାର ପଦାର୍ଥ । ଏହାକୁ ବଙ୍ଗଳାରେ ସୋହାଗା ଏବଂ ତେଲୁଗୁରେ ବେଲିଗାରମୁ ବୋଲନ୍ତି । ପିଣ୍ଡ ଟାଙ୍ଗଣା ଓ ଶ୍ୱେତ ଟାଙ୍ଗଣା ଭେଦରେ ଏହା ଦୁଇପ୍ରକାର । ଟାଙ୍ଗଣାକୁ ଶୋଧନ କରି ଔଷଧାର୍ଥରେ ବ୍ୟବହାର କରାଯାଏ । ଟାଙ୍ଗଣା ଶୋଧନବିଧି—ଟାଙ୍ଗଣାକୁ ଲେମ୍ବୁରସରେ ମର୍ଦ୍ଦନ

କରି ଖରାରେ ଶୁଖାଇବ । ତା'ପରେ ତାକୁ ଲୁହା କଡ଼ାଇରେ କିମ୍ବା କଟୁରେ ରଖି ନିର୍ଧୂମ ଜଳନ୍ତା ନିଆଁରେ ଚଢ଼ାଇ ଝଲୁସାଇବ । ଲେମ୍ବୁରସରେ ମର୍ଦ୍ଦନ ନକରି ଖାଲି ଟାଙ୍ଗଣାକୁ ନିଆଁରେ ଝଲୁସାଇ କେହି ୨ ଶୋଧନ କରିଥାନ୍ତି । ଝଲୁସା ହୋଇଥିବା ଟାଙ୍ଗଣାକୁ ଟାଙ୍ଗଣାଖଇ ବୋଲନ୍ତି । ଶୁଦ୍ଧଟାଙ୍ଗଣା– ୧–କଟୁ, ରୁକ୍ଷ, ଉଷ୍ଣ, ଅଗ୍ନିବର୍ଦ୍ଧକ, କଫନାଶକ, ବାତପିତ୍ତ- ଶାମକ ଏବଂ କାସ, ଶ୍ୱାସ, ଆମଦୋଷ, ରଜୋରୋଧ ଏବଂ ସ୍ଥାବର ବିଷ ନାଶକ । ୨–ଟାଙ୍ଗଣାର ଖଇକୁ ମହୁରେ ମିଶାଇ ତୁଣ୍ଡର ଘା'ରେ ଲଗାଇଲେ ଶୀଘ୍ର ଘା' ଶୁଖିଯାଏ । ୩–କଣ୍ଡୁ ଓ ଦାଦୁ ପ୍ରଭୃତି ଚର୍ମରୋଗରେ ଟାଙ୍ଗଣାର ପ୍ରଲେପ ବିଶେଷ ଉପକାର କରେ । ୪–ବାଳକମାନଙ୍କର ତୁଣ୍ଡରେ ଗ୍ରୁଣି ହେଲେ ଟାଙ୍ଗଣା ଖଇରେ ମହୁ ମିଶାଇ ତଣ୍ଡିରେ ଲଗାଇବ । ୫—ଦଶ ଗ୍ରାମ ଟାଙ୍ଗଣାକୁ ଚୂର୍ଣ୍ଣ କରି ୨୦୦ ଗ୍ରାମ ଜଳରେ ମିଶାଇବ । ଏହି ଜଳରେ କୁଳୁକୁଞ୍ଚା କଲେ ପାରଦ ସେବନ ଜାତ ମୁଖ- ବିକାର (ତୁଣ୍ଡଧରା) ଭଲହୁଏ । ୬–ଏକଗ୍ରାମ ଶୁଦ୍ଧ ଟାଙ୍ଗଣାକୁ ୧୦ ଗ୍ରାମ ଘିଅରେ ମର୍ଦ୍ଦନ କରି ମଲମ ପ୍ରସ୍ତୁତ କରିବ । ଏହି ମଲମ ଲଗାଇଲେ ମଳକଣ୍ଟକ ଓ ସକଳ ପ୍ରକାର ଘା' ଶୁଖିଯାଏ । ୭–୨୦୦ ଗ୍ରାମ ଜଳରେ ୧୦ ଗ୍ରାମ ଟାଙ୍ଗଣାକୁ ଗୁଣ୍ଡ କରି ମିଶାଇବ । ଏହି ଜଳରେ ଖଣ୍ଡିଏ କନା ଓଦା କରିବ । ଏହି କନାଟି ଲିଙ୍ଗ ଉପରେ ପକାଇ ବାନ୍ଧିଲେ ଏବଂ ଏହି ଜଳର ପିଚକାରୀ ଲିଙ୍ଗରେ ଓ ଯୋନିରେ ଦେଲେ ଲିଙ୍ଗ ଓ ଯୋନିର ଜ୍ୱାଳା ଶାନ୍ତ ହୁଏ । ୮—ପ୍ରସବ ବେଦନାକ୍ରାନ୍ତା ସ୍ତ୍ରୀକୁ ଦୁଇ ଦୁଇ ଘଣ୍ଟାରେ ଥରେ ଶୁଦ୍ଧ ଟାଙ୍ଗଣା ଚୂର୍ଣ୍ଣ ୧ ଗ୍ରାମ ଏବଂ ଗୁଡ଼ତ୍ୱକଚୂର୍ଣ୍ଣ ଅଧ ଗ୍ରାମ ଏକାଠି ଚାଉଳ ପେଜରେ ମିଶାଇ ଖୁଆଇଲେ ଗର୍ଭସ୍ଥ ସନ୍ତାନ ଶୀଘ୍ର ବହିର୍ଗତ ହୁଏ । ୯ — ଏହି ଔଷଧ ଚାରିଥରରୁ ଅଧିକ ଦେବନାହିଁ । ଟାଙ୍ଗଣା ଓ ଗୁଡ଼ତ୍ୱକ ପ୍ରତ୍ୟେକ ଅଧ ଗ୍ରାମ ପରିମାଣରେ ଦିବସରେ ଦୁଇଥର ସେବନ କଲେ ସ୍ତ୍ରୀମାନଙ୍କର ରଜୋରୋଧ, ରଜଃକୃଚ୍ଛ୍ର ଓ ପୁରାତନ ଯୋନିରୋଗ ବିନଷ୍ଟ ହୁଏ । ୧୦—ଘିଅ ସହିତ ଶୁଦ୍ଧ ଟାଙ୍ଗଣା- ଚୂର୍ଣ୍ଣ ୫ ଗ୍ରାମ ମାତ୍ରାରେ ସେବନ କଲେ ସ୍ଥାବର ଜଙ୍ଗମ ସକଳ ପ୍ରକାର ବିଷ ନଷ୍ଟହୁଏ । (ବ.ଗୁ.,ଘ.) ସାଧାରଣ ମାତ୍ରା ଅଧ—୩ ଗ୍ରାମ । **ଟଙ୍କଣାସବ**—ଟାଙ୍ଗଣାଖଇ, ପାନମହୁରୀ, ହରିଡ଼ା, ସୁନାମୁଖୀପତ୍ର, ହଳଦୀ, ପଲାଶ, ପାପଡ଼ା, ଅମ୍ଳ- ବେତସ, ଗୋଠକାକୁଡ଼ୀ ମୂଳ, ସୈନ୍ଧବ, କଳାଲୁଣ, ବିଡ଼ଙ୍ଗ, କମଳାଗୁଣ୍ଡୀ, ଗୋଲପଫୁଲ, କ୍ଷାର, ଧୂଆଣୀ, ଶୁଣ୍ଠୀ, ଦେବ- ଦାରୁ, ପ୍ରତ୍ୟେକର ଚୂର୍ଣ୍ଣ ୫୦ ଗ୍ରାମ, ଜଳ ସାଢ଼େସାତକେଜି, ମହୁ ଅଢ଼େଇକେଜି, ଧାତୁକୀଫୁଲ ୨୦୦ ଗ୍ରାମ, ଗୁଡ଼ ୫ କେଜି, ଏହି ସମସ୍ତ ଦ୍ରବ୍ୟ ଏକାଠି ହାଣ୍ଡିରେ ଗୋଳି ଯଥାବିଧି ସନ୍ଧାନ କରି ପଚିଶିଦିନ ରଖି ଛାଣି ରଖିବ । ଅଥବା ଅର୍କ ବାହାର କରିବ । ମାତ୍ରା—ଅଧ ଗ୍ରାମରୁ, ଅର୍କମାତ୍ରା—୨—୩୦ ବିନ୍ଦୁ । ଅନୁପାନ ଜଳ । ଏହା ବାଳକମାନଙ୍କର ସକଳପ୍ରକାର ରୋଗର କଲ୍ୟାଣପ୍ରଦ ଔଷଧ । ଜ୍ୱର, କାସ, ଅଜୀର୍ଣ୍ଣ, ଅଗ୍ନି- ମାନ୍ଦ୍ୟ, ବିବନ୍ଧ, ଉଦରରୋଗ ପ୍ରଭୃତିର ରାମବାଣ ସଦୃଶ, ବାତଶୂଳ ଏବଂ ଉଦରାଧ୍ମାନରେ ଇନ୍ଦ୍ରଜାଲ ପରି କାମକରେ । ଶାରୀରିକ ଶକ୍ତି ବଢ଼ାଇବା ପାଇଁ ପ୍ରତ୍ୟେକ ଦିନ ନିର୍ଭୟରେ ବ୍ୟବହାର କରାଯାଏ । ପଥ୍ୟ—ଦୁଗ୍ଧ ପୋଷ୍ୟ ଶିଶୁକୁ କେବଳ ଦୁଧ, ବଡ଼ ପିଲାମାନଙ୍କୁ ଲଘୁଭୋଜନ ଦେବ ।

(ପଣ୍ଡିତ ଶ୍ରୀ ରଘୁନାଥ ଦ୍ୱିବେଦୀ)

**୪୨୯–ଟାଙ୍ଗସପୁଟଗଛ**—ଏହାକୁ ଥୋକେ ଲୋକ ରୁଦ୍ରକେଦାର ବୋଲନ୍ତି । ଏହି ଗଛ ଇଟାବାଡ଼ ଓ ପଥର କୂଅର ସନ୍ଧିମାନଙ୍କରେ ବିଶେଷ ଭାବରେ ଉତ୍ପନ୍ନ ହେବାର ଦେଖାଯାଏ । ଏହାର ପତ୍ର ତୋରାପତ୍ର ପରି । ପତ୍ର ନାଡ଼ ସରୁ, କୃଷ୍ଣବର୍ଣ୍ଣ ଓ ଚିକ୍କଣ । ଏହାର ସମୂଳ ପତ୍ରର ପ୍ରଲେପ ଅଗ୍ନିଦଗ୍ଧ ବ୍ରଣ, ସକଳ ପ୍ରକାର ବିଷ ଝଳିଆର ତେଲ ବା ଧୂଆଁଲଗି ଜାତହେବା ବ୍ରଣ ଓ ଶୋଥ ପ୍ରଶମନ କରେ ।

**୪୩୦–ତ୍ରିଶିରାସିଜୁ**—E. Nerifolia. ଏହାକୁ ଥୋକେଲୋକ ତ୍ରିକୋଣା ସିଜୁ ବୋଲନ୍ତି । ଏହାର ସଂସ୍କୃତ ପର୍ଯ୍ୟାୟ ତ୍ରିଧାରସ୍ନୁହୀ, ସମନ୍ତଦୁଗ୍ଧା, ନେତାରି ଓ ବାତାରି । ଏହାକୁ ବଙ୍ଗଳାରେ ତ୍ରିଶିରାମନସା, ହିନ୍ଦୀରେ ଥୁହର ଏବଂ ତେଲୁଗୁରେ ବ୍ରହ୍ମଜେମୁଡୁ, ବୋନ୍ତାଜେମୁଡୁ ଏବଂ କାଡ଼ି- ମାଦୁଚେଟୁ ବୋଲନ୍ତି । ଏହାର ମୂଳ, ପତ୍ର ଓ କ୍ଷୀର ଔଷଧାର୍ଥରେ ବ୍ୟବହୃତ ହୁଏ । **ତ୍ରିଶିରାସିଜୁକ୍ଷୀର**—ଏହା ତିକ୍ତ ଓ ଉଷ୍ଣ । ଏହା ଉପଯୁକ୍ତ ମାତ୍ରାରେ ସେବନ କଲେ କଫ, ବାତ, ପ୍ଲୀହା, ଉନ୍ମାଦ, ଅପସ୍ମାର, ଉଦରରୋଗ, ପକ୍ଷାଘାତ, ପୀଡ଼କା, ଦୁଷ୍ଟବ୍ରଣ, ଅଶ୍ମରୀ, ବିଷ, ପିତ୍ତ, ଦାହ, କୁଷ୍ଠ, ମେହ, ଆଧ୍ମାନ, ଶୂଳ, ଅର୍ଶ, ଶୋଥ, ମଧୁମେହ, ପାଣ୍ଡୁ, ଜ୍ୱର, ଦୂଷୀବିଷ, ଗୁଳ୍ମ ଓ ଅଷ୍ଠୀଲାରୋଗ ନିବାରିତ ହୁଏ । ୧—ଏହି କ୍ଷୀର ସହିତ ରାସିତେଲକୁ ଯଥାବିଧି ପାକକରି ସେହି ତେଲକୁ ମର୍ଦ୍ଦନକଲେ ବାତବେଦନା ବିନଷ୍ଟ ହୁଏ । ୨—ଏହି କ୍ଷୀରରେ ଅରୁଆଚାଉଳକୁ ଭିଜାଇ ଛାଇରେ ଶୁଖାଇ ଚୂନାକରିବ । ଏହି ଚୂନାକୁ ନସ୍ୟରୂପରେ ବ୍ୟବହାର କଲେ ସନ୍ନିପାତର ଉପଦ୍ରବ, ସଞ୍ଜ୍ଞାଶୂନ୍ୟତା ଓ ଅନ୍ଧକାର ଦର୍ଶନ ଇତ୍ୟାଦି ଉପସର୍ଗ ନିବାରିତ ହୁଏ । ୩—ଜ୍ୱରର ଉପସର୍ଗୀଭୂତ ଶୋଥ ଓ ଆମବାତ ରୋଗରେ ଏହା ସେବନ କରାଯାଏ । ଆମବାତ ଗ୍ରସ୍ତ ସ୍ତବ୍ଧ ସନ୍ଧି ସ୍ଥାନରେ ଏହି କ୍ଷୀର କମ୍ପୁତେଲ ସହିତ ମିଶାଇ ମର୍ଦ୍ଦନ କରାଯାଏ । ଏହିକ୍ଷୀର ତୀବ୍ର ବିରେଚକ

ଓ ଦାନ୍ତ କାଟିଲେ । ଯୋନି ମାର୍ଗରେ ଏହାର ସେବନ କରି ଦେଲେ ମୃତ୍ୟୁ ହେଲେ ରୋଗିକୁ ତତ୍କାଳ ଖୁଆଇବ, ନବାତ ଦେଇ ପିଆଇବ ଏବଂ ଶୀତଳ ଉପଚାର କରିବ । ସର୍ପଦଷ୍ଟ ରୋଗିକୁ ଟିଣ ସିନ୍ଦୁର ମୂଳ ବାଟି ପିଆଇଲେ ବିଷଦୋଷ ବିନଷ୍ଟ ହୁଏ । ଖିରର ମାତ୍ରା ୨ ରତିଠାରୁ ଅର୍ଦ୍ଧଗ୍ରାମ । ପତ୍ରରସ— ୧୦—୨୦ ଗ୍ରାମ । ଟିଣ୍ଡିଙ୍ଗୁର ଅନ୍ୟାନ୍ୟ ଗୁଣ ଲଙ୍କାସିଜ୍ଜ୍ ସମାନ ।

୫୩୧-ଟିଣଭସ୍ମ—Tin. ଏହାର ଶୋଧନ ଓ ମାରଣ ବିଧି ପିତ୍ତଳ ସମାନ । ଏହାଦ୍ୱାରା ସକଳ ପ୍ରକାର ପ୍ରମେହ, ଶିଶ୍ନ, କଫ ଓ କାସ ହରଣ କରେ । ଦାନରସ ସହିତ ଏହାଭସ୍ମ ସେବନ କଲେ ପ୍ରମେହ, ଗୁଡ଼ଲାଧୁଅ ପାଣି ସହିତ ପିତ୍ତଜ୍ୱର ଓ ରକ୍ତାତିସାର । ପାନମହୁରୀ ଓ ଲବଙ୍ଗଚୂର୍ଣ୍ଣ ସହିତ କମ୍ପଜ୍ୱର, ଜିରା ଓ ନବାତ ସହିତ ବାନ୍ତି, ଅତିସାର, ଲବଙ୍ଗ; ଗାଈ ଓ ଛେଳି ସହିତ ଶୂଳ, ପିପ୍ପଳୀ ଓ ମଧୁ ସହିତ କାସରୋଗ, ଗଙ୍ଗଶିଉଳି ସହିତ ଅଗ୍ନିମାନ୍ଦ୍ୟ ଏବଂ ତ୍ରିଫଳା ଚୂର୍ଣ୍ଣ ସହିତ ଏହି ଭସ୍ମ ସେବନ କଲେ ତ୍ରିଦୋଷ ନଷ୍ଟ ହୁଏ । ମାତ୍ରା— ଏକଅଷ୍ଟମାଂଶ ଗ୍ରାମଠାରୁ ଏକ ଚତୁର୍ଥାଂଶ ଗ୍ରାମ ।

୫୩୨-ଟୈଶିକଲାଣ୍ଡା—Momordica charantia. ଏହାର ସଂସ୍କୃତ ନାମ—କାରବେଲ୍ଲୀ । ଏହାକୁ ବଙ୍ଗଳାରେ ଉଚ୍ଛେକଲା ଏବଂ ହିନ୍ଦୀରେ କରେଲୀ କରେଲା ବୋଲନ୍ତି । ଏହାର ସମୂଳ ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ରସ ବା ଚୂର୍ଣ୍ଣ—ତିକ୍ତ ଏବଂ ଉଷ୍ଣ । ଏହା ସେବନ କଲେ ତ୍ରିଦୋଷ, ଜ୍ୱର, କୁଷ୍ଠ, ବିଷ ଓ ବାତ ରକ୍ତ ପ୍ରଭୃତି ରୋଗ ଉପକାର ହୁଏ ଏବଂ ଅଗ୍ନି ବୃଦ୍ଧି ହୁଏ । ଏହାର ପତ୍ରକୁ ବାଟି ଲେପ କଲେ କୁଷ୍ଠକ୍ଷତ ଓ ଦୁଷ୍ଟବ୍ରଣରେ ଉପକାର ଦେଖାଯାଏ । ଏହି ଗଛର ରସ ଏବଂ ଗୁଡ଼ୁଚି, ପିପ୍ପଳୀ ଓ ଚିତାମୂଳର କଳ୍କ ସହିତ ଯଥାବିଧି ତୈଳ ପାକକରି ଏହି ତୈଳ ମାଳିସ କଲେ କାଛୁ, କଣ୍ଡୁ ପ୍ରଭୃତି ଚର୍ମରୋଗ ବିନଷ୍ଟ ହୁଏ ।

୫୩୩-ଟେଙ୍କୁଆ—ଏହାକୁ ଗଞ୍ଜାମ ଜିଲ୍ଲାର ଲୋକେ ଟେଙ୍କୁଆ ବୋଲନ୍ତି । ଏହାରଗୁଣ ଯଥାସ୍ଥାନରେ ଲେଖାଅଛି ।

୫୩୪-ଡେଙ୍ଗାଶିଆଳି—ଏହାର ପତ୍ର ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଡେଙ୍ଗାଶିଆଳି ମୂଳର ଛାଲି ୨୦ଗ୍ରାମ ଗୋଲମରିଚ ୫ ଗ୍ରାମ ଏକତ୍ର କୁଟି ଯଥାବିଧି କ୍ୱାଥ ପ୍ରସ୍ତୁତ କରିବ । ଏହି କ୍ୱାଥ ପାନକଲେ କଫ, କାସ, ଶ୍ୱାସ ଓ ଜ୍ୱରରୋଗ ବିନଷ୍ଟହୁଏ ।

୫୩୫-ଡୋଳୁଛିଙ୍ଗି—ଚକ୍ରିଡ଼ୁ ଦେଖ ।

୫୩୬-ଡାମ୍ବଗୁଞ୍ଜ—ଗୁଆ ଦେଖ ।

୫୩୭-ଡାଳଚିନିତେଲ—ଗୁଡ଼ତ୍ୱକ ଦେଖ ।

୫୩୮-ଡାଳିମ୍ବଗଛ—Punica Granatum. Syn-The Pomegranate. ଏହାର ସଂସ୍କୃତ ପର୍ଯ୍ୟାୟ—ଦାଡ଼ିମ, ଲୋହିତପୁଷ୍ପକ, ରକ୍ତବୀଜ ଓ କୁଚଫଳ । ଏହାକୁ ବଙ୍ଗଳାରେ ଦାଡ଼ିମ, ହିନ୍ଦୀରେ, ଆନାର ଏବଂ ତେଲୁଗୁରେ ଦାନିମଚେଟ୍ଟୁ ବୋଲନ୍ତି । ଏହା ଅମ୍ଳ ଓ ମଧୁର ଭେଦରେ ଦୁଇପ୍ରକାର । ଏହାର ପତ୍ର, ଫୁଲ, ମୂଳ, ଛାଲି, କଞ୍ଚାଫଳ, ପକ୍ୱଫଳ, ଫଳରଚୋପା ଓ ବୀଜରରସ ଔଷଧାର୍ଥରେ ବ୍ୟବହୃତ ହୁଏ । ଡାଳିମ୍ବଯୋଗ—୧— ଯେଉଁ ସ୍ତ୍ରୀମାନଙ୍କର ପ୍ରାୟ ଗର୍ଭସ୍ରାବ ହୁଏ, ସେମାନଙ୍କୁ ଗର୍ଭସ୍ରାବ ଆଶଙ୍କା ନିବାରଣାର୍ଥେ ଗର୍ଭର ପଞ୍ଚମ ମାସରେ ଡାଳିମ୍ବ ପତ୍ରକୁ ବାଟି ଶ୍ୱେତଚନ୍ଦନ; ଦହି ଓ ମହୁ ସହିତ ମିଶାଇ ସେବନ କରାଇବ । ଏଥିରେ ମଧୁର ଡାଳିମ୍ବ ବ୍ୟବହାର କରିବା ଉଚିତ । ୨—ଡାଳିମ୍ବପତ୍ରକୁ ଶିଳରେ ଉତ୍ତମରୂପେ ଚେପି ରଖିରେ ବୋଳିବା ସମୟରେ ହାତରେ ଓ ପାଦରେ ଲେପନ କଲେ ହାତ ଓ ପାଦର ଜ୍ୱାଳା ଶାନ୍ତ ହୁଏ । ୩—୧୦୦ ଗ୍ରାମ ଡାଳିମ୍ବପତ୍ର ଏକକେଜି ପାଣିରେ ସିଝାଇ ଅଧକେଜି ପାଣି ଶେଷ ରଖି ଛାଣିବ । ଦିନ ମଧ୍ୟରେ ଦୁଇ ତିନଥର ଏହି ପାଣିରେ କଡ଼ିଆକୁ ଧୋଇଲେ ଗୁଦଭ୍ରଂଶ (କଡ଼ିଆ ଖସିଯିବାରୋଗ) ଦୂର ହୁଏ । ୪—ଯୋନିଭ୍ରଂଶ ରୋଗରେ ମଧ୍ୟ ଏହାର ପ୍ରୟୋଗ ଉତ୍ତମ ଫଳପ୍ରଦ ହୁଏ । ୫—ସାଙ୍କଳ ଡାଳିମ୍ବ ପତ୍ରକୁ ଛାଇରେ ଶୁଖାଇ ଚକ୍କଣ କରି ଗୁଣ୍ଡକରିବ । ଏହି ଚୂର୍ଣ୍ଣ ୫ ଗ୍ରାମ ମାତ୍ରାରେ ସକାଳେ ଓ ସନ୍ଧ୍ୟାରେ ଶୀତଳ ଜଳ ସହିତ ସେବନ କଲେ ଗୁଦଭ୍ରଂଶ ଓ ଯୋନିଭ୍ରଂଶ ରୋଗ ନିବାରିତ ହୁଏ । ୬—ଦୁଇ ତୋଳା ଡାଳିମ୍ବପତ୍ର ଗୋଲମରିଚ ୨୧ ଟା ସହିତ ୪୦ ଗ୍ରାମ ପାଣିରେ ବାଟି ଛାଣି କରି ପିଇଲେ ସ୍ତ୍ରୀମାନଙ୍କର ପ୍ରଦରରୋଗ ଶାନ୍ତ ହୁଏ । ୭—୨୦ ଗ୍ରାମ ଡାଳିମ୍ବ ପତ୍ରକୁ ଅଧପାଏ ପାଣିରେ ବାଟି ଛାଣି କରି ପିଇବ ଏବଂ ଡାଳିମ୍ବପତ୍ରକୁ ବାଟି ପେଟରେ ଲେପନ କରିବ । ଏହିପରି କଲେ ଗର୍ଭପାତ ଆଶଙ୍କା ନିବାରିତହୁଏ । ଡାଳିମ୍ବପତ୍ରକୁ ଛାଇରେ ଶୁଖାଇ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣ ୫ ଗ୍ରାମ ପରିମାଣରେ ସକାଳେ ଗାଈଦହି ଏବଂ ସନ୍ଧ୍ୟାରେ ଶୀତଳଜଳ ସହିତ ସେବନ କଲେ ପାଣ୍ଡୁରୋଗ ପ୍ରଶମିତ ହୁଏ । ୯—ଡାଳିମ୍ବପତ୍ର ଶୁଖାଇ ଚୂର୍ଣ୍ଣ କରି ଏହି ଚୂର୍ଣ୍ଣକୁ ସୋରିଷତେଲରେ ମିଶାଇ ଦେହରେ ଘଷିଲେ କଣ୍ଡୁରୋଗ ପ୍ରଶମିତ ହୁଏ । ୧୦—୨୦ ଗ୍ରାମ ସାଙ୍କଳ ଡାଳିମ୍ବ ପତ୍ରକୁ ଅଧପାଏ ପାଣିରେ ବାଟି ଛାଣି ଦିନ ମଧ୍ୟରେ ତିନଥର ପାନକଲେ

ଉରଃକ୍ଷତରୋଗ ଭଲ ହୁଏ । ୧୧—ପାକଳ ଡାଳିମ୍ବପତ୍ରକୁ ଅଧପାଏ ପାଣିରେ ବାଟି ଛାଣି ସକାଳେ ଓ ସନ୍ଧ୍ୟାରେ ପିଇଲେ ଏବଂ ଏହି ପତ୍ରକୁ ବାଟି ମସ୍ତକରେ ଲେପନ କଲେ ନାକରୁ ରକ୍ତ ପଡ଼ିବା ବନ୍ଦ ହୁଏ । ୧୨—ଡାଳିମ୍ବପତ୍ରକୁ କୁଟି ୧୦୦ ଗ୍ରାମ ରସ ବାହାର କରିବ । ଏହି ରସକୁ ୯୦୦ ଗ୍ରାମ ଗୋ-ମୂତ୍ରରେ ମିଶାଇ ୧୦୦ ଗ୍ରାମ ସୋରିଷତେଲ ସହିତ ମୃଦୁ ଅଗ୍ନିରେ ପାକ କରିବ । ତେଲ ମାତ୍ର ଅବଶେଷ ରହିଲେ କଡ଼ାଇକୁ ଓହ୍ଲାଇବ । ଥଣ୍ଡା ହେବା ପରେ ଏହି ତେଲ କାଚରେ ରଖିବ । ଏହି ତେଲକୁ ଅଳ୍ପ ଉଷ୍ମ କରି ସକାଳେ ଓ ସନ୍ଧ୍ୟାରେ ଦୁଇ ଦୁଇ ଟୋପା କାନରେ ପକାଇଲେ କାନରୁ ପାଣି ବହିବା, କାନ ଝାଁଣିବା ଏବଂ ହେଁ ହେଁ ଶବ୍ଦ ହେବା ବନ୍ଦହୁଏ । ୧୩—ଡାଳିମ୍ବପତ୍ରକୁ କୁଟି ତହିଁରୁ ଏକକେଜି ରସ ବାହାର କରିବ, ଏହିପରି ବେଲପତ୍ରକୁ କୁଟି ତହିଁରୁ ଏକକେଜି ରସ ବାହାର କରିବ । ଏହି ଉଭୟ ପ୍ରକାର ରସରେ ଏକ କେଜି ଘିଅ ମୃଦୁ ଅଗ୍ନିରେ ପାକ କରିବ । ଘିଅ ମାତ୍ର ଅବଶେଷ ରହି ଓହ୍ଲାଇ ଛାଣିବ । ଏହି ଘୃତ ୨୦ ଗ୍ରାମ ପରିମାଣେ ଏକ ପାଓ ମିଶ୍ରି ମିଶା ଗରମ ଗାଈ ଦୁଧ ସହିତ ସକାଳେ ଓ ସନ୍ଧ୍ୟାରେ ସେବନ କଲେ ବଧିରତା ଦୂର ହୁଏ । ୧୪—କୋଡ଼ିଏ ଗ୍ରାମ ଡାଳିମ୍ବ ପତ୍ରକୁ ଅଧକେଜି ପାଣିରେ ସିଝାଇ ଅଧପାଏ ପାଣି ଅବଶେଷ ରଖିବ । ସକାଳେ ଓ ସନ୍ଧ୍ୟାରେ ଏହି କ୍ୱାଥ ପାନ କଲେ ଏବଂ ଡାଳିମ୍ବପତ୍ରକୁ ବାଟି କଣ୍ଠରେ ଲେପନ କଲେ ଗଣ୍ଡମାଳା ଓ ଗଳଗଣ୍ଡ ରୋଗ ନିବାରିତ ହୁଏ । ଏହି ପ୍ରୟୋଗ ଉପଦଂଶ ରୋଗରେ ମଧ୍ୟ ଫଳପ୍ରଦ ହୁଏ । ୧୫—ଶୁଖିଲା ଡାଳିମ୍ବ ପତ୍ର ପାଞ୍ଚଭାଗ ଏବଂ ନବଶାଗର ଏକଭାଗ ଏକତ୍ର ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣ ସିଉକି ତୁଲ୍ୟ ପରିମାଣେ ସକାଳେ ଓ ସନ୍ଧ୍ୟାରେ ଜଳ ସହିତ ସେବନ କଲେ ପ୍ଲୀହାରୋଗରେ ଉତ୍ତମ ଉପକାର ହୁଏ । ୧୬—ଡାଳିମ୍ବ ପତ୍ର ରସ ଏକକେଜି ଏବଂ ମିଶ୍ରି ଅଧକେଜି ଏକାଠି ମିଶାଇ ଶର୍ବତ ପ୍ରସ୍ତୁତ କରିବ । ଦିନ ମଧ୍ୟରେ ଦୁଇ ତିନିଥର ଏହି ଶର୍ବତ ୨୦ ଗ୍ରାମ ପରିମାଣେ ସେବନ କଲେ କାଶ, ସର୍ଦ୍ଦି ଏବଂ ସ୍ୱରଭଙ୍ଗ ନିବାରିତ ହୁଏ । ୧୭—ଡାଳିମ୍ବପତ୍ରକୁ ଛାଇରେ ଶୁଖାଇ ଉତ୍ତମରୂପେ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣ ୩ ଗ୍ରାମ ପରିମାଣେ ଗାଈଦହି ସହିତ ସକାଳେ ଏବଂ ସଜପାଣି ସହିତ ସନ୍ଧ୍ୟାରେ ସେବନ କଲେ ପେଟରେ ଥିବା ସମସ୍ତ କୃମି ମରଯାନ୍ତି । ୧୮—ଡାଳିମ୍ବପତ୍ର ରସରେ ବା କ୍ୱାଥରେ କୁଳୁକୁଞ୍ଚା କଲେ ଦାନ୍ତ ମୂଳରୁ ରକ୍ତ ବହିବା ଏବଂ ଦାନ୍ତମାଂସ ପାଚିବା ଓ ପୂଜ ବହିବା ବନ୍ଦହୁଏ । ୧୯—କୋଡ଼ିଏଗ୍ରାମ ଡାଳିମ୍ବପତ୍ରକୁ ୧୦୦ ଗ୍ରାମ ପାଣିରେ ବାଟି ଛାଣିବ । ସକାଳେ ଓ ସନ୍ଧ୍ୟାରେ ଏହା ସେବନ କଲେ ଅର୍ଶର ରକ୍ତସ୍ରାବ ବନ୍ଦହୁଏ । ୨୦—ଡାଳିମ୍ବପତ୍ରକୁ ଦେଶି ଘିଅରେ ଭାଜି ଅର୍ଶର ମାଂସାଙ୍କୁରରେ ବାନ୍ଧିଲେ ଜ୍ୱାଳା, ବେଦନା ଓ ଫୁଲା ନିବାରିତ ହୁଏ । ୨୧—୨୦ ଗ୍ରାମ ଡାଳିମ୍ବପତ୍ର ୧୦୦ ଗ୍ରାମ ପାଣିରେ ବାଟି ଛାଣିବ । ସକାଳେ ଓ ସନ୍ଧ୍ୟାରେ ଏହି ପାଣି ପିଇଲେ ରକ୍ତବାନ୍ତି ଓ ରକ୍ତଝାଡ଼ା ବନ୍ଦହୁଏ । ୨୨—ଡାଳିମ୍ବପତ୍ର ବାଟି ମସ୍ତକରେ ଲେପନ କଲେ ପିତ୍ତଜ ମୁଣ୍ଡବ୍ୟଥା ପ୍ରଶମିତ ହୁଏ । ୨୩—ଡାଳିମ୍ବପତ୍ରକୁ ଛାଇରେ ଶୁଖାଇ ଚୂର୍ଣ୍ଣ କରିବ । ସକାଳେ ଓ ସନ୍ଧ୍ୟାରେ ଏହି ଚୂର୍ଣ୍ଣ ଦଶଗ୍ରାମ ପରିମାଣେ ସେବନ କଲେ ଉପଦଂଶରୋଗ ଦୂରହୁଏ । ୨୪—ଡାଳିମ୍ବପତ୍ରର କ୍ୱାଥରେ ଦୁଧ ମିଶାଇ ପିଇଲେ ଶାରୀରିକ ଓ ମାନସିକ କ୍ଳାନ୍ତି ପ୍ରଶମିତ ହୁଏ । ୨୫—ପ୍ରାତଃକାଳରେ ଏବଂ ରାତ୍ରରେ ନିଦ୍ରା କରିବା ପୂର୍ବେ ଏହି କ୍ୱାଥ ପାନ କଲେ ଅନିଦ୍ରା ରୋଗ ଦୂରହୁଏ । ୨୬—ପାକଳ ଡାଳିମ୍ବପତ୍ର ୨୦ ଗ୍ରାମ ଅଧକେଜି ପାଣିରେ ସିଝାଇ ଅଧପାଏ ପାଣି ଅବଶେଷ ଥିବ ଛାଣି ତହିଁରେ ୧୦ ଗ୍ରାମ ଗାଈଘିଅ ଏବଂ ପରିମିତ ଲୁଣ ମିଶାଇ ସକାଳେ ଓ ସନ୍ଧ୍ୟାରେ ପିଅାଇଲେ ଅତିଦ୍ରୁତ ରୋଗ ଦୂର ହୁଏ । ୨୭—୨୦ ଗ୍ରାମ ଡାଳିମ୍ବପତ୍ର ଚାଉଳଧୂଆ ପାଣିରେ ବାଟି ସକାଳେ ଓ ସନ୍ଧ୍ୟାରେ ପିଇଲେ ଶ୍ୱେତପ୍ରଦର ଭଲହୁଏ । ୨୮—ଡାଳିମ୍ବ ପତ୍ର ୧୦ ଗ୍ରାମ ଏବଂ ଗୋଲାପଫୁଲ ୧୦ ଗ୍ରାମ ଏକତ୍ର ଜଳରେ ସିଝାଇ କ୍ୱାଥ ପ୍ରସ୍ତୁତ କରିବ । ଏହି କ୍ୱାଥରେ ଦଶଗ୍ରାମ ଗାଈଘିଅ ମିଶାଇ ଗରମ କରି ସକାଳେ ଓ ସନ୍ଧ୍ୟାରେ ପିଅାଇଲେ ଉନ୍ମାଦ ଓ ଯୋଷାପସ୍ମାର (Hysteria) ଦୂରହୁଏ । ୨୯—ଡାଳିମ୍ବ ପତ୍ରର କ୍ୱାଥରେ କୁଳୁକୁଞ୍ଚା କଲେ ପାରଦ ସେବନ ଜନିତ ମୁଖକ୍ଷତ ଶାନ୍ତହୁଏ । ୩୦—ଡାଳିମ୍ବ ପତ୍ର ରସ ଏକକେଜି ୨୦୦ ଗ୍ରାମ ସୋରିଷତେଲରେ ମିଶାଇ ମୃଦୁ ଅଗ୍ନିରେ ପାକ କରିବ । ଏହି ତେଲ ଦିନ ମଧ୍ୟରେ ଦୁଇ ତିନି-ଥର ମର୍ଦ୍ଦନ କଲେ ସ୍ତ୍ରୀମାନଙ୍କର ସ୍ତନ ଦୃଢ଼ ହୁଏ । ୩୧—ଡାଳିମ୍ବପତ୍ର ରସ ଦୁଇକେଜି, ଗାଈଘିଅ ୧ କେଜି ଏବଂ ଡାଳିମ୍ବପତ୍ରର କଳ୍କ ଘୃତର ଚତୁର୍ଥାଂଶ, ଏସବୁ ଯଥାବିଧି ପାକ କରିବ । ଏହି ଘୃତ ସକାଳେ ଓ ସନ୍ଧ୍ୟାରେ ୨୦ ଗ୍ରାମ ପରିମାଣେ ଗୋଦୁଗ୍ଧ ଓ ମିଶ୍ରି ସହିତ ମିଶାଇ ସେବନ କଲେ ମେଧା, ସ୍ମୃତି ଓ କାନ୍ତିବୃଦ୍ଧି ହୁଏ । **ଡାଳିମ୍ବଫୁଲ**—୩୨—ଡାଳିମ୍ବଫୁଲ ଶୁଖାଇ ଉତ୍ତମରୂପେ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣକୁ ଦାନ୍ତରେ ଘଷିଲେ ଦାନ୍ତ ମୂଳରୁ ରକ୍ତସ୍ରାବ ବନ୍ଦହୁଏ ଏବଂ ଏହି ଚୂର୍ଣ୍ଣ କ୍ଷତରେ ନିକ୍ଷେପ କଲେ କ୍ଷତ ଶୁଖିଯାଏ । ୩୩—ଡାଳିମ୍ବଫୁଲ ରସ ଓ ଦୁବ ରସ ନାକରେ ଟୋପାଇଲେ ନାକରୁ ରକ୍ତ ପଡ଼ିବା ବନ୍ଦହୁଏ । ୩୪—ଡାଳିମ୍ବଫୁଲକୁ ବାଟି ପିଲାମାନଙ୍କୁ ଖୁଆଇଲେ ସେମାନଙ୍କର ଝାଡ଼ା ବନ୍ଦହୁଏ ।

**ଡାଳିମ୍ବଫଳ**—ମଧୁରଡାଳିମ୍ବ—ବାତ, ପିତ୍ତ, କଫ, ତୃଷା,

ଡାଳି, ଜ୍ୱର, ତୃଷ୍ଣା [illegible] ଦୂର କରେ ଏବଂ [illegible], ମୂତ୍ରପିଣ୍ଡ ଓ ଯକୃତକୁ [illegible] । ଏହା ଖାଇଲେ [illegible], ରକ୍ତାର୍ଶ, ଭସ୍ମକ, [illegible], ମୂର୍ଚ୍ଛା, [illegible], କାଶ, କମି ଓ ବକ୍ଷୋବେଦନାରେ ଉପକାର ହୁଏ । ଏହି ଦେହରେ ବିଶୁଦ୍ଧ ରକ୍ତ ଉତ୍ପନ୍ନ କରେ, [illegible] କରେ, ଦେହର କଣ୍ଡୁ ନିବାରଣ କରେ, [illegible] କରେ ଏବଂ ଶରୀରକୁ ହୃଷ୍ଟପୁଷ୍ଟ କରେ । [illegible] ଶକ୍ତି ବର୍ଦ୍ଧକ ଓ ଧାରକ । ୩୫—[illegible] ସ୍ୱେଦ ସହିତ କୁଟି ରସ ବାହାର କରିବ । ଏହି ରସ ପାନ କଲେ ଝାଡ଼ା ବନ୍ଦହୁଏ । [illegible] ମଧୁର ଡାଳିମ୍ବର ରସ ପାନ କଲେ [illegible] ଉପକାର ହୁଏ । ୩୬—ମଧୁର ଡାଳିମ୍ବକୁ ଛେଚି ତା'ର ରସ ବାହାର କରିବ । ଏହି ରସକୁ ଖରାରେ ଶୁଖାଇ ଗାଢ଼ କରିବ । ଏହା ଅଞ୍ଜନରୂପେ ବ୍ୟବହାର କଲେ ଦୃଷ୍ଟି ଶକ୍ତି ବଢ଼େ । **ଅମ୍ଳ ଡାଳିମ୍ବ**—ଏହା ସଙ୍କୋଚକ, ଅଗ୍ନିବର୍ଦ୍ଧକ, ରୁଚିକର ଓ ଲଘୁପାକ । ଏହା ଖାଇଲେ ବାନ୍ତି ଓ ବିରେଚନ ହୁଏ ଏବଂ ପରିସ୍ରା ଅଧିକ ପରିମାଣରେ ହୁଏ । ୩୮—ଗର୍ଭବତୀ ସ୍ତ୍ରୀମାନଙ୍କୁ ଏହା ଖୁଆଇଲେ [illegible] ଇଚ୍ଛା ନିବାରିତ ହୁଏ । ୩୯—[illegible] ଡାଳିମ୍ବର ରସ [illegible] ଉପକାର କରେ । **ଡାଳିମ୍ବ ମଞ୍ଜି**—ଏହା ସଙ୍କୋଚକ ଓ ଅଗ୍ନିବର୍ଦ୍ଧକ । ୪୦—ଅତିସାର ରୋଗରେ ଡାଳିମ୍ବର ମଞ୍ଜି ବିଶେଷ ଉପକାର କରେ । ଅମ୍ଳ ଡାଳିମ୍ବର ମଞ୍ଜିକୁ ଶୁଖାଇ ଜଳରେ ମର୍ଦ୍ଦନ କରିବ ଏବଂ ସେହି ଜଳରେ ଅଳ୍ପ ପରିମାଣରେ ଅଫିମ ଆଉ ଅଫିମର ଦ୍ୱିଗୁଣ ବା ଚତୁର୍ଗୁଣ ଫଟକି ମିଶାଇ ଅଗ୍ନିରେ ସିଦ୍ଧ କରିବ ଏବଂ ଗାଢ଼ ହେଲେ ବଟିକା କରିବ । ଏହି ବଟିକା ଗୋଲାପ ଜଳରେ ଘଷି ଆଖିରେ ଲେପନ କଲେ ଆଖିଧରା ଭଲହୁଏ । **ଡାଳିମ୍ବ ଫୁଲ୍‌ଶୁଖା**

୪୧—[illegible] ଚୂର୍ଣ୍ଣ କରି ଚିନି ସହିତ ସେବନ କଲେ [illegible] ରକ୍ତପଡ଼ିବା ବନ୍ଦହୁଏ । ୪୨—ବାଳକମାନଙ୍କର ପୁରୁଣା ଅତିସାର ଓ ରକ୍ତାତିସାର ରୋଗରେ ଡାଳିମ୍ବ ଫଳର [illegible] ଉତ୍ତମ ଉପକାର କରେ । ୪୩—ଡାଳିମ୍ବ ସ୍ୱେଦପାର [illegible] ଦେଲେ ପେଟରେ ମଲଯାଇଥିବା ଜିଆ ବାହାରିଯିବ । **ଡାଳିମ୍ବମୂଳଛେଲି**—୪୪-ଡାଳିମ୍ବ ମୂଳର ଛେଲି କୃମିନାଶକ ବୋ' ଅଧିକ ମାତ୍ରାରେ ବାନ୍ତିକାରକ ଓ ବିରେଚକ । ଡାଳିମ୍ବ ଛେଲି ୫୦ ଗ୍ରାମ, ଜଳ ୨ କେଜି, ଏହା କ୍ୱାଥକରିବ, ଏକକେଜି [illegible] ରଖି ଓହ୍ଲାଇବ । ଏଥିରୁ ୫୦ ଗ୍ରାମ କ୍ୱାଥ [illegible] ଖାଲି ପେଟରେ ସେବନ କରିବ । ଏହିପରି [illegible] ଘଣ୍ଟା ଛାଡ଼ି ପ୍ରତିଥର ସେବନ କରିବ । ତା'ର ପରେ ଉପଯୁକ୍ତ ମାତ୍ରାରେ କଡ଼ାତେଲ ପାନ କରିବ । ଏହିପରି କଲେ ପେଟରେ ଥିବାର ସ୍ତ୍ରୋଟବଡ଼ ସମସ୍ତ କୃମି ମରି ଖସି ପଡ଼ନ୍ତି । ୪୫—ପୁରୁଣା ଅତିସାର, ରକ୍ତାତିସାର ଓ ରକ୍ତାର୍ଶ ରୋଗରେ ଡାଳିମ୍ବ ଛେଲିର କ୍ୱାଥ ବିଶେଷ ଉପକାର କରେ । ୪୬—ଉପଦଂଶ କ୍ଷତରେ (ଅଗ୍ନିଦଗ୍ଧ ଘା'ରେ) ଡାଳିମ୍ବ ଚୂର୍ଣ୍ଣ ପ୍ରକ୍ଷେପ କଲେ ଘା' ଶୁଖିଯାଏ । ଜରାୟୁ କ୍ଷତ ଓ ଗୁଦକ୍ଷତରେ ଡାଳିମ୍ବ ଛେଲିର ସ୍ଥାନିକ ପ୍ରୟୋଗ ଉପକାର କରେ । ୪୭—ଅଧ କେଜି ଡାଳିମ୍ବ ଛେଲିକୁ ୩୪ କେଜି ପାଣିରେ ସିଦ୍ଧକରି ପାଏ ପାଣି ଅବଶେଷ ରଖି ଓହ୍ଲାଇ ଛାଣିବ । ଏହି କ୍ୱାଥରେ ଯୋନିକୁ ଧୋଇବ ଏବଂ ଏଥିରେ ମଖମଲ କନାକୁ ଓଦାକରି ଯୋନିରେ ଧାରଣ କରିବ । ଏଥିଦ୍ୱାରା ରକ୍ତପ୍ରଦର ଓ ଶ୍ୱେତପ୍ରଦର ରୋଗରେ ଅତ୍ୟନ୍ତ ଉପକାର ହୁଏ । ୪୮—ଡାଳିମ୍ବ ଛେଲିର କ୍ୱାଥରେ ଅଳ୍ପ ଅଳ୍ପ ମିଶାଇ ଖାଇଲେ ଅତିସାର ଓ ରକ୍ତଗ୍ରହଣୀ ରୋଗରେ ଉତ୍ତମ ଉପକାର ହୁଏ । ୪୯—ଡାଳିମ୍ବ ଛେଲିକୁ ପାଣିରେ ଘୋରି କପାଳରେ ଲେପନ କଲେ ମୁଣ୍ଡବ୍ୟଥା ଶାନ୍ତହୁଏ । ବୈଦ୍ୟଶାସ୍ତ୍ରରେ ଡାଳିମ୍ବର ପ୍ରୟୋଗ ଯଥା— **ନାସିକାରୁରକ୍ତସ୍ରାବେ**—୫୦-ଡାଳିମ୍ବ ଫୁଲର ରସ ନାକରେ ଟପକାଇଲେ ନାକରୁ ରକ୍ତ ଖସିବା ବନ୍ଦହୁଏ । (ଚରକ) । **ରକ୍ତାର୍ଶେ**—୫୧—ଡାଳିମ୍ବ ଛେଲିର କ୍ୱାଥରେ ଶୁଣ୍ଠିଚୂର୍ଣ୍ଣ ପ୍ରକ୍ଷେପ କରି ପାନ କଲେ ରକ୍ତାର୍ଶ ପ୍ରଶମିତ ହୁଏ । (ଚରକ) । ୫୨—**ମୂତ୍ରପ୍ରବୃତ୍ତରକ୍ତେ**—ଡାଳିମ୍ବ ଫଳର ସ୍ୱେଦପାକୁ ଚୂର୍ଣ୍ଣକରି ଚିନି ସହିତ ମିଶାଇ ଖାଇଲେ ମୂତ୍ରବାଟେ ରକ୍ତ ବାହାରିବା ବନ୍ଦହୁଏ । (ଚରକ) । **ଚଳିତଗର୍ଭେ**— ୫୩—ଯେଉଁ ସ୍ତ୍ରୀର ୫—୭ ମାସରେ ଗର୍ଭପାତ ହୁଏ, ତା'ର ଗର୍ଭପାତ ଆଶଙ୍କା ନିବାରଣାର୍ଥେ ଗର୍ଭର ପଞ୍ଚମ ମାସରେ ଡାଳିମ୍ବପତ୍ର ଓ ଶ୍ୱେତଚନ୍ଦନ ଏକାଠେ ବାଟି ଦହି ଓ ମହୁ ସହିତ ତାକୁ ପାନ କରାଇବ । (ଚରକ) । **ରକ୍ତାତିସାରରୋଗେ** ୫୪—କେଉଁଆଁ ଛେଲି ଓ ଡାଳିମ୍ବ ଛେଲିର କ୍ୱାଥରେ ମହୁ ମିଶାଇ ପାନକଲେ ରକ୍ତାତିସାର ପ୍ରଶମିତ ହୁଏ । (ଚରକ) । **ଅରୁଚିରୋଗେ**—୫୫-ଡାଳିମ୍ବ ଫଳରସ, ବିଟଲୁଣ ଓ ମହୁ ଏକାଠେ ମିଶାଇ ମୁଖରେ ଧାରଣକଲେ ଅରୁଚି ଛାଡ଼ିଯାଏ । (ଚକ୍ରଦତ୍ତ) । **ଉପଦଂଶେ**—୫୬-ଡାଳିମ୍ବ ଛେଲିକୁ ଚୂର୍ଣ୍ଣ କରି ଲିଙ୍ଗର ଘା'ରେ ପକାଇଲେ ଘା' ଶୁଖିଯାଏ । (ଚକ୍ରଦତ୍ତ) **ଜ୍ୱରଜାତଅରୁଚିରୋଗେ**—୫୭-ଦ୍ରାକ୍ଷା ଓ ଡାଳିମ୍ବ ମଞ୍ଜି ଅଥବା ଚିନି ମିଶ୍ରିତ ଡାଳିମ୍ବଫଳରସ ମୁଖରେ ଧାରଣ କଲେ ଜ୍ୱରରୋଗ ଜାତ ଅରୁଚି ଛାଡ଼ିଯାଏ । ( ବଙ୍ଗସେନ ) । **ଉନ୍ମାଦ ଆଦି ରୋଗେ**—୫୮-କଷାଟକେଉଁଆଁ ଛେଲି ୮୦ ଗ୍ରାମ, ୬୪୦ ଗ୍ରାମ ଜଳରେ ସିଝାଇ ୧୬୦ ଗ୍ରାମ ଜଳ ଅବଶେଷ ରଖି

ଓହ୍ଲାଇବ । ଏଥିରେ ୧୬୦ ଗ୍ରାମ ଡାଳିମ୍ବଫଳ ରସ ମିଶାଇ ପୁନର୍ବାର ପାକ କରିବ । ଯେତେବେଳେ ଏହା ଗୁଡ଼ପରି ବହଳିଆ ଦେଖାଯିବ । ସେତେବେଳେ ଓହ୍ଲାଇ ରଖିବ । ଏହି ଅବଲେହ ଦଶଗ୍ରାମ ପରିମାଣରେ ସେବନ କଲେ ଆସନ୍ନ-ମୃତ୍ୟୁ ରକ୍ତାତିସାର ରୋଗୀ ମଧ୍ୟ ଜୀବନ ଲାଭ କରେ । (ବଙ୍ଗସେନ) । **ଆମାଜୀର୍ଣ୍ଣରୋଗରେ**—୫୯-ଡାଳିମ୍ବଫଳକୁ କାଟି ପୁରୁଣାଗୁଡ଼ ସହିତ ସେବନ କଲେ ଆମାଜୀର୍ଣ୍ଣ ପ୍ରଶମିତ ହୁଏ । (ଭାବପ୍ରକାଶ) । **ରକ୍ତାତିସାରରେ**—୬୦-କଅଁଳାଡାଳିମ୍ବ ଚୋପ୍‌ରା ଓ ବେଲୁଅଁ ଗୁଳି ୪୦ ଗ୍ରାମ, ୬୪୦ ଗ୍ରାମ ଜଳରେ ସିଝାଇ ୮୦ ଗ୍ରାମ ଜଳ ଅବଶେଷ ରଖି ଛାଣିବ । ଏହି କ୍ୱାଥରେ ମହୁ ମିଶାଇ ସେବନକଲେ ପ୍ରଦର, ରକ୍ତାତିସାର ନଷ୍ଟହୁଏ । (ଭାବପ୍ରକାଶ) ମାତ୍ରା—ପତ୍ରରସ ୧୦—୩୦ ଗ୍ରାମ, କ୍ୱାଥ—୩୦—୫୦ ଗ୍ରାମ, ଚୂର୍ଣ୍ଣ ୧—୪ ଗ୍ରାମ । **ଦାଡ଼ିମାସବ**—ମିଠାଡାଳିମ୍ବ ଦାନା ୩ କେଜି, ଦ୍ରାକ୍ଷଅଙ୍ଗୁର (ମିଠାଅଙ୍ଗୁର) ରସ ୩ କେଜି, ମହୁ ୩ କେଜି, ଲବଙ୍ଗ, ଜାଇପତ୍ରୀ, ଜାଇଫଳ, ତେଜପତ୍ର, ପ୍ରତ୍ୟେକର ଚୂର୍ଣ୍ଣ ୨୦ ଗ୍ରାମ । ଏହି ସମସ୍ତ ଦ୍ରବ୍ୟ ଏକାଠେ ମିଶାଇ ଚକ୍କଣା ମାଟି ହାଣ୍ଡିରେ ରଖି, ଯଥାବିଧି ସନ୍ଧାନ କରି ଏକମାସ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା ଅଧ—୧ ଆଉନ୍‌ସ । ଅନୁପାନ—ଜଳ । ଏହା ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତାଳ୍ପତା, ବ୍ୟାକୁଳତା, ମୁଣ୍ଡବ୍ୟଥା ପ୍ରଭୃତି ରୋଗକୁ ଶାନ୍ତକରି ପଚନ ଶକ୍ତିକୁ ବଢ଼ାଏ । (ପଣ୍ଡିତ ଶ୍ରୀ ମଦନଲାଲ ବୈଦ୍ୟ)

**୪୩୯—ଡାହୁକପକ୍ଷୀ**—ଏହାର ସଂସ୍କୃତ ପର୍ଯ୍ୟାୟ—କାଳକଣ୍ଠ, ଦାତ୍ୟୂହ ଓ ଶୀତକଣ୍ଠ । ଏହାକୁ ବଙ୍ଗଳାରେ ଡାକ୍‌ପକ୍ଷୀ ବୋଲନ୍ତି । ଏହାର ମାଂସ—ବାତନାଶକ, ବଳ-ବୀର୍ଯ୍ୟବର୍ଦ୍ଧକ ଶ୍ରମହାରକ ଓ ଧାତୁ ପୁଷ୍ଟିକର ।

**୪୪୦—ଡାଳମୂଷାପାଷାଣ**—ଏହାର ଶୋଧନ, ମାରଣ ଓ ଗୁଣ ଦାରୁମୂଷୀ ସମାନ ।

**୪୪୧—ଡିମ୍ବିରିଗଛ—Eicus Glomlerata.**

ଏହାର ସଂସ୍କୃତ ନାମ—ଉଦୁମ୍ବର, ଜନ୍ତୁଫଳ, ସଦାଫଳ ଓ କ୍ଷୀରବୃକ୍ଷ । ଏହାକୁ ବଙ୍ଗଳାରେ ଯଜ୍ଞଡୁମୁର, ହିନ୍ଦୀରେ ଗୁଲର ଏବଂ ତେଲୁଗୁରେ ବେମଡ଼ିଚେଟ୍ଟୁ ବୋଲନ୍ତି । ଡିମ୍ବିରି ଗଛରପତ୍ର, ଫଳ, କ୍ଷୀର, ଛାଲି ଏବଂ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । **ଡିମ୍ବିରିଗୁଣ**—ଏହା କଷାୟ ଓ ଶୀତଳ । ୧—ତାଜା ଡିମ୍ବିରିପତ୍ରଗୁଡ଼ିଏ ଆଣି ତାକୁ ସେହି ପତ୍ର ରସରେ ଖୁବ୍ ଉତ୍ତମ ରୂପେ ବାଟି ବଟିକା କରିବ । ଏହି ବଟିକାକୁ ଜଳସହିତ ସେବନକଲେ ଅଥବା ଦଶଗ୍ରାମ ଡିମ୍ବିରିପତ୍ରକୁ ଚାଉଳଧୁଆ ପାଣିରେ ଖୁବ୍ ବାଟିଲାପରି ପେଷି ଚିନିରେ ମିଶ୍ରି ମିଶାଇ ପିଇଲେ ଯୋନିରୋଗ, ବିସର୍ପ, ବ୍ରଣ, ଶୋଥ, ଅତିସାର, ପ୍ରମେହ, ଦାହ, ରକ୍ତପିତ୍ତ ଓ ବହୁମୂତ୍ରରୋଗର ଉପଶମ ହୁଏ । **କଞ୍ଚାଡିମ୍ବିରିଗୁଣ**—ଏହା କଷାୟ, ଶୀତଳ ଓ ରୁଚିକର । ଅତିସାର, ପ୍ରମେହ, ପ୍ରଦର ଓ ଦାହରୋଗରେ ଏହା ସେବନୀୟ । **ପାଚିଲାଡିମ୍ବିରିଗୁଣ**—ଏହା ମଧୁର, କଷାୟ ଏବଂ ଶୀତଳ । ଏହା ଖାଇଲେ ରକ୍ତପିତ୍ତ, ରକ୍ତବାନ୍ତି, ରକ୍ତପ୍ରଦର, ରକ୍ତମୂତ୍ର, କ୍ଷୟ ଓ ଅତିସାର ନିବାରିତ ହୁଏ, ଚକ୍ଷୁ ଶୀତଳ ରହେ, ଏବଂ ବର୍ଣ୍ଣବୃଦ୍ଧି, ବର୍ଣ୍ଣପ୍ରସନ୍ନ ଓ ଧାତୁପୁଷ୍ଟି ହୁଏ । ୬—ପାଚିଲା ଡିମ୍ବିରିଫଳକୁ ବାଟି ବ୍ରଣଶୋଥରେ ଲେପନ କଲେ ବ୍ରଣପାଚି ଫାଟିଯାଏ । **ଉଦୁମ୍ବରସାର**—କଞ୍ଚା-ଡିମ୍ବିରି ଫଳର କମ୍ପ୍ରା ଛାଲିର କ୍ୱାଥକୁ ମନ୍ଦଅଗ୍ନିରେ ପାକକରି ଗାଢ଼ କରିବ । ଏହି ଘନ ପଦାର୍ଥର ନାମ—ଉଦୁମ୍ବରସାର । ଏହି ଉଦୁମ୍ବରସାରକୁ ପାଣିରେ ଗୋଳି ତଦ୍ୱାରା ଖଣ୍ଡିଏ କନା ଭିଜାଇ ଏହିକନା ଖଣ୍ଡିକ ପଟି ରୂପରେ ବ୍ୟବହାର କଲେ ସକଳପ୍ରକାର ମିଳାପୋ' ଏବଂ ଚକ୍ଷୁର ଫୁଲା ଓ ରକ୍ତିମା ନିବାରିତ ହୁଏ । ମାତ୍ର ଏହି ପଟି ଯେପରି ଶୁଖି ନଯାଏ, ସେହିପରି ବ୍ୟବସ୍ଥା କରିବାକୁ ହେବ । ଲୁଅଁମେହ ରୋଗରେ ଏହି ଉଦୁମ୍ବର ସାର ୧—୩ ଗ୍ରାମ ମାତ୍ରାରେ ଜଳସହିତ ସେବନକଲେ ବିଶେଷ ଉପକାର ହୁଏ । ୫—ପ୍ରଦରରୋଗରେ ଉପରୋକ୍ତ ଉଦୁମ୍ବର ସାରକୁ ଜଳସହିତ ପାକକରି ଏବଂ ଖଣ୍ଡିଏ କନା ପୋଟଳୀରେ ଏହି ଉଦୁମ୍ବର ସାରକୁ ବାନ୍ଧି ଯୋନିରେ ଧାରଣକଲେ ଉତ୍ତମ ଫଳଲାଭ ହୁଏ । ୬-କୌଣସି ଅଙ୍ଗ କାଟି ହୋଇଗଲେ କିମ୍ବା ମକଚି ହୋଇଗଲେ ଏହି ଉଦୁମ୍ବର ସାରର ପଟି ତହିଁରେ ଲଗାଇବ । ଏଥିଦ୍ୱାରା କଟା ଘା'ର ରକ୍ତସ୍ରାବ ତୁରନ୍ତ ବନ୍ଦ-ହୁଏ ଏବଂ ମକଚି ହୋଇଥିବା ଅଙ୍ଗର ବେଦନା ଆଶୁ ପ୍ରଶମିତ ହୁଏ । ୭-ସକଳପ୍ରକାର ଦୁଷ୍ଟବ୍ରଣ, ନାନାବିଧ, ଚକ୍ଷୁରୋଗ, ନାସିକାରୋଗ, ଦନ୍ତରୋଗ ଏବଂ ତାଳୁ ରୋଗରେ ଏହି ଉଦୁମ୍ବର ସାର ସେବନ ଓ ଲେପନ ରୂପେ ବ୍ୟବହାର କଲେ ଉତ୍ତମ ଫଳ ଲଭହୁଏ । **ଡିମ୍ବିରିକ୍ଷୀର**—୮ ଏହି କ୍ଷୀରରେ ଖଣ୍ଡିଏ ତୁଳାକୁ ଭିଜାଇ ତାକୁ ବ୍ରଣ ଉପରେ ପକାଇ ରଖିଲେ କଦର୍ଯ୍ୟ ବ୍ରଣ ଶୁଖିଯାଏ । ୯—କର୍ଣ୍ଣମୂଳଶୋଥରେ, ସନ୍ଧିଗତବାତ, ଶୋଥରେ ଏବଂ ବିଷା ଘା ଘାରି ଉପରେ ଏହି କ୍ଷୀରର ପ୍ରଲେପ ଉପକାର କରେ । ଏହିକ୍ଷୀର ତର୍ପଣ ଓ ବଳକାରକ ।

**ଡିମ୍ବିରିବଲ୍କଳ**—୧୦-ଡିମ୍ବିରିବଲ୍କଳର କ୍ୱାଥ ପାନକଲେ ସକଳ ପ୍ରକାର ଯୋନିରୋଗ, ବ୍ରଣ ପ୍ରମେହ ଓ ରକ୍ତପିତ୍ତ ଶାନ୍ତହୁଏ । ଏହି କ୍ୱାଥରେ କୁଳୁକୁଞ୍ଚା କଲେ ଢିଲା ଦାନ୍ତ ଦୃଢ଼ ହୁଏ । ୧୧—ଡିମ୍ବିରି ଛାଲିର କ୍ୱାଥ ଓ କଲ୍କରେ ଯଥାବିଧି ତେଲ

[illegible] ଦେହ ଶୁଖିଯାଏ। [illegible] ମୂତ୍ର ଶ୍ୱେତ କୁଷ୍ଠ ରୋଗନାଶାର୍ଥେ ବ୍ୟବହୃତ [illegible]। ୧୩—ଏହି କ୍ୱାଥର ପିଚକାରୀ ଦେଲେ ଶ୍ୱେତପ୍ରଦର [illegible] ଉପଶମ ହୁଏ। ଡିମ୍ବିରୀଶୁଷ୍କାଣି—୧୪—ଡିମ୍ବିରିଗଛର ଗୋଟିଏ ମୋଟା ଚେରକୁ କାଟି ତାର ତଳେ ଗୋଟିଏ କଲସ ସ୍ଥାପନ କରିବ, ଏଥିରୁ ଯେଉଁ ପାଣି ଝରିବ କଳସରେ ଜମାହେବ, ତାକୁ ପ୍ରତିଦିନ ଆଣି ଏକମାସ ପର୍ଯ୍ୟନ୍ତ ପାନକଲେ ଆୟୁ, ବଳ ଓ ବର୍ଣ୍ଣ ବୃଦ୍ଧି ହୁଏ। ଧାତୁପୁଷ୍ଟି ହୁଏ ଏବଂ [illegible] ନିବାରିତ ହୁଏ। ଏହା ରସାୟନ। ବୈଦ୍ୟଶାସ୍ତ୍ରରେ ଡିମ୍ବିରିର ବ୍ୟବହାର ଯଥା—[illegible]—୧୫—ଡିମ୍ବିରିପତ୍ରରେ ଗୁସିକୁ ତ'ଥର ଢାଙ୍କିଦେଇ ଛାଇରେ ଶୁଖାଇବ। ତା'ର ପରେ ଏହି ଗୁସିକୁ ପଣାରେ ପେଷି ତେଲ ବାହାର କରିବ। ଏହି ତେଲ ଏକସେର, [illegible] ଡିମ୍ବିରି ଛାଲିର କ୍ୱାଥରେ ଯଥାବିଧି ପାକ କରିବ। ଏହି ତେଲକୁ ଗୋଡ଼ରେ ମାଲିସ କଲେ ପିଲ୍ଲିଲାଦି ଗୋଡ଼ଦୋଷ ନିବାରିତ ହୁଏ। (ଚରକ)। ରକ୍ତପିତ୍ତରୋଗରେ—୧୬—ଡିମ୍ବିରିଫଳର ରସ ପାନ କଲେ ରକ୍ତପିତ୍ତ ଶାନ୍ତ ହୁଏ। (ସୁଶ୍ରୁତ)। ଭସ୍ମକାଗ୍ନିରୋଗରେ—୧୭-ଡିମ୍ବିରି ମୂଳରଛାଲି ସ୍ତ୍ରୀ ଦୁଗ୍ଧ ସହିତ ବାଟି ପାନକଲେ ଭସ୍ମକାଗ୍ନି ପ୍ରଶମିତ ହୁଏ। (ଚକ୍ରଦତ୍ତ) ପିତ୍ତଜତୃଷ୍ଣାରୋଗରେ—୧୮—ଡିମ୍ବିରିଫଳର ରସ, କ୍ୱାଥ କିମ୍ବା କଷାୟ ପାନ କଲେ ପିତ୍ତଜ ତୃଷ୍ଣା ନିବୃତ୍ତି ହୁଏ। (ଚକ୍ରଦତ୍ତ)। ପ୍ରମେହରୋଗରେ—୧୯—ଡିମ୍ବିରିଫଳର ରସ ମହୁ ସହିତ ପାନକଲେ ପ୍ରମେହରୋଗ ବିନଷ୍ଟ ହୁଏ। ଏହି ଔଷଧ ସେବନକାଳରେ ଭାତ ଏବଂ ଦୁଧ ଓ ଘୃତ ପଥ୍ୟ ଭୋଜନ କରିବ। (ଭାବପ୍ରକାଶ)। ବାତରୋଗରେ—୨୦—ଡିମ୍ବିରି ଗଛର କ୍ଷୀର ଓ ଗୁଡ଼ ସହିତ କାଇଡ଼ୁଙ୍କ ମୂଳକୁ ଉତ୍ତମରୂପେ ବାଟି ତା'ର ନସ୍ୟ ଗ୍ରହଣ କଲେ ବାତବ୍ୟାଧି ବିନଷ୍ଟ ହୁଏ। (ବଙ୍ଗସେନ)। [illegible]—୨୧-ପଲାଶମଞ୍ଜୀ ଓ ଡିମ୍ବିରି ଫଳକୁ ଉତ୍ତମରୂପେ ବାଟି ତହିଁରେ ଗୁସିତେଲ ଓ ଅଳ୍ପ ମହୁ ମିଶାଇ ଯୋନିରେ ଲେପନ କଲେ ଶିଥିଳ ଯୋନି ଦୃଢ଼ ହୁଏ (ବଙ୍ଗସେନ)। ଜ୍ୱରରୋଗରେ—୨୨-ଡିମ୍ବିରି ମୂଳର ଛାଲି ତିନିଗ୍ରାମ ଓ ଦ୍ରାକ୍ଷା ମଞ୍ଜି ଅଧଗ୍ରାମ, ଚାଉଳଧୁଆ ପାଣି ସହିତ ପେଷଣ କରି ପାନକଲେ [illegible] ବିନଷ୍ଟ ହୁଏ। ମାତ୍ରା କଳ୍କ—୨୦—୪୦ ଗ୍ରାମ, କ୍ୱାଥ ୪୦—୬୦ ଗ୍ରାମ, ଚୂର୍ଣ୍ଣ ୧—୩ ଗ୍ରାମ, ଡିମ୍ବିରି ମୂଳର ପାଣି ୫୦—୧୫୦ ଗ୍ରାମ।

୪୪୨—ଢିଙ୍କିଡିମ୍ବିରୀ—ମୂଷାଦେଶୀ।

୪୪୩—ଢୁମୁଢୁମାଗଛ—ଏହାର ପତ୍ରରସ ଏବଂ ମୂଳର କ୍ୱାଥ କଟୁ, ତିକ୍ତ ଏବଂ ଉଷ୍ଣ। ଏହା ସେବନ କଲେ ବାତ, କାସ, କ୍ଷୟ, କୃମି, ସୂତିକାବାତ ଓ ଶୋଥ ନିବାରିତ ହୁଏ। ରସର ମାତ୍ରା ୨୦—୪୦ ଗ୍ରାମ, କ୍ୱାଥ ୪୦—୬୦ ଗ୍ରାମ।

୪୪୪—ଢେଙ୍ଗାଢେଙ୍ଗୀ—ଲଟେକୁଣୀଗଛ ଦେଖ

୪୪୫—ଢଉଗଛ—Conocarpus lafifolia.

ଏହାର ସଂସ୍କୃତ ନାମ—ଧବ; ଶୁକ୍ଳବୃକ୍ଷ, ଧବଳ ଓ ଧୁରନ୍ଧର। ଏହାକୁ ବଙ୍ଗଳାରେ ଧାଓଡ଼ାଗାଛ, ହିନ୍ଦୀରେ ଧାଉଡ଼ା ଏବଂ ତେଲୁଗୁରେ ନାଉଷ୍ଟଚେଟ୍ଟୁ ବୋଲନ୍ତି। ଏହାର ପତ୍ରରସ ଓ ଛାଲିର କ୍ୱାଥ କଟୁ, କଷାୟ, ଶୀତଳ, ରୁଚିକର, ଅଗ୍ନିବର୍ଦ୍ଧକ, ବାତ, କଫକାରକ, ମେହ, ଅର୍ଶ ଓ ପାଣ୍ଡୁରୋଗରେ ହିତକର। ଏହାର ଫଳ ମଧୁର, କଷାୟ ଓ ସଂଗ୍ରାହକ।

୪୪୬—ଢାମଣାଗଛ—Grewia elastica.

ଏହାର ସଂସ୍କୃତ ପର୍ଯ୍ୟାୟ—ଧନ୍ୱନାଧାମନ, ଧନୁର୍ବୃକ୍ଷ ଓ ମହାବଳ। ଏହାକୁ ବଙ୍ଗଳାରେ ଧାମନାଗାଛ ବୋଲନ୍ତି। ଏହାର ପତ୍ରରସ ଓ ଛାଲିର କ୍ୱାଥ କଷାୟ, ରୂକ୍ଷ, ଲଘୁ, ବଳକାରକ, ପୁଷ୍ଟିଜନକ, ବ୍ରଣରୋପକ ଭଗ୍ନସ୍ଥାନର ସଂଯୋଜକ ଏବଂ କଫ, ପିତ୍ତ ରକ୍ତସ୍ରାବ ଓ କାସ ରୋଗରେ ଉପକାରକ। ଏହାରଫଳ କଷାୟ, ମଧୁର ଓ ବାତକଫ ନାଶକ।

୪୪୭—ଢାମଣାସାପ—ଏହାର ମାଂସ ସ୍ୱାଦୁ, ପାକରେ ମଧୁର, ଅଗ୍ନିବର୍ଦ୍ଧକ, ଚକ୍ଷୁର ହିତକର, ବାତନାଶକ, ଦୃଷ୍ଟି[illegible]ହାରକ, କୃମିନିବାରକ ଓ ଅର୍ଶରୋଗ ନାଶକ।

୪୪୮—ଢିମ୍ବିରୀଗଛ—ଡିମ୍ବିରୀଗଛ ଦେଖ।

**୪୪୯—ଢିଙ୍କିଆବାଘ**—ଏହାର ମାଂସର ବସା ମର୍ଦ୍ଦନ କଲେ ବାତରୋଗ ବିନଷ୍ଟହୁଏ। ମାଛ ଖାଇବା ଲୋକର ଗଳାରେ କଣ୍ଟା ଲାଗି ରହିଲେ ଏବଂ ଗୋରୁମାନଙ୍କର ସହସା ରୋଗ ହୋଇ ଗୋଡ଼ି ଫୁଲିଲେ, ଢିଙ୍କିଆବାଘର ଦାନ୍ତ, ପାଟିର ହାଡ଼ ତା'ଉପରେ ଦୁଇ ତିନିଥର ଘସିବ। ଏଥିଦ୍ୱାରା ଗଳାରେ ଲାଗିଥିବାକଣ୍ଟା ମିଳିଯାଏ। ଗୋରୁ ଓ ମଇଁଷିର ଗୋଡ଼ରେ ଫୁଲି ଆଉରୋଗ ହେଲେ ଢିଙ୍କିଆ ବାଘର ଦାନ୍ତ, ପାଟିର ହାଡ ତା'ଉପରେ ବାରମ୍ବାର ଘସିବ। ୧—ନାଡ଼ୀବ୍ରଣ ଓ ଭଗନ୍ଦର ରୋଗରେ—ଢିଙ୍କିଆ ବାଘର ହାଡ଼କୁ ପାଣିରେ ଘୋରି ଲଗାଇଲେ ନାଲୀଘା' ଓ ଭଗନ୍ଦର ଘା' ଭଲହୁଏ। ୨—ପୀନସରୋଗେ—ଢିଙ୍କିଆବାଘର ହାଡ଼କୁ ପାଣିରେ ଘୋରି ନାକରେ ପକାଇଲେ ପୀନସିରୋଗ ଭଲ ହୁଏ। ୩—ବାଆଁଛେଲୁଆ ଓ କୁକୁଡ଼ାକାଶରେ—ଢିଙ୍କିଆବାଘର ଦାନ୍ତ ପାଟିର ହାଡ଼କୁ ଘୋରି ପିଆଇଲେ

ବାଯ୍ବାକନ୍ଧ୍ୟାର ଏବଂ ବାୟ୍ବାକୁକୁରର ଭୟ ବିନଷ୍ଟ ହୁଏ । ୪—ଯେକୌଣସି ଜନ୍ତୁର ଗଳଦେଶରେ ହାଡ଼ ବା ମାଛକଣ୍ଟା ଲାଗି ରହିଲେ, ତିନିଆ ବାଘର ନାକପୁଡ଼ା ପାଣିରେ ଘୋରି ତାକୁ ପିଆଇବ । ୫—ତିନିଆ ବାଘର ବସା ଲେପନ କଲେ ଗୋରୁ ଓ ଘୋଡ଼ାମାନଙ୍କର କାନିଙ୍କୁ ଭୁଟିଯାଏ ।

୪୬୦—ତ୍ରିଫଳା—ଶଉପଯାଫଳ ଦେଖ ।

୪୬୧—ତ୍ରୀମାଂସ୍ତ—ଶତଗ୍ରସା ଦେଖ ।

୪୬୨—ତଗରପାଦ—Tabernaemontana coronaria. ଏହା ଏକପ୍ରକାର ଜଳଜାତ ଲତାବୃକ୍ଷ । ଏହାର ସଂସ୍କୃତ ପର୍ଯ୍ୟାୟ—ବକ୍ର, ତଗରପାଦିକା, ମହୋରଗ ଓ ନତ । ଏହାକୁ ବଙ୍ଗଳାରେ ଅଗରପାଦୁକା, ହିନ୍ଦୀରେ ତଗରଚର୍ଣ୍ଣି ଏବଂ ତେଲୁଗୁରେ ନନ୍ଦିବର୍ଦ୍ଧନଚେଟ୍ଟୁ ଓ ପାନ୍ଧୀ-ତଗଲପୁଚେଟ୍ଟୁ ବୋଲନ୍ତି । ଏହାର ମୂଳ ପତ୍ରରସ—ତିକ୍ତ, ମଧୁର, ଶୀତଳ, ସ୍ନିଗ୍ଧ ଓ ଲଘୁ । ଏହା ବିଷ, ଅପସ୍ମାର, ଶିରୋରୋଗ ଓ ନେତ୍ରରୋଗ ହରଣ କରେ । ଏହାର ଅଭାବରେ କୁଡ଼ ପ୍ରୟୋଗ କରାଯାଏ । ପର୍ଯ୍ୟାୟ ମୁକ୍ତାବଳୀରେ ତଗରପାଦର ନାମ ଶିଉଲୀ ଗୁପ୍ତ ଓ ଶିଉଲୀ ଗୁପ୍ତ ବୋଲି ଲେଖାଅଛି ।

୪୬୩—ତନ୍ତ୍ରାଖାସ—ତଟିଆଗାଛ ଦେଖ ।

୪୬୪—ତବକକ୍ଷୀରୀ—ଅଷାମାଳଙ୍କ ଦେଖ ।

୪୬୫—ତମାଖୁପତ୍ର—Nicotiana Rustica or Tabacum. ଏହାର ସଂସ୍କୃତ ପର୍ଯ୍ୟାୟ—ତାମ୍ରକୁଟ, କଳଞ୍ଜ ଓ ଧୂମ୍ରପତ୍ରୀ । ଏହାକୁ ବଙ୍ଗଳାରେ ତାମାକ, ହିନ୍ଦୀରେ ତମାଖୁ ଏବଂ ତେଲୁଗୁରେ ପୁଗାକୁ ବୋଲନ୍ତି । ଏହାକୁ ଚଳିତ ଭାଷାରେ ଧୂଆଁପତ୍ର ଓ ନାସପତ୍ର ବୋଲଯାଏ । ମତିହାର ଓ ବାଲେଶ୍ୱରୀ ପତ୍ର ତମାଖୁର ଭେଦ । ତମାଖୁର କଞ୍ଚା ଓ ଶୁଖିଲା ପତ୍ର, ଡାଙ୍ଗ ଓ ସମଗ୍ର ବୃକ୍ଷ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ଚୂର୍ଣ୍ଣ ଓ ରସ—କଟୁ, ତିକ୍ତ, ଉଷ୍ଣ ଓ ତୀକ୍ଷ୍ଣ । ଏହା ପିତ୍ତ ବର୍ଦ୍ଧକ, ମଦକାରକ, ଦନ୍ତ ଶୋଧକ, ବଳକାରକ ଓ ମୃଦୁ ବିରେଚକ । ତମାଖୁ ସ୍ୱୟଂ ବିଷ କିନ୍ତୁ ବିଷନାଶକ । ଏହାର ଧୂମ ପାନକଲେ ବାତ, କଫ, କାସ, ଶ୍ୱାସ ଓ କୃମି ବିନଷ୍ଟ ହୁଏ ଏବଂ ବୁଦ୍ଧିର ଜଡ଼ତା ଓ ଶରୀରର ଅବସନ୍ନତା ଦୂରହୁଏ । ୧—ଧୂଆଁପତ୍ର ବାଟି ମୁଣ୍ଡରେ ଲଗାଇଲେ ଉକୁଣୀ ଲିଖ ମରନ୍ତି । ୨—ବୃଶ୍ଚିକାଦି ଦଂଶ, ଶୋଥ, ମୂତ୍ରରୋଗ, ଦନ୍ତ-ରୋଗ ଓ ଆମଜ୍ୱର ନିବାରଣାର୍ଥେ ଏହା ପ୍ରୟୋଗ କରାଯାଏ । ଧୂଆଁପତ୍ର ସେବନ କଲେ ମୁଣ୍ଡ ବୁଲାଇ ହୁଏ ଏବଂ ବୁଦ୍ଧି ଶକ୍ତି ଉତ୍ତେଜିତ ହୁଏ । ତମାଖୁ ସେବନ ଦ୍ୱାରା ସର୍ବାଙ୍ଗ ବେଦନା ପ୍ରଭୃତି ଗାତ୍ରମାନଙ୍କର ସ୍ୱର ପରିଷ୍କୃତ ରହେ । ୩—ତମାଖୁ ପତ୍ରକୁ ଗୁଣ୍ଡ କରି ଏହି ଚୂର୍ଣ୍ଣକୁ ନଡ଼ିଆତେଲରେ ମିଶାଇ ଘା'ରେ ଲଗା-ଇଲେ ଘା' ଶୁଖିଯାଏ । ୪ ତମାଖୁପତ୍ରକୁ ପାଣିରେ ବତୁରାଇ ଗୁଣିନେବ । ଏହିପାଣି ଆଖିରେ ପକାଇଲେ ଆଖିରୁ ପାଣି ବହିବା, ଲେଡ଼ୁଆ ବାହାରିବା ଏବଂ ଅଭିଷ୍ୟନ୍ଦ ରୋଗ ଭଲହୁଏ । ଏହି ପାଣିକୁ କାନରେ ପକାଇଲେ କାନପଟୁରୋଗ ବିନଷ୍ଟହୁଏ । ୬—ଇନ୍ଦ୍ରଲୁପ୍ତ ( ମୁଣ୍ଡରେ ଚକଡ଼ା ଚକଡ଼ା ହୋଇ ବାଳ ଉପୁଡ଼ିଯିବା ) ରୋଗରେ ତମାଖୁ ପତ୍ରର ପ୍ରଲେପ ଫଳପ୍ରଦ ଔଷଧ । ୭—ଦଶଶିଗ୍ରାମ ତମାଖୁପତ୍ର ଦଶପାଆ ଜଳରେ ସିଝାଇବ । ଏହି ଜଳ ୨୦—୮୦ ଟୋପା ପର୍ଯ୍ୟନ୍ତ ସେବନ କଲେ ହୃଦରୋଗ ଶ୍ୱାସରୋଗ ଓ ମୂତ୍ରରୋଧ ନିବାରିତ ହୁଏ । ଗୁହ୍ୟ ଦ୍ୱାରରେ ତମାଖୁପତ୍ର ବାନ୍ଧି ରଖିଲେ ବିରେଚନ ହୁଏ । ୮—ତମାଖୁପତ୍ରର ଧୂଆଁ ଦେହରେ ଲଗାଇଲେ ଫିରଙ୍ଗରୋଗ, ରକ୍ତଦୋଷ ଓ ବାତରୋଗରେ ଉପକାର ହୁଏ । ୯—ସୀତାଫଳ ପତ୍ର, ଧୂଆଁପତ୍ର ଓ ଆଳାଶକର୍ପୂର ଏସବୁ ଏକାଠେ ବାଟି ଲଗାଇଲେ ଘା'ରେ ଥିବା କୃମି ମରନ୍ତି ଏବଂ ଘା' ଶୁଖିଯାଏ । ୧୦—ଧୂଆଁପତ୍ର ପୋଡ଼ାଇଲେ ଭୁଷୁରୁ ଯେଉଁ ଲେପ ବାହାରେ ତାକୁ ଆଖିରେ ଲଗାଇଲେ ଆଖିର ଫୁଲ ଏବଂ ଆଖିରେ ଜୋକଅ ପଡ଼ିବାରୋଗ ଭଲହୁଏ । ୧୧—ଧୂଆଁପତ୍ର ଚୂର୍ଣ୍ଣର ନସ୍ୟ ନିଦ୍ରା ହରଣ କରେ ଏବଂ ମନର ଜଡ଼ତା ଦୂରକରେ । ୧୨—ଏହି ନସ୍ୟ ବାରମ୍ବାର ଅଧିକ ଦିନ ବ୍ୟବହାର କଲେ ଦୃଷ୍ଟିର ଦୁର୍ବଳତା ମୁଣ୍ଡବ୍ୟଥା ଓ ବାଧିର୍ଯ୍ୟରୋଗ ଜାତ ହୁଏ । ୧୩—ହୁକାଧୂଆଁ ପିଇଲେ କିମ୍ବା ହୁକା ସଚ୍ଚୋଇରେ ଥିବା ଜଳ ପାନ କଲେ ମୂତ୍ରରୋଧ ନିବାରିତ ହୁଏ । ହୁକା ସଚ୍ଚୋଇରେ ଥିବା ପାଣିରେ ଘା'କୁ ଧୋଇଲେ ବିଶେଷ ଉପକାର ହୁଏ । ୧୪—ହୁକା ଭିତରେ ଲାଗିଥିବା ତେଲପଣ ଚକ୍‌ଚକ୍ ପଦାର୍ଥକୁ ଘା'ରେ ଲଗାଇଲେ ଘା' ଶୁଖେ । ୧୫—ଏହା ଆଖିରେ ଲଗାଇଲେ ରାତକଣା ରୋଗ ଓ ଲେଡ଼ୁଆ ବହିବା ରୋଗ ଭଲହୁଏ । ୧୬—ଧୂଆଁପତ୍ରର ଉଷ୍ଣ କ୍ୱାଥ ସେବନ କଲେ ଶୋଥ, କୁଟରେ ବେଦନା ଓ କୋଷର ଝୋଲା-ବନ୍ଧା ପ୍ରଶମିତ ହୁଏ । ୧୭—ଧୂଆଁପତ୍ରର ପ୍ରଲେପ ବାତବ୍ୟଥା ଓ ଚର୍ମରୋଗ ହରଣ କରେ । ୧୮—ଧୂଆଁପତ୍ରର ଡାଙ୍ଗରେ ଜଡ଼ାତେଲ ଲଗାଇ ବାଳକମାନଙ୍କର ଗୁହ୍ୟଦ୍ୱାରରେ ତାକୁ ପ୍ରବେଶ କରାଇଲେ ସେମାନଙ୍କର କୋଷ୍ଠବଦ୍ଧତା ପ୍ରଶମିତ ହୋଇ ସୁଖରେ ବିରେଚନ ହୁଏ । ୧୯—ଧୂଆଁପତ୍ରକୁ ପାଣିରେ ଓଦା କରି ବେଦନାଯୁକ୍ତ ଅଙ୍ଗରେ ବାନ୍ଧିଲେ ବେଦନା ଦୂର ହୁଏ । ୨୦—ଧୂଆଁପତ୍ରକୁ ଓଦାକରି କୋଷ ଉପରେ ପକାଇ ବାନ୍ଧିଲେ କୋଷର ଝୋଲା, ବନ୍ଧା ଓ ଫୁଲା ଛୁଟିଯାଏ । ୨୧—ଧୂଆଁପତ୍ରର କ୍ୱାଥ ସେବନ କରାଇଲେ କରମଞ୍ଜୀର

[illegible] ହୁଏ । ୨୨-ଧୂଆଁ ପଥରକୁ ଲେମ୍ବୁରସରେ [illegible] ଦେଲେ ପ୍ଲୀହା ବିନଷ୍ଟ ହୁଏ । ୨୩-[illegible] ଓ ଧନୁଷ୍ଟଙ୍କାର ବାତରୋଗୀର ମେରୁଦଣ୍ଡାରେ ଧୂଆଁ ପଥର ବାଟି ଲେପନ କଲେ ବିଶେଷ ଉପକାର ହୁଏ । ୨୪-ବାତଜ ଶୋଥ ଓ ପିଚ୍ଛିଳବା ରୋଗରେ ଧୂଆଁ ପଥର ପ୍ରଲେପ ହିତକର । ୨୫-ଧୂଆଁ ପଥରକୁ ଗୋଟିଏ ରୁଦ୍ଧମୁଖ ପାତ୍ର ମଧ୍ୟରେ ରଖି ପୁଟଦଗ୍ଧ କରିବ । ଏହି ଭସ୍ମକୁ ତେଲରେ ମିଶାଇ ଲଗାଇଲେ କାଛୁ (କାଞ୍ଛୁ) କୁଣ୍ଡିଆ ପ୍ରଭୃତି ଚର୍ମରୋଗ ବିନଷ୍ଟ ହୁଏ । [illegible] — ୨—ଧୂଆ ପଥର ତାଙ୍ଗ ୨୦୦ ଗ୍ରାମ ପରିଷ୍କାର କରି ଆଣିବ (ଗୋଟାର କୌଣସି ଅଂଶ ମିଶିଥିଲେ ତାକୁ ବାହାର କରିଦେବ) । ତାକୁ ଏକ ଏକ ଇଞ୍ଚ ପରିମାଣେ ଖଣ୍ଡ କରି କାଟି ଗୋଟିଏ ମାଟି ହାଣ୍ଡିରେ ରଖିବ । ଚୁଲ୍ଲୀରେ ଗୋଟିଏ ପଲମ ଯୋଡ଼ାଇବ । (ଯେପରିକି—ହାଣ୍ଡି ଭିତରେ ଥିବା ଧୂଆଁ ତାଙ୍ଗ ଗୁଡ଼ିକ ଅଙ୍ଗାର ହୋଇଯାଏ ଅଥଚ ପାଉଁଶ ନହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ହେବ) ତା'ର ପରେ ସୈନ୍ଧବ ଲୁଣ ୨୦୦ ଗ୍ରାମ ଆଣି ମିଶାଇବ, ଦୁହିଁଙ୍କୁ ଉତ୍ତମ ରୂପେ କୁଟି କନାରେ ଛାଣି ମଜବୁତ କାର୍କ ଦିଆଯାଇଥିବା କାଚ ଶିଶୀରେ ରଖିବ । ଅଙ୍ଗାର କରିବା, କୁଟିବା ଓ କାଚ ଶିଶୀରେ ରଖିବା ଏସବୁ କାର୍ଯ୍ୟ ବରାବର ବ୍ୟବଧାନ ନଥାଇ ଏକସମୟରେ କରିବାକୁ ହେବ । ସମସ୍ତ ଗଡ଼ାଇଲେ ପବନ ବାଜି ଔଷଧ ଶକ୍ତିହୀନ ହୋଇଯାଏ । ଏହାର ମାତ୍ରା—ଏକଷୋଡ଼ଶାଂଶ ଗ୍ରାମଠାରୁ ଏକ ଚତୁର୍ଥାଂଶ ଗ୍ରାମ । ଦିନ ମଧ୍ୟରେ ତିନିଥର ଦେବ । ଏହା ସେବନ କଲେ ବାଳକମାନଙ୍କର ହୁପିଂ କଫ (ଲିହ୍ୱତାକାଶ) ଶ୍ୱାସ, ଜ୍ୱର ଓ [illegible] ଉପଦ୍ରବ ପ୍ରଶମିତ ହୁଏ । ଶୁଖିଲା କାସରେ ମହୁ [illegible] ଏବଂ କଫଯୁକ୍ତ କାସରେ ପାନରସ ଓ ଗୁଳୁଚି ରେପ୍ପା [illegible] ବାଟି ଦେବ । (ର, ତ, ସା) ମାତ୍ରା—ପତ୍ରରସ ୩ ଗ୍ରାମ ଠାରୁ ୫ ଗ୍ରାମ ପତ୍ରଚୂର୍ଣ୍ଣ—ଅଧଗ୍ରାମ ଠାରୁ ଏକଗ୍ରାମ । ଅଧିକ ମାତ୍ରାରେ ତମାଖୁ ସେବନ ବା ଏହାର ଧୂମ ପାନକଲେ କିମ୍ବା ଏହାକୁ ନସ୍ୟ ରୂପେ ବ୍ୟବହାର କଲେ ହୃଦୟର ଅବସାଦ, ପ୍ରଚୁର ଘର୍ମ ନିର୍ଗମ, କ୍ଷୁଧାମାନ୍ଦ୍ୟ, ଶିରଃବିକୃତି ସ୍ମୃତିଶକ୍ତିର ଦୁର୍ବଳତା, ଦୃଷ୍ଟିବିଭ୍ରମ, ଶ୍ରବଣଶକ୍ତିର ଦୁର୍ବଳତା, ଶିରୋଘୂର୍ଣ୍ଣନ, ହୃଦୟର ଅସ୍ୱାଭାବିକ ସ୍ପନ୍ଦନ, ସ୍ନାୟବିକମନୋବିକାର, ଦୁଃସ୍ୱପ୍ନ ଏବଂ ବାନ୍ତି ଓ ବିରେଚନ ହୋଇ ଜୀବନ ନଷ୍ଟହୁଏ । ତମାଖୁ ବିଷର ଲକ୍ଷଣ—୧-ଦୁଧ, ୨-ଘିଅ, ୩-ପରଡ଼ ଓ ପତ୍ରପାଣି, ୪-ପଞ୍ଚାମୃତ ।

୪୫୬-ତମାଳଗଛ—Xanthochymus pictorius. ଏହାର ସଂସ୍କୃତ ପର୍ଯ୍ୟାୟ—କାଳସ୍କନ୍ଧ, ତାପିଞ୍ଛ, ତମାଳକ ଓ ନୀଳତାଳ, ଏହାକୁ ବଙ୍ଗଳାରେ ତମାଲ ଏବଂ ହିନ୍ଦୀରେ ତମାଲୁ ବୋଲନ୍ତି । ଏହାର ଗୁଣ ଲୁଷ୍ଟ ବର୍ଣ୍ଣ । ଏହା ମଧୁର, ଶୀତଳ, ଗୁରୁ ବଳକାରକ, ବାର୍ଯ୍ୟ ବର୍ଦ୍ଧକ ଓ ଶ୍ରମ ନିବାରକ । କଫ, ପିତ୍ତ, ତୃଷା ଓ ଦାହ ରୋଗରେ ଏହା ଉପକାର କରେ । ଆମଦେଶର ଲୋକେ ଏକପ୍ରକାର ଲତା ପୁଷ୍ପ ବୃକ୍ଷକୁ ତମାଲ ବୋଲନ୍ତି ।

୪୫୭-ତମ୍ବା—Cuprum. Copper. ଏହା ଏକପ୍ରକାର ପ୍ରସିଦ୍ଧ ଖଣିଜଧାତୁ । ଏହାର ସଂସ୍କୃତ ପର୍ଯ୍ୟାୟ—ତାମ୍ର, ମ୍ଳେଚ୍ଛତାମ୍ରସ, ରବିପ୍ରିୟ ଓ ଶୁଲ୍ବଧାତୁ । ଏହାକୁ ବଙ୍ଗଳାରେ ତାମା, ହିନ୍ଦୀରେ ତାଁବା ଏବଂ ତେଲୁଗୁ ଭାଷାରେ ରାଗୀ ଓ ତାମ୍ରମୁ ବୋଲନ୍ତି । ତମ୍ବାକୁ ପ୍ରଥମେ ଶୋଧନ କରି ତା'ର ପରେ ଭସ୍ମ କରି ଔଷଧାଦିରେ ବ୍ୟବହାର କରାଯାଏ । ବଜାରରେ ମିଳୁଥିବା ତମ୍ବାପଟଗୀ ଅପେକ୍ଷା ବିଜୁଳୀ ତାରର ତମ୍ବା ଉତ୍କୃଷ୍ଟ । ଯଦି ବିଜୁଳୀ ତାର ନମିଳେ, ତେବେ ମୟୂର ତିଶଥାରୁ ତମ୍ବା ବାହାର କରି ଶୋଧନ ଓ ଭସ୍ମ କରି ପ୍ରୟୋଗ କରିବ ।

ମୟୂରତିଶଥାରୁ ତମ୍ବା ବାହାର କରିବାର ସହଜ ଉପାୟ—ଅଢ଼ାଇସେର ମୟୂର ତିଶଥା ଆଣି ତାକୁ ଉତ୍ତମ ରୂପେ ଚୂର୍ଣ୍ଣ କରିବ । ଏହି ମୟୂରତିଶଥା ଚୂର୍ଣ୍ଣକୁ ଗୋଟିଏ ପରିଷ୍କାର ଗ୍ରେଟ ଲୁହା କଡ଼ାଇରେ କରୁଇ ଦେବ । ତା'ର ପରେ ଏହି ଲୁହା କଡ଼ାଇକୁ ଆଉଗୋଟିଏ ବଡ଼ ଲୁହା କଡ଼ାଇ ଭିତରେ ରଖି ମୟୂରତିଶଥା ଗୁଣ୍ଡ ଉପରେ ଖଣ୍ଡିଏ କନା ପକାଇ ଘୋଡାଇ ଦେବ । ତା'ର ପରେ ଏହି କଡ଼ାଇରେ କୁଣ୍ଡା ହୋଇନଥିବା ଦଶସେର ତ୍ରିଫଳା ଭିଜିକରି କଡ଼ାଇଟି ଯେପରି ବାହାରକୁ ନବହେଣ, ସେହିପରି ଭାବେ ଶିକଳାରେ ଘୋଡ଼ାଇ ଦେବ । ତହିଁ ଉତ୍ତାରୁ ସେହି କଡ଼ାଇରେ ଗୃଳସିସେର ସାଦୁପାଣି ଭଜିକରି ଦିବସରେ ସୂର୍ଯ୍ୟକିରଣରେ ଏବଂ ରାତିରେ ଚନ୍ଦ୍ରକିରଣରେ ଏକ ମାସ ପର୍ଯ୍ୟନ୍ତ ଥୋଇବ । ଏକମାସ ପରେ ପାଣିକୁ କନାରେ ଛାଣି ରଖିବ । (ଏହି ପାଣି ଆଖିରେ ଦେଇଲେ ଚକ୍ଷୁରୋଗରେ ଉତ୍ତମ ଉପକାର ହୁଏ) ଏବଂ ଗ୍ରେଟ କଡ଼ାଇର ତଳେ ଲାଗି ରହିଥିବା ଲୁହା ତାମ୍ର ପତ୍ରୀକୁ ଗୁଳାରେ କୋରି ବାହାର କରିବ । (ଏଥିରୁ ବାହାରିଥିବା ତ୍ରିଫଳାକୁ ମଧ୍ୟ କ୍ଷାରକରି ପ୍ରୟୋଗକଲେ ଅଗ୍ନିମାନ୍ଦ୍ୟ ନଷ୍ଟହୁଏ । ତମ୍ବା ଶୋଧନବିଧି—ତମ୍ବାକୁ ଅଗ୍ନିରେ ତତାଇ ତେଲରେ, ଚହ୍ଲାରେ, କାଞ୍ଜିରେ, ଗୋମୂତ୍ରରେ, କୋଳଥ କ୍ୱାଥରେ ଏବଂ ଅରଖପତ୍ରର ରସରେ ସାତ ସାତ ଥର ବୁଡ଼ାଇବ । ତା'ପରେ ତାକୁ ହେମଦସ୍ତାରେ କୁଟି ଚୂର୍ଣ୍ଣ କରିବ । ପରେ ଗୋଟିଏ ହାଣ୍ଡିରେ ଗୋମୂତ୍ର ଭର୍ତ୍ତିକରି ତହିଁରେ

ତନ୍ତୁଳୀ ଓ ଲୁଣ ମିଶାଇ ଉପଯୁକ୍ତ ପାତ୍ରରେ ସେହି ତମ୍ବାକୁ ବାରଘଣ୍ଟା କାଳ ସିଝାଇ ପରସ୍ପର ଜଳରେ ଧୋଇବ । ତହିଁଉତ୍ତାରୁ ଏହି ତମ୍ବାକୁ ଲେମ୍ବୁରସରେ ପକାଇ ଖଟାରେ ରଖିବ । ଲେମ୍ବୁରସ ଯେତେକ ୨ ବେଳଥର ବର୍ଣ୍ଣ ବଦଳିବ, ତାକୁ ବରାବର ଫିଙ୍ଗିଦେବ । ଏହିପରି ସାତଦିନ ପର୍ଯ୍ୟନ୍ତ ତମ୍ବାକୁ ଲେମ୍ବୁରସରେ ପକାଇ ଖଟାରେ ରଖିବ । ସାତଦିନ ମଧ୍ୟରେ ଦୁଇଦିନଥର ଲେମ୍ବୁରସ ବଦଳାଇବ । ଆଠଦିନରେ ତମ୍ବାଚୂର୍ଣ୍ଣକୁ ବାହାର କରି ପାଣିରେ ଧୋଇଲେ ତାହା ଶୁଦ୍ଧ ଓ ଭସ୍ମର ଉପଯୋଗୀ ହୁଏ ।

ତାମ୍ରଭସ୍ମ ପ୍ରସ୍ତୁତ—ପୂର୍ବୋକ୍ତ ବିଧି ଅନୁସାରେ ଶୋଧିତ ତମ୍ବାକୁ କୁଟି ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣର ଚତୁର୍ଥାଂଶ ଶୁଦ୍ଧ ପାରା ମିଶାଇ ଚବିଶଘଣ୍ଟା ଲେମ୍ବୁରସରେ ମର୍ଦ୍ଦନ କରିବ । ତା'ପରେ ତମ୍ବାର ଦୁଇଗୁଣ ଶୁଦ୍ଧ ଗନ୍ଧକ ଲେମ୍ବୁରସରେ ମର୍ଦ୍ଦନ କରି ସେଥିରେ ଉପରୋକ୍ତ ପାରଦ ଯୁକ୍ତ ତମ୍ବାଚୂର୍ଣ୍ଣକୁ ମିଶାଇ ଗୁଳାକରିବ । ତହିଁଉତ୍ତାରୁ ଅମ୍ଳିଗଛ ପତ୍ରକୁ ବାଟି ସେହି ଗୁଳା ଉପରେ ଦୁଇ ଆଙ୍ଗୁଳି ବହଳରେ ଲେପନ କରିବ । ପରେ ଏହି ଗୁଳାଟିକୁ ହାଣ୍ଡି ମଧ୍ୟରେ ରଖି, ଉପରେ ବାଲି ଭର୍ତ୍ତିକରି ଢାଙ୍କୁଣି ଘୋଡାଇ ପାଉଁଶ ଓ ଲୁଣ ବାଟି ସନ୍ଧି ରୋଧକରିବ । ତା'ର—ପରେ ଚୁଲି ଉପରେ ହାଣ୍ଡିକୁ ଚଢାଇ ବାରଘଣ୍ଟା ପର୍ଯ୍ୟନ୍ତ କ୍ରମଶଃ ମନ୍ଦ, ମଧ୍ୟ ଓ ତୀକ୍ଷ୍ଣ ଅଗ୍ନି ଜାଳଦେବ । ହାଣ୍ଡିଟି ସ୍ୱାଙ୍ଗଶୀତଳ ହେବାପରେ ଖୋଲି ସାବଧାନରେ ବାଲି ଓ ପାଉଁଶକୁ ଅଲଗା କରି ତମ୍ରଭସ୍ମର ଗୁଳାଟି ଗ୍ରହଣ କରିବ । ପରେ ଓଲ ରସରେ ଏହି ଗୁଳାଟିକୁ ମର୍ଦ୍ଦନକରି ଓଲମଧ୍ୟରେ ରଖି ତଳ ମାଟି ଉପରେ ଲେପ ଦେଇ ଗଜପୁଟରେ ଦଗ୍ଧ କଲେ ମୟୂର କଣ୍ଠ ପରି ବର୍ଣ୍ଣ ଉତ୍ତମ ତାମ୍ରଭସ୍ମ ପ୍ରସ୍ତୁତ ହୁଏ । ଓଲ ନ ମିଳିଲେ ଲେମ୍ବୁରସରେ ମର୍ଦ୍ଦନ କରି ଗୁଳା ବାନ୍ଧି ଗଜପୁଟ ଦେବ । ମତାନ୍ତର ଉପାୟରେ ତମ୍ବାର ଶୋଧନ ଓ ଭସ୍ମ ବିଧି—ତମ୍ବାପତ୍ରୀ ଉପରେ ଲୁଣ ମାଖି ୨ । ୩ ଥର ପୋଡିଲେ ଶୁଦ୍ଧ ହୁଏ । ଏହି ଶୁଦ୍ଧ ତମ୍ବାପତ୍ରୀର ଲେପନ କରିବ । ଏହି ତମ୍ବାପତ୍ରୀକୁ ଗୋଟିଏ ଲୁହା କଡାଇ ମଧ୍ୟରେ ରଖି ଶରା ଘୋଡାଇ ଚିକ୍କଣ ମୃତ୍ତିକା ଦ୍ୱାରା ରୋଧକରିବ । ତା'ର ଉପରେ ବାଲି ଢାଳି ବାଲି ଉପରେ ଏକମୁଠା ଧାନ ରଖିବ । ସେହି କଡାଇକୁ ଚୁଲ୍ଲିରେ ବସାଇ ପ୍ରଚଣ୍ଡ ଅଗ୍ନି ଜାଳି ଦେବ । ଅଗ୍ନି ତାପରେ ଧାନ ଖଇ ଫୁଟିଲେ ତମ୍ବା ଭସ୍ମ ହେଲାବୋଲି ବୁଝି ବାହାର କରି ଗୁଣ୍ଡ କରିବ । ଏହି ତାମ୍ରଭସ୍ମକୁ ଫେଣରେ ଓଲ ଭିତରେ ରଖି ପୁଟଦେଲେ କିମ୍ବା ପଞ୍ଚାମୃତରେ ମର୍ଦ୍ଦନ କରି ପୁଟ ଦେଲେ ବିଶୁଦ୍ଧ ଭାବରେ ଭସ୍ମ ହୁଏ । ଗୁଣ—ତାମ୍ରଭସ୍ମ, ମଧୁର, ତିକ୍ତ, କଷାୟ, ଅମ୍ଳ, କଟୁ, ଶୀତଳ ଓ ଲଘୁ । ଏହା ସେବନକଲେ ଉଦରରୋଗ, ପ୍ରମେହ, ଅଜୀର୍ଣ୍ଣ, ଜ୍ୱର, ସନ୍ନିପାତ, କଫୋଦର, ପ୍ଲୀହୋଦର, ଯକୃତ୍ ବିକାର ପରିଣାମଶୂଳ, ଦାହ, ହିକ୍କା, ଆଧ୍ମାନ, ଅଷ୍ଠୀଳା, ଗ୍ରହଣୀ, ପାଣ୍ଡୁ ଓ ମାଂସାର୍ବୁଦ ଇତ୍ୟାଦି ରୋଗ ବିନଷ୍ଟ ହୁଏ । ୧—ଯକୃତ ଓ ପ୍ଲୀହା ବୃଦ୍ଧି ରୋଗରେ ତାମ୍ରଭସ୍ମର ବ୍ୟବହାର ଅତୀବ ହିତକର । ୨—ପିତ୍ତାଶୟରେ ଅଶ୍ମରୀ ସଞ୍ଚିତ ହୋଇ ବେଦନା ଜାତ ହେଲେ କଳରାପତ୍ରର ରସ ସହିତ ତାମ୍ରଭସ୍ମର ଉପଯୋଗ ଦ୍ୱାରା ତାହା ନିବାରିତ ହୋଇଥାଏ । ୩—ଗୁଳ୍ମ ରୋଗ ଏବଂ ଅଷ୍ଠୀଳା ରୋଗରେ ବିରେଚକ ଔଷଧ ସହିତ ତାମ୍ରଭସ୍ମ ସେବନ କଲେ ବିଶେଷ ଉପକାର ହୁଏ । ୪—ସାଧାରଣତଃ ଉଦରରୋଗରେ ହୃଦୟ ଯକୃତ୍ ଓ ମୂତ୍ରାଶୟ ଏହି ତିନି ସ୍ଥାନର ବିକୃତି ଘଟିଥାଏ । ଏହି ସ୍ଥାନମାନଙ୍କର ବିକାର ପ୍ରଶମନାର୍ଥେ ତାମ୍ରଭସ୍ମ ପ୍ରୟୋଗ କଲେ ଉତ୍ତମ ଫଳଲାଭ ହୁଏ । ୫—ଶ୍ୱେତପୁନର୍ଣ୍ଣୀ ପ୍ରଭୃତି ମୂତ୍ରପ୍ରବର୍ତ୍ତକ ଔଷଧ ସହିତ ତାମ୍ରଭସ୍ମ ସେବନ କଲେ ଜଳୋଦର ରୋଗ ପ୍ରଶମିତ ହୁଏ । ପିତ୍ତପ୍ରକୃତି ଲୋକ ତାମ୍ରଭସ୍ମ ସେବନ କଲେ ତା'ର ପିତ୍ତ ବୃଦ୍ଧି ହୋଇ ପାତଳା ଝାଡା ହୁଏ । ୬—କାସ, ଶ୍ୱାସ, ଯକ୍ଷ୍ମା, ପୀନସ, କୁଷ୍ଠ, ଅମ୍ଳପିତ୍ତ, କୃମି, ମଳରୋଧ ଓ ଶୂଳରୋଗରେ ତାମ୍ରଭସ୍ମ ପ୍ରୟୋଗ କରାଯାଏ । ୭—ବିସୂଚୀ ରୋଗରେ ଅନେକବାର ଝାଡା ହେବାପରେ ହାତର ଓ ପାଦର ନାଡୀ ଗୁଡ଼ାଇ ଭୟଙ୍କର ବେଙ୍ଗୀ ଯଦି ଉଠେ, ଏହିପରି ଅବସ୍ଥାରେ ତାମ୍ରଭସ୍ମ ପ୍ରୟୋଗ କଲେ ତୁରନ୍ତ ସୁଫଳ ଲାଭ ହୁଏ । ଯଦି ବିସୂଚୀକା ସହିତ ବାନ୍ତି, ଶୂଳ ଓ ଭ୍ରମ ଏହି ସବୁ ଉପଦ୍ରବ ଥାଏ, ତାହା ମଧ୍ୟ ତାମ୍ରଭସ୍ମର ପ୍ରୟୋଗରେ କମିଯାଏ । ୮—ଯଦି ଅମ୍ଳପିତ୍ତ ରୋଗରେ ଗରମ ୨ ପିତ୍ତ ଅଧିକ ପରିମାଣରେ ବାନ୍ତି ହେଉଥାଏ, ମୁଣ୍ଡ ବୁଲାଇ ହୁଏ ଏବଂ ପେଟରେ ବେଦନା ଜାତ ହୁଏ, ତା'ହେଲେ ଏହିପରି ଅବସ୍ଥାରେ ତାମ୍ରଭସ୍ମ ଅତ୍ୟନ୍ତ ଉପକାର କରେ । ୯—କଫ ପ୍ରଧାନ ରୋଗମାନଙ୍କରେ ତାମ୍ରଭସ୍ମ ପ୍ରୟୋଗ କଲେ ଆମାଶୟ ଓ ପକ୍ୱାଶୟ ବିଶୋଧିତ ହୋଇଥାଏ । ୧୦—ମଦ ଉଦ୍ଭିଜ୍ଜ ବିଷ ବା କୃତ୍ରିମ ବିଷ ଉଦରସ୍ଥ ହେଲେ, ତା'ର ସଂଶୋଧନ ନିମନ୍ତେ ତାମ୍ରଭସ୍ମ ସେବନ ହିତକର ଅଟେ । ୧୧—ଅନ୍ନଦ୍ରବ ଶୂଳ କିମ୍ବା ଅନ୍ୟାନ୍ୟ କୋଷ୍ଠ ଗତ ଶୂଳ ରୋଗରେ ଯଦି ଉଦରଗତ ଅଷ୍ଠୀଳାର ଗ୍ରନ୍ଥିର ବୃଦ୍ଧି ହୁଏ, ଅଥବା ଉଦରଗତ ଗ୍ରନ୍ଥି ଯଦି ଶୂଳର କାରଣ ହୁଏ, ତା'ହେଲେ ସେପରି ଅବସ୍ଥାରେ ତାମ୍ରଭସ୍ମର ଉପଯୋଗ କର୍ତ୍ତବ୍ୟ । ୧୨—ପାଣ୍ଡୁ—ରୋଗରେ ଯଦି ପ୍ଲୀହା କିମ୍ବା ଯକୃତ୍ ବଢିଥାଏ, ତା'ହେଲେ ତାମ୍ରଭସ୍ମ ପ୍ରୟୋଗ କରିବା ଉଚିତ । ୧୩—କଫଜ ଗୁଳ୍ମ ଓ ଅଷ୍ଠୀଳା ବୃଦ୍ଧି ରୋଗରେ ତାମ୍ରଭସ୍ମ ପ୍ରୟୋଗ କଲେ ଉତ୍ତମ

... ୧୪—ଅତ୍ୟଧିକ ମାଂସ ଖାଇବାଲୋକଙ୍କର ଉଦର ... ରୋଗରେ ଅନ୍ୟ ଔଷଧ ଅପେକ୍ଷା ତାମ୍ରଭସ୍ମ ଅଧିକ ଉପକାର କରେ । ୧୫—ଗ୍ରହଣୀ ରୋଗୀର ମଳ ... ସହ ଅଜୀର୍ଣ୍ଣ, ମିଳାଇଙ୍କ ଏବଂ ତକ୍‌କଣ ଦେଖାଯାଏ, ଅତଶୟ ତନ୍ଦ୍ରା, ଓଁଠାର ଆରେ, ଅନେକ ସମୟରେ ବାନ୍ତି ହୁଏ ଏବଂ ସେହି ବାନ୍ତି ମଧ୍ୟ ଦୁର୍ଗନ୍ଧ, ତକ୍‌କଣ ଓ ଫକ୍‌କାରଙ୍କ ଦେଖା-ଯାଏ, ତାହାହେଲେ ସେହିପରି ଅବସ୍ଥାରେ ତାମ୍ର ଭସ୍ମର ଉପଯୋଗ ଉତ୍ତମ ଉପକାର କରେ । ତାମ୍ରଭସ୍ମ ଅତ୍ୟନ୍ତ ଉଗ୍ର, ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ ଓ ପିତ୍ତ ବର୍ଦ୍ଧକ । ଏ ହେତୁରୁ ସାବଧାନରେ ଏହା ପ୍ରୟୋଗ କରିବ । ବାଳକ, ବୃଦ୍ଧ, କ୍ଷୟ-ରୋଗୀ, ସୂତିକା, ଗର୍ଭିଣୀ, ରକ୍ତାର୍ଶ ରୋଗୀ ଏବଂ ମୂତ୍ରାଶୟରେ ଶୋଥଯୁକ୍ତ ଉଦର ରୋଗୀକୁ ତାମ୍ରଭସ୍ମ ଦେବନାହିଁ । ଜାରୁଥିବା ତାମ୍ରଭସ୍ମକୁ ଉପଯୋଗ କରିବ । କଞ୍ଚାଭସ୍ମ କଦାପି ଉପଯୋଗ କରିବ ନାହିଁ । ଭଲରୂପେ ମରି ହୋଇନଥିବା ତାମ୍ରଭସ୍ମ ସେବନ କଲେ ଭ୍ରମ, ପ୍ରଳାପ, ବାନ୍ତି, ଜ୍ୱର, ଅତିସାର, ଶୂଳ ଓ ରକ୍ତସ୍ରାବ ଇତ୍ୟାଦି ବିକାର ଉତ୍ପନ୍ନ ହୁଏ । ଏହାର ପ୍ରତିକାରାର୍ଥେ ଶୁଦ୍ଧ ଗନ୍ଧକ ସେବନ କରିବ । ତାମ୍ରଭସ୍ମ ସେବନରେ ଅପଥ୍ୟ—ତାମ୍ରଭସ୍ମ ସେବନ କରିବା ସମୟରେ ମରିଚ, ରସୁଣ, ସୋରିଷ, ତେଲ, ଅମ୍ଳଦ୍ରବ୍ୟ, ପିତ୍ତବର୍ଦ୍ଧକ ଦ୍ରବ୍ୟ, ଅଗ୍ନି ସେବା ଓ ସୂର୍ଯ୍ୟତାପରେ ଭ୍ରମଣ ପରି-ତ୍ୟାଗ କରିବ । ତାମ୍ରଭସ୍ମ ପରୀକ୍ଷା—ଅଳ୍ପ ଦହିରେ ତାମ୍ରଭସ୍ମକୁ ମିଶାଇ ଗୋଟିଏ କାଚ ଶିଶୀରେ ୧୨ ଘଣ୍ଟା ରଖିବ । ସେହି ଦହି ଯଦି ନୀଳବର୍ଣ୍ଣ ହୁଏ, ତା'ହେଲେ ସେହି ଭସ୍ମରେ ଦୋଷ ଅଛିବୋଲି ବୁଝି ପଞ୍ଚାମୃତରେ କମ୍ପା ଓଲି ରସରେ ତାକୁ ମର୍ଦ୍ଦନ କରି ପୁନର୍ବାର ଗଜପୁଟ ଦେବ । ତାମ୍ରଭସ୍ମକୁ ନିର୍ଣ୍ଣିକରଣରେ ଦେଖିଲେ ଯଦି ସେଥିରେ ଚନ୍ଦ୍ରିକା ଦିଶେ, ତେବେ ତାହା କଞ୍ଚା ଭସ୍ମ ବୋଲି ବୁଝିବ ଯଦି ଚନ୍ଦ୍ରିକା ଦେଖାଯାଏ, ତେବେ ପୁଣି ଦୁଇ ତିନି ପୁଟ ଦେବ । ତାମ୍ରବିଷର ଶାନ୍ତି—ଶୁଆଁ ସାଗରେ ଚିନିମିଶାଇ ଖାଇଲେ କମ୍ପା ଧନିଆଁର କ୍ୱାଥରେ ଚିନିମିଶାଇ ତିନିଦିନ ପାନକଲେ ଅଶୁଦ୍ଧ ତାମ୍ରଭସ୍ମ ସେବନ ଜାତ ବିକାର ସମୂହ ବିନଷ୍ଟ ହୁଏ । ତାମ୍ରଭସ୍ମର ମାତ୍ରା—ଏକ ଷୋଡ଼ଶାଂଶ ଗ୍ରାମଠାରୁ ଏକ ଅଷ୍ଟମାଂଶ ଗ୍ରାମ । ଅନୁପାନ—ମହୁ, ପିପ୍‌ପଳୀ, ଯବକ୍ଷାର, ଘିଅ, ଅଥବା ଅଦାରସ ଓ ମହୁ । ରୋଗଭେଦରେ ତାମ୍ରଭସ୍ମର ଅନୁପାନ—୧-କଫ ପ୍ରଧାନ ଅମ୍ଳପିତ୍ତ ରୋଗରେ ଅଦାରସ ଓ ମରିଚର କ୍ୱାଥ । ୨—ହିକ୍‌କା ରୋଗରେ ଲେମ୍ବୁରସ ଅଥବା ଏକଅଷ୍ଟମାଂଶ ଗ୍ରାମ କାକଡ଼ାଶୃଙ୍ଗୀ, ଏବଂ ଏକଚତୁର୍ଥାଂଶ ଗ୍ରାମ ପିପ୍‌ପଳୀଚୂର୍ଣ୍ଣ ଓ ମହୁ ମହୁ ସହିତ । ୩—ଗ୍ରହଣୀରୋଗରେ ଶୁଣ୍ଠୀ ଚୂର୍ଣ୍ଣ ସହିତ । ୪—କଫମେହ ରୋଗରେ ଭୃଙ୍ଗରାଜ ଫଳର ଚୂର୍ଣ୍ଣ ସହିତ । ୫—ଯକୃତ୍ ଉଦର ରୋଗରେ ମଧୁର ଡାଳିମ୍ବରସ ସହିତ । ୬—ଅଗ୍ନିମାନ୍ଦ୍ୟ ରୋଗରେ ପିପ୍‌ପଳୀ ଓ ମହୁ ସହିତ । ୭—ଜଳୋଦର ରୋଗରେ ଚିତାପାରୁମୂଳର କ୍ୱାଥ ଓ ମହୁ ସହିତ ୮—ବାତଶୂଳ ବସ୍ତିଚିକା ଓ ଗୁଳ୍ମରୋଗରେ ଶୁଦ୍ଧ ମହୁରା— ୧ ଷୋଡ଼ଶାଂଶ ଠାରୁ ୮ ଷୋଡ଼ଶାଂଶ ପର୍ଯ୍ୟନ୍ତ ଏବଂ ତ୍ରିକଟୁ ସହିତ ୯—ଗୁଳ୍ମରୋଗରେ ଅଦାରସ ସହିତ । ୧୦-ଗୁଳ୍ମଶୂଳରେ ତ୍ରିକଟୁ ଓ ପଞ୍ଚଲବଣ ସହିତ । ୧୧—ଔଦୁମ୍ବର କୁଷ୍ଠରୋଗରେ ଅପାମାରଙ୍କ କ୍ଷାର, ସାଚୋରା ଓ ଯବକ୍ଷାର ସମାନ ଭାଗରେ ମିଶାଇ ଏକଚତୁର୍ଥାଂଶ ଗ୍ରାମ ଦିନ ମଧ୍ୟରେ ତିନିଥର ଶୀତଳ ଜଳ ସହିତ ୪୧ ଦିନ ପର୍ଯ୍ୟନ୍ତ । ୧୨—ବିଷମଜ୍ୱରରୋଗରେ ରସସିନ୍ଦୂର ଓ ତୁଳସୀରସ ସହିତ । ୧୩—ଶୂଳରୋଗରେ ରସସିନ୍ଦୂର ଓ ତୁଳସୀରସ ସହିତ । ୧୪—ତ୍ରିଦୋଷଜ ଭଗନ୍ଦର ଓ ବ୍ରଣ ରୋଗରେ ଘିଅ ଓ ମହୁ ସହିତ । ୧୫—ଅମ୍ଳପିତ୍ତ ରୋଗରେ ଚିନି ଓ ମହୁ ସହିତ ତାମ୍ରଭସ୍ମ ସେବନ କରି ତା'ଉପରେ ଦ୍ରାକ୍ଷା ଓ ହରିଡ଼ାର କ୍ୱାଥ ସେବନ କରିବ । ୧୬—ସକଳ ପ୍ରକାର କୁଷ୍ଠ, ଶୀତପିତ୍ତ ଓ କଣ୍ଡୂରୋଗରେ ସୋମରାଜମଞ୍ଜୀ ଚୂର୍ଣ୍ଣ ସହିତ । ୧୭—ମୂର୍ଚ୍ଛା ରୋଗରେ ଘିଅ ସହିତ । ୧୮—ମୂତ୍ରକୃଚ୍ଛ୍ର ରୋଗରେ ଅଲାଇଚ, ଭାଙ୍ଗ ଓ ମହୁ ସହିତ । ୧୯—ଉଦ୍‌ବାତଶୂଳ, ଗୁଳ୍ମ ଓ ମନ୍ଦାଗ୍ନି ରୋଗରେ ଭଜାହିଙ୍ଗୁ, ତ୍ରିକଟୁ, ଯଷ୍ଟିମଧୁ, କଳାଲୁଣ ଓ ଚିତ୍ରକମୂଳକ୍ଷାର ପ୍ରତ୍ୟେକ ଏକଅଷ୍ଟମାଂଶ ଗ୍ରାମ ଓ ଜଳ ଅନୁପାନ ସହିତ । ୨୦—ପ୍ଲୀହୋଦର, ଯକୃତ୍‌ଉଦର, ତିକ୍ତଶୋଥ ଓ ପରିଣାମ ଶୂଳରୋଗରେ ମହୁ ଓ ପିପ୍‌ପଳୀ ସହିତ ତାମ୍ରଭସ୍ମ ପ୍ରୟୋଗ କରିବ । (ର, ତ, ସା)

୪୬୮-ତରଭୁଜ—Cucumis utlis simus, synwater-melon. ଏହାର ସଂସ୍କୃତ ପର୍ଯ୍ୟାୟ— କାଳଙ୍ଗ ଓ ତରଭୁଜା । ଏହାକୁ ବଙ୍ଗଳାରେ ତରମୁଜ,ହିନ୍ଦୀରେ ତରବୁଜ ବୋଲନ୍ତି । କଞ୍ଚା ତରବୁଜ ଫଳ ସ୍ୱାଦୁ, ଶୀତଳ, ଗୁରୁ ଓ ବିଷ୍ଟମ୍ଭୀ । ପାଚିଲା ତରଭୁଜ କଫବାତ ନାଶକ, ପିତ୍ତବର୍ଦ୍ଧକ ଓ ଉଷ୍ଣ । ଏହା ପାଣ୍ଡୁ, ଶୋଥ, ମୂତ୍ରାଶ୍ମରୀ, ମୂତ୍ର-କୃଚ୍ଛ୍ର ରୋଗରେ ଉପକାର କରେ, ସ୍ତ୍ରୀମାନଙ୍କର ସ୍ତନ୍ୟବୃଦ୍ଧି କରେ । ଏହା ବିସର୍ପ ଓ ବିସ୍ଫୋଟ ରୋଗରେ ହିତକର । ତରଭୁଜମଞ୍ଜୀ—ଏହା ମେହ, ଅଶ୍ମରୀନାଶକ ଓ ବାର୍ଯ୍ୟବର୍ଦ୍ଧକ । ୧—ଏହି ମଞ୍ଜୀ ବାଟି ତଳପେଟରେ ଲେପନ କଲେ ବାଳକ-ମାନଙ୍କର ଉଦରାଧ୍ମାନ ପ୍ରଶମିତ ହୁଏ । ଖାଲିପେଟରେ ତରଭୁଜ ଖାଇଲେ ମୁଣ୍ଡବ୍ୟଥା, ପିତ୍ତଜ୍ୱର, ବାର୍ଯ୍ୟକ୍ଷୟ ଓ ଅଗ୍ନିମାନ୍ଦ୍ୟ

ରୋଗ ଜାତହୁଏ । ଏହାର ପ୍ରତିକାରାର୍ଥେ ୧ ମଣ୍ଡୁ, ୨-ତାଳମୂ, ୩-ମରଚଚୂର୍ଣ୍ଣ, ୪-ହିଙ୍ଗୁଳ, ୫-ଆମ୍ଳିତାଳମୂ, ୬-ଦୁଧ ସେବନ କରିବ ।

**୪୬୯-ତାମ୍ରଭସ୍ମ—ତମ୍ବାଭସ୍ମ ଦେଖ ।**

**୪୭୦-ତାଳୁ**—ତାଳୁ ଲଗାଇଲେ ଗୋଡଫଟା ଓ ବଇଁଶୀ ଘା' ଭଲହୁଏ ।

**୪୭୧-ତାର୍ପିନତେଲ**—ଏହାର ସଂସ୍କୃତ ପର୍ଯ୍ୟାୟ—ଶ୍ରୀବାସ ଓ ସରଳସ୍ରାବ । ଏହି ତୈଳ ଅତ୍ୟନ୍ତ ତରଳ, ସୁଗନ୍ଧ, ତିକ୍ତ, ଉଷ୍ଣ, ଉତ୍ତେଜକ, ବାତନାଶକ ଏବଂ ଆକ୍ଷେପ ଓ ବେଦନା ନିବାରକ । ଏହା ସେବନ ଓ ମର୍ଦ୍ଦନାର୍ଥରେ ଉପଯୋଗ କରାଯାଏ । ୧—ଏହି ତୈଳ ସେବନ କଲେ କଫ ନିର୍ଗତ ହୁଏ, ଅଗ୍ନିପ୍ରାପ୍ତି ହୁଏ, ମଳ ଓ ମୂତ୍ର ପ୍ରବୃତ୍ତି ହୁଏ ଏବଂ ପୁରାତନ ଶିରୋରୋଗ, ମୂର୍ଚ୍ଛା, ଉଦାବର୍ତ୍ତ ରୋଗ, ସୂତିକାଜ୍ୱର, ରକ୍ତହରା, ସ୍ନାୟୁଶୂଳ ଓ କୃମିରୋଗ ବିନଷ୍ଟ ହୁଏ । ପକ୍ୱାଶୟରେ ଥିବା ବଡ ବଡ ଜିଆଁ ଏହି ତୈଳ ସେବନ ଦ୍ୱାରା ମରି ଖସିପଡନ୍ତି । ୩—କୌଣସି ଅଙ୍ଗର ସ୍ରୋତ ୨ ଶିରା କାଟିହୋଇ ରକ୍ତସ୍ରାବ ହେଲେ ଏବଂ ପ୍ରସବ ପରେ ସ୍ତ୍ରୀମାନଙ୍କର ଯୋନିରୁ ଅଧିକ ରକ୍ତ ନିର୍ଗତ ହେଲେ ସେହି ରକ୍ତସ୍ରାବ ନିବାରଣାର୍ଥେ ଏହି ତୈଳ ପ୍ରୟୋଗ କରାଯାଏ । ୪—ପଚା ଘା'ରେ ଏହି ତୈଳ ପ୍ରୟୋଗ କଲେ ଘା'ର ପଚନ ଓ ଦୁର୍ଗନ୍ଧ ନିବାରିତ ହୁଏ । ୫—ପୋଡା ଘା'ରେ ଏହି ତୈଳ ଉପଯୋଗ କଲେ ଶୀଘ୍ର ଜ୍ୱାଳା ବନ୍ଦହୁଏ ଏବଂ ଫୋଟକା ହୁଏ ନାହିଁ । ୬—ବେଦନାଯୁକ୍ତ ଅଙ୍ଗରେ ସ୍ତ୍ରୀମାନଙ୍କର ପ୍ରସବାନନ୍ତର ଜାତ ବସ୍ତିଶୂଳରେ ଏବଂ କାସ ରୋଗରେ ତାର୍ପିନ ତେଲରେ ତନ୍ତା ହୋଇଥିବା ଖଣ୍ଡିଏ କନା ରୋଗିର ଉପଯୁକ୍ତ ସ୍ଥାନରେ ସ୍ଥାପନ କରି ସେକଦେଲେ ଯଥେଷ୍ଟ ଉପକାର ହୁଏ । ୭—ସନ୍ନିପାତଜ୍ୱର ରୋଗିର ଅବସନ୍ନ ହୋଇ ଯଦି ଅତିସାର ଓ ଉଦରାଧ୍ମାନ ଜାତହୁଏ ଏବଂ ରୋଗିର ଜିହ୍ୱା ମସୃଣ ଓ ଶୁଷ୍କ ଦେଖାଯାଏ, ତାହେଲେ ପାଞ୍ଚ ଠାରୁ ପନ୍ଦର ଟୋପା ପର୍ଯ୍ୟନ୍ତ ତାର୍ପିନତେଲ ଡିମ୍ବ ସହିତ ୨।୩ ଘଣ୍ଟାରେ ଥରେ ରୋଗିକୁ ସେବନ କରାଇଲେ ଦୁଇ ତିନି ଦିନ ମଧ୍ୟରେ ଜିହ୍ୱା ଓ ପେଟର ଅବସ୍ଥା ପରିବର୍ତ୍ତିତ ହୁଏ । ୮—ଅନ୍ତ୍ରକ୍ଷତ ହୋଇ ରକ୍ତ ମିଶ୍ରିତ ଝାଡା ହେଲେ ତା'ର ପ୍ରଶମନାର୍ଥେ ୮।୧୦ ଟୋପା ତାର୍ପିନତେଲ ୨।୩ ଘଣ୍ଟାରେ ଥରେ ରୋଗିକୁ ସେବନ କରାଇବ । ୯—ସନ୍ନିପାତ ରୋଗିର ଅଚୈତନ୍ୟ, ପ୍ରଳାପ ଏବଂ ହୃଦୟରେ ବେଦନା ପ୍ରଭୃତି ଲକ୍ଷଣ ଦେଖାଗଲେ ତାର୍ପିନ ତେଲର ଆଭ୍ୟନ୍ତରିକ ପ୍ରୟୋଗ ଆଶ୍ଚର୍ଯ୍ୟ ଜନକ ଉପକାର କରେ । ୧୦—ଅର୍ଶରୋଗିର ଅତ୍ୟଧିକ ରକ୍ତସ୍ରାବ ନିବାରଣାର୍ଥେ ପୂର୍ବୋକ୍ତ ନିୟମରେ ତାର୍ପିନତେଲ ତାକୁ ସେବନ କରାଇବ । ୧୧—ପ୍ଲୀହା, ଯକୃତ୍ କିମ୍ବା ମୂତ୍ରାଶୟର ଦୋଷରେ ଅଥବା ଅପରିମିତ ଅହାର ଦୋଷରେ ପାକସ୍ଥଳୀ ଉତ୍ତେଜିତ ହୋଇ ବାନ୍ତି, ହିକ୍କା, ତୃଷ୍ଣା ଓ ପେଟଫୁଲା ଜାତହେଲେ ଚିନିସହିତ ୫।୧୦ ଟୋପା ପର୍ଯ୍ୟନ୍ତ ତାର୍ପିନତେଲ ରୋଗିକୁ ସେବନ କରାଇବ । ୧୨—ମୂର୍ଚ୍ଛା, ବାନ୍ତି, ଅତିରକ୍ତ ଘର୍ମନିର୍ଗମ, ହିମାଙ୍ଗତା ଓ ନାଡୀର ଦୁର୍ବଳତା ପ୍ରଭୃତି ଲକ୍ଷଣ ଯୁକ୍ତ ଜୀର୍ଣ୍ଣ ପିତ୍ତଶୂଳରେ ତାର୍ପିନତେଲର ପୁନଃ ପୁନଃ ବିଶେଷ ଉପକାର କରେ । ୧୩—ନଡିଆତେଲରେ ତାର୍ପିନ ତେଲ ୧୦୦ ଟୋପା ପର୍ଯ୍ୟନ୍ତ ମିଶାଇ ସେବନ କଲେ ଉଦରସ୍ଥ ସମସ୍ତ କୃମି ବହିର୍ଗତ ହୁଏ । ୧୪—ରକ୍ତପିତ୍ତ ରୋଗର ଅନ୍ତିମ ଅବସ୍ଥାରେ ମଧ୍ୟ ତାର୍ପିନତେଲର ଅନ୍ତଃପ୍ରୟୋଗ ଆଶାତୀତ ଫଳ ପ୍ରଦାନ କରେ । ୧୫—ଗୁଲଞ୍ଚି ଗ୍ରାମ ସୋରିଷତେଲରେ ଦଶଗ୍ରାମ କର୍ପୂର ଏବଂ ୨୦ ଗ୍ରାମ ତାର୍ପିନତେଲ ମିଶାଇବ । ଏହି ତୈଳ କାସରୋଗିର ଗ୍ରୀବାରେ, ପାର୍ଶ୍ୱରେ ଓ ପିଠିରେ ମାଲିସ କଲେ କାସ ବେଦନା ନିବାରିତ ହୁଏ । ୧୬—ନାକରୁ ପୋକ ପଡୁଥିଲେ ତାର୍ପିନତେଲର ନସ୍ୟ ବ୍ୟବହାର ଦ୍ୱାରା ପୋକ ମରନ୍ତି । ୧୭—ପନ୍ଦରଭାଗ କାଞ୍ଜିରେ ଏକଭାଗ ତାର୍ପିନ ତେଲ ମିଶାଇ ଗୁହ୍ୟଦ୍ୱାରରେ ତାକୁ ପିଚକାରି ଦେଲେ ମୂର୍ଚ୍ଛା, ଅଚୈତନ୍ୟ, ଅନ୍ତ୍ର ଗଣ୍ଠିର ସଙ୍କୋଚ, ଅପସ୍ମାର, ସୂତିକାବାତ, ଶୂଳ, ଅଜୀର୍ଣ୍ଣ ଓ ଆମଶୂଳ ନିବାରିତ ହୁଏ । ୧୮—ଏକଭାଗ ଆଳତି କର୍ପୂର ଷୋଳଭାଗ ତାର୍ପିନତେଲ, ବୃକ୍ଷଭାଗ ସାବୁନ ଏକାଠି ଉତ୍ତମରୂପେ ବାଟି ମଲମ କରିବ । ଏହି ମଲମକୁ ମାଲିସ କଲେ କଟିବାତ, ମେରୁବାତ, ଗୃଧ୍ରସୀ-ବାତ, ସ୍ନାୟୁଶୂଳ, ମାଂସପେଶୀର ବେଦନା ଓ ଆଘାତଜାତ ବେଦନା ପ୍ରଶମିତ ହୁଏ । ୧୯—ବାରିହା ବସାରେ ତାର୍ପିନ-ତେଲ ମିଶାଇ ତଦ୍ୱାରା ଖଣ୍ଡିଏ କନା ଭିଜାଇବ । ଏହି କନା ଖଣ୍ଡିକ ପଚାଘା'ରେ ଏବଂ ଅନ୍ୟାନ୍ୟ ବ୍ରଣରେ ମୁଖରେ ଆଚ୍ଛାଦନ କଲେ ବ୍ରଣ ମଧ୍ୟରେ ଥିବା ଦୂଷିତ ପୂଯ ଓ ରକ୍ତ ନିର୍ଗତ ହୋଇ ବ୍ରଣ ଶୁଖିଯାଏ । ତାର୍ପିନତେଲର ଅଧିକ ମାତ୍ରା ମୂତ୍ରକୃଚ୍ଛ୍ର ଓ ବାନ୍ତି ଜାତ କରେ । ଏହା ନଡିଆତେଲ ସହିତ କିମ୍ବା ତ୍ରିଫଳାର ଚୂର୍ଣ୍ଣ ସହିତ ସେବନ କଲେ କୌଣସି ବିପଦର ଆଶଙ୍କା ରହେନାହିଁ । ଏହାର ମାତ୍ରା—୧—୫ ଗ୍ରାମ । ବିରେଚନ ମାତ୍ରା ୫—୧୫ ଗ୍ରାମ ।

**୪୭୨-ତାଳଗଛ**—Borrssus flabellifor-mis. The palmyra Tree. ଏହାର ସଂସ୍କୃତପର୍ଯ୍ୟାୟ—ତାଳ, ତୃଣରାଜ, ଦୀର୍ଘସ୍କନ୍ଧ ଓ ଦୀର୍ଘପତ୍ର । ଏହାକୁ

ବଙ୍ଗଳାରେ ତାଳଗାଛ, ହିନ୍ଦୀରେ ତାଡ଼ ଏବଂ ତେଲୁଗୁରେ ତାଟିଚେଟ୍ଟୁ ବୋଲନ୍ତି । ତାଳଗଛର ଫଳ, ମୂଳ, ବାହ୍ୱାଙ୍ଗା, ମଞ୍ଜପତ୍ର ଓ ରସ ଔଷଧାର୍ଥରେ ବ୍ୟବହୃତ ହୁଏ । ତାଳ ଗଛର ମଞ୍ଜପଦେଶର ମୂଳ ପ୍ରବର୍ତ୍ତକ ଏବଂ ଅର୍ଶ ଓ ପ୍ରମେହ ନାଶକ । କ୍ଷୁଧାର୍ତ୍ତ ଓ ପଥଶ୍ରାନ୍ତ ବ୍ୟକ୍ତି ପକ୍ଷରେ ଏହା ଅତୀବ ହିତକର । **କଞ୍ଚାତାଳଫଳ**—ଏହା ମଧୁର, ଶୀତଳ, ସ୍ନିଗ୍ଧ, ଗୁରୁପାକ, ବୃଷ୍ୟକାରୀ ଓ ବଳକାରକ । ବାତ, ପିତ୍ତ, ରକ୍ତ, କ୍ଷତ, ଦାହ ଓ କ୍ଷୟରୋଗରେ ଏହା ହିତକର । କୋମଳ ତାଳ ମଞ୍ଜରେ ଥିବା ରସ—ଗୁରୁପାକ, ବୀର୍ଯ୍ୟବର୍ଦ୍ଧକ, ସ୍ତନ୍ୟ-ଜନକ, ପିତ୍ତନାଶକ ଓ ତଣ୍ଡିଶୋଷ ହିକ୍କା ନିବାରକ । ମୂତ୍ରକୃଚ୍ଛ୍ର ରୋଗରେ କଞ୍ଚା ତାଳରସ ଅତୀବ ଉପକାରକ । **ପାଚିଲ୍ ତାଳଫଳ**—ଏହା ମଧୁର, ତିକ୍ତ, କଷାୟ, ଦୁର୍ଜ୍ଜର, ତନ୍ଦ୍ରାକାରକ, ଶୁକ୍ରବର୍ଦ୍ଧକ ଓ ମୂତ୍ରକାରକ । **ତାଳଗଛରମଞ୍ଜି**—ଏହା ମଧୁର, ସ୍ନିଗ୍ଧ, ଲଘୁ, ମତ୍ତତାଜନକ, ବିରେଚକ, ବଳକାରକ, ଶୁକ୍ରବର୍ଦ୍ଧକ, ବଳକାରକ ଓ ବାତପିତ୍ତ ନାଶକ । **ତାଳଗଛ ଜଟା ବା ଫୁଲ**—ଏହା ରୁକ୍ଷ ଓ କ୍ଷତରୋଗନାଶକ । **ତାଳରସ**—ଏହା ମଧୁର, ମତ୍ତତାଜନକ, ଧାତୁପୁଷ୍ଟିକର, ବୀର୍ଯ୍ୟବର୍ଦ୍ଧକ, ଶରୀରର ସ୍ନିଗ୍ଧତା ସମ୍ପାଦକ, ବଳବର୍ଦ୍ଧକ, ମୂତ୍ରକାରକ ଓ ପ୍ରମେହ ନାଶକ । ଏହା ଅଗ୍ନି ଦୀପନ କରେ ଏବଂ ବାତକଫ, ଓ ପିତ୍ତୋଦ୍ରେକ ପ୍ରଶମନ କରେ । ତାଳଗଛରୁ ବାହାର କରୁଥିବା ରସକୁ ତାଡ଼ି ବୋଲନ୍ତି । **ତାଡ଼ି**—ଏହା ଅତ୍ୟନ୍ତ ମତ୍ତତାଜନକ, ଶୀତଳ ଓ ମୂତ୍ରବର୍ଦ୍ଧକ । କିଛିକ୍ଷଣ ତାହାକୁ ରଖିଦେଲେ ତାହା ଅମ୍ଳରସ ଯୁକ୍ତ ହୁଏ । ସେପରି ଅବସ୍ଥାରେ ଏହା ବାତ ନାଶକରେ ଏବଂ ପିତ୍ତ ବୃଦ୍ଧି କରେ । ୧-ମେହରୋଗରେ ଓ ପ୍ରଦର ରୋଗରେ ତାଡ଼ି ବା ତାଳରସ ମୂତ୍ରକାରକ ହେତୁରୁ ସେବନୀୟ । **ତାଳଜଟାର କ୍ଷାର**—୨-ତାଳଜଟା ଗୁଡ଼ିଏ ଆଣି ଗୋଟିଏ ହାଣ୍ଡି ମଧ୍ୟରେ ତାକୁ ଭର୍ତ୍ତିକରି ଆଉଗୋଟିଏ ପଲମ ତା ଉପରେ ଘୋଡ଼ାଇ ଅନ୍ତର୍ଧୂମରେ ଦଗ୍ଧ କରିବ । ତା'ର ପରେ ଏହାକୁ ପୁଟଦଗ୍ଧ କରିବ । ଏହି ତାଳଜଟାର ଭସ୍ମ ସେବନ କଲେ ବର୍ଦ୍ଧିତ ପ୍ଲୀହା ପ୍ରଶମିତ ହୁଏ । ତାଳଫଳ ଖାଇବା ଦ୍ୱାରା ଅଜୀର୍ଣ୍ଣରୋଗ ହେଲେ ୧-କୁଣ୍ଡିଲ ପାଣି, ୨-ମରିଚ ଚୂର୍ଣ୍ଣ ସେବନ କରିବ । ବୈଦ୍ୟକ ମତରେ ତାଳର ବ୍ୟବହାର ଯଥା—**ମୂତ୍ରଭବିକର୍ଣ୍ଣିତା ଓ ମୂତ୍ରକୃଚ୍ଛ୍ର ରୋଗରେ**—୩-କଞ୍ଚା ତାଳଫଳର ଶସର କଳକ ଦ୍ୱାରା ଘୃତପାକ କରି ସେବନ କଲେ କିମ୍ବା କ୍ଷୀରପାକ ବିଧି ଅନୁସାରେ ପାକଲ ତାଳଫଳ ଶସର କ୍ୱାଥ ପ୍ରସ୍ତୁତ କରି ସେବନ କଲେ କାସରୋଗର ମୂତ୍ରର ବିବର୍ଣ୍ଣତା ଓ ମୂତ୍ରକୃଚ୍ଛ୍ର ନିବାରିତ ହୁଏ । (ଚରକ) । **ମୂତ୍ରାଘାତରୋଗେ**—୪—ଭେଣ୍ଡିଆ ତାଳଗଛର ମୂଳକୁ ଶୀତଳ ଜଳରେ କିମ୍ବା ଗୁଡ଼ଜଳ ଧୁଆ ପାଣିରେ ବାଟି ପାନକଲେ ମୂତ୍ରରୋଧ ନିବୃତ୍ତି ହୁଏ । (ସୁଶ୍ରୁତ) । **ଉନ୍ମାଦରୋଗେ**—୫-ତାଳବାହ୍ୱାଙ୍ଗାର ରସରେ ମହୁ ମିଶାଇ ପାନକଲେ ଉନ୍ମାଦରୋଗ ପ୍ରଶମିତ ହୁଏ । (ଚକ୍ରଦତ୍ତ) । **ପ୍ଲୀହୋଦରେ**—୬-ଅନ୍ତର୍ଧୂମଦଗ୍ଧ ତାଳଜଟାର ଭସ୍ମ ପୁରୁଣା ଗୁଡ଼ ସହିତ ସେବନ କଲେ ପ୍ଲୀହୋଦର ବିନଷ୍ଟ ହୁଏ । (ଚକ୍ରଦତ୍ତ) । **ସୁଖପ୍ରସବାର୍ଥେ**—୭—ତାଳଗଛର ଉତ୍ତର ଦିଗକୁ ଯାଇଥିବା ମୂଳକୁ ଆଣି ସ୍ତ୍ରୀର ଶରୀର ସମାନ ଲମ୍ବା ସୂତାରେ ତାକୁ ଗୁଡ଼ାଇ କଟିଦେଶରେ ବାନ୍ଧିଲେ ସୁଖରେ ପ୍ରସବ ହୁଏ । ( ବଙ୍ଗସେନ ) । କ୍ଷାରର ମାତ୍ରା—୧—୩ ଗ୍ରାମ ।

**୭୩- ତାଳମୂଳୀ**—Curcul go orchioides.

ତାଳମୂଳୀର ସଂସ୍କୃତ ପର୍ଯ୍ୟାୟ—ମୂଷଲୀ; ତାଳମୂଳିକା, ହେମପୁଷ୍ପୀ ଓ ତାଳପର୍ଣ୍ଣିକା । ଏହାକୁ ବଙ୍ଗଳାରେ ତାଳମୂଳୀ, ହିନ୍ଦୀରେ ମୂଷଲୀ ଏବଂ ତେଲୁଗୁରେ ନଲ୍ଲତାଡ଼ିଚେଟ୍ଟୁ ବୋଲନ୍ତି । ଶ୍ୱେତ ଓ କୃଷ୍ଣ ଭେଦରେ ତାଳମୂଳୀ ଦୁଇପ୍ରକାର । ଆମ ଦେଶରେ ଶ୍ୱେତ ତାଳମୂଳୀ ମିଳେନାହିଁ । ❁ ୧—ତାଳମୂଳୀର ପରିପୁଷ୍ଟ ମୂଳକନ୍ଦାକୁ ଆଣି ଉତ୍ତମରୂପେ ଗ୍ରନ୍ଥି ଧୋଇ ଛାଇରେ ଶୁଖାଇ ଚୂର୍ଣ୍ଣ କରି ଔଷଧାର୍ଥରେ ବ୍ୟବହାର କରାଯାଏ । ତାଳମୂଳୀର ଚୂର୍ଣ୍ଣ—ତିକ୍ତ, ମଧୁର, ଶୀତଳ ଏବଂ ବୃଷ୍ୟ । ଏହା ସେବନ କଲେ ଅଗ୍ନିଦୀପ୍ତି, ଦେହପୁଷ୍ଟି ଓ ବଳବୀର୍ଯ୍ୟ ବୃଦ୍ଧି ହୁଏ ଏବଂ ବାତ, ପିତ୍ତ, ଦାହ, ଶ୍ରମ ଓ ରକ୍ତ ଦୋଷ ନିବାରିତ ହୁଏ । ଏହା ଶରୀରର ସ୍ଥୈର୍ଯ୍ୟ ଓ ମୃଦୁତା ସମ୍ପାଦନ କରେ ଏବଂ ଆୟୁ ବୃଦ୍ଧି କରେ । ଅଧିକ ରଜଃସ୍ରାବ ଜନିତ କ୍ଷୟରୋଗରେ, ଧ୍ୱଜଭଙ୍ଗ, ଶ୍ୱାସ, ଅର୍ଶ, ଦୌର୍ବଲ୍ୟ, କାମଲା, ମୂତ୍ରକୃଚ୍ଛ୍ର, ଅତିସାର, ରଜଃକ୍ଷୟ, ଗଣୋରିୟା ବା ଔପସର୍ଗିକ ପ୍ରମେହରୋଗରେ ଏହା ପ୍ରୟୋଗ କରାଯାଏ । ତାଳମୂଳୀର ଚୂର୍ଣ୍ଣ ଚିନି ସହିତ ଶ୍ୱାସ ଓ ଅର୍ଶରୋଗରେ, ଜୀରାଚୂର୍ଣ୍ଣ ସହିତ କାମଲା ରୋଗରେ, ଶୁଣ୍ଠୀ ସହିତ ହାଗା, ବାନ୍ତି ଓ କଫରୋଗରେ, ଯୁଆଣୀ ସହିତ କାସରୋଗରେ, ପିପ୍ପଳୀ ସହିତ ବାଇକୁକୁରର ବିଷବିକାର ବିନାଶାର୍ଥରେ, ମରିଚଚୂର୍ଣ୍ଣ ସହିତ ସନ୍ନିପାତ, ଉଷ୍ଣଜଳ ସହିତ ଶୂଳ ଏବଂ ତ୍ରିଫଳା କ୍ୱାଥ ସହିତ ଯୋଗକରି ପ୍ରମେହ ରୋଗରେ ଦିଆଯାଏ । ୩—ଗାଈଦୁଧ ସହିତ ତାଳମୂଳୀର ଚୂର୍ଣ୍ଣ ସେବନ କଲେ·

❁ ବମ୍ବେ ପ୍ରାନ୍ତରେ "ସଫେଦମୁଷଲୀ" ନାମରେ ଯାହା ବିକାହୁଏ ତାହା ଶ୍ୱେତତାଳମୂଳୀ ।

ବର୍ଣ୍ଣବୃଦ୍ଧି, ମିଶ୍ରୀଜଳରସ ସହିତ ସେବନ କଲେ କାନ୍ତିବୃଦ୍ଧି ଏବଂ ତୁଳସୀରସ ସହିତ ଜାଳମୂଳୀ ସେବନ କଲେ ବାଳକମାନଙ୍କର ଶରୀରର ବ୍ୟଥା ବିନଷ୍ଟ ହୁଏ। ଜାଳମୂଳୀ ସେବନ କରିବା ସମୟରେ ଅମ୍ଳଦ୍ରବ୍ୟ, ନିଦ୍ରା, କ୍ରୋଧ, ଆଳସ୍ୟ, ଶୀତଳବାୟୁ ସେବନ ଓ ସ୍ତ୍ରୀ ସହବାସ ପରିତ୍ୟାଗ କରିବାକୁ ହେବ। ବୈଦ୍ୟଶାସ୍ତ୍ରରେ ଜାଳମୂଳୀର ବ୍ୟବହାର ଯଥା—ମୁଖକାନ୍ତି ବୃଦ୍ଧ୍ୟର୍ଥେ—୪-ଜାଳମୂଳୀକୁ ଛେଳୀଦୁଧରେ ବାଟି ମୁଖରେ ଲେପନ କଲେ ମୁଖର କାନ୍ତି ବୃଦ୍ଧି ହୁଏ। (ବାଗ୍‌ଭଟ୍ଟ)। ବାଧିର୍ଯ୍ୟରୋଗରେ—୫—ଜାଳମୂଳୀ ଓ ସୋମରାଜ ମଞ୍ଜି ସମାନ ଭାଗରେ ଚୂର୍ଣ୍ଣ କରି ଜଳ ସହିତ ସେବନ କଲେ ବାଧିର୍ଯ୍ୟରୋଗ ନିବାରିତ ହୁଏ। (ବଙ୍ଗସେନ)। କର୍ଣ୍ଣପାଳୀବର୍ଦ୍ଧନାର୍ଥେ ୬—ନୂତନ ଜାଳମୂଳୀର ଚୂର୍ଣ୍ଣ ମେଣ୍ଢାଣୀ ଦୁହାଣୀ ସହିତ ମିଶାଇ ସାତଦିନ ପର୍ଯ୍ୟନ୍ତ ଧାନଗଦା ମଧ୍ୟରେ ପୋତିବ। ଏକ ସପ୍ତାହପରେ ଏହି ଔଷଧ ବାହାର କରି କାନରେ ମର୍ଦ୍ଦନ କଲେ କର୍ଣ୍ଣପାଳୀ ଅର୍ଥାତ୍ କାନର ପତା ବର୍ଦ୍ଧିତ ହୁଏ। (ବଙ୍ଗସେନ)। ମୂଳଚୂର୍ଣ୍ଣର ମାତ୍ରା ୫—୧୦ ଗ୍ରାମ।

**୪୭୪-ତାଳୀଶପତ୍ର**—( Pinus webbiana )

ଏହାର ସଂସ୍କୃତ ପର୍ଯ୍ୟାୟ ତାଳୀଶକ, ଶୁକୋଦର, ଧାତ୍ରୀପତ୍ର ଓ ତାଳୀଶପତ୍ରକ। ଏହାକୁ ବଙ୍ଗଳାରେ ଓ ହିନ୍ଦୀରେ ତାଳୀଶପତ୍ର ଏବଂ ତେଲୁଗୁରେ ତାଳୀଶପତ୍ରୀ ବୋଲନ୍ତି। କ୍ଷୁଦ୍ର ଶାଖା ସହିତ ତାଳୀଶପତ୍ର ଔଷଧାର୍ଥରେ ବ୍ୟବହୃତ ହୁଏ। ଏହାର ଚୂର୍ଣ୍ଣ ଓ କ୍ୱାଥ ତିକ୍ତ, ମଧୁର ଏବଂ ଉଷ୍ଣ। ଏହା କଫ, ବାତ, କାସ, ଶ୍ୱାସ, କ୍ଷୟ, ହିକ୍‌କା, ବାନ୍ତି, ଅରୁଚି, ଗୁଳ୍ମ, ଅଗ୍ନିମାନ୍ଦ୍ୟ, ରକ୍ତବିକାର ଓ ମୁଖରୋଗ ହରଣ କରେ ଏବଂ ପାକସ୍ଥଳୀକୁ ବଳଦିଏ। ୧-ରକ୍ତପିତ୍ତ, ଅପସ୍ମାର ଓ ଶ୍ୱାସ ପ୍ରଭୃତି ଆକ୍ଷେପମୂଳକ ପୀଡ଼ାରେ ଏହା ବ୍ୟବହୃତ ହୁଏ। ବୈଦ୍ୟଶାସ୍ତ୍ରରେ ତାଳୀଶପତ୍ରର ବ୍ୟବହାର ଯଥା—ଅରୁଚିରୋଗରେ ୨—ତାଳୀଶପତ୍ର ଚୂର୍ଣ୍ଣକୁ ମିଶ୍ରୀ ସହିତ ପାକକରି କର୍ପୂର ଦ୍ୱାରା ସୁବାସିତ କରିବ, ଏହାକୁ ବଟିକା କରି ସେବନ କଲେ ଅରୁଚି ଦୂରହୁଏ। (ବାଗ୍‌ଭଟ୍ଟ)। ରକ୍ତପିତ୍ତରୋଗରେ—୩ ବାସଙ୍ଗପତ୍ର ରସରେ ତାଳୀଶପତ୍ର ଚୂର୍ଣ୍ଣ ମିଶାଇ ମହୁ ସହିତ ସେବନ କଲେ ରକ୍ତପିତ୍ତ, ଶ୍ୱାସ ଓ ସ୍ୱରଭଙ୍ଗ ନିବାରିତ ହୁଏ। (ଚରକ)। ମାତ୍ରା ଚୂର୍ଣ୍ଣ ୩—୫ ଗ୍ରାମ।

**୪୭୫-ତିକ୍ତରସ**—ତିକ୍ତରସକୁ ଓଡ଼ିଆରେ ପିତ୍ତ ବୋଲନ୍ତି। ଏହାର ହିନ୍ଦୀନାମ କଡୁଆ। ଏହି ରସ ଆକାଶ ଓ ବାୟୁଗୁଣ ବହୁଳ। ଏହା ମୁଖ ପରିଷ୍କାରକ, କଣ୍ଠଶୋଧକ, ସ୍ୱୟଂ ରୁଚିକର ନହେଲେ ମଧ୍ୟ ଅରୁଚିନାଶକ, ବିସ୍ୱାଦ, କଟୁ, ବିପାକ, ଲଘୁ, ରୁକ୍ଷ, ଶୀତଳ, ପାଚକ, ଅଗ୍ନିବର୍ଦ୍ଧକ, ବାୟୁ-ଜନକ ଓ କଫପିତ୍ତନାଶକ। ଏହିରସ ଜ୍ୱର, କୃମି, କଣ୍ଡୁ, କୁଷ୍ଠ, କ୍ଳେଦ, ରକ୍ତ ବିକାର ଓ ବିଷଦୋଷ ପ୍ରଶମନ କରେ, ବିପାକ, ଲଘୁ, ରୁକ୍ଷ, ଶୀତଳ, ପାଚକ, ଅଗ୍ନିବର୍ଦ୍ଧକ, ବାୟୁ-ଜନକ ଓ କଫପିତ୍ତନାଶକ, ଏହିରସ ଜ୍ୱର, କୃମି, କଣ୍ଡୁ, କୁଷ୍ଠ, କ୍ଳେଦ, ରକ୍ତବିକାର ଓ ବିଷଦୋଷ ପ୍ରଶମନ କରେ, ସ୍ତନ୍ୟ ଶୁଦ୍ଧି କରେ, ମଳ, ମୂତ୍ର, ମେଦ, ବସା ଓ କ୍ଳେଦକୁ ଶୋଷଣକରେ। ଏହା ଅଧିକ ପରିମାଣରେ ସେବନକଲେ ବଳ ଓ ବୀର୍ଯ୍ୟ କ୍ଷୀଣ ହୋଇଯାଏ ଏବଂ ତୃଷା, ମୂର୍ଚ୍ଛା, କମ୍ପ, ଶିରଃଶୂଳ, ମନ୍ୟାସ୍ତମ୍ଭ, ଆକ୍ଷେପ, ଅର୍ଦ୍ଦିତ ଓ ଭ୍ରମ ପ୍ରଭୃତି ବିବିଧ ବାତବ୍ୟାଧି ଉତ୍ପନ୍ନ ହୁଏ।

**୪୭୬-ତିତିରପକ୍ଷୀ**—ଏହାର ସଂସ୍କୃତ ପର୍ଯ୍ୟାୟ—ତିତ୍ତିର, କପିଞ୍ଜଳ, ଚିତ୍ରପକ୍ଷ ଓ ଖରକୋଣ। ଏହାକୁ ବଙ୍ଗଳାରେ ତିତିରପାଖୀ ଏବଂ ତେଲୁଗୁରେ ତୋତୁକାପିଟ୍ଟା ବୋଲନ୍ତି। ଶ୍ୱେତ ଓ କୃଷ୍ଣ ଭେଦରେ ଏହି ପକ୍ଷୀ ଦୁଇପ୍ରକାର। ଏଥି ମଧ୍ୟରୁ କୃଷ୍ଣ ତିତିରପକ୍ଷୀକୁ ଦକ୍ଷିଣ ମାଳ ଅଞ୍ଚଳର ଲୋକେ ତିତିରପକ୍ଷୀ ବୋଲନ୍ତି। କୃଷ୍ଣ ତିତିର ଅପେକ୍ଷା ଶ୍ୱେତ ତିତିର ମାଂସର ଗୁଣ ଅଧିକ। ତିତିରର ମାଂସ—କଷାୟ, ମଧୁର, ଶୀତଳ, ସ୍ନିଗ୍ଧ, ଲଘୁପାକ, ବର୍ଣ୍ଣକାରକ, ବଳବୀର୍ଯ୍ୟବର୍ଦ୍ଧକ, ମେଧାଜନକ, ଅଗ୍ନିଦୀପକ ଓ ତ୍ରିଦୋଷନାଶକ। ଏହି ମାଂସ ଶ୍ୱାସ, କାସ, ଜ୍ୱର, ରକ୍ତପିତ୍ତ ଓ ହିକ୍‌କାରୋଗରେ ଉପକାର କରେ।

**୪୭୭-ତିନ୍ତିଳୀଗଛ**—Tamarindus Inbica.

ତିନ୍ତିଳୀର ସଂସ୍କୃତ ପର୍ଯ୍ୟାୟ—ଅମ୍ଳିକା, ଚିଞ୍ଚା, ତିନ୍ତିଡ଼ିକା ଓ ଅତ୍ୟମ୍ଳ। ଏହାକୁ ବଙ୍ଗଳାରେ ତେନ୍ତୁଲ, ହିନ୍ଦୀରେ ଆମ୍‌ଲୀ, ବା ଇମଲୀ ଏବଂ ତେଲୁଗୁରେ ଚିନ୍ତାପାଣ୍ଡୁ ବୋଲନ୍ତି। ସାଧାରଣତଃ ତିନ୍ତିଳୀଗଛକୁ କଳ୍ପଗଛ କୁହାଯାଏ। ତିନ୍ତିଳୀ ଗଛର ପତ୍ର, ଫୁଲ, ଫଳ, ବୀଜ, ଛାଲି ଓ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ। ତିନ୍ତିଳୀପତ୍ର—ଏହା କଷାୟ ଅମ୍ଳ ଓ ଉଷ୍ଣବୀର୍ଯ୍ୟ। ତିନ୍ତିଳୀପତ୍ରର ରସ କିମ୍ବା କ୍ୱାଥ ପାନ-କଲେ ବାନ୍ତି, ଅରୁଚି, ରକ୍ତଦୋଷ, ବାତ, ହୃଦ୍‌ରୋଗ, ଗୁଳ୍ମ, ଯକୃତ୍‌, କାମଳା ଓ ଅଗ୍ନିମାନ୍ଦ୍ୟ ରୋଗରେ ଉପକାର ହୁଏ। ୧—ତିନ୍ତିଳୀପତ୍ରକୁ ବାଟି ଉଷୁମକରି ଲେପନ କଲେ ରକ୍ତଦୋଷ, ଫୁଲା ଓ ବ୍ୟଥା ଛାଡ଼ିଯାଏ। ୨—ତିନ୍ତିଳୀପତ୍ରର କ୍ୱାଥରେ ହିଙ୍ଗୁ ଓ ସୈନ୍ଧବ ଲବଣ ପକାଇ ପାନକଲେ ବାତଜ କାସ ବିନଷ୍ଟ ହୁଏ। ୩-ତିନ୍ତିଳୀପତ୍ରକୁ ଚାଉଳଧୁଆ ପାଣିରେ ସିଝାଇ ଗରମ ଥାଉ ୨ ଘଣ୍ଟାରେ ବାନ୍ଧି ଉଷ୍ମାଗ୍ର ସେକକଲେ ଆଘାତ

ଜାତ ବେଦନା ଓ ଜ୍ୱରର ବେଦନା ପ୍ରଶମିତ ହୁଏ । ୪—କୋମଳ ତେନ୍ତୁଳିପତ୍ରକୁ ଜଳରେ ବାଟି ସେବନ କଲେ ଆମାଶୟ ରୋଗରେ ଉପକାର ହୁଏ । ୫—ତେନ୍ତୁଳିପତ୍ରର ପ୍ରଲେପ ଯେକୌଣସି ଅଙ୍ଗର ଜ୍ୱାଳା ପ୍ରଶମନ କରେ ଏବଂ ଫୁଲକୁ ବିଲୀନ କରେ । ୬—ନୂତନ ଅଙ୍କୁରିତ ଗଛର ତେନ୍ତୁଳୀ ପତ୍ରର କ୍ୱାଥ ରକ୍ତାମାଶୟରୋଗରେ ବିଶେଷ ହିତକର । ୭—ତେନ୍ତୁଳୀପତ୍ର ଓ ଗୋଲମରିଚ ଏକାଠି ବାଟି ଲେପନ କଲେ ମାଙ୍କଡ଼ଶାର ବିଷଜନିତ କ୍ଷତ ଭଲହୁଏ । ୮—ହଳଦୀ ଓ ତେନ୍ତୁଳୀ-ପତ୍ର ଶୀତଳ ଜଳରେ ବାଟି ପାନକଲେ ବସନ୍ତ ରୋଗରେ ଉପକାର ମିଳେ । ତେନ୍ତୁଳୀ ପତ୍ରର କ୍ୱାଥରେ ଆଖି ଧୋଇଲେ ଆଖିଆସିବା ରୋଗରେ ଉପକାର ହୁଏ । କଣ୍ଠକ୍ଷତ ରୋଗରେ ତେନ୍ତୁଳୀପତ୍ରର କୁଳୁକୁଞ୍ଚା ବିଶେଷ ଉପକାର କରେ । **ତେନ୍ତୁଳୀଗଛର ଫୁଲ**—ଏହା କଷାୟ, ଅମ୍ଳ ଓ ଉଷ୍ଣ । ତେନ୍ତୁଳୀ ଫୁଲକୁ ଚୂର୍ଣ୍ଣ କରି ସମପରିମିତ ଚିନିସହିତ ତାକୁ ମିଶାଇ ସେବନ କଲେ ବାତ, ରକ୍ତାତିସାର ଓ ଅରୁଚି ପ୍ରଶମିତ ହୁଏ ଏବଂ କାନ୍ତି ବୃଦ୍ଧି ଓ ଅଗ୍ନିଦୀପ୍ତି ହୁଏ । ୯—ତେନ୍ତୁଳିପତ୍ରକୁ ଟିକ୍ କରି ଅର୍ଶରେ ପଟାରେ ଲେପନ କଲେ ଚକ୍ଷୁର ରକ୍ତିମା ଛାଡ଼ିଯାଏ । ୧୦—ତେନ୍ତୁଳୀଫୁଲକୁ ବାଟି ସେବନକଲେ ରକ୍ତାର୍ଶ ରୋଗରେ ଉପକାର ହୁଏ । କଞ୍ଚା ତେନ୍ତୁଳୀ ଫଳକୁ କଇଁଆ ବୋଲନ୍ତି । **କଇଁଆ ଫଳ**—ଏହା କଷାୟ, ଅମ୍ଳରସ, ଉଷ୍ଣବୀର୍ଯ୍ୟ, ଗୁରୁପାକ, ରେଚକ, ବାତନାଶକ ଏବଂ ପିତ୍ତରକ୍ତ ଓ କଫର ବୃଦ୍ଧିକାରକ । ଏହା ଅଧିକ ପରିମାଣେ ଖାଇଲେ ରକ୍ତପିତ୍ତ, ଅମ୍ଳପିତ୍ତ, ଦୌର୍ବଲ୍ୟ ଓ ସନ୍ତାପ ଜାତହୁଏ । **ପାଚିଲାତେନ୍ତୁଳୀଫଳ**—ଏହା ମଧୁର ଅମ୍ଳ, ଉଷ୍ଣବୀର୍ଯ୍ୟ, ରୂକ୍ଷ, ଲଘୁପାକ, ମଳଭେଦକ, ଅଗ୍ନିବର୍ଦ୍ଧକ, ରୁଚିକାରକ ଓ ବାତନାଶକ । ଏହା ପିତ୍ତ, ଦାହ, ରକ୍ତ ଓ କଫ ବୃଦ୍ଧି କରେ । ଏକବର୍ଷରୁ ଅଧିକ ପୁରାତନ ତେନ୍ତୁଳୀ ପଥ୍ୟ । ଏହା ଅଗ୍ନିଦୀପନ କରେ, କଫ, ବାତ, ଅର୍ଶ, ଆଧ୍ମାନ, ଗ୍ରହଣୀ, ଗୁଳ୍ମ, ଶୂଳ, ହୃଦ୍‌ରୋଗ ଓ କୃମିରୋଗରେ ଉପକାର କରେ । ଏହା ଅଭିଘାତ ଜ୍ୱର, ଦାହ ଓ ଶୋଥ ନାଶକ ଏବଂ ମୃଦୁ ବିରେଚକ । ୧୧—ତେନ୍ତୁଳୀକୁ ମେଞ୍ଚାକରି ପାଣିରେ ବତୁରାଇବ । ଦୁଇ ତିନି ଘଣ୍ଟା ପରେ ଏହି ତେନ୍ତୁଳୀକୁ ମନ୍ଥା ମର୍ଦ୍ଦନ କରି କେବଳ ପାଣି ମଧ୍ୟାକ ଛାଣିନେବ । ଏହି ପାଣି ପିଇଲେ ରକ୍ତ ପରିଷ୍କାର ହୁଏ । ୧୨ ନବାତ ପଣାରେ ତେନ୍ତୁଳୀ ଓ ତାଳମୂଳର ମିଶାଇ ତହିଁରେ ଚିକଟୁ ଓ ଗୁଡ଼କର୍ପୂର ଚୂର୍ଣ୍ଣ ପ୍ରକ୍ଷେପ କରି ପାନକଲେ ଉଷ୍ଣଜନିତ ତୃଷ୍ଣା ବନ୍ଦହୁଏ । ୧୩—ତେନ୍ତୁଳୀଫଳକୁ ଅପକ୍ୱ ବ୍ରଣଶୋଥରେ ଲେପନ କଲେ ବ୍ରଣ ପାଚିଯାଏ ଏବଂ ବ୍ରଣର ବେଦନା ପ୍ରଶମିତ ହୁଏ । ୧୪—ତେନ୍ତୁଳୀକୁ ମେଞ୍ଚାକରି ପାଣିରେ ବତୁରାଇବ । ଏହି ପାଣିରେ ଚିନି ମିଶାଇ ପିଇଲେ ଦେହର ଦାହ ଶାନ୍ତହୁଏ । ୧୫—ତେନ୍ତୁଳୀରସ ମୁଣ୍ଡରେ ଘଷିଲେ ମୁଣ୍ଡରଜ୍ୱାଳା ପ୍ରଶମିତ ହୁଏ । ୧୬—ତେନ୍ତୁଳୀମଣ୍ଡି ପିଆଇଲେ ଭୁଦୁରୀ, ଗଞ୍ଜାଇ ଓ ମଦର ନିଶା ଛାଡ଼ିଯାଏ । ତେନ୍ତୁଳୀର ଗୁରୁ ଅରୁଚି ଓ ଅଗ୍ନିମାନ୍ଦ୍ୟ ହରଣକରେ । ୧୭—ହାତରେ ଓ ପାଦରେ ଦାହଜାତ ହେଲେ ତହିଁରେ ତେନ୍ତୁଳୀରସ ଲେପନ କରି ତା ଉପରେ ଗୋଟିଏ କଂସାପାତ୍ର ଥୋଇ ଘସିବ । ଏହିପରି କଲେ ଦାହ ଶାନ୍ତ ହୁଏ । **ତେନ୍ତୁଳୀମଞ୍ଜି**—ତେନ୍ତୁଳୀମଞ୍ଜିକୁ ଆମ୍ବୁଅ ବୋଲନ୍ତି । ଚୋପ୍‌ପା ଛଡ଼ା ଆମ୍ବୁଅମଞ୍ଜି କଷାୟ, ସ୍ନିଗ୍ଧ ଏବଂ ସଙ୍କୋଚକ । ୧୮—ଆମ୍ବୁଅମଞ୍ଜିକୁ ଚୂର୍ଣ୍ଣକରି ଚିନି ଓ ଦୁଧ ସହିତ ସେବନ କଲେ ବୀର୍ଯ୍ୟ ସ୍ତମ୍ଭନ ହୁଏ । ୧୯—ଆମ୍ବୁଅମଞ୍ଜିର ଚୂର୍ଣ୍ଣ ଯୋନିରେ ଧାରଣ କଲେ ଶିଥିଳଯୋନି ସଙ୍କୀର୍ଣ୍ଣତା ପ୍ରାପ୍ତ ହୁଏ । ୨୦ ଚୋପ୍‌ପା ସହିତ ଆମ୍ବୁଅମଞ୍ଜିକୁ ଭାଜି ଚୂର୍ଣ୍ଣ କରିବ । ଦହି ସହିତ ପ୍ରତିଦିନ ଏକତୋଳା ଏହି ଚୂର୍ଣ୍ଣ ଏକ ସପ୍ତାହ ସେବନ କଲେ ଅର୍ଶର ରକ୍ତସ୍ରାବ ବନ୍ଦହୁଏ । ଏହା ସେବନ କରିବା ସମୟରେ ଅମ୍ଳଦ୍ରବ୍ୟ ଓ ସ୍ତ୍ରୀ ସହବାସ ପରିତ୍ୟାଗ କରିବ । ୨୧—ତେନ୍ତୁଳୀମଞ୍ଜି ଗୁଡ଼ାଏ ଆଣି ତାକୁ ପାଣିରେ ବତୁରାଇବ କିମ୍ବା ମାଟିତଳେ କିଛିଦିନ ପୋତିବ । ଯେତେବେଳେ ତା'ଉପରେ ଥିବା ଚୋପ୍‌ପା ଫୁଲିଯାଇ ନରମ ହେବ, ସେତେବେଳେ ଚୋପ୍‌ପାକୁ ବାହାର କରିଦେଇ ଭିତରର ସଫେଦ ଶସ୍ୟକୁ ଗ୍ରହଣ କରିବ । ଏହି ଶସ ଏକଭାଗ, ତାଲମଖାନା (କୋଇଲେଖାମଞ୍ଜି) ଏକଭାଗ. ଏହି ଉଭୟ ଦ୍ରବ୍ୟକୁ ଉତ୍ତମ ରୂପେ ଚୂର୍ଣ୍ଣ କରି ବଟକ୍ଷୀରରେ ବାରମ୍ବାର ଭାବନା ଦେଇ ଖରାରେ ଶୁଖାଇବ । ତା'ପରେ ଦ୍ୱିଗୁଣ ମିଶ୍ରି ସହିତ ଏହାକୁ ମିଶାଇ ସେବନ କଲେ ସ୍ୱପ୍ନଦୋଷ ଧାତୁଦୌର୍ବଲ୍ୟ ଓ ଶୁକ୍ରମେହ ପ୍ରଭୃତି ରୋଗରେ ଆଶ୍ଚର୍ଯ୍ୟ ଉପକାର ମିଳେ । ଏହା ରସାୟନ, ବାଜୀକରଣ ଓ ବୀର୍ଯ୍ୟ-ସ୍ତମ୍ଭକ ବୋଲି ପ୍ରସିଦ୍ଧ । ୨୨—ଅଙ୍କୁରିତ ଆମ୍ବୁଅମଞ୍ଜି ଗୁଡ଼ାଏ ଆଣି ଉତ୍ତମରୂପେ ବାଟିବ । ତାକୁ ଘିଅ, ଚିନି ନଡ଼ିଆକ୍ଷୀର ଓ ଶତାବରୀରସ ଯୋଗରେ ପାକକରି ହାଲୁଆ ପ୍ରସ୍ତୁତ କରିବ । ଏହି ହାଲୁଆ ଖାଇଲେ ଯଥେଷ୍ଟ ରତିଶକ୍ତି ବୃଦ୍ଧି ହୁଏ । ୨୩—ଆମରକ୍ତାତିସାର, ଜ୍ୱର, ତୃଷ୍ଣା, ଅଂଶୁଘାତ ଏବଂ ପିତ୍ତଜ ଦାହରୋଗରେ ଏବଂ ଚିରଜାତ କୋଷ୍ଠବଦ୍ଧ ରୋଗରେ ଆମ୍ବୁଅ ମଞ୍ଜୀ ବ୍ୟବହୃତ ହୁଏ । ୨୪—ଆମ୍ବୁଅମଞ୍ଜିକୁ କଳାଜିରା ସହିତ ବାଟି ଲେପନ କଲେ ଛଉ ଭଲହୁଏ । ୨୫—ତେନ୍ତୁଳୀମଞ୍ଜିକୁ ଗୁଣ୍ଡକରି ମହୁ ସହିତ ମିଶାଇ ଖାଇ ତା' ଉପରେ ଦୁଧ ପିଇଲେ ବଳ ବଢ଼େ ଓ ବୀର୍ଯ୍ୟସ୍ତମ୍ଭନ ହୁଏ । ୨୬—ତେନ୍ତୁଳୀ

ମଞ୍ଜୀର ଚୂର୍ଣ୍ଣ ଚିନି ସହିତ ମିଶାଇ ଖାଇ ତା' ଉପରେ ଦୁଧ ପିଇଲେ ସ୍ତ୍ରୀମାନଙ୍କର ଶ୍ୱେତପ୍ରଦର ଭଲହୁଏ ଏବଂ ଧାତୁପୁଷ୍ଟି ହୁଏ । ୨୭ ତେନ୍ତୁଳିମଞ୍ଜୀ ଦୁଧ ସହିତ ବାଟି ଖାଇଲେ ମେହ ଭଲ ହୁଏ । ୨୮—ତେନ୍ତୁଳିମଞ୍ଜୀ ବାଟି ଲେପନ କଲେ ବ୍ରଣ ଓ ବଥ ଶୀଘ୍ର ପାଚିଯାଏ । ଅପକ୍ୱମଞ୍ଜୀର ଶସ ମୃଦୁ ବିରେଚକ ଶ୍ରମନାଶକ । **ତେନ୍ତୁଳୀଛାଲି**—୨୯-ଶୁଖିଲା, ତେନ୍ତୁଳୀଛାଲି (ଫିମ୍ଫିମ୍) କୁ ପୋଡ଼ି ପାଉଁଶ କରିବ । ପୋଡ଼ା ଘା'ରେ ପ୍ରଥମେ ନଡ଼ିଆତେଲ ଲଗାଇ ତା' ଉପରେ ଏହି ପାଉଁଶ ପକାଇବ । ଏଥିଦ୍ୱାରା ପୋଡ଼ା ଘା' ଶୁଖିଯାଏ । ୩୦—ତେନ୍ତୁଳୀ ଛାଲିକୁ ବାଟି ଦଂଶସ୍ଥାନରେ ଲେପନ କଲେ ମାଙ୍କଡ଼ଶାବିଷ ବିନଷ୍ଟ ହୁଏ । ୩୧-ତେନ୍ତୁଳୀଛାଲିର କ୍ଷାର ଗଣ୍ଡୋଶସ୍ଥା ରୋଗରେ ଏବଂ ମୂତ୍ରର କଷ୍ଟ ଭାବ ନିବାରଣାର୍ଥରେ ବ୍ୟବହାର କରାଯାଏ । ବୈଦ୍ୟଶାସ୍ତ୍ରରେ ତେନ୍ତୁଳୀଗଛର ବ୍ୟବହାର ଯଥା— **ଶୋଥରୋଗେ**—୩୨-ତେନ୍ତୁଳୀ ପତ୍ରକୁ ପାଣିରେ ସିଝାଇ ସେହି ପାଣିରେ ଖଣ୍ଡିଏ କନା ଓଦା କରି ଶୋଥ ସ୍ଥାନକୁ ବାରମ୍ବାର ସେକିବ କିମ୍ବା ତେନ୍ତୁଳୀପତ୍ରକୁ ବାଟି ଗରମ କରି କନାପୁଟୁଳା ମଧ୍ୟରେ ତାକୁ ରଖି ଫୁଲା ସ୍ଥାନକୁ ସେକିବ । (ହାରୀତ) । **ଅରୁଚିରୋଗେ**—୩୩-ପାଚିଲା ତେନ୍ତୁଳୀର ରସରେ ଗୁଡ଼ ଓ ମହୁ ମିଶାଇ ଶର୍ବତ କରିବ । ଏଥିରେ ଗୁଡ଼ତ୍ୱକ୍, ଅଳାଇଚ ଓ ମରିଚ ଚୂର୍ଣ୍ଣ ପ୍ରକ୍ଷେପ କରି ମୁଖରେ ଧାରଣ କଲେ ଅରୁଚିଜନ୍ୟ ନାମକ ଅରୁଚିରୋଗ ନିବାରିତ ହୁଏ । (ଚକ୍ରଦତ୍ତ) । **ମସୂରିକାରୋଗେ**—୩୪-ହଳଦୀ ଓ ତେନ୍ତୁଳୀପତ୍ର ଶୀତଳଜଳରେ ବାଟି ପାନକଲେ ମସୂରିକାରୋଗ ପ୍ରଶମିତ ହୁଏ । (ଚକ୍ରଦତ୍ତ) । **ନୂତନ କଫଜ୍ୱରରୋଗେ**—୩୫-ନୂତନ କଫଜ୍ୱରରେ ତେନ୍ତୁଳୀପତ୍ରର ଯୂଷ ପାନକରି କଫ ପରିପକ୍ୱ ହେବାପରେ ଶିରୋବିରେଚନ କରାଇବ । (ଚକ୍ରଦତ୍ତ) **ଶୂଳରୋଗେ**—୩୬-ତେନ୍ତୁଳୀଗଛର ଫିମ୍ଫିମ୍କୁ ଅନ୍ତର୍ଧୂମରେ ପୋଡ଼ି ଉପଯୁକ୍ତ ମାତ୍ରାରେ ଏହି କ୍ଷାର ସେବନ କଲେ ଶୂଳ ଓ ଅଜୀର୍ଣ୍ଣ ରୋଗ ପ୍ରଶମିତ ହୁଏ । (ଚକ୍ରଦତ୍ତ) । **ଅସ୍ଥିଭଗ୍ନରୋଗେ**—୩୭ ଆଘାତ ବାଜି କୌଣସି ଅଙ୍ଗରେ ବେଦନା ଜାତହେଲେ କିମ୍ବା ସନ୍ଧିସ୍ଥାନରୁ ହାଡ ଖସି ଗଲେ କଞ୍ଚା ତେନ୍ତୁଳୀ (କଇଁଆ) କାଞ୍ଜୀ ଓ ରାଶିତେଲ ସହିତ ବାଟି ଉଷ୍ମ କରି ତହିଁରେ ଲେପନ କରିବ । (ଚକ୍ରଦତ୍ତ) । **ବାତରୋଗେ** ୩୮—ଡାଳ ବା ଡାଳଗଛରୁ ବାହାରିବା ରସରେ କଞ୍ଚା ତେନ୍ତୁଳୀ ପତ୍ରକୁ ସିଝାଇ ତାକୁ ଉଷ୍ମରୂପେ ବାଟି ଗରମ କରି ବାତ-ବେଦନାକ୍ରାନ୍ତ ଅଙ୍ଗରେ ପାଟ୍ଟି ବାନ୍ଧିଲେ ବାତବେଦନା ଶାନ୍ତ ହୁଏ । (ଚକ୍ରଦତ୍ତ) । ତେନ୍ତୁଳୀଗଛର ପବନ ସ୍ୱାସ୍ଥ୍ୟ ହାନି କରେ ବୋଲି ଅନେକ ଲୋକ କହନ୍ତି । ମାତ୍ରା—ପତ୍ରରସ— ୨୦-୮୦ ଗ୍ରାମ, ଛାଲିର କ୍ୱାଥ ୫୦—୧୦୦ ଗ୍ରାମ, ଫିମ୍ଫିମ୍ ଭସ୍ମ ଅଧ ଠାରୁ ଏକଗ୍ରାମ, ଶ୍ୱେତପାଚିଲା ମଞ୍ଜୀର ଚୂର୍ଣ୍ଣ ୩—୫ ଗ୍ରାମ । **ତେନ୍ତୁଳୀକଳ୍ପ**—ଭଲରୂପେ ପାଚିଥିବା ତେନ୍ତୁଳୀ ଦୁଇ ପାଖଟଣ୍ଡା ପାଣିରେ ବତୁରାଇ, ପରେ ମନ୍ଥି ଛାଣିବ । ଏହି ତେନ୍ତୁଳି ରସ ୫ କେଜିକୁ ଅଳ୍ପ ଉତ୍ତମ କରି ହାଣ୍ଡିରେ ରଖିବ । ଶୁଣ୍ଠି ଅଢେଇ କେଜି, ଧାତୁକୀଫୁଲ ଏକ କେଜି, ଲବଙ୍ଗ, ଅଳାଇଚ, ମୋଥା, ଅପୁମଞ୍ଜୀ (ପୋସ୍ତକ) ପ୍ରତ୍ୟେକର ଚୂର୍ଣ୍ଣ ୪୦ ଗ୍ରାମ । ଉପରୋକ୍ତ ସମସ୍ତ ଦ୍ରବ୍ୟ ମାଟି ହାଣ୍ଡିରେ ଗୋଳି, ଯଥାବିଧି ସନ୍ଧାନ କରି ଏକୋଇଶି ଦିନ ରଖିବ । ପରେ ଛାଣି ଉପଯୋଗ କରିବ । ମାତ୍ରା—ଅଧ—୧ ଆଉନ୍ସ, ଅନୁପାନ—ଜଳ । ଏହା ଦାହ, ତୃଷା, କୋଷ୍ଠ-କଠିନତା ନାଶକ, ସ୍ୱାଦିଷ୍ଟ, ରୁଚିବର୍ଦ୍ଧକ, ଛାତିରେ ଜମାହୋଇ-ଥିବା କଫର ନିଃସାରକ । (ବୃ, ଆ, ଅ,)

## ତିନ୍ତୁଳୀଯୋଗରେ ଧାତୁଭସ୍ମ

ହରିତାଳଭସ୍ମ ବିଧି—(କ) ଦଶଗ୍ରାମ ହରିତାଳ ଅଗ୍ନି ଅରଖ କ୍ଷୀରରେ ବତୁରାଇ ରଖିବ । ତା'ର ପରେ ଗୋଟିଏ ହାଣ୍ଡିରେ ତେନ୍ତୁଳୀଛାଲିର ପାଉଁଶ ଅଧେ ଭର୍ତ୍ତିକରି ତା' ଉପରେ ହରିତାଳକୁ ରଖି ତା' ଉପରେ ତେନ୍ତୁଳୀଛାଲିର ପାଉଁଶ ହାଣ୍ଡିର ମୁହଁ ପର୍ଯ୍ୟନ୍ତ ଭରାଇ ହାତରେ ଭଲରୂପେ ଦାବିଦେବ । ଏହି ହାଣ୍ଡିଟି ଚୁଲି ଉପରେ ବସାଇ ଦୁଇ ପ୍ରହର ପର୍ଯ୍ୟନ୍ତ ତଳେ ନିଆଁ ଜାଳିଲେ ହରିତାଳ ଭସ୍ମ ହୁଏ ।

(ଖ) ଦଶ କେଜି ତିନ୍ତୁଳୀଗଛର ଛାଲିକୁ ପାଉଁଶ କରି ଗୋଟିଏ ମୋଟା ମାଟି ହାଣ୍ଡିରେ ରଖିବ । ସେହି ପାଉଁଶର ମଧ୍ୟ ଭାଗରେ ୧୦୦ ଗ୍ରାମ ହରିତାଳକୁ ରଖି ପାଉଁଶକୁ ହାତରେ ଭଲ ଭାବରେ ଦବାଇ ଦେବ । ପରେ ହାଣ୍ଡିକୁ ଚୁଲି ଉପରେ ଦେଇ ବରକୋଳି କାଠର ଜାଳ ତିନିଦଣ୍ଡ ଦେବ । ହାଣ୍ଡିରେ ଥିବା ପାଉଁଶରେ କୁଟା ଖଣ୍ଡିଏ ପକାଇଲେ ଯଦି ଜଳି ଯାଏ, ତା'ହେଲେ ହାଣ୍ଡିଟିକୁ ଓହ୍ଲାଇ, ଶୀତଳ ହେବା ପରେ ପାଉଁଶ ମଧ୍ୟରୁ ହରିତାଳ ଭସ୍ମ ଗ୍ରହଣ କରିବ । ବଙ୍ଗଭସ୍ମ ବିଧି—ବଙ୍ଗକୁ ତିନି ଘଣ୍ଟା ଥର ତରଳାଇ ଘିଅରେ ଢାଳିବ । ତା'ର ପରେ ତିନ୍ତୁଳୀପତ୍ର ଶୁଖାଏ ବାଟି ତା'ର ଭିତରେ ବଙ୍ଗକୁ ରଖିବ । ଏହି ଟୁକାଟି ଗୋଟିଏ ହାଣ୍ଡି ଭିତରେ ତିନ୍ତୁଳୀଛାଲର ଭସ୍ମ ମଧ୍ୟରେ ପୂର୍ବୋକ୍ତ ନିୟମରେ ରଖି ଚୁଲ୍ଲୀ ଉପରେ ବସାଇ ତଳେ ଦୁଇପ୍ରହର ଜାଳଦେଲେ ବଙ୍ଗଭସ୍ମ ପ୍ରସ୍ତୁତ ହୁଏ ।

୪୬୨—ତିମିଙ୍ଗିଳ— The whale, ଏହା ସମୁଦ୍ରଜାତ ବୃହଦ୍‌ବାତ୍ସ୍ୟ ମତ୍ସ୍ୟ ବିଶେଷ । ଏହାର ନାମ— ମତ୍ସ୍ୟରୁ, ତିମିଙ୍ଗିଳ,

ଘିଅ, ବାଳମୂଷିକ, ଝିଟିପାଟି, ମଳଭେଦକ, ଜୀବଙ୍କର
ଅମ୍ଳପିତ୍ତନାଶକ, କଫକାସ ଓ ଜ୍ୱରଘ୍ନ ।

ଅନ୍ୟ-ତିମିଙ୍ଗିଳ—ଏହା ସମୁଦ୍ରଜାତ ଏକ ପ୍ରକାର ବୃହଦାକାର ମତ୍ସ୍ୟ ଅଟେ । ଏହି ମାଛ ତିମିମାଛକୁ ମଧ୍ୟ ଗ୍ରାସ କରେ । ସେଥିପାଇଁ ଏହାର ନାମ ତିମିଙ୍ଗିଳ । ଏହା ତିମିମାଛର ଅନୁରୂପ ଗୁଣ ବିଶିଷ୍ଟ ।

୪୭୦-ତ୍ରିବୃତ୍ତୀ ବା—Convovulus turpthum.

ଏହି କୁ ଦେଶରେ କେହି କେହି ଶ୍ୱେତତ୍ରିବୃତ୍ତୀ ମଧ୍ୟ ବୋଲନ୍ତି । ଏହାର ସଂସ୍କୃତ ନାମ—ତ୍ରିବୃତ୍, ସରଳା, ରେଚନୀ ଓ ଶ୍ୟାମା । ଏହାକୁ ବଙ୍ଗଳାରେ ତେଉଡ଼ୀ, ହିନ୍ଦୀରେ ନିସୋଥ ଓ ତେଉଡ଼ି ଏବଂ ତେଲୁଗୁ ଭାଷାରେ ଅଲଗ୍ରଗଡ଼ା ବୋଲନ୍ତି । ମୂଳର ବର୍ଣ୍ଣ ଭେଦରେ ତ୍ରିବୃତ୍ତୀ ତିନି ପ୍ରକାର । ଯଥା—ରକ୍ତ, ଶ୍ୱେତ ଓ କୃଷ୍ଣ । ଏହି ମଧ୍ୟରେ ରକ୍ତତ୍ରିବୃତ୍ତୀ ଶ୍ରେଷ୍ଠ । ⊛ ଔଷଧାର୍ଥରେ କେବଳ ତ୍ରିବୃତ୍ତୀ ମୂଳର ଛାଲି ବ୍ୟବହୃତ ହୁଏ । ଆସ୍ୱାଦରେ ତ୍ରିବୃତ୍ତୀ କଟୁ, ତିକ୍ତ ଓ ଉଷ୍ଣ । ୧—ତ୍ରିବୃତ୍ତୀ ମୂଳର ଚୂର୍ଣ୍ଣ ବା କ୍ୱାଥ ସେବନ କଲେ ଉତ୍ତମରୂପେ ବିରେଚନ ହୁଏ । କଣ୍ଡୁ, କଫ, ଉଦର, ଶୋଥ ଓ ପିତ୍ତଜ୍ୱର ପ୍ରଶମିତ ହୁଏ । ପାଣ୍ଡୁ, ପ୍ଲୀହା, ଉଦାବର୍ତ୍ତ, ହୃଦ୍‌ରୋଗ ଓ ବାତରକ୍ତ ରୋଗରେ ଏହା ପ୍ରୟୋଗ କରାଯାଏ । ୨—ହରଡ଼ା ଓ ତ୍ରିବୃତ୍ତୀ ସମାନ ଭାଗରେ ଚୂର୍ଣ୍ଣ କରି ସେବନ କଲେ ଆମବାତ, ପକ୍ଷାଘାତ, ମନୋବିକାର ଓ କୁଷ୍ଠରୋଗ ପ୍ରଶମିତ ହୁଏ । ବୈଦ୍ୟଶାସ୍ତ୍ରରେ ତ୍ରିବୃତ୍ତୀର ବ୍ୟବହାର ଯଥା—**ଜ୍ୱରରୋଗେ**—୩—ଜ୍ୱରରୋଗୀର ଝାଡ଼ା ସଫା ହେଉ ନଥିଲେ ତାକୁ **ଦ୍ରାକ୍ଷା କ୍ୱାଥ ସହିତ ତ୍ରିବୃତ୍ତୀ ମୂଳର ଚୂର୍ଣ୍ଣ ସେବନ** କରାଇବ (ଚରକ) । **ରକ୍ତପିତ୍ତରୋଗେ**—୪—ପ୍ରଚୁର ମହୁ ଓ ଚିନି ସହିତ ତ୍ରିବୃତ୍ତୀମୂଳର ଚୂର୍ଣ୍ଣ ସେବନ କଲେ ବିରେଚନ ହୋଇ ରକ୍ତପିତ୍ତ ପ୍ରଶମିତ ହୁଏ । (ଚରକ) । **ଅର୍ଶରୋଗେ**—୫—ଅଁଳା ଫଳର କ୍ୱାଥରେ ତ୍ରିବୃତ୍ତୀର ଚୂର୍ଣ୍ଣ ମିଶାଇ ସେବନକଲେ ପ୍ରକୁପିତ ଅର୍ଶ ଉତ୍ପାଦକ ଦୋଷ ପ୍ରକୃତିସ୍ଥ ହୁଏ । ସୁତରାଂ ଏଥିଦ୍ୱାରା ଅର୍ଶ ମଧ୍ୟ ନିବାରିତ ହୁଏ (ଚରକ) । **ଉଦାବର୍ତ୍ତରୋଗେ**—୬-ଉଦାବର୍ତ୍ତରୋଗିକୁ ଘିଅ, ଦୁଧ, ଗରମପାଣି କିମ୍ବା ଦ୍ରାକ୍ଷାର କ୍ୱାଥ ସହିତ ତ୍ରିବୃତ୍ତୀମୂଳର ଚୂର୍ଣ୍ଣ ପାନ କରାଇବ । (ଚରକ) । **ପିତ୍ତଜ୍ୱରରୋଗେ**—୭-ଦୁଗ୍ଧ ସହିତ ତ୍ରିବୃତ୍ତୀ ମୂଳର କଳ୍କ ସେବନ କଲେ ପିତ୍ତୋଦର ନିବାରିତ ହୁଏ । **ବାତୋଦରରୋଗେ**—୮—ତ୍ରିବୃତ୍ତୀର ପତ୍ର ଶାକ ଉପଯୁକ୍ତ ଦ୍ରବ୍ୟ ସହିତ ସଂଯୋଗକରି ଭୋଜନ ପୂର୍ବେ ଉଦର ରୋଗିକୁ ସେବନ କରାଇଲେ ତା'ର କଠିନ ମଳ ତରଳ ହୋଇ ନିର୍ଗତ ହୁଏ । (ଚରକ) । **ପିତ୍ତପାଣ୍ଡୁରୋଗେ**—୯-ପିତ୍ତପାଣ୍ଡୁ ରୋଗିକୁ ଦ୍ୱିଗୁଣ ଚିନି ସହିତ ତ୍ରିବୃତ୍ତୀ ମୂଳର ଚୂର୍ଣ୍ଣ ସେବନ କରାଇବ । (ଚରକ) । **ବାତଶୋଥେ**—୧୦-ବାତଶୋଥ ରୋଗିକୁ ତ୍ରିବୃତ୍ତୀ ମୂଳର କଲ୍‌କରେ ପାକ କରାଯାଇଥିବା ତେଲ କିମ୍ବା କଡ଼ାତେଲ ଏକମାସ କିମ୍ବା ଏକପକ୍ଷ କାଳ ସେବନ କରାଇବ । ସୁଶ୍ରୁତ । **ପ୍ରବଳଜ୍ୱରେ**—୧୧-ତ୍ରିବୃତ୍ତୀ ମୂଳର ଚୂର୍ଣ୍ଣ ମହୁ ସହିତ ସେବନ କଲେ ପ୍ରବଳଜ୍ୱର ନିବୃତ୍ତ ହୁଏ । (ସୁଶ୍ରୁତ) । **ଗୁଳ୍ମରୋଗେ**—୧୨-ତ୍ରିବୃତ୍ତୀ ଓ ହରୀତକୀ ଚୂର୍ଣ୍ଣ ଉଷ୍ଣଜଳ ସହିତ ଗୁଳ୍ମରୋଗିକୁ ସେବନ କରାଇବ କିମ୍ବା ସ୍ନିଗ୍ଧୋଷ୍ଣ ପଥ୍ୟ ସହିତ ତ୍ରିବୃତ୍ତୀର ଶାକ ଭୋଜନ କରାଇବ । (ସୁଶ୍ରୁତ) । **କାମଳାରୋଗେ**—୧୩—ତ୍ରିବୃତ୍ ମୂଳର ଚୂର୍ଣ୍ଣ ଚିନି ସହିତ ସେବନ କଲେ କାମଳା ରୋଗ ପ୍ରଶମିତ ହୁଏ । (ସୁଶ୍ରୁତ) । **ଯକ୍ଷ୍ମାରୋଗେ**—୧୪-ବଳବାନ୍ ଯକ୍ଷ୍ମାରୋଗିକୁ ଚିନି, ମହୁ, ଘିଅ, ଦୁଧ, ଦ୍ରାକ୍ଷାର କ୍ୱାଥ, କୁଳିଆଖୁ ରସ ଗମ୍ଭାରିଫଳର ରସ କିମ୍ବା ମାଂସ ଯୂଷ ସହିତ ତ୍ରିବୃତ୍ ମୂଳର ଚୂର୍ଣ୍ଣ ସେବନ କରାଇବ । (ବାଗ୍‌ଭଟ୍ଟ) । **ଛର୍ଦ୍ଦିରୋଗେ**—୧୫-ତ୍ରିବୃତ୍ତୀର କ୍ୱାଥ ସହିତ ତିନିବାର ଘୃତ ପାକ କରିବ । ଏହି ଘୃତ ପାନକଲେ କ୍ଷତଶୁକ୍ର ରୋଗ ବିନଷ୍ଟ ହୁଏ । (ବାଗ୍‌ଭଟ୍ଟ) । **କାଚକୋଷେ**—୧୬-କାଣ୍ଟିକେଉଟିଆର ମୂଳ ଓ ତ୍ରିବୃତ୍ ମୂଳ ସମାନ ଭାଗରେ ଘିଅ ସହିତ ମିଶାଇ ପାନକଲେ କାଚକଷ ନିବାରିତହୁଏ । (ବାଗ୍‌ଭଟ୍ଟ) **ସୁଖବିରେଚନେ**—୧୭—ତ୍ରିବୃତ୍ତୀ ମୂଳର ଚୂର୍ଣ୍ଣରେ ସମାନ ଭାଗରେ ଚିନି ମିଶାଇ ଗୁଡ଼ତ୍ୱକ୍, ତେଜପତ୍ର ଓ ମରିଚଚୂର୍ଣ୍ଣ ତହିଁରେ ଅଳ୍ପମାତ୍ରାରେ ଯୋଗ କରିବ । ମହୁ ସହିତ ଏହା ସେବନ କଲେ ଉତ୍ତମ ବିରେଚନ ହୁଏ । (ଚକ୍ରଦତ୍ତ) । **ପିତ୍ତବିକାରେ**—୧୮-ଗୋଟିଏ ଆଖୁ ଦଣ୍ଡାକୁ ଦୁଇ ଫାଳ କରି ତା'ର ଉପରେ କଞ୍ଚା ତ୍ରିବୃତ୍ତୀମୂଳକୁ ବାଟି ଲେପନ କରିବ । ଅନନ୍ତର ଗମ୍ଭାରିପତ୍ର ପ୍ରଭୃତି ତା'ର ଉପରେ ଗୁଡ଼ାଇ ଦଉଡ଼ିରେ ବାନ୍ଧି ମାଟି ଲେପଦେଇ ପୁଟପାକ କରି ରସ ନିଗାଡ଼ି ବାହାର କରିବ । ଏହି ରସ ଶୀତଳ ହେଲେ ପିତ୍ତ ରୋଗିକୁ ପାନ କରାଇବ । (ଚକ୍ରଦତ୍ତ) । **ବିଷମଜ୍ୱରେ**—୧୯—ମହୁ ସହିତ ତ୍ରିବୃତ୍ତୀ ମୂଳର ଚୂର୍ଣ୍ଣ ସେବନ କଲେ ବିଷମଜ୍ୱର ବିନଷ୍ଟ ହୁଏ । (ବଙ୍ଗସେନ) । ମାତ୍ରା—ମୂଳଚୂର୍ଣ୍ଣ ୧—୩ ଗ୍ରାମ । **ବିରେଚନାର୍ଥ**—ତ୍ରିବୃତ୍ତୀମୂଳ ୭୫୦ ଗ୍ରାମ କୁଟି ୧୫ କେଜି ଜଳ ଦେଇ କ୍ୱାଥ ପ୍ରସ୍ତୁତ କରି, ଚୂର

---

⊛ କଳାତ୍ରିବୃତ୍ତୀ ଏହା ତୀବ୍ର, ତୀକ୍ଷ୍ଣ ବିରେଚକ, ମୂର୍ଚ୍ଛା, ଭ୍ରମ ଓ ଉନ୍ମାଦ ଜନକ ।

କେଶରୀ ଅବଶେଷ ଥିବ ଓହ୍ଲାଇ ଛାଣି, ଥଣ୍ଡା ହେବା ପରେ ଗୁଡ଼ ଅଢ଼େଇ କେଜି, ଯାଠିମଧୁ ୧୦୦ ଗ୍ରାମ ଗୁଣ୍ଡ କରି ମିଶାଇ, ଯଥାବିଧି ସନ୍ଧାନ କରି ଏକ ମାସ ରଖିବ । ପରେ ଛାଣି ଉପଯୋଗ କରିବ । ମାତ୍ରା—ଅଧ—୨ ଅଉନସ୍ । ପୂର୍ବାହ୍ନରେ ଖାଲି ପେଟରେ ସାଧାରଣ ଜଳ ସହ ମିଶାଇ ପିଇବ । ରୋଗିର ପ୍ରକୃତି ବିବେଚନା କରି ଦେବ । ଏହା କୋଷ୍ଠ ଶୁଦ୍ଧି କାରକ, ଉଦର ରୋଗ, ଶୂଳ, ଗୁଲ୍ମ, ଶୋଥ, ପାଣ୍ଡୁ ପ୍ରଭୃତି ରୋଗରେ ଉତ୍ତମ କୋଷ୍ଠ ଶୁଦ୍ଧି କାରକ ।
(ବୈଦ୍ୟକ—ଚକ୍ରଶାସାର)

**୪୭୧-ତୁଣ୍ଡଘୋଡ଼ା**—ଏହାର ସଂସ୍କୃତ ପର୍ଯ୍ୟାୟ—ଦଗ୍ଧାସ୍ୟ, ତାମ୍ରଶପତ୍ର ଓ କୁମ୍ଭଚକ । ଏହାର ସମୂଳ ସର୍ବାଙ୍ଗର ରସ କଟୁ ଓ ଉଷ୍ଣବୀର୍ଯ୍ୟ । ଏହା କଫ, ଶୂଳ, ଅଗ୍ନିମାନ୍ଦ୍ୟ, ଜିହ୍ୱାର ଜଡ଼ତା ଓ ମୁଖରୋଗ ହରଣ କରେ । ମାତ୍ରା ପତ୍ରରସ ୧୦—୨୦ ଗ୍ରାମ ।

**୪୭୨-ତୁଳସୀଗଛ**—( Ocymum Sanetum Holybasil ) ଏହାର ସଂସ୍କୃତ ପର୍ଯ୍ୟାୟ—ତୁଳସୀ, ସୁରସା, ଗ୍ରାମ୍ୟା, ସୁଲଭା ଓ ବହୁମଞ୍ଜରୀ । ଏହାକୁ ବଙ୍ଗଳାରେ ତୁଳସୀ, ଏବଂ ତେଲୁଗୁରେ ତୁଳସୀ ଚେଟ୍ଟୁ ବୋଲନ୍ତି । ତୁଳସୀ—ଛ' ପ୍ରକାର ଯଥା—କୃଷ୍ଣତୁଳସୀ, ଶ୍ୱେତତୁଳସୀ, କର୍ପୂରଗନ୍ଧତୁଳସୀ, (ଦୁର୍ଲଭ ତୁଳସୀ) ବବରୀତୁଳସୀ, (ଲଣ୍ଡାବାବୁଲୀ) କ୍ଷୁଦ୍ରପତ୍ର ତୁଳସୀ ଓ ରାମ ତୁଳସୀ । ସକଳପ୍ରକାର ତୁଳସୀର ସମୂଳ ପତ୍ର ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । ସାଧାରଣତଃ ସକଳ ପ୍ରକାର ତୁଳସୀ କଟୁ, ତିକ୍ତରସ, ଉଷ୍ଣବୀର୍ଯ୍ୟ, ସୁରଭି, ରୁଚିକର, ସ୍ୱେଦଜନକ, ଅଗ୍ନିବର୍ଦ୍ଧକ, ଦାହପିତ୍ତକାରକ, ବାତକଫ ନାଶକ ଏବଂ କାସ, କୃମି, ବାନ୍ତି, କୁଷ୍ଠ, ରକ୍ତସ୍ରାବ, ଜୀର୍ଣ୍ଣଜ୍ୱର, ପାର୍ଶ୍ୱବେଦନା ଓ ଭୂତାବେଶର ଶାନ୍ତିକାରକ । ୧—ଶ୍ୱେତତୁଳସୀ କିମ୍ବା କୃଷ୍ଣ ତୁଳସୀ ରସରେ ଗୋଲମରିଚ ଚୂର୍ଣ୍ଣକୁ ତିନଦିନ ପର୍ଯ୍ୟନ୍ତ ଭାବନାଦେଇ ଚଣାପରି ବଟିକା କରି ରଖିବ । ଏହି ବଟିକା ଜୀର୍ଣ୍ଣଜ୍ୱର ବା ମାଲେରିଆ ଜ୍ୱରର (ମ୍ୟାଲେରିଆ) ଅବ୍ୟର୍ଥ ଔଷଧ ଏବଂ ଅଗ୍ନିଦୀପକ । ୨—ଚା' ଯେପରି ପ୍ରସ୍ତୁତ କରାଯାଏ, ସେହିପରି ତୁଳସୀପତ୍ରର ଚା' ପ୍ରସ୍ତୁତ କରି ପାନକଲେ ବିଦେଶୀ ଚା' ଅପେକ୍ଷା ଅଧିକ ଗୁଣକରେ ଏବଂ ଚା' ପିଇବା ଅଭ୍ୟାସ ମଧ୍ୟ ଛାଡ଼ିଯାଏ । ତୁଳସୀପତ୍ର, ଗୁଳୁଚୀ, ଚିରାଇତା, ନିମ୍ବପତ୍ର ଓ ବେଲପତ୍ର ଏସବୁ ସମାନ ଭାଗରେ ଗ୍ରହଣ କରି କ୍ୱାଥ ପ୍ରସ୍ତୁତ କରିବ । ଏହି କ୍ୱାଥ ପାନ କଲେ ସକଳ—ପ୍ରକାର ଜ୍ୱର ଓ ଜୀର୍ଣ୍ଣଜ୍ୱର ନିବାରିତ ହୁଏ । ୩—ତୁଳସୀ-ଗଛର ମୂଳକୁ ବାଟି ବିଛାଦଂଶନ କରିବା ଅଙ୍ଗରେ ବାରମ୍ବାର ଲେପନ କରିବ । ଏଥିଦ୍ୱାରା ବିଛାବିଷ ବିନଷ୍ଟହୁଏ । ୪—ତୁଳସୀର ରସ ପାନ ଓ ଲେପନ କଲେ ସର୍ପବିଷ ବିନଷ୍ଟ ହୁଏ । ୫—ତୁଳସୀପତ୍ର, କାଳପତ୍ର ଓ ସୈନ୍ଧବ ଏକାଠେ ପେଷି ବଥରେ ଲେପନ କଲେ ବଥ ବସିଯାଏ । ୬—ତୁଳସୀ ରସରେ କଳାମରିଚକୁ ବାଟି ତା'ର ନସ୍ୟ ଗ୍ରହଣ କଲେ ଅଧକପାଳୀ ବ୍ୟଥା ଶାନ୍ତହୁଏ । ୭—ତୁଳସୀ ପତ୍ରକୁ ଶୁଖାଇ ଚୂର୍ଣ୍ଣକରି ତାକୁ ନସ୍ୟ ରୂପରେ ବ୍ୟବହାର କଲେ ପୀନସ ରୋଗ ଓ ଶିରଃକୃମି ବିନଷ୍ଟ ହୁଏ । ୮—ତୁଳସୀର କଲ୍କଦ୍ୱାରା ତୈଳପାକ କରି ଏହି ତୈଳ ନସ୍ୟରୂପରେ ବ୍ୟବହାର କଲେ କର୍ଣ୍ଣଶୂଳରେ ଓ ପୂତିନସ୍ୟ ରୋଗରେ ଉପକାର ହୁଏ । ୯—ତୁଳସୀ ପତ୍ରକୁ ଲେମ୍ବୁରସରେ ବାଟି ଦାଦୁରେ ଲେପନକଲେ ଦାଦୁ ଭଲହୁଏ । **ତୁଳସୀମଞ୍ଜୀ**—ଏହା ପିଚ୍ଛିଳ, ମୂତ୍ରକାରକ ଅତଏବ ମୂତ୍ରକୃଚ୍ଛ୍ର ଓ କାସରୋଗରେ ପ୍ରଯୋଜ୍ୟ । ବୈଦ୍ୟ—ଶାସ୍ତ୍ରରେ ତୁଳସୀର ବ୍ୟବହାର ଯଥା—**ବଙ୍ଗସେନରେ**—୧୦ କଳାତୁଳସୀ ରସରେ ମହୁ ମିଶାଇ ପାନକଲେ କଫଜ କାସ ବିନଷ୍ଟ ହୁଏ । (ଚରକ) । **ଭାବପ୍ରକାଶ**—୧୧—କଳା ତୁଳସୀପତ୍ର ଓ ବାସଙ୍ଗପତ୍ରର ରସ ନସ୍ୟରୂପେ ବ୍ୟବହାର କଲେ ନାସାରୋଗରେ ଉପକାର ହୁଏ । ମାତ୍ରା ପତ୍ରରସ—୧୦—୨୦ ଗ୍ରାମ । **ତୁଳସ୍ୟାସବ**—ତୁଳସୀ ପତ୍ର ଏବଂ ବୀଜ ଚୂର୍ଣ୍ଣ ମିଶ୍ରିତ ୭୦ ଗ୍ରାମ, ମଦ୍ୟସାର, (ରେକ୍ଟିଫାଇଡ୍ ସ୍ପିରିଟ୍) ୧୨୫୦ ଗ୍ରାମ, ଏକାଠେ ମିଶାଇ ବୋତଲରେ ଭରଣ କରି, ଏକ ସପ୍ତାହ ରଖିବ । ପରେ ଉତ୍ତମରୂପେ ମର୍ଦ୍ଦି ମୋଟା କନାରେ ଛାଣି ବ୍ୟବହାର କରିବ । ମାତ୍ରା—୧୦—୬୦ ବିନ୍ଦୁ । ଅନୁପାନ—ଜଳ । ଏହା ଇନ୍‌ଫ୍ଲୁଏଞ୍ଜା ରୋଗର (ବାତ, କଫ ପ୍ରଧାନ ଜ୍ୱର) ସମସ୍ତ ପ୍ରକାର ଉପଦ୍ରବ ନାଶକ ଉତ୍କୃଷ୍ଟୌଷଧ, ଅଗ୍ନିବର୍ଦ୍ଧକ, କାସ, କୃମି ଜ୍ୱର, ପାର୍ଶ୍ୱବେଦନା ନାଶକ । (ବୈଦ୍ୟ ପତ୍ରିକା)

**୪୭୩-ତୁବକବୃକ୍ଷ**—କଣବାଲାମଚିନି ଦେଖ ।

**୪୭୪-ତ୍ରିଣଡ଼ଙ୍ଗ୍ୟାତ୍ରିଶିରୀ**—ଏହା ଏକ ସାଧାରଣର ଅପରିଚିତ ବନୌଷଧି । ଏହାର ମୂଳ ଦୁଗ୍ଧ ସହିତ ବାଟି ପାନକଲେ ତତ୍କ୍ଷଣାତ୍ ରକ୍ତରୂପରେ ପରିଣତ ହୁଏ । ଏକ ସପ୍ତାହ କାଳ ଏହାର ରସ ପାନକଲେ ବଳୀପଳିତ ବର୍ଜିତ ହୋଇ ମନୁଷ୍ୟ ନବକଳେବର ଲାଭ କରେ । ଏହି ଔଷଧ ସେବନ କାଳରେ ଲବଣ, ଅମ୍ଳ, ପରିତ୍ୟାଗ କରି ଦୁଗ୍ଧାନ୍ନ ଭୋଜନ କଲେ ମନୁଷ୍ୟ ସ୍ଥିର ଯୌବନ ଓ ବଳ—ବୀର୍ଯ୍ୟ ସମ୍ପନ୍ନ ହୋଇ ଦୀର୍ଘଜୀବୀ ହୁଏ । ଏହାର ମୂଳ ଓ ପାରଦ

ଏହାର ଏକ ଏହି ରସରେ ମର୍ଦ୍ଦନ କରି କୃଷ୍ଣ ଅଷ୍ଟମୀ କିମ୍ବା ଚତୁର୍ଦ୍ଦଶୀ ରାତ୍ରରେ ଚକ୍ଷୁରେ ଅଞ୍ଜନ ଦେଲେ ମନୁଷ୍ୟ ଅଦୃଶ୍ୟ ହୋଇ ପାରେ । (ଦ୍ରବ୍ୟଗୁଣତତ୍ତ୍ୱ)

**୪୭୫-ତେଜପତ୍ର**—The lef of Laurus Cassia. ଏହାର ସଂସ୍କୃତ ପର୍ଯ୍ୟାୟ—ପତ୍ରକ, ଗନ୍ଧଜାତ ଓ ପାକରଞ୍ଜନ । ଏହାକୁ ବଙ୍ଗଳାରେ ତେଜପାତ, ହିନ୍ଦୀରେ ତଜ ବୋଲନ୍ତି । ଏହାର ଚୂର୍ଣ୍ଣ ବା କ୍ୱାଥ ମଧୁର, କଟୁ, ସୁଗନ୍ଧ, ଉଷ୍ଣ ଓ ଲଘୁ । ଏହା କଫ, ବାତ, ଅର୍ଶ, ହୃଲ୍ଲାସ, ଅରୁଚି, ପୀନସ, ମଳମୂତ୍ରରୋଧ, ଶୂଳ, ବସୂଚୀ, ହିକ୍କା, ଅତିସାର, ଦାହ, କଣ୍ଡୁ, ଶ୍ୱାସ, କାସ, ଶିରୋରୋଗ, ଜିହ୍ୱାରୋଗ ଓ ବ୍ରଣରୋଗରେ ଉପକାର କରେ ଏବଂ ଅଗ୍ନିଦୀପ୍ତି, କୋଷ୍ଠଶୁଦ୍ଧି, ମୂତ୍ରପ୍ରବୃତ୍ତି ଓ ଭକ୍ଷ୍ୟକରଣ ନିଃସାରଣ କରେ । ଏହା ସ୍ୱେଦଜନକ, ପୁଂସ୍ତ୍ୱବର୍ଦ୍ଧକ ଏବଂ ଉନ୍ମାଦରୋଗୀ ପକ୍ଷରେ ହିତକର । ମୁଖରୁ ଜଳସ୍ରାବ ହେଲେ ତେଜପତ୍ରର ଚୂର୍ଣ୍ଣ ସେବନ କରିବ । ବାତବେଦନା, କଫଦୋଷ, ଶୋଥ, ଅଶ୍ମରୀ, ଅନ୍ତ୍ରବୃଦ୍ଧି, ମୂକତା ଓ ଜଡ଼ତା ଗଦ୍‌ଗଦ ଭାଷଣ ନିବାରଣାର୍ଥେ ତେଜପତ୍ରର ଚୂର୍ଣ୍ଣ ପ୍ରୟୋଗ କରାଯାଏ । ୧—ପ୍ରସବ କାଳରେ ସ୍ତ୍ରୀକୁ ତେଜପତ୍ରର ଚୂର୍ଣ୍ଣ ସେବନ କରାଇଲେ ଶୀଘ୍ର ପ୍ରସବ ହୁଏ । ମାତ୍ରା ଚୂର୍ଣ୍ଣ ୩—୫ ଗ୍ରାମ, କ୍ୱାଥ ୫୦—୧୦୦ ଗ୍ରାମ ।

**୪୭୬-ତେଜଶ୍ରୀ ପକ୍ଷୀ**—ଏହାର ମାଂସ ସ୍ୱାଦୁ, ସ୍ନିଗ୍ଧ, ବାତନାଶକ ଓ ବଳ ବୀର୍ଯ୍ୟ ବର୍ଦ୍ଧକ ।

**୪୭୭-ତୋଡ଼ାମୂଳ**—ମସୁରିଚୁଲୁଆ ଦେଖ ।

**୪୭୮-ତୋଡ଼ିମାଛ**—ଏହାର ମାଂସ—ସ୍ୱାଦୁ, ଧାରକ, ପୁଷ୍ଟିକର, ବଳବର୍ଦ୍ଧକ ଓ କଫରୋଗ ନାଶକ ।

**୪୭୯-ତୋପଚିନି**—Smilix china. ଏହାର ସଂସ୍କୃତ ପର୍ଯ୍ୟାୟ ଦ୍ୱୀପଚିନୀ ଓ ଦ୍ୱୀପାନ୍ତରବଚା । ଏହାକୁ ବଙ୍ଗଳାରେ ତୋପଚିନି, ହିନ୍ଦୀରେ ଚୋବଚିନି ଏବଂ ତେଲୁଗୁରେ ପିରଙ୍ଗିଚେକ୍କା ବୋଲନ୍ତି । ତୋପଚିନିର ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । ତୋପଚିନି—କଟୁ, ତିକ୍ତ, ଉଷ୍ଣ, ଅଗ୍ନିବର୍ଦ୍ଧକ, କାନ୍ତିକାରକ, ମଳମୂତ୍ରରୋଧନାଶକ, ଅଧ୍ମାନହାରକ, ଶୂଳଘ୍ନ ଓ ମଳମୂତ୍ରଶୋଧକ । ୧—ଏହା ବାତ, ଅପସ୍ମାର, ଉନ୍ମାଦ, ଗାତ୍ରବେଦନା ଏବଂ ବିଶେଷତଃ ଫିରଙ୍ଗରୋଗ ନାଶକରେ । ୨—ଉପଦଂଶ, କଟିବାତ, ଧାତୁକ୍ଷୟ, ପକ୍ଷାଘାତ, ଉରୁସ୍ତମ୍ଭ, ରାଜଯକ୍ଷ୍ମା, ବ୍ରଣ, ଗଣ୍ଡମାଳା, ସର୍ବାଙ୍ଗକମ୍ପ, କୁଷ୍ଠରୋଗ, ପୁରାତନ ମେହ ଓ ମେହବାତ ରୋଗରେ ଏହା ପ୍ରୟୋଗ କରାଯାଏ ।୩। ତୋପଚିନି ବଳବୀର୍ଯ୍ୟ ବର୍ଦ୍ଧକ, ଗର୍ଭକାରକ ଓ ରସାୟନ । ୪—ଏହା ବ୍ୟବହାର କଲେ ଅଫିମ ଖାଇବାର ଅଭ୍ୟାସ ଛାଡ଼ିଯାଏ ଏବଂ ହୃତପିଣ୍ଡ, ଯକୃତ ଓ ମସ୍ତିଷ୍କ ସବଳ ହୁଏ ଏବଂ ରକ୍ତ ପରିଷ୍କାର ହୁଏ । ୫—ତୋପଚିନି ବାଟି ଲେପନ କଲେ ଅପକ୍ୱ ବଣ୍ଟଶୋଥ ଓ ଅର୍ବୁଦ (ଆବୁ) ବସିଯାଏ । ପୁରାତନ ଶିରୋରୋଗରେ ସୁଗନ୍ଧମୂଳ ସହିତ ତୋପଚିନି ପ୍ରୟୋଗ କରାଯାଏ । ହସ୍ତପାଦ ଶୋଥରେ ତୋପଚିନିର ପ୍ରଲେପ ଉପକାର କରେ । ୬—ଅଳାଇଚ ଓ ତେଜପତ୍ର ସହିତ ତୋପଚିନିକୁ ଦୁଧରେ ସିଝାଇ ସେହି ଦୁଧ ପାନ କଲେ ବାତ, ଆମବାତ, ଅପସ୍ମାର, ଧାତୁବୈଷମ୍ୟ, ରକ୍ତାଳ୍ପତା ଗଣ୍ଡମାଳା, ଶ୍ଳେଷ୍ମକ୍ଷୀଣତା ଓ ପୁରାତନ ଉପଦଂଶ ରୋଗରେ ଉପକାର ମିଳେ । ତୋପଚିନି ସେବନ କାଳରେ ଲବଣ ପରିତ୍ୟାଗ କରି ସୈନ୍ଧବ ଲବଣ ବ୍ୟବହାର କରିବ । ଉପଯୁକ୍ତ ପଥ୍ୟ ସହିତ ବସନ୍ତ କାଳରେ କିମ୍ବା ଶୀତଋତୁର ପ୍ରାରମ୍ଭରେ ଏହା ସେବନ କରିବ । ଅତ୍ୟନ୍ତ ଶୀତ ଓ ଗ୍ରୀଷ୍ମ ସମୟରେ ଏହା ବ୍ୟବହାର କରିବ ନାହିଁ । ଯୌବନର ଶେଷ ଭାଗରେ ଏବଂ ବାର୍ଦ୍ଧକ୍ୟର ପ୍ରଥମାବସ୍ଥାରେ ଏହା ବ୍ୟବହାର କଲେ ବିଶେଷ ସୁଫଳ ଲାଭହୁଏ । ମାତ୍ରା ଚୂର୍ଣ୍ଣ—୩—୫ ଗ୍ରାମ, କ୍ୱାଥ ୩୦—୬୦ ଗ୍ରାମ । (ବ, ଗୁ, ବି) **ଚୋପଚିନ୍ୟାସବ**—ତୋପଚିନି ଅଧକେଜି, କୁଟି ୨୪ କେଜି ଜଳ ଦେଇ କ୍ୱାଥ ପ୍ରସ୍ତୁତ କରି, ୧୪ କେଜି ଜଳ ଅବଶେଷ ରଖି ଓହ୍ଲାଇ ଶୀତଳ ହେବା ପରେ, ସେଥିରେ ଦ୍ରାକ୍ଷା ଅଧକେଜି, ମିଶ୍ରୀ ଅଧ କେଜି, କୁଙ୍କୁମ ଫୁଲ ୫ ଗ୍ରାମ, ଅଗରୁ, ଅଜମୋଦା, ଇନ୍ଦ୍ରଯବ, ଗନ୍ଧଶୁଣ୍ଠୀ, ଗୋଲପ ଫୁଲ ଜଟାମାଂସୀ, ତେଜପତ୍ର, ପିପ୍‌ପଳୀ, ଗୋକ୍ଷୁର, ଅଳାଇଚ, ନଗାକେଶର, ଶ୍ୱେତଚନ୍ଦନ, ପ୍ରତ୍ୟେକ ୨୦ ଗ୍ରାମ, ଅକରକରା, ମୋଥା ପ୍ରତ୍ୟେକ ୨୫ ଗ୍ରାମ, ଜୁଆଣୀ, ଅଶ୍ୱଗନ୍ଧା, ମୂଳାମଞ୍ଜୀ ପ୍ରତ୍ୟେକ ୪୦ ଗ୍ରାମ । ଏହି ସମସ୍ତ ଦ୍ରବ୍ୟକୁ ଦରକୁଟା କରି ଏକାଠି ମିଶାଇ ଯଥାବିଧି ସନ୍ଧାନ କରି, ଆଚ୍ଛାଦନ ରଖିବ । ପରେ ବାରୁଣୀ ଯନ୍ତ୍ର ଦ୍ୱାରା ଅର୍କ ବାହାର କରି ବ୍ୟବହାର କରିବ । ମାତ୍ରା—ଅଧ—୨ ଆଉନ୍‌ସ । ଏହା ଦିନ ମଧ୍ୟରେ ଦୁଇଥର ବ୍ୟବହାର କରି, ପ୍ରାତଃ ଓ ସନ୍ଧ୍ୟା ସମୟରେ ଭ୍ରମଣ କରିବ । ଏହା ତିନିମାସ ସେବନ କଲେ ଉତ୍ତମ ବାଜୀକରଣ ହୁଏ ଏବଂ ବଳ ବୀର୍ଯ୍ୟ ବୃଦ୍ଧି ହୁଏ । ସକଳପ୍ରକାର ବାତରୋଗ ଏବଂ ମୂତ୍ରବିକାରର ଉତ୍ତମ ଔଷଧ । (ମହାବୀର ପ୍ରସାଦ ବୈଦ୍ୟ)

**୪୮୦-ତୋଡ଼ାକାତଳ**—ତୋଡ଼ାର ସଂସ୍କୃତ ପର୍ଯ୍ୟାୟ ବିମ୍ବୀ, ବିମ୍ବିକା, ରକ୍ତଫଳା ଓ ତୁଣ୍ଡିକେରୀ । ଏହାକୁ ବଙ୍ଗଳାରେ ତେଲାକୁଚା, ହିନ୍ଦୀରେ କୁନ୍ଦୁରୁ ଏବଂ ତେଲୁଗୁରେ ଦୋଣ୍ଡକାୟା ବୋଲନ୍ତି । ତୋଡ଼ାକାତଳର ସମୂଳ ... ଔଷଧାର୍ଥରେ ବ୍ୟବହୃତହୁଏ । ତୋଡ଼ାର ସମୂଳ ପତ୍ରରସ—

ତିକ୍ତ, ମଧୁର ଓ ଶୀତଳ । ଏହା କଫ, ରକ୍ତପିତ୍ତ, ଶୋଥ, ପାଣ୍ଡୁ, ଜ୍ୱର, ଶ୍ୱାସ ଓ କଣ୍ଠରୋଗରେ ଉପକାର କରେ, ସ୍ତନ୍ୟବୃଦ୍ଧି କରେ ଏବଂ ବହୁମୂତ୍ର ପ୍ରଶମନ କରେ । ତୋରଡ଼ାର ଫଳ—ଏହାକୁ ଥୋକେ ଲୋକ ମହୂଳା ଓ କର୍ଣ୍ଣିକାକୁତୀ ବୋଲନ୍ତି । ଏହା ତିକ୍ତ ମଧୁର, ଶୀତଳ, ଗୁରୁପାକ, ସ୍ତମ୍ଭନ-କାରକ, ମଳମୂତ୍ରରୋଧକ, ଅଧ୍ମାନଜନକ ଏବଂ ବାତପିତ୍ତ ଓ ରକ୍ତନାଶକ । ତୋରଡ଼ାକୁ ଘିଅରେ ଭଜା ଗୁଡ଼ ତଣ୍ଡୁଲୀ ଯୋଗରେ ବ୍ୟଞ୍ଜନ ପ୍ରସ୍ତୁତ କରି ଖାଇଲେ ପୂର୍ବୋକ୍ତ ଦୁର୍ଗୁଣ ଜାତ ହୁଏନାହିଁ । ପତ୍ରରସର ମାତ୍ରା—୧୦–୨୦ ଗ୍ରାମ ।

## ୪୮୧-ତ୍ରାୟମାଣା-Ficus heterophylla.

ଏହା ଏକପ୍ରକାର ଗୁଳ୍ମଜାତୀୟ କ୍ଷୁଦ୍ର ବୃକ୍ଷ । ଏହି ଗଛ ହିମାଳୟ ପ୍ରଦେଶରେ ଜାତହୁଏ । ଏହାର ସଂସ୍କୃତ ପର୍ଯ୍ୟାୟ—ତ୍ରାୟମାଣା, ଗିରିସାନୁଜା, ଗିରିଜା ଓ ଭୟନାଶିନୀ । ଏହାକୁ ବଙ୍ଗଳାରେ ହିନ୍ଦୀରେ ଏବଂ ତେଲୁଗୁରେ ତ୍ରାୟମାଣା ବୋଲନ୍ତି । * ତ୍ରାୟମାଣାର ସମୂଳ ପତ୍ରର କ୍ୱାଥ ବା ଚୂର୍ଣ୍ଣ କଟୁ, ତିକ୍ତ, କଷାୟ ଏବଂ ଉଷ୍ଣ । ଏହା କଫ, ପିତ୍ତ, କ୍ରିମି, ରକ୍ତଗୁଳ୍ମ, ଜ୍ୱର, ସୂତିକାଶୂଳ, ରକ୍ତପିତ୍ତ, ବାନ୍ତି, ବିଷରୋଗ, ଭ୍ରମ, ତୃଷା, କ୍ଷୟ, ହୃଦ୍‌ରୋଗ, ଅର୍ଶ, ପ୍ଲୀହା, ବିଷଦୋଷ, ଗ୍ରହଣୀ, ଯକୃଦ୍‌ବୃଦ୍ଧି, କାମଳା ଓ ଶୋଥ ହରଣକରେ । ମୂତ୍ରବୃଦ୍ଧି କରେ ଏବଂ ବଳ ବୃଦ୍ଧି କରେ । ଲେମ୍ବୁରସ ସହିତ ତ୍ରାୟମାଣାକୁ ବାଟି କଣ୍ଡୁ ପ୍ରଭୃତି ଚର୍ମରୋଗ ପ୍ରଶମନାର୍ଥେ ପ୍ରୟୋଗ କରାଯାଏ । ବୈଦ୍ୟଶାସ୍ତ୍ରରେ ତ୍ରାୟମାଣାର ବ୍ୟବହାର ଯଥା—ଜ୍ୱରାତିସାରରେ ୧—କ୍ଷୀରପାକ ବିଧି ଅନୁସାରେ ତ୍ରାୟମାଣାର କ୍ୱାଥ ପ୍ରସ୍ତୁତ କରି ପାନକଲେ ଜ୍ୱର ଓ କୋଷ୍ଠ କାଠିନ୍ୟ ଦୂରହୁଏ । (ଚରକ) ରକ୍ତପିତ୍ତେ—୨—ତ୍ରାୟମାଣା ଓ ଗୋଠକାକୁଡ଼ୀ ମୂଳର ଚୂର୍ଣ୍ଣ ପ୍ରଚୁର ମହୁ ଓ ଚିନି ସହିତ ସେବନକଲେ ବିରେଚକ ହୋଇ ଊର୍ଦ୍ଧ୍ୱଗ ରକ୍ତପିତ୍ତ ଶାନ୍ତହୁଏ । (ଚରକ) । ପିତ୍ତଗୁଳ୍ମେ—୩—ତ୍ରାୟମାଣା ୧୬୦ ଗ୍ରାମ ଗୃହକେଜି ଜଳରେ ସିଦ୍ଧକରି ଅଧକେଜି ଜଳ ଅବଶେଷ ରଖି ଓହ୍ଲାଇବ । ଏଥିରେ ଅଧକେଜି ଦୁଧମିଶାଇ ପିଇଲେ ପୈତ୍ତିକଗୁଳ୍ମ ପ୍ରଶମିତ ହୁଏ । (ଚରକ) ପିତ୍ତୋଦାବର୍ତ୍ତେ—୪—ତ୍ରାୟମାଣାର ଚୂର୍ଣ୍ଣ ଦୁଗ୍ଧ ସହିତ ସେବନ କଲେ କୋଷ୍ଠ ଶୁଦ୍ଧି ହୋଇ ଉଦାବର୍ତ୍ତ ନିବାରିତ ହୁଏ । (ଚରକ) । ବିସର୍ପଚିକିତ୍ସାରେ—୫ କ୍ଷୀରପାକ ବିଧି ଅନୁସାରେ ତ୍ରାୟମାଣାର କ୍ୱାଥ ପ୍ରସ୍ତୁତ କରି ପାନକଲେ ବିସର୍ପରୋଗ ଶାନ୍ତହୁଏ । (ଚରକ) । ମାତ୍ରା ଚୂର୍ଣ୍ଣ ୩—୫ ଗ୍ରାମ । କ୍ୱାଥ ୪୦—୮୦ ଗ୍ରାମ । ତ୍ରାୟମାଣାଦ୍ୟ ଘୃତ—ତ୍ରାୟମାଣା, କାଙ୍କଡ଼, ଦନ୍ତୀ, ପୁଷ୍କରମୂଳ, ଚକବଡ଼ିମଞ୍ଜି, ପିପଳିମୂଳ, ଅଁଳା, ବିଡ଼ଙ୍ଗ, ବ୍ରାହ୍ମଣଯଷ୍ଟି, ହରିଦ୍ରା, କୃଷ୍ଣ ଲୁଣିକା, ମୁସ୍ତ, ହରିତା, ଗନ୍ଧଶୁଣ୍ଠୀ, ଗୋଠକାକୁଡ଼ି ପ୍ରତ୍ୟେକ ୩୨୦ ଗ୍ରାମ, ସମସ୍ତ ଦ୍ରବ୍ୟକୁ କୁଟି ୫୨ କେଜି ଜଳରେ ସିଦ୍ଧ କରି, ତେର କେଜି ଜଳ ଅବଶେଷ ରଖି ଓହ୍ଲାଇ ଛାଣି, ହାଣ୍ଡିରେ ଭରତି କରି ମହୁ ୧୫ କେଜି, ଧାତୁକୀଫୁଲ ୧ କେଜି ପିପଳୀ ୧୬୦ ଗ୍ରାମ, ଅଳାଇଚ, ଗୁଡ଼ତ୍ୱକ, ତେଜପତ୍ର, ନାଗକେଶର ୮୦ ଗ୍ରାମ, ପ୍ରତ୍ୟେକର ଚୂର୍ଣ୍ଣ ମିଶାଇ ଯଥାବିଧି ସନ୍ଧାନ କରି ଏକ ମାସ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା—ଅଧ—୧ ଆଉନ୍ସ । ଅନୁପାନ—ଜଳ । ଗୁଣ—କାସ, ଶ୍ୱାସ, ପାଣ୍ଡୁ, ହୃଦ୍‌ରୋଗ, ଗୁଳ୍ମ, ଅର୍ଶ, ସନ୍ନିପାତ ଜ୍ୱର ନାଶ କରେ । (ଗଦନିଗ୍ରହ)

## ୪୮୨-ତ୍ରିକୋଣଶିମ୍ବ—ନିଶାଦିମ୍ବ ଦେଖ ।

**୪୮୩-ତ୍ରିପଣିକଳ୍ଲି ଗଛ**—ଏହାର ଫୁଲ ଅତ୍ୟନ୍ତ ସୁଗନ୍ଧ, କଟୁରସ ଓ ଉଷ୍ଣ । ଏହାର ପତ୍ର ଓ ମୂଳ ବ୍ରଣରୋଗ, ମୁଖରୋଗ ଓ ନେତ୍ରରୋଗରେ ଉପକାର କରେ ।

**୪୮୪-ଦଣ୍ଡକେଳୀମାଛ**—ଏହା ମଧୁରରସ, ଲଘୁପାକ, ବଳକାରକ ବୀର୍ଯ୍ୟବର୍ଦ୍ଧକ ଏବଂ ରକ୍ତପିତ୍ତ ଓ କଫନାଶକ ।

**୪୮୫-ଦଣ୍ଡି ଘୋଡ଼ାଲାଗଛ**—ଗଜଶିମୂଳୀଗଛକୁ ଗଞ୍ଜାମ ପୂର୍ବଖଣ୍ଡର ଲୋକେ ଦଣ୍ଡି ଘୋଡ଼ାଲାଗଛ ବୋଲନ୍ତି ।

**୪୮୬-ଦନ୍ତୀଗଛ**—Croton polyan drum. ଏହା ସାନ ବଡ଼ ଭେଦରେ ଦୁଇ ପ୍ରକାର । ଦନ୍ତୀର ସଂସ୍କୃତ ପର୍ଯ୍ୟାୟ—ଦନ୍ତୀ, ଦନ୍ତିକା, ରେଚନୀ ଓ ଉଦୁମ୍ବରପର୍ଣ୍ଣୀ । ଏହାକୁ ବଙ୍ଗଳାରେ ଓ ହିନ୍ଦୀରେ ଦନ୍ତୀ ଏବଂ ତେଲୁଗୁରେ ଦନ୍ତୀଚେଟ୍ଟୁ ବୋଲନ୍ତି । ଉଭୟ ପ୍ରକାର ଦନ୍ତୀଗଛର ପତ୍ର, ମୂଳ ଓ ବୀଜ ଔଷଧାର୍ଥରେ ବ୍ୟବହୃତ ହୁଏ । ଦନ୍ତୀଗଛର ପତ୍ରରସ ମୂଳର ଚୂର୍ଣ୍ଣ ଓ ବୀଜ କଟୁ, ତୀକ୍ଷ୍ଣ ଓ ଉଷ୍ଣ । ଏହା କଫ, ବାତ, ଉଦରରୋଗ, ଅର୍ଶ, କଣ୍ଡୁ, ଅଶ୍ମରୀ, ଶୂଳ, ଶୋଥ, ଗୁଳ୍ମରୋଗ, କ୍ରିମି, ଚର୍ମରୋଗ ଓ କୁଷ୍ଠରୋଗ ହରଣ କରେ, ବିରେଚନ

* ଆମଦେଶରେ ତ୍ରାୟମାଣା ଗଛ ଉତ୍ପନ୍ନ ହୁଏନାହିଁ । ମହାମୂର୍ଖ ଔଷଧ ବେପାରୀମାନେ ମାଗେନ୍ତରେ କନ୍ଦାକୁ ତ୍ରାୟମାଣା ବୋଲି ବିକି ପ୍ରତାରଣା କରନ୍ତି । ଅନେକସ୍ଥଳରେ ମୂର୍ଖ ବୈଦ୍ୟମାନେ ତାହାହିଁ ଉପଯୋଗ କରିଥାନ୍ତି । ତ୍ରାୟମାଣା ଉତ୍ତର ଭାରତରେ ଔଷଧ ଦୋକାନମାନଙ୍କରେ ମିଳେ । ଏହା କ୍ଷୁଦ୍ର ବୃକ୍ଷ, ଏହାର ଫୁଲ ପୀତବର୍ଣ୍ଣ ଓ କୋମଳକଣ୍ଟକ ବ୍ୟାପ୍ତ । ଏହି ଗଛକୁ କିଛିସମୟ ପାଣିରେ ବୁଡ଼ାଇଲେ ସେହି ଜଳ ପୀତବର୍ଣ୍ଣ ଓ ପିଚ୍ଛିଳ ହୁଏ ।

ଏବଂ ଅଣ୍ଡବୃଦ୍ଧି ହରେ । ୧—କୌଣସି ଅଙ୍ଗ କାଟି ହୋଇଗଲେ ଦନ୍ତୀ ପତ୍ରର ରସ ତହିଁରେ ଲଗାଇବ । ଏଥିଦ୍ୱାରା ରକ୍ତସ୍ରାବ ବନ୍ଦହୁଏ ଏବଂ କଟାସ୍ଥାନ ଯୋଡ଼ି ହୋଇଯାଏ । ୨—ଦନ୍ତୀରମୂଳ ଅନ୍ୟାନ୍ୟ ସୁଗନ୍ଧି ଔଷଧ ସହିତ, ଉଦରଗ୍ରନ୍ଥିଜ, କୋଷ୍ଠବଦ୍ଧ, ଅଗ୍ନିର ଶୋଥ ଓ କାମଳାରୋଗରେ ପ୍ରୟୋଗ କରାଯାଏ । ଦନ୍ତୀଗଛର ମଞ୍ଜିକୁ କନକାମଞ୍ଜି ଓ ଜୟପାଳ ବୋଲନ୍ତି । ଏହାର ଗୁଣ ଯଥାସ୍ଥାନରେ ଲେଖାଅଛି । ବୈଦ୍ୟଶାସ୍ତ୍ରରେ ଦନ୍ତୀଗଛର ବ୍ୟବହାର ଯଥା—ଅର୍ଶରୋଗ—୩—ତିଳ ଓ କେଳେଇ ସହିତ ଦନ୍ତୀପତ୍ରକୁ ଉଷ୍ଣମଦ୍ୟପ ସହିତ ଅର୍ଶରୋଗୀ ସେବନ କରାଇବ । (ଚରକ) । ଭଗନ୍ଦରରୋଗ—୪-ଦନ୍ତୀର କଳକାର ତୈଳ ସେବନ କଲେ ଭଗନ୍ଦର ରୋଗ ନିବାରିତ ହୁଏ । (ଚରକ) । ପ୍ଲୀହା ରୋଗ—୫-ଦନ୍ତୀମୂଳର ରସ ୩୨୦ ଗ୍ରାମ ଏବଂ ଘୃତର ଚତୁର୍ଥାଂଶ କଞ୍ଚା ଦନ୍ତୀ ମଞ୍ଜିର କଲ୍କ ଏଥିଦ୍ୱାରା ଯଥାବିଧି ଘୃତ ପାକ କରିବ । ଏହି ଘୃତ ଉପଯୁକ୍ତ ମାତ୍ରାରେ ସେବନ କଲେ ପ୍ଲୀହା, ପାଣ୍ଡୁ ଓ ଶୋଥରୋଗ ପ୍ରଶମିତ ହୁଏ । (ଚରକ) । କାମଳାରୋଗରେ—୬-ଦନ୍ତୀମୂଳର ଚୂର୍ଣ୍ଣ ଗୁଡ଼ ଓ ଶୀତଳ ଜଳସହିତ ସେବନ କଲେ କାମଳା ରୋଗ ନିବାରିତ ହୁଏ । (ଚରକ) । ଗୁଳ୍ମରୋଗରେ—୭—ଦନ୍ତୀମୂଳର ଚୂର୍ଣ୍ଣ ଉପଯୁକ୍ତ ମାତ୍ରାରେ ଦହି କିମ୍ବା ଦୁଧ ସହିତ ସେବନ କଲେ ବିରେଚନ ହୋଇ ଗୁଳ୍ମୋଦର ନିବାରିତ ହୁଏ । (ଚରକ) । କୋଷ୍ଠବଦ୍ଧତାରେ—୮-ଅଁଳା ଦଣ୍ଡାଟିଏ ଆଣି ତାକୁ ଦୁଇଫାଳ କରି ଚିରିବ, ତହିଁରେ ଦନ୍ତୀମୂଳର କଲ୍କ ଲେପନ କରି ଦଉଡ଼ିରେ ବାନ୍ଧି ମାଟି ଲେପଦେଇ ଯଥାବିଧି ପୁଟ ପାକ କରି, ତା'ର ରସ ବାହାର କରିବ । ଏହି ଅଁଳାରସ ପାନକଲେ ସୁଖରେ ବିରେଚନ ହୁଏ । (ଚରକ) ଗଣ୍ଡମାଳା ରୋଗରେ—୯—ଦନ୍ତୀମୂଳକୁ ବାଟି ଲେପନ କଲେ ଗଣ୍ଡ ଦୂର ହୁଏ । (ଚରକ) । କୃମିରୋଗରେ—୧୦ ଦନ୍ତୀର କୋମଳ ପତ୍ରକୁ ବାଟି ଯବଧାନ ଚୂନା କିମ୍ବା ଗହମ ଚୂନା ସହିତ ମିଶାଇ ଚକୁଳୀ ପିଠା ପ୍ରସ୍ତୁତ କରିବ । ଏହି ପିଠା ଖାଇଲେ କୃମିରୋଗ ବିନଷ୍ଟ ହୁଏ (ଚକ୍ରଦତ୍ତ) ମାତ୍ରା—ମୂଳଚୂର୍ଣ୍ଣ ୧—୩ ଗ୍ରାମ । ପତ୍ରରସ ୧୦—୩୦ ଗ୍ରାମ । ଦନ୍ତ୍ୟରିଷ୍ଟ —ଦନ୍ତୀ, ଚିତାପାରୁ, ଦଶମୂଳ, ହରିଡ଼ା, ବାଉଁଶ, ଅଁଳା ପ୍ରତ୍ୟେକ ୪୦ ଗ୍ରାମକୁ କୁଟି ତେର କେଜି ଜଳରେ ସିଝାଇ ଏକ ଚତୁର୍ଥାଂଶ ଅବଶେଷ ରଖି ଛାଣି ଥଣ୍ଡା ହେବା ପରେ ଗୁଡ଼ ୫ କେଜି ମିଶାଇ ହାଣ୍ଡିରେ ଭରିଦ୍ଧ କରି ଯଥାବିଧି ସନ୍ଧାନ କରି ପନ୍ଦର ଦିନ ରଖି ଛାଣି ବ୍ୟବହାର କରିବ । ମାତ୍ରା—ଅଧ—୧ ଆଉନ୍ସ । ଅନୁପାନ—ଜଳ । ଗୁଣ—ଅର୍ଶ, ଗ୍ରହଣୀ, ପାଣ୍ଡୁରୋଗ, କୋଷ୍ଠବଦ୍ଧ, ଅରୁଚି ରୋଗ ନାଶକ, ଅଗ୍ନିଦୀପକ । (ଚରକ) ।

୪୮୭—ଦମ୍ଭଣାଗଛ—Artemisia scoparia ORA Indica. ଦମ୍ଭଣାର ସଂସ୍କୃତ ପର୍ଯ୍ୟାୟ—ଦମନକ, ଗନ୍ଧୋତ୍କଟ, ମୁନିପୁତ୍ର ଓ ଦେବଶେଖର । ଏହାକୁ ବଙ୍ଗଳାରେ ଦନା, ହିନ୍ଦୀରେ ଦବଣା ଏବଂ ତେଲୁଗୁରେ ଦମନମୁଚେଟ୍ଟୁ ବୋଲନ୍ତି । ଏହାର ସମୂଳ ପଞ୍ଚ ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ଚୂର୍ଣ୍ଣ ଓ କ୍ୱାଥ କଟୁ, ତିକ୍ତ; କଷାୟ ଓ ଶୀତବୀର୍ଯ୍ୟ । ଏହା ସେବନ କଲେ ଦ୍ୱନ୍ଦ୍ୱଦୋଷ, ତ୍ରିଦୋଷ, ବିଷଦୋଷ, କ୍ଲେଦ, କଣ୍ଡୁ, କୁଷ୍ଠ ଓ ବିସ୍ଫୋଟ ରୋଗରେ ଉପକାର ହୁଏ । ଦମ୍ଭଣାଗଛର ଚୂର୍ଣ୍ଣକୁ ତେଲରେ ମିଶାଇ ଦେହରେ ମାଲିସ କଲେ ଗାତ୍ରଦୌର୍ଗନ୍ଧ୍ୟ ଦୂର ହୁଏ । ମାତ୍ରା ରସ—୧୦—୪୦ ଗ୍ରାମ, ଚୂର୍ଣ୍ଣ ୩—୫ ଗ୍ରାମ, କ୍ୱାଥ ୪୦—୮୦ ଗ୍ରାମ ।

୪୮୮-ଦସ୍ତା – ଖପର ଦେଖ ।

୪୮୯—ଦଧି—ଏହାର ସଂସ୍କୃତ ପର୍ଯ୍ୟାୟ କ୍ଷୀରଜ, ମଙ୍ଗଲ୍ୟ, ପୟସ୍ୟ ଓ ଘନେତର । ଦହି ପାଞ୍ଚ ପ୍ରକାର । ଯଥା—ମନ୍ଦକ, ମଧୁର, ମଧୁରାମ୍ଳ ଓ ଅତ୍ୟମ୍ଳ ଦହି । ଦୁଧରେ ମରଣ ପକାଇବା ପରେ ତାହା ଯେତେବେଳେ ବହଳ ହୋଇଯାଏ ଏବଂ ତହିଁରେ ଅମ୍ଳରସର ସ୍ପଷ୍ଟ ଅନୁଭବ ହୁଏନାହିଁ, ସେତେବେଳେ ତାକୁ ମନ୍ଦକଦହି ବୋଲନ୍ତି । ମନ୍ଦକଦହି—ମଳ ମୂତ୍ରଭେଦକ, ବିଦାହି କାରକ ଓ ତ୍ରିଦୋଷ ଜନକ । ଯେଉଁ ଦହିରେ ମଧୁର ରସ ଅଧିକ ଓ ଅମ୍ଳ ରସ ଅଳ୍ପ, ତାକୁ ମଧୁରଦହି ବୋଲନ୍ତି । ମଧୁରଦହି—ବୀର୍ଯ୍ୟବର୍ଦ୍ଧକ, ବାତନାଶକ, ରକ୍ତ ଓ ପିତ୍ତର ପ୍ରସନ୍ନତାକାରକ, କଫଜନକ ଏବଂ ମେଦୋଧାତୁର ବୃଦ୍ଧି କାରକ । ଯେଉଁ ଦହି ମଧୁର ଅମ୍ଳ ଏବଂ ଅଳ୍ପ କଷା ଲାଗେ, ତାକୁ ମଧୁରାମ୍ଳ ଦହି ବୋଲଯାଏ । ଏହି ଦହି ମିଶ୍ରଗୁଣ ଯୁକ୍ତ । ଯେଉଁ ଦହିରେ ମଧୁର ରସ ଜଣାଯାଏ ନାହିଁ, କେବଳ ଅମ୍ଳ—ରସ ଅନୁଭୂତ ହୁଏ ତାକୁ ଅମ୍ଳ ଦହି ବୋଲନ୍ତି । ଅମ୍ଳ ଦହି—ଅଗ୍ନିବର୍ଦ୍ଧକ, ପିତ୍ତ, ରକ୍ତ ଓ କଫବୃଦ୍ଧି କାରକ । ଅତ୍ୟନ୍ତ ଅମ୍ଳରସଯୁକ୍ତ ଦହି, ଦାନ୍ତ ଝଟାଇ ଦିଏ, ରୋମାଞ୍ଚ ଜାତକରେ, କଣ୍ଠରେ ଦାହ ଉତ୍ପାଦନ କରେ ଓ ଅଗ୍ନି ବୃଦ୍ଧି କରେ । ଏହି ଦହି ବାତ, ପିତ୍ତ ଓ ରକ୍ତପ୍ରକୋପ କରେ । ସାଧାରଣତଃ ସାହା ଉତ୍ତମ ଦହି—ତାହା ଅମ୍ଳ, ମଧୁରରସ, ଅମ୍ଳବିପାକ, ଗୁରୁପାକ, ଶୀତଳ, ମଳରୋଧକ, ମୂତ୍ରରୋଚକ,ଶୋଥଜନକ, ପୁଷ୍ଟିକାରକ, ଅଗ୍ନିଦୀପକ, ବଳ ଓ ବୀର୍ଯ୍ୟବର୍ଦ୍ଧକ । ଏହା ବିଷମଜ୍ୱର, ଅରୁଚି ଓ ମୂତ୍ରକୃଚ୍ଛ୍ର ରୋଗରେ ହିତକର । ଶିଶିରକାଳରେ ଦହି ପ୍ରଶସ୍ତ ।

କଞ୍ଚାଦୁଧର ଦହି ରୋଗଜାତକରେ । ସର କାଢ଼ାଯାଇଥିବା ଦହି-ଅପେକ୍ଷା କୁଡ଼ ଲଘୁ, ଶୀତଳ, ରୁଚକର, ମଳରୋଧକ, ଅଗ୍ନିବର୍ଦ୍ଧକ ଓ ଗ୍ରହଣୀରୋଗ ନାଶକ । ଚିନି, ମହୁ, ଘିଅ, ମୁଗଡ଼ାଲି ଓ ଅଁଳାରସ ପ୍ରଭୃତି ଦ୍ରବ୍ୟ ସହିତ ଦହି ଖାଇଲେ କୌଣସି ଦୁର୍ଗୁଣ ଜାତ ହୁଏନାହିଁ । ରାତ୍ରିକାଳରେ ଏବଂ ପିତ୍ତଜ ଓ ରକ୍ତଜରୋଗରେ ଦଧିଭୋଜନ ଅନିଷ୍ଟ କାରକ । ଭିନ୍ନ ୨ ଜାତିର ଦୁଗ୍ଧ ଭେଦାନୁସାରେ ଭିନ୍ନ ୨ ଦହିର ଗୁଣ ସେହି ୨ ଜାତିର ଗୁଣ ବର୍ଣ୍ଣନା ପ୍ରସଙ୍ଗରେ ଲେଖାଯାଇଅଛି । ସକଳ ପ୍ରକାର ଦହିରୁ ଚହ୍ଲା ପ୍ରସ୍ତୁତ କରାଯାଏ, ଚହ୍ଲାର ସଂସ୍କୃତ ନାମ —ତକ୍ର, କାଳି, ମଥ, ବିଲୋଡ଼ିତ ଓ ଦଣ୍ଡାହତ । ଚହ୍ଲା ପାଞ୍ଚ ପ୍ରକାର । ମସ୍ତୁ, ମଥିତ, ଉଦଶ୍ୱିତ୍, ତକ୍ର ଓ ଛଚ୍ଛିକା । ସର ବାହାର ନକରି ମନ୍ଥା ହୋଇଥିବା ଚହ୍ଲାର ନାମ ମସ୍ତୁ । ସର ବାହାର କରିଦେଇ ମନ୍ଥା ହୋଇଥିବା ଚହ୍ଲାର ନାମ ମଥିତ । ଅଧେ ପାଣି ମିଶାଇ ମନ୍ଥା ହୋଇଥିବା ଚହ୍ଲାର ନାମ ତକ୍ର । ଏକ ଚତୁର୍ଥାଂଶ ପାଣି ମିଶାଇ ମନ୍ଥନ କରାଯାଇ ଥିବା ଚହ୍ଲାର ନାମ ଉଦଶ୍ୱିତ୍ ଏବଂ ଅଧିକ ପାଣି ମିଶାଇ ମନ୍ଥନ କରାଯାଇଥିବା ଚହ୍ଲାର ନାମ ଉଦଶ୍ୱିତ୍ ଏବଂ ଅଧିକ ପାଣି ମିଶାଇ ମନ୍ଥନ କରାଯାଇଥିବା ଚହ୍ଲାକୁ ଛଚ୍ଛିକା ବୋଲ୍‌ଯାଏ । ସାଧାରଣତଃ ସକଳ ପ୍ରକାର ଚହ୍ଲା—ତ୍ରିଦୋଷ ନାଶକ, ରୁଚିକର ଅଗ୍ନିବର୍ଦ୍ଧକ ଓ କାନ୍ତିକାରକ । ଚହ୍ଲା ପାନକଲେ ଶ୍ରମ, ଗ୍ଲାନି, ଭ୍ରାନ୍ତି, ଆମାତିସାର, ଗ୍ରହଣୀ, ଅଗ୍ନିମାନ୍ଦ୍ୟ, ବିସୂଚିକା, ବାତଜ୍ୱର, ପାଣ୍ଡୁ, କାମଳା, ପ୍ରମେହ, ଗୁଳ୍ମ, ଉଦର, ବାତଶୂଳ ଓ କୁଷ୍ଠାଦି ରୋଗରେ ବିଶେଷ ଉପକାର ହୁଏ । କ୍ଷତରୋଗ ଦୁର୍ବଳତା, ତୃଷା, ମୂର୍ଚ୍ଛାରୋଗ, ରକ୍ତପିତ୍ତ, ସନ୍ଦାହରୋଗ ଓ ଗ୍ରୀଷ୍ମକାଳରେ ଚହ୍ଲା ଅପକାର କରେ । ପୀନସ, ଶ୍ୱାସ ଓ କାସରୋଗରେ ଚହ୍ଲା ପାନକଲେ କଣ୍ଠଦେଶରେ ଜମାଟ ହୋଇଥିବା କଫ ସହଜରେ ଛାଡ଼ି ବାହାରି ପଡ଼େ । ଭିନ୍ନ ୨ ଜନ୍ତୁର ଦୁଧର ଗୁଣ ଅନୁସାରେ ଚହ୍ଲାର ଗୁଣ ମଧ୍ୟ ଭିନ୍ନ ହୋଇଥାଏ । ଏହା ଯଥା ସ୍ଥାନରେ ବିସ୍ତୃତ ରୂପେ ଲେଖା ଯାଇଛି ।

**୪୯୦-ଉଚ୍ଚଗୁଳୁଞ୍ଚଲତା**—Tinospora tomentosa. ଏହାର ସଂସ୍କୃତ ପର୍ଯ୍ୟାୟ—ଦଧାଳୀ, ସୁଦର୍ଶନା, ସୋମବଲ୍ଲୀ ଓ ଚନ୍ଦ୍ରହାସା । ଏହାକୁ ବଙ୍ଗଳାରେ ପଦ୍ମଗୁଲଞ୍ଚ ଏବଂ ହିନ୍ଦୀରେ ମଦନମସ୍ତୁ ବୋଲନ୍ତି । ଏହାର ସମୂଳ ପଞ୍ଚରସ ମଧୁର, ଶୀତଳ । ଏହା ବାତ, ପିତ୍ତ, ଶୋଥ, ରକ୍ତଦୋଷ ଓ ବାତରକ୍ତ ପ୍ରଶମନ କରେ, ଧାତୁ ପୁଷ୍ଟି ଓ ବୀର୍ଯ୍ୟ ବୃଦ୍ଧି କରେ । ରସର ମାତ୍ରା ୧୦—୨୦ ଗ୍ରାମ, ଚୂର୍ଣ୍ଣ ୩—୫ ଗ୍ରାମ ।

**୪୯୧-ଦାରୁମୂଷୀବିଷ**-Arsenicum album, Syn. white Arsenic. ଏହା ଏକ ପ୍ରକାର ପ୍ରସିଦ୍ଧ ସ୍ଥାବରବିଷ । ଏହାର ସଂସ୍କୃତ ପର୍ଯ୍ୟାୟ—ଆଖୁବିଷ, ଶଙ୍ଖବିଷ, ମଲ୍ଲ ଓ ପାଷାଣବିଷ । ଏହାକୁ ବଙ୍ଗଳାରେ ଶେଁକୋ ଓ ଶିମୁଲ-କ୍ଷାର, ହିନ୍ଦୀରେ ସଙ୍ଖିୟା ଓ ସୋମଲକ୍ଷାର ଏବଂ ତେଲୁଗୁରେ ତେଲ୍ଲପାଷାଣମୁ ବୋଲନ୍ତି । ଦାରୁମୂଷୀ ଚାରି ପ୍ରକାର—ଧୋବ, କଳା, ରଙ୍ଗ ଓ ହଳଦିଆ । ଔଷଧାର୍ଥରେ ବୈଦ୍ୟମାନେ ବିଶେଷ ଭାବରେ ଧୋବ ଦାରୁମୂଷୀ ବ୍ୟବହାର କରନ୍ତି । ଧୋବ ଅପେକ୍ଷା ଅନ୍ୟ ଦାରୁମୂଷୀ ଉଗ୍ରବିଷ । **ଦାରୁମୂଷୀ ଶୋଧନବିଧି**—କାଚଭଳି ଚକମକ ଦେଖା ଯାଉଥିବା ଧୋବ ଦାରୁମୂଷୀ ଆଣି ତାକୁ ଦୋଳା ଯନ୍ତ୍ରରେ ଘୋଳାଗୁଣ ଦୁଧରେ ସିଝାଇ ନିର୍ମଳ ଜଳରେ ଧୋଇବ । ଏହିଦ୍ୱାରା ଦାରୁମୂଷୀ ବିଶୁଦ୍ଧ ହୁଏ । ଅଥବା ଦାରୁମୂଷୀକୁ ଚୂନପାଣିରେ ତିନିଥର ଭାବନା ଦେଇ ଖରାରେ ଶୁଖାଇବ । ଏହି ପ୍ରକ୍ରିୟା ଦ୍ୱାରା ମଧ୍ୟ ଦାରୁମୂଷୀ ବିଶୁଦ୍ଧ ଓ ବ୍ୟବହାର ଯୋଗ୍ୟ ହୋଇଥାଏ । **ଦାରୁମୂଷୀ ଭସ୍ମ ବିଧି**—୧—ଗୋଟିଏ ଶ୍ରେଷ୍ଠ ହାଣ୍ଡିରେ (ହାନ୍ଦୁଆରେ) ଅଧସେରେ ମୂଳାର କ୍ଷାର (ପାଉଁଶ) ରଖି ତା'ର ଉପରେ ଶୁଦ୍ଧ ଦାରୁମୂଷୀର ଚକ ୧୦ ଗ୍ରାମ ରଖିବ । ଫେରେ ତା'ର ଉପରେ ଅଧସେରେ ମୂଳାର କ୍ଷାର ଢାଳି ଭଲରୂପେ ହାତରେ ଦାବିଦେବ । ତହିଁ ଉପରୁ ହାଣ୍ଡିର ମୁହଁରେ ଶରା ଘୋଡ଼ାଇ ଉତ୍ତମରୂପେ କନା ମାଟି ଲେପଦେବ । ପରେ ତାକୁ ଚୁଲ୍ଲିରେ ରଖି ଅଙ୍ଗୁଠି ମୋଟ ଦିଇଣ୍ଡ କାଠ ୧୨ ଘଣ୍ଟା ପର୍ଯ୍ୟନ୍ତ ତଳେ ଜାଳିଲେ ଦାରୁମୂଷୀର ଭସ୍ମ ହୁଏ । ମୂଳାକ୍ଷାର ନ ମିଳିଲେ ଅପାମାରଙ୍ଗ କ୍ଷାରରେ ମଧ୍ୟ ପୂର୍ବୋକ୍ତ ବିଧିରେ ଦାରୁମୂଷୀ ରଖି ଭସ୍ମ କରାଯାଇ ପାରେ । ୨—ଅଥବା ଗୋଟିଏ ଶ୍ରେଷ୍ଠ କଳସୀ ବା କୁମ୍ଭୀରେ ସୋଡ଼ାକ୍ଷାର (ଆପୁଡ଼ାଲି କ୍ଷାର) ୫୦ ଗ୍ରାମ ରଖି ତା'ର ଉପରେ ପଚିଶଗ୍ରାମ ଶୁଦ୍ଧ ଦାରୁମୂଷୀର ଚକ ରଖିବ । ଏହି ଦାରୁମୂଷୀ ଚକ ଉପରେ ଫେରେ ୫୦ ଗ୍ରାମ ସୋଡ଼ାକ୍ଷାର ଢାଳି ଉତ୍ତମରୂପେ ହାତରେ ଦାବିଦେବ । ତହିଁ ଉପରୁ ତା'ର ଉପରେ ଶରା ଘୋଡ଼ାଇ ଉତ୍ତମରୂପେ କନାମାଟି ଲେପଦେବ । ଏକ ଜେଲ୍ଲ ପଟିରେ ଏହାକୁ ପୁଟଦେଲେ ଦାରୁମୂଷୀର ଭସ୍ମ ହୁଏ । ୩— ✱

✱ ଅଧିକାଂଶ ବୈଦ୍ୟ ଦାରୁମୂଷୀର ଭସ୍ମ କରନ୍ତି ନାହିଁ, କେବଳ ଶୁଦ୍ଧ ଦାରୁମୂଷୀ ପ୍ରୟୋଗ କରନ୍ତି । ଆହୁରି ମଧ୍ୟ ଗୋଟିଏ କଥାହେଉ ଦାରୁମୂଷୀକୁ ପୁଟ ଦେଲେ କେଉଁଠାରେ ତାହା ରହେ ନାହିଁ, ଉଡ଼ିଯାଏ । ଉପରି ଲିଖିତ ଚତୁର୍ଥୀୟ ବିଧି ଅନୁସାରେ ଦାରୁମୂଷୀକୁ ଭସ୍ମ କଲେ ସବୁ ଉଡ଼ିଯାଏ ନାହିଁ, ଅଧିକାଂଶ ଭସ୍ମ ରହେ ।

ଗୋଟିଏ ବଡ଼ ଢାକଣ ଆଣି ତା'ର ମଧ୍ୟରେ ଛିଦ୍ର କରି ସେଥିରେ ଶୁଷ୍କ ଦାରୁମୂଷୀର ଚକ ରଖି ଛିଦ୍ରରୋଧ କରିବ । ତା'ର ପରେ ଗୋଟିଏ ଶରାସମ୍ପୁଟ ମଧ୍ୟରେ ତାକୁ ରଖି ଉପରେ କନାମାଟି ଲେପ ଦେଇ ଶୁଖାଇବ । ତହିଁ ଉତ୍ତାରୁ (ଯହିଁ ୧୦୦ ଗ୍ରାମ ଦାରୁମୂଷୀ ହୋଇଥାଏ) ଘୁଷିଣି ଖଣ୍ଡ ପସିରେ ପୁଟ ଦେବ । ସ୍ୱାଙ୍ଗ ଶୀତଳ ହେବାପରେ ଦାରୁମୂଷୀର ଭସ୍ମ ବାହାର କରି ଶିଶିରେ ରଖିବ । ଦଶଗ୍ରାମ ଦାରୁମୂଷୀର ଭସ୍ମ କରିବାକୁ ହେଲେ ଘୁଷି ପାଞ୍ଚ ଖଣ୍ଡରୁ ବଳକା ଘସି ପୁଟ ଦେବ ନାହିଁ । ଅଗ୍ନି ତାପ ଅଧିକ ହେଲେ ଦାରୁମୂଷୀ ଉଡ଼ିଯାଏ । ଦାରୁମୂଷୀର ଭସ୍ମ—ନିରସ, ତୀକ୍ଷ୍ଣ ଓ ଉଷ୍ଣବୀର୍ଯ୍ୟ । ଏହା କଫ, ଆମ, କାସ, ଶ୍ୱାସ, କର୍ଣ୍ଣଜ୍ୱର, କୁଷ୍ଠ, ପକ୍ଷାଘାତ, ଧ୍ୱଜଭଙ୍ଗ, ଜୀର୍ଣ୍ଣଜ୍ୱର, ସନ୍ନିପାତଜ୍ୱର, ଶ୍ଲୈଷ୍ମିକଜ୍ୱର, (ନ୍ୟୁମୋନିଆଁ) ଗଳଗଣ୍ଡ, ଅର୍ଶ, ଅଗ୍ନିମାନ୍ଦ୍ୟ, ଉଦରରୋଗ, ଚର୍ମ୍ମରୋଗ, ରକ୍ତବିକାର, ସନ୍ନିପାତଜମୂର୍ଚ୍ଛା, ଉପଦଂଶ, ଶ୍ଲୀପଦ, ଉଦ୍ଭେଦବିକାର, ମେହବାତ ଏବଂ ଉନ୍ମତ୍ତ ଶୃଗାଳ ଓ କୁକ୍କୁର ଦଂଶନଜାତ ବିଷରୋଗରେ ପ୍ରୟୋଗ କରାଯାଏ । ଦାରୁମୂଷୀର ଭସ୍ମ ପିତ୍ତ ଓ ରକ୍ତାଭିସରଣ କ୍ରିୟାକୁ ବୃଦ୍ଧି କରେ ଏବଂ ରକ୍ତ, ମାଂସ, ଅସ୍ଥି ଓ ମଜ୍ଜାରେ ଥିବା ବିଷମଜ୍ୱର ଉପଦଂଶ ଓ ଗଣୋରିଆ ମେହର ଉତ୍ପାଦକ ଜୀବାଣୁ ସମୂହକୁ ନଷ୍ଟକରେ, ଉପଦଂଶ ଓ ଗଣୋରିଆ ମେହର ଉପଦ୍ରବ ରୂପେ ଯେଉଁ ସବୁ ନାସାବ୍ରଣ, ତାଳୁବ୍ରଣ, ପକ୍ଷ୍ମବ୍ରଣ, ଲମ୍ବକାବ୍ରଣ, ନାଡ଼ୀବ୍ରଣ, ଅସ୍ଥିସ୍ରାବ, ଅସ୍ଥିବିକାର ଓ ପକ୍ଷାଘାତାଦିରୋଗ ଜାତହୁଏ, ସେହି ସବୁ ରୋଗରେ ଦାରୁମୂଷୀର ଭସ୍ମ ଉତ୍ତମ ଉପକାର କରେ । କଫ ପ୍ରଧାନ ସନ୍ନିପାତରୋଗରେ ଦାରୁମୂଷୀ ଭସ୍ମ ଭରଭ୍ରୁ ଉପକାର କରେ । ୨—ପକ୍ୱ ବ୍ରଣର ଉପଯୁକ୍ତ ସ୍ଥାନରେ ଦାରୁମୂଷୀ ଟୋପି ଲଗାଇଲେ ଅତଶୀଘ୍ର ତାହା ଫାଟିଯାଏ । ୩—ଗନ୍ଧକ ୧୦ ଗ୍ରାମ, ହରିଡ଼ା ୧୦ ଗ୍ରାମ ଏବଂ ଦାରୁମୂଷୀ ୧୦ ଗ୍ରାମ ଏସବୁ ଏକାଠେ ବାଟି ଗୁଳାକରି ଶୁଖାଇବ । ଶୁଖିଗଲା ପରେ ଏହି ଗୁଳାଟି ଗୋଟିଏ ଶରାସମ୍ପୁଟ ମଧ୍ୟରେ ରଖି କନା ମାଟି ଲେପଦେଇ ଘୁଷି ପାଞ୍ଚ ଖଣ୍ଡ ଦେଇକରି ପୁଟଦେବ । ଶୀତଳହେବା ପରେ ଔଷଧ ବାହାର କରି ଘିଅରେ ବାଟି ବଡ଼ କାନ୍ଦୁଲ ପରି ବଟିକା କରିବ । ଏହି ବଟିକାକୁ ଲେମ୍ବୁରସରେ ଘୋରି ଅର୍ଶର ମାଂସାଙ୍କୁରରେ ୩।୪ ଦିନ ଲଗାଇଲେ ସକଳ ପ୍ରକାର ଅର୍ଶର ମାଂସାଙ୍କୁର ଛିଣ୍ଡିଯାଏ । ମାଂସାଙ୍କୁର ଗୁଡ଼ିକ ଛିଣ୍ଡିଗଲା ପରେ ଘା' ଶୁଖିବା ପାଇଁ ରସକର୍ପୂରକୁ ଘିଅରେ ବାଟି ମଲମ କରି ତା'ଉପରେ ଲଗାଇବ । ଦାରୁମୂଷୀର ଭସ୍ମ ନ୍ୟୁନ ସାମାନ୍ୟ ମାତ୍ରାରେ ଶୁଣ୍ଠି ଚଣକ ଚୂର୍ଣ୍ଣ ବୃକ୍ଷ ମିଶାଇ ପ୍ରୟୋଗ କରିବ । ପିତ୍ତ ବିକାରରେ, ଗ୍ରୀଷ୍ମକାଳରେ ଓ ପିତ୍ତପ୍ରକୃତି ଶରୀରରେ ଦାରୁମୂଷୀର ଭସ୍ମ ପ୍ରୟୋଗ କରିବ ନାହିଁ । ଦାରୁମୂଷୀ ଭସ୍ମ ଖାଇବା ଲୋକଙ୍କୁ ମୂଳା ଖାଇବାକୁ ଦେବନାହିଁ । ଦାରୁମୂଷୀ ଭସ୍ମର ମାତ୍ରା—ଏକ ଯୋରଷ ଠାରୁ ପାଞ୍ଚ ଯୋରଷ । ଏହାର ଅଧିକ ମାତ୍ରା ହିକ୍କା, ବାନ୍ତି, ଆକ୍ଷେପ, ଧନୁଷ୍ଟଙ୍କାର, ମୂର୍ଚ୍ଛା ପ୍ରଳାପ, ଶ୍ୱାସରୋଧ, ଉଦରବେଦନା, ତୃଷା ଓ ଦାହ ପ୍ରଭୃତି ବିବିଧ ଉପଦ୍ରବ ଜାତକରି ପ୍ରାଣ ନାଶକରେ ।

**ଦାରୁମୂଷୀବିଷଘ୍ନଶ୍ରେଣୀ**—୧—କପାଗଛର ପତ୍ର, ଫୁଲ ଓ ଫଳର ରସ, ୨ ମରିଚ ଯୋଗରେ ପ୍ରସ୍ତୁତ କେଳୀଗଛର ମୂଳର କ୍ୱାଥ, ୩ ପଞ୍ଚାମୃତ, ୪ କାମଲୋଳଗଛର ଅଗ୍ନି, ୫ ପାନରସ, ୬ କାଞ୍ଜୀ, ୭ ଚୂନପାଣି, ୮ ସାବୁପାଣି, ୯ ବାନ୍ତି କାରକ ଔଷଧ, ଏଥି ମଧ୍ୟରୁ ଅବସ୍ଥା ବିବେଚନା କରି ଦାରୁମୂଷୀର ବିଷନାଶାର୍ଥରେ ଯେ କୌଣସି ଔଷଧ ପ୍ରୟୋଗ କରିବ ଅଥବା କଳରା ପତ୍ରର ରସ ପିଆଇ ରୋଗିକୁ ବାନ୍ତି ଓ ବିରେଚନ କରାଇବ । ଘିଅ ସହିତ ଟାଙ୍ଗଣାଟିଏ ମିଶାଇ ପ୍ରୟୋଗ କଲେ ଦାରୁମୂଷୀର ବିଷ ବିକାର ନଷ୍ଟହୁଏ । ଅଳ୍ପ ଦାରୁମୂଷୀ ସହିତ ଔଷଧ ସେବନ କଲେ ରୋଗିର ହାତ ଗୋଡ଼ ଫୁଲେ । ଏହାର ପ୍ରତିକାରାର୍ଥେ ପରସ ଗ୍ରନ୍ଥିର କ୍ୱାଥ ପାନ କରାଇବ । (ବ,ଭ,ସା,) (ବ, ଗୁ, ବ)

**୪୯୭-ଦାରୁହଳଦୀ**—( Borberis Asiatica. )
ଏହା ଏକପ୍ରକାର ବୃକ୍ଷର ହରିଦ୍ରାବର୍ଣ୍ଣ କାଷ୍ଠ । ଏହାର ସଂସ୍କୃତ ପର୍ଯ୍ୟାୟ—ପୀତଦାରୁ, ଦାରୁହରିଦ୍ରା, ପଚମ୍ପଚ ଓ ପଚ୍ଛିକା । ଏହାକୁ ବଙ୍ଗଳାରେ ଦାରୁହରିଦ୍ରା, ହିନ୍ଦିରେ ଦାରୁହଳଦ ଓ ଜାରହେଲ୍ଦ ଏବଂ ତେଲୁଗୁରେ ମନୁଷାପୁ ବୋଲନ୍ତି । ଏହାର ମୂଳର ଛାଲି ଓ କାଠ ଔଷଧାର୍ଥରେ ବ୍ୟବହୃତ ହୁଏ । ଦାରୁହଳଦୀର ଚୂର୍ଣ୍ଣ ଓ କ୍ୱାଥ କଟୁ, ତିକ୍ତ ରସ ଓ ଉଷ୍ଣବୀର୍ଯ୍ୟ । ଏହା କଫ, ପିତ୍ତ, ପ୍ରମେହ, ଶୋଥ, ନେତ୍ରରୋଗ, କର୍ଣ୍ଣରୋଗ, କଣ୍ଡୁ, ବ୍ରଣ, ବିସର୍ପ ଓ ଚର୍ମ୍ମଦୋଷ ପ୍ରଶମନ କରେ । ଏହା ବଳକାରକ, ସ୍ୱେଦଜନକ, ପାଚକ, ଜ୍ୱର ନିବାରକ ଓ ମୃଦୁ ବିରେଚକ । ୧—ଦାରୁହଳଦୀର ଚୂର୍ଣ୍ଣ—ମ୍ୟାଲେରିଆଜ୍ୱରର ଅବସାନ ଜାତ ଦୌର୍ବଲ୍ୟରେ ବ୍ୟବହୃତ ହୁଏ । ୨—ପିତ୍ତବିକାର, ଯକୃତ୍ ଦୋଷ ଓ କାମଳା ରୋଗ ନିବାରଣାର୍ଥେ ମଧ୍ୟ ଦାରୁହଳଦୀର କ୍ୱାଥ ପ୍ରୟୋଗ କରାଯାଏ । ବୈଦ୍ୟଶାସ୍ତ୍ରରେ ଦାରୁହଳଦୀର ବ୍ୟବହାର ଯଥା—**ବୃଣରୋଗେ**—୩–ଦାରୁହଳଦୀ ମୂଳର ଛାଲିକୁ ପାଣିରେ ବାଟି ତଦ୍ୱାରା ଯଥାବିଧି ତୈଳପାକ କରିବ । ଏହି ତୈଳ ଘା'ରେ ଲଗାଇଲେ ମାଂସ ଅଙ୍କୁରିତ ହୋଇ ଘା' ଶୁଖିଯାଏ । (ଚରକ) । ପିତ୍ତମେହେ—୪—ହଳଦୀ ଓ ଦାରୁହଳଦୀ

କାଠର କ୍ୱାଥ ପିତ୍ତମେହ ରୋଗୀକୁ ସେବନ କରାଇବ। (ସୁଶ୍ରୁତ)। କଫଜବୃଦ୍ଧି ନିବାରଣେ—୫-ଦାରୁହଳଦୀର ଚୂର୍ଣ୍ଣ ଗୋମୂତ୍ରରେ ମିଶାଇ ପାନ କଲେ କଫଜ ବୃଦ୍ଧିରୋଗ (ଅଣ୍ଡକୋଷ ବା ଏକଶିରା) ଭଲହୁଏ। (ବାଗ୍‌ଭଟ୍ଟ)। ନେତ୍ରରୋଗରେ ୬—ଅଶୀଏ ଗ୍ରାମ ଦାରୁହଳଦୀ କୁଟି ଦୁଇସେର ଜଳରେ ସିଦ୍ଧକରିବ। ଅଷ୍ଟମାଂଶ ଜଳରହି ଛାଣିବ। ଏହି କ୍ୱାଥରେ ମହୁ ମିଶାଇ ଚକ୍ଷୁରେ ସେଚନ କଲେ ତ୍ରିଦୋଷ ଜାତ ନେତ୍ରର ରକ୍ତିମା, ବେଦନା, ଫୁଲା, ଲେଚ୍ଚୁଆ ଓ ଜଳସ୍ରାବ ନିବାରିତ ହୁଏ। (ବାଗ୍‌ଭଟ୍ଟ)। ମୁଖରୋଗ, ରକ୍ତସ୍ରାବ ଓ ନାଡ଼ୀବ୍ରଣରେ—୭-ଦାରୁହଳଦୀ ମୂଳ ଛାଲିର କ୍ୱାଥକୁ ପୁନଃ ପୁନଃ ପାକ କରିବ। ଏହା ସେବନ କଲେ ରକ୍ତପ୍ରଦରାଦି ରୋଗ ବିନଷ୍ଟ ହୁଏ। (ଚକ୍ରଦତ୍ତ)। କାମଳାରୋଗେ ୮—ଦାରୁହଳଦୀ ଛାଲିର ରସ ମହୁସହିତ ପ୍ରାତଃକାଳରେ ପାନ କଲେ କାମଳାରୋଗ ନିବାରିତ ହୁଏ। (ଚକ୍ରଦତ୍ତ)। ମାତ୍ରା—ମୂଳର ରସ ୫—୧୦ ଗ୍ରାମ, କାଠର କ୍ୱାଥ ୫୦—୧୦୦ଗ୍ରାମ। ଦାରୁହରିଦ୍ରାସବ—ଦାରୁହଳଦୀ ଚୂର୍ଣ୍ଣ ଏକଭାଗ, ମଦ୍ୟସାର (ରେକ୍‌ଟିଫାଇଡ୍ ସ୍ପିରିଟ୍) ଆଠଭାଗ—ଏକାଠେ ମିଶାଇ, କାଚରେ ଭରତି କରି ମୁଖଆଚ୍ଛାଦନ ପୂର୍ବକ ସାତଦିନ ରଖିବ, ପରେ ଛାଣି ବ୍ୟବହାର କରିବ। ଏହାକୁ ମଝିରେ ମଝିରେ ହଲାଇ ରଖୁଥିବ। ମାତ୍ରା—ଏକଗ୍ରାମ ଠାରୁ ଆଠ ଗ୍ରାମ, ଅଥବା ୩୦—୧୨୦ ବୁନ୍ଦା। ଏହା ସକଳ ପ୍ରକାର ଜ୍ୱର, ବିଷମ ଜ୍ୱରର ଅଦ୍‌ଭୁତ ଔଷଧ। ଏହା ଗ୍ରାହୀ ଏବଂ ଦୀପକ ଏବଂ କୁଇନାଇନ ଠାରୁ ଅଧିକ ପ୍ରଭାବ ଶାଳୀ। (ପଣ୍ଡିତ ଶ୍ରୀ କୃଷ୍ଣପ୍ରସାଦ ତ୍ରିବେଦୀ)

**୪୯୩-ଦାସକେରେଣ୍ଡାଗଛ**—ଏହା ଚାରି ପ୍ରକାର। ୧—ଶ୍ୱେତପୁଷ୍ପ ଦାସକରେଣ୍ଡା Barleria Dichotoma ୨—ନୀଳପୁଷ୍ପ ଦାସକେରେଣ୍ଡା ଗଛ—B. cristata. ୩—ପୀତପୁଷ୍ପ ଦାସକେରେଣ୍ଡାଗଛ—B. prionitis. ୪—ରକ୍ତପୁଷ୍ପ ଦାସକେରେଣ୍ଡା ଗଛ—B. citaata. ଯଥାକ୍ରମେ ଦାସକେରେଣ୍ଡା ଗଛର ସଂସ୍କୃତ ପର୍ଯ୍ୟାୟ ସୈରେୟକ, ଆର୍ତ୍ତଗଳ, କୁରଣ୍ଟକ ଓ କୁରବକ। ଦାସକେରେଣ୍ଡାକୁ ବଙ୍ଗଳାରେ ଝାଣ୍ଟି ଓ ଝିଣ୍ଟି, ହିନ୍ଦୀରେ କଟସରେୟା ଏବଂ ତେଲୁଗୁରେ ମୁଲ୍ଲୁଗୋରିଣ୍ଟା ଚେଟ୍ଟୁ ବୋଲନ୍ତି। ଦାସକେରେଣ୍ଡାର ସମୂଳ ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ। ସକଳ ପ୍ରକାର ଦାସକେରେଣ୍ଡା ଗଛର ରସ ତିକ୍ତ ବା କ୍ୱାଥ କଟୁ, ତିକ୍ତ, କଷାୟ, ସ୍ନିଗ୍ଧ, ଲଘୁ ଓ ଉଷ୍ଣ। ଏହା ସେବନ କଲେ କୁଷ୍ଠ, ବାତ, ବ୍ରଣ, ଚର୍ମବିକାର, ଶ୍ୱାସ, କାସ, ଜ୍ୱର, ଶୋଥ, ଅଗ୍ନିମାନ୍ଦ୍ୟ, ବାତରକ୍ତ, ରକ୍ତଦୋଷ, କଫ, କଣ୍ଡୁ, ଶୂଳ ଓ ବିଷବିକାର ବିନଷ୍ଟ ହୁଏ, କାନ୍ତି ବୃଦ୍ଧି ହୁଏ, ଦନ୍ତପଙ୍କ୍ତି ଦୃଢ଼ୀଭୂତ ହୁଏ ଏବଂ ଦାନ୍ତ ଓ କେଶରେ ଉପକାର ହୁଏ। ୧—ବାଳକମାନଙ୍କର କଫଜ୍ୱର ଓ ଅଙ୍ଗର ଶୋଥରେ ଏହା ପ୍ରୟୋଗ କରାଯାଏ। ୨—ଦାସକେରେଣ୍ଡା ପତ୍ରର ରସ ହାତରେ ଓ ପାଦରେ ମର୍ଦ୍ଦନ କଲେ ହାତ ପାଦ ଫାଟେନାହିଁ। ୩—ଅକାଳରେ ଯେଉଁମାନଙ୍କର ଦାନ୍ତମୂଳରୁ ରକ୍ତ ନିର୍ଗତ ହୁଏ, ସେମାନଙ୍କୁ ସୈନ୍ଧବ ମିଶ୍ରିତ ଦାସକେରେଣ୍ଡାପତ୍ର ରସ ଭୁଣ୍ଡରେ ଧାରଣ କରାଇବ। ଦାସକେରେଣ୍ଡାର ମୂଳ ବାଟି ଲେପନ କଲେ ବ୍ରଣ, ଶୋଥ ଓ ରକ୍ତପିତ୍ତ ବିଲୀନ ହୁଏ। ୫—ଦାସକେରେଣ୍ଡାଗଛର କଳ୍କରେ ପାକ କରାଯାଇଥିବା ତୈଳ କଣ୍ଡୁ ରୋଗରେ ବ୍ୟବହୃତ ହୁଏ। ୬—ଏହାର ପତ୍ର ବାଟି ଲେପନ କଲେ ଶୋଥ ଓ ବାତ ବେଦନା ବିନଷ୍ଟ ହୁଏ। ଏହାର ରସରେ ମହୁ ମିଶାଇ ସେବନ କଲେ କଫ ନିବାରିତ ହୁଏ ଏବଂ ସ୍ୱେଦ ନିର୍ଗତ ହୁଏ। ବୈଦ୍ୟଶାସ୍ତ୍ରରେ ଦାସକେରେଣ୍ଡା ଗଛର ବ୍ୟବହାର ଯଥା—ବାତକଫଜସ୍ୱରଭେଦ—୭—ନୀଳପୁଷ୍ପ ଦାସକେରେଣ୍ଡାର କଳ୍କ ଓ କ୍ୱାଥ ସହିତ ଯଥାବିଧି ଘୃତ ପାକ କରି ଏହି ଘୃତ ସେବନ କଲେ କ୍ଷୟରୋଗ ଓ ସ୍ୱରଭଙ୍ଗ ନିବାରିତ ହୁଏ। (ବାଗ୍‌ଭଟ୍ଟ)। ମୂଷିକବିଷରେ—୮—ଶ୍ୱେତପୁଷ୍ପ ଦାସକେରେଣ୍ଡାର ମୂଳ ବାଟି ମହୁ ଓ ଚାଉଳଧୁଆ ପାଣି ସହିତ ପାନ କଲେ ମୂଷିକ ବିଷ ବିନଷ୍ଟ ହୁଏ। (ବାଗ୍‌ଭଟ୍ଟ) ଶିଘ୍ର ପ୍ରସବରେ—୯-ନୀଳପୁଷ୍ପ ଦାସକେରେଣ୍ଡା ପତ୍ରର ରସ ପେଟରେ ଉତ୍ତମ ରୂପେ ଲେପନ କରି ଝାଞ୍ଜିରେ ବନ୍ଧା ହୋଇଥିବା ମୂଳାମଞ୍ଜି ଅଣ୍ଟିରେ ଲଗାଇଲେ ଶିଘ୍ର (ପ୍ରସବହୁଏ) ଭଲହୁଏ। (ଚକ୍ରଦତ୍ତ)। ଦନ୍ତରୋଗେ—୧୦—ନୀଳପୁଷ୍ପ ଦାସକେରେଣ୍ଡାପତ୍ରର କ୍ୱାଥ ଗଣ୍ଡୁଷ ରୂପେ ବ୍ୟବହାର କଲେ ଦୋହଳିବା ଦାନ୍ତ ଦୃଢ଼ହୁଏ। (ଚକ୍ରଦତ୍ତ)। ମାତ୍ରା ପତ୍ରରସ ୧୦—୨୦ ଗ୍ରାମ, କ୍ୱାଥ ୪୦—୮୦ ଗ୍ରାମ।

**୪୯୪-ଦିବାନିଦ୍ରା**—ଦିବାନିଦ୍ରା ବିଶେଷ ଅନିଷ୍ଟ କରେ। ଏଥିଦ୍ୱାରା କଫପିତ୍ତ ପ୍ରକୁପିତ ହୋଇ ହଲୀମକ, ଶିରଃଶୂଳ, ଦେହର ଗୁରୁତା, ଗାତ୍ରବେଦନା, ଅଗ୍ନିମାନ୍ଦ୍ୟ, ବକ୍ଷସ୍ଥଳରେ କଫସଞ୍ଚୟ, ଶୋଥ, ଅରୁଚି, ବମନବେଗ, ପୀନସ, ଅର୍ଦ୍ଧାବଭେଦକ, (ଅଧକପାଳ ବ୍ୟଥା) ବ୍ରଣ, ପୀଡ଼କା, କଣ୍ଡୁ, ତନ୍ଦ୍ରା, କାସ, ଗଳରୋଗ, ଜ୍ୱର ଏବଂ ଇନ୍ଦ୍ରିୟମାନଙ୍କର ବଳହାନି ଇତ୍ୟାଦି ବିବିଧ ଉପଦ୍ରବ ଜାତହୁଏ। କିନ୍ତୁ ସଙ୍ଗୀତ ଗାନ, ଅଧ୍ୟୟନ, ମଦ୍ୟପାନ, ରାତ୍ରିଜାଗରଣ, ମୈଥୁନ, ଭାରବହନ, ପଥପର୍ଯ୍ୟଟନ ପ୍ରଭୃତି କାର୍ଯ୍ୟଦ୍ୱାରା ଯେଉଁମାନେ କ୍ଳାନ୍ତ,

ଯେଉଁମାନେ ଜ୍ୱର, ଛର୍ଦ୍ଦି, ତୃଷ୍ଣା, ଅତିସାର, ଶୂଳ, ଶ୍ୱାସ, ହିକ୍କା, ଶୋଷ ଓ ଅଜୀର୍ଣ୍ଣ, ପୀଡ଼ିତ ଏବଂ ଯେଉଁମାନେ କ୍ରୋଧୀ, ଶୀତ ଓ ଉଷ୍ଣ, ବାଳକ, ବୃଦ୍ଧ, କୃଶ ବା ଦୁର୍ବଳ, ସେମାନଙ୍କ ପକ୍ଷରେ ଉପକାର ହୁଏ । ଗ୍ରୀଷ୍ମକାଳରେ ସେବନ କରିବା ଅନିଷ୍ଟକର ନୁହେ । କିନ୍ତୁ ମେଦସ୍ୱୀ, ଅଗ୍ନିମାନ୍ଦ୍ୟ, ବାତରୋଗପୀଡ଼ିତ ଓ ଦୂଷିବିଷାର୍ତ୍ତ ବ୍ୟକ୍ତିପକ୍ଷରେ ଯିବକୋଳି ମଧ୍ୟ ଉଦାନଦ୍ୱାରା ଅନିଷ୍ଟକର ଅଟେ ।

## ୪୧୬। ଧୁତୁରାଗଛ—Datura Fastuosa.

ଶବ୍ଦାର୍ଥ ସଂସ୍କୃତ ପର୍ଯ୍ୟାୟ—ଧୁସ୍ତୁର, ଉନ୍ମତ୍ତ, କନକ ଓ ଶିବପ୍ରିୟ । ଏହାକୁ ବଙ୍ଗଳାରେ ଓ ହିନ୍ଦୀରେ ଧୁତୁରା ଏବଂ ତେଲଙ୍ଗୁରେ ଉମ୍ମେତଚେଟ୍ଟୁ ବୋଲନ୍ତି । ପୁଷ୍ପର ବର୍ଣ୍ଣଭେଦରେ ଧୁତୁରାଗଛ ଦୁଇପ୍ରକାର । * ଶ୍ୱେତପୁଷ୍ପ ଧୁତୁରା ଓ କୃଷ୍ଣପୁଷ୍ପ ଧୁତୁରା । କୃଷ୍ଣପୁଷ୍ପ ଧୁତୁରାକୁ କଳାଧୁତୁରା ବୋଲନ୍ତି । କଳାଧୁତୁରାର ଫୁଲ ସବୁ ଝନପୁଷ୍ପିଆ ହୋଇଥାଏ ତାକୁ ତ୍ରିପୁର ଧୁତୁରା ବୋଲଯାଏ । ଧଳା ଓ କଳା ଧୁତୁରାର ପତ୍ର, ଫୁଲ, ବୀଜ, ଫଳ, ମୂଳ ଓ ଚୋପା ଔଷଧାର୍ଥରେ ବ୍ୟବହୃତ ହୁଏ । ଧଳା ଧୁତୁରା ଠାରୁ କଳା ଧୁତୁରା ଗୁଣରେ ଶ୍ରେଷ୍ଠ । ଧୁତୁରା—କଟୁ, ତିକ୍ତ, କଷାୟ, ମଧୁରରସ, ଉଷ୍ଣବୀର୍ଯ୍ୟ ଓ ଗୁରୁ । ଧୁତୁରାପତ୍ର—ଏହାର ରସ ପାନକଲେ ମତ୍ତତା ଜାତହୁଏ ଏବଂ କଫ, କାଶ, ଶ୍ୱାସ, କ୍ରିମି, ବିଷ, ବାତ, ଜ୍ୱର, ମୂର୍ଚ୍ଛା, ଉନ୍ମାଦ ଓ ମୂତ୍ରବ୍ୟାଧି ପ୍ରଶମିତ ହୁଏ । ଏହା ଅଗ୍ନିଦୀପକ ଓ କାନ୍ତି-କାରକ । ୧-ଧୁତୁରା ପତ୍ର ରସ ଦେହରେ ଲଗାଇଲେ ରସ-ଦୋଷ, ଚର୍ମ୍ମବିକାର, କଣ୍ଡୁ, କୁଷ୍ଠ, ଭ୍ରଣ ଓ ଦଦ୍ରୁରୋଗ ନିବାରିତ ହୁଏ । ୨-କାଳୁଆ ହୋଇଥିବା ଅଙ୍ଗରେ ଧୁତୁରାପତ୍ରର ରସ ଘଷିଲେ ବିଶେଷ ଉପକାର ହୁଏ । ୩-ଧୁତୁରାପତ୍ରରେ ତେଲ ଲଗାଇ ତାକୁ ନିଆଁରେ ସେକିବ । ଗରମ ଥାଉ ଥାଉ ଏହି ପତ୍ରକୁ ବାତବେଦନାକ୍ରାନ୍ତ ଅଙ୍ଗରେ ଏବଂ ଶୋଥ (ଫୁଲା) ଉପରେ ପକାଇ ବାନ୍ଧିଲେ ବାତବେଦନା ଓ ଫୁଲା ଛୁଟିଯାଏ । ୪-ଧୁତୁରାପତ୍ରକୁ ଜଡ଼ାତେଲରେ ଭାଜି ଗରମ ଥାଉ ଥାଉ ତାକୁ ଭ୍ରଣଶୋଥରେ ରଖି ପାଟି ବାନ୍ଧିଲେ ନୂତନ ଭ୍ରଣ ବସିଯାଏ ଅଥବା ପାଚି ଫାଟିଯାଏ । ୫-ଧୁତୁରାପତ୍ର ରସରେ ଶ୍ୱେତପୁନର୍ଣ୍ଣବା ମୂଳକୁ ପେଷି ଉହିଁରେ ଅଳ୍ପ ଅଫିମ ମିଶାଇ ଲେପନ କଲେ ହାତ ଗୋଡ଼ର ଫୁଲା ଛୁଟିଯାଏ ଏବଂ ବାତ-ବେଦନା ପ୍ରଶମିତ ହୁଏ । ୬-କଳାଧୁତୁରା ପତ୍ର ବାଟି ଲେପନ କଲେ ବାତରକ୍ତ ଓ କାଳୁଆ ରୋଗର ଉପଶମ ହୁଏ । ୭-ବାୟୁକୁକୁର କାମୁଡ଼ିବାର ଏକସପ୍ତାହ ମଧ୍ୟରେ କଳାଧୁତୁରା ପତ୍ରର ରସ ୨୦ ଗ୍ରେନ ପରିମାଣରେ ରୋଗିକୁ ପ୍ରାତଃକାଳରେ ସେବନ କରାଇବ । ରୋଗୀ ପିଇଥିବା ଔଷଧ ଯେପରି ବାନ୍ତି ହୋଇ ବାହାରି ନ ପଡ଼େ, ସେଥିପାଇଁ ତାକୁ ତାଳ ଗୁଡ଼ ପ୍ରଭୃତି ବାନ୍ତି ନିବାରକ ଔଷଧ ଦିଆଯିବ । ତା'ଉପରେ ୫।୬ ଘଣ୍ଟା କାଳ ରୋଗିକୁ ଘରରେ ବୌଡ଼ାଇବ । ଏହିପରି କଲେ ରୋଗି ଉନ୍ମତ୍ତ ହୋଇ କୁକୁର ପରି ଭୁକେ (ଶବ୍ଦକରେ) ଏହିଭଳି ଲକ୍ଷଣ ଦେଖାଦେଲେ ୨୦।୩୦ କୋଡ଼ା ପାଣିରେ ରୋଗିକୁ ସ୍ନାନ କରାଇବ । ତାରପରେ ମାଂସ, ମାଛ, ଲୁଣ, ସୋରିଷ ଓ ତେଲ ଯୋଗରେ ତାକୁ ପଥ୍ୟ ଭୋଜନ ଦେବ । ଏଥିଦ୍ୱାରା ଅତି ଉଗ୍ର ବାୟୁକୁକୁର ବିଷ ନିବାରିତ ହୁଏ । ୮—ଧୁତୁରାପତ୍ର ଶୁଖାଇ ତା'ର ଧୂମ ପାନ କଲେ ଶ୍ୱାସରୋଗରେ ଉପକାର ହୁଏ । ଏହି ଧୂମପାନ କରିବା ଦ୍ୱାରା ଯଦି ରୋଗିର ଗୁଣ୍ଡ ଶୁଖିଯାଏ, ଆଖିର ତୋଳା ଲେଉଟି ଗଲପରି ବୋଧହୁଏ, ତାହାହେଲେ ଏହି ଧୂମପାନ ବନ୍ଦ କରିବାକୁ ହେବ । ୯—ଆଖିରେ ବେଦନା ହେଲେ କମ୍ପା ଆଦି ଧଇଲେ ଧୁତୁରାପତ୍ର ରସକୁ ଅଳ୍ପ ଗରମ କରି କପଡ଼ା ଦ୍ୱାରା କାନରେ ପକାଇଲେ ବିଶେଷ ଉପକାର ହୁଏ । ୧୦—ଧୁତୁରା ପତ୍ର ରସ ମୁଣ୍ଡରେ ଲଗାଇଲେ ଲିଖ ଏବଂ ଉକୁଣି ମରନ୍ତି । ଧୁତୁରାଫଳ—୧୧—ଧୁତୁରାଫଳକୁ ଅଳ୍ପ ପୋଡ଼ି ଉତ୍ତମ ରୂପେ ତାକୁ ବାଟିବ । ଏହା ଲଗାଇଲେ ଭ୍ରଣ ଓ ବିଇଶି ଘା' ଆଶୁଫଳରୂପେ ପ୍ରଶମିତ ହୁଏ । ଧୁତୁରାମଞ୍ଜି—୧୨—ପାଚିଲା ଧୁତୁରାଫଳର ମଞ୍ଜିକୁ ବାରଘଣ୍ଟାକାଳ ଗୋମୂତ୍ରରେ ବତୁରାଇ ଖରାରେ ଶୁଖାଇ ପରେ ତାକୁ କୁଟି ଚୋପା ବାହାର କରିଦେବ । ଅଥବା କନାପୋଟଳିରେ ବାନ୍ଧି ଦୋଳାଯନ୍ତ୍ରରେ ରଖି ଗୋ-ଦୁଗ୍ଧରେ ସିଝାଇ ଖରାରେ ଶୁଖାଇବ । ଏଥିଦ୍ୱାରା ଧୁତୁରା ମଞ୍ଜି ବିଶୁଦ୍ଧ ଓ ବ୍ୟବହାର ଯୋଗ୍ୟ ହୁଏ । ୧୩-ବିଶୁଦ୍ଧ ଧୁତୁରା ମଞ୍ଜି ୨।୩ ଗୋଟି ଦଇରେ ଦୁଇବାର ସେବନକଲେ ଜ୍ୱର ଛାଡ଼ିଯାଏ । ୧୪-ଧୁତୁରାମଞ୍ଜି ଓ ଗୋଲମରିଚ ସମାନ ଭାଗରେ ବାଟି ଗୋଲମରିଚ ପରି ବଟିକା କରିବ । ଏହି ବଟିକା ପ୍ରତିଦିନ ସକାଳେ ଏକ୨ ମାତ୍ରା ସେବନ କରି ତା' ଉପରେ ପାନମହୁରୀର କ୍ୱାଥ ପାନ କରିବ । ଏହି ନିୟମରେ ଏହା ଏକ ସପ୍ତାହ ସେବନ କଲେ ରତିଶକ୍ତି ବୃଦ୍ଧି ହୁଏ ଏବଂ ଶୁକ୍ରମେହ ରୋଗର ଉପଶମ ହୁଏ । ଏହି ଔଷଧ ସେବନ କାଳରେ ଅମ୍ଳଦ୍ରବ୍ୟ ଓ ଲଙ୍କାମରିଚ ପ୍ରଭୃତି ତୀକ୍ଷ୍ଣଦ୍ରବ୍ୟ ଖାଇବ ନାହିଁ । ୧୫-ଧୁତୁରାମଞ୍ଜି ଗୁଣ୍ଡ ଏ ଅଳି ତାକୁ ଗୋଟିଏ ହୁକା ମୁଖ ରଖି

---

* ଶାସ୍ତ୍ରରେ ପାଞ୍ଚପ୍ରକାର ଧୁତୁରାଗଛ ବୋଲି ଲେଖାଅଛି । ଯଥା—ଶ୍ୱେତ, ନୀଳ, କୃଷ୍ଣ, ରକ୍ତ ଓ ପୀତ । ଏଥିମଧ୍ୟରୁ ଆମଦେଶରେ କେବଳ ଦୁଇପ୍ରକାର ଧୁତୁରାଗଛ ଦେଖାଯାଏ । ଯଥା—କଳାଧୁତୁରା ଓ ଧଳା ଧୁତୁରା ।

ସମ୍ପୁଟ ମଧ୍ୟରେ ରଖି ଉତ୍ତମ ରୂପେ ପୁଟଦଗ୍ଧ କରିବ । ସେପରିକି ଏହା ଶ୍ୱେତ ଭସ୍ମ ହେବ । ଏହି ଭସ୍ମ—ଏକ ଅଷ୍ଟମାଂଶ ଗ୍ରାମ ମାତ୍ରାରେ ସେବନ କଲେ ପ୍ରଥମ ଦିନ ଜ୍ୱର ବୃଦ୍ଧି ହେବ କିନ୍ତୁ ପରେ କ୍ରମାନୁସାରେ ଜ୍ୱର କମିଯାଏ । ୧୬—ଉଦର୍ଦ୍ଦ ପ୍ରଭୃତି ଚର୍ମରୋଗରେ ଧୁତୁରାମଞ୍ଜୀ ବାଟି ଲେପନ କଲେ ଉତ୍ତମ ଉପକାର ହୁଏ । ୧୭—କୃମିଜନିତ ଦନ୍ତଶୂଳ ପ୍ରଶମନାର୍ଥେ ଧୁତୁରାମଞ୍ଜୀର ଚୂର୍ଣ୍ଣ ବ୍ୟବହୃତ ହୁଏ । ୧୮—ଶୋଧିତ କଳାଧୁତୁରାମଞ୍ଜୀର ଚୂର୍ଣ୍ଣ—ଅତିସାର, ଗ୍ରହଣୀ ଓ ରକ୍ତାତିସାର ନିବାରଣାର୍ଥେ ପ୍ରୟୋଗ କରାଯାଏ । ୧୯—ଏହି ମଞ୍ଜିଜାତ ତୈଳ ଲିଙ୍ଗରେ ମାଲିସ କଲେ ଲିଙ୍ଗ ଖୁବ୍ ତୀକ୍ଷ୍ଣ ହୁଏ । ୨୦-ପନ୍ଦରଗୋଟି ଧୁତୁରାଫଳର ମଞ୍ଜୀ ବାହାରକରି ଦଶସେର ଗାଈଦୁଧରେ ତାକୁ ସିଝାଇବ । ଏହି କ୍ଷୀରରେ ଦହି ପ୍ରସ୍ତୁତ କରି ତାକୁ ଯଥାବିଧି ମନ୍ଥନ କରି ଘିଅ ବାହାର କରିବ । ଏହି ଘିଅ ଏକଚତୁର୍ଥାଂଶ ଗ୍ରାମ ପରିମାଣେ ସେବନ କରିବ ଏବଂ ଏହାକୁ ଲିଙ୍ଗରେ ମାଲିସ କରିବ । ଏଥିଦ୍ୱାରା ରତିଶକ୍ତି କ୍ଷୀଣତା ବା ଧ୍ୱଜଭଙ୍ଗ ରୋଗ ବିନଷ୍ଟ ହୁଏ । ଧୁତୁରାମଞ୍ଜୀ ଅଧିକ ମାତ୍ରାରେ ସେବନ କଲେ ମାଦକତା ଉତ୍ପନ୍ନ ହୁଏ ଏବଂ ଆଖିରେ ସକଳ ପଦାର୍ଥ ନୀଳବର୍ଣ୍ଣ ଦିଶେ, ଜ୍ଞାନଶକ୍ତି ଲୁପ୍ତହୁଏ, ରୋଗୀ ପ୍ରଳାପ କରେ, ରୋଗିର ଚକ୍ଷୁ ଲାଲବର୍ଣ୍ଣ ଦିଶେ ଏବଂ ଆଖିକୁ ସବୁ ଅନ୍ଧାର ଦିଶେ ! ଏହିପରି ଅବସ୍ଥାରେ ଘୃତ ତେଲ ଓ ଅମ୍ଳଦ୍ରବ୍ୟ ମହା ଅନିଷ୍ଟ କାରକ । ଏହିପରି ଅବସ୍ଥାରେ ରୋଗିକୁ ବାନ୍ତି କରାଇବ । ରୋଗିର ହାତପାଦ ଗରମ ଜଳରେ ବୁଡାଇ ରଖିବ । ସର୍ବାଙ୍ଗରେ ସୋରିଷତେଲ ମର୍ଦ୍ଦନ କରାଇବ ଏବଂ ରୋଗିକୁ ଦୃଢ଼ ଓ ଅବସ୍ଥା ବିଶେଷରେ ବଳକାରକ ମଦ୍ୟ ପିଆଇବ । ୨୧—**ଧୁତୁରାବିଷ ଚିକିତ୍ସା**—ବାଇଗଣ ମଞ୍ଜୀର ରସ ୧୬୦ ଗ୍ରାମ ପରିମାଣେ ସେବନ କଲେ କିମ୍ବା କପାଫୁଲର ରସ ଚିନିସହିତ ମିଶାଇ ଖାଇଲେ ଅଥବା ସୈନ୍ଧବ ଲବଣ ସେବନ କଲେ ଧୁତୁରାର ବିଷ ବିନଷ୍ଟ ହୁଏ । ଗାଈଦୁଧରେ ଚିନି ମିଶାଇ ପିଇଲେ ମଧ୍ୟ ଧୁତୁରାର ବିଷ ନିବାରିତ ହୁଏ । ଲେମ୍ବୁରସ, ଜାମକୋଳିରକ୍ୱାଥ ଏବଂ ତିନ୍ତୁଳିଆ ରସ ମଧ୍ୟ ଧୁତୁରାବିଷ ବିନାଶାର୍ଥରେ ପ୍ରୟୋଗ କରାଯାଏ । ଧୁତୁରାର ସମ୍ପୂର୍ଣ୍ଣ ଗୁଣାଙ୍ଗ—୨୩—ଧୁତୁରାର ସମୂଳ ପତ୍ର ରସରେ ତୈଳ ପାକକରି ଏହି ତୈଳ ଲଗାଇଲେ ମୁଣ୍ଡବ୍ୟଥା, କୋଷବୃଦ୍ଧି, ବିସ୍ଫୋଟ ଓ ବିବିଧ ଚର୍ମରୋଗ ବିନଷ୍ଟ ହୁଏ । କାସୋନ୍ମାଦ ଓ ସୂତିକା ଉନ୍ମାଦରେ ଏବଂ ବାଇକୁକୁରର ବିଷ ବିନାଶାର୍ଥରେ—ଧୁତୁରାମୂଳର ରସ ପ୍ରୟୋଗ କରାଯାଏ । ୨୪—ପୁଷ୍ୟା ନକ୍ଷତ୍ରରେ କଳାଧୁତୁରା ମୂଳକୁ ଆଣି ତାକୁ କଟିରେ ବାନ୍ଧି ଯେଉଁ ସ୍ତ୍ରୀ ସହବାସ କରେ, ସେ ଗର୍ଭବତୀ ହୁଏନାହିଁ । ୨୫—କଳାଧୁତୁରା ମୂଳର ଚୂର୍ଣ୍ଣ ଏକଷୋଡ଼ଶାଂଶ ଗ୍ରାମ ପରିମାଣେ ପାନ ସହିତ ଖାଇଲେ ଫିରଙ୍ଗ ରୋଗ ବିନଷ୍ଟହୁଏ ।

୨୬—ସମୂଳ ପତ୍ର ଧୁତୁରାଗଛକୁ ଶୁଖାଇ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣକୁ ଚିଲମରେ ରଖି ଅଗ୍ନି ସଂଯୋଗରେ ଏହାର ଧୂମ ପାନକଲେ କାସ, ଶ୍ୱାସ, ଓ ହିକ୍‌କା ପ୍ରଶମିତ ହୁଏ । ୨୭-ରକ୍ତାର୍ଶ, ଗୁଦକ୍ଷତ ଓ ଅନ୍ୟାନ୍ୟ ଗୁହ୍ୟଦ୍ୱାର ସମ୍ବନ୍ଧୀ ପୀଡ଼ାରେ ଧୁତୁରା ଘଟିତ ମଲମ ଉପକାର କରେ । ୨୮—କଳାଧୁତୁରା ମୂଳ ବାଟି ସ୍ତନରେ ଲେପନ କଲେ କ୍ଷୀର ଶୁଖିଯାଏ । ୨୯—କଳାଧୁତୁରା ମୂଳର ଚୂର୍ଣ୍ଣ ଏକ ଯବ ଠାରୁ ଏକଗ୍ରାମ ପର୍ଯ୍ୟନ୍ତ କ୍ରମିକ ମାତ୍ରା ବୃଦ୍ଧି କରି ଏକମାସ ସେବନ କରିବ । ପରେ ଏକମାସ ଛାଡ଼ିଦେଇ ପୁନର୍ବାର ଏକମାସ ପୂର୍ବୋକ୍ତ ନିୟମରେ ଏହା **ସେବନ** କଲେ ସକଳ ପ୍ରକାର କୁଷ୍ଠ ବିନଷ୍ଟ ହୁଏ । ଏହା ଅତି ସାବଧାନରେ ପ୍ରୟୋଗ କରିବ । କାରଣକି, ଏହାର ଅଧିକ ମାତ୍ରା ପ୍ରାଣନାଶକ । (ବ, ଗୁ, ଦୀ) (ଦ୍ର, ଗୁ, ଶା) ବୈଦ୍ୟ ଶାସ୍ତ୍ରରେ ଧୁତୁରାର ପ୍ରୟୋଗ—**କୁକୁରକାମୁଡ଼ିବାରେ**—୩୦-କଙ୍କା ପୁଟୁଶୀ ମୂଳ ୫ ଗ୍ରାମ ଏବଂ କଳା ଧୁତୁରାମୂଳ ୩ ଗ୍ରାମ ଠାରୁ ୫ ଗ୍ରାମ ପର୍ଯ୍ୟନ୍ତ ଏକତ୍ର ବାଟି ଶୀତଳ ଜଳ ବା ଶୀତଳ ଦୁଧ ସହିତ ଉନ୍ମତ୍ତ କୁକୁର ଓ ଶୃଗାଳାଦି ଦଷ୍ଟ ବ୍ୟକ୍ତିକୁ ପାନ କରାଇବ । (ସୁଶ୍ରୁତ) । **ଇନ୍ଦ୍ରଲୁପ୍ତରୋଗରେ**—୩୧-ମୁଣ୍ଡରୁ ବାଳ ଉପୁଡ଼ି ଯାଉଥିଲେ ଧୁତୁରାପତ୍ରର ରସ ତହିଁରେ ଲଗାଇବ । ( ବାଗ୍‌ଭଟ ) । **ବାତଜନେତ୍ରରୋଗରେ**—୩୨—ବାତଜ ନେତ୍ରରୋଗରେ ଧୁତୁରାମୂଳର ଅଞ୍ଜନ ହିତକର । (ହାରିତ) । **ସ୍ତନୋତ୍ଥିତରୋଗରେ**—୩୩—ହଳଦୀ ଓ ଧୁତୁରା ପତ୍ର ଏକତ୍ର ବାଟି ଲେପନ କଲେ ସ୍ତନର ପୀଡ଼ା ପ୍ରଶମିତହୁଏ । (ଭାବପ୍ରକାଶ) । **କୃମିରୋଗରେ**—୩୪—ଧୁତୁରାପତ୍ରର ରସ ୫ ଟୋପା ତକ୍ରରେ ମିଶାଇ ସେବନ କଲେ କୃମି ବିନଷ୍ଟ ହୁଏ । (ହାରିତ) **ଗୋଧୂମ ଓ ଭକ୍ଷଣଜାତଅଜୀର୍ଣ୍ଣରୋଗରେ** ୩୫—ଗହମ, ବର, ଚଣା, ଓ ମୁଗ ପ୍ରଭୃତି ଦ୍ରବ୍ୟ ଖାଇ ଅଜୀର୍ଣ୍ଣ ହେଲେ ଶୁଦ୍ଧ ଧୁତୁରା ମଞ୍ଜୀ ସେବନ କରିବ । (ହାରିତ) **ପାଦଦାରିରୋଗରେ**—୩୬-ମାଣକଦାର କ୍ଷାରଜଳ ଓ ଧୁତୁରା ମଞ୍ଜୀ କଳ୍କଦ୍ୱାରା ଯଥାବିଧି ସୋରିଷତେଲ ପାକ କରିବ । ଏହି ତେଲ ପାଦରେ ମର୍ଦ୍ଦନ କଲେ ଗୋଡ଼ଫଟା ଭଲହୁଏ । (ହାରିତ) । **ଉନ୍ମାଦରୋଗରେ**—୩୭—ଶୁକ୍ଳ ଧୁତୁରାଗଛର ଉତ୍ତର ଦିଗର ମୂଳ କିମ୍ବା ତାର ଛାଲି ୩ ଗ୍ରାମ ମାତ୍ରାରେ ବାଟି ଅଟେକେକ ଜଳରେ ମିଶାଇବ । ଏହି ଜଳରେ ୫୦ ଗ୍ରାମ ପୁରୁଣା ସରୁଚାଉଳ ପାକ କରିବ । ପରେ ଯଥା ସମୟରେ ଏଥିରେ ଏକସେର ଗାଈକ୍ଷୀର ଏବଂ ଅଧପାଏ ମିଶ୍ରି ଓ ଘିଅ ୩୦ ଗ୍ରାମ ମିଶାଇବ । ଏହି କ୍ଷୀରି ଉନ୍ମାଦ ରୋଗୀକୁ ଦିନରେ ଦୁଇଥର ସେବନ କରାଇଲେ ଏଥିଦ୍ୱାରା ସକଳ ପ୍ରକାର

ଉନ୍ମାଦ ନିବାରିତ ହୁଏ । ଅବସ୍ଥା ବୁଝି ଏହା ପ୍ରୟୋଗ କରିବ । (ଚକ୍ରଦତ୍ତ) । ଶୁଣ୍ଠିକାଞ୍ଜିକ୍ରୁଞ୍ଜଣ—୩୮—ଏକସେର ଦୁଦୁରି ପତ୍ରରସ, ହଳଦୀ ୮୦ ଗ୍ରାମ ଏବଂ ଗନ୍ଧକ ୮୦ ଗ୍ରାମ ସହିତ ଅଧସେର ସୋରିଷତେଲ ପାକ କରିବ । ଏହି ତେଲ କାନରେ ପକାଇଲେ କାନପାଚ୍ଚ ରୋଗ ଭଲହୁଏ । ( ଚକ୍ରଦତ୍ତ ) । ଶ୍ଲୀପଦରୋଗ—୩୯—ଶୀତଳ ଜଳ ସହିତ କ୍ରମଶଃ ମାତ୍ରା ବୃଦ୍ଧି କରି ଦୁଦୁରିମଞ୍ଜୀ ସେବନ କଲେ ଶ୍ଲୀପଦ ରୋଗ (ଗୋଦର) ପ୍ରଶମିତ ହୁଏ । (ବଙ୍ଗସେନ) । ମାତ୍ରା—ପତ୍ରରସ ୫ ଗ୍ରାମ ଠାରୁ ଦଶଗ୍ରାମ, ( କୁକ୍କୁରବିଷନାଶାର୍ଥେ ଏହି ମାତ୍ରା ପ୍ରଯୋଜ୍ୟ ) ସାଧାରଣ ମାତ୍ରା ୫ ବିନ୍ଦୁ, ବୀଜଚୂର୍ଣ୍ଣ ଏକ ଷୋଡ଼ଶାଂଶ ଗ୍ରାମ ଠାରୁ ଏକ ଚତୁର୍ଥାଂଶ ଗ୍ରାମ, ମୂଳ—୧—୩ ଗ୍ରାମ । କନକାସବ—ଦୁଦୁରି ପଞ୍ଚାଙ୍ଗ, ବାସଙ୍ଗ, ଧୁଳ ପ୍ରତ୍ୟେକ ୧୬୦ ଗ୍ରାମ, ଯଷ୍ଟିମଧୁ, ପିପ୍ପଳୀ, ଚକଡ଼ାବେଙ୍ଗ, ନାଗକେଶର, ଶୁଣ୍ଠୀ, ଭାରଙ୍ଗୀ, ତାଳୀଶପତ୍ର ପ୍ରତ୍ୟେକର ଚୂର୍ଣ୍ଣ ୮୦ଗ୍ରାମ, ଧାତକୀଫୁଲ ୬୪୦ ଗ୍ରାମ, ଦାକ୍ଷା ଏକ କେଜି, ଚିନି ୫ କେଜି, ମହୁ ଅଡ଼ାଇକେଜି, ଜଳ ୧୬ କେଜି, ଉପରୋକ୍ତ ସମସ୍ତ ଦ୍ରବ୍ୟ ଏକାଠେ ଗୋଟିଏ ହାଣ୍ଡିରେ ଗୋଳି, ଯଥା ବିଧି ସନ୍ଧାନ କରି, ଏକ ମାସ ରଖିବ, ପରେ ଛାଣି ବ୍ୟବହାର କରିବ । ମାତ୍ରା—୧୦—୩୦ ବିନ୍ଦୁ । ଅନୁପାନ ଜଳ । ଯଦି ଏହି ଆସବରେ ଜଳ ୫୨ କେଜି ଦିଆଯାଏ, ତା'ହେଲେ ମାତ୍ରା ଅଧ ଆଉନ୍ସ ଦେବ । ଏହା ସକଳ ପ୍ରକାର ଶ୍ୱାସ, କାଶ, ବାଳକମାନଙ୍କର ଲହ୍ୱଡ଼ାକାଶ, ରାଜଯକ୍ଷ୍ମା, କ୍ଷତ, କ୍ଷୟ, ଜୀର୍ଣ୍ଣଜ୍ୱର, ରକ୍ତପିତ୍ତ ଏବଂ ଉରଃକ୍ଷତ ନାଶକ ଓ ପ୍ରମେହ ନାଶକ, ବଳ, ବୀର୍ଯ୍ୟ-ବର୍ଦ୍ଧକ । (ଭୈଷଜ୍ୟ ରତ୍ନାବଳୀ)

୬୪୬—ଦୁଦ୍ଧିଫେନୀ—କ୍ଷୀରିଦଣ୍ଡୀ ।

୬୪୭—ଦୁଧ—Milk. ଦୁଧର ସଂସ୍କୃତ ପର୍ଯ୍ୟାୟ—କ୍ଷୀର, ପୀୟୂଷ, ଅମୃତ ଓ ବାଳଜୀବନ । ଗୋରୁ, ମଇଁଷୀ, ଛେଳି, ମେଣ୍ଢା ଓ ଗଧ ପ୍ରଭୃତି ଅନେକ ଜନ୍ତୁର ଦୁଧ ମନୁଷ୍ୟ ପାନ କରନ୍ତି । ଜୀବଭେଦାନୁସାରେ ଭିନ୍ନ ଦୁଗ୍ଧର ଗୁଣ ସେହି ସେହି ଜୀବର ନାମାନୁସାରେ ଯଥା ସ୍ଥାନରେ ଲେଖାଯାଇଅଛି । ସାଧାରଣତଃ ସକଳ ପ୍ରକାର ଦୁଧ ପ୍ରାଣଧାରକ, ବଳକାରକ, ଆୟୁ, ମେଧା ଓ ସ୍ମୃତିବୃଦ୍ଧିକାରକ, ଶ୍ରମନାଶକ, ନିଦ୍ରାକାରକ, ସ୍ରୋତଃଶୋଧକ ଓ ତ୍ରିଦୋଷ ନାଶକ । ସକଳ ଜୀବର ଦୁଧ ସଦ୍ୟଃ ପ୍ରସବ ପରେ ଏବଂ ପ୍ରସବର ବହୁକାଳ ପରେ ନାନା ରୂପ ଦୋଷ ଜନକ ହେଲେ ମଧ୍ୟ ପ୍ରସୂତାର ଦୁଧହିଁ ସମ୍ପୂର୍ଣ୍ଣ ଉପକାର କରେ । ଗର୍ଭିଣୀର ଦୁଧ ବିଶେଷ ଅପକାରକ । କଞ୍ଚା ଦୁଧ ଗୁରୁପାକ ଏବଂ ଶ୍ୱାସ କାଶାଦିରୋଗର ଉତ୍ପାଦକ, ସୁତରାଂ ସମସ୍ତ ଦୁଗ୍ଧ ପକ୍ୱ କରି ପାନକରିବାକୁ ହେବ । ଧାରୋଷ୍ଣ ଦୁଧ ସର୍ବରୋଗ ନାଶକ ଓ ଅମୃତ ପରି ଉପକାରକ । ଦୁହିଁବା ପରେ କିଛି ସମୟ ରଖିଦେଲେ ସେହି ଦୁଧକୁ ନ ଫୁଟାଇ ପିଇବା ଉଚିତ ନୁହେଁ । ଦୁଧ ସକାଳେ ପାନକଲେ ଅଗ୍ନିବୃଦ୍ଧି, ଦେହପୁଷ୍ଟି ଓ ବୀର୍ଯ୍ୟବୃଦ୍ଧି ହୁଏ, ମଧ୍ୟାହ୍ନରେ ପାନ କଲେ ବଳ-ବୃଦ୍ଧି ଓ ମୂତ୍ରକୃଚ୍ଛ୍ର ରୋଗର ଉପଶମ ହୁଏ ଏବଂ ରାତ୍ରିକାଳରେ ପାନ କଲେ ନାନା ଦୋଷର ଶାନ୍ତି ହୁଏ । ବାଲ୍ୟ, ଯୌବନ ଓ ବାର୍ଦ୍ଧକ୍ୟ ସକଳ ଅବସ୍ଥାରେହିଁ ଦୁଧ ପରମ ଉପକାରୀ ଓ ପଥ୍ୟ । କେବଳ ନବଜ୍ୱର, ଅତିସାର, କଫଜମେହ ପ୍ରଭୃତି କେତେକ ରୋଗରେ ଦୁଧ ଅପକାର କରେ । ମାଛ, ମାଂସ, ମୂଳା, ଜାମ, ଲୁଣ, ଗୁଡ଼ ଓ ଶାକ ସହିତ ଏକତ୍ର ଦୁଗ୍ଧପାନ ନିଷିଦ୍ଧ । ତଦ୍ଦ୍ୱାରା ନାନାବିଧ ରୋଗ ଜାତହୁଏ । ଦୁଧ ସିଝାଇବା ସମୟରେ ଚତୁର୍ଥାଂଶ ଜଳ ତହିଁରେ ମିଶାଇ ପାକ କରିବ । ଖାଲି ଦୁଧକୁ ପୁନଃ ପୁନଃ ପାକକରି ଅଧିକ ବହଳିଆ କରି ପାନକଲେ, ବିଶେଷ ଗୁରୁପାକ ହୁଏ ଏବଂ ତଦ୍ଦ୍ୱାରା ଅତିସାରାଦି ରୋଗ ଜାତ ହୋଇଥାଏ ।

୬୪୮—ଦୁଧଲଇଗଛ—Hemidosmus Indicu syn-Asclipia spseu dosarsa. ଦୁଧଲଇକୁ କେତେକ ଲୋକ ସୁଗନ୍ଧି ଓ ଚେରମାରୁ ବୋଲନ୍ତି । ଏହାର ସଂସ୍କୃତ ପର୍ଯ୍ୟାୟ—ଅନନ୍ତା, ଶାରିବା ଓ କୃଷ୍ଣମୂଳୀ । ଏହାକୁ ବଙ୍ଗଳାରେ ଅନନ୍ତମୂଳ, ହିନ୍ଦୀରେ କାଲସର ଓ ସାଲସା ଏବଂ ତେଲୁଗୁରେ ପାଲସୁଗନ୍ଧି ବୋଲନ୍ତି । ଏହାର ସମୂଳ ସର୍ବାଙ୍ଗ ବିଶେଷତଃ ମୂଳ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହାର ସମୂଳ ସର୍ବାଙ୍ଗର କ୍ୱାଥ ବା ମୂଳର ଚୂର୍ଣ୍ଣ—ମଧୁର, ସ୍ନିଗ୍ଧ, ଶୀତଳ, ସୁଗନ୍ଧ ଏବଂ ଗୁରୁ । ଏହା ସେବନ କଲେ କୁଷ୍ଠ, କଣ୍ଡୁ, ଜ୍ୱର, ମେହ, କଫ, ପିତ୍ତ, ତୃଷା, ବିଷ, ରକ୍ତପ୍ରଦର, ଜ୍ୱରାତିସାର, ଭ୍ରାନ୍ତି, ଉପଦଂଶରୋଗ, ଚର୍ମରୋଗ, ବାତରକ୍ତ ଏବଂ ଅଶୁଦ୍ଧ ପାରଦ ସେବନ ଜାତ ବିକାର ବିନଷ୍ଟ ହୁଏ । ଏହା ଦେହାଗ୍ନିର ବଳବୀର୍ଯ୍ୟ ବର୍ଦ୍ଧକ ଓ ଅନ୍ନ ଦାୟକ । ୧-ବାତବ୍ୟାଧି ଓ ଗଣ୍ଡମାଳାରୋଗରେ ଦୁଧଲଇ ମୂଳର କ୍ୱାଥ ସେବନ କରାଯାଏ । ୨—ଏକପାଆ ଗାଈଦୁହେଁରେ ୧—୩ ଗ୍ରାମ ଦୁଧଲଇ ମୂଳର ଚୂର୍ଣ୍ଣ ପ୍ରକ୍ଷେପ କରି ପାନକଲେ ମୂତ୍ରକୃଚ୍ଛ୍ର, ମୂତ୍ରାଘାତ, ରକ୍ତମୂତ୍ର ନିର୍ଗମ ଓ ଅଶ୍ମରୀ ରୋଗ ନିବାରିତ ହୁଏ । ୩-ଦୁଧଲଇ ମୂଳର କ୍ୱାଥରେ ଟିକିଏ ରସ ଓ କଞ୍ଚାଆ ଦୁଧ ମିଶାଇ ସେବନକଲେ ରକ୍ତାର୍ଶରୋଗରେ ଉପକାର ହୁଏ । ବାଳକମାନଙ୍କର ମିଳିମିଳା ଓ ଗୁଣ୍ଡିବସନ୍ତ ନିବାରଣାର୍ଥେ ଦୁଧଲଇ ମୂଳର ଚୂର୍ଣ୍ଣ ଜହ୍ନୁଣୀ ସହିତ ମିଶାଇ ପ୍ରୟୋଗ କରାଯାଏ । ୪—ଦୁଧଲଇ ମୂଳର କ୍ୱାଥ ସ୍ୱେଦଜନକ । ଏ ହେତୁରୁ, ଜ୍ୱର, ଅଗ୍ନିମାନ୍ଦ୍ୟ, ଅରୁଚି, ଉଦରାମୟ, ଦୌର୍ବଲ୍ୟ ଓ ଫିରଙ୍ଗରୋଗରେ ଏହା ସେବନ

କରିଥାଏ । ୫—ଦୁଧଲଇର କ୍ଷୀର ଆଖିରେ ଅଞ୍ଜନ ରୂପରେ ବ୍ୟବହାର କଲେ ଚକ୍ଷୁରୁ ପ୍ରଚୁର ଜଳସ୍ରାବ ହୋଇ ଚକ୍ଷୁ ଶୀତଳ ହୁଏ । ୬—ଦୁଧଲଇ ମୂଳର ଶୀତକଷାୟ ଅତି ଉତ୍କୃଷ୍ଟ ମୂତ୍ର ବିରେଚକ, ଏହା ସାଲସା ଠାରୁ ଗୁଣରେ ଶ୍ରେଷ୍ଠ । ୭। କଞ୍ଚାଦୁଧଲଇ ମୂଳକୁ କଦଳୀ ପତ୍ରରେ ଗୁଡ଼ାଇ ତା'ର ଉପରେ ମାଟି ଲେପଦେଇ ପୁଟପାକ କରିବ । ତା'ର ପରେ ତା'ର ଛାଲିକୁ ଉଷ୍ମମଳୂପେ ବାଟି ତହିଁରେ ଜିରାଗୁଣ୍ଡ, ଚିନି ଓ ଘିଅ ମିଶାଇ ସେବନ କଲେ ମୂତ୍ରଜ୍ୱାଳା ଓ ରକ୍ତବର୍ଣ୍ଣ ମୂତ୍ର ନିର୍ଗମ ନିବାରିତ ହୁଏ । ୮—ଦୁଧଲଇ ମୂଳର କ୍ୱାଥ ଅତ୍ୟନ୍ତ ରକ୍ତ ପରିଷ୍କାରକ । ୯—ଦୁଧଲଇ ଓ ତୋପଚିନିର କ୍ୱାଥ ସେବନ କଲେ ଉପଦଂଶ ରୋଗ ବିନଷ୍ଟ ହୁଏ । ବୈଦ୍ୟଶାସ୍ତ୍ରରେ ଦୁଧଲଇ କିପରି ବ୍ୟବହାର ଯଥା—**ସୁପ୍ତାବସ୍ଥାରେ ମୂତ୍ରତ୍ୟାଗରେ**— ୧୦-ସୁପ୍ତାବସ୍ଥାରେ ରୋଗଗ୍ରସ୍ତ ବାଳକଙ୍କୁ ଦୁଧଲଇର ମୂଳ ଧାରଣ କରାଇବ । (ସୁଶ୍ରୁତ) । **ଶ୍ୱାସରୋଗରେ**—୧୧-ଦୁଧଲଇ ମୂଳର କ୍ୱାଥ ଦୁଇଭାଗ, ଘୃତ ଏକଭାଗ, ଏହାକୁ ଯଥାବିଧି ପାକ କରିବ । ଏହି ଘୃତ ପାନକଲେ ଶ୍ୱାସ ରୋଗ ପ୍ରଶମିତ ହୁଏ । (ସୁଶ୍ରୁତ) । **ରକ୍ତପିତ୍ତରେ**—୧୨-ସଂଗ୍ରାହକ ଓ ରକ୍ତ ପିତ୍ତ ନାଶକ ଦ୍ରବ୍ୟ ମଧ୍ୟରେ ଦୁଧଲଇର ମୂଳ ସର୍ବଶ୍ରେଷ୍ଠ । ( ଚରକ ) । **ବ୍ରଣଶୋଧନରେ**—୧୩-ଏକମାତ୍ର ଦୁଧଲଇ ମୂଳର କ୍ୱାଥ ସକଳପ୍ରକାର ବ୍ରଣ ଶୋଧନ କରେ । (ଚକ୍ରଦତ୍ତ) କ୍ୱାଥର ମାତ୍ରା ୫୦—୧୦୦ ଗ୍ରାମ, କଳ୍କ ୧—୫ ଗ୍ରାମ । **ଶାରିବାଦ୍ୟାସବ** (ସାଲସା)—ସୁଗନ୍ଧି, ନେଳର୍ଷ, ବରଗୁଲି, ଉସସ୍ତ ଗୁଲି, ମୁଥା, ଗନ୍ଧଶୁଣ୍ଠୀ, ବୋଉଲଇ, ପଦ୍ମକାଠ, କୁରବେଲ, ଅନନ୍ତମୂଳୀ, ଅଁଳା, ଗୁଳୁଚି, ଉଶୀରଚେଣା, ଶ୍ୱେତଚନ୍ଦନ, ରକ୍ତଚନ୍ଦନ, ଯୁଆଣୀ, କଟୁକୀ, ତେଜପତ୍ର, ଗୁଳୁଚ୍ଛ, ଅଳାଇଚ, କୁଡ଼, ସୁନାମୁଖୀପତ୍ର, ହରିଡ଼ା ପ୍ରତ୍ୟେକ ୧୬୦ ଗ୍ରାମ, ୬୪ କେଜି ଗରମ ଜଳରେ ପକାଇ ସେଥିରେ ପୂର୍ବୋକ୍ତ ସମସ୍ତ ଦ୍ରବ୍ୟର ଚୂର୍ଣ୍ଣ ମିଶାଇ ଗୁଡ଼ ୧୮ କେଜି, ଧାତକୀଫୁଲ ୪୦୦ ଗ୍ରାମ, ଦ୍ରାକ୍ଷା ତିନି କେଜି ପକାଇ ହାଣ୍ଡି ଭ ମୁହଁରେ ତୋଟିଏ ଜନା ବାନ୍ଧି ବନ୍ଦ କରିବ, ପରେ ଯଥାବିଧି ସନ୍ଧାନ କରି ୧୫—୩୦ ଦିନ ରଖିବ । ତା'ପରେ ଔଷଧକୁ ଛାଣି ବ୍ୟବହାର କରିବ । ମାତ୍ରା—ଅଧ—୧ ଆଉନ୍ସ, ଅନୁପାନ ଜଳ । ଏହା ସେବନକଲେ ବାତରକ୍ତ, ଗ୍ରହମହି, ପ୍ରମେହପିଡ଼କା, କୁଷ୍ଠ, କ୍ଷୁଦ୍ରବ୍ରଣ, ରକ୍ତପିତ୍ତ,ଉପଦଂଶ, ଭଗନ୍ଦର, ମୂତ୍ରକୃଚ୍ଛ୍ର, ନାଡ଼ୀବ୍ରଣ ପ୍ରଶମିତ ହୁଏ । ଏହା ରକ୍ତ-ଶୋଧକ, ମୂତ୍ରଶୋଧକ ଓ ସ୍ତ୍ରୀମାନଙ୍କର ଯୋନିଦୂଷଣ ନାଶକ ଅଟେ । (ଅଭିନବ ଧନ୍ୱନ୍ତରି)

**୪୯୯—ଦୁବ**—Cynodon Dactylor, pers, panicum Dactylon. ଦୁବର ସଂସ୍କୃତ ପର୍ଯ୍ୟାୟ—ଦୂର୍ବା, ଶତପର୍ବା, ସହସ୍ରବୀର୍ଯ୍ୟା ଓ ଅନନ୍ତା । ଏହାକୁ ବଙ୍ଗଳାରେ ଦୁର୍ବାଘାସ, ହିନ୍ଦୀରେ ଦୁବ ଏବଂ ତେଲୁଗୁରେ ଦୂର୍ବାଲୁ, ଗରିକେଗଡ୍ଡି ଓ ଗରିକପଲ୍ଲୁ ବୋଲନ୍ତି । ଶ୍ୱେତଦୂବ, ନୀଳଦୂବ ଓ ଗଣ୍ଡିଦୁବ ଇତ୍ୟାଦି ଭେଦରେ ଦୁବ ନାନାପ୍ରକାର । ସାଧାରଣତଃ ସକଳ ପ୍ରକାର ଦୂବ—କଷାୟ, ମଧୁରରସ, ଶୀତଳ ଓ ରକ୍ତରୋଧକ ଏବଂ ଶୀତପିତ୍ତ, ତୃଷ୍ଣା, ଅରୁଚି, ବାନ୍ତି, ଦାହ, ମୂର୍ଚ୍ଛା, କଫ ଓ ଭୂତାବେଶାଦିର ଉପଶମ କାରକ ଓ ଶ୍ରମନିବାରକ । **ନୀଳଦୁବ**—ଏହା ମଧୁର, ତିକ୍ତ, ଶୀତଳ, ଜ୍ୱରହାରକ, ରକ୍ତପିତ୍ତ ନିବାରକ ଓ ଅତିସାର ନାଶକ । **ଶ୍ୱେତଦୁବ**—ଏହା ମଧୁର, ଶୀତଳ, ବାନ୍ତିନିବାରକ, ପିତ୍ତ-ନାଶକ ଏବଂ ଆମାତିସାର, କାସ, ଅରୁଚି, ଦାହ ଓ ତୃଷ୍ଣା ରୋଗରେ ଉପକାରକ । ଦୂବର ପ୍ରଲେପ ରକ୍ତବିକାର, ଚର୍ମ-ରୋଗ, ବିସର୍ପ ଓ କଣ୍ଡୁ ପ୍ରଶମନ କରେ ଏବଂ କାନ୍ତି ବୃଦ୍ଧି କରେ । ୧—ଦୁବକୁ ବାଟି ଲେପନ କଲେ କଟାଘା'ର ରକ୍ତସ୍ରାବ ବନ୍ଦହୁଏ । ୨—ଅଁଆଗୁଡ଼ାଳ ଓ ନୀଳଦୁବ ଏକାଠେ ବାଟି ଲଲାଟରେ ଲେପନ କଲେ ମୁଣ୍ଡବ୍ୟଥା ପ୍ରଶମିତ ହୁଏ । ବୈଦ୍ୟଶାସ୍ତ୍ରରେ ଦୂବର ବ୍ୟବହାର ଯଥା—**ନାସିକାରୁ ରକ୍ତସ୍ରାବରେ**—୩—ଦୁବରରସ ନାକରେ ଟପାଇଲେ ନାସିକାରୁ ରକ୍ତସ୍ରାବ ବନ୍ଦହୁଏ ।(ଚରକ) **ବିସର୍ପରୋଗରେ**-୪-ଦୁବ ରସରେ ଯଥାବିଧି ଘୃତପାକ କରି ଏହି ଘୃତ ଲଗାଇଲେ ବିସର୍ପ ବ୍ରଣ (ବିଷିରପାଣିଆଘା') ଭଲହୁଏ । (ଚରକ) । **ରକ୍ତପିତ୍ତରେ**—୫—ଦୁବକୁ ଶୁଖାଇ ଚୂର୍ଣ୍ଣ କରି ଏହି ଚୂର୍ଣ୍ଣକୁ ମହୁ ସହିତ ସେବନ କଲେ ରକ୍ତପିତ୍ତ ପ୍ରଶମିତ ହୁଏ । (ସୁଶ୍ରୁତ) । **ପାଳଙ୍କୁଇରେ**—୬—ଦୁବରସ ଏକଭାଗ, ତିଳତେଲ ଗୁରଭାଗ ଏକତ୍ର ଯଥାବିଧି ପାକ କରିବ । ଏହି ତେଲ ଲଗାଇଲେ କାଛୁ କୁଣ୍ଡିଆ ଓ ବିଖଣ୍ଡିଆ ଘା' ଭଲହୁଏ । (ଚକ୍ରଦତ୍ତ) । **ଆଶ୍ଚର୍ଯ୍ୟ-ଜନ୍ମନିୟନ୍ତ୍ରଣରେ**—୭-ଯେଉଁ ସ୍ତ୍ରୀମାନଙ୍କର ଅଧିକ ସନ୍ତାନ ପର୍ଯ୍ୟନ୍ତ ଗର୍ଭ ହୁଏନାହିଁ କିମ୍ବା ଯେଉଁମାନଙ୍କର ରଜୋରୋଧ ହୋଇଥାଏ, ସେମାନଙ୍କୁ ଦୁବ ଓ ଗୁଆଳଚାଉଳ ଯୋଗରେ ଚକୁଳୀ ପିଠା ପ୍ରସ୍ତୁତ କରି କିଛିଦିନ ଖୁଆଇଲେ ରଜଃପ୍ରବୃତ୍ତି ହୁଏ । (ଚକ୍ରଦତ୍ତ) । **ମୂତ୍ରାଘାତରୋଗରେ**—୮-ଶୁଖିଲା ଦୁବ ୮୦ ଗ୍ରାମ, ଦୁଇକେଜି ଜଳରେ ସିଝାଇ ୧ ଚତୁର୍ଥାଂଶ ଜଳ ଅବଶେଷ ରଖି ଛାଣିବ । ଏହି କ୍ୱାଥ ଶୀତଳ ହେବାପରେ ଏଥିରେ ଚିନି ଓ ମହୁ ମିଶାଇ ପାନକଲେ ମୂତ୍ରରୋଧ ନିବା-

ରିତ ହୁଏ । ମାତ୍ରା ରସ ୧୦—୨୦ ଗ୍ରାମ, କ୍ୱାଥ ୫୦—୧୦୦ ଗ୍ରାମ, ଚୂର୍ଣ୍ଣ ୧—୩ ଗ୍ରାମ ।

୫୦୦-ଦୁର୍ଗନ୍ଧତୃଣ—ଭଦ୍ରମୁସ୍ତା ଦେଖ ।

୫୦୧-ଦୁରାଳଭା—Hedy arum Alhagi. ଏହା ଏକ ପ୍ରକାର ଗୁଳ୍ମଜାତୀୟ କ୍ଷୁଦ୍ର ବୃକ୍ଷ । ଏହାର ସଂସ୍କୃତ ପର୍ଯ୍ୟାୟ ଯାସ, ଯବାସ, ଦୁଃସ୍ପର୍ଶ, ଦୁରାଳଭା ଓ ସମୁଦ୍ରାନ୍ତା । ଏହାକୁ ବଙ୍ଗଳାରେ ଦୁରାଲଭା, ଦୁଲାଲତା ଓ ହିଙ୍ଗୁଆ, ହିନ୍ଦୀରେ ଜବାସା, ଦୁବେଲା ଓ ଧମାସା ଏବଂ ତେଲୁଗୁରେ କୋଣ୍ଡାଜାପିଲଗା, ଗିଲରେଗଟି, ଚୁଲଗୋଣ୍ଡି ବୋଲନ୍ତି । ସାନ ଓ ବଡ଼ ଭେଦରେ ଦୁରାଳଭା ଦୁଇ ପ୍ରକାର । ଉଭୟ ପ୍ରକାର ଦୁରାଳଭାର ସମୂଳ ସର୍ବାଙ୍ଗ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା କଟୁ, ତିକ୍ତ, ମଧୁର, ଅମ୍ଳରସ, କ୍ଷାରଗୁଣବିଶିଷ୍ଟ, ଉଷ୍ଣବୀର୍ଯ୍ୟ, ବାତପିତ୍ତ ନାଶକ ଏବଂ କଫଗୁଳ୍ମ ଓ ପ୍ରମେହରୋଗର ଉପଶମ କାରକ । ଦୁରାଳଭାର କ୍ୱାଥ ବା ଚୂର୍ଣ୍ଣ ସେବନକଲେ ଜ୍ୱର, ଦାହ, ବିଷମଜ୍ୱର, ତୃଷା, ବାନ୍ତି, ମେଦ, ମୋହ, ରକ୍ତପିତ୍ତ, କଫ, ଗୁଳ୍ମ, କୋଷ୍ଠବଦ୍ଧ, ତନ୍ଦ୍ରା, ଦୁର୍ବଳତା, ଉଦରରୋଗ ଓ ଚକ୍ଷୁରୋଗରେ ଉପକାର ହୁଏ । ୧—ଦୁରାଳଭାର କଳ୍କ ସହିତ ଯଥାବିଧି ତୈଳ ପାକ କରି ଏହି ତୈଳ ମର୍ଦ୍ଦନ କଲେ ବାତ ବେଦନା ଶାନ୍ତହୁଏ । ୨—ଏହା ବାଟି ଲେପନ କଲେ କିମ୍ବା ଏହାକୁ ଅଗ୍ନିରେ ପକାଇ ତା'ର ଧୂଆଁ ଦେଲେ ଅର୍ଶରୋଗରେ ଉପକାର ହୁଏ । ଦୁରାଳଭା—କଫନିଃସାରକ, ମୂତ୍ରକାରକ ଓ ବିରେଚକ । ୩—କଳା-ଦୁଦୁରା, ତମାଖୁପତ୍ର ଓ ପୁଆଁଶି ସହିତ ଦୁରାଳଭାକୁ ବାଟି ଶୁଖାଇବ । ଏହାକୁ ଚିଲମରେ ରଖି ଅଗ୍ନି ସଂଯୋଗରେ ଏହାର ଧୂମ ପାନ କଲେ ପ୍ରବଳ ଶ୍ୱାସ ବେଗ ପ୍ରଶମିତ ହୁଏ । ଆଜିକାଲି ବଜାରରେ ଦୁରାଳଭା ନାମରେ ଯାହା ବିକାହୁଏ, ତାହା ଦୁରାଳଭାର ଭେଦ । ଏହାକୁ ସଂସ୍କୃତ ଭାଷାରେ ଧନ୍ୱଯାସ ବୋଲନ୍ତି । ଏହାର ସାଧାରଣ ଗୁଣ ଦୁରାଳଭା ସମାନ । ବିଶେଷତଃ ଏହା କାସ, ଶ୍ୱାସ, ଭ୍ରମ, ବିସର୍ପ ବାତରକ୍ତ ଓ କୁଷ୍ଠରୋଗରେ ହିତକର । ବୈଦ୍ୟଶାସ୍ତ୍ରରେ ଦୁରାଳଭାର ବ୍ୟବହାର ଯଥା—ରକ୍ତପିତ୍ତନିବାରଣ—୪—ଦୁରାଳଭା ଓ ଚନ୍ଦନ ସମାନ ଭାଗରେ ଗ୍ରହଣ କରି ଚାଉଳଧୁଆ ପାଣିରେ ବାଟିବ । ଏଥିରେ ଚିନି ମିଶାଇ ପାନ କଲେ ରକ୍ତପିତ୍ତ ପ୍ରଶମିତ ହୁଏ । (ଚରକ) । ନାସିକାରୁ ରକ୍ତସ୍ରାବରେ—୫-ଦୁରାଳଭା ମୂଳକୁ ବାଟି ତା'ର ରସ ନାକରେ ଟପାଇଲେ ନାକରୁ ରକ୍ତ ପଡ଼ିବା ବନ୍ଦହୁଏ । (ଚରକ) । ମଦାତ୍ୟୟରୋଗରେ—୬-ମଦାତ୍ୟୟ ରୋଗରେ ତୃଷା ହେଲେ ଷଡ଼ଙ୍ଗ ପରିଭାଷାନୁସାରେ ଦୁରାଳଭାର କ୍ୱାଥ ପ୍ରସ୍ତୁତ କରି ପାନ କରାଇବ । ଏହା ତୃଷା ଓ ଜ୍ୱର ନାଶକ । (ଚରକ) । କଫଜବାନ୍ତିରୋଗରେ—୭ ଦୁରାଳଭାର ଚୂର୍ଣ୍ଣ—ମଧୁ ସହିତ ସେବନ କଲେ କଫଜ ବାନ୍ତି ନିବାରିତ ହୁଏ । (ଚରକ) । ମୂତ୍ରାଘାତରୋଗରେ—୮—ଦୁରାଳଭାର କ୍ୱାଥ ମୂତ୍ରରୋଧ ନିବାରକ । (ବାଗ୍‌ଭଟ୍ଟ) । ଭ୍ରମରୋଗରେ—୯-ଦୁରାଳଭାର କ୍ୱାଥରେ ଘିଅ ମିଶାଇ ପାନ କଲେ ଭ୍ରମରୋଗ ଦୂରହୁଏ । (ଚକ୍ରଦତ୍ତ) । ମାତ୍ରାରସ ୧୦—୨୦ ଗ୍ରାମ, କ୍ୱାଥ ୫୦—୧୦୦ ଗ୍ରାମ, ଚୂର୍ଣ୍ଣ ଅଧ—୧ ଗ୍ରାମ । ଦୁରାଳଭାରିଷ୍ଟ—ଦୁରାଳଭା ୧୫୦୦ ଗ୍ରାମ, ଅଁଳା ୭୫୦ ଗ୍ରାମ, ଚିତାପାରୁ ୮୦ ଗ୍ରାମ, ଦନ୍ତୀ ୮୦ ଗ୍ରାମ, ବଡ଼ ହରିଡ଼ା ୧୦୦ ଗୋଟି, ଏହି ସମସ୍ତ ଦ୍ରବ୍ୟକୁ ଦରକୁଟା କରି ୫୨ କେଜି ଜଳ ଦେଇ ସିଝାଇ ଚତୁର୍ଥାଂଶ ଶେଷ ରଖି ଛାଣି ହାଣ୍ଡିରେ ଭରିକରି ୧୦ କେଜି ଗୁଡ଼, ମଧୁ, ପ୍ରିୟଙ୍ଗୁ, ପିପ୍‌ପଳୀ, ବିଡ଼ଙ୍ଗ ଚୂର୍ଣ୍ଣ ପ୍ରତ୍ୟେକ ୧୬୦ ଗ୍ରାମ ମିଶାଇ, ଯଥାବିଧି ସନ୍ଧାନ କରି ପନ୍ଦରଦିନ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା—ଅଧ—୧ ଆଉନ୍‌ସ । ଅନୁପାନ ଜଳ, ଏହା ସଂଗ୍ରହଣୀ ପାଣ୍ଡୁ, ଅର୍ଶ, କୁଷ୍ଠ, ବିସର୍ପ, ପ୍ରମେହ, ରକ୍ତପିତ୍ତ ନାଶକ ଏବଂ ବଳ ଓ ବର୍ଣ୍ଣକାରକ । (ଚରକ) ।

୫୦୨-ଦୁର୍ଗନ୍ଧତୁଳସୀ—ଏହାକୁ ଥୋକେ କେଳେକ ଦୁର୍ଲଭ ବୋଲନ୍ତି । ଏହାର ସଂସ୍କୃତ ପର୍ଯ୍ୟାୟ—ସୁମୁଖ, ସୁଗନ୍ଧ, କଟୁପତ୍ର, ନନ୍ଦିକ ଓ ଶୋଫହାରୀ । ଏହାକୁ ବଙ୍ଗଳାରେ ଦୁଲାଲତୁଳସୀ ବୋଲନ୍ତି । ଏହାର ସମୂଳ ପତ୍ରରସ ବା କ୍ୱାଥ—କଟୁ, ତିକ୍ତ ଏବଂ ଉଷ୍ଣ । ଏହା ସେବନ କଲେ କୃମି, କୁଷ୍ଠ, କଫ, ବାତ, କାସ, ଶ୍ୱାସ, ବିଷ, ଦୌର୍ଗନ୍ଧ୍ୟ, ମଳରୋଧ, ଆନାହ, ଶୂଳ, ଅଗ୍ନିମାନ୍ଦ୍ୟ ଓ ଚର୍ମରୋଗରେ ଉପକାର ହୁଏ । ହସ୍ତ ଓ ପାଦର ଶୋଥରେ ଏହାର ପ୍ରଲେପ ହିତକର । ଏହାର ବୀଜ ଦାହ ଓ ବେଦନାଯୁକ୍ତ ମୂତ୍ରକୃଚ୍ଛ୍ର ରୋଗରେ ଉପକାର କରେ । ମାତ୍ରା—ପତ୍ରରସ ୨୦—୪୦ ଗ୍ରାମ, କ୍ୱାଥ ୪୦—୮୦ ଗ୍ରାମ ।

୫୦୩-ଦେବଗୁରୁ ବୃକ୍ଷଚୋଳବୃକ୍ଷ । ଜଡ଼ି-ବୋନା ଗଛ ଦେଖ ।

୫୦୪-ଦେବଦଣ୍ଡୀ—ଏହାକୁ କୃଷ୍ଣକେଦାର ମଧ୍ୟ ବୋଲନ୍ତି । ଏହାର ସମୂଳ ସର୍ବାଙ୍ଗର ରସ ବା କ୍ୱାଥ ବିବିଧ ଜ୍ୱର ଉପଦ୍ରବ ଓ ବସନ୍ତିକା ରୋଗରେ ପ୍ରୟୋଗ କରାଯାଏ । ମାତ୍ରା ରସ ୧୦—୨୦ ଗ୍ରାମ, କ୍ୱାଥ ୩—୫ ଗ୍ରାମ ।

୫୦୫-ଦେବଦାରୁଗଛ—( Pinus Dedara, Roxb, cedrus Libani ) ଦେବଦାରୁଗଛ ହିମ-

ପ୍ରକାର । ସ୍ନିଗ୍ଧ ଦେବଦାରୁ ଓ କାଷ୍ଠ ଦେବଦାରୁ । ସ୍ନିଗ୍ଧ ଦେବଦାରୁ ସୁଗନ୍ଧ, ତୈଲୁଆ, ଗୁରୁ ଓ ପୀତବର୍ଣ୍ଣ । (ଏହା ଔଷଧ ବେପାରୀମାନଙ୍କର ଦୋକାନରେ ବିକାହୁଏ ) ଆମ ଦେଶରେ ଯେଉଁ ଦେବଦାରୁ ଗଛ ଉତ୍ପନ୍ନ ହୁଏ, ତାହା ନିର୍ଗନ୍ଧ, ଉଗ୍ରାସ ଓ ରୁକ୍ଷ । (ଯାତ୍ରା ଉତ୍ସବ ଉପଲକ୍ଷେ ଏହି ଦେବଦାରୁର ପତ୍ର ଶାଖା ଗୃହାଦି ସଜ୍ଜା କରଣାର୍ଥେ ବ୍ୟବହୃତ ହୁଏ, ପ୍ରଥମୋକ୍ତ ଦେବଦାରୁର ସଂସ୍କୃତ ପର୍ଯ୍ୟାୟ—ସୁରଦାରୁ, ସ୍ନିଗ୍ଧଦାରୁ, ପୀତଦାରୁ ଓ ସୁରଭୂରୁହ । ଦ୍ୱିତୀୟ ଦେବଦାରୁର ସଂସ୍କୃତ ନାମ—କାଷ୍ଠଦାରୁ । ଦେବଦାରୁ ଗଛକୁ ବଙ୍ଗଳାରେ ଦେବଦାରୁ, ହିନ୍ଦୀରେ ଦେବଦାର ଏବଂ ତେଲୁଗୁରେ ଦେବଦାରୁଚେଟ୍ଟୁ ବୋଲନ୍ତି । ପ୍ରଥମୋକ୍ତ ଦେବଦାରୁ କାଠ ଔଷଧାର୍ଥରେ ବ୍ୟବହୃତ ହୁଏ । ଏହା ତିକ୍ତ, ସ୍ନିଗ୍ଧ ଓ ଉଷ୍ଣବୀର୍ଯ୍ୟ । ଏହାର କ୍ୱାଥ ବା ଚୂର୍ଣ୍ଣ ସେବନ କଲେ ବାତ, କଫ, ଆମଦୋଷ, ମଳାବଦ୍ଧତା, ଅର୍ଶ, ପ୍ରମେହ ଓ ଜ୍ୱର ରୋଗର ଉପଶମ ହୁଏ । ଏହା ଭୂତଦୋଷ, ରକ୍ତପିତ୍ତ, କ୍ରିମି, କୁଷ୍ଠ, ମେଦୋରୋଗ, ଶୋଥ, ହିକ୍କା, ତନ୍ଦ୍ରା, ପୀନସ, କାସ, ବିଷଦୋଷ ଓ ଦୁଷ୍ଟ ବ୍ରଣରୋଗରେ ପ୍ରୟୋଗ କରାଯାଏ । ୧-ଦେବଦାରୁ କାଷ୍ଠର ଚୂର୍ଣ୍ଣ ଓ କ୍ୱାଥ ବାୟୁନାଶକ, ସ୍ୱେଦଜନକ ଓ ମୂତ୍ରନିଃସାରକ । ଏହା ଜ୍ୱର, ଉଦରାଧ୍ମାନ, ଶୋଥ ଓ ଅଶ୍ମରୀ ପ୍ରଭୃତି ବସ୍ତି ସମ୍ବନ୍ଧୀ ପୀଡାରେ ଏବଂ ଔପସର୍ଗିକ ମେହ, ଫିରଙ୍ଗରୋଗ, ବାତ ଓ ଆମବାତ ରୋଗରେ ଦୀର୍ଘକାଳ ରସାୟନ ରୂପରେ ପ୍ରୟୋଗ କରାଯାଏ । ୨-ଦେବଦାରୁ ଚୂର୍ଣ୍ଣ ସହିତ ହଳଦୀ ଓ ଗୁଗ୍‌ଗୁଳ ମିଶାଇ ବେଦନାଯୁକ୍ତ ଶୋଥରେ ଲେପନ କଲେ ବିଶେଷ ଉପକାର ହୁଏ । ୩-ଦେବଦାରୁ ପତ୍ରରସରେ ତୈଳପାକ କରି ଏହି ତୈଳ ମର୍ଦ୍ଦନ କଲେ ଚକ୍ଷୁ ଓ ମସ୍ତିଷ୍କର ଜ୍ୱାଳା ପ୍ରଶମିତ ହୁଏ । **ଦେବଦାରୁ ତୈଳ** ୪-ଦେବଦାରୁ କାଠର ବାଷ୍ପାଗତ ତୈଳ ପୁରାତନ ଚର୍ମରୋଗ, ବାତ, କୁଷ୍ଠ, କର୍ଣ୍ଣଶୂଳ ଓ ବ୍ରଣରୋଗ ହରଣ କରେ । ଦ୍ୱିତୀୟ ପ୍ରକାର କାଷ୍ଠଦେବଦାରୁ—ତିକ୍ତ, ଉଷ୍ଣ ଓ ରୁକ୍ଷ । ଏହା ବାତ, କଫ ଓ ଭୂତାବେଶ ନିବାରଣ କରେ । ବୈଦ୍ୟଶାସ୍ତ୍ରରେ ପ୍ରଥମୋକ୍ତ ଦେବଦାରୁର ବ୍ୟବହାର ଯଥା—**ହିକ୍କା ଶ୍ୱାସରୋଗ**—୫-ଦେବଦାରୁ କାଠର କ୍ୱାଥ ପାନକଲେ ହିକ୍କା ଓ ଶ୍ୱାସ ପ୍ରଶମିତ ହୁଏ । (ଚରକ) **ବିଷମଜ୍ୱର**—୬-କ୍ଷୀରପାକ ବିଧି ଅନୁସାରେ ଦେବଦାରୁ କାଠର କ୍ୱାଥ ପ୍ରସ୍ତୁତ କରି ପାନ କଲେ ବିଷମଜ୍ୱର ନିବାରିତ ହୁଏ । (ସୁଶ୍ରୁତ) । **ଶୋଥରୋଗରେ**—୭-ଗୋମୂତ୍ର ସହିତ ଦେବଦାରୁ କାଠକୁ ବାଟି ପାନକଲେ ଶୋଥ ବିଲୀନ ହୁଏ । (ସୁଶ୍ରୁତ) **କଫକାସେ**—୮—ତ୍ରିକଟୁ ଓ ଯବକ୍ଷାର ସହିତ ଦେବଦାରୁ ତୈଳ ପାନକଲେ କଫକାସ ଶାନ୍ତହୁଏ । (ବାଗ୍‌ଭଟ୍ଟ) **ଗାତ୍ରଦୁର୍ଗନ୍ଧି**—୯—ଦେବଦାରୁ ଓ ଶୁଣ୍ଠୀର ପ୍ରଲେପ ଗାତ୍ରଦୁର୍ଗନ୍ଧରେ ହିତକର । (ହାରୀତ) । **ଶ୍ଲୀପଦରୋଗରେ**—୧୦-ଦେବଦାରୁକୁ ଗୋମୂତ୍ର ସହିତ ବାଟି ଅଳ୍ପ ଉଷ୍ଣ କରି ଲେପନ କଲେ ଶ୍ଲୀପଦରୋଗ ବିନଷ୍ଟ ହୁଏ । (ଚକ୍ରଦତ୍ତ) । **ହୃଦସ୍ଥିତ ବାୟୁରୋଗ**—୧୧-ଦେବଦାରୁ ଓ ଶୁଣ୍ଠୀର କ୍ୱାଥ ଉଷ୍ଣ ଥାଉ ଥାଉ ପାନକଲେ ହୃଦସ୍ଥିତ ଦୁଷ୍ଟ ବାୟୁ ଶାନ୍ତହୁଏ । ( ଭାବପ୍ରକାଶ ) । **ଗଣ୍ଡମାଳାରୋଗେ**—୧୨-ଦେବଦାରୁ କାଠ ଓ ମହାକାଳ ଫଳ ଏକାଠେ ବାଟି ଲେପନକଲେ ଗଳଗଣ୍ଡମାଳା ପ୍ରଶମିତ ହୁଏ । (ବଙ୍ଗସେନ) । **ଶ୍ଲୀପଦରୋଗେ**—୧୩—ଦେବଦାରୁ କାଠର ଚୂର୍ଣ୍ଣ ସୋରିଷତେଲ ସହିତ ସେବନ କଲେ ଶ୍ଲୀପଦରୋଗ ବିନଷ୍ଟ ହୁଏ । (ବଙ୍ଗସେନ) ମାତ୍ରା ଚୂର୍ଣ୍ଣ ୧—୩ ଗ୍ରାମ, କ୍ୱାଥ ୩୦—୬୦ ଗ୍ରାମ, ତୈଳ ୨୦—୪୦ ଟୋପା । **ଦେବଦାରୁ ଆସବ**—ଦେବଦାରୁ ଛାଲିର ବଟା ୫ ସେର, ଜଳ ୫୨ ସେର ଦେଇ କ୍ୱାଥ ପ୍ରସ୍ତୁତ କରିବ । ଚତୁର୍ଥାଂଶ ଶେଷ ରଖି ଓହ୍ଲାଇ ଗୁଣି ଥଣ୍ଡା ହେବାପରେ ହାଣ୍ଡିରେ ଭରଣ କରି, ସେଥିରେ ମହୁ ୧୦ ସେର, ଶୁଦ୍ଧ ଗୁଗ୍‌ଗୁଳ ୮୦ ଗ୍ରାମ, ଧାତୁକିଫୁଲ ୬୫୦ ଗ୍ରାମ । ରାସ୍ନା, କଣ୍ଟକାରୀ, ଦୁରାଳଭା, ତ୍ରିଫଳା, ତ୍ରିକଟୁ, ବିଡଙ୍ଗ, ପ୍ରତ୍ୟେକର ଚୂର୍ଣ୍ଣ ୪୦ ଗ୍ରାମ ମିଶାଇ ଯଥାବିଧି ସନ୍ଧାନ କରି ଏକମାସ ରଖିବ । ପରେ ଛାଣି ବ୍ୟବହାର କରିବ । ମାତ୍ରା—ଅଧ—ଏକ ଆଉନ୍‌ସ । ଅନୁପାନ—ଜଳ । ଏହା ସକଳ ପ୍ରକାର କାସ, ଶ୍ୱାସ, ସନ୍ଧିବାତ ଏବଂ ସନ୍ତତଜ୍ୱର ନାଶକ ।

(ଭୈ, ର, ତ୍ରିବେଦୀ) ।

**୫୦୬-ଦେବତାଡ଼ୀ**—ଘୋଷଲତାଫଳ ଦେଖ ।

**୫୦୭-ଦେବୀଭଲା**—ଏହା ଲଘୁପାକ ହେତୁରୁ ଜ୍ୱର, ଅତିସାର ଓ ଅଗ୍ନିମାନ୍ଦ୍ୟ ରୋଗରେ ପଥ୍ୟ ।

**୫୦୮-ଦ୍ରାକ୍ଷା**—Vitis vinifera. ଦ୍ରାକ୍ଷାର ସଂସ୍କୃତ ପର୍ଯ୍ୟାୟ—ମୃଦ୍ୱୀକା, ଗୋସ୍ତନୀ, ଦ୍ରାକ୍ଷା, ଗୁଚ୍ଛଫଳା ଓ ଗୁଚ୍ଛଫଳା । ଏହାକୁ ବଙ୍ଗଳାରେ କିସ୍‌ମିସ ଓ ମୁନକକା, ହିନ୍ଦୀରେ ଦାଖ, ଆଙ୍ଗୁର ଓ ତେଲୁଗୁରେ ଦ୍ରାକ୍ଷାପଣ୍ଡୁ ବୋଲନ୍ତି । ଆକୃତି ଭେଦରେ ଦ୍ରାକ୍ଷା ଅନେକ ପ୍ରକାର ହେଲେ ମଧ୍ୟ ସେ ଗୁଡ଼ିକର ଗୁଣରେ ବିଶେଷ ପ୍ରଭେଦ ଦେଖାଯାଏ ନାହିଁ । ଦ୍ରାକ୍ଷାଲତାର ପତ୍ର, କାଠ ଓ ଫଳ ଔଷଧାର୍ଥରେ ବ୍ୟବହୃତ ହୁଏ । **ଦ୍ରାକ୍ଷାପତ୍ର**—ଦ୍ରାକ୍ଷା ପତ୍ରର ରସ କଷାୟ ଓ ଅତି-

ସାର ନାଶକ । **ଦ୍ରାକ୍ଷାକାଠ**—ଦ୍ରାକ୍ଷା କାଠକୁ ପାଣିରେ ଘଷି ଦନ୍ତାଗ୍ରରୁ ଓ ଅର୍ଶ ବୃଦ୍ଧିରେ ପ୍ରଲେପ ଦିଆଯାଏ । ଅଶ୍ମରୀ ରୋଗର ପୂର୍ବ ରୂପରେ ଦ୍ରାକ୍ଷା କାଠର ଭସ୍ମ ପ୍ରୟୋଗ କଲେ ଉପକାର ହୁଏ । **ଖାଟାଦ୍ରାକ୍ଷା**—ଏହା ମଧୁର ଓ ଅଳ୍ପ କଷାୟ ରସଯୁକ୍ତ, ଶୀତଳ, ମଧୁର, ବିପାକ, ମଳମୂତ୍ର କାରକ, ପୁଷ୍ଟିକର, ବର୍ଣ୍ଣବର୍ଦ୍ଧକ, କଫପିତ୍ତ ନାଶକ, ଚକ୍ଷୁର ହିତକର ଏବଂ ଜ୍ୱର, ତୃଷ୍ଣା, ଶ୍ୱାସ, ବାତରକ୍ତ, କାମଳା, ମୂତ୍ରକୃଚ୍ଛ୍ର, ରକ୍ତପିତ୍ତ, ଭ୍ରମ, ଦାହ, ଶୋଷ, ମଦାତ୍ୟୟ ଓ ସ୍ୱରଭଙ୍ଗର ଉପଶମ କରେ । କଞ୍ଚା ଓ **ଅଭିପକ୍ୱ ଦ୍ରାକ୍ଷା**— ଅମ୍ଳ ରସ, ... ରକ୍ତପିତ୍ତ ବୃଦ୍ଧି କରେ । **ଦ୍ରାକ୍ଷାସବ**—ଏହା ..., ବୁଦ୍ଧିବର୍ଦ୍ଧକ, ଆନନ୍ଦଦାୟକ, ସନ୍ତୋଷପ୍ରଦ, ..., ... ଉଦ୍ରେଚଜନିତ ବେଦନା, ଅର୍ଶ, ପାଣ୍ଡୁ, କୃମି ... ରୋଗର ଉପକାରକ । ବୈଦ୍ୟଶାସ୍ତ୍ରରେ ଦ୍ରାକ୍ଷାର ବ୍ୟବହାର ଯଥା—**ମୂତ୍ରରୋଧଜନିତ ଜ୍ୱାଳାରେ**—୧— ଦ୍ରାକ୍ଷାର କ୍ୱାଥ ମୂତ୍ରରୋଧଜ ଉଦାବର୍ତ୍ତ ନାଶକରେ । (ସୁଶ୍ରୁତ) । ମଦାତ୍ୟୟଜାତ **ତୃଷ୍ଣାରୋଗରେ**—୨—ମଦାତ୍ୟୟ ରୋଗର ତୃଷ୍ଣା ହେଲେ ଏବଂ ବାତପିତ୍ତର ଆଧିକ୍ୟ ଥିଲେ ଦ୍ରାକ୍ଷା କ୍ୱାଥ ଶୀତଳ କରି ତାକୁ ପାନ କରାଇବ ଏବଂ ଔଷଧ ଜୀର୍ଣ୍ଣ ହେବା ପରେ ମଧୁର ଓ ଅମ୍ଳ ରସ ଯୁକ୍ତ ଛେଳି ମାଂସର ଯୂଷ ସହିତ ଅନ୍ନଭୋଜନ କରାଇବ । (ବାଗ୍‌ଭଟ) । **ମୂତ୍ରକୃଚ୍ଛ୍ର ରୋଗରେ**—୩—ବାସି ପାଣି ସହିତ ଦ୍ରାକ୍ଷା ବାଟି ପାନକଲେ ମୂତ୍ରକୃଚ୍ଛ୍ର ଶାନ୍ତହୁଏ । (ବାଗ୍‌ଭଟ) । **ରକ୍ତପିତ୍ତରୋଗରେ**—୪—ଦ୍ରାକ୍ଷାର କଳ୍କ ଏକତୋଳା ଦଶବର୍ଷର ପୁରୁଣା ଘିଅ ଗୃହି ତୋଳା, ଜଳ ଷୋହଳ ତୋଳା ଯଥାବିଧି ମୃଦୁ ଅଗ୍ନିରେ ପାକ କରିବ । ଏହି ଘୃତ ପାନକଲେ ରକ୍ତପିତ୍ତ ଓ କାମଳାରୋଗ ପ୍ରଶମିତ ହୁଏ । (ଚକ୍ରଦତ୍ତ) **ଗର୍ଭିଣୀଙ୍କ ବାନ୍ତି** ରୋଗରେ—୫—ଦଶ ଗ୍ରାମ ଅଁଳା ଚୂର୍ଣ୍ଣ, ଦଶଗ୍ରାମ ଦ୍ରାକ୍ଷା, ... ଗ୍ରାମ ... । ଏହି ସମସ୍ତ ଏକାଠେ ବାଟି, ବରକୋଳି ପରି ମାତ୍ରା କରିବ । ଏହି **ମାତ୍ରାରୁ ଗୋଟିଏ ଗୋଟିଏ** କରି ... ତା'ର ରସ ଢୋକିଲେ ଦୁଇ ଦିନ ମଧ୍ୟରେ ଗର୍ଭିଣୀର ବାନ୍ତି ବନ୍ଦହୁଏ । (ଶ୍ରୀ ଲକ୍ଷ୍ମଣ ମିଶ୍ର) **ଦ୍ରାକ୍ଷାରିଷ୍ଟ**—ସାଢ଼େ ଛଅକେଜି ଦ୍ରାକ୍ଷାକୁ ୧୨୮ କେଜି ଜଳରେ କ୍ୱାଥ କରିବ । ଯେତେବେଳେ ଚତୁର୍ଥାଂଶ ଜଳ ଅବଶେଷ ରହିବ, ସେତେବେଳେ ତାକୁ ଓହ୍ଲାଇ ଶୀତଳ ହେବାପରେ ଦ୍ରାକ୍ଷାକୁ ଚକଟି କ୍ୱାଥକୁ ଛାଣି ହାଣ୍ଡିରେ ଭରତି କରିବ । ସେଥିରେ ଗୁଡ଼ ୨୫ କେଜି, ଗୁଡ଼ତ୍ୱକ, ଅଳାଇଚ, ତେଜପତ୍ର, ନାଗେଶ୍ୱର, ପ୍ରିୟଙ୍ଗୁ, ମରିଚ, ପିପ୍‌ପଳୀ, ବିଡ଼ଙ୍ଗ, ପ୍ରତ୍ୟେକର ଚୂର୍ଣ୍ଣ ୮୦ ଗ୍ରାମ ଏବଂ ଧାତକୀ ଫୁଲର ଚୂର୍ଣ୍ଣ ଏକକେଜି ପକାଇ, ଯଥାବିଧି ସନ୍ଧାନ କରି ପନ୍ଦର ଦିନ ଠାରୁ କୋଡ଼ିଏ ଦିନ ରଖିବ, ପରେ ଛାଣି ବ୍ୟବହାର କରିବ । ମାତ୍ରା—୧—୨ ଆଉନ୍ସ । ଅନୁପାନ— ଜଳ । ଏହା ଭିନ୍ନ ରୋଗ ଲିଖିତ ଅନୁପାନ ଚୂର୍ଣ୍ଣ ଏବଂ ଭସ୍ମାଦି ସହିତ ସେବନ କଲେ କାସ, ଶ୍ୱାସ, ଯକ୍ଷ୍ମା, ଅରୁଚି, ଦୁର୍ବଳତା, କାମଳା, ରକ୍ତପିତ୍ତ, ଉରଃକ୍ଷତ, ପ୍ରମେହ, ମାଂସକ୍ଷୟ, ଗଣ୍ଡମାଳା, ହୃଦ୍‌ରୋଗ, ପ୍ରଦର, କୁଷ୍ଠ ଓ ଗଳରୋଗ ବିନଷ୍ଟ ହୁଏ ।

( ଅଭିନବ ଧନ୍ୱନ୍ତରି )

**ଇତି ବୈଦ୍ୟବାଚସ୍ପତି ପଣ୍ଡିତ ଭକ୍ତବନ୍ଧୁ ଧର ଶର୍ମ୍ମଣା ବିରଚିତଂ**
**ଶ୍ରେଷ୍ଠସୁନନ୍ଦା ପ୍ରକାଶିତଂ ଦ୍ରବ୍ୟଗୁଣ କଳ୍ପଦ୍ରୁମ ଗ୍ରନ୍ଥସ୍ୟ ପୂର୍ବାର୍ଦ୍ଧମ୍ ।**

ମୁଦ୍ରାକର—ଶ୍ରୀ କାଶୀନାଥ ସାହୁ ଶାନ୍ତି ପ୍ରେସ୍, ବ୍ରହ୍ମପୁର-୬ (ଗଞ୍ଜାମ)

## ବୈଦ୍ୟ ବାଚସ୍ପତି ପଣ୍ଡିତ ୬ ବ୍ରଜବନ୍ଧୁ ତ୍ରିପାଠୀକୃତ ଭାରତର ଅପୂର୍ବ ଅଦ୍ୱିତୀୟ ବରିଷ୍ଠ ବୈଦ୍ୟଙ୍କ ଗ୍ରନ୍ଥ

# ଅଭିନବ ଧନ୍ୱନ୍ତରି

ପ୍ରବୀଣ ଗ୍ରନ୍ଥକାର ଦୀର୍ଘକାଳ ଆୟୁର୍ବେଦ ଅଧ୍ୟୟନ ଓ ଅଧ୍ୟାପନା କରି ୪୦ ବର୍ଷକାଳ ବହୁବିଧ ରୋଗୀ ଚିକିତ୍ସା କରିବା ପରେ ଆୟୁର୍ବେଦୀୟ କାୟ ଚିକିତ୍ସାର ପୋଷଣ ଓ ଦେଶକାଳୋଚିତ ତା'ର ସଂସ୍କାର ନିମନ୍ତେ ବେଦ, ଉପନିଷଦ, ପୁରାଣ, ଇତିହାସ, ଧର୍ମ ଶାସ୍ତ୍ର, ତନ୍ତ୍ର, ଯୋଗ କର୍ମକାଣ୍ଡ ଜ୍ୟୋତିଷ, ସାଂଖ୍ୟ, ବୌଦ୍ଧ ଆଦି ଦର୍ଶନ, ପୁଣି ରସାୟନ, ବିଜ୍ଞାନ ଓ ଭୂଗୋଳାଦି ଶାସ୍ତ୍ର ଏବଂ ସଂସ୍କୃତ ପ୍ରାକୃତ ବିବିଧ ଭାଷା ଲିଖିତ ନବୀନ ପ୍ରାଚୀନ ଆୟୁର୍ବେଦ ବିଷୟକ ଗ୍ରନ୍ଥ ଆଲୋଚନା ପୂର୍ବକ ଏହି ବୈଜ୍ଞାନିକ ବିଚାର ଓ ଗବେଷଣାପୂର୍ଣ୍ଣ ଗ୍ରନ୍ଥ ପ୍ରଣୟନ କରିଛନ୍ତି ।

### ପ୍ରଥମ ଭାଗ

ଏଥିରେ ଆୟୁର୍ବେଦର ପ୍ରାୟ ଦଶ ପନ୍ଦର ହଜାର ବର୍ଷ ତଳର ଇତିହାସ, ଶିବ ବ୍ରହ୍ମାଦି ଦେବ, ବୈଦ୍ୟମାନଙ୍କର ନିବାସ ଓ ଆବିର୍ଭାବ କାଳ ନିରୂପଣ, ଆୟୁର୍ବେଦ ପ୍ରବର୍ତ୍ତକ ଇନ୍ଦ୍ର ଆଦି ଦେବର୍ଷି, ଭରଦ୍ୱାଜ ଆଦି ବ୍ରହ୍ମର୍ଷି ଏବଂ ଧନ୍ୱନ୍ତରି ପ୍ରଭୃତି ରାଜର୍ଷି ମାନଙ୍କର ନିବାସ ପରିଚୟ ଭୂସ୍ୱର୍ଗର ବିବରଣ, ତତ୍କାଳୀନ ଭୂଗୋଳ ବିଭାଗ ପୂର୍ବଗୋଳାର୍ଦ୍ଧବାସୀ ଦେବତା ଓ ଋଷିମାନଙ୍କର ଦେଶ ବିଦେଶରେ ଆୟୁର୍ବେଦ ପ୍ରଚାର, ଦେବରାଜ ଇନ୍ଦ୍ରଙ୍କ ସହିତ ପଶ୍ଚିମ ଗୋଳାର୍ଦ୍ଧର ଅଧିପତି ଅସୁରରାଜ ବରୁଣଙ୍କର ସୋମ ଔଷଧି ନିମିତ୍ତକ ଯୁଦ୍ଧ ତତ୍କାଳରେ ଦେବଦାନବ ମାନଙ୍କର ତନ୍ତ୍ର ମନ୍ତ୍ର ଯନ୍ତ୍ର ସିଦ୍ଧି, ଅସୁର ମାନଙ୍କର ସୁରାପାନ ପ୍ରଚଳନ, ମହାଭାରତ ଯୁଦ୍ଧପରେ ଆୟୁର୍ବେଦ ଆଦି ଶାସ୍ତ୍ର ଧ୍ୱଂସ, ପୁଣି ବୌଦ୍ଧ ଯୁଗରେ ଆୟୁର୍ବେଦୀୟ ରସ ବିଦ୍ୟାର ଅଭ୍ୟୁଦୟ ଓ ପ୍ରଚାର, ବର୍ତ୍ତମାନ ବହୁ ଆୟୁର୍ବେଦର ସ୍ଥିତି ଭବିଷ୍ୟତ ପରିଣତି ଇତ୍ୟାଦି ଗବେଷଣାପୂର୍ଣ୍ଣ ବିସ୍ତୃତ ପୁରାବୃତ୍ତ ଗ୍ରନ୍ଥର ଅବତରଣିକାରେ ଲେଖାଯାଇଛି । ତା'ର ପରେ ସଂକ୍ଷେପରେ ଆୟୁର୍ବେଦୀୟ ଶରୀର ତତ୍ତ୍ୱବିଜ୍ଞାନ, ଅଗ୍ନିସୋମ ତତ୍ତ୍ୱ ନିରୂପଣ, ବାହ୍ୟ ଜଗତରେ ଥିବା ଭୌତିକାଗ୍ନି ଏବଂ ଶରୀର ମଧ୍ୟରେ ଥିବା ବ୍ରହ୍ମାଗ୍ନିର ସ୍ୱରୂପ ବିବରଣ, ଶରୀରସ୍ଥ କର୍ମପୁରୁଷର ପରିଚୟ, ସ୍ଥୂଳ, ସୂକ୍ଷ୍ମ ଓ କାରଣ ଶରୀରସ୍ଥ ଧାତୁମାନଙ୍କର ପ୍ରକୃତି ବିକୃତି ନିରୂପଣ, ଜ୍ଞାନବିଜ୍ଞାନ ଚର୍ଚ୍ଚା ଦ୍ୱାରା ମରଣ ବିଜୟ, ଆୟୁର୍ଦାୟ ବିଚାର, ଯୁଗଧର୍ମ, ବିପର୍ଯ୍ୟୟ ଓ ଆୟୁକ୍ଷୟ, ଅସ୍ୱାସ୍ଥ୍ୟ, ଅକାଳମୃତ୍ୟୁ ଓ ଜନପଦ ଧ୍ୱଂସ କାରଣ ଅଧର୍ମ ସମ୍ବନ୍ଧରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ବିଦ୍ୱାନ୍ ମାନଙ୍କର ମତସଂଗ୍ରହ, ପ୍ରଜ୍ଞାପରାଧ ଜାତ ଅଧର୍ମରୁ ମାନବ ସମାଜର ଅସ୍ୱାସ୍ଥ୍ୟ ହିନ୍ଦୁ ସମାଜର ବୁଦ୍ଧି ଦୋଷ ଜାତ କ୍ଷୟରୋଗ, ସ୍ୱାସ୍ଥ୍ୟରକ୍ଷାର ଅନୁକୂଳ ସାର୍ବଭୌମ ମାନବ ଧର୍ମର ସ୍ୱରୂପ, ଆମର ଧର୍ମ ନିରପେକ୍ଷ ରାଷ୍ଟ୍ରର ବର୍ତ୍ତମାନ ସ୍ୱାସ୍ଥ୍ୟ ସମସ୍ୟା, ଆୟୁର୍ବେଦୋକ୍ତ, ଦୈବବ୍ୟପାଶ୍ରୟ, ସତ୍ତ୍ୱାବଜୟ ଓ ଯୁକ୍ତିବ୍ୟପାଶ୍ରୟ ଚିକିତ୍ସାର ସଂକ୍ଷେପରେ ପରିଚୟ, ସ୍ୱସ୍ଥ ବୃତ୍ତ, ସଦାଚାର, ସ୍ୱାସ୍ଥ୍ୟରକ୍ଷାର ସରଳ ନିୟମ, ଆୟୁ ଓ ଆରୋଗ୍ୟ ବର୍ଦ୍ଧକ ଆହାର ବିହାର ସର୍ବରୋଗ ନିବୃତ୍ତି ଓ ଚରମ ସ୍ୱାସ୍ଥ୍ୟ ପ୍ରାପ୍ତିର ଉପାୟ ଇତ୍ୟାଦି ବହୁବିଷୟ ପ୍ରାଚ୍ୟ ପାଶ୍ଚାତ୍ୟ ଦର୍ଶନ ଓ ବିଜ୍ଞାନର ସିଦ୍ଧାନ୍ତର ଆଧାରରେ ଯୁକ୍ତି ଓ ପ୍ରମାଣ ସହିତ ଏଥିରେ ସନ୍ନିବେଶିତ ହୋଇଅଛି । ଏହାର ମୂଲ୍ୟ ଟ ୧୦-୫୦ ପଇସା ।

### ଅଭିନବ ଧନ୍ୱନ୍ତରି

ଓଡ଼ିଶାର ଜ୍ଞାନବୟୋବୃଦ୍ଧ ବରିଷ୍ଠ ପଣ୍ଡିତମାନଙ୍କ କର୍ତ୍ତୃକ ପ୍ରଶଂସିତ, ପ୍ରାଚ୍ୟ ଓ ପାଶ୍ଚାତ୍ୟ ବୈଜ୍ଞାନିକ

ବନ୍ଧୁର ପୂର୍ଣ୍ଣ, ବର୍ତ୍ତମାନ ଗ୍ରାମସ୍ୱରାଜ୍ୟ ପ୍ରତିଷ୍ଠାର ପରମ ଉପଯୋଗୀ ଏବଂ ସର୍ବସାଧାରଣଙ୍କର ଏକାନ୍ତ ଉପାଦେୟ ।

## ଦ୍ୱିତୀୟ ଭାଗ

[ସ୍ୱାଧୀନ ଚିକିତ୍ସା ବିଜ୍ଞାନ]

ଏଥିରେ ସର୍ବ ପ୍ରଥମେ ସ୍ୱାସ୍ଥ୍ୟରକ୍ଷା ଓ ରୋଗମୁକ୍ତି ଈଶ୍ୱର ପ୍ରାର୍ଥନା ଏବଂ ସେଥି ସମ୍ବନ୍ଧେ ପ୍ରାଚ୍ୟ ପାଶ୍ଚାତ୍ୟ ବୈଜ୍ଞାନିକ ଯୋଗୀମାନଙ୍କର ଅନୁଭୂତ ପ୍ରଭାବ, ତା'ର ପରେ ଆୟୁର୍ବେଦ ଚିକିତ୍ସା ବିଜ୍ଞାନର ଆଧାର ପୀଠର ରେଖାଚିତ୍ର, ପ୍ରାଚୀନ ଓ ଆଧୁନିକ ମାନ ପରିଭାଷାର ବିସ୍ତୃତ ବିବରଣ, ପ୍ରାଚୀନ କଳିଙ୍ଗ ମାନ ପରିଭାଷାର ବିଶଦ ଦେଖାଦେଇ, ସଚିତ୍ର ରୋଗର ପରିଚୟ ଏବଂ ସର୍ବ ସାଧାରଣର ସମସ୍ତ ରୋଗରେ ବ୍ୟବହାରାର୍ଥେ କୋଟିଏ ରୋଗରେ ଗୋଟିଏ ମାତ୍ର ସରଳ ଔଷଧ "ଅଗ୍ନିତୁଣ୍ଡି ରସ"ର ଅନୁପାନ ଭେଦରେ ପ୍ରୟୋଗ ଓ ପ୍ରସ୍ତୁତ ବିଧି ପ୍ରଦତ୍ତ ହୋଇଅଛି । ଗ୍ରନ୍ଥର ଆରମ୍ଭରେ ଚିକିତ୍ସା ବିଜ୍ଞାନର ସଂକ୍ଷିପ୍ତ ସାର ତ୍ରିଗୁଣ ଓ ତ୍ରିଦୋଷବାଦ ନିରୂପିତ ଆୟୁର୍ବେଦର ବିସ୍ତୃତ ସୂଚୀ, ତା'ର ପରେ ଅଦ୍ୟାବଧି ଅଜ୍ଞାତ କ୍ରମରେ ଅଗ୍ନିମାନ୍ଦ୍ୟ ରୋଗଠାରୁ ଆରମ୍ଭ କରି କ୍ଷୟରୋଗ ପର୍ଯ୍ୟନ୍ତ ପୁରାତନ ଓ ନୂତନ ସମସ୍ତ ରୋଗମାନଙ୍କର ନିଦାନଲକ୍ଷଣ ଓ ନାଡ଼ୀଭେଦର ପରିଚୟ ସହିତ ସେହି ସେହି ରୋଗମାନଙ୍କର ବହୁ ପରୀକ୍ଷିତ ସହଜ ସୁଲଭ ଓ ଶସ୍ତା ବନୌଷଧିମାନଙ୍କ ଦ୍ୱାରା ଚିକିତ୍ସା ବିଧି ଏବଂ ଶାସ୍ତ୍ରପ୍ରସିଦ୍ଧ ଓ ବୃଦ୍ଧ ବୈଦ୍ୟ-ମାନଙ୍କର ପରମ୍ପରାନୁଭୂତ ଅଳ୍ପ ମୂଲ୍ୟ ବିବିଧ ଔଷଧ-ମାନଙ୍କର ପ୍ରୟୋଗ ସୂଚନା ଏବଂ ପ୍ରତ୍ୟେକରୋଗର ପଥ୍ୟା ପଥ୍ୟ ବିଧି ମଧ୍ୟ ଉପଦିଷ୍ଟ ହୋଇଅଛି; ଏହାଛଡ଼ା ବାଳକମାନଙ୍କର ଗ୍ରହାବେଶ (ପିଲ୍ଲକା ବା ଅନାସି ରୋଗ) ସ୍ତ୍ରୀମାନଙ୍କର ସମସ୍ତ ଭୂତ, ପ୍ରେତ, ଡାକିନୀ ପ୍ରଭୃତିରେ ଆବେଶ ଜନିତ ଉନ୍ମାଦ ରୋଗ, ୮୦ ପ୍ରକାର ବାତ ବିକାର ୪୦ ପ୍ରକାର ପିତ୍ତ ବିକାର, ୭୦ ପ୍ରକାର କଫ ବିକାର ଏବଂ ସର୍ପ ଆଦି ବିଷଧର ଜନ୍ତୁମାନଙ୍କର ଦଂଶନ ଜନିତ ବିଷ ବିକାରମାନଙ୍କର ଚିକିତ୍ସା— ଏଥିରେ ପରୀକ୍ଷା ପୂର୍ବକ ବିଶଦଭାବରେ ବର୍ଣ୍ଣିତ ହୋଇ ଅଛି ଏବଂ ଏହି ଗ୍ରନ୍ଥରେ ପ୍ରସଙ୍ଗ ଅନୁରୋଧରେ ଆତ୍ମ ବିଜ୍ଞାନ, ମନୋବିଜ୍ଞାନ ଶରୀର ବିଜ୍ଞାନ ଏବଂ ମାନ୍ତ୍ରିକ ଚିକିତ୍ସାର ରହସ୍ୟ ମଧ୍ୟ ପ୍ରତିପାଦିତ ହୋଇଅଛି, ଏହିପରି ଗ୍ରନ୍ଥ କେବଳ ଆମର ଓଡ଼ିଆ ଭାଷାରେ କାହିଁକି ? ସମଗ୍ର ଭାରତବର୍ଷର କୌଣସି ପ୍ରାକୃତ ଭାଷାରେ ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । ଅଧିକ କ ଗ୍ରନ୍ଥକାରଙ୍କର ୫୦ବର୍ଷ ବ୍ୟାପୀ କଠୋର ତପସ୍ୟା ବା ଆୟୁର୍ବେଦ ଗବେଷଣାର ଫଳ ଏହା ମୃତ୍ୟୁ ମୁଖ-ଲଗ୍ନ ଆୟୁର୍ବେଦକୁ ବଞ୍ଚାଇବାର ଉପାୟ ଏବଂ କ ପଣ୍ଡିତ, କ ମୂର୍ଖ, କ ଯୋଗୀ କ ଭୋଗୀ, କ ରୋଗୀ ସମସ୍ତଙ୍କର ପଢ଼ିବା ଯୋଗ୍ୟ ଗ୍ରନ୍ଥ । ଏହି ଗ୍ରନ୍ଥ ଯା'ର ପାଖରେ ଅଛି, ସେ ବିନା ବୈଦ୍ୟ ସାହାଯ୍ୟରେ ସମସ୍ତ ରୋଗର ଚିକିତ୍ସା କରିପାରେ ଏଥିରେ ସନ୍ଦେହ ନାହିଁ । ଏହି ବୃହତ ଗ୍ରନ୍ଥର ମୂଲ୍ୟ ୨୦ ଟଙ୍କା ମାତ୍ର ।

## ଅଭିନବ ଧନ୍ୱନ୍ତରି

### ତୃତୀୟ ଭାଗ

[ଅନୁଭୂତ ପ୍ରୟୋଗ ବିଜ୍ଞାନ]

ଏହି ଗ୍ରନ୍ଥରସଂକ୍ଷିପ୍ତ ପରିଚୟ ଏହି ଯେ ଏଥିରେ ପ୍ରଥମେ ପାର ପ୍ରଭୃତି ରସ ଉପରସ, ଧାତୁ ଉପଧାତୁ ବିଷ, ଓ ଉପବିଷମାନଙ୍କର ସହଜ ପ୍ରଣାଳୀରେ ଶୋଧନ ବିଧି ବର୍ଣ୍ଣିତ ହୋଇଅଛି । ତାର ପରେ ତୈଳ ଓ ଘୃତପାକ ବିଧି, ବନୌଷଧିମାନଙ୍କର ସତ୍ତ୍ୱ ନିଷ୍କାସନ ଓ କ୍ଷାରନିର୍ମାଣବିଧି, ଆସବ ଓ ଅରିଷ୍ଟ ପ୍ରସ୍ତୁତ ବିଧି, ବଟିକା ଅର୍କ ଓ ମୋଦକାଦି ପ୍ରସ୍ତୁତ ବିଧି, ଔଷଧ ପ୍ରସ୍ତୁତ ବିଷୟରେ ଆବଶ୍ୟକ ସୂଚନା, ଏବଂ ଦୁରୂହ ରୋଗମାନଙ୍କର ଚିକିତ୍ସା ସମ୍ବନ୍ଧେ ଆବଶ୍ୟକ ସୂଚନା ପ୍ରଦାନପୂର୍ବକ ସ୍ୱଦେଶୀ, ବିଦେଶୀ ବୃଦ୍ଧ ବୈଦ୍ୟମାନଙ୍କର କୁଳ ପରମ୍ପରା କ୍ରମେ ଆବହମାନ କାଳରୁ ପରୀକ୍ଷିତ ଅତି ଗୋପନୀୟ ରସ, ଭସ୍ମ ବଟିକା ମୋଦକ, ଆସବ, ତୈଳଆଦି ଅନୁଭୂତ ପ୍ରୟୋଗ

ସବୁ ଅକପଟ ଭାବରେ ଅକାରାଦି ଅକ୍ଷର କ୍ରମରେ ଉପଦିଷ୍ଟ ହୋଇଅଛି । ଅଧିକ କି, ବର୍ତ୍ତମାନ ଆପାତ ରମଣୀୟ ବିଦେଶୀ ଚିକିତ୍ସାର ବ୍ୟାମୋହ ଓ ପ୍ରଲୋଭନରେ ଭାରତ ଶାଶ୍ୱତ ସନାତନ ଆୟୁର୍ବେଦ ଚିକିତ୍ସାକୁ ଉପେକ୍ଷା କରୁଥିବା ରୋଗ, ଦାରିଦ୍ର୍ୟ, ଅଜ୍ଞାନ ନିପୀଡ଼ିତ ଜନତାର କଲ୍ୟାଣ ନିମନ୍ତେ ଦୀର୍ଘକାଳ ଦୂରଦର୍ଶୀ, ବହୁଦର୍ଶୀ, ଆୟୁର୍ବେଦ ଶାସ୍ତ୍ର ସାଗର ମନ୍ଥନ କରି, ଧନୀ ଦରିଦ୍ର ସମସ୍ତଙ୍କର ଉପଯୋଗୀ ଏହି ଅମୃତ ସ୍ୱରୂପ "ଅନୁଭୂତ ପ୍ରୟୋଗ ବିଜ୍ଞାନ" ଗ୍ରନ୍ଥ ବହୁ ପରିଶ୍ରମରେ ପ୍ରଣୟନ କରାଯାଇଅଛି । ଏହାର ପରିଶିଷ୍ଟ ଭାବରେ ଦିବ୍ୟ ପ୍ରାର୍ଥିକ ଓ ଜର୍ମାନ୍ ରସାୟନ ପ୍ରକରଣ ଏବଂ ପ୍ରୟୋଗ ସୂକ୍ତମାଳା, ଗୁପ୍ତ ଔଷଧ ରତ୍ନମାଳା ଓ ଧନ୍ୱନ୍ତରୀ ବ୍ରତବିଧାନ ସନ୍ନିବେଶିତ ହୋଇଅଛି ।

ଏହି ବିରାଟ ଗ୍ରନ୍ଥର ମୂଲ୍ୟ ୨୦ ଟଙ୍କା ମାତ୍ର ।

## ଗ୍ରନ୍ଥକାରଙ୍କ କୃତ ପ୍ରକାଶିତାପ୍ରକାଶିତ ଗ୍ରନ୍ଥ ସମୂହ

୧ । ଜ୍ୱର ନିଦାନ ରହସ୍ୟ (ଦ୍ୱିତୀୟ ସଂସ୍କରଣ)
୨ । ଔଷଧ ଚିନ୍ତାମଣି (ଚତୁର୍ଥ ଭାଗ)
ତୃତୀୟ ସଂସ୍କରଣ
୩ । ନେତ୍ରରୋଗ ଚିକିତ୍ସା (ଦ୍ୱିତୀୟ ସଂସ୍କରଣ)
୪ । ଦନ୍ତରୋଗ ଚିକିତ୍ସା (ଦ୍ୱିତୀୟ ସଂସ୍କରଣ)
୫ । ପଞ୍ଚ ଶତକ (ଅପ୍ରକାଶିତ)
୬ । ଗୃହସ୍ଥର ବୈଦ୍ୟ
୭ । ରୋଗ ବିଜ୍ଞାନ
୮ । ରୋଗ ପରୀକ୍ଷା
୯ । ଚିକିତ୍ସାର୍ଣ୍ଣବ

## ରୋଗ ଚିକିତ୍ସା ସମ୍ବନ୍ଧେ ବିଜ୍ଞାପନ

ଆମ୍ଭର ଚିକିତ୍ସାଳୟରେ ଅସ୍ତ୍ରୋପଚାର ସାଧ୍ୟ ରୋଗମାନଙ୍କ ଛଡ଼ା ସକଳ ପ୍ରକାର ବାତରୋଗ କୁଷ୍ଠ, ଯକ୍ଷ୍ମା, ପ୍ରମେହ, ଶ୍ୱାସ, କାସ, ଗ୍ରହଣୀ, ଉଦର, ଗଳଗଣ୍ଡ, ଗଣ୍ଡମାଳା, ବ୍ରଣ, ଉପଦଂଶ, ଭଗନ୍ଦର, ଅର୍ବୁଦ, ଅର୍ଶ ପ୍ରଭୃତି ଜଟିଳ ଓ ଜୀର୍ଣ୍ଣ ରୋଗମାନଙ୍କର ବିଶେଷତଃ ସର୍ପ ବିଷ; ମୂଷିକ ବିଷ, କାମ୍ୟାକୁକୁର ଓ ବାଆବିଲୁଆର ବିଷ ଭୂତ ପ୍ରେତ, ଡାକିନୀ ପ୍ରଭୃତି ଗ୍ରହମାନଙ୍କର ଆବେଶ ଜନିତ ସ୍ତ୍ରୀ ଓ ପୁରୁଷର ଉନ୍ମାଦ, କାମୋନ୍ମାଦ, ଗର୍ଭୋନ୍ମାଦ ସୂତିକା ଦୋଷାଶ୍ରିଆ ଉନ୍ମାଦ ସନ୍ନିପାତ, ବାଳକମାନଙ୍କର କୁକୁନି ପିଠୁଳା ଓ ଅନାସି ରୋଗ ଏବଂ ସ୍ତ୍ରୀମାନଙ୍କର ବନ୍ଧ୍ୟାରୋଗ ଅର୍ଥାତ୍ ଜନ୍ମବନ୍ଧ୍ୟା, କାକବନ୍ଧ୍ୟା ମୃତ-ବତ୍ସାଦି ଯୋନିରୋଗ, ଶ୍ୱେତରକ୍ତ ପ୍ରଦର, ପ୍ରଭୃତିର ଚିକିତ୍ସା କରାଯାଇଥାଏ । ଡାକ୍ତରୀ ଚିକିତ୍ସାରେ ହତାଶ ହୋଇଥିବା ଅନେକ ପୁରାତନ ଜଟିଳ ରୋଗୀ ଆମର ଚିକିତ୍ସାରେ ଆରୋଗ୍ୟ ଲାଭକରି ଉପଯୁକ୍ତ ଧନ ଓ ସମ୍ମାନ ଦାନଦ୍ୱାରା ଆମ୍ଭଙ୍କୁ ପୁରସ୍କୃତ କରିଅଛନ୍ତି । ଏବାଦେ ଗ୍ରହ ବୈଗୁଣ୍ୟ ଜାତ ବିକାରମାନଙ୍କର ଶାନ୍ତି ନିମନ୍ତେ କେହି ଯଦି ମାନ୍ତ୍ରିକ ଚିକିତ୍ସା ଅର୍ଥାତ୍ ଗ୍ରହଯଜ୍ଞ ଚଣ୍ଡୀପ୍ରୟୋଗ, ଶତରୁଦ୍ର ପ୍ରୟୋଗ, ପଞ୍ଚାଙ୍ଗସ୍ୱସ୍ତ୍ୟୟନ ଓ ଅପାମାର୍ଜନ ପ୍ରୟୋଗାଦି ଶାନ୍ତି କର୍ମ କରାଇବାକୁ ଚାହାନ୍ତି, ତେବେ ଆମ୍ଭେ ଉପଯୁକ୍ତ ନୈଷ୍ଠିକ ବ୍ରାହ୍ମଣ ବାଛି, ସେହି ଯଜ୍ଞରେ ବିଧି ଦର୍ଶକ ସଦସ୍ୟରୂପେ ସେମାନଙ୍କ ସହିତ ଯୋଗଦେଇ ଯଥାବିଧି ସେହି ଯଜ୍ଞକ୍ରିୟା ନିର୍ବାହ କରିଥାଉଁ ।

## ବିଦେଶୀ ରୋଗୀମାନଙ୍କ ପ୍ରତି

ଯଦି କେହି ବିଦେଶୀ ରୋଗୀ ଆମ୍ଭ ନିକଟରେ ରହି ଚିକିତ୍ସିତ ହେବାକୁ ଚାହାନ୍ତି, ତେବେ ତାଙ୍କର ରହିବା ସକାଶେ ଔଷଧାଳୟ ନିକଟରେ ଉପଯୁକ୍ତ ସ୍ଥାନ ବନ୍ଦୋବସ୍ତ କରାଯାଇ ପାରିବ । ଏଠାରେ ଜଳବାୟୁ ଉତ୍ତମ ।

ଯଦି ବିଦେଶୀ ରୋଗୀମାନେ ନିଜ ଗ୍ରାମରେ ରହି ଆମ୍ଭ ଦ୍ୱାରା ଚିକିତ୍ସିତ ହେବାକୁ ଚାହାନ୍ତି, ତେବେ ସେ ବୈଦ୍ୟଙ୍କୁ ଡାକିଆଣି ଆପଣାର ନାଡ଼ୀ ପରୀକ୍ଷା କରାଇବା ବିଛି ଦରକାର ନାହିଁ । କାରଣ କି, ରୋଗର ପରୀକ୍ଷା କେବଳ ନାଡ଼ୀ ଦେଖାଇବା ଉପରେ ନିର୍ଭର କରେ ନାହିଁ । ରୋଗ ନିରୂପଣ କରାଇବାକୁ ହେଲେ ରୋଗର ଲକ୍ଷଣ ଏବଂ ରୋଗର ଆମୂଳ ସମସ୍ତ ବୃତ୍ତାନ୍ତ ବୈଦ୍ୟଙ୍କୁ ବୁଝାଇବା ଆବଶ୍ୟକ ।

ଯଦି ରୋଗୀ ପ୍ରଥମେ ଆମ୍ଭଦ୍ୱାରା ରୋଗ ନିର୍ଣ୍ଣୟ କରାଇ ଔଷଧ ସେବନ କରିବାକୁ ଚାହାନ୍ତି, ତା' ହେଲେ ସୁନ୍ଦର ଓଡ଼ିଆ ଅକ୍ଷରରେ ନିମ୍ନଲିଖିତ ପ୍ରଶ୍ନ ମାନଙ୍କର ଉତ୍ତର ଆମ ନିକଟକୁ ଲେଖି ପଠାଇବାକୁ ହେବ ।

୧ ରୋଗ ଜାତ ହେବାର କାରଣ କ'ଣ ?
୨ ପ୍ରଥମେ ରୋଗରେ କି କି ଲକ୍ଷଣ ଦେଖାଗଲା ?
୩ ବର୍ତ୍ତମାନ ରୋଗର ଲକ୍ଷଣ ଓ ଅବସ୍ଥା କିପରି ?
୪ ରୋଗୀ ସ୍ତ୍ରୀ ନା ପୁରୁଷ ?
୫ କେତେ ଦିନର ରୋଗ ?
୬ ରୋଗୀର ବଳ କିପରି ଅଛି ?
୭ କ୍ଷୁଧା ଓ ନିଦ୍ରା କିପରି ହୁଏ ?
୮ ପ୍ରତିଦିନ ଝାଡ଼ା ପରିଷ୍କାର ହୁଏ କି ?
୯ ରୋଗୀର ବୟସ କେତେ ?
୧୦ ରୋଗ ଅଣ୍ଡା ସମୟରେ ବଢ଼େ ନା ଗରମ ସମୟରେ ?
୧୧ ବୈଦ୍ୟ ଓ ଡାକ୍ତରମାନେ ଏହାକୁ କି ରୋଗ ବୋଲି ନିର୍ଣ୍ଣୟ କରନ୍ତି ?
୧୨ ରୋଗୀ କି କି ଔଷଧ ସେବନ କରି କି ଫଳ ପାଇଛନ୍ତି ?

ରୋଗୀ ଯଦି ସ୍ତ୍ରୀ ହୋଇଥାନ୍ତି, ତେବେ ପୂର୍ବୋକ୍ତ ପ୍ରଶ୍ନ ମାନଙ୍କର ଉତ୍ତର ସହିତ ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଲେଖି ପଠାଇବାକୁ ହେବ ।

୧ ମାସିକ ଋତୁ ଠିକ୍ ସମୟରେ ହୁଏ କି ?
୨ ଋତୁ କାଳରେ ରକ୍ତସ୍ରାବ ଅଧିକ ହୁଏ କି ଊଣା ?
୩ ଋତୁ ରକ୍ତର ବର୍ଣ୍ଣ କଳା କି ?
୪ ପ୍ରଦର ରୋଗ ଅଛି କି ?
୫ ସ୍ତ୍ରୀ ଗର୍ଭବତୀ କି ?
୬ ଦୁଧପିଆ ସନ୍ତାନ କୋଳରେ ଅଛି କି ?

ଉତ୍ତର ଲେଖି ପଠାଇବା ନିମନ୍ତେ ଗୋଟିଏ ପଇସାର ଡାକଟିକଟ ଆମ ନିକଟକୁ ପଠାଇବାକୁ ହେବ । ଆମ୍ଭେ ରୋଗର ନିଦାନ ଓ ତାର ଉପଯୁକ୍ତ ଔଷଧ ଲେଖି ପଠାଇବୁ । ରୋଗୀ ଦୂରରେ ଥିଲେ ମଧ୍ୟ ଆମ୍ଭଙ୍କୁ ନିଜର ଗୃହ ଚିକିତ୍ସକ ବୋଲି ଭାବିବାକୁ ହେବ ।

ଯଦି ଔଷଧ ସେବନ କରି କୌଣସି ଫଳାଫଳ ଜଣା ନ ଯାଏ, ତେବେ ହତାଶ ହୋଇ ଶୀଘ୍ର ତାକୁ ଛାଡ଼ିଦେବା ଠିକ୍ ନୁହେଁ; କାରଣ କି, ରୋଗ ଯେତେ ପୁରୁଣା ହୁଏ, ତାକୁ ଘୁଞ୍ଚାଇବାକୁ ସେତିକି ଡେରି ହୁଏ ।

ଆଉ ଗୋଟିଏ କଥା, ଯେଉଁ ରୋଗ ମହା-ଦୋଷରୁ ଉତ୍ପନ୍ନ ଓ ଅସାଧ୍ୟ ତାର କୌଣସି ଉପାୟ ନାହିଁ ସେପରି ରୋଗୀ ସମ୍ବନ୍ଧେ ବୃଥାରେ ପତ୍ର ଲେଖା-ଲେଖି କରିବା ନିଷ୍ପ୍ରୟୋଜନ । ରୋଗୀର ଇଚ୍ଛା ହେଲେ ଆମ୍ଭଙ୍କୁ ସେଠାକୁ ଡକାଇ ନେଇପାରନ୍ତି, ଅଥବା ସ୍ୱୟଂ ଏଠାକୁ ଆସିପାରନ୍ତି ।

ରୋଗୀ ମାନଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଆମ୍ଭେ ସର୍ବଦା ପ୍ରସ୍ତୁତ । ଆମ୍ଭଙ୍କୁ ଯାହା କିଛି ପଚାରି-ବାର କଥା, ତାହା ନିଃସନ୍ଦେହରେ ପଚାରି ପାରନ୍ତି ।

## ଆମ୍ଭର ଅନୁଷ୍ଠାନର ସ୍ୱାନୁଭୂତ ସିଦ୍ଧ ଆଶୁଫଳପ୍ରଦ

# ଔଷଧ ଏବଂ ଚିକିତ୍ସା ପ୍ରଣାଳୀ

**କୀର୍ତ୍ତିଶୂଳ**—ଯାହାକୁ କି ଡାକ୍ତରମାନେ ଗ୍ୟାଷ୍ଟ୍ରିକ୍ ଅଲ୍ସର, ଡିଓଡିନମ୍ଆଲସର, ପେପ୍ଟିକ୍ ଆଲସର ନାମରେ ଅଭିହିତ କରିଥା'ନ୍ତି । ଆୟୁର୍ବେଦ ଶାସ୍ତ୍ରରେ ଏହା ଅମ୍ଳପିତ୍ତ ଜନିତ ଶୂଳ; ଏହା ଦୁଇ ପ୍ରକାର ଊର୍ଦ୍ଧ୍ୱଗ ଏବଂ ଅଧୋଗ, ଆନ୍ତ୍ରିକ ବ୍ରଣ ଏବଂ ଆମାଶୟିକ ବ୍ରଣ ରୂପରେ ବର୍ଣ୍ଣନା କରାଯାଇଛି ।

**ଚିକିତ୍ସା ପ୍ରଣାଳୀ**—ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ "ବ୍ୟାଧିହରଣ ରସ" ଅଧ ଗ୍ରାମ ଲବଙ୍ଗ

ଚୂର୍ଣ୍ଣ ସହ ସେବନ କରିବ, ଦିବସ ଓ ରାତ୍ର ଭୋଜନ ପରେ ଦ୍ରାକ୍ଷାସବ ଅଧଆଉନ୍‌ସ ସହ "ଅମ୍ଳପିତ୍ତାନ୍ତକ ଚୂର୍ଣ୍ଣ" ଏକଗ୍ରାମ ଯୋଗକରି ସମ ପରିମିତ ଥଣ୍ଡା ଜଳ ମିଶାଇ ପାନ କରିବ ।

ଏହି ଔଷଧ ପେଟବ୍ୟଥା ସମୟରେ ଅଧଘଣ୍ଟା ବ୍ୟବଧାନରେ ଦୁଇଥର ଖାଇଲେ ସହଜରେ ପେଟବ୍ୟଥା ଶାନ୍ତହୁଏ ।

ପ୍ରତିଦିନ ରାତ୍ର ଶୋଇବା ପୂର୍ବରୁ "ତ୍ରିଫଳା ଚୂର୍ଣ୍ଣ ପାଞ୍ଚଗ୍ରାମ୍ ଗୁଡ଼ କମ୍ବା ଚିନି ପଣାସହ ପାନକରିବ । ଏହିପରି ଭବରେ ତିନିମାସ ସେବନ କରିବାକୁ ହେବ ।

ଅପଥ୍ୟ—ଅମ୍ଳ ଦ୍ରବ୍ୟ, ଆମିଷ, ପିଆଜ ।

**ସଂଗ୍ରହଣୀ**—ଯାହାକୁ ଡାକ୍ତର ମାନେ "କ୍ରନିକ୍ ଡ଼ିସେଣ୍ଟ୍ରି" ଏବଂ "ଏମୋବିକ୍" ବୋଲି ନାମିତ କରିଥାନ୍ତି ।

**ଚିକିତ୍ସା ପ୍ରଣାଳୀ**—ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ "ବ୍ୟାଧିହରଣ ରସ" ଏକ ଏକ ମାତ୍ରା ଭଜା ଜୀରା ଗୁଣ୍ଡ ଏବଂ ଚିନିସହ ଖାଇ ଘୋଳଦହି (ଚହ୍ଲା) କନାରେ ଛାଣି ଏକଗ୍ଲାସ ପିଇବ ।

ଦିବସ ଓ ରାତ୍ର ଭୋଜନ ପୂର୍ବରୁ "ନବରତ୍ନ" ଏକ ଏକ ମାତ୍ରା ଭଜା ଜୀରା ଗୁଣ୍ଡ ଏବଂ ଚିନିସହ ଖାଇ ପୂର୍ବପରି ଚହ୍ଲା ପିଇବ ।

ଦିବସ ଓ ରାତ୍ର ଭୋଜନ ପରେ "ସୁବର୍ଣ୍ଣ ପୁଷ୍ପାଶୁଗ" ଏକ ଏକ ମାତ୍ରା ଭଜା ଜୀରାଗୁଣ୍ଡ ଏବଂ ଚିନିସହ ସେବନ କରିବ ।

ଅପଥ୍ୟ—କନ୍ଦାଜାତୀୟ ପରିବା ଏବଂ ଆମିଷ ।

**ଶ୍ୱାସରୋଗ**—ଏହା ଅତି ଦୁରାରୋଗ୍ୟ ଚିକିତ୍ସା ରୂପରେ ଦେଖାଯାଇଛି । ଏହାକୁ ଆୟୁର୍ବେଦ ଶାସ୍ତ୍ରରେ ମହାରୋଗ ରୂପରେ ବର୍ଣ୍ଣନା କରାଯାଇଛି । ଡାକ୍ତରି ଚିକିତ୍ସା ପଦ୍ଧତିରେ ଏପର୍ଯ୍ୟନ୍ତ "ଏଫେଡ୍ରିନ୍" ଯୁକ୍ତ ଔଷଧ ବ୍ୟତୀତ ଅନ୍ୟ ଔଷଧ ଆବିଷ୍କାର ହୋଇଥିବା ଜଣାଯାଏ ନାହିଁ ।

**ଚିକିତ୍ସା ପ୍ରଣାଳୀ**—ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ "ସ୍ୱର୍ଣ୍ଣସିନ୍ଦୁର" ଏକ ଏକ ପରିକା ଭଜା ଶୁଣ୍ଠିଗୁଣ୍ଡ ଏକଗ୍ରାମ ଏବଂ ମହୁସହ ସେବନ କରିବ ।

ଦିବସ ଓ ରାତ୍ର ଭୋଜନ ପୂର୍ବରୁ ଦୁଇ ଗ୍ରାମ "ସିତୋପଲାଦି ଚୂର୍ଣ୍ଣ" ସହ "ଶ୍ୱାସକାସାନ୍ତକ" ଏକ ଏକ ମାତ୍ରା ମହୁସହ ଯୋଗକରି ଖାଇବ ।

ଦିବସ ଓ ରାତ୍ର ଭୋଜନ ପରେ "ଶୁଳ୍‌କୁଠାର" ଏକ ଏକ ମାତ୍ରା ଅଦାରସ ଏବଂ ଚିନି ସହ ଖାଇବ ।

ପ୍ରବଳ ଶ୍ୱାସବେଗ ସମୟରେ "ସ୍ୱର୍ଣ୍ଣସିନ୍ଦୁର" ଅଧଘଣ୍ଟା ବ୍ୟବଧାନରେ ଏକ ଗ୍ରାମରୁ ସୋରିଷ ତେଲ ଏବଂ ଏକ ଗ୍ରାମରୁ ମହୁସହ ସେବନ କରିବ ।

ଅପଥ୍ୟ—ଥଣ୍ଡା ଜଳ ସ୍ନାନ ଏବଂ ପାନ, ଖଟା ଦ୍ରବ୍ୟ ସେବନ ।

**ବାତରୋଗ**—ଆମବାତ ( ରୋମାଟିଜମ୍ ) ଛଡ଼ା ଅନ୍ୟାନ୍ୟ ବାତରୋଗ କେବଳ ନାମରେ ଭେଦ କିନ୍ତୁ ଚିକିତ୍ସା ପ୍ରଣାଳୀ ଏକ ରକମର ।

**ଚିକିତ୍ସା ପ୍ରଣାଳୀ**—"ଯୋଗେନ୍ଦ୍ର ରସ" ଏକ ଏକ ମାତ୍ରା ସକାଳେ ଓ ସନ୍ଧ୍ୟାରେ ତ୍ରିଫଳା ପାଚନ ସହ ।

ଦିବସ ଓ ରାତ୍ର ଭୋଜନ ପୂର୍ବରୁ "ପ୍ରଚଣ୍ଡ ମାର୍ତ୍ତଣ୍ଡ ରସ" ଅଧଚୋଲା ରସୁଣ ବଟା ଏବଂ ଘିଅ ସହ ।

ଦିବସ ଓ ରାତ୍ର ଭୋଜନ ପରେ "ଅହିମକଣ୍ଟକ" ଏକ ଏକ ମାତ୍ରା "ଦ୍ରାକ୍ଷାସବ" ଅଧଆଉନ୍‌ସ କମ୍ବା "ଦଶମୂଳାରିଷ୍ଟ" ଅଧଆଉନ୍‌ସ ସହ ଦେବ ।

ଏହି ଔଷଧ ସେବନର ୧୫ ଦିନ ମଧ୍ୟରେ, ପକ୍ଷାଘାତ, କଟିଶୂଳ, ଅର୍ଦ୍ଦିତ (ମୁହଁ ବଙ୍କା ହେବା) ବାତ, ଏବଂ ଅବବାହୁକ ଏବଂ ଗୃଧ୍ରସୀ (ହାତବନ୍ଧା) ବାତ ରୋଗରେ ଅଦ୍ଭୁତ ଫଳ ପ୍ରତ୍ୟକ୍ଷୀଭୂତ ହୁଏ ।

ପଥ୍ୟ—ପୁଷ୍ଟିକର ଖାଦ୍ୟ ପ୍ରତ୍ୟେକ ଭୋଜନ ସମୟରେ ରସୁଣଭଜା ଖାଇବାକୁ ହେବ ।

**ଉନ୍ମାଦ (ପାଗଳ)**—କଫଜ ଉନ୍ମାଦ (ଯେଉଁ ଉନ୍ମାଦ ରୋଗୀ ଚୁପ୍ ହୋଇଥାଏ) ବ୍ୟତୀତ ଯେତେ ଉପ୍ରକାର ଉନ୍ମତ୍ତ ହେଲେ ମଧ୍ୟ ରୋଗୀ ସପ୍ତଦିନ ମଧ୍ୟରେ ଆରୋଗ୍ୟ ହୁଏ ।

**ଚିକିତ୍ସା ପ୍ରଣାଳୀ**—"ଉନ୍ମାଦ କରି କେଶରୀ" ଏକ ଏକ ମାତ୍ରା ତାଳପଣା ସହ ସକାଳେ ଓ ସନ୍ଧ୍ୟାରେ ସେବନ କରିବ ।

"ଉନ୍ମାଦ ଭଞ୍ଜିନୀ ବଟୀ" ଏକ ଏକ ମାତ୍ରା ତାଳପଣା ସହ ଦିବସ ଓ ରାତ୍ର ଭୋଜନ ପରେ ଦେବାକୁ ହେବ ଏହି ଔଷଧ ସେବନର ଆଠଦିନ ମଧ୍ୟରେ ରୋଗୀ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବ । ତା' ପରେ "ଉନ୍ମତ୍ତବଟୀ" ଏକ ମାତ୍ରା ପ୍ରତିଦିନ କ୍ଷୀର ଗୁଡ଼ଲ ଯୋଗରେ ତିଆରି ହୋଇଥିବା ଖିରି (ପାୟସ ସହ) ଆଠଦିନ ପର୍ଯ୍ୟନ୍ତ ଦେବାକୁ ହେବ, ଏହାଦ୍ୱାରା ଅନେକ ସ୍ଥଳରେ ରୋଗୀ ପୁନରପି ପାଗଳ ହେବା ଦେଖାଯାଏ । ବିବ୍ରତ ନହୋଇ ପୂର୍ବ ଔଷଧ ପୁଣି ସେବନ କରାଇବ । ଏହିପରି "ଉନ୍ମତ୍ତ ବଟୀ" ଦେଲେ ରୋଗୀର ପାଗଳାମି ପ୍ରକାଶ ନ ପାଇବା ଯାଏଁ ଚିକିତ୍ସା କରିବ । ଏହାଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରେ ।

ପଥ୍ୟ—ବଳକାରକ ଖାଦ୍ୟ ।

**ସୂଚନା**—ପାଗଳ ରୋଗୀର ମୁଣ୍ଡରେ ତୈଳ ଘଷିବ ନାହିଁ । ସୁବିଧା ହେଲେ ତା'ର ମୁଣ୍ଡର ବାଳ ଗୁଡ଼ିକ ସଫା କରାଇ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ବାଲିଆ ମାଟିର ପ୍ରଲେପ ଦେବ ।

**ବହୁମୂତ୍ର ରୋଗ**—ଯେଉଁ ରୋଗରେ ଦିନ ମଧ୍ୟରେ ଛ'ଥର ଠାରୁ ଅଧିକ ପରିସ୍ରା ହୁଏ । ରୋଗୀ ଦୁର୍ବଳତା ଅନୁଭବ କରେ ।

**ଚିକିତ୍ସା ପ୍ରଣାଳୀ**—ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ "ଯୋଗେନ୍ଦ୍ର ରସ" ଏକ ଏକ ମାତ୍ରା ଦୁଇ ଗ୍ରାମ ଆପୁମଞ୍ଜି (ଗୋକ୍ଷୁର) ଚୂର୍ଣ୍ଣ ଏବଂ ମହୁସହ ସେବନ କରିବ ।

"ଅହିଫେନ କଣ୍ଟକ" ଏକ ଏକ ମାତ୍ରା ଦିବସ ଓ ରାତ୍ର ଭୋଜନ ପୂର୍ବରୁ ଚିଆସହ ସେବନ କରିବ ।

ଦିବସ ଓ ରାତ୍ର ଭୋଜନ ପରେ "ବ୍ୟାଧିହରଣ ରସ" ଏକ ଏକ ମାତ୍ରା ମହୁ କିମ୍ବା ଉସୁଣିବଟା ସହ ସେବନ କରିବ ।

ପଥ୍ୟ—କଞ୍ଚାକଦଳୀ ତରକାରି ଏବଂ ଗହମ ଖାଦ୍ୟ ।

**ମଧୁମେହ**—ଯେଉଁ ରୋଗରେ ଦେହର ଶର୍କରା ଅଂଶ କ୍ଷୟହୁଏ । ଡାକ୍ତରମାନେ "ଡାୟବେଟିସ୍" ବୋଲି କହିଥାନ୍ତି । ଏହାକୁ ଆୟୁର୍ବେଦ ଶାସ୍ତ୍ରରେ ଇକ୍ଷୁମେହ ମଧ୍ୟ କହନ୍ତି ।

**ଚିକିତ୍ସା ପ୍ରଣାଳୀ**—ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ "ବସନ୍ତ କୁସୁମାକର" ଏକ ଏକ ମାତ୍ରା "ଗୁଡ଼ମାର୍ଯ୍ୟାଦି ଚୂର୍ଣ୍ଣ" ସହ ଚିନି ମିଶାଇ ସେବନ କରିବ । ଦିବସ ଓ ରାତ୍ର ଭୋଜନ ପୂର୍ବରୁ "ଯୋଗେନ୍ଦ୍ର ରସ" ଏକ ଏକ ମାତ୍ରା ଦେବଦାରୁ ଗୁଣ୍ଡ ଦୁଇଗ୍ରାମ ସହ ସେବନ କରିବ । ଦିବସ ଓ ରାତ୍ର ଭୋଜନ ପରେ "ବ୍ୟାଧିହରଣ ରସ" ଏକ ଏକ ମାତ୍ରା କିମ୍ବା "ମଧୁମେହାରି" ଏକ ମାତ୍ରା ଚିଆସହ ସେବନ କରିବା ଦ୍ୱାରା ଏକ ମାସ ମଧ୍ୟରେ ଶର୍କରା କ୍ଷୟ ବନ୍ଦ ହେବ, ଏହି ଔଷଧ ଛ'ମାସ ସେବନ କରିବାକୁ ହେବ ।

ଅପଥ୍ୟ—ଯାବତୀୟ ଶର୍କରାଥିବା ଖାଦ୍ୟ ।

**ରକ୍ତପ୍ରଦର**—ଏହାକୁ ଡାକ୍ତରମାନେ "ଲ୍ୟୁକୋରିଆ" କହନ୍ତି । ଏହା ସ୍ତ୍ରୀମାନଙ୍କର ରୋଗ ମଧ୍ୟରେ ଗୋଟିଏ ଉତ୍କଟ ବ୍ୟାଧି । ଏହି ରୋଗ ଭୋଗକରି ଅନେକ ସ୍ତ୍ରୀ ଚିକିତ୍ସାରେ ହତୋତ୍ସାହ ହେବା ଦେଖାଯାଏ । ଆମ୍ଭର ଅନୁଷ୍ଠାନରେ ଏହି ବ୍ୟାଧିର ଚିକିତ୍ସା ସମ୍ବନ୍ଧରେ ବିଶେଷ ଗବେଷଣା କରାଯାଇ ନିମ୍ନଲିଖିତ ଚିକିତ୍ସା ପ୍ରଣାଳୀ ଉଦ୍ଭାବନ କରାଯାଇଛି ।

**ଚିକିତ୍ସା ପ୍ରଣାଳୀ**—ପ୍ରତି ଆଠଘଣ୍ଟା ବ୍ୟବଧାନରେ "ପ୍ରଦରାର୍ଗଳ" ଏକ ଏକ ପୁଡ଼ା ଉଗଞ୍ଜି ମୂଳ ରସ ଏବଂ ଚିନିସହ ସେବନ କରିବାକୁ ହେବ

[illegible] ଭୋଜନ ପୂର୍ବରୁ "ବସନ୍ତ କୁସୁମାକର" [illegible] ମଧୁସହ ସେବନ କରିବ । ଦିବସ [illegible] ଭୋଜନ ପରେ "ଦ୍ରାକ୍ଷାସବ" ଏକ ଆଉନ୍ସ [illegible] ଅନ୍ତ୍ରାଜଳ ସହ ପିଇବାକୁ ହେବ ।

[illegible]ପଥ୍ୟ—ଯାବତୀୟ ଖଟା ଦ୍ରବ୍ୟ ଏବଂ [illegible]

ଏହି ଔଷଧ ସେବନର ୪ ଦିନ ମଧ୍ୟରେ [illegible] ଫଳ ଦେଖାଯାଏ । ରକ୍ତସ୍ରାବ ବନ୍ଦ ହେବା [illegible] "ପ୍ରଦରାର୍ଗଳ" ବନ୍ଦ କରିଦେଇ କେବଳ [illegible] କୁସୁମାକର" ଏବଂ "ଦ୍ରାକ୍ଷାସବ" ୩ ମାସ [illegible] ସେବନ କରିବାକୁ ହେବ ।

ଏକ୍‌ଜିମା—(ଘୋଡ଼ାଜାଦୁ) ଏହା ଦୁଇ [illegible] । ଗୋଟିଏ ଶୁଖିଲାଜାଦୁ "ଡ୍ରାଇ ଏକ୍‌ଜିମା" ଅନ୍ୟଟି ସ୍ରାବଯୁକ୍ତ । ଆମ୍ଭର ଅନୁଷ୍ଠାନର ବହୁ ଗବେଷଣା ପରେ ଶୁଖିଲାଜାଦୁ "ଡ୍ରାଇ ଏକ୍‌ଜିମା ପାଇଁ ନିମ୍ନଲିଖିତ ଚିକିତ୍ସା ପ୍ରଣାଳୀ ଆବିଷ୍କାର କରାଯାଇଅଛି ।

ଚିକିତ୍ସା—ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ "ଦଦ୍ରୁହର"କୁ ତୁଳାରେ ନେଇ ଜାଦୁ ଉପରେ ଲଗାଇବାକୁ ହେବ । ପ୍ରଥମେ ରୋଗ ବିଶେଷ ବୃଦ୍ଧି ପାଇବା ପରିଲକ୍ଷିତ ହେବ । ପରେ ସେହି ଔଷଧ ଲଗାଇବା ଦ୍ୱାରା ରୋଗ ଉପଶମ ଲାଭ କରିବ । ଦିବସ ଓ ରାତ୍ରି ଭୋଜନ ପୂର୍ବରୁ "ସ୍ୱର୍ଣ୍ଣସୂତ୍ର" ଏକ ଏକ ରତି ମଧୁ ସହ ସେବନ କରିବାକୁ ହେବ ।

ଅପଥ୍ୟ—ଆମିଷ ଏବଂ ଗୋରସ ।

ଉପରୋକ୍ତ ରୋଗର ଚିକିତ୍ସା କରାଇବାକୁ ହେଲେ ଛଅଣି ପଇସାର ଡାକ ଟିକଟ ପଠାଇ ପତ୍ରାଳାପ କରନ୍ତୁ

ରୋଗୀ ଏବଂ ଅନ୍ୟ କୌଣସି ସମ୍ବନ୍ଧରେ ପରାମର୍ଶ କରିବା ପାଇଁ ନିମ୍ନ ଠିକଣାରେ ପତ୍ରାଳାପ କରିବେ—


କବିରାଜ ପଣ୍ଡିତ ଶ୍ରୀ ଦେବୀପ୍ରସାଦ ତ୍ରିପାଠୀ ଶର୍ମା

**ଜୀବନବନ୍ଧୁ ଔଷଧାଳୟ**

ପୋଷ୍ଟ—ଭଞ୍ଜନଗର (ଗଞ୍ଜାମ)

ବା

ଶ୍ରୀମତୀ ମନୋରମା ଦେବୀ

C/o. କବିରାଜ ପଣ୍ଡିତ ଶ୍ରୀ ଦେବୀପ୍ରସାଦ ତ୍ରିପାଠୀ ଶର୍ମା

**ଆୟୁର୍ବେଦାଶ୍ରମ**

ବେଲଗୁଣ୍ଠା (ଗଞ୍ଜାମ)

## ଜୀବନବନ୍ଧୁ ଔଷଧାଳୟ, ଭଞ୍ଜନଗର (ଗଞ୍ଜାମ)

ଅ ଥ ବା

## ଆୟୁର୍ବେଦାଶ୍ରମ, ବେଲଗୁଣ୍ଠା, (ଗଞ୍ଜାମ)

# ସଂକ୍ଷିପ୍ତ ସୂଚୀପତ୍ର

ଆମ୍ଭର ଅନୁଷ୍ଠାନ ଦ୍ୱାରା ବିଶୁଦ୍ଧ ଭାବରେ ପ୍ରସ୍ତୁତ କୂପୀପକ୍ୱ ରସାୟନ ଓ ପୁଟପକ୍ୱ ଭସ୍ମର ମୂଲ୍ୟ ତାଲିକା

| ଔଷଧର ନାମ | ପ୍ରତି ଗ୍ରାମର ମୂଲ୍ୟ |
|---|---|
| ସିଦ୍ଧମକରଧ୍ୱଜ | ୮-୦୦ |
| ଷଡ଼୍‌ଗୁଣବଳି ଜାରିତ ମକରଧ୍ୱଜ | ୭-୦୦ |
| ରସସିନ୍ଦୂର | ୧-୦୦ |
| ରସସିନ୍ଦୂର ସ୍ୱର୍ଣ୍ଣ କୋଥ୍ଥ | ୧-୨୫ |
| ତାମ୍ର ସିନ୍ଦୂର | ୧-୨୫ |
| ରଜତ ସିନ୍ଦୂର | ୨-୦୦ |
| ସ୍ୱର୍ଣ୍ଣବଙ୍ଗ | ୨-୦୦ |
| ତାଳସିନ୍ଦୂର | ୧-୨୫ |
| ମଲ୍ଲସିନ୍ଦୂର | ୨-୦୦ |
| ରସମାଣିକ୍ୟ | ୧-୪୦ |
| ଅଭ୍ରଭସ୍ମ ଶତପୁଟୀ (କୃଷ୍ଣ) | ୧-୫୦ |
| ଅଭ୍ରଭସ୍ମ | ୦-୪୦ |
| କୌଡ଼ିଭସ୍ମ | ୦-୧୦ |
| କାଂସ୍ୟଭସ୍ମ | ୦-୨୫ |
| କାଶୀସଭସ୍ମ | ୦-୨୦ |
| ଖର୍ପରଭସ୍ମ | ୦-୨୦ |
| ଘୃତାଣ ଭସ୍ମ | ୦-୨୦ |
| ତାମ୍ର ଭସ୍ମ | ୦-୪୦ |
| ତାମ୍ର ଭସ୍ମ | ୦-୩୦ |
| ତୁତ୍ଥ ଭସ୍ମ | ୦-୧୦ |
| ପ୍ରବାଳ ଭସ୍ମ | ୦-୩୦ |
| ବଙ୍ଗଭସ୍ମ | ୦-୬୦ |

| ଔଷଧର ନାମ | ପ୍ରତି ଗ୍ରାମର ମୂଲ୍ୟ |
|---|---|
| ବୈକ୍ରାନ୍ତଭସ୍ମ | ୧-୨୫ |
| ମୁକ୍ତାଭସ୍ମ | ୮-୦୦ |
| ମୁକ୍ତାଶୁକ୍ତି ଭସ୍ମ | ୦-୨୫ |
| ରୌପ୍ୟଭସ୍ମ | ୨-୭୫ |
| ରୌପ୍ୟ ମାକ୍ଷିକ | ୦-୪୦ |
| ଲୌହଭସ୍ମ ନଂ ୧ | ୧-୪୦ |
| ଲୌହଭସ୍ମ ନଂ ୨ | ୦-୩୦ |
| ଶଙ୍ଖଭସ୍ମ | ୦-୨୦ |
| ସୀସାଭସ୍ମ | ୦-୪୦ |
| ଗୋଦନ୍ତୀ ହରିତାଳ ଭସ୍ମ | ୦-୩ |
| କାଶୀଷ ଗୋଦନ୍ତୀ ଭସ୍ମ | ୦-୮ |
| ବେରପଥର ଭସ୍ମ | ୦- |
| ସଙ୍ଗଜରାହତ ଭସ୍ମ | ୦. |
| ଶୃଙ୍ଗଭସ୍ମ | ୦. |
| ହରିତାଳ ଭସ୍ମ | |
| ତ୍ରିବଙ୍ଗ ଭସ୍ମ | ୧- |
| ପିତ୍ତଳ ଭସ୍ମ | ୦-୮ |
| କୁକ୍କୁଟାଣ୍ଡତ୍ୱକ୍ ଭସ୍ମ | ୦- |
| କାନ୍ତ ଲୌହ ଭସ୍ମ | ୦-୧ |
| ମଣ୍ଡୁର ଭସ୍ମ | ୦- |

ବୈଦ୍ୟ ବାଚସ୍ପତି ପଣ୍ଡିତ ୬ ବ୍ରଜବନ୍ଧୁ ତ୍ରିପାଠି ଶର୍ମ୍ମା କୃତ

ଜ୍ଞାନ ବିଜ୍ଞାନ ଗବେଷଣା ପୂର୍ଣ୍ଣ

ତନ୍ତ୍ର ମନ୍ତ୍ର ସମ୍ବଳିତ

ଭାରତର ଅଦ୍ୱିତୀୟ ବୃହତ୍ ବୈଦ୍ୟକ ଚିକିତ୍ସା ଗ୍ରନ୍ଥ

# ଅଭିନବ ଧନ୍ୱନ୍ତରି

ଅବତରଣିକା ସହ ତିନିଭାଗରେ ବିଭକ୍ତ ।

ସମ୍ପୂର୍ଣ୍ଣ ଗ୍ରନ୍ଥର ମୂଲ୍ୟ—ଟ ୫୦-୦୦

—ସମସ୍ତ ଗ୍ରନ୍ଥର ପ୍ରାପ୍ତିସ୍ଥାନ—

୧) କବିରାଜ ପଣ୍ଡିତ ଶ୍ରୀ ଦେବୀପ୍ରସାଦ ତ୍ରିପାଠି ଶର୍ମ୍ମା
ଜୀବନବନ୍ଧୁ ଔଷଧାଳୟ
ପୋ:-ଭଞ୍ଜନଗର ( ଗଞ୍ଜାମ )

୨) ଶ୍ରୀ ବ୍ରହ୍ମାନନ୍ଦ ତ୍ରିପାଠି ଶର୍ମ୍ମା
ଜୀବନବନ୍ଧୁ ଔଷଧାଳୟ, ପୋ: ଭଞ୍ଜନଗର ( ଗଞ୍ଜାମ )

୩) ବାଣୀ ଭଣ୍ଡାର
କାଣ୍ଟୋନ୍‌ମେଣ୍ଟ ରୋଡ଼, ବ୍ରହ୍ମପୁର-୧ (ଗଞ୍ଜାମ)

୪) ମ୍ୟାନେଜର:-ସ୍ୱାସ୍ଥ୍ୟ ବିଳାସ ଅଫିସ୍
ପୋ:-କାଶୀନଗର (ଗଞ୍ଜାମ)

୫) କବିରାଜ ପଣ୍ଡିତ ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠି ଶର୍ମ୍ମା
କବିରାଜ ଭବନ, ପୋ. ଆସିକା (ଗଞ୍ଜାମ)